A CONCISE

# ORIYA DICTIONARY

BY

RAI MADHUSUDAN RAO, BAHADUR,

odia.org

ପଞ୍ଚମ ସଂସ୍କରଣ

CUTTACK:

PRINTED AND PUBLISHED AT THE ORISSA MISSION PRESS,

BY S. F. ROBINSON,

1929

# ବିଜ୍ଞାପନ ।

ଛାତ୍ର, ଛାତ୍ରୀ ଓ ଅପର ପାଠକ-ପାଠିକାମାନଙ୍କର ଉପଯୋଗୀ ଏବଂ ମୂଲ୍ୟ ବିଷୟରେ ସୁଲଭ ଖଣ୍ଡେ ଓଡ଼ିଆ ଅଭିଧାନର ଅଭାବ-ପୂରଣାର୍ଥ ଏହି "ସୁଗମ-ବୋଧ ଅଭିଧାନ" ପ୍ରକାଶିତ ହେଲା । ଏଥିରେ ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ବା ପ୍ରଚଳନ-ଯୋଗ୍ୟ ପ୍ରାୟ ସମୁଦାୟ ଶବ୍ଦ ସନ୍ନିବେଶିତ ହୋଇଅଛି । ବିଶେଷ୍ୟ-କ୍ରିୟା-ପ୍ରଭୃତି ରୂପରେ ଶବ୍ଦମାନଙ୍କର ବର୍ଗୀକରଣ, ସଂସ୍କୃତ ଶବ୍ଦମାନଙ୍କର ଧାତୁ-ପ୍ରତ୍ୟୟାଦି-ନିର୍ଦ୍ଦେଶ, ତଦ୍ଭବ ଶବ୍ଦମାନଙ୍କର ମୂଳ-ନିରୂପଣ, ଏସବୁ ବିଷୟ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଅଛି । ମୁଁ ଏହି କ୍ଷୁଦ୍ରାବୟବ ଅଭିଧାନ ଖଣ୍ଡକୁ ସର୍ବସାଧାରଣଙ୍କ ପକ୍ଷରେ ସୁଗମବୋଧ୍ୟ ଓ ଉପଯୋଗୀ କରିବାପାଇଁ ଚେଷ୍ଟା କରି, କେତେଦୂର କୃତକାର୍ଯ୍ୟ ହୋଇଅଛି, ତାହା ସାହିତ୍ୟ-ସେବୀ ସୁଧୀବର୍ଗଙ୍କର ବିବେଚ୍ୟ ।

ଉପସଂହାରରେ ବକ୍ତବ୍ୟ ଏହି ଯେ ପୁରୀ-ଜିଲ୍ଲା-ଅନ୍ତର୍ଗତ ଶ୍ରୀ ରାମଚନ୍ଦ୍ରପୁର ଶାସନ-ନିବାସୀ ଶ୍ରୀଯୁକ୍ତ ପଣ୍ଡିତ ଅର୍ତ୍ତତ୍ରାଣ ଦାସ ମହାଶୟ ଏହି ଅଭିଧାନର ସଂକଳନ ବିଷୟରେ ମୋର ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ମୁଁ ତନ୍ନିମିତ୍ତ ତାହାଙ୍କଠାରେ ଚିର-କୃତଜ୍ଞ ରହିଲି ।

କଟକ,
୮–୮–୧୯୧୬ ଖ୍ରୀଷ୍ଟାବ୍ଦ ।

ଶ୍ରୀ ମଧୁସୂଦନ ରାଓ ।

---

## ସାଙ୍କେତିକ ଚିହ୍ନ ।

| | |
|---|---|
| ବି. | ବିଶେଷ୍ୟ । |
| ବିଂ. | ବିଶେଷଣ । |
| ସଂ. | ସର୍ବନାମ । |
| କ୍ରି. | କ୍ରିୟା । |
| ଅଂ. | ଅବ୍ୟୟ । |
| କ୍ରି. ବିଂ. | କ୍ରିୟାବିଶେଷଣ । |

# ସୁଖବୋଧ ଅଭିଧାନ

**ଅ** ଅବ୍ୟୟର, ଶବ୍ଦ ପୂର୍ବରେ ବ୍ୟବହୃତ ହେଲେ, ନାହିଁ କିମ୍ବା ବିପରୀତ ଅର୍ଥ ପ୍ରକାଶ କରେ ।

ଅଁଳା, ଅଏଁଳା — ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଅଁଇଠା, ଅଇଣ୍ଠା — ବି. ଉଚ୍ଛିଷ୍ଟ ।

ଅଁସାରି-ବି. ଘାଅରେ କିବା ପଚ୍‌ଦ୍ରବ୍ୟରେ ପଡ଼ିଥିବା ପୋକ ।

ଅଇନା-ବି. ଦର୍ପଣ ।

ଅଇଣ୍ଡ୍ରିଆ-ବି. କ୍ଷୁଦ୍ର ଶିଶୁର ରୋଗବିଶେଷ ।

ଅଇଭ-ବି. ଅରି, ଶତ୍ରୁ ।

ଅଂଘ୍ରି-ବି. ଚରଣ ।

ଅଂଶ-ବି. ଭାଗ ।

ଅଂଶତଃ-କ୍ରି. ବିଂ. କିୟଦଂଶରେ ।

ଅଂଶୀ-ବିଂ. (ଅଂଶ-ଇନ୍) ଭାଗୀ ।

ଅଂଶୁ-ବି. କିରଣ, ସୂତ୍ର ।

ଅଂଶୁକ-ବି. ସୂକ୍ଷ୍ମ ବସ୍ତ୍ର ।

ଅଂଶୁମାନ୍-ବି. (ଅଂଶୁ-ମତ୍) ସୂର୍ଯ୍ୟ ।

ଅଂଶୁମାଳୀ-ବି. (ଅଂଶୁ-ମାଳା-ଇନ୍) ସୂର୍ଯ୍ୟ ।

ଅଂସ-ବି. ସ୍କନ୍ଧ ।

ଅକଣ୍ଟକ-ବିଂ. କଣ୍ଟକଶୂନ୍ୟ, ନିର୍ବିଘ୍ନ ।

ଅକଣ୍ଡ୍ରା-ବିଂ. ଯାହା ବଣ୍ଡ୍ରା ହୋଇ ନାହିଁ ।

ଅକଥନୀୟ-ବିଂ. (ଅ-କଥ୍ + ଅନୀୟ) ଅକଥ୍ୟ ।

ଅକପଟ-ବିଂ. ସରଳ ।

ଅକର୍ମ୍ମକ-ବିଂ. (ବ୍ୟାକରଣରେ) ଯାହାର କର୍ମ ନାହିଁ ।

ଅକର୍ମ୍ମଣ୍ୟ-ବିଂ. (ଅ-କର୍ମ୍ମନ୍-ଯ) ଅକର୍ମା, ନିକମା ।

ଅକରକରା-ବି. ଏକପ୍ରକାର ଗୁଳ୍ମ ।

ଅକରାନ୍ତି-ବି. ଏକପ୍ରକାର ଗୁଳ୍ମ ।

ଅକଲ୍-ବି. ବୁଦ୍ଧି ।

ଅକଳି-ବି. କଠିନ ଅବସ୍ଥା ।

ଅକଳଙ୍କ-ବିଂ. ନିର୍ମ୍ମଳ ।

ଅକଳନୀୟ, ଅକଳିତ — ବିଂ. ଯାହା କଳନା କରାଯାଇ ନ ପାରେ ।

ଅକସ-ବି. ଅଦୌଷ୍ଟ, ବାଦ ।

ଅକସ୍ମାତ୍-ଅଂ. (ଅ-କସ୍ମାତ୍) ହଠାତ୍ ।

ଅକାଟ / ଅକାଟୁ — ବି. ଯେଉଁ ଔଷଧ ଖାଇଲେ ବା ଧାରଣ କଲେ ଅସ୍ତ୍ରାଘାତ କାଟେ ନାହିଁ ।

ଅକାଣ୍ଡେ-କ୍ରି.ବିଂ.(ଅ-କାଣ୍ଡ=ସମୟ)ଅକସ୍ମାତ୍ ।

ଅକାଟ୍ୟ-ବିଂ. ଅଖଣ୍ଡନୀୟ ।

ଅକାନବନ୍ଦି-ବି. ଗୁଳ୍ମବିଶେଷ ।

ଅକାତ / ଅକାତକାତ — ଯାହା କାତଦ୍ୱାରା ମପାଯାଇ ନ ପାରେ ।

ଅକାଳ ବି. ଦୁଃସମୟ, ଦୁର୍ଭିକ୍ଷ ।

ଅକାଳକୁଷ୍ମାଣ୍ଡ-ବି. ଅକର୍ମଣ୍ୟ (ବ୍ୟକ୍ତି ସମ୍ବନ୍ଧରେ) ।

ଅକିଞ୍ଚନ-ବିଂ. (ଅ-କିଞ୍ଚନ) ଦରିଦ୍ର, ନିର୍ଧନ ।

ଅକିଞ୍ଚିତ୍କର-ବିଂ. (ଅ-କିଞ୍ଚିତ୍-କର) ସାମାନ୍ୟ, ତୁଚ୍ଛ ।

ଅକୀର୍ତ୍ତି-ବି. ନିନ୍ଦା, ଦୁର୍ନାମ ।

ଅକୁତୋଭୟ-ବିଂ.(ଅ-କୁତଃ-ଭୟ) ନିର୍ଭୟ ।

ଅକୁଣ୍ଠିତ-ବିଂ. (ଅ-କୁଣ୍ଠ-ତ) ଅବ୍ୟାହତ, ଅସଂକୁଚିତ ।

ଅକୂଳ-ବିଂ. ଅପାର ।

ଅକୂପାର-ବି. ସମୁଦ୍ର ।

ଅକୃତଜ୍ଞ-ବିଂ. (ଅ-କୃତ-ଜ୍ଞା-ଅ) ଯେ ଉପକାର ମାନେ ନାହିଁ; ନିମକ୍‌ହାରାମ୍ ।

ଅକୃତ୍ରିମ-ବିଂ. (ଅ+କୃ+ତ୍ରିମ) ବିଶୁଦ୍ଧ ।

ଅକ୍ତ-ବିଂ. (ଅଞ୍ଜ୍+ତ) ଲିପ୍ତ ।

ଅକ୍ଲେଶ-ବି. ଅନାୟାସ ।

ଅକ୍ଷ-ବି. ପଶା; ଗ୍ରହଭ୍ରମଣପଥ ।

ଅକ୍ଷତ-ବିଂ. (ଅ-କ୍ଷତ) ଆଘାତଶୂନ୍ୟ; ଅଖଣ୍ଡିତ; ବି. ଅଭଗ୍ନ ଉଅଗ୍ଉଳ ।

ଅକ୍ଷଦଣ୍ଡ-ବି. ମେରୁଦଣ୍ଡ ।

ଅକ୍ଷମ-ବିଂ (ଅ-କ୍ଷମ) ଶକ୍ତିହୀନ ।

ଅକ୍ଷମାଳା-ବି. ଜପମାଳା ।

ଅକ୍ଷୟ-ବିଂ. (ଅ-କ୍ଷୟ) ଚିରସ୍ଥାୟୀ ।

ଅକ୍ଷର-ବି. ଅ, ଆ ପ୍ରଭୃତି ବର୍ଣ୍ଣ ; ବିଂ. ଅଚ୍ୟୁତ ।

ଅକ୍ଷରେଖା-ବି. ଭୂଗୋଲକ ଉପରେ କଳ୍ପିତ ମଣ୍ଡଳାକାର ରେଖାବିଶେଷ ।

ଅକ୍ଷାଂଶ-ବି. ବିଷୁବରେଖାର ଉତ୍ତର ଦକ୍ଷିଣରେ ପୂର୍ବ ପଶ୍ଚିମକୁ ୯୦ ସମାନ ଅଂଶରେ ବିଭକ୍ତ କରଯାଏ; ସେହି ଏକ ଏକ ଅଂଶର ନାମ ଅକ୍ଷାଂଶ ।

ଅକ୍ଷି-ବି. ଚକ୍ଷୁ ।

ଅକ୍ଷୁଣ୍ଣ-ବିଂ. ପୂର୍ଣ୍ଣ, ଅଖଣ୍ଡିତ ।

ଅଖ-ବି. (ଅକ୍ଷଶବ୍ଦଜ) ଗାଡ଼ିର ଦୁଇ ଚକ ମଧ୍ୟରେ ଥିବା କାଷ୍ଠଦଣ୍ଡ ; ଅଭ୍ୟାସ ।

ଅଖଞ୍ଜ-ଅସୁବିଧା ।

ଅଖଣ୍ଡ-ବିଂ. (ଅ-ଖଣ୍ଡ) ସମଗ୍ର, ପୂର୍ଣ୍ଣ ।

ଅଖା-ବି. ଝୋଟନିର୍ମିତ ବସ୍ତା ।

ଅଖାଡୁଆ-ବିଂ. ବିବେଚନାଶୂନ୍ୟ (ଲୋକ) ।

ଅଖାତ-ବି. (ଅ+ଖନ୍-ତ) (ଭୂଗୋଲରେ) ଉପସାଗର ।

ଅଖିଆ-ବିଂ. ଯେ ଖାଇ ନ ଥାଏ

ଅଖିଳ-ବିଂ. ସମସ୍ତ ।

ଅଖୁଣ୍ଟ-ବିଂ. ଯାହାର ଖୁଣ ନାହିଁ ।

ଅଖ୍ୟାତି-ବି. ନିନ୍ଦା ।

ଅଗ-ବି. (ଅଗ୍ରଶବ୍ଦଜ) ଅଗ୍ରଭାଗ ।

ଅଗଣନ-ବି. (ଅ-ଗଣ୍+ଅନ) ଅସଂଖ୍ୟ ।

ଅଗଣା-ବି. (ଅଙ୍ଗନଶବ୍ଦଜ) ଗୃହମଧ୍ୟରେ ଥିବା ମେଲାଭୂମି ।

ଅଗଣା-ବି. (ଗଣ୍ଧାତୁରୁ) ଅସଂଖ୍ୟ ।

ଅଗଣ୍ୟ-ବି. (ଅ-ଗଣ୍-ଯ) ଅସଂଖ୍ୟ ।

ଅଗନା|ଅଗନି-ବି. ଅଗମ୍ୟ ।

ଅଁଗଡି-ବି. କରୁ ପାୟୁ ।

ଅଗତ୍ୟା-ଅ. ଅନ୍ୟ ଗତି ନ ଥିବାରୁ ।

ଅଗମ୍ୟ-ବି. (ଅ+ଗମ୍-ଯ) ଯାହା ଗମନର ଅଶକ୍ୟ ବା ଅଯୋଗ୍ୟ ।

ଅଗର-ବି. (ଅଗୁରୁ ଶବ୍ଦରୁ) କୃଷ୍ଣଚନ୍ଦନ ।

ଅଗବଥୁ-ବି. ବୃକ୍ଷବିଶେଷ ।

ଅଗାଡ଼ି-ବି. ଯେଉଁ ଧାନରେ ଚାଉଳ ନ ଥାଏ, ଅସାର ।

ଅଗାଧ-ବି. ଅତଳସ୍ପର୍ଶ ; ଅତି ଗଭୀର ।

ଅଗାଧୁଆ-ବି. ଯେ ଗାଧୋଇ ନାହିଁ ।

ଅଗାର-ବି. ଗୃହ ।

ଅଗୁରୁ-ବି. କୃଷ୍ଣଚନ୍ଦନ ।

ଅଗୋଚର-ବି. ଅଜ୍ଞାତ ।

ଅଗ୍ନି-ବି. ନିଆଁ, ଅନଳ ।

ଅଗ୍ନିଶର୍ମା-ବି. (ଅଗ୍ନି-ଶର୍ମନ୍) ମହାକ୍ରୋଧୀ ।

ଅଗ୍ନିଷ୍ଟୋମ-ବି. (ଅଗ୍ନି+ସ୍ତୁ+ମ) ଯାଗବିଶେଷ ।

ଅଗ୍ନିହୋତ୍ର-ବି. (ଅଗ୍ନି+ହୁ+ତ୍ର) ଦୈନିକ ହୋମ ।

ଅଗ୍ର-ବି. ଶିଖର ।

ଅଗ୍ରଜ-ବି. (ଅଗ୍ର-ଜନ୍-ଅ) ଜ୍ୟେଷ୍ଠ ।

ଅଗ୍ରଣୀ-ବି. (ଅଗ୍ର+ନୀ) ନେତା, ସେନାପତି ।

ଅଗ୍ରତେ-ଅ. ସମ୍ମୁଖରେ ।

ଅଗ୍ରହାୟଣ-ବି. ମାର୍ଗଶୀର୍ଷମାସ ।

ଅଗ୍ରିମ-ବି. (ଅଗ୍ର-ଇମ) ଆଗରୁଆ ।

ଅଘ-ବି. ପାପ ।

ଅଘଟନ-ବି. (ଅ+ଘଟ୍+ଅନ) ଅସୁନ୍ଦର, ଅସମ୍ଭବ ।

ଅଙ୍କ-ବି. (ଅନ୍କ୍+ଅ) ଚିହ୍ନ, ସଂଖ୍ୟା, କଳଙ୍କ, କୋଡ଼ ।

ଅଙ୍କନ-ବି. (ଅନ୍କ୍+ଅନ) ଚିହ୍ନକରଣ, ରେଖା ପ୍ରଭୃତି ଦ୍ୱାରା ଚିହ୍ନ କରିବା ।

ଅଙ୍କଶାସ୍ତ୍ର-ବି. ପାଟୀଗଣିତ ।

ଅଙ୍କିତ-ବି. (ଅନ୍କ୍+ତ) ଚିହ୍ନିତ ।

ଅଙ୍କୁର-ବି. ଗଜା ।

ଅଙ୍କୁଶ-ବି. ହସ୍ତିତାଡ଼ନ ଦଣ୍ଡ ।

ଅଙ୍ଗ-ବି. ହସ୍ତ ପଦାଦି; ଦେହର ଅଂଶ ।

ଅଙ୍ଗଦ-ବି. ବାଜୁ ।

ଅଙ୍ଗନ-ବି. ଅଗଣା ।

ଅଙ୍ଗନା-ବି. ସ୍ତ୍ରୀ ।

ଅଙ୍ଗରାଗ-ବି. ଚନ୍ଦନପ୍ରଭୃତି ଗାତ୍ରଲେପନ ଦ୍ରବ୍ୟ ।

ଅଙ୍ଗରଖା-ବି. (ଅଙ୍ଗ-ରକ୍ଷା) ଏକପ୍ରକାର କୁର୍ତ୍ତା ।

ଅଙ୍ଗା-ବି. ଘରର ଏକପଟ ।

ଅଙ୍ଗାରକାମ୍ଳ-ବି. ଦୂଷିତ ବାଷ୍ପବିଶେଷ ।

ଅଙ୍ଗୀକାର-ବି.(ଅଙ୍ଗ-ଇ+କୃ+ଅ) ସ୍ୱୀକାର, ସମ୍ମତ ।

ଅଙ୍ଗୀକୃତ-ବିଂ. ସ୍ୱୀକୃତ ।

ଅଙ୍ଗୁଛ-ବି. ଗାମୁଛ ।

ଅଙ୍ଗୁର-ବି. ଦ୍ରାକ୍ଷାଫଳ ।

ଅଙ୍ଗୁରୀୟ-ବି. ମୁଦି ।

ଅଙ୍ଗୁଳି-ବି. ଅଙ୍ଗୁଳି ।

ଅଙ୍ଗୁଷ୍ଠ-ବି. ବୁଢ଼ାଅଙ୍ଗୁଳି ।

ଅଚର-ବିଂ. (ଅ-ଚର୍-ଅ) ସ୍ଥାବର ।

ଅଚଳ ବିଂ. (ଅ-ଚଲ୍-ଅ) ଗତିବିହୀନ, ବି. ପର୍ବତ ।

ଅଚାନକ-ବି. ହଠାତ୍ ଉପସ୍ଥିତ ମାସ୍ତଭୟ ।

ଅଚିନ୍ତ୍ୟ-ବିଂ. ଯାହା ଚିନ୍ତାର ଅଗତ ।

ଅଚିହ୍ନା-ବିଂ. ଅପରିଚିତ ।

ଅଚିର-ବିଂ. କ୍ଷଣିକ; ଚଞ୍ଚଳ ।

ଅଚିରାତ୍-ଅଂ. ଅବିଳମ୍ବେ; ଶୀଘ୍ର ।

ଅଚେତନ-ବିଂ. ଚେତନାଶୂନ୍ୟ; ଜଡ଼ ।

ଅଚ୍ଛବ<br>ଅଚ୍ଛୁଆଁ } ବିଂ. ଅସ୍ପୃଶ୍ୟ (ନୀଚଜାତି) ।

ଅଛି-କ୍ରି. (ଅସ୍ତିଶବ୍ଦରୁ) ହେବା ବା ରହିବା ଅର୍ଥରେ ।

ଅଚ୍ଛ-ବିଂ. ନିର୍ମଳ ।

ଅଚ୍ଛେଦ୍ୟ-ବିଂ. (ଅ+ଛିଦ୍+ଯ) ଯାହା ଛେଦନ କରିବାର ନୁହେଁ ।

ଅଜ-ବିଂ. ଜନ୍ମରହିତ; ବି. ଛେଳି ।

ଅଜଗର-ବି. ବୃହତ୍ ସର୍ପ ।

ଅଜଡ଼ା-ବିଂ. ଚଲା ।

ଅଜଣା-ବିଂ. ଅଜ୍ଞ; ଅଜ୍ଞାତ ।

ଅଜପା-ବିଂ. ଯାହା ମୁଖରେ ଜପାଯାଏ ନାହିଁ ।

ଅଜମ୍ବର-ବିଂ. (ଅଜରାମର ଶବ୍ଦରୁ) ଯେ ବୃଦ୍ଧ ହୁଏ ନାହିଁ ନ ମରେ ନାହିଁ ।

ଅଜର-ବିଂ. (ଅ+ଜୃ+ଅ) ଜରାରହିତ । ବି. ଦେବତା ।

ଅଜସ୍ର-ବିଂ. ଅବିରତ ।

ଅଜା-ବି. (ଅଜ-ଆ) ମାଇଛେଳି ।

ଅଜା-ବି. (ଆର୍ଯ୍ୟଶବ୍ଦରୁ) ମାତାମହ ବା ପିତାମହ ।

ଅଜାଡ଼ିପଡ଼ିବା-କ୍ରି. ଶୀଘ୍ର ଜମା ହୋଇ ପଡିବା ।

ଅଜାଡ଼ିବା-କ୍ରି. ଢାଳିବା ।

ଅଜାଶୁର-ବି. (ଆର୍ଯ୍ୟଶ୍ୱଶୁର) ସ୍ୱାମୀର ବା ପତ୍ନୀର ପିତାମହ ବା ମାତାମହ ।

ଅଜିନ-ବି. ମୃଗଚର୍ମ ।

ଅଜିର-ବି. ଅଗଣା ।

ଅଜୀର୍ଣ୍ଣ-ବି. (ଅ-ଜୃ+ତ) ଉଦରାମୟ ରୋଗ ।

ଅଜେୟ-ବିଂ. (ଅ+ଜି+ଯ) ଯାହାକୁ ଜିଣାଯାଏ ନାହିଁ ।

ଅଜ୍ଞ-ବିଂ. (ଅ-ଜ୍ଞା-ଅ) ଅଜ୍ଞାନ, ମୂର୍ଖ ।

ଅଜ୍ଞତା-ବି. ମୂର୍ଖତା ।

ଅଜ୍ଞେୟ-ବିଂ. (ଅ-ଜ୍ଞା+ଯ) ଜ୍ଞାନାତୀତ ।

ଅଞ୍ଚଳ-ବି. ଶାଢୀର ପଣତ ; ପ୍ରଦେଶ ।

ଅଞ୍ଜନ-ବି. (ଅନ୍ଜ୍+ଅନ) କଜ୍ଜଳ ।

ଅଟକ-ବି. ବାଧା, ବନ୍ଦ ।

ଅଟକଳ-ବି. ଅନୁମାନ ; ଅନ୍ଦାଜ ।

ଅଟକାଳି-ବି. ଯାଉ ।

ଅଟନ-ବି. (ଅଟ୍+ଅନ) ଭ୍ରମଣ ।

ଅଟଳ ବି॰. ସ୍ଥିର ।

ଅଟବୀ-ବି. ବନ ।

ଅଟା-ବି. ଗହମ ଓ ଚାଉଳାଦିର ଚୂନା ।

ଅଟ୍ଟହାସ-ବି. ଉଚ୍ଚହାସ ।

ଅଟ୍ଟାଳୀ / ଅଟ୍ଟାଳିକା } ବି. କୋଠାଘର ।

ଅଟେଇ-ବି. ଗୋରୁଖୁଅଡ଼ା ।

ଅଠଚାଳିଶ-ବି॰. ୪୮ ।

ଅଠତିରିଶ-ବି॰. ୩୮ ।

ଅଠର-ବି॰. (ଅଷ୍ଟାଦଶଶବ୍ଦଜ) ୧୮ ସଂଖ୍ୟା ।

ଅଠଷଠି-ବି॰. ୬୮ ।

ଅଠସ୍ତରି-ବି॰. ୭୮ ।

ଅଠା-ବି. ଯୋଡିବାପାଇଁ ନିର୍ଯ୍ୟାସ ବା ଲେହି ।

ଅଠାଇଶ-ବି॰. ୨୮ ।

ଅଠାକାଠି / ଅଠାକାଣ୍ଡିଆ } ବି. ପକ୍ଷୀ ଧରିବାର ଏକପ୍ରକାର କଳ ।

ଅଠାନବେ-ବି॰. ୯୮ ।

ଅଠାବନ-ବି॰. ୫୮ ।

ଅଠାଳିଆ-ବି॰. ଅଠାଯୋଗୁଁ ଚଟଚଟିଆ ।

ଅଠାଶୀ-ବି॰ ୮୮ ।

ଅଡ଼ଙ୍ଗ-ବି. ଜନଙ୍କ ଦ୍ରବ୍ୟ ବା ଜୁଣର ଉପ୍ରର ସ୍ଥାନ ।

ଅଡା-ବି. ଧାନ୍ୟାଦି ମାପିବାର ମାଣ ; ପୋଷା ଶୁଆ ରଖିବାର ଲୌହନିର୍ମିତ ଆଧାର ।

ଅଡାଇବା-କ୍ରି. ଚଳାଇବା । (ପଶୁମାନଙ୍କୁ) ।

ଅଡିବା-କ୍ରି. ଉଚ୍ଛୃଙ୍ଖଳ ହେବା ; ଅବାଧ୍ୟ ହେବା ।

ଅଡୁଆ-ବି॰. ଜଟିଳ ; ଗୋଳମାଳିଆ ; ଅଶାନ୍ତ ।

ଅଢଙ୍ଗ-ବି. (ଦେଶଜ) ସାନପିଣ୍ଡା ।

ଅଢପା-ବି॰. (ଅ-ଢପ୍+ଆ) ଅସୁନ୍ଦର ।

ଅଢେଇ-ବି. ଦୁଇ ଓ ଏକର ଅର୍ଦ୍ଧ ।

ଅଢେଇଆ-ବି. ଅଢେଇସେରିଆ ମାଣ, ଅଢ଼େଇଗୁଣ ।

ଅଢେଇଦିନିଆ-ବି॰. ଅଳ୍ପକାଳସ୍ଥାୟୀ ।

ଅଣ-ବି. ବ୍ୟଞ୍ଜନର ରସ ।

ଅଣକା-ବି. ଡଙ୍କା ।

ଅଣଖିଳା-ବି. ଗାଡିଚକ ଅଟକାଇବାର ଖିଲ ।

ଅଣଖୁଆ-ବି. (ଅନକ୍ଷୁଶବ୍ଦଜ) ତୃଣବିଶେଷ ।

ଅଣଚାଶ-ବି॰. ୪୯ ।

ଅଣନବେ-ବି॰. ୮୯ ।

ଅଣନାଡି-ବି. ନାଭିର ପୁଅ ।

ଅଣପୁରୁଷା-ବି॰. ନପୁଂସକ ।

ଅଣବାଗୁଆ-ବି॰. ଜାରଜ ।

ଅଣସର-(ଅନବସରଶବ୍ଦରୁ) ସ୍ନାନ ରଥଯାତ୍ରାର ପୂର୍ବ ଏକପକ୍ଷକାଳ ।

ଅଣା-ବି. ଟଙ୍କାର ଷୋଳଭାଗର ଭାଗେ ।

ଅଣାଅଣୀ-ବିଂ. ୭୧ ।

ଅଣି-ବି. ଏକପଣାମୂଲ୍ୟର ମୁଦ୍ରା ।

ଅଣୁ-ବି. ସୂକ୍ଷ୍ମକଣିକା ।

ଅଣୁବୀକ୍ଷଣ-ବି. (ଅଣୁ-ବି-ଈକ୍ଷ୍-ଅନ) ଚକ୍ଷୁର ଅଗୋଚର କ୍ଷୁଦ୍ର ପଦାର୍ଥ ଦର୍ଶନାର୍ଥ ଯନ୍ତ୍ର ।

ଅଣେଇବା-କ୍ରି. ଏକଅଙ୍ଗକୁ ଟଳେଇବା ।

ଅଣ୍ଟା-ବି. କଟିଦେଶ ।

ଅଣ୍ଟାଖୋସା-ବି. ଖଞ୍ଜ ।

ଅଣ୍ଟି-ବି. ପିନ୍ଧିବା ବସ୍ତ୍ରର ପାକୀକୃତ ସମ୍ମୁଖାଂଶ ।

ଅଣ୍ଟିଧନ-ବି. ଅଣ୍ଟିରେ ରକ୍ଷିତ ଧନ ।

ଅଣ୍ଟିବା-କ୍ରି. ଯଥେଷ୍ଟ ହେବା ।

ଅଣ୍ଟେଇବା-କ୍ରି. ଅଣ୍ଟାରେ ଟେକିବା ।

ଅଣ୍ଡ<br>ଅଣ୍ଡା } ବି. (ଅମ୍+ଡ) ଡିମ୍ବ ।

ଅଣ୍ଡଜ-ବିଂ. (ଅଣ୍ଡ-ଜନ୍-ଅ) ଡିମ୍ବରୁ ଜାତ ଜନ୍ତୁ ।

ଅଣ୍ଡାଳିବା-ବି. ଦସଣ୍ଡିବା ।

ଅଣ୍ଡିରା-ବିଂ. (ଅଣ୍ଡ+ଇର) ପୁଂସ ବା ପୁରୁଷଜାତୀୟ ଜନ୍ତୁ ।

ଅଣ୍ଡିରାଚଣ୍ଡୀ-ବି. ଲଜ୍ଜାଶୂନ୍ୟା ନାରୀ ।

ଅତଏବ-ଅ. (ଅତଃ-ଏବ) ଏହିହେତୁରୁ ।

ଅଉଡା-ବି. (ଅତଃଶବ୍ଦଜ) ଜଦାଭଟ ।

ଅତଣ୍ଡ୍ରି-ବି. (ଦେଶଜ) ଶେତପଦ ଲତାବିଶେଷ ।

ଅତର-ବି. ଗୋଲାପାଦି ଫୁଲରୁ ପ୍ରସ୍ତୁତ ତରଳ ସୁଗନ୍ଧଦ୍ରବ୍ୟ ।

ଅତୁରା-ବି. କର୍ଣ୍ଣବାଧକ ଶବ୍ଦ ।

ଅତର୍କିତ-ବିଂ. (ଅ-ତର୍କିତ) ଅଲକ୍ଷିତ, ହଠାତ୍ ।

ଅତର୍କ୍ଷ-(ଅତି+ତର୍କ୍ଷ) ମହାଭୟ ।

ଅତଳ-ବିଂ. ଅଗାଧ ।

ଅତଳସ୍ପର୍ଶ-ବିଂ. (ଅତଳ-ସ୍ପୃଶ୍-ଅ) ଅଗାଧ; ଅତିଗମ୍ଭୀର ।

ଅତସୀ-ବି. ପୁଷ୍ପବୃକ୍ଷ ।

ଅତି-ଆଧିକ୍ୟ-ବାଚକ ଉପସର୍ଗ । ଅ. ଅତ୍ୟନ୍ତ ।

ଅତିକ୍ରମ-ବି. (ଅତି-କ୍ରମ୍-ଅ) ଲଙ୍ଘନ ।

ଅତିକ୍ରାନ୍ତ-ବିଂ. (ଅତି-କ୍ରମ୍-ତ) ଅତୀତ, ଲଙ୍ଘିତ ।

ଅତିଥି-ବି. ଅଭ୍ୟାଗତ ।

ଅତିପାତ-ବି. (ଅତି-ପତ୍-ଅ) ଯାପନ ।

ଅତିବଡ଼ୀ-ବି. ଓଡ଼ିଶାର ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠିତ ବୈଷ୍ଣବ ସମ୍ପ୍ରଦାୟ ।

ଅତିବାଦ-ବି. ଅତ୍ୟୁକ୍ତି ।

ଅତିମାନୁଷ-ବିଂ ଅଲୌକିକ ।

ଅତିରିକ୍ତ-ବିଂ ଅଧିକ ।

ଅତିରେକ-ବି. (ଅତି-ରିଚ୍-ଅ) ଆଧିକ୍ୟ ।

ଅତିବାହିତ-ବିଂ. ଯାପିତ ।

ଅତିଶୟ-ବି. (ଅତି-ଶୀ-ଅ) ଅତିରେକ; ବିଂ. ଅତିରିକ୍ତ ।

ଅତିଶୟୋକ୍ତି-ବି. ଅତ୍ୟୁକ୍ତି, ଅର୍ଥାଲଙ୍କାର-ବିଶେଷ ।

ଅତିସାର-ବି. ଉଦରାମୟ ।

ଅତୀତ-ବିଂ. ଭୂତ, ବିଗତ ।

ଅତୀନ୍ଦ୍ରିୟ-ବିଂ. ଇନ୍ଦ୍ରିୟର ଅଗୋଚର, ଅପ୍ରତ୍ୟକ୍ଷ ।

ଅତୀବ-ବିଂ. (ଅତି-ଇବ) ଅତ୍ୟନ୍ତ ।

ଅତୁଲ, ଅତୁଲ୍ୟ-ବିଂ. ଅନୁପମ ।

ଅତ୍ୟନ୍ତ-ବିଂ. (ଅତି-ଅନ୍ତ) ଅଧିକ ।

ଅତ୍ୟୟ-ବି. (ଅତି-ଇ-ଅ) ଅତିକ୍ରମ ।

ଅତ୍ୟାଚାର-ବି. (ଅତି-ଆ-ଚର୍-ଅ) ଉତ୍ପୀଡ଼ନ ।

ଅତ୍ୟାହିତ-ବି. (ଅତି-ଆ-ଧା-ତ) ଅତ୍ୟନ୍ତ ଭୟ ।

ଅତ୍ୟୁକ୍ତି-ବି. (ଅତି-ବଚ୍-ତି) ଅଧିକ ଉକ୍ତି ; ବଢ଼ାଇ କହିବା ।

ଅତ୍ର-ଅ. (ଇଦମ୍-ତ୍ର) ଏଠାରେ ।

ଅତ୍ରତ୍ୟ-ବିଂ. ଏତତ୍ସ୍ଥାନୀୟ ।

ଅତ୍ରି-ବି. ଋଷିବିଶେଷ ।

ଅଥ-ଅ. ଅନନ୍ତର ।

ଅଥଚ-ଅ. ତଥାପି ।

ଅଥର୍ବ-ବି. ଚତୁର୍ଥ ବେଦ ।

ଅଥବା-ଅ. କିମ୍ବା ; ଅବା ।

ଅଥୟ-ବିଂ. ଅସ୍ଥିର ; ଚଞ୍ଚଳ ।

ଅଥର୍ପା-ବିଂ. (ଅସ୍ଥିରପାଦ ଶବ୍ଦରୁ) ଅଣାଡ଼ୁଆ ।

ଅଥଳ-ବିଂ. (ଅ-ସ୍ଥଳ) ଗଭୀର ।

ଅଥାର-ପିଠାସିଝାଇବା ପାତ୍ର ।

ଅଦା-ବି. (ଆର୍ଦ୍ରକ ଶବ୍ଦଜ) ଗୁଳ୍ମବିଶେଷ ଓ ତାହାର କନ୍ଦ ।

ଅଦାଉତି-ବି. ଅକସ ।

ଅଦାଲତ-ବି. ବିଚାରାଳୟ ।

ଅଦିତି-ବି. ଦେବମାତା ।

ଅଦୂର-ବିଂ. ନିକଟ ।

ଅଦୃଷ୍ଟ-ବି. (ଅ-ଦୃଶ୍+ତ) ଭାଗ୍ୟ ; ବିଂ. ଅଦେଖା ।

ଅଦ୍ୟ-ଅ. ଆଜି ।

ଅଦ୍ୟତନ-ବିଂ. (ଅଦ୍ୟ-ତନ) ଆଜିର ।

ଅଦ୍ୟାବଧି-ଅ. (ଅଦ୍ୟ-ଅବଧି) ଆଜି-ପର୍ଯ୍ୟନ୍ତ ।

ଅଦ୍ୱିତୀୟ-ବିଂ. (ଅ-ଦ୍ୱି-ତୀୟ) ଯାହାର ଦ୍ୱିତୀୟ ନାହିଁ ।

ଅଦ୍ୱୈତ-ବି. (ଅ-ଦ୍ୱୈତ) ଯହିଁରେ ଦ୍ୱୈତ ବା ଭେଦ ନାହିଁ ।

ଅଦ୍ୱୈତବାଦୀ-ବିଂ. (ଅଦ୍ୱୈତ-ବଦ୍-ଇନ୍) ଯେଉଁମାନେ କହନ୍ତି ଈଶ୍ୱରଙ୍କ ଅନ୍ୟ ପଦାର୍ଥ ନାହିଁ ।

ଅଦ୍ଭୁତ-ବିଂ. ବିସ୍ମୟଜନକ ।

ଅଦ୍ରି-ବି. ପର୍ବତ ।

ଅଧ, ଅଧା, ଅଧେ-ବି. (ଅର୍ଦ୍ଧଶବ୍ଦଜ) ଅର୍ଦ୍ଧ ।

ଅଧଃ-ଅ. ନିମ୍ନ ; ତଳ ପ୍ରଦେଶ ।

ଅଧଃପାତ-ବି. ତଳକୁ ପଡ଼ିବା ; ଉତ୍ସନ୍ନ ହେବା ।

ଅଧମ-ବି. ନୀଚ, ଅପକୃଷ୍ଟ ।

ଅଧମର୍ଣ୍ଣ-ବି. (ଅଧମ-ଋଣ) ଧାରୁଆ ।

ଅଧମାଙ୍ଗ-ବି. (ଅଧମ-ଅଙ୍ଗ) ପାଦ ; ଚରଣ ।

ଅଧର-ବି. ନିମ୍ନ ଓଷ୍ଠ ।

ଅଧର୍ମ-ବି. ପାପ ; ଦୁଷ୍କୃତ ।

ଅଧଲା-ବି. ପଇସାର ଅର୍ଦ୍ଧ ।

ଅଧଲିକିଆ-ବି. (ଅଧଲାଶବ୍ଦରୁ) ଯାହାର ମୂଲ୍ୟ ଅଧଲାଏ ।

ଅଧସ୍ତନ-ବି. (ଅଧଃ-ତନ) ନିମ୍ନସ୍ଥ; ଅଧୀନସ୍ଥ ।

ଅଧି-ଅ. ଆଧିକ୍ୟ ବା ପ୍ରାଧାନ୍ୟବୋଧକ ଉପସର୍ଗ ।

ଅଧିକ-ବି. (ଅଧି-କ) ବେଶୀ ।

ଅଧିକନ୍ତୁ-ଅ. (ଅଧିକ-ତୁ) ଅନ୍ତରମଧ୍ୟ ।

ଅଧିକରଣ-ବି. (ଅଧି-କୃ-ଅନ) ଆଧାର, ବ୍ୟାକରଣ-କାରକବିଶେଷ ।

ଅଧିକାର-ବି. (ଅଧି-କୃ-ଅ) ସ୍ୱତ୍ୱ, ପ୍ରଭୁତ୍ୱ ।

ଅଧିକାରୀ-ବି. (ଅଧି-କୃ-ଇନ୍) ପ୍ରଭୁ ।

ଅଧିକୃତ-ବି. ଅଧୀନ ।

ଅଧିଗତ-ବି. (ଅଧି-ଗମ୍-ତ) ପ୍ରାପ୍ତ, ଜ୍ଞାତ ।

ଅଧିଗମ୍ୟ-ବି. (ଅଧି-ଗମ୍-ଯ) ସୁଗମ୍ୟ ।

ଅଧିତ୍ୟକା-ବି. (ଅଧି-ତ୍ୟକ-ଅ) ପର୍ବତର ଉପରସ୍ଥ ସମତଳ ଭୂମି ।

ଅଧିନାୟକ-ବି. (ଅଧି-ନୀ-ଅକ) ପ୍ରଧାନ ନେତା, ଅଧ୍ୟକ୍ଷ ।

ଅଧିପ-ବି. (ଅଧି-ପା-ଅ) ରାଜା, ପ୍ରଭୁ ।

ଅଧିମାସ-ବି. (ଅଧି=ଅଧିକ-ମାସ) ମଳମାସ ।

ଅଧିରୂଢ଼-(ଅଧି-ରୁହ୍-ତ) ଉପରେସ୍ଥିତ, ଆରୂଢ଼ ।

ଅଧିରୋହଣ-ବି. (ଅଧି-ରୁହ୍-ଅନ) ଆରୋହଣ ।

ଅଧିବାସ-ବି. (ଅଧି-ବସ୍-ଅ) ନିବାସ ; ଯଜ୍ଞାରମ୍ଭର ପୂର୍ବଦିନର କର୍ମ ।

ଅଧିବାସୀ-ବି. (ଅଧି-ବସ୍-ଇନ୍) ନିବାସୀ ।

ଅଧିବେଶନ-ବି. (ଅଧି-ବିଶ୍-ଅନ) ବୈଠକ ।

ଅଧିଷ୍ଠାତ୍ରୀ-ବି. (ଅଧି-ସ୍ଥା-ତୃ+ଈ) ସର୍ବୋପରି ସ୍ଥିତକାରିଣୀ ।

ଅଧିଷ୍ଠାନ-ବି. (ଅଧି-ସ୍ଥା-ଅନ) ସ୍ଥିତି ।

ଅଧୀତ-ବି. (ଅଧି-ଇ-ତ) ପଠିତ ।

ଅଧୀନ-ବି. (ଅଧି-ଈନ) ବଶୀଭୂତ ; ଆଶ୍ରିତ ।

ଅଧୀର-ବି. (ଅ-ଧୀର) ଅଥୟ ; ଅସହିଷ୍ଣୁ ।

ଅଧୀଶ୍ୱର-ବି. (ଅଧି-ଈଶ୍-ବର) ସମ୍ରାଟ୍ ।

ଅଧୁନା-ଅ. ଏବେ ; ସମ୍ପ୍ରତି ।

ଅଧୁନାତନ-ବି. (ଅଧୁନା-ତନ) ଆଧୁନିକ ।

ଅଧୁଲି-ବି. ଏକଟଙ୍କାର ଅର୍ଦ୍ଧ ।

ଅଧୈର୍ଯ୍ୟ-ବି. (ଅ-ଧୀର-ଯ) ଚଞ୍ଚଳତା; ବି. କାତର ।

ଅଧୋଗତି-ବି. (ଅଧଃ-ଗତି) ଅବନତି ।

ଅଧୋଢ଼ା-ବି. ଅଧବୁଡ଼ା ।

ଅଧୋବାୟୁ-ବି. ଅପାନବାୟୁ ।

ଅଧୋଭୁବନ-ବି. (ଅଧଃ-ଭୁବନ) ପାତାଳ ।

ଅଧୋମୁଖ-ବି. (ଅଧଃ-ମୁଖ) ନତମୁଖ ।

ଅଧୋକ୍ଷଜ-ବି. (ଅଧଃ-ଅକ୍ଷ-ଜନ୍-ଅ) ଅତୀନ୍ଦ୍ରିୟ; ପରମେଶ୍ୱର ।

ଅଧ୍ୟକ୍ଷ-ବି.(ଅଧି-ଅକ୍ଷ) ତତ୍ତ୍ୱାବଧାୟକ ।

ଅଧ୍ୟୟନ-ବି. (ଅଧି-ଇ-ଅନ) ପାଠାଭ୍ୟାସ କରିବା ।

ଅଧ୍ୟବସାୟ-ବି. (ଅଧି-ଅବ-ସୋ-ଅ) ଅବିଶ୍ରାନ୍ତ ଉଦ୍‌ଯୋଗ ।

ଅଧ୍ୟା-ବି. ଦେବତା ନିକଟରେ ଅଭୀଷ୍ଟଲାଭାର୍ଥ ଉପବାସାଦି କରି ଜାଗ୍ରତ ରହିବା ।

ଅଧ୍ୟାପକ-ବି. ( ଅଧି-ଇ- (ଣିଜନ୍ତ )-ଅକ ) ଶିକ୍ଷକ । [ଶିକ୍ଷାଦାନ ।

ଅଧ୍ୟାପନା-ବି. ( ଅଧି-ଇ-(ଣିଜନ୍ତ)-ଅନ-ଆ)

ଅଧ୍ୟାୟ-ବି. (ଅଧି-ଇ-ଅ) ଗ୍ରନ୍ଥର ଅଂଶ ।

ଅଧ୍ୟାସ-ବି. (ଅଧି-ଅସ୍-ଅ) ଆକ୍ଷେପ, ଏକ ବସ୍ତୁରେ ଅନ୍ୟ ବସ୍ତୁର ବୋଧ ।

ଅଧ୍ୟାହାର-ବି. ( ଅଧି-ଆ-ହୃ-ଅ ) ଅପୂର୍ଣ୍ଣ ବାକ୍ୟର ପୂରଣ ।

ଅଧ୍ୟେତା-ବି. (ଅଧି-ଇ-ତୃ) ଛାତ୍ର ।

ଅଧ୍ରୁବ-ବିଂ. ଅନିଶ୍ଚିତ ।

ଅଧ୍ୱ-ବି. ମାର୍ଗ ; ଉପାୟ ।

ଅଧ୍ୱଗ-ବି. (ଅଧ୍ୱ-ଗମ୍-ଅ) ପଥିକ ।

ଅଧ୍ୱର-ବି. ଯଜ୍ଞ ।

ଅଧ୍ୱର୍ଯ୍ୟୁ-ବି. ଯଜୁର୍ବେଦଜ୍ଞ ବ୍ରାହ୍ମଣ । [ମୂର୍ଖ ।

ଅନକ୍ଷର-ବିଂ. (ଅନ୍-ଅକ୍ଷର) ବର୍ଣ୍ଣଜ୍ଞାନହୀନ ;

ଅନଘ-ବିଂ. (ଅନ୍-ଅଘ) ନିଷ୍ପାପ ।

ଅନଙ୍ଗ-ବି. (ଅନ୍-ଅଙ୍ଗ) କାମଦେବ ।

ଅନଠନ-ବି. ଅଭାବ ।

ଅନଡ୍ୱାନ୍-ବି. ବୃଷ ; ବଳଦ ।

ଅନତିଦୂର-ବି. (ଅନ୍-ଅତି-ଦୂର) ଅଧିକ ଦୂର ନୁହେ ।

ଅନଧିକ-ବିଂ. (ଅନ୍-ଅଧିକ) ଅଧିକ ନୁହେ ।

ଅନଧିକାରଚର୍ଚ୍ଚା-ବି. ଅଧିକାର ବହିର୍ଭୂତ-ବିଷୟର ଚର୍ଚ୍ଚା ।

ଅନନ୍ତ-ବିଂ. (ଅନ୍-ଅନ୍ତ) ଅସୀମ ; ବି. ପରମେଶ୍ୱର, ବାସୁକି ।

ଅନନ୍ତର-କ୍ରିଂ. ବିଂ. (ଅନ୍-ଅନ୍ତର) ଅବ୍ୟବହିତ ପରେ ।

ଅନନ୍ତବିଜୟ-ବି. ଯୁଧିଷ୍ଠିରଙ୍କ ଶଙ୍ଖ ।

ଅନନ୍ତବ୍ରତ-ଭାଦ୍ର ଶୁକ୍ଳଚତୁର୍ଦ୍ଦଶୀ ଦିନ ଆଚରିତ ବ୍ରତ ।

ଅନନ୍ୟଗତି-ବିଂ. (ଅନ୍-ଅନ୍ୟ-ଗତି) ଯାହାର ଅନ୍ୟ ଉପାୟ ନାହିଁ । [ଚିତ୍ତ ।

ଅନନ୍ୟମନା-ବିଂ. (ଅନ୍-ଅନ୍ୟ-ମନଃ) ଏକାଗ୍ର-

ଅନନ୍ୟସାଧାରଣ-ବିଂ. ଅଲୋକସାମାନ୍ୟ ।

ଅନପତ୍ୟ-ବିଂ. (ଅନ୍-ଅପତ୍ୟ) ସନ୍ତାନହୀନ ।

ଅନପେତ-ବିଂ. (ଅନ୍-ଅପ-ଇ-ତ) ଯୁକ୍ତ ।

ଅନଭିଜ୍ଞ-ବିଂ. (ଅନ୍-ଅଭି ଜ୍ଞା-ଅ) ଅଜ୍ଞ ।

ଅନଭିମତ-ବିଂ. (ଅନ୍-ଅଭି-ମନ୍-ତ) ଅନଭିପ୍ରେତ ; ମତବିରୁଦ୍ଧ ।

ଅନମ୍ବର-ବି. (ଅନ୍-ଅମ୍ବର) ଅନ୍ତରୀକ୍ଷ ।

ଅନର୍ଗଳ-ବିଂ. (ଅନ୍-ଅର୍ଗଳ) ଅବାଧ ।

ଅନର୍ଥ-ବି. (ଅନ୍-ଅର୍ଥ) ଅନିଷ୍ଟ, କଳହ ।

ଅନର୍ଥକ-ବିଂ. (ଅନ୍-ଅର୍ଥ-କ) ନିରର୍ଥକ, ଅକାରଣ ।

ଅନର୍ଘୀପ–ବିଂ. ଅପରିମିତ ।
ଅନର୍ହ–ବିଂ. (ଅନ୍-ଅର୍ହ) ଅଯୋଗ୍ୟ ।
ଅନଳ–ବି. ଅଗ୍ନି ।
ଅନଳ୍ପ–ବିଂ. (ଅନ୍-ଅଳ୍ପ) ଅଧିକ ; ମହତ୍ ।
ଅନବଦ୍ୟ–ବିଂ. (ଅନ୍-ଅବଦ୍ୟ) ଅନିନ୍ଦନୀୟ ।
ଅନବଧାନତା–ବି. (ଅନ୍-ଅବ-ଧା-ଅନ-ତା) ଅମନୋଯୋଗ ।
ଅନବରତ–କ୍ରିଂ. ବିଂ. (ଅନ୍-ଅବ-ରମ୍-ତ) ସର୍ବଦା, ନିରନ୍ତର ।
ଅନବସର–ବି. (ଅନ୍-ଅବସର) ଅନବକାଶ ।
ଅନବସ୍ଥିତ–ବିଂ. (ଅନ୍-ଅବ-ସ୍ଥା-ତ) ଅସ୍ଥିର ।
ଅନଶନ–ବି. (ଅନ୍-ଅଶ୍-ଅନ) ଉପବାସ ।
ଅନଶ୍ୱର–ବିଂ. (ଅ-ନଶ୍-ବର) ଅକ୍ଷୟ ; ଅବିନାଶୀ ।
ଅନସୂୟା–ବିଂ. (ଅନ୍-ଅସୂୟା) ଦ୍ୱେଷରହିତା ; ବି. ଅତ୍ରିଋଷିଙ୍କର ପତ୍ନୀ ।
ଅନାଇବା–କ୍ରି. ଚାହିଁବା ।
ଅନାଉଣି–ବି. ଚାହାଣି ; କଟାକ୍ଷ ।
ଅନାଗତ–ବିଂ. (ଅନ୍-ଆ-ଗମ୍-ତ) ଯାହା ଆସି ନାହିଁ ; ଭବିଷ୍ୟତ୍ । [ଅପର ।
ଅନାଚାର–ବି. (ଅନ୍ ଆ-ଚର୍-ଅ) ଗର୍ହିତ
ଅନାଞ୍ଚ–ବି. ପଇବା ।
ଅନାଡ଼ି–ବିଂ. ନିର୍ବୋଧ ।
ଅନାତପ–ବି. (ଅନ୍-ଆତପ) ଛାୟା ।
ଅନାଥ–ବିଂ. (ଅ-ନାଥ) ନିରାଶ୍ରୟ ।
ଅନାଦର–ବି.(ଅନ୍-ଆ-ଦୃ-ଅ) ଅଯତ୍ନ; ଅବଜ୍ଞା ।
ଅନାଦି–ବିଂ. (ଅନ୍-ଆଦି) ଆଦିରହିତ ; ବି. ପରମେଶ୍ୱର ।
ଅନାଦୃତ–ବିଂ. (ଅନ୍-ଆ-ଦୃ-ତ) ଅବଜ୍ଞାତ ।
ଅନାମୟ–ବିଂ. ( ଅନ୍-ଆମୟ ) ରୋଗହୀନ ; ବି. ଆରୋଗ୍ୟ ।
ଅନାମିକା–ବି. (ଅ-ନାମନ୍-ଇକ୍-ଆ) କନିଷ୍ଠାଙ୍ଗୁଳିର ନିକଟସ୍ଥ ଅଙ୍ଗୁଳି । [ନୁହେ ।
ଅନାୟତ୍ତ–ବିଂ. (ଅନ୍-ଆୟତ୍ତ) ଯାହା ଆୟତ୍ତ
ଅନାୟାସ–ବିଂ. (ଅନ୍-ଆୟାସ) ଅକ୍ଲେଶ ।
ଅନାରସ–ବି. ସପୁରିପଣସ ।
ଅନାର୍ଯ୍ୟ–ବିଂ. (ଅନ୍-ଋ-ଯ) ଅସଭ୍ୟ ; ନୀଚ ।
ଅନାବିଳ–ବିଂ. (ଅନ୍-ଆବିଲ) ନିର୍ମଳ ।
ଅନାବୃତ–ବିଂ. ( ଅନ୍-ଆ-ବୃ-ତ ) ଖୋଲା ; ଆବରଣଶୂନ୍ୟ । [ଅଭାବ ।
ଅନାବୃଷ୍ଟି–ବି. ( ଅନ୍-ଆ-ବୃଷ୍-ତି ) ବୃଷ୍ଟିର
ଅନାସ୍ଥା–ବି. ଅଯତ୍ନ ; ଅନାଦର । [ବାସ ।
ଅନାହାର–ବି. (ଅନ୍-ଆହାର) ଅନଶନ, ଉପ-
ଅନାହୂତ–ବିଂ. (ଅନ୍-ଆ-ହ୍ୱେ-ତ) ଅନିମନ୍ତ୍ରିତ ।
ଅନିଚ୍ଛା–ବି. (ଅନ୍-ଇଚ୍ଛା) ଇଚ୍ଛାର ଅଭାବ ; ଅନଭିଲାଷ ।
ଅନିତ୍ୟ–ବିଂ. (ଅ-ନିତ୍ୟ) ନଶ୍ୱର ।
ଅନିନ୍ଦ୍ୟ–ବିଂ. (ଅ-ନିନ୍ଦ୍-ଯ) ଦୋଷଶୂନ୍ୟ ।
ଅନିମିଷ, ଅନିମେଷ–ବିଂ. ପଲକଶୂନ୍ୟ ।
ଅନିୟତ–ବିଂ. (ଅ-ନି-ଯମ୍-ତ) ଅସ୍ଥିର ; ଅନିଶ୍ଚିତ । [ବିରକ୍ତାଗତ ।
ଅନିର୍ବଚନୀୟ–ବିଂ ( ଅ-ନିର୍ ବଚ୍-ଅନୀୟ )

ଅନଲ-ବ. (ଅନ୍-ଅଲ) ପବନ ।

ଅନବାର୍ଯ୍ୟ-ବଂ. (ଅ-ନି-ବୃ-ଯ) ଯାହାର ନିବାରଣ ଅଶକ୍ୟ ।

ଅନିଷ୍ଟ-ବ. (ଅନ୍-ଇଷ୍-ତ) ଅପକାର ; ହାନି ।

ଅନୀକିନୀ-ବ. ସୈନ୍ୟଦଳ ।

ଅନୀତି-ବ. (ଅ-ନୀ-ତି) ଦୁର୍ନୀତି ; ଅନାଚାର ।

ଅନୁ-ଅଂ. ପଶ୍ଚାଦ୍‌ବୋଧକ ଉପସର୍ଗ ।

ଅନୁକମ୍ପା-ବ. (ଅନୁ-କମ୍ପ୍-ଅ) ଦୟା ।

ଅନୁକରଣ-ବ. (ଅନୁ-କୃ-ଅନ) ଅନ୍ୟପରି କରିବା ।

ଅନୁକଳ୍ପ-ବ. ଗୌଣବସ୍ତୁ ।

ଅନୁକୂଳ-ବଂ. ସ୍ୱପକ୍ଷ ; ସଦୟ ।

ଅନୁକ୍ରମ-ବ. ( ଅନୁ-କ୍ରମ୍-ଅ ) ପର୍ଯ୍ୟାୟ ।

ଅନୁକ୍ରମଣିକା-ବ. ଭୂମିକା ।

ଅନୁକ୍ରୋଶ-ବ, (ଅନୁ-କ୍ରୁଶ୍-ଅ) ଦୟା ।

ଅନୁକ୍ଷଣ-କ୍ରିଂ. ବଂ. (ଅନୁ-କ୍ଷଣ) ସର୍ବଦା ।

ଅନୁଗତ-ବଂ. (ଅନୁ-ଗମ୍-ତ) ଆଶ୍ରିତ ।

ଅନୁଗାମୀ-ବଂ. ( ଅନୁ-ଗମ୍-ଇନ୍ ) ପଶ୍ଚାଦ୍‌-ଗାମୀ ।

ଅନୁଗ୍ରହ-ବ. (ଅନୁ-ଗ୍ରହ୍-ଅ) ଦୟା ; ପ୍ରସାଦ ।

ଅନୁଗୃହୀତ-ବଂ. ଅନୁଗ୍ରହପ୍ରାପ୍ତ ।

ଅନୁଚର-ବଂ. (ଅନୁ-ଚର୍-ଅ) ଅନୁବର୍ତ୍ତୀ, ସଙ୍ଗୀ ।

ଅନୁଚିକୀର୍ଷା-ବ. (ଅନୁ-କୃ-ସନ୍-ଅ) ଅନ୍ୟପରି କରିବାର ଇଚ୍ଛା ।

ଅନୁଚିତ-ବଂ. (ଅନ୍-ଉଚିତ) ଅବହିତ ।

ଅନୁଜ-ବ. (ଅନୁ-ଜନ୍-ଅ) ସାନଭାଇ ।

ଅନୁଜା-ବ. ସାନଭଉଣୀ ।

ଅନୁଜୀବୀ-ବଂ. ସେବାକାରୀ ।

ଅନୁଜ୍ଞା-ବ. (ଅନୁ-ଜ୍ଞା-ଅ) ଆଜ୍ଞା ।

ଅନୁଜ୍ଞାତ-ବଂ. ଆଦିଷ୍ଟ । [ସ୍ୱଳ୍ପ ।

ଅନୁତପ୍ତ-ବଂ. (ଅନୁ-ତପ୍-ତ) ଅପରାଧଜନିତ

ଅନୁତାପ-ବ. ପଶ୍ଚାତ୍ତାପ ।

ଅନୁତ୍ତମ-ବଂ. ଯାହା ଅପେକ୍ଷା ଉତ୍ତମ ନାହିଁ ।

ଅନୁଦାର-ବଂ. (ଅନ୍-ଉଦାର) ନୀଚାଶୟ ।

ଅନୁଦିନ-କ୍ରି.ବଂ. ପ୍ରତିଦିନ ।

ଅନୁଦ୍ବେଗ-ବଂ. ଯାହାର ଉଦ୍ବେଗ ନାହିଁ ।

ଅନୁଧାବନ-ବ. (ଅନୁ-ଧାବ୍-ଅନ) ପଶ୍ଚାଦ୍‌-ଗମନ, ଅନୁସନ୍ଧାନ ।

ଅନୁନୟ-ବ. (ଅନୁ-ନୀ-ଅ) ବିନୟ ।

ଅନୁନାସିକ-ବଂ. (ଅନୁ-ନାସିକା-ଅ) ନାସିକା ଦ୍ୱାରା ଉଚ୍ଚାରିତ । [ଅତୁଲ୍ୟ ।

ଅନୁପମ-ବଂ. (ଅନ୍-ଉପମା) ଉପମାରହିତ ;

ଅନୁପଯୁକ୍ତ-ବଂ. ( ଅନ୍-ଉପ-ଯୁଜ୍-ତ ), ଅଯୋଗ୍ୟ ।

ଅନୁପାତ-ବ. (ଅନୁ-ପତ୍-ଅ) ଗଣିତରେ ଏକ ରାଶିସହ ଅନ୍ୟ ରାଶିର ସମ୍ବନ୍ଧ ।

ଅନୁପାନ-ବ. (ଅନୁ-ପା-ଅନ) ଔଷଧ ସେବନ ସଙ୍ଗରେ ପାନୀୟ ବା ସେବ୍ୟ ଦ୍ରବ୍ୟ । . .

ଅନୁପ୍ରସ୍ଥ-ବଂ. ପ୍ରସ୍ଥାନୁସାରୀ ।

ଅନୁପ୍ରାସ- ବି. (ଅନୁ-ପ୍ର-ଅସ୍-ଅ) ଅକ୍ଷର-
ସାମ୍ୟଘଟିତ କାବ୍ୟାଲଙ୍କାର । [ବର୍ତ୍ତୀ ।
ଅନୁବର୍ତ୍ତୀ-ବିଂ. (ଅନୁ-ବୃତ୍-ଇନ୍) ପଶ୍ଚାଦ୍-
ଅନୁବାଦ-ବି. (ଅନୁ-ବଦ୍-ଅ) ତର୍ଜମା ।
ଅନୁଭବ-ବି. (ଅନୁ-ଭୂ-ଅ) ବୋଧ, ଉପଲବ୍ଧି ।
ଅନୁଭବୀ-ବିଂ. (ଅନୁଭବ-ଇନ୍) ଯେ ଅନୁଭବ କରେ ।
ଅନୁଭାବ-ବି. (ଅନୁ-ଭୂ-ଘଞ୍) ପ୍ରଭାବ ; ଅଳଙ୍କାରଶାସ୍ତ୍ରରେ ଭାବବ୍ୟଞ୍ଜକ ଭ୍ରୂଭଙ୍ଗାଦି ।
ଅନୁଭୂତ-ବିଂ. (ଅନୁ-ଭୂ-ତ) ଉପଲବ୍ଧ ।
ଅନୁଭୂତି-ବି. (ଅନୁ-ଭୂ-ତି) ଅନୁଭବ ।
ଅନୁମତ-ବିଂ. (ଅନୁ-ମନ୍-ତ) ଅନୁମୋଦିତ ।
ଅନୁମତି-ବି. (ଅନୁ-ମନ୍-ତି) ଅନୁଜ୍ଞା ; ମଞ୍ଜୁର ।
ଅନୁମାନ-ବି. (ଅନୁ-ମା-ଅନ) ହେତୁଦ୍ୱାରା ତଥ୍ୟନିର୍ଣ୍ଣୟ ।
ଅନୁମିତ-ବିଂ. (ଅନୁ-ମା-ତ) ହେତୁ ବା ତର୍କଦ୍ୱାରା ନିର୍ଣ୍ଣିତ ।
ଅନୁମିତି-ବି. (ଅନୁ-ମା-ତି) ଅନୁମାନ ।
ଅନୁମେୟ-ବିଂ. (ଅନୁ-ମା-ଯ) ଅନୁମାନ-
ଯୋଗ୍ୟ । [ଦାନ ।
ଅନୁମୋଦନ-ବି. (ଅନୁ-ମୁଦ୍-ଅନ) ସମ୍ମତି-
ଅନୁଯାୟୀ-ବିଂ. (ଅନୁ-ଯା-ଇନ୍) ଅନୁଗାମୀ ; ସଦୃଶ ।
ଅନୁଯୋଗ-ବି. (ଅନୁ-ଯୁଜ୍-ଅ) ଅଭିଯୋଗ ।
ଅନୁରକ୍ତ-ବିଂ. (ଅନୁ-ରଞ୍ଜ୍-ତ) ସ୍ନେହୀ, ଆସକ୍ତ ।

ଅନୁରକ୍ତି-ବି. (ଅନୁ-ରଞ୍ଜ୍-ତି) ସ୍ନେହ, ଆସକ୍ତି ।
ଅନୁରାଗ-ବି. (ଅନୁ-ରଞ୍ଜ୍-ଅ) ସ୍ନେହ, ପ୍ରୀତି ।
ଅନୁରାଗୀ-ବିଂ. (ଅନୁ-ରଞ୍ଜ୍-ଇନ୍) ସ୍ନେହୀ ।
ଅନୁରାଧା-ବି. ନକ୍ଷତ୍ରବିଶେଷ । [ଅଛି ।
ଅନୁରୁଦ୍ଧ-ବିଂ. ଯାହାକୁ ଅନୁରୋଧ କରାଯାଇ-
ଅନୁରୂପ-ବିଂ. ସଦୃଶ ; ତୁଲ୍ୟ ।
ଅନୁରୋଧ-ବି. (ଅନୁ-ରୁଧ୍-ଅ) ଉପରୋଧ, ସୁପାରସ୍ ।
ଅନୁଲୋମ-ବିଂ. ଲୋମବତ୍ କ୍ରମାନୁସାରେ ।
ଅନୁଶୟ-ବି. (ଅନୁ-ଶୀ-ଅ) ଅନୁତାପ ।
ଅନୁଶାସନ-ବି. (ଅନୁ-ଶାସ୍-ଅନ) ଆଜ୍ଞା ; ଉପଦେଶ ।
ଅନୁଶିଷ୍ୟ-ବି. ଶିଷ୍ୟର ଶିଷ୍ୟ । [ଅଭ୍ୟାସ ।
ଅନୁଶୀଳନ-ବି,(ଅନୁ-ଶୀଲ୍-ଅନ)ଆଲୋଚନା;
ଅନୁଶୋଚନା-ବି. (ଅନୁ-ଶୁଚ୍-ଅନ-ଆ) ଗତ ବିଷୟ ପାଇଁ ଖେଦ ।
ଅନୁଷଙ୍ଗ-ବି. ସମ୍ପର୍କ ; ପଦମାନଙ୍କର ଅନ୍ୱୟ ।
ଅନୁଷ୍ଠାନ-ବି. (ଅନୁ-ସ୍ଥା-ଅନ) ଧର୍ମକର୍ମ ।
ଅନୁଷ୍ଠିତ-ବିଂ. (ଅନୁ-ସ୍ଥା-ତ) ଆରବ୍ଧ, ସମ୍ପାଦିତ ।
ଅନୁସନ୍ଧାନ-ବି. (ଅନୁ-ସମ୍-ଧା-ଅନ) ଅନ୍ୱେଷଣ ।
ଅନୁସରଣ-ବି. (ଅନୁ-ସୃ-ଅନ) ପଶ୍ଚାଦ୍‌ଗମନ ।
ଅନୁସାରୀ-ବିଂ. (ଅନୁ-ସୃ-ଇନ୍) ଅନୁଗାମୀ ।
ଅନୁସାରେ-କ୍ରିଂ. ବିଂ. ଅନୁକ୍ରମେ
ଅନୁସ୍ୱାର-ବି. ଅନୁନାସିକ ବିନ୍ଦୁ ।

ଅନୂଢ଼—ବଂ. (ଅନ୍-ବହ୍-ତ) ଅବିବାହିତ ।
ଅନୂନ—ବଂ. (ଅନ୍-ଊନ) ପୂର୍ଣ୍ଣ ।
ଅନୂପ—ବଂ. (ଅନ୍-ଅପ୍) ଜଳପ୍ରାୟ ସ୍ଥାନ ।
ଅନୂରୁ—ବ. (ଅନ୍-ଊରୁ) ଅରୁଣ, ସୂର୍ଯ୍ୟ ସାରଥି ।
ଅନୃଣୀ—ବଂ. (ଅନ୍-ଋଣ-ଇନ୍) ଯାହାର ଋଣ ନାହିଁ ।
ଅନୃତ—ବଂ. ମିଥ୍ୟା ; ଅସତ୍ୟ ।
ଅନେକ—ସଂ. (ଅନ୍-ଏକ) ଏକରୁ ଅଧିକ ।
ଅନୈକ୍ୟ—ବ. (ଅନ୍-ଏକ-ଯ) ଐକ୍ୟର ଅଭାବ ।
ଅନୋକହ—ବ. ବୃକ୍ଷ । [ଭାବ ।
ଅନୌଚିତ୍ୟ—ବ. (ଅନ୍-ଉଚିତ-ଯ) ଅନୁଚିତ
ଅନ୍ତ—ବ. ଶେଷ ; ସୀମା ।
ଅନ୍ତକ—ବ. (ଅନ୍ତ-କ) ଯମ ।
ଅନ୍ତ୍ରବୁଜୁଳା—ବ. ଅନ୍ତ୍ରସମୂହ ।
ଅନ୍ତର୍, ଅନ୍ତଃ—ଅଂ. ଭିତରେ । [ମନ ।
ଅନ୍ତଃକରଣ—ବ. (ଅନ୍ତଃ-କରଣ) ହୃଦୟ,
ଅନ୍ତତଃ—ଅ. (ଅନ୍ତ-ତସ୍) ନିତାନ୍ତପକ୍ଷେ ।
ଅନ୍ତଃପାତୀ—ବଂ. (ଅନ୍ତଃ-ପତ୍-ଇନ୍) ଅନ୍ତର୍ଗତ ।
ଅନ୍ତଃପୁର—ବ. (ଅନ୍ତଃ-ପୁର) ଅନ୍ଦରମହଲ ।
ଅନ୍ତର—ବ. (ଅନ୍ତ-ରା-ଅ) ପ୍ରଭେଦ ; ବ୍ୟବଧାନ ।
ଅନ୍ତରଙ୍ଗ—ବ. (ଅନ୍ତର୍-ଗମ୍-ଅ) ଆତ୍ମୀୟ ।
ଅନ୍ତରାୟ—ବ. (ଅନ୍ତର୍-ଇ-ଅ) ପ୍ରତିବନ୍ଧକ, ବିଘ୍ନ । [ଉହାଡ଼ ।
ଅନ୍ତରାଳ—ବ. (ଅନ୍ତର-ଲା-ଅ) ଅଭ୍ୟନ୍ତର,

ଅନ୍ତରିତ—ବଂ. (ଅନ୍ତର୍-ଇତ) ଦୂରୀଭୂତ ; ଅପହୃତ ।
ଅନ୍ତରୀକ୍ଷ—ବ. (ଅନ୍ତର୍-ଈକ୍ଷ୍-ଅ) ମଧ୍ୟ ଆକାଶ ।
ଅନ୍ତରୀପ—ବ. (ଅନ୍ତର୍-ଅପ୍-ଅ) ଯେଉଁ ସ୍ଥଳଭାଗ କ୍ରମେ ସୂକ୍ଷ୍ମ ହୋଇ ଜଳମଧ୍ୟକୁ ଯାଇଥାଏ ।
ଅନ୍ତର୍ଗତ—ବଂ. (ଅନ୍ତଃ-ଗମ୍-ତ) ମଧ୍ୟଗତ ।
ଅନ୍ତର୍ଦ୍ଧାନ—ବ. (ଅନ୍ତର୍-ଧା-ଅନ) ତିରୋଧାନ ।
ଅନ୍ତର୍ବତ୍ନୀ—ବଂ. ଗର୍ଭବତୀ ।
ଅନ୍ତର୍ଭୂତ—ବଂ. (ଅନ୍ତର୍-ଭୂ-ତ) ଅନ୍ତର୍ଗତ ।
ଅନ୍ତର୍ଯାମୀ—ବଂ. (ଅନ୍ତର୍-ଯମ୍-ଇନ୍) ଯେ ମନକଥା ଜାଣେ, ବି. ପରମେଶ୍ୱର ।
ଅନ୍ତର୍ହିତ—ବଂ. (ଅନ୍ତର୍-ଧା-ତ) ତିରୋହିତ ।
ଅନ୍ତିକ—ବ. ସନ୍ନିଧାନ ।
ଅନ୍ତିମ—ବଂ. (ଅନ୍ତ-ଇମ) ଶେଷ, ଚରମ ।
ଅନ୍ତେଃଶାଳ—ବ. ସୂତିକାଗୃହ ।
ଅନ୍ତେବାସୀ—ବ. (ଅନ୍ତେ-ବସ୍-ଇନ୍) ଶିଷ୍ୟ ।
ଅନ୍ତ୍ୟ—ବଂ. (ଅନ୍ତ-ଯ) ଶେଷ ; ନୀଚ ।
ଅନ୍ତ୍ୟଜ—ବ. (ଅନ୍ତ୍ୟ-ଜନ୍-ଅ) ନୀଚଜାତୀୟ ଲୋକ । [କାର୍ଯ୍ୟ ।
ଅନ୍ତ୍ୟେଷ୍ଟି—ବ. (ଅନ୍ତ୍ୟ-ଯଜ୍-ତି) ଶବଦାହାଦି
ଅନ୍ତ୍ର—ବ. ଉଦରସ୍ଥ ନାଡ଼ୀ ।
ଅନ୍ଦାଜ—ବ. ଅନୁମାନ ।
ଅନ୍ଦେଶା—ବ. ଅପେକ୍ଷା ।
ଅନ୍ଧ—ବଂ. ଦୃଷ୍ଟିହୀନ ; ଅନ୍ଧକାରମୟ ।

ଅନ୍ଧକାର-ବ. (ଅନ୍ଧ-କୃ-ଅ) ଅନ୍ଧାର ।

ଅନ୍ଧପୁଟୁଳି-ଅଖି ଉପରେ ବନ୍ଧା ପଟୀ ।

ଅନ୍ଧାରକଣା-ବଂ. ସନ୍ଧିରେ ଯାହାକୁ ଦିଶେ ନାହିଁ ।

ଅନ୍ଧାରପକ୍ଷ-ବ. କୃଷ୍ଣପକ୍ଷ ।

ଅନ୍ଧୁଣୀ-ବଂ. ଯେଉଁ ସ୍ତ୍ରୀ ଅନ୍ଧ ।

ଅନ୍ନ-ବ. (ଅଦ୍-ତ) ଭାତ ; ଖାଦ୍ୟ ।

ଅନ୍ନଦା-ବ. (ଅନ୍ନ-ଦା-ଅ) ଅନ୍ନଦାୟିନୀ, ଦୁର୍ଗା ।

ଅନ୍ନପ୍ରାଶନ-ବ. ଶିଶୁର ପ୍ରଥମ ଅନ୍ନଭକ୍ଷଣ ।

ଅନ୍ନମୟକୋଷ-ବ. ସ୍ଥୂଳଶରୀର ।

ଅନ୍ୟ-ସଂ. ଭିନ୍ନ, ଅପର ।

ଅନ୍ୟତମ-ବଂ. ଅନେକଙ୍କ ମଧ୍ୟରେ ଜଣେ ।

ଅନ୍ୟତର-ବଂ. ଦୁଇଜଣଙ୍କ ମଧ୍ୟରେ ଜଣେ ।

ଅନ୍ୟତ୍ର-ଅଂ. (ଅନ୍ୟ-ତ୍ର) ଅନ୍ୟଠାରେ ।

ଅନ୍ୟଥା-ଅଂ (ଅନ୍ୟ-ଥା) ଅନ୍ୟ ପ୍ରକାରେ ।

ଅନ୍ୟଦା-ଅଂ. ଅନ୍ୟ ସମୟରେ ।

ଅନ୍ୟମନସ୍କ-ବଂ. (ଅନ୍ୟ-ମନସ୍-କ) ଅନ୍ୟମନା ।

ଅନ୍ୟାନ୍ୟ-ବଂ. (ଅନ୍ୟ-ଅନ୍ୟ) ଅଉ ଅଉ ।

ଅନ୍ୟାୟ-ବ. ଅବିଚାର ।

ଅନ୍ୟାଯ୍ୟ-ବଂ. ଅନୁଚିତ ; ଅଯୋଗ୍ୟ ।

ଅନ୍ୟୂନ-ବଂ. ନ୍ୟୂନ ନୁହେ ; ସମସ୍ତ ।

ଅନ୍ୟୋନ୍ୟ-ବଂ. (ଅନ୍ୟ-ଅନ୍ୟ), ପରସ୍ପର ।

ଅନ୍ୱୟ-ବ. (ଅନୁ-ଇ-ଅ) ବଂଶ ; ବାକ୍ୟରେ ପଦମାନଙ୍କର ସମ୍ବନ୍ଧ ।

ଅନ୍ୱିତ-ବଂ. (ଅନୁ-ଇ-ତ) ଯୁକ୍ତ ।

ଅନ୍ୱେଷଣ-ବ. (ଅନୁ-ଇଷ୍-ଅନ) ଅନୁସନ୍ଧାନ ।

ଅନ୍ୱେଷ୍ଟବ୍ୟ-ବଂ. ଅନୁସନ୍ଧେୟ ।

ଅପ-ଅଂ. (ଉପସର୍ଗ) ଅପକୃଷ୍ଟ ।

ଅପକର୍ମ-ବ. ନୀଚ ବା ମନ୍ଦ କର୍ମ ।

ଅପକର୍ଷ-ବ. (ଅପ-କୃଷ୍-ଅ) ନିକୃଷ୍ଟତା ।

ଅପକାର-ବ. (ଅପ-କୃ-ଅ) ଅନିଷ୍ଟ ।

ଅପକାରୀ-ବଂ. (ଅପ-କୃ-ଇନ୍) ଅନିଷ୍ଟକାରୀ ।

ଅପକୀର୍ତ୍ତି-ବ. (ଅପ-କୀର୍ତ୍ତି) ଅପଯଶ ।

ଅପକୃଷ୍ଟ-ବଂ. (ଅପ-କୃଷ୍-ତ) ନିକୃଷ୍ଟ ; ହୀନ ।

ଅପକ୍ୱ-ବଂ. କଞ୍ଚା, ଅପରିଣତ ।

ଅପଘନ-ବ. ଶରୀର, ଅଙ୍ଗ ।

ଅପଘାତ-ବ. (ଅପ-ହନ୍-ଅ) ରୋଗ ବ୍ୟତୀତ ମୃତ୍ୟୁର ଅନ୍ୟ କାରଣ ।

ଅପଚୟ-ବ. (ଅପ-ଚି-ଅ) କ୍ଷତି ।

ଅପଚାର-ବ. (ଅପ-ଚର୍-ଅ) ଅପଥ୍ୟଗ୍ରହଣ ।

ଅପଚିତ-ବଂ. ନଷ୍ଟ ।

ଅପଟୁ-ବଂ. ଅକ୍ଷମ ।

ଅପଢ଼-ବ. ବବୋଧ ।

ଅପତ୍ୟ-ବ. ପୁତ୍ରକନ୍ୟା, ସନ୍ତାନ ।

ଅପଥ୍ୟ-ବଂ. (ଅ-ପଥ୍ୟ) ରୋଗୀର ଅଭୋଜ୍ୟ ।

ଅପଦସ୍ଥ-ବଂ. (ଅ-ପଦ-ସ୍ଥା-ଅ) କର୍ମଚ୍ୟୁତ ; ଅପମାନିତ ।

ଅପଦାର୍ଥ-ବଂ. ଅସାର ।

ଅପଦେଶ-ବ. ଛଳ ।

ଅପନୟନ-ବ. (ଅପ-ନୀ-ଅନ) ଦୂରୀକରଣ ।

ଅପନୀତ—ବି. ଦୂରୀକୃତ ।

ଅପନୋଦନ—ବି.(ଅପ-ନୁଦ୍-ଅନ) ଦୂରୀକରଣ ।

ଅପନ୍ତରା—ବି. ଜନ-ସଞ୍ଚାର-ଶୂନ୍ୟ ବସ୍ତିତ ସ୍ଥାନ ।

ଅପଭ୍ରଂଶ—ବି. ମୂଳ ଶବ୍ଦର ପରିବର୍ତ୍ତନ ।

ଅପମାନ—ବି. (ଅପ-ମା-ଅନ) ଅବଜ୍ଞା, ଅନାଦର । [ମୃତ୍ୟୁ ।

ଅପମୃତ୍ୟୁ—ବି. ( ଅପ-ମୃତ୍ୟୁ ) ବଳାତ୍କାରରେ

ଅପଯଶଃ—ବି. ନିନ୍ଦା ।

ଅପର—ବି. ଅନ୍ୟ, ଭିନ୍ନ ।

ଅପରାଜିତ—ବି. (ଅ-ପରା-ଜି-ତ) ଅଜଣା, ଅପ୍ରତିହତ ।

ଅପରାଧ—ବି. (ଅପ-ରାଧ୍-ଅ) ଦୋଷ ।

ଅପରାଦ୍ଧ—ବି. (ଅପ-ରାଧ୍-ତ) ଅପରାଧୀ ।

ଅପରାହ୍ଣ—ବି. (ଅପର-ଅହନ୍-ଅ) ଦିନର ଶେଷଭାଗ ।

ଅପରିଚ୍ଛନ୍ନ—ବି. (ଅ-ପରି-ଛଦ୍-ତ) ମଳିନ ।

ଅପରିଚ୍ଛିନ୍ନ—ବି. (ଅ-ପରି-ଛିଦ୍-ତ) ଅସୀମ ।

ଅପରିଣତ—ବି. (ଅ-ପରି-ନମ୍-ତ) ଅପକ୍ୱ ।

ଅପରିମିତ—ବି. (ଅ-ପରି-ମା-ତ) ପରିମାଣରହିତ । [ଏଡ଼ିବା ଅସାଧ୍ୟ ।

ଅପରିହାର୍ଯ୍ୟ—ବି. (ଅ-ପରି-ହୃ-ଯ) ଯାହାକୁ

ଅପରୂପ—ବି. ଅଦ୍ଭୁତ ।

ଅପରୋକ୍ଷ—ବି. ପ୍ରତ୍ୟକ୍ଷ ।

ଅପର୍ତ୍ତିଆଣି—ବି. ବହୁ ସନ୍ତାନ ମଲାପରେ ବଞ୍ଚିଥିବା ସନ୍ତାନ ।

ଅପର୍ଯ୍ୟାପ୍ତ—ବି. (ଅ-ପରି-ଆପ୍-ତ) ଅପରିମିତ ।

ଅପଳାପ—ବି. (ଅପ-ଲପ୍-ଅ) ଅସ୍ୱୀକାର ।

ଅପବର୍ଗ—ବି. ମୋକ୍ଷ ।

ଅପବାଦ—ବି. (ଅପ-ବଦ୍-ଅ) ନିନ୍ଦା ।

ଅପବ୍ୟୟ—ବି. (ଅପ-ବି-ଇ-ଅ) ବୃଥା ଖରଚ ।

ଅପସରିବା—କ୍ରି. ଘୁଞ୍ଚିଯିବା ।

ଅପସାରିତ—ବି. (ଅପ-ସୃ-ଣିଚ୍-ତ) ଦୂରୀକୃତ ।

ଅପସୃତ—ବି. (ଅପ-ସୃ-ତ) ଅପଗତ ।

ଅପସ୍ମାର—ବି. ମୂର୍ଚ୍ଛାରୋଗ ।

ଅପହତ—ବି. (ଅପ-ହନ୍-ତ) ବିନଷ୍ଟ ।

ଅପହରଣ—ବି. (ଅପ-ହୃ-ଅନ) ଚୋରି ।

ଅପହାରକ—ବି. (ଅପ-ହୃ-ଅକ) ଚୋର ।

ଅପହ୍ନବ, ଅପହ୍ନୁତି } (ଅପ-ହ୍ନୁ-ଅ, ତି) ଅପଳାପ ।

ଅପା—ଜ୍ୟେଷ୍ଠା ଭଗିନୀ ।

ଅପାଙ୍ଗ—ବି. (ଅପ-ଅଙ୍ଗ) ଚକ୍ଷୁର ପ୍ରାନ୍ତଭାଗ; କଟାକ୍ଷ ।

ଅପାତ୍ର—ବି. ଅଯୋଗ୍ୟ ବ୍ୟକ୍ତି ।

ଅପାଦାନ—ବି. (ଅପ-ଆ-ଦା-ଅନ) କାରକବିଶେଷ ।

ଅପାମାର୍ଗ—ବି. ଅପାମାରଙ୍ଗ ଗୁଳ୍ମ ।

ଅପାୟ—ବି. (ଅପ-ଇ-ଅ) ବିନାଶ ; କ୍ଷତି ।

ଅପାର—ବି. ଅସୀମ ।

ଅପାଲଙ୍କ—ବି. ଅନାବୃଷ୍ଟି । [ନାହିଁ ।

ଅପାଲଠି—ବି. ଯେ କାର୍ଯ୍ୟ ନ ପାରି ବାହୁଡ଼େ

ଅପିତ, ଅପିତୁ—ଅ. (ଅପି-ତ,ତୁ) ଅଥବା; କିନ୍ତୁ ।

ଅପିଧାନ—ବି. (ଅପି-ଧା-ଅନ) ଆଚ୍ଛାଦନ ।

ଅପିହିତ—ବିଂ. (ଅପି-ଧା-ତ)ଆଚ୍ଛାଦିତ ।

ଅପୁତ୍ରକ—ବିଂ. ପୁତ୍ରହୀନ ।

ଅପୂର୍ଣ୍ଣ—ବିଂ. ଅସମାପ୍ତ, ଆଂଶିକ ।

ଅପୂର୍ବ—ବିଂ. ଅଦୃଷ୍ଟପୂର୍ବ, ଆଶ୍ଚର୍ଯ୍ୟଜନକ ।

ଅପେକ୍ଷା—ବି. (ଅପ-ଈକ୍ଷ୍-ଅ) ଅନାଇ ରହିବା; ତୁଳନା; ଆକାଂକ୍ଷା ।

ଅପେକ୍ଷିତ—ବିଂ. (ଅପ ଈକ୍ଷ୍-ତ) ଆକାଂକ୍ଷିତ ।

ଅପେୟ—ବିଂ. (ଅ-ପା-ଯ) ପାନର ଅଯୋଗ୍ୟ ।

ଅପୋଗଣ୍ଡ—ବି. ଶିଶୁ ।                [ନୁହେ ।

ଅପୌରୁଷେୟ—ବିଂ. ଯାହା ମନୁଷ୍ୟ-ରଚିତ

ଅପ୍ରକଟ—ବିଂ. ଅପ୍ରକାଶ ।

ଅପ୍ରକୃତ—ବିଂ. କଳ୍ପିତ ; ଅଯଥାର୍ଥ ।

ଅପ୍ରତିଭ—ବିଂ. ( ଅ-ପ୍ରତି-ଭା-ଅ ) ହତବୁଦ୍ଧି, ଲଜ୍ଜିତ ।

ଅପ୍ରତିମ—ବିଂ. (ଅ-ପ୍ରତିମା) ନିରୁପମ, ଅତୁଳ୍ୟ ।

ଅପ୍ରତିହତ—ବିଂ. (ଅ-ପ୍ରତି-ହନ୍-ତ) ପ୍ରତିବନ୍ଧକ-ରହିତ ।

ଅପ୍ରତୁଳ—ବିଂ. ଅଭାବ ।                [ଅଜ୍ଞାତ ।

ଅପ୍ରମେୟ—ବିଂ. ( ଅ-ପ୍ର-ମା-ଯ ) ପ୍ରମାଣର

ଅପ୍ରସ୍ତୁତ—ବିଂ. ଅନନ୍ଷ୍ଠିତ ; ଲଜ୍ଜିତ ।

ଅପ୍ରାକୃତ—ବିଂ. ଅସାଧାରଣ ।

ଅପ୍ରାପ୍ତବୟସ୍କ, ଅପ୍ରାପ୍ତବ୍ୟବହାର—ବିଂ. ନାବାଳକ ।

ଅପ୍ସରା—ବି. (ଅପ୍-ସୃ-ଅସ୍)ସ୍ୱର୍ଗବେଶ୍ୟା ।

ଅଫିମ—ବି. ଅହି ।

ଅବ—ଅ. (ଉପସର୍ଗ) ବିସ୍ତାର, ଅଲମ୍ବନ ।

ଅବକାଶ—ବି. (ଅବ-କାଶ୍-ଅ) ଅବସର, ଛୁଟି ।

ଅବଖୁରା- ବି. କ୍ଷୁଦ୍ର ଜଳପାତ୍ରବିଶେଷ ।

ଅବଗତ—ବିଂ. (ଅବ-ଗମ୍-ତ) ଜ୍ଞାତ ।

ଅବଗତି—ବି. (ଅବ-ଗମ୍-ତି) ଜାଣିବା ।

ଅବଗାହ—ବି. (ଅବ-ଗାହ୍-ଅ) ଅନ୍ତଃପ୍ରବେଶ ।

ଅବଗାହନ—ବି. ଜଳରେ ବୁଡ଼ି ସ୍ନାନ ।

ଅବଗୁଣ୍ଠନ—ବି. (ଅବ-ଗୁଣ୍ଠ-ଅନ) ଓଢ଼ଣା, ଆଚ୍ଛାଦନ ।

ଅବଗୁଣ୍ଠିତ—ବିଂ. ଆଚ୍ଛାଦିତ ।

ଅବଚ୍ଛିନ୍ନ—ବିଂ. (ଅବ-ଛିଦ୍-ତ) ସୀମାବଦ୍ଧ ।

ଅବଚ୍ଛେଦ—ବି. ( ଅବ-ଛିଦ୍-ଅ ) ସୀମା ; ବିଚ୍ଛେଦ ।

ଅବଜ୍ଞା—ବି. (ଅବ-ଜ୍ଞା-ଅ) ଅନାଦର, ଅବମାନ ।

ଅବଜ୍ଞାତ—ବିଂ. ଅନାଦୃତ ।

ଅବଜ୍ଞେୟ—ବିଂ. (ଅବ-ଜ୍ଞା-ଯ) ଅନାଦରଣୀୟ ।

ଅବଢ଼ା—ପୁରୀ ବଡ଼ଦେଉଳର ଅନ୍ନ ।

ଅବତଂସ—ବି. କର୍ଣ୍ଣଭୂଷଣ ; ଶିରୋଭୂଷଣ ।

ଅବତରଣ—ବି. (ଅବ-ତୃ-ଅନ) ଅବରୋହଣ ।

ଅବତରଣିକା—ବି. ଭୂମିକା ।

ଅବତାର–ବି. ( ଅବ-ତୃ-ଅ ) ଦେବତାର ଦେହଧାରଣ ।
ଅବତାରଣା–ବି. ପ୍ରସ୍ତାବନା ।
ଅବତୀର୍ଣ୍ଣ–ବିଂ. (ଅବ-ତୃ-ତ) ନମ୍ନକୁ ଆଗତ ।
ଅବଦାତ–ବିଂ. ନିର୍ମଳ ; ଧବଳ ।
ଅବଦାନ–ବି. ପୁଣ୍ୟକର୍ମ ।
ଅବଦ୍ୟ–ବିଂ ନିନ୍ଦନୀୟ ।
ଅବଧାନ–ବି. (ଅବ-ଧା-ଅନ) ମନୋଯୋଗ ; ପାଠଶାଳୀର ଶିକ୍ଷକ ।
ଅବଧାରଣ–ବି. (ଅବ-ଧୃ-ଇ-ଅ) ସ୍ଥିରୀକରଣ ।
ଅବଧାରିତ–ବିଂ. ସ୍ଥିରୀକୃତ ।
ଅବଧି–ବି. (ଅବ-ଧା-ଇ) ସୀମା, ପର୍ଯ୍ୟନ୍ତ ।
ଅବଧୀରଣା–ବି. ଅବଜ୍ଞା ।
ଅବଧୀରିତ–ବିଂ. ଅବଜ୍ଞାତ ।
ଅବଧୂତ–ବି. ଏକପ୍ରକାର ସନ୍ନ୍ୟାସୀ ।
ଅବଧ୍ୟ–ବିଂ. (ଅବ-ବଧ୍-ଯ) ବଧର ଅଯୋଗ୍ୟ, ଯାହାକୁ ବଧ କରିବା ଉଚିତ ନୁହେ ।
ଅବନତ–ବିଂ. ( ଅବ-ନମ୍-ତ ) ନଇଁଥିବା ; ପ୍ରଣତ, ଅଧୋଗତ । [ଗତ ।
ଅବନତି–ବି. (ଅବ-ନମ୍-ତି) ପ୍ରଣତି, ଅଧୋ-
ଅବନୀ–ବି. ପୃଥିବୀ ।
ଅବନ୍ତୀ–ବି. ମାଳବଦେଶ ।
ଅବବୋଧ–ବି. ସମ୍ୟକ୍ ଜ୍ଞାନ ।
ଅବଭାସ–ବି. ପ୍ରକାଶ ; ଭାନ ।
ଅବଭୃଥ–ବି. ଯଜ୍ଞାନ୍ତେ ସ୍ନାନ । [ମାନ ।
ଅବମାନନା–ବି. (ଅବ-ମାନ୍-ଅନ-ଆ) ଅପ-
ଅବମାନିତ–ବିଂ. ଅପମାନିତ ।
ଅବମୂର୍ଦ୍ଧ–ବି. (ଅବ-ମୂ-ଅ) ଅଙ୍ଗ ; ଶରୀର ।
ଅବର–ବିଂ. (ଅ-ବର) ନିକୃଷ୍ଟ, କନିଷ୍ଠ ।
ଅବରୁଦ୍ଧ–ବିଂ. (ଅବ-ରୁଧ୍-ତ) ବନ୍ଧ ।
ଅବରୋଧ–ବି. ( ଅବ-ରୁଧ୍-ଅ ) ଅନ୍ତଃପୁର, ବେଷ୍ଟନଦ୍ୱାରା ରୋଧ ।
ଅବରୋହ–ବି. (ଅବ-ରୁହ୍-ଅ) ଅବତରଣ ; ଓହ୍ଲାଇ ।
ଅବରୋହଣ–ବି. ଓହ୍ଲାଇବା ।
ଅବର୍ଯ୍ୟା–ବିଂ. କୁତ୍ସିତ । [ଗ୍ରହଣ ।
ଅବଲମ୍ବନ–ବି. ( ଅବ-ଲମ୍ବ୍-ଅନ ) ଆଶ୍ରୟ ;
ଅବଳା–ବି. (ଅ-ବଳ-ଆ) ସ୍ତ୍ରୀ ; ନାରୀ ।
ଅବଲୀଳା–ବି. (ଅବ-ଲୀଳା) ଅନାୟାସ ।
ଅବଲେହ–ବି.।(ଅବ-ଲିହ୍-ଅ) ଚାଟିଖାଇବାର ଔଷଧ ।
ଅବଲୋକନ–ବି. (ଅବ-ଲୁକ୍-ଅନ) ଦର୍ଶନ ।
ଅବଲୋକିତ–ବିଂ. ଦୃଷ୍ଟ ।
ଅବଶ–ବିଂ. ଅନାୟତ୍ତ ।
ଅବଶିଷ୍ଟ–ବିଂ. (ଅବ-ଶିଷ୍-ତ) ବାକି ।
ଅବଶେଷ–ବି. ( ଅବ-ଶିଷ୍-ଅ ) ପରିଶେଷ ; ଶେଷ ।
ଅବଶ୍ୟ–ଅ°. ଅନିବାର୍ଯ୍ୟରୂପେ ।
ଅବଶ୍ୟମ୍ଭାବୀ–ବିଂ. ( ଅବଶ୍ୟ-ଭୂ-ଣିନ୍-ଇନ୍ ) ଅନିବାର୍ଯ୍ୟ ।
ଅବଷ୍ଟମ୍ଭ–(ଅବ-ସ୍ତନ୍ଭ୍-ଅ) ସ୍ତମ୍ଭିତ ।
ଅବସନ୍ନ–ବିଂ. (ଅବ-ସଦ୍-ତ) ଶ୍ରାନ୍ତ ; କ୍ଲାନ୍ତ ।

ଅବସର-ବି. (ଅବ-ସୃ-ଅ) ଅବକାଶ ।
ଅବସାଦ-ବି. (ଅବ-ସଦ୍-ଅ) କ୍ଳାନ୍ତି ।
ଅବସାନ-ବି. (ଅବ-ସୋ-ଅନ) ଶେଷ ।
ଅବସିତ-ବିଂ. (ଅବ-ସୋ-ତ) ସମାପ୍ତ ।
ଅବସ୍ଥା-ବି. (ଅବ-ସ୍ଥା-ଅ) ଦଶା ।
ଅବସ୍ଥାନ-ବି. (ଅବ-ସ୍ଥା-ଅନ) ସ୍ଥିତି ।
ଅବସ୍ଥିତ-ବିଂ. (ଅବ-ସ୍ଥା-ତ) ସ୍ଥିତ ।
ଅବହିତ-ବିଂ. (ଅବ-ଧା-ତ) ମନୋଯୋଗୀ ।
ଅବହେଳା-ବି. ଅଯତ୍ନ ହେଳା ।
ଅବା-ଅଂ. ଅବା ।
ଅବାକ୍-ବିଂ. ବାକ୍ୟହୀନ ।
ଅବାଙ୍ମୁଖ-ବିଂ. ଅଧୋମୁଖ ।
ଅବାଚୀ-ବି. ଦକ୍ଷିଣଦିଗ୍ ।
ଅବାଚ୍ୟ-ବିଂ. (ଅ-ବଚ୍-ଯ) ଅକଥ୍ୟ ।
ଅବାଟ-ବି. ଅମଡ଼ା ପଥ ।
ଅବାଧ-ବିଂ. ବାଧାରହିତ ।
ଅବାଧ୍ୟ-ବିଂ. (ଅ-ବାଧ୍-ଯ) ଅବଶୀଭୂତ ।
ଅବାନ୍ତର-ବିଂ. ( ଅବ-ଅନ୍ତର ) ପ୍ରଧାନର ଅନ୍ତର୍ଗତ ।
ଅବାରିତ-ବିଂ. (ଅ-ବୃ-ଣିଚ୍-ତ) ଅରୁଦ୍ଧ ।
ଅବିକଳ-ବିଂ. ଠିକ୍, ଅବିକୃତ ।
ଅବିଗୁଣ-ବି. ଦୋଷ ।
ଅବିଚଳିତ-ବିଂ. ସ୍ଥିର, ଦୃଢ଼ ।
ଅବିଚାର-ବି. ଅନ୍ୟାୟ ବିଚାର ।
ଅବିତଥ-ବିଂ. ଯଥାର୍ଥ, ସତ୍ୟ ।
ଅବିଦିତ-ବିଂ. ଅଜ୍ଞାତ ।
ଅବିଦ୍ୟା-ଅଜ୍ଞାନ, ମାୟା ।
ଅବିଧି-ବି. ଅନିୟମ ।
ଅବିନୟ-ବି. ଧୃଷ୍ଟତା, ଅଶିଷ୍ଟତା ।
ଅବିନଶ୍ୱର-ବିଂ. (ଅ-ବିନଶ୍ୱର) ନିତ୍ୟସ୍ଥାୟୀ ।
ଅବିନୀତ-ବିଂ. (ଅ-ବିନୀତ) ଉଦ୍ଧତ ; ଗର୍ବୀ ।
ଅବିମୃଷ୍ୟକାରୀ-ବିଂ. (ଅ-ବି-ମୃଷ୍-ଯ-କୃ-ଇନ୍) ଯେ ବିଚାର ନ କରି କର୍ମ କରେ ।
ଅବିର-ବି. ଫଗୁ ।
ଅବିରତ-ବିଂ.( ଅ-ବି-ରମ୍-ତ) ଅନବରତ ।
ଅବିରଳ-ବିଂ. ନିବିଡ଼, ଘନ ।
ଅବିରାମ-ବିଂ. ଅବିଶ୍ରାନ୍ତ ।
ଅବିବେକୀ-ବିଂ. (ଅ-ବିବେକ-ଇନ୍) ବିବେକ-ଶୂନ୍ୟ ।
ଅବିଶ୍ରାନ୍ତ-ବିଂ. (ଅ-ବି-ଶ୍ରମ୍-ତ) ଅନବରତ ।
ଅବିହିତ-ବିଂ. (ଅ-ବି-ଧା-ତ) ଅନୁଚିତ ।
ଅବୀରା-ବିଂ. ପତିପୁତ୍ରହୀନା ।
ଅବୁଝ-ବିଂ. ଯେ ବୁଝେ ନାହିଁ ।
ଅବେକ୍ଷଣ-ବି. (ଅବ-ଈକ୍ଷ୍-ଅନ) ଦେଖିବା ।
ଅବୈତନିକ-ବିଂ. ( ଅ-ବେତନ-ଇକ ) ଯେ ବେତନଭୋଗୀ ନୁହେ ।
ଅବୈଧ-ବିଂ. (ଅ-ବିଧି-ଅ) ଅସଙ୍ଗତ ; ଅଯୌକ୍ତିକ ।
ଅବୋଧ-ବିଂ. (ଅ-ବୋଧ) ଅଜ୍ଞାନ ।
ଅବ୍ୟକ୍ତ-ବିଂ. ଅପ୍ରକାଶିତ ।
ଅବ୍ୟୟ-ବି. (ଅ-ବି-ଇ-ଅ) ଯେଉଁ ଶବ୍ଦର ବିଭକ୍ତି ନ ଥାଏ । ବିଂ. ଅକ୍ଷୟ ; ଅବିନାଶୀ ।
ଅବ୍ୟର୍ଥ-ବିଂ. (ଅ-ବ୍ୟର୍ଥ) ସଫଳ ।

ଅବ୍ୟବସ୍ଥିତ-ବି. (ଅ-ବି-ଅବ-ସ୍ଥା-ତ) ଅସ୍ଥିର ।

ଅବ୍ୟବହିତ-ବି. (ଅ-ବି-ଅବ-ଧା-ତ) ବ୍ୟବଧାନଶୂନ୍ୟ, ସନ୍ନିହିତ । [ରହିତ ।

ଅବ୍ୟାହତ-ବି. (ଅ-ବି-ଆ-ହନ୍-ତ)ବ୍ୟାଘାତ-

ଅବ୍ୟାହୃତି-ବ. (ଅ-ବି-ଆ-ହୃ-ତି) ନିସ୍ତାର, ପରିତ୍ରାଣ ।

ଅବ୍ଜ-ବ. (ଅପ୍-ଜନ୍-ଅ) ଶଙ୍ଖ ; ପଦ୍ମ ।

ଅବ୍ଦ-ବ. ବର୍ଷ ।

ଅବ୍ଧି-ବ. (ଅପ୍-ଧା-ଇ) ସମୁଦ୍ର ।

ଅଭକ୍ତି-ବ. (ଅ-ଭକ୍ତି) ଘୃଣା ; ଅଶ୍ରଦ୍ଧା ।

ଅଭର୍ତ୍ସ-ବି. (ଅ-ଭ୍ରୀ-ଅ) ଭୟଶୂନ୍ୟ, ବ. ଅଶ୍ୱାସ ।

ଅଭାଗା-ବି. ହତଭାଗ୍ୟ ।

ଅଭାଗ୍ୟ-ବ. ମନ୍ଦଭାଗ୍ୟ ।

ଅଭାଜନ-ବି. ଅପାତ୍ର, ଅଯୋଗ୍ୟ ।

ଅଭାବ-ବ. ହୀନତା, ପ୍ରୟୋଜନ ।

ଅଭାବନୀୟ-ବି. (ଅ-ଭୂ-ଅନୀୟ) ଅଚିନ୍ତନୀୟ ।

ଅଭି-ଅ. (ଉପସର୍ଗ) ନୈକଟ୍ୟ, ସର୍ବତୋଭାବ ।

ଅଭିଖ୍ୟା-ବ. ନାମ ; ଶୋଭା ।

ଅଭିଗମନ-ବ. ଅଭିମୁଖେ ଗମନ ।

ଅଭିଘାତ-ବ.(ଅଭି-ହନ୍-ତ) ଆଘାତ, ହତ୍ୟା ।

ଅଭିଜାତ-ବି. (ଅଭି-ଜନ୍-ତ) କୁଳୀନ, ଉଚ୍ଚବଂଶୀୟ ।

ଅଭିଜ୍ଞ-ବି. (ଅଭି-ଜ୍ଞା-ଅ) ଜ୍ଞାନବାନ୍ ।

ଅଭିଜ୍ଞତା-ବ. (ଅଭିଜ୍ଞ-ତା) ସମ୍ୟକ୍ ଜ୍ଞାନ ।

ଅଭିଜ୍ଞାନ-(ଅଭି-ଜ୍ଞା-ଅନ) ଚିହ୍ନ, ସ୍ମାରକବସ୍ତୁ ।

ଅଭିଧା-ବ. ନାମ, ଅର୍ଥ । [ବୋଷ ।

ଅଭିଧାନ-ବ. (ଅଭି-ଧା-ଅନ) ନାମ ; ଶବ୍ଦ-

ଅଭିଧେୟ-ବି. (ଅଭି-ଧା-ଯ) ବାଚ୍ୟ ।

ଅଭିନନ୍ଦନ-ବ. (ଅଭି-ନନ୍ଦ୍-ଅନ) ପ୍ରଶଂସା, ସାଦର ଅଭ୍ୟର୍ଥନା ।

ଅଭିନୟ-ବ. (ଅଭି-ନୀ-ଅ) ନାଟକପ୍ରଦର୍ଶନ ।

ଅଭିନବ-ବି. (ଅଭି-ନୁ-ଅ) ନୂତନ ।

ଅଭିନିବିଷ୍ଟ-ବି. (ଅଭି-ନି-ବିଶ୍-ତ) ମନୋଯୋଗୀ ।

ଅଭିନିବେଶ-ବ. (ଅଭି + ନି + ବିଶ୍-ଅ) ଏକାନ୍ତ ମନୋଯୋଗ । [ପ୍ରଦର୍ଶିତ ।

ଅଭିନୀତ-ବି. (ଅଭି-ନୀ-ତ) ରଙ୍ଗଭୂମିରେ

ଅଭିନେତା-ବ. (ଅଭି-ନୀ-ତୃ) ଅଭିନୟକାରୀ ।

ଅଭିନ୍ନ-ବି. (ଅ-ଭିଦ୍-ତ) ଭେଦରହିତ ।

ଅଭିପ୍ରାୟ-ବ. (ଅଭି-ପ୍ର-ଇ-ଅ) ଆଶୟ, ଭାବ । [ସମ୍ମତ ।

ଅଭିପ୍ରେତ-ବି. (ଅଭି-ପ୍ର-ଇ-ତ) ବାଞ୍ଛିତ ।

ଅଭିଭାବକ-ବ. (ଅଭି-ଭୂ-ଅକ) ରକ୍ଷକ ।

ଅଭିଭୂତ-ବି. ଅଚ୍ଛନ୍ନ, ଅବସନ୍ନ ।

ଅଭିମତ-ବ. (ଅଭି-ମନ୍-ତ) ମତ ; ବି. ଅଭୀଷ୍ଟ ।

ଅଭିମନ୍ୟୁ-ବ. ଅର୍ଜୁନଙ୍କ ପୁତ୍ର । [କାର ।

ଅଭିମାନ-ବ. (ଅଭି-ମା-ଅନ) ଗର୍ବ ; ଅହଂ-

ଅଭିମୁଖ-ବ. (ଅଭି-ମୁଖ) ସମ୍ମୁଖ ।

ଅଭିଯାନ-ବ. (ଅଭି-ଯା-ଅନ) ଆକ୍ରମଣ, ଯୁଦ୍ଧଯାତ୍ରା ।

ଅଭିଯୁକ୍ତ-ବି. (ଅଭି-ଯୁଜ୍-ତ) ଆକ୍ରାନ୍ତ ; ପ୍ରତିବାଦୀ । [କାରୀ; ବାଦୀ ।

ଅଭିଯୋକ୍ତା-ବି.(ଅଭି-ଯୁଜ୍-ତୃ) ଅଭିଯୋଗ-

ଅଭିଯୋଗ-ବି. (ଅଭି-ଯୁଜ୍-ଅ) ନାଲିଶ ।

ଅଭିରାମ-ବି. (ଅଭି-ରମ୍-ଅ) ସୁନ୍ଦର; ପ୍ରିୟ ।

ଅଭିରୁଚି-ବି. (ଅଭି-ରୁଚ୍-ଇ) ସ୍ପୃହା, ଇଚ୍ଛା ।

ଅଭିଲଷିତ-ବି. (ଅଭି-ଲଷ୍-ତ) ବାଞ୍ଛିତ, ଇଷ୍ଟ ।

ଅଭିଲାଷ-ବି. (ଅଭି-ଲଷ୍-ଅ) ସ୍ପୃହା, ବାଞ୍ଛା ।

ଅଭିବାଦନ-ବି. (ଅଭି-ବଦ୍-ଣିଚ୍-ଅନ) ବନ୍ଦନ, ପ୍ରଣାମ ।

ଅଭିବ୍ୟକ୍ତ-ବି. (ଅଭି-ବି-ଅଞ୍ଜ୍-ତ) ପ୍ରକାଶିତ ।

ଅଭିଶପ୍ତ-ବି. (ଅଭି-ଶପ୍-ତ) ଶାପଗ୍ରସ୍ତ ।

ଅଭିଶାପ-ବି. (ଅଭି-ଶପ୍-ଅ) ଶାପ, ଅଭିସମ୍ପାତ ।

ଅଭିଷବ-ବି. ଯଜ୍ଞସ୍ନାନ ।

ଅଭିଷିକ୍ତ-ବି. (ଅଭି-ସିଚ୍-ତ) ସ୍ନାତ, ଉଚ୍ଚପଦରେ ପ୍ରତିଷ୍ଠିତ ।

ଅଭିଷେକ-ବି. (ଅଭି-ସିଚ୍-ଅ) ମନ୍ତ୍ରଜଳ ସେଚନପୂର୍ବକ ସିଂହାସନରେ ସ୍ଥାପନ ।

ଅଭିସନ୍ଧି-ବି. (ଅଭି-ସମ୍-ଧା-ଇ) ଗୁପ୍ତ ଅଭିପ୍ରାୟ । [ଶାପ ।

ଅଭିସମ୍ପାତ-ବି. (ଅଭି-ସମ୍-ପତ୍-ଅ) ଅଭି-

ଅଭିସାର-ବି. (ଅଭି-ସୃ-ଅ) ସଙ୍କେତସ୍ଥାନକୁ ଗମନ । [ସଙ୍କେତସ୍ଥାନଗାମିନୀ ।

ଅଭିସାରିକା-ବି. (ଅଭି-ସୃ-ଅକ-ସ୍ତ୍ରୀ-ଆ)

ଅଭିହିତ-ବି. (ଅଭି-ଧା-ତ) କଥିତ ।

ଅଭୀଷ୍ଟ-ବି. (ଅଭି-ଇଷ୍-ତ) ବାଞ୍ଛିତ ।

ଅଭୁକ୍ତ-ବି. (ଅ-ଭୁଜ୍-ତ) ଯେ ଭୋଜନ କରିନାହିଁ ।

ଅଭୂତପୂର୍ବ-ବି. ଅଘଟିତପୂର୍ବ । [ସ୍ନାନ ।

ଅଭେକା-ବି. (ଅ-ବେଶଶବ୍ଦରୁ ଭେକ) ବସ୍ତ୍ର-

ଅଭେଦ୍ୟ-ବି. (ଅ-ଭିଦ୍-ଯ) ଭେଦର ଅଶକ୍ୟ ।

ଅଭ୍ୟଙ୍ଗ-ବି. (ଅଭି-ଅଞ୍ଜ୍-ଅ) ତୈଳମର୍ଦ୍ଦନ ।

ଅଭ୍ୟନ୍ତର-ବି. (ଅଭି-ଅନ୍ତର) ମଧ୍ୟ ।

ଅଭ୍ୟର୍ଥନା-ବି. (ଅଭି-ଅର୍ଥ-ଅନ-ଆ) ଭଦ୍ର ଅତିଥି ପ୍ରତି ସମାଦର । [ଶିକ୍ଷିତ ।

ଅଭ୍ୟସ୍ତ-ବି. (ଅଭି-ଅସ୍-ତ) ଅଭ୍ୟାସଦ୍ୱାରା

ଅଭ୍ୟାଗତ-ବି. (ଅଭି-ଆ-ଗମ୍-ତ) ଅତିଥି ।

ଅଭ୍ୟାସ-ବି. (ଅଭି-ଅସ୍-ଅ) ପୁନଃ ପୁନଃ ଅନୁଶୀଳନ । [ସେଚନ ।

ଅଭ୍ୟୁକ୍ଷଣ-ବି. (ଅଭି-ଉକ୍ଷ୍-ଅନ) ଜଳ-

ଅଭ୍ୟୁତ୍ଥାନ-ବି. (ଅଭି-ଉତ୍-ସ୍ଥା-ଅନ) ଅଭ୍ୟୁଦୟ ।

ଅଭ୍ୟୁଦୟ-ବି. (ଅଭି-ଉତ୍-ଇ-ଅ) ଉନ୍ନତି ।

ଅଭ୍ର-ବି. ଆକାଶ ; ମେଘ ; ମେଘଜାଲଧାତୁ ।

ଅଭ୍ରଂକଷ-ବି. ଆକାଶସ୍ପର୍ଶୀ, ମେଘସ୍ପର୍ଶୀ ।

ଅଭ୍ରାନ୍ତ-ବି. (ଅ-ଭ୍ରମ୍-ତ) ଭ୍ରମଶୂନ୍ୟ ।

ଅମଙ୍ଗ-ବି. ଅସମ୍ମତ । [ଅଶୁଭ ।

ଅମଙ୍ଗଳ-ବି. (ଅ-ମଙ୍ଗଳ) ମଙ୍ଗଳଶୂନ୍ୟ,

ଅମଡ଼ା-ବି. (ଅ-ମର୍ଦ୍ଦଧାତୁରୁ) ଯାହା କେହି ମାଡ଼ି ନାହିଁ ।

ଅମତ–ବି. (ଅ-ମନ୍-ତ) ଅସମ୍ମତ ।

ଅମପା–ବି. (ଅ-ମା ଧାତୁରୁ) ଯାହା ମପା ହୋଇ ନାହିଁ ।

ଅମର–ବି. (ଅ-ମୃ-ଅ) ଦେବତା, ବି. ମରଣ-ଶୂନ୍ୟ ।

ଅମରପୋଇ–ବି. ଉଦ୍ଭିଦବିଶେଷ ।

ଅମରାବତୀ–ବି. ଇନ୍ଦ୍ରନଗରୀ ।

ଅମଳ–ବି. (ଅ-ମଳ) ନିର୍ମଳ ।

ଅମଲ–ବି. ମାଦକର ଅଭ୍ୟାସ ।

ଅମଲ–ବି. ଅଧିକାର ।

ଅମା–ଅ. (ଅ-ମା) ଅମାବାସ୍ୟା ।

ଅମାତ୍ୟ–ବି. ମନ୍ତ୍ରୀ ।

ଅମାନତି–ଫା. ବି. ଅର୍ପିତ ।

ଅମାନିଆ–ବି. ଯେ ମାନେ ନାହିଁ ।

ଅମାପ–ବି. (ଅ-ମା ଧାତୁରୁ) ଅପରିମିତ ।

ଅମାବସ୍ୟା, ଅମାବାସ୍ୟା, ଅମାସ୍ୟା–ବି. (ଅମା-ବସ୍-ଯ) କୃଷ୍ଣପକ୍ଷର ଶେଷତିଥି ।

ଅମାୟିକ–ବି. (ଅ-ମାୟା-ଇକ) ଅକପଟ ।

ଅମାର–ବି. ଶସ୍ୟାଗାର, କୋଠି ।

ଅମାରି–ହି. ହାତୀଉପରସ୍ଥ ହାଉଦା ।

ଅମାଳୁ–ବି. ପିଷ୍ଟକବିଶେଷ ।

ଅମିତ–ବି. (ଅ-ମା-ତ) ଅପରିମିତ ।

ଅମିନ–ଫା. ବି. ଭୂମିପରିମାପକ କର୍ମଚାରୀ ।

ଅମିୟ–ବି. (ଅମୃତଶବ୍ଦରୁ) ଅମୃତ ।

ଅମିଶ୍ର–ବି. (ଅ-ମିଶ୍ର) ନିଛାଟିଆ ।

ଅମୀର–ବି. ଧନୀ ।

ଅମୁକ, ଅମୁକେଇ–(ଅମୁକଶବ୍ଦରୁ) ଅନିର୍ଦ୍ଦିଷ୍ଟ ବ୍ୟକ୍ତି ।

ଅମୂଳକ–ବି. (ଅ-ମୂଳ-କ) ମୂଳଶୂନ୍ୟ; ମିଥ୍ୟା ।

ଅମୂଲ୍ୟ–ବି. (ଅ-ମୂଲ୍ୟ) ଯାହାକୁ କେହି ମୂଲ୍ୟ-ଦ୍ୱାରା କିଣି ନ ପାରେ । [ଅବିନାଶୀ ।

ଅମୃତ–ବି. (ଅ-ମୃ-ତ) ସୁଧା, ସୁସ୍ୱାଦୁ ବସ୍ତୁ, ବି.

ଅମୃତମଣୋହି–ଜଗନ୍ନାଥଠାକୁର ଉଦ୍ଦେଶରେ ଅର୍ପିତ ।

ଅମେଧ୍ୟ–ବି. (ଅ-ମେଧ୍ୟ) ଅପବିତ୍ର ।

ଅମେୟ–ବି. (ଅ-ମା-ଯ) ଅପରିମେୟ ।

ଅମେଲ–ବି. ପ୍ରଭେଦ ।

ଅମୋଘ–ବି. (ଅ-ମୋଘ) ଅବ୍ୟର୍ଥ ।

ଅମ୍ବକ–ବି. ଚକ୍ଷୁ, ନେତ୍ର ।

ଅମ୍ବର–ବି. ଆକାଶ; ବସ୍ତ୍ର ।

ଅମ୍ବା–ବି. ମାତା, ଦୁର୍ଗା ।

ଅମ୍ବିକା–ବି. ଜଗନ୍ମାତା, ଦୁର୍ଗା ।

ଅମ୍ବୁ–ବି. ଜଳ ।

ଅମ୍ବୁଜ–ବି. (ଅମ୍ବୁ-ଜନ୍-ଅ) ପଦ୍ମ ।

ଅମ୍ବୁଦ–ବି. (ଅମ୍ବୁ-ଦା-ଅ) ମେଘ ।

ଅମ୍ବୁଧି–ବି. (ଅମ୍ବୁ-ଧା-ଇ) ସମୁଦ୍ର ।

ଅମ୍ବୁରାଶି–ବି. (ଅମ୍ବୁ-ରାଶି) ସମୁଦ୍ର ।

ଅମ୍ଭଃ–ବି. ଜଳ ।

ଅମ୍ଭୋଜ–ବି. (ଅମ୍ଭଃ-ଜନ୍-ଅ) ପଦ୍ମ ।

ଅମ୍ଭୋଦାମୀ–ବି. ଜଳପରି ଧନକୁ ଯେ ଢାଳି ଦିଏ, ବଡ଼ ଦାତା ।

ଅମ୍ଳ-ବି. ଖଟା ।
ଅମୃଣ୍ଡିଆ-ବିଂ. ଠାକୁରଙ୍କନିମିତ୍ତ ନୈବେଦ୍ୟ ।
ଅଯତ୍ନ-ବି. ଅନାଦର, ଅନାସ୍ଥା ।
ଅଯଥାର୍ଥ-ବିଂ. (ଅ-ଯଥା-ଅର୍ଥ) ଅପ୍ରକୃତ ।
ଅୟନ-ବି. ପଥ, ଗତି ।
ଅଯଶଃ-ବି. (ଅ-ଯଶଃ) ଅଖ୍ୟାତି ।
ଅୟସ୍-ବି. ଲୌହ ।
ଅୟସ୍କାନ୍ତ-ବି. ଚୁମ୍ବକ ।
ଅଯାଚିତ-ବିଂ. (ଅ-ଯାଚ୍-ତ) ଅପ୍ରାର୍ଥିତ ।
ଅଯୁକ୍ତ-ବିଂ. (ଅ-ଯୁଜ୍-ତ) ଅସଙ୍ଗତ ।
ଅଯୁଗ୍ମ-ବିଂ. (ଅ-ଯୁଗ୍ମ) ବିଷମ ।
ଅଯୁତ-ବିଂ. ଦଶସହସ୍ର ।
ଅୟି } କୋମଳ ସମ୍ବୋଧନପଦ ।
ଅୟେ }
ଅଯୌକ୍ତିକ-ବିଂ. (ଅ-ଯୁକ୍ତି-କ) ଯୁକ୍ତିବିରୁଦ୍ଧ ।
ଅର-ବି. ଚକ୍ରର ନାଭି ଓ ନେମିରେ ସଂଯୋଜିତ କାଷ୍ଠ ।
ଅରକ୍ଷିତ-ବିଂ. (ଅ-ରକ୍ଷ୍-ତ) ନିରାଶ୍ରୟ ।
ଅରଖ୍-ବି. ନିର୍ଯ୍ୟାସ ।
ଅରଗଳ-ବି. କିଳିଣୀ ।
ଅରଘଟ୍ଟ-ବି. ଅରଯୁକ୍ତ ଜଳ କାଢ଼ିବା ଯନ୍ତ୍ର ।
ଅରଜ-ବି. ନିବେଦନ ; ଦରଖାସ୍ତ । [ଯନ୍ତ୍ର ।
ଅରଟ-ବି. (ଅରଘଟ୍ଟଶବ୍ଦଜ) ସୂତା କାଟିବାର
ଅରଣା-ବିଂ. (ଅରଣ୍ୟଶବ୍ଦଜ) ବନ୍ୟ ।

ଅରଣି-ବି. ଘର୍ଷଣଦ୍ୱାରା ଅଗ୍ନି ବାହାର କରିବାର କାଷ୍ଠ ।
ଅରଣ୍ୟ-ବି. ବନ ।
ଅରଣ୍ୟାନୀ-ବି. ମହାରଣ୍ୟ ।
ଅରବିନ୍ଦ-ବି. ପଦ୍ମ ।
ଅରମା-ବିଂ. ଅପରିଷ୍କୃତ ।
ଅରାଜକ-ବିଂ. (ଅ-ରାଜନ୍-କ) ରାଜଶୂନ୍ୟ ।
ଅରାତି-ବି. ଶତ୍ରୁ ।
ଅରି-ବି. ଶତ୍ରୁ ।
ଅରିନ୍ଦମ-ବିଂ.(ଅରିଂ-ଦମ୍-ଅ) ଶତ୍ରୁଦମନକାରୀ ।
ଅରିଷ୍ଟ-ବି. ମଙ୍ଗଳ ; ରିଷ୍ଟ । [ଆତପତଣ୍ଡୁଳ ।
ଅରୁଆ-ବି. ( ବୈଦିକ ଅରୁତ=ଅଭଙ୍ଗା )
ଅରୁଚି-ବି. ଅଶ୍ରଦ୍ଧା ।
ଅରୁଣ-ବି. ସୂର୍ଯ୍ୟସାରଥି ; ବିଂ. ଲୋହିତ ।
ଅରୁଣିମା-ବି. (ଅରୁଣ-ଇମନ) ରକ୍ତିମା ।
ଅରୁନ୍ଧତୀ-ବି. ବଶିଷ୍ଠପତ୍ନୀ, ତାରାବିଶେଷ ।
ଅର୍କ-ବି. ସୂର୍ଯ୍ୟ ; ବୃକ୍ଷବିଶେଷ ।
ଅର୍ଗଳ-ବି. କବାଟର କିଳିଣୀ ।
ଅର୍ଘ-ବି. ମୂଲ୍ୟ ।
ଅର୍ଘ୍ୟ-ବିଂ. (ଅର୍ଘ-ଯ) ପୂଜାର ସାମଗ୍ରୀ ।
ଅର୍ଚ୍ଚନା-ବି. (ଅର୍ଚ୍ଚ୍-ଅନ-ଆ) ପୂଜା ।
ଅର୍ଚ୍ଚିତ-ବିଂ. (ଅର୍ଚ୍ଚ୍-ତ) ପୂଜିତ ।
ଅର୍ଚ୍ଚିଃ-ବି. ଦୀପ୍ତି ; ଜ୍ୱାଳା ।
ଅର୍ଜ୍ଜନ-ବି. (ଅର୍ଜ୍-ଅନ) ଉପାର୍ଜ୍ଜନ ।
ଅର୍ଣ୍ଣବ-ବି. ସମୁଦ୍ର ।
ଅର୍ଥ-ବି. ଧନ ; ତାତ୍ପର୍ଯ୍ୟ ; ଉଦ୍ଦେଶ୍ୟ ।

ଅର୍ଥକରୀ-ବିଂ. (ଅର୍ଥ-କୃ-ଅ-ଈ) ଯଦ୍ୱାରା ଧନ-ଲାଭ ହୁଏ ।

ଅର୍ଥାନ୍ତର-ବି. (ଅର୍ଥ-ଅନ୍ତର) ଅନ୍ୟଅର୍ଥ ।

ଅର୍ଥୀ-ବିଂ. (ଅର୍ଥ୍-ଇନ୍) ପ୍ରାର୍ଥୀ ।

ଅର୍ଦ୍ଦିତ-ବିଂ. (ଅର୍ଦ୍ଦ୍-ତ) ପୀଡ଼ିତ ।

ଅର୍ଦ୍ଧ-ବି. ଦୁଇ ସମାଂଶର ଏକ ଅଂଶ ।

ଅର୍ଦ୍ଧଚନ୍ଦ୍ର-ବି. ଖଣ୍ଡଚନ୍ଦ୍ର ; ଧକ୍କା ।

ଅର୍ଦ୍ଧାଙ୍ଗୀ-ବି. ଶରୀରର ଅର୍ଦ୍ଧ, ପତ୍ନୀ ।

ଅର୍ପଣ-ବି. (ଋ-ଣିଚ୍-ଅନ) ସମର୍ପଣ ।

ଅର୍ପିତ-ବିଂ (ଋ-ଣିଚ୍-ତ) ଦତ୍ତ ।

ଅର୍ଭକ-ବି. (ଅର୍ଭ-କ) ବାଳକ, ଶିଶୁ ।

ଅର୍ଯ୍ୟମା-ବି. ସୂର୍ଯ୍ୟ ।

ଅର୍ବାଚୀନ-ବିଂ. ନୂତନ ; ଅଧମ ।

ଅର୍ବୁଦ-ବି. ଦଶକୋଟି ସଂଖ୍ୟା ।

ଅର୍ଶ-ବି. ରୋଗବିଶେଷ ।

ଅର୍ହ-ବିଂ. (ଅର୍ହ୍-ଅ) ଉପଯୁକ୍ତ, ଯୋଗ୍ୟ ।

ଅଳକ-ବି. ଚୂର୍ଣ୍ଣକୁନ୍ତଳ ।

ଅଳକା-ବି. କୁବେରପୁରୀ ।

ଅଳକ୍ତ-ବି. ଲାକ୍ଷାରସ ।

ଅଲକ୍ଷଣ-ବି. (ଅ-ଲକ୍ଷ୍-ଅନ) ମନ୍ଦଲକ୍ଷଣ ।

ଅଲକ୍ଷିତ-କ୍ରିଂ. ବିଂ. ଅଦୃଷ୍ଟଭାବରେ ।

ଅଲକ୍ଷ୍ୟ, ଅଲଖ } ବିଂ. (ଅ-ଲକ୍ଷ୍-ଯ) ଅଦୃଶ୍ୟ ।

ଅଳଙ୍କାର-ବି. (ଅଲମ୍-କୃ-ଅ) ଭୂଷଣ ।

ଅଳଙ୍କୃତ-ବିଂ. (ଅଲମ୍-କୃ-ତ) ଭୂଷିତ ।

ଅଲଗା-ବିଂ. (ଅଲଗ୍ନଶବ୍ଦରୁ) ପୃଥକ୍ ।

ଅଲଗୁଣି-ବି. ବସ୍ତ୍ର ରଖିବାନିମିତ୍ତ ରଜ୍ଜୁ ବା ଦଣ୍ଡ ।

ଅଲଙ୍ଘ୍ୟ-ବିଂ (ଅ-ଲଙ୍ଘ୍-ଯ) ଅନତିକ୍ରମଣୀୟ ।

ଅଲଣା-ବିଂ. (ଅଲବଣଶବ୍ଦଜ) ଲବଣଶୂନ୍ୟ ।

ଅଳତା-ବି. (ଅଳକ୍ତଶବ୍ଦରୁ) ଲାକ୍ଷାରସ ।

ଅଳନ୍ଧୁ-ବି. (ଅଳଂ-ଧୂମଶବ୍ଦରୁ) ଧୂଆଁଘଟିତ ଝୁଲ ।

ଅଳସ-ବି. (ଅ-ଲସ୍-ଅ) ଅଳସୁଆ ।

ଅଳି-ବି. ଭ୍ରମର ।

ଅଲ୍ଲୟା-ବି. ଝାଟୁଆ ।

ଅଲଭ୍ୟ-ବିଂ. (ଅ-ଲଭ୍-ଯ) ଅପ୍ରାପ୍ୟ ।

ଅଳାବୁ-ବି. ଲାଉ ।

ଅଳିନ୍ଦ-ବି. ବାରନ୍ଦା ।

ଅଳୀକ-ବି. ମିଥ୍ୟା ।

ଅଲୌକିକ-ବିଂ.(ଅ-ଲୋକ-ଇକ)ଅସାମାନ୍ୟ ।

ଅଳ୍ପ-ବିଂ. ଈଷତ୍ ; କମ୍ ।

ଅଲ୍ୟଳି-ବିଂ. ଟେଙ୍କା ।

ଅଶକ୍ତ-ବିଂ. (ଅ-ଶକ୍-ତ) ଅସମର୍ଥ ।

ଅଶନ-ବି. (ଅଶ୍-ଅନ) ଭୋଜନ ।

ଅଶନି-ବି. ବଜ୍ର ।

ଅଶରଣ-ବିଂ. ନିରାଶ୍ରୟ ।

ଅଶରୀରୀ-ବିଂ. ଶରୀରହୀନ ।

ଅଶାନ୍ତି-ବି. (ଅ-ଶମ୍-ତି) ସନ୍ତାପ ।

ଅଶାସ୍ତ୍ରୀୟ-ବିଂ. ଶାସ୍ତ୍ରବିରୁଦ୍ଧ ।

ଅଶିଷ୍ଟ-ବିଂ. (ଅ-ଶିଷ୍ଟ) ଅଭଦ୍ର ।

ଅଶୀତି—ବିଂ. ଅଶୀ ।

ଅଶୁଚି—ବିଂ. ଅପବିତ୍ର ।

ଅଶେଷ—ବିଂ. ଅନନ୍ତ ।

ଅଶୋକ—ବି. ବୃକ୍ଷବିଶେଷ; ବିଂ. ଶୋକହୀନ ।

ଅଶୌଚ—ବି. (ଅ-ଶୌଚ) ଅଶୁଦ୍ଧି ।

ଅଶ୍ମ—ବି. ପ୍ରସ୍ତର ।

ଅଶ୍ରଦ୍ଧା—ବି. ଅଭକ୍ତି ।

ଅଶ୍ରୁ—ବି. ଲୋତକ, ଲୁହ ।

ଅଶ୍ଳୀଳ—ବିଂ. (ଅ-ଶ୍ରୀ-ଲ) ଜଘନ୍ୟ, ଅଭଦ୍ର ।

ଅଶ୍ଳେଷା—ବି. ନକ୍ଷତ୍ରବିଶେଷ ।

ଅଶ୍ୱ—ବି. ଘୋଟକ ।

ଅଶ୍ୱତର—ବି. ଖଚର ।

ଅଶ୍ୱତ୍ଥ—ବି. ଓସ୍ତଗଛ ।

ଅଶ୍ୱତ୍ଥାମା—ବି. ଦ୍ରୋଣଙ୍କର ପୁତ୍ର । [ଯଜ୍ଞ ।

ଅଶ୍ୱମେଧ—ବି. (ଅଶ୍ୱ-ମେଧ) ଅଶ୍ୱବଳିଘଟିତ

ଅଶ୍ୱିନୀ—ବି. ନକ୍ଷତ୍ରବିଶେଷ ।

ଅଷ୍ଟ—ବିଂ. ଆଠ । [ଶ୍ଳୋକ ।

ଅଷ୍ଟକ—ବି. ଅଷ୍ଟଶ୍ଳୋକବିଶିଷ୍ଟ ରଚନା । ଆଠ

ଅଷ୍ଟଦିକ୍—ବି. ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣଦିକ୍ ଓ ଅଗ୍ନି, ନୈଋତ, ବାୟୁ, ଈଶାନକୋଣ ।

ଅଷ୍ଟଧା—ଅ. ଆଠପ୍ରକାର ।

ଅଷ୍ଟମ—ବିଂ. ଆଠର ପୂରଣ ।

ଅଷ୍ଟମୀ ବି. ତିଥିବିଶେଷ ।

ଅଷ୍ଟାଦଶ—ବିଂ. ଅଠର ।

ଅଷ୍ଟାବକ୍ର—ବିଂ. ଋଷିବିଶେଷ ।

ଅଷ୍ଟାବିଂଶତି—ବିଂ. ଅଠାଇଶ ।

ଅଷ୍ଠି, ଅଷ୍ଠି—ବି. ଟାକୁଆ ।

ଅଷ୍ଠୀବତ୍—ବି. ଆଣ୍ଠୁ ।

ଅସଂଖ୍ୟ—ବିଂ. (ଅ-ସମ୍-ଖ୍ୟା-ଅ) ଅଗଣ୍ୟ ।

ଅସଙ୍ଗତ—ବିଂ. (ଅ-ସମ-ଗମ୍-ତ) ଅଯୁକ୍ତ ।

ଅସଳ—ବିଂ. ଅସୁବିଧା ।

ଅସତ୍—ବିଂ. (ଅ-ସତ୍) ଅସାଧୁ, ଅବିଦ୍ୟମାନ ।

ଅସତୀ—ବି. କୁଳଟା ।

ଅସତ୍ୟ—ବିଂ. (ଅ-ସତ୍ୟ) ମିଥ୍ୟା ।

ଅସନା—ବିଂ. ଅପରିଷ୍କୃତ ।

ଅସଭ୍ୟ—ବିଂ. ଅଭଦ୍ର ।

ଅସମସାହସିକ—ବିଂ. ଦୁଃସାହସୀ ।

ଅସମ୍ବଦ୍ଧ—ବିଂ. (ଅ-ସଂ-ବନ୍ଧ୍-ତ) ଅସଙ୍ଗତ ।

ଅସମ୍ଭବ—ବିଂ. (ଅ-ସମ୍-ଭୂ-ଅ) ଯାହା ହୋଇ ନ ପାରେ ।

ଅସମ୍ଭାଳି—ବିଂ. ଅସ୍ତବ୍ୟସ୍ତ ।

ଅସରପା—ବି. (ଅଶ୍ୱପଣ୍ଡକ) ପତଙ୍ଗବିଶେଷ ।

ଅସରନ୍ତି—ବିଂ. ଅଶେଷ ।

ଅସର୍ଫି—ବି. ସ୍ୱର୍ଣ୍ଣମୁଦ୍ରା ।

ଅସରା—ବି. (ଆସାରଶବ୍ଦଜ) ଧାରାବୃଷ୍ଟି ।

ଅସଲ୍—ବିଂ. ମୂଳ, ମୂଳଧନ ।

ଅସବର୍ଣ୍ଣ—ବିଂ. ଭିନ୍ନବର୍ଣ୍ଣ ଘଟିତ ।

ଅସାଧାରଣ—ବିଂ. ଅସାମାନ୍ୟ ।

ଅସାଧ୍ୟ—ବିଂ. (ଅ-ସାଧ୍-ଯ) ସାଧନର ଅଶକ୍ୟ ।

ଅସାର—ବିଂ. ସାରଶୂନ୍ୟ ।

ଅସି—ବି. କରବାଳ, ଖଡ୍ଗ ।

ଅସିତ—ବିଂ. (ଅ-ସିତ) କୃଷ୍ଣବର୍ଣ୍ଣ ।

ଅସୀମ-ବି. (ଅ-ସିମନ୍-ଅ) ସୀମାରହିତ ।

ଅସୁର-ବି. ରାକ୍ଷସ, ଦୈତ୍ୟ ।

ଅସୁରୁଣୀ-ବି. ଅସୁରସ୍ତ୍ରୀ ।

ଅସୁଲ୍-ବି. ଆଦାୟ ।

ଅସୂସାର-ବି. (ଅ-ସୃ-ସୃ-ଅ) ଅନୁବଧା ।

ଅସୂର୍ଯ୍ୟଂପଶ୍ୟା-ବି. ଯେଉଁ ସ୍ତ୍ରୀକୁ ସୂର୍ଯ୍ୟ ସୁଦ୍ଧା ଦେଖି ନାହିଁ ।

ଅସୂୟା-ବି. (ଅ-ସୂ-ଅ) ଦ୍ୱେଷ ; କ୍ରୋଧ ।

ଅସୃକ୍-ବି. ରକ୍ତ ।

ଅସ୍ତ-ବି. (ଅସ୍-ତ) କ୍ଷିପ୍ତ ; ବି. ଅସ୍ତଗମନ ।

ଅସ୍ତାବଲ-ବି. (ଇଂ-ଷ୍ଟେବ୍ଲ) ଘୋଡ଼ାଶାଳ ।

ଅସ୍ତମିତ-ବି. (ଅସ୍ତଂ-ଇ-ତ) ଅସ୍ତଗତ; ନଷ୍ଟ ।

ଅସ୍ତାଚଳ-ବି. (ଅସ୍ତ-ଅଚଳ) କଳ୍ପିତ ପଶ୍ଚିମ ପର୍ବତ ।

ଅସ୍ତିତ୍ୱ-ବି. (ଅସ୍ତି-ତ୍ୱ) ବର୍ତ୍ତମାନତା ।

ଅସ୍ତୁ-କ୍ରି. ହେଉ ।

ଅସ୍ମଦୀୟ-ବି. ଆମ୍ଭମାନଙ୍କ ସମ୍ବନ୍ଧୀୟ ।

ଅସ୍ତ୍ର-ବି. ଶସ୍ତ୍ର । [ପାଦ ।

ଅ-ସ୍ଥାନ-ବି. (ଅ-ସ୍ଥାନ) ମନ୍ଦସ୍ଥାନ, ଅଯୋଗ୍ୟ

ଅ-ସ୍ଥାବର-ବି. ଚଳନ୍ତ ।

ଅସ୍ଥି-ବି. ହାଡ଼ ।

ଅ-ସ୍ଥିର-ବି. ଚଞ୍ଚଳ ।

ଅ-ସ୍ପୃଶ୍ୟ-ବି. ସ୍ପର୍ଶର ଅଯୋଗ୍ୟ ।

ଅସ୍ଫୁଟ-ବି. ଅପ୍ରକାଶିତ, କ୍ଷୀଣ ।

ଅସ୍ମିତା-ବି. (ଅସ୍ମି-ତା) ମୁଁ ଅଛି ଏହି ଜ୍ଞାନ ।

ଅସ୍ର-ବି. ଅଶ୍ରୁ; କୋଣ ।

ଅହଙ୍କାର-ବି. (ଅହଂ-କୃ-ଅ) ଗର୍ବ; ଦମ୍ଭ ।

ଅହଃ-ବି. ଦିନ ; ଦିବସ ।

ଅହନ୍ତା-ବି. (ଅହଂ-ତା) ଅହଙ୍କାର; ଅବସ୍ଥ ।

ଅହର୍ନିଶ-କ୍ରି. ବି. (ଅହଃ-ନିଶା-ଅ) ସର୍ବଦା ; ନିରନ୍ତର ।

ଅହରହ-କ୍ରି ବି. (ଅହଃ-ଅହଃ) ପ୍ରତିଦିନ ।

ଅହିଂଯ-ବି. ସଧବା ।

ଅହି-ବି. ସର୍ପ ।

ଅହି-ତୁଣ୍ଡିକ-ବି. ସାପୁଆକେଳା ।

ଅ-ହିଂସା-ବି. ପରପୀଡ଼ାବର୍ଜନ; ଦୟା ।

ଅ-ହିତ-ବି. ଅମଙ୍ଗଳ, ଅପକାର ।

ଅହି ନକୁଳତା-ବି. ସ୍ୱାଭାବିକ ଶତ୍ରୁତା ।

ଅହି-ଫେନ-ବି. ଅଫିମ ।

ଅହୀର-ବି. ଗଉଡ଼ ।

ଅ-ହେତୁକ }
ଅ-ହୈତୁକ } ବି. ହେତୁଶୂନ୍ୟ ।

ଅହୋ-ଅ. ଆଶ୍ଚର୍ଯ୍ୟବୋଧକ ଅବ୍ୟୟ ; ସମ୍ବୋ- [ଧନ ।

ଅହୋରାତ୍ର-ବି. (ଅହଃ-ରାତ୍ର) ଦିବାରାତ୍ର ।

---

# ଆ

ଦ୍ୱିତୀୟ ସ୍ୱରବର୍ଣ୍ଣ ।

ଆ-ଅ. ଈଷତ୍-ସୀମା-ବ୍ୟାପ୍ତି-ବୈପରୀତ୍ୟ-ବାଚକ ଅବ୍ୟୟ ।

ଆଃ-ଅ. ସୁଖ ଓ ଦୁଃଖସୂଚକ ସ୍ୱର ।

ଆଂଶିକ-ବି. (ଅଂଶ-ଇକ) ଅପୂର୍ଣ୍ଣ ।

ଆଁଶୁ–ବ. (ଅଂଶୁ ଶବ୍ଦଜ) ସୂକ୍ଷ୍ମସୂତ୍ର ।

ଆଇନ–ବ. ରାଜନିୟମ ; ବ୍ୟବସ୍ଥାଶାସ୍ତ୍ର ।

ଆଇଁଷ–ବ. (ଆମିଷ ଶବ୍ଦଜ) ମାଛ ମାଂସାଦି ।

ଆଉଁସିବା–କ୍ରିଂ. (ଆମର୍ଶଣ ଶବ୍ଦଜ) ଦେହରେ
ହାତ ବୁଲାଇବା ।

ଆଈ–ବ.(ଆର୍ଯ୍ୟା ଶବ୍ଦଜ) ମାତାମହୀ; ପିତାମହୀ ।

ଆଉଜିବା–କ୍ରିଂ. ଏକଆଡ଼କୁ ଢଳିବା ।

ଆଉ–ଅଂ. ପୁଣି; ଅନ୍ତର ; ଅନ୍ୟ ।

ଆଉଟିବା–କ୍ରି.(ଆ-ବୃତ୍ଧାତୁରୁ)ତରଳକରିବା,
ତାପଦ୍ୱାରା ଘନ କରିବା ।

ଆଙ୍କୁଡ଼ି } ବ. (ଅଙ୍କୁଶ ବା ଆକର୍ଷଣୀଶବ୍ଦରୁ)
ଆଙ୍କୁଶୀ } ଫଳାଦି ତୋଳିବାର ଜଗୀ ।

ଆକଟ–ବ. ଶାସନ ; ତାଡ଼ନା ।

ଆକର–ବ. (ଆକୃ-ଅ) ଖଣି ।

ଆ-କର୍ଣ୍ଣ–ଅଂ. କର୍ଣ୍ଣପର୍ଯ୍ୟନ୍ତ ।

ଆକର୍ଣ୍ଣନ–ବ. ଶ୍ରବଣ ।

ଆକର୍ଷଣ–ବ. (ଆ-କୃଷ୍-ଅନ) ଟାଣିବା ।

ଆକସ୍ମିକ–ବଂ. (ଅକସ୍ମାତ୍-ଇକ) ହଠାତ୍
ଉତ୍ପନ୍ନ ।

ଆକାଙ୍କ୍ଷା–ବ. (ଆ-କାଙ୍କ୍ଷ୍-ଅ) ଅଭିଳାଷ ।

ଆକାର–ବ. (ଆ-କୃ-ଅ) ଅବୃତ ; ମୂର୍ତ୍ତି ।

ଆକାଶ–ବ. (ଆ-କାଶ୍-ଅ) ଗଗନ ; ଶୂନ୍ୟ-
ସ୍ଥାନ ।

ଆକାଶ-କୁସୁମ–ବ ଅଲୀକ ବା ମିଥ୍ୟା ବିଷୟ ।

ଆକାଶବାଣୀ–ବ. ଶୂନ୍ୟୋଚ୍ଚାରିତ ଦେବବାଣୀ ।

ଆକୀର୍ଣ୍ଣ–ବଂ. (ଆ-କୃ-ତ) ବିକ୍ଷିପ୍ତ ; ବ୍ୟାପ୍ତ ।

ଆକୁଞ୍ଚନ–ବ. (ଆ-କୁଞ୍ଚ୍-ଅନ) ସଙ୍କୋଚ ।

ଆକୁଞ୍ଚିତ–ବଂ. ସଂକୁଚିତ, ଈଷତ୍ ବକ୍ରୀଭୂତ ।

ଆ-କୁଳ–ବଂ. ବ୍ୟଗ୍ର ; ଉଦ୍‌ବିଗ୍ନ ।

ଆ-କୃତି–ବ. ଆକାର ।

ଆ-କୃଷ୍ଟ ବଂ. (ଆ-କୃଷ୍-ତ) ଅଭିକର୍ଷିତ; ମୁଗ୍ଧ ।

ଆକ୍ରନ୍ଦନ–ବ. (ଆ-କ୍ରନ୍ଦ୍-ଅନ) କ୍ରନ୍ଦନ ।

ଆ-କ୍ରମଣ–ବ. (ଆ-କ୍ରମ୍-ଅନ) ଚଢ଼ାଉ; ଅସେ-
ହଣ । [ଭୂତ ।

ଆକ୍ରାନ୍ତ–ବଂ. (ଆ-କ୍ରମ୍-ତ) ଅଧିକୃତ ; ଅଭି-

ଆକ୍ରାନ୍ତି–ବ. (ଆ-କ୍ରମ୍-ତି) ବ୍ୟାପ୍ତି ।

ଆକ୍ରୋଶ ବ. (ଆ-କ୍ରୁଶ୍-ଅ) କ୍ରୋଧ ; ଭର୍ତ୍ସନା ।

ଆକ୍ଷେପ–ବ. (ଆ-କ୍ଷିପ୍-ଅ) ଖେଦ ; ଆକର୍ଷଣ ।

ଆଖଣ୍ଡଳ–ବ. (ଆ-ଖଣ୍ଡ୍-ଅଲ) ଇନ୍ଦ୍ର ।

ଆଖର–ବଂ. ଶେଷ ।

ଆଖଡ଼ା–ବ. (ଅକ୍ଷୀଡ଼ ଶବ୍ଦଜ) ବ୍ୟାୟାମ ବା
ନୃତ୍ୟ ଗୀତାଦି ଅଭ୍ୟାସ କରିବାର ସ୍ଥାନ ।

ଆଖି–ବ. (ଅକ୍ଷିଶବ୍ଦଜ) ନେତ୍ର ।

ଆଖିପତା–ବ. (ଅକ୍ଷିପତ୍ର ଶବ୍ଦଜ) ନେତ୍ରାବରଣ ।

ଆଖିପିଛୁଡ଼ା–ବ. ପଲକ ।

ଆଖିଫୁଟା–ବ. ଅନ୍ଧ ।

ଆଖୁ–ବ. ମୂଷିକ ।

ଆଖୁ–ବ. (ଇକ୍ଷୁ ଶବ୍ଦଜ) ଇକ୍ଷୁବୃକ୍ଷ ।

ଆଖେଟ–ବ. ମୃଗୟା ।

ଆଖ୍ୟା–ବ. (ଆ-ଖ୍ୟା-ଅ) ନାମ ।

ଆଖ୍ୟାତ–ବଂ. (ଆ-ଖ୍ୟା-ତ) କଥିତ ।

ଆଖ୍ୟାନ–ବ. (ଆ-ଖ୍ୟା-ଅନ) କଥା; ବିବରଣ ।

ଆଖ୍ୟାୟିକା-ବ.(ଆ-ଖ୍ୟା-ଅକ-ଆ) ଇତିହାସ ।

ଆଗ-ବ. (ଅଗ୍ରଶବ୍ଦରୁ)ସମ୍ମୁଖ ; ପୂର୍ବବର୍ତ୍ତୀ ସମୟ ।

ଆଗତ-ବିଂ. (ଆ-ଗମ୍-ତ) ଉପସ୍ଥିତ ; ପ୍ରାପ୍ତ ।

ଆଗନ୍ତୁକ-ବ. (ଆ-ଗମ୍-ତୁ-କ) ଅଭ୍ୟାଗତ ; ଅତିଥି ।

ଆଗକୁହା-ବିଂ. ଯେ ସମୟ-ପୂର୍ବରୁ କହେ ।

ଆଗତୁରା-କ୍ରିଂ. ବିଂ. (ଅଗ୍ର-ତ୍ୱରା) ଅଗ୍ରୀମ ।

ଆଗଭର, ଆଗବଢ଼ି } କ୍ରିଂ. ଅଗ୍ରସର ହୋଇ ।

ଆଗମ-ବ. (ଆ-ଗମ୍-ଅ) ବେଦାଦି ଶାସ୍ତ୍ର ।

ଆଗହୁଁ-କ୍ରିଂ. ବିଂ. ପୂର୍ବରୁ ।

ଆଗମନ-ବ. (ଆ-ଗମ୍-ଅନ) ଆସିବା ; ଉପ-ସ୍ଥିତ ।

ଆଗାମୀ-ବିଂ. ( ଆ-ଗମ୍-ଇନ୍ ) ଭବିଷ୍ୟତ ; ଭାବୀ ।

ଆଗୁଳା-ବ. (ଅର୍ଗଳ ଶବ୍ଦଜ) ଯେ ଅଗୁଳେ ବା ଅଟକାଏ ।

ଆଗୁସାର-ବିଂ. (ଅଗ୍ରସର ଶବ୍ଦଜ) ଅଗ୍ରସର ।

ଆଗେ-କ୍ରିଂ. ବିଂ ଅଗ୍ରେ ; ପୂର୍ବେ ।

ଆଗୋ-ଅଂ. ସ୍ତ୍ରୀ ସମ୍ବୋଧନେ ।

ଆଗ୍ନେୟ-ବିଂ. (ଅଗ୍ନି-ଏୟ) ଅଗ୍ନି ସମ୍ବନ୍ଧୀୟ ।

ଆଗ୍ରହ-ବ. (ଆ-ଗ୍ରହ୍-ଅ) ବ୍ୟଗ୍ରଯତ୍ନ ।

ଆଘାତ-ବ. (ଆ-ହନ୍-ଅ) ପ୍ରହାର ; ବଧ ।

ଆଘ୍ରାଣ-ବ. ( ଆ-ଘ୍ରା-ଅନ ) ଗନ୍ଧଗ୍ରହଣ ; ସୁଙ୍ଘିବା ।

ଆଘ୍ରାତ-ବିଂ. ସୁଙ୍ଘା ହୋଇଥିବା ।

ଆଙ୍କିବା-(ଅଙ୍କ୍ ଧାତୁରୁ) ଅଙ୍କନ କରିବା ।

ଆଙ୍ଗୁଠି-ବ. (ଅଙ୍ଗୁଷ୍ଠ ଶବ୍ଦଜ) ଅଙ୍ଗୁଳି ।

ଆଙ୍ଗୁଳ-ବ. (ଅଙ୍ଗୁଳି ଶବ୍ଦଜ) ଅଙ୍ଗୁଳିପ୍ରସ୍ଥ ପରିମାଣ ।

ଆଙ୍ଗୁଳି-ବ. (ଅଙ୍ଗୁଳି ଶବ୍ଦଜ) ଅଙ୍ଗୁଳି ।

ଆଚମନ-ବ. (ଆ-ଚମ୍-ଅନ) ମୁଖପ୍ରକ୍ଷାଳନ ।

ଆଚମ୍ବିତ-ବିଂ. ଚକିତ ।

ଆଚମ୍ବିତେ-କ୍ରିଂ. ବିଂ. ହଠାତ୍, ଚକିତଭାବରେ ।

ଆଚରଣ-ବ. (ଆ-ଚର୍-ଅନ-ଅ) ଅନୁଷ୍ଠାନ ; ବ୍ୟବହାର ।

ଆଚରିତ-ବିଂ. (ଆ-ଚର୍-ତ) ଅନୁଷ୍ଠିତ, କୃତ ।

ଆଚାର-ବ. (ଆ-ଚର୍-ଅ) ବ୍ୟବହାର; ପ୍ରସ୍ତୁତ ଅମ୍ଳଦ୍ରବ୍ୟ ।

ଆଚାର୍ଯ୍ୟ-ବ. (ଆ-ଚର୍-ଯ) ଶିକ୍ଷାଗୁରୁ ; ପୁରୋହିତ ।

ଆଚ୍ଛନ୍ନ-ବ. (ଆ-ଛଦ୍-ତ) ଆବୃତ; ଅଭିଭୂତ ।

ଆଚ୍ଛା, ଅଚ୍ଛା } ବିଂ. (ଅଚ୍ଛଶବ୍ଦଜ) ଭଲ ; ଅଂ. ହଉ ।

ଆଚ୍ଛାଦିତ-ବିଂ. (ଆ-ଛଦ୍-ଣିଚ୍-ତ) ଆବୃତ ।

ଆଚ୍ଛୁ-ବ. ବୃକ୍ଷବିଶେଷ ।

ଆଜ, ଅଜି-କ୍ରି. ବିଂ. (ଅଦ୍ୟଶବ୍ଦଜ) ଅଦ୍ୟ ।

ଆଜିକାଲି-କ୍ରିଂ. ବିଂ. ଅଧୁନା ।

ଆଜିହୁଁ-କ୍ରିଂ. ବିଂ. ଆଜଠାରୁ ।

ଆଜନ୍ମ-କ୍ରିଂ. ବିଂ. (ଆ-ଜନ୍ମ) ଜନ୍ମାବଧି ; ଯାବଜ୍ଜୀବନ ।

ଆଜାନୁ-କ୍ରିଂ. ବିଂ. (ଆ-ଜାନୁ) ଜାନୁପର୍ଯ୍ୟନ୍ତ ।

ଆ-ଜୀବ-ବ. ଜୀବିକା ।

ଆଞ୍ଚ-(ଅଞ୍ଚ୍ ଧାତୁରୁ) କଳଙ୍କ ।

ଆଞ୍ଚିବା-କ୍ରିଂ. ନୁଆଁଇବା ; କଳଙ୍କ କରିବା ।

ଆଜ୍ଞପ୍ତ-ବିଂ. (ଆ-ଜ୍ଞା-ଣିଚ୍-ତ) ଆଦିଷ୍ଟ ।

ଆଜ୍ଞା—ବ. (ଆ-ଜ୍ଞା-ଅ) ଆଦେଶ ।
ଆଟିକା—ବ. ଛୋଟ ଦାଣ୍ଡ ।
ଆଟୁଘର—ବ. (ଅଟ୍ଟଶବ୍ଦଜ) ମାଟିକୋଠା ।
ଅଟୋପ—ବ. ଆଡ଼ମ୍ବର ।
ଆଠ—ବି. (ଅଷ୍ଟଶବ୍ଦଜ) ୮ ସଂଖ୍ୟା ।
ଆଠକାଳବାରମାସି— (ଅଷ୍ଟକାଳ, ଦ୍ୱାଦଶମାସ) ବର୍ଷଯାକ ।
ଆଠମଙ୍ଗଳା—ବ. ବିବାହର ଅଷ୍ଟମଦିନ ।
ଆଡ଼—ସଂ. (ଅର=କୋଣ, କଣ୍ଟ) ଦିଗ ; ଓସାର ; ବି. ବକ୍ର ।
ଆଡ଼କେ—କ୍ରି ବି. ଏକଆଡ଼େ ।
ଆଡ଼ମ୍ବର—ବ. ଜାକଜମକ ।
ଆଡ଼ଣୀ—ବ. ରଜାଙ୍କ ପାର୍ଶ୍ୱରେ ଚାଲୁଥିବା ବସ୍ତ୍ରନିର୍ମିତ ପଙ୍ଖା ।
ଆଡ଼ରୁଷା—ବ. ଅଳ୍ପ ରୁଷିବା ।
ଆଡ଼ୀ—ବ. ମୃଗୟାର୍ଥ ପ୍ରସ୍ତୁତ ସ୍ଥାନ ।
ଆଡ଼େଇବା—କ୍ରି. ଏକଆଡ଼କୁ କରିଦେବା ।
ଆଢ୍ୟ—ବି. ଧନୀ ; ସମ୍ପନ୍ନ ।
ଆଢୁଆଳ—ବ. ଅନ୍ତରାଳ ।
ଆଣି—ବ. ଗର୍ବ ; ଜେଦ ।
ଆଣିବା—କ୍ର. (ଆ-ନୀ ଧାତୁରୁ) ଆନୟନ କରିବା ।
ଆଣ୍ଟ—ବି. ଦୃଢ଼ । ବ. ଗର୍ବ ।
ଆଣ୍ଟେ—କ୍ରି. ବି. ଦୃଢ଼ରୂପେ ।
ଆଣ୍ଠୁ—ବ. (ଅଷ୍ଠିବତ୍‌ଶବ୍ଦଜ) ଜାନୁସନ୍ଧି ।
ଆଣ୍ଠୁଆ—ବ. ଆଣ୍ଠୁର ମାଡ଼ ।

ଆଣ୍ଠିଏ / ଆଣ୍ଠୁଆଣି } ବ. ଆଣ୍ଠୁପର୍ଯ୍ୟନ୍ତ ଗଭୀର ।
ଆଣ୍ଠୁକୁଡ଼ା—ବି. ଅପୁତ୍ରକ, ନିଃସନ୍ତାନ ।
ଆଣ୍ଠେଇବା—କ୍ରି. ଆଣ୍ଠୁ ମାଡ଼ି ବସିବା ।
ଆଣ୍ଡିଆ—ବି. ଏକବାଗିଆ । [ଲିବା ।
ଆଣ୍ଡୋଳିବା—କ୍ରି. (ଆନ୍ଦୋଳନଶବ୍ଦଜ) ଅଣ୍ଡା-
ଆତଙ୍କ—ବ. (ଆ-ତନ୍କ୍-ଅ) ଭୟ ; ଶଙ୍କା ।
ଅତଙ୍ଗ—ବ. (ଆତଙ୍କଶବ୍ଦଜ) ଭୟ ।
ଆତ—ବ. ସ୍ୱନାମଖ୍ୟାତ ବୃକ୍ଷ ଓ ଫଳ ।
ଆତତାୟୀ—ବି. ବ. ହତ୍ୟାକାରୀ ।
ଆତପ—ବ. (ଆ-ତପ୍-ଅ) ରୌଦ୍ର; ବି. ଅରୁଆ ।
ଆତପତ୍ର—ବ. (ଆତପ-ତ୍ରୈ-ଅ) ଛତ୍ର ।
ଆତଯାତ—ବ. ଯାତାୟାତ ।
ଆତସବାଜି—ବ. ଅଗ୍ନିକ୍ରୀଡ଼ା । [ପରାୟଣ ।
ଆତିଥେୟ—ବି. (ଅତିଥି-ଏୟ) ଅତିଥିସେବା-
ଆତିଥ୍ୟ—ବ. (ଅତିଥି-ଯ) ଅତିଥିସେବା ।
ଆତିଶଯ୍ୟ—ବ.(ଅତିଶୟ-ଯ)ଆଧିକ୍ୟ; ପ୍ରାବଲ୍ୟ ।
ଆତୁର—ବି. କାତର; ଅଧୀର । [ବାଦ୍ୟ ।
ଆତୋଦ୍ୟ—ବ. (ଆ-ତୁଦ୍-ଯ) ବୀଣା ପ୍ରଭୃତି
ଆତ୍ମଗତ—କ୍ରି. ବି. (ଆତ୍ମନ୍-ଗମ୍-ତ) ସ୍ୱଗତ ; ମନେ୨ । [ଯୋଗୁଁ ବିଷାଦ ।
ଆତ୍ମଗ୍ଲାନି—ବ. (ଆତ୍ମନ୍-ଗ୍ଲୈ-ନି) ନିଜ ଅପରାଧ-
ଆତ୍ମଘାତୀ—ବି. (ଆତ୍ମନ୍-ଘାତ-ଇନ୍) ଆତ୍ମହତ୍ୟାକାରୀ ।
ଆତ୍ମଜ—ବ. (ଆତ୍ମନ୍-ଜନ୍-ଅ) ପୁତ୍ର ।
ଆତ୍ମଜା—ବ. ଦୁହିତା ।

ଆତ୍ମଜ୍ଞାନ—ବି. (ଆତ୍ମନ୍-ଜ୍ଞା-ଅନ) ନିଜ ବା ଆତ୍ମ-
ବିଷୟକ ଜ୍ଞାନ । [ପ୍ରସନ୍ନତା ।

ଆତ୍ମପ୍ରସାଦ—ବି. ( ଆତ୍ମନ୍-ପ୍ରସାଦ ) ଆତ୍ମାର

ଆତ୍ମବୋଧ—ବି. (ଆତ୍ମନ୍-ବୁଦ୍-କ୍ୱିପ୍) ଆତ୍ମଜ୍ଞାନ ।

ଆତ୍ମମ୍ଭରି—ବି॰. (ଆତ୍ମନ୍-ଭୃ-ଇନ୍) ସ୍ୱାର୍ଥପର ;
ପେଟୁ । [ଆତ୍ମୀୟ ।

ଆତ୍ମସାତ୍—ଅ॰. ( ଆତ୍ମନ୍-ସାତ୍ ) ଆପଣାର

ଆତ୍ମା—ବି. ଜୀବାତ୍ମା ; ଆପେ ।

ଆତ୍ମୀୟ—ବି॰. (ଆତ୍ମନ୍-ଈୟ) ଆତ୍ମସମ୍ପର୍କୀୟ ;
କୁଟୁମ୍ବ ; ବନ୍ଧୁ ।

ଆତ୍ମୀୟତା—ବି. ବନ୍ଧୁତା ।

ଆଦର—ବି. (ଆ-ଦୃ-ଅ) ସମ୍ମାନ ।

ଆଦରିବା—କ୍ରି॰. ଆଦରସହ ଗ୍ରହଣ କରିବା ।

ଆଦର୍ଶ—ବି. (ଆ-ଦୃଶ୍-ଅ) ଦର୍ପଣ ; ଅନୁକରଣୀୟ
ଦୃଷ୍ଟାନ୍ତ ।

ଆଦାନ—ବି. (ଆ-ଦା-ଅନ) ଗ୍ରହଣ ।

ଆଦାୟ—ବି. (ଆ-ଦା-ଯ) ଗ୍ରହଣ ।

ଆଦି—ବି. ପ୍ରଥମ ; ମୂଳ ।

ଆଦିକବି—ବି. ବାଲ୍ମୀକି ; ସ୍ରଷ୍ଟା ।

ଆଦିତ୍ୟ—ବି. (ଅଦିତି-ଯ) ରବି ; ଦେବତା ।

ଆଦିପୁରୁଷ—ବି. ବଂଶର ପ୍ରଥମ ପୁରୁଷ ।

ଆଦିମ—ବି॰. (ଆଦି-ମ) ପ୍ରଥମ ; ଆଦ୍ୟ ।

ଆଦିଷ୍ଟ—ବି॰. (ଆ-ଦିଶ୍-ତ) ଆଦେଶପ୍ରାପ୍ତ ।

ଆଦୃତ—ବି॰. (ଆ-ଦୃ-ତ) ଆଦରପ୍ରାପ୍ତ ; ସମ୍ମାନିତ ।

ଆଦେଶ—ବି. (ଆ-ଦିଶ୍-ଅ) ଆଜ୍ଞା ; ହୁକୁମ ।

ଆଦୌ—କ୍ରି॰. ବି॰. (ଆଦିଶବ୍ଦରୁ) ପ୍ରଥମରେ ।

ଆଦ୍ୟ—ବି॰. (ଆଦି-ଯ) ପ୍ରଥମ ; ଆଦିମ ।

ଆଦ୍ୟନ୍ତ—ବି॰. (ଆଦି-ଅନ୍ତ) ଆରମ୍ଭ ଓ ଶେଷ

ଆଦ୍ୟୋପାନ୍ତ—ବି॰. (ଆଦି-ଉପ-ଅନ୍ତ) ପ୍ରଥମରୁ
ଶେଷଯାଏ ।

ଆଧାନ—ବି. (ଆ-ଧା-ଅନ) ସମ୍ପାଦନ ; କରଣ ।

ଆଧାର—ବି. (ଆ-ଧୃ-ଅ) ପାତ୍ର ; ଆଶ୍ରୟ ।

ଆଧି—ବି. (ଆ-ଧା-ଇ) ମନଃପୀଡ଼ା ; ଗଚ୍ଛିତସମ୍ପତ୍ତି ।

ଆଧିକ୍ୟ—ବି. (ଅଧିକ-ଯ) ଶ୍ରେଷ୍ଠତା ।

ଆଧିଦୈବିକ—ବି॰. (ଅଧିଦେବ-ଇକ) ଦୈବ-
ଜାତ ।

ଆଧିପତ୍ୟ—ବି. (ଅଧିପତି-ଯ) ପ୍ରଭୁତ୍ୱ ; ସ୍ୱାମିତ୍ୱ ।

ଆଧିଭୌତିକ—ବି॰. (ଅଧିଭୂତ-ଇକ) ଭୂତ-
ମାନଙ୍କରୁ ଜାତ । [ଅତିକାଳର ।

ଆଧୁନିକ—ବି॰. (ଅଧୁନା-ଇକ) ଇଦାନୀନ୍ତନ ;

ଆଧେୟ—ବି॰. (ଆ-ଧା-ଯ) ଆଧାରରେ ରକ୍ଷ-
ଣୀୟ ।

ଆଧୋରଣ—ବି. ହାତୀର ମାହୁନ୍ତ ।

ଆଧ୍ମାତ—ବି॰. (ଆ-ଧ୍ମା-ତ) ସ୍ଫୀତ, ଗର୍ବିତ ।

ଆଧ୍ମାନ—ବି. (ଆ-ଧ୍ମା-ଅନ) ବାୟୁଦ୍ୱାରା ପୂରଣ ;
ଫୁଲିବା ।

ଆଧ୍ୟାତ୍ମିକ—ବି॰. ( ଅଧି-ଆତ୍ମନ୍-ଇକ ) ଆତ୍ମ-
ସମ୍ବନ୍ଧୀୟ ।

ଆନ—ବି॰. (ଅନ୍ୟଶବ୍ଦରୁ) ଅନ୍ୟ ।

ଆନତ—ବି॰. (ଆ-ନମ୍-ତ) ଅବନତ ।

ଆନଦ୍ଧ—ବି॰. (ଆ-ନହ୍-ତ) ବଦ୍ଧ ।

ଆନନ—ବି. (ଆ-ଅନ୍-ଅନ) ବଦନ ; ମୁଖ ।

ଆନନ୍ଦ—ବି. (ଆ-ନନ୍ଦ୍-ଅ) ଆହ୍ଲାଦ ; ହର୍ଷ ।

ଆନନ୍ଦିତ-ବିଂ. ଆହ୍ଲାଦିତ ।
ଆନୟନ-ବି. (ଆ-ନୀ-ଅନ) ଆଣିବାର ।
ଆନୀତ-ବିଂ. (ଆ-ନୀ-ତ-) ଆଣାଯାଇଥିବା ।
ଆନୁକୂଲ୍ୟ-ବି. (ଅନୁ-କୂଲ-ଯ) ସାହାଯ୍ୟ ।
ଆନୁଗତ୍ୟ-ବି. (ଅନୁଗତ-ଯ) ଅନୁଗତଭାବ ।
ଆନୁପୂର୍ବିକ-ବିଂ.(ଅନୁ-ପୂର୍ବ-ଇକ) କ୍ରମାନୁସାରେ ।
ଆନୁମାନିକ-ବିଂ. (ଅନୁମାନ-ଇକ) ସମ୍ଭାବ୍ୟ ।
ଆନୁଷଙ୍ଗିକ-ବିଂ. ( ଅନୁଷଙ୍ଗ-ଇକ ) ଅନ୍ୟ ସଙ୍ଗରେ ସଂଲଗ୍ନ ।
ଆନ୍ତରିକ-ବିଂ. (ଅନ୍ତର-ଇକ) ମନୋଗତ ।
ଆନ୍ଦୋଳନ-ବି. ( ଆ-ଦୋଲ୍-ଅନ ) କମ୍ପନ ; ଆଲୋଚନା ।
ଆନ୍ୱୀକ୍ଷିକୀ-ସ୍ତ୍ରୀ. ବି. ତର୍କଶାସ୍ତ୍ର ।
ଆପଠ-ବି. ଆବରଣ ।
ଆପଟ-ବିଂ. (ଅପ୍ରଶବ୍ଦରୁ) ବଣସ୍ଥ ।
ଆ-ପଣ-ବି. ବିକ୍ରୟସ୍ଥାନ ; ହାଟ ।
-ଆପଣ-ସର୍ବ. ( ଆତ୍ମନ୍‌ଶବ୍ଦଜ ) ଭବାନ୍ ବା ତୁମ୍ଭେ ।
ଆପତ୍ତି-ବି. (ଆ-ପଦ୍-ତି) ବିରୁଦ୍ଧଯୁକ୍ତି ; ବାଧା ।
ଆପଦ୍-ବି. (ଆ-ପଦ୍) ବିପଦ ; ଦୁଃଖ ।
ଆପନ୍ନ-ବିଂ. (ଆ-ପଦ୍-ତ) ବିପଦ୍‌ଗ୍ରସ୍ତ ; ପ୍ରାପ୍ତ ।
ଆପାତତଃ-ଅଂ. ( ଆପାତ-ତସ୍ ) ସମ୍ପ୍ରତି : ଇଦାନୀଂ ।
ଆ-ପାମର-ବିଂ. ମୂର୍ଖଲୋକପର୍ଯ୍ୟନ୍ତ ।
ଆପିଲ, ଅପିଲ-ବି. ( ଇଂ ) ପୁନର୍ବିଚାର ପ୍ରାର୍ଥନା ।

ଆପୀନ-ବି. ଗାଭୀର ସ୍ତନ, ପଧା ।
ଆପୁ-ବି. ଅଫିମ ।
ଆପେ-ସର୍ବ. (ଆତ୍ମନ୍‌ଶବ୍ଦଜ) ସ୍ୱୟଂ ; ନିଜେ ।
ଆପେକ୍ଷିକ-ବିଂ. ( ଅପେକ୍ଷା-ଇକ ) ଅପେକ୍ଷା-ଘଟିତ ।
ଆପ୍ତ-ବିଂ. (ଆପ୍-ତ) ଅଭ୍ରାନ୍ତ ; ଆତ୍ମୀୟ ; ହିତ ।
ଆପ୍ୟାୟିତ-ବିଂ.(ଆ-ପ୍ୟାୟ୍-ତ) ତୃପ୍ତ ; ସନ୍ତୁଷ୍ଟ ।
ଆପ୍ଲୁତ-ବିଂ. (ଆ-ପ୍ଲୁ-ତ) ସ୍ନାତ ; ମଗ୍ନ ।
ଆବଦ୍ଧ-ବିଂ. (ଆ-ବନ୍ଧ୍-ତ) ବାନ୍ଧିତ ।
ଆଭରଣ-ବି. (ଆ-ଭୃ ଅନ) ଅଲଙ୍କାର ।
ଆଭା-ବି. (ଆ-ଭା-ଅ) ଦୀପ୍ତି । [ଦୀପ୍ତି ।
ଆଭାସ-ବି. (ଆ-ଭାସ୍-ଅ) ସୂଚନା ; ସାଦୃଶ୍ୟ ;
ଆଭିଜାତ୍ୟ-ବି. ( ଅଭିଜାତ-ଯ ) କୌଳିନ୍ୟ, ବଂଶମର୍ଯ୍ୟାଦା ।
ଆଭିମୁଖ୍ୟ-ବି. (ଅଭିମୁଖ-ଯ) ସମ୍ମୁଖୀନତ୍ୱ ।
ଆଭୀର-ବି. ଗଉଡ଼ ; ଗୋପାଳ ।
ଆଭୋଗ-ବି. (ଆ-ଭୁଜ୍-ଅ) ବିସ୍ତାର ।
ଆମ-ସଂ. ବିଂ. ଅପକ୍ୱ ; ବି. ପେଟରୁ ପଡ଼ିବା ଝାଳ । [ଆନୟନ ।
ଆମଦାନି-ବି. ଆୟ ; ଦେଶାନ୍ତରରୁ ଦ୍ରବ୍ୟାଦିର
ଆମନ୍ତ୍ରଣ-(ଆ-ମନ୍ତ୍ର-ଅନ)ସମ୍ବୋଧନ ; ନିମନ୍ତ୍ରଣ ।
ଆମୟ-ବି. ରୋଗ, ବ୍ୟାଧି ।
ଆମଳକ-ବି. ଅଁଳା ।
ଆମଲା-ବି. ବେତନଭୋଗୀ କର୍ମସ୍ଥ ।
ଆମାଶୟ-ବି. ( ଆମ-ଆଶୟ ) ପାକାଶୟ ; ରୋଗବିଶେଷ ।
ଆମିଷ-ବି. ମାଂସ ଓ ମତ୍ସ୍ୟାଦି ।

ଆମୂଳଚୂଳ- କ୍ରି°. ବି°. ମୂଳରୁ ଶେଷପର୍ଯ୍ୟନ୍ତ ।

ଆମୋଦ–ବି. (ଆ-ମୁଦ୍-ଅ) ହର୍ଷ ; ସୁଗନ୍ଧ ।

ଆମ୍ର–ସଂ. ବି. ଅମ୍ବ ।

ଆମ୍ବ–ବି. (ଆମ୍ରଶବ୍ଦଜ) ଅମ୍ର ।

ଆମ୍ବଡ଼ା–ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଆମ୍ବିଳ–ବି°. (ଅମ୍ଳଶବ୍ଦଜ) ଅମ୍ଳ । ବି. ଅମ୍ଳରସଯୁକ୍ତ ବ୍ୟଞ୍ଜନ ।

ଆୟ–ବି. (ଆ-ଯା-ଅ) ଲାଭ ; ଧନାଗମ ।

ଆୟତ–ବି. (ଆ-ଯମ୍-ତ) ସମକୋଣୀ ସମାନ୍ତରାଳ କ୍ଷେତ୍ର ; ବି°. ବିସ୍ତୃତ ।

ଆୟତନ–ବି.(ଆ-ଯତ୍-ଅନ) ପରିସର; ମନ୍ଦିର ।

ଆୟତ୍ତ–ବି°. (ଆ-ଯତ୍-ତ) ଅଧୀନ ।

ଆୟସୀ–ବି. (ଅୟସ୍-ଅ-ଈ) ଲୌହମୟୀ ।

ଆୟା–ବି. ଧାତ୍ରୀ ; ଦାସୀ ।

ଆୟାତ–ବି.(ଆ-ଯା-ତ) ଆଗମନ; ବି°. ଆଗତ ।

ଆୟାସ–ବି. (ଆ-ଯସ୍-ଅ) ପରିଶ୍ରମ, କ୍ଳାନ୍ତ ।

ଆୟୁଃ–ବି. ଜୀବନ ; ପରମାୟୁ ।

ଆୟୁଧ–ବି. (ଆ-ଯୁଧ୍-ଅ) ଅସ୍ତ୍ର-ଶସ୍ତ୍ର ।

ଆୟୁର୍ବେଦ–ବି. (ଆୟୁଃ-ବିଦ୍-ଅ) ଚିକିତ୍ସାଶାସ୍ତ୍ର ।

ଆୟୁଷ୍ମାନ୍–ବି°. (ଆୟୁଷ୍-ମତ୍) ଦୀର୍ଘାୟୁ ।

ଆୟୋଜନ–ବି. (ଆ-ଯୁଜ୍-ଅନ) ସଂଗ୍ରହ, ଆହରଣ ।

ଆରକ୍ତ–ବି°. (ଆ-ରନ୍ଜ୍-ତ) ଈଷତ୍ ରକ୍ତବର୍ଣ୍ଣ ।

ଆରଣ୍ୟ–ବି°. (ଅରଣ୍ୟ-ଅ) ଅରଣ୍ୟସମ୍ବନ୍ଧୀୟ ।

ଆରଣ୍ୟକ–ବି. (ଅରଣ୍ୟ-କ) ବନବାସୀ ।

ଆରତ–ବି. (ଆ-ରମ୍-ତ) ନିବୃତ୍ତ ; ଅନତ ।

ଆରବ୍ଧ–ବି°. (ଆ-ରଭ୍-ତ) ଯାହା ଆରମ୍ଭ କରା-ହୋଇଅଛି ।

ଆରମ୍ଭ–ବି. (ଆ-ରଭ୍-ଅ) ଉପକ୍ରମ ।

ଆରବ, ଆରାବ–ବି. (ଆ-ରୁ-ଅ) ଶବ୍ଦ ।

ଆରଶି–(ଆଦର୍ଶ ଶବ୍ଦରୁ) ଦର୍ପଣ ; ଆଦର୍ଶ ।

ଆରାଧନା–ବି. (ଆ-ରାଧ୍-ଅନ-ଆ) ଉପାସନା ।

ଆରାଧ୍ୟ–ବି°. (ଆ-ରାଧ୍-ଯ) ଉପାସ୍ୟ ।

ଆରାମ–ବି. (ଆ-ରମ୍-ଅ) ଉପବନ ।

ଆରାମ–ବି. ସୁସ୍ଥତା ।

ଆରୁଷା–ବି. ଦେଶୀକୁକୁରବିଶେଷ ।

ଆରୂଢ଼–ବି°. (ଆ-ରୁହ୍-ତ) ଅଧିରୂଢ଼ ।

ଆରେ–ଅବଜ୍ଞାସୂଚକ ସମ୍ବୋଧନ ଶବ୍ଦ ।

ଆରେକ–ବି°. ଅନ୍ୟଜଣେ ।

ଆରୋଗ୍ୟ–ବି. (ଅରୋଗ-ଯ) ସ୍ୱାସ୍ଥ୍ୟ । [ଭିବା ।

ଆରୋପ–ବି. (ଆ-ରୋପି-ଅ) କଳ୍ପନା ; ଲଗା-

ଆରୋହ–ବି. (ଆ-ରୁହ୍-ଅ) ଆରୋହଣ ।

ଆରୋହଣ–ବି. (ଆ-ରୁହ୍-ଅନ) ଚଢ଼ିବା ।

ଆରୋହଣୀ–ବି. (ଆ-ରୁହ୍-ଇନ୍-ଈ) ସୋପାନ ।

ଆରୋହୀ–ବି°. (ଆ-ରୁହ୍-ଇନ୍) ଆରୋହଣକାରୀ ।

ଆର୍ଜ୍ଜବ, ଆର୍ଜବ–ବି. (ଋଜୁ-ଅ) ସରଳତା ।

ଆର୍ତ୍ତ–ବି°. (ଆ-ଋ-ତ) ପୀଡ଼ିତ ; ବ୍ୟାକୁଳ ।

ଆର୍ତ୍ତି–ବି. (ଆ-ଋ-ତି) ପୀଡ଼ା ।

ଆର୍ଦ୍ର–ବି°. (ଅର୍ଦ୍-ର) ଓଦା ; ଦ୍ରବୀଭୂତ ।

ଆର୍ଦ୍ରକ–ବି. (ଆର୍ଦ୍ର-କ) ଅଦା ।

ଆର୍ଦ୍ରା–ବି. ନକ୍ଷତ୍ରବିଶେଷ ।

ଆର୍ଯ୍ୟ–ବିଂ. (ଅ-ଋ-ଯ) ସଭ୍ୟ; ପୂଜ୍ୟ; ଶ୍ରେଷ୍ଠ। ବି. ଆର୍ଯ୍ୟଜାତି।

ଆର୍ଯ୍ୟାବର୍ତ୍ତ–ବି. (ଆର୍ଯ୍ୟ-ଆବର୍ତ୍ତ) ହିମାଳୟ ଓ ବିନ୍ଧ୍ୟପର୍ବତର ମଧ୍ୟବର୍ତ୍ତୀ ସ୍ଥାନ।

ଆଲଟ–ବି. (ଦେଶଜ) ରାଜବ୍ୟଜନ ବା ପଙ୍ଖା।

ଆଲତ–ବି. (ଆରବୀ ଶବ୍ଦଜ) ମାଂସରଞ୍ଜନା।

ଆଲମ୍ବ–ବି. (ଆ-ଲମ୍ବ୍-ଅ) ଆଶ୍ରୟ।

ଆଲମ୍ବନ–ବି. (ଆ-ଲମ୍ବ୍-ଅନ) ଅବଲମ୍ବନ; ଆଶ୍ରୟ।

ଆଲୟ–ବି. (ଆ-ଲୀ-ଅ) ଗୃହ।

ଆଲବାଲ–ବି. ଗଛର ମଳା।

ଆଲସ୍ୟ–ବି. (ଅଲସ-ଯ) ଅଲସୁଆପଣ; ମାନ୍ଦ୍ୟ। [କଥାବାର୍ତ୍ତା।

ଆଳାପ–ବି. (ଆ-ଲପ୍-ଅ) କଥୋପକଥନ;

ଆଳି, ଆଳୀ–ବି. ସଖୀ; ଶ୍ରେଣୀ।

ଆଲିଙ୍ଗନ–ବି. (ଆ-ଲିଙ୍ଗ୍-ଅନ) ଆଶ୍ଳେଷ, ପରସ୍ପର ବକ୍ଷମିଳନ।

ଆଲୀଢ଼–ବିଂ. (ଆ-ଲିହ୍-ତ) ଭକ୍ଷିତ; ଆସ୍ୱାଦିତ।

ଆଳୁ–ବି. ବୃକ୍ଷ ବିଶେଷ ଓ ତାହାର ମୂଳ।

ଆଲୁଅ–ବି. (ଆଲୋକ ଶବ୍ଦଜ) ଆଲୋକ; ପ୍ରକାଶ।

ଆଲେଖ୍ୟ–ବି. (ଆ-ଲିଖ୍-ଯ) ଚିତ୍ର; ଛବି।

ଆଲୋ–ଅ. ନୀଚ ସ୍ତ୍ରୀ ସମ୍ବୋଧନ।

ଆଲୋକ–ବି. (ଆ-ଲୋକ୍-ଅ) ଦର୍ଶନ; ଆଲୁଅ।

ଆଲୋକନ–ବି. (ଆ-ଲୋକ୍-ଅନ) ଦର୍ଶନ।

ଆଲୋଚନା–ବି. (ଆ-ଲୁଚ୍-ଅନ-ଆ) ଆନ୍ଦୋଳନ; ଚର୍ଚ୍ଚା।

ଆଲୋଡ଼ନ–ବି. (ଆ-ଲୁଡ଼୍-ଅନ) ମନ୍ଥନ; ଆନ୍ଦୋଳନ।

ଆଲୋଡ଼ିତ–ବିଂ. (ଆ-ଲୁଡ଼୍-ତ) ଆନ୍ଦୋଳିତ।

ଆଉର–ଅ. ଅହୁରି, ପୁଣି। [ଆଦରିବା।

ଆଉରିବା–(ଆ-ବୃ ଧାତୁରୁ) ମୋର ବୋଲି

ଆବରଣ–ବି. (ଆ-ବୃ-ଅନ) ଆଚ୍ଛାଦନ।

ଆବର୍ଜ୍ଜନା–ବି. (ଆ-ବୃଜ୍-ଅନ-ଆ) ଝାଟିଆ।

ଆବର୍ତ୍ତ–ବି. (ଆ-ବୃତ୍-ଅ) ଜଳଭଉଁରି; ଘୂର୍ଣ୍ଣନ।

ଆବର୍ତ୍ତନ–ବି. (ଆ-ବୃତ୍-ଅନ) ଭରଲାଇବା; ଘୂର୍ଣ୍ଣନ।

ଆବଳି }
ଆବଳୀ } ବି. ଶ୍ରେଣୀ; ପଂକ୍ତି।

ଆବଶ୍ୟକ–ବିଂ. (ଅବଶ୍ୟ-କ) ପ୍ରୟୋଜନୀୟ।

ଆବସଥ–ବି. (ଆ-ବସ୍-ଅଥ) ଆବାସ।

ଆବହ–ବିଂ. (ଆ-ବହ୍-ଅ) ବହନକାରୀ। ବି. ବାୟୁବିଶେଷ।

ଆବହମାନ–ବିଂ. ଚିର ପ୍ରଚଳିତ; କ୍ରମାଗତ।

ଆବାସ–ବି. (ଆ-ବସ୍-ଅ) ଗୃହ। [ଆହ୍ୱାନ।

ଆବାହନ–ବି. (ଆ-ବହ୍-ଇ-ଅନ) ନିମନ୍ତ୍ରଣ;

ଆବିର୍ଭାବ–ବି. (ଆବିସ୍-ଭୂ-ଅ) ପ୍ରକାଶ; ଉଦୟ।

ଆବିର୍ଭୂତ–ବିଂ. (ଆବିସ୍-ଭୂ-ତ) ପ୍ରକାଶିତ; ଉଦିତ।

ଆବିଷ୍କାର–ବି. (ଆବିସ୍-କୃ-ଅ) ନୂତନ ପ୍ରକାଶ।

ଆବିଷ୍କୃତ–ବିଂ. (ଆବିସ୍-କୃ-ତ) ନୂତନ ପ୍ରକାଶିତ।

ଆବିଷ୍କ୍ରିୟା–ବି. (ଆବିସ୍-କ୍ରିୟା) ନୂତନ ପ୍ରକାଶ।

ଆବିଷ୍ଟ–ବିଂ. (ଆ-ବିଶ୍-ତ) ନିବିଷ୍ଟ।

ଆବୁ-ବି. ଅଧିମାଂସ ; ରୋଗବିଶେଷ ।
ଆବୃତ-ବି. (ଆ-ବୃ-ତ) ଆଚ୍ଛାଦିତ ।
ଆବୃତ୍ତ-ବିଂ. (ଆ-ବୃତ୍-ତ) ଅଭ୍ୟସ୍ତ; ପୁନରାଗତ ।
ଆବୃତ୍ତି-ବିଂ. (ଆ-ବୃତ୍-ତି) ପଠନ ; ଅଭ୍ୟାସ ।
ଆବେଗ-ବି. (ଆ-ବିଜ୍-ଅ) ମନର ବେଗ ; ଭାବର ପ୍ରାବଲ୍ୟ ।
ଆବେଦନ-ବି. (ଆ-ବିଦ୍-ଇ-ଅନ) ନିବେଦନ ।
ଆବେଶ-ବି. (ଆ-ବିଶ୍-ଅ) ଅଧିଷ୍ଠାନ ; ମନୋଯୋଗ ।
ଆଶ-ବି. (ଆଶା ଶବ୍ଦଜ) ଆଶା ।
ଆଶଙ୍କା-ବି. (ଆ-ଶଙ୍କ୍-ଅ) ସନ୍ଦେହ ; ଭୟ ।
ଆଶୟ-ବି. (ଆ-ଶୀ-ଅ) ଅଭିପ୍ରାୟ ; ଆଶ୍ରୟ ।
ଆଶା-ବି. ଆକାଂକ୍ଷା ; ଦିଗ ।
ଆଶିସ୍-(ଆଶାଃ) ଶୁଭକାମନା । [ପ୍ରାର୍ଥନା ।
ଆଶୀର୍ବାଦ-ବି. ( ଆଶିସ୍-ବଦ୍-ଅ ) ମଙ୍ଗଳ-
ଆଶୀବିଷ-ବି. ସର୍ପ ।
ଆଶୁ-କ୍ରି· ବିଂ. ଶୀଘ୍ର ।
ଆଶୁଗ-ବି. (ଆଶୁ-ଗମ୍-ଅ) ଶର ।
ଆଶୁ-ତୋଷ-ବି. ମହାଦେବ । [ଜନକ ।
ଆଶ୍ଚର୍ଯ୍ୟ-ବି. (ଆ-ଚର୍-ଯ) ବିସ୍ମୟ ; ବିଂ. ବିସ୍ମୟ-
ଆଶ୍ଚର୍ଯ୍ୟାନ୍ୱିତ-ବିଂ. ( ଆଶ୍ଚର୍ଯ୍ୟ-ଅନୁ-ଇ-ତ ) ଆଶ୍ଚର୍ଯ୍ୟଯୁକ୍ତ ; ବିସ୍ମିତ । [ସ୍ଥାନ ।
ଆଶ୍ରମ-ବି. (ଆ-ଶ୍ରମ୍-ଅ) ମୁନିମାନଙ୍କର ବାସ-
ଆଶ୍ରୟ-ବି. (ଆ-ଶ୍ରି-ଅ) ରକ୍ଷାର ସ୍ଥାନ ।
ଆଶ୍ରା-ବି. (ଆଶ୍ରୟଶବ୍ଦଜ) ଆଶ୍ରୟ ।
ଆଶ୍ରିତ-ବିଂ. (ଆ-ଶ୍ରି-ତ) ଶରଣାଗତ ।

ଆଶ୍ଳିଷ୍ଟ-ବିଂ. (ଆ-ଶ୍ଲିଷ୍-ତ) ଆଲିଙ୍ଗିତ ।
ଆଶ୍ଲେଷ-ବି. (ଆ-ଶ୍ଲିଷ୍-ଅ) ଆଲିଙ୍ଗନ ।
ଆଶ୍ୱାସ-ବି. (ଆ-ଶ୍ୱସ୍-ଅ) ଆଶାଦାନ; ସାନ୍ତ୍ୱନା ।
ଆଶ୍ୱିନ-ବି. ମାସବିଶେଷ ।
ଆଷାଢ଼-ବି. ମାସବିଶେଷ ।
ଆସକ୍ତ-ବିଂ. (ଆ-ସନ୍ଜ୍-ତ) ଅନୁରକ୍ତ ।
ଆସକ୍ତି-ବି. ପ୍ରବଳ ଅନୁରାଗ ।
ଆସନ-ବି. (ଆସ୍-ଅନ) ବସିବାସ୍ଥାନ ।
ଆସନ୍ତା-ବିଂ. ଆଗାମୀ । [ବର୍ତ୍ତୀ ।
ଆସନ୍ନ-ବିଂ. ( ଆ-ସଦ୍-ତ ) ଉପସ୍ଥିତ ; ନିକଟ-
ଆସବ-ବି. ମଦ୍ୟ ।
ଆସାଦିତ-ବି. (ଆ-ସଦ୍-ଣିଚ୍-ତ) ପ୍ରାପ୍ତ ।
ଆସାମୀ-ବି. ପ୍ରତିବାଦୀ ।
ଆସାର-ବି. (ଆ-ସୃ-ଅ) ବୃଷ୍ଟିପତନ ।
ଆସିବା-କ୍ରି. ଆଗମନ କରିବା ।
ଆସୀନ-ବିଂ. (ଆସ୍-ଈନ) ଉପବିଷ୍ଟ ; ସ୍ଥିତ ।
ଆସୁରିକ-ବିଂ. (ଅସୁର-ଇକ) ଅସୁରଯୋଗ୍ୟ ।
ଆସ୍କନ୍ଦିତ-ଅଶ୍ୱର ଗତିବିଶେଷ ।
ଆସ୍ତରଣ-ବି. (ଆ-ସ୍ତୃ-ଅ-ଅନ) ଶଯ୍ୟା ।
ଆସ୍ତିକ-ବିଂ. (ଅସ୍ତି-ଇକ) ଈଶ୍ୱରବାଦୀ ।
ଆସ୍ତୀର୍ଣ୍ଣ-ବିଂ. (ଆ-ସ୍ତୃ-ତ) ବିସ୍ତୃତ ।
ଆସ୍ଥା-ବି. (ଆ-ସ୍ଥା-ଅ) ଯତ୍ନ, ଆଦର ।
ଆସ୍ଥାନ-ବି. (ଆ-ସ୍ଥା-ଅନ) ସଭା ; ବିଶ୍ରାମସ୍ଥାନ ।
ଆସ୍ପଦ-ବି. (ଆ-ପଦ୍-ଅ) ସ୍ଥାନ ; ପାତ୍ର ।
ଆସ୍ପର୍ଦ୍ଧା-ବି. ଗର୍ବ ; ଆସ୍ଫାଳନ ।

ଆସ୍ଫାଳନ-ବି. ଗର୍ବ ପ୍ରକାଶ ।

ଆସ୍ୟ-ବି. (ଅସ୍-ଯ) ମୁଖ ; ଅନନ ।

ଆସ୍ୱାଦ୍-ବି. (ଆ-ସ୍ୱଦ୍-ଅ) ମଧୁସ୍ୱାଦ ରସ ।

ଆସ୍ୱାଦନ-ବି. (ଆ-ସ୍ୱଦ୍-ଇ-ଅନ) ସ୍ୱାଦଗ୍ରହଣ ।

ଆହତ-ବିଂ. (ଆ-ହନ୍-ତ) ଅଘାତପ୍ରାପ୍ତ ।

ଆହରଣ-ବି. (ଆ-ହୃ-ଅନ) ସଂଗ୍ରହ ।

ଆହବ-ବି. (ଆ-ହ୍ୱେ-ଅ) ଯୁଦ୍ଧ ; ଯଜ୍ଞ ।

ଆହା-ଅଂ. ଖେଦସୂଚକ ଅବ୍ୟୟ ।

ଆହାର-ବି. (ଆ-ହୃ-ଅ) ଭୋଜନ ; ଖାଦ୍ୟ ।

ଆହାର୍ଯ୍ୟ-ବିଂ. (ଆ-ହୃ-ଯ) ଅହାରୀୟ ; ଭକ୍ଷ୍ୟ ।

ଆହୁତି-ବି. (ଆ-ହୁ-ତି) ଯଜ୍ଞାଗ୍ନିରେ ଘୃତକ୍ଷେପ ।

ଆହୁରି-ଅଂ. ପୁଣି, ଅଉ ।

ଆହୁଲା-ବି. କ୍ଷେପଣୀ, ନୌକାଚାଳନ ଦଣ୍ଡ ।

ଆହୂତ-ବିଂ. (ଆ-ହ୍ୱେ-ତ) ଅମନ୍ତ୍ରିତ ।

ଆହ୍ନିକ-ବିଂ. ( ଅହନ୍-ଇକ ) ଦୈନିକ । ବି. ସନ୍ଧ୍ୟାବନ୍ଦନାଦି ।

ଆହ୍ଲାଦ-ବି. (ଆ-ହ୍ଲାଦ୍-ଅ) ହର୍ଷ । [ହ୍ୱନ ।

ଆହ୍ୱାନ-ବି. (ଆ-ହ୍ୱେ-ଅନ) ସମ୍ବୋଧନ; ଆବା-

---

# ଇ

ବି. ତୃତୀୟ ସ୍ୱରବର୍ଣ୍ଣ ।

ଇଃ-ଅଂ. ଖେଦ ଓ ଘୃଣା ବା ବିରକ୍ତିସୂଚକ ଅବ୍ୟୟ ।

ଇକ୍ଷୁ-ସଂ. ବି. ଆଖୁଗଛ । [ଗୁଳ୍ମବିଶେଷ ।

ଇକଡ଼-ବି. (ସଂ. ଇକ୍ଷୁଟଶବ୍ଦରୁ) ଇକ୍ଷୁକାଣ୍ଡୀୟ

ଇଙ୍ଗିତ-ବି. (ଇନ୍‌ଗ୍-ତ) ସଙ୍କେତ ; ଠାର ; ଥଟ୍ଟା ।

ଇଙ୍ଗୁଦୀ-ସଂ. ବି. ବୃକ୍ଷବିଶେଷ ।

ଇଚଡ଼ା-ବି. କଣ୍ଟିପଣିଆ ।

ଇଚ୍ଛା-ବି. (ଇଷ୍-ଅ) ବାଞ୍ଛା ; ସ୍ପୃହା ।

ଇଚ୍ଛୁ, ଇଚ୍ଛୁକ-ବିଂ. (ଇଷ୍-ଉ) ଇଚ୍ଛାଯୁକ୍ତ ।

ଇଜ୍ଜତି-ବି. ମର୍ଯ୍ୟାଦା ।

ଇଜରା-ବି. କରବଦ ଆଦାୟ କରିବା କ୍ଷମତା ।

ଇଜାହାର-ବି. ଅଭିଯୋଗ ବର୍ଣ୍ଣନ ।

ଇଜ୍ୟା-ବି. (ଯଜ୍-ଯ-ଆ) ଯଜ୍ଞ ; ପୂଜା ।

ଇଟା-ବି. (ଇଷ୍ଟକଶବ୍ଦରୁ) ପୋଡ଼ା ମାଟିଖଣ୍ଡ ।

ଇଡ଼ା-ସଂ. ବି. ଶରୀରର ନାଡ଼ୀବିଶେଷ ।

ଇଡ଼ିବା-କ୍ରି. (ଇଡ୍‌ଧାତୁରୁ) ଟାଳିବା ।

ଇତ-ବିଂ. (ଇ-ତ) ଗତ, ପ୍ରାପ୍ତ ।

ଇତର-ସଂ. ବିଂ. ଭିନ୍ନ, ନୀଚ ।

ଇତରେତର-ବିଂ. (ଇତର-ଇତର) ପରସ୍ପର ।

ଇତସ୍ତତଃ-ଅଂ. (ଇତଃ-ତତଃ) ଏଣେତେଣେ ।

ଇତି-ଅଂ. (ଇ-ତି) ସମାପ୍ତି ।

ଇତିକର୍ତ୍ତବ୍ୟତା-ବି. ଏହାର ଔଚିତ୍ୟ ।

ଇତିମଧ୍ୟେ-କ୍ରି. ବିଂ. ଏଥିମଧ୍ୟେ ।

ଇତିବୃତ୍ତ-ବି. (ଇତି-ବୃତ୍-ତ) ଇତିହାସ ।

ଇତିହାସ-ବି. (ଇତିହ-ଅସ୍-ଅ) ପୂର୍ବବୃତ୍ତାନ୍ତ ।

ଇତ୍ୟାଦି-ଅଂ. (ଇତି-ଆଦି) ପ୍ରଭୃତି ।

ଇଦାନୀଂ-ଅଂ. (ଇଦମ୍-ଦାନୀଂ) ଅଧୁନା ।

ଇଦାନୀନ୍ତନ-ବିଂ. ଅଧୁନାତନ ।

ଇନାମ୍-ବି. ପୁରସ୍କାର ।

ଇନ୍ଦିରା–ବି. (ଇନ୍ଦ୍‌ଧାତୁ) ଲକ୍ଷ୍ମୀ ।
ଇନ୍ଦୀବର–ବି. ନୀଳବର୍ଣ୍ଣ, ନୀଳପଦ୍ମ ।
ଇନ୍ଦୁ–ବି. (ଇନ୍ଦ୍‌-ଉ) ଚନ୍ଦ୍ର ।
ଇନ୍ଦୁମତୀ–ବି. (ଇନ୍ଦୁ-ମତୁ-ଈ) ପୂର୍ଣ୍ଣିମା ; ଅଜ-ରାଜାଙ୍କର ପତ୍ନୀ ।
ଇନ୍ଦୁର–ବି. ମୂଷିକ ।
ଇନ୍ଦୁଲେଖା–ବି. ଚନ୍ଦ୍ରକଳା ।
ଇନ୍ଦ୍ର–ବି. (ଇନ୍ଦ୍‌-ର) ଦେବରାଜ । ବିଂ. ଶ୍ରେଷ୍ଠ ।
ଇନ୍ଦ୍ର-ଜାଲ–ବି. ଭେଳକବାଜୀ ; କୁହୁକ ।
ଇନ୍ଦ୍ରଜାଲିକ–ବି. ବାଜୀକର ।
ଇନ୍ଦ୍ରଜିତ–ବି. (ଇନ୍ଦ୍ର-ଜି-କ୍ୱିପ୍‌) ରାବଣପୁତ୍ର ।
ଇନ୍ଦ୍ର-ଧନୁ–ବି. ମେଘଦେହରେ ପତିତ ବିବର୍ଣ୍ଣ ଧନୁ ।
ଇନ୍ଦ୍ରନୀଳମଣି–ବି. ମଣିବିଶେଷ ।
ଇନ୍ଦ୍ର-ପ୍ରସ୍ଥ–ବି. ପ୍ରାଚୀନ ଦିଲ୍ଲୀ ।
ଇନ୍ଦ୍ର-ଯବ–ବି. (ଇନ୍ଦ୍ର-ଯବ) ଯବାକୃତି ତିକ୍ତ ବୀଜ-[ବିଶେଷ ।
ଇନ୍ଦ୍ରଲୁପ୍ତ–ବି. ଚନ୍ଦାପଡ଼ିବା ରୋଗ ।
ଇନ୍ଦ୍ରାଣୀ–ବି. ଇନ୍ଦ୍ରପତ୍ନୀ, ଶଚୀ ।
ଇନ୍ଦ୍ରାୟୁଧ–ବି. (ଇନ୍ଦ୍ର-ଆୟୁଧ) ଇନ୍ଦ୍ରଧନୁ ।
ଇନ୍ଦ୍ରିୟ–ବି. (ଇନ୍ଦ୍ର-ଇୟ) ଦର୍ଶନ ଶ୍ରବଣାଦି ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ହସ୍ତ ପଦାଦି ପଞ୍ଚ କର୍ମେନ୍ଦ୍ରିୟ ।
ଇନ୍ଧନ–ବି. (ଇନ୍ଧ୍‌-ଅନ) ଜଳିବାର କାଷ୍ଠାଦି ।
ଇଭ–ବି. ହସ୍ତୀ ।
ଇୟତ୍ତା–ବି. (ଇୟତ୍‌-ତା) ସୀମା ।
ଇରମ୍ମଦ–ବି. ବଜ୍ରାଗ୍ନି ।

ଇରାବତୀ–ବି. ନଦୀବିଶେଷ ।
ଇଳା–ବି. ପୃଥିବୀ ; ମନୁଙ୍କ କନ୍ୟା ।
ଇଲାକା–ବି. ଅଧିକାରଭୁକ୍ତ ସ୍ଥାନ ।
ଇଶାଦୀ–ବିଂ. ସାକ୍ଷୀ ।
ଇଶାରା–ବି. ସଙ୍କେତ ।
ଇଷୁ–ବି. ବାଣ, ଶର ।
ଇଷ୍ଟ–ବିଂ. ( ଇଷ୍‌-ତ ) ବାଞ୍ଛିତ ; ପ୍ରିୟ । ବି. [ବାଞ୍ଛା ।
ଇଷ୍ଟକ–ସ୍ତ୍ରୀ. ବି. ଇଟା ।
ଇଷ୍ଟି–ବି. (ଯଜ୍‌-ତି) ଯଜ୍ଞାଦିକର୍ମ ।
ଇସ୍‌–ଅଂ. ଘୃଣାବୋଧକ ଅବ୍ୟୟ ।
ଇସ୍ତିହାର–ବି. ଘୋଷଣା ।
ଇସ୍ପାତ–ବି. ପରିଷ୍କୃତ ଲୌହ ।
ଇହକାଳ–ବି. ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମୟ ।
ଇହଲୋକ–ବି. ଏହି ସଂସାର ।

---

## ଈ

ବି. ଚତୁର୍ଥ ସ୍ୱରବର୍ଣ୍ଣ ।

ଈଃ–ଅଂ. ଯନ୍ତ୍ରଣା-ଘୃଣା-ବୋଧକ ଶବ୍ଦ ।
ଈକ୍ଷଣ–ବି. (ଈକ୍ଷ୍‌-ଅନ) ଚକ୍ଷୁ ; ଦର୍ଶନ ।
ଈକ୍ଷିତ–ବିଂ. (ଈକ୍ଷ୍‌-ତ) ଦୃଷ୍ଟ ।
ଈତି–ବି. (ଇ-ତି) ଅତିବୃଷ୍ଟି, ଅନାବୃଷ୍ଟି ପ୍ରଭୃତି [ବିପଦ୍‌ ।
ଈଦୃଶ–(ଇଦମ୍‌-ଦୃଶ୍‌-ଅ) ଏପ୍ରକାର ।
ଈପ୍ସା–ବି. (ଆପ୍‌-ସନ୍‌-ଅ) ବାଞ୍ଛା ।
ଈର୍ଷା, ଈର୍ଷ୍ୟା–ବି. ପରଶ୍ରୀକାତରତା ; ହିଂସା ।
ଈଶ–ବି. (ଈଶ୍‌-ଅ) ଈଶ୍ୱର ; ପ୍ରଭୁ ।

ଈଶାନ-ବ. (ଈଶ୍-ଅନ) ମହେଶ୍ୱର ; ଉତ୍ତର-ପୂର୍ବ କୋଣ ।

ଈଶାନୀ-ବ. (ଈଶ୍-ଅନୀ) ଦୁର୍ଗା ।

ଈଶ୍ୱର-ବ. ( ଈଶ୍-ବର ) ମହାଦେବ ; ପରମେଶ୍ୱର ; ପ୍ରଭୁ ।

ଈଷତ୍-ସଂ. ବ. ଅଳ୍ପ, କିଞ୍ଚିତ୍ । [ଈଷ ।

ଈଷା-ସଂ. ବ. ଲଙ୍ଗଳ ଦଣ୍ଡ ; ଲଙ୍ଗଳର

ଈହା-ବ. (ଈହ୍-ଅ) ଚେଷ୍ଟା ; ଯତ୍ନ ; ଇଚ୍ଛା ।

---

ଉ ବ. ପଞ୍ଚମ ସ୍ୱର, ସମ୍ବୋଧନ-ଭୟ ବିସ୍ମୟସୂଚକ ଅବ୍ୟୟ ।

ଉଃ-ଅଂ. କ୍ରୋଧ ବା କ୍ଳେଶବୋଧକ ଅବ୍ୟୟ ।

ଉଅ-ଅରୁଅ ।

ଉଆସ-ବ. (ଆବାସଶବ୍ଦଜ) ରାଜବାଟୀ ; ନଅର ।

ଉଁଆସ-(ଅମାବାସ୍ୟା ଶବ୍ଦରୁ) ଅମାବାସ୍ୟା ।

ଉଇ-ବ. ପିପୀଲିକାବିଶେଷ ।

ଉଇଁବା-କ୍ରି (ଉଦୟଶବ୍ଦରୁ) ଉଦିତ ହେବା ।

ଉକୁଣୀ-ବ. (ଉତ୍କୁଣଶବ୍ଦରୁ) କେଶକୀଟ ।

ଉକୁଟେଇବା-କ୍ରି. ଲଟକାଇବା ।

ଉକ୍ତ-ବି. (ବଚ୍-ତ) କଥିତ ।

ଉକ୍ତି-ବ. (ବଚ୍-ତି) କଥା ; ବଚନ ।

ଉକ୍ଷ-ବ. ବଳଦ ବା ଷଣ୍ଢ ।

ଉଖୁଡ଼ା-ବ. ଗୁଡ଼ମିଶ୍ରିତ ଖଇ ।

ଉଗ୍ର-ବି. ତୀବ୍ର ; ପ୍ରଚଣ୍ଡ ।

ଉଗ୍ରଚଣ୍ଡା-ବ. ଚଣ୍ଡିକା ଦେବୀ ।

ଉଗ୍ରତା-ବ. ପ୍ରଚଣ୍ଡସ୍ୱଭାବ ।

ଉଗ୍ରସେନ-ବ. କଂସର ପିତା । [ଦେବା ।

ଉଘେଇବା-କ୍ରି. ଦୋଷ ଉଲ୍ଲେଖ କରି ଗାଳି-

ଉଚିତ-ବି. (ଉଚ୍-ଇତ) ନ୍ୟାଯ୍ୟ ; ଯୋଗ୍ୟ ।

ଉଚ୍ଚ-ବି. ଉନ୍ନତ ।

ଉଚ୍ଚରିତ-ବି. (ଉତ୍-ଚର୍-ତ) ଶବ୍ଦ ଯୁକ୍ତ ; କଥିତ ।

ଉଚ୍ଚଳିତ-ବି. (ଉତ୍-ଚଲ୍-ତ) ନିର୍ଗତ ; ପ୍ରସ୍ଥିତ ।

ଉଚ୍ଚାଟ-ବ. ଚଞ୍ଚଳତା ; ଉଦବେଗ ।

ଉଚ୍ଚାଟନ-ବ. ଚଞ୍ଚଳକରଣ ; ଉଦ୍ବେଗ ।

ଉଚ୍ଚାବଚ-ବି. ଉଚ୍ଚନୀଚ ।

ଉଚ୍ଚାରଣ-ବ. (ଉତ୍-ଚର୍-ଣିଚ୍-ଅନ) କଥନ ; ଶବ୍ଦକରଣ ।

ଉଚ୍ଚୈଃ-ଅଂ. ଉଚ୍ଚ, ଉଚ୍ଚସ୍ୱରରେ ।

ଉଚ୍ଚୈଃଶ୍ରବା-ବ. (ଉଚ୍ଚୈଃ-ଶ୍ରବସ୍) ଇନ୍ଦ୍ରଙ୍କର ଘୋଟକ ; ବି. ବଧିର । (ପ୍ରୟୋଗ) ।

ଉଚ୍ଛୁଣି-ଅଂ. ଏକ୍ଷଣି ; ବର୍ତ୍ତମାନ ( ଗ୍ରାମ୍ୟ

ଉଚ୍ଛୁର-ବ. ବିଳମ୍ବ, ଡେରି । [ଉଠିବା ।

ଉଚ୍ଛୁଳିବା-କ୍ରି. ତରଳପଦାର୍ଥ ଉପରକୁ

ଉଚ୍ଛନ୍ନ-(ଉତ୍-ଛଦ୍-ତ) ବ୍ୟସ୍ତ ; ଚଞ୍ଚଳ ।

ଉଚ୍ଛଳିତ-ବି. ( ଉତ୍-ଶଲ୍-ତ ) ସବେଗେ ଉତ୍ଥିତ ।

ଉଚ୍ଛିନ୍ନ-ବି. (ଉତ୍-ଛିଦ୍-ତ) ବିନଷ୍ଟ ; ଉନ୍ମୂଳିତ ।

ଉଚ୍ଛିଷ୍ଟ-ବି. ( ଉତ୍-ଶିଷ୍-ତ ) ଭୁକ୍ତାବଶିଷ୍ଟ ; ଅଇଣ୍ଠା ।

ଉଚ୍ଛୃଙ୍ଖଳ-ବି. ( ଉତ୍-ଶୃଙ୍ଖଳ ) ଉଦ୍ଦାମ ; ସ୍ୱେଚ୍ଛାଚାରୀ । [ଳନ ।

ଉଚ୍ଛେଦ-ବ. (ଉତ୍-ଛିଦ୍-ଅ) ବିନାଶ ; ଉନ୍ମୂ-

ଉଚ୍ଛ୍ୱସିତ—ବି. (ଉତ୍-ଶ୍ୱସ୍-ତ) ଊର୍ଦ୍ଧ୍ୱକୁ ଶ୍ୱସିତ ; ବହିର୍ବ୍ୟକ୍ତ ।

ଉଚ୍ଛ୍ୱାସ—ବି. (ଉତ୍-ଶ୍ୱସ୍-ଅ) ନିଃଶ୍ୱାସ; ଅଶ୍ୱାସ; ଭାବପ୍ରକାଶ ; ଅଧ୍ୟାୟ ।

ଉଜ୍ଜୟିନୀ—ବି. ଅବନ୍ତୀପ୍ରଦେଶର ରାଜଧାନୀ ।

ଉଜ୍ଜ୍ୱଳ—ବି. (ଉତ୍-ଜ୍ୱଳ) ତେଜୋମୟ ; ନିର୍ମଳ ।

ଉଜାଣି—କ୍ରି. ବି. (ଉଦ୍ୟାନ ଶବ୍ଦରୁ) ସ୍ରୋତର ବିପରୀତ ଦିଗରେ ।

ଉଜିର—ବି. ମନ୍ତ୍ରୀ ।

ଉଜୁଡ଼ିବା—କ୍ରି. ନଷ୍ଟ ହେବା ।

ଉଜ୍ଜୃମ୍ଭଣ—ବି. (ଉତ୍-ଜୃମ୍ଭ୍-ଅନ) ହାଇମାରିବା ।

ଉଝାଳିବା—କ୍ରି. (ଉଜ୍ଜ୍ୱଳଶବ୍ଦଜ) ପରିଷ୍କାର କରିବା ।

ଉଟେଇଁ—ବି. ଅକାରଣ (ଗ୍ରାମ୍ୟ ପ୍ରୟୋଗ) ।

ଉଞ୍ଚ—ବି. ଉଚ୍ଚ ।

ଉଟେଇଁରିବା—କ୍ରି. ଅପାତାର୍ଥ ଠେକିବା ।

ଉଞ୍ଛ—ବି. ଧାନ୍ୟାଦି ଖୁଣ୍ଟିନେବା ।

ଉଟଜ—ବି. ପର୍ଣ୍ଣଶାଳା ।

ଉଠିଆ—ବି. (ଉତ୍ଥିତଶବ୍ଦଜ) ଅବାଧୀ ।

ଉଠିବା—କ୍ରି. ଉତ୍ଥିତ ହେବା ; ଦଣ୍ଡାୟମାନ ହେବା ।

ଉଡୁ—ବି. ତାରା ।

ଉଡୁପ—ବି. ତାରାନାଥ ; ଚନ୍ଦ୍ର ; ଭେଳା ।

ଉଡ୍ଡୟନ—ବି. (ଉତ୍-ଡୀ-ଅନ) ଉଡିବା ।

ଉଡ୍ଡୀନ—ବି. (ଉତ୍-ଡୀ-ତ) ଉତ୍ପତିତ ; ଯେ ଉଡେ ।

ଉଡ୍ଡୀୟମାନ—ବି. (ଉତ୍-ଡୀ-ଯ-ଅନ) ଉଡନ୍ତା ।

ଉଣ୍ଡିବା—କ୍ରି. ଖୋଜିବା ; ଠଉରାଇବା ।

ଉତ୍—ଅ. ଉଚ୍ଚତା ଓ ଅତିରେକ ବୋଧକ ଉପସର୍ଗ ।

ଉତ୍କଟ—ବି. ଅତିଶୟିତ ; ଗର୍ବିତ । [ବେଗ ।

ଉତ୍କଣ୍ଠା—ବି. (ଉତ୍-କଣ୍ଠ-ଅ) ଭାବନା ; ଉଦ୍-

ଉତ୍କଣ୍ଠିତ—ବି. ଉଦ୍‌ବଗ୍ନ; ଚିନ୍ତିତ ।

ଉତ୍କର୍ଷ—ବି. (ଉତ୍-କୃଷ୍-ଅ) ଶ୍ରେଷ୍ଠତା ।

ଉତ୍କଳ—ବି. ଓଡ଼ିଶା ପ୍ରଦେଶ ।

ଉତ୍କଳିକା—ବି. ଉତ୍କଣ୍ଠା ।

ଉତ୍କୀର୍ଣ୍ଣ—ବି. (ଉତ୍-କୃ-ତ) ଖୋଦିତ ।

ଉତ୍କୃଷ୍ଟ—ବି. (ଉତ୍-କୃଷ୍-ତ) ଶ୍ରେଷ୍ଠ ; ପ୍ରଧାନ ।

ଉତ୍କୋଚ—ସଂ.ବି. ଲାଞ୍ଚ ; ଚସବତ୍ର । [କ୍ରାନ୍ତ ।

ଉତ୍କ୍ରାନ୍ତ—ବି. (ଉତ୍-କ୍ରମ୍-ତ) ଉଦ୍ଗତ, ଅତି-

ଉତ୍କ୍ଷିପ୍ତ ବି. (ଉତ୍-କ୍ଷିପ୍-ତ) ଊର୍ଦ୍ଧ୍ୱକୁ ନିକ୍ଷିପ୍ତ ।

ଉତ୍କ୍ଷେପ—ବି. (ଉତ୍-କ୍ଷିପ୍-ଅ) ଊର୍ଦ୍ଧ୍ୱକୁ ନିକ୍ଷେପ ।

ଉତ୍ଖାତ—ବି. (ଉତ୍-ଖନ୍-ତ) ଉନ୍ମୂଳିତ ।

ଉତ୍ତପ୍ତ—ବି. (ଉତ୍-ତପ୍-ତ) ଉଷ୍ଣ ; ସଂତପ୍ତ ।

ଉତ୍ତମ—ବି. (ଉତ୍-ତମ୍-ଅ) ଶ୍ରେଷ୍ଠ ।

ଉତ୍ତମର୍ଣ୍ଣ—ବି. (ଉତ୍ତମ-ଋଣ) ଋଣଦାତା ।

ଉତ୍ତମାଙ୍ଗ—ବି. (ଉତ୍ତମ-ଅଙ୍ଗ) ମସ୍ତକ; ଶିର ।

ଉତ୍ତର—ବି. (ଉତ୍-ତର) ଉତ୍ତରଦିଗ ; ପ୍ରତି-ବଚନ ; ପରବର୍ତ୍ତୀ ; ଅଧିକ ।

ଉତ୍ତରକାଳ—ବି. ଭବିଷ୍ୟତ ସମୟ ।

ଉତ୍ତରଣ—ବି. (ଉତ୍-ତରଣ) ନଦ୍ୟାଦି ପାର ହେବା ।

ଉତ୍ତରାଧିକାରୀ-ବି. (ଉତ୍ତର ଅଧିକାର-ଇନ୍) ଦାୟାଦ; ପରେ ଅଧିକାରୀ ।

ଉତ୍ତରାୟଣ-ବି. (ଉତ୍ତର-ଅୟନ) ସୂର୍ଯ୍ୟର ଉତ୍ତରଅଡ଼କୁ ଗତି ।

ଉତ୍ତରାଷାଢା-ବି. ନକ୍ଷତ୍ରବିଶେଷ ।

ଉତ୍ତରୀୟ-ବି. (ଉତ୍ତର-ଈୟ) ଚଦର; ଅଚ୍ଛାଦନବସ୍ତ୍ର ।

ଉତ୍ତରୋତ୍ତର-କ୍ରି ବି. (ଉତ୍ତର-ଉତ୍ତର) ପରେ ପରେ; କ୍ରମେ କ୍ରମେ ।

ଉତ୍ତାନ-ବି. (ଉତ୍-ତନ୍-ଅ) ଊର୍ଦ୍ଧ୍ୱମୁଖ ; ଚିତ୍ ।

ଉତ୍ତାପ-ବି. (ଉତ୍-ତପ୍-ଅ) ତାପ; ଉଷ୍ଣତା ।

ଉତ୍ତାରେ-ଅ. (ଉତ୍ତରଶବ୍ଦଜ) ପରେ ।

ଉତ୍ତାଳ-ବି. (ଉତ୍-ତଲ-ଅ) ଉନ୍ନତ ; ଅତିଉଚ୍ଚ ; ଭୀଷଣ । [କାର୍ଯ୍ୟ ।

ଉତ୍ତୀର୍ଣ୍ଣ-ବି. (ଉତ୍-ତୃ-ତ) ପାରଗତ;କୃତ-

ଉତ୍ତୁଙ୍ଗ-ବି. (ଉତ୍-ତୁଙ୍ଗ) ଅତିଉଚ୍ଚ ।

ଉତ୍ତେଜକ-ବି. ଉଦ୍ଦୀପକ ; ଉତ୍ସାହପ୍ରଦ ।

ଉତ୍ତେଜନା-ବି. (ଉତ୍-ତିଜ୍-ଅନ-ଆ) ଉଦ୍ଦୀପନା ; ପ୍ରବର୍ତ୍ତନା ।

ଉତ୍ତେଜିତ-ବି. ଉଦ୍ଦୀପିତ । [ଟେକିବା ।

ଉତ୍ତୋଳନ-ବି. (ଉତ୍-ତୁଲ-ଅନ) ଉତ୍ଥାପନ ;

ଉତ୍ଥାନ-ବି.(ଉତ୍-ସ୍ଥା-ଅନ)ଉଠିବା; ଉଦ୍ୟମ ।

ଉତ୍ଥାପନ-ବି. (ଉତ୍-ସ୍ଥା-ଇ-ଅନ) ଉତ୍ତୋଳନ; ଉଠାଇବା ।

ଉତ୍ଥାପିତ-ବି. ପ୍ରସ୍ତାବିତ ।

ଉତ୍ଥିତ-ବି. (ଉତ୍-ସ୍ଥା-ତ) ଉତ୍ପନ୍ନ; ଉନ୍ନତ ।

ଉତ୍ପତ୍ତି-ବି. (ଉତ୍-ପଦ୍-ତି) ଉଦ୍ଭବ ; ଜନ୍ମ ।

ଉତ୍ପନ୍ନ-ବି. (ଉତ୍-ପଦ୍-ତ) ଉଦ୍ଭୂତ ; ଜାତ ।

ଉତ୍ପଳ-ବି. ପଦ୍ମ । [ଉତ୍ତୋଳନ ।

ଉତ୍ପାଟନ-ବି. (ଉତ୍-ପାଟି-ଅନ) ଉନ୍ମୂଳନ ;

ଉତ୍ପାତ-ବି. (ଉତ୍-ପତ୍-ଅ) ଉପଦ୍ରବ ; ଦୌରାତ୍ମ୍ୟ ।

ଉତ୍ପାଦନ-ବି. (ଉତ୍-ପାଦ-ଅନ) ଜନ୍ମାଇବା ।

ଉତ୍ପାଦକ-ବି. ଉତ୍ପତ୍ତିକର୍ତ୍ତା; ଯେ ଜନ୍ମାଏ ।

ଉତ୍ପୀଡ଼ନ-ବି. (ଉତ୍-ପୀଡ଼୍-ଅନ) ପୀଡ଼ାଦେବା; ଅତ୍ୟାଚାର ।

ଉତ୍ପ୍ରେକ୍ଷା-ବି. (ଉତ୍-ପ୍ର-ଈକ୍ଷ୍-ଅ) ଅର୍ଥାଳଙ୍କାରବିଶେଷ; ତର୍କ । [ସିତ ।

ଉତ୍ଫୁଲ୍ଲ-ବି. (ଉତ୍-ଫୁଲ୍ଲ-ଅ) ପ୍ରଫୁଲ୍ଲ ; ବିକ-

ଉତ୍ସ-ବି. (ଉତ୍-ସ) ପ୍ରସ୍ରବଣ ; ଝର ।

ଉତ୍ସଙ୍ଗ ବି. (ଉତ୍-ସଞ୍ଜ୍-ଅ) କୋଡ଼ ।

ଉତ୍ସନ୍ନ-ବି. (ଉତ୍-ସଦ୍-ତ) ନଷ୍ଟ ।

ଉତ୍ସର୍ଗ-ବି. (ଉତ୍-ସୃଜ୍-ଅ) ପରିତ୍ୟାଗ; ଦାନ ।

ଉତ୍ସବ-ବି. (ଉତ୍-ସୁ-ଅ) ଆନନ୍ଦାନୁଷ୍ଠାନ ।

ଉତ୍ସାରିତ-ବି. (ଉତ୍-ସୃ-ଣିଚ୍-ତ) ଊର୍ଦ୍ଧ୍ୱକୁ ଚାଳିତ ।

ଉତ୍ସାହ-ବି.(ଉତ୍-ସହ-ଅ) ଆଶାପୂର୍ଣ୍ଣ ବ୍ୟଗ୍ରତା ।

ଉତ୍ସାହିତ-ବି.(ଉତ୍-ସହ-ଇ-ତ) ଉତ୍ତେଜିତ ।

ଉତ୍ସୁକ-ବି. (ଉତ୍-ସୁ-କ) ବ୍ୟଗ୍ର । [ଦତ୍ତ ।

ଉତ୍ସୃଷ୍ଟ-ବି. (ଉତ୍-ସୃଜ୍-ତ) ତ୍ୟକ୍ତ; ବିସୃଷ୍ଟ ;

ଉତ୍ସେଧ-ବି. (ଉତ୍-ସିଧ୍-ଅ) ଉଚ୍ଚତା ।

ଉଦ, ଉଦକ-ବି. ଜଳ ।

ଉଦଗ୍ର-ବିଂ. (ଉତ୍-ଅଗ୍ର) ଉନ୍ନତ, ଉଦ୍ଧତ ।

ଉଦଧି-ବି. (ଉଦ-ଧି) ସମୁଦ୍ର ।

ଉଦନ୍ତ-ବି. (ଉତ୍-ଅନ୍ତ) ବାର୍ତ୍ତା ; ସମ୍ବାଦ ।

ଉଦୟ-ବି. (ଉତ୍-ଇ-ଅ-) ଉତ୍ଥାନ; ପ୍ରକାଶ; ବୃଦ୍ଧି ।

ଉଦର-ବି. ପେଟ ।

ଉଦାତ୍ତ-ବିଂ. (ଉତ୍-ଆ-ଦା-ତ) ଉଚ୍ଚ; ମହତ୍; ବଦାନ୍ୟ । [ତ୍ୟାଗୀ; ଅସ୍ଥାଶୂନ୍ୟ ।

ଉଦାନ-ବି. ଶରୀରର ବାୟୁବିଶେଷ ।

ଉଦାର-ବିଂ. ( ଉତ୍-ଆ-ଋ-ଅ ) ମହତ୍, ବଦାନ୍ୟ । [ତ୍ୟାଗୀ; ଅସ୍ଥାଶୂନ୍ୟ ।

ଉଦାସୀନ-ବିଂ. (ଉତ୍-ଅସ୍-ଈନ) ସଂସାର-

ଉଦାହରଣ-ବି. (ଉତ୍-ଆ-ହୃ-ଅନ) ଦୃଷ୍ଟାନ୍ତ; ନିଦର୍ଶନ ।

ଉଦାହୃତ-ବିଂ. ଦୃଷ୍ଟାନ୍ତରୂପେ ପ୍ରଯୁକ୍ତ ।

ଉଦିତ-ବିଂ. ଉଥିତ ; ପ୍ରକାଶିତ ।

ଉଦୀଚୀ-ବି. ଉତ୍ତରଦିଗ ।

ଉଦୀରଣ-ବି. (ଉତ୍-ଈର୍-ଅନ) ଉଚ୍ଚାରଣ ।

ଉଦୀରିତ-ବିଂ. ଉଚ୍ଚାରିତ ।

ଉଦୁମ୍ବର-ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଉଦୁଖଳ-ବି. ଧାନ୍ୟାଦି କାଣ୍ଡିବାର ପାତ୍ର ।

ଉଦ୍ଗତ-ବିଂ. (ଉତ୍-ଗମ୍-ତ) ଉତ୍ପନ୍ନ; ଉଥିତ ।

ଉଦ୍ଗମ-ବି. (ଉତ୍-ଗମ୍-ଅ) ଉତ୍ପତ୍ତି ।

ଉଦ୍ଗାତା-ବିଂ.(ଉତ୍-ଗୈ-ତୃ) ସାମବେଦଗାୟକ ।

ଉଦ୍ଗାର } ବି. ( ଉତ୍-ଗୃ-ଅ, ଅନ ) ବମନ;
ଉଦ୍ଗିରଣ } ନିଃସରଣ ।

ଉଦ୍ଗୀର୍ଣ୍ଣ ବିଂ. (ଉତ୍-ଗୃ-ତ) ବମିତ ।

ଉଦ୍ଗ୍ରୀବ-ବିଂ. (ଉତ୍-ଗ୍ରୀବା-ଅ) ଊର୍ଦ୍ଧ୍ୱଗ୍ରୀବ; ଉନ୍ମୁଖ । [ରତ ।

ଉଦ୍ଘାଟନ-ବି. (ଉତ୍-ଘାଟି-ଅନ) ଉନ୍ମୋ-

ଉଦ୍ଦାମ-ବିଂ. (ଉ-ଦାମ୍-ଅ) ଉଚ୍ଛୃଙ୍ଖଳ ।

ଉଦ୍ଦିଷ୍ଟ-ବିଂ. (ଉତ୍-ଦିଶ୍-ତ) ଅଭିପ୍ରେତ ।

ଉଦ୍ଦୀପନ-ବି. (ଉତ୍-ଦୀପ୍-ଅନ) ଉତ୍ତେଜନ ।

ଉଦ୍ଦେଶ-ବି. (ଉତ୍-ଦିଶ୍-ଅ) ଲକ୍ଷ୍ୟ; ଅନୁସନ୍ଧାନ ।

ଉଦ୍ଦେଶ୍ୟ-ବିଂ. (ଉତ୍-ଦିଶ-ଯ) ଲକ୍ଷ୍ୟ ।

ଉଦ୍ଧତ-ବିଂ. (ଉତ୍-ହନ-ତ) ଧୃଷ୍ଟ; ଅବିନୀତ ।

ଉଦ୍ଧବ-ବି. କୃଷ୍ଣଙ୍କର ସଖା ।

ଉଦ୍ଧାର-ବି.(ଉତ୍-ହୃ-ଅ)ମୋଚନ; ପରିତ୍ରାଣ ।

ଉଦ୍ଧାରକ-ବି. ଯେ ଉଦ୍ଧାର କରେ ।

ଉଦ୍ଧୃତ-ବିଂ.(ଉତ୍-ହୃ-ତ)ମୋଚିତ; ଉତ୍ତୋଳିତ ।

ଉଦ୍ବନ୍ଧନ-ବି. (ଉଦ୍-ବନ୍ଧନ) ଗଳାରେ ଦଉଡ଼ି ଦେଇ ମରିବା ।

ଉଦ୍ବୋଧନ-ବି. ( ଉତ୍-ବୁଧ୍-ଅନ ) ଜାଗରିତ-କରଣ ; ଜ୍ଞାନୋତ୍ପାଦନ ।

ଉଦ୍ଭବ-ବି. (ଉତ୍-ଭୂ-ଅ) ଜନ୍ମ, ଉତ୍ପତ୍ତି ।

ଉଦ୍ଭାବନ-ବି. (ଉତ୍-ଭୂ-ଣିଚ୍-ଅନ) ନୂତନ ବିଷୟ ପ୍ରକାଶ ; ନୂତନ କଳ୍ପନା ।

ଉଦ୍ଭାସିତ-ବିଂ. ( ଉତ୍-ଭାସ୍-ତ ) ଦୀପ୍ତ; ଶୋଭିତ ।

ଉଦ୍ଭିଜ୍ଜ-ବିଂ. (ଉତ୍-ଭିଦ୍-ଜନ୍-ଅ)ତରୁଲତାଦି ।

ଉଦ୍ଭିଦ-ବି. (ଉତ୍-ଭିଦ୍-କ୍ୱିପ୍) ମାଟି ଭେଦ ଯେ ଉଠେ ; ବୃକ୍ଷାଦି ।

ଉଦ୍ଭୂତ-ବିଂ. (ଉତ୍-ଭୂ-ତ) ଜାତ, ଉତ୍ପନ୍ନ ।

ଉଦ୍ୟତ-ବିଂ. (ଉତ୍-ଯମ୍-ତ) ପ୍ରବୃତ୍ତ; ଉଦ୍ଯୁକ୍ତ ।
ଉଦ୍ୟମ-ବି.(ଉତ୍-ଯମ୍-ଅ) ଉଦ୍ଯୋଗ; ଚେଷ୍ଟା ।
ଉଦ୍ୟାନ-ବି. (ଉତ୍-ଯା-ଅନ) ଉପବନ ।
ଉଦ୍ଯାପନ-ବି. (ଉତ୍-ଯା-ଣିଚ୍-ଅନ) ବ୍ରତାଦି ସମାପନ ।
ଉଦ୍ଯାପିତ-ବିଂ. ସମାପିତ । [ଯତ୍ନ ।
ଉଦ୍ଯୋଗ-ବି. (ଉତ୍-ଯୁଜ୍-ଅ) ଉଦ୍ୟମ;
ଉଦ୍ଯୋଗୀ-ବିଂ ଯତ୍ନଶୀଳ, ଉଦ୍ୟମୀ ।
ଉଦ୍ରିକ୍ତ-ବିଂ. ଉଦ୍ରେଚିତ । [ଜନ ।
ଉଦ୍ରେକ-ବି. (ଉତ୍-ରିଚ୍-ଅ) ବୃଦ୍ଧି; ଉଦ୍ରେ-
ଉଦ୍ବାହି-ବି. (ଉତ୍-ବହ୍-ଅ) ବିବାହ ।
ଉଦ୍ବିଗ୍ନ-ବିଂ. (ଉତ୍-ବିଜ୍-ତ) ଚଞ୍ଚଳ, ଉତ୍କଣ୍ଠିତ ।
ଉଦ୍ବାହୁ-ବିଂ. ଊର୍ଦ୍ଧ୍ୱବାହୁ ।
ଉଦ୍ବୁଦ୍ଧ-ବିଂ. (ଉତ୍ ବୁଧ୍-ତ) ଜାଗରିତ ।
ଉଦ୍ବୃତ୍ତ-ବିଂ. (ଉତ୍ ବୃତ୍-ତ) ଅତିରିକ୍ତ; ବଳକା । [ଭୟ ।
ଉଦ୍ବେଗ-ବି. (ଉତ୍-ବିଜ୍-ଅ) ଉତ୍କଣ୍ଠା;
ଉଦ୍ବେଳ, ଉଦ୍ବେଳିତ } ବିଂ. (ଉତ୍-ବେଳା) ଉଚ୍ଛଳିତ, ସୀମାତିକ୍ରାନ୍ତ ।
ଉଧଃ-ବି. ଗୋସ୍ତନ ।
ଉଧାର-ବି. ଋଣ । [ଉତ୍ଥିତ ।
ଉନ୍ନତ-ବିଂ. (ଉତ୍-ନମ-ତ) ଉଚ୍ଚ ; ଉପରକୁ
ଉନ୍ନତି-ବି. (ଉତ୍-ନମ୍-ତି) ଉପରକୁ ଉଠିବା; ଶ୍ରୀବୃଦ୍ଧି । [ହୀନ ।
ଉନ୍ନିଦ୍ର-ବିଂ.(ଉତ୍-ନିଦ୍ରା-ଅ) ଜାଗରିତ; ନିଦ୍ରା-

ଉନ୍ନୀତ-ବିଂ. (ଉତ୍-ନୀ-ତ) ଉନ୍ନତିପ୍ରାପ୍ତ ।
ଉନ୍ମଜ୍ଜନ-ବି. (ଉତ୍-ମସ୍ଜ୍-ଅନ) ଜଳରୁ ଉଠିବା । [ପାଗଳ ।
ଉନ୍ମତ୍ତ-ବିଂ. (ଉତ୍-ମଦ୍-ତ) ଉନ୍ମାଦଗ୍ରସ୍ତ;
ଉନ୍ମନା-ବିଂ. ଉତ୍କଣ୍ଠିତ ; ଅନ୍ୟମନସ୍କ ।
ଉନ୍ମାଦ-ବି. (ଉତ୍-ମଦ୍-ଅ) ଚିତ୍ତବିଭ୍ରମ ।
ଉନ୍ମାର୍ଗ-ବି. କୁପଥ । [ଉନ୍ମେଷ ।
ଉନ୍ମୀଳନ-ବି. (ଉତ୍-ମିଲ୍-ଅନ) ବିକାଶ;
ଉନ୍ମୁକ୍ତ-ବିଂ. (ଉତ୍-ମୁଚ୍-ତ) ମୁକ୍ତ ।
ଉନ୍ମୁଖ-ବିଂ. (ଉତ୍-ମୁଖ) ଊର୍ଦ୍ଧ୍ୱମୁଖ; ଉତ୍ସୁକ ।
ଉନ୍ମୂଳନ-ବି. (ଉତ୍-ମୂଳି-ଅନ) ଉତ୍ପାଟନ ।
ଉନ୍ମୂଳିତ-ବିଂ. ଉତ୍ପାଟିତ ।
ଉନ୍ମେଷ-ବି (ଉତ୍-ମିଷ୍-ଅ) ଉନ୍ମୀଳନ ।
ଉନ୍ମୋଚନ-ବି. (ଉତ୍-ମୁଚ୍-ଅନ) ଫିଟାଇ-ଦେବା । [ଉପସର୍ଗ ।
ଉପ-ଅ· ସାମୀପ୍ୟ-ହୀନତା-ସାଦୃଶ୍ୟ-ବୋଧକ
ଉପକଣ୍ଠ-ବିଂ. ନିକଟ ସ୍ଥାନ ।
ଉପକଥା-ବି. (ଉପ-କଥା) କାହାଣି ।
ଉପକରଣ-ବି. (ଉପ-କୃ-ଅନ) ଉପାଦାନ; ସାମଗ୍ରୀ ।
ଉପକାର-ବି. (ଉପ-କୃ-ଅ) ହିତ; ମଙ୍ଗଳ ।
ଉପକାରୀ-ବିଂ. ହିତକାରକ ।
ଉପକୂଳ-ବି. ସମୁଦ୍ରତୀର ।
ଉପକୃତ-ବିଂ. (ଉପ-କୃ-ତ) ଉପକାରପ୍ରାପ୍ତ ।
ଉପକ୍ରମ-ବି. (ଉପ-କ୍ରମ୍-ଅ) ଆରମ୍ଭ ।
ଉପକ୍ରମଣିକା-ବି. ପ୍ରସ୍ତାବନା ; ଆରମ୍ଭଯୋଗ୍ୟ ଶିକ୍ଷା ।

ଉପଗତ—ବିଂ. (ଉପ-ଗମ୍-ତ) ଉପସ୍ଥିତ ।

ଉପଗ୍ରନ୍ଥ—ବି. (ଉପ-ଗ୍ରନ୍ଥ) କ୍ଷୁଦ୍ରଗ୍ରନ୍ଥ ।

ଉପଚୟ—ବି. (ଉପ-ଚି-ଅ) ବୃଦ୍ଧି ; ପୁଷ୍ଟି ।

ଉପଚାର—ବି. (ଉପ-ଚର୍-ଅ) ଶୁଶ୍ରୂଷା ; ସେବା ; ଚାଟୁବାକ୍ୟ ।

ଉପଚିକୀର୍ଷା—ବି. (ଉପ-କୃ-ସନ୍-ଅ) ଉପକାର କରିବାର ଇଚ୍ଛା ।

ଉପଚିତ—ବିଂ. ବୃଦ୍ଧିପ୍ରାପ୍ତ ।

ଉପଜୀବିକା—ବି. ଜୀବନୋପାୟ ; ବୃତ୍ତି ।

ଉପଜୀବୀ—ବିଂ. (ଉପ-ଜୀବ୍-ଇନ୍) ଆଶ୍ରୟକାରୀ ।

ଉପଜୀବ୍ୟ—ବିଂ. ଜୀବିକାପ୍ରଦ ।

ଉପଢୌକନ—ବି. (ଉପ-ଢୌକ୍-ଅନ) ଉପହାର ।

ଉପ-ତ୍ୟକା—ବି. ପର୍ବତର ନିକଟ ନିମ୍ନଭୂମି ।

ଉପଦଂଶ—ବି. (ଉପ-ଦନ୍ଶ୍-ଅ) କୁତ୍ସିତ ରୋଗବିଶେଷ ।

ଉପଦିଷ୍ଟ—ବିଂ. (ଉପ-ଦିଶ୍-ତ) ଶିକ୍ଷିତ, ଆଦିଷ୍ଟ ।

ଉପଦେଶ—ବି. (ଉପ-ଦିଶ୍-ଅ) ଶିକ୍ଷାଦାନ ।

ଉପଦେଶକ, ଉପଦେଷ୍ଟା—ବି. (ଉପ-ଦିଶ୍-ଅକ, ତୃ) ଶିକ୍ଷାଦାତା ।

ଉପଦ୍ରବ—ବି. (ଉପ-ଦ୍ରୁ-ଅ) ଉତ୍ପାତ ।

ଉପଦ୍ରୁତ—ବିଂ. ଉତ୍ପୀଡ଼ିତ ।

ଉପଦ୍ୱୀପ—ବି. ପ୍ରାୟ ଦ୍ୱୀପ ।

ଉପଧର୍ମ—ବି. (ଉପ-ଧୃ-ମ) କାଳ୍ପନିକଧର୍ମ ।

ଉପଧା—ବି. (ଉପ-ଧା-ଅ) ଅନ୍ତ୍ୟବର୍ଣ୍ଣର ପୂର୍ବବର୍ଣ୍ଣ ।

ଉପଧାନ—ବି. ତକିଆ ।

ଉପନୟନ—ବି. (ଉପ-ନୀ-ଅନ) ଯଜ୍ଞସୂତ୍ରଧାରଣ ସଂସ୍କାର ।

ଉପନିବେଶ—ବି. (ଉପ-ନି-ବିଶ୍-ଅ) ଦେଶାନ୍ତରନିବାସ ।

ଉପନିଷଦ୍—ବି. ବେଦର ଅନ୍ତଭାଗ ।

ଉପନୀତ—ବିଂ. (ଉପ-ନୀ-ତ) ଉପସ୍ଥିତ ।

ଉପନ୍ୟାସ—ବି. (ଉପ-ନି-ଅସ୍-ଅ) ଉପକଥା ; କଥାନ୍ୟାସ ।

ଉପପତି—ବି. ଗୁପ୍ତପତି ; ଜାର ।

ଉପପତ୍ତି—ବି. (ଉପ-ପଦ୍-ତି) ଯୁକ୍ତି ; ମୀମାଂସା ।

ଉପ-ପତ୍ନୀ—ବି. (ଉପ-ପତ୍ନୀ) ରକ୍ଷିତା ସ୍ତ୍ରୀ ।

ଉପପାଦ୍ୟ—ବିଂ. (ଉପ-ପଦ୍-ଯ) ଯୁକ୍ତିଦ୍ୱାରା ମୀମାଂସ୍ୟ ।

ଉପଭୋଗ—ବି. (ଉପ-ଭୁଜ୍-ଅ) ସୁଖାଦି ଭୋଗ ।

ଉପମା—ବି. (ଉପ-ମା) ଅର୍ଥାଲଙ୍କାର ; ତୁଳନା ।

ଉପମାନ—ବି. (ଉପ-ମା-ଅନ) ଯଦ୍ୱାରା ଉପମା ଦିଆଯାଏ ।

ଉପମିତ—ବିଂ. (ଉପ-ମା-ତ) ତୁଳିତ ।

ଉପମେୟ—ବିଂ. (ଉପ-ମା-ଯ) ତୁଳନୀୟ ।

ଉପଯୁକ୍ତ—ବିଂ. ଉପ-ଯୁଜ୍-ତ) ଯୋଗ୍ୟ ; ସମର୍ଥ ; ଉଚିତ ।

ଉପଯୋଗ—ବି. (ଉପ-ଯୁଜ୍-ଅ) ବ୍ୟବହାର, ପ୍ରୟୋଜନ ।

ଉପଯୋଗୀ—ବିଂ. (ଉପ-ଯୁଜ୍-ଇନ୍) ଉପଯୁକ୍ତ ।

ଉପରତି—ବି. (ଉପ-ରମ୍-ତି) ନିବୃତ୍ତି ।

ଉପରାଗ—ବି. (ଉପ-ରନ୍ଜ୍-ଅ) ଚନ୍ଦ୍ର ଓ ସୂର୍ଯ୍ୟର ଗ୍ରହଣ ।

ଉପରୋଧ—ବି. (ଉପ-ରୁଧ୍-ଅ) ଅନୁରୋଧ ।

ଉପର୍ଯ୍ୟୁପରି–ଅ°. (ଉପରି-ଉପରି) ପୁନଃ ପୁନଃ ; ଗୋଟିକ ଉପରେ ଗୋଟିଏ ।

ଉପଲ–ବି. ପ୍ରସ୍ତର; ପାଷାଣ ।

ଉପଲକ୍ଷ୍ୟ–ବି. (ଉପ-ଲକ୍ଷ-ଅ-ଯ) ଉଦ୍ଦେଶ୍ୟ ।

ଉପଲକ୍ଷିତ–ବି°. ସୂଚିତ । [ପ୍ରାପ୍ତ ।

ଉପଲବ୍ଧ–ବି°.(ଉପ-ଲଭ୍-ତ) ଜ୍ଞାତ; ଅନୁଭୂତ;

ଉପବନ–ବି. ଉଦ୍ୟାନ । [ଉପାସ ।

ଉପବାସ–ବି. (ଉପ-ବସ୍-ଅ) ଅନାହାର ;

ଉପବିଷ୍ଟ–ବି°. (ଉପ-ବିଶ୍-ତ) ଆସୀନ ।

ଉପବୀତ–ବି. (ଉପ-ବେ-ଇ-ତ) ଯଜ୍ଞସୂତ୍ର ।

ଉପବେଶନ–ବି. (ଉପ-ବିଶ୍-ଅନ) ଆସନଗ୍ରହଣ ।

ଉପଶମ–ବି. (ଉପ-ଶମ୍-ଅ) ଶାନ୍ତି; ନିବୃତ୍ତି ।

ଉପସଂହାର–ବି. (ଉପ-ସମ୍-ହୃ-ଅ) ନାଶ ; ସମାପ୍ତି ।

ଉପସର୍ଗ–ବି. (ଉପ-ସର୍ଗ) ଉପଦ୍ରବ; ରୋଗବିକାର ; ଅବ୍ୟୟ ଶବ୍ଦବିଶେଷ ।

ଉପସ୍ଥ–ବି. (ଉପ-ସ୍ଥା-ଅ) ପୁଂଚିହ୍ନ ।

ଉପସ୍ଥାନ–ବି. (ଉପ-ସ୍ଥା-ଅନ) ଉପସ୍ଥିତି ।

ଉପସ୍ଥିତ–ବି°. (ଉପ-ସ୍ଥା-ତ) ସମୀପେ ସ୍ଥିତ ; ଆଗତ ।

ଉପସ୍ୱତ୍ୱ–ବି. (ଉପ-ସ୍ୱତ୍ୱ) ଆୟ ; ଲାଭ ।

ଉପହାର–ବି. (ଉପ-ହୃ-ଅ) ଉପଢୌକନ ।

ଉପହାସ–ବି. (ଉପ-ହସ୍-ଅ) ଅବଜ୍ଞାଯୁକ୍ତ ପରିହାସ । [କ୍ରିୟା ।

ଉପାଖ୍ୟାନ–ବି. (ଉପ-ଆ-ଖ୍ୟା-ଅନ) ଆଖ୍ୟା-

ଉପାଡ଼ିବା–କ୍ରି. (ଉତ୍ପାଟନଶବ୍ଦଜ) ଉଖାଡ଼ିବା ।

ଉପାତ୍ତ–ବି°. (ଉପ-ଆ-ଦା-ତ) ଗୃହୀତ; ଲବ୍ଧ ।

ଉପାଦାନ–ବି.(ଉପ-ଆ-ଦା-ଅନ)ଉପକରଣ ।

ଉପାଦେୟ–ବି°. (ଉପ-ଆ-ଦା-ଯ) ଉତ୍ତମ ; ଗ୍ରାହ୍ୟ ।

ଉପାଧାନ–ବି. (ଉପ-ଆ-ଧା-ଅନ) ତକିଆ ।

ଉପାଧି–ବି. ( ଉପ-ଆ-ଧା-ଇ ) ଉପନାମ ; ପଦବୀ ।

ଉପାଧ୍ୟାୟ–ବି.(ଉପ-ଅଧି-ଇ-ଅ)ଅଧ୍ୟାପକ ।

ଉପାନହ–ବି. (ଉପ-ଆ-ନହ୍) ଜୋତା ।

ଉପାନ୍ତ–ବି. ନିକଟ ସ୍ଥାନ ।

ଉପାୟ–ବି. (ଉପ-ଇ-ଅ) କାର୍ଯ୍ୟସାଧନ ପନ୍ଥା ।

ଉପାୟନ–ବି. ଉପହାର ।

ଉପାର୍ଜ୍ଜନ–ବି. (ଉପ-ଅର୍ଜ୍ଜନ) ଅର୍ଜ୍ଜନ ।

ଉପାଲମ୍ଭ–ବି. (ଉପ-ଆ-ଲଭ୍-ଅ) ତିରସ୍କାର ।

ଉପାସକ–ବି°. (ଉପ-ଅସ୍-ଅକ) ପୂଜକ ।

ଉପାସନା–ବି. (ଉପ-ଅସ୍-ଅନ-ଆ) ପୂଜା ; ସେବା ।

ଉପାସ୍ୟ–ବି. (ଉପ-ଅସ୍-ଯ) ପୂଜ୍ୟ ; ସେବ୍ୟ ।

ଉପୁଜିବା–କ୍ରି°. (ଉତ୍ପାଦନଶବ୍ଦଜ) ଜନ୍ମିବା ।

ଉପୁଡ଼ିବା–କ୍ରି°. ଉଖୁଡ଼ିପଡ଼ିବା । [ଦାଗ ।

ଉପେକ୍ଷା–ବି. ( ଉପ-ଈକ୍ଷ୍-ଅ ) ଅନାଦର ;

ଉପେତ–ବି°. (ଉପ-ଇ-ତ) ଯୁକ୍ତ ।

ଉପେନ୍ଦ୍ର–ବି. ବିଷ୍ଣୁ ।

ଉପୋଷିତ–ବି°. (ଉପ-ବସ୍-ତ) ଉପବାସୀ ।

ଉପୋଦ୍ଘାତ–ବି. ଉପକ୍ରମ ।

ଉପ୍ତ–ବି°. (ବପ୍-ତ) ବୁଣା (ବୀଜସମ୍ବନ୍ଧରେ) ।

ଉଭ, ଉଭୟ—ବିଂ. ଦୁଇ, ଦ୍ୱୟ ।

ଉଭା—ବିଂ. ଠିଆ ।

ଉଭେଇଯିବା—କ୍ରିଂ. ଅଦୃଶ୍ୟ ହେବା ।

ଉମର—ବି. ବୟସ ।

ଉମା—ବି. (ଉ-ମା) ପାର୍ବତୀ ।

ଉରଃ—ବି. ବକ୍ଷସ୍ଥଳ ; ହୃଦୟ ।

ଉରଗ—ବି. (ଉରସ୍-ଗମ୍-ଅ) ସର୍ପ ।

ଉରଜ, ଉରସିଜ—ବି.(ଉରସ୍-ଜନ୍-ଅ) ସ୍ତନ ।

ଉରୁ—ବି. ଜଂଘ ।

ଉରୁ—ବିଂ. ବିଶାଳ ।

ଉର୍ଣ୍ଣ-ନାଭ—ସଂ. ମାକଡ଼ସା ।

ଉର୍ଣ୍ଣା—ବି. ମେଷଲୋମ ।

ଉର୍ବରା—ବିଂ. ଫଳୋତ୍ପାଦକ ।

ଉର୍ବଶୀ—ବି. ଅପ୍ସରାବିଶେଷ ।

ଉର୍ବୀ—ବି. ପୃଥିବୀ ।

ଉଲଟ—ବିଂ. ବିପରୀତ ।

ଉଲାଖ—ବି. (ଉଲ୍ଲେଖଶବ୍ଦଜ) ଦୃଷ୍ଟାନ୍ତ ।

ଉଲୁଗୁଣା—ବି. ଦୃଷ୍ଟାନ୍ତସହ ତିରସ୍କାର ।

ଉଲୂକ—ବି. ପେଚା ।

ଉଲ୍କା—ବି. ଆକାଶରୁ ପତିତ ଅଗ୍ନିମୟ ପିଣ୍ଡ ।

ଉଲ୍ଲଙ୍ଘନ—ବି. (ଉତ୍-ଲଙ୍ଘ୍-ଅନ) ଅତିକ୍ରମ ।

ଉଲ୍ଲଙ୍ଘିତ—ବିଂ. ଅତିକ୍ରାନ୍ତ ।

ଉଲ୍ଲମ୍ଫନ—ବି. (ଉତ୍-ଲମ୍ଫ୍-ଅନ) କୁଦିବା ।

ଉଲ୍ଲସିତ—ବିଂ. (ଉତ୍-ଲସ୍-ତ) ଆନନ୍ଦିତ ।

ଉଲ୍ଲାସ—ବି. (ଉତ୍-ଲସ୍-ଅ) ଆନନ୍ଦ ; ଗ୍ରନ୍ଥର ଅଧ୍ୟାୟ ।

ଉଲ୍ଲିଖିତ—ବିଂ.(ଉତ୍-ଲିଖ୍-ତ)ଉପରେ ଲିଖିତ; ପୂର୍ବ କଥିତ ।

ଉଲ୍ଲେଖ—ବି. (ଉତ୍-ଲିଖ୍-ଅ) ପ୍ରସଙ୍ଗ ।

ଉଲ୍ଲୋଳ—ବିଂ. (ଉତ୍-ଲୋଳ) ଅତି ଆନ୍ଦୋଳନମୟ ।

ଉଶନା—ବି. ଶୁକ୍ରାଚାର୍ଯ୍ୟ ।

ଉଶୀର—ବି. ବେଣା ମୂଳ ।

ଉଷତ—ବିଂ. ଆନନ୍ଦିତ, ।

ଉଷା—ବି. ପ୍ରଭାତକାଳ ।

ଉଷିତ—ବିଂ. ବାସି ।

ଉଷ୍ଣା—ବିଂ. (ଉଷ୍ଣନ୍ ଶବ୍ଦଜ) ସିଦ୍ଧ ।

ଉଷ୍ଟ୍ର—ବି. ଓଟ ।

ଉଷ୍ଣ—ବିଂ. ତପ୍ତ ।

ଉଷ୍ଣୀଷ—ବି. ପଗଡ଼ି ; ପାଗ ।

ଉସ୍ୱାସ—ବିଂ. ଲଘୁ ; ହାଲୁକା ।

ଉସ୍କେଇବା—କ୍ରିଂ. ତେଜିବା ; ଉତ୍ତେଜିତ କରିବା ; ଉତ୍ସାହିତ କରିବା ।

ଉହା—ବି. କୁମ୍ଭାର ଚକ୍ର ।

ଉହାଡ଼—ବି. ଅନ୍ତରାଳ ; ଆବରଣ ।

---

## ଊ

ବି. ଷଷ୍ଠ ସ୍ୱରବର୍ଣ୍ଣ, ।

ଊଢ଼—ବିଂ. (ବହ୍-ତ) ବିବାହିତ ।

ଊଣା—ବିଂ. (ଊନଶବ୍ଦଜ) ଅଳ୍ପ ; କମ୍ ।

ଊଧଃ—ସଂ. ବି. ପଶୁର ସ୍ତନ ।

ଊନ—ବିଂ. ଅଳ୍ପ ; କମ୍ ।

ଊରୁ-ବି. (ଊର୍ଣ୍ଣୁ+ଉ) ଜାନୁର ଉପରଭାଗ ।
ଊର୍ଜସ୍ୱଳ-ବିଂ. (ଊର୍ଜସ୍-ବଳ) ଅତିତେଜସ୍ୱୀ ।
ଊର୍ଦ୍ଧ୍ୱ-ବିଂ. ଉତ୍ତୋଳିତ; ବି. ଉପରଅଙ୍ଗ ।
ଊର୍ଣ୍ଣନାଭ-ବିଂ. (ଊର୍ଣ୍ଣା-ନାଭି) ମାକଡ଼ସା ।
ଊର୍ମ୍ମି-ବି. ତରଙ୍ଗ; ଲହରୀ ।
ଊର୍ମ୍ମିଳା-ବିଂ. (ଊର୍ମ୍ମି-ଲ-ଆ) ଊର୍ମ୍ମିଯୁକ୍ତ ; ବି. ଲକ୍ଷ୍ମଣଙ୍କ ପତ୍ନୀ ।
ଊଷର-ବିଂ. ଲବଣାକ୍ତ; ବି. ଲବଣାକ୍ତ ଭୂମି ।
ଊହ-ବି. (ଊହ୍-ଅ) ବିତର୍କ ।
ଊହ୍ୟ-ବିଂ. (ଊହ୍-ଯ) ତର୍କଣୀୟ; ପ୍ରଯୋଜ୍ୟ ।

---

## ଋ ବି. ସପ୍ତମ ସ୍ୱରବର୍ଣ୍ଣ ।

ଋକ୍-ବି. ଋଗ୍ବେଦ; ବେଦମନ୍ତ୍ର ।
ଋକ୍ଷ-ବି. ଭଲ୍ଲୁକ; ନକ୍ଷତ୍ର ।
ଋଜୁ-ବିଂ. ସରଳ; ସଳଖ ।
ଋଣ-ବି. (ଋ-ତ) କରଜ; ଉଧାର ।
ଋଣୀ-ବି. (ଋଣ-ଇନ୍) ଖାତକ ।
ଋତ-ବିଂ. ସତ୍ୟ; ପୀଡ଼ିତ ।
ଋତୁ-ବି. ମାସଦ୍ୱୟବ୍ୟାପୀ କାଳ, ଗ୍ରୀଷ୍ମ, ବର୍ଷା, ଶରତ୍, ହେମନ୍ତ, ଶିଶିର ଓ ବସନ୍ତ ; ସ୍ତ୍ରୀରଜ ।
ଋତୁମତୀ-ବିଂ. (ଋତୁ-ମତ୍-ଈ) ରଜସ୍ୱଳା ।
ଋତୁରାଜ-ବି. ବସନ୍ତକାଳ ।
ଋତ୍ୱିକ୍-ବି. (ଋତୁ-ଯଜ୍-କ୍ୱିପ୍) ପୁରୋହିତ ।
ଋଦ୍ଧି-ବି. (ଋଧ୍-ତି) ସମ୍ପଦ୍ ; ଭବ ।
ଋଷଭ-ବି. ବୃଷଭ; ସଙ୍ଗୀତ ବିଦ୍ୟାର ସପ୍ତସ୍ୱର ମଧ୍ୟରେ ଦ୍ୱିତୀୟ ।
ଋଷି-ବି. (ଋଷ୍-ଇ) ମୁନି ।
ଋଷିକୁଲ୍ୟା-ବି. ନଦୀବିଶେଷ ।
ଋଷ୍ୟ-ବି. ମୃଗବିଶେଷ ।
ଋଷ୍ୟମୂକ-ବି. ପର୍ବତବିଶେଷ ।
ଋଷ୍ୟଶୃଙ୍ଗ-ବି. ମୁନିବିଶେଷ ।

---

## ଏ ବି. ଅଷ୍ଟମ ସ୍ୱରବର୍ଣ୍ଣ; ସର୍ବ.-ଏହି, ଏହା ।

ଏଇ-ସର୍ବ. (ଏତତ୍ଶବ୍ଦଜ) ଅଗ୍ରସ୍ଥିତ ।
ଏକ-ବି. ଆଦ୍ୟସଂଖ୍ୟା ; ବିଂ. ଅଦ୍ୱିତୀୟ ।
ଏକକ-ବିଂ. (ଏକ-କ) ଏକାକୀ; ବି. ଆଦ୍ୟସଂଖ୍ୟା ।
ଏକକାଳୀନ-ବିଂ. ଏକ କାଳରେ ଯେ ଘଟେ ।
ଏକଧର୍ମ୍ମା-ବିଂ. ସମାନଚର୍ଯ୍ୟତ ।
ଏକଚିତ୍ତୀୟା-ବିଂ. ଏକାୟତ୍ତ ।
ଏକଚତ୍ୱାରିଂଶ-ବିଂ. ୪୧ । [ପକ୍ଷରେ ।
ଏକତଃ-ଅ. (ଏକ-ତସ୍) ଏକଦିଗରେ; ଏକ-
ଏକତନ୍ତ୍ରୀ, ଏକତାରା } ବି. ଏକତନ୍ତ୍ରୀଯୁକ୍ତ ବାଦ୍ୟ ।
ଏକତମ-ବିଂ. ଅନେକ ମଧ୍ୟରେ ଏକ ।
ଏକତର-ବିଂ. ଦୁଇ ମଧ୍ୟରେ ଏକ ।
ଏକତା-ବି. ଐକ୍ୟ; ସାମ୍ୟ । [ଏକାଗ୍ର ।
ଏକତାନ-ବି. ଏକତ୍ର ମିଳିତ ସ୍ୱର; ବିଂ.
ଏକତ୍ରିଂଶ-ବିଂ. ୩୧ ।

ଏକତ୍ର–କ୍ରି. ବି. ଏକ ସ୍ଥାନରେ ।
ଏକତ୍ୱ–ବି. ଐକ୍ୟ ; ଅଭେଦ ।
ଏକଦା–କ୍ରି. ବି. ଏକ ସମୟରେ ।
ଏକଦେଶ–ବି. କୌଣସି ଅଂଶ ।
ଏକଧା–ଅ. ଏକପ୍ରକାରେ ।
ଏକବାଗିୟା–ବି. ଅବାଧ୍ୟ ।
ଏକଲ୍ଲା–ବି. (ଏକଲ ଶବ୍ଦରୁ) ଏକାକୀ ।
ଏକଷଠି–ବି. ୬୧ ।
ଏକସ୍ତରି–ବି. ୭୧ ।
ଏକା–ବି. (ଏକ ଶବ୍ଦରୁ) ଏକଲା ।
ଏକାକୀ–ବି. ଏକକ ; ଅସହାୟ ।
ଏକାଗ୍ର–ବି. (ଏକ-ଅଗ୍ର) ଏକ ବିଷୟରେ ନିବିଷ୍ଟ ।
ଏକାଗ୍ରତା–ବି. ଏକ ବିଷୟରେ ଅଭିନିବେଶ ।
ଏକାତ୍ମା–ବି. (ଏକ-ଆତ୍ମା) ଏକପ୍ରାଣ ।
ଏକାଦଶୀ–ବି. ତିଥିବିଶେଷ ।
ଏକାନବେ–ବି. ୯୧ ।
ଏକାନ୍ତ–ବି. (ଏକ-ଅନ୍ତ) ଅତ୍ୟନ୍ତ ; ନିର୍ଜନ ।
ଏକାନ୍ନ–ବି. (ଏକ-ଅନ୍ନ) ଏକତ୍ର ପାକ ।
ଏକାନ୍ନବର୍ତ୍ତୀ–ବି. (ଏକ-ଅନ୍ନ-ବୃତ୍-ଇନ୍) ଯେଉଁମାନେ ଏକ ପାକରେ ଖାଆନ୍ତି ।
ଏକାବନ–ବି. ୫୧ ।
ଏକାମ୍ରକାନନ–ବି. (ଏକ-ଆମ୍ର-କାନନ) ଭୁବନେଶ୍ୱରତୀର୍ଥ ।
ଏକାଶୀ–ବି. ୮୧ ।
ଏକୀକରଣ–ବି. (ଏକ-ଈ-କୃ-ଅନ) ଏକତ୍ର ସ୍ଥାପନ ।

ଏକୁଟିଆ–ବି. ଏକାକୀ ।
ଏକୁନ–ବି. ମୋଟ ।
ଏକୁଆ, ଏକୋଇ } ବି. ଦିନଛଡ଼ା ଜ୍ୱର ।
ଏକୋଇଶ–ବି. ୨୧ ।
ଏକୋଦର–ବି. (ଏକ-ଉଦର) ସହୋଦର ।
ଏକୋଦ୍ଦିଷ୍ଟ–ବି. ଏକ ବ୍ୟକ୍ତିର ଉଦ୍ଦେଶରେ ଅନୁଷ୍ଠିତ ।
ଏକ୍ଷଣି–କ୍ରି. ବି. (ଏତଦ୍-କ୍ଷଣ) ଏହିକ୍ଷଣରେ ।
ଏଠାରେ–କ୍ରି. ବି. ଏ ସ୍ଥାନରେ ।
ଏଡ଼ିବା–କ୍ରି. ଲଙ୍ଘିବା ; ଅତିକ୍ରମ କରିବା ।
ଏଡ଼େ–କ୍ରି. ବି. ଏ ପରିମାଣରେ ।
ଏଣ–ବି. ମୃଗ ।
ଏଣିକି–କ୍ରି. ବି. ଏ ଆଡ଼କୁ ।
ଏଣୀ–ବି. (ଏଣ-ଈ) ମୃଗୀ ।
ଏଣୁ–ଅ. ଏହି ହେତୁରୁ ।
ଏଣେ–ଅ. ଏଆଡ଼େ ।
ଏଣେତେଣେ–ଅ. ଏଆଡ଼େ ସେଆଡ଼େ ।
ଏଣ୍ଡୁଅ–ବି. ସରୀସୃପବିଶେଷ, କୃକଳାସ ।
ଏଣ୍ଡୁରି–ବି. ପିଷ୍ଟକବିଶେଷ ।
ଏତାଦୃଶ–ବି. (ଏତଦ୍-ଦୃଶ୍) ଏପ୍ରକାର ।
ଏତାବତ୍–ବି. (ଏତଦ୍-ବତ୍) ଏତଦ୍ ପରିମାଣ ; ଏତେ ।
ଏତେ–କ୍ରି. ବି. ଏ ସଂଖ୍ୟାରେ ।
ଏମନ୍ତ–ବି. ଏପ୍ରକାର ।
ଏରଣ୍ଡ–ବି. ଗବଗଛ ।

ଏରୁଣ୍ଡି-ବି. ଦ୍ୱାରବନ୍ଧ ।
ଏଲା-ବି. ଅଲେଇଚ ।
ଏବଂ-ଅ. ଏହି ପ୍ରକାରେ ; ଅପିଚ ।
ଏବମ୍ବିଧ-ବି. ଏହିପ୍ରକାରେ ।
ଏବେ-ଅ. ବର୍ତ୍ତମାନ, ସଂପ୍ରତି ।
ଏଷଣା-ବି. (ଇଷ୍-ଅନ୍-ଆ) ଅନ୍ୱେଷଣ ।
ଏସ୍ରାଜ-ବି. ସେତାର ସଦୃଶ ବାଦ୍ୟଯନ୍ତ୍ର ।

---

## ଐ ନବମ ସ୍ୱରବର୍ଣ୍ଣ ।

[ଭାବ ।
ଐକମତ୍ୟ-ବି. (ଏକ-ମତ-ଯ) ଏକମତ ହେବାର
ଐକାନ୍ତିକ-ବି. (ଏକାନ୍ତ-ଇକ) ପ୍ରଗାଢ଼; ଦୃଢ଼ ।
ଐକାହ୍ନିକ-ବି. (ଏକ-ଅହନ୍-ଇକ) ଏକଦିନ ସମ୍ବନ୍ଧୀୟ ।
ଐକ୍ୟ-ବି. (ଏକ-ଯ) ଏକତା ।
ଐଚ୍ଛିକ-ବି. (ଇଚ୍ଛା-ଇକ) ଇଚ୍ଛା ସମ୍ବନ୍ଧୀୟ ।
ଐତିହାସିକ-ବି. (ଇତିହାସ-ଇକ) ଇତିହାସ-ସଂକ୍ରାନ୍ତ ।
ଐତିହ୍ୟ-ବି. (ଇତି-ହ-ଯ) ପ୍ରବାଦ ।
ଐନ୍ଦବ-ବି. (ଇନ୍ଦୁ-ଅ) ଚନ୍ଦ୍ର ସମ୍ବନ୍ଧୀୟ ।
ଐନ୍ଦ୍ରଜାଲିକ-ବି. (ଇନ୍ଦ୍ର-ଜାଲ୍-ଇକ) କୁହୁକୀ, ବାଜୀକର ।
ଐରାବତ-ବି. (ଇରା-ବତ୍-ଅ) ଇନ୍ଦ୍ରହସ୍ତୀ ।
ଐଶ-ବି. (ଈଶ-ଅ) ଈଶ୍ୱରସମ୍ବନ୍ଧୀୟ ।
ଐଶ୍ୱର୍ଯ୍ୟ-ବି. (ଈଶ୍ୱର-ଯ) ପ୍ରଭୁତ୍ୱ; ବିଭବ ।
ଐହିକ-ବି. (ଇହ-ଇକ) ଇହକାଳସମ୍ବନ୍ଧୀୟ ।

## ଓ ଦଶମ ସ୍ୱରବର୍ଣ୍ଣ, ବି. ବ୍ରହ୍ମା ; ଅ. ସମ୍ବୋଧନ ।

ଓଁ-ଅ. ପ୍ରଣବ; ଓଙ୍କାର ।
ଓଉ-ବି. ଅମ୍ଳଫଳବିଶେଷ ।
ଓକର-ବି. ଗୋଇ ; ଗୃହଚ୍ଛିଦ୍ର ।
ଓଗାଳିବା-କ୍ରି. (ଅର୍ଗଳଶବ୍ଦରୁ) ଅଟକାଇବା ।
ଓଘ-ବି. ପ୍ରବାହ ; ତରଙ୍ଗ ।
ଓଜଃ-ବି. ତେଜ; ବଳ ।
ଓଜନ-ବି. ତୌଲ ।
ଓଜର-ବି. ହେତୁ ; ଛଳ ।
ଓଜସ୍ୱୀ-ବି. (ଓଜସ୍-ବିନ୍) ତେଜସ୍ୱୀ; ବଳବାନ୍ ।
ଓଝ-ବି. ବର୍ଗମୂଳ ବାହାର କରିବା । [ତଙ୍କ ।
ଓଝା-ବି. (ଉପାଧ୍ୟାୟ ଶବ୍ଦରୁ) ଶିକ୍ଷକ ; ଗଣି-
ଓଟାରିବା-କ୍ରି. ଆକର୍ଷଣ କରିବା; ଟାଣିବା ।
ଓଡ଼ାଙ୍କ-ବି. ନିର୍ଦ୍ଦିଷ୍ଟ ପ୍ରଣାଳୀରେ ମିଶାଣ ।
ଓଡ଼ିଆ-ବି. (ଓଡ୍ରଶବ୍ଦରୁ) ଉତ୍କଳୀୟ ।
ଓଡ୍ର, ଓଡ୍ର-ବି. ଉତ୍କଳଦେଶ ।
ଓଢ଼ଣା-ବି. ସ୍ତ୍ରୀଲୋକଙ୍କର ମୁଖ ଛାଦନ ବସ୍ତ୍ର ।
ଓତପ୍ରୋତ-ବି. ସବୁଆଡ଼େ ବ୍ୟାପ୍ତ । [ବସ୍ତ୍ର ।
ଓତା-ବି. (ଉତ୍ପଶ୍ୟଶବ୍ଦଜ) ତଦର; ଉତ୍ପଶ୍ୟ-
ଓଦନ-ବି, ଭାତ ।
ଓଲଟା-ବି. ବିପରୀତ ।
ଓଲଣ-ବି. ମିସ୍ତ୍ରିମାନଙ୍କର ମାପିବା ଦଉଡ଼ି ।
ଓଲ୍ଲ-ବି. ବୁଦ୍ଧିହୀନ ।
ଓଲଉଠା-ବି. ବସୂଖସେସ ।

ଓଲି-ବ. ଛପରର ଶେଷଭାଗ; ଦନ୍ତାର୍ଦ୍ଧ; ମୃତ୍ତିକା-
ପାତ୍ରବିଶେଷ । [ନିର୍ମିତ ଚୁଲା ।

ଓଲିଆ-ବ. ଶସ୍ୟାଦି ବାନ୍ଧି ରଖିବାପାଇଁ ପାଲ-

ଓଷଧି-ବ. ଜ୍ୟୋତିର୍ଲତା; ଔଷଧ ।

ଓଷଧୀଶ-ବ. (ଓଷଧି-ଈଶ) ଚନ୍ଦ୍ର ।

ଓଷ୍ଠ-ବ. ଓଠ ।

ଓଷ୍ଠ୍ୟ-ବଂ. (ଓଷ୍ଠ-ଯ) ଓଷ୍ଠଦ୍ୱାରା ଉଚ୍ଚାରିତ ।

ଓସା-ବ. (ଉପବାସଶବ୍ଦଜ) ଉପବାସ; ବ୍ରତ ।

ଓସାର-ବ. ପ୍ରସ୍ଥ ; ଚୌଡ଼ା ।

ଓହଳ-ବ. ( ଅବରୋହ ଶବ୍ଦଜ ) ବରଗଛରୁ
ତଳକୁ ଯେଉଁ ଅଂଶ ବାହାରେ ।

ଓହଳିବା-କ୍ରିଂ. ତଳକୁ ଖସିବା; ଝୁଲିବା ।

ଓହ୍ଲାଇବା-କ୍ରିଂ. (ଅବରୋହ ଶବ୍ଦରୁ) ଅବ-
ତରଣ କରିବା ।

---

# ଔ ଚତୁର୍ଦ୍ଦଶ ସ୍ୱରବର୍ଣ୍ଣ ।

ଔଚିତ୍ୟ-ବ. (ଉଚିତ-ଯ) କର୍ତ୍ତବ୍ୟତା ।

ଔତ୍ସୁକ୍ୟ-ବ. (ଉତ୍ସୁକ-ଯ) ଉତ୍କଣ୍ଠା; ଆଗ୍ରହ ।

ଔଦରିକ-ବଂ. (ଉଦର-ଇକ) ଉଦରମ୍ଭରି;
ପେଟୁ । [ବଦାନ୍ୟତା ।

ଔଦାର୍ଯ୍ୟ-ବ ( ଉଦାର-ଯ ) ଉଦାରତା;

ଔଦାସ୍ୟ } ବ. (ଉଦାସ-ଉଦାସୀନ-ଯ)
ଔଦାସୀନ୍ୟ } ବୈରାଗ୍ୟ; ଅନାସ୍ଥା ।

ଔପନିବେଶିକ-ବଂ. (ଉପନିବେଶ-ଇକ) ଉପ-
ନିବେଶସମ୍ବନ୍ଧୀୟ । [ନିର୍ମିତ ଆସନ ।

ଔରଭ୍ର-ବ. (ଉରଭ୍ର=ମେଷ+ଅ) ଲୋମ-

ଔରସ-ବଂ. (ଉରସ୍-ଅ) ସ୍ୱୟଂ ଉତ୍ପାଦିତ;
ଧର୍ମପତ୍ନୀଜାତ ।

ଔର୍ଦ୍ଧ୍ୱଦୈହିକ-ବଂ.(ଊର୍ଦ୍ଧ୍ୱ-ଦେହ-ଇକ) ମୃତର
ସତ୍କାର ସମ୍ବନ୍ଧୀୟ ।

ଔଷଧ-ବ. ଭେଷଜ; ରୋଗନାଶକ ବସ୍ତୁ ।

ଔଷ୍ଠ୍ୟ-ବ. (ଓଷ୍ଠ-ଯ) ଓଷ୍ଠଦ୍ୱାରା ଉଚ୍ଚାର୍ଯ୍ୟ ବର୍ଣ୍ଣ ।

---

# କ ପ୍ରଥମ ହଲ୍‌ବର୍ଣ୍ଣ; ବ. ଜଳ; ବ୍ରହ୍ମା ।

କଅଣ, କଣ-ସଙ୍ଗ. (କିଂ.ଶବ୍ଦଜ) କସ ।

କଅଁଳ-ବଂ. (କୋମଳଶବ୍ଦଜ) ମୃଦୁ; ନରମ ।

କଇଁ-ବ. (କୁମୁଦଶବ୍ଦଜ) ଜଳଜ ପୁଷ୍ପବିଶେଷ ।

କଇଅାଁ-ବ. ଛତୁଲୀ ।

କଇଁଥା-ବଂ. ଦରସିଝା; ଅପକ୍ୱ ।

କଇଁଛ, କଇଞ୍ଛ-ବ. କଚ୍ଛପ ।

କଇଡ଼-ବ. ବେତନିର୍ମିତ ଧାନ୍ୟାଧାର ।

କଉ-ବ. (କବୟୀଶବ୍ଦଜ) ମତ୍ସ୍ୟବିଶେଷ ।

କଉଡ଼ି-ବ (କପର୍ଦ୍ଦଶବ୍ଦଜ) ବରାଟକ ।

କଏଦ-ବ. ଅବରୋଧ; ବନ୍ଦ ।

କଏଦୀ-ବ. ବନ୍ଦୀ ।

କଂସ-ବ. କଂସ ନାମକ ଅସୁର ।

କକୁଦ୍-ବ. ବୃଷଭର ଚୂଲ ।

କକୁଦ୍ମାନ୍-ବ. ମହାବୃଷ ।

କକୁଭ୍-ବି. ଦିଗ । [ପଥ ।
କକ୍ଷ-ବି. କାଖ ; ପ୍ରକୋଷ୍ଠ ; ଗ୍ରହର ଭ୍ରମଣ
କଙ୍କ-ବି. ଏକପ୍ରକାର ପକ୍ଷୀ ।
କଙ୍କୀ-ବି. ପତଙ୍ଗ ବିଶେଷ ।
କଙ୍କଣ-ବି. କରଭୂଷଣ ବିଶେଷ ।
କଙ୍କତିକା-ବି. ପାନିଆଁ ।
କଙ୍କାଳ-ବି. ଅସ୍ଥି-ପଞ୍ଜର । [ବିଶେଷ ।
କଙ୍କାରୁ-ବି. (କର୍କାରୁଶବ୍ଦଜ) ଲତା ଓ ଫଳ-
କଙ୍ଗାଳ, କାଙ୍ଗାଳ-ବି. ଭିକ୍ଷୁକ ।
କଚ-ବି କେଶ ; ବୃହସ୍ପତି ପୁତ୍ର ।
କଚଟି-ବି. ମଣିବନ୍ଧ ।
କଚଡା-ବି. ମୂଳରୁ କଟା ଧାନଗଛର ବନ୍ଧା
ବିଡା; ସବଳରେ ତଳେ ନିକ୍ଷେପ ବା ପତନ ।
କଚରା-ବି. ଅଳିଆ ।
କଚାଡିବା-କ୍ରି. ସବଳେ ତଳେ ନିକ୍ଷେପକରିବା ।
କଚୁ-ବି. ସାରୁଗଛ ।
କଚୁରି-ବି. ପିଷ୍ଟକ ବିଶେଷ ।
କଚେରି-ବି. ବିଚାରାଳୟ ; କାର୍ଯ୍ୟାଳୟ ।
କଚ୍ଚା-ବି. ଅପକ୍ୱ ; ଅସ୍ଥାୟୀ ।
କଛ-ବି. (କଷଶବ୍ଦଜ) ମାପ ।
କଚ୍ଛା-ବି. (କଚ୍ଛଶବ୍ଦଜ) ପରିଧେୟ ବସ୍ତ୍ରର ପଶ୍ଚାଦ୍ଭାଗ
ଅଂଶ ।
କଚ୍ଛ-ବି. ଜଳମୟ ଦେଶ ; କଷ୍ଟ ।
କଚ୍ଛପ-ବି. (କଚ୍ଛ-ପା-ଅ) କୂର୍ମ, କଇଁଛ ।
କଚ୍ଛୁ-ବି. କାଛୁ ।
କଜ୍ଜଳ-ବି. ଅଞ୍ଜନ ; ବିଂ. କୃଷ୍ଣବର୍ଣ୍ଣ ।

କଁଚା-ବିଂ. ଅପକ୍ୱ ; ଅସିଦ୍ଧ ।
କଞ୍ଚି-ବି. (କୁଞ୍ଚୀଶବ୍ଦଜ) କୋଳପକାଠି ।
କଞ୍ଚୁକ-ବି. ସାପର କାତି ; ବସ୍ତ୍ର ।
କଞ୍ଚୁକୀ-ବି. (କଞ୍ଚୁକ-ଇନ୍) ଅନ୍ତଃପୁରର କ୍ଳୀବ-
ରକ୍ଷକ ; ସର୍ପ ।
କଞ୍ଜ-ବି. (କଂ-ଜନ୍-ଅ) ପଦ୍ମ ।
କଟ-ବି. ହସ୍ତୀର ଗଣ୍ଡଦେଶ ।
କଟକ-ବି. (କଟ୍-ଅକ) ପର୍ବତର ସାନୁବଳୟ ;
ରାଜଧାନୀ ; ପାଦଭୂଷଣ ; ଶିବିର ।
କଟକଣା-ବି. ବନ୍ଦୋବସ୍ତ; ଅଟକ ।
କଟରି-ବି. ଭାଟିଆ; ଡିଙ୍ଗା ।
କଟା-ବିଂ. (କର୍ତ୍ତନଶବ୍ଦଜ) ଛେଦିତ ।
କଟାକଟି-ବି. ହଣାହଣି । [ଚାହାଣି ।
କଟାକ୍ଷ-ବି. (କଟ-ଅକ୍ଷି) ଅପାଙ୍ଗଦୃଷ୍ଟି; ଅଡ଼-
କଟାର, କଟାରି-ବି. ଶସ୍ତ୍ରବିଶେଷ ।
କଟାଳି-ବି. ଓଜନ ପରିମାଣ; ଭଦ୍ ।
କଟାସ-ବି. ବନ୍ୟ ବିଡାଲ ।
କଟାହ-ବି. ଲୌହକଡେଇ ।
କଟି-ବି. ଅଣ୍ଟା ।
କଟିବନ୍ଧ-ବି. (କଟି-ବନ୍ଧ) କମରବନ୍ଧ ।
କଟୁ-ବିଂ. କଡୁଆ; କର୍କଶ । [ରକ୍ଷକ ।
କଟୁଆଳ-ବି. (କୋଷ୍ଠପାଳଶବ୍ଦରୁ) ନଗର-
କଟୁକୀ-ବି. ଔଷଧବିଶେଷ ।
କଟୁରି-ବି. (କଟାରଶବ୍ଦଜ) ଶସ୍ତ୍ରବିଶେଷ ।
କଠ-ବି. ମୁନିବିଶେଷ; ଉପନିଷଦ୍‌ବିଶେଷ ।
କଠାଉ-ବି. କାଷ୍ଠପାଦୁକା ; ଖଡମ ।
କଠିନ-ବିଂ. ଦୃଢ; ଶକ୍ତ; ନିର୍ଦ୍ଦୟ; ଦୁଃସହ ।

କଠିମା-ବ. ଶଙ୍ଖ ।
କଠୋର-ବିଂ. (କଠ-ଓର) କଠିନ ; ଦୁଷ୍କର ।
କଡ଼ମଡ଼-କ୍ରି. ବିଂ. କଠିନଦ୍ରବ୍ୟର ଚର୍ବଣଶବ୍ଦ ।
କଡ଼ା-ବ. କଉଡ଼ି ; ଧାତୁନିର୍ମିତ ବଳୟ ; ବିଂ. କଠୋର ।
କଡ଼ି-ବ. କଡ଼ିକାଠ ।
କଡ଼ୁଆ-ବିଂ. (କଟୁଶବ୍ଦଜ) କଟୁ ।
କଢ଼ାଇବା-କ୍ରି. ବାହାରକରିବା ।
କଢ଼ି, କଢ଼-ବ. (କଳିଶବ୍ଦଜ) ପୁଷ୍ପକଳି ।
କଣ, କଣା-ବ. ଅଣୁ ; ଅତିସୂକ୍ଷ୍ମ ଅଂଶ ।
କଣା-ବ. (କାଣଶବ୍ଦଜ) ଏକଚକ୍ଷୁହୀନ ; ଛିଦ୍ର ।
କଣାଦ-ବ. (କଣ-ଅଦ) ଅଣୁବିଷୟକ ଦର୍ଶନର ପ୍ରଣେତା ମୁନି । [କ୍ଷୁଦ୍ରାଂଶ ।
କଣି-ବ. ବାଂଶର ଶାଖା ; ଚାଉଳ ମୁଗ ପ୍ରଭୃତିର
କଣିକା-ବ. (କଣ-ଅକ-ଆ) କ୍ଷୁଦ୍ରଅଂଶ ; ଏକ-କଣା ।
କଣ୍ଟା-ବ. ସମୟ ନିର୍ଦ୍ଦେଶ ; ମାପ ।
କଣ୍ଟକ-ବ. କଣ୍ଟା ; ଶତ୍ରୁ । [କିଯୁକ୍ତ ।
କଣ୍ଟକିତ-ବ. (କଣ୍ଟକ-ଇତ) ରୋମାଞ୍ଚିତ ; କଣ୍ଟ-
କଣ୍ଟି-ବ. ଲଙ୍ଗଳସ୍ଥ କାଷ୍ଠଖଣ୍ଡବିଶେଷ ।
କଣ୍ଠ-ବ. ଗଳଦେଶ ; ଗଳା ।
କଣ୍ଠନାଳୀ-ବ. ଗଳାର ନାଳୀ ।
କଣ୍ଠସ୍ଥ-ବିଂ. (କଣ୍ଠସ୍ଥା-ଅ) ମୁଖସ୍ଥ ।
କଣ୍ଠୀ-ବ. କଣ୍ଠର ମାଳା ।
କଣ୍ଠ୍ୟ-ବିଂ (କଣ୍ଠ-ଯ) କଣ୍ଠୋଚ୍ଚାରିତ ।
କଣ୍ଡରା-ବ. (କନକଶବ୍ଦଜ) ଜାତିବିଶେଷ ।
କଣ୍ଡୁ-ବ. କୁଣ୍ଡିଆ ; କୁଣ୍ଡେଇହେବା ।
କଣ୍ୱ-ବ. ମୁନିବିଶେଷ ।
କତରା-ବ. ଛଣ୍ଡା ମଶିଣା ।
କତି-ବ. (କିମ୍-ଅତି) କେତେକ ।
କତି-ବିଂ. ନିକଟ ; ବ. ପାଖ ।
କତିପୟ-ବିଂ. କେତେକ ।
କଥଞ୍ଚିତ-ଅ. କୌଣସିପ୍ରକାରେ ।
କଥନ-ବ. (କଥ୍-ଅନ) ଉକ୍ତି ; କହିବା ।
କଥନୀୟ-ବିଂ. (କଥ୍-ଅନୀୟ) ବକ୍ତବ୍ୟ ; କହି-ବାର ଯୋଗ୍ୟ ।
କଥା-ବ. (କଥ୍-ଅ) ଉକ୍ତି ; ଗଳ୍ପ ; ଉପାଖ୍ୟାନ ।
କଥିତ-ବିଂ. (କଥ୍-ତ) ବ୍ୟକ୍ତ ; ବର୍ଣ୍ଣିତ ।
କଥୋପକଥନ-ବ. (କଥା-ଉପକଥନ) କଥା-ବାର୍ତ୍ତା ।
କଥ୍ୟ-ବିଂ. (କଥ୍-ଯ) ବକ୍ତବ୍ୟ ।
କଦକ୍ଷର-ବ. (କୁ-ଅକ୍ଷର) କୁତ୍ସିତ ଅକ୍ଷର ।
କଦନ-ବ. (କଦ୍-ଅନ) ପୀଡ଼ନ ; ବିନାଶ ; ପାପ ।
କଦନ୍ନ-ବ. (କୁ-ଅନ୍ନ) ଦୂଷିତ ଅନ୍ନ ।
କଦମ୍ବ-ବ. ନୀପବୃକ୍ଷ ।
କଦର-ବ. ସୁବିଧା ; ଉପାୟ ।
କଦର୍ଯ୍ୟ-ବିଂ. କୁତ୍ସିତ ; ନୀଚ ।
କଦଳୀ-ବ. ରମ୍ଭାବୃକ୍ଷ ଓ ଫଳ ।
କଦା-ଅ. (କିମ୍-ଦା) କେବେ ।
କଦାକାର-ବିଂ. (କୁ-ଆକାର) ବିଶ୍ରୀ ।
କଦାଚ, କଦାଚନ, କଦାଚିତ୍-ଅ. କୌଣସି ସମୟରେ, ଅତି ବିରଳଭାବରେ ।
କଦାଚାର-ବ. କୁତ୍ସିତ ଆଚାର ।

କଦାପି-ଅ°, (କଦା-ଅପି) କେବେହେଁ ।

କଦୁଷ୍ଣ-ବି°. ଅଳ୍ପଉଷ୍ଣ ।

କଦ୍ରୁ-ବି. କଶ୍ୟପଋଷିଙ୍କ ଭାର୍ଯ୍ୟା ।

କନକ-ବି. ସୁବର୍ଣ୍ଣ ।

କନିଷ୍ଠ-ବି°.(କନ୍=କ୍ଷୁଦ୍ର-ଇଷ୍ଠ) ବୟସରେ ସାନ ।

କନିଷ୍ଠା-ବି°. ବୟସରେ କ୍ଷୁଦ୍ରା । ବି. ପାଣି-ଅଙ୍ଗୁଳି ।

କନୀନିକା-ବି. ଚକ୍ଷୁର ତାରା ।

କନୀୟସୀ-ବି°. କନିଷ୍ଠା ।

କନୀୟାନ୍-ବି°. (କନ୍-ଈୟସ୍) କନିଷ୍ଠ; କ୍ଷୁଦ୍ର ।

କନ୍ଥା-ବି. ଜୀର୍ଣ୍ଣବସ୍ତ୍ରରଚିତ ଆସ୍ତରଣ ବା ଆଚ୍ଛାଦନ ।

କନ୍ଦ-ବି. ଅଙ୍କୁରରହିତ ଭକ୍ଷଣୀୟ ମୂଳ ।

କନ୍ଦର, କନ୍ଦରା-ବି. ପର୍ବତଗୁହା ।

କନ୍ଦର୍ପ-ବି. (କଂ-ଦୃପ୍-ଅ) କାମ; ମଦନ ।

କନ୍ଦଳ-ବି. ନୂତନାଙ୍କୁର; କଳହ ।

କନ୍ଦୁକ-ବି. ବର୍ତ୍ତୁଳାକାର ଖେଳନା ।

କନ୍ଧର-ବି. (କଂ-ଧୃ-ଅ) ଗ୍ରୀବା; ବେକ ।

କନ୍ୟା-ବି. ପୁତ୍ରୀ; ଅବିବାହିତା ସ୍ତ୍ରୀ; ସ୍ୱନାମ-ପ୍ରସିଦ୍ଧ ନକ୍ଷତ୍ରପୁଞ୍ଜ ବା ରାଶି ।

କପଟ-ବି. ଛଳ; ଶଠତା ।

କପଟୀ-ବି°. (କପଟ-ଇନ୍) କପଟଯୁକ୍ତ ।

କପର୍ଦ୍ଦ, କପର୍ଦ୍ଦକ-ବି. କଉଡ଼ି; ଶିବଙ୍କ ଜଟା ।

କପାଟ, କବାଟ-ବି. ଦ୍ୱାରର ଆବରଣ ।

କପାଳ-ବି. ଲଲାଟ; ଭାଗ୍ୟ; ଖପର ।

କପାଳିଆ-ବି°. ଭାଗ୍ୟବନ୍ତ ।

କପି-ବି. ବାନର; ମାଙ୍କଡ଼ ।

କପିକଳ-ବି. ଭାରିଦ୍ରବ୍ୟ ଉଠାଇବାର କଳ ।

କପିତ୍ଥ-ବି. କଇଥଗଛ ଓ ଫଳ ।

କପିଳ-ବି°. ପିଙ୍ଗଳ । ବି. ମୁନିବିଶେଷ ।

କପିଶ-ବି°. ମାଟିଆରଙ୍ଗ ।

କପୋତ-ବି. କାପ୍ତାପକ୍ଷୀ ।

କପୋଳ-ବି. ଗଣ୍ଡଦେଶ ।

କପୋଳ-କଳ୍ପିତ-ବି°. ମନଗଢ଼ା ଅଳୀକ କଥା ।

କଫ-ବି, ଶ୍ଳେଷ୍ମା ।

କଫୋଣି-ବି. କହୁଣି ।

କବନ୍ଧ-ବି. ମସ୍ତକଶୂନ୍ୟ ଦେହ ।

କବାବଚିନି-ବି. ମଶଲାବିଶେଷ ।

କବାଲା-ବି. ଭୂମି ବିକ୍ରୟ କରିବାର ପତ୍ର ।

କବୁଲ୍-ବି. ସ୍ୱୀକାର ।

କବୁଲିୟତି-ବି. ସ୍ୱୀକାରପତ୍ର । [କଳ ।

କବ୍ଜା-ବି. କବାଟ ସଂଯୋଜକ ଲୌହାଦି ନିର୍ମିତ

କମ-ବି°. ସୁନ୍ଦର ବି. ସୁନ୍ଦର ଶିଳ୍ପକର୍ମ ।

କମ୍ ବି°. ଅଳ୍ପ ।

କମଠ-ବି. କୂର୍ମ; କଚ୍ଛପ । [ପାତ୍ର ।

କମଣ୍ଡଳୁ-ବି. ସନ୍ନ୍ୟାସୀଙ୍କର କାଷ୍ଠ ନିର୍ମିତ ଜଳ-

କମନୀୟ-ବି°. (କମ୍-ଅନୀୟ) ସୁନ୍ଦର; ମନୋହର ।

କମର-ବି. କଟି; ଅଣ୍ଟା ।

କମଳ-ବି. ପଦ୍ମ; ଜଳ ।

କମଳା-ବି. ଲକ୍ଷ୍ମୀ ।

କମଳା-ବ. ଲେମ୍ବୁବିଶେଷ ।

କମଳାକର-ବ. (କମଳ-ଆକର) ଯେଉଁ ପୁଷ୍କରିଣୀରେ ଅନେକ ପଦ୍ମ ଥାଏ ।

କମଳାସନ-ବ. ପଦ୍ମାସନ; ବ୍ରହ୍ମା । [ଲତା ।

କମଳିନୀ-ବ. (କମଳ-ଇନ୍-ଈ) ପଦ୍ମିନୀ; ପଦ୍ମ-

କମ୍ପ }
କମ୍ପନ } ବ. (କମ୍ପ-ଅ, ଅନ) କମ୍ପିବା; ଥରିବା ।

କମ୍ପମାନ-ବି. କମ୍ପଯୁକ୍ତ ।

କମ୍ପିତ-ବି. (କମ୍ପ୍-ତ) କମ୍ପଯୁକ୍ତ ।

କମ୍ବଳ-ବ. ମେଷଲୋମନିର୍ମିତ ବସ୍ତ୍ର ।

କମ୍ବୁ-ବ. ଶଙ୍ଖ । [ଗଳଦେଶ ।

କମ୍ବୁ-ଗ୍ରୀବା-ବ. ଶଙ୍ଖପରି ରେଖାତ୍ରୟଯୁକ୍ତ

କର-ବ. (କୃ-ଅ) ହସ୍ତ; କିରଣ; ହସ୍ତିଶୁଣ୍ଡ; ଖଜଣା ।

କରକଚ-ବ. ଅତପ ତାପଦ୍ୱାରା ପ୍ରସ୍ତୁତ ଲବଣ ।

କରକଙ୍କ୍ର-ବ. ଇଟା ବା ପଥରଗୁଣ୍ଡି ।

କରକା-ବ. କୁଆପଥର ।

କର-କୋଷ୍ଠୀ-ବ. ଭାଗ୍ୟସୂଚକ ହସ୍ତଚିହ୍ନ ।

କରଙ୍କ-ବ. ଡବା ।

କରଚୁଲି-ବ. ଧାତୁନିର୍ମିତ ଡଙ୍କା ।

କରଜ-ବ. (କର-ଜନ୍-ଅ) ନଖ ।

କରଞ୍ଜ-ବ. କରଞ୍ଜଗଛ ।

କରଟକ-ବ କାକ ।

କରଡ଼ା-ବି. ଦୃଢ଼; ଶକ୍ତ; ବ. ବୃକ୍ଷବିଶେଷ ।

କରଡ଼ି-ବ. (କରୀରଶବ୍ଦଜ) ବାଉଁଶ ଗଜା ।

କରଣ-ବ. (କୃ-ଅନ) ଇନ୍ଦ୍ରିୟ; କାରକବିଶେଷ; ଜାତିବିଶେଷ ।

କରଣୀ-ବ. (କୃଧାତୁରୁ) ମାହାତ୍ମ୍ୟ; ସଜମିସ୍ତ୍ରିମାନଙ୍କର ଲୌହନିର୍ମିତ ଶସ୍ତ୍ର । [ଉଚିତ ।

କରଣୀୟ-ବି. (କୃ-ଅନୀୟ) ଯାହା କରିବା

କରଣ୍ଡ-ବ. ପେଟରା । [କରପତ୍ର ।

କରତ-ବ. (କରପତ୍ରଶବ୍ଦରୁ) କାଠଚିରିବା ଶସ୍ତ୍ର;

କରତଳ-ବ. (କର-ତଳ) ହସ୍ତର ତଳ ।

କରତାଳ-ବ. ଝାଞ୍ଜ ।

କରତାଳି-ବ. ହାତତାଳି ।

କରଦ-ବି. (କର-ଦା-ଅ) କରପ୍ରଦ ।

କର-ପତ୍ର-ବ. ହସ୍ତତଳ; କରତ ।

କର-ପୁଟ-ବ. ଯୋଡ଼ହାତ, ବଦ୍ଧାଞ୍ଜଳି ।

କରବାଳ-ବ. ଖଡ୍ଗ, ତରବାରି ।

କରବୀର-ବ. ପୁଷ୍ପବୃକ୍ଷବିଶେଷ ।

କରଭ }
କଲଭ } ବ. ହସ୍ତି-ଶାବକ; ଉଷ୍ଟ୍ର-ଶାବକ ।

କରମାଳା-ବ. ଜପମାଳା ।

କର-ରୁହ-ବ. ନଖ; ଅଙ୍ଗୁଳି । [ବିଶେଷ ।

କରଲା-ବ. ( କାରବେଲ୍ଲଶବ୍ଦରୁ ) ତିକ୍ତଫଳ-

କରାଟ-ବ. ପିତ୍ତଳ ବା କଂସାନିର୍ମିତ ଗୋଲକାର ଫରୁଆ ।

କରାର-ବ. ସ୍ୱୀକାର ।

କରାଳ-ବି. ଭୟାନକ; ବୃହତ !

କରିଣୀ-ବ. ହସ୍ତିନୀ । [ର୍ଥାଂଶ ।

କରିଷ-ବ. (କର୍ଷଶବ୍ଦଜ) ଏକ ପଲର ଚତୁ-

କରୀ-ବି. (କର-ଇନ୍) ହସ୍ତୀ ।

କରୀର-ବି. ବଂଶାଙ୍କୁର, ବାଉଁଶଗଜା ।

କରୁଣ-ବିଂ. ( କୃ-ଉନ ) ଶୋକୋଦ୍ଦୀପକ ; ଦୟାର୍ଦ୍ର ।

କରୁଣା-ବି. ଦୟା ।

କରେଣୁ-ବି. ହସ୍ତିନୀ ।

କରୋଟି-ବି. ମସ୍ତକର ଅସ୍ଥି; ମୁଣ୍ଡର ଖପୁରି ।

କର୍କଟ-ବି. କଙ୍କଡ଼ା; କର୍କଟରାଶି ।

କର୍କଟକ୍ରାନ୍ତି-ବି. ଭୂଗୋଳଶାସ୍ତ୍ରରେ ନିରକ୍ଷବୃତ୍ତଠାରୁ ୨୩½ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା ଅଛି ।

କର୍କଟୀ<br>କର୍କଟିକା } ବି. କାକୁଡ଼ି; କଙ୍କଡ଼ା ।

କର୍କନ୍ଧୁ-ବି. ବରକୋଳି ଗଛ ଓ ଫଳ ।

କର୍କର-ବି. ଗୋଡ଼ି ।

କର୍କଶ-ବିଂ. କଠିନ; ନିର୍ଦ୍ଦୟ; ଶ୍ରୁତିକଟୁ; ଖରସ୍ପର୍ଶ ।

କର୍କାରୁ-ବି. କଖାରୁ ।

କର୍ଜ-ବି. ଋଣ ।

କର୍ଣ୍ଣ-ବି. (କର୍ଣ୍ଣ-ଅ) ଶ୍ରବଣେନ୍ଦ୍ରିୟ; ଜଣେ ବୀରର ନାମ; ସମ୍ମୁଖସ୍ଥ କୋଣସଂଯୋଜକ ରେଖା ।

କର୍ଣ୍ଣ-କୁହର-ବି. କର୍ଣ୍ଣର ଛିଦ୍ର ।

କର୍ଣ୍ଣ-ଗୂଥ-ବି. କାନର ମଇଳା ।

କର୍ଣ୍ଣ-ଧାର-ବି. ନାବିକ; ମାଝି ।

କର୍ଣ୍ଣ-ପୂର-ବି. କର୍ଣ୍ଣଭୂଷଣ ।

କର୍ଣ୍ଣବେଧ-ବି. କାନଫୋଡ଼ା ; କର୍ଣ୍ଣଦ୍ୱୟରେ ଛିଦ୍ର କରିବାର ସଂସ୍କାରବିଶେଷ ।

କର୍ଣ୍ଣାଟ-ବି. ଦେଶବିଶେଷ; ରାଗିଣୀବିଶେଷ ।

କର୍ଣ୍ଣିକା-ବି. କର୍ଣ୍ଣଭୂଷଣ ।

କର୍ଣ୍ଣିକାର-ବି. କନିଅରଗଛ ।

କର୍ଣ୍ଣୀରଥ-ବି. କ୍ଷୁଦ୍ରରଥ ।

କର୍ଣ୍ଣେ-ଜପ-ବିଂ. କାନକୁହା; ଗୋଇନ୍ଦା ।

କର୍ତ୍ତନ-ବି. (କୃତ-ଅନ) ଛେଦନ ।

କର୍ତ୍ତରୀ-ବି. (କୃତ-ଅର-ଈ) କଟୁରୀ ; କତୁରୀ ।

କର୍ତ୍ତବ୍ୟ-ବିଂ. (କୃ-ତବ୍ୟ) କରଣୀୟ ।

କର୍ତ୍ତା-ବି. (କୃ-ତୃ) କାର୍ଯ୍ୟକାରକ; ବିଧାତା ।

କର୍ତ୍ତିତ-ବିଂ. (କୃତ-ତ) ଛେଦିତ ।

କର୍ତ୍ତୃତ୍ୱ-ବି. (କର୍ତ୍ତୃ-ତ୍ୱ) ଅଧିକାର; ପ୍ରଭୁତ୍ୱ ।

କର୍ଦ୍ଦମ-ବି. କାଦୁଅ; ପଙ୍କ ।

କର୍ପଟ-ବି. ଛିଣ୍ଡା ଲୁଗା ।

କର୍ପୂର-ବି. ଶୁଭ୍ରବର୍ଣ୍ଣ ଗନ୍ଧଦ୍ରବ୍ୟ ବିଶେଷ ।

କର୍ପୂର-ରସ-ବି. ପାରଦ ।

କର୍ବୁର-ବିଂ. ବିଚିତ୍ରବର୍ଣ୍ଣ; ବି. ରାକ୍ଷସ ।

କର୍ବୁରିତ-ବିଂ. ନାନାବର୍ଣ୍ଣରେ ରଞ୍ଜିତ ।

କର୍ମ୍ମ-ବି. (କୃ-ମନ୍) କାର୍ଯ୍ୟ; ଶ୍ରାଦ୍ଧାଦି କର୍ମ୍ମ ; ବ୍ୟାକରଣରେ କାରକବିଶେଷ ।

କର୍ମ୍ମ-କ୍ଷେତ୍ର-ବି. କାର୍ଯ୍ୟାନୁଷ୍ଠାନର ସ୍ଥାନ ।

କର୍ମ୍ମଚାରୀ-ବିଂ. (କର୍ମ୍ମନ୍-ଚର୍-ଇନ୍) ଯେ ବେତନ ଗ୍ରହଣ କରି ଅନ୍ୟର କର୍ମ୍ମ କରେ ।

କର୍ମ୍ମଠ-ବିଂ. (କର୍ମ୍ମନ୍-ଠ) କର୍ମ୍ମଦକ୍ଷ; ପାରଗ ।

କର୍ମ୍ମଣ୍ୟ-ବିଂ. (କର୍ମ୍ମନ୍-ଯ) କର୍ମ୍ମଯୋଗ୍ୟ ।

କର୍ମ୍ମଧାରୟ-ବି. ସମାସବିଶେଷ ।

କର୍ମ୍ମାନ୍ତର-ବି. (କର୍ମ-ଅନ୍ତର) ଅନ୍ୟକର୍ମ ।

କର୍ମାର—ବି. (କର୍ମନ୍-ଋ-ଅ) କମାର ।

କର୍ମିଷ୍ଠ—ବିଂ. (କର୍ମନ୍-ଇଷ୍ଠ) କର୍ମକୁଶଳ ।

କର୍ମୀ-ବି. (କର୍ମନ୍-ଇନ୍) କର୍ମକାରୀ ।

କର୍ମେନ୍ଦ୍ରିୟ—ବି. (କର୍ମ-ଇନ୍ଦ୍ରିୟ) ହସ୍ତପଦ ପ୍ରଭୃତି କର୍ମନିର୍ବାହକ ଇନ୍ଦ୍ରିୟ ।

କର୍ଷ—ବି. (କୃଷ୍-ଅ) କର୍ଷଣ; କରଷନାମକ ପରି- [ମାଣ ।

କର୍ଷକ—ବି. (କୃଷ୍-ଅକ) କୃଷିଜୀବୀ; ଚଷା ।

କର୍ଷଣ—ବି. (କୃଷ୍-ଅନ) ଚଷକାମ; ଆକର୍ଷଣ ।

କର୍ଷିତ—ବିଂ. (କୃଷ୍-ଇତ୍-ତ) ଚଷକରାଯାଇଥିବା ।

କଳ—ବିଂ. (କଲ୍-ଅ) ମଧୁର ଅସ୍ଫୁଟ ଧ୍ୱନି ।

କଳ—ବି. ଯନ୍ତ୍ର ।

କଳକଣ୍ଠ—ବିଂ. ସୁସ୍ୱରବାନ୍ । ବି. କୋକିଳ ।

କଳକଳ—ବି. (କଳ-କଳ) କୋଳାହଳ ।

କଳଙ୍କ—ବି. ମଇଳାଦାଗ; ଅପଯଶ ।

କଳଙ୍କିତ—ବିଂ. (କଳଙ୍କ-ଇତ) କଳଙ୍କଯୁକ୍ତ ।

କଳଙ୍କୀ, କଳଙ୍କିନୀ — ବିଂ. (କଳଙ୍କ-ଇନ୍, ଈ. ସ୍ତ୍ରୀ) ଦୁର୍ନାମ ଅଛି ଯାହାର ।

କଳତ୍ର—ବି. ଭାର୍ଯ୍ୟା; ସ୍ତ୍ରୀ ।

କଳଧୌତ—ବି. ସ୍ୱର୍ଣ୍ଣ ।

କଳନା—ବି. (କଲ୍-ଅନ-ଆ) ଧାରଣା; ଗଣନା ।

କଲମ—ବି. ଧାନ୍ୟବିଶେଷ; ଲେଖନୀ; ବୃକ୍ଷଶାଖାରୁ ଉପାୟଦ୍ୱାରା ଉତ୍ପନ୍ନ ଛୋଟ ଛୋଟ ବୃକ୍ଷ ।

କଲମ୍ବ—ବି. ଶର ।

କଲବଲ—ବିଂ. ଯନ୍ତ୍ରଣାରେ ଅସ୍ଥିର ।

କଲଶ, କଲସ — ବି. (କ-ଲସ୍-ଅ) ଘଟ, ଗରା ।

କଳହ—ବି. କଜିଆ; ବିବାଦ ।

କଳହଂସ—ବି. ରାଜହଂସ ।

କଳା—ବି. (କଲ୍-ଆ) ଚନ୍ଦ୍ରର ଷୋଡ଼ଶଭାଗ; ନୃତ୍ୟ ଗୀତ ଚିତ୍ରାଦି ବିଦ୍ୟା; କାଳର ଅଂଶବିଶେଷ ।

କଳା—ବିଂ. (କାଳଶବ୍ଦରୁ) କୃଷ୍ଣବର୍ଣ୍ଣ ।

କଳାନିଧି—ବି. ଚନ୍ଦ୍ର ।

କଳାପ—ବି. ସମୂହ; ମୟୂରପୁଚ୍ଛ ।

କଳାପୀ—ବି. (କଳାପ-ଇନ୍) ମୟୂର; କୋକିଳ ।

କଳାବାନ୍—ବିଂ. (କଳା-ବତ୍) ଗୀତାଦି କଳାବିଦ୍ୟାରେ ନିପୁଣ ।

କଳି—ବି. ୪ର୍ଥ ଯୁଗ; କଳହ; ପୁଷ୍ପକଳି ।

କଳିଆଠ—ବି. ହାତଗଡ଼ୁ ।

କଳିକା—ବି. କୋରକ; କଢ଼ି ।

କଳିଙ୍ଗ—ବି. ଦେଶବିଶେଷ ।

କଳିଜା—ବି. ହୃତ୍ପିଣ୍ଡ ।

କଳିତ—ବିଂ. (କଲ୍-ତ) ଧୃତ; ଗଣିତ ।

କଳିନ୍ଦ—ବି. ପର୍ବତବିଶେଷ ।

କଳିନ୍ଦନନ୍ଦିନୀ—ବି. ଯମୁନାନଦୀ; କାଳିନ୍ଦୀ ।

କଳୁଷ—ବି. ଦୋଷ; ପାପ ।

କଳୁଷିତ—ବିଂ. ଦୂଷିତ; ପାପଯୁକ୍ତ ।

କଳେବର—ବି. ଶରୀର; ଗାତ୍ର ।

କଳ୍କ—ବି. ତୈଳାଦି ପାକରେ ଦେୟ ଔଷଧଦ୍ରବ୍ୟ ।

କଳ୍କୀ—ବି. ବିଷ୍ଣୁଙ୍କର ଦଶମ ଅବତାର ।

କଳ୍ପ-ବ. (କୢପ୍-ଅ) ବେଦାଙ୍ଗ ଗ୍ରନ୍ଥବିଶେଷ; ଏକସହସ୍ର ଯୁଗ; ଅଭିପ୍ରାୟ; ଶବ୍ଦାନ୍ତେ ତୁଲ୍ୟ-ବାଚକ ।

କଳ୍ପତରୁ-ବ. ଅଭୀଷ୍ଟ ଫଳପ୍ରଦ ସ୍ୱର୍ଗୀୟ ବୃକ୍ଷ ।

କଳ୍ପନା-ବ. ( କୢପ୍-ଅନ-ଆ ) ଉଦ୍ଭାବନା; ଉଦ୍ଭାବନାଶକ୍ତି । [କାଳ ।

କଳ୍ପାନ୍ତ-ବ. (କଳ୍ପ-ଅନ୍ତ) ଯୁଗାନ୍ତ; ପ୍ରଳୟ-

କଳ୍ପିତ-ବି. (କୢପ୍-ତ) ଉଦ୍ଭାବିତ; ରଚିତ; ମନଗଢ଼ା ।

କଳୁଷ-ବ. ପାପ । [ବି. ଉତ୍ତମ ।

କଲ୍ୟ-ବ. ପ୍ରାତଃକାଳ; ଗତଦିନ; ଆଗାମୀଦିନ;

କଲ୍ୟାଣ-ବ. (କଲ୍ୟ-ଅଣ୍-ଅ) ମଙ୍ଗଳ ।

କଲ୍ଲୋଳ-ବ. ମହାତରଙ୍ଗ; ଆନନ୍ଦ ।

କଲ୍ଲୋଳିନୀ-ବ. ତରଙ୍ଗିଣୀ; ନଦୀ ।

କବଚ-ବ. ସାଞ୍ଜୁ, ବର୍ମ୍ମ; ମନ୍ତ୍ରବିଶେଷ ।

କବର-ବ. ଭୂଗର୍ଭରେ ମୃତଦେହର ନିଧାନ ।

କବରୀ-ବ. କେଶପାଶ, ଜୁଡ଼ା ।

କବଳ-ବ. ଗ୍ରାସ ।

କବଳିତ-ବି. ଗ୍ରସ୍ତ; ଭକ୍ଷିତ ।

କବି-ବ. (କବ୍-ଇ) କାବ୍ୟକର୍ତ୍ତା; ଶୁକ୍ରାଚାର୍ଯ୍ୟ ।

କବି-ତା-ବ. କବିତ୍ୱ ।

କବୋଷ୍ଣ-ବି. (କୁ-ଉଷ୍ଣ) ଈଷତ୍ ଉଷ୍ଣ ।

କବ୍ୟ-ବ. ପିତୃଲୋକୋଦ୍ଦେଶେ ଦେୟ ଖାଦ୍ୟ ।

କଶା-ବ. ଚାବୁକ ।

କଶେରୁ-ବ. ପୃଷ୍ଠର ଅସ୍ଥି ।

କଶ୍ୟପ-ବ. ମୁନିବିଶେଷ ।

କଷ-ବ. (କଷ୍-ଅ) କଷ୍ଟିପଥର; ଦାଗ ।

କଷଣ-ବ. (କଷ୍-ଅନ) ଘର୍ଷଣ; ଦୁଃଖ ।

କଷା-ବ. (କଷାୟଶବ୍ଦରୁ) କଷାରସ ।

କଷାୟ-ବ. ରସବିଶେଷ; ସୁଗନ୍ଧ ନିର୍ଯ୍ୟାସ । ବି. ଅନୁଜ୍ଜ୍ୱଳ ରକ୍ତବର୍ଣ୍ଣ; ସୁଗନ୍ଧ ।

କଷାୟିତ-ବି. (କଷାୟ-ତ) ଲୋହିତୀକୃତ ।

କଷିତ-ବି. ପରୀକ୍ଷିତ । [ଠାଣିବା ।

କଷିବା-କ୍ରି. ପରୀକ୍ଷା କରିବା; ଦୃଢ଼ରୂପେ

କଷ୍ଟ-ବ. (କଷ୍-ତ) କ୍ଲେଶ; ବି. ଦୁଃଖଜନକ ।

କଷ୍ଟି-ବ. (କଷ୍-ତି) କଷ୍ଟିପଥର ।

କସ୍ତୁରୀ-ବ. ମୃଗନାଭି । [ଯୋଗସ୍ଥଳ ।

କହୁଣି-ବ. (କଫୋଣିଶବ୍ଦଜ) ବାହୁ ଓ ହସ୍ତର

କହ୍ଲାର-ବ. ଶ୍ୱେତପଦ୍ମ ।

କାଂସ୍ୟ-ବ. କଂସା (ତମ୍ବା ଓ ଟିଣମିଶ୍ରିତ ଧାତୁ) ।

କାକ, କୁଆ-ବ. କାଉ, ବାୟସ ।

କାକତାଳୀୟ-ବି. ଅକସ୍ମାତ୍ ଘଟିତ ।

କାକପକ୍ଷ-ବ. କ୍ଷତ୍ରିୟ ବାଳକର ମୁଣ୍ଡର ଦୁଇ-ପାଖରେ ଥିବା କେଶ ।

କାକବନ୍ଧ୍ୟା-ବ. (କାକ-ବନ୍ଧ୍ୟା) ଯେ ସ୍ତ୍ରୀ କାକ-ପରି ଏକମାତ୍ର ସନ୍ତାନ ପ୍ରସବ କରେ ।

କାକର-ବ. ଶିଶିର । [ମଧୁରଧ୍ୱନି ।

କାକଳି-ବ. (କୁ-କଳ୍-ଇ) ପକ୍ଷୀମାନଙ୍କର

କାକତୁଆ-ବ. ପକ୍ଷିବିଶେଷ ।

କାକୁ-ବ. ବିକୃତ କଣ୍ଠଧ୍ୱନି; ବକ୍ରୋକ୍ତି ।

କାକୁତ୍ସ୍ଥ-ବ. (କକୁତ୍-ସ୍ଥା-ଅ) ରାମଚନ୍ଦ୍ର ପ୍ରଭୃତି ସୂର୍ଯ୍ୟବଂଶୀୟ ରାଜା ।

କାକୋଦର-ବି. ସର୍ପ ।
କାଙ୍କି-ବି. ମାଟି ଖୋଳିବାର ଶସ୍ତ୍ର ।
କାଙ୍କ୍ଷା-ବି. (କାଙ୍କ୍ଷ୍-ଅ) ଅଭିଳାଷ; ବାଞ୍ଛା ।
କାଙ୍କ୍ଷିତ-ବିଂ. (କାଙ୍କ୍ଷ୍-ତ) ଅଭିଳଷିତ ।
କାଗଜ-ବି. ତୃଣାଦି ନିର୍ମିତ ପଦାର୍ଥ ଯାହା ଉପରେ କାଳିରେ ଲେଖାଯାଏ ।
କାଗଜି-ବି. ଏକଜାତୀୟ ଲେମ୍ବୁ ।
କାଙ୍ଗାଳ, କାଙ୍ଗାଳୀ-ବି. ଭିକ୍ଷୁକ ।
କାଚ-ବି. ସ୍ୱଚ୍ଛ ଉଜ୍ଜ୍ୱଳ ଭଙ୍ଗପ୍ରବଣ ପଦାର୍ଥ ।
କାଚିବା-କ୍ରି. ଧୋଇବା ।
କାଞ୍ଚନ-ବି. (କନ୍ଚ୍-ଅନ) ସୁବର୍ଣ୍ଣ ; ପୁଷ୍ପବିଶେଷ ।
କାଞ୍ଚୀ-ବି. ମେଖଳା, କଟିଭୂଷଣ ।
କାଜୀ-ବି. ମୁସଲମାନ ବିଚାରକ ।
କାଞ୍ଜୀ-ବି ପର୍ଯ୍ୟୁଷିତ ଅନ୍ନର ଅମ୍ଳଜଳ ।
କାଟିବା-କ୍ରି. କର୍ତ୍ତନ କରିବା ।
କାଠ-ବି. (କାଷ୍ଠଶବ୍ଦରୁ) ଦାରୁ; ଇନ୍ଧନ ।
କାଣ-ବିଂ. ଏକଚକ୍ଷୁହୀନ ।
କାଣ୍ଡ-ବି. ଗଛର ଗଣ୍ଡି ; ପୁସ୍ତକର ଅଧ୍ୟାୟ ; ବ୍ୟାପାର ; ଶର ।
କାଣ୍ଡ-ଜ୍ଞାନ-ବି. ସ୍ଥୂଳଜ୍ଞାନ ; ପ୍ରକରଣବୋଧ ।
କାତର-ବିଂ. ବ୍ୟାକୁଳ; ଦୁଃଖିତ; ଭୀତ ।
କାତର୍ଯ୍ୟ-ବି. କାତରତା ।
କାତି-ବି. ମତ୍ସ୍ୟର ବା ସର୍ପର ଶଳ୍କ ; କ୍ଷୁର ।
କାତ୍ୟାୟନୀ-ବି. ଦୁର୍ଗା ।
କାଦମ୍ବ-ବି. ଏକପ୍ରକାର ହଂସ ; କାଅମ ପକ୍ଷୀ ।
କାଦମ୍ବିନୀ-ବି. ମେଘମାଳା ।

କାଦୁଅ-ବି. (କର୍ଦ୍ଦମଶବ୍ଦଜ) ପଙ୍କ ।
କାନ-ବି (କର୍ଣ୍ଣଶବ୍ଦଜ) ଶ୍ରବଣେନ୍ଦ୍ରିୟ ।
କାନନ-ବି. ବନ । [ଜାତ ।
କାନୀନ-ବିଂ. ( କନ୍ୟା-ଈନ ) କୁମାରୀଗର୍ଭରୁ
କାନ୍ତ-ବିଂ. (କମ୍-ତ) ମନୋରମ; ପ୍ରିୟ ; ବି. ସ୍ୱାମୀ ।
କାନ୍ତା-ବି. ପ୍ରିୟା, ଭାର୍ଯ୍ୟା ।
କାନ୍ତାର-ବି. ଗହନବନ ।
କାନ୍ତି-ବି. (କମ୍-ତି) ଦୀପ୍ତି; ଶୋଭା ।
କାନ୍ୟକୁବ୍ଜ-ବି. କନଉଜ ପ୍ରଦେଶ ।
କାନ୍ଦିବା-କ୍ରି. (କନ୍ଦ୍ ଧାତୁରୁ) କ୍ରନ୍ଦନ କରିବା ।
କାପ-ବି. କର୍ଣ୍ଣାଭରଣବିଶେଷ ।
କାପଟ୍ୟ-ବି. (କପଟ-ଯ) କପଟତା ।
କାପଡ଼-ବି. (କର୍ପଟଶବ୍ଦଜ) ବସ୍ତ୍ର; ଲୁଗା ।
କାପୁରୁଷ-ବି. (କୁ-ପୁରୁଷ) ନିନ୍ଦନୀୟ ଲୋକ ; ଭୀରୁ ଲୋକ ।
କାପେଡ଼ୀ-ବି. ଲୁଗାବ୍ୟବସାୟୀ ।
କାମ-ବି. କନ୍ଦର୍ପ ; କାମନା ।
କାମଚାରୀ-ବିଂ. (କାମ-ଚର୍-ଇନ୍) ସ୍ୱେଚ୍ଛାଚାରୀ ।
କାମଦୁଘା-ବି. (କାମ-ଦୁହ୍-ଅ) କାମଧେନୁ ।
କାମଧେନୁ-ବି. ଅଭୀଷ୍ଟଦାୟିନୀ ଧେନୁ ।
କାମପାଳ-ବି. ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ।
କାମ-ରୂପ-ବି. ଦେଶବିଶେଷ ।
କାମ-ରୂପ, କାମ-ରୂପୀ } ବିଂ. ଯଥେଚ୍ଛାରୂପ ଧାରଣକାରୀ ।

କାମଳ—ବି. ରୋଗବିଶେଷ ।

କାମିନୀ—ବି. (କମ୍-ଇନ୍-ଈ) ନାରୀ ।

କାମୀ—ବିଂ. (କାମ-ଇନ୍) କାମୁକ ।

କାମୁକ—ବିଂ. (କମ୍-ଉକ) କାମାତୁର ।

କାମ୍ପି—ବିଂ. କୃପଣ (ଗ୍ରାମ୍ୟପ୍ରୟୋଗ) ।

କାମ୍ବୋଜ—ବି. ଦେଶ ବିଶେଷ ।

କାମ୍ୟ—ବିଂ. (କମ୍-ଯ) ଅଭିଲଷଣୀୟ ।

କାୟ—ବି. ଦେହ ।

କାୟା—ବି. (କାୟଶବ୍ଦଜ) ଦେହ ।

କାୟସ୍ଥ—ବି. (କାୟ-ସ୍ଥା-ଅ) ଜାତିବିଶେଷ ।

କାୟିକ—ବିଂ. (କାୟ-ଇକ) ଦୈହିକ ।

କାରକ—ବିଂ. (କୃ-ଅକ) କର୍ମ-କର୍ତ୍ତା ; ବ୍ୟାକ-
ରଣର କର୍ତ୍ତାଦି କାରକ ।

କାରଣ—ବି. (କୃ-ଣିଚ୍-ଅନ) ହେତୁ; ନିମିତ୍ତ ।

କାରଣ୍ଡବ—ବି. ହଂସବିଶେଷ । [କରାଏ ।

କାରୟିତା—ବି. (କୃ-ଣିଚ୍-ତୃ) ଯେ ଅନ୍ୟଦ୍ୱାରା

କାରବାର—ବି. (ଫାର୍ଶୀ) ବ୍ୟବସାୟ ।

କାରା—ବି. ବନ୍ଦୀଶାଳା ।

କାରାଗାର—ବି. (କାରା-ଅଗାର) ବନ୍ଦୀଗୃହ ।

କାର }
କାରୀ } ବିଂ. ଯେ କରେ ।

କାରିଗର—ବି. (କାରିକରଶବ୍ଦଜ) ଶିଳ୍ପୀ ।

କାରୁ—ବି. (କୃ-ଉ) ଶିଳ୍ପୀ ।

କାରୁଣିକ—ବିଂ. (କରୁଣା-ଇକ) ଦୟାଳୁ ।

କାରୁଣ୍ୟ—ବି. (କରୁଣା-ଯ) ଦୟା; କରୁଣା ।

କାର୍କଶ୍ୟ—ବି. (କର୍କଶ-ଯ) କଠିନତା ।

କାର୍ତ୍ତିକ—ବି. (କୃତ୍ତିକା-ଯ) କାର୍ତ୍ତିକେୟ ; ମାସ
ବିଶେଷ । [ପତି ।

କାର୍ତ୍ତିକେୟ—ବି. (କୃତ୍ତିକା-ଏୟ) ଦେବ ସେନା-

କାର୍ପଣ୍ୟ—ବି.(କୃପଣ-ଯ)କୃପଣତା; ଦରିଦ୍ରତା ।

କାର୍ପାସ—ବି. କପା; ତୁଳା ।

କାର୍ମ୍ମୁକ—ବି. (କର୍ମ୍ମନ୍-ଉକ) ଧନୁ ।

କାର୍ଯ୍ୟୀ—ବି. (କାର୍ଯ୍ୟ ଶବ୍ଦରୁ) କର୍ମଗୃହ ।

କାର୍ଯ୍ୟ—ବି. (କୃ-ଯ) କର୍ମ୍ମ; ପ୍ରୟୋଜନ । ବିଂ.
କର୍ତ୍ତବ୍ୟ ।

କାର୍ଯ୍ୟାଳୟ—ବି. କର୍ମସ୍ଥାନ ।

କାର୍ଶ୍ୟ—ବି. (କୃଶ-ଯ) କୃଶତା; କ୍ଷୀଣତା ।

କାର୍ଷାପଣ—ବି. କାହାଣ । [ବର୍ଣ୍ଣ ।

କାଳ—ବି. (କଳ-ଅ) ସମୟ ; ମୃତ୍ୟୁ । ବିଂ. କୃଷ୍ଣ-

କାଳ-କୂଟ—ବି. ଗରଳ ; ବିଷ ।

କାଳ-କ୍ଷେପ—ବି. ସମୟ ଯାପନ ।

କାଳ-ଗ୍ରାସ—ବି. ମୃତ୍ୟୁ ।

କାଳ-ଚକ୍ର—ବି. ବାରମାସଜ୍ଞାପକ ବର୍ଷଚକ୍ର ।

କାଳ-ପୁରୁଷ—ବି. ଯମଦୂତ; ପୁରୁଷାକୃତି ନକ୍ଷତ୍ର-
ପୁଞ୍ଜ ।

କାଳ-ବେଳା—ବି. ଦିନର ଅଶୁଭଅଂଶ ।

କାଲି }
କାଲ୍ଲି } ବି. (କଲ୍ୟଶବ୍ଦଜ) ବସ୍ପର, ବିଂ. ଅତି
ଶୀତଳ ।

କାଳାନ୍ତର—ବି. (କାଳ-ଅନ୍ତର) ସମୟାନ୍ତର ;
ଅନ୍ୟସମୟ ।

କାଳି—ବି. (କାଳଶବ୍ଦଜ) ମସୀ; କଜ୍ଜଳ ।

କାଳିକା-ବି. ଚଣ୍ଡୀଦେବୀ; ମେଘାବଳୀ ।
କାଳିନ୍ଦୀ-ବି. (କଳିନ୍ଦ-ଅ-ଈ) ଯମୁନାନଦୀ ।
କାଳିମା-ବି.(କାଳ-ଇମନ୍) କୃଷ୍ଣତା; ମଳିନତା ।
କାଳୀ-ବି. କାଳିକା ଦେବୀ ।
କାଳୀୟ-ବି. (କାଳ-ଈୟ) ସର୍ପବିଶେଷ ।
କାଳୁଣୀ-ବି. (କାଳ-ଉଣୀ) ବୟସ୍ଥ ସ୍ତ୍ରୀ ।
କାଳେ-ଅ. ଯଦି; କୌଣସି ସମୟରେ ।
କାଳ୍ପନିକ-ବିଂ. ( କଳ୍ପନା-ଇକ ) କଳ୍ପନାରୁ ଉତ୍ପନ୍ନ; ଅବାସ୍ତବ ।
କାବା-ବିଂ. ହତବୁଦ୍ଧି ।
କାବେରୀ-ବି. ନଦୀବିଶେଷ । [ଶୁକ୍ଳତାସ ।
କାବ୍ୟ-ବି. (କବି-ଯ) କବିତା ; ଶୁକ୍ରାଚାର୍ଯ୍ୟ ;
କାଶ-ବି. ରୋଗବିଶେଷ; ତୃଣବିଶେଷ ।
କାଶୀ-ବି. (କାଶ-ଈ) ବାରଣସି ।
କାଶ୍ମୀର-ବି. ଦେଶବିଶେଷ ।
କାଶ୍ମୀରଜ-ବି. କୁଙ୍କୁମ ।
କାଶ୍ୟପ-ବି. ମୁନିବିଶେଷ ।
କାଷାୟ-ବି. (କଷାୟ-ଅ) କଷାୟରଞ୍ଜିତ ବସ୍ତ୍ର ।
କାଷ୍ଠ-ବି. କାଠ ।
କାଷ୍ଠା-ବି. ସୀମା; ସମୟର ସୂକ୍ଷ୍ମ ଅଂଶ ।
କାସାର-ବି. (କ-ଆ-ସୃ-ଅ) ବୃହତ ସରୋବର ।
କାହା-ସର୍ବ.(କିମ୍‌ଶବ୍ଦଜ)କେଉଁ; କସ; କାହାର ।
କାହାଣ-ବି. (କାର୍ଷାପଣଶବ୍ଦଜ) ଷୋଡ଼ଶପଣ ।
କାହାଣି-ବି. (କଥନଶବ୍ଦଜ) ଗଳ୍ପ ।
କାହାର / କାହାର } ସର୍ବ. (କିମ୍‌ଶବ୍ଦଜ) କେଉଁ ବ୍ୟକ୍ତିର ।
କାହାରିକି-ସର୍ବ. (କିମ୍‌ଶବ୍ଦଜ) କାହାକୁ ।
କାହାଳି-ବି. ବାଦ୍ୟବିଶେଷ ।
କାହିଁ-ଅ. (କିମ୍‌ଶବ୍ଦଜ) କେଉଁଠାରେ ।
କାହିଁକି-ଅ. କାହିଁକି ।
କାହୁଁ-ଅ. କେଉଁଠାରୁ ।
କାହ୍ନୁ-ବି. (କୃଷ୍ଣଶବ୍ଦଜ) ଶ୍ରୀକୃଷ୍ଣ ।
କି-ସର୍ବ. (କିମ୍‌ଶବ୍ଦଜ) କଅଣ; ଅ. କିମ୍ବା ।
କିଆଁ-ସର୍ବ. (କିମ୍‌ଶବ୍ଦଜ) କାହିଁକି ।
କିଆ-ବି. ( କେତକଶବ୍ଦଜ ) ବୃକ୍ଷବିଶେଷ ଓ ଓ ତାହାର ଫୁଲ ।
କିଆରି-ବି. (କେଦାରଶବ୍ଦଜ) ଧାନ୍ୟକ୍ଷେତ୍ର ।
କିଏ-ସର୍ବ (କିମ୍‌ଶବ୍ଦଜ) କେଉଁ ବ୍ୟକ୍ତି ।
କିଛି-ସର୍ବ. (କିଞ୍ଚିତ ଶବ୍ଦରୁ) କିଞ୍ଚିତ ।
କିଡା-ବି. ଜମିର ଏକଖଣ୍ଡ ।
କିତାପ-ବି. ପୁସ୍ତକ ।
କିନାରା-ବି. ତୀର; ପାର୍ଶ୍ୱ; ବସ୍ତ୍ରର ଧଡି ।
କିଙ୍କର-ବି. (କିଂ-କୃ-ଅ) ଭୃତ୍ୟ ।
କିଙ୍କିଣୀ-ବି. ଘୁଙ୍ଗୁର; କଟିଭୂଷଣ ।
କିଞ୍ଚିତ-ସର୍ବ. (କିଂ-ଚିତ) କିଛି ।
କିନ୍ତୁ-ଅ. (କିଂ-ତୁ) ପରନ୍ତୁ ।
କିନ୍ନର-ବି. (କିଂ-ନର) କିଂପୁରୁଷ ; ସ୍ୱର୍ଗର ଗାୟକ ।
କିପରି-ଅ. କେମନ୍ତେ ।
କିପାଇଁ / କିପାଁ } ଅ. କାହିଁକି ।

କମିଆ-ବ. ମନ୍ତ୍ରଯନ୍ତ୍ର ।
କମ୍ବଦନ୍ତୀ-ବ. (କମ୍-ବଦ୍-ଶତୃ-ଈ) ଜନରବ ।
କମ୍ବା-ଅ. (କମ୍-ବା) ଅଥବା ।
କମ୍ଭୂତ-ବି. (କମ୍-ଭୂ-ତ) କୀଦୃଶ; କପ୍ରକାର ।
କମ୍ହିର-ବ. (କୁମ୍ଭୀରଶବ୍ଦଜ) କୁମ୍ଭୀର ।
କିଂଶୁକ-ବ. ପଳାଶବୃକ୍ଷ । [କେତେକ ।
କିୟତ୍-ବି., ଅ. ( କିମ୍-ଯତୁ ) କିଛୁ;
କିରଣ-ବ. (କୃ-ଅନ) ଅଂଶୁ ।
କିରଣମାଳୀ-ବ. (କିରଣ-ମାଳା-ଇନ୍) ସୂର୍ଯ୍ୟ ।
କିରାତ-ବ. ବ୍ୟାଧ; ଚିରେଇତା ।
କିରାନି-ବ. ଯେ ଇଂରାଜୀ ପଦାଦି ନକଲ କରେ ।
କିରୀଟ-ବ. ମୁକୁଟ ।
କିଲା-ବ. (କୀଲଶବ୍ଦଜ) ଖୁଣ୍ଟି; କାଠି ।
କିଳିବା-କ୍ରି. (କୀଲଶବ୍ଦଜ) ବନ୍ଦ କରିବା ।
କିଳିଣି-ବ. କବାଟ ବନ୍ଦ କରିବାର ହୁଡୁକା ।
କିଲ୍ବିଷ-ବ. ପାପ ।
କିଲ୍ଲା-ବ. ଗଡ଼ ।
କିଶଳୟ-ବ. ନବପଲ୍ଲବ ।
କିଶୋର-ବି. ବାଲ୍ୟସମ୍ବନ୍ଧୀୟ । ବ. ବାଳକ ।
କିସ-ସର୍ବ. (କିମ୍ଶବ୍ଦଜ) କଅଣ ।
କିସ୍ତି-ବ. ନିର୍ଦ୍ଧାରିତ ସମୟ; ନୌକା ।
କୀଚକ-ବ. ବାଉଁଶ; ଦ୍ରୁପଦରାଜାଙ୍କର ଶଳା ।
କୀଟ-ବ. (କୀଟ୍-ଅ) କୃମି; ପୋକ ।
କୀଟାଣୁ-ବ (କୀଟ-ଅଣୁ) ଚକ୍ଷୁର ଅଗୋଚର ଅତି କ୍ଷୁଦ୍ର କୀଟ ।

କୀଦୃକ୍, କୀଦୃଶ-ବି. (କିମ୍-ଦୃଶ୍-କ୍ୱିପ୍, ଅ) କିପ୍ରକାର ।
କୀର-ବ. ଶୁକପକ୍ଷୀ ।
କୀର୍ଣ୍ଣ-ବି. (କୄ-ତ) ବିକ୍ଷିପ୍ତ; ବ୍ୟାପ୍ତ ।
କୀର୍ତ୍ତନ-ବ. (କୃତ-ଅନ) ବର୍ଣ୍ଣନ; କଥନ ।
କୀର୍ତ୍ତି-ବ. (କୃତ-ତି) ଯଶଃ; ସୁଖ୍ୟାତି ।
କୀର୍ତ୍ତିତ-ବି. (କୃତ-ତ) ବର୍ଣ୍ଣିତ; କଥିତ ।
କୀଲନ-ବ. (କୀଲ୍-ଅନ) ଦୃଢୀକରଣ; ସ୍ଥିରୀକରଣ ।
କୁ-ଅ. ମନ୍ଦ; ବ. ପୃଥିବୀ ।
କୁଆଁ-କ୍ରି.ବ. ସଦ୍ୟୋଜାତ ଶିଶୁର କ୍ରନ୍ଦନଧ୍ୱନି ।
କୁଆ-ବ. (କାକଶବ୍ଦଜ) କାକ ।
କୁଆ-ତାରା-ବ. (କାକ-ତାରା) ଶୁକ୍ରତାରା ।
କୁଆପଥର-ବ. (ଗ୍ରା) କରକା ।
କୁଆବୁଆ-ବି. ଅସ୍ଥିର; ବ୍ୟତିବ୍ୟସ୍ତ ।
କୁକୁଡ଼ା-ବ. (କୁକ୍କୁଟଶବ୍ଦଜ) କୁକ୍କୁଟ ।
କୁକୁର-ବ. (କୁକ୍କୁରଶବ୍ଦଜ) ଶ୍ୱାନ; କୁତ୍ତା ।
କୁକ୍କୁଟ-ବ. କୁକୁଡ଼ା ।
କୁକ୍ଷି-ବ. ଗର୍ଭ; ଉଦରଗହ୍ୱର ।
କୁଙ୍କୁଡ଼ିବା-କ୍ରି. (କୁଞ୍ଚ୍ ବା କୁଣ୍ଠ୍ଧାତୁ) ସଙ୍କୁଚିତ ହେବା ।
କୁଙ୍କୁମ-ବ. ଗନ୍ଧଦ୍ରବ୍ୟବିଶେଷ ।
କୁଚ-ବ.(କୁଚ୍-ଅ) ଯୁବତୀର ସ୍ତନ; ପୟୋଧର
କୁଚକ୍ର-ବ. (କୁ-ଚକ୍ର) ଚକ୍ରାନ୍ତ, କୁମନ୍ତ୍ରଣା ।
କୁଜ-ବ. (କୁ-ଜନ୍-ଅ) ମଙ୍ଗଳ ଗ୍ରହ ।

କୁଜ—ବ. (କୁବ୍ଜ ଶବ୍ଦଜ) ବକ୍ରପୃଷ୍ଠ । [ବକ୍ର ।
କୁଜା—ବଂ. (କୁବ୍ଜଶବ୍ଦଜ) ବକ୍ର; ଯାହାର ପୃଷ୍ଠ
କୁଜି—ବଂ. ସାନ (ଯଥା କୁଜହଂସ) ।
କୁଜ୍ଝଟି, କୁଜ୍ଝଟିକା } ବ. (କୁ-ଝଟ୍-ଇ-ଇକ୍-ଅ) କୁହୁଡ଼ି ।
କୁଞ୍ଚ—ବ. (କୁଞ୍ଚ୍ ଧାତୁର) ବସ୍ତ୍ରର ଫେର ।
କୁଞ୍ଚକୁଞ୍ଚିଆ—ବଂ. କୁଞ୍ଚିତ ।
କୁଞ୍ଚା—ବ. ମାପିବାର ପାତ୍ରବିଶେଷ ।
କୁଞ୍ଚାଇବା—କ୍ରି. କୁଞ୍ଚିତ କରିବା ।
କୁଞ୍ଚିତ—ବଂ. (କୁଞ୍ଚ୍-ତ) ବକ୍ରୀକୃତ; ନମ୍ରୀକୃତ ।
କୁଞ୍ଚିବା—କ୍ରି. ବସ୍ତ୍ରର ଫେର ସଜାଡ଼ିବା ।
କୁଞ୍ଚୀ—ବ. ଗୁଚ୍ଛ ; କୋଳପକାଠି ।
କୁଞ୍ଜ—ବ. ଲତାଗୃହ ।
କୁଞ୍ଜର—ବ. ହସ୍ତୀ ।
କୁଟ—ବ. ଦୁର୍ଗ; ପର୍ବତ ।
କୁଟଜ—ବ. ଗିରିମଲ୍ଲିକା, ପିତାକୋରୁଅ ।
କୁଟା—ବ. ଶୁଖିଲା ନଡ଼ା । ବଂ. ଛେଚ୍ ।
କୁଟିବା—କ୍ରି. ପ୍ରହାର କରିବା; ଛେଚିବା ।
କୁଟିଳ—ବଂ. ବକ୍ର; କପଟଯୁକ୍ତ ।
କୁଟୀର—ବ. ପର୍ଣ୍ଣଶାଳା; ସାନଚାଳଘର ।
କୁଟ୍ଟଣା—ବ. (କୁଟ୍ଟନ ଶବ୍ଦଜ) ସ୍ତ୍ରୀ ପୁରୁଷଙ୍କର ବ୍ୟଭିଚାରର ସହାୟ ପୁରୁଷ । [ସ୍ତ୍ରୀ ।
କୁଟ୍ଟଣୀ—ବ. ସ୍ତ୍ରୀ ପୁରୁଷଙ୍କର ବ୍ୟଭିଚାରର ସହାୟା ।
କୁଟୁଣୀ—ବ. ଯେ ସ୍ତ୍ରୀ ଧାନ କୁଟେ ।
କୁଟୁମ୍ବ—ବ. ପରିବାରବର୍ଗ ।
କୁଟ୍ମଳ—ବ. ମୁକୁଳ; ଫୁଲକଢ଼ ।
କୁଠାର—ବ. କୁହାଡ଼ୀ; ଟାଙ୍ଗିଆ ।
କୁଡ଼ିଆ—ବ. (କୁଟୀର ଶବ୍ଦଜ) ସାନଚାଳଘର ।
କୁଡ଼ି—ବ. (କୁଷ୍ଠଶବ୍ଦଜ) ଔଷଧବିଶେଷ; ଘଣି ବା ଘଦା ।
କୁଡ଼ାଇବା—କ୍ରି. ଘଦା କରିବା ।
କୁଣିଆ—ବ ଅତିଥି, ବନ୍ଧୁ ।
କୁଣ୍ଠ, କୁଣ୍ଠିତ—ବଂ. ସଙ୍କୁଚିତ; ଜଡ଼ ।
କୁଣ୍ଡ—ବ. ଜଳପାତ୍ର ।
କୁଣ୍ଡଳ—ବ. ଗୋଲାକାର ବେଷ୍ଟନ; କର୍ଣ୍ଣଭୂଷଣ ।
କୁଣ୍ଡିଆ—ବ. କଣ୍ଡୁରୋଗ ।
କୁଣ୍ଡେଇବା—କ୍ରି. (କଣ୍ଡୂୟନ ଶବ୍ଦଜ) ନଖରେ ଅଁଚୁଡ଼ିବା ; ପାନିଆରେ କେଶ ପ୍ରସାଧନ କରିବା ।
କୁଣ୍ଢେ—ବ. ବିସ୍ତାରିତ ବାହୁଦ୍ୱୟର ପରିମାଣ ।
କୁଣ୍ଢାଇବା—କ୍ରି. ଆଲିଙ୍ଗନ କରିବା ।
କୁତ—ବ. ଅନୁମାନିକ ମୂଲ୍ୟ ନିରୂପଣ ।
କୁତ୍ରାପି—ଅ. (କୁତ୍ର-ଅପି) କୌଣସିଠାରେ ।
କୁତ୍ସା—ବ. (କୁତ୍ସ୍-ଅ) ନିନ୍ଦା; ଗ୍ଳାନି; ଭର୍ତ୍ସନା ।
କୁତ୍ସିତ—ବ. (କୁତ୍ସ୍-ତ) କଦର୍ଯ୍ୟ; ଜଘନ୍ୟ ।
କୁଦ—ବ. (କୁର୍ଦ୍ଦ ଧାତୁରୁ) ଡପ; ଡିଅଁ ।
କୁଦିବା—କ୍ରି. ଡେଇଁବା ।
କୁଦ୍ଦାଳ—ବ. କୋଦାଳ; କୋଡ଼ି ।
କୁନ୍ତ—ବ. ଭଲ୍ଲ; ବର୍ଚ୍ଛା ।
କୁନ୍ତଳ—ବ କେଶ ।
କୁନ୍ତୀ—ବ. ପାଣ୍ଡବମାନଙ୍କର ଜନନୀ ।

କୁନ୍ଥାଇବା-କ୍ରି. (କୁନ୍ଥନ ଶବ୍ଦଜ) କୁନ୍ଥନ କରିବା ।

କୁନ୍ଦ-ବି. ପୁଷ୍ପ ବିଶେଷ ।

କୁନ୍ଦନ } ବି. ଚିକ୍କଣ କରିବା ଯନ୍ତ୍ର; ସ୍ୱର୍ଣ୍ଣ ଅଳଙ୍କାରରେ ହୀରକାଦି ବସାଇବା କାମ ।
କୁନ୍ଦ }

କୁନ୍ଦିବା-କ୍ରି. ଯନ୍ତ୍ରରେ ଚିକ୍କଣ କରିବା ।

କୁପିତ-ବିଂ. (କୁପ୍-ତ) କ୍ରୋଧାନ୍ୱିତ ।

କୁବଳୟ-ବି. ନୀଳପଦ୍ମ ।

କୁବେର-ବି. ଯକ୍ଷପତି ।

କୁବ୍ଜ-ବିଂ. ବକ୍ରପୃଷ୍ଠ; କୁଜା ।

କୁମର-ବି. (କୁମାରଶବ୍ଦଜ) ପୁତ୍ର ।

କୁମାର-ବି. କାର୍ତ୍ତିକେୟ; ବାଳକ ।

କୁମୁଦ-ବି. କଇଁଫୁଲ ।

କୁମୁଦିନୀ-ବି. ( କୁମୁଦ-ଇନ୍-ଈ ) କୁମୁଦ-ପୁଷ୍କରିଣୀ; କୁମୁଦଲତା ।

କୁମେରୁ-ବି. ପୃଥିବୀର ଦକ୍ଷିଣ କେନ୍ଦ୍ର ।

କୁମ୍ପା-ବି. ତେଲ ରଖିବାର ପାତ୍ର ।

କୁମ୍ଭ-ବି. (କ-ଉମ୍ଭ୍-ଅ) ଗଜକୁମ୍ଭ; ଘଟ ।

କୁମ୍ଭକ-ବି. ଯୋଗସାଧନ ବିଶେଷ ।

କୁମ୍ଭକର୍ଣ୍ଣ-ବି. ରାବଣାନୁଜ ରାକ୍ଷସ ।

କୁମ୍ଭକାର-ବି. (କୁମ୍ଭ-କୃ-ଅ) ଜାତିବିଶେଷ; କୁମ୍ଭାର ।

କୁମ୍ଭାଟୁଆ-ବି. ପକ୍ଷୀବିଶେଷ ।

କୁମ୍ଭାର } ବି. (କୁମ୍ଭକାର ଶବ୍ଦଜ) କୁମ୍ଭକାର-ଜାତି ।
କୁମ୍ହାର }

କୁମ୍ଭୀପାକ-ବି. ନରକବିଶେଷ ।

କୁମ୍ଭୀର-ବି. କମ୍ହିର ।

କୁରଙ୍ଗ-ବି. (କୁ-ରଙ୍ଗ୍-ଅ) ହରିଣ; ମୃଗ ।

କୁରାଡ଼ି-ବି. (କୁଠାରଶବ୍ଦଜ) କୁଠାର; ଟାଙ୍ଗିଆ ।

କୁରୁ-ବି. ଦେଶବିଶେଷ; ରାଜବଂଶବିଶେଷ ।

କୁରୁଡ଼ିବା } କ୍ରି. ହର୍ଷରେ ଧ୍ୱନି କରିବା ।
କୁରୁଳିବା }

କୁରୁବକ-ବି. ବୃକ୍ଷବିଶେଷ ।

କୁରୁବିନ୍ଦ-ବି. (କୁରୁ-ବିନ୍ଦ୍-ଅ) ପଦ୍ମରାଗମଣି ।

କୁର୍ଣ୍ଣି-ବି. ଅଙ୍ଗରଖା ।

କୁଳ-ବି. ବଂଶ; ସମୂହ ।

କୁଳ-ବୁଡ଼ା-ବିଂ. କୁଳଗୌରବ ଲୋପକାରୀ ।

କୁଳଟା-ବି. (କୁଳ-ଅଟ୍-ଆ) ଅସତୀ ସ୍ତ୍ରୀ; ଭ୍ରଷ୍ଟା ।

କୁଳା-ବି. (କୁଲ୍ୟଶବ୍ଦଜ) ଧାନ୍ୟାଦି ପାଛୁଡ଼ିବାର ପାତ୍ର ।

କୁଳାଙ୍ଗାର-ବିଂ. ( କୁଳ-ଅଙ୍ଗାର ) ବଂଶର ଅଙ୍ଗାର ବା ଅଧମ ।

କୁଳାଚାର-ବି. (କୁଳ-ଆଚାର) କୁଳଧର୍ମ ।

କୁଳାୟ-ବି. ନୀଡ଼; ପକ୍ଷୀର ବସା ।

କୁଳାଳ-ବି. କୁମ୍ଭକାର ।

କୁଳି } ବି. ତୁଣ୍ଡରେ ପାଣି ନେଇ କଳକଳ କରି ନିକ୍ଷେପ ।
କୁଳୁକୁଞ୍ଚା }

କୁଳି-ବି. ମୂଲିଆ ।

କୁଳିଶ-ବି. (କୁଳି-ଶ) ଇନ୍ଦ୍ରର ବଜ୍ର ।

କୁଳୀନ-ବିଂ. (କୁଳ-ଇନ୍) ଉତ୍ତମ କୁଳୋଦ୍ଭବ ।

କୁଳୀର-ବି. କଙ୍କଡ଼ା ।

କୁଶ-ବି. ତୃଣବିଶେଷ ।

କୁଶଳ-ବି. ମଙ୍ଗଳ; କଲ୍ୟାଣ; ନିରାପଦ ।

କୁଶଳୀ-ବିଂ. (କୁଶଳ-ଇନ୍) କୁଶଳଯୁକ୍ତ; କଲ୍ୟାଣବିଶିଷ୍ଟ ।
କୁଶୀଲବ-ବି. ନଟ; ନର୍ତ୍ତକ ।
କୁଷ୍ଠ-ବି. ମହାବ୍ୟାଧି ।
କୁଷ୍ମାଣ୍ଡ-ବି. ପାଣିକଖାରୁ ।
କୁଷୀଦ } ବି. (କୁ-ସଦ୍-ଅ) ସୁଧ ।
କୁସୀଦ }
କୁସୁମ-ବି. ପୁଷ୍ପ ।
କୁସୁମିତ-ବିଂ. (କୁସୁମ-ଇତ) ପୁଷ୍ପିତ ।
କୁସୁମେଷୁ-ବି. (କୁସୁମ-ଇଷୁ) କନ୍ଦର୍ପ ।
କୁହକ } ବି. ଇନ୍ଦ୍ରଜାଲ; ଭେଲ୍କି ।
କୁହୁକ }
କୁହର-ବି. (କୁ-ହୃ-ଅ) ଗହ୍ୱର; କୁହୁଧ୍ୱନି ।
କୁହରିବା-କ୍ରିଂ. କୁହୁକୁହୁଧ୍ୱନି କରିବା ।
କୁହାଟ-ବି. ଉଚ୍ଚଡାକ ।
କୁହାଟିବା-କ୍ରିଂ. ଉଚ୍ଚଡାକ ଦେବା ।
କୁହୁ-ବି. ଅମାବାସ୍ୟା; କୋକିଳଧ୍ୱନି ।
କୁହୁଳିବା-କ୍ରି. ଅଗ୍ନିଯୋଗେ ପ୍ରଧୂମିତ ହେବା ।
କୁହେଳି-ବି. କୁଜ୍ଝଟୀ ।
କୂଅ-ବି. (କୂପଶବ୍ଦଜ) କୂପ ।
କୂଜନ-ବି. (କୂଜ୍-ଅନ) ଅବ୍ୟକ୍ତ ଧ୍ୱନି ।
କୂଜିତ-ବି. (କୂଜ୍-ତ) ପକ୍ଷୀର ଧ୍ୱନି ।
କୂଟ-ବି. (କୂଟ୍-ଅ) ପର୍ବତର ଶୃଙ୍ଗ; ମାୟା;
କୂଟସ୍ଥ-ବିଂ. ଉଦାସୀନ । [କପଟ ।
କୂପ-ବି. କୂଅ; ଗର୍ତ୍ତ ।
କୂପ-ମଣ୍ଡୂକ-ବି. ଅଳ୍ପଜ୍ଞ ।
କୂର୍ଚ୍ଚିକା-ବି. ତୁଳି ।
କୂର୍ପର-ବି. କହୁଣି; ଅଣ୍ଠୁ ।
କୂର୍ମ୍ମ-ବି. କଚ୍ଛପ ।
କୂଳ-ବି. ତୀର ।
କୃକଲାସ-ବି ଏଣ୍ଡୁଅ ।
କୃଚ୍ଛ୍ର-ବି. କଷ୍ଟ ।
କୃତ-ବିଂ. (କୃ-ତ) ସମ୍ପାଦିତ ।
କୃତକ-ବିଂ. କୃତ୍ରିମ ।
କୃତ-କୃତ୍ୟ-ବିଂ. କୃତାର୍ଥ । [କାରୀ ।
କୃତଘ୍ନ-ବିଂ. (କୃତ-ହନ୍-ଅ) ଉପକାରୀର ଅପ-
କୃତଜ୍ଞ-ବିଂ. (କୃତ-ଜ୍ଞା-ଅ) ଉପକାର ସ୍ମରଣ-କାରୀ ।
କୃତ-ଦାର-ବିଂ. ବିବାହିତ (ପୁରୁଷ) ।
କୃତାଞ୍ଜଳି-ବିଂ. (କୃତ-ଅଞ୍ଜଳି) ବଦ୍ଧାଞ୍ଜଳି ।
କୃତାନ୍ତ-ବି. (କୃତ-ଅନ୍ତ) ଯମ ।
କୃତାର୍ଥ-ବିଂ. (କୃତ-ଅର୍ଥ) କୃତକାର୍ଯ୍ୟ ।
କୃତି-ବି. (କୃ-ତି) କାର୍ଯ୍ୟ; ରଚନା ।
କୃତିତ୍ୱ-ବି. କୃତକାର୍ଯ୍ୟତା ।
କୃତୀ-ବିଂ. (କୃତ-ଇନ୍) କର୍ମକୁଶଳ ।
କୃତ୍ତି-ବି. (କୃତ୍-ତି) ଚର୍ମ ।
କୃତ୍ତିକା-ବି. ତୃତୀୟ ନକ୍ଷତ୍ର ।
କୃତ୍ତି-ବାସ-ବି. ଚର୍ମଧାରୀ; ମହାଦେବ ।
କୃତ୍ରିମ-ବିଂ. (କୃ-ତ୍ରିମ) ମନୁଷ୍ୟକୃତ; କଳ୍ପିତ ।
କୃତ୍ସ୍ନ-ବିଂ. ସକଳ ।
କୃନ୍ତନ-ବି. (କୃତ୍-ଅନ) ଛେଦନ ।
କୃପଣ-ବିଂ. (କୃପ୍-ଅନ) ବ୍ୟୟକୁଣ୍ଠ; ନୀଚ ।

କୃପା-ବି. (କୃପ୍-ଅ) ଦୟା ।
କୃପାଣ-ବି. ଖଡ୍ଗ ।
କୃପାଳୁ-ବିଂ. (କୃପା-ଅଳୁ) ଦୟାଳୁ ।
କୃମି-ବି. କୀଟ ।
କୃଶ-ବିଂ. କ୍ଷୀଣ ।
କୃଶାନୁ-ବି. ଅଗ୍ନି ।
କୃଷକ-ବି. ଚଷା ।
କୃଷି-ବି. (କୃଷ୍-ଇ) ଚାଷବାସ ।
କୃଷୀବଳ-ବି. (କୃଷି-ବଳ) କୃଷକ ।
କୃଷ୍ଟ-ବିଂ. (କୃଷ୍-ତ) ଚଷା ଯାଇଥିବା
କୃଷ୍ଣ-ବି. (କୃଷ୍-ନ) ଶ୍ରୀକୃଷ୍ଣ; ବିଂ. କଳା; ନୀଳ-
କୃଷ୍ଣ-ସାର-ବି. ମୃଗ ବିଶେଷ । [ବର୍ଣ୍ଣ ।
କୃଷ୍ୟ-ବିଂ. (କୃଷ୍-ଯ) କର୍ଷଣଯୋଗ୍ୟ ।
କେଉଟ-ବି. (କୈବର୍ତ୍ତଶବ୍ଦଜ) ଜାତିବିଶେଷ ।
କେଉଁ, କେଉଁଣସି, କେବଣ } (କିମ୍-ଶବ୍ଦଜ) କିଏ; କିଣ ।
କେକା-ବି. ମୟୂରଧ୍ୱନି ।
କେକୀ-ବି. (କେକା-ଇନ୍) ମୟୂର ।
କେଖିବା-କ୍ରି. ଭୂଷିଦେବା ।
କେଣେ-ଅଂ. (କିମ୍‌ଶବ୍ଦଜ) କେଉଁଆଡ଼େ ।
କେଣ୍ଡା-ବି. ଶସ୍ୟଗୁଚ୍ଛ ।
କେତକୀ-ବି. ବୃକ୍ଷବିଶେଷ ଓ ତାହାର ଫୁଲ ।
କେତନ-ବି. ଧ୍ୱଜ; ପତାକା; ଚିହ୍ନ; ସ୍ଥାନ ।
କେତୁ-ବି. ଗ୍ରହବିଶେଷ; ପତାକା ।
କେତେ-ଅଂ. (କତିଶବ୍ଦଜ) କେତେପରିମାଣ ।
କେଦାର-ବି. କିଆର ।
କେନ୍ଦରା-ବି. ବାଦ୍ୟବିଶେଷ ।
କେନ୍ଦୁ-ବି. ବୃକ୍ଷ ଓ ଫଳ ବିଶେଷ ।
କେନ୍ଦୁଆ-ବି. ଏକ ପ୍ରକାର କ୍ଷୁଦ୍ର ବ୍ୟାଘ୍ର ।
କେନ୍ଦୁଳି-ବି. (କନ୍ଦଳୀ ଶବ୍ଦଜ) କହାଯାଉଥିବା ଏକ ପ୍ରକାର ବୃକ୍ଷ ଓ ତାହାର ଫୁଲ ।
କେନ୍ଦ୍ର-ବି. ଗୋଲକ୍ଷେତ୍ରର ବା ବସ୍ତୁର ମଧ୍ୟବିନ୍ଦୁ ।
କେମନ୍ତ-ଅଂ. (କିଂ ଓ ମତଶବ୍ଦରୁ) କିପ୍ରକାର ।
କେମ୍ପା-ବିଂ. ହସ୍ତ ଯାହାର ବଙ୍କା ।
କେୟୂର-ବି. ବାହୁଭୂଷଣ; ବାହୁ; ତାଡ ।
କେରା-ବି. ତୃଣାଦିର କ୍ଷୁଦ୍ର ଗୁଚ୍ଛ ।
କେଲା-ବି. ଜାତିବିଶେଷ ।
କେଳି-ବି. କ୍ରୀଡ଼ା; କୌତୁକ ।
କେଳିଗୃହ-ବି. (କେଳି-ଗୃହ) କ୍ରୀଡ଼ାଗାର ।
କେବଳ-ବିଂ. ଏକମାତ୍ର; ଖାଲି ।
କେଶ-ବି. ବାଳ ।
କେଶ-ପାଶ-ବି. କେଶଗୁଚ୍ଛ ।
କେଶର, କେସର } ବି. ପୁଷ୍ପକିଞ୍ଜଳ୍କ ; ସିଂହାଦିର ଗ୍ରୀବା-ଦେଶର ବାଳ ।
କେଶରୀ-ବି. (କେଶର-ଇନ୍) ସିଂହ ।
କେଶବ-ବି. ବିଷ୍ଣୁ । [କୃଷ୍ଣ; ବିଷ୍ଣୁ ।
କେଶବ-ବି. (କ-ଈଶ-ବ) ବା (କେଶ-ବ)
କେସନ-ଅଂ. କପଟ ।
କେହି, କେହୁ } ସର୍ବ. କୌଣସି ବ୍ୟକ୍ତି ।

କେଦ୍ଧେ-କ୍ରି. ବିଂ. କଷ୍ଟକାରେ ।
କୈଟଭାରି-ବ.(କୈଟଭ-ଅରି)ନାରାୟଣ; ବିଷ୍ଣୁ ।
କୈତବ-ବ. (କିତବ-ଅ) ଛଳ; କପଟ ।
କୈରବ-ବ. କଇଁଫୁଲ ।
କୈଳାସ-ବ. ପର୍ବତବିଶେଷ ।
କୈବର୍ତ୍ତ-ବ. କେଉଟ ।
କୈବଲ୍ୟ-ବ. (କେବଳ-ଯ) ମୋକ୍ଷ ।
କୈଶୋର-ବ. (କିଶୋର-ଅ) ବାଲ୍ୟକାଳ ।
କୋଇ-ବ. ସୁବର୍ଣ୍ଣାଦି ଅଉଟିବା ପାତ୍ର ।
କୋଇଲା-ବ.(ଇଂରାଜୀ କୋଲ୍ ଶବ୍ଦଜ)ଅଙ୍ଗାର ।
କୋଇଲି-ବ. (କୋକିଳଶବ୍ଦଜ) କୋକିଳ ।
କୋକ-ବ. ଚକ୍ରବାକ ।
କୋକନଦ-ବ. ରକ୍ତପଦ୍ମ; ଲାଲକଇଁ ।
କୋକିଳ-ବ. କୋଇଲି; ପିକ ।
କୋଚିଲା-ବ. ବୃକ୍ଷବିଶେଷ ଓ ତାହାର ଫଳ ।
କୋଟର-ବ. ବୃକ୍ଷସ୍ଥ ଗହ୍ୱର ।
କୋଟି-ବ. ଅଗ୍ରଭାଗ; ଶତଲକ୍ଷ ।
କୋଠ-ଭଣ୍ଡାର-ବ. ( କୋଷ୍ଠ-ଭାଣ୍ଡାଗାର ) ଭିତରର ଭଣ୍ଡାର ।
କୋଠରି-ବ. ପ୍ରକୋଷ୍ଠ ।
କୋଠା-ବ. ଅଟ୍ଟାଳିକା । [ଘର ।
କୋଠି-ବ. (କୋଷ୍ଠଶବ୍ଦଜ) ଅମାର; ଶଯ୍ୟା-
କୋଡ଼ି-ବ. ମାଟି ଖୋଳିବା ଯନ୍ତ୍ର ।
କୋଡ଼ିବା-କ୍ରିଂ. ମାଟି ଖୋଳିବା ।
କୋଢ଼ି-ବ. (କୁଷ୍ଠୀଶବ୍ଦଜ) କୁଷ୍ଠରୋଗୀ ।
କୋଣ-ବ. ଗୃହାଦିର କନ୍ଦ; ଦୁଇରେଖାର ସନ୍ଧିସ୍ଥଳ ।

କୋତରା-ବଂ. ମଳିନ ।
କୋଥଳି-ବ. ମୁଣି ।
କୋଦଣ୍ଡ-ବ. ଧନୁ ।
କୋଦା-ବଂ. ମୋଟା ।
କୋପ-ବ. (କୁପ୍-ଅ) କ୍ରୋଧ ।
କୋପନ-ବଂ. (କୁପ୍-ଅନ) କ୍ରୁଦ୍ଧ ।
କୋମଳ-ବଂ. କଅଁଳ; ସୁକୁମାର ।
କୋୟୂର-ବ. ସେବକ ।
କୋରକ-ବ. କଢ଼ି; ମୁକୁଳ । [କୋଟର ।
କୋରଡ଼-ବ. ( କୋଟରଶବ୍ଦଜ ) ବୃକ୍ଷର
କୋରଡା-ବ. ଚାବୁକ ।
କୋଳି-ବ. କ୍ରୋଡ଼ । [ଧ୍ୱନି; ଗୋଳମାଳ ।
କୋଳାହଳ-ବ.(କୋଳ-ଅ-ହଲ୍-ଅ)କଳକଳ
କୋବିଦ-ବଂ. ପଣ୍ଡିତ; ଜ୍ଞାନୀ ।
କୋଶ-ବ. ଖଡ୍ଗର ଖାପ; ପଣସପ୍ରଭୃତିର ପୁଟ ।
କୋଶ-ବ. (କ୍ରୋଶଶବ୍ଦଜ)୮୦୦୦ ହାତ ପରିମାଣ ।
କୋଷ-ବ. ଭଣ୍ଡାର; ଅଭିଧାନ ।
କୋଷ୍ଠ-ବ. ଉଦର; ଅନ୍ତଃପୁର ।
କୋଷ୍ଠୀ-ବ. ଜନ୍ମପତ୍ରିକା ।
କୋଷ୍ଣ-ବଂ. (କୁ-ଉଷ୍ଣ) ଈଷଦୁଷ୍ଣ ।
କୋହ-ବ. (କୋପଶବ୍ଦଜ) ମନର ବିକଳଭାବ ।
କୋହଳ-ବଂ. (କୋମଳଶବ୍ଦଜ) ନରମ ।
କୌତୁକ-ବ.(କୁତୁକ-ଅ) କୁତୂହଳ; ଦର୍ପ ।
କୌତୂହଳ-ବ. (କୁତୂହଳ-ଅ) ଔତ୍ସୁକ୍ୟ ।
କୌପୀନ-ବ. କୌପୁନୀ, ଲେଙ୍ଗୁଟି ।

କୌମାର-ବି. (କୁମାର-ଅ) ବାଲ୍ୟକାଳ ।

କୌମୁଦୀ-ବି. (କୁମୁଦ-ଅ-ଈ) ଚନ୍ଦ୍ରିକା ; ଜ୍ୟୋତ୍ସ୍ନା ।

କୌମୋଦକୀ-ବି. ବିଷ୍ଣୁଗଦା ।

କୌରବ-ବିଂ. (କୁରୁ-ଅ) କୁରୁବଂଶୀୟ ।

କୌଳିକ-ବିଂ. (କୁଳ-ଇକ) କୁଳସମ୍ବନ୍ଧୀୟ ।

କୌଶଳ-ବି. (କୁଶଳ-ଅ) ନୈପୁଣ୍ୟ ।

କୌଶଲ୍ୟା-ବି. ଦଶରଥପତ୍ନୀ, ରାମମାତା ।

କୌଷେୟ-ବି. (କୋଷ-ଏୟ) ରେଶମୀ ବସ୍ତ୍ର ।

କୌସ୍ତୁଭ-ବି. ବିଷ୍ଣୁବକ୍ଷମଣି ।

କ୍ରକଚ-ବି. କରତ ।

କ୍ରତୁ-ବି. ଯଜ୍ଞ ।

କ୍ରନ୍ଦନ-ବି. (କ୍ରନ୍ଦ୍-ଅନ) ରୋଦନ ।

କ୍ରମ-ବି. ପର୍ଯ୍ୟାୟ; ନିୟମ; ପାଦକ୍ଷେପ ।

କ୍ରମଶଃ-କ୍ରି. ବି. (କ୍ରମ-ଶସ୍) କ୍ରମେ କ୍ରମେ ।

କ୍ରମିକ-ବିଂ. (କ୍ରମ-ଇକ) କ୍ରମାଗତ ।

କ୍ରମେଲକ-ବି. ଉଷ୍ଟ୍ର ।

କ୍ରୟ-ବି. (କ୍ରୀ-ଅ) କିଣିବା ।

କ୍ରବ୍ୟ-ବି. ମାଂସ ।

କ୍ରାନ୍ତ-ବିଂ. (କ୍ରମ୍-ତ) ଆକ୍ରାନ୍ତ ।

କ୍ରାନ୍ତି-ବି. (କ୍ରମ୍-ତି) ଆକ୍ରମଣ; କଳ୍ପିତ ରେଖା; କଡ଼ାକର ତୃତୀୟାଂଶ । [ସ୍ଥାନ ।

କ୍ରିୟା-ବି. (କୃ-ଯ-ଅ) କର୍ମ ; ଶବ୍ଦାଦର ଅନୁ-

କ୍ରୀଡ଼ନକ-ବି. ଖେଳନା ।

କ୍ରୀଡ଼ା-ବି. (କ୍ରୀଡ୍-ଅ) ଖେଳ ।

କ୍ରୀତ-ବିଂ. (କ୍ରୀ-ତ) କିଣାଯାଇଥିବା ।

କ୍ରୁଦ୍ଧ-ବିଂ. (କ୍ରୁଧ୍-ତ) କୁପିତ ।

କ୍ରୂର-ବିଂ. ନିର୍ଦ୍ଦୟ ।

କ୍ରେତବ୍ୟ-ବିଂ. (କ୍ରୀ-ତବ୍ୟ) କ୍ରୟଯୋଗ୍ୟ ।

କ୍ରେତା-ବି. (କ୍ରୀ-ତୃ) କ୍ରୟକର୍ତ୍ତା ।

କ୍ରେୟ-ବିଂ. (କ୍ରୀ-ଯ) କ୍ରୟଯୋଗ୍ୟ ।

କ୍ରୋଡ଼-ବି. କୋଳ ।

କ୍ରୋଡ଼ପତ୍ର-ବି. ପୁସ୍ତକର ଅତିରିକ୍ତ ପତ୍ର ।

କ୍ରୋଧ-ବି. (କ୍ରୁଧ୍-ଅ) କୋପ । [କୋପନ ।

କ୍ରୋଧୀ-ବିଂ. (କ୍ରୋଧ-ଇନ୍) କ୍ରୋଧଯୁକ୍ତ ;

କ୍ରୋଶ-ବି. (କ୍ରୁଶ୍-ଅ) ୮୦୦୦ ହାତ ପରିମାଣ ।

କ୍ରୌଞ୍ଚ-ବି. ବକଜାତୀୟ ପକ୍ଷିବିଶେଷ ।

କ୍ଲମ-ବି. ଶ୍ରମ ।

କ୍ଲାନ୍ତ-ବିଂ. (କ୍ଲମ୍-ତ) ଶ୍ରାନ୍ତ ।

କ୍ଲାନ୍ତି-ବି. (କ୍ଲମ୍-ତି) ଶ୍ରାନ୍ତି; ଶ୍ରମର କଷ୍ଟ ।

କ୍ଲିନ୍ନ-ବିଂ. (କ୍ଲିଦ୍-ତ) କ୍ଲେଦଯୁକ୍ତ ।

କ୍ଲିଷ୍ଟ-ବିଂ. (କ୍ଲିଶ୍-ତ) କ୍ଲେଶପ୍ରାପ୍ତ ।

କ୍ଲୀବ-ବିଂ. (କ୍ଲୀବ୍-ଅ) ନପୁଂସକ; ଅକ୍ଷମ ।

କ୍ଲେଦ-ବି. (କ୍ଲିଦ୍-ଅ) ପୂଯ ଆଦି ମଳଯୁକ୍ତ ଜଳ ।

କ୍ଲେଶ-ବି. (କ୍ଲିଶ୍-ଅ) କଷ୍ଟ ।

କ୍ୱଚିତ୍-ଅ. କେଉଁସ୍ଥାନରେ; କୌଣସିଠାରେ ।

କ୍ୱଣନ, କ୍ୱଣିତ } ବି. (କ୍ୱଣ୍-ଅନ,ତ) ବୀଣାଦିର ଧ୍ୱନି ।

କ୍ୱାଥ-ବି. (କ୍ୱଥ୍-ଅ) ସିଦ୍ଧବସ୍ତୁର ରସ ।

କ୍ଷଣ-ବି. (କ୍ଷଣ୍-ଅ) ଅତିସୂକ୍ଷ୍ମ କାଳ; ଶୁଭକ୍ଷଣ ।

କ୍ଷଣଦା-ବି. ରାତ୍ରି ।

କ୍ଷଣ-ପ୍ରଭା-ବି. ବିଦ୍ୟୁତ୍ ।

କ୍ଷଣିକ-ବିଂ. (କ୍ଷଣ-ଇକ) କ୍ଷଣମାତ୍ରସ୍ଥାୟୀ ।

କ୍ଷତ-ବି. (କ୍ଷଣ୍-ତ) ବ୍ରଣ; ଘା । ବିଂ. ବିଦ୍ଧ; ବିଦୀର୍ଣ୍ଣ ।

କ୍ଷତି-ବି. (କ୍ଷଣ୍-ତି) ହାନି, କ୍ଷୟ ।

କ୍ଷତ୍ର, କ୍ଷତ୍ରିୟ-ବି. (କ୍ଷତ୍ର-ହି-ଅ-ଇୟ) ରାଜନ୍ୟ-ଜାତି ।

କ୍ଷନ୍ତବ୍ୟ-ବିଂ. (କ୍ଷମ୍-ତବ୍ୟ) କ୍ଷମାର ଯୋଗ୍ୟ ।

କ୍ଷପଣକ-ବି. ବୌଦ୍ଧ ସନ୍ନ୍ୟାସୀ ।

କ୍ଷପା-ବି. ରାତ୍ରି ।

କ୍ଷପିତ-ବିଂ. (କ୍ଷପ-ଣିଚ୍-ତ) ଯାପିତ; ନାଶିତ ।

କ୍ଷମ-ବିଂ. (କ୍ଷମ୍-ଅ) ସମର୍ଥ ।

କ୍ଷମତା-ବି. ସାମର୍ଥ୍ୟ ।

କ୍ଷମା-ବି. (କ୍ଷମ୍-ଅ) ଦୋଷମାର୍ଜନା ।

କ୍ଷୟ-ବି. (କ୍ଷି-ଅ) ହ୍ରାସ; ନାଶ; ରୋଗବିଶେଷ ।

କ୍ଷୟିତ-ବି. (କ୍ଷି-ଣିଚ୍-ତ) ହ୍ରାସିତ ।

କ୍ଷର-ବିଂ. ନଶ୍ୱର ।

କ୍ଷରଣ-ବି. (କ୍ଷର୍-ଅନ) ସ୍ରବିବା ।

କ୍ଷରିତ-ବିଂ. ନିଃସୃତ ।

କ୍ଷବଥୁ-ବି. ଛିଙ୍କ ।

କ୍ଷାତ୍ର-ବିଂ. (କ୍ଷତ୍ର-ଅ) କ୍ଷତ୍ରିୟସମ୍ବନ୍ଧୀୟ ।

କ୍ଷାନ୍ତ-ବିଂ. (କ୍ଷମ୍-ତ) କ୍ଷମାଶୀଳ; ନିବୃତ୍ତ ।

କ୍ଷାନ୍ତି-ବି. (କ୍ଷମ୍-ତି) ନିବୃତ୍ତି; କ୍ଷମା ।

କ୍ଷାମ-ବି. (କ୍ଷୈ-ତ) କ୍ଷୀଣ ।

କ୍ଷାର-ବି. (କ୍ଷର୍-ଅ) ଲବଣରସ; ଖାର ।

କ୍ଷାଳନ-ବି. (କ୍ଷାଲ୍-ଅନ) ଧୋଇପକାଇବା ।

କ୍ଷାଳିତ-ବିଂ. ଧୌତ; ପରିଷ୍କୃତ ।

କ୍ଷିତି-ବି. (କ୍ଷି-ତି) ପୃଥିବୀ ।

କ୍ଷିତିଜ-ବି. (କ୍ଷିତି-ଜନ୍-ଅ) ଚକ୍ରବାଳ; ମଙ୍ଗଳ-ଗ୍ରହ ।

କ୍ଷିପ୍ତ-ବିଂ. (କ୍ଷିପ୍-ତ) ନିକ୍ଷିପ୍ତ; ବିକୀର୍ଣ୍ଣ; ଉନ୍ମତ୍ତ ।

କ୍ଷିପ୍ର-ବିଂ. ଶୀଘ୍ର; ଦ୍ରୁତ ।

କ୍ଷୀଣ-ବିଂ. (କ୍ଷୀ-ଣ) କୃଶ ।

କ୍ଷୀର-ବି. ଜଳ; ଦୁଗ୍ଧ; ଅଠା ।

କ୍ଷୀରି-ବି. (କ୍ଷୀରଶବ୍ଦଜ) ପାୟସ ।

କ୍ଷୁଣ୍ଣ-ବିଂ. ( କ୍ଷୁଦ୍-ତ ) ଚୂର୍ଣ୍ଣୀକୃତ ; ଅହତ ; ଦୁଃଖିତ ।

କ୍ଷୁତ୍-ବି. କ୍ଷୁଧା ।

କ୍ଷୁତ-ବି. ଛିଙ୍କ ।

କ୍ଷୁଦ୍ର-ବିଂ. (କ୍ଷୁଦ୍-ର) ଛୋଟ; କ୍ଷୁଦ୍ରାଶୟ ।

କ୍ଷୁଧା-ବି. (କ୍ଷୁଧ୍-ଅ) ଭୋକ ।

କ୍ଷୁବ୍ଧ-ବିଂ. (କ୍ଷୁଭ୍-ତ) କ୍ଷୋଭପ୍ରାପ୍ତ; ବିଚଳିତ ।

କ୍ଷୁର-ବି. (କ୍ଷୁର୍-ଅ) ନାପିତର ଖୁର ।

କ୍ଷେତ୍ର-ବି. କ୍ଷେତ; ତୀର୍ଥ; ଅଙ୍ଗ; ତ୍ରିକୋଣାଦି ।

କ୍ଷେତ୍ରଜ୍ଞ-ବିଂ.(କ୍ଷେତ୍ର-ଜ୍ଞା-ଅ) ଜୀବାତ୍ମା; କୃଷକ ।

କ୍ଷେପ, କ୍ଷେପଣ-ବି. (କ୍ଷିପ୍-ଅ, ଅନ) ନିକ୍ଷେପ; ଯାପନ ।

କ୍ଷେପଣୀ-ବି. (କ୍ଷିପ୍-ଅନ-ଈ) ଅହୁଲା ।

କ୍ଷେମ-ବି. (କ୍ଷି-ମ) କଲ୍ୟାଣ, ଶୁଭ ।

କ୍ଷୋଦ-ବି. (କ୍ଷୁଦ୍-ଅ) ଖୁଦ; ଚୂର୍ଣ୍ଣ ।

କ୍ଷୋଦିତ-ବିଂ. (କ୍ଷୁଦ୍-ତ) ଅଙ୍କିତ; ଚୂର୍ଣ୍ଣୀକୃତ ।

**କ୍ଷୋଭ**-ବି. (କ୍ଷୁଭ୍-ଅ) ଚାଞ୍ଚଲ୍ୟ; ଉଦ୍‌ବେଗ;
**କ୍ଷୋମ**-ବି. ପଟ୍ଟବସ୍ତ୍ର । [ଆନ୍ଦୋଳନ ।
**କ୍ଷୌଣୀ**-ବି. ପୃଥିବୀ; ଅକ୍ଷୌହିଣୀ ।
**କ୍ଷୌଦ୍ର**-ବି. (କ୍ଷୁଦ୍ରା-ଅ) ମଧୁ ।
**କ୍ଷୌମ**-ବି. ପଟ୍ଟବସ୍ତ୍ର ।
**କ୍ଷୌର**-ବି. (କ୍ଷୁର-ଅ) ମୁଣ୍ଡନ; କ୍ଷୌରକର୍ମ୍ମ ।
**କ୍ଷ୍ମା**-ବି. (କ୍ଷମ୍-ଅ) ସର୍ବଂସହା; ପୃଥିବୀ ।
**କ୍ଷ୍ୱେଡ଼ିତ**-ବି. ବୀରମାନଙ୍କର ସିଂହନାଦ ।

---

**ଖ** ଦ୍ୱିତୀୟ ବ୍ୟଞ୍ଜନବର୍ଣ୍ଣ ବି. ଆକାଶ; ଶୂନ୍ୟ ।

**ଖଇ**-ବି. (ପ୍ରାଂ: ଖଦିକାଶବ୍ଦଜ) ଲିଆ ।
**ଖଇଚ୍**-ବିଂ. ଦରପକ୍ୱଇଅ ।
**ଖଇଞ୍ଚି**-ବି. (ଦେଶଜ) ଖଡ଼ିକା ନିର୍ମିତ ମତ୍ସ୍ୟ ଧରିବାର ଯନ୍ତ୍ର । [ବୃକ୍ଷର ଅଠା ।
**ଖଇର**-ବି. (ପ୍ରା. ଖଦିରଶବ୍ଦଜ) ସ୍ୱନାମ ଖ୍ୟାତ
**ଖଗ**-ବି. (ଖ-ଗମ୍-ଅ) ପକ୍ଷୀ ।
**ଖଗପତି**-ବି. ବିଷ୍ଣୁବାହନ; ଗରୁଡ ।
**ଖଗୋଳ**-ବି. ଆକାଶମଣ୍ଡଳ ।
**ଖଙ୍କାର**-ବି. କଫ ମିଶ୍ରିତ ଛେପ ।
**ଖଚ**-ବି. ମିଛ; ଚୁଗୁଲି; ପରନିନ୍ଦା ।
**ଖଚିତ**-ବିଂ. (ଖଚ୍-ତ) ଅନୁବଦ୍ଧ; ଭୂଷିତ ।
**ଖଚୁଆ**-ବି. ଚୁଗୁଲିଆ ।
**ଖଜଣା**-ବି. କର ।
**ଖଜା**-ବି. ପକ୍ୱ ମିଷ୍ଟାନ୍ନ ବିଶେଷ ।
ଖଜାଞ୍ଚି-ବି. କୋଷାଧ୍ୟକ୍ଷ ।
ଖଞ୍ଜ-ବିଂ. (ଖଞ୍ଜ୍-ଅ) ଲେଙ୍ଗଡ଼ା ।
ଖଞ୍ଜନ, ଖଞ୍ଜରୀଟ } କ୍ଷୁଦ୍ର ପକ୍ଷିବିଶେଷ ।
ଖଞ୍ଜଣୀ-ବି. କ୍ଷୁଦ୍ର ବାଦ୍ୟବିଶେଷ ।
ଖଞ୍ଜା-ବି. ପ୍ରାଚୀରବେଷ୍ଟିତ ଗୃହ । ବିଂ. ସଜଡ଼ା; ଗଚ୍ଛିତ ।
ଖଞ୍ଜିବା-କ୍ରି. ସଜାଡ଼ି ଥୋଇବା ।
ଖଟା-ବି. ଅମ୍ଳ ।
ଖଟିଆ-ବି. ଦୋଳା; ଯାନବିଶେଷ ।
ଖଟିବା-କ୍ରି. ପରିଶ୍ରମ କରିବା; ସେବାକରିବା ।
ଖଟେଇ-ବି. ଅମ୍ଳପଦାର୍ଥ ।
ଖଟ୍ୱା-ବି. ଖଟ ।
ଖଡଖଡି-ବି. ଶିବିକା; ପାଲିଙ୍କି ।
ଖଡ଼ମ-ବି. କାଷ୍ଠପାଦୁକା ।
ଖଡ଼ା-ବି. ଶାଗବିଶେଷ ।
ଖଡ଼ିକା-ବି. ସରୁ କାଠି । [ବ୍ୟବହୃତ) ।
ଖଡ଼ୀ-ବି. ଧଳା-ମୃତ୍ତିକାବିଶେଷ (ଲେଖିବାରେ
ଖଡ଼ୁ-ବି. ହାତର ବଳା ।
ଖଡ୍ଗ-ବି. ଗଣ୍ଡାର ଶୃଙ୍ଗ; ଖଣ୍ଡା, ତରବାରି ।
ଖଡ୍ଗୀ-ବିଂ. (ଖଡ୍ଗ-ଇନ୍) ଖଡ୍ଗଧାରୀ; ବି. ଗଣ୍ଡାର ।
ଖଣତି-ବି. (ଖନଶବ୍ଦଜ) ମାଟି ଖୋଳିବାର
ଖଣି-ବି. (ଖନ୍-ଧାତୁରୁ) ଆକର । [ଅସ୍ତ୍ର ।
ଖଣ୍ଟି-ବି. ଦସ୍ୟୁ ।
ଖଣ୍ଡ-ବି. (ଖଣ୍ଡ୍-ଅ) ଅଂଶ; ଖଣ୍ଡଗୁଡ଼ ।

ଖଣ୍ଡନ-ବ. (ଖଣ୍ଡ୍-ଅନ) ଛେଦନ ।
ଖଣ୍ଡା-ବ. ତରବାରି ।
ଖଣ୍ଡିଆ-ବି. (ଖଣ୍ଡଶବ୍ଦଜ) କ୍ଷତଯୁକ୍ତ ।
ଖଣ୍ଡିତ-ବି. (ଖଣ୍ଡ୍-ତ) ଛିନ୍ନ ।
ଖଣ୍ଡୁଆ-ବ. ରଞ୍ଜିତ ବସ୍ତ୍ର ବିଶେଷ ।
ଖତ-ବ. ପଶୁ ଗୋବର ପ୍ରଭୃତି; ସାର ।
ଖତମାଲ-ବ. (ଖ-ତମାଲ) ମେଘ ।
ଖତିୟାନ୍-ବ. ଜମି ଜମାର ହିସାବ କାଗଜ ।
ଖଟେଇ ହେବା-କ୍ରି. ବିକୃତ ମୁଖଭଙ୍ଗୀସହ
ଖଦଡ଼ା-ବି. ଅଚିକ୍କଣ । [ଚିଡେଇବା ।
ଖଦି-ବ. ଶ୍ରେଷ୍ଠ ଯୋଦ୍ଧା ।
ଖଦିର-ବ. ଖଇର ।
ଖଦ୍ୟୋତ-ବ. ଜୁଳୁଜୁଳିଆ ପୋକ ।
ଖନନ-ବ. (ଖନ୍-ଅନ) ଖୋଳିବା ।
ଖନା-ବି. ଯେ ନାସିକାଯୋଗେ କଥା କହେ ।
ଖନିତ୍ର-ବ. (ଖନ୍-ଇତ୍ର) ଖଣତି ।
ଖପରା-ବ. (ଖର୍ପରଶବ୍ଦଜ) ଭଙ୍ଗାହାଣ୍ଡିର ଖଣ୍ଡ ।
ଖ-ପୁଷ୍ପ-ବ. ଅବାସ୍ତବ ବିଷୟ ।
ଖପୁରୀ-ବ. (ଖର୍ପରୀଶବ୍ଦଜ) ମୁଣ୍ଡର ଖୋଲପା ।
ଖ-ମଣି-ବ. ସୂର୍ଯ୍ୟ ।
ଖମା, ଖଣା } ବ. ଖାଲ ।
ଖମାର-ବ. ଧାନ୍ୟାଦି ରଖିବାର ଘର ।
ଖମ୍ବ, ଖୁମ୍ବ } ବ. ଖୁଣ୍ଟ; ଖମ୍ବ ।
ଖୟରାତି-ବ. ଦାନ, ବିତରଣ ।
ଖର-ବ. ଗର୍ଦ୍ଦଭ; ଅଶ୍ୱତର; ବି. ଉଗ୍ର; ତୀକ୍ଷ୍ଣ ।
ଖରକିବା-କ୍ରି. ଓଲେଇବା ।
ଖରଚ-ବ. ବ୍ୟୟ ।
ଖରଡ଼ା-ବ. ଗାଲିଚ୍ । [ଅଂଶ ।
ଖରଡ଼ାପଣି-ବ. ଜମିଦାରମାନଙ୍କର କାଳେ-
ଖରଡ଼ିବା-କ୍ରି. ଭାଜିବା ।
ଖରା-ବ. (ଖରର ଅପଭ୍ରଂଶ) ସୂର୍ଯ୍ୟାତପ ।
ଖରାପ-ବି. ମନ୍ଦ; ଦୁଷ୍ଟ; ନଷ୍ଟ ।
ଖରିଦ୍-(ଫାର୍ସି) ବ. କ୍ରୟ ।
ଖର୍ଜୁର-ବ. ଖଜୁରି ।
ଖର୍ପର-ବ. ଖପରା; ମୁଣ୍ଡର ଖୋଲପା ।
ଖର୍ବ-ବ. ସଂଖ୍ୟାବିଶେଷ; ବି. ବାମନ; ଶ୍ରେଷ୍ଠ ।
ଖଳ-ବି. ଶଠ ।
ଖଲ୍-ବ. (ଖଲ୍ଲଶବ୍ଦଜ) ଔଷଧ ମର୍ଦ୍ଦନପାତ୍ର ।
ଖଳା-ବ. ଧାନ ଅମଲ କରିବାର ସ୍ଥାନ ।
ଖଲାସ-ବ. ମୁକ୍ତିପ୍ରାପ୍ତ ।
ଖଳିଆ-ବି. ଲେଙ୍ଗଡ଼ା ।
ଖଲିନ-ବ. ଲଗାମ ।
ଖବର-ବ. ସମ୍ବାଦ; ବାର୍ତ୍ତା ।
ଖସଡ଼ା-ବି. ପିଚ୍ଛିଲ ।
ଖସା-ବ. ଛଳ । [ଯିବା ।
ଖସିବା-କ୍ରି. ତଳକୁ ପଡ଼ିବା; ଅଲକ୍ଷିତେ ପଳା-
ଖାଇ-ବ. (ଖନ୍‌ଧାତୁଜ) ଗଡ଼ର ଚତୁର୍ଦ୍ଦିଗସ୍ଥ ଜଳାଶୟ ।

ଖାଇ-ବି. (ଖାଦ୍ ଧାତୁଜ) କପାପିଞ୍ଜିବା ଯନ୍ତ୍ର ।
ଖାଇବା-କ୍ରି. (ଖାଦ୍ ଧାତୁଜ) ଭୋଜନ କରିବା ।
ଖାଉନ୍ଦ-ବି. (ଫାର୍ସି ଖାମିନ୍ଦ୍ ଶବ୍ଦଜ) ପ୍ରଭୁ ।
ଖାଣ୍ଡବ-ବି. ବନବିଶେଷ ।
ଖାତ-ବି. (ଖନ୍-ତ) ଗର୍ତ୍ତ ।
ଖାତକ-ବି. ଋଣୀ ।
ଖାତର୍-ବି. ସମ୍ମାନ ।
ଖାତା-ବି. ଲେଖିବା ବହି ।
ଖାଦ-ବି. ଅସାର ଅଂଶ ।
ଖାଦକ-ବିଂ. (ଖାଦ୍-ଅକ) ଭକ୍ଷକ ।
ଖାଦ୍ୟ-ବିଂ.(ଖାଦ୍-ଯ) ଭକ୍ଷଣୀୟ । ବି. ଭୋଜନ
ଖାପ-ବି. ଅସିକୋଷ । [ଦ୍ରବ୍ୟ ।
ଖାର-ବି. କ୍ଷାର ।
ଖାଣ୍ଟି-ବିଂ. ଠିକ୍; ଅମିଶ୍ର; ସତ ।
ଖାରୁଆ-ବିଂ. କ୍ଷାରଯୁକ୍ତ; ଲବଣାକ୍ତ ।
ଖାଲ-ବି. ଗହ୍ୱର ଜମି ।
ଖାଲି-ବିଂ. ଶୂନ୍ୟ; କେବଳ ।
ଖାସା-ବିଂ. ଉତ୍ତମ । [ଅଛି ।
ଖାସି-ବିଂ. ଯାହାର କୋଷ କର୍ତ୍ତିତ ହୋଇ-
ଖିଆଲ-ବି. ଝୁଙ୍କ ।
ଖିଡ଼କି-ବି. ଜଳାକବାଟି; ଝରକା ।
ଖିଦ୍ୟମାନ-ବିଂ. (ଖିଦ୍+ଅନ) ଖେଦଯୁକ୍ତ ।
ଖିନ୍ନ-ବିଂ. (ଖିଦ୍-ତ) ଶ୍ରାନ୍ତ; ଦୁଃଖିତ ।
ଖିଲ-ବି. ଯୋଟକାଠି; ପାନବଡଅ ।
ଖିଲନ-ବି. ତୋରଣାକାର ନିର୍ମାଣ ।

ଖୁଆ-ବି. ଦୁଗ୍ଧରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ; ଦଧି-
ମନ୍ଥନ ଦଣ୍ଡ; ବାହୁମୂଳ ।
ଖୁଜୁଲି-ବି. କାଛୁ; କୁଣ୍ଡିଆ ।
ଖୁଡ଼ିଆ-ବି. କଳିହୁଡ଼ା ।
ଖୁଣୀ-ବିଂ. ହତ୍ୟାକାରୀ ।
ଖୁଣ୍ଟ-ବି. ସ୍ତମ୍ଭ ।
ଖୁଣ୍ଟା-ବି. ମେଖ; ଉଲୁଗୁଣା । [ବିଶେଷ ।
ଖୁଣ୍ଟିଆ-ବି. କର୍ଣ୍ଣଭୂଷଣ ବିଶେଷ; ଉପାଧି-
ଖୁଣ୍ଟିବା-କ୍ରି. ଠୋକିବା ।
ଖୁଡ଼ୁତା-ବି (ଖୁଲ୍ଲତାତ ଶବ୍ଦଜ) ପିତୃବ୍ୟ; ଦାଦ ।
ଖୁଡ଼ୀ-ବି. ପିତୃବ୍ୟ ପତ୍ନୀ ।
ଖୁଦ-ବି. (କ୍ଷୋଦ ଶବ୍ଦଜ) ତଣ୍ଡୁଳ କଣା ।
ଖୁନ୍ଦା-ବି. ମୁଖରେ ମୁଷ୍ଟ୍ୟାଘାତ । [ଖୁସ ।
ଖୁର-ବି. କ୍ଷୌର କରିବା ଶସ୍ତ୍ର; ଅଶ୍ୱାଦିଜନ୍ତୁର
ଖୁରଣ୍ଟି-ବି. ମୃଗବିଶେଷ; ମତ୍ସ୍ୟବିଶେଷ ।
ଖୁରୁଡ଼ି-ବି. ଶୁଖିଲା ନଡ଼ିଆ ।
ଖୁଲ୍ଲ-ବିଂ. କ୍ଷୁଦ୍ର ।
ଖୁଲ୍ଲତାତ-ବି. ପିତୃବ୍ୟ ।
ଖୁସି-ବି. ଇଚ୍ଛା । ବିଂ ଆନନ୍ଦିତ ।
ଖେଚର-ବି. (ଖେ-ଚର) ଆକାଶଗାମୀ ପକ୍ଷୀ ।
ଖେଚିଡ଼ି-ବି. ଡାଲିଚାଉଳ ମିଶା ପକ୍ୱାନ୍ନ ।
ଖେଟ-ବି. ଗ୍ରାମ; ମୃଗୟା ।
ଖେଦ-ବି. (ଖିଦ୍-ଅ) ଶୋକ; ଦୁଃଖ; ଶ୍ରମ ।
ଖେପ-ବି. (କ୍ଷେପଶବ୍ଦଜ) ନିକ୍ଷେପ; ଥର ।
ଖେପା-ବି. (କ୍ଷିପ୍ଧାତୁଜ) କ୍ରୁଦ୍ଧ ।
ଖେଳା-ବି. କ୍ରୀଡ଼ା ।

ଖେସାରି-ବି. ଶସ୍ୟବିଶେଷ ।

ଖୋଇ-ବି. ଅଭ୍ୟାସ ; ସ୍ୱଭାବ ।

ଖୋଜ-ବି. ଅଶ୍ୱାଦିର ପାଦଚିହ୍ନ ।

ଖୋଜିବା-କ୍ରି. ଅନ୍ୱେଷଣ କରିବା ।

ଖୋଦ୍-ବି. ଆପେ ; ନିଜେ ।

ଖୋଦିତ-ବିଂ. କ୍ଷୋଦିତ ; ଉତ୍କୀର୍ଣ୍ଣ ।

ଖୋପ-ବି. ବୃକ୍ଷାଦିର କୋଟର; ପାରାଘର ।

ଖୋଲ୍-ବି. ଗୁହା; ଗର୍ତ୍ତ ।

ଖୋଲା-ବିଂ. ମେଲା ; ଅନାବୃତ ।

ଖୋସଣୀ-ବି. କଟିସ୍ଥ ବସ୍ତ୍ରବନ୍ଧନୀ ।

ଖୋସା } ବି. (କୋଶ ଶବ୍ଦଜ) ସ୍ଥଳ; ପଣସର
ଖୋଷା } ପୁଟ ; ଜୁଡ଼ା ।

ଖୋସିବା-କ୍ରି. ଗୁଞ୍ଜିବା ।

ଖ୍ୟାତ-ବିଂ. (ଖ୍ୟା-ତ) ପ୍ରସିଦ୍ଧ ।

ଖ୍ୟାତି-ବି. (ଖ୍ୟା-ତି) ପ୍ରସିଦ୍ଧି ; ଯଶ ।

ଖ୍ୟାପନ-ବି. ପ୍ରଚାର କରିବା ।

---

## ଗ

ବ୍ୟଞ୍ଜନ ବର୍ଣ୍ଣର ତୃତୀୟ ବର୍ଣ୍ଣ ।

ଗ-ବିଂ. (ଶବ୍ଦର ଶେଷରେ) ଗାମୀ ।

ଗଁଗଁ-ବି. କଷ୍ଟସୂଚକ ଶବ୍ଦ ।

ଗଉଡ-ବି. ଜାତିବିଶେଷ; ଗୋପାଳ ।

ଗଉଡୁଣୀ-ବି. ଗୋପାଳୁଣୀ ।

ଗଉଣୀ-ବି.(ଗୋଣୀଶବ୍ଦଜ) ଧାନ୍ୟାଦି ମାପିବାର ପରିମାଣ ଯନ୍ତ୍ର ।

ଗଗନ-ବି. ଆକାଶ; ଶୂନ୍ୟ ।

ଗଙ୍ଗଶିଉଳି-ବି. (ଗଙ୍ଗାଶେଫାଳୀ) ପୁଷ୍ପବୃକ୍ଷ- [ବିଶେଷ ।

ଗଙ୍ଗା-ବି. ସ୍ୱନାମପ୍ରସିଦ୍ଧ ନଦୀ; ଜାହ୍ନବୀ ।

ଗଙ୍ଗାଧର-ବି. (ଗଙ୍ଗା-ଧୃ-ଅ) ଶିବ ।

ଗଙ୍ଗାପ୍ରାପ୍ତି-ବି. ଗଙ୍ଗାତୀରରେ ମୃତ୍ୟୁ ।

ଗଛ-ବି. (ଗଚ୍ଛଶବ୍ଦଜ) ବୃକ୍ଷ ।

ଗଛିବା-କ୍ରି. ତୁଳନା କରିବା ।

ଗଚ୍ଛିତ-ବିଂ. ନ୍ୟସ୍ତ; ଜମାହୋଇଥିବା ।

ଗଜ-ବି. ହସ୍ତୀ; ଦ୍ୱିହସ୍ତ ପରିମାଣ ।

ଗଜରିବା-କ୍ରି. ଅଙ୍କୁରିତ ହେବା ।

ଗଜା-ବି. ଅଙ୍କୁର; ମିଷ୍ଟାନ୍ନବିଶେଷ ।

ଗଜାନନ-ବି. (ଗଜ-ଆନନ) ଗଣେଶ ।

ଗଞ୍ଜି-ବି. ଶସ୍ୟର କ୍ରୟବିକ୍ରୟ ସ୍ଥାନ ।

ଗଞ୍ଜନ-ବିଂ. (ଗଂଜ୍-ଅନ) ତୁଚ୍ଛକାରୀ ।

ଗଞ୍ଜନା-ବି. (ଗଞ୍ଜ୍-ଅନ-ଆ) ଲାଞ୍ଛନା; ଯାତନା ।

ଗଞ୍ଜା-ବି. ପୁଂକୁକ୍କୁଟ; ପତ୍ରଗଛ ଓ ତାହାର ମାଦକ ଜଟା ।

ଗଞ୍ଜିବା-କ୍ରି. ଲାଞ୍ଛନା କରିବା ।

ଗଠନ-ବି. ଆକୃତି; ନିର୍ମ୍ମାଣ ।

ଗଠିତ-ବି. ନିର୍ମିତ; ରଚିତ ।

ଗଡ଼-ବି. (ଗଡ୍-ଅ) ପରିଖା ; ଦୁର୍ଗ ।

ଗଡ଼ଧାଳି-ଅସମାପିକା-କ୍ରି. ସାଷ୍ଟାଙ୍ଗ ଭଲେ ପଡ଼ିଯାଇ ।

ଗଡନ୍ତ } ବି. (ଗଡ୍ ଧାତୁଜ) ନମନମ ସ୍ଥାନ ।
ଗଡନ୍ତଆ }

ଗଡବଡ-ବି. ଗୋଳମାଳ ।

ଗଡ଼ିଆ-ବି. କ୍ଷୁଦ୍ର ପୁଷ୍କରଣୀ ।

ଗଡ଼ିବା-କ୍ରି. (ଗ୍ରା) ଘେଟିବା; ଜନ୍ମସାମୀ ହେବା ।

ଗଡୁ-ବି. ପିତ୍ତଳନିର୍ମିତ ଜଳପାତ୍ର ।

ଗଡ୍ଡଳିକା-ବି. (ଗଡ୍ଡରଶବ୍ଦଜ) ମେଷଶ୍ରେଣୀ ।

ଗଡ୍ଡଳିକା ପ୍ରବାହ-ବି. ଏକମେଷାନୁଗାମିନୀ ମେଷଶ୍ରେଣୀର ଗମନ; ମୂର୍ଖଦ୍ୱାରା ଅନୁକରଣ ।

ଗଢଣ-ବି. (ଗଠନଶବ୍ଦଜ) ନିର୍ମାଣ ।

ଗଢ଼ିବା-କ୍ରି. (ଗଠନଶବ୍ଦଜ) ନିର୍ମାଣ କରିବା ।

ଗଣ-ବି. (ଗଣ୍-ଅ) ଦଳ; ସମୂହ ।

ଗଣକ-ବି. (ଗଣ୍-ଅକ) ଗଣନାକାରୀ; ଦୈବଜ୍ଞ ।

ଗଣତି-ବି. ଗଣନା ।

ଗଣନ / ଗଣନା } ବି. (ଗଣ୍-ଅନ-ଆ) ଗଣିବା କାର୍ଯ୍ୟ ।

ଗଣନୀୟ-ବିଂ. (ଗଣ୍-ଅନୀୟ) ଗଣ୍ୟ; ଯୋଗ୍ୟ ।

ଗଣିକା-ବି. (ଗଣଶବ୍ଦଜ) ବେଶ୍ୟା ।

ଗଣିତ-ବି. (ଗଣ୍-ତ) ଅଙ୍କଶାସ୍ତ୍ର । ବିଂ. ଗଣା ।

ଗଣିବା-କ୍ରି. (ଗଣ୍ ଧାତୁରୁ) ସଂଖ୍ୟା କରିବା ।

ଗଣେଶ-ବି. (ଗଣ-ଈଶ) ଶିବପୁତ୍ର, ଗଜାନନ ।

ଗଣ୍ଠି-ବି. ( ଗ୍ରନ୍ଥିଶବ୍ଦଜ ) ଅଙ୍ଗସନ୍ଧି ; ବାଉଁଶର ସନ୍ଧି ; ବସ୍ତ୍ରକ ନର ବନ୍ଧନ ; ପଣ ବା ପ୍ରତିଜ୍ଞା ।

ଗଣ୍ଠିଆ-ବିଂ. ଗଣ୍ଠିଯୁକ୍ତ; କୁଟିଳ ।

ଗଣ୍ଠିଧନ-ବି. ଯତ୍ନରକ୍ଷିତ ଧନ ।

ଗଣ୍ଠିରି-ବି. ବୋଚକ୍ । [ସ୍ଫୋଟକ ।

ଗଣ୍ଡ-ବି. ( ଗଣ୍ଡ୍-ଅ ) କପୋଳ ; ଗଳଗ୍ରନ୍ଥି ;

ଗଣ୍ଡଗୋଳ-ବି. ଅଧିକ କୋଳାହଳ; ବିବାଦ ।

ଗଣ୍ଡମୂର୍ଖ-ବିଂ. ଘୋରମୂର୍ଖ ।

ଗଣ୍ଡଗ୍ରାମ-ବି. ପ୍ରଧାନ ଗ୍ରାମ ।

ଗଣ୍ଡମାଳା-ବି. ଗଳାର ଅବୁ ସମୂହ ।

ଗଣ୍ଡଶୈଳ-ବି. (ଗଣ୍ଡ-ଶୈଳ) କ୍ଷୁଦ୍ରପର୍ବତ ।

ଗଣ୍ଡା-ବି. ଘୁରକଡ଼ା; ଗଣ୍ଡାରନାମକ ଜନ୍ତୁ ।

ଗଣ୍ଡି-ବି. ଗଳାଠାରୁ କଟି ପର୍ଯ୍ୟନ୍ତ ଦେହ; ଗଛର କାଣ୍ଡ ।

ଗଣ୍ଡିରି-ବି. ଗଣ୍ଠିରି; ବୋଚକ୍ ।

ଗଣ୍ଡୂଷ-ବି. ଭଲେ ପାଣି ।

ଗଣ୍ୟ-ବିଂ. (ଗଣ୍-ଯ) ଗଣନୀୟ ।

ଗତ-ବିଂ. (ଗମ୍-ତ) ପ୍ରସ୍ଥିତ ; ମୃତ ; ପ୍ରାପ୍ତ; ଅତୀତ ।

ଗତି-ବି. (ଗମ୍-ତି) ଗମନ; ଉପାୟ; ଅବସ୍ଥା; ଆଶ୍ରୟ । [ଉପାୟାନ୍ତର ।

ଗତ୍ୟନ୍ତର-ବି. ( ଗତି-ଅନ୍ତର ) ଅନ୍ୟଗତି ;

ଗଦ-ବି. (ଗଦ୍-ଅ) ରୋଗ ।

ଗଦ-ବି. ସର୍ପ ବିଷର ଔଷଧ ।

ଗଦା-ବି. (ଗଦ୍-ଆ) ମୁଦ୍ଗର; ସ୍ତୂପ ।

ଗଦାଇବା-କ୍ରି. ଜମାକରିବା ।

ଗଦି-ବି. ସିଂହାସନ; ମୋଟଶେଜ ।

ଗଦିତ-ବିଂ. (ଗଦ୍-ତ) କଥିତ; ବି. ବାକ୍ୟ ।

ଗଦ୍‌ଗଦ-ବି. ଜଳପତନ ଶବ୍ଦ ; ହର୍ଷାଦିଜନିତ ଅସ୍ପଷ୍ଟ ଶବ୍ଦ ।

ଗଦ୍ୟ-ବି. (ଗଦ୍-ଯ) ଛନ୍ଦୋବର୍ଜିତ ବାକ୍ୟ; କଥା । ବାର୍ତ୍ତର ବାହୁଲୀ ।

ଗଧ-ବି. (ଗର୍ଦ୍ଦଭଶବ୍ଦଜ) ଗର୍ଦ୍ଦଭ ।

ଗଧିଆ-ବିଂ. ଅଳସୁଆ ; ବି. ବ୍ୟାଘ୍ରଜାତୀୟ ଜନ୍ତୁବିଶେଷ ।

ଗନ୍ତବ୍ୟ—ବି°. (ଗମ୍-ତବ୍ୟ) ଗମ୍ୟ, ପ୍ରାପ୍ୟ ।
ଗନ୍ତା—ବି. ଅଙ୍ଗରଖା ।
ଗନ୍ତାଇତ—ବି. ଭଣ୍ଡାର ରକ୍ଷକ ।
ଗନ୍ତାଘର—ବି. ଭଣ୍ଡାରଘର ।
ଗନ୍ଧ—ବି. ( ଗନ୍ଧ-ଅ ) ଘ୍ରାଣେନ୍ଦ୍ରିୟର ଗ୍ରାହ୍ୟ-ପଦାର୍ଥ; ବାସନା ।
ଗନ୍ଧକ—ବି. (ଗନ୍ଧ-କ) ଉପଧାତୁବିଶେଷ ।
ଗନ୍ଧକାଷ୍ଠ—ବି. ( ଗନ୍ଧ-କାଷ୍ଠ ) ଅଗୁରୁକାଠ; ଚନ୍ଦନକାଠ ।
ଗନ୍ଧମାଦନ—ବି. ପର୍ବତବିଶେଷ ।
ଗନ୍ଧମାର୍ଜାର—ବି. ମୃଗନାଭିପ୍ର ଜନ୍ତୁବିଶେଷ ।
ଗନ୍ଧମୃଗ—ବି. କସ୍ତୁରିକାମୃଗ ।
ଗନ୍ଧର୍ବ—ବି. ସ୍ୱର୍ଗଗାୟକ ।
ଗନ୍ଧବହ—ବି. (ଗନ୍ଧ-ବହ-ଅ) ବାୟୁ ।
ଗପ—ବି. (ଗଳ୍ପଶବ୍ଦଜ) କଥା; କାହାଣି ।
ଗପିବା—କ୍ରି. ବେଶି କହିବା ।
ଗବ—ବି. ଏରଣ୍ଡଗଛ, ଜଡ଼ାଗଛ ।
ଗବୀ—ବି. (ଗୋ-ଈ) ଗାଭୀ, ଗାଈ ।
ଗବ୍ୟ—ବି°. (ଗୋ-ଯ) ଗୋସମ୍ବନ୍ଧୀୟ ।
ଗଭସ୍ତି—ବି. କିରଣ । [ତେଜୀୟାନ୍ ।
ଗଭସ୍ତିମାନ୍—ବି. (ଗଭସ୍ତି-ମତ୍) ସୂର୍ଯ୍ୟ; ବି°.
ଗଭା—ବି. ଜୁଡ଼ାରେ ଖୋସା ପୁଷ୍ପଗୁଚ୍ଛ ।
ଗଭୀର }
ଗମ୍ଭୀର } ବି°. ଅଗାଧ; ପ୍ରଗାଢ; ଉଦାର ।
ଗମନ—ବି. (ଗମ୍-ଅନ) ଗତି ।

ଗମିବା—କ୍ରି. ( ଗମ୍ଧାତୁଜ ) ଗମନକରିବା; ପ୍ରବେଶକରିବା ।
ଗମ୍ଭୀରସାମନ୍ତ }
ଗମ୍ଭୀରସାଆନ୍ତ } ବି. ଯୁବରାଜ; ରାଜପୁତ୍ର ।
ଗମ୍ଭୀରି—ବି. ଘରର କୋଠରି ।
ଗମ୍ୟ—ବି°. (ଗମ୍-ଯ) ଭୋଗ୍ୟ; ପ୍ରାପ୍ୟ; ଗମନ-
ଗୟଲ—ବି. ଜନ୍ତୁବିଶେଷ । [ଯୋଗ୍ୟ ।
ଗୟା—ବି. (ଗୟ-ଅ) ପ୍ରସିଦ୍ଧ ତୀର୍ଥ ।
ଗର—ବି. (ଗୃ-ଅ) ବିଷ ।
ଗର—ବି. ମୁଣ୍ଡିକାଠ; କଟାଅଂଶ । [ବିଶେଷ ।
ଗରଗଡ଼ା—ବି. ଧାନ୍ୟକ୍ଷେତ୍ରଜାତ ଅକର୍ମଣ୍ୟ ଘାସ-
ଗରଜ୍—ବି. ପ୍ରୟୋଜନ ।
ଗରଗର—ବି°. ସଗାନନ୍ଦ; ଜଡ଼ିତ ।
ଗରଦ—ବି°. (ଗର-ଦା-ଅ) ବିଷପ୍ରଯୋକ୍ତା ।
ଗରମ—ବି°. (ଘର୍ମଶବ୍ଦଜ) ତପ୍ତ ।
ଗରଳ—ବି. (ଗୃ-ଅଲ) ବିଷ ।
ଗରା }
ଗଗରା } ବି. (ଗର୍ଗରୀଶବ୍ଦଜ) ପିତ୍ତଳ କଳସ ।
ଗରିମା—ବି. (ଗୁରୁ-ଇମନ୍) ଗୁରୁତ୍ୱ ।
ଗରିବ—ବି°. ଦରିଦ୍ର ।
ଗରିଷ୍ଠ } ବି°. ( ଗୁରୁ-ଇଷ୍ଠ, ଈୟସ୍ )
ଗରୀୟାନ୍ } ଗୁରୁତର ।
ଗରୁ—ବି°. (ଗୁରୁଶବ୍ଦଜ) ଭାରି । [ବାହନ ।
ଗରୁଡ଼—ବି. (ଗରୁତ୍-ଡୀ-ଅ) ପକ୍ଷିରାଜ; ବିଷ୍ଣୁ-
ଗରୁଡ଼ି—ବି. ପକ୍ଷୀର ଡେଣା ।

ଗରୁତ୍ମାନ୍–ବି. (ଗରୁତ୍‌-ମତ୍‌) ଗରୁଡ଼ ।

ଗର୍ଗରୀ–ବି. ପିତ୍ତଳ ନିର୍ମିତ ଘଟ ।

ଗର୍ଜ୍ଜନ–ବି. (ଗର୍ଜ୍‌-ଅନ) ସିଂହାଦିର ଶବ୍ଦବିଶେଷ, କ୍ରୋଧରେ ଉଚ୍ଚାରିତ ଉଚ୍ଚଶବ୍ଦ ।

ଗର୍ତ୍ତ–ବି. (ଗୃ-ତ) ଗହ୍ୱର ।

ଗର୍ଦ୍ଦଭ–ବି. (ଗର୍ଦ୍ଦ୍‌-ଅଭ) ଗଧ ; ମଠୁଆ ।

ଗର୍ଭ–ବି. (ଗୃ-ଭ) ଜରାୟୁ ; ଭ୍ରୂଣ ; ଅଭ୍ୟନ୍ତର ।

ଗର୍ଭକ–ବି. (ଗର୍ଭ-କ) ଜୁଡ଼ା ମଧ୍ୟସ୍ଥ ପୁଷ୍ପମାଳା ।

ଗର୍ଭକେଶର–ବି. ପୁଷ୍ପର ମଧ୍ୟ କେଶର ।

ଗର୍ଭଣା–ବି. (ପ୍ରା) କନ୍ୟାସଂକ୍ରାନ୍ତି ।

ଗର୍ଭପାତ–ବି. (ଗର୍ଭ-ପାତ) ଗର୍ଭସ୍ରାବ ।

ଗର୍ଭବତୀ–ବିଂ. (ଗର୍ଭ ବତ୍‌-ଈ) ଗର୍ଭିଣୀ ।

ଗର୍ଭାଗାର–ବି. (ଗର୍ଭ-ଅଗାର) ଗମ୍ଭୀର ଘର ।

ଗର୍ଭାଙ୍କ–ବି. (ଗର୍ଭ-ଅଙ୍କ) ନାଟକର ଅଙ୍କମଧ୍ୟରେ କ୍ଷୁଦ୍ରଅଙ୍କ ।

ଗର୍ଭାଧାନ–ବି. ଗର୍ଭଧାରଣର ସଂସ୍କାର ବିଶେଷ ।

ଗର୍ଭିଣୀ–ବିଂ. ( ଗର୍ଭ-ଇନ୍‌-ଈ ) ଗର୍ଭବତୀ, ଅନ୍ତଃସତ୍ତ୍ୱା ।

ଗର୍ଭିତ–ବିଂ. (ଗର୍ଭ-ଇତ) ଅନ୍ତର୍ଭୁକ୍ତ ।

ଗର୍ବ–ବି. (ଗର୍ବ୍‌-ଅ) ଦର୍ପ ; ଅହଂକାର ।

ଗର୍ବୀ, ଗର୍ବିତ–ବିଂ. ଗର୍ବକାରୀ ; ଅହଂକୃତ ।

ଗର୍ହଣ–ବି. (ଗର୍ହ୍‌-ଅନ) ନିନ୍ଦା ।

ଗର୍ହିତ–ବିଂ. (ଗର୍ହ-ତ) ନିନ୍ଦିତ ; ମନ୍ଦ ।

ଗଳ, ଗଳା–ବି. କଣ୍ଠ, ଗ୍ରୀବା ।

ଗଲ୍‌ଗଲ୍–କ୍ରି. ବିଂ. କ୍ଷୁଣ୍ଣେଇହେବା ; ସଲ୍‌ସଲ

ଗଳାଗାଡ଼ି–କ୍ରି. ଗଳଗର୍ଜନ କରିବା ।

ଗଳି–ବି. ଅପ୍ରଶସ୍ତ ପଥ ।

ଗଳିତ–ବିଂ. (ଗଳ୍‌-ତ) କ୍ଷରିତ ; ପଚା ।

ଗଳିବା–କ୍ରି. (ଗଳ୍‌ଧାତୁଜ) ପ୍ରବିଷ୍ଟ ହେବା ; ତରଳିତ ହେବା ।

ଗଳୁ–ବି. କଣ୍ଠୁ ।

ଗଳ୍ପ–ବି. କଥା ; ଉପାଖ୍ୟାନ ।

ଗବୟ–ବି. (ଗୋ-ଅୟ) ଗୋସଦୃଶ ପଶୁ ।

ଗବାକ୍ଷ–ବି. ( ଗୋ-ଅକ୍ଷ ) ଗୋନେତ୍ରାକାର ଖିଡ଼କି ।

ଗହଣ–ବି. ରଜାଙ୍କ ସଙ୍ଗ ।

ଗହଣା–ବି. ଅଳଙ୍କାର ।

ଗହନ–ବି. ବନ ; ବିଂ. ଦୁର୍ଗମ ; ଦୁର୍ବୋଧ୍ୟ ।

ଗହମ–ବି. (ଗୋଧୂମଶବ୍ଦଜ) ଶସ୍ୟବିଶେଷ ।

ଗହଳ–ବି. ଭେଳଭଉ ; ଗୋଳମାଳ ।

ଗହିର–ବିଂ. (ଗଭୀରଶବ୍ଦଜ) ଗଭୀର ।

ଗହ୍ମାପୂର୍ଣ୍ଣିମା–ବି. ଶ୍ରାବଣ ପୌର୍ଣ୍ଣମାସୀ ।

ଗହ୍ୱର–ବି. ଗର୍ତ୍ତ ; ଗୁହା ।

ଗାଁ–ବି. (ଗ୍ରାମଶବ୍ଦଜ) ଗ୍ରାମ ।

ଗାଈ–(ଗବୀଶବ୍ଦଜ) ମାଈଗୋରୁ ।

ଗାଇବା–କ୍ରି. (ଗୈଧାତୁଜ) ଗାନକରିବା ।

ଗାଗ–ବି. (ଗଙ୍ଗାଶବ୍ଦଜ) ବୃହତ୍ ସରୋବର ।

ଗାଙ୍ଗେୟ–ବି. (ଗଙ୍ଗା-ଏୟ) ଭୀଷ୍ମ ; କାର୍ତ୍ତିକେୟ ।

ଗାଞ୍ଜିଅ–ବି. ଟଙ୍କା ଗୁଞ୍ଜିରଖିବାର ଥଳି ।

ଗାଡ଼–ବି. (ଗର୍ତ୍ତଶବ୍ଦଜ) ଗର୍ତ୍ତ ।

ଗାଡ଼ି–ବି. ଶକଟ ।

ଗାଢ଼-ବିଂ. (ଗାହ୍-ତ) ଦୃଢ଼; ଘନ ।
ଗାଡ଼-ବି. (ଗର୍ତ୍ତଶବ୍ଦଜ) ରନ୍ଧ୍ର; ଛିଦ୍ର ।
ଗାତ୍ର-ବି. ଦେହ; ଅଙ୍ଗ ।
ଗାତ୍ରମାର୍ଜ୍ଜନୀ-ବି. ଗାମୁଛା ।
ଗାଥା-ବି. (ଗୈ-ଥ-ଆ) ଶ୍ଲୋକ; ଗୀତ ।
ଗାଦ-ବି. କାଣ୍ଟି, ମଇଳା ।
ଗାଦି-ବି. ସିଂହାସନ; ସମାଧି ।
ଗାଧ-ବି. (ଗାଧ୍-ଅ) ଜଳସ୍ପର୍ଶ । [କରିବା ।
ଗାଧୋଇବା-କ୍ରି. ଗାତ୍ର ଧୌତ କରିବା; ସ୍ନାନ-
ଗାନ-ବି. (ଗୈ-ଅନ) ସଂଗୀତ ।
ଗାନ୍ଥନୀ-ବି. (ଗ୍ରନ୍ଥନଶବ୍ଦଜ) ମସଲାଦ୍ୱାରା ଇଷ୍ଟ-କାଦି ବସାଇବା ।
ଗାନ୍ଧର୍ବ-ବିଂ. (ଗନ୍ଧର୍ବ-ଅ) ଗନ୍ଧର୍ବସମ୍ବନ୍ଧୀୟ ।
ଗାନ୍ଧାରି-ବି. ସ୍ୱରବିଶେଷ; ଦେଶବିଶେଷ ।
ଗାନ୍ଧାରୀ-ବି. ଧୃତରାଷ୍ଟ୍ର ପତ୍ନୀ ।
ଗାଭୀ-ବି. ଗାଈ ।
ଗାମୁଛା-ବି. ଗାତ୍ରମାର୍ଜନୀ । [ଅଗାଧତ୍ୱ ।
ଗାମ୍ଭୀର୍ଯ୍ୟ-ବି. ( ଗମ୍ଭୀର-ଯ ) ଗଭୀରତା,
ଗାୟକ-ବି. (ଗୈ-ଅକ) ଗାନକର୍ତ୍ତା ।
ଗାୟନ-ବି. (ଗୈ-ଅନ) ଗାଇବା ।
ଗାୟତ୍ରୀ-ବିଂ. (ଗାୟତ୍-ତ୍ରୈ-ଅ-ଈ) ଗାୟକର ତ୍ରାଣକାରୀ; ବି. ମନ୍ତ୍ରବିଶେଷ ।
ଗାର-ବି. ରେଖା ।
ଗାରଡ଼-ବି. ଅଣ୍ଡିରା ମେଣ୍ଢା ।
ଗାରୁଡ଼ିଆ-ବିଂ. ( ଗରୁଡ଼ଶବ୍ଦଜ ) ସର୍ପବିଷ-ନାଶକ ମନ୍ତ୍ରଜ୍ଞ ।

ଗାର୍ହସ୍ଥ୍ୟ-ବିଂ. (ଗୃହସ୍ଥ-ଯ) ଗୃହସ୍ଥସମ୍ବନ୍ଧୀୟ ।
ଗାଲ-ବି. (ଗଲ୍ଲଶବ୍ଦଜ) ଗଣ୍ଡସ୍ଥଳ ।
ଗାଳି-ବି. କଟୂକ୍ତି ।
ଗାଳିବା-କ୍ରି. (ଗଲ୍ଧାତୁଜ) ନିଗାଡ଼ିବା ।
ଗାଲିଚ୍-ବି. ମେଷଲୋମନିର୍ମିତ ଆସନ ।
ଗାଲୁ-ବି. ମିଛ ।
ଗାଲୁଆ-ବିଂ. ମିଛୁଆ; ଭଣ୍ଡ ।
ଗିର-ବି. (ଗୃ-ଅ) ବଚନ ।
ଗିରା-ବି. ଗାର; ଗଜର ୧୬ ଭାଗର ଭାଗେ ।
ଗିରି-ବି. (ଗୃ-ଇ) ପର୍ବତ; କେତେକ ସନ୍ନ୍ୟା-ସୀଙ୍କ ଉପାଧି ।
ଗିରିଜା-ବି. (ଗିରି-ଜନ୍-ଅ) ପାର୍ବତୀ ।
ଗିରିଶ-ବି. (ଗିରି-ଶୀ-ଅ) ଶିବ ।
ଗିଲ-ବି. ଫଳବିଶେଷ ।
ଗିଳିବା-କ୍ରି. ବି. ଗ୍ରାସକରିବା; ଗଳାଧଃକରଣ ।
ଗୀତ-ବି. ( ଗୈ-ତ ) ଗାନ; ବିଂ. ଗୀତରେ କୀର୍ତ୍ତିତ । [ବିଶେଷ ।
ଗୀତା-ବି. ( ଗୈ-ତ-ଆ ) ଉପଦେଶ-ଶାସ୍ତ୍ର-
ଗୀତି-ବି. (ଗୈ-ତି) ଗାନ ।
ଗୀର୍ବାଣ-ବି. (ଗୀଃ-ବାଣ) ଦେବତା ।
ଗୀଷ୍ପତି-ବି.(ଗୀଃ-ପତି) ବାଚସ୍ପତି; ମହାପଣ୍ଡିତ ।
ଗୁଆ-ବି. (ଗୁବାକ ଶବ୍ଦଜ) ଗୁବାକ ।
ଗୁଆଁର-ବିଂ. ନିର୍ବୋଧ ।
ଗୁଆଲୀ-ବି. ଗୌଡୁଣୀ ।
ଗୁଗ୍ଗୁଳ-ବି. ଗନ୍ଧନିର୍ଯ୍ୟାସବିଶେଷ ।
ଗୁଚ୍ଛ-ବି. ଗୋଛା; ଫୁଲତୋଡ଼ା; ପେଣ୍ଡା ।

ଗୁଞ୍ଜି / ଗୁଞ୍ଜା } ବି. କାଇଁଚ ।

ଗୁଞ୍ଜନ-ବି. (ଗୁଞ୍ଜ୍-ଅନ) ଗୁଣ୍‌ଗୁଣ୍ ଧ୍ୱନି ।

ଗୁଞ୍ଜିବା-କ୍ରି. ଖୋସିବା ।

ଗୁଡ଼-ବି. ଇକ୍ଷୁ ରସାଦରୁ ଜାତ ଶର୍କରା ।

ଗୁଡ଼ତ୍ୱକ୍-ବି. ଦାରୁଚିନି ।

ଗୁଡ଼ା, ଗୁଡ଼ାକ, ଗୁଡ଼ାଏ, ଗୁଡ଼, ଗୁଡ଼କ, ଗୁଡ଼ଏ-(ଗୁଟି ଶବ୍ଦର) ସମୂହ ।

ଗୁଡ଼ାଇବା-କ୍ରି. ବି. ବେଢାଇବା ।

ଗୁଡ଼ାଖୁ-ବି. ଗୁଡ଼ତମାଖୁ ।

ଗୁଡ଼ିଆ-ବି. ଗୁଡ଼ଦ୍ରବ୍ୟ ପ୍ରସ୍ତୁତକାରୀ ।

ଗୁଡୁଚ / ଗୁଳୁଚ } ଲତାବିଶେଷ ।

ଗୁଣ-ବି. (ଗୁଣ୍-ଅ) ଉତ୍କର୍ଷ; ସତ୍ତ୍ୱ-ରଜଃ-ତମ ପ୍ରକୃତିର ଏହି ତିନି ଗୁଣ; ଧନୁର ଜ୍ୟା; ସୂତ୍ର ।

ଗୁଣକ-ବି. (ଗୁଣ୍-ଅକ) ଯାହାଦ୍ୱାରା ଗୁଣନ କରାଯାଏ ।

ଗୁଣା-ବି. ନାକର ଅଲଂକାରବିଶେଷ ।

ଗୁଣିଆ-ବିଂ. (ଗୁଣୀଶବ୍ଦଜ) ଐନ୍ଦ୍ରଜାଲିକ ।

ଗୁଣିତ-ବିଂ. (ଗୁଣ୍-ତ) ପୂରିତ । [କରିବା ।

ଗୁଣିବା-କ୍ରି. ବି. ସ୍ମରଣକରିବା; ଅଙ୍କ ଗୁଣନ

ଗୁଣୀ-ବିଂ. (ଗୁଣ୍-ଇନ୍) ଗୁଣବାନ୍; ଯେ ମନ୍ତ୍ର-ଯନ୍ତ୍ର ଜାଣେ ।

ଗୁଣ୍ଠି-ବି. ଏକମାଣ ଭୂମିର ୧/୨୫ଅଂଶ ।

ଗୁଣ୍ଡ / ଗୁଣ୍ଡି } ବି. (ଗୁଣ୍ଡ ଧାତୁରୁ) ଚୂନା; ତମାଖୁଚୂର୍ଣ୍ଣ ।

ଗୁଣ୍ଡା-ବି. ଖଡ଼ର ଘାସ; ବିଂ. ଚୂର୍ଣ୍ଣୀକୃତ ।

ଗୁଣ୍ଡିଚ୍-ପୁରୀର ରଥଯାତ୍ରା ।

ଗୁଣ୍ଡୁଚମୂଷା-ବି. ମୂଷିକବିଶେଷ ।

ଗୁପ୍ତ-ବିଂ. (ଗୁପ୍-ତ) ରକ୍ଷିତ; ଗୂଢ଼ ।

ଗୁପ୍ତି-ବି. (ଗୁପ୍-ତି) ଗୋପନ; ଅସ୍ତ୍ରବିଶେଷ ।

ଗୁମର-ବି. ଝେକ; ଗର୍ବ ।

ଗୁମାନ-ବି. ଦମ୍ଭ; ଗର୍ବ ।

ଗୁମାସ୍ତା-ବି. ହିସାବରକ୍ଷକ; ମୋହରର ।

ଗୁମ୍ଫ-ବି. (ଗୁମ୍ଫ୍-ଅ) ମୁଞ୍ଛ ।

ଗୁମ୍ଫନ-ବି. (ଗୁମ୍ଫ୍-ଅନ) ଗୁନ୍ଥିବା ।

ଗୁମ୍ଫା-ବି. ଗୁହା; ଗର୍ତ୍ତ ।

ଗୁମ୍ଫିତ-ବିଂ. (ଗୁମ୍ଫ୍-ତ) ଗ୍ରଥିତ ।

ଗୁରୁ-ବି. (ଗୃ-ଉ) ଅଧ୍ୟାପକ; ଧର୍ମୋପଦେଷ୍ଟା; ବୃହସ୍ପତି ।

ଗୁରୁଣ୍ଡିବା-କ୍ରି. ବି. ଶିଶୁର ଅଣ୍ଠରେ ଚାଲିବା ।

ଗୁରୁତ୍ୱ / ଗୁରୁତା } ବି. ମହତ୍ତ୍ୱ; ଓଜନ ।

ଗୁରୁ-ପାକ-ବିଂ. ଯାହା ସହଜରେ ଜୀର୍ଣ୍ଣ ନ ହୁଏ ।

ଗୁର୍ଜ୍ଜର-ବି. ଗୁଜରାଟ ଦେଶ । [ବିଶେଷ ।

ଗୁର୍ଜ୍ଜରୀ-ବି. ଗୁଜରାଟ ଦେଶୀୟା ସ୍ତ୍ରୀ; ରାଗିଣୀ-

ଗୁର୍ବ୍ବୀ-ବିଂ. (ଗୁରୁ-ଈ) ଗର୍ଭିଣୀ; ଗୌରବବତୀ ।

ଗୁଳା-ବି ଶଗଡ ଯିବା ବାଟ; ଘୋଳକାର; ମେଞ୍ଚାଏ । [ଗୋଟି ।

ଗୁଳି-ବି. ଗୁଳିକା ଶବ୍ଦଜ, ସୀସାର ବର୍ତ୍ତୁଳ

ଗୁଳ୍ମ-ବି. କ୍ଷୁଦ୍ରବୃକ୍ଷ; ଉଦରର ରୋଗ ବିଶେଷ ।

ଗୁବାକ-ବି. ଗୁଆଗଛ ; ଗୁଆ ।
ଗୁହ୍ମ-ବି. (ଗୁଥଶବ୍ଦଜ) ବିଷ୍ଠା ।
ଗୁହ-ବି. (ଗୁହ୍-ଅ) କାର୍ତ୍ତିକେୟ ।
ଗୁହା-ବି. (ଗୁହ୍-ଅ) ଗହ୍ୱର ।
ଗୁହା-ବି. ସାକ୍ଷୀ ।
ଗୁହାରି-ବି. ଦୁଃଖ ଜଣାଣ ; ଅଭିଯୋଗ ।
ଗୁହାଳ-ବି. (ଗୋ-ଆଳୟ) ଗୋରୁ ରହିବାର ଗୃହ । [ଦ୍ୱାର ।
ଗୁହ୍ୟ-ବିଂ. (ଗୁହ୍-ଯ) ଗୋପନୀୟ ; ବି. ମଳ-
ଗୁହ୍ୟକ-ବି. (ଗୁହ୍ୟ-କ) କୁବେରଙ୍କ ଅନୁଚର ।
ଗୂଢ଼-ବିଂ. (ଗୁହ୍-ତ) ଗୁପ୍ତ ; ଗହନ ।
ଗୃଧ୍ନୁ-ବିଂ. ( ଗୃଧ୍-ନୁ ) ଲୁବ୍ଧ ; ଲୋଭୀ ।
ଗୃଧ୍ର-ବି. (ଗୃଧ୍-ର) ଶାଗୁଣା ।
ଗୃହ-ବି. (ଗ୍ରହ୍-ଅ) ଘର ; ନିକେତନ ।
ଗୃହସ୍ଥ-ବିଂ. (ଗୃହ-ସ୍ଥା-ଅ) ଗୃହୀ ।
ଗୃହିଣୀ-ବି. (ଗୃହ-ଇନ୍-ଈ) ପତ୍ନୀ ; ଘରଣୀ ।
ଗୃହୀତ-ବିଂ. (ଗ୍ରହ୍-ତ) ନୀତ ; ଦତ୍ତ ; ସ୍ୱୀକୃତ ।
ଗୃହ୍ୟ-ବିଂ. (ଗ୍ରହ୍-ଯ) ଅଧୀନ ; ଗୃହୋତ୍ପନ୍ନ ।
ଗେଙ୍ଗୁଟି-ବି. ଚୂନ; ପଥରବିଶେଷ ।
ଗେଞ୍ଜିବା-କ୍ରି. ଠେସିବା ।
ଗେଞ୍ଜାଗେଞ୍ଜି-କ୍ରି. ବିଂ. ଜନାଜନି ।
ଗେଣ୍ଡା-ବି. ଶାମୁକାଜାତୀୟ ଜନ୍ତୁବିଶେଷ ।
ଗେଣ୍ଡାଳିଆ-ବି. ପକ୍ଷୀବିଶେଷ ।
ଗେଣ୍ଡୁ-ବି ଶତାବର୍ଗଫଳ ।
ଗେୟ-ବିଂ. (ଗୈ-ଯ) ଗାଇବାର ଯୋଗ୍ୟ ।
ଗେରସ୍ତ-ବି. (ଗୃହସ୍ଥଶବ୍ଦଜ) ପତ୍ନୀର ପତି ।

ଗେରୁ-ବି. (ଗୈରିକଶବ୍ଦଜ) ଗୈରିକ
ଗେଲ୍-ବି. ସୁଆଗ; ସସ୍ନେହ ପରିହାସ ।
ଗେହ-ବି. ଗୃହ ।
ଗେହ୍ଲା-ବିଂ. ଅତ୍ୟନ୍ତ ଆଦରପ୍ରାପ୍ତ; ସ୍ୱେରନ୍ତା ।
ଗୈରିକ-ବି.(ଗିରି-ଇକ) ଗିରିମାଟି; ବିଂ. ଗେରୁ-
ମାଟିରେ ରଞ୍ଜିତ ।
ଗୋ-ବି. ଗୋରୁ ; ବୃଷ; ପୃଥିବୀ; ସ୍ୱର୍ଗ ।
ଗୋଇ-ବି. (ଗୋପ୍ୟଶବ୍ଦଜ) ଅପ୍ରକାଶ୍ୟ ବିଷୟ;
ମର୍ମକଥା ।
ଗୋଈ-ବି. (ଗୋପୀଶବ୍ଦଜ) ଗଉଡୁଣୀ ।
ଗୋଇଠା-ବି. ଗୋଇଠିଦ୍ୱାରା ଆଘାତ ।
ଗୋଇଠି-ବି. ପାଦମୂଳ ।
ଗୋଇନ୍ଦା-ବି. ସନ୍ଧାନକାରୀ ।
ଗୋକୁଳ-ବି.(ଗୋ କୁଳ)ଗୋଷ୍ଠ; ଗୋସମୂହ ।
ଗୋଖର-ବି. ସର୍ପବିଶେଷ; କର୍ଣ୍ଣଭୂଷଣବିଶେଷ ।
ଗୋଖରୀ-ବି. ଔଷଧି ବୃକ୍ଷବିଶେଷ ।
ଗୋଖା-ବି. ଜାତିବିଶେଷ । [ଗୋଚାରଣସ୍ଥାନ ।
ଗୋଚର-ବିଂ. (ଗୋ-ଚର) ଇନ୍ଦ୍ରିୟଗ୍ରାହ୍ୟ;
ଗୋଚ୍ଛ-ବି. (ଗୁଚ୍ଛଶବ୍ଦଜ) ବିଡ଼ା ।
ଗୋଞ୍ଜ-ବିଂ. ମୁନିଆଁ ।
ଗୋଞ୍ଜଣା-ବି. ନିଆଁଖୁଣ୍ଟା ।
ଗୋଟା-ବିଂ. ଅଖଣ୍ଡ ।
ଗୋଟାଏ } ବି. ଏକଗୋଟା; ଏକଗୋଟି ।
ଗୋଟିଏ }
ଗୋଟି-ବି. ( ଗୁଟିଶବ୍ଦଜ ) କ୍ଷୁଦ୍ରଗୋଲକ ;
ରେଶମପୋକର ଗୋଟି ।

ଗୋଠ—ବି. (ଗୋଷ୍ଠଶବ୍ଦଜ) ଗୁହାଳ ; ଦଳ ; କଟିଭୂଷଣ ।

ଗୋଠିଆ—ବିଂ. ଗୋଠରେ ଥିବା ଗାଈ ପ୍ରଭୃତି ।

ଗୋଡ଼—ବି. ପାଦ ; ମୂଳ ।

ଗୋଡ଼ାଇବା—କ୍ରି. ଅନୁଧାବନ କରିବା ।

ଗୋଡ଼ି—ବି. ସାନ କପର୍ଦ୍ଦ ।

ଗୋତମ—ବି. ନ୍ୟାୟଶାସ୍ତ୍ରପ୍ରଣେତା ମୁନି ।

ଗୋତ୍ର—ବି. କୁଳର ଆଦିପୁରୁଷ; ପର୍ବତ ।

ଗୋଦର—ବି. ଶ୍ଲୀପଦରୋଗ ।

ଗୋଦାବରୀ—ବି. ନଦୀବିଶେଷ ।

ଗୋଦାମ—ବି. ଗଞ୍ଜ; ନାନାଦ୍ରବ୍ୟର ଭଣ୍ଡାର ।

ଗୋଧନ—ବି. ଗୋରୁସମୂହ ।

ଗୋଧା } ବି. ଗୋଧିସାପ ।
ଗୋଧିକା }

ଗୋଧୂମ—ବି. ଗହମ ।

ଗୋଧୂଳି—ବି. (ଗୋ-ଧୂଳି) ସାୟଂକାଳ ।

ଗୋପ—ବି. (ଗୋ-ପା-ଅ) ଗଉଡ଼ ।

ଗୋପନ—ବି. (ଗୁପ୍-ଅନ) ଲୁଚାଇବା; ରକ୍ଷଣ ।

ଗୋପନୀୟ—ବିଂ. (ଗୁପ୍-ଅନୀୟ) ଗୁହ୍ୟ; ଅପ୍ରକାଶ୍ୟ ।

ଗୋପାଳ—ବି. (ଗୋ-ପାଳ) ଗଉଡ଼; କୃଷ୍ଣ ।

ଗୋପିକା } ବି.(ଗୋପ-ଈ)ଗଉଡୁଣୀ; ଗୋପପୁର ସ୍ତ୍ରୀ ।
ଗୋପୀ }

ଗୋପୀଚନ୍ଦନ—ବି. ତିଳକମାଟି ।

ଗୋପୀନାଥ—ବି. କୃଷ୍ଣ, ନନ୍ଦସୁତ ।

ଗୋପୁର—ବି. ପୁରଦ୍ୱାର ।

ଗୋପ୍ତା—ବିଂ. (ଗୁପ୍-ତୃ) ରକ୍ଷକ ।

ଗୋପ୍ୟ—ବିଂ.(ଗୁପ୍-ଯ) ରକ୍ଷଣୀୟ ; ଗୋପନୀୟ ।

ଗୋବର—ବି. ଗୋମୟ ।

ଗୋବର୍ଦ୍ଧନ—ବି. ବ୍ରଜଧାମପ୍ରସିଦ୍ଧ ପର୍ବତ ।

ଗୋମତୀ—ବି. (ଗୋ-ମତୁ-ଈ) ନଦୀବିଶେଷ ।

ଗୋମୟ—ବି. (ଗୋ-ମୟ) ଗୋବର ।

ଗୋମାୟୁ—ବି. (ଗୋ-ମା-ଉ) ଶୃଗାଳ ।

ଗୋମୁଖୀ—ବି. ଗଙ୍ଗାନଦୀର ଅବଗୁହା ।

ଗୋରଡ଼ା—ବି. ଗୋରୁଖୁଅଡ଼; ଅଟେଳ ।

ଗୋରସ—ବି. (ଗୋ-ରସ), ଗବ୍ୟ ଦୁଗ୍ଧ; ଦଧି ।

ଗୋରା—ବିଂ. (ଗୌରଶବ୍ଦଜ) ଶୁଭ୍ର ।

ଗୋରୀ—ବିଂ. ଗୌରବର୍ଣ୍ଣା ।

ଗୋରୁ—ବି. (ଗୋଶବ୍ଦଜ) ବୃଷ; ଗାଈ ।

ଗୋରୋଚନା—ବି. (ଗୋ-ରୁଚ୍-ଅନ-ଆ) ଗୋମସ୍ତକର ଉଜ୍ଜ୍ୱଳ ପୀତବର୍ଣ୍ଣ ଦ୍ରବ୍ୟବିଶେଷ ।

ଗୋଳ—ବି. ପଣ୍ଡଗୋଳ; ଚହଳ ।

ଗୋଲ } ବି. ବର୍ତ୍ତୁଳାକାର ପଦାର୍ଥ; ଭୂମଣ୍ଡଳର ପ୍ରତିକୃତି ।
ଗୋଲକ }

ଗୋଳମାଳ—ବି. ଚହଳ; ଗୋଳ ।

ଗୋଲା—ବି. ଧାନ୍ୟାଦିର ଅଗାର; ଗୋଲାକାର ଲୌହପିଣ୍ଡ ।

ଗୋଲାପ—ବି. ପୁଷ୍ପବିଶେଷ ।

ଗୋଲାମ୍—ବି. ଦାସ ।

ଗୋଳିଆ—ବିଂ. ପଙ୍କିଳ ।

ଗୋଳିବା—କ୍ରି. ତରଳ ଦ୍ରବ୍ୟରେ ମିଶାଇବା ।

ଗୋଲୋକ-ବି. (ଗୋ-ଲୋକ) ସ୍ୱର୍ଗ; ବୈକୁଣ୍ଠ ।
ଗୋବିନ୍ଦ-ବି. (ଗୋ-ବିଦ୍-ଅ) କୃଷ୍ଣ; ବିଷ୍ଣୁ ।
ଗୋଷ୍ଠ-ବି. (ଗୋ-ସ୍ଥା) ଗୋଠ ।
ଗୋଷ୍ଠୀ-ବି. ସଭା; ପରିବାର; କୁଟୁମ୍ବ ।
ଗୋଷ୍ପଦ-ବି. ( ଗୋ-ପଦ ) ଗୋଖୁରଖନିତ ଗର୍ତ୍ତ ।
ଗୋସ୍ୱାମୀ-ବି. ( ଗୋ-ସ୍ୱାମିନ୍ ) ଗୋସାଇଁ ; ଧର୍ମୋପଦେଷ୍ଟା; ଗୋସମୂହର ଅଧିକାରୀ ।
ଗୋହିର-ବି. ଅପ୍ରଶସ୍ତ ପଥ ।
ଗୌଡ଼-ବି. ଦେଶ ବିଶେଷ; ଗୋପାଳଜାତି ।
ଗୌଡ଼ୀ-ବି. କାବ୍ୟର ରୀତିବିଶେଷ; ଗୁଡ଼ଜାତ ସୁରା ।
ଗୌଣ-ବିଂ. (ଗୁଣ୍-ଅ) ଅପ୍ରଧାନ ।
ଗୌତମ-ବି. ( ଗୌତମ-ଅ ) ଋଷିବିଶେଷ; ବୁଦ୍ଧଦେବ ।
ଗୌର-ବିଂ. ଶ୍ୱେତ; ଗୋରା ।
ଗୌରବ-ବି. (ଗୁରୁ-ଅ) ଗୁରୁତ୍ୱ; ସମ୍ମାନ ।
ଗୌରାଙ୍ଗ-ବି. (ଗୌର-ଅଙ୍ଗ) ଚୈତନ୍ୟଦେବ ; ସୁନ୍ଦରକାୟ ।
ଗୌରୀ-ବି. ପାର୍ବତୀ ; ଅଷ୍ଟବର୍ଷୀୟା କନ୍ୟା ; ଗୌରବର୍ଣ୍ଣା ସ୍ତ୍ରୀ ।
ଗ୍ରଥିତ-ବିଂ. (ଗ୍ରନ୍ଥ-ତ) ଗୁନ୍ଥା; ଗୁମ୍ଫିତ ।
ଗ୍ରନ୍ଥ-ବି. (ଗ୍ରନ୍ଥ-ଅ) ପୁସ୍ତକ ।
ଗ୍ରନ୍ଥନ-ବି. (ଗ୍ରନ୍ଥ-ଅନ) ଗୁନ୍ଥିବା; ରଚନା ।
ଗ୍ରନ୍ଥି-ବି. (ଗ୍ରନ୍ଥ-ଇ) ବଂଶାଦିର ସନ୍ଧି ; ଶରୀରର ସନ୍ଧି ; ଗଣ୍ଠି ।
ଗ୍ରନ୍ଥିଳ-ବିଂ. (ଗ୍ରନ୍ଥି-ଲ) ଗ୍ରନ୍ଥିଯୁକ୍ତ ।
ଗ୍ରସନ-ବି. (ଗ୍ରସ୍-ଅନ) ଗ୍ରାସ ।
ଗ୍ରସ୍ତ-ବିଂ. (ଗ୍ରସ୍-ତ) ଗଳିତ; ଆକ୍ରାନ୍ତ ।
ଗ୍ରହ-ବି. (ଗ୍ରହ୍-ଅ) ସୂର୍ଯ୍ୟାଦି ନବଗ୍ରହ; ଗ୍ରହଣ ।
ଗ୍ରହଣ-ବି. (ଗ୍ରହ୍-ଅନ) ନେବା ; ସ୍ୱୀକାର ; ସୂର୍ଯ୍ୟଚନ୍ଦ୍ରର ଗ୍ରାସ ।
ଗ୍ରହଣୀ-ବି. ରୋଗବିଶେଷ ।
ଗ୍ରହଣୀୟ-ବିଂ. (ଗ୍ରହ୍-ଅନୀୟ) ଗ୍ରହଣଯୋଗ୍ୟ ; ଗ୍ରାହ୍ୟ ।
ଗ୍ରହରାଜ-ବି. (ଗ୍ରହ-ରାଜା) ସୂର୍ଯ୍ୟ ।
ଗ୍ରହୀତା-ବିଂ. (ଗ୍ରହ-ତୃ) ଗ୍ରହଣକର୍ତ୍ତା ।
ଗ୍ରାମ-ବି. ବଡ଼ ବା ଛୋଟ ପଲ୍ଲୀ; ଗାଁ ।
ଗ୍ରାମଣୀ-ବି. (ଗ୍ରାମ-ନୀ) ଗ୍ରାମର ପ୍ରଧାନବ୍ୟକ୍ତି ।
ଗ୍ରାମ୍ୟ-ବିଂ. ( ଗ୍ରାମ-ଯ ) ଗ୍ରାମଜାତ ; ନୀଚ; ଇତର ।
ଗ୍ରାସ-ବି. (ଗ୍ରସ୍-ଅ) କବଳ; ଭୋଜନ ।
ଗ୍ରାହ-ବି. (ଗ୍ରହ୍-ଅ) ଗ୍ରହଣ; କୁମ୍ଭୀର ।
ଗ୍ରାହକ, ଗ୍ରାହୀ }-ବିଂ. (ଗ୍ରହ୍-ଅକ, ଇନ୍) ଗ୍ରହଣକର୍ତ୍ତା ।
ଗ୍ରାହ୍ୟ-ବିଂ. (ଗ୍ରହ୍-ଯ) ଗ୍ରହଣଯୋଗ୍ୟ; ଉପା-
ଗ୍ରୀବା-ବି. କଣ୍ଠ ।   [ଦେୟ ।
ଗ୍ରୀଷ୍ମ-ବି. ନିଦାଘ; ଉତ୍ତାପ ।
ଗ୍ରୈବେୟକ-ବି. ( ଗ୍ରୀବା-ଏୟ-କ ) ଗ୍ରୀବାର ଅଳଙ୍କାର ।   [ସାଦିତ ।
ଗ୍ଲପିତ-ବିଂ. (ଗ୍ଲୈ-ଣିଚ୍-ତ) ମ୍ଲାନୀକୃତ ; ଅବ-
ଗ୍ଲାନି-ବି. (ଗ୍ଲୈ-ନି) ମ୍ଲାନଭାବ ; ଅସୁସ୍ଥତା ; ଅବସାଦ ।

# ଘ

ବ୍ୟଞ୍ଜନର ଚତୁର୍ଥ ବର୍ଣ୍ଣ ବିଶେଷ ।

ଘଇତା—ବ (ଗୃହୀତୃଶବ୍ଦଜ) ସ୍ତ୍ରୀର ପତି (ଗ୍ରାମ୍ୟ ପ୍ରୟୋଗ) ।

ଘଉଡ଼ିବା—କ୍ରି. ତଡ଼ିଦେବା ।

ଘଞ୍ଚ—ବିଂ. (ଘନ ଶବ୍ଦଜ) ଗହଳିଆ; ଲଗାଲଗି ।

ଘଟ—ବ. (ଘଟ୍-ଅ) କଳସ; ଶରୀର ।

ଘଟକ—ବିଂ. (ଘଟ୍-ଅକ) ଯେ ଘଟାଏ ।

ଘଟଣ—ବ. (ଘଠନଶବ୍ଦଜ) ସୁଗଠନ; ସୁନ୍ଦର ।

ଘଟନା—ବ. (ଘଟ୍-ଅନ-ଆ) ବୃତ୍ତାନ୍ତ; ବ୍ୟାପାର । ଯୋଜନା ।

ଘଟା—ବ. (ଘଟ୍-ଅ) ଆଡ଼ମ୍ବର; ସମୂହ ।

ଘଟାଇବା—କ୍ରି. (ଘଟ୍‌ଧାତୁଜ) ସାଧିବା ।

ଘଟାଟୋପ—ବ.. ( ଘଟ-ଆଟୋପ ) ପାଲିଙ୍କି ପ୍ରଭୃତିର ଆଚ୍ଛାଦନ ।

ଘଟୀ, ଘଟିକା—ବ. ( ଘଟଶବ୍ଦଜ ) କାଳପରିମାଣାର୍ଥ ଜଳରେ ସ୍ଥାପିତ ସଚ୍ଛିଦ୍ର କ୍ଷୁଦ୍ର ଘଟ; ଦ୍ୱିଦଣ୍ଡ କାଳ; ଘଡ଼ିଏ ସମୟ ।

ଘଟିତ—ବିଂ. (ଘଟ୍-ତ) ଗଠିତ; ଉପକରଣଯୁକ୍ତ ।

ଘଟିବା—କ୍ରି. (ଘଟ୍‌ଧାତୁଜ) ଉପାଗତ ହେବା; (ଘଟନାସମ୍ବନ୍ଧେ) ।

ଘଟ୍ଟ—ବ. ନଦୀପ୍ରଭୃତିର ଘାଟ ।

ଘଡ଼ଘଡ଼ୀ—ବ. ବଜ୍ରଶବ୍ଦ ।

ଘଡ଼ୀ—ବ. (ଘଟୀଶବ୍ଦଜ) ସମୟବୋଧକ ଯନ୍ତ୍ର; ଦୁଇଦଣ୍ଡ ପରିମିତ କାଳ; କ୍ଷୁଦ୍ରଖଣ୍ଡ ।

ଘଣା—ବ. ସୋରିଷ ପ୍ରଭୃତି ତେଲ ବାହାର-କରିବାର ଯନ୍ତ୍ର ।

ଘଣ୍ଟ, ଘଣ୍ଟା—ବ. କାଂସ୍ୟନିର୍ମ୍ମିତ ବାଦ୍ୟଯନ୍ତ୍ର ।

ଘଣ୍ଟା—ବ. ୨½ଦଣ୍ଡ କାଳ (ଇଂରାଜୀ ୬୦ ମିନିଟ)

ଘଣ୍ଟାପଥ—ବ. ରାଜମାର୍ଗ ।

ଘଣ୍ଟି—ବ. କ୍ଷୁଦ୍ରଘଣ୍ଟି; ଘୁଙ୍ଗୁର ।

ଘଣ୍ଟିକା—ବ. କ୍ଷୁଦ୍ରଘଣ୍ଟା; ଉପଜିହ୍ୱା ।

ଘତ—ବ. କୌଶଳ; ସୂତ୍ର ।

ଘନ—ବିଂ. ବହଳ; ଲଗାଲଗି; ପୂର୍ଣ୍ଣ । ବ. ମେଘ; ଲୌହମୁଦ୍ଗର; ଗଣିତରେ ରାଶିର ତ୍ରିଘାତ, ଯଥା:—୪ର ଘନ = ୪ × ୪ × ୪ ।

ଘନ-କାଳ—ବ. ବର୍ଷାସମୟ ।

ଘନକ୍ଷେତ୍ର—ବ. ଦୈର୍ଘ୍ୟ, ପ୍ରସ୍ଥ ଓ ବେଧବିଶିଷ୍ଟ କ୍ଷେତ୍ର ।

ଘନ-ଘନ—କ୍ରି. ବିଂ. ଅନବରତ; ଶୀଘ୍ରଶୀଘ୍ର ।

ଘନଫଳ—ବ. ଗଣିତରେ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାର ଗୁଣଫଳ ।

ଘନମୂଳ—ବ. ଘନୀକୃତ ରାଶିର ମୂଳରାଶି; ଯଥା- [୬୪ର ଘନମୂଳ ୪ ।

ଘନ-ରସ—ବ. ଜଳ; କର୍ପୂର ।

ଘନ-ସାର—ବ. କର୍ପୂର ।

ଘନାଘନ—ବ. ଇନ୍ଦ୍ର; ମେଘ; ମତ୍ତହସ୍ତୀ; ସଂଘ- [ର୍ଷଣ ।

ଘନିଷ୍ଠ—ବିଂ. ( ଘନ-ଇଷ୍ଠ ) ଅତିଶୟ ଘନ; ନିକଟସ୍ଥ ।

ଘମାଘୋଟ—ବ. ପ୍ରମତ୍ତଭାବ (ଗ୍ରାମ୍ୟପ୍ରୟୋଗ) ।

ଘର—ବ. ଗୃହ ।

ଘରକରଣା—ବ. ଗୃହବ୍ୟାପାର ।

ଘରଚଟିଆ—ବ. ଚଟକପକ୍ଷୀ ।

ଘରଣୀ -ବି. ଗୃହିଣୀ ।
ଘରି-ବି. ଖାଞ୍ଜ; ଛିଦ୍ର ।
ଘର୍ଘର-ବି. ଚକ୍ରର ଶବ୍ଦ; ଅସ୍ପଷ୍ଟ ଶବ୍ଦ ।
ଘର୍ଘରିକା-ବି. ଘାଗୁଡ଼ି ।
ଘର୍ମ୍ମ-ବି. (ଘୃ-ମ) ଗ୍ରୀଷ୍ମ; ଝାଳ । ବି°. ଗରମ ।
ଘର୍ଷଣ-ବି. (ଘୃଷ୍-ଅନ) ମାର୍ଜ୍ଜନ; ଘଷିବା ।
ଘଷି-ବି. ଶୁଷ୍କଗୋମୟ ।
ଘଷା-ବି. ଅଙ୍ଗ ସଂବାହନ । ବି°. ଘର୍ଷିତ ।
ଘଷିବା-କ୍ରି. (ଘର୍ଷଣଶବ୍ଦଜ) ଘର୍ଷଣ କରିବା ।
ଘସ୍ର-ବି. ସୂର୍ଯ୍ୟ; ଦିବସ ।
ଘା-ବି. (ଘାତଶବ୍ଦଜ) କ୍ଷତ; ବ୍ରଣ ।
ଘାଇ-ବି. ବନ୍ୟାଯୋଗୁଁ ନଦୀବନ୍ଧ ଭଙ୍ଗଜନିତ ସଂକୀର୍ଣ୍ଣ ଜଳପଥ ।
ଘାଉଡ଼ି-ବି. ସର୍ପାଦି ଦଂଶନ ।
ଘାଗରି-ବି. ପରିଧେୟ ବସ୍ତ୍ରବିଶେଷ ।
ଘାଗୁଡ଼ି-ବି.(ଘର୍ଘରିଶବ୍ଦଜ,କ୍ଷୁଦ୍ରଘଣ୍ଟିକା; ଘୁଙ୍ଗୁର ।
ଘାଟ-ବି. ତୁଠ; ନଦୀ ପାରହେବା ସ୍ଥାନ, ମାସୁଲ ଆଦାୟ କରିବା ସ୍ଥାନ ।
ଘାଟି-ବି. ଗିରିସଙ୍କଟ; ଦୁର୍ଗ ପାର୍ବତ୍ୟ ପଥ ।
ଘାଟିଆ-ବି°. ଘାଟଜଗୁଆଳି ।
ଘାଣ୍ଟିଆ-ବି. ତରକାରିବିଶେଷ ।
ଘାଣ୍ଟିବା-କ୍ରି. ଗୋଳାଇବା ।
ଘାତ-ବି. (ହନ୍-ଅ) ପ୍ରହାର; ବଧ; ଗଣିତରେ କୌଣସି ରାଶିର ସେହି ରାଶିଦ୍ୱାରା ଗୁଣନ ।
ଘାତକ ବି°. ବା ବି. (ହନ୍-ଅକ-ଇନ୍) ହନନ-
ଘାତୀ କର୍ତ୍ତା । ବଧକାରୀ ।
ଘାତୁକ-ବି°. ବା ବି. (ଘାତ-ଉକ) ବଧକାରୀ; ନିଷ୍ଠୁର ।
ଘାରି-ବି°. (ଘୂର୍ଣ୍ଣ ଧାତୁରୁ) ଘୂର୍ଣ୍ଣିତ; ଅଭିଭୂତ ।
ଘାରିବା-କ୍ରି. (ଘୂର୍ଣ୍ଣ ଧାତୁରୁ) ଘୂର୍ଣ୍ଣିତ କରିବା ।
ଘାନି-ବି. କପଟ ନିଦ୍ରା ।
ଘାସ-ବି. (ଘସ୍-ଅ) ତୃଣ ।
ଘିଅ-ବି. (ଘୃତଶବ୍ଦଜ) ଘୃତ ।
ଘିକାଆଁଟି-ବି. ଘୃତକୁମାରୀ ଗୁଳ୍ମ ।
ଘିନ୍-ବି. (ଘୃଣାଶବ୍ଦଜ) ଘୃଣା ।
ଘିମିରି-ବି. (ଘର୍ମ୍ମଶବ୍ଦଜ) ଘର୍ମ୍ମବିଚର୍ଚ୍ଚିକା ।
ଘୁଙ୍ଗୁଡ଼ି-ବି. ସୁପ୍ତଲୋକର ନାସାଧ୍ୱନି ।
ଘୁଙ୍ଗୁର-ବି. ଘଣ୍ଟି; କଟିଅଳଙ୍କାରବିଶେଷ ।
ଘୁଞ୍ଚିବା-କ୍ରି. ଅପସରିଯିବା ।
ଘୁଞ୍ଚାଇବା-କ୍ରି. ଚଳାଇବା ।
ଘୁଡ଼ି-ବି. ଶୂନ୍ୟରେ ଉଡ଼ାଇବାପାଇଁ କାଗଜ-ନିର୍ମିତ ଚକ୍ର ।
ଘୁଣ-ବି. କାଷ୍ଠକୀଟ ।
ଘୁମ-ବି. ମାଟିର ଧାନ୍ୟାଧାର ।
ଘୁମିବା-କ୍ରି. ଢୁଳିବା; ଘୂରିବା ।
ଘୁମାଇବା-କ୍ରି. ଢୁଳାଇବା ।
ଘୁମୁରିବା-କ୍ରି. ଏକପ୍ରକାର ଅବ୍ୟକ୍ତ ଶବ୍ଦ କରିବା ।
ଘୁରିବା-କ୍ରି. (ଘୂର୍ଣ୍ଣନଶବ୍ଦଜ) ବୁଲିବା ।
ଘୁସ୍-ବି. ଲାଞ୍ଚ ।
ଘୁଷୁରି-ବି. (ଘୃଷ୍ଟିଶବ୍ଦଜ) ଶୂକର; ବରାହ ।
ଘୁଷୁରିଆ-ବି°. ଶୂକରରକ୍ଷକ ।
ଘୁଷୁରିବା-କ୍ରି. ଭୂମିରେ ଲୁଣ୍ଠିତ ହେବା ।

ଘୂର୍ଣ୍ଣନ-ବ. (ଘୂର୍ଣ୍ଣ୍-ଅନ) ମଣ୍ଡଳାକାରେ ଭ୍ରମଣ; ଘୂରିବା ।

ଘୂର୍ଣ୍ଣିତ-ବିଂ. (ଘୂର୍ଣ୍ଣ୍-ତ) ପରିଭ୍ରମିତ ।

ଘୃଣା-ବ. (ଘୃଣ୍-ଅ) ଅଶ୍ରଦ୍ଧା; ଅବଜ୍ଞା; ଦୟା ।

ଘୃଣିତ-ବିଂ. (ଘୃଣ୍-ତ) ତୁଚ୍ଛୀକୃତ; ଅବଜ୍ଞାତ ।

ଘୃଣୀ-ବିଂ. ଘୃଣାଯୁକ୍ତ ।

ଘୃତ-ବ. (ଘୃ-ତ) ଘିଅ ।

ଘୃଷ୍ଟ-ବିଂ. (ଘୃଷ୍-ତ) ଘଷାହୋଇଥିବା ।

ଘେନା-ବିଂ. ଗୃହୀତ ।

ଘେନିବା-କ୍ରି. ନେବା; ଗ୍ରହଣ କରିବା ।

ଘେନାଇବା-କ୍ରି. ମନାଇବା; ବୁଝାଇବା ।

ଘେର-ବ. ବେଢ଼; ବେଢ଼ଣ; ପ୍ରାଚୀର ।

ଘେରା-ବିଂ. ଆବୃତ; ବ. ବେଢା ।

ଘେରିବା-କ୍ରି. ବେଢିବା ।

ଘୋଘା-ବ. ଗୋଳମାଳ ଶବ୍ଦ ।

ଘୋଟକ-ବ. ଘୋଡା ।

ଘୋଟିବା-କ୍ରି. ଢାଙ୍କିବା; ଆଚ୍ଛାଦନ କରିବା ।

ଘୋଡ-ବ. ଆଚ୍ଛାଦନ ।

ଘୋଡଣୀ-ବ. (ଦେଶଜ) ଆଚ୍ଛାଦନ ।

ଘୋଡ଼ାଇବା-କ୍ରି. ଢାଙ୍କିବା; ଆଚ୍ଛାଦନ କରିବା ।

ଘୋଡିହେବା-କ୍ରି. ଆଚ୍ଛାଦିତ ହେବା ।

ଘୋଞ୍ଜ-ବ. (ଘୋଠୀଶବ୍ଦଜ) ମାଇ ପୋଞ୍ଜ ।

ଘୋଣା-ବ. ଅଶ୍ୱ ବା ଶୂକରର ନାକ ।

ଘୋର-ବିଂ. (ଘୁର୍-ଅ) ଗମ୍ଭୀର; ଭୟଙ୍କର; ଦାରୁଣ ।

ଘୋରିବା-କ୍ରି. ଘଷି ଘଷି ଛଣ୍ଡାଇବା ।

ଘୋଳଦହି-ବ. ତକ୍ର, ନବନୀତ ବର୍ଜିତ ଦଧି ।

ଘୋଲାବିନ୍ଧା-ବ. ବେଦନାବିଶେଷ ।

ଘୋଷ-ବ. (ଘୁଷ୍-ଅ) ଶବ୍ଦ; ଗଉଡସାହି ।

ଘୋଷଣା-ବ. (ଘୁଷ୍-ଅନ-ଆ) ସର୍ବସାଧାରଣଙ୍କୁ ଜଣାଇବା; ପ୍ରଚାର ।

ଘୋଷିତ-ବିଂ. (ଘୁଷ୍-ତ) ପ୍ରଚାରିତ ।

ଘୋଷିବା-କ୍ରି. ( ଘୁଷ୍ ଧାତୁଜ ) ପାଠାଭ୍ୟାସ କରିବା; ପ୍ରଚାର କରିବା ।

ଘୋସାରିବା-କ୍ରି. ଭୂମିରେ ପକାଇ ଟାଣିବା ।

ଘ୍ନ-ବିଂ. (ହନ୍ ଧାତୁରୁ) ନାଶକ; (ଶବ୍ଦାନ୍ତେ ପ୍ରୟୋଗ) ।

ଘ୍ରାଣ-ବ. (ଘ୍ରା-ଅନ) ଗନ୍ଧଗ୍ରହଣ; ନାସିକା ।

ଘ୍ରାତ-ବିଂ. (ଘ୍ରା-ତ) ଯାହା ଘ୍ରାଣ କରାଯାଇଅଛି ।

ଘ୍ରେୟ-ବିଂ. (ଘ୍ରା-ଯ) ଘ୍ରାତବ୍ୟ, ଘ୍ରାଣଯୋଗ୍ୟ ।

---

**ଙ** ବ୍ୟଞ୍ଜନର ପଞ୍ଚମ ବର୍ଣ୍ଣ; ଏ ବର୍ଣ୍ଣ କୌଣସି ପ୍ରଚଳିତ ଶବ୍ଦର ଆଦ୍ୟରେ ଥିବାର ଦେଖାଯାଏ ନାହିଁ ।

---

**ଚ** ବ୍ୟଞ୍ଜନର ଷଷ୍ଠ ବର୍ଣ୍ଣ; ଅ. ସୂଚା ଅର୍ଥରେ ତଥା ଓ କଦା ଶବ୍ଦର ଅନ୍ତେ ଯୁକ୍ତ ହୁଏ ।

ଚଅଁର-ବ. (ଚାମରଶବ୍ଦଜ) ଚମରୀ-ପୁଚ୍ଛନିର୍ମିତ ବ୍ୟଜନବିଶେଷ ।

ଚଇତ-ବ. ଚୈତ୍ରମାସ ।

ଚଉ, ଚୌ-ବିଂ. (ଚତୁଃଶବ୍ଦଜ) ଚାରି (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହାର୍ଯ୍ୟ) ।

ଚଉକ-ବି.(ଚତୁଷ୍କଶବ୍ଦରୁ) ଚଉହଟ୍ଟ; ବଜାର ।

ଚଉଦୋଳା-ବି. (ଚତୁର୍ଦ୍ଦୋଳଶବ୍ଦଜ) ଚାରିଜଣ ମନୁଷ୍ୟଦ୍ୱାରା ବହନୀୟ ଶିବିକାବିଶେଷ ।

ଚଉଦ-ବିଂ. ଚତୁର୍ଦ୍ଦଶ ।

ଚଉରା-ବି. (ଚତୁରସ୍ର ଶବ୍ଦଜ) ମୃତ୍ତିକାନିର୍ମିତ ବେଦି; ତୁଳସୀବୃକ୍ଷର ବେଦି ।

ଚଉରାଳିଶ-ବିଂ. ଚତୁଶ୍ଚତ୍ୱାରିଂଶ, ୪୪ ।

ଚଉଁରୀ-ବି. (ଚାମରଶବ୍ଦଜ) କେଶନିର୍ମିତ ରଜ୍ଜୁ ।

ଚକ୍‌ଚକ୍-ବିଂ. ଉଜ୍ଜ୍ୱଳ ।

ଚକ-ବି. (ଚକ୍ରଶବ୍ଦଜ) ଚକ୍ର; ଚକ୍ରର ଏକ ଆବର୍ତ୍ତନ ପରିମିତ ସ୍ଥାନ ।

ଚକଟା-ବି. ଦୁଗ୍ଧ ପାଚିଲାକଦଳୀ ଓ ଶର୍କରା ମିଶ୍ରିତ ଖାଦ୍ୟ ।

ଚକଟିବା-କ୍ରି. ମିଶାଇବା; ମନ୍ଥିବା ।

ଚକଡ଼ା-ବି. ପ୍ରସ୍ତର ନିର୍ମିତ ବଡ଼ଚଟାଣ; ସ୍ଥାନ; ମଣ୍ଡଳ ।

ଚକମକି-ବି. ଅଗ୍ନ୍ୟୁତ୍ପାଦକ ପ୍ରସ୍ତର ।

ଚକା-ବିଂ. (ଚକ୍ରଶବ୍ଦଜ) ଗୋଲ ।

ଚକି-ବି. (ଚକ୍ରଶବ୍ଦଜ) ଶସ୍ୟପେଷଣ ଯନ୍ତ୍ର ।

ଚକିତ-ବିଂ. ( ଚକ୍-ତ ) ଭୟରେ କମ୍ପିତ; ବିସ୍ମିତ ।

ଚକିତେ-କ୍ରି. ବିଂ. ବିସ୍ମିତ ଭାବରେ; ସହସା ।

ଚକୁଳି-ବି. ପିଷ୍ଟକବିଶେଷ ।

ଚକୁଳିଆପଣ୍ଡା-ବି. ଏକପ୍ରକାର ଉତ୍କଳୀୟ ବ୍ରାହ୍ମଣ ।

ଚକୋର-ବି. (ଚକ୍-ଓର) ଜ୍ୟୋତ୍ସ୍ନାପ୍ରିୟ ପକ୍ଷିବିଶେଷ ।

ଚକ୍କର-ବି. (ଚକ୍ରଶବ୍ଦଜ) ଚକ୍ରାକାର ଭ୍ରମଣ ।

ଚକ୍ରି-ବି. କ୍ଷୁଦ୍ର କ୍ଷୁଦ୍ର ଗୋଲାକାର ଖଣ୍ଡ ।

ଚକ୍ର-ବି. (ଚକ୍-ର) ଚକ; ଚକ୍ରାକାର ଅସ୍ତ୍ର; ପ୍ରଦେଶ; କୁମ୍ଭକାରଯନ୍ତ୍ର; ସମୂହ; ମଣ୍ଡଳ ।

ଚକ୍ରଧର-ବି. (ଚକ୍ର-ଧୃ-ଅ) ସୁଦର୍ଶନ ଚକ୍ରଧାରୀ ବିଷ୍ଣୁ; ସର୍ପ ।

ଚକ୍ରପାଣି-ବି. (ଚକ୍ର-ପାଣି) ବିଷ୍ଣୁ ।

ଚକ୍ରବର୍ତ୍ତୀ-ବି.(ଚକ୍ର-ବୃତ୍-ଇନ୍) ସମ୍ରାଟ୍; ସାର୍ବଭୌମ ରାଜା ।

ଚକ୍ରବାକ, ଚକ୍ରବାକୀ-ବି. ଚକୁଆ ଚକୁଇ ପକ୍ଷୀ ।

ଚକ୍ରବାଳ-ବି.(ଚକ୍ର-ବଲ୍-ଅ) ମଣ୍ଡଳ; ଦିଙ୍ମଣ୍ଡଳ ।

ଚକ୍ରବୃଦ୍ଧି-ବି. ସୁଧର ସୁଧ ।

ଚକ୍ରାଙ୍ଗ-ବି. (ଚକ୍ର-ଅଙ୍ଗ) ରଥ; ହଂସ ।

ଚକ୍ରାନ୍ତ-ବି. (ଚକ୍ର-ଅନ୍ତ) ଷଡ଼ଯନ୍ତ୍ର ।

ଚକ୍ରୀ-ବିଂ. (ଚକ୍ର-ଇନ୍) ଷଡ଼ଯନ୍ତ୍ରକାରୀ; ବିଷ୍ଣୁ ।

ଚକ୍ଷୁଃ, ଚକ୍ଷୁ-ବି. (ଚକ୍ଷ୍-ଉସ୍) ଅକ୍ଷି; ଦୃଷ୍ଟି ।

ଚକ୍ଷୁଃଶ୍ରବା-ବି. ( ଚକ୍ଷୁଃଶ୍ରବସ୍ ) ସର୍ପ; (ସର୍ପ ଆଖିରେ ଶୁଣେ ବୋଲି ପ୍ରବାଦ) ।

ଚକ୍ଷୁଷ୍ମାନ୍-ବିଂ. (ଚକ୍ଷୁଃମତ୍) ଉତ୍ତମ ଦୃଷ୍ଟିସମ୍ପନ୍ନ ।

ଚଗଲା-ବିଂ. (ଚପଲଶବ୍ଦ) ଅସ୍ଥିରଚିତ୍ତ; ଧୂର୍ତ୍ତ ।

ଚଦବା, ଚଡ଼ିବା-କ୍ରି. (ତର୍ଜଧାତୁରୁ) ଭୟ ଦେଖାଇବା ।

ଚଙ୍କ୍ରମଣ-ବିଂ. (କ୍ରମ୍-ଯଙ୍-ଅନ) ପୁନଃ ପୁନଃ ଭ୍ରମଣ ।

ଚଞ୍ଚଳ-ବିଂ. (ଚଲ୍-ଯଙ୍-ଅ) ଅସ୍ଥିର; ଚପଳ; କ୍ରି. ବିଂ. ଶୀଘ୍ର ।

ଚଞ୍ଚଳା-ବି. ଲକ୍ଷ୍ମୀ; ବିଦ୍ୟୁତ୍ ।

ଚଞ୍ଚୁ-ବି. ପକ୍ଷୀର ଥଣ୍ଟ ।

ଚଟକ-ବି. (ଚଟ୍-ଅକ) ଘରଚଟିଆ ।

ଚଟକଣା-ବି. ଚାପୁଡ଼ା ।

ଚଟକା-ବିଂ. ଚେପ୍ଟା ।

ଚଟାଣ-ବି. ଗୃହତଳ; ବିସ୍ତୃତ ସମତଳ ଭୂମି ।

ଚଟି-ବି. ପଥିକମାନଙ୍କର ନିବାସ ।

ଚଟୁ-ବି. କାଠର ହତା ।

ଚଟୁଆ-ବି. ଫଡ଼ିଙ୍ଗା ।

ଚଟୁଣି-ବି. ଅମ୍ଳମିଶ୍ର ମୁଖରୋଚକ ଦ୍ରବ୍ୟ ।

ଚଟୁଳ-ବିଂ. (ଚଟ୍-ଉଳ) ଚଞ୍ଚଳ; ଚାରୁ ।

ଚଟାଇ, ଚଟେଇ-ବି. ମସିଣା ।

ଚଡ଼କ-ବି. ବଜ୍ର ।

ଚଡ଼କିବା-କ୍ରି. ଅଳ୍ପ ଫାଟିବା ।

ଚଡ଼ା-ବି. ନଦୀମଧ୍ୟରେ ପଟୁମାଟିର ଟିପ ।

ଚଢ଼େଇ, ଚଡ଼େଇ-ବି. ପକ୍ଷୀ ।

ଚଢ଼ାଇବା-କ୍ରି. ଆରୂଢ଼ କରାଇବା ।

ଚଢ଼ାଉ-ବି. ଆକ୍ରମଣ ।

ଚଢ଼ିବା-କ୍ରି. ଆରୋହଣ କରିବା ।

ଚଣକ-ବି. ଚଣା; ବୁଟ ।

ଚଣ୍ଡ-ବିଂ. ଭୟଙ୍କର; ପ୍ରଖର; ଅସ୍ଥିରମତି ।

ଚଣ୍ଡାଳ, ଚାଣ୍ଡାଳ-ବି. (ଚଣ୍ଡ୍-ଅଲ-ଅ) କ୍ରୂରକର୍ମୀଲୋକ; ଘୃଣିତ ପତିତଜାତିର ଲୋକ ।

ଚଣ୍ଡିକା, ଚଣ୍ଡୀ-ବି. (ଚଣ୍ଡ୍-ଇକ-ଅ, ଈ) ଦୁର୍ଗା; ଅତି କୋପନା ସ୍ତ୍ରୀ ।

ଚତ୍ୱର-ବି. (ଚତୁର୍-ସ୍ୱରକଜ) ଚତୁଷ୍କୋଣାକୃତି ବେଦି ।

ଚତୁର-ବିଂ. କାର୍ଯ୍ୟଦକ୍ଷ; ବୁଦ୍ଧିମାନ୍; ନିପୁଣ; ଧୂର୍ତ୍ତ ।

ଚତୁରଙ୍ଗ-ବିଂ. (ଚତୁଃ-ଅଙ୍ଗ) ହସ୍ତୀ, ଅଶ୍ୱ, ରଥ, ପଦାତି ଏହି ଚାରିଅଙ୍ଗବିଶିଷ୍ଟ (ସେନା) ।

ଚତୁରଶୀତି-ବିଂ. (ଚତୁର୍-ଅଶୀତି) ୮୪ ସଂଖ୍ୟା ।

ଚତୁରସ୍ର-ବି. (ଚତୁର୍-ଅସ୍ର) ଚତୁଷ୍କୋଣ ।

ଚତୁରାନନ-ବି. (ଚତୁଃ-ଆନନ) ବ୍ରହ୍ମା ।

ଚତୁର୍ଥ-ବିଂ. (ଚତୁଃ-ଥ) ଚାରି ସଂଖ୍ୟାର ପୂରକ ।

ଚତୁର୍ଥୀ-ବି. (ଚତୁର୍ଥ-ଈ) ତିଥିବିଶେଷ; ବ୍ୟାକରଣରେ ବିଭକ୍ତିବିଶେଷ ।

ଚତୁର୍ଦ୍ଦଶ-ବିଂ. (ଚତୁର୍-ଦଶନ୍) ୧୪ ସଂଖ୍ୟା ।

ଚତୁର୍ଦ୍ଦଶୀ-ବି. ପୂର୍ଣ୍ଣିମା ବା ଅମାବାସ୍ୟାର ପୂର୍ବ ତିଥି ।

ଚତୁର୍ଦ୍ଧା-ଅଂ. (ଚତୁଃ-ଧା) ଚାରିପ୍ରକାରେ ।

ଚତୁର୍ଯ୍ୟୁଗ-ବି. (ଚତୁଃ-ଯୁଗ) ସତ୍ୟ, ତ୍ରେତା, ଦ୍ୱାପର ଓ କଳି ।

ଚତୁର୍ବର୍ଣ୍ଣ-ବି. (ଚତୁଃ-ବର୍ଣ୍ଣ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ।

ଚତୁର୍ବିଂଶତି-ବି. (ଚତୁଃ-ବିଂଶତି) ଚବିଶ ୨୪ ।

ଚତୁର୍ବିଧ-ବିଂ. (ଚତୁଃ-ବିଧ) ଚାରିପ୍ରକାର ।

ଚତୁର୍ବେଦ-ବି. (ଚତୁଃ-ବେଦ) ଋକ୍, ଯଜୁ, ସାମ ଓ ଅଥର୍ବ ।

ଚତୁଷ୍କ-ବି. (ଚତୁଃ-କ) ଚତୁଃସ୍ତମ୍ଭଯୁକ୍ତ ମଣ୍ଡପ ।

ଚକ୍ଷୁଷ୍ମତ୍—ବି°. (ଚକ୍ଷୁଃ-ମତ୍) ଦୃଷ୍ଟିଯୁକ୍ତ ।
ଚତ୍ୱର—ବି. ଅଙ୍ଗନ; ଅଗଣା ।
ଚତ୍ୱାରିଂଶତ୍—ବି.(ଚତୁର୍-ଦଶନ୍) ୪୦ ସଂଖ୍ୟା ।
ଚନ୍ଦନ—ବି. (ଚନ୍ଦ୍-ଅନ) ସ୍ୱନାମପ୍ରସିଦ୍ଧ ବୃକ୍ଷ;
ଚନ୍ଦା—ବି°. ଟାଙ୍ଗସ । [ଚନ୍ଦନକାଠ ।
ଚନ୍ଦ୍ର—ବି. (ଚନ୍ଦ୍-ର) ଚନ୍ଦ୍ରମା, ବିଧୁ, ଇନ୍ଦୁ, ଶଶୀ ।
ଚନ୍ଦ୍ରକ—ବି. ମୟୂରପୁଚ୍ଛର ଚନ୍ଦ୍ରାକାର ଚିହ୍ନ ।
ଚନ୍ଦ୍ର-କଳା—ବି. ଚନ୍ଦ୍ରର କଳା; ଚନ୍ଦ୍ରମଣ୍ଡଳର ଷୋଡଶ ଭାଗ ।
ଚନ୍ଦ୍ରକାନ୍ତ—ବି. (ଚନ୍ଦ୍ର-କାନ୍ତ) ମଣିବିଶେଷ ।
ଚନ୍ଦ୍ରଚୂଡ଼—ବି. (ଚନ୍ଦ୍ର-ଚୂଡ଼ା) ମହାଦେବ ।
ଚନ୍ଦ୍ରଭାଗା—ବି. ନଦୀବିଶେଷ ।
ଚନ୍ଦ୍ରମା—ବି. (ଚନ୍ଦ୍ରମସ୍ ଶବ୍ଦରୁ) ଚନ୍ଦ୍ର ।
ଚନ୍ଦ୍ର-ଶାଳା—ବି. ରଥ କିମ୍ବା ପ୍ରାସାଦର ଶିରୋ-
ଚନ୍ଦ୍ର-ଶେଖର—ବି. ଶିବ । [ଗୃହ ।
ଚନ୍ଦ୍ର-ହାର—ବି. କଟିର ଅଳଙ୍କାର ବିଶେଷ ।
ଚନ୍ଦ୍ରହାସ—ବି. ଖଡ୍ଗ; ରୌପ୍ୟ ।
ଚନ୍ଦ୍ରାତପ—ବି.(ଚନ୍ଦ୍ର-ଆତପ)ଜ୍ୟୋତ୍ସ୍ନା; ଚାନ୍ଦୁଆ ।
ଚନ୍ଦ୍ରିକା—ବି. (ଚନ୍ଦ୍ର-ଇକ-ଆ) ଜ୍ୟୋତ୍ସ୍ନା; ମୟୂର-ପୁଚ୍ଛର ଚନ୍ଦ୍ରକ ।
ଚପ୍‌କନ୍—ବି. ଅଙ୍ଗରଖା ବିଶେଷ ।
ଚପଟ—ବି. ପୀଡା; ଆଘାତ । [କାଣ୍ଡ ।
ଚପ୍ରାସୀ—ବି. ପିଅଦା; ହାକିମମାନଙ୍କର ଆଜ୍ଞା-
ଚପଳ—ବି°. (ଚପ୍-ଅଳ) ଅସ୍ଥିର; ଚଞ୍ଚଳ ।
ଚପଳା—ବି. (ଚପଳ-ଆ) ଲକ୍ଷ୍ମୀ; ବିଦ୍ୟୁତ୍ । ବି°. ଅସ୍ଥିର ।

ଚପେଟ, ଚପେଟିକା—ବି. ଚାପୁଡ଼ା ।
ଚମ, ଚମଡ଼ା—ବି.(ଚର୍ମଶବ୍ଦଜ) ଦେହର ଛାଲ ।
ଚମକ—ବି. ଭୟରେ ଚିହିଁକିବା ।
ଚମତ୍କାର—ବି. (ଚମତ୍-କୃ-ଅ) ଆଶ୍ଚର୍ଯ୍ୟ;
ଚମତ୍କୃତ—ବି°. ଆଶ୍ଚର୍ଯ୍ୟାନ୍ୱିତ । [ବସ୍ତୁ ।
ଚମର, ଚମରୀ } ବି. ମୃଗବିଶେଷ ।
ଚମାର—ବି. (ଚର୍ମକାରଶବ୍ଦଜ) ନୀଚଜାତି-
ଚମୂ—ବି. ସେନା; ସୈନ୍ୟ । [ବିଶେଷ ।
ଚମୂପତି—ବି. ସେନାପତି ।
ଚମୂରୁ—ବି. ମୃଗବିଶେଷ ।
ଚମ୍ପକ—ବି. (ଚମ୍ପ୍-ଅକ) ଚମ୍ପାଗଛ; ଚମ୍ପାଫୁଲ ।
ଚମ୍ପଟ—ବି. ପ୍ରସ୍ଥାନ; ପଳାୟନ ।
ଚମ୍ପା—ବି. ଚମ୍ପକବୃକ୍ଷ; ଚମ୍ପାଫୁଲ ।
ଚମ୍ପୂ—ବି. ଗଦ୍ୟ ପଦ୍ୟମୟ କାବ୍ୟଗ୍ରନ୍ଥ ।
ଚମ୍ପେଇନେଇଲ—ବି. ଘୋଷ୍କାବିଶେଷ ।
ଚୟ—ବି. ସମୂହ, ରାଶି ।
ଚୟନ—ବି. (ଚି-ଅନ) ସଂଗ୍ରହ, ତୋଳିବା ।
ଚର—ବି. (ଚର୍-ଅ) ଗୁପ୍ତ ଦୂତ । ବି°. ଜଙ୍ଗମ ।
ଚରକ—ବି. ବୈଦ୍ୟଗ୍ରନ୍ଥ ପ୍ରଣେତା ମୁନିବିଶେଷ ।
ଚରଖା—ବି. (ଚକ୍ରଶବ୍ଦଜ) ସୂତାକାଟିବା ଯନ୍ତ୍ର ।
ଚରଣ—ବି. (ଚର୍-ଅନ) ପାଦ; ଶ୍ଲୋକର ଚତୁର୍ଥାଂଶ, ପଦ୍ୟର ଏକଅଂଶ ।
ଚରଣାୟୁଧ—ବି. (ଚରଣ-ଆୟୁଧ) କୁକ୍କୁଟ ।
ଚରମ—ବି°. (ଚର୍-ଅମ) ଅନ୍ତିମ । ବି. ପିଠି ।
ଚରମାଚଳ—ବି. (ଚରମ-ଅଚଳ) ଅସ୍ତ ପର୍ବତ ।

ଚରସ୍-ବି. ମାଦକ ଦ୍ରବ୍ୟ ବିଶେଷ ।

ଚରାଇବା-କ୍ରି. (ଚର୍ ଧାତୁଜ) ପଶୁଙ୍କୁ ବୁଲାଇ ଖୁଆଇବା ।

ଚରାଚର-ବିଂ. ( ଚର-ଅଚର ) ଜଙ୍ଗମ ଓ ସ୍ଥାବର ।

ଚରିତ-ବି. (ଚର୍-ତ) ଆଚରଣ; ଜୀବନ ବୃତ୍ତାନ୍ତ ।

ଚରିତାର୍ଥ-ବିଂ. କୃତାର୍ଥ ।

ଚରିତ୍ର-ବି. (ଚର-ଇତ୍ର) ଆଚରଣ; ସ୍ୱଭାବ ।

ଚରିବା-କ୍ରି. (ଚର୍ ଧାତୁଜ) ପଶୁମାନଙ୍କର ବୁଲି ଖାଇବା ।

ଚରିଷ୍ଣୁ-ବିଂ. (ଚର୍-ଇଷ୍ଣୁ) ଗମନଶୀଳ; ଜଙ୍ଗମ ।

ଚରୁ-ବି. (ଚର୍-ଉ) ଯଜ୍ଞୀୟ ପାୟସାନ୍ନ ।

ଚର୍ଖା-ବି. (ଚକ୍ରଶବ୍ଦଜ) ଚରଖା ।

ଚର୍ଚ୍ଚରୀ-ବି. ଗୀତ ବାଦ୍ୟଯୁକ୍ତ ଉତ୍ସବବିଶେଷ ।

ଚର୍ଚ୍ଚା-ବି. (ଚର୍ଚ୍-ଅ) ଅନୁଶୀଳନ ; ବିଚାର ; ଲେପନ ।

ଚର୍ଚ୍ଚିତ-ବିଂ. (ଚର୍ଚ୍-ତ) ଚନ୍ଦନଦ୍ୱାରା ଲେପିତ ।

ଚର୍ଯ୍ୟା-ବି. (ଚର୍-ଯ-ଆ) ଅନୁଷ୍ଠାନ ।

ଚର୍ବଣ-ବି. (ଚର୍ବ୍-ଅନ) ଚୋବାଇବା ।

ଚର୍ବ୍ୟ-ବିଂ. (ଚର୍ବ୍-ଯ) ଚର୍ବଣଯୋଗ୍ୟ ।

ଚର୍ବି-ବି. ଦେହସ୍ଥ ବସା ।

ଚର୍ମ-ବି. ଚମଡ଼ା; ଛାଲ ।

ଚଳ, ଚଳନ୍ତ } ବିଂ. (ଚଳ୍-ଅତ, ଅ) ଚଞ୍ଚଳ; ଗମନଶୀଳ ।

ଚଳନ-ବି. (ଚଳ୍-ଅନ) ଗମନ; ଭ୍ରମଣ; କମ୍ପନ ।

ଚଲାକ-ବିଂ. କ୍ଷିପ୍ରକାରୀ; ବୁଦ୍ଧିମାନ୍ ।

ଚଲାଣ-ବି. ଛାଡ଼ଚିଠି; ପ୍ରେରଣ ।

ଚଳିତ-ବିଂ. (ଚଳ୍-ତ) ପ୍ରଚଳିତ; ଚଳୁଥିବା ।

ଚଳିବା-କ୍ରି.ବି. (ଚଳ୍ ଧାତୁଜ) ଗମନ କରିବା; ଘୁଞ୍ଚିବା ।

ଚଳିଷ୍ଣୁ-ବିଂ. (ଚଳ୍-ଇଷ୍ଣୁ) ଗମନଶୀଳ; ଜଙ୍ଗମ ।

ଚଳୁ-ବି. (ଚଳ୍-ଉ) ଗଣ୍ଡୂଷ ।

ଚଳେଇ-ବି. (ଚଳୁଶବ୍ଦଜ) ଏକଗଣ୍ଡୂଷ ।

ଚଶମା-ବି. ପ୍ରଚକ୍ଷୁ ।

ଚଷକ-ବି. ମଦ୍ୟପାନ ପାତ୍ର ।

ଚଷା-ବି. (କର୍ଷକଶବ୍ଦଜ) କୃଷକ ।

ଚଷାପୁଅ-ବି. ପକ୍ଷୀବିଶେଷ ।

ଚଷିବା-କ୍ରି. ହଳ ବୁଲାଇବା ।

ଚହଟିବା-କ୍ରି. ସୁଗନ୍ଧ ପ୍ରକାଶ କରିବା ।

ଚହଳ-ବି. କୋଳାହଳ ।

ଚହଲିବା-କ୍ରି. ହଲିବାଦ୍ୱାରା ପାତ୍ରରୁ ତରଳ-ପଦାର୍ଥ ବାହାରି ପଡ଼ିବା ।

ଚା-ବି. ପତ୍ରବିଶେଷ (ଫାଣ୍ଟରୂପେ ପାନୀୟ) ।

ଚାଉଳ-ବି. ତଣ୍ଡୁଳ ।

ଚାକଚକ୍ୟ-ବି. ଦୀପ୍ତି; ଉଜ୍ଜ୍ୱଳତା ।

ଚାକର-ବି. ଭୃତ୍ୟ; କର୍ମ୍ମଚାରୀ ।

ଚାକରାଣୀ-ବି. ଦାସୀ ।

ଚାକରି-ବି. ଭୃତ୍ୟର କର୍ମ୍ମ ।

ଚାକୁ-ବି. କ୍ଷୁଦ୍ରଛୁରୀ ।

ଚାକୁଣ୍ଡା-ବି. କ୍ଷୁଦ୍ର ଗୁଳ୍ମବିଶେଷ ।

ଚାକ୍ଷୁଷ-ବିଂ. ଚକ୍ଷୁଗୋଚର; ପ୍ରତ୍ୟକ୍ଷ ।

ଚାଖଣ୍ଡ-ବି. ଦ୍ୱାଦଶଅଙ୍ଗୁଳି ପରିମାଣ ।

ଚାଖି-ବି. ବାନଗି; ଗନ୍ଧ ।

ଚାଖିବା—କ୍ରି. (ଚକ୍ଷଧାତୁଜ) ଆସ୍ୱାଦନ କରିବା ।
ଚାଙ୍ଗୁ—ବି. ବାଦ୍ୟବିଶେଷ ।
ଚାଙ୍ଗୁଡ଼ି—ବି. ଭାର; ପାତ୍ରବିଶେଷ ।
ଚାଚେରୀ—ବି. (ଚର୍ଚ୍ଚରୀଶବ୍ଦଜ) ଦୋଳଯାତ୍ରାର ଉତ୍ସବ । [ପତର ଛପା ।
ଚାଞ୍ଚ—ବି. ନାରିକେଳପତ୍ରନିର୍ମିତ ଆସନ, ନଡ଼ିଆ-
ଚାଞ୍ଚଲ୍ୟ—ବି. (ଚଞ୍ଚଳ-ଯ) ଚଞ୍ଚଳତା ।
ଚାଞ୍ଛିବା—କ୍ରି. ଶସ୍ତ୍ରଦ୍ୱାରା ଛେଲିବା ।
ଚାଟ—ବି. (ଚଟୁଶବ୍ଦଜ) ସ୍ତବ ।
ଚାଟଶାଳୀ—ବି. ଗୁରୁଶାଳା, ପାଠଶାଳା ।
ଚାଟିବା—କ୍ରି. ଲେହନ କରିବା ।
ଚାଟୁ—ବି. (ଚଟ-ଉ) ସ୍ତୁତିବାକ୍ୟ; ଖୋସାମୋଦ ।
ଚାଟୁକାର—ବିଂ. (ଚାଟୁ-କୃ-ଅ) ସ୍ତାବକ, ଖୋସାମୋଦିଆ ।
ଚାଣକ୍ୟ—ବି. ନୀତିଶାସ୍ତ୍ରକାରବିଶେଷ ।
ଚାଣ୍ଡାଳ—ବି. ଦୂଷିତ ପତିତ ଜାତିର ଲୋକ ।
ଚାଣ୍ଡେ—କ୍ରି. ବିଂ. ଶୀଘ୍ର ଶୀଘ୍ର; ବେଗେ ।
ଚାତକ—ବି. ମେଘଜଳ ପ୍ରାର୍ଥୀ ପକ୍ଷୀ ।
ଚାତର—ବି. ଗଦ । [କୌଶଳ; ଛଳ ।
ଚାତୁରୀ—ବି. (ଚତୁର-ଅ-ଈ) ଚତୁରତା;
ଚାତୁର୍ଯ୍ୟ—ବି. (ଚତୁର-ଯ) ଚତୁରତା ।
ଚାତୁର୍ବର୍ଣ୍ଣ୍ୟ—ବି. (ଚତୁର୍ବର୍ଣ୍ଣ-ଯ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହି ଜାତି ବିଭାଗ ।
ଚାଦର—ବି. ଉତ୍ତରୀୟ ବସ୍ତ୍ର, ଓଢ଼ା ।
ଚାନ୍ଦନୀ—ବି. ଚନ୍ଦ୍ର; ଜ୍ୟୋତ୍ସ୍ନା; ପକ୍କା ଅଗଣା ବା ଚଉତରା ।

ଚାନ୍ଦା—ବି. ଭେଦା ।
ଚାନ୍ଦୁଆ—ବି. ଚନ୍ଦ୍ରାତପ ।
ଚାନ୍ଦ୍ର—ବିଂ. (ଚନ୍ଦ୍ର-ଅ) ଚନ୍ଦ୍ର ସମ୍ବନ୍ଧୀୟ ।
ଚାନ୍ଦ୍ରାୟଣ—ବି. (ଚନ୍ଦ୍ର-ଅୟନ) ଚନ୍ଦ୍ରର ବୃଦ୍ଧି ଓ କ୍ଷୟ ଅନୁସାରେ ପାଳିତ କଠିନ ବ୍ରତବିଶେଷ ।
ଚାପ—ବି. (ଚପ୍-ଅ) ଧନୁ; ଚାପିବାର ଭାର ।
ଚାପଡ଼ା, ଚାପୁଡ଼ା—ବି. (ଚପେଟଶବ୍ଦଜ) ଚପେଟାଘାତ ।
ଚାପଲ୍ୟ—ବି. (ଚପଲ-ଯ) ଚାଞ୍ଚଲ୍ୟ ।
ଚାପିବା—କ୍ରି. ଭାରଦ୍ୱାରା ମାଡ଼ିବା ।
ଚାମଚ—ବି. (ଚମସଶବ୍ଦଜ) ଡାଙ୍କି ।
ଚାମର—ବି. (ଚମର-ଅ) ବାଳବ୍ୟଜନ, ଚଅଁର ।
ଚାମୀକର—ବି. ସୁବର୍ଣ୍ଣ ।
ଚାମୁଣ୍ଡା—ବି. (ଚଣ୍ଡ-ମୁଣ୍ଡ-ଅ) ଦୁର୍ଗା ।
ଚାର—ବି. (ଚରଶବ୍ଦଜ) ଗୁପ୍ତଚର; ଦେଉଳ ଉପରକୁ ଚଢ଼ି ଯିବାପାଇଁ ବନ୍ଧା ସୋପାନ ।
ଚାରଣ—ବି. (ଚର୍-ଣିଚ୍-ଅନ) ଭାଟ; ପଶୁ-ଚରାଇବା ।
ଚାରା—ବି. ଉପାୟ ।
ଚାରାଗଛ—ବି. ବୀଜୋତ୍ପନ୍ନ ନୂଆଗଛ, ତଳି ।
ଚାରି—ବିଂ. (ଚତୁରଶବ୍ଦଜ) ୪ ସଂଖ୍ୟା ।
ଚାରିତ୍ର—ବି. (ଚରିତ୍ର-ଅ) ଚରିତ୍ର; ସାଧୁତ୍ୱ ।
ଚାରୁ—ବିଂ. (ଚର୍-ଉ) ସୁନ୍ଦର; ମନୋହର ।
ଚାଳ—ବି. (ଚଳ-ଅ) ଗୃହର ଆଚ୍ଛାଦନ ।
ଚାଳକ—ବିଂ. (ଚଳ-ଣିଚ୍-ଅକ) ଚାଳନକ ।

ଚାଳନା-ବି. ଚଳାଇବା; ପ୍ରେରଣା ।
ଚାଲି-ବି. ଚାଲିବାସ୍ୱଭ; ବ୍ୟବହାର ।
ଚାଲିବା-କ୍ରି. (ଚଲ୍ ଧାତୁଜ) ଗମନ କରିବା ।
ଚାଳିଶ-ବି°. (ଚତ୍ୱାରିଂଶତ୍ ଶବ୍ଦଜ) ୪୦ ସଂଖ୍ୟା ।
ଚାଳିଶା-ବି. ଚାଳିଶ ବର୍ଷ ସମୟରେ ନେତ୍ରର ବିକାର ।
ଚାଲୁଣୀ-ବି. (ଚାଳନୀଶବ୍ଦଜ) ଶସ୍ୟାଦି ଚଳାଇବା ପାଇଁ ଛିଦ୍ରଯୁକ୍ତ ପାତ୍ର ।
ଚାବୁକ-ବି. କୋରଡ଼ା ।
ଚାଷ-ବି. (ଚଷ୍-ଅ) କୃଷିକର୍ମ; ଭୂମିକର୍ଷଣ ।
ଚାହାଣି-ବି. ଅନାଇବା ।
ଚାହିଁବା-କ୍ରି. ଅନାଇବା ।
ଚିଅଁ-ବି. ତପ୍ତ ଲୌହଦ୍ୱାରା ଦାଗିବା ।
ଚିକ୍‌ଚିକ୍-ବି°. ଦୀପ୍ତିଯୁକ୍ତ ।
ଚିକ୍କା-ବି°. (ଚିଗଲଶବ୍ଦଜ) କର୍ଦ୍ଦମିତ; ଅଠାଳିଆ ।
ଚିକଣ-ବି°. (ଚିକ୍କଣଶବ୍ଦଜ) ମସୃଣ; ସ୍ନିଗ୍ଧ ।
ଚିକିତ୍ସକ-ବି. (କିତ୍-ସନ୍-ଅକ) ବୈଦ୍ୟ ।
ଚିକିତ୍ସା-ବି. (କିତ୍-ସନ୍-ଅ) ରୋଗର ପ୍ରତିକାର ।
ଚିକିତ୍ସିତ-ବି°. ଯାହାକୁ ଚିକିତ୍ସା କରା ହୋଇଅଛି ।
ଚିକୀର୍ଷା-ବି. (କୃ-ସନ୍-ଅ) କରିବାର ଇଚ୍ଛା ।
ଚିକୀର୍ଷୁ-ବି°. (କୃ-ସନ୍-ଉ) କରିବାକୁ ଇଚ୍ଛୁକ ।
ଚିକୁର-ବି. କେଶ ।
ଚିକ୍କଣ-ବି°. ସ୍ନିଗ୍ଧ; ମସୃଣ ।
ଚିଙ୍ଗୁଡ଼ି, ଚୁଙ୍ଗୁଡ଼ି-ବି ମତ୍ସ୍ୟବିଶେଷ ।

ଚିଞ୍ଚା-ବି. ତେନ୍ତୁଳି ।
ଚିଠାଉ-ବି. ଚିଠି, ପତ୍ର ।
ଚିଠା-ବି. ଖସଡ଼ା ।
ଚିଠି-ବି. ପତ୍ର; ଲିପି ।
ଚିଡ଼ିବା-କ୍ରି. କ୍ରୋଧ କରିବା; ବିରକ୍ତି ପ୍ରକାଶ କରିବା ।
ଚିତ୍-ବି. (ଚିତ୍-କ୍ୱିପ୍) ଚୈତନ୍ୟ; ଜ୍ଞାନ ।
ଚିତ୍-ବି°. ଉତ୍ତାନ ।
ଚିତ୍କାର, ଚୀତ୍କାର-ବି. ଉଚ୍ଚଶବ୍ଦ ।
ଚିତେଉଡ଼-ବି. ପକ୍ଷୀବିଶେଷ ।
ଚିତା-ବି. (ଚି-ତ-ଅ) ଶବଦାହ ଚୁଲ୍ଲୀ ।
ଚିତା-ବି. (ଚିତ୍ରଶବ୍ଦଜ) ତିଳକ ।
ଚିତ୍ତ-ବି. (ଚିତ୍-ତ) ଅନ୍ତଃକରଣ ।
ଚିତ୍ର-ବି°. ( ଚି-ତ୍ରୈ-ଅ ) ରଞ୍ଜିତ; ବିଚିତ୍ର; ଆଶ୍ଚର୍ଯ୍ୟଜନକ । ବି. ଆଲେଖ୍ୟ; ଛବି; ନକ୍ସା ।
ଚିତ୍ରକ-ବି. (ଚିତ୍ର-କ) ବୃକ୍ଷବିଶେଷ, ବ୍ୟାଘ୍ରବିଶେଷ ।
ଚିତ୍ରଭାନୁ-ବି. ସୂର୍ଯ୍ୟ; ଅଗ୍ନି ।
ଚିତ୍ରରଥ-ବି. ଗନ୍ଧର୍ବବିଶେଷ ।
ଚିତ୍ରା-ବି. (ଚିତ୍ର-ଅ) ନକ୍ଷତ୍ର ବିଶେଷ ।
ଚିନି-ବି. ଶୋଧିତ ଗୁଡ଼ଚୂର୍ଣ୍ଣ ।
ଚିନା-ବି. ସ୍ୱର୍ଣ୍ଣ ରୌପ୍ୟାଦିର ଓଜନ ବିଶେଷ; ଶସ୍ୟବିଶେଷ ।
ଚିନ୍ତନୀୟ, ଚିନ୍ତ୍ୟ-ବି°. ଚିନ୍ତାର ଯୋଗ୍ୟ ।
ଚିନ୍ତା-ବି. (ଚିନ୍ତ୍-ଅ) ଭାବନା, ସ୍ମରଣ; ଆଲୋଚନା ।
ଚିନ୍ତିତ-ବି°. (ଚିନ୍ତ୍-ତ) ଭାବିତ; ଆଲୋଚିତ ।
ଚିନ୍ମୟ-ବି°. (ଚିତ୍-ମୟ) ଜ୍ଞାନମୟ ।

ଚିପିଟ }
ଚିପିଟକ } ବି. ଚୂର୍ଣ୍ଣାତ୍ମକ ଖାଦ୍ୟ ।

ଚିପା-ବିଂ. କୃପଣ ।

ଚିପୁଡ଼ିବା }
ଚୁପୁଡ଼ିବା } କ୍ରି. ହସ୍ତପୀଡ଼ନଦ୍ୱାରା ଜଳ ବା ରସ ବାହାର କରିବା ।

ଚିମୁଟା-ବି. ଅଗ୍ନି ଧରିବାର ଲୌହଯନ୍ତ୍ର ।

ଚିମୁଟିବା }
ଚୁମୁଟିବା } କ୍ରି. ଦୁଇନଖଦ୍ୱାରା ପୀଡ଼ିବା ।

ଚିର-କ୍ରି.ବିଂ. ଦୀର୍ଘକାଳ; ବହୁକାଳ । [ବିଶିଷ୍ଟ ।

ଚିରଞ୍ଜୀବ-ବିଂ. ( ଚିରଂ-ଜୀବ୍-ଅ ) ଦୀର୍ଘାୟୁ-

ଚିରନ୍ତନ-ବିଂ. (ଚିରଂ-ତନ) ଚିରକାଳୀନ ।

ଚିରା-ବିଂ. (ଚୀରଶବ୍ଦଜ) ଛିଣ୍ଡା ।

ଚିରାୟୁଃ-ବି.(ଚିର-ଆୟୁଃ)ଚିରଜୀବୀ; ଦେବତା ।

ଚିରାଲି-ବି. ପତାକା ।

ଚିରିବା-କ୍ରି. ଛିଣ୍ଡାଇବା, ଫାଡ଼ିବା ।

ଚିରେଟା-ବି. ଚିରତିକ୍ତ ବୃକ୍ଷ ବା ତାହାର ଡାଙ୍ଗ । [ବିଶେଷ ।

ଚିଲ-ବି. ( ଚିଲ୍ଲଶବ୍ଦଜ ) ସ୍ୱନାମପ୍ରସିଦ୍ଧ ପକ୍ଷୀ-

ଚିଲମ-ବି. ଧୂମପାନର ଯନ୍ତ୍ରବିଶେଷ ।

ଚିବୁକ-ବି. ଓଷ୍ଠ, ଓଠ ।

ଚିହିଁକିବା-କ୍ରି. ଚମକିବା ।

ଚିହ୍ନ-ବି. (ଚିହ୍ନ୍-ଅ) ଦାଗ; ଲକ୍ଷଣ ।

ଚିହ୍ନା-ବିଂ. (ଚିହ୍ନିତଶବ୍ଦଜ) ପରିଚିତ ।

ଚିହ୍ନିତ-ବି. ( ଚିହ୍ନ୍-ତ ) ଚିହ୍ନଯୁକ୍ତ; ଚିହ୍ନଦ୍ୱାରା

ଚୀନ୍-ବି. ଦେଶବିଶେଷ । [ଅଙ୍କିତ ।

ଚୀନା-ବି. (ଦେଶଜ) ଶସ୍ୟବିଶେଷ ।

ଚୀର-ବି. ବସ୍ତ୍ରଖଣ୍ଡ; ଚିରକନା ।

ଚୀବର-ବି. (ଚି-ବର) ଚୀର; କୌପୀନ ।

ଚୁଆ-ବି. ସୁଗନ୍ଧି ତୈଳବିଶେଷ ।

ଚୁଆଇବା-କ୍ରି. (ଚ୍ୟୁଧାତୁରୁ) କ୍ଷରଣ କରାଇବା ।

ଚୁକ୍ତି-ବି. ନିୟମ; ନିଷ୍ପତ୍ତି ।

ଚୁଚୁନ୍ଦ୍ରା-ବି. (ଛୁଛୁନ୍ଦରଶବ୍ଦଜ) ଗନ୍ଧମୂଷିକ ।

ଚୁଚୁନ୍ଦ୍ରୀ-ବି. ବାଣବିଶେଷ; ରୋଗବିଶେଷ ।

ଚୁଙ୍ଗା, ଚୁଙ୍ଗୀ-ବି. ନଳ ।

ଚୁଟି-ବି. (ଚୂଡ଼ାଶବ୍ଦଜ) ମୁଣ୍ଡର ବଡ଼ବାଳ ।

ଚୁଡ଼ା-ବି. (ଚିପିଟଶବ୍ଦଜ) ଖାଦ୍ୟବିଶେଷ ।

ଚୁନ-ବି. (ଚୂର୍ଣ୍ଣଶବ୍ଦଜ) ଶମ୍ବୁକାଦି ଭସ୍ମ ।

ଚୁନା-ବି. ଗୁଣ୍ଡା; ବିଂ. ଚୂର୍ଣ୍ଣିତ ।

ଚୁଡ଼ି-ବି. ସ୍ତ୍ରୀ ହସ୍ତାଭରଣବିଶେଷ ।

ଚୁପ୍-ବିଂ. ନିଃଶବ୍ଦ ।

ଚୁମା-ବି. (ଚୁମ୍ବ୍‌ଧାତୁରୁ) ଚୁମ୍ବନ ।

ଚୁମ୍ବ }
ଚୁମ୍ବନ } ବି. (ଚୁମ୍ବ୍-ଅ, ଅନ) ଓଷ୍ଠଦ୍ୱାରା ସସ୍ନେହ ସ୍ପର୍ଶ ।

ଚୁମ୍ବିତ-ବିଂ. ଓଷ୍ଠଦ୍ୱାରା ସ୍ପୃଷ୍ଟ; ସ୍ପୃଷ୍ଟ ।

ଚୁମ୍ବକ-ବି. ଅୟସ୍କାନ୍ତ ମଣି; ସଂକ୍ଷିପ୍ତ ସାର ।

ଚୂରିବା-କ୍ରି. (ଚୂର୍ଣ୍ଣ୍‌ଧାତୁରୁ) ଚୂର୍ଣ୍ଣ କରିବା ।

ଚୁଲ୍ଲୀ-ବି. ରନ୍ଧନାର୍ଥ ଅଗ୍ନିକୁଣ୍ଡ ।

ଚୂଡ଼ା-ବି. ଶିଖା; ଶିଖର; ଶିରୋଭୂଷଣ ।

ଚୂଡ଼ାକରଣ-ବି. ବାଳକର କେଶ ସଂସ୍କାର ବିଶେଷ ।

ଚୂଡାନ୍ତ-ବି. (ଚୂଡା-ଅନ୍ତ) ଶେଷ ।
ଚୂଡା-ମଣି-ବି. ଶିରୋରତ୍ନ; ବି. ଶ୍ରେଷ୍ଠ ।
ଚୂତ-ବି. (ଚୁଷ୍-ତ) ଆମ୍ରଗଛ; ଆମ୍ବ ।
ଚୂର୍ଣ୍ଣ } ବି. (ଚୂର୍ଣ୍ଣ-ଅ, ଅକ) ଗୁଣ୍ଡା; ଚୂନା ।
ଚୂର୍ଣ୍ଣକ }
ଚୂର୍ଣ୍ଣକୁନ୍ତଳ-ବି. ଅଳକ ।
ଚୂଳ-ବି. କେଶ; ଚୂଡା ।
ଚେଇଁବା-କ୍ରି. (ଚେତନାଶବ୍ଦରୁ) ଜାଗିବା ।
ଚେକା-ବି. ଘାସ ସଂଲଗ୍ନ ଚଉକାକାର ମୃତ୍ତିକା-
ଚେଙ୍ଗ-ବି. ଦଉ । [ଖଣ୍ଡ ।
ଚେଙ୍ଗ-ବି. ମତ୍ସ୍ୟବିଶେଷ ।
ଚେଟ-ବି. ଦାସ ।
ଚେଟୀ-ବି. ଚେଡ଼ି; ଦାସୀ ।
ଚେତଃ-ବି. (ଚିତ୍-ଅସ୍) ଅପୂ; ଚିତ୍ତ ।
ଚେତନ-ବି. (ଚିତ୍-ଅନ) ଚେତନାଯୁକ୍ତ; ବିଜ୍ଞାନ; ଚେତନା ।
ଚେତନା-ବି.(ଚିତ୍-ଅନ-ଆ)ସଂଜ୍ଞା; ଚୈତନ୍ୟ ।
ଚେତିବା-କ୍ରି. (ଚେତନଶବ୍ଦଜ) ହେତିବା ।
ଚେତାଇବା-କ୍ରି. ହେତାଇବା; ସତର୍କ କର-
ଚେପ୍ଟା-ବି. ଚେପା; ଚୋଟା । [ଇବା ।
ଚେମଡା-ବି. ଯାହା ସହଜରେ ଛିଡେ ନାହିଁ ।
ଚେର-ବି. ମୂଳ ।
ଚେଲ-ବି. ବସ୍ତ୍ର; ପଟ୍ଟବସ୍ତ୍ର ।
ଚେଲା-ବି. ବୈରାଗୀମାନଙ୍କର ଶିଷ୍ୟ ।

ଚେଷ୍ଟା-ବି. (ଚେଷ୍ଟ୍-ଅ) କାର୍ଯ୍ୟରେ ପ୍ରବୃତ୍ତ; କ୍ରିୟା; ଯତ୍ନ । [ବି. ଅଙ୍ଗଭଙ୍ଗୀ କ୍ରିୟା ।
ଚେଷ୍ଟିତ-ବି. (ଚେଷ୍ଟ୍-ତ) ଚେଷ୍ଟାଯୁକ୍ତ;
ଚେଚେହେଙ୍ଗ-ବି. ମୁଖର ଅକୃତ ।
ଚୈତନ୍ୟ-ବି. (ଚେତନ-ଯ) ଚେତନା; ଗୌରାଙ୍ଗନାମକ ଧର୍ମପ୍ରଚାରକ ।
ଚୈତ୍ୟ-ବି. ପ୍ରସ୍ତରସ୍ତୂପ; ସମାଧିସ୍ଥାନ; ବୌଦ୍ଧ-ମାନଙ୍କର ପୂଜାସ୍ଥାନ; ଦୂତବୃକ୍ଷ ।
ଚୈତ୍ର-ବି. (ଚିତ୍ରା-ଅ) ଚୈତ୍ରମାସ; ମଧୁମାସ ।
ଚୈତ୍ରରଥ-ବି. କୁବେରର ଉଦ୍ୟାନ ।
ଚୋଖା-ବି. (ଚୋକ୍ଷଶବ୍ଦଜ) ପରୀକ୍ଷାରେ କଣ୍ଟକ
ଚୋଚମିବା-କ୍ରି. ଚୁମ୍ବିବା । [ପ୍ରମାଣିତ ।
ଚୋଟ-ବି. ଅସ୍ତ୍ରର ଆଘାତ ।
ଚୋଠା-ବି. ଯାଜ; ପ୍ରବଞ୍ଚକ । [ପ୍ରବର୍ତ୍ତକ ।
ଚୋଦୟିତା-ବି. (ଚୁଦ୍-ଇ-ତୃ) ପ୍ରେରକ;
ଚୋଦିତ-ବି.(ଚୁଦ୍-ତ) ପ୍ରେରିତ; ନିଯୋଜିତ ।
ଚୋପ-ବି. ଛାଲ; ଅକ୍ରିଅରନାମା ।
ଚୋପା-ବି. ପରବା ପ୍ରଭୃତିର ଥଳ ।
ଚୋବାଇବା-କ୍ରି.(ଚର୍ବ୍ଧାତୁରୁ) ଚର୍ବଣକରିବା ।
ଚୋର-ବି. ପରଦ୍ରବ୍ୟାପହାରୀ ।
ଚୋରା-ବି. ଅପହୃତ; ଗୁପ୍ତ ।
ଚୋରାବାଲି-ବି. ଧସାବାଲି ।
ଚୋରି-ବି. ଚୌର୍ଯ୍ୟ; ଅପହରଣ ।
ଚୋଳି-ବି. କାଞ୍ଚୁଳି; (ସ୍ତ୍ରୀ ପରିଧେୟ) ।
ଚୋଷିବା-କ୍ରି. (ଚୁଷ୍ଧାତୁରୁ) ଚୂଷଣ; ଯେପରି ରସ ପିଇବା ।

ଚୋଷ୍ୟ—ବିଂ. (ଚୁଷ୍-ଯ) ଚୁଷଣର ଯୋଗ୍ୟ ।
ଚୌକସ—ବିଂ. ଚାରିଅଡ଼କୁ ନଜର ଯାହାର ।
ଚୌକା—ବି. ରନ୍ଧନସ୍ଥାନର ମାର୍ଜନ ।
ଚୌକାଠ—ବି. (ଚତୁଃ-କାଷ୍ଠ) ଦ୍ୱାରବନ୍ଧ ।
ଚୌକି—ବି. (ଚତୁଷ୍କୀଶବ୍ଦଜ) କାଷ୍ଠାସନ; ପହରା ।
ଚୌକିଆ } ବି. ପହରୀ; ଜଗୁଆଳୀ ।
ଚୌକିଦାର }
ଚୌଠ } ବି. (ଚତୁର୍ଥଶବ୍ଦଜ) ଚାରିଭାଗର ଏକ-
ଚୌଥ } ଭାଗ ।
ଚୌଠୀ—ବି. (ଚତୁର୍ଥୀଶବ୍ଦଜ) ଉତ୍ସବବିଶେଷ; ବିବାହର ଚତୁର୍ଥଦିନ ।
ଚୌଡ଼ା—ବି. ପ୍ରସ୍ଥପରିମାଣ; ପରିସର; ଓସାର ।
ଚୌଧୁରୀ—ବି. (ଚତୁର୍ଦ୍ଧୁରୀଣଶବ୍ଦଜ) ଉପାଧି-ବିଶେଷ; ଯେ ସବୁ କର୍ମରେ ଧୁରନ୍ଧର ।
ଚୌପଟ—ବିଂ. ଚାରିଗୁଣ ।
ଚୌପଦୀ—ବି. ଚାରିପଦରେ ସମାପ୍ତ ଗୀତ ।
ଚୌପାଢ଼ୀ—ବି. (ଚତୁଷ୍ପାଠୀଶବ୍ଦଜ) ସଂସ୍କୃତ ପାଠଶାଳା; ବୈଠକଖାନା ।
ଚୌର—ବି. (ଚୋର-ଅ) ଚୋର । [ସମାନ ।
ଚୌରସ—ବିଂ. (ଚତୁରସ୍ରଶବ୍ଦଜ) ଚାରିଅଡ଼େ
ଚୌରାନବେ—ବିଂ. ଚତୁର୍ନବତି; ୯୪ ।
ଚୌରାଶୀ—ବିଂ. ଚତୁରଶୀତି; ୮୪ ।
ଚୌର୍ଯ୍ୟ—ବି. (ଚୋର-ଯ) ଚୋରକର୍ମ ।
ଚୌସାର—ବି. (ଚତୁଃସାରଶବ୍ଦଜ) ଖେଳା-ବିଶେଷ ।
ଚୌସ୍ତରି—ବିଂ. ଚତୁଃସପ୍ତତି; ୭୪ ।
ଚ୍ୟବନ—ବି. (ଚ୍ୟୁ-ଅନ) କ୍ଷରଣ ।
ଚ୍ୟୁତ—ବିଂ. (ଚ୍ୟୁ-ତ) କ୍ଷରିତ; ଭ୍ରଷ୍ଟ; ପତିତ ।
ଚ୍ୟୁତି—ବି. (ଚ୍ୟୁ-ତି) ପତନ; ନାଶ ।

---

**ଛ** ବ୍ୟଞ୍ଜନର ସପ୍ତମ ବର୍ଣ୍ଣ ।

ଛଅ—ବିଂ. (ଷଟ୍‌ଶବ୍ଦରୁ) ୬ ସଂଖ୍ୟା ।
ଛଅର—ବି. (କ୍ଷୌରଶବ୍ଦଜ) କେଶମୁଣ୍ଡନ ।
ଛଇ—ବି. (ଛବିଶବ୍ଦଜ) ଲୋକର ବହିର୍ଦୃଶ୍ୟ; ବେଶବିନ୍ୟାସ ।
ଛଇଳ—ବିଂ. (ଛବିଳଶବ୍ଦଜ) ବେଶବିନ୍ୟାସ ଦ୍ୱାରା ସୁନ୍ଦର ।
ଛଉ—ବି. ସେଗବିଶେଷ ।
ଛକ—ବି. ଚତୁଷ୍ପଥ-ମିଳନ-ସ୍ଥାନ ।
ଛକିବା—କ୍ରି. ଗୁପ୍ତଭାବରେ ଜଗିବା ।
ଛଞ୍ଚାଣ—ବି. ଶ୍ୟେନପକ୍ଷୀ, ବାଜ ।
ଛଟକ—ବି. ଚଞ୍ଚଳ; ଦୁଷ୍ଟଭାବ ।
ଛଟପଟ—ବିଂ. ଯନ୍ତ୍ରଣାପ୍ରାପ୍ତ, କଲବଲ ।
ଛଟା—ବି. କିରଣଗୁଚ୍ଛ; କାନ୍ତି; ଭଙ୍ଗୀ; କପଟ ।
ଛଟାଙ୍କି—ବି. ସେରର ଷୋଡ଼ଶାଂଶ ।
ଛଡ଼ା—ବି. ମାଇବାଛୁରି । [ନେବା ।
ଛଡ଼ାଇବା—କ୍ରି. ଭାଗକରାଇବା; ବଳପୂର୍ବକ
ଛଡ଼ି—ବି. ହାତବାଡ଼ି ।
ଛଣ—ବି. (ଛଦ୍-ଧାତୁରୁ) ଘରଛାଇବା ଶୁଷ୍କତୃଣ ।
ଛଣା—ବିଂ. ଛାଣିବା ଦ୍ୱାରା ପରିଷ୍କୃତ ।
ଛଣି—ବି. (ଶଣଶବ୍ଦଜ) ଛଣପଟନିର୍ମିତ ରଜ୍ଜୁ ।

ଛଡା–ବି. (ଛଟାଶବ୍ଦଜ) ଛଟା ।
ଛଡାଉଣୀ–ବି. (ଶତାବରୀଶବ୍ଦଜ) ବୃକ୍ଷବିଶେଷ ।
ଛଡଆ–ବି. ଦାନ୍ତ ଓ ଜିଭର ମଳି ।
ଛତିଶ–ବିଂ. ଷଟ୍ତ୍ରିଂଶତ୍; ୩୬ ।
ଛତୁ–ବି. (ଶକ୍ତୁଶବ୍ଦଜ) ଯବାଦି ଚୂର୍ଣ୍ଣ ।
ଛତୁ–ବି. (ଛତ୍ରାକଶବ୍ଦଜ) ଉଦ୍ଭିଦ ବିଶେଷ ।
ଛତ୍ର–ବି. (ଛଦ୍-ତ୍ର) ଛତା; ରାଜଚିହ୍ନବିଶେଷ; ଅନ୍ନାଦି ବିତରଣର ସ୍ଥାନ ।
ଛତ୍ର-ପତି–ବି. ରାଜା ।
ଛତ୍ର-ଭଙ୍ଗ–ବି. (ଛତ୍ର-ଭଙ୍ଗ) ନିପାତ; ଅରାଜ- [କତା ।
ଛତ୍ରୀ–ବିଂ. (କ୍ଷତ୍ରିୟଶବ୍ଦଜ) କ୍ଷତ୍ରିୟ ।
ଛଦ, ଛଦନ–ବି. (ଛଦ୍-ଅ,ଅନ) ଆଚ୍ଛାଦନ ।
ଛଦ୍ମ–ବି. (ଛଦ୍-ମନ୍) କପଟ; ଛଳ ।
ଛନକା–ବି. ଦକା, ଭୟ ।
ଛନଛନ–ବିଂ. ଅତି ଚଞ୍ଚଳ; ଉଦ୍ବିଗ୍ନ ।
ଛନ୍ଦ–ବି. ଅଭିଳାଷ; କପଟ; ସନ୍ନିପାତରୋଗ; ବନ୍ଧନ ରଜ୍ଜୁ ।
ଛନ୍ଦଃ–ବିଂ. (ଛନ୍ଦ୍-ଅସ୍) ପଦର ବୃତ୍ତ; ବେଦ ।
ଛନ୍ନ–ବିଂ. (ଛଦ୍-ତ) ଗୁପ୍ତ; ଆଚ୍ଛାଦିତ ।
ଛପର–ବି. ଘରର ଚାଳ ।
ଛପନ–ବିଂ. ଷଟ୍ପଞ୍ଚାଶତ୍; ୫୬ ସଂଖ୍ୟା ।
ଛପିବା–କ୍ରି. ଲୁଚିବା ।
ଛବିଶ–ବିଂ. ଷଡ୍ବିଂଶ; ୨୬ ସଂଖ୍ୟା ।
ଛୟାଅଶୀ–ବିଂ. ଷଟ୍ଅଶୀତି; ୮୬ ସଂଖ୍ୟା ।
ଛୟାନବେ–ବିଂ. ଷଟ୍ନବତି; ୯୬ ସଂଖ୍ୟା ।
ଛୟାଳିଶ–ବିଂ. ଷଟ୍ଚତ୍ୱାରିଂଶ; ୪୬ ସଂଖ୍ୟା ।
ଛଳ–ବି. କପଟ; ଚାତୁରୀ; ଅଭିମାନ ।
ଛଳନା–ବି. (ଛଲ୍-ଅନ-ଆ) ପ୍ରତାରଣା ।
ଛଳିବା–କ୍ରି. ପ୍ରତାରିତ କରିବା ।
ଛବି–ବି. ପ୍ରତିରୂପ; ଦୀପ୍ତି; କାନ୍ତି ।
ଛଷଠୀ–ବିଂ. ଷଟ୍ଷଷ୍ଟି; ୬୬ ସଂଖ୍ୟା ।
ଛସ୍ତରି–ବିଂ. ଷଟ୍-ସପ୍ତତି; ୭୬ ସଂଖ୍ୟା ।
ଛାଇ–ବି. (ଛାୟାଶବ୍ଦଜ) ଛାୟା ।
ଛାଇବା–କ୍ରି. (ଛଦ୍-ଧାତୁରୁ) ଆଚ୍ଛାଦିତ କରିବା ।
ଛାଉଣୀ–ବି. ଛପରବନ୍ଦ; ସୈନ୍ୟଶିବିର ।
ଛାଗ, ଛାଗଳ–ବି. ଛେଳି ।
ଛାଚ–ବି. କନ୍ଦ, ନବାତ ।
ଛାଟ, ଛାଟଣି–ବି. ଚାବୁକ ।
ଛାଞ୍ଚ–ବି. ଠସା; ଆକୃତି ।
ଛାଞ୍ଚୁଣୀ–ବି. ଝାଡୁ ।
ଛାଡ଼–ବି. ତ୍ୟାଗ; ଅନୁମତି ।
ଛାଡ଼ିବା–କ୍ରି. ତ୍ୟାଗ କରିବା ।
ଛାଣିବା–କ୍ରି. ବସ୍ତ୍ରାଦି ଦ୍ୱାରା ସାରାଂଶ ବାହାର [କରିବା ।
ଛାତ–ବି. (ଛଦଶବ୍ଦଜ) କୋଠାଘରର ଆଚ୍ଛାଦନ ।
ଛାତ୍ର–ବି. (ଛତ୍ର-ଅ) ଶିଷ୍ୟ; ପଢୁଆ ।
ଛାଦନ–ବି. (ଛଦ୍-ଣିଚ୍-ଅନ) ଆଚ୍ଛାଦନ; ଢାଙ୍କିବା ।
ଛାଦିତ–ବିଂ. (ଛଦ୍-ଇ-ତ) ଆଚ୍ଛାଦିତ; ଆବୃତ ।
ଛାନ୍ୟା–ବିଂ. ଅଙ୍କସ୍ଥିକ ଉପରେ ବସ୍ତ୍ର ।
ଛାନ୍ଦ–ବି. (ଛନ୍ଦଃଶବ୍ଦଜ) ପଦ୍ୟ; ପଦ୍ୟଗ୍ରନ୍ଥର ପରିଚ୍ଛେଦ ବିଶେଷ ।
ଛାନ୍ଦସ–ବିଂ. (ଛନ୍ଦସ୍-ଅ) ବେଦସମ୍ବନ୍ଧୀୟ ।

ଛପ–ବ. (ଛପ୍‌ଧାତୁଜ) ମୁଦ୍ରାଚିହ୍ନ ।
ଛପା–ବ. ମୁଦ୍ରାଙ୍କନ ।
ଛପାଖାନା–ବ. ମୁଦ୍ରାଯନ୍ତ୍ରାଳୟ ।
ଛାମୁ–ବ. (ସମ୍ମୁଖଶବ୍ଦଜ) ସମ୍ମୁଖ; ରଜାଙ୍କ ପ୍ରତି ସମ୍ମାନ-ସୂଚକ ପଦ । [ପେଷ୍କାର ।
ଛାମୁକରଣ–ବ. ରଜା ବା ଜମିଦାରଙ୍କର
ଛାମୁଣ୍ଡିଆ–ବ. ଛାୟାମଣ୍ଡପ । [ସୂର୍ଯ୍ୟପତ୍ନୀ ।
ଛାୟା–ବ. (ଛୋ-ଯ-ଅ) ଛାଇ; କାନ୍ତି; ପ୍ରତିବିମ୍ବ;
ଛାୟାପଥ–ବ. ଆକାଶର ଜ୍ୟୋତିର୍ମୟ ପଥ; ଦେବଦାଣ୍ଡ ।
ଛାର–ବି. (କ୍ଷାରଶବ୍ଦଜ) ମନ୍ଦ; ଅଗ୍ରାହ୍ୟ; ନୀଚ ।
ଛାରଖାର–ବି. (କ୍ଷାରଶବ୍ଦଜ) ବିନଷ୍ଟ ।
ଛାରପୋକ–ବ. ଓଡ଼ଶପୋକ ।
ଛାଲ–ବ. ବକ୍କଲ; ପଶୁଚର୍ମ ।
ଛି–ଅ. ଘୃଣାସୂଚକ ଶବ୍ଦ ।
ଛିଙ୍କ–ବ. ନାକଦ୍ୱାର ସଶବ୍ଦ ଶ୍ଳେଷ୍ମନିର୍ଗମନ ।
ଛିଞ୍ଚିବା–କ୍ରି. (ସିଞ୍ଚନଶବ୍ଦଜ) ସେଚନ କରିବା ।
ଛିଟ–ବ. (ଚିହ୍ନଶବ୍ଦଜ) ଚିହ୍ନବସ୍ତ୍ର ।
ଛିଟା–ବ. ବିନ୍ଦୁ; କଣା ।
ଛିଡ଼ା–ବ. ଠିଆ ।
ଛିଡ଼ିକିବା–କ୍ରି. ଟିକ୍‌ରି ପଡ଼ିବା ।
ଛିଡ଼ିବା, ଛିଣ୍ଡିବା } କ୍ରି. (ଛିଦ୍‌ଧାତୁରୁ) ଛିନ୍ନ ହେବା ।
ଛିଣ୍ଡା–ବି. (ଛିନ୍ନଶବ୍ଦଜ) ଛିନ୍ନ ।
ଛିଣ୍ଡାଇବା–କ୍ରି. ଛିନ୍ନ କରିବା; ଖଣ୍ଡିତ କରିବା ।
ଛିଣ୍ଡାଳ–ବ. କୁଳଟା ସ୍ତ୍ରୀ ।
ଛିଦ୍ର–ବ. (ଛିଦ୍-ର) କ୍ଷୁଦ୍ରଗର୍ତ୍ତ; ରନ୍ଧ୍ର; ଦୋଷ ।
ଛିନ୍ନ–ବି. (ଛିଦ୍-ତ) ଖଣ୍ଡିତ; ଛିଣ୍ଡା ।
ଛୁଆ–ବ. ପଶୁଶାବକ; ପିଲା ।
ଛୁଇଁ–ବ. ଲମ୍ବା ଲମ୍ବା ଫଳବିଶେଷ ।
ଛୁଇଁବା–କ୍ରି. ସ୍ପର୍ଶ କରିବା ।
ଛୁଞ୍ଚ–ବ. (ସୂଚିଶବ୍ଦଜ) ସୂଚି ।
ଛୁରିଅନା–ବ. ପୁଷ୍ପବିଶେଷ ।
ଛୁରିକା, ଛୁରି } ବ. (ଛୁର୍-ଇକ-ଅ, ଇ) ଅସ୍ତ୍ରବିଶେଷ ।
ଛୁରିତ–ବି. (ଛୁର୍-ତ) ଲିପ୍ତ ।
ଛେଉଣ୍ଡ–ବି. (ଛେମଣ୍ଡଶବ୍ଦଜ) ପିତୃମାତୃହୀନ ପିଲା । [ବିହନ ।
ଛେକ–ବ. ବାର; ଠାକୁର ନିମିତ୍ତ ଭୋଗ-ଭାର-
ଛେଙ୍କା–ବ. ତପ୍ତ ଲୌହର ଦାଗ ।
ଛେଚିବା–କ୍ରି. କୁଟିବା ।
ଛେତ୍ତବ୍ୟ–ବି. (ଛିଦ୍-ତବ୍ୟ) ଛେଦନଯୋଗ୍ୟ ।
ଛେଦ–ବ. (ଛିଦ୍-ଅ) ଖଣ୍ଡ; ଭାଗ; ଛେଦନ ।
ଛେଦକ–ବି. (ଛିଦ୍-ଅକ) ଛେଦନକାରୀ ।
ଛେଦନ–ବ. (ଛିଦ୍-ଅନ) କର୍ତ୍ତନ ।
ଛେଦା–ବ. ଧଡ଼ିରହିତ ବସ୍ତ୍ର; ଏକପ୍ରକାର ଦହି ।
ଛେଦିତ–ବି. (ଛିଦ୍-ଇ (ଣିଚ୍)-ତ) କର୍ତ୍ତିତ ।
ଛେନା–ବ. ଦୁଗ୍ଧଜାତ ଏକପ୍ରକାର ଖାଦ୍ୟ ।
ଛେପ–ବ. (କ୍ଷିପ୍‌ଧାତୁଜ) ନିଷ୍ଠୀବନ; ଥୁକ୍କାର ।
ଛେରିବା–କ୍ରି. ତରଳ ମଳ ନିଃସାରଣ କରିବା ।

ଛେଲ୍ମ—ବ. ପରମାଣବିଶେଷ ।
ଛେଲବା—କ୍ରି. ପୃଷ୍ଟିବା ।
ଛେଳି—ବ. ଛାଗଳ ।
ଛେଳ—ବ. ଛାଗ; ବକଲ ।
ଛୋକାର—ବ.(ଶୀକାରଶବ୍ଦଜ)ଉପପତ୍ନୀର ପୁଅ; ବେଶ୍ୟାର ପୁଅ; ଭଡ଼ୁଆ ।
ଛୋଟ—ବି. (କ୍ଷୁଦ୍ରଶବ୍ଦଜ) ସାନ; କନିଷ୍ଠ; ଅଧମ ।
ଛୋଟା—ବି. ଲେଙ୍ଗଡ଼ା ।
ଛୋଟୀ—ବି. ଲେଙ୍ଗଡ଼ି ।

---

## ଜ

ବ୍ୟଞ୍ଜନବର୍ଣ୍ଣର ଅଷ୍ଟମ ଅକ୍ଷର ।

ଜ—ଜାତ (ଶବ୍ଦର ଶେଷରେ ପ୍ରଯୁକ୍ତ)
ଜଉ—ବ. (ଜତୁଶବ୍ଦଜ) ଲାଖ ।
ଜକଜକ—ବି. ଉଜ୍ଜ୍ୱଳ ।
ଜକାଜକି—କ୍ରି. ଲଗାଲଗି ।
ଜଖ—ବ. (ଯକ୍ଷଶବ୍ଦର ଅପଭ୍ରଂଶ) ପ୍ରବାଦ ଅଛି ଯେ କୌଣସି ସ୍ଥଳରେ ପୂର୍ବେ ଅନେକ ଧନ-ରାଶି ପୋତା ରହିଲେ ତାହା ଜନ୍ତୁ ପାଲଟି-ଯାଇ ଭ୍ରମଣଶୀଳ ହୁଏ; ସେହି ସ୍ୱର୍ଣ୍ଣସର୍ପଙ୍କୁ ଜଖ କହନ୍ତି ।
ଜଗଝମ୍ପ—ବ. ବାଦ୍ୟଯନ୍ତ୍ରବିଶେଷ ।
ଜଗତ—ବ. (ଗମ୍-ଅତ) ସଂସାର ।
ଜଗତୀ—ବ. (ଜଗତ-ଈ) ପୃଥିବୀ ।
ଜଗଚ୍ଚକ୍ଷୁଃ—ବ. (ଜଗତ-ଚକ୍ଷୁଃ) ସୂର୍ଯ୍ୟ ।
ଜଗତପିତା—ବ. ବ୍ରହ୍ମାଣ୍ଡରକ୍ଷକ ।
ଜଗତ-ପ୍ରାଣ—ବ. ବାୟୁ; ପବନ ।
ଜଗଦମ୍ବା—ବ.(ଜଗତ-ଅମ୍ବା)ଜଗନ୍ମାତା; ଦୁର୍ଗା ।
ଜଗଦୀଶ—ବ. (ଜଗତ-ଈଶ) ଜଗନ୍ନାଥ ।
ଜଗଦ୍ଧାତ୍ରୀ—ବ. (ଜଗତ-ଧାତ୍ରୀ) ଦୁର୍ଗା ।
ଜଗନ୍ନାଥ—ବ. (ଜଗତ-ନାଥ) ବ୍ରହ୍ମାଣ୍ଡର ପ୍ରଭୁ; ପୁରୀର ପ୍ରସିଦ୍ଧ ଠାକୁର ।
ଜଘନ—ବ. (ହନ୍-ଯଙ୍-ଅନ) କଟି ।
ଜଘନ୍ୟ—ବି. (ଜଘନ-ଯ) ନୀଚ; ହେୟ ।
ଜଙ୍ଗମ—ବି. (ଗମ୍-ଅ) ଗମନଶୀଳ; ଅସ୍ଥାବର ।
ଜଙ୍ଗଲ—ବ. ଅରଣ୍ୟ; ପଡ଼ିଆଜମି ।
ଜଙ୍ଗଲୀ—ବି. ଅସଭ୍ୟ ।
ଜଂଘ—ବ. (ଜଙ୍ଘାଶବ୍ଦଜ) ଊରୁ । [ଜାନୁ ।
ଜଂଘା—ବ. (ଜଙ୍ଘ-ଆ) କଟିଠାରୁ ଅଣ୍ଟୁପର୍ଯ୍ୟନ୍ତ;
ଜଂଘିହରଡ଼ା—ବ. କ୍ଷୁଦ୍ର ହରଲକା ।
ଜଂଘିଆ—ବ. ଜାନୁ-ଆଚ୍ଛାଦକ ବସ୍ତ୍ର ।
ଜଞ୍ଜିର—ବ. ଘର ବୁଝିବା ।
ଜଞ୍ଜାଳ—ବ. ଆବର୍ଜନା; ଉତ୍ପାତ ।
ଜଟ—ବ. (ଜଟାଶବ୍ଦଜ) ଜଟା; ଜଡ଼ିତ କେଶ ।
ଜଟାଜୁଟ—ବ. ଏକତ୍ରିତ ଜଟାସମୂହ ।
ଜଟାମାଂସୀ—ବ.(ଜଟା-ମାଂସୀ)ଔଷଧିବିଶେଷ ।
ଜଟିଆ—ବି. ଜଟାଯୁକ୍ତ । [ଦୁର୍ବୋଧ୍ୟ ।
ଜଟିଳ—ବି. ( ଜଟା-ଇଲ ) ଜଟାଧାରୀ;
ଜଟୁଲି—ବ. ଦେହରେ ଥିବା କଳାଜାଇ ବା
ଜଠର—ବ. ଉଦର; ଗର୍ଭ । [ଚିହ୍ନ ।
ଜଠର-ଜ୍ୱାଳା—ବ. ଅତ୍ୟନ୍ତ କ୍ଷୁଧା ।

ଜଡ଼-ବିଂ. (ଜଲ୍-ଅ) ଅଚେତନ; ବୁଦ୍ଧିହୀନ; ନିସ୍ତେଜ ।

ଜଡ଼ତା-ବି. ନିଶ୍ଚେଷ୍ଟତା; ସ୍ତବ୍ଧଭାବ ।

ଜଡ଼ା-ବି. ଗବଗଛ । ବିଂ. କାଲ ।

ଜଡ଼ି-ବି. ଔଷଧବୃକ୍ଷର ମୂଳ ।

ଜଡ଼ିତ-ବିଂ. ଲିପ୍ତ; ଅବେଷ୍ଟିତ ।

ଜଡ଼ିବା-କ୍ରି. ମିଶିବା; ଯୁକ୍ତ ହେବା ।

ଜଡ଼ିମା-ବି. (ଜଡ୍-ଇମନ୍) ଜଡ଼ଭାବ; ଜାଡ୍ୟ ।

ଜଡ଼ୌ-ବିଂ. ମଣିଖଚିତ ।

ଜଣ-ବି. (ଜନଶବ୍ଦଜ) ଲୋକ; ମନୁଷ୍ୟ ।

ଜଣା-ବିଂ. (ଜ୍ଞାଧାତୁରୁ) ଜ୍ଞାତ ।

ଜଣାଣ-ବି. (ଜ୍ଞାଧାତୁଜ) ପ୍ରାର୍ଥନା ।

ଜତୁ-ବି. ଜଉ; ଲାକ୍ଷା ।

ଜତ୍ରୁ-ବି. ଗ୍ରୀବାସ୍ଥି ।

ଜନ-ବି. (ଜନ୍-ଅ) ମନୁଷ୍ୟ ।

ଜନକ-ବି. (ଜନ୍-ଅକ) ପିତା; ରାଜର୍ଷିବିଶେଷ ।

ଜନତା-ବି. (ଜନ-ତା) ଜନସମୂହ; ଭିଡ଼ ।

ଜନନ-ବି. (ଜନ୍-ଅନ) ଉତ୍ପତ୍ତି ।

ଜନନୀ-ବି. (ଜନ୍-ଅନ-ଈ) ମାତା ।

ଜନପଦ-ବି. ଦେଶ; ଲୋକାଳୟ ।

ଜନୟିତା-ବି. (ଜନ୍-ଇ-ତୃ) ପିତା ।

ଜନୟିତ୍ରୀ-ବି. (ଜନ୍-ଇ-ତୃ-ଈ) ମାତା । ବିଂ. ଉତ୍ପାଦିକା ।

ଜନରବ, ଜନ-ଶ୍ରୁତି } ବି. କିମ୍ବଦନ୍ତୀ; ଶୁଣାକଥା ।

ଜନସ୍ଥାନ-ବି. ଦଣ୍ଡକାରଣ୍ୟ ମଧ୍ୟସ୍ଥ ସ୍ଥାନବିଶେଷ ।

ଜନାନା-ବି. ସ୍ତ୍ରୀମହଲ ।

ଜନାନ୍ତିକ-ବିଂ. (ଜନ-ଅନ୍ତିକ) ଗୋପନ ।

ଜନାର୍ଦ୍ଦନ-ବି. (ଜନ-ଅର୍ଦ୍ଦ-ଅନ) ବିଷ୍ଣୁ ।

ଜନୀ-ବି. (ଜନ୍-ଇ) ସ୍ତ୍ରୀ ।

ଜନିତ-ବିଂ. (ଜନ୍-ତ) ଉତ୍ପାଦିତ ।

ଜନୀନ-ବିଂ (ଜନ୍-ଈନ) ଜନସମ୍ବନ୍ଧୀୟ ।

ଜନ୍ତା-ବି. (ଯନ୍ତ୍ରଶବ୍ଦଜ) ପାଣି ବୁହାଇବା ଢୋଣା ।

ଜନ୍ତୁ-ବି. (ଜନ୍-ତୁ) ପ୍ରାଣୀ; ଜୀବ ।

ଜନ୍ଦା-ବି. ପିପୀଲିକା ବିଶେଷ ।

ଜନ୍ମ-ବି. (ଜନ୍-ମନ୍) ଉତ୍ପତ୍ତି ।

ଜନ୍ମାନ୍ତର-ବି. (ଜନ୍ମ-ଅନ୍ତର) ଅନ୍ୟ ଜନ୍ମ ।

ଜନ୍ମପତ୍ରିକା-ବି. କୋଷ୍ଠୀ; ଜାତକପତ୍ର ।

ଜନ୍ମାଷ୍ଟମୀ-ବି. ଭାଦ୍ରମାସର କୃଷ୍ଣାଷ୍ଟମୀ ।

ଜପ-ବି.(ଜପ୍-ଅ) ମନ୍ତ୍ରର ବାରମ୍ବାର ଉଚ୍ଚାରଣ ।

ଜପମାଳା-ବି. ଅକ୍ଷମାଳା ।

ଜବା-ବି. ପୁଷ୍ପବିଶେଷ ।

ଜବାବ-ବି. ପ୍ରତ୍ୟୁତ୍ତର ।

ଜମା-ବି. ଆୟ; ସଞ୍ଚୟ ।

ଜମାଇବା-କ୍ରି. ସଞ୍ଚୟ କରିବା ।

ଜମାଉତ-ବି. ସିପାହୀଦଳ ।

ଜମି-ବି. ଭୂମି; କ୍ଷେତ୍ର ।

ଜମିଦାର-ବି. ଭୂମ୍ୟଧିକାରୀ ।

ଜମ୍ବାଲ-ବି. ଶୈବାଳ ।

ଜମ୍ବାଲିନୀ-ବି. ନଦୀ ।

ଜମ୍ବୀର-ବି. ଏକପ୍ରକାର ବଡ଼ ଲେମ୍ବୁ ।

ଜମ୍ବୁ-ବ. ଜାମୁଗଛ; ଜମ୍ବୁଦ୍ୱୀପ ।

ଜମ୍ବୁନଦ-ବ. ସୁବର୍ଣ୍ଣ ।

ଜମ୍ବୁକ-ବ. ଶୃଗାଳ; ଧୂର୍ତ୍ତବ୍ୟକ୍ତି ।

ଜମ୍ଭାରି-ବ. (ଜମ୍ଭ-ଅରି) ଇନ୍ଦ୍ର ।

ଜୟ-ବ. (ଜି-ଅ) ଶତ୍ରୁଦମନ ।

ଜୟନ୍ତ-ବ. (ଜି-ଅନ୍ତ) ଇନ୍ଦ୍ର-ପୁତ୍ର ।

ଜୟନ୍ତୀ-ବ. (ଜି-ଅନ୍ତୀ) ଦୁର୍ଗା; ବୃକ୍ଷବିଶେଷ ।

ଜୟପାଳ-ବ. ସାରକ ଔଷଧବିଶେଷ ।

ଜୟୀ-ବି. (ଜୟ-ଇନ୍) ଜୟଶୀଳ; ଜୟଯୁକ୍ତ ।

ଜରଠ-ବି. (ଜୄ-ଅଠ) ବୃଦ୍ଧ; ଜୀର୍ଣ୍ଣ ।

ଜରତ୍-ବି. (ଜୄ-ଅତ୍) ବୃଦ୍ଧ; ଜୀର୍ଣ୍ଣ ।

ଜରତୀ-ବି. ବୃଦ୍ଧା ।

ଜରଦ୍ଗବ-ବ. (ଜରତ୍-ଗୋ) ବୃଦ୍ଧ ବୃଷ ।

ଜରା-ବ. (ଜୄ-ଅ) ବାର୍ଦ୍ଧକ୍ୟ; ଜୀର୍ଣ୍ଣତା ।

ଜରାୟୁ-ବ. ଗର୍ଭାଶୟ ।   [ଜାତ ।

ଜରାୟୁଜ-ବି. ( ଜରାୟୁ-ଜନ୍-ଅ ) ଜରାୟୁରୁ

ଜର୍ଜ୍ଜର / ଜର୍ଜ୍ଜରିତ } ବି. (ଜୄ-ଯଙ୍-ଅ,ତ) ଜୀର୍ଣ୍ଣ; ଅଭିଭୂତ ।

ଜଳ-ବ. (ଜଳ୍-ଅ) ପାଣି; ବାରି ।

ଜଳକା-ବି. ଯେ ରହିଥିଲେ ସୁଦ୍ଧା ଦେଖି-ପାରେ ନାହିଁ ।

ଜଳ-କର-ବ. ଜଳରୁ ଉତ୍ପନ୍ନ ରାଜସ୍ୱ ।

ଜଳ-ଚର-ବ. ଜଳଜନ୍ତୁ । ବି. ଜଳସ୍ଥ ।

ଜଳଜ-ବ. (ଜଳ-ଜନ୍-ଅ) ପଦ୍ମ । ବି. ଜଳ-

ଜଳଦ-ବ. (ଜଳ-ଦା-ଅ) ମେଘ ।   [ଜାତ ।

ଜଳଧର-ବ. (ଜଳ-ଧୃ-ଅ) ମେଘ ।

ଜଳଧି-ବ. (ଜଳ-ଧା-ଇ) ସମୁଦ୍ର ।

ଜଳନିଧି-ବ. (ଜଳ-ନି-ଧା-ଇ) ସମୁଦ୍ର ।

ଜଳପାନ-ବ. ଜଳପାନ କରିବା; ଜଳଖିଆ; ଭୁଜା ବା ପିଷ୍ଟକାଦି ଦ୍ରବ୍ୟ ।

ଜଳ-ପ୍ରପାତ-ବ. ନିର୍ଝର, ଝରଣା ।   [ଯନ୍ତ୍ର ।

ଜଳଯନ୍ତ୍ର-ବ. ଧାରାଯନ୍ତ୍ର; ଜଳ ପରିଷ୍କୃତ କରିବାର

ଜଳା-ବ. ରନ୍ଧ୍ର; କଣା ।

ଜଳାକବାଟୀ-ବ. ଝରକା; ବାତାୟନ

ଜଳାଞ୍ଜଳି-ବ. (ଜଳ-ଅଞ୍ଜଳି) ଜଳର ଅଞ୍ଜଳା; ବିସର୍ଜ୍ଜନ ।

ଜଳାଶୟ-ବ. (ଜଳ-ଆଶୟ) ଜଳର ଆଧାର ।

ଜଳୋଚ୍ଛ୍ୱାସ-ବ. ( ଜଳ-ଉଚ୍ଛ୍ୱାସ ) ଜଳର ସ୍ଫୀତତା; ଜୁଆର ।

ଜଳୌକା-ବ. (ଜଳ-ଓକସ୍) ଜୋକ ।

ଜଳ୍ପ / ଜଳ୍ପନା } ବ. (ଜଳ୍ପ-ଅ,-ଅନ-ଆ) କଥନ; ଗଳ୍ପ ।

ଜଳ୍ପିତ-ବି. କଥିତ ।

ଜଲ୍‌ଦି-କ୍ରି. ବି. ଶୀଘ୍ର ।   [ଜଳପଡ଼ି ।

ଜଳସ୍ତମ୍ଭ-ବ. ମେଘରୁ ସ୍ତମ୍ଭାକାରରେ ପଡ଼ିତ

ଜହର-ବ. ବିଷ; ଗରଳ ।   [ଚନ୍ଦ୍ର ।

ଜହ୍ନ-ବ. (ଜ୍ୟୋତ୍ସ୍ନାର ଅପଭ୍ରଂଶ) ଜ୍ୟୋତ୍ସ୍ନା;

ଜହ୍ନୀ-ବ. (ଜ୍ୟୋତ୍ସ୍ନୀଶବ୍ଦଜ) ଫଳବିଶେଷ ।

ଜହ୍ନୁ-ବ. ଋଷିବିଶେଷ ।

ଜହ୍ନୁ-କନ୍ୟା-ବ. ଗଙ୍ଗାନଦୀ ।

ଜାଈ—ବି. (ଜାତିଶବ୍ଦଜ) ଜାଇଫୁଲ; କଣ୍ଠାମୁଣ୍ଡି-ଜାଲ; ଦେହର ଚିହ୍ନବିଶେଷ।

ଜାଉ—ବି. (ଯବାଗୁଶବ୍ଦଜ) ଅଲ୍ପମଣ୍ଡ।

ଜାକି—ବିଂ. ସଂକୀର୍ଣ୍ଣ।

ଜାକିବା—କ୍ରି. ଚଢ଼ିବା।

ଜାଗର—ବି. (ଜାଗୃ-ଅ) ଅନିଦ୍ରା; ଶିବରାତ୍ରି।

ଜାଗରଣ—ବି. (ଜାଗୃ-ଅନ) ନିଦ୍ରାରୁ ଉତ୍ଥାନ।

ଜାଗରିତ—ବିଂ. (ଜାଗୃ-ତ) ନିଦ୍ରୋତ୍ଥିତ।

ଜାଗରୂକ—ବିଂ. (ଜାଗୃ-ଊକ) ଜାଗରଣଶୀଳ;

ଜାଗା—ବି. ସ୍ଥାନ। [ଜାଗ୍ରତ।

ଜାଗିର—ବି. ସନଦତ୍ତ ଭୂସମ୍ପତ୍ତି।

ଜାଗ୍ରତ—ବିଂ. (ଜାଗୃ-ଅତ) ନିଦ୍ରୋତ୍ଥିତ; ସଚେତନ।

ଜାଙ୍ଗଲିକ—ବି. (ଜାଙ୍ଗଲ-ଇକ) ବିଷବୈଦ୍ୟ।

ଜାଜ୍ୱଲ୍ୟମାନ—ବିଂ. (ଜ୍ୱଲ୍-ଯଙ୍-ଆନ) ଦେଦୀପ୍ୟମାନ।

ଜାଡ଼—ବି. (ଜଡ଼ଶବ୍ଦଜ) ହିମ; ଶୀତ।

ଜାଡ଼୍ୟ—ବି. (ଜଡ଼-ଯ) ଜଡ଼ତା; ନିଶ୍ଚେଷ୍ଟଭାବ।

ଜାତ—ବିଂ. (ଜନ୍-ତ) ଉତ୍ପନ୍ନ।

ଜାତକ—ବି. (ଜାତ-କ) ଜନ୍ମପତ୍ରିକା।

ଜାତକର୍ମ—ବି. (ଜାତ-କର୍ମ) ଜନ୍ମସଂସ୍କାରବିଶେଷ।

ଜାତବେଦାଃ—ବି. (ଜାତ-ବିଦ୍-ଅସ୍) ଅଗ୍ନି।

ଜାତି—ବି. (ଜନ୍-ତି) ଜନ୍ମଗତଶ୍ରେଣୀ; ବର୍ଣ୍ଣ; ପ୍ରକାର; ଜାଇଫୁଲ।

ଜାତିପାଠକ—ବି. ଜାତିବର୍ଗ।

ଜାତିଫଳ—ବି. (ଜାତି-ଫଳ) ଜାଇଫଳ।

ଜାତୀୟ—ବିଂ. (ଜାତି-ଈୟ) ଜାତିସମ୍ବନ୍ଧୀୟ।

ଜାତୁଧାନ—ବି. ରାକ୍ଷସ।

ଜାତ୍ୟ—ବିଂ. (ଜାତି-ଯ) କୁଳୀନ; ଶ୍ରେଷ୍ଠ।

ଜାଦୁ—ବି. (ଦଦ୍ରୁଶବ୍ଦଜ) ଚର୍ମରୋଗବିଶେଷ; କୁହୁକ; ମାୟା।

ଜାନକୀ—ବି. (ଜନକ-ଈ) ଜନକକନ୍ୟା; ସୀତା।

ଜାନପଦ—ବି. (ଜନପଦ-ଅ) ଜନପଦବାସୀ।

ଜାନୁ—ବି. (ଜନ୍-ଉ) ଊରୁସନ୍ଧି; ଆଣ୍ଠୁ।

ଜାଫ୍ରାନ୍—ବି. କୁଙ୍କୁମ। [ପରଶୁରାମ।

ଜାମଦଗ୍ନ୍ୟ—ବି. (ଜମଦଗ୍ନି-ଯ) ଜମଦଗ୍ନିପୁତ୍ର,

ଜାମା—ବି. କୁର୍ତ୍ତା; ଅଙ୍ଗରଖା। [ଜୁଆଁଇ।

ଜାମାତା—ବି. (ଜା-ମା-ତୃ) କନ୍ୟାର ପତି;

ଜାମି—ବି. (ଜନ୍-ମି) କନ୍ୟା; ଭଗିନୀ।

ଜାମିନ୍—ବି. ବନ୍ଧକ; ପ୍ରତିଭୂ।

ଜାମ୍ବବାନ୍—ବି. (ଜାମ୍ବ-ବତୁ) ଭଲ୍ଲୁକରାଜ

ଜାମ୍ବୁନଦ—ବି. ସ୍ୱର୍ଣ୍ଣ।

ଜାୟୁ—ବି. ଔଷଧ।

ଜାୟା—ବି. (ଜନ୍-ଯ-ଆ) ପତ୍ନୀ। [ଦମ୍ପତି।

ଜାୟାପତି—ବି. (ଜାୟା ଓ ପତି) ସ୍ତ୍ରୀପୁରୁଷ;

ଜାର—ବି. (ଜୄ-ଅ) ଉପପତି।

ଜାରକ—ବିଂ. ଯାହା ଜୀର୍ଣ୍ଣ କରାଏ; ପାଚକ।

ଜାରଜ—ବି. (ଜାର-ଜନ୍-ଅ) ଉପପତିଜାତ ସନ୍ତାନ।

ଜାରଣ—ବି. (ଜୄ-ଅନ) ଭସ୍ମୀକରଣ।

ଜାଲ—ବି. (ଜଲ୍-ଅ) ସମୂହ।

ଜାଳ-ବି. (ଜ୍ୱଲ୍‌ଧାତୁରୁ) ଜାଳିବା କାଠ ।

ଜାଲ-ବି.(ଜଲ୍-ଅ) ମତ୍ସ୍ୟ ବା ପଶୁପକ୍ଷୀ ପ୍ରଭୃତି ବନ୍ଧନାର୍ଥ ସୂତ୍ର ନିର୍ମିତ ଯନ୍ତ୍ର ।

ଜାଲ୍-ବିଂ. ମିଥ୍ୟା; କପଟ; କୃତ୍ରିମ ।

ଜାଲ-ପାଦ-ବି. ହଂସ ।

ଜାଲଜାଲୁଆ-ବିଂ. ଅଷ୍ଟବକ୍ର । [ପ୍ରବଞ୍ଚକ ।

ଜାଲିକ-ବିଂ. (ଜାଲ-ଇକ) ବ୍ୟାଧ ; ଧୀବର ;

ଜାଲିଚଟୁ-ବି. ଛିଦ୍ରବିଶିଷ୍ଟ ଲୌହଯନ୍ତ୍ର; ତପ୍ତ-ଘୃତରୁ ପିଠା ଉଠାଇବାର ଯନ୍ତ୍ରବିଶେଷ ।

ଜାଳି-ବି. ଜାଲପରି ଅସଂଖ୍ୟ ଛିଦ୍ରବିଶିଷ୍ଟ ପ୍ରସ୍ତର ଶିଳ୍ପ ।

ଜାବୁଡ଼ା-ବି. ଖିଞ୍ଚୁଡ଼ା ।

ଜାହାଜ-ବି. ଅର୍ଣ୍ଣବଯାନ; ବୋଇତ ।

ଜାହାଲା-ବି. ପାଣି ରଖିବାର ବୃହତ୍‌ପାତ୍ର ।

ଜାହ୍ନବୀ-ବି. (ଜହ୍ନୁ-ଅ-ଈ) ଗଙ୍ଗା ।

ଜିଆଁ-ବି. କୀଟବିଶେଷ; କିଅନାଳ ।

ଜିଗମିଷା-ବି. (ଗମ୍-ସନ୍-ଅ)) ଗମନେଚ୍ଛା ।

ଜିଗର-ବି. କଲିଜା ।

ଜିଗୀଷା-ବି. ( ଜି-ସନ୍-ଅ ) ଜୟ କରିବାର [ଇଚ୍ଛା ।

ଜିଗୀଷୁ-ବିଂ. ଜୟେଚ୍ଛୁ ।

ଜିଘାଂସା-ବି. (ହନ୍-ସନ୍-ଅ) ହନନେଚ୍ଛା ।

ଜିଘାଂସୁ-ବିଂ. (ହନ୍-ସନ୍-ଉ) ହନନେଚ୍ଛୁ; ଶତ୍ରୁ ।

ଜିଘୃକ୍ଷା-ବି. (ଗ୍ରହ୍-ସନ୍-ଅ) ଗ୍ରହଣେଚ୍ଛା ।

ଜିଜୀବିଷା-ବି. (ଜୀବ୍-ସନ୍-ଅ) ବଞ୍ଚିବାର ଇଚ୍ଛା ।

ଜିଜ୍ଞାସା-ବି. (ଜ୍ଞା-ସନ୍-ଅ) ଜାଣିବାର ଇଚ୍ଛା ।; ପ୍ରଶ୍ନ ।

ଜିଜ୍ଞାସିତ-ବିଂ. (ଜ୍ଞା-ସନ୍-ତ) ଯେଉଁ ବିଷୟରେ ବା ଯାହାକୁ ଜିଜ୍ଞାସା କରଯାଏ ।

ଜିଜ୍ଞାସୁ-ବିଂ. (ଜ୍ଞା-ସନ୍-ଉ) ଜାଣିବାକୁ ଇଚ୍ଛୁକ ।

ଜିଜ୍ଞାସ୍ୟ-ବିଂ. (ଜ୍ଞା-ସନ୍-ଯ) ଜିଜ୍ଞାସାଯୋଗ୍ୟ ।

ଜିଣିବା-କ୍ରି. (ଜିଧାତୁରୁ) ଜୟ କରିବା ।

ଜିତ୍-ବିଂ. (ଜି-କ୍ୱିପ୍) ଜୟକାରୀ (ଶବ୍ଦାନ୍ତେ ପ୍ରଯୁକ୍ତ) ।

ଜିତ-ବିଂ. (ଜି-ତ) ପରାଜିତ ।

ଜିତେନ୍ଦ୍ରିୟ-ବିଂ. ଇନ୍ଦ୍ରିୟ ଜୟକାରୀ; ତପସ୍ୱୀ ।

ଜିତ୍ୱର-ବିଂ. (ଜି-ବର) ଜୟଶୀଳ ।

ଜିନ-ବି. ( ଜି-ନ ) ତପସ୍ୟାଦ୍ୱାରା ଜୟକାରୀ ; ମୁନିବିଶେଷ ।

ଜିନିସ-ବି. ଦ୍ରବ୍ୟ ।

ଜିଭ୍-ବି. (ଜିହ୍ୱାଶବ୍ଦଜ) ଜିହ୍ୱା ।

ଜିଲ୍ଲା-ବି. ଦେଶର ବିଭାଗ ।

ଜିଷ୍ଣୁ-ବି. (ଜି-ଷ୍ଣୁ) ଇନ୍ଦ୍ର; ବିଷ୍ଣୁ; ଜୟକାରୀ ।

ଜିହୀର୍ଷା-ବି. (ହୃ-ସନ୍-ଅ) ହରଣେଚ୍ଛା ।

ଜିହ୍ମ-ବିଂ. ବକ୍ର ।

ଜିହ୍ୱା-ବି. ଜିଭ, ରସନେନ୍ଦ୍ରିୟ ।

ଜୀଇବା-କ୍ରି. (ଜୀବ୍‌ଧାତୁରୁ) ବଞ୍ଚିବା ।

ଜୀମୂତ-ବି. (ଜି-ମୂ-ତ) ମେଘ ।

ଜୀମୂତ-ବାହନ-ବି. ଇନ୍ଦ୍ର ।

ଜୀୟନ୍ତା-ବିଂ. ଜୀବନ୍ତ ।

ଜୀର, ଜୀରକ } ବି. (ଜୃ-ଅ,-କ) ଜୀରା ।

ଜୀର୍ଣ୍ଣ-ବିଂ. (ଜୃ-ତ) ପୁରାତନ; ବୃଦ୍ଧ; ପରିପକ୍ୱ ।

ଜୀର୍ଣ୍ଣ-ସଂସ୍କାର-ବି. ମରାମତି ।

ଜୀର୍ଣ୍ଣୋଦ୍ଧାର-ବି. (ଜୀର୍ଣ୍ଣ-ଉଦ୍ଧାର) ମରାମତି; ସଂସ୍କରଣ ।

ଜୀବ-ବି. (ଜୀବ୍-ଅ) ଜୀବାତ୍ମା; ପ୍ରାଣୀ; ଜୀବନ ।

ଜୀବଦ୍ଦଶା-ବି. (ଜୀବତ୍-ଦଶା) ଜୀବନକାଳ ।

ଜୀବନ-ବି. (ଜୀବ୍-ଅନ) ପ୍ରାଣ; ଜୀବିକା; ଜଳ; ମଜ୍ଜା; ବାୟୁ ।

ଜୀବନ୍ତ-ବିଂ. (ଜୀବ୍-ଅନ୍ତ) ଜୀଅନ୍ତା; ଜୀବିତ ।

ଜୀବନ୍ମୁକ୍ତ-ବିଂ. (ଜୀବତ୍-ମୁକ୍ତ) ଜୀବଦ୍ଦଶାରେ ସଂସାରବନ୍ଧନରୁ ମୁକ୍ତ । [ପ୍ରାୟ ।

ଜୀବନ୍ମୃତ-ବିଂ. (ଜୀବତ୍-ମୃତ) ଜୀବଦ୍ଦଶାରେ ମୃତ-

ଜୀବଲୋକ-ବି. ମର୍ତ୍ତ୍ୟଲୋକ ।

ଜୀବାତୁ-ବି. ଜୀବିକା ।

ଜୀବାତ୍ମା-ବି. (ଜୀବ-ଆତ୍ମା) ଶରୀର-ବଦ୍ଧ ଆତ୍ମା ।

ଜୀବିକା-ବି. (ଜୀବ୍-ଅକ-ଆ) ଜୀବନୋପାୟ; ବୃତ୍ତି । [ପ୍ରାଣ ।

ଜୀବିତ-ବିଂ. (ଜୀବ୍-ତ) ଜୀବନଯୁକ୍ତ; ବି. ଜୀବନ;

ଜୀବିତେଶ-ବି. (ଜୀବିତ-ଈଶ) ପ୍ରାଣେଶ୍ୱର ।

ଜୀବୀ-ବିଂ. (ଜୀବ୍-ଇନ୍) ଜୀବନବିଶିଷ୍ଟ (ଅନ୍ୟ ଶବ୍ଦପରେ ପ୍ରଯୁକ୍ତ) ।

ଜୁଆ-ବି. (ଦ୍ୟୁତଶବ୍ଦଜ) ଏକପ୍ରକାର ପଶାଖେଳ ।

ଜୁଆଁଇ-ବି. (ଜାମାତୃଶବ୍ଦଜ) ଜାମାତା ।

ଜୁଆଣି-ବି. ମସଲାବିଶେଷ ।

ଜୁଆର-ବି. ସମୁଦ୍ରରୁ ଆଗତ ଜଳୋଚ୍ଛ୍ୱାସ ।

ଜୁଆଳି-ବି. (ଯୁଗଳଶବ୍ଦଜ) ଯୋଏ ଗୋରୁ କାନ୍ଧର କାଠ ।

ଜୁଇ-ବି. (ଯୂଥୀଶବ୍ଦଜ) ପୁଷ୍ପବିଶେଷ ।

ଜୁଗୁପ୍ସା-ବି. (ଗୁପ୍-ସନ୍-ଅ) ନିନ୍ଦା; ଘୃଣା ।

ଜୁଗୁପ୍ସିତ-ବିଂ. ନିନ୍ଦିତ; ଘୃଣିତ ।

ଜୁଗୋପିଷା-ବି. (ଗୁପ୍-ସନ୍-ଅ) ଗୋପନ କରିବାର ଇଚ୍ଛା ।

ଜୁଡ଼ା-ବି. (ଚୂଡ଼ାଶବ୍ଦଜ) କେଶବିନ୍ୟାସ ବିଶେଷ ।

ଜୁଣି-ବି. ତୃଣବିଶେଷ ।

ଜୁତା-ବି. ଜୋତା; ପାଦତ୍ରାଣ; ଚର୍ମପାଦୁକା ।

ଜୁଲାବ-ବି. ସାରକ ଔଷଧ ।

ଜୁଳୁଜୁଳି ପୋକ-ବି. ଖଦ୍ୟୋତ ।

ଜୁହାର-ବି. ବିନୀତଭାବରେ ହାତ ଯୋଡ଼ି ଦଣ୍ଡବତ କରିବା ।

ଜୁଷ୍ଟ-ବିଂ. (ଜୁଷ୍-ତ) ସେବିତ ।

ଜୂଟ-ବି. (ଜୁଟ୍-ଅ) ସମୂହ ।

ଜୂର-ବିଂ. (ଜୃ ଧାତୁରୁ) ନଷ୍ଟ; ଉଜାଡ଼ ।

ଜୂଷ-ବି. (ଜୁଷ୍-ଅ) କ୍ୱାଥ; ଝୋଳ ।

ଜୃମ୍ଭକ-ବିଂ. (ଜୃମ୍ଭ୍-ଅକ) ଜୃମ୍ଭଣକାରୀ; ନିଦ୍ରାକାରକ ।

ଜୃମ୍ଭା, ଜୃମ୍ଭଣ-ବି. (ଜୃମ୍ଭ୍-ଅ-ଆ, ଅନ) ହାଇ-ପ୍ରକାଶ ।

ଜେଉଟି-ବି. ଫଳବିଶେଷ ।

ଜେଠା-ବି. ଜ୍ୟେଷ୍ଠତାତ; ପିତାର ଜ୍ୟେଷ୍ଠଭ୍ରାତା ।

ଜେଠାଇ-ବି. ଜ୍ୟେଷ୍ଠତାତର ସ୍ତ୍ରୀ ।

ଜେଠୁତା-ବି. ଜ୍ୟେଷ୍ଠତାତ; ଜେଠାପା ।

ଜେତା-ବିଂ. (ଜି-ତୃ) ଜୟକର୍ତ୍ତା ।

ଜେନାମଣି ବି. ରାଜପୁତ୍ର ।

ଜେମନ-ବି. (ଜମ୍-ଅନ) ଭୋଜନ ।

ଜେମା-ବି. (ଜାମିଶବ୍ଦଜ) ରାଜକନ୍ୟା ।

ଜେୟ-ବିଂ. (ଜି-ଯ) ଜେତବ୍ୟ; ଜୟ କରିବାର

ଜୈତ୍ର-ବିଂ. (ଜି-ତ୍ର) ଜୟଶୀଳ । [ଯୋଗ୍ୟ ।

ଜୈନ-ବି. (ଜିନ-ଅ) ଧର୍ମମତବିଶେଷ; ଜିନ-ମତାବଲମ୍ବୀ ।

ଜୈମିନି-ବି. ମୀମାଂସାଦର୍ଶନ-ପ୍ରଣେତା ମୁନି ।

ଜୋକ-ବି. ଜଳୌକା ।

ଜୋଗାଡ଼-ବି. ଉଦ୍ୟୋଗ ।

ଜୋଗାଡ଼ିବା-କ୍ରି. ରନ୍ଧନ କରିବ ନାନାବିଧ ପଦାର୍ଥ ଆୟୋଜନ କରିବା ।

ଜ୍ଞ-ବିଂ. (ଜ୍ଞା-ଅ) ଜ୍ଞାତା; (ଶବ୍ଦାନ୍ତେ ପ୍ରଯୁକ୍ତ) ।

ଜ୍ଞାତ-ବିଂ. (ଜ୍ଞା-ତ) ବିଦିତ; ଜଣା ।

ଜ୍ଞାତବ୍ୟ-ବିଂ. ଜାଣିବାର ଯୋଗ୍ୟ; ଜ୍ଞେୟ ।

ଜ୍ଞାତା-ବି. (ଜ୍ଞା-ତୃ) ଜାଣିବା ବ୍ୟକ୍ତି ।

ଜ୍ଞାତି-ବି. (ଜ୍ଞା-ତି) ସଗୋତ୍ର; ସପିଣ୍ଡ; କୁଟୁମ୍ବ ।

ଜ୍ଞାନ-ବି. (ଜ୍ଞା-ଅନ) ବୋଧ; ତତ୍ତ୍ୱବୋଧ ।

ଜ୍ଞାନୀ-ବିଂ. ( ଜ୍ଞାନ-ଇନ୍ ) ଜ୍ଞାନବାନ୍; ବିଜ୍ଞ; ତତ୍ତ୍ୱଜ୍ଞ । [ନାସିକା, ଜିହ୍ୱା, ତ୍ୱକ୍ ଏବଂ ମନଃ ।

ଜ୍ଞାନେନ୍ଦ୍ରିୟ-ବି. (ଜ୍ଞାନ-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ,

ଜ୍ଞାପନ-ବି. (ଜ୍ଞା-ଣିଚ୍-ଅନ) ବିଜ୍ଞାପନ, ଜଣାଇବା ।

ଜ୍ଞେୟ-ବିଂ. (ଜ୍ଞା-ଯ) ବୋଧଗମ୍ୟ; ଜ୍ଞାତବ୍ୟ ।

ଜ୍ୟା-ବି. (ଜ୍ୟା-କ୍ୱିପ୍) ପୃଥିବୀ; ଧନୁର୍ଗୁଣ; ବୃତ୍ତ-ମଧ୍ୟସ୍ଥ ରେଖା । [ଜ୍ୟେଷ୍ଠ; ଶ୍ରେଷ୍ଠ ।

ଜ୍ୟାୟାନ୍-ବିଂ. ( ବୃଦ୍ଧସ୍ଥାନେ ଜ୍ୟା-ଈୟସ୍ )

ଜ୍ୟେଷ୍ଠ-ବିଂ. (ବୃଦ୍ଧ-ଇଷ୍ଠ) ଅଗ୍ରଜ; ବଡ଼ ।

ଜ୍ୟେଷ୍ଠା-ବିଂ. ଅଗ୍ରଜା । ବି. ନକ୍ଷତ୍ରବିଶେଷ ।

ଜ୍ୟୋତିଃ-ବି. (ଦ୍ୟୁତ-ଇସ୍) ତେଜଃ; ଦୀପ୍ତି; ଆଲୋକ; ନକ୍ଷତ୍ର ।

ଜ୍ୟୋତିରିଙ୍ଗଣ-ବି. (ଜ୍ୟୋତିସ୍-ଇଙ୍ଗ୍-ଅନ) ଖଦ୍ୟୋତ; ଜୁଳୁଜୁଳିଆ ପୋକ ।

ଜ୍ୟୋତିର୍ବିଦ୍ } ବିଂ. (ଜ୍ୟୋତିଃ-ବିଦ୍-କ୍ୱିପ୍,<br>
ଜ୍ୟୋତିର୍ବେତ୍ତା } ତୃ) ଜ୍ୟୋତିଃଶାସ୍ତ୍ରଜ୍ଞ ।

ଜ୍ୟୋତିଃଶାସ୍ତ୍ର-ବି. ଆକାଶସ୍ଥ ଗ୍ରହନକ୍ଷତ୍ରାଦିଙ୍କର ଆକାର ଓ ଗତି ପ୍ରଭୃତି ନିରୂପକଶାସ୍ତ୍ର ।

ଜ୍ୟୋତିଷ-ବି. (ଜ୍ୟୋତିସ୍-ଅ) ଜ୍ୟୋତିଃଶାସ୍ତ୍ର ।

ଜ୍ୟୋତିଷିକ-ବିଂ. (ଜ୍ୟୋତିସ୍-ଇକ) ଜ୍ୟୋତିଷ-ସମ୍ବନ୍ଧୀୟ ।

ଜ୍ୟୋତିଷ୍କ-ବି. (ଜ୍ୟୋତିସ୍-କ) ଗ୍ରହନକ୍ଷତ୍ରାଦି ଜ୍ୟୋତିର୍ମୟ ପଦାର୍ଥ । [ଜ୍ୟୋତିଷ୍ମତୀ) ।

ଜ୍ୟୋତିଷ୍ମାନ୍-ବିଂ. ଦୀପ୍ତିମାନ୍ ( ସ୍ତ୍ରୀଲିଙ୍ଗେ

ଜ୍ୟୋତ୍ସ୍ନା-ବି. ( ଜ୍ୟୋତିସ୍-ନ-ଅ ) ଚନ୍ଦ୍ରିକା; ଚନ୍ଦ୍ରକିରଣ ।

ଜ୍ୱର-ବି. (ଜ୍ୱର୍-ଅ) ଗାତ୍ରତାପରୋଗ; ପୀଡ଼ା ।

ଜ୍ୱରଘ୍ନ ବିଂ. (ଜ୍ୱର-ହନ୍-ଅ) ଜ୍ୱରନାଶକ ।

ଜ୍ୱରିତ-ବିଂ. ଜ୍ୱରଯୁକ୍ତ ।

ଜ୍ୱଳନ-ବି. (ଜ୍ୱଲ୍-ଅନ) ଦୀପନ; ଜ୍ୱାଳା; ଅଗ୍ନି ।

ଜ୍ୱଳନ୍ତ-ବିଂ. ପ୍ରଜ୍ୱଳିତ ।

ଜ୍ୱାଳା-ବି. (ଜ୍ୱଲ୍-ଅ) ଅଗ୍ନିଶିଖା; ଦାହ ।

ଜ୍ୱାଳାମୁଖୀ-ବି. ମୃତ୍ତିକା ଗର୍ଭରୁ ଉଦ୍ଗୀର୍ଣ୍ଣ ପ୍ରଜ୍ୱଳିତ ବହ୍ନିମୟ ସ୍ଥଳୀ ।

# ଝ

ବ୍ୟଞ୍ଜନ ବର୍ଣ୍ଣର ନବମ ବର୍ଣ୍ଣ ।

ଝଜ୍ମକି-ବି. ଅଗ୍ନି ଉତ୍ପାଦକ ପ୍ରସ୍ତର ବିଶେଷ ।

ଝକ୍ମାଝି—ବି. ଅପରାଧ; ଝଟି ।

ଝଙ୍କାର—ବି. (ଝମ୍-କୃ-ଅ) ଗମ୍ଭୀରଧ୍ୱନି ।

ଝଗଡ଼ା—ବି. ବିବାଦ ।

ଝଗଡ଼ିହେବାର—କ୍ରି. ବି. ବିବାଦହେବାର ।

ଝଂଝଟ୍—ବି. (ଝନ୍-ଝଟ୍-ଅ) ବ୍ୟସ୍ତତା; ଜଞ୍ଜାଳ ।

ଝଞ୍ଜା—ବି. ତପ୍ତପବନ; ଝଡ଼ ।

ଝଟ୍—କ୍ରି. ବି. (ଝଟିତିଶବ୍ଦର ଅପଭ୍ରଂଶ) ଶୀଘ୍ର, ଅବିଳମ୍ବେ ।

ଝଟକ—ବି. କାନ୍ତି; ଶୋଭା ।

ଝଟକିବା—କ୍ରି. ଜାଜ୍ୱଲ୍ୟମାନ ହେବା ।

ଝଟା / ଝାଟି—ବି. ବୃକ୍ଷ ଗୁଳ୍ମାଦିର ସରୁ ସରୁ ଶାଖା ।

ଝଟିକା—ବି. ତୋଫାନ; ବାତ୍ୟା ।

ଝଟିତି—କ୍ରି. ବି. ଶୀଘ୍ର; ବେଗେ ।

ଝଡ଼ି—ବି. ଅବିଶ୍ରାନ୍ତ ବୃଷ୍ଟିପାତ ।

ଝଡ଼ିପୋକ—ବି. ବୃଷ୍ଟିସୂଚକ ପୋକବିଶେଷ; ପକ୍ଷଯୁକ୍ତ ଉଇପିମ୍ପୁଡ଼ି ।

ଝଡ଼ିବା—କ୍ରି. ବୃକ୍ଷରୁ ପତ୍ରାଦିର ଖସିପଡ଼ିବା ।

ଝଣଝଣ / ଝଣତ୍କାର—ବି. ଧାତୁନିର୍ମିତ ଦ୍ରବ୍ୟର ଝନ୍ଝନ୍ ଶବ୍ଦ ।

ଝପଟ—ବି. ଦୌଡ଼ ।

ଝପଟିବା—କ୍ରି. ଦୌଡ଼ିବା ।

ଝମ୍ପ—ବି. କୁଦା ।

[illegible]

ଝରଣା—[illegible] (ଝୃ-ଅ,-ଅନ-ଅ) ଉତ୍ସ; ନିର୍ଝର ।

ଝରକା—ବି. ବାତାୟନ; [illegible]

ଝରଝର—ବି. ଜଳାଦିର ପତନଶବ୍ଦ ।

ଝରି—ବି. ପୁଷ୍ପଗୁଚ୍ଛ; ନବାତରୁ ନିର୍ଗତ ସୂତ୍ରବିଶେଷ ।

ଝରାଇବା—କ୍ରି. କ୍ଷରିତ କରାଇବା ।

ଝରୁ—ବି. ଘଡ଼ୁ ।

ଝରିବା—କ୍ରି. କ୍ଷରିବା ।

ଝଲକିବା—କ୍ରି. ଝଲ୍ମଲ୍ କରିବା; ଚହଲିବା ।

ଝଲ୍ମଲ୍—କ୍ରି. ବି. ଚକ୍ଚକ୍ ।

ଝଳ—ବି. ଦୀପ୍ତି; କାନ୍ତି ।

ଝଳିବା—କ୍ରି. ଶୋଭାପାଇବା; (ଧାତୁସମ୍ବନ୍ଧେ) ମିଶିବା ।

ଝଲକି—ବି. କାଂସ୍ୟ ନିର୍ମିତ ବାଦ୍ୟବିଶେଷ ।

ଝଷ—ବି. (ଝଷ୍-ଅ) ମତ୍ସ୍ୟ ।

ଝଷକେତନ—ବି. କନ୍ଦର୍ପ ।

ଝାଉଁ—ବି. ବୃକ୍ଷବିଶେଷ ।

ଝାଉଁଳିବା—କ୍ରି. ମଉଳିଯିବା ।

ଝାଙ୍କ—ବି. ଦମ୍ଭ; ମତ୍ତତା ।

ଝାଙ୍କିବା—କ୍ରି. ଲୁଚି ଅନାଇବା ।

ଝାଞ୍ଜ—ବି. କରତାଳ ।

ଝାଞ୍ଜି—ବି. ତପ୍ତପବନ ।

ଝାଟୁଆ—ବି. ଅବର୍ଜନା; ଅଳିଆ ।

ଝାଡ଼ି—ବି. ଜଙ୍ଗଲ; କାଚନିର୍ମିତ ଅଲୋକପାତ୍ର ।

ଝାଡ଼ା—ବି. ମଳନିଃସରଣ ।

ଝାଡ଼ାକଇ—ବି. ଝାଡ଼ାବାନ୍ତି; ଓଲଉଠା ।

ଝାଡ଼ିବା-କ୍ରି. ପୁରଶ୍ଚାର କରିବା; ମନ୍ତ୍ର ପାଠ କରି

ଝାଡ଼ୁ-ବି. ପଅଁସ; ସଞ୍ଚୁଣୀ । [ଫୁଙ୍କିବା ।

ଝାମ୍ପି-ବି. ପତ୍ରନିର୍ମିତ ମସ୍ତକାବରଣ ।

ଝାମ୍ପିବା-କ୍ରି. ( ଝାମ୍ପଶବ୍ଦଜ ) ଉପରୁ ହଠାତ ଆକ୍ରମଣ ।

ଝାମ-ବି. (ଝମ୍‌ଧାତୁଜ) ଅଗ୍ନିପୂର୍ଣ୍ଣ ଗର୍ତ୍ତ; ମୂର୍ଚ୍ଛା ।

ଝାଳ-ବି. ଘର୍ମ; ସ୍ୱେଦ ।

ଝାଲର-ବି. ମଶାରି ପ୍ରଭୃତିରେ ଝୁଲୁଥିବା ବସ୍ତ୍ର ।

ଝାଳିବା-କ୍ରି. ଧାତୁନିର୍ମିତ ପାତ୍ର ଓ ଅଳଙ୍କାରାଦି ମସମସ କରିବା; ନିର୍ମଳ କରିବା ।

ଝାସ-ବି. ଆତ୍ମହତ୍ୟା ଉଦ୍ଦେଶ୍ୟରେ ଜଳରେ ବା ଅଗ୍ନିରେ ପ୍ରବେଶ ।

ଝିଅ-ବି. ଦୁହିତା ।

ଝିଆରୀ-ବି. ଘରର ଝିଅ ।

ଝିଙ୍କ-ବି. କ୍ଷୁଦ୍ର ପଶୁବିଶେଷ ।

ଝିଙ୍କରି-ବି. ବଡ ଗୋଡ଼; ଖପସ ।

ଝିଙ୍କା-ବି. ଚୁଲ୍ଲୀ ଉପରେ ହାଣ୍ଡି ରଖିବାର ମୃତ୍ତିକାସ୍ତୂପ ।

ଝିଙ୍କାଝିଙ୍କି-କ୍ରି. ବି. ଓଟରାଓଟରି ।

ଝିଙ୍କିବା-କ୍ରି. ଓଟାରିବା ।

ଝିଙ୍କାରି-ବି. ଝିଲ୍ଲୀପୋକ ।

ଝିଙ୍କାରଦେବା-କ୍ରି. ଘୃଣା ଲାଗି ଅସାର କରିବା ।

ଝିଟିପିଟି-ବି. ଏକପ୍ରକାର କ୍ଷୁଦ୍ର ସରୀସୃପ ।

ଝିଣ୍ଟିକା-ବି. ପତଙ୍ଗବିଶେଷ ।

ଝିନ-ବି. ସରୁ (ବସ୍ତ୍ରସମ୍ବନ୍ଧରେ) ।

ଝିପ୍‌ଝିପ୍-ଅ. (ଅନୁକରଣଅବ୍ୟୟ) ମନ୍ଦମନ୍ଦ ବୃଷ୍ଟି ।

ଝିମିଟ-ବି. ମୁହୂର୍ତ୍ତ; ଅଳ୍ପ ସମୟ ।

ଝିମିଟିଖେଳ, ଝିମାଣିଖେଳ } ବି. ଡୁଡୁଖେଳ; ବାଗୁଡ଼ିଖେଳ ।

ଝିଲ-ବି. ଜୋର; ବାଲୀ ।

ଝିଲ୍ଲିକା, ଝିଲ୍ଲୀ } ବି. ଝିଙ୍କାରି ।

ଝୁଙ୍କିବା-କ୍ରି. ଏକ ଅଡ଼କୁ ବାଙ୍କିବା ।

ଝୁଣା-ବି. (ଧୂନାଶବ୍ଦରୁ) ଶାଳଗଛର ନିର୍ଯ୍ୟାସ ।

ଝୁଣିବା-କ୍ରି. ରକ୍ତଶୋଷଣପୂର୍ବକ କାମୁଡ଼ିବା ।

ଝୁଣ୍ଟା-ବି. ଭୂମି ବିବାଦରେ ଅଟକସ୍ଥାପକ ।

ଝୁଣ୍ଟିଆ-ବି. ପଦାଙ୍ଗୁଳିର ଅଳଙ୍କାରବିଶେଷ ।

ଝୁଣ୍ଟିବା-କ୍ରି. ଚାଲିବାବେଳେ ପଦାଙ୍ଗୁଳିରେ ଆଘାତ ପାଇବା । [ବିଶେଷ ।

ଝୁମୁକା-ବି. ଖେଳନାବିଶେଷ; କର୍ଣ୍ଣାଳଙ୍କାର-

ଝୁମ୍‌ଝୁମ୍-ଅ. (ଅନୁକରଣ) ଅଳଙ୍କାରାଦିର ଶବ୍ଦ ।

ଝୁମ୍ପା-ବି. ଫୁଲି; ଗୁଚ୍ଛ ।

ଝୁମ୍ପୁଡ଼ି-ବି. ଗୁଳ୍ମବିଶେଷ ଓ ତାହାର ଶାକ ।

ଝୁରିବା-କ୍ରି. ଶୋକ କରିବା ।

ଝୁଲି-ବି. ଅଳନ୍ଧୁ; ଅଗ୍ନିକଣା । [ଉତ୍ସବ ।

ଝୁଲଣ-ବି. (ଦୋଳଶବ୍ଦଜ) କୃଷ୍ଣଙ୍କର ଝୁଲିବାର

ଝୁଲଣା-ବି. (ଦୋଳନଶବ୍ଦଜ) ଦୋଳୀ ।

ଝୁଲି-ବି. (ଝୁଲ୍‌ଧାତୁରୁ) ମୁଣି; କୋଥଳୀ ।

ଝୁଲିବା-କ୍ରି. (ଝୁଲ୍‌ଧାତୁଜ) ଦୋଳି ଖେଳିବା ।

ଝୋଁଟ-ବି. ନଳିତା ପ୍ରଭୃତି ଗଛର ଛାଲରୁ ବାହାରିବା ସୂତା ।

ଝୋଳ-ବି. ଅଣ; ବ୍ୟଞ୍ଜନର ରସ ।

ଝୋଲ୍ଲ-ବି. ମୂର୍ଚ୍ଛା । [ମୂର୍ଚ୍ଛିତ ହେବା ।

ଝୋଲ୍ଲ ମାରିବା-କ୍ରି. ଅଚେତନ ହେବା;

---

**ଞ** ବ୍ୟଞ୍ଜନବର୍ଣ୍ଣର ଦଶମବର୍ଣ୍ଣ; ଏ ବର୍ଣ୍ଣ କୌଣସି ପ୍ରଚଳିତ ଶବ୍ଦର ଆଦ୍ୟରେ ଥିବାର ଦେଖାଯାଏ ନାହିଁ ।

---

**ଠ** ବ୍ୟଞ୍ଜନ ବର୍ଣ୍ଣର ଏକାଦଶ ବର୍ଣ୍ଣ ।

ଠକ-ବି. ଖାଇବା ଲାଳସା ।

ଠକ୍କର-ବି. ପ୍ରତିଯୋଗିତା; ସମକକ୍ଷତା ।

ଠଗର-ବି. ବୃକ୍ଷବିଶେଷ ଓ ତାହାର ପୁଷ୍ପ ।

ଠଙ୍କ-ବି. ପଙ୍କଜର ଜନ୍ମଭୂମି; ଟାଙ୍ଗି; ଟାଙ୍ଗିଆ; ମୁଦ୍ରା ।

ଠଙ୍କଧର-ବି. (ଟଙ୍କ-ଧୃ-ଅ) ମହାଦେବ ।

ଠଙ୍କଶାଳା-ବି. ଯେଉଁ ଗୃହରେ ଟଙ୍କା ମୁଦ୍ରିତ ହୁଏ ।

ଠଙ୍କା-ବି. (ଟଙ୍କଶବ୍ଦଜ) ରୌପ୍ୟମୁଦ୍ରା ।

ଠଙ୍କାର-ବି. (ଟଂ-କୃ-ଅ) ଧନୁର ଜ୍ୟାଶବ୍ଦ ।

ଠଙ୍କି-ବି. ସ୍ୱଜନର ବିଶେଷ ।

ଠଙ୍କିତ-ବିଂ. (ଟଙ୍କ୍-ତ) ଶବ୍ଦିତ; ଉଲ୍ଲିଖିତ ।

ଠଙ୍କିଳ-ବିଂ. (ଟଙ୍କ-ଇଲ) ପ୍ରସ୍ତରମୟ ।

ଠଙ୍ଗାଇବା-କ୍ରି. ଲଟକାଇବା ।

ଠଣକା-ବି. ଟାଣିଧରିବା ରଜ୍ଜୁ ।

ଠଣାଠଣି-କ୍ରି. ବି. ଓଟପଓଟଇ ।

ଠପଠପ-କ୍ରି. ବିଂ. ବୃଷ୍ଟିଜଳର ପତନଶବ୍ଦ ।

ଠପିବା-କ୍ରି. ବଳିବା; ଅତିକ୍ରମ କରିବା ।

ଠଭି-ବି. ଲେମ୍ବୁବିଶେଷ ।

ଠମକ-ବି. ଭେଙ୍ଗୁସ; ଘୋଷଣା ।

ଠଳଠଳ-ବିଂ. ଅସ୍ଥିର; ଚଞ୍ଚଳ ।

ଠଳିବା-କ୍ରି. (ଟଲ୍‌ଧାତୁଜ) ବିଚଳିତ ହେବା;

ଠହଠହ-ବିଂ. ଅତି ଖଲ । [ଦୋହଲିବା ।

ଠହଲ-ବି. ଧୀରେ ଧୀରେ ଭ୍ରମଣ ।

ଠହଳିଆ-ବି. ଅଜ୍ଞାକାରୀ ଭୃତ୍ୟ ।

ଠହଲିବା-କ୍ରି. ଧୀରେ ଧୀରେ ଭ୍ରମଣ କରିବା ।

ଠା-ଲୋକ ଓ ପଦାର୍ଥର ନାମାନ୍ତେ ଅବଜ୍ଞାଭାବରେ ପ୍ରଯୁକ୍ତ । [ଅଘାତ ।

ଠାକର-ବି. ଅଙ୍ଗୁଳି ଗଣ୍ଠିଦ୍ୱାରା ମସ୍ତକରେ

ଠାକୁ-ବି. ଭାଲୁ ।

ଠାକିବା-କ୍ରି. ଅପେକ୍ଷା କରି ରହିବା ।

ଠାକୁଆ-ବି. ଆମ୍ବଫଳର ଅଷ୍ଠି; ଟାକୁଡ଼ି ।

ଠାକିବା-କ୍ରି. ସିଲାଇ ଦ୍ୱାରା ଯୋଡ଼ିବା ।

ଠାକୁରିବା-କ୍ରି. ଲୋମାଞ୍ଚିତ ହେବା; ଗର୍ଜିବା ।

ଠାଙ୍ଗଣା-ବି. (ଟଙ୍ଗନଶବ୍ଦଜ) ସୋହାଗା ।

ଠାଙ୍ଗର-ବି. ପ୍ରସ୍ତରମୟ ପ୍ରଦେଶ ।

ଠାଙ୍ଗରି-ବିଂ. କେଶହୀନ ।

ଠାଙ୍ଗିଆ, ଠାଙ୍ଗୀ } ବି. କ୍ଷୁଦ୍ର କୁଠାର ।

ଟାଙ୍ଗିବା-କ୍ରି. ଲଟକାଇବା ।
ଟାଣ-ବି. ଶକ୍ତ; କଠିନ ।
ଟାଣିବା-କ୍ରି. ଓଟାରିବା ।
ଟାପରା-ବି. ଥଟ୍ଟା ।
ଟାପୁ-ବି. ଦ୍ୱୀପ; ପଶୁମାନଙ୍କର ପାଦଚିହ୍ନ ।
ଟାଳଟୁଳ-ବି. ଠକାଠକି ।
ଟାଳିବା-କ୍ରି. ଭୁଜିବା; ପ୍ରତାରଣାପୂର୍ବକ କାଳ କାଟିବା; ଅମାନ୍ୟ କରିବା ।
ଟାଁସା-ବି. କର୍କଶ ।
ଟାହି-ବି. ଉପହାସମିଶ୍ରିତ ଥଟ୍ଟା ।
ଟାହୁଳି-ବି. ଥଟ୍ଟା; ପରିହାସ ।
ଟି-ଲୋକ ଓ ପଦାର୍ଥର ନାମାନ୍ତେ ଦୟାଭାବରେ ବା କ୍ଷୁଦ୍ରତା ବୁଝାଇବା ପାଇଁ ପ୍ରଯୁକ୍ତ ।
ଟିଆ ବି. ଶୁଆ ।
ଟିକର-ବି. କୁଦ; ଉଚ୍ଚସ୍ଥାନ ।
ଟିକା-ବି. ତିଳକ; ବସନ୍ତରୋଗ ନିବାରଣାର୍ଥ ହସ୍ତରେ କ୍ଷତ କରି ବସନ୍ତବୀଜ ଗ୍ରହଣ ।
ଟିକାଇତ, ଟିକାଏତ } ବି. ଯୁବରାଜ ।
ଟିକିଏ-କ୍ରି. ବି. କ୍ଷଣେ ।
ଟିକିଟିକି-ବି. (ଅନୁକରଣ) ଖଣ୍ଡ ଖଣ୍ଡ; କ୍ଷୁଦ୍ର କ୍ଷୁଦ୍ର; ଛୋଟ ଛୋଟ ।
ଟିକିଏ-ବି. ଅଳ୍ପ ।
ଟିକିଲି-ବି. ସ୍ତ୍ରୀମାନଙ୍କର ଭ୍ରୂଦ୍ୱୟର ମଧ୍ୟସ୍ଥ ଅଳଂକାର ।
ଟିକ୍ରି-ବି. ବାଦ୍ୟବିଶେଷ ।
ଟିଙ୍କି-ବି. ଗୋରୁମାନଙ୍କ ଦେହର କୀଟ ବିଶେଷ ।

ଟିଟ୍ଟିଭ-ବି. ଟେଁଟେଁୟାଁ ପକ୍ଷୀ ।
ଟିନ-ବି. ଧାତୁବିଶେଷ ।
ଟିପ-ବି. ଚିହ୍ନ; ଅଙ୍ଗୁଳିଦ୍ୱୟର ଅଗ୍ରଗୃହୀତ ପରିମାଣ ।
ଟିପଣା-ବି. (ଟିପ୍ପଣୀଶବ୍ଦଜ) ସ୍ମରଣାର୍ଥ ଲେଖା; ଜାତକ ।
ଟିପାଇ-ବି. (ତ୍ରିପାଦଶବ୍ଦଜ) ଶଗଡ଼ ଧୁରମୁଣ୍ଡି ଟେକି ଧରିବା କାଠ ।
ଟିପିଦେବା-କ୍ରି. (ଟିପ୍‌ଧାତୁଜ) ଠାରିଦେବା ।
ଟିପିବା-କ୍ରି. (ଟିପ୍ପଣୀଶବ୍ଦଜ) ସ୍ମରଣାର୍ଥ କୌଣସି ବିଷୟ ଲେଖିବା ।
ଟିମା-ବି. ଗେଡ଼ା; ବାଙ୍ଗର; ଖଙ୍କ ।
ଟୀକା-ବି. ବିବୃତି; ବ୍ୟାଖ୍ୟା ।
ଟୀକାକାର-ବି. (ଟୀକା-କୃ-ଅ) ବ୍ୟାଖ୍ୟାକର୍ତ୍ତା ।
ଟେକ-ବି. ଉଚ୍ଚତା; ଗୌରବ; ମାନ ।
ଟେକା-ବି. ଲୋଷ୍ଟ୍ର; ଖପର ।
ଟେକାଟେକି-କ୍ରି. ବି. ଘେନାଘେନି; ଧରାଧରି ।
ଟେକିବା-କ୍ରି. ଉଠାଇବା ।
ଟେରା-ବି. ବକ୍ରଦୃଷ୍ଟି ।
ଟେଲା-ବି. ମୃତ୍ତିକାଖଣ୍ଡ ।
ଟେହିବା-କ୍ରି. ଉତ୍ତେଜିତ କରିବା; ମନ୍ଦକାର୍ଯ୍ୟରେ ପ୍ରବର୍ତ୍ତାଇବା ।
ଟୋକା-ବି. (ତୋକଶବ୍ଦଜ) ପିଲା ।
ଟୋକିବା-କ୍ରି. ଶସ୍ୟକୁ ଖୁଣ୍ଟିନେଇ ଖାଇବା ।
ଟୋକୀ, ଟୋକଣୀ } ବି. ବାଳିକା ।
ଟୋକେଇ-ବି. ବେଢ଼ା; ବେରୁଲ ।
ଟୋପ-ବି. ଖାଲ ।
ଟୋପର-ବି. ମୁକୁଟ; ମସ୍ତକାବରଣ ବିଶେଷ ।

ଟୋପା-ବି. ବିନ୍ଦୁ ।
ଟୋପି-ବି. ମସ୍ତକାବରଣ ବିଶେଷ ।
ଟୋଲ-ବି. ସଂସ୍କୃତ ପାଠଶାଳା ।
ଟୋର୍ଣ୍ଣି-ବିଂ. ଚେପା ।

---

## ଠ ବ୍ୟଞ୍ଜନବର୍ଣ୍ଣର ଦ୍ୱାଦଶ ବର୍ଣ୍ଣ ।

ଠଉର-ବି. କର୍ଣ୍ଣୟ; ହେଜ । [କରିବା ।
ଠଉରାଇବା-କ୍ରି. ( ସ୍ଥାଧାତୁଜ ) ହେଜ ସ୍ଥିର
ଠଉରିବା-କ୍ରି. ସ୍ଥିର ରହିବା ।
ଠକ-ବିଂ. ପ୍ରତାରକ ।
ଠକାଠକି-କ୍ରି. ବି. (ଠକଶବ୍ଦଜ) ଭଣ୍ଡାଭଣ୍ଡି ।
ଠକିବା-କ୍ରି. ପ୍ରତାରିତ କରିବା ।
ଠଣ-ବିଂ. ସୁନ୍ଦର । ବି. ଶୋଭା ।
ଠଣ୍‌ଠଣ୍-ଅଂ. (ଅନୁକରଣ) ଶବ୍ଦବିଶେଷ ।
ଠଣା-ବି. ତାକ; କାନ୍ଥଖୋଲା ।
ଠର୍‌ଠର-କ୍ରି. ବି. ପରସ୍ପର ପ୍ରତି ଠାରିବା ।
ଠସା-ବି. ଗୁଞ୍ଜ ।
ଠା-ବି. (ସ୍ଥାଧାତୁଜ) ସ୍ଥାନ; ଜାଗା । [ପ୍ରଭୁ ।
ଠାକୁର-ବି. ( ଠକ୍କୁରଶବ୍ଦଜ ) ଦେବପ୍ରତିମା ;
ଠାକୁରାଣୀ-ବି. (ଠାକୁର-ଆନୀ) ଦେବୀ; ରାଣୀ ।
ଠାଣି-ବି. ଛନ୍ଦ; ଭଙ୍ଗୀ ।
ଠାପୁଆ-ବିଂ. ମଠୁଆ ।
ଠାବ-ବି. (ସ୍ଥାଧାତୁଜ) ସ୍ଥାନ; ସ୍ଥାନନିରୂପଣ ।
ଠାର-ବି. ସଂକେତ ।
ଠିଆ-ବିଂ. (ସ୍ଥିତଶବ୍ଦଜ) ଛିଡ଼ା; ଉଭା ।
ଠିକ୍-ବିଂ. ଯଥାର୍ଥ ।
ଠିକଣା-ବି. ସ୍ଥାନ; ସ୍ଥାନନିର୍ଣ୍ଣୟ ।
ଠିକା-ବିଂ. ଅଳ୍ପ ସମୟ ଲାଗି ନିଯୁକ୍ତ; ଗୋଟାଏ କର୍ମ କରିଦେବା ଲାଗି ମୋଟ ପ୍ରାପ୍ୟ ।
ଠିକେ-କ୍ରି. ବିଂ. ସଂକ୍ଷେପରେ; ସ୍ଥୂଳରେ ।
ଠୁକ୍‌ଠୁକ୍-ଅଂ. (ଅନୁକରଣ) ଶବ୍ଦବିଶେଷ ।
ଠୁଣ୍ଟା-ବିଂ. ବାଙ୍ଗର; ଶଙ୍କାକୃତ ।
ଠୁଳ-ବିଂ. (ସ୍ଥୂଳଶବ୍ଦଜ) ଏକତ୍ର; ରୁଣ୍ଡ ।
ଠେକ-ବି. ଅବଲମ୍ବନ; ଆଶ୍ରୟ ।
ଠେକା-ବି. ପାଗପ୍ରାୟ ମୁଣ୍ଡରେ ବନ୍ଧା ଲୁଗା ।
ଠେକି-ବି. ମୃତ୍ତିକାପାତ୍ରବିଶେଷ ।
ଠେକୁଆ-ବି. ଶଶକ ।
ଠେଙ୍ଗ-ବି. ନଳିଗୋଡ଼; ଉଚ୍ଚଭୂମି ।
ଠେଙ୍ଗା-ବି. ବଡ଼ବାଡ଼ି; ଯଷ୍ଟି ।
ଠେଲ୍‌ଠେଲ-କ୍ରି. ବି. ପେଲାପେଲି ।
ଠେଲିବା-କ୍ରି. ପେଲିଦେବା ।
ଠୋକର-ବି. ଅଘାତ ।
ଠୋଠୋ-ଅଂ. ହାସ୍ୟବିଶେଷ ।
ଠୋଲା-ବି. ପତ୍ରନିର୍ମିତ ପାତ୍ର ।
ଠୌର-ବି. ଠିକଣା ।

---

## ଡ ବ୍ୟଞ୍ଜନବର୍ଣ୍ଣର ତ୍ରୟୋଦଶ ବର୍ଣ୍ଣ ।

ଡକା-ବି. ଚିତ୍କାର; କନ୍ଦନ; ଚହଲ ।
ଡକାଇତ-ବି. ଗୁଣ୍ଡା; ହତ୍ୟାକାରୀ ଚୋର ।

ଡକାଉଡ଼ିବା—କ୍ରି. ଲୋକଦ୍ୱାରା ଡାକିବା ।

ଡକାଡକି—କ୍ରି. ବି. ପରସ୍ପର ଆହ୍ୱାନ ।

ଡଗଡଗ—କ୍ରି. ବି°. ଶୀଘ୍ର ଶୀଘ୍ର ।

ଡଗର—ବି. ଦୂତ; ଚର । [ନିଯୁକ୍ତ ଲୋକ ।

ଡଗରା—ବି. ରାଜାଜ୍ଞା ଘୋଷଣା କରିବାପାଇଁ

ଡଙ୍କ—ବି. ଲଭାର ଅଗ ।

ଡଙ୍କା—ବି. ଅଣକ ।

ଡଙ୍କାରି—ବି. ବୃକ୍ଷବିଶେଷ ।

ଡଙ୍କି—ବି. ଧାତୁନିର୍ମିତ ସ୍ନାନହଡା ।

ଡଙ୍କୁଣୀ—ବି. (ଡାକିନୀଶବ୍ଦଜ) ଡାଆଁଣୀ ।

ଡଙ୍ଗୀ—ବି. କ୍ଷୁଦ୍ର ନୌକା ।

ଡଜନ—ବି°. (ଇଂରାଜୀ) ବାରଗୋଟା ପରିମିତ ।

ଡମ / ଡୋମ } ବି. ନୀଚ ଜାତିବିଶେଷ । [ଲୌହଯନ୍ତ୍ର ।

ଡମଣି—ବି. ଚୌକାଠରେ କବାଟ ଝୁଲାଇବାର

ଡମର—ବି. ଦଙ୍ଗା; ଆକ୍ରମଣ ।

ଡମରୁ—ବି. (ଡମ୍-ଋ-ଉ) କ୍ଷୁଦ୍ର ଚର୍ମାଚ୍ଛାଦନଯୁକ୍ତ

ଡମ୍ଫା—ବି°. ଧୃଷ୍ଟ; ଉଦ୍ଧତ । [ବାଦ୍ୟବିଶେଷ ।

ଡମ୍ବର—ବି. ଆଡ଼ମ୍ବର ।

ଡରି—ବି. (ଦରଶବ୍ଦଜ) ଭୟ ।

ଡରକୁରା / ଡରୁଆ } ବି°. ଭୟାଳୁ ।

ଡହକ—ବି. (ଦାହଶବ୍ଦଜ) ଦୀପ୍ତି ।

ଡହଡ଼—ବି°. (ଦହ୍ଧାତୁଜ) ଉତ୍ତପ୍ତ ।

ଡହର—ବି. ଜନ୍ମଭୂମି ।

ଡାଁଆଣା—ବି°. ରଜ୍ଜୁ; ଅଦ୍ଧାରଲେଖି

ଡାଁଆଣୀ—ବି. (ଡାକିନୀଶବ୍ଦଜ) ଡାକୁଣୀ; ପିଶାଚୀ ।

ଡାଁଶ—ବି. (ଦଂଶଶବ୍ଦଜ) ପଶୁଦଂଶକ ମକ୍ଷିକା ।

ଡାକ—ବି°. ପ୍ରସିଦ୍ଧ । ବି. ଆହ୍ୱାନଶବ୍ଦ; ସାଧାରଣଙ୍କର ଚିଠିପ୍ରଭୃତି ବହନ ।

ଡାକରା—ବି. ଆହ୍ୱାନ ।

ଡାକିବା—କ୍ରି. ଆହ୍ୱାନ କରିବା ।

ଡାକୁ—ବି. ଡକାଇତ ।

ଡାକୁଆ—ବି°. ଆହ୍ୱାନକାରୀ ।

ଡାଗରା—ବି. ବଡ଼ ଉକୁଣୀ ।

ଡାଙ୍ଗ—ବି. ବାଡ଼ି ; କାଠି । [ଭୟଙ୍କର ।

ଡାମର—ବି. (ଡମ୍-ଅର) କୋଳାହଳ । ବି°.

ଡାମରାକୁଆ—ବି. ବଡ଼ ବଡ଼ କାଉ ।

ଡାମ୍ଫଣ—ବି. ବଡ଼ଛୁଞ୍ଚି ।

ଡାଳ—ବି. ଶାଖା ।

ଡାଲଚିନି—ବି. (ଦାରୁଚିନି) ଗୁଡ଼ତ୍ୱକ ।

ଡାଲି—ବି. ବେତ ବା ବାଉଁଶରେ ନିର୍ମିତ ପାତ୍ର ।

ଡାଳିମ / ଡାଳିମ୍ବ } ବି. ଦାଡ଼ିମ୍ବଗଛ ବା ତାହାର ଫଳ ।

ଡାଲି—ବି. ଭଙ୍ଗା ମୁଗ ହରଡ ପ୍ରଭୃତିର ସୂପ ।

ଡାଲୁଅ—ବି. ଧାନ୍ୟବିଶେଷ ।

ଡାବ—ବି. ଔଷଧଡାଲିକା ।

ଡାହାଣ—ବି. (ଦକ୍ଷିଣଶବ୍ଦଜ) ଦକ୍ଷିଣ ।

ଡାହୁକ—ବି. (ଦାତ୍ୟୂହଶବ୍ଦଜ) ପକ୍ଷିବିଶେଷ ।

ଡିଆଁ—କ୍ରି. ବି. (ଡୀଧାତୁଜ) କୁଦା ।

ଡଙ୍ଗୀ—ବି. କ୍ଷୁଦ୍ର ନୌକା ।

ଡଣ୍ଡିମ—ବି. ଢୋଲବାଦ୍ୟ ।

ଡବା } ବି. କରଣ୍ଡ, ବଟା ।
ଡବିଆ }

ଡବଡବ—ବି. ଡିଣ୍ଡିମଧ୍ୱନି ।

ଡିମିରି—ବି. ବୃକ୍ଷବିଶେଷ ଓ ତାହାର ଫଳ ।

ଡିମ୍ବ—ବି. ଅଣ୍ଡା ।

ଡିମ୍ବଜ—ବି. (ଡିମ୍ବ-ଜନ୍-ଅ) ପକ୍ଷୀ ।

ଡିମ୍ଭ—ବି. ଶିଶୁ ।

ଡିହ—ବି. ବାସ୍ତୁଭୂମି ।

ଡୁଣ୍ଡୁଭ—ବି. ଧଣ୍ଡସର୍ପ ।

ଡୁବିବା—କ୍ରି. ବୁଡିବା ।

ଡେଇଁବା—କ୍ରି. (ଡୀ ଧାତୁଜ) କୁଦିବା ।

ଡେଉଁରିଆ—ବି. ଅଳଙ୍କାରବିଶେଷ; ଶରୀରରେ ଧାରଣାର୍ଥ ଧାତୁନିର୍ମିତ କ୍ଷୁଦ୍ର ଔଷଧାଧାର ।

ଡେଙ୍ଗା—ବିଂ. ଲମ୍ବା ।

ଡେଙ୍ଗୀ—ବିଂ. ଦୀର୍ଘାକୃତି (ସ୍ତ୍ରୀ) ।

ଡେଙ୍ଗୁରା—ବି. ନାଗରା; ନାଗରାଦ୍ୱାରା ଘୋଷଣା ।

ଡେଣା—ବି. (ଡୀ ଧାତୁଜ) ପକ୍ଷ ।

ଡେଣୁଆ—ବି. (ଦେଶଜ) ପଥରଢେଲା; ଟେକା ।

ଡେମ୍ଫ—ବି. ଫଳ ଓ ଫୁଲର ନାଡ଼ ।

ଡେରା—ବି. ବସ୍ତ୍ରନିର୍ମିତ ଗୃହ, ତମ୍ବୁ ।

ଡେରିବା—କ୍ରି. ଲଗାଇ ଥୋଇବା; ପାତିବା (କର୍ଣ୍ଣସମ୍ବନ୍ଧରେ) ।

ଡେବିରି—ବିଂ. ବାମ, ବାଁ ।

ଡୋର } ବି. ରଜ୍ଜୁ; ଦଉଡ଼ି ।
ଡୋରି }

ଡୋରିଆ—ବି. ଗାରଗାରିକିଆ ରେଖାରଞ୍ଜିତ ବସ୍ତ୍ରବିଶେଷ ।

ଡୋଳା—ବି. ଅକ୍ଷିର ଧେଗୁଳି ।

ଡୋଲି—ବି. (ଡୁଲ୍ ଧାତୁଜ) ଖଟିଆ ।

ଡୋଳି—ବି. ଖଟିଆ; ଧାନ୍ୟାଧାର ।

ଡୌଲ—ବି. ଢଙ୍ଗ; ଗଢ଼; ଆକୃତି । ବିଂ. ସୁନ୍ଦର ।

---

## ଢ

ବ୍ୟଞ୍ଜନବର୍ଣ୍ଣର ଚତୁର୍ଦ୍ଦଶ ବର୍ଣ୍ଣ ।

ଢକ୍କା—ବି. ବଡ଼ ଢୋଲ ।

ଢକ୍କାର—ବି. ହାକୁଟି ।

ଢଗ—ବି. ପ୍ରବାଦ; ସ୍ତ୍ରୀଲୋକ-ପ୍ରଚଳିତ ପ୍ରବାଦ ।

ଢଙ୍ଗ—ବି. ଗଢ଼; ଆଚରଣ ।

ଢପ—ବି. ଛଳଚରଣ ।

ଢମ—ବି. ଆଡମ୍ବର; ଗର୍ବ ।

ଢମା—ବି. ଘୋରୁ ଖୁଆଇବାର ବାଂଶନିର୍ମିତ [ପାତ୍ର ।

ଢମାଳି—ବି. ଉପମିଶା ନାନା କଥା ।

ଢଳଢଳ—କ୍ରି. ବିଂ. (ଜଳ ସମ୍ବନ୍ଧରେ) ଟଳଟଳ; ଛଳଛଳ; ଅସ୍ଥିର ।

ଢଳା—ବିଂ. ତରଳ ଧାତୁନିର୍ମିତ ।

ଢଳିବା—କ୍ରି. ଏକ ଆଡକୁ ଟଳିବା ।

ଢାଇ—ବି. ମୁଣ୍ଡ ଲଢେଇ ।

ଢାଉଁଢାଉଁ—ବି. ବାଦ୍ୟଧ୍ୱନିବିଶେଷ ।

ଡାଉ—ବି. ଘେରୁପର ଲୌହମୟ ଶଲା ।

ଡାଙ୍କବା—କ୍ରି. ଆଚ୍ଛାଦନ କରିବା; ଘୋଡ଼େଇ ରଖିବା ।

ଡାଙ୍କୁଣୀ—ବି. ଆଚ୍ଛାଦନ ।

ଢାଲ—ବି. ଚର୍ମନିର୍ମିତ ଫଳକ ।

ଢାଳ—ବି. ଧାତୁନିର୍ମିତ ଜଳପାତ୍ରବିଶେଷ ।

ଢାଳିବା—କ୍ରି. ଗଡ଼ାଇବା; ଅଜାଡ଼ିବା ।

ଢାଳୁ—ବିଂ. ଗଡ଼ାଣିଆ ।

ଢାଳେ—କ୍ରି. ବିଂ. ବାରେ; ଥରେ ।

ଢିଙ୍କି<br>ଢେଙ୍କି } ବି. ଧାନ କୁଟିବାର ଯନ୍ତ୍ର ।

ଢିପ—ବି. ଉଚ୍ଚସ୍ଥାନ; କୂଦ ।

ଢିମା—ବି. ଢେଲା ।

ଢିଲା—ବିଂ. ଢୁଗୁଲା; ଶିଥିଳ ।

ଢୁଳ—ବି. ଦ୍ୱାରର ଅବେଶ ।  [ପଡ଼ିବା ।

ଢୁଳାଇବା—କ୍ରି. ଢୁଁଘେଇବା; ନିଦରେ ଢଳି-

ଢେଉ—ବି. ଲହରୀ ।

ଢେଙ୍କା—ବି. ଢିପ ।

ଢେମଣା—ବି. ଜାର; ଉପପତି; ସର୍ପବିଶେଷ ।

ଢେର୍—ବିଂ. ବହୁତ ।

ଢେଲା—ବି. ଟେକା; ମୃତ୍ତିକାଖଣ୍ଡ ।  [ବସ୍ତୁ ।

ଢୋକ—ବି. ଏକାଥରକେ ଗିଳିବାର ଜଳୀୟ

ଢୋକିବା—କ୍ରି. ଢୋକେ ପିଇବା ।

ଢୋଲ<br>ଢୋଲକ } ବି. ବାଦ୍ୟଯନ୍ତ୍ରବିଶେଷ ।

ଢୋଲ୍ମା—ବିଂ. (ଢୋଲଶବ୍ଦଜ) ଫମ୍ପା ।

ଢୋଲିଆ—ବି. ଢୋଲବାଦ୍ୟକାରୀ ।  [ଲେଖ ।

ଢୌକନ—ବି. (ଢୌକ୍-ଅନ) ଉପହାର; ଭେଟି;

---

# ଣ

ବ୍ୟଞ୍ଜନବର୍ଣ୍ଣର ପଞ୍ଚଦଶ ବର୍ଣ୍ଣ ।

---

# ତ

ବ୍ୟଞ୍ଜନବର୍ଣ୍ଣର ଷୋଡ଼ଶ ବର୍ଣ୍ଣ ।

ତଅଁର—ବି. ରଞ୍ଜିତ ସୂତ୍ରବିଶେଷ ।

ତଅଁରା—ବି. ରଞ୍ଜିତ ସୂତ୍ରରେ ଲୁଗାବୁଣିବା ତନ୍ତୀ ।

ତଉଁରା—ବି. ରଞ୍ଜିତ ସୂତ୍ରରେ ବୁଣା ଲୁଗା ।

ତକରାର—ବି. କଳହ; କଜିଆ ।

ତକିଆ—ବି. ମାଣ୍ଡି ।

ତକ୍ତା—ବି. କାଠପଟା ।

ତକ୍ତପୋଷ—ବି. କାଠପଟାର ଖଟ ।

ତକ୍ର—ବି. ଘୋଳଦହି ।  [କର୍ମା; ବଢେଇ ।

ତକ୍ଷକ—ବି. (ତକ୍ଷ୍-ଅକ) ନାଗବିଶେଷ; ବର୍ଦ୍ଧ-

ତକ୍ଷଣ—ବି. (ତକ୍ଷ୍-ଅନ) ବଢେଇର କାମ ।

ତଗର—ବି. ଟଗର ଫୁଲ ବା ଗଛ ।

ତଙ୍କ—ବି. (ତଙ୍କ୍-ଅ) ପଥର କାଟିବାର ଅସ୍ତ୍ର-ବିଶେଷ ।

ତଜବୀଜ—ବି. (ଆରବୀ) ବିଚାର ।

ତଞ୍ଚକ—ବି. (ବଞ୍ଚକଶବ୍ଦଜ) ପ୍ରବଞ୍ଚକ; ପ୍ରତାରକ ।

ତଞ୍ଚକତା—ବି ପ୍ରବଞ୍ଚନା; ଶଠତା ।

ତଟ–ବି. (ତଟ୍-ଅ) କୂଳ; ତୀର ।

ତଟ୍‌କା–ବି°. ସଜ । [ଲୁବ ।

ତଟସ୍ଥ–ବି°. (ତଟ-ସ୍ଥା-ଅ) ତୀରସ୍ଥ; ସ୍ତବ୍ଧ; ଉଦା-

ତଟିନୀ–ବି. (ତଟ-ଇନ୍-ଈ) ନଦୀ ।

ତଡ଼ାଗ–ବି. (ତଟ୍-ଅକ) ବୃହତ୍ ପୁଷ୍କରଣୀ ।

ତଡ଼ିତ୍–ବି. (ତଡ୍-ଇତ୍) ବିଦ୍ୟୁତ୍; ବିଜୁଳି ।

ତଡ଼ିତ୍ୱାନ୍–ବି°. (ତଡ଼ିତ୍-ବତ୍) ବିଦ୍ୟୁଦ୍‌ଯୁକ୍ତ ।
ବି. ମେଘ । [ଦୂର କରିଦେବା ।

ତଡ଼ିବା-କ୍ରି. (ଦେଶଜ) ବାହାର କରିଦେବା ;

ତଣ୍ଟା–ବି. ଅଡୁଆ; ଆପଦ୍ ।

ତଣ୍ଟି }
ଘୁଣ୍ଟି } ବି. (ସ୍ୱୋକ୍ତିଶବ୍ଦଜ) ଗଳଦେଶ; ବେକ ।

ତଣ୍ଟିଆ–ବି. ଗଳାରେ ଧକା ।

ତଣ୍ଡ–ବି. (ଦଣ୍ଡଶବ୍ଦଜ) ବୃଥା ଅର୍ଥଦଣ୍ଡ ।

ତଣ୍ଡି–ବି. ତୃଣବିଶେଷ ।

ତଣ୍ଡୁଳ–ବି. ଚାଉଳ ।

ତତ–ବି°. (ତନ୍-ତ) ବିସ୍ତୃତ ।

ତତଲ–ବି°. (ତପ୍ତଶବ୍ଦଜ) ଉଷ୍ଣ ।

ତତେଇବା–କ୍ରି. (ତପ୍ତଶବ୍ଦଜ) ଉତ୍ତପ୍ତ କରିବା ।

ତିହି–ଅ°. ସେ; ସେହି ।

ତତ୍‌କାଳ–ବି. ସେହି ସମୟ; କ୍ରି. ବି°. ଶୀଘ୍ର ।

ତତ୍‌କ୍ଷଣାତ୍–ଅ°. ସେହିକ୍ଷଣି; ଅବିଳମ୍ବେ ।

ତତ୍ତ୍ୱ–ବି. (ତଦ୍-ତ୍ୱ) ମୂଳସତ୍ୟ; ଯଥାର୍ଥଭାବ ;
ତଥ୍ୟ ।

ତତ୍ତ୍ୱଜ୍ଞାନୀ–ବି°. (ତତ୍ତ୍ୱ-ଜ୍ଞାନ-ଇନ୍) ବ୍ରହ୍ମଜ୍ଞାନୀ ।

ତତ୍ତ୍ୱତଃ–କ୍ରି. ବି°. ବସ୍ତୁତଃ । [ପଥଦର୍ଶକ ।

ତତ୍ତ୍ୱାବଧାନ–ବି. (ତତ୍ତ୍ୱ-ଅବ-ଧା-ଅନ) କାର୍ଯ୍ୟ-

ତତ୍ତ୍ୱାବଧାୟକ–ବି. (ତତ୍ତ୍ୱ-ଅବ-ଧୈ-ଅକ) ତତ୍ତ୍ୱ-
ନିରୂପଣକାରୀ; ପଥଦର୍ଶକ ।

ତତ୍ତ୍ୱାବଧାରଣ–ବି. ( ତତ୍ତ୍ୱ-ଅବ-ଧୃ-ଣିଚ୍-ଅନ )
ତତ୍ତ୍ୱନିରୂପଣ । [ବ୍ୟଗ୍ର ।

ତତ୍ପର–ବି°. (ତତ୍-ପର) ନିବିଷ୍ଟ; ସଚେଷ୍ଟ ;

ତତ୍ପୁରୁଷ–ବି. ସମାସବିଶେଷ ।

ତତ୍ର–ଅ°. (ତଦ୍-ତ୍ର) ସେଠାରେ ।

ତତ୍ରତ୍ୟ–ବି°. (ତତ୍ର-ତ୍ୟ) ସେହି ସ୍ଥାନରେ ସ୍ଥିତ ।

ତତ୍ରାପି–ଅ°.(ତତ୍ର-ଅପି) ତଥାଚ; ତେବେହେଁ ।

ତଥା–ଅ°. (ତଦ୍-ଥା) ସେହି ପ୍ରକାର ।

ତଥାଚ }
ତଥାପି } ଅ°. (ତଥା-ଚ, ଅପି) ତେବେହେଁ ।

ତଥାସ୍ତୁ–ଅ°. (ତଥା-ଅସ୍ତୁ) ତାହା ହେଉ ।

ତହିଁ–ସ. (ତତ୍ରଶବ୍ଦଜ) ତହିଁରେ; ସେଠାରେ ।

ତଥ୍ୟ–ବି. (ତଥା-ଯ) ପ୍ରକୃତ କଥା; ସତ୍ୟ ।

ତଦ୍–ସ. (ତନ୍-ଅଦ୍) ସେହି । [ଉତ୍ତାରୁ ।

ତଦନନ୍ତର–କ୍ରି. ବି°. (ତଦ୍-ଅନନ୍ତର) ତହିଁ-

ତଦର୍ଥ–କ୍ରି. ବି°. (ତଦ୍-ଅର୍ଥ) ସେଥିପାଇଁ ।

ତଦନ୍ତ–ବି. ( ତଦ୍-ଅନ୍ତ ) ତଥ୍ୟନିର୍ଣ୍ଣୟ; ଅନୁ-
ସନ୍ଧାନ ।

ତଦବଧି–କ୍ରି.ବି°.(ତଦ୍-ଅବଧି) ସେହି ସମୟରୁ ।

ତଦବସ୍ଥ–ବି°. (ତଦ୍-ଅବସ୍ଥା) ସେହି ଅବସ୍ଥାରେ
ସ୍ଥିତ ।

ତଦା–କ୍ରି ବି°. (ତଦ୍-ଦା) ସେହି ସମୟରେ ।

ତଦାନୀଂ-ଅଂ. (ତଦ୍-ଦାନୀଂ) ସେତେବେଳେ ।

ତଦାନୀନ୍ତନ-ବଂ. (ତଦାନୀଂ-ତନ) ତତ୍କାଳୀନ ।

ତଦୀୟ-ବଂ. (ତଦ୍-ଈୟ) ତତ୍ସମ୍ବନ୍ଧୀୟ ।

ତଦ୍ଗତ-ବଂ. (ତଦ୍-ଗତ) ତଲ୍ଲିପ୍ତ; ସେଥିରେ ନିବିଷ୍ଟ ।

ତଦ୍ଦଣ୍ଡ-କ୍ରି. ବଂ. (ତଦ୍-ଦଣ୍ଡ) ସେହିକ୍ଷଣି ।

ତଦ୍ଧିତ-ବ. ( ତତ୍-ହିତ ) ଶବ୍ଦରୁ ଉତ୍ତର ପ୍ରତ୍ୟୟ ।

ତଦ୍ବତ୍-ବଂ. (ତଦ୍-ବତ୍) ତତ୍ତୁଲ୍ୟ; ସେହିପରି ।

ତଦ୍ବ୍ୟତିରିକ୍ତ-ବଂ. (ତଦ୍-ବ୍ୟତିରିକ୍ତ) ତାହା-

ତନ୍ଖା-ବ. ବେତନ । [ଛଡା ।

ତନୟ-ବ. (ତନ୍-ଅୟ) ପୁତ୍ର ।

ତନୟା-ବ. (ତନୟ-ଆ) କନ୍ୟା; ଝିଅ ।

ତନିମା-ବ. (ତନୁ-ଇମନ୍) କୃଶତା; ସୂକ୍ଷ୍ମତା ।

ତନୁ-ବ. (ତନ୍-ଉ) ଶରୀର; ମୂର୍ତ୍ତି; ବଂ. ଅଳ୍ପ;

ତନୁ-ଛଦ-ବ. ବର୍ମ; କବଚ । [କୃଶ; ସୂକ୍ଷ୍ମ ।

ତନୁଜ-ବ. (ତନୁ-ଜ) ପୁତ୍ର ।

ତନୁଜା-ବ. (ତନୁ ଜା) କନ୍ୟା; ଝିଅ ।

ତନୁ-ତ୍ୟାଗ-ବ. ଦେହତ୍ୟାଗ; ମରଣ ।

ତନ୍ତ-ବ. (ତନ୍ଧାତୁଜ) ଲୁଗାବୁଣିବାର କଳ ।

ତନ୍ତି-ବ. ତନ୍ତୁବାୟ ।

ତନ୍ତୁ-ବ. (ତନ୍-ତୁ) ସୂତ୍ର; ତାର; ସନ୍ତାନ ।

ତନ୍ତୁବାୟ-ବ. (ତନ୍ତୁ-ବେ-ଅ) ତନ୍ତି ।

ତନ୍ତ୍ର-ବଂ. (ତନ୍-ତ୍ର) ଅଧୀନ; ବ. ରାଜ୍ୟଶାସନ;

ତନ୍ତ୍ରୀ-ବଂ. (ତନ୍ତ୍ର-ଈ) ବୀଣା; ରଜ୍ଜୁ । [ସୂତ୍ର ।

ତନ୍ଦ୍ରା-ବ. (ତନ୍ଦ୍ର-ଆ) ଅଳ୍ପନିଦ୍ରା; ନିଦ୍ରାବେଶ ।

ତନ୍ଦ୍ରାଳୁ } ବଂ. (ତନ୍ଦ୍ରା-ଆଳୁ, ଇତ) ନିଦ୍ରାଳୁ;
ତନ୍ଦ୍ରିତ } ଅଳସ ।

ତନ୍ନତନ୍ନ-କ୍ରି. ବଂ. (ତଦ୍-ନ, ତଦ୍-ନ) ତାହା ନୁହେଁ ତାହା ନୁହେଁ, ପୁଙ୍ଖାନୁପୁଙ୍ଖରୂପେ; ସୂକ୍ଷ୍ମାନୁସୂକ୍ଷ୍ମରୂପେ । [ତଦାତ୍ମକ ।

ତନ୍ମୟ-ବଂ. (ତଦ୍-ମୟ) ସେଥିରେ ନିମଗ୍ନ;

ତନ୍ୱୀ-ବଂ. (ତନୁ-ଈ) କୃଶାଙ୍ଗୀ ।

ତପଃ-ବ. (ତପ୍-ଅସ୍) ତପସ୍ୟା ।

ତପ-ବ. (ତପସ୍ ଶବ୍ଦରୁ) ତପସ୍ୟା ।

ତପଶ୍ଚରଣ-ବ. (ତପଃ-ଚରଣ) ତପଃସାଧନ ।

ତପନ-ବ. (ତପ୍-ଅନ) ସୂର୍ଯ୍ୟ ।

ତପନତନୟ-ବ. (ତପନ-ତନୟ) ଯମ ।

ତପନତନୟା-ବ. ଯମୁନାନଦୀ ।

ତପସ୍ୟା-ବ. (ତପସ୍-ଯ-ଆ) ତପଃ; ବ୍ରତଚର୍ଯ୍ୟା; ଧର୍ମସାଧନ । [ଲୋକ; ମୁନି; ତାପସ ।

ତପସ୍ୱୀ-ବ. (ତପସ୍-ବିନ୍) ତପସ୍ୟାରେ ନିରତ

ତପୋଧନ-(ତପଃ ଧନ ଯାହାର) ତପସ୍ୱୀ ।

ତପୋବନ-ବ. ( ତପଃ-ବନ ) ମୁନିମାନଙ୍କର ଆଶ୍ରମ । [ସନ୍ତପ୍ତ ।

ତପ୍ତ-ବଂ. (ତପ୍-ତ) ତାପଯୁକ୍ତ; ଅଗ୍ନିଦ୍ୱାରା

ତବ-ସ. (ତ୍ୱଦ୍ ଶବ୍ଦଜ) ତୁମ୍ଭର ।

ତମଃ-ବ. (ତମ୍-ଅସ୍) ଅନ୍ଧକାର; କାମକ୍ରୋଧାଦି ଉଦ୍ରେକକ ଗୁଣ ।

ତମ-ଅନେକ ମଧ୍ୟରେ ଏକର ଉତ୍କର୍ଷ ବା ଅପକର୍ଷବୋଧକ ପ୍ରତ୍ୟୟ; ଅନ୍ଧକାର; ସନ୍ଧ୍ୟା ।

ତମସୁକ-ବି. ଋଣଗ୍ରହଣର ଦସ୍ତାବେଜ ।
ତମସ୍ୱିନୀ-ବି. (ତମସ୍-ବିନ୍-ଈ) ରାତ୍ରି ।
ତମା-ବି. (ତମ-ଆ) ରାତ୍ରି; ତମାଳ ବୃକ୍ଷ ।
ତମାଖୁ-ବି. (ତାମ୍ରକୂଟଶବ୍ଦଜ) ଧୂଆଁପତ୍ର ।
ତମାଦି-ବିଂ. ନିର୍ଦ୍ଦିଷ୍ଟ ସମୟାତୀତ ।
ତମାଳ-ବି. ବୃକ୍ଷବିଶେଷ ।
ତମିସ୍ର-ବି. (ତମସ୍-ର) ଅନ୍ଧକାର ।
ତମୋମୟ-ବିଂ. (ତମଃ-ମୟ) ଅନ୍ଧକାରାଚ୍ଛନ୍ନ ।
ତମ୍ପ-ବି. ବିଷଧର ସର୍ପ ବିଶେଷ ।
ତମ୍ବା-ବି. (ତାମ୍ରଶବ୍ଦଜ) ଧାତୁବିଶେଷ ।
ତମ୍ବି-ବି. ଧମକ-ଚମକ ।
ତମ୍ବୁ-ବି. ସଉଟି; ଶିବିର ।
ତର-ବି. ଦୁଇମଧ୍ୟରେ ଏକର ଉତ୍କର୍ଷ ବା ଅପ-
କର୍ଷ-ବୋଧକ ପ୍ରତ୍ୟୟ ।
ତର-ବି. ଅବସର ।
ତରକାରି-ବି. ତିଅଣ; ବ୍ୟଞ୍ଜନ ।
ତରକିବା-କ୍ରି. ସାବଧାନ ହେବା ।
ତରକ୍ଷୁ-ବି. ହେଣ୍ଟାବାଘ ।
ତରଙ୍ଗ-ବି. (ତୃ-ଅଙ୍ଗ) ଲହରୀ ।
ତରଙ୍ଗିଣୀ-ବି. (ତରଙ୍ଗ-ଇନ୍-ଈ) ନଦୀ ।
ତରଣ-ବି. (ତୃ-ଅଣ) ପାରଗମନ ।
ତରଣି-ବି. (ତୃ-ଅନ-ଇ) ନୌକା; ସୂର୍ଯ୍ୟ ।
ତରଣୀ-ବି. (ତୃ-ଅନ-ଈ) ନୌକା ।
ତରତର-କ୍ରି. ବିଂ. (ତରସ୍=ବେଗ) ଚଞ୍ଚଳ;
ଶୀଘ୍ର । [ମାସୁଲ ।
ତରପଣ୍ୟ-ବି. (ତର-ପଣ୍ୟ) ନଦୀପାର ହେବାର

ତରବୁଜ-ବି. ଲତାବିଶେଷ ବା ତାହାର ଫଳ ।
ତର୍ମା-ବି. ବୃକ୍ଷାନ୍ତର ।
ତରଳ-ବିଂ. (ତୃ-ଅଳ) ଦ୍ରବ; ଚଞ୍ଚଳ ।
ତରଳିବା-କ୍ରି. ଦ୍ରବହେବା ।
ତରବାରି-ବି. (ତର-ବୃ-ଅ-ଇ) ଖଣ୍ଡା ।
ତରସ୍ୱୀ-ବିଂ. (ତରସ୍-ବିନ୍) ବେଗବାନ୍; ଦ୍ରୁତ-
ଗାମୀ ।
ତରାଜୁ-ବି. ଓଜନ କରିବାର ଯନ୍ତ୍ର ।
ତରାଟେ-ବି. ପୁଷ୍ପବିଶେଷ । [କରି ଚାହିଁବା ।
ତରାଟିଚାହିଁବା-କ୍ରି. କ୍ରୋଧରେ ଚକ୍ଷୁ ବକ୍ର ଓ ବିସ୍ତୃତ
ତରି-ବି. (ତୃ-ଇ-ଈ) ନୌକା; ଭେଳା ।
ତରୁ-ବି. (ତୃ-ଉ) ବୃକ୍ଷ ।
ତରୁଣ-ବିଂ. (ତୃ-ଉନ) ଯୁବା; ନୂତନ ।
ତରୁଣୀ-ବି. (ତରୁଣ-ଈ) ଯୁବତୀ ।
ତରୁରୁହ-ବି. (ତରୁ-ରୁହ) ବୃକ୍ଷଉପରେ ଜାତ
ବୃକ୍ଷ; ମଇଙ୍ଗ । [ନ୍ୟାୟଶାସ୍ତ୍ର ।
ତର୍କ-ବି. (ତର୍କ୍-ଅ) ଯୁକ୍ତି; ବାଦାନୁବାଦ; ବିଚାର;
ତର୍କିତ-ବିଂ. (ତର୍କ୍-ତ) ସମ୍ଭାବିତ; ଅନୁମିତ ।
ତର୍ଜନ-ବି. (ତର୍ଜ୍-ଅନ) ଭୟପ୍ରଦର୍ଶନ; କ୍ରୋଧ;
ଭର୍ତ୍ସନା । [ଅଙ୍ଗୁଳି ।
ତର୍ଜନୀ-ବି. (ତର୍ଜ୍-ଅନ-ଈ) ବୃଦ୍ଧାଙ୍ଗୁଳିର ନିକଟସ୍ଥ
ତର୍ଜିତ-ବିଂ. (ତର୍ଜ୍-ତ) ଭର୍ତ୍ସିତ; ତାଡ଼ିତ ।
ତର୍ପଣ-ବି. (ତୃପ୍-ଅନ) ପିତୃଲୋକ ପ୍ରୀତ୍ୟର୍ଥେ
ଜଳଦାନ; ପ୍ରୀଣନ ।
ତଳ-ବି. (ତଳ୍-ଅ) ଅଧୋଭାଗ; ପାତାଳ;
ମୂଳର ଚତୁଃପାର୍ଶ୍ୱବର୍ତ୍ତୀ ସ୍ଥାନ; ମହଳ ।

ତଲ୍ବ–ବି. ତଳବ।

ତଳାତଳ–ବି. (ତଳ-ଅତଳ) ସପ୍ତପାତାଳ ମଧ୍ୟରୁ ଗୋଟିଏ।

ତଲାସ–ବି. (ଆରବୀ) ଅନୁସନ୍ଧାନ।

ତଳ୍ପ–ବି. ଶଯ୍ୟା।

ତଲି–ବି. ଧାନ ପ୍ରଭୃତିର ଗଦାତଳ।

ତଳପା–ବି. ପାଦତଳ।

ତବତ–ବିଂ. (ତପ୍ତଶବ୍ଦଜ) ତତଲ।

ତସା–ବି. ରଷା।

ତସୁ–ବି. (ତୁଷଶବ୍ଦଜ) ଧାନର ଚୋପା।

ତସ୍କର–ବି. ଚୋର; ଅପହାରକ।

ତହି–ବି. ଲୁଗାର ଭାଙ୍ଗ।

ତହବିଲ–ବି. ସେକଡ଼; ପାଣ୍ଠି।

ତହିଁ–ସ. ସେଠାରେ।

ତହୁଁ–ସ. ସେଥିରୁ।

ତାକ–ବି. ଠଣା।

ତାକୁଡ଼ି–ବି. (ତର୍କୁଟୀଶବ୍ଦଜ) ସୂତା କାଟିବାର ଯନ୍ତ୍ର।

ତାଚ୍ଛୀଲ୍ୟ–ବି. (ତଚ୍ଛୀଲ-ଯ) ପୂର୍ବସ୍ୱଭାବତା; ଅଯତ୍ନ; ଅବଜ୍ଞା।

ତାଟ–ବି. ଡାଲ; ଭାଟି।

ତାଟଙ୍କ–ବି. କର୍ଣ୍ଣଭୂଷଣ ବିଶେଷ।

ତାଟଙ୍କା–ବିଂ. ବସ୍ତ୍ର; ଖତ।

ତାଟି–ବି. ବାଂଶ ବା ତାଳପତ୍ର ନିର୍ମିତ ପରଦା।

ତାଟିଆ–ବି. ଧାତୁନିର୍ମିତ ପାତ୍ରବିଶେଷ।

ତାଡ଼–ବି. ବାହୁଭୂଷଣ; ମାଟିପାତ୍ର; ମାଟିପାତ୍ରରେ ମଣ୍ଡଲଗାଇବା।

ତାଡ଼କା–ବି. ରାକ୍ଷସୀବିଶେଷ।

ତାଡ଼ନ / ତାଡ଼ନା–ବି. (ତଡ୍-ଣିଚ୍-ଅନ-ଆ) କଠୋର-ଶାସନ; ଭର୍ତ୍ସନା; ପ୍ରହାର।

ତାଡ଼ିତ–ବିଂ. (ତଡ୍-ଣିଚ୍-ତ) ଆହତ; ତିରସ୍କୃତ।

ତାଡ଼ିତ–ବିଂ. (ତଡିତ୍-ଅ) ତଡିତ୍ ସମ୍ବନ୍ଧୀୟ।

ତାଡ଼ିବା–କ୍ରି. ଅସ୍ତ୍ରଦ୍ୱାରା ଖୋଳି ଉପାଡିବା।

ତାଡ଼ି–ବି. (ତାଳଶବ୍ଦଜ) ତାଳ ବା ଖର୍ଜୁର ରସ।

ତାଡ୍ୟ–ବିଂ. (ତଡ୍-ଣିଚ୍-ଯ) ଦଣ୍ଡନୀୟ।

ତାଣ୍ଡବ–ବି. (ତଣ୍ଡୁ-ଅ) ନୃତ୍ୟ; ଉଦ୍ଧତନୃତ୍ୟ।

ତାତ–ବି. ପିତା; ପୂଜ୍ୟବ୍ୟକ୍ତି; ସ୍ନେହର ପାତ୍ର; ବତ୍ସ।

ତାତି–ବି. ତପ୍ତି; ଉଷ୍ଣତା।

ତାତ୍କାଳିକ–ବିଂ. (ତତ୍କାଳ-ଇକ) ସେହିକାଳ ଜାତ।

ତାତ୍ପର୍ଯ୍ୟ–ବି. (ତତ୍ପର-ଯ) ଅଭିପ୍ରାୟ; ମର୍ମ୍ମ।

ତାଦାତ୍ମ୍ୟ–ବି. (ତଦାତ୍ମ-ଯ) ତତ୍ସ୍ୱରୂପତା; ଅଭେଦ।

ତାଦୃକ୍ / ତାଦୃଶ–(ତଦ୍-ଦୃଶ) ସେହିପ୍ରକାର।

ତାନ–ବି. (ତନ୍-ଅ) ସଂଗୀତରେ ସ୍ୱରବିସ୍ତାର।

ତାନପୁରା–ବି. (ତାନ-ପୁରା) ବୀଣାକାର ବାଦ୍ୟ-ଯନ୍ତ୍ର ବିଶେଷ।

ତାନ୍ତବ–ବିଂ. (ତନ୍ତୁ-ଅ) ତନ୍ତୁନିର୍ମିତ।

ତାନ୍ତବତା–ବି. ଯେଉଁ ଗୁଣଯୋଗୁଁ ଟାଣିବା ଦ୍ୱାରା ତନ୍ତୁ ବା ତାର ନିର୍ମିତ ହୁଏ।

ତାପ–ବି. (ତପ୍-ଅ) ଉଷ୍ଣତା; ଜ୍ୱର; ସନ୍ତାପ।

ତାପସ–ବିଂ. (ତପସ୍-ଅ) ତପସ୍ୱୀ; ମୁନି।

ତାପସ୍ୟ-ବି. (ତାପସ-ଯ) ତାପସର ଧର୍ମ; ତପସ୍ୱୀର ଆଚରଣ ।

ତାପିଚ୍ଛ-ବି. ତମାଲବୃକ୍ଷ ।

ତାପିତ-ବିଂ. (ତପ୍-ଣିଚ୍-ତ) ଦୁଃଖିତ; ଖେଦାନ୍ୱିତ; ତାପଯୁକ୍ତ ।

ତାମରସ-ବି. ପଦ୍ମ ।

ତାମସ-ବିଂ. (ତମସ୍-ଅ) ଅନ୍ଧକାରାଚ୍ଛନ୍ନ; ତମୋଗୁଣାନ୍ୱିତ ।

ତାମସା-ବି. କୌତୁକ ।

ତାମସିକ-ବିଂ. (ତାମସ-ଇକ) ତମୋଗୁଣାନ୍ୱିତ; କଲୁଷମୟ ।

ତାମସୀ-ବି. (ତାମସ-ଈ) ଅନ୍ଧକାର ରାତ୍ରି ।

ତାମିସ୍ର-ବି. (ତମିସ୍ର-ଅ) କୃଷ୍ଣପକ୍ଷ ।

ତାମ୍ର-ବି. (ତମ୍-ର) ତମ୍ବା; ଧାତୁବିଶେଷ ।

ତାମ୍ରକୂଟ-ବି. (ତାମ୍ର-କୂଟ) ଧୂଅଁପତ୍ର; ତମାଖୁ ।

ତାମ୍ରଚୂଡ଼-ବି. (ତାମ୍ର-ଚୂଡ଼ା) କୁକ୍କୁଟ ।

ତାମ୍ବୁ-ବି. ବସ୍ତ୍ରଗୃହ ।

ତାମ୍ବୂଲ-ବି. ଲତାବିଶେଷ ବା ତାହାର ପତ୍ର (ଅହ୍ୱାସଙ୍କେ ଚୂନ ଗୁଆ ଖଇର ଓ ମସଲା ସଙ୍ଗେ ଚର୍ବିତ) ।

ତାମ୍ବୂଲ-କରଙ୍କ-ବି. ପାନବଟା ; ପାନଡବା ।

ତାମ୍ବୂଲୀ-ବି. ( ତାମ୍ବୂଲ-ଈନ୍ ) ତାମ୍ବୂଲବ୍ୟବସାୟୀ; ତାମ୍ବୁଲି ଜାତି ।

ତାର-ବିଂ. (ତୃ-ଅ) ଅତ୍ୟୁଚ୍ଚ (ଶବ୍ଦସମ୍ବନ୍ଧରେ); ଉଜ୍ଜ୍ୱଳ । ବି. ଧାତୁନିର୍ମିତ ତନ୍ତୁ; ମୁକ୍ତା ।

ତାରକ, ତାରକା-ବି. (ତୃ-ଅ-କ,ଅ) ନକ୍ଷତ୍ର ।

ତାରକ-ବିଂ. ଉଦ୍ଧାରକ ।

ତାରକିତ-ବିଂ. (ତାରକା-ଇତ) ତାରକାଯୁକ୍ତ ।

ତାରଣ-ବି. (ତୃ-ଣିଚ୍-ଅନ) ଉଦ୍ଧାର । ବିଂ. ଉଦ୍ଧାରକର୍ତ୍ତା ।

ତାରତମ୍ୟ-ବି. (ତରତମ-ଯ) ନ୍ୟୂନତା ବା ଆଧିକ୍ୟ; ଇତରବିଶେଷ ।

ତାରଲ୍ୟ-ବି. (ତରଲ-ଯ) ତରଳତା; ଚଞ୍ଚଳତା ।

ତାରା-ବି. (ତୃ-ଅ) ନକ୍ଷତ୍ର; ସଂସାର ଦୁଃଖନିସ୍ତାରକାରିଣୀ ଦେବୀ ।

ତାରା-ପତି-ବି. (ତାରା-ପତି) ଚନ୍ଦ୍ର ।

ତାରିଖ-ବି. (ଆରବୀ) ଦିବସ; ଦିନ ।

ତାରିଣୀ-ବିଂ. ( ତୃ-ଣିଚ୍-ଇନ୍-ଈ ) ନିସ୍ତାରକାରିଣୀ ।

ତାରିଫ୍-ବି. ପ୍ରଶଂସା ।

ତାରୁଣ୍ୟ-ବି. (ତରୁଣ-ଯ) ଯୌବନାବସ୍ଥା ।

ତାର୍କିକ-ବିଂ. (ତର୍କ-ଇକ) ତର୍କଶାସ୍ତ୍ରଜ୍ଞ ।

ତାର୍କ୍ଷ୍ୟ-ବି. ଗରୁଡ଼ ପକ୍ଷୀ ।

ତାଳ-ବି. (ତଲ୍-ଅ) ତାଳଗଛ; ଗାନ ବାଦ୍ୟ ବିଷୟରେ କାଳ ଓ କ୍ରିୟାର ପରିମାଣ ।

ତାଳ-ବୃନ୍ତ-ବି. ତାଳପତ୍ରର ବିଞ୍ଚଣା ।

ତାଳବେତାଳ-ବି. ଉପଦେବତା ବିଶେଷ ।

ତାଲବ୍ୟ-ବିଂ. ( ତାଲୁ-ଯ ) ତାଲୁସମ୍ବନ୍ଧୀୟ; ତାଲୁଦ୍ୱାରା ଉଚ୍ଚାରିତ ।

ତାଳସଜ-ବି. ତାଳଫଳର କୋମଳ ଶସ୍ୟ ।

ତାଲ୍ଲି-ବି. କୋଲପ ।

ତାଳି-ବି. (ତାଳଶବ୍ଦଜ) ଦୁଇ କରତଳ ଦ୍ୱାରା ଆଘାତ ।

ତାଲିମ-ବିଂ. (ଆରବୀ) ଶିକ୍ଷିତ ।

ତାଳୀ-ବି. (ତାଳ-ଈ) ତାଳଜାତୀୟ ବୃକ୍ଷ ।
ତାଲୁ-ବି. (ତୃ-ଉ) ଜିହ୍ୱାର ଉପରସ୍ଥ ସ୍ଥାନ ।
ତାଲୁକ-ବି. (ଆରବୀଶବ୍ଦ) ଜମିଦାରୀ ।
ତାଲେବର-ବିଂ. ଧନାଢ୍ୟ ।
ତାବତ୍-ଅଂ. (ତଦ୍-ପରିମାଣାର୍ଥେ-ବତୁ) ସେହି ପରିମାଣର, ତେତିକ ।

ତାବିଜ-ବି. (ଆରବୀ) ମନ୍ତ୍ରକବଚ; କଣ୍ଠଭୂଷଣ- [ବିଶେଷ ।
ତାସ୍-ବି. କ୍ରୀଡାର୍ଥ ଚିହ୍ନିତ କ୍ଷୁଦ୍ର ପତ୍ର ।
ତାହା-ସ. (ତଦ୍‌ଶବ୍ଦଜ) ସେହି ।

ତାଡ଼ିବା }
ତାଡ଼ିବା } କ୍ରି. ଉତ୍ତେଜିତ କରିବା ।

ତିଅଣ-ବି. (ତେମନଶବ୍ଦଜ) ତରକାରି ।
ତିକ୍ତ-ବିଂ. (ତିଜ୍-ତ) କଟୁ; ପିତା ।
ତିଗ୍ମ-ବିଂ. (ତିଜ୍-ମ) ତୀକ୍ଷ୍ଣ ।
ତିଗ୍ମରଶ୍ମି-ବି. ସୂର୍ଯ୍ୟ ।
ତିତିକ୍ଷା-ବି. (ତିଜ୍-ସନ୍-ଅ) ସହିଷ୍ଣୁତା ।
ତିତିକ୍ଷୁ-ବିଂ. (ତିଜ୍-ସନ୍-ଉ) ସହିଷ୍ଣୁ ।
ତିତୀର୍ଷୁ-ବିଂ. (ତୃ-ସନ୍-ଉ) ତରଣେଚ୍ଛୁ ।
ତିତିର-ବି. ପକ୍ଷୀବିଶେଷ ।
ତିଥି-ବି. (ଅତ୍-ଇଥି) ଚନ୍ଦ୍ରକଳାର ହ୍ରାସ ବୃଦ୍ଧି-ଅନୁସାରେ ପ୍ରତିପଦ୍ ଦ୍ୱିତୀୟାଦି ଦିନ-ପରିମିତ-କାଳି ।
ତିନି-ବିଂ. (ତ୍ରିଶବ୍ଦଜ) ୩ ସଂଖ୍ୟା ।
ତିନ୍ତିଡି-ବି. ତେନ୍ତୁଳୀଗଛ ଓ ତାହାର ଫଳ ।
ତିନ୍ତିବା-କ୍ରି. (ତିମ୍‌ଧାତୁଜ) ଆର୍ଦ୍ର ହେବା ।

ତିନ୍ଦୁ }
ତିନ୍ଦୁକ } ବି. କେନ୍ଦୁ ।

ତିମି-ବି. ପ୍ରକାଣ୍ଡ ମତ୍ସ୍ୟବିଶେଷ ।
ତିମିଙ୍ଗିଳ-ବି. (ତିମିଂ-ଗିଲ) ତିମିକୁ ଗିଳେ ଯେ ସେପରି ମତ୍ସ୍ୟ ।
ତିମିର-ବି. (ତିମ୍-ଇର) ଅନ୍ଧକାର ।
ତିରଶ୍ଚୀନ-ବିଂ. (ତିର୍ଯ୍ୟକ୍-ଈନ୍) ତେର୍ଛା; ବକ୍ର ।
ତିରସ୍କରଣୀ-ବି. (ତିରସ୍-କୃ-ଅନ୍-ଈ) ପର୍ଦା;
ତିରସ୍କାର-ବି. (ତିରସ୍-କୃ-ଅ) ଭର୍ତ୍ସନା ।
ତିରସ୍କୃତ-ବିଂ. (ତିରସ୍-କୃ-ତ) ଭର୍ତ୍ସିତ ।
ତିରୋଧାନ-ବି. (ତିରସ୍-ଧା-ଅନ) ଅଦର୍ଶନ; ଅନ୍ତର୍ଦ୍ଧାନ; ଆଚ୍ଛାଦନ; ବ୍ୟବଧାନ ।
ତିରୋଭାବ-ବି. (ତିରସ୍-ଭୂ-ଅ) ଅଦର୍ଶନ ।
ତିରୋଭୂତ-ବିଂ. (ତିରସ୍-ଭୂ-ତ) ଅନ୍ତର୍ହିତ ।
ତିରୋହିତ-ବିଂ. (ତିରସ୍-ଧା-ତ) ଅନ୍ତର୍ହିତ ।
ତିର୍ଯ୍ୟକ୍-ବିଂ.(ତିରସ୍-ଅନ୍ଚ୍-କ୍ୱିପ୍) ବକ୍ର; ତେର୍ଛା ।
ତିର୍ଯ୍ୟକ୍‌ଯୋନି-ବି. ପଶୁପକ୍ଷୀ ।
ତିଳ-ବି. (ତିଲ-ଅ) ଶସ୍ୟ; ତିଳବତ୍ ଦେହସ୍ଥ ଚିହ୍ନ; ସୂକ୍ଷ୍ମକଳା; ଅତ୍ୟଳ୍ପ ।
ତିଳକ-ବି. (ତିଳ-ଅକ) ଲଲାଟରେ ଚନ୍ଦନାଦି-ଫୋଟା; ଗାଛ ବିଶେଷ; ଶ୍ରେଷ୍ଠ ପୁରୁଷ ।
ତିଲୋତ୍ତମା-ବି. (ତିଳ-ଉତ୍ତମା) ଅପ୍ସରା ବିଶେଷ ।
ତିଷ୍ୟ-ବି. ପୁଷ୍ୟାନକ୍ଷତ୍ର; ପୌଷମାସ ।
ତୀଖ-ବିଂ. (ତୀକ୍ଷ୍ଣଶବ୍ଦଜ) ଉଚ୍ଚ ।
ତୀକ୍ଷ୍ଣ-ବିଂ. ମୁନିଆଁ; ଶାଣିତ; ଉଗ୍ର ।

ତୀର-ବି. (ତୀର୍-ଅ) ନଦୀକୂଳ; ବାଣ ।

ତୀରନ୍ଦାଜ-ବି. (ପାର୍ଶୀଶବ୍ଦ) ତୀରକ୍ଷେପକ ।

ତୀର୍ଣ୍ଣ-ବିଂ. (ତୃ-ତ) ଉତ୍ତୀର୍ଣ୍ଣ ।

ତୀର୍ଥ-ବି. (ତୃ-ଥ) ପୁଣ୍ୟସ୍ଥାନ ।

ତୀର୍ଥଙ୍କର-ବି. ଜୈନଧର୍ମର ପ୍ରବର୍ତ୍ତକ ୨୪ ଜଣ ମୁନି ତୀର୍ଥଙ୍କର ବା ପବିତ୍ର ମହାପୁରୁଷ ବୋଲି ପ୍ରସିଦ୍ଧ ।

ତୀବ୍ର-ବିଂ. (ତୀବ୍-ର) ତୀକ୍ଷ୍ଣ; କଟୁ; ଦୁଃସହ ।

ତୁ, ତୁହି-ସଂ. ତୁମ୍ଭେ ଶବ୍ଦର ନୀଚ ପ୍ରୟୋଗ ।

ତୁଙ୍ଗ-ବିଂ. ଉନ୍ନତ; ଉଚ୍ଚ ।

ତୁଚ୍ଛ-ବିଂ. ଅସାର; ହେୟ; ଶୂନ୍ୟ ।

ତୁଚ୍ଛା-ବିଂ. (ତୁଚ୍ଛଶବ୍ଦଜ) ଶୂନ୍ୟ; ଖାଲି; କେବଳ ।

ତୁଟା-ବିଂ. (ତ୍ରୁଟ୍ଧାତୁରୁ) ଭଙ୍ଗା ।

ତୁଟି-ବି. (ତ୍ରୁଟିଶବ୍ଦଜ) ହାନି; ଦୋଷ ।

ତୁଟିବା-କ୍ରି. (ତ୍ରୁଟ୍ଧାତୁରୁ) ଭାଙ୍ଗିବା ।

ତୁଠ-ବି. ନଦୀ ବା ପୁଷ୍କରିଣୀରେ ସ୍ନାନ କରିବାର [ସ୍ଥାନ ।

ତୁଣ୍ଡ-ବି. ମୁଖବିବର; ଓଷ୍ଠାଧର ।

ତୁଣ୍ଡପୋଡ଼ା-ବି. କଣ୍ଟକବୃକ୍ଷବିଶେଷ ।

ତୁଣ୍ଡି-ବି. ଗାଈ ପ୍ରଭୃତି ଜନ୍ତୁର ତୁଣ୍ଡବନ୍ଧନ ।

ତୁତ-ବି. ବୃକ୍ଷବିଶେଷ; (ଏଥିରେ କୋଷକୀଟ ପାଳିତ ହୁଅନ୍ତି) ।

ତୁତ୍ଥା-ବି. (ତୁତ୍ଥକଶବ୍ଦଜ) ମୟୂରଗ୍ରୀବ ।

ତୁନି-ବିଂ. (ତୁଷ୍ଣୀମ୍ଶବ୍ଦଜ) ନୀରବ; ଚୁପ୍ ।

ତୁନ୍ଦ-ବି. ପେଟ ।

ତୁନ୍ଦିଳ-ବିଂ. (ତୁନ୍ଦ-ଇଲ) ସ୍ଥୂଳୋଦର ।

ତୁନ୍ନ-ବିଂ. (ତୁଦ୍-ତ) ବ୍ୟଥିତ ।

ତୁମୂଳ, ତୁମୁଳ } ବିଂ. ଘୋର; ଉତ୍କଟ; ଭୟଙ୍କର ।

ତୁମ୍ବ, ତୁମ୍ବୀ } ବି. ଲାଉଖୋଳ; ବୀଣାଦି ବାଦ୍ୟଯନ୍ତ୍ରର ହାଣ୍ଡି ବା ଆଧାର ।

ତୁମେ, ତୁମ୍ଭେ } ସଂ. (ଯୁଷ୍ମଦ୍ଶବ୍ଦରୁ) ମଧ୍ୟମ ପୁରୁଷ ।

ତୁରଗ, ତୁରଙ୍ଗ, ତୁରଙ୍ଗମ } ବି. (ତୁର-ଗମ୍-ଅ) ଅଶ୍ୱ ।

ତୁରିତ-କ୍ରି. ବିଂ. (ତ୍ୱରିତଶବ୍ଦଜ) ଶୀଘ୍ର; ଚଞ୍ଚଳ ।

ତୁରୀ-ବି. ତୂରୀ; ମୁଖବାଦ୍ୟ ବିଶେଷ ।

ତୁରୀୟ-ବିଂ. ( ଚତୁର୍-ଈୟ ) ଚତୁର୍ଥ । ବି. ପରବ୍ରହ୍ମ ।

ତୁର୍ଯ୍ୟ, ତୂର୍ଯ୍ୟ } ବି. (ଚତୁର୍-ଯ) ଚତୁର୍ଥ ।

ତୁଳ, ତୁଲ } ବି. (ତୁଲ-ଧାତୁରୁ) ତସର; କପା । ବିଂ. ସମତୁଲ ।

ତୁଳନା-ବି. (ତୁଲ୍-ଅନ-ଆ) ସାମ୍ୟବୈଷମ୍ୟ-ନିରୂପଣ ।

ତୁଳସୀ-ବି. ସ୍ୱନାମପ୍ରସିଦ୍ଧ ବୃକ୍ଷ ।

ତୁଳା-ବି. (ତୁଲ୍-ଅ) ତୌଲିବାର ଯନ୍ତ୍ର; ସପ୍ତମ [ରାଶି ।

ତୁଳା-ବି. (ତୂଲଶବ୍ଦଜ) ମଞ୍ଜିଛଡ଼ା କପା; ଶିମିଳି ଗଛର ତୁଳା ।

ତୁଳାଦଣ୍ଡ-ବି. ପରିମାଣଦଣ୍ଡ; ନିକ୍ତି ।

ତୁଳା-ଦାନ-ବି. ତୁଳାପୁରୁଷ; ନିଜ ଦେହର ଭାର ପରିମାଣ ସ୍ୱର୍ଣ୍ଣାଦିଦାନ ।

ତୁଳାମାନ-ବି. ତୁଳାଦଣ୍ଡ ଦ୍ୱାରା ପରିମାଣ ।

ତୁଳାଭଣା-ବି. ତୁଳା ପିଞ୍ଜିବା ଲୋକ ।

ତୁଳି, ତୁଳିକା } ବି. (ତୁଳ୍‌ଧାତୁରୁ) ଚିତ୍ରକରର ବର୍ତ୍ତିକା ।

ତୁଳିତ-ବିଂ. (ତୁଳ୍‌-ତ) ପରିମିତ; ଉପମିତ; ଉତ୍କ୍ଷିପ୍ତ ।

ତୁଳିବା-କ୍ରି. ତୁଳନା କରିବା; ତୌଲ କରିବା ।

ତୁଳୀ-ବି. (ତୁଳାଶବ୍ଦରୁ) ତୁଳାଜନ୍ମିତ ଶେଯ ।

ତୁଲ୍ୟ-ବିଂ. (ତୁଲ୍‌-ଯ) ସଦୃଶ; ସମାନ ।

ତୁଷ-ବି. (ତୁଷ୍‌-ଅ) ଧାନ୍ୟାଦିର ଚୋପା ।

ତୁଷାନଳ-ବି. (ତୁଷ୍‌-ଅନଳ) ତୁଷାଗ୍ନିରେ ଦେହଦାହରୂପ ପ୍ରାୟଶ୍ଚିତ୍ତ ।

ତୁଷାର-ବି. (ତୁଷ୍‌-ଅର) ନୀହାର; ବରଫ ।

ତୁଷାର-ଗିରି-ବି. ହିମାଳୟ ।

ତୁଷ୍ଟ-ବିଂ. (ତୁଷ୍‌-ତ) ତୃପ୍ତ; ଆହ୍ଲାଦିତ ।

ତୁଷ୍ଟି-ବି. (ତୁଷ୍‌-ତି) ସନ୍ତୋଷ; ତୃପ୍ତି ।

ତୁହିନ-ବି. ହିମ । ବିଂ. ଶୀତଳ ।

ତୁହିନାଂଶୁ-ବି. (ତୁହିନ-ଅଂଶୁ) ଚନ୍ଦ୍ର ।

ତୂଣ, ତୂଣୀ, ତୂଣୀର } ବି. ଶର ରଖିବାର ତୁଙ୍ଗା; ବାଣାଧାର ।

ତୂର, ତୂରୀ } ବି. (ତୂର-ଅ-ଇ) ଯୁଦ୍ଧଭେରୀ ।

ତୂର୍ଣ୍ଣ-କ୍ରି. ବିଂ. (ତ୍ୱର-ତ) ଶୀଘ୍ର ।

ତୂର୍ଯ୍ୟ-ବି. (ତୁର-ଯ) ବିବିଧ ବାଦ୍ୟଯନ୍ତ୍ର ।

ତୂଳି, ତୂଳିକା } ବି. ଚିତ୍ରକରର ବର୍ଣ୍ଣ ଲେଖନୀ ।

ତୂଷ୍ଣୀଂଭାବ-ବି. (ତୂଷ୍ଣୀଂ=ନୀରବ+ଭାବ) ମୌନାବଲମ୍ବନ ।

ତୃଣ-ବି. (ତୃହ୍‌-ଣ) ଘାସ; କୁଟା ପ୍ରଭୃତି ।

ତୃଣଜୀବୀ-ବିଂ. ତୃଣଭକ୍ଷଣ ଦ୍ୱାରା ପ୍ରାଣଧାରଣକାରୀ ପ୍ରାଣୀ ।

ତୃଣଧାନ୍ୟ-ବି. ବାଲୁଙ୍ଗା ଧାନ ।

ତୃତୀୟ-ବିଂ. (ତ୍ରି-ତୀୟ) ଦ୍ୱିତୀୟର ପୂରକ ।

ତୃତୀୟା-ବି. ତିଥିବିଶେଷ ।

ତୃତୀୟାଶ୍ରମ-ବି. (ତୃତୀୟ-ଆଶ୍ରମ) ବାନପ୍ରସ୍ଥାଶ୍ରମ ।

ତୃପ୍ତ-ବିଂ. (ତୃପ୍‌-ତ) ସନ୍ତୁଷ୍ଟ; ଆହ୍ଲାଦିତ ।

ତୃପ୍ତି-ବି. (ତୃପ୍‌-ତି) ସନ୍ତୋଷ; ଆହ୍ଲାଦ ।

ତୃଷା, ତୃଷ୍ଣା } ବି. (ତୃଷ୍‌-ଅ) ପିପାସା; ଆକାଂକ୍ଷା; ଲୋଭ ।

ତୃଷ୍ଣାଳୁ-ବିଂ. (ତୃଷ୍ଣା-ଆଳୁ) ପିପାସୁ ।

ତୃଷିତ-ବିଂ. (ତୃଷ୍‌-ତ) ତୃଷାଯୁକ୍ତ ।

ତେରଶ-ବିଂ. ତ୍ରୟୋଦଶ, ୧୩ ସଂଖ୍ୟା ।

ତେଜଃ-ବି. (ତିଜ୍‌-ଅସ୍‌) ଦୀପ୍ତି; ପ୍ରତାପ; ସ୍ୱର୍ଣ୍ଣାଦି ଧାତୁ ।

ତେଜପତ୍ର-ବି. ଦାରୁଚିନି ପତ୍ର ।

ତେଜସ୍କର-ବିଂ. (ତେଜସ୍‌-କୃ-ଅ) ତେଜୋବୃଦ୍ଧିକାରକ; ଶକ୍ତିକାରକ ।

ତେଜସ୍ୱାନ୍‌, ତେଜସ୍ୱୀ } ବିଂ. (ତେଜସ୍‌-ବତ୍‌-ବିନ୍‌) ପ୍ରଭାବଶାଳୀ; ବଳବାନ୍‌; ତେଜୋବିଶିଷ୍ଟ ।

ତେଜିତ-ବି. (ତିଜ୍-ଣିଚ୍-ତ) ଶାଣିତ; ଉତ୍ତେଜିତ । [ତେଜସ୍ୱୀ ।

ତେଜୀୟାନ୍-ବି. ( ତେଜସ୍-ଈୟସ୍ ) ଅତି

ତେଜୋମୟ-ବି. (ତେଜସ୍-ମୟ) ଜ୍ୟୋତିର୍ମୟ; ତେଜଃପୂର୍ଣ୍ଣ ।

ତେଢ଼ା-ବି. (ତିର୍ଯ୍ୟକ୍ ଶବ୍ଦଜ) ବଙ୍କା ।

ତେଣିକି-କ୍ରି. ବି. ସେହି ଦିଗକୁ ।

ତେଣେ-କ୍ର. ବି. ସେ ଦିଗରେ ।

ତେଣ୍ଟା-ବି. ମତ୍ସ୍ୟାଦି ଭେଦନ କରିବାର ଶସ୍ତ୍ରବିଶେଷ; ଜଞ୍ଜଲ ।

ତେଣ୍ଟେଇ-ବି. (ଟିଟ୍ଟିଭ ଶବ୍ଦଜ) ପକ୍ଷୀବିଶେଷ ।

ତେଣ୍ଡା-ବି. ଜଳ ଉଠାଇବାର ଯନ୍ତ୍ରବିଶେଷ ।

ତେତାଳୀ-ବି. (ତ୍ରିତାଳ ଶବ୍ଦଜ) ଛନ୍ଦମହଲା ।

ତେତିଶ-ବି. (ତ୍ରୟସ୍ତ୍ରିଂଶତ୍ ଶବ୍ଦଜ)୩୩ ସଂଖ୍ୟା ।

ତେତିକି-ବି. ସେପର୍ଯ୍ୟନ୍ତ ।

ତେତେ-ବି. ସେତେ; ତତ୍ପରିମିତ ।

ତେତେବେଳେ-ସଂ. ସେହିସମୟରେ ।

ତେନ୍ତୁଳି-ବି. ( ତିନ୍ତିଡ଼ୀ ଶବ୍ଦଜ ) ଚିଞ୍ଚାବୃକ୍ଷ ବା ତାହାର ଅମ୍ଳଫଳ ।

ତେପନ-ବି. ୫୩ ସଂଖ୍ୟା ।

ତେମନ୍ତ-ବି. ସେହିପରି ।

ତେର-ବି. ୧୩ ସଂଖ୍ୟା ।

ତେଲ-ବି. (ତୈଳ ଶବ୍ଦଜ)ମାଲପା; ମଥାଦହି ।

ତେଲଙ୍ଗା-ବି. ତେଲିଙ୍ଗ ପ୍ରଦେଶର ଲୋକ ।

ତେଲୁଉଣି-ବି. ପଲମ ।

ତେଲୀ-ବି. (ତୈଳିକ ଶବ୍ଦଜ) ତୈଳବ୍ୟବସାୟୀ ।

ତେଲୁଣୀ-ବି. ତେଲୀଜାତୀୟ ସ୍ତ୍ରୀ ।

ତେସନ-କ୍ରି. ବି. ସେହିପ୍ରକାରେ ।

ତେହ୍ନେ-କ୍ରି. ବି. ସେହିପ୍ରକାରେ । [(ପାତ୍ର) ।

ତୈଜସ-ବି. ( ତେଜସ୍-ଅ ) ଧାତୁନିର୍ମିତ

ତୈଳ-ବି. (ତିଲ୍-ଅ) ତିଳାଦିର ତେଲ ।

ତୈଲଙ୍ଗ-ବି. ଦେଶବିଶେଷ; ତେଲିଙ୍ଗ ପ୍ରଦେଶର ଲୋକ ।

ତୈଳପା / ତୈଳପାୟିକା } ବି. (ତୈଳ-ପା-ଅ, ଅକ-ଆ) ତେଲପୋକ; ଅସରପା ।

ତୋ-ସଂ. (ତ୍ୱତ୍ ଶବ୍ଦଜ) ତୋର ।

ତୋଟକ-ବି. ଛନ୍ଦୋବିଶେଷ ।

ତୋଟା-ବି. ବଡ଼ ବଗିଚା ।

ତୋଡ଼-ବି. ବେଗ; ସ୍ରୋତର ବେଗ ।

ତୋଡ଼ା-ବି. ଟଙ୍କାର ଥଳୀ ।

ତୋଡ଼ି-ବି. ମତ୍ସ୍ୟବିଶେଷ ।

ତୋତା-ବି. ଶୁକପକ୍ଷୀ ।

ତୋପ-ବି. କମାଣ ।

ତୋୟ-ବି. (ତୁ-ୟ) ଜଳ ।

ତୋୟଧି / ତୋୟନିଧି } ବି. (ତୋୟ-ଧି, ନିଧି) ସମୁଦ୍ର; ସାଗର ।

ତୋରଣ-ବି. ବହିର୍ଦ୍ୱାର; ଫାଟକ ।

ତୋରା-ବି. ସୁନ୍ଦର; ମନୋହର ।

ତୋରାଣି-ବି. ପଖାଳ ଭାତର ଜଳ ।

ତୋଳକ-ବି.(ତୁଲ୍-ଅ-କ)ତୋଳା; ଏକଭରି ।

ତୋଳନ-ବି. (ତୁଲ୍-ଅନ) ଉତ୍ତୋଳନ; ଓଜନ ।

ତୋଲା-ବି. (ତୋଲକଶବ୍ଦଜ) ଭର, ୧୦ ମଶା ଓଜନ ।

ତୋଳିବା-କ୍ରି. ( ତୁଲ୍‌ଧାତୁଜ ) ଉଠେଇବା; ଚୟନ କରିବା; ନିର୍ମାଣ କରିବା ।

ତୋଶକ-ବି. ବିଛଣା; ଗଦି ।

ତୋଷ-ବି. ( ତୁଷ୍‌-ଅ ) ସନ୍ତୋଷ; ହର୍ଷ; ଆହ୍ଲାଦ ।

ତୋଷଣ-ବି. (ତୁଷ୍‌-ଅନ) ସନ୍ତୁଷ୍ଟକରଣ ।

ତୋଷାମୋଦ-ବି. (ଯାବନିକ) ଚାଟୁବଚନ; ଖୋସାମୋଦ୍ ।

ତୋଷାଖାନା-ବି. ( ପାର୍ଶିଶବ୍ଦ ) ବସ୍ତ୍ରାଦିର ଭଣ୍ଡାର ।

ତୋଷିତ-ବିଂ. (ତୁଷ୍‌-ଇତ) ସନ୍ତୋଷଯୁକ୍ତ ।

ତୋଷିବା-କ୍ରି. (ତୁଷ୍‌ଧାତୁଜ) ସନ୍ତୁଷ୍ଟ କରିବା ।

ତୌଜି-ବି. ଜମି ଜମାଦିର ହିସାବପତ୍ର ।

ତୌର୍ଯ୍ୟ-ବି. (ତୂର୍ଯ୍ୟ-ଅ) ବାଦ୍ୟ ।

ତୌର୍ଯ୍ୟତ୍ରିକ-ବି. (ତୌର୍ଯ୍ୟ-ତ୍ରିକ) ନୃତ୍ୟ, ଗୀତ ଓ ବାଦ୍ୟ ଏହି ତିତୟ ।

ତୌଲ-ବି. ତୁଲାଯନ୍ତ୍ର ।

ତୌଲିବା-କ୍ରି. ଓଜନ କରିବା ।

ତ୍ୟକ୍ତ-ବିଂ. (ତ୍ୟଜ୍‌-ତ) ବର୍ଜିତ; ବିସୃଷ୍ଟ ।

ତ୍ୟଜନ-ବି. (ତ୍ୟଜ୍‌-ଅନ) ତ୍ୟାଗ ।

ତ୍ୟାଗ-ବି. (ତ୍ୟଜ୍‌-ଅ) ବର୍ଜନ; ବିସର୍ଜନ; ଦାନ; ବୈରାଗ୍ୟ ।

ତ୍ୟାଗୀ-ବିଂ. (ତ୍ୟାଗ-ଇନ୍) ବୈରାଗୀ ।

ତ୍ୟାଜ୍ୟ-ବିଂ. (ତ୍ୟଜ୍‌-ଯ) ତ୍ୟାଗର ଯୋଗ୍ୟ; ବର୍ଜନୀୟ ।

ତ୍ରପା-ବି. (ତ୍ରପ୍‌-ଅ) ଲଜ୍ଜା ।

ତ୍ରପିତ-ବିଂ. (ତ୍ରପ୍‌-ତ) ଲଜ୍ଜିତ ।

ତ୍ରୟ-ବି. (ତ୍ରି-ଅୟ) ୩ ସଂଖ୍ୟା; (ସ୍ତ୍ରୀଲିଙ୍ଗରେ ତ୍ରୟୀ) ।

ତ୍ରୟସ୍ତ୍ରିଂଶତ୍-ବିଂ. ୩୩ ସଂଖ୍ୟା ।

ତ୍ରୟୋଦଶ-ବିଂ. ( ତ୍ରି-ଦଶନ୍‌-ଅ ) ତେର ସଂଖ୍ୟାର ପୂରଣବାଚକ । [ବିଶେଷ ।

ତ୍ରୟୋଦଶୀ-ବି. ( ତ୍ରି-ଦଶନ୍‌-ଅ-ଈ ) ତିଥି-

ତ୍ରସ୍ତ-ବିଂ. (ତ୍ରସ୍‌-ତ) ତ୍ରାସଯୁକ୍ତ; ଭୀତ; ଚକିତ ।

ତ୍ରାଣ-ବି.(ତ୍ରୈ-ଅନ) ବିପଦରୁ ଉଦ୍ଧାର; ରକ୍ଷା ।

ତ୍ରାତା-ବିଂ. (ତ୍ରୈ-ତୃ) ରକ୍ଷାକର୍ତ୍ତା ।

ତ୍ରାସ-ବି. (ତ୍ରସ୍‌-ଅ) ଭୟ ।

ତ୍ରାସିତ- ବିଂ. (ତ୍ରସ୍‌-ଣିଚ୍‌-ତ) ବିଭୀଷିତ ।

ତ୍ରାହି-କ୍ରି. (ତ୍ରୈ-ହି) ରକ୍ଷାକର; ବି. ରକ୍ଷା ।

ତ୍ରି-ବିଂ. ୩ ସଂଖ୍ୟା ।

ତ୍ରିଂଶ, ତ୍ରିଂଶତ୍ } ବିଂ. ୩୦ ସଂଖ୍ୟା ।

ତ୍ରିକ-ବି. (ତ୍ରି-କ) ମେରୁଦଣ୍ଡର ନିମ୍ନଭାଗ; କଟି; ୩ ସଂଖ୍ୟା ।

ତ୍ରି-କଟୁ-ବି. ଶୁଣ୍ଠି, ପିପ୍ପଳି ଓ ଗୋଲମରିଚ ।

ତ୍ରି-କାଳ-ବି. ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟା; ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ।

ତ୍ରି-କାଳଜ୍ଞ-ବିଂ. (ତ୍ରିକାଳ-ଜ୍ଞା-ଅ) କାଳତ୍ରୟ-ବୃତ୍ତାନ୍ତଜ୍ଞାତା ।

ତ୍ରି-କୂଟ-ବି. ତିନିଶୃଙ୍ଗବିଶିଷ୍ଟ ପର୍ବତ ।

ତ୍ରିକୋଣ-ବି. ତିନିକୋଣ; ତ୍ରିଭୁଜକ୍ଷେତ୍ର ।

ତ୍ରିକୋଣମଣ୍ଡଳ ଭୂମି-ବି. ନଦୀମୁହାଣ ନିକ-
ଟରେ ଥିବା ତ୍ରିକୋଣ ଭୂଖଣ୍ଡ । [ତମଃ ।
ତ୍ରିଗୁଣ-ବି. (ତ୍ରି-ଗୁଣ) ତିନିଗୁଣ; ସତ୍ତ୍ୱ, ରଜଃ ଓ
ତ୍ରିଜାତକ-ବି. ଜାଇତ୍ରୀ, ଅଳାଇଚ ଓ ତେଜ-
ପତ୍ର ।
ତ୍ରି-ତନ୍ତ୍ରି-ବି. ସେତାର ନାମକ ବାଦ୍ୟଯନ୍ତ୍ର ।
ତ୍ରି-ତୟ-ବି. ତିନିଗୋଟି; ତ୍ରୟ ।
ତ୍ରି-ତାପ-ବି. (ତ୍ରି-ତାପ) ଆଧ୍ୟାତ୍ମିକ, ଆଧିଦୈ-
ବିକ ଓ ଆଧିଭୌତିକ ଏହି ତ୍ରିବିଧ ସନ୍ତାପ ।
ତ୍ରି-ଦଣ୍ଡ-ବି. ବାକ୍‌ଦଣ୍ଡ, ମନୋଦଣ୍ଡ, ଓ କାୟଦଣ୍ଡ ।
ତ୍ରିଦଣ୍ଡୀ-ବି°. (ତ୍ରି-ଦଣ୍ଡ-ଇନ୍‌) ସନ୍ନ୍ୟାସୀ ।
ତ୍ରିଦଶ-ବି. ଦେବତା । ବି°. ତ୍ରିଂଶ ସଂଖ୍ୟକ ।
ତ୍ରିଦଶାରି-ବି. (ତ୍ରିଦଶ-ଅରି) ଦେବଶତ୍ରୁ; ଅସୁର ।
ତ୍ରିଦିବ-ବି. (ତ୍ରି-ଦିବ୍-ଅ) ସ୍ୱର୍ଗ; ଆକାଶ ।
ତ୍ରିଦିବେଶ-ବି. (ତ୍ରିଦିବ-ଈଶ) ଇନ୍ଦ୍ର ।
ତ୍ରିଦୋଷ-ବି. (ତ୍ରି-ଦୋଷ) ବାତ, ପିତ୍ତ ଓ କଫର
ଦୋଷ ।
ତ୍ରିଧା / ତ୍ରିବିଧ } ଅ°. (ତ୍ରି-ଧା-ବିଧ) ତିନିପ୍ରକାର ।
ତ୍ରି-ନବତି-ବି°. ୯୩ ସଂଖ୍ୟା ।
ତ୍ରି-ନୟନ-ବି. ଶିବ; ମହାଦେବ ।
ତ୍ରିପଞ୍ଚାଶତ୍-ବି°. ୫୩ ସଂଖ୍ୟା ।
ତ୍ରି-ପତ୍ର-ବି. ବେଲଗଛ ।
ତ୍ରିପଥଗା-ବି. (ତ୍ରିପଥ-ଗମ୍-ଅ-ଆ) ତ୍ରିପଥ-
ଗାମିନୀ; ଗଙ୍ଗା । [ତେପାୟା ।
ତ୍ରିପଦୀ-ବି. (ତ୍ରି-ପଦ୍-ଈ) ଛନ୍ଦୋବିଶେଷ;

ତ୍ରିପାଦ-ବି. ତ୍ରିବିକ୍ରମ; ବିଷ୍ଣୁ; ବି°. ତ୍ରିପାଦବିଶିଷ୍ଟ ।
ତ୍ରିପିଷ୍ଟପ / ତ୍ରିବିଷ୍ଟପ } ବି. (ତ୍ରି-ପିଷ୍ଟପ,-ବିଷ୍ଟପ) ତ୍ରିଭୁବନ; ସ୍ୱର୍ଗ ।
ତ୍ରିପୁଣ୍ଡ୍ର-ବି. ଲଲାଟରେ ଭସ୍ମାଦିରଚିତ ତିନୋଟି
ରେଖା । [ହନ୍ତା; ମହାଦେବ ।
ତ୍ରିପୁରାରି-ବି. (ତ୍ରି-ପୁର-ଅରି) ତ୍ରିପୁର ରାକ୍ଷସର-
ତ୍ରିଫଳା-ବି. ହରିଡ଼ା, ବାହାଡ଼ା ଓ ଅଁଳା ।
ତ୍ରି-ବଳି-ବି. ଉଦରରେ ମାଂସର ସଂକୋଚ
ଜନିତ ରେଖାତ୍ରୟ ।
ତ୍ରିଭୁଜ-ବି. ତ୍ରିକୋଣ କ୍ଷେତ୍ର ।
ତ୍ରି-ଭୁବନ-ବି. ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।
ତ୍ରିମୂର୍ତ୍ତି-ବି. (ତ୍ରି-ମୂର୍ତ୍ତି) ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ।
ତ୍ରିୟମ୍ବକ-ବି. (ତ୍ରି-ଅମ୍ବକ=ନେତ୍ର) ଶିବ;
ମହାଦେବ ।
ତ୍ରିଯାମା-ବି. (ତ୍ରି-ଯାମା) ରଜନୀ ।
ତ୍ରିଲୋକୀ-ବି. (ତ୍ରି-ଲୋକ-ଈ) ତ୍ରିଲୋକ; ସ୍ୱର୍ଗ,
ମର୍ତ୍ତ୍ୟ ଓ ପାତାଳ ।
ତ୍ରି-ବର୍ଗ-ବି. ଧର୍ମ, ଅର୍ଥ ଓ କାମ ।
ତ୍ରିବିକ୍ରମ-ବି. (ତ୍ରି-ବିକ୍ରମ) ତ୍ରିପଦଦ୍ୱାରା ତ୍ରିଲୋକ-
ବ୍ୟାପୀ ବାମନରୂପୀ ବିଷ୍ଣୁ ।
ତ୍ରିବୃତ୍-ବି. ତେଉଡ଼ି ଲତା ।
ତ୍ରି-ବୃତ୍ତ-ବି°. ତ୍ରିଗୁଣିତ ।
ତ୍ରିବେଣୀ-ବି. (ତ୍ରି-ବେଣୀ) ଯେଉଁଠାରେ ଗଙ୍ଗା,
ଯମୁନା ଓ ସରସ୍ୱତୀର ଯୋଗ ।
ତ୍ରିବେଦୀ ବି°. (ତ୍ରି-ବେଦ-ଇନ୍‌) ଋକ୍, ଯଜୁଃ,
ସାମ ଏହି ତିନିବେଦର ଜ୍ଞାତା (ବ୍ରାହ୍ମଣ) ।

ତ୍ରିଶତ–ବିଂ. ତିନିଶ, ୩୦୦ ।

ତ୍ରି-ଶୂଳ–ବି. ତ୍ରିଫଳକଯୁକ୍ତ ଅସ୍ତ୍ର, ଶିବାସ୍ତ୍ର ।

ତ୍ରିଶୂଳୀ–ବି. (ତ୍ରିଶୂଳ-ଇନ୍) ଶିବ ।

ତ୍ରି-ସନ୍ଧ୍ୟା–ବି. ପ୍ରାତଃ, ମଧ୍ୟାହ୍ନ ଓ ସାୟାହ୍ନ ।

ତ୍ରି-ସପ୍ତ–ବିଂ. ସାତର ତିନିଗୁଣ, ୨୧ ସଂଖ୍ୟା ।

ତ୍ରିସପ୍ତତି–ବିଂ. ୭୩ ସଂଖ୍ୟା ।

ତ୍ରୁଟି–ବି. (ତ୍ରୁଟ୍-ଇ) ନ୍ୟୂନତା; କ୍ଷତି; ଦୋଷ ।

ତ୍ରୁଟିତ–ବିଂ. (ତ୍ରୁଟ୍-ତ) ଛିନ୍ନ; ଭଗ୍ନ ।

ତ୍ରେତା–ବି. (ତ୍ରି-ଇତ-ଅ) ଦ୍ୱିତୀୟ ଯୁଗ ।

ତ୍ରେଧା–କ୍ରି. ବିଂ. ତିନିପ୍ରକାରେ ।

ତ୍ରୈଗୁଣ୍ୟ–ବି. ସତ୍ତ୍ୱ, ରଜଃ ଓ ତମଃ ଏହି ଗୁଣ-ତ୍ରୟର ସମଷ୍ଟି । [ସମ୍ବନ୍ଧୀୟ ।

ତ୍ରୈମାସିକ–ବିଂ. (ତ୍ରିମାସ-ଇକ) ମାସତ୍ରୟ-

ତ୍ରୈରାଶିକ–ବି. (ତ୍ରିରାଶି-ଇକ) ତିନିରାଶି ଜଣା-ଥିଲେ ଚତୁର୍ଥ ରାଶି ବାହାର କରିବାର ଗାଣି-ତିକ ନିୟମବିଶେଷ । [ପାତାଳ ।

ତ୍ରୈଲୋକ୍ୟ–ବି. (ତ୍ରିଲୋକ-ଯ) ସ୍ୱର୍ଗ, ମର୍ତ୍ତ୍ୟ ଓ

ତ୍ରୋଟକ–ବିଂ. (ତ୍ରୁଟ୍-ଅକ) ଯାହାଦ୍ୱାରା ଛେଦନ କରାଯାଏ । ବି. ଏକପ୍ରକାର ନାଟ୍ୟଗ୍ରନ୍ଥବିଶେଷ ।

ତ୍ରୋଟି–ବି. ଚଞ୍ଚୁ; ପକ୍ଷୀର ଥଣ୍ଟ ।

ତ୍ର୍ୟଂଶ–ବି. (ତ୍ରି-ଅଂଶ) ତୃତୀୟାଂଶ ।

ତ୍ର୍ୟହସ୍ପର୍ଶ–ବି. (ତ୍ରି-ଅହନ୍-ସ୍ପର୍ଶ) ଏକଦିନରେ ତିନି ତିଥିର ମିଳନ ।

ତ୍ୱକ୍–ବି. (ତ୍ୱଚ୍-କ୍ୱିପ୍) ବଲ୍କଲ; ଚର୍ମ; ସ୍ପର୍ଶେନ୍ଦ୍ରିୟ ।

ତ୍ୱଂ–ସର୍ବ. ତୁମ୍ଭେ ।

ତ୍ୱଦୀୟ–ବିଂ. (ତ୍ୱଦ୍-ଈୟ) ତୁମ୍ଭ ସମ୍ବନ୍ଧୀୟ ।

ତ୍ୱରା–ବି. (ତ୍ୱର୍-ଅ) ବେଗ; ଶୀଘ୍ରତା ।

ତ୍ୱରିତ–ବିଂ. (ତ୍ୱର-ଇତ) ସତ୍ୱର ।

ତ୍ୱଷ୍ଟା–ବି. (ତ୍ୱକ୍ଷ୍-ତୃ) ବିଶ୍ୱକର୍ମା; ବଢ଼େଇ ।

ତ୍ୱାଦୃଶ–ବିଂ. (ତ୍ୱଦ୍-ଦୃଶ) ତୁମ୍ଭସଦୃଶ ।

ତ୍ୱିଷାମ୍ପତି–ବି. (ତ୍ୱିଷାଂ=ତେଜର କିରଣର + ପତି) ସୂର୍ଯ୍ୟ ।

---

## ଥ

ବ୍ୟଞ୍ଜନବର୍ଣ୍ଣର ସପ୍ତଦଶ ବର୍ଣ୍ଣ ।

ଥକା–ବି. (ସ୍ଥଗ୍ ଧାତୁରୁ) କ୍ଳାନ୍ତ; ଶ୍ରାନ୍ତ ।

ଥକାମରା–ବିଂ. (ସ୍ଥଗ୍ ଓ ମୃ ଧାତୁରୁ) କ୍ଳାନ୍ତିରେ ମ୍ରିୟମାଣ ।

ଥକିବା–କ୍ରି. (ସ୍ଥଗ୍ ଧାତୁରୁ) ଅବସନ୍ନ ହେବା ।

ଥଙ୍ଗଥଙ୍ଗ୍–ବିଂ. ଅସ୍ଥିର; ଅନିଶ୍ଚିତ ।

ଥଟା / ଥଟ୍ଟା } ବି. ପରିହାସ ।

ଥଟାରି–ବି. କଂସା ପିତ୍ତଳ ପାତ୍ର-ନିର୍ମାତା ।

ଥଣ୍ଟ–ବି. ଚଞ୍ଚୁ ।

ଥଣ୍ଡା–ବିଂ. ଶୀତଳ; ଉତ୍ସାହହୀନ ।

ଥନ–ବି. (ସ୍ତନଶବ୍ଦରୁ) ସ୍ତନ ।

ଥନଥନ–ବିଂ. ଅସମ୍ପୂର୍ଣ୍ଣ ।

ଥନହରା–ବି. ସ୍ତନରୋଗବିଶେଷ ।

ଥନ୍ତରା–ବିଂ. ଯାହାର ମୁହଁ ବା ଦାନ୍ତ ନାହିଁ ।

ଥନ୍ତଲ୍-ବିଂ. ଫଁପା; ମୋଟା । [ପଚଳଶବ୍ଦ ।
ଥପ୍‌ଥପ୍-ଅଂ. ଜଳୀୟ ଦ୍ରବ୍ୟର ଟୋପା ଟୋପା
ଥବିର-ବିଂ. (ସ୍ଥବିରଶବ୍ଦଜ) ବୃଦ୍ଧ ।
ଥମ୍ଭିବା-କ୍ରି.(ସ୍ତମ୍ଭଶବ୍ଦଜ)ଅଟକିଯିବା; ରହିଯିବା ।
ଥୟ-ବିଂ. (ସ୍ଥାଧାତୁଜ) ସ୍ଥିର ।
ଥର-ବି. (ସ୍ତରଶବ୍ଦଜ) ବାର ।
ଥରକୁଥର-କ୍ରି. ବିଂ. ବାରମ୍ବାର ।
ଥର୍‌ଥର-ବିଂ. କମ୍ପିତ ।
ଥରିବା-କ୍ରି. କମ୍ପିବା; କମ୍ପିତ ହେବା ।
ଥଳ-ବି. (ସ୍ଥଳଶବ୍ଦଜ) ଭୂମି; ଜଳରେ ପଶିଯିବା ଭଳି ସ୍ଥାନ ।
ଥଳୀ-ବି. (ସ୍ଥଳୀଶବ୍ଦଜ) ମୃଣୀ; ସ୍ଥଳୀ ।
ଥାକିବା-କ୍ରି. (ସ୍ଥାଧାତୁରୁ) ରହିବା ।
ଥାକୁଳ୍-ବିଂ. ଅତି ମୋଟ ।
ଥାଠ-ବି. ସୈନ୍ୟ ।
ଥାଟ-ବି. ସଞ୍ଚିତ ଧନ ।
ଥାନ-ବି. (ସ୍ଥାଧାତୁଜ) ଭୂମି ।
ଥାନମୁଦ୍ରା-ବି. ଗଣ୍ଡସ୍ଥଳର ଉପରଭାଗ ।
ଥାନା-ବି. (ସ୍ଥାଧାତୁଜ) ଜଗିବା ସ୍ଥାନ ।
ଥାମ୍ଭୀ-ବିଂ. (ସ୍ଥାମୀଶବ୍ଦଜ) ସ୍ଥାୟୀ ।
ଥାପିବା-କ୍ରି.(ଣିଜନ୍ତ ସ୍ଥାଧାତୁରୁ)ସ୍ଥାପନ କରିବା ।
ଥାଳ-ବି. ଛଉଗୋଲରେ ନିର୍ମିତ ଭିକ୍ଷାପାତ୍ର ।
ଥାଳିଆ-ବି. ( ସ୍ଥାଳୀଶବ୍ଦଜ ) ଶ୍ରେଷ୍ଠଥାଳୀ; ରେକାବ । [ବିଶେଷ ।
ଥାଳୀ-ବି. (ସ୍ଥାଳୀଶବ୍ଦଜ) ଧାତୁ ନିର୍ମିତ ପାତ୍ର-

ଥିବା-କ୍ରି. (ସ୍ଥାଧାତୁରୁ) ରହିବା ।
ଥୁଆ-ବିଂ. ସ୍ଥିତ; ରକ୍ଷିତ ।
ଥୁଆଥୋଇ-ବି. ବିଧବା ସ୍ତ୍ରୀର ପୁନର୍ବିବାହ; ବିଭିନ୍ନ ପଦାର୍ଥମାନ ଯଥାସ୍ଥାନରେ ରଖିବା ।
ଥୁକ-ବି. ଛେପ ।
ଥୁଣ୍ଟା-ବିଂ. ଶାଖାହୀନ; ମୁଣ୍ଡା ।
ଥୁକ୍‌କାର-ବି. ଛେପ ପକାଇବା ।
ଥେଣ୍ଟା-ବିଂ. ଅମାନିଆ; ଅବାଧ୍ୟ ।
ଥୋଇଲ୍ଲି-ବି. ଦାସୀ; ରକ୍ଷିତା ସ୍ତ୍ରୀ ।
ଥୋଇବା-କ୍ରି. (ସ୍ଥାଧାତୁଜ) ରଖିବା ।
ଥୋକେ } ବିଂ. କେତେକ; କେତେଗୁଡ଼ିଏ ।
ଥୋକାଏ }
ଥୋଡ଼-ବି. ଧାନର ଶିଂଷା; କଦଳୀଗଛରେ ନବୋଦ୍ଗତ କାନ୍ଦି ।
ଥୋଡ଼ା-ବିଂ. ଅଳ୍ପ ।
ଥୋଡ଼ିଆ } ବି. ଯେ ବଳଦଦ୍ୱାରା ଭାର ବହନ
ଥୋରିଆ } କରଏ ।
ଥୋପ-ବି. ବନଶିରେ ମାଛ ଧରିବାପାଇଁ ଯେଉଁ ଆହାର ଦିଆଯାଏ ।
ଥୋପା-ବି. ଗୁଚ୍ଛ ।
ଥୋପିପଡ଼ିବା-କ୍ରି. ବୋଝପଡ଼ିବା ।
ଥୋମଣି-ବି. ପଶୁମାନଙ୍କର ଓଷ୍ଠ ।
ଥୋକିଲ୍-ବିଂ. କ୍ଳାନ୍ତ; ଥକିଯିବା ।
ଥୋର } ବି. ବହ୍ନିଶୃଣ୍ଡ ।
ଥୋରପାହାର }

**ଦ** ବ୍ୟଞ୍ଜନବର୍ଣ୍ଣର ଅଷ୍ଟାଦଶ ବର୍ଣ୍ଣ; ଶବ୍ଦାନ୍ତେ ଦାତା ଅର୍ଥରେ ପ୍ରଯୁକ୍ତ ।

ଦଅଣା—ବି. ପୁଷ୍ପବିଶେଷ ।

ଦଇମା କରିବା—କ୍ରି. (ଦୈନ୍ୟଶବ୍ଦଜ) ବିନତି କରିବା ।

ଦଉଡ଼ି—ବି. (ଡୋରଶବ୍ଦଜ) ରଜ୍ଜୁ ।

ଦଉଡ଼ିବା—କ୍ରି. (ଦ୍ରୁ ଧାତୁରୁ) ଧାଇଁବା ।

ଦଂଶ—ବି. (ଦନ୍ଶ୍-ଅ) ଦଂଶନ; ଡାଁଶ ।

ଦଂଶକ—ବି. (ଦନ୍ଶ୍-ଅକ) ଯେ ଦଂଶନ କରେ ।

ଦଂଶନ—ବି. (ଦନ୍ଶ୍-ଅନ) ଦନ୍ତ ବା ନାହୁଡ଼ ଦ୍ୱାରା ଅଘାତ ।

ଦଂଶିତ—ବିଂ. ଦନ୍ତାଦି ଦ୍ୱାରା ଅହତ ।

ଦଂଷ୍ଟ୍ରା—ବି. (ଦନ୍ଶ୍-ଷ୍ଟ୍ର-ଅ) ବନ୍ୟପଶୁର ବଡ଼ ଦାନ୍ତ ।

ଦକ }
ଦକା } ବି. ଭୟ; ଚିନ୍ତା ।

ଦକ୍ଷ—ବିଂ. (ଦକ୍ଷ୍-ଅ) ସମର୍ଥ; ନିପୁଣ । ବି. ପୁରାଣୋକ୍ତ ପ୍ରଜାପତି ବିଶେଷ ।

ଦକ୍ଷତା—ବି. (ଦକ୍ଷ-ତା) ସାମର୍ଥ୍ୟ; ପଟୁତା ।

ଦକ୍ଷିଣ—ବିଂ. (ଦକ୍ଷ-ଇନ) ଡାହାଣ, ବାମେତର; ଉତ୍ତରର ବିପରୀତ (ଦିଗ୍) । ବି. ଦକ୍ଷିଣଦେଶ ।

ଦକ୍ଷିଣା—ବି. ଗୁରୁ ବା ପୁରୋହିତଙ୍କୁ ଦତ୍ତଧନ; ଦକ୍ଷିଣଦିଗ୍ ।

ଦକ୍ଷିଣାନିଳ—ବି. (ଦକ୍ଷିଣ-ଅନିଳ) ମଳୟପବନ ।

ଦକ୍ଷିଣା-ପଥ—ବି. ଦକ୍ଷିଣଦେଶ; ଦାକ୍ଷିଣାତ୍ୟ ।

ଦକ୍ଷିଣାୟନ—ବି. (ଦକ୍ଷିଣ-ଅୟନ) ବିଷୁବରେଖାର ଦକ୍ଷିଣବର୍ତ୍ତୀ ସୂର୍ଯ୍ୟମାର୍ଗ ।

ଦକ୍ଷିଣାବର୍ତ୍ତ—ବି. (ଦକ୍ଷିଣ-ଆବର୍ତ୍ତ) ଦକ୍ଷିଣ ଅଡ଼କୁ ଆବର୍ତ୍ତନ ।

ଦଖଲ—ବି. ଅଧିକାର ।

ଦଖଲ—ବିଂ. କର୍ଦ୍ଦମମୟ ।

ଦଗା—ବି. ପ୍ରବଞ୍ଚନା; ଠେଁଗ ।

ଦଗାଦିଆ }
ଦଗାଦାର } ବିଂ. ପ୍ରବଞ୍ଚକ ।

ଦଙ୍ଗା—ବି. କଳହ ।

ଦଗ୍ଧ—ବିଂ. (ଦହ୍-ତ) ଜ୍ୱଳିତ; ଭସ୍ମୀକୃତ ।

ଦଡ଼—ବିଂ. (ଦୃଢ଼ଶବ୍ଦଜ) ଶକ୍ତ; ମଜବୁତ ।

ଦଣ୍ଡ—ବି. (ଦଣ୍ଡ୍-ଅ) ଯଷ୍ଟି; ଶାସନ; ଶିକ୍ଷା; ୬୦ ପଲ ପରିମିତ ସମୟ ।

ଦଣ୍ଡକାକ—ବି. ଡାମରକୁଆ ।

ଦଣ୍ଡକାରଣ୍ୟ—ବି. ରାମାୟଣ ବର୍ଣ୍ଣିତ ମହାରଣ୍ୟ-ବିଶେଷ ।

ଦଣ୍ଡ-ଗ୍ରହଣ—ବି. ସନ୍ନ୍ୟାସାଶ୍ରମ ଅବଲମ୍ବନ (ଦଣ୍ଡୀ ସନ୍ନ୍ୟାସୀମାନେ ହସ୍ତରେ ଦଣ୍ଡ ଧାରଣ କରନ୍ତି) ।

ଦଣ୍ଡଧର—ବି. (ଦଣ୍ଡ-ଧୃ-ଅ) ଯେ ଦଣ୍ଡ ଧାରଣ କରେ; ରାଜା; ଯମ; ଦଣ୍ଡଧାରୀ ।

ଦଣ୍ଡନ—ବି. ଶାସନ ।

ଦଣ୍ଡନୀତି—ବି. ରାଜନୀତି ।

ଦଣ୍ଡନୀୟ—ବିଂ. (ଦଣ୍ଡ-ଅନୀୟ) ଦଣ୍ଡାର୍ହ, ଦଣ୍ଡ ପାଇବାର ଯୋଗ୍ୟ ।

ଦଣ୍ଡବତ୍—ବି. (ଦଣ୍ଡ-ବତ୍) ଦଣ୍ଡପ୍ରାୟ ଭୂମିଷ୍ଠ ପ୍ରଣାମ ।

ଦଣ୍ଡବିଧି—ବି. (ଦଣ୍ଡ-ବିଧି) ଅପରାଧୀର ଦଣ୍ଡ-ବିଧାନ ।

ଦଣ୍ଡା—ବ. (ଦଣ୍ଡଶବ୍ଦଜ) ଶଗଡ଼ ଧଣ୍ଡା; ଗୋରୁ ଯିବାର ବାଟ ।

ଦଣ୍ଡାୟମାନ—ବିଂ. (ଦଣ୍ଡ-ଆୟ୍-ଶାନଚ୍) ଦଣ୍ଡପ୍ରାୟ ସିଧାଭାବରେ ଠିଆ ।

ଦଣ୍ଡାର—ବ. (ଦଣ୍ଡ-ଋ-ଅ) କୁମ୍ଭକାରଚକ୍ର ।

ଦଣ୍ଡି—ବ. ହାତିବାର ଆଭରଣବିଶେଷ; ନକ୍ତି ।

ଦଣ୍ଡିତ—ବିଂ. (ଦଣ୍ଡ୍-ତ) ଦଣ୍ଡପ୍ରାପ୍ତ ।

ଦଣ୍ଡିଦାର—ବ. ଯେ ଖଞ୍ଜଲ ଇତ୍ୟାଦି ଓଜନ କରେ ।

ଦଣ୍ଡୀ—ବ. (ଦଣ୍ଡ-ଇନ) ସନ୍ନ୍ୟାସୀ; ଶୂଳଦଣ୍ଡ ।

ଦଣ୍ଡପାଶି—ବ. (ଦଣ୍ଡପାଶୀଶବ୍ଦଜ) ଚୌକିଆ; ଚୂମୁଟା ।

ଦଣ୍ଡ୍ୟ—ବିଂ. (ଦଣ୍ଡ୍-ଯ) ଦଣ୍ଡନୀୟ ।

ଦତ୍ତ—ବିଂ. (ଦା-ତ) ଦାନକୃତ; ଉତ୍ସୃଷ୍ଟ ।

ଦତ୍ତକପୁତ୍ର—ବ. ପୋଷ୍ୟ ପୁତ୍ର ।

ଦତ୍ତାପହାରୀ—ବିଂ. (ଦତ୍ତ-ଅପ-ହୃ-ଇନ୍) ଦତ୍ତ ପଦାର୍ଥ ଯେ ଫେରାଏ ।

ଦଦରା—ବିଂ. ଦରଭଙ୍ଗା; ଫଟା ।

ଦଦ୍ରୁ—ବ. ଦାଉ; ଚର୍ମରୋଗ ।

ଦଧି—ବ. (ଧା-ଇ) ଦହି । [ଶୁଆ ।

ଦଧିଚର—ବ. (ଦଧି-ଚର) ଦଧିମନ୍ଥନ ଦଣ୍ଡ;

ଦଧିବାମନ—ବ. ବିଷ୍ଣୁ ।

ଦନା—ବ. ଠୋଲା ।

ଦନୁ—ବ. (ଦନ୍-ଉ) କଶ୍ୟପପତ୍ନୀ; ରାକ୍ଷସମାତା ।

ଦନୁଜ—ବ. (ଦନୁ-ଜନ୍-ଅ) ରାକ୍ଷସ; ଦାନବ ।

ଦନ୍ତ—ବ. (ଦମ୍-ତ) ଦଶନ; ଦାନ୍ତ ।

ଦନ୍ତ-ଚ୍ଛଦ—ବ. ଓଷ୍ଠ । [ଘଷିବା ।

ଦନ୍ତଧାବନ—ବ. (ଦନ୍ତ-ଧାବ୍-ଅନ) ଦାନ୍ତ

ଦନ୍ତାବଳ—ବ. (ଦନ୍ତ-ବଳ) ଦୀର୍ଘଦନ୍ତ ହସ୍ତୀ ।

ଦନ୍ତୀ—ବ. (ଦନ୍ତ-ଇନ୍) ହସ୍ତୀ; ପର୍ବତ । ବିଂ. ଦନ୍ତଯୁକ୍ତ ।

ଦନ୍ତୁର—ବିଂ. (ଦନ୍ତ-ଉର) ବହିର୍ଗତ ଦନ୍ତବିଶିଷ୍ଟ ।

ଦନ୍ତୁରିତ—ବିଂ. କରତଦାନ୍ତପରି ଉଗୁଡ଼ିତ ।

ଦନ୍ତ୍ୟ—ବିଂ. (ଦନ୍ତ-ଯ) ଦନ୍ତଦ୍ୱାରା ଉଚ୍ଚାରିତ ।

ଦନ୍ଦଶୂକ—ବିଂ. (ଦନଶ୍-ଯଙ୍-ଊକ) ଦଂଶନଶୀଳ । ବ. ସର୍ପ; ରାକ୍ଷସ ।

ଦପ୍ତର—ବ. (ଆରବୀଭାଷା) ହିସାବ ବହି ।

ଦପ୍ତରୀ—ବ. ଯେ ଖାତାବହିମାନ ସଜାଡ଼ି ରଖେ; ଯେ ବହି ବାନ୍ଧେ ।

ଦଫା—ବ. (ଆରବୀଭାଷା) ପରିଚ୍ଛେଦ; ନିୟମ ।

ଦମ—ବ. (ଦମ୍-ଅ) ଦମନ; ଇନ୍ଦ୍ରିୟନିଗ୍ରହ ।

ଦମ୍—ବ. ନିଶ୍ୱାସ; ବଞ୍ଚନା; ଜୀବନ ।

ଦମନ—ବ. (ଦମ୍-ଅନ) ଶାସନ; ବଶୀକରଣ; ନିବାରଣ ।

ଦମନୀୟ—ବିଂ. (ଦମ୍-ଅନୀୟ) ଦମନଯୋଗ୍ୟ ।

ଦମୟନ୍ତୀ—ବ. (ଦମ୍-ଇ-ଅନ୍ତ-ଈ) ନଳରାଜାଙ୍କ ମହିଷୀ ।

ଦମ୍ପତି—ବ. ଜାୟା ଓ ପତି; ପତି-ପତ୍ନୀ ।

ଦମ୍ଭ—ବ. (ଦନ୍ଭ୍-ଅ) ଗର୍ବ; ପ୍ରବଞ୍ଚନା ।

ଦମ୍ଭୀ—ବିଂ. (ଦମ୍ଭ-ଇନ୍) ଗର୍ବୀ; ପ୍ରବଞ୍ଚକ ।

ଦମ୍ଭୋଳି—ବ. (ଦମ୍ଭ-ଲୀ-କ୍ୱିପ୍) ବଜ୍ର ।

ଦମ୍ୟ—ବିଂ. (ଦମ୍-ଯ) ଦମନ ଯୋଗ୍ୟ ।

ଦୟା–ବି. (ଦୟ୍‌-ଅ) କୃପା; ପରଦୁଃଖ-ହର-
ଣେଚ୍ଛା । [ଦାନ କରେ ।
ଦୟାବୀର–ବି. ପରଦୁଃଖ-ହରଣାର୍ଥ ଯେ ପ୍ରାଣ
ଦୟାଳୁ–ବି°. (ଦୟା-ଅଲୁ) ଦୟାବାନ୍ ।
ଦୟିତ–ବି°. ପ୍ରିୟ । ବି. ପ୍ରଣୟୀ ।
ଦୟିତା–ବି°. ପ୍ରିୟା । ବି. ପ୍ରଣୟିନୀ ।
ଦର–ବି°. ଅଳ୍ପ । ବି. ଭୟ; ଖାଲ; ମୂଲ୍ୟ ।
ଦରଜୀ–ବି. (ପାର୍ଶୀ) ବସ୍ତ୍ରସୀବନକାରୀ ।
ଦରଦ୍–ବି. ବ୍ୟଥା; ଦୁଃଖ; ବେଦନା ।
ଦର୍‌କାର୍–ବି. (ପାର୍ଶୀ) ସତ୍ତ୍ୱ ।
ଦରମାହା–ବି. (ପାର୍ଶୀ) ବେତନ ।
ଦରାଣ୍ଡିବା–କ୍ରି. ଅଣ୍ଡାଳିବା; ଖୋଜିବା ।
ଦରୀ–ବି. (ଦୃ-ଇ) ଗିରିକନ୍ଦର; ପର୍ବତଗୁହା ।
ଦରିଦ୍ର–ବି°. (ଦରିଦ୍ରା-ଅ) ନିର୍ଧନ ।
ଦରିଦ୍ରିତ–ବି°. ନିର୍ଧନୀକୃତ ।
ଦରୋଟି–ବି°. ଅର୍ଦ୍ଧପକ୍ୱ; ଅସିଦ୍ଧ ।
ଦର୍‌ଉଆନ୍–ବି. (ପାର୍ଶୀ) ଦ୍ୱାରବାନ୍ ।
ଦର୍ଦ୍ଦୁର–ବି. (ଦୃ-ଉର) ଭେକ; ମେଘ ।
ଦର୍ପ–ବି. (ଦୃପ୍-ଅ) ଗର୍ବ, ଅହଙ୍କାର ।
ଦର୍ପକ–ବି. (ଦୃପ୍-ଅକ) କନ୍ଦର୍ପ; ସିନ୍ଦୂର । ବି°.
ଉତ୍ତେଜକ ।
ଦର୍ପଣ–ବି (ଦୃପ୍-ଅନ) ମୁକୁର, ଆଇନା ।
ଦର୍ପହା–ବି. (ଦର୍ପ-ହନ୍-ଡ) କୃଷ୍ଣ । ବି°. ଦର୍ପ-
ହାରୀ ।
ଦର୍ପୀ–ବି°. (ଦର୍ପ-ଇନ୍) ଦାମ୍ଭିକ; ଅହଙ୍କାରୀ ।
ଦର୍ବୀ–ବି. କରଚ୍ଛୁଲ ।
ଦର୍ଭ–ବି ତୃଣ ।
ଦର୍ଶ–ବି. (ଦୃଶ୍-ଅ) ଅମାବାସ୍ୟା; ଦର୍ଶନ ।
ଦର୍ଶକ–ବି°. (ଦୃଶ୍-ଅକ) ଯେ ଦେଖେ ।
ଦର୍ଶନ–ବି.(ଦୃଶ୍-ଅନ) ଅବଲୋକନ; ତତ୍ତ୍ୱବିଦ୍ୟା ।
ଦର୍ଶନୀୟ–ବି°. (ଦୃଶ୍-ଅନୀୟ) ଦର୍ଶନଯୋଗ୍ୟ;
ସୁନ୍ଦର । [ଦେଖାଇ ଦିଏ ।
ଦର୍ଶୟିତା–ବି. (ଦୃଶ୍-ଇ-ତୃ) ପ୍ରଦର୍ଶକ, ଯେ
ଦର୍ଶିତ–ବି°. (ଦୃଶ୍-ଇ-ତ) ପ୍ରକାଶିତ ।
ଦର୍ଶୀ–ବି°. ଯେ ଦେଖେ (ଅନ୍ୟ ଶବ୍ଦଶେଷରେ
ପ୍ରଯୁକ୍ତ) । [ଜଳଜାତ ଘାସ ।
ଦଲ–ବି. (ଦଲ୍-ଅ) ପତ୍ର; ପାଖୁଡ଼ା; ସମୂହ;
ଦଲନ–ବି. (ଦଲ୍-ଅନ) ମର୍ଦ୍ଦନ; ନିଷ୍ପୀଡ଼ନ ।
ଦଲ-ପତି–ବି. ସେନାପତି; ଗୋଷ୍ଠୀପତି ।
ଦଲ୍‌ମ–ବି. ଗୃହ ନିର୍ମାଣର ଉପକରଣ ।
ଦଲବେହେରା–ବି. ଦଲପତି; ପାଇକ ସର୍ଦ୍ଦାର ।
ଦଲାଲ–ବି. କ୍ରୟ ବିକ୍ରୟରେ ମଧ୍ୟସ୍ଥ ।
ଦଲିତ–ବି°. (ଦଲ୍-ତ) ମର୍ଦ୍ଦିତ; ପିଷ୍ଟ ।
ଦଳିବା–କ୍ରି. ଦଳନ କରିବା ।
ଦବ
ଦାବ } ବି. ବନାଗ୍ନି ; ବନ ।
ଦବିଷ୍ଠ–ବି°. (ଦୂ-ଇଷ୍ଠ) ଅତି ଦୂରବର୍ତ୍ତୀ ।
ଦଶ–ବି°. ୧୦ ସଂଖ୍ୟା ।
ଦଶକ–ବି°.(ଦଶନ୍-କ) ଗଣିତରେ ଦଶସ୍ଥାନୀୟ ।
ଦଶ-କର୍ମ–ବି. ଗର୍ଭାଧାନାଦି ଦଶବିଧ ସଂସ୍କାର ।
ଦଶଦିକ୍–ବି. ଅଷ୍ଟଦିଗ ଓ ଊର୍ଦ୍ଧ୍ୱ ଓ ଅଧଃ ।
ଦଶଭୁଜା–ବି. (ଦଶ ଭୁଜ) ଦୁର୍ଗା ।

ଦଶମ-ବିଂ. (ଦଶନ୍-ମ) ୧୦ ସଂଖ୍ୟାର ପୂରକ ।

ଦଶମିକ-ବିଂ. (ଦଶମ-ଇକ) ଯାହା ଦ୍ୱାରା କୌଣସି ଅଖଣ୍ଡ ସଂଖ୍ୟାର ଦଶାଂଶର ଏକାଂଶ ବ୍ୟକ୍ତ କରାଯାଏ ।

ଦଶମୀ-ବି. (ଦଶମ-ଈ) ତିଥିବିଶେଷ ।

ଦଶମୂଳ-ବି. ପାଚନବିଶେଷ ।

ଦଶରଥ-ବି. ଯାହାଙ୍କର ରଥ ଦଶଦିଗକୁ ଯାଏ; ରାମଚନ୍ଦ୍ରଙ୍କର ପିତା ।

ଦଶହରା-ବି. ଜ୍ୟେଷ୍ଠ ଶୁକ୍ଳଦଶମୀ ; ଆଶ୍ୱିନ ଶୁକ୍ଳଦଶମୀ ।

ଦଶା-ବି. (ଦନ୍ଶ୍-ଅ) ଅବସ୍ଥା; ବସ୍ତ୍ରର ପ୍ରାନ୍ତ; ଦୀପର ବତି; ଗ୍ରହାବସ୍ଥାନସହିତ ଲୋକର ଭାଗ୍ୟ ।

ଦଶାବତାର-ବି. (ଦଶ-ଅବତାର) ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, କୃଷ୍ଣ, ବୁଦ୍ଧ ଓ କଳ୍କୀ, ପୁରାଣୋକ୍ତ ଏହି ଦଶ ଅବତାର ।

ଦଶା-ବିପର୍ଯ୍ୟୟ-ବି. ଦୁର୍ଦ୍ଦଶା ।

ଦଶି-ବି. ବସ୍ତ୍ରର ପ୍ରାନ୍ତସୂତ୍ର ।

ଦଶିଆ-ବି. ମୋଟା ବସ୍ତ୍ରବିଶେଷ ।

ଦଶେରକ-ବି. ମରୁଭୂମି ।

ଦସ୍ତଖତ-ବି. (ପାର୍ଶୀ) ସ୍ୱାକ୍ଷର ।

ଦସ୍ତା-ବି. ଧାତୁବିଶେଷ ।

ଦସ୍ତାବିଜ-ବି. (ପାର୍ଶୀ) ଦଲିଲ ।

ଦସ୍ତି-ବି. (ଦେଶଜ) ଭୂମି ମାପିବାର ପରିମାଣ-ବିଶେଷ ।

ଦସ୍ତୁର-ବି. (ପାର୍ଶୀ) ପ୍ରଚଳିତ ଧାରା ।

ଦସ୍ୟୁ-ବି. (ଦସ୍-ଯୁ) ଡକାଇତ; ଉତ୍ପୀଡ଼ନକାରୀ ।

ଦହ-ବି. ହ୍ରଦ; ଜଳପାଠ ।

ଦହନ-ବି. (ଦହ୍-ଅନ) ଜ୍ୱଳନ; ଅଗ୍ନି ।

ଦହଲ-ବି. କାତୁଆ ।

ଦହନୀୟ-ବିଂ. (ଦହ୍-ଅନୀୟ) ଜ୍ୱଳନୀୟ ।

ଦହି-ବି. (ଦଧିଶବ୍ଦଜ) ଦଧି; ଦୁଗ୍ଧର ଅମ୍ଳ-ଘଟିତ ବିକାର ।

ଦହ୍ୟମାନ-ବିଂ. (ଦହ୍-ଯ-ଅନ) ଯାହା ଦଗ୍ଧ ହେଉଅଛି ।

ଦା-ବି. (ଦାବଶବ୍ଦଜ) ଧାନ କାଟିବାର ଶସ୍ତ୍ର-ବିଶେଷ ।

ଦାଉ-ବି. ବୈରଭାବ; ଉତ୍ପୀଡ଼ନ ।

ଦାଉଦାଉ-ବିଂ. ଜଳଜଳ ।

ଦାଉଣୀ-ବି. (ଦାମନ୍ଶବ୍ଦଜ) ଅନେକ ଗୋରୁଙ୍କୁ ଏକତ୍ର ବାନ୍ଧିବାର ଦଉଡ଼ି ।

ଦାକ୍ଷିଣାତ୍ୟ-ବି. (ଦକ୍ଷିଣ-ତ୍ୟ) ବିନ୍ଧ୍ୟଗିରିର ଦକ୍ଷିଣସ୍ଥ ଦେଶ ।

ଦାକ୍ଷିଣ୍ୟ-ବି. (ଦକ୍ଷିଣ-ଯ) ଆନୁକୂଲ୍ୟ; ସୌଜନ୍ୟ ।

ଦାଖଲ-ବି. (ପାର୍ଶୀ) ପ୍ରବେଶ କରିବା; ଅର୍ପଣ କରିବା; ଉପସ୍ଥିତ ହେବା ।

ଦାଗ-ବି. ଚିହ୍ନ; ଅଙ୍କ; କଳଙ୍କ ।

ଦାଗୀ-ବିଂ. ଚିହ୍ନିତ; ଅପରାଧୀ ବୋଲି ଚିହ୍ନିତ ।

ଦାଡ଼ିମ-ବି. ଡାଳିମ୍ବ ।

ଦାଢ଼-ବି. (ଧାରଶବ୍ଦଜ) ଅସ୍ତ୍ରାଦିର ଧାର ।

ଦାଢ଼ି-ବି. ଶ୍ମଶ୍ରୁ ।

ଦାଣ୍ଡିବା-କ୍ରି. ଦମନ କରିବା; ଅବଶ କରିବା ।

ଦାଣ୍ଡ-ବି. (ଦଣ୍ଡଶବ୍ଦଜ) ପଥ; ବାଟ ।

ଦାତବ୍ୟ-ବିଂ. (ଦା-ତବ୍ୟ) ଦାନଯୋଗ୍ୟ; ଦେୟ ।

ଦାତା—ବିଂ. (ଦା-ତୃ) ଦାନକର୍ତ୍ତା ।
ଦାତ୍ୟୂହ—ବି. ଡାହୁକ ପକ୍ଷୀ ।
ଦାତ୍ର—ବି. (ଦୋ-ତ୍ର) ତୃଣାଦି ଛେଦନ କରିବାର
ଅସ୍ତ୍ରବିଶେଷ ।
ଦାଦନ—ବି. (ଫାର୍ସୀ) ବଇନା ।
ଦାଦା—ବି. ବଡଭାଇ; ପିତୃବ୍ୟ; ପିତାମହ ।
ଦାଦି—ବି. ପିତୃବ୍ୟ । [ହସ୍ତୀର ମଦଜଳ ।
ଦାନ—ବି. (ଦା-ଅନ); (ଦୋ-ଅନ) ବିତରଣ;
ଦାନପତ୍ର—ବି. ଦାନର ଦଲିଲ ବା ଲିପି ।
ଦାନବ—ବି. (ଦନୁ-ଅ) ଦୈତ୍ୟ; ଅସୁର ।
ଦାନବାରି—ବି. (ଦାନବ-ଅରି) ଦେବତା ।
ଦାନ-ବାରି—ବି. ହସ୍ତୀର ମଦଜଳ ।
ଦାନ-ବୀର—ବି. ଦାନ ବିଷୟରେ ସର୍ବତ୍ୟାଗୀ ।
ଦାନ-ଶୀଳ—ବିଂ. ବଦାନ୍ୟସ୍ୱଭାବ ବିଶିଷ୍ଟ ।
ଦାନା—ବି. ଶସ୍ୟାଦିର ବୀଜ ।
ଦାନୀ—ବିଂ. (ଦାନ-ଇନ୍) ଦାତା ।
ଦାନ୍ତ—ବିଂ. (ଦମ୍-ତ) ଯେ ଇନ୍ଦ୍ରିୟ ଦମନକରେ;
ଜିତେନ୍ଦ୍ରିୟ ।
ଦାନ୍ତ—ବି. (ଦନ୍ତଶବ୍ଦଜ) ଦନ୍ତ । [କାଠି ।
ଦାନ୍ତକାଠି—ବି. ଦାନ୍ତ ପରିଷ୍କାର କରିବାର
ଦାନ୍ତଖୁଣ୍ଟା—ବି. ଦାନ୍ତ ଖୁଣ୍ଟିବାର କାଠି ।
ଦାନ୍ତୁଡ଼ା } ବିଂ. (ଦନ୍ତୁରଶବ୍ଦଜ) ଯାହାର ବଡ଼
ଦାନ୍ତୁରା } ବଡ଼ ଦାନ୍ତ ଅଛି ।
ଦାନ୍ତୁଣୀ—ବି. ଦନ୍ତୁର ସ୍ତ୍ରୀ ।
ଦାମ—ବି. ମୂଲ୍ୟ ।
ଦାମ—ବି. (ଦାମନ୍‌ଶବ୍ଦଜ) ରଜ୍ଜୁ; ମାଳା ।

ଦାମୁଡ଼ି—ବି. ଅଳ୍ପବୟସ୍କ ବଳଦ ।
ଦାମୋଦର—ବି. (ଦାମନ୍-ଉଦର) ଶ୍ରୀକୃଷ୍ଣ ।
ଦାମ୍ପତ୍ୟ—ବିଂ. (ଦମ୍ପତି-ଯ) ଦମ୍ପତି ସମ୍ବନ୍ଧୀୟ ।
ଦାମ୍ଭିକ—ବିଂ. (ଦମ୍ଭ-ଇକ) ଅହଙ୍କାରୀ; ଦର୍ପୀ ।
ଦାୟ—ବି. (ଦା-ଅ) ପୈତୃକ ଧନ; ସ୍ୱତ୍ୱ ।
ଦାୟକ—ବି. ଦାତା; (ଶବ୍ଦାନ୍ତେ ପ୍ରଯୁକ୍ତ) ।
ଦାୟାଦ—ବି. (ଦାୟ-ଆ-ଦା-ଅ) ଉତ୍ତରାଧିକାରୀ ।
ଦାୟୀ—ବିଂ. (ଦା-ଇନ୍) ଦାତା (ଶବ୍ଦାନ୍ତେ);
ଦାର—ବି. (ଦୃ-ଅ) ପତ୍ନୀ । [ଦାୟିତ୍ୱଗ୍ରସ୍ତ ।
ଦାରକ—ବି. (ଦୃ-ଅକ) ପୁତ୍ର ।
ଦାରକର୍ମ—ବି. (ଦାର-କର୍ମନ୍) ବିବାହ ।
ଦାରଗ୍ରହଣ—ବି. (ଦାର-ଗ୍ରହଣ) ପତ୍ନୀଗ୍ରହଣ;
ବିବାହ । [ରକ ।
ଦାରଣ—ବି. (ଦୃ-ଅନ) ବିଦାରଣ; ବିଂ. ବିଦା-
ଦାରିକା—ବି. କନ୍ୟା; ବେଶ୍ୟା ।
ଦାରିତ—ବି. (ଦୃ-ଣିଚ୍-ତ) ବିଦାରିତ; ଭେଦିତ ।
ଦାରିଦ୍ର୍ୟ—ବି. (ଦରିଦ୍ର-ଯ) ନିର୍ଦ୍ଧନତା ।
ଦାରୀ—ବି. (ଦାରିକାଶବ୍ଦଜ) ବେଶ୍ୟା ।
ଦାରୁ—ବି. (ଦୃ-ଉ) କାଷ୍ଠ; ବୃକ୍ଷବିଶେଷ ।
ଦାରୁଣ—ବିଂ. (ଦୃ-ଉନ) କଷ୍ଟକର; ଭୟଙ୍କର;
ଦାରୁହରିଦ୍ରା—ବି. ଦାରୁହଳଦୀ । [ଦୁଃସହ ।
ଦାର୍ଢ୍ୟ—ବି. (ଦୃଢ-ଯ) ଦୃଢତା ।
ଦାର୍ବଟ—ବି. (ଦାରୁ-ଅଟ୍-ଅ) ମନ୍ତ୍ରଣାଗୃହ ।
ଦାର୍ଶନିକ—ବିଂ. (ଦର୍ଶନ-ଇକ) ଦର୍ଶନଶାସ୍ତ୍ର ସମ୍-
ବନ୍ଧୀୟ; ବି. ଦର୍ଶନଶାସ୍ତ୍ର ବେତ୍ତା ।

ଦାଳି-ବି. (ଦଳଶବ୍ଦଜ) ମୁଗ ପ୍ରଭୃତିର ଡାଲି ।

ଦାବ-ବି. ବନ; ବନାଗ୍ନି ।

ଦାବାଗ୍ନି } ବି. (ଦାବ-ଅଗ୍ନି, ଅନଳ)
ଦାବାନଳ } ବନୋଦ୍ଭବ ଅଗ୍ନି ।

ଦାବି-ବି. ଅଧିକାର; ସ୍ୱତ୍ୱ ।

ଦାବିବା-କ୍ରି. ଚପିବା. [ରାମଚନ୍ଦ୍ର ।

ଦାଶରଥି-ବି. (ଦଶରଥ-ଇ) ଦଶରଥର ପୁତ୍ର;

ଦାଶେରକ-ବିଂ. ( ଦଶେରକ-ଅ ) ମରୁଭୂମି ସମ୍ବନ୍ଧୀୟ; ବି. ଉଷ୍ଟ୍ର ।

ଦାସ-ବି. (ଦାସ୍-ଅ) ସେବକ; ଭୃତ୍ୟ ।

ଦାସକେରଣ୍ଡା-ବି. ଗୁଳ୍ମବିଶେଷ ।

ଦାସତ୍ୱ-ବି. ଭୃତ୍ୟର ଅବସ୍ଥା ।

ଦାସୀ-ବି. (ଦାସ୍-ଈ) ପରିଚାରିଣୀ ।

ଦାସ୍ୟ-ବି. (ଦାସ-ଯ) ଦାସତ୍ୱ; ସେବାଜୀବିକା ।

ଦାହ-ବି. (ଦହ୍-ଅ) ଦହନ; ଜ୍ୱାଳା ।

ଦାହକ-ବିଂ. (ଦହ୍-ଅକ) ଦାହକାରୀ ।

ଦାହନ-ବି. (ଦହ୍-ଣିଚ୍-ଅନ) ପୋଡ଼ିବା ।

ଦାହ୍ୟ-ବିଂ. (ଦହ୍-ଯ) ଦହନଯୋଗ୍ୟ ।

ଦିଅଁ-ବି. (ଦେବଶବ୍ଦଜ) ଦେବତା ।

ଦିଅର-ବି. (ଦେବର ଶବ୍ଦଜ) ପତିର କନିଷ୍ଠ-ଭ୍ରାତା । [ଶୂନ୍ୟ ।

ଦିକ୍-ବି. (ଦିଶ୍-କ୍ୱିପ୍) ପୂର୍ବାଦିଦିଗ; ଦେଶ;

ଦିକ୍ପାଳ-ବି. ( ଦିକ୍-ପାଳ ) ପୂର୍ବାଦିଦିଗର ପୁରାଣୋକ୍ତ ଅଧିଷ୍ଠାତା; ଇନ୍ଦ୍ରାଗ୍ନି ଯମପ୍ରଭୃତି ।

ଦିଗନ୍ତ-ବି. (ଦିକ୍-ଅନ୍ତ) ଦିକ୍ସମୂହର ଶେଷ ଭାଗ ।

ଦିଗନ୍ତର-ବି. (ଦିକ୍-ଅନ୍ତର) ବିଦିକ୍; ଅନ୍ୟଦିଗ ।

ଦିଗମ୍ବର-ବିଂ. (ଦିକ୍-ଅମ୍ବର) ବିବସ୍ତ୍ର; ବି. ଶିବ ।

ଦିଗ୍ଗଜ-ବି. (ଦିକ୍-ଗଜ) ପୂର୍ବାଦି ଅଠଦିଗର ଐରାବତାଦି ପୁରାଣୋକ୍ତ ଅଠ ହସ୍ତୀ ।

ଦିଗ୍ଦର୍ଶନଯନ୍ତ୍ର-ବି. ଦିକ୍ ନିରୂପଣକରିବାର ଯନ୍ତ୍ର

ଦିଗ୍ଧ-ବିଂ. (ଦିହ୍-ତ) ଲିପ୍ତ ।

ଦିଗ୍ବିଜୟ-ବି. (ଦିକ୍-ବି-ଜି-ଅ) ବିଦ୍ୟା ବା ଯୁଦ୍ଧଦ୍ୱାରା ନାନାଦିଗରେ ଜୟ ।

ଦିଗ୍ବିଦିକ୍-ବି. (ଦିକ୍-ବିଦିକ୍) ପ୍ରଧାନ ଦିକ୍ ୪ ଓ ମଧ୍ୟବର୍ତ୍ତୀ ବିଦିକ୍ ୪, ଏପରି ୮ ।

ଦିଙ୍ମଣ୍ଡଳ-ବି. (ଦିକ୍-ମଣ୍ଡଳ) ଚକ୍ରବାଳ ।

ଦିତି-ବି. (ଦା-ତି) ଦୈତ୍ୟମାତା ।

ଦିତ୍ସା-ବି. (ଦା-ସନ୍-ଅ) ଦାନେଚ୍ଛା ।

ଦିଦି-ବି. ବଡ ଭଉଣୀ ।

ଦିଦୃକ୍ଷା-ବି. (ଦୃଶ୍-ସନ୍-ଅ) ଦର୍ଶନେଚ୍ଛା ।

ଦିନ-ବି. (ଦୋ-ଇନ) ଦିବସ ।

ଦିନକର } ବି. ସୂର୍ଯ୍ୟ ।
ଦିନମଣି }

ଦିନକିଆ-ବିଂ. ଦୈନିକ; ପ୍ରାତ୍ୟହିକ ।

ଦିନପାତ-ବି. (ଦିନ-ପାତ) ଦିନଯାପନ ।

ଦିନମାନ-ବି. ସୂର୍ଯ୍ୟ-ଦର୍ଶନରୁ ସୂର୍ଯ୍ୟ-ଦର୍ଶନ ପର୍ଯ୍ୟନ୍ତ କାଳ ପରିମାଣ ।

ଦିନ-ଯୌବନ-ବି. ମଧ୍ୟାହ୍ନ ।

ଦିନାନ୍ତ-ବି. (ଦିନ-ଅନ୍ତ) ସାୟଂକାଳ ।

ଦିବ୍-ବି. (ଦିବ୍ଧାତୁରୁ) ସ୍ୱର୍ଗ; ଆକାଶ ।

ଦିବସ-ବି. (ଦିବ-ଅସ) ଦିନ ।

ଦିବା-ବି. ଦିନ ।

ଦିବାକର-ବି. (ଦିବା-କୃ-ଅ) ସୂର୍ଯ୍ୟ ।

ଦିବ୍ୟ-ବିଂ. (ଦିବ-ଯ) ସ୍ୱର୍ଗୀୟ; ପବିତ୍ର; ସୁନ୍ଦର ।

ଦିବ୍ୟଚକ୍ଷୁ-ବି. ଅତୀନ୍ଦ୍ରିୟ ପଦାର୍ଥ ଉପଲବ୍ଧ କରିବାର ଶକ୍ତି ।

ଦିଶ-ବି. ଖଣ୍ଡ; ବୃତ୍ତ ।

ଦିଶିବା-କ୍ରି. (ଦୃଶ୍ଧାତୁଜ) ଦେଖାଯିବା ।

ଦିଶିଦିଶି-ବି. ଦିଶେ ଦିଶେ ।

ଦିଷ୍ଟ-ବିଂ. (ଦିଶ୍-ତ) ଆଦିଷ୍ଟ; ଉପଦିଷ୍ଟ; ପ୍ରଦର୍ଶିତ ।

ଦିସ୍ତା-ବିଂ. ସୂତା ସଉସର ଦିବା (ବସ୍ତ୍ରସମ୍ବନ୍ଧରେ); ବି. ୨୪ ଫର୍ଦ୍ଦ କାଗଜ ।

ଦିହୁଡ଼ି-ବି. ମଶାଲ ।

ଦୀକ୍ଷା-ବି. (ଦୀକ୍ଷ-ଅ) ଉପଦେଶ; ଦିବ୍ୟଜ୍ଞାନ ପ୍ରଦାନ; ଯଜ୍ଞାଦି କର୍ମରେ ବ୍ରତ ।

ଦୀକ୍ଷାଗୁରୁ-ବି. ମନ୍ତ୍ରଦାତା; ଉପଦେଷ୍ଟା ।

ଦୀକ୍ଷିତ-ବିଂ. (ଦୀକ୍ଷ୍-ତ) ଉପଦିଷ୍ଟ; ଯଜ୍ଞାଦିକର୍ମରେ ପ୍ରବୃତ୍ତ ।

ଦୀଘୀ-ବି. (ଦୀର୍ଘିକାଶବ୍ଦଜ) ଦୀର୍ଘ ଜଳାଶୟ ।

ଦୀଧିତି-ବି. (ଦୀଧୀ-ତି) କିରଣ; ଆଲୋକ ।

ଦୀନ-ବିଂ. (ଦୀ-ନ) ଦରିଦ୍ର; କାତର; ନମ୍ର ।

ଦୀନ-ତା-ବି. ଦାରିଦ୍ର୍ୟ; କାତରତା; ନମ୍ରତା ।

ଦୀନାର-ବି. ସ୍ୱର୍ଣ୍ଣମୁଦ୍ରା ।

ଦୀପ-ବି. (ଦୀପ୍-ଅ) ପ୍ରଦୀପ ।

ଦୀପକ-ବିଂ. (ଦୀପ୍-ଅକ) ଦୀପ୍ତିକାରକ; ପ୍ରକାଶକ; ବି. ସଙ୍ଗୀତର ରାଗବିଶେଷ । [ବିଶେଷ ।

ଦୀପ-ଦଣ୍ଡି-ବି. ପୁଷ୍କରିଣୀର ମଧ୍ୟସ୍ଥ ଦେଉଳ-

ଦୀପନ-ବି. (ଦୀପ୍-ଅନ) ଉତ୍ତେଜନ; ବିଂ. ଉତ୍ତେ-

ଦୀପ-ବୃକ୍ଷ-ବି. ଦୀପାଧାର । [ଜକ ।

ଦୀପ-ଶଳାକା-ବି. ଦିଅଶଲେଇ ।

ଦୀପାଳୀ-ବି. (ଦୀପ-ଆଳୀ) ଦୀପମାଳା; ଦୀପାଳୀ ଅମାବାସ୍ୟା ।

ଦୀପିକା-ବିଂ. ପ୍ରକାଶିକା; ବି. ଜ୍ୟୋତ୍ସ୍ନା ।

ଦୀପିତ-ବିଂ. (ଦୀପ୍-ତ) ଜ୍ୱଳିତ ।

ଦୀପ୍ତ-ବିଂ. (ଦୀପ୍-ତ) ଜ୍ୱଳିତ; ଉଜ୍ଜ୍ୱଳ ।

ଦୀପ୍ତି ବି. (ଦୀପ୍-ତି) ପ୍ରଭା; ଦ୍ୟୁତି । [ମାନ୍ ।

ଦୀପ୍ତିମାନ୍-ବିଂ. (ଦୀପ୍ତି-ମତ୍) ପ୍ରଭାବିଶିଷ୍ଟ; ଦ୍ୟୁତି-

ଦୀପ୍ୟମାନ-ବିଂ. (ଦୀପ୍-ଯ-ଆନ) ଯାହା ଦୀପ୍ତି ପାଉଅଛି ।

ଦୀପ୍ର-ବିଂ. (ଦୀପ୍-ର) ଦୀପ୍ତିଶାଳୀ ।

ଦୀୟମାନ-ବିଂ. (ଦା-ଯ-ଆନ) ଯାହା ଦିଆଯାଉଅଛି । [ଦ୍ୱିମାତ୍ରାଯୁକ୍ତ (ସ୍ୱରବର୍ଣ୍ଣ) ।

ଦୀର୍ଘ-ବିଂ. (ଦ୍ରାଘ୍-ଅ) ଲମ୍ବା; ଅଧିକ; ବି. ଦୈର୍ଘ୍ୟ;

ଦୀର୍ଘ-ଜିହ୍ୱ-ବିଂ. ଦୀର୍ଘ ଜିହ୍ୱା ଯାହାର; ବି. ସର୍ପ ।

ଦୀର୍ଘଜୀବୀ-ବିଂ. (ଦୀର୍ଘ-ଜୀବ୍-ଇନ୍) ଯେ ଅଧିକ କାଳ ବଞ୍ଚେ । [କାର୍ଯ୍ୟକାରୀ ।

ଦୀର୍ଘ-ସୂତ୍ର-ବି. ଲମ୍ବାସୂତା; ବିଂ. ଅତିବିଳମ୍ବରେ

ଦୀର୍ଘସୂତ୍ରତା-ବି. ବିଳମ୍ବଶୀଳତା ।

ଦୀର୍ଘସୂତ୍ରୀ-ବିଂ. ଯେ ଅତିବିଳମ୍ବରେ କାର୍ଯ୍ୟ କରେ ।

ଦୀର୍ଘାୟୁଃ-ବିଂ. (ଦୀର୍ଘ-ଆୟୁସ୍) ଚିରଜୀବୀ ।

ଦୀର୍ଘିକା-ବି. (ଦୀର୍ଘ-କ-ଆ) ବୃହତ୍ ପୁଷ୍କରିଣୀ ।

ଦୀର୍ଣ୍ଣ-ବିଂ. (ଦୃ-ତ) ବିଦାରିତ; ଭଗ୍ନ ।

ଦୁଇ-୨ ସଂଖ୍ୟା ।

ଦୁଃଖ—ବ. (ଦୁଃଖ୍-ଅ) କ୍ଳେଶ; ଖେଦ; ମନ-
ସ୍ତାପ; ଦାରିଦ୍ର୍ୟ । [କାତର ।
ଦୁଃଖାର୍ତ୍ତ—ବଂ. ( ଦୁଃଖ-ଅର୍ତ୍ତ ) ଦୁଃଖରେ
ଦୁଃଖିତ—ବଂ. (ଦୁଃଖ-ଇତ) ଦୁଃଖଯୁକ୍ତ ।
ଦୁଃଖୀ—ବଂ. (ଦୁଃଖ-ଇନ୍) ଦୁଃଖିତ; ଦରିଦ୍ର ।
ଦୁଃଶାସନ—ବଂ. (ଦୁର୍-ଶାସ୍-ଅନ) ଦୁର୍ବୃତ୍ତ ।
ବ. ଦୁର୍ଯୋଧନର ମଧ୍ୟମ ଭ୍ରାତା ।
ଦୁଃଶୀଳ—ବଂ. (ଦୁର୍-ଶୀଳ) ମନ୍ଦସ୍ୱଭାବ-ବିଶିଷ୍ଟ ।
ଦୁଃଶ୍ରାବ୍ୟ—ବଂ. (ଦୁର୍-ଶ୍ରୁ-ଅ) ଅଶ୍ରାବ୍ୟ ।
ଦୁଃସମୟ—ବ. (ଦୁର୍-ସମୟ) ମନ୍ଦ ସମୟ;
ଅକାଳ, ଦୁର୍ଭିକ୍ଷ । [ଦାୟକ ।
ଦୁଃସହ—ବଂ. (ଦୁର୍-ସହ୍-ଅ) ଅତି କ୍ଳେଶ-
ଦୁଃସାଧ୍ୟ—ବଂ. (ଦୁର୍-ସାଧ୍-ଯ) ଦୁଷ୍କର; ଅତି-
କଷ୍ଟସାଧ୍ୟ । [ସାହସ ।
ଦୁଃସାହସ—ବ. ( ଦୁର୍-ସାହସ ) ଅନୁଚିତ
ଦୁଃସାହସିକ—ବଂ. (ଦୁର୍-ସାହସ-ଇକ) ଅସୀମ-
ସାହସିକ । [ପନ୍ନ ।
ଦୁଃସ୍ଥ—ବଂ. (ଦୁର୍-ସ୍ଥା-ଅ) ଦରିଦ୍ର; ଦୁରବସ୍ଥା-
ଦୁଃସ୍ଥିତ—ବଂ. (ଦୁର୍-ସ୍ଥା-ତ) ଦୁଃଖରେ ଅବସ୍ଥିତ ।
ଦୁଃସ୍ଥିତ—ବ. (ଦୁର୍-ସ୍ଥା-ତ) ଦୁଃଖରେ ଅବସ୍ଥିତ ।
ଦୁଃସ୍ୱପ୍ନ—ବ. (ଦୁର୍-ସ୍ୱପ୍ନ) ଅଶୁଭ ସ୍ୱପ୍ନ ।
ଦୁକ୍‌ଦୁକ୍—କ୍ରି. ବଂ. ହୃତ୍‌ପିଣ୍ଡର କମ୍ପନ ।
ଦୁକୂଳ—ବ. ରେଶମୀ ଲୁଗା; ଶୁଭ୍ରବସ୍ତ୍ର ।
ଦୁଗ୍ଧ—ବ. (ଦୁହ୍-ତ) ଦୁଧ ।
ଦୁଗ୍ଧ-ପୋଷ୍ୟ—ବଂ. ଶିଶୁ ।
ଦୁଣ୍ଡୁଭ—ବ. (ଦ୍ରୁ-ଉଭ) ଧଣ୍ଡସାପ ।

ଦୁଦୁରା—ବ. ଧୁତୁରା ।
ଦୁଧ—ବ. (ଦୁଗ୍ଧଶବ୍ଦଜ) ପୟଃ, କ୍ଷୀର ।
ଦୁନ୍ଦୁଭି—ବ. (ଦୁନ୍ଦୁ-ଭ-ଇ) ବୃହତ୍ ଢକ୍କା ।
ଦୁବ—ବ. (ଦୂର୍ବାଶବ୍ଦଜ) ଘାସବିଶେଷ ।
ଦୁରତିକ୍ରମ—ବଂ. (ଦୁର୍-ଅତି-କ୍ରମ୍-ଅ) ଯାହା
ଲଙ୍ଘିବା ଦୁଃସାଧ୍ୟ ।
ଦୁରଦୃଷ୍ଟ—ବ. (ଦୁର୍-ଅଦୃଷ୍ଟ) ଦୁର୍ଭାଗ୍ୟ ।
ଦୁରନ୍ତ—ବଂ. ( ଦୁର୍-ଅନ୍ତ ) ପରିଣାମରେ
କ୍ଳେଶକର ।
ଦୁରପନେୟ—ବଂ. (ଦୁର୍-ଅପ-ନୀ-ଯ) ଯାହା
ଅପନୟନ କରିବା କଠିନ ।
ଦୁରବଗାହ—ବଂ. (ଦୁର୍-ଅବ-ଗାହ୍-ଅ) ଦୁଷ୍ପ୍ର-
ବେଶ୍ୟ, ଜଟିଳ ।
ଦୁରବସ୍ଥ—ବଂ. (ଦୁର୍-ଅବସ୍ଥା) ଦୁର୍ଦ୍ଦଶାପନ୍ନ ।
ଦୁରବସ୍ଥା—ବ. ଦୁର୍ଦ୍ଦଶା ।
ଦୁରାକାଙ୍କ୍ଷା—ବ. (ଦୁର୍-ଆକାଙ୍କ୍ଷା) ଦୁଷ୍ଟ ଆକାଂକ୍ଷା;
ଦୁଷ୍ପ୍ରାପ୍ୟ ବିଷୟରେ ଅଭିଳାଷ ।
ଦୁରାଗ୍ରହ—ବ. (ଦୁର୍-ଆଗ୍ରହ) ଦୁଶ୍ଚେଷ୍ଟା ।
ଦୁରାଚାର—ବ. (ଦୁର୍-ଆଚାର) କୁବ୍ୟବହାର ।
ବଂ. ଦୁର୍ବୃତ୍ତ । [ନିର୍ଦ୍ଦୟ ।
ଦୁରାତ୍ମା—ବଂ. (ଦୁର୍-ଆତ୍ମନ୍) ଦୁଷ୍ଟ; ପାପାତ୍ମା;
ଦୁରାଧର୍ଷ—ବଂ. (ଦୁର୍-ଆ-ଧୃଷ୍-ଅ) ଦୁର୍ଦ୍ଧର୍ଷଣୀୟ ।
ଦୁରାରୋହ—ବଂ. (ଦୁର୍-ଆ-ରୁହ୍-ଅ) ଅତି କଷ୍ଟେ
ଆରୋହଣୀୟ; ଅତ୍ୟୁଚ୍ଚ ।
ଦୁରାଶୟ—ବଂ. (ଦୁର-ଆଶୟ) ଯାହାର ଅଭି-
ପ୍ରାୟ ଦୁଷ୍ଟ ।
ଦୁରାଶା—ବ. (ଦୁର୍-ଆଶା) ଅନୁଚିତ ଆଶା ।

ଦୁରାସଦ–ବିଂ. (ଦୁର୍-ଆ-ସଦ୍-ଅ) ଦୁର୍ଲଭ ।

ଦୁରିତ–ବି. (ଦୁର୍-ଇତ) ପାପ; ଅନିଷ୍ଟ ।

ଦୁରୁକ୍ତି–ବି. (ଦୁର୍-ଉକ୍ତି) ଦୁର୍ବାକ୍ୟ ।

ଦୁରୂହ–ବିଂ. (ଦୁର୍-ଊହ-ଅ) ଦୁର୍ବୋଧ ।

ଦୁରୋଦର–ବି. (ଦୁର୍-ଆ-ଉଦର) ଦ୍ୟୂତକ୍ରୀଡ଼ା ।

ଦୁର୍ଗ–ବି. (ଦୁର୍-ଗମ୍-ଅ) ଗଡ଼ ।

ଦୁର୍ଗତ–ବିଂ. (ଦୁର୍-ଗତ) ଦୁର୍ଦ୍ଦଶାଗ୍ରସ୍ତ; ଦରିଦ୍ର ।

ଦୁର୍ଗତି–ବି. ( ଦୁର୍-ଗମ୍-ତି ) ଦୁରବସ୍ଥା; ଦାରିଦ୍ର୍ୟ । [ବିଂ. ମନ୍ଦ ଗନ୍ଧବିଶିଷ୍ଟ ।

ଦୁର୍ଗନ୍ଧ–ବି. (ଦୁର୍-ଗନ୍ଧ) ମନ୍ଦଗନ୍ଧ; ପୂତିଗନ୍ଧ ।

ଦୁର୍ଗମ–ବିଂ. ( ଦୁର୍-ଗମ୍-ଅ ) ଅତି କଷ୍ଟରେ ଗମନୀୟ; କଠିନ; କଷ୍ଟକର ।

ଦୁର୍ଗା–ବି. (ଦୁର୍ ଗମ୍-ଅ-ଆ) ଶିବପତ୍ନୀ ।

ଦୁର୍ଗ୍ରହ–ବିଂ. (ଦୁର୍-ଗ୍ରହ) ଅତିକଷ୍ଟରେ ଗ୍ରହଣୀୟ; ଦୁର୍ବୋଧ୍ୟ; ବି. ମନ୍ଦଗ୍ରହ ।

ଦୁର୍ଘଟ–ବିଂ. (ଦୁର୍-ଘଟ) ଯାହା ଅତିକଷ୍ଟରେ ଘଟେ; ଦୁଃସାଧ୍ୟ । [ଘଟଣା; ବିପଦ ।

ଦୁର୍ଘଟନା–ବି. (ଦୁର୍-ଘଟ୍-ଅନ-ଆ) ଅଶୁଭ

ଦୁର୍ଜ୍ଜନ–ବି. (ଦୁର୍-ଜନ) ଦୁଷ୍ଟଲୋକ ।

ଦୁର୍ଜ୍ଜେୟ–ବିଂ. (ଦୁର୍-ଜି-ଅ) ଯାହା ଅତିକଷ୍ଟରେ ଜିଣାଯାଏ ।

ଦୁର୍ଜ୍ଞେୟ–ବିଂ. (ଦୁର୍-ଜ୍ଞା-ଯ) ଦୁର୍ବୋଧ୍ୟ ।

ଦୁର୍ଦ୍ଦମ–ବିଂ. (ଦୁର୍-ଦମ୍-ଅ) ଦୁର୍ଦ୍ଦମନୀୟ ।

ଦୁର୍ଦ୍ଦଶା–ବି. (ଦୁର୍-ଦଶା) ଦୁରବସ୍ଥା ।

ଦୁର୍ଦ୍ଦର୍ଶ–ବିଂ.(ଦୁର୍-ଦୃଶ୍-ଅ) ଯାହା ଅତିକଷ୍ଟରେ ଦେଖାଯାଏ ।

ଦୁର୍ଦ୍ଦାନ୍ତ–ବିଂ. (ଦୁର୍-ଦମ୍-ତ) ଯାହାକୁ ଦମନ କରିବା ଦୁଃସାଧ୍ୟ; ଦୁଷ୍ଟ । [ଦୁଃସମୟ ।

ଦୁର୍ଦ୍ଦିନ–ବି. (ଦୁର୍-ଦିନ) ମେଘାଚ୍ଛନ୍ନ ଦିବସ;

ଦୁର୍ଦ୍ଦୈବ–ବି. (ଦୁର୍-ଦୈବ) ମନ୍ଦଭାଗ୍ୟ ।

ଦୁର୍ଦ୍ଧର୍ଷ–ବିଂ. ( ଦୁର୍-ଧୃଷ୍-ଅ ) ଅତିପ୍ରଭାବୀ; ଦୁଃସହ ।

ଦୁର୍ନୟ–ବି. (ଦୁର୍-ନୟ) ଦୁଷ୍ଟନୀତି; ଉପଦ୍ରବ ।

ଦୁର୍ନାମ–ବି. (ଦୁର୍-ନାମନ୍) ନିନ୍ଦା; ଅଖ୍ୟାତି ।

ଦୁର୍ନିମିତ୍ତ–ବି. (ଦୁର୍-ନିମିତ୍ତ) ଅମଙ୍ଗଳ ଚିହ୍ନ ।

ଦୁର୍ନିବାର–ବିଂ. (ଦୁର୍-ନିବାର) ଅତି କଷ୍ଟରେ ନିବାରଣୀୟ ।

ଦୁର୍ନିରୀକ୍ଷ–ବିଂ. (ଦୁର୍-ନିର୍-ଈକ୍ଷ୍-ଯ) ଦୁର୍ଦ୍ଦର୍ଶ ।

ଦୁର୍ନୀତି–ବି. (ଦୁର୍-ନୀ-ତି) ମନ୍ଦନୀତି ।

ଦୁର୍ବା–ବି. ଘାସବିଶେଷ; ଦୁବ ।

ଦୁର୍ବାର–ବିଂ. (ଦୁର୍-ବୃ-ଅ) ଅତି କଷ୍ଟରେ ନିବାରଣୀୟ ।

ଦୁର୍ବଳ–ବିଂ. (ଦୁର୍-ବଳ) ବଳହୀନ; କ୍ଷୀଣ ।

ଦୁର୍ବୁଦ୍ଧି–ବିଂ. (ଦୁର୍-ବୁଦ୍ଧି) ଦୁର୍ମ୍ମତି ।

ଦୁର୍ବୋଧ / ଦୁର୍ବୋଧ୍ୟ } ବିଂ. ସହଜରେ ଅବୋଧ୍ୟ; କଠିନ ।

ଦୁର୍ଭାଗ୍ୟ–ବି. (ଦୁର୍-ଭାଗ୍ୟ) ମନ୍ଦଭାଗ୍ୟ ।

ଦୁର୍ଭାବନା–ବି. ( ଦୁର୍-ଭାବନା ) ଉତ୍କଣ୍ଠା; ଉଦ୍‌ବେଗ ।

ଦୁର୍ଭିକ୍ଷ–ବି. (ଦୁର୍-ଭିକ୍ଷା) ଅକାଳ; ଯେଉଁ ସମୟରେ ଖାଦ୍ୟାଭାବ ଯୋଗୁଁ ଭିକ ନ ମିଳେ ।

ଦୁର୍ଭେଦ୍ୟ-ବି. (ଦୁର୍-ଭିଦ୍-ଯ) ଅତି କଷ୍ଟରେ ଭେଦ୍ୟ। [(ଲେଖ)।
ଦୁର୍ମ୍ମତି-ବି. (ଦୁର୍-ମତି) ଦୁର୍ବୁଦ୍ଧି; ମନ୍ଦବୁଦ୍ଧି
ଦୁର୍ମଦ-ବି. (ଦୁର୍-ମଦ) ଉନ୍ମତ୍ତ।
ଦୁର୍ମନା-ବି. (ଦୁର୍-ମନଃ) ଉଦ୍‌ବିଗ୍ନ; ଚିନ୍ତିତ।
ଦୁର୍ମନାୟମାନ-ବି. (ଦୁର୍-ମନ-ଅନ) ଉଦ୍‌ବିଗ୍ନ; ଚିନ୍ତିତ।
ଦୁର୍ମୁଖ-ବି. (ଦୁର୍-ମୁଖ) କର୍କଶଭାଷୀ।
ଦୁର୍ମୂଲ୍ୟ-ବି. (ଦୁର୍-ମୂଲ୍ୟ) ମହାର୍ଘ।
ଦୁର୍ଯୋଗ-ବି.(ଦୁର୍-ଯୋଗ)ଦୁର୍ଦ୍ଦିନ; ଦୁଃସମୟ।
ଦୁର୍ଯ୍ୟୋଧନ-ବି. (ଦୁର୍-ଯୁଧ୍-ଅନ) ମନ୍ଦ-ଯୋଦ୍ଧା; ଧୃତରାଷ୍ଟ୍ରଙ୍କର ଜ୍ୟେଷ୍ଠପୁତ୍ର।
ଦୁଲଣା-ବି. ଅତ୍ୟନ୍ତ ଅଦ୍ଭୁତା (କନ୍ୟା)।
ଦୁଲାଳ-ବି. ଅତ୍ୟନ୍ତ ଅଦ୍ଭୁତ ପୁତ୍ର। [ଗମ୍ୟ।
ଦୁର୍ଲକ୍ଷ୍ୟ-ବି. (ଦୁର୍-ଲକ୍ଷ୍-ଯ) ଅତିକଷ୍ଟେ ଦୃଷ୍ଟି
ଦୁର୍ଲଙ୍ଘ୍ୟ-ବି. (ଦୁର୍-ଲଙ୍ଘ୍-ଯ) ଅତିକଷ୍ଟେ ଲଙ୍ଘନୀୟ।
ଦୁର୍ଲ୍ଲଭ-ବି.(ଦୁର୍-ଲଭ-ଅ) ଦୁଷ୍ପ୍ରାପ୍ୟ; ବିରଳ।
ଦୁର୍ଲଳିତ-ବି. (ଦୁର୍-ଲଳିତ) ଅତି ଗେହ୍ଲା।
ଦୁର୍ବ୍ବହ-ବି. (ଦୁର୍-ବହ) କଷ୍ଟରେ ବହନୀୟ।
ଦୁର୍ବ୍ବାକ୍ୟ-ବି. (ଦୁର୍-ବାକ୍ୟ) କଟୁବାକ୍ୟ; ଗାଳି।
ଦୁର୍ବ୍ବିନୀତ-ବି. (ଦୁର୍-ବି-ନୀ-ତ) ଅହଙ୍କାରୀ, ଅଶିଷ୍ଟ। ଦୁର୍ଘଟନା।
ଦୁର୍ବ୍ବିପାକ-ବି. (ଦୁର୍-ବିପାକ) ମନ୍ଦପରିଣାମ;
ଦୁର୍ବ୍ବିଷହ-ବି. (ଦୁର୍-ବି-ସହ୍-ଅ) ଅତି କଷ୍ଟରେ ସହନୀୟ।

ଦୁର୍ବ୍ବୃତ୍ତ-ବି.(ଦୁର୍-ବୃତ୍-ତ)ଦୁଶ୍ଚରିତ୍ର; ଦୁର୍ଜ୍ଜନ।
ଦୁଶ୍ଚେଷ୍ଟିତ-ବି. (ଦୁର୍-ଚେଷ୍ଟିତ) ମନ୍ଦଚେଷ୍ଟା।
ଦୁଷ୍କର-ବି. (ଦୁର୍-କୃ-ଅ) ଯାହା ଅତି କଷ୍ଟରେ କରଯାଏ; ଦୁଃଖସାଧ୍ୟ।
ଦୁଷ୍କର୍ମ-ବି. (ଦୁର୍-କର୍ମନ୍) ମନ୍ଦକର୍ମ।
ଦୁଷ୍କର୍ମୀ-ବି. ଦୁଷ୍କର୍ମକାରୀ।
ଦୁଷ୍କାଳ-ବି. (ଦୁର୍-କାଳ) ମନ୍ଦକାଳ; ଦୁର୍ଭିକ୍ଷ।
ଦୁଷ୍କୁଳ-ବି. ଦୁର୍-କୁଳ) ମନ୍ଦବଂଶ।
ଦୁଷ୍କୃତ-ବି. (ଦୁର୍-କୃତ) ଦୁଷ୍କର୍ମ।
ଦୁଷ୍କୃତି-ବି. (ଦୁର୍-କୃ-ତି) ଦୁଷ୍କର୍ମ।
ଦୁଷ୍କୃତୀ-ବି.(ଦୁର୍-କୃତ-ଇନ୍) ଦୁଷ୍କୃତକାରୀ।
ଦୁଷ୍ଟ-ବି. (ଦୁଷ୍-ତ) ଦୋଷଯୁକ୍ତ; ଅଧାର୍ମିକ; ଦୁର୍ଜ୍ଜନ। [ଅତି ପ୍ରତାପୀ।
ଦୁଷ୍ପ୍ରଧର୍ଷ-ବି. (ଦୁର୍-ପ୍ର-ଧୃଷ୍-ଅ) ଦୁର୍ଦ୍ଧର୍ଷ;
ଦୁଷ୍ପ୍ରବୃତ୍ତି-ବି. (ଦୁର୍-ପ୍ର-ବୃତ୍-ତି) ମନ୍ଦପ୍ରବୃତ୍ତି।
ଦୁଷ୍ପ୍ରବେଶ-ବି. (ଦୁର୍-ପ୍ରବେଶ) ଦୁର୍ଗମ।
ଦୁଷ୍ପ୍ରମେୟ-ବି. (ଦୁର୍-ପ୍ରମେୟ) ଯାହାର ପରିମାଣ କରିବା କଠିନ।
ଦୁଷ୍ପ୍ରାପ୍ୟ-ବି. (ଦୁର୍-ପ୍ରାପ୍ୟ) ଦୁର୍ଲ୍ଲଭ।
ଦୁସ୍ତର-ବି. (ଦୁର୍-ତୃ-ଅ) ଦୁରତିକ୍ରମ, ଯାହା ପାରହେବା କଠିନ।
ଦୁସ୍‌ମନ୍-ବି. (ପାର୍ଶୀଭାଷା) ଶତ୍ରୁ।
ଦୁହିତା-ବି. (ଦୁହ-ତୃ) କନ୍ୟା। (ପୂର୍ବ କାଳରେ କନ୍ୟାମାନେ ଗୋ ଦୋହନ କରୁଥିଲେ।)
ଦୁହିଁବା-କ୍ରି. (ଦୁହ୍‌ଧାତୁରୁ) ଦୋହନ କରିବା।

ଦୁହ୍ୟମାନ-ବି. ( ଦୁହ୍-ଯ-ଅନ ) ଯାହାକୁ ଦୋହନ କରାଯାଉଅଛି ।

ଦୂତ-ବି. ( ଦୁ-ତ ) ବାର୍ତ୍ତାବହ ; ରାଜସନ୍ଦେଶବାହୀ ।

ଦୂତକା }
ଦୂତୀ } ବି. ବାର୍ତ୍ତା-ବାହକା ।

ଦୂତ୍ୟ-ବି. (ଦୂତ-ଯ) ଦୂତର କାର୍ଯ୍ୟ; ଦୂତରଧର୍ମ ।

ଦୂର-ବି. ବହୁଅନ୍ତରରେ ସ୍ଥିତ; ବି. ଅନ୍ତର ।

ଦୂରଦର୍ଶୀ-ବି. (ଦୂର-ଦୃଶ୍-ଇନ୍) ଅନେକ ଦୂର ପର୍ଯ୍ୟନ୍ତ ଯେ ଦେଖିପାରେ ; ପରିଣାମଦର୍ଶୀ ; ବିଜ୍ଞ ।

ଦୂରବର୍ତ୍ତୀ-ବି. ( ଦୂର-ବୃତ୍-ଇନ୍) ଦୂରସ୍ଥିତ ।

ଦୂରବୀକ୍ଷଣ-ବି. ( ଦୂର-ବି-ଈକ୍ଷ୍-ଅନ) ଅତିଦୂରସ୍ଥ ବସ୍ତୁ ଦେଖିବାର ଯନ୍ତ୍ର ।

ଦୂରସ୍ଥ-ବି. (ଦୂର-ସ୍ଥା-ଅ) ଦୂରବର୍ତ୍ତୀ ।

ଦୂରୀକୃତ-ବି. ( ଦୂର-ଈ-କୃ-ତ ) ତାଡ଼ିତ ; ବହିସ୍କୃତ । [ସାରିତ ।

ଦୂରୀଭୂତ-ବି. ( ଦୂର-ଭୂ-ତ ) ଦୂରକୁ ଅପ-

ଦୂର୍ବା-ବି. ( ଦୂର୍ବ-ଅ-ଆ ) ଦୁବଘାସ ।

ଦୂଷକ-ବି. (ଦୁଷ-ଅକ) ଯେ ଦୋଷଦିଏ ।

ଦୂଷଣ-ବି. (ଦୁଷ-ଅନ) ଦୋଷ ।

ଦୂଷିତ-ବି. ( ଦୂଷ୍-ତ ) ଦୋଷଯୁକ୍ତ ; ନିନ୍ଦିତ ।

ଦୂଷ୍ୟ-ବି. (ଦୂଷ-ଯ) ଦୂଷଣୀୟ ; ନିନ୍ଦନୀୟ ।

ଦୃକ୍-ବି. ( ଦୃଶ୍-୦ ) ଚକ୍ଷୁ ।

ଦୃକ୍‌ପାତ-ବି. ଦୃଷ୍ଟିନିକ୍ଷେପ ; ଦୃଷ୍ଟିକ୍ଷେପ ।

ଦୃଢ଼-ବି. (ଦୃହ୍-ତ) କଠିନ ; ସମର୍ଥ ; ସ୍ଥିର ।

ଦୃଢ଼ତା-ବି. (ଦୃଢ-ତା) କାଠିନ୍ୟ ସ୍ଥିରତା ; ଅବିଚଳିତଭାବ ।

ଦୃଢ଼ନିଶ୍ଚୟ-ବି. ଦୃଢପ୍ରତିଜ୍ଞ ; ସ୍ଥିରସଂକଳ୍ପ ।

ଦୃଢ଼ବ୍ରତ-ବି. କାର୍ଯ୍ୟସାଧନରେ ଦୃଢସଂକଳ୍ପ ।

ଦୃତି-ବି. ( ଦୃ-ତି ) ଭସ୍ତ୍ରା, ଚର୍ମ ।

ଦୃପ୍ତ-ବି. ( ଦୃପ୍-ତ ) ଗର୍ବିତ ।

ଦୃଷଦ-ବି. ବସ୍ତୁଘଷିଲା ; ପ୍ରସ୍ତର । [ବସ୍ତୁ ।

ଦୃଶ୍ୟ-ବି. (ଦୃଶ୍-ଯ) ଦର୍ଶନୀୟ ; ବି. ଦର୍ଶନୀୟ-

ଦୃଶ୍ୟକାବ୍ୟ-ବି. ନାଟକ ( ରଙ୍ଗଭୂମିରେ ଅଭିନୀତ । )

ଦୃଷ୍ଟ-ବି. ( ଦୃଶ୍-ତ ) ଅବଲୋକିତ ; ଜ୍ଞାତ ।

ଦୃଷ୍ଟାନ୍ତ-ବି. (ଦୃଷ୍ଟ-ଅନ୍ତ ) ଉଦାହରଣ ।

ଦୃଷ୍ଟି-ବି. (ଦୃଶ୍-ତି) ଚକ୍ଷୁ ; ଦର୍ଶନ; ଜ୍ଞାନ ।

ଦୃଷ୍ଟି-ଗୋଚର-ବି. ଚକ୍ଷୁଦ୍ୱାରା ଯାହା ଦେଖାଯାଏ । [ବିଦ୍ୟା ।

ଦୃଷ୍ଟିବିଜ୍ଞାନ-ବି. ଆଲୋକ ଓ ଦର୍ଶନବିଷୟକ

ଦେଇ-ବି. ( ଦେଶୀଶବ୍ଦ ) ରାଜକନ୍ୟା ; ଉଚ୍ଚକୁଳର ସ୍ତ୍ରୀମାନଙ୍କର ସଂଜ୍ଞା ।

ଦେଉଳ-ବି. (ଦେବକୁଳଶବ୍ଦଜ) ଦେବାଳୟ ।

ଦେଉଳିଆ-ବି. ଋଣପରିଶୋଧ କରିବାକୁ ଅକ୍ଷମ ; ଦେଉଳର ସେବାପୂଜାଦି କାର୍ଯ୍ୟନିର୍ବାହକ ।

ଦେଖଣାହାରୀ-ବି. ଦେଖିବା ଲୋକ ; ଦର୍ଶକ ।

ଦେଖିବା-କ୍ରି. (ଦୃଶ୍ଧାତୁଜ) ଦର୍ଶନ କରିବା ।

ଦେଢ଼ଶୁର-ବି. ପତିର ଜ୍ୟେଷ୍ଠଭ୍ରାତା ।

ଦେଢ଼ଶାଶୁ-ବି. ପତ୍ନୀର ଜ୍ୟେଷ୍ଠ ଭଗିନୀ ।

ଦେଢ଼ }
ଦେଢ଼ା } ବି. ସାର୍ଦ୍ଧ ଏକ ।

ଦେଣା–ବି. ଋଣ । [ମାନ ।

ଦେଦୀପ୍ୟମାନ–ବିଂ.(ଦୀପ୍-ଯଙ-ଅନ) କାନ୍ତିମ-

ଦେୟ–ବିଂ. (ଦା-ଯ) ଯାହା ଦେବା ଉଚିତ ।

ଦେସ୍ତୀ–ବି. (ଫାର୍ସୀ) କଲମ୍ ।

ଦେବ–ବି. (ଦିବ୍-ଅ) ସୁର; ଦେବତା; ରଜା; ଶ୍ରେଷ୍ଠଲୋକ ।

ଦେବକୀ–ବି. ଶ୍ରୀକୃଷ୍ଣଜନନୀ ।

ଦେବଗୁରୁ–ବି. (ଦେବ-ଗୁରୁ) ବୃହସ୍ପତି ।

ଦେବତା–ବି. (ଦେବ-ତା) ଦେବ; ଅମର ।

ଦେବତ୍ର–ବିଂ.(ଦେବ-ତ୍ରୈ-ଅ) ଦେବତାସେବାନିମିତ୍ତ ପ୍ରଦତ୍ତ ।

ଦେବତ୍ୱ–ବି. (ଦେବ-ତ୍ୱ) ଦେବତାର ଗୁଣ ।

ଦେବ-ଦାରୁ–ବି. ବୃହତ୍ ବୃକ୍ଷବିଶେଷ ।

ଦେବ-ଦେବ–ବି. ଦେବଶ୍ରେଷ୍ଠ; ମହାଦେବ ।

ଦେବ-ପୁରୀ–ବି. ଇନ୍ଦ୍ରପୁରୀ; ଅମରାବତୀ ।

ଦେବଭୂତି–ବି. (ଦେବ-ଭୂତି) ମନ୍ଦାକିନୀ; ସ୍ୱର୍ଗ- [ଗଙ୍ଗା ।

ଦେବ-ମଣି–ବି. କୌସ୍ତୁଭମଣି ।

ଦେବ-ମାତା–ବି. ଅଦିତି; କଶ୍ୟପପତ୍ନୀ ।

ଦେବମାତୃକ–ବିଂ. (ଦେବ-ମାତୃ-କ) ବୃଷ୍ଟିଜଳୋତ୍ପନ୍ନ ଶସ୍ୟଦ୍ୱାରା ପାଳିତ ।

ଦେବ-ଯୋନି–ବି. ଉପଦେବତା; ଭୂତ ପ୍ରେତ ।

ଦେବର–ବି. (ଦିବ-ଅର) ପତିର କନିଷ୍ଠଭ୍ରାତା ।

ଦେବରାଜ–ବି. (ଦେବ-ରାଜନ୍) ଇନ୍ଦ୍ର ।

ଦେବର୍ଷି–ବି. (ଦେବ-ଋଷି) ଦେବତା ଅଥବା ଋଷି; ନାରଦାଦିମୁନି ।

ଦେବଳ–ବି. ଦେବତା-ପୂଜାଦ୍ୱାରା ଜୀବିକାନିର୍ବାହକାରୀ ବ୍ରାହ୍ମଣ ।

ଦେବଶର୍ମୀ–ବି. ବ୍ରାହ୍ମଣଜାତିର ଉପାଧି ।

ଦେବ-ଶିଳ୍ପୀ–ବି. ବିଶ୍ୱକର୍ମା । [ଧନ ।

ଦେବ-ସ୍ୱ–ବି. ଦେବସେବାନିମିତ୍ତ ଅର୍ପିତ ବସ୍ତୁ ବା

ଦେବା–କ୍ରି. ଦାନ କରିବା ।

ଦେବାଳୟ–ବି. ଦେଉଳ; ମନ୍ଦିର ।

ଦେବୀ–ବି.(ଦିବ୍-ଅ-ଈ) ଦେବତା; ଠାକୁରାଣୀ; ମାନନୀୟା ସ୍ତ୍ରୀ ।

ଦେବୋତ୍ତର–ବିଂ. (ଦେବ-ଉତ୍ତର) ଦେବସେବାନିମିତ୍ତ ଅର୍ପିତ । [ସ୍ଥାନ ।

ଦେଶ–ବି. (ଦିଶ୍-ଅ) ପୃଥିବୀର ଅଂଶବିଶେଷ;

ଦେଶକାଳଜ୍ଞ–ବିଂ.(ଦେଶ-କାଳ-ଜ୍ଞା-ଅ) ଯେଉଁ ବ୍ୟକ୍ତି ଦେଶ ଓ କାଳ ବୁଝି କାର୍ଯ୍ୟ କରେ ।

ଦେଶାଚାର–ବି. (ଦେଶ-ଆଚାର) ଦେଶୀୟ ରୀତି; ଦେଶର ବ୍ୟବହାର । [ଦୂରଦେଶ ।

ଦେଶାନ୍ତର–ବି. (ଦେଶ-ଅନ୍ତର) ଅନ୍ୟଦେଶ;

ଦେଶୀ–ବିଂ. (ଦେଶ-ଈୟ ପରବର୍ତ୍ତେ-ଈ) ସ୍ୱଦେଶସମ୍ବନ୍ଧୀୟ ।

ଦେଶୀୟ–ବିଂ. (ଦେଶ-ଈୟ) ଦେଶସମ୍ବନ୍ଧୀୟ ।

ଦେହ–ବି. (ଦିହ୍-ଅ) ଅଙ୍ଗ; ଶରୀର ।

ଦେହଳି, ଦେହଳୀ–ବି. ଦ୍ୱାରସମୀପସ୍ଥ ସ୍ଥାନ; ଦ୍ୱାରର ତଳ ବା ଉପର କାଠ ।

ଦେହୀ–ବିଂ. (ଦେହ-ଇନ୍) ଦେହଧାରୀ; ପ୍ରାଣୀ; ଆତ୍ମା ।

ଦୈତ୍ୟ–ବି. (ଦିତି-ଯ) ଦିତିସୁତ; ଅସୁର ।

ଦୈତ୍ୟ-ଗୁରୁ–ବି. ଶୁକ୍ରାଚାର୍ଯ୍ୟ ।

ଦୈତ୍ୟାରି–ବି. (ଦୈତ୍ୟ-ଅରି) କୃଷ୍ଣ; ବିଷ୍ଣୁ; ଦେବତା ।

ଦୈନନ୍ଦିନ-ବି. (ଦିନ-ଦିନ-ଅ) ପ୍ରତି ଦିବସୀୟ ।

ଦୈନିକ-ବି. (ଦିନ-ଇକ) ପ୍ରାତ୍ୟହିକ ।

ଦୈନ୍ୟ-ବି. (ଦୀନ-ଯ) ଦୀନତା ; ଦାରିଦ୍ର୍ୟ ।

ଦୈର୍ଘ୍ୟ-ବି. (ଦୀର୍ଘ-ଯ) ଦୀର୍ଘତା; ଲମ୍ବପରିମାଣ ।

ଦୈବ-ବି. (ଦେବ-ଅ) ଦେବସମ୍ବନ୍ଧୀୟ ; ବି.- ଧାତୃ-ବିହିତ ; ବି. ବିଧାତା ।

ଦୈବଜ୍ଞ-ବି. (ଦୈବ-ଜ୍ଞା-ଅ) ଗଣକ ବି. ଯେ ଭାଗ୍ୟ ଗଣନା କରେ ।

ଦୈବ-ବାଣୀ-ବି. ଦେବତାର ବାଣୀ ।

ଦୈବ-ବିଡ଼ମ୍ବନା-ବି. ଦୈବର ପ୍ରତିକୂଳତା ; କଷ୍ଟବିଡ଼ମ୍ବନା ।

ଦୈବଯୋଗ-ବି. ଦୈବଘଟଣା ।

ଦୈବାତ୍-ଅ. (ଦୈବ-ଅତ୍) ଦୈବବଶତଃ ; ଅକସ୍ମାତ୍ ; ହଠାତ୍ । [ଅଧୀନ ।

ଦୈବାୟତ୍ତ-ବି. (ଦୈବ-ଆୟତ୍ତ) ଦୈବବିଧାନର

ଦୈବିକ-ବି. (ଦେବ-ଇକ) ଦେବସମ୍ବନ୍ଧୀୟ ; ଦୈବଘଟିତ । [ସାରଣୀ ।

ଦୈବୀ-ବି. (ଦେବ-ଅ-ଈ) ଦୈବବିଧାନର ଅନୁ-

ଦୈଶିକ-ବି. (ଦେଶ-ଇକ) ଦେଶସମ୍ବନ୍ଧୀୟ ; ଦେଶଜାତ ।

ଦୈହିକ-ବି. (ଦେହ-ଇକ) ଦେହସମ୍ବନ୍ଧୀୟ ।

ଦୋକାନ-ବି. (ପାର୍ଶୀ) ପଣ୍ୟଶାଳା ।

ଦୋଗ୍ଧା-ବି. (ଦୁହ୍-ତୃ) ଦୋହନକର୍ତ୍ତା ।

ଦୋଦୁଲ୍ୟମାନ-ବି. (ଦୁଲ୍-ଯଙ-ଅନ) ପୁନଃ ପୁନଃ ଦୋଳାୟମାନ । [କହେ ।

ଦୋଭାଷୀ-ବି. (ଦ୍ୱି-ଭାଷା) ଦୁଇ ଭାଷା ଯେ

ଦୋରୁଅ-ବି. ଅଶ୍ରୁରସ । [ଦଣ୍ଡ ।

ଦୋର୍ଦ୍ଦଣ୍ଡ-ବି. (ଦୋର୍-ଦଣ୍ଡ) ବାହୁଦଣ୍ଡ ; ଭୁଜ-

ଦୋଳ-ବି. (ଦୁଲ୍-ଅ) ଦୋଳନ ; ଦୋଳ ; ଝୁଲଣ । [ଦୋହଲୁଥିବା ।

ଦୋଳାୟମାନ-ବି. (ଦୋଳ-ଯ-ଅନ) ଯାହା

ଦୋଳାୟିତ-ବି. (ଦୋଳ-ଯ-ତ) ଇତସ୍ତତଃ ଅନ୍ଦୋଳିତ ।

ଦୋଳି-ବି. ଝୁଲଣ ; ଡୋଲି । [କଳଙ୍କ ।

ଦୋଷ-ବି. (ଦୁଷ୍-ଅ) ଅପରାଧ ; ନିୟମଭଙ୍ଗ ;

ଦୋଷଗ୍ରାହୀ-ବି. (ଦୋଷ-ଗ୍ରହ-ଇନ୍) ଯେ

ଦୋଷା-ବି. ରାତ୍ରି । [ଦୋଷ ଗ୍ରହଣ କରେ ।

ଦୋଷା-ତନ-ବି. ରାତ୍ରିକାଳୀନ ।

ଦୋଷାବହ-ବି (ଦୋଷ-ଅବହ) ଦୋଷଯୁକ୍ତ ।

ଦୋଷୀ-ବି. ଅପରାଧୀ ।

ଦୋଷୈକଦର୍ଶୀ-ବି. (ଦୋଷ-ଏକ-ଦୃଶ୍-ଇନ୍) ଯେ କେବଳ ଦୋଷ ଦେଖେ ।

ଦୋସର-ବି. (ଦ୍ୱି-ସର) ଦ୍ୱିତୀୟ ; ସଙ୍ଗୀ ।

ଦୋସରି-ବି. ଦ୍ୱିତୀୟ ; ଅନ୍ୟ ।

ଦୋହ-ବି. (ଦୁହ-ଅ) ଦୋହନ ।

ଦୋହଦ-ବି. (ଦୋହ-ଦ) ଗର୍ଭିଣୀର ଅଭି-ଳାଷ ; ଗର୍ଭଚିହ୍ନ ।

ଦୋହଦିନୀ-ବି. (ଦୋହଦ-ଇନ୍-ଈ) ଗର୍ଭିଣୀ ।

ଦୋହନ-ବି. (ଦୁହ୍-ଅନ) ଦୁହିଁବା ; ସଂଗ୍ରହ-କରଣ ।

ଦୋହରା<br>ଦୋହରି } ବି. ଦ୍ୱିତୀୟବାର ।

ଦୋହଲିବା–କ୍ରି. ଝୁଲିବା ; ହଲିବା ।

ଦୋହ
ଦୋହାଇ } ବି. ଶପଥପୂର୍ବକ ସୁବର୍ଣ୍ଣର ପ୍ରାର୍ଥନା ।

ଦୌଡ଼ିବା–କ୍ରି.(ଦ୍ରୁ ଧାତୁରୁ)ଶୀଘ୍ର ଗମନକରିବା ।

ଦୌତ୍ୟ–ବି. (ଦୂତ-ଯ) ଦୂତର କର୍ମ ।

ଦୌର୍ମନସ୍ୟ–ବି. (ଦୁର୍ମନସ୍-ଯ) ଦର୍ପ ଉପଣ, ଅଭ୍ୟାଗର ।

ଦୌର୍ବଲ୍ୟ–ବି. (ଦୁର୍ବଲ-ଯ) ଦୁର୍ବଳତା ।

ଦୌର୍ହୃଦ–ବି. (ଦୁର୍-ହୃଦ୍-ଅ) ଗର୍ଭ; ଗର୍ଭିଣୀର ସ୍ପୃହା ।

ଦୌଲତ–ବି. (ଆରବୀ) ଧନ । [ପାଳ ।

ଦୌବାରିକ–ବି. (ଦ୍ୱାର-ଇକ) ଦ୍ୱାରୀ; ଦ୍ୱାର-

ଦୌହିତ୍ର–ବି. (ଦୁହିତୃ-ଅ) ଦୁହିତାର ପୁତ୍ର ; ନାତି । [କନ୍ୟା; ନାତୁଣୀ ।

ଦୌହିତ୍ରୀ–ବି. ( ଦୁହିତୃ-ଅ-ଈ ) ଦୁହିତାର

ଦ୍ୟାବାପୃଥିବୀ–ବି. (ଦେବୀ-ପୃଥିବୀ) ଆକାଶ ଓ ପୃଥିବୀ ।

ଦ୍ୟୁ–ବି. (ଦିବ୍-କ୍ୱିପ) ସ୍ୱର୍ଗ ; ଆକାଶ ; ଦିନ ।

ଦ୍ୟୁତି–ବି. (ଦ୍ୟୁତ-ଇ) ଦୀପ୍ତି; ପ୍ରକାଶ; ଶୋଭା ।

ଦ୍ୟୁତିକର–ବିଂ. (ଦ୍ୟୁତି-କୃ-ଅ) ଦୀପ୍ତିକାରକ ।

ଦ୍ୟୁତିମାନ୍–ବିଂ. (ଦ୍ୟୁତି-ମତ୍) ଦୀପ୍ତିମାନ୍ ।

ଦ୍ୟୁ ମଣି–ବି ସୂର୍ଯ୍ୟ ।

ଦ୍ୟୁମ୍ନ–ବି. (ଦ୍ୟୁ-ମ୍ନା-ଅ) ଧନ; ସୁବର୍ଣ୍ଣ; ସାମର୍ଥ୍ୟ ।

ଦ୍ୟୁଲୋକ–ବି. (ଦ୍ୟୁ-ଲୋକ) ସ୍ୱର୍ଗଲୋକ ।

ଦ୍ୟୂତ–ବି. (ଦିବ୍-ତ) ଜୁଆଖେଳ ।

ଦ୍ୟୋତକ–ବିଂ. (ଦ୍ୟୁତ୍-ଅକ) ପ୍ରକାଶକ ।

ଦ୍ୟୋତନ–ବି. (ଦ୍ୟୁତ୍-ଅନ) ପ୍ରକାଶନ ।

ଦ୍ୟୋତମାନ–ବିଂ. (ଦ୍ୟୁତ୍-ଅନ) ଦୀପ୍ତିମାନ୍ ।

ଦ୍ୟୌ–ବି. ଆକାଶ; ସ୍ୱର୍ଗ ।

ଦ୍ରଢ଼ିମା–ବି. (ଦୃଢ଼-ଇମନ୍) ଦୃଢ଼ତା ।

ଦ୍ରଢ଼ିଷ୍ଠ–ବିଂ. (ଦୃଢ଼-ଇଷ୍ଠ) ଅତିଦୃଢ଼ ।

ଦ୍ରବ–ବିଂ. (ଦ୍ରୁ-ଅ) ତରଳ ।

ଦ୍ରବତ୍ୱ–ବି. ତରଳତ୍ୱ ।

ଦ୍ରବିଣ–ବି. (ଦ୍ରୁ-ଇନ) ଧନ ।

ଦ୍ରବୀକରଣ–ବି. (ଦ୍ରବ-ଈଅଗମ-କରଣ) ଦ୍ରବ କରିବା ; ତରଳ କରିବା ।

ଦ୍ରବୀଭୂତ–ବିଂ. (ଦ୍ରବ-ଈ-ଭୂତ) ତରଳିତ ।

ଦ୍ରବ୍ୟ–ବି. (ଦ୍ରୁ-ଯ) ପଦାର୍ଥ ; ସାମଗ୍ରୀ ।

ଦ୍ରଷ୍ଟବ୍ୟ–ବିଂ. (ଦୃଶ୍-ତବ୍ୟ) ଦର୍ଶନୀୟ ; ଦର୍ଶନଯୋଗ୍ୟ ।

ଦ୍ରଷ୍ଟା–ବିଂ. (ଦୃଶ୍-ତୃ) ଦର୍ଶକ ; ସାକ୍ଷୀ ।

ଦ୍ରାକ୍ଷା–ବି. କିସ୍‌ମିସ୍ ; ଅଙ୍ଗୁର ।

ଦ୍ରାଘିମା–ବି. (ଦୀର୍ଘ-ଇମନ୍) ଦୈର୍ଘ୍ୟ; ଭୂଗୋଳଶାସ୍ତ୍ରରେ ଉଭୟମେରୁ-ଭେଦୀ କଳ୍ପିତ ମଣ୍ଡଳାକାର ରେଖା ।

ଦ୍ରାଘିମାନ୍ତର–ବି. (ଦ୍ରାଘିମା-ଅନ୍ତର) ଏକ ଦ୍ରାଘିମାଂଶଠାରୁ ଅନ୍ୟ ଦ୍ରାଘିମାଂଶ ପର୍ଯ୍ୟନ୍ତ ଦୂରତ୍ୱ ।

ଦ୍ରାଘିଷ୍ଠ–ବିଂ. (ଦୀର୍ଘ-ଇଷ୍ଠ) ଅତିଶୟ ଦୀର୍ଘ ।

ଦ୍ରାବକ–ବିଂ. (ଦ୍ରୁ-ଅକ) ଦ୍ରବକାରକ ।

ଦ୍ରାବଣ–ବି. (ଦ୍ରୁ-ଣିଚ୍-ଅନ) ଦ୍ରବୀକରଣ ।

ଦ୍ରାବିଡ଼–ବି. ପ୍ରଦେଶବିଶେଷ ; ବିଂ. ଦ୍ରାବିଡ଼ଦେଶୀୟ ।

ଦ୍ରାବିଡ଼-ବି. (ଦ୍ରୁ-ଣିଚ୍-ତ) ତାଡ଼ିତ; ଦ୍ରବୀଭୂତ ।
ଦ୍ରାବ୍ୟ-ବି. (ଦ୍ରବ-ଯ) ତାପ ସଂଯୋଗେ ଦ୍ରବ-
ଦ୍ରୁଘଣ-ବି. ଲୌହ ମୁଦ୍ଗର । [ଣୀୟ ।
ଦ୍ରୁତ-ବି. (ଦ୍ରୁ-ତ) ଶୀଘ୍ର ।
ଦ୍ରୁମ-ବି. (ଦ୍ରୁ-ମ) ବୃକ୍ଷ ।
ଦ୍ରୋଣ-ବି. (ଦ୍ରୁ-ନ) ତାମ୍ରସକାଣ୍ଡ; ବୃହତ୍‌ଜଳାଶୟ; ମେଘବିଶେଷ; ପରିମାଣ; ମହାଭାରତର ଦ୍ରୋଣାଚାର୍ଯ୍ୟ ।
ଦ୍ରୋଣି-ବି. (ଦ୍ରୁ-ନି) ଜଳସେଚନୀ; ଜଳକୁଣ୍ଡ ।
ଦ୍ରୋହ-ବି. (ଦ୍ରୁହ୍-ଅ) ବିରୁଦ୍ଧାଚରଣ; ହିଂସା ।
ଦ୍ରୋହୀ-ବି. (ଦ୍ରୁହ୍-ଇନ୍) ଅନିଷ୍ଟକାରୀ; ଦ୍ୱେଷୀ ।
ଦ୍ରୌପଦୀ-ବି. (ଦ୍ରୁପଦ-ଅ-ଈ) ପାଣ୍ଡବମାନଙ୍କର ସ୍ତ୍ରୀ, ଦ୍ରୁପଦ ରାଜାଙ୍କ କନ୍ୟା ।
ଦ୍ୱନ୍ଦ୍ୱ-ବି. (ଦ୍ୱିଶବ୍ଦଜ) ଯୋଡ଼ା; କଳହ; ଯୁଦ୍ଧ; ସମାସ ବିଶେଷ । [ସଂଖ୍ୟା ।
ଦ୍ୱାଚତ୍ୱାରିଂଶତ୍-ବି. (ଦ୍ୱି ଚତ୍ୱାରିଂଶତ୍) ୪୨
ଦ୍ୱାତ୍ରିଂଶତ୍-ବି. (ଦ୍ୱି-ତ୍ରିଂଶତ୍) ୩୨ ସଂଖ୍ୟା ।
ଦ୍ୱାଦଶ-ବି. (ଦ୍ୱି-ଦଶନ୍) ୧୨ ସଂଖ୍ୟା ।
ଦ୍ୱାଦଶୀ-ବି. ତିଥିବିଶେଷ ।
ଦ୍ୱାପର-ବି. (ଦ୍ୱି-ପର) ହିନ୍ଦୁଶାସ୍ତ୍ରର ତୃତୀୟ ଯୁଗ ।
ଦ୍ୱାର-ବି. (ଦ୍ୱାର-ଅ) ଦୁଆର; କବାଟ; ଉପାୟ ।
ଦ୍ୱାରକା, ଦ୍ୱାରକ୍ୟା } ବି. (ଦ୍ୱାର-କ-ଅ) ହିନ୍ଦୁତୀର୍ଥ ବିଶେଷ ।
ଦ୍ୱାର-ପାଳ-ବି. ଦୌବାରିକ; ଦ୍ୱାରରକ୍ଷକ ।
ଦ୍ୱାରା-ଅ. (ଦ୍ୱାର-ଆ) କର୍ତ୍ତୃକ; ସାହାଯ୍ୟରେ ।
ଦ୍ୱାବିଂଶତି-ବି. (ଦ୍ୱି-ବିଂଶତି) ୨୨ ସଂଖ୍ୟା ।
ଦ୍ୱାଷଷ୍ଟି-ବି. (ଦ୍ୱି-ଷଷ୍ଟି) ୬୨ ସଂଖ୍ୟା ।
ଦ୍ୱାସପ୍ତତି-ବି. (ଦ୍ୱି-ସପ୍ତତି) ୭୨ ସଂଖ୍ୟା ।
ଦ୍ୱି ବି. ଦୁଇ ସଂଖ୍ୟା ।
ଦ୍ୱିଗର୍ଭ-ବି. ଯେଉଁ ଜନ୍ତୁର ଦେହରେ ଅପତ୍ୟ ଜନ୍ମିବ ଦୁଇଟି ଗର୍ଭ ବା ଆଧାର ଥାଏ; ଯଥା, କାଙ୍ଗାରୁ ।
ଦ୍ୱିଗୁ-ବି. ବ୍ୟାକରଣରେ ସମାସ ବିଶେଷ ।
ଦ୍ୱିଜ-ବି. (ଦ୍ୱି-ଜା-ଅ) ଦେହର ଜନ୍ମ ଓ ଧର୍ମ ସଂସ୍କାରର ଅଧ୍ୟାତ୍ମ ଜନ୍ମ, ଉଭୟ ଯାହାର ଅଛି; ବ୍ରାହ୍ମଣ, କ୍ଷତ୍ରି ଓ ବୈଶ୍ୟ, ପକ୍ଷୀ; ଦନ୍ତ ।
ଦ୍ୱିଜରାଜ-ବି. (ଦ୍ୱିଜ-ରାଜନ୍) ଚନ୍ଦ୍ର; ଗରୁଡ଼ ।
ଦ୍ୱିଜିହ୍ୱ-ବି. (ଦ୍ୱି-ଜିହ୍ୱା) ସର୍ପ ।
ଦ୍ୱିତୟ-ବି. (ଦ୍ୱି-ତୟ) ଯୁଗ୍ମ; ଦ୍ୱୟ ।
ଦ୍ୱିତଳ-ବି. (ଦ୍ୱି-ତଳ) ଦୋମହଲା ।
ଦ୍ୱିତୀୟ-ବି. (ଦ୍ୱି-ତୀୟ) ୨ ସଂଖ୍ୟାର ପୂରକ ।
ଦ୍ୱିତୀୟା-ବି. ତିଥିବିଶେଷ ।
ଦ୍ୱିଦଳ-ବି. ଦ୍ୱିଦଳବିଶିଷ୍ଟ ଶସ୍ୟ (ମୁଗପ୍ରଭୃତି) ।
ଦ୍ୱିଧା-କ୍ରି. ବି. ଅ. (ଦ୍ୱି-ଧା) ଦୁଇ ପ୍ରକାର; ବି.
ଦ୍ୱିପ-ବି. (ଦ୍ୱି-ପା-ଅ) ହସ୍ତୀ । [ସନ୍ଦେହ ।
ଦ୍ୱିପଞ୍ଚାଶତ୍-ବି. ଦୁଇ ଅଧିକ ପଞ୍ଚାଶତ୍, ୫୨ ।
ଦ୍ୱିପଦ-ବି. (ଦ୍ୱି-ପଦ) ମନୁଷ୍ୟ; ପକ୍ଷୀ; ବି. ପଦ-
ଦ୍ୱିରଦ-ବି. (ଦ୍ୱି-ରଦ) ହସ୍ତୀ । [ଦ୍ୱୟ ବିଶିଷ୍ଟ ।
ଦ୍ୱିରୁକ୍ତ-ବି. (ଦ୍ୱିଃ-ଉକ୍ତ) ଦୁଇବାର କଥିତ ।
ଦ୍ୱିରୁକ୍ତି-ବି. (ଦ୍ୱିଃ-ଉକ୍ତି) ଦୁଇଥର କଥିତକଥା ।
ଦ୍ୱିରେଫ-ବି. (ଦ୍ୱି-ରେଫ) ଭ୍ରମର; ମଧୁକର ।
ଦ୍ୱିବଚନ-ବି. ବ୍ୟାକରଣର ଦ୍ୱିତ୍ୱ ବୋଧକ ବିଭକ୍ତି ।

ଦ୍ୱିବିଧ-ବି. (ଦ୍ୱି-ବିଧ) ଦୁଇପ୍ରକାର ।

ଦ୍ୱିଷତ୍-ବି. (ଦ୍ୱିଷ୍ ଅତ୍) ଶତ୍ରୁ ।

ଦ୍ୱୀପ ବି. (ଦ୍ୱି-ଅପ୍-ଅ) ଚତୁର୍ଦ୍ଦିଗରେ ଜଳ-
ବେଷ୍ଟିତ ସ୍ଥଳ ; ବ୍ୟାଘ୍ରଚର୍ମ ।

ଦ୍ୱୀପୀ-ବି. (ଦ୍ୱୀପ-ଇନ୍) ବ୍ୟାଘ୍ର ।

ଦ୍ୱେଷ ବି. (ଦ୍ୱିଷ୍-ଅ) ଶତ୍ରୁତା; ଈର୍ଷା ।

ଦ୍ୱେଷୀ-ବି. (ଦ୍ୱିଷ୍-ଇନ୍) ଦ୍ୱେଷଯୁକ୍ତ ।

ଦ୍ୱେଷ୍ଟା-ବି. (ଦ୍ୱିଷ-ତୃ) ଦ୍ୱେଷକର୍ତ୍ତା ।

ଦ୍ୱୈତବାଦ ବି. (ଦ୍ୱୈତ-ବଦ୍-ଅ) ଯେ ମତରେ
ଜୀବାତ୍ମ ଓ ପରମାତ୍ମା ଭିନ୍ନ ।

ଦ୍ୱୈଧ-ବି. (ଦ୍ୱିଧ-ଅ) ଦ୍ୱିଧାର ଭାବ; ମତଭେଦ ;
ସନ୍ଦେହ ।

ଦ୍ୱୈପାୟନ-ବି. (ଦ୍ୱୀପ-ଅୟନ) ଦ୍ୱୀପ ଯାହାର
ଜନ୍ମସ୍ଥାନ ; ବ୍ୟାସଦେବ ।

ଦ୍ୱୈମାତୁର-ବି. (ଦ୍ୱିମାତୃ-ଅ) ଦୁଇ ମାତାର
ସନ୍ତାନ ; ଗଣେଶ ।

ଦ୍ୱୈମାତୃକ ବି. (ଦ୍ୱି-ମାତୃ-କ) ବୃଷ୍ଟିଜଳ ଓ
ନଦୀଜଳ ଦ୍ୱାରା ପାଳିତ । [ ସମଷ୍ଟି ।

ଦ୍ୱ୍ୟଣୁକ ବି. (ଦ୍ୱି-ଅଣୁ-କ) ଦୁଇ ପରମାଣୁର

ଦ୍ୱ୍ୟର୍ଥ-ବି. (ଦ୍ୱି-ଅର୍ଥ) ଦ୍ୱିବିଧ ଅର୍ଥବୋଧକ ।

---

# ଧ

ବ୍ୟଞ୍ଜନବର୍ଣ୍ଣର ଊନବିଂଶ ବର୍ଣ୍ଣ ।

ଧଇଁ-ବି. ବାଣବେଗ ବିଶେଷ ।

ଧକ୍‌ଧକ୍-ବି. ବେଦନା-ବିଶେଷ ।

ଧକ୍କା-ବି. ଠେଲା ; ଅଘାତ ।

ଧକାଇବା-କ୍ରି. ଶରଣାସ୍ତ୍ର ପକାଇବା ।

ଧଟୀ-ବି. ଲୁଗାଧଡ଼ି ।

ଧଡ଼ ବି. ଶରୀର ।

ଧଡ଼ପଡ଼-କ୍ରି. ବି. ଶୀଘ୍ର ।

ଧଡ଼ା ବି. (ଧଟଶବ୍ଦଜ) ତକ୍ତୁ ; ଅର୍ଗଳକାଠ ।

ଧଡ଼ୀ-ବି. (ଧଟୀଶବ୍ଦଜ) ବସ୍ତ୍ରର ଦାନ୍ତ ।

ଧଡ଼ିଆ-ବି. କୃଶ ।

ଧଣ୍ଡ-ବି. (ଡୁଣ୍ଡୁଭଶବ୍ଦଜ) ସର୍ପବିଶେଷ ।

ଧଣ୍ଡା-ବି. ପୁଷ୍ପର ବଡମାଳା ।

ଧନ-ବି. (ଧନ୍-ଅ) ସମ୍ପତ୍ତି; ସ୍ନେହାଦରସୂଚକ ।

ଧନଞ୍ଜୟ-ବି. (ଧନ-ଜି-ଅ) ଯେ ଧନ ଜୟ କରେ;
ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ । [କୁବେର ।

ଧନଦ-ବି. (ଧନ-ଦା-ଅ) ଧନଦାତା ; ବି.

ଧନବାନ୍-ବି. (ଧନ-ବତୁ) ଧନଶାଳୀ ।

ଧନାଗମ-ବି. (ଧନ-ଆଗମ) ଅର୍ଥାଗମ; ଆୟ ।

ଧନିଆ-ବି. (ଧନ୍ୟାଶବ୍ଦଜ) କୋଥମିର ଫଳ ।

ଧନିକ-ବି. ଧନାଢ୍ୟ ।

ଧନିଷ୍ଠା-ବି. (ଧନ-ଇଷ୍ଠ-ଆ) ନକ୍ଷତ୍ରବିଶେଷ ।

ଧନୀ-ବି. (ଧନ-ଇନ୍) ଧନଶାଳୀ ।

ଧନୀ-ବି. ଯୁବତୀ ।

ଧନୁ } ବି. (ଧନ-ଉ, ଉସ୍) କାର୍ମ୍ମୁକ; ଚାରିହସ୍ତ
ଧନୁଃ } ପରିମାଣ; ନକ୍ଷତ୍ରପୁଞ୍ଜ ବିଶେଷ ।

ଧନୁର୍ଗୁଣ-ବି. (ଧନୁଃ-ଗୁଣ) ଧନୁର ଜ୍ୟା ।

ଧନୁର୍ଦ୍ଧର-ବି. (ଧନୁଃ-ଧୃ-ଅ) ଧନୁର୍ଦ୍ଧାରୀ; ଧନ୍ୱୀ ।

ଧନୁର୍ବେଦ-ବି. (ଧନୁଃ-ବେଦ) ଧନୁର୍ବିଦ୍ୟା ।

ଧନୁଷ୍ଟଙ୍କାର-ବି. (ଧନୁଃ-ଟଙ୍କାର) ଧନୁଃଶବ୍ଦ ; ରୋଗବିଶେଷ ।

ଧନୁଷ୍ପାଣି-ବିଂ. (ଧନୁଃ-ପାଣି) ଧନୁର୍ଦ୍ଧର ।

ଧନେଶ-ବିଂ. (ଧନ-ଈଶ) ଧନସ୍ୱାମୀ ; ବି. [କୁବେର ।

ଧନ୍ଦା-ବି. ବ୍ୟବସାୟ ।

ଧନ୍ଦାଳହେବା-କ୍ରି. ବ୍ୟସ୍ତ ହେବା ।

ଧନ୍ଦହେବା-କ୍ରି. ବ୍ୟସ୍ତ ହେବା ।

ଧନ୍ୟ-ବିଂ. (ଧନ-ଯ) କୃତାର୍ଥ; ପ୍ରଶଂସନୀୟ; ସୌଭାଗ୍ୟଶାଳୀ ।

ଧନ୍ୟବାଦ-ବି. ଧନ୍ୟ ଧନ୍ୟ ବୋଲି ପ୍ରଶଂସା; ସାଧୁବାଦ ।

ଧନ୍ୱନ୍ତରି-ବି. ଦେବଚିକିତ୍ସକ ।

ଧନ୍ୱୀ-ବିଂ. (ଧନ୍ୱ-ଇନ୍) ଧନୁର୍ଦ୍ଧାରୀ ।

ଧପା-ବି. ଭଣ୍ଡାଇବା; ଠକିବା ।

ଧମକ-ବି. (ଧ୍ମା-ଅକ) ଭସ୍ତ୍ରାଚାଳକ କମାର ।

ଧମକି-ବି. ଭୟ-ପ୍ରଦର୍ଶନ ।

ଧମକାଇବା-କ୍ରି. ଭୟ ଦେଖାଇବା ।

ଧମନୀ-ବି. (ଧ୍ମା-ଅନ-ଈ) ନାଡ଼ୀ; ଶିରା ।

ଧମ୍ମିଲ୍ଲ-ବି. ଅଳଙ୍କୃତ କେଶପାଶ ।

ଧର-ବିଂ. (ଧୃ-ଅ) ଧାରଣକର୍ତ୍ତା (ଶବ୍ଦାନ୍ତେ ପ୍ରଯୁକ୍ତ) ।

ଧରଣ-ବି. (ଧୃ-ଅନ) ପ୍ରଣାଳୀ; ପଦ୍ଧତି; ଧାରଣ ।

ଧରଣା-ବି. ଅଧ୍ୟାପଡ଼ିବା ।

ଧରଣୀ-ବି. (ଧୃ-ଅନ-ଈ) ପୃଥିବୀ ।

ଧରଣୀ-ଧର-ବି. ପର୍ବତ; ପରମେଶ ।

ଧରା-ବି. (ଧୃ-ଅ) ପୃଥିବୀ ।

ଧରାତଳ-ବି. ପୃଥିବୀର ଉପରଭାଗ ।

ଧରାଧର-ବି. (ଧରା-ଧର) ପର୍ବତ ।

ଧରିତ୍ରୀ-ବି. (ଧୃ-ଇତ୍ର-ଈ) ପୃଥିବୀ ।

ଧରିବା-କ୍ରି. (ଧୃ-ଧାତୁରୁ) ଧାରଣ କରିବା ; ଘେନିବା ।

ଧର୍ତ୍ତବ୍ୟ-ବି. (ଧୃ-ତବ୍ୟ) ଧରିବାଯୋଗ୍ୟ ; [ବିବେଚ୍ୟ ।

ଧର୍ମ-ବି. (ଧୃ-ମ) ଯେ ଜଗଧାରଣ ବା ରକ୍ଷା କରେ ; ଜୀବାତ୍ମାର ଈଶ୍ୱର-ବିଶ୍ୱାସ ; ବିଶ୍ୱାସ ଓ ପୂଜା ସମ୍ବନ୍ଧୀୟ ଭିନ୍ନ ଭିନ୍ନ ପ୍ରଣାଳୀ; ନ୍ୟାୟ ; ପୁଣ୍ୟ ; କର୍ତ୍ତବ୍ୟ କର୍ମ, ଗୁଣ ।

ଧର୍ମ-କ୍ଷେତ୍ର-ବି. ତୀର୍ଥ; କୁରୁକ୍ଷେତ୍ର ।

ଧର୍ମ-ଘଟ-ବି. ବୈଶାଖ ମାସରେ ପ୍ରତ୍ୟହ ଦାତବ୍ୟ ଭୋଜ୍ୟପାନୀୟ ପୂର୍ଣ୍ଣ କଳସ; ସମବେତ ହୋଇ କାର୍ଯ୍ୟ ନ କରିବାର ପ୍ରତିଜ୍ଞା ।

ଧର୍ମ-ଚାରିଣୀ-ବିଂ. ସାଧ୍ୱୀ; ଧାର୍ମିକା ।

ଧର୍ମତଃ-ଅଂ. (ଧର୍ମ-ତସ୍) ଧର୍ମାନୁସାରେ ।

ଧର୍ମ-ଧ୍ୱଜୀ-ବିଂ. (ଧର୍ମ-ଧ୍ୱଜ-ଇନ୍) ଯେ ଧର୍ମର ବାହ୍ୟଚିହ୍ନ ଧାରଣ କରେ, କିନ୍ତୁ ବାସ୍ତବରେ ଧାର୍ମିକ ନୁହେ ।

ଧର୍ମନିଷ୍ଠ-ବିଂ. (ଧର୍ମ-ନିଷ୍ଠା) ଧର୍ମପରାୟଣ ।

ଧର୍ମ-ନୀତି-ବି. କର୍ତ୍ତବ୍ୟାକର୍ତ୍ତବ୍ୟବିଷୟକ ବୁଦ୍ଧି ।

ଧର୍ମ-ପତ୍ନୀ-ବି. ସହଧର୍ମିଣୀ ; ଭାର୍ଯ୍ୟା ।

ଧର୍ମ-ପୁତ୍ର-ବି. (ଧର୍ମ-ପୁତ୍ର) ଯୁଧିଷ୍ଠିର; ଧର୍ମାନୁସାରେ ଲବ୍ଧ ପୁତ୍ର ।

ଧର୍ମ-ବକ-ବି. କପଟଧାର୍ମିକ ଲୋକ ।

ଧର୍ମ-ଭୟ-ବି. ଅଧର୍ମ କଲେ ଦଣ୍ଡ ଭୋଗ କରିବାକୁ ହେବ, ଏହି ବିଶ୍ୱାସ ।

ଧର୍ମ-ରାଜ-ବି. (ଧର୍ମ-ରାଜା) ଯମ; ଯୁଧିଷ୍ଠିର ।

ଧର୍ମ-ଲକ୍ଷଣ-ବି. ଧୃତି, କ୍ଷମା, ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ ଏହି ଦଶ ଧର୍ମଲକ୍ଷଣ ।

ଧର୍ମ-ବୃଦ୍ଧ-ବିଂ. ଧର୍ମ ବିଷୟରେ ଶ୍ରେଷ୍ଠ ।

ଧର୍ମ ଶାଳା-ବି. ଧର୍ମାର୍ଥ ଗୃହ ।

ଧର୍ମ-ଶୀଳ-ବିଂ. ଧାର୍ମିକ ।

ଧର୍ମାଧିକରଣ-ବି. (ଧର୍ମ-ଅଧି-କୃ-ଅନ) ନ୍ୟାୟ ଅନ୍ୟାୟର ବିଚାରସ୍ଥଳ; ଅଦାଲତ; ବିଚାରକ ।

ଧର୍ମାଧିକାରୀ-ବି. ( ଧର୍ମ-ଅଧିକାରିନ୍ ) ଯାହା ହାତରେ ନ୍ୟାୟ ଅନ୍ୟାୟ ବିଚାରର ଭାର ନ୍ୟସ୍ତ ଥାଏ ।

ଧର୍ମାଧ୍ୟକ୍ଷ-ବି. (ଧର୍ମ-ଅଧ୍ୟକ୍ଷ) ବିଚାରପତି ।

ଧର୍ମାବତାର-ବି. ( ଧର୍ମ-ଅବତାର ) ମୂର୍ତ୍ତିମାନ୍ ଧର୍ମ ।

ଧର୍ମାବହ-ବିଂ. (ଧର୍ମ-ଅବହ) ଧର୍ମର ରକ୍ଷକ ।

ଧର୍ମାସନ-ବି. (ଧର୍ମ-ଆସନ) ବିଚାରାସନ ।

ଧର୍ମିଷ୍ଠ-ବିଂ. (ଧର୍ମ-ଇଷ୍ଠ ଅତିଧାର୍ମିକ ।

ଧର୍ମୀ-ବିଂ. (ଧର୍ମ-ଇନ୍) ଗୁଣବିଶିଷ୍ଟ ।

ଧର୍ମ୍ୟ-ବିଂ. (ଧର୍ମ-ଯ) ଧର୍ମର ଅନୁଯାୟୀ ।

ଧର୍ଷ, ଧର୍ଷଣ } ବି. (ଧୃଷ୍-ଅ, ଅନ) ସନ୍ତାପନ; ପରାଭବ; ଅବମାନନା ।

ଧର୍ଷିତ-ବିଂ. (ଧୃଷ୍-ଇର୍-ତ) ଅବମାନିତ; ପରାଭବପ୍ରାପ୍ତ ।

ଧଳା-ବିଂ. (ଧବଳଶବ୍ଦଜ) ଶ୍ୱେତ, ଶୁକ୍ଳ ।

ଧବ-ବି. (ଧୂ-ଅ) ପତି; ବୃକ୍ଷବିଶେଷ ।

ଧବଳ-ବିଂ. (ଧବ-ଅଲ) ଶୁକ୍ଳ ବି. ଶ୍ୱେତକୁଷ୍ଠ ।

ଧବଳିତ-ବିଂ. (ଧବଳ-ଇତ) ଶୁକ୍ଳୀକୃତ ।

ଧବଳିମା-ବି. (ଧବଳ-ଇମନ୍) ଶୁକ୍ଳତା ।

ଧାଇଁବା-କ୍ରି. (ଧାବ୍ଧାତୁଜ) ଦୌଡ଼ିବା; ଧାବମାନ ହେବା ।

ଧାଈ-ବି. (ଧାତ୍ରୀଶବ୍ଦଜ) ଉପମାତା; ଦାଈ ।

ଧାଡ଼ି-ବି. (ଧାରାଶବ୍ଦଜ) ଶ୍ରେଣୀ ।

ଧାତକୀ-ବି. ପୁଷ୍ପବୃକ୍ଷବିଶେଷ ।

ଧାତା-ବି. (ଧା-ତୃ) ବିଧାତା; ବିଂ. ଧାରଣକର୍ତ୍ତା; ରକ୍ଷାକର୍ତ୍ତା ।

ଧାତୁ-ବି. (ଧା-ତୁ) ଦେହ ଧାରକବସ୍ତୁ; ଯଥା ବାତ, ପିତ୍ତ, କଫ, ଶୋଣିତ, ମାଂସ, ମେଦଃ, ମଜ୍ଜା, ଅସ୍ଥି, ଶୁକ୍ର ପ୍ରଭୃତି; ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ, ତାମ୍ର, ସୀସା, ରଙ୍ଗ, ଲୌହ ଏହି ଅଷ୍ଟବିଧ ତୈଜସ ପଦାର୍ଥ; ବ୍ୟାକରଣରେ ଭୂ, କୃ ପ୍ରଭୃତି କ୍ରିୟାବାଚକ ପ୍ରକୃତି; ସ୍ୱଭାବ; ଉପାଦାନ ।

ଧାତୁ-ଦ୍ରାବକ-ବି. ସୋହାଗା ।

ଧାତୁ-ମୟ-ବିଂ. ଧାତୁନିର୍ମିତ ।

ଧାତ୍ରୀ-ବି. (ଧା-ତୃ-ଈ) ମାତା ନ ହୋଇ ଯେ ସ୍ତନ୍ୟ ପିଆଏ; ଅଁଳା ।

ଧାନ-ବି. (ଧାନ୍ୟଶବ୍ଦଜ) ଧାନ୍ୟ ।

ଧାମ-ବି. (ଧା-ଅନ-ଇ) ଆଧାର ; ସ୍ଥାନ । (ଶବ୍ଦାନ୍ତେ) ।

ଧାନୁଷ୍କ-ବିଂ. (ଧନୁଷ୍କ-ଅ) ଧନୁର୍ଦ୍ଧର ।

ଧାନ୍ୟ-ବି. (ଧା-ଅନ୍-ଯ) ଧାନ; ଓଷଧିବିଶେଷ ।

ଧାନ୍ୟକ-ବି. ଧନିଆ; ଧଣିଆ ।

ଧାମ—ବ. (ଧା-ମନ୍) ଗୃହ ; ଆଧାର ; ତେଜ ; ଶରୀର ; ଆସ୍ପଦ । [ଗ୍ରୀଷ୍ମାଂଶ ।

ଧାର—ବ. (ଧୃ-ଅ) ଋଣ ; ପ୍ରାନ୍ତଭାଗ ; ଅସ୍ତ୍ରର

ଧାରକ—ବଂ. (ଧୃ-ଅକ) ଧାରଣକର୍ତ୍ତା; ଝାଡ଼ା ବନ୍ଦକାରକ । [ସଂବରଣ ।

ଧାରଣ—ବ. (ଧୃ-ଣିଚ୍-ଅନ) ଗ୍ରହଣ ; ପରିଧାନ;

ଧାରଣା—ବ. (ଧୃ-ଣିଚ୍-ଅନ-ଆ) ବୁଦ୍ଧିର ଏକାଗ୍ରତା ; ବିଶ୍ୱାସ ।

ଧାରା—ବ. (ଧୃ-ଅ) ତରଳ ପଦାର୍ଥର ନିରନ୍ତର କ୍ଷରଣ; ଜଳବର୍ଷଣ; ସ୍ରୋତ; ନିୟମ; ଅସ୍ତ୍ରର ତୀକ୍ଷ୍ଣଭାଗ । [ଯନ୍ତ୍ର ଗୃହ ।

ଧାରା-ଗୃହ—ବ. ଯନ୍ତ୍ରଦ୍ୱାରା ଉତ୍କ୍ଷେପିତ ଜଳଧାରା-

ଧାରା ଧର—ବ. ମେଘ । [ହ୍ରଦ ।

ଧାରା ଯନ୍ତ୍ର—ବ. ଯେଉଁ ଯନ୍ତ୍ରରୁ ଜଳଧାରା ନିର୍ଗତ

ଧାରାବାହିକ / ଧାରାବାହୀ } ବଂ. (ଧାରା-ବହ-ଇକ, ଇନ୍) ଯାହା କ୍ରମାଗତ ଏକ ଅସୂ-ପଚ୍ଛ, ଅବଚ୍ଛିନ୍ନ ।

ଧାରା-ସମ୍ପାତ—ବ. ବେଗେ ଜଳବର୍ଷଣ ।

ଧାରୀ—ବଂ. (ଧୃ-ଣିଚ୍-ଇନ୍) ଧାରଣକର୍ତ୍ତା (ଶବ୍ଦାନ୍ତେ

ଧାରୁଆ—ବଂ. ଋଣୀ । [ପ୍ରଯୁକ୍ତ ।

ଧାର୍ମିକ—ବଂ. (ଧର୍ମ-ଇକ) ଧର୍ମଶୀଳ ।

ଧାର୍ଯ୍ୟ—ବଂ. (ଧୃ-ଯ) ଅବଧାରଣୀୟ; ସ୍ଥିରୀକୃତ ।

ଧାବକ—ବଂ. (ଧାବ୍-ଅକ) ଦ୍ରୁତଗାମୀ; ବ. ରଜକ, ଧୋବା । [ଡ଼ିବା ।

ଧାବନ—ବ. (ଧାବ୍-ଅନ) ଧୌତକରଣ; ଦୌ-

ଧାବମାନ—ବଂ. (ଧାବ୍-ଅନ) ଯେ ଦୌଡ଼ୁଅଛି ।

ଧାବିତ—ବଂ. (ଧାବ୍-ତ) ଦ୍ରୁତ-ଚଳିତ ।

ଧାସ—ବ. (ଧର୍ଷଶବ୍ଦଜ) ଉତ୍ତାପ ।

ଧିକ୍—ଅ. ଭର୍ତ୍ସନା । [ବୋଲିବା ।

ଧିକ୍କାର—ବ. (ଧିକ୍-କାର) ଭର୍ତ୍ସନା; ଧିକ୍

ଧିକ୍କୃତ—ବଂ. (ଧିକ୍-କୃ-ତ) ନିନ୍ଦିତ ।

ଧିଠ—ବଂ. (ଧୃଷ୍ଟଶବ୍ଦଜ) ଉଦ୍ଧତ; ନିର୍ଲଜ୍ଜ ।

ଧିମା—ବଂ. ମନ୍ଥର; ଆଳସ୍ୟଶୀଳ ।

ଧିଷଣା—ବ. ବୁଦ୍ଧି ।

ଧୀ—ବ. (ଧ୍ୟୈ-କ୍ୱିପ୍) ବୁଦ୍ଧି; ମତି ।

ଧୀମାନ୍—ବଂ. (ଧୀ-ମତ୍) ବୁଦ୍ଧିମାନ୍ ; ଜ୍ଞାନୀ ।

ଧୀର—ବଂ. (ଧୀ-ରା-ଅ) ସ୍ଥିରଚିତ୍ତ; ଧୈର୍ଯ୍ୟଶାଳୀ ; ଗମ୍ଭୀରସ୍ୱଭାବ ।

ଧୀରତା / ଧୀରତ୍ୱ } ବ. (ଧୀର-ତା, ତ୍ୱ) ଧୈର୍ଯ୍ୟ ; ଗାମ୍ଭୀର୍ଯ୍ୟ ।

ଧୀବର—ବ. (ଧୀ-ବର) କେଉଟ ।

ଧୁକେଇବା—କ୍ରି. ଧୁକ୍‌ଧୁକ୍ ହେବା ।

ଧୁର / ଧୁରା } ବ. ଭାର; ଶଗଡ଼ର ଅଗ୍ରଭାଗ; ଜୁଆ ।

ଧୁରନ୍ଧର / ଧୁରୀଣ / ଧୁର୍ଯ୍ୟ / ଧୁର୍ବହ } ବଂ. (ଧୁରଂ-ଧର, ଧୁର୍-ଈନ, ଧୁର୍-ଯ, ଧୁର୍-ବହ୍-ଅ) ଭାରବାହକ ; କାର୍ଯ୍ୟଦକ୍ଷ; ଅଗ୍ରଣୀ ।

ଧୁରୀୟ—ବଂ. (ଧୁର୍-ଈୟ) କାର୍ଯ୍ୟଦକ୍ଷ ।

ଧୁବନ—ବଂ. (ଧୁ-ଅନ) ପରିଚାଳକ; ବ. ଅଗ୍ନି; କମ୍ପନ ।

ଧୁଆଁ—ବ. (ଧୂମଶବ୍ଦଜ) ଧୂମ ।

ଧୂଅଁପଥ-ବ. (ଧୂମ୍ରପଥ) ଉମାଙ୍ଗୁ ପଥ ।
ଧୂତ ବି. (ଧୂ-ତ) କମ୍ପିତ ।
ଧୂନକ-ବ. (ଧୂନ୍-ଅକ) ଝୁଣା ।
ଧୂନନ-ବ. (ଧୂ-ଣିଚ୍-ଅନ) କମ୍ପନ ।
ଧୂପ-ବ. (ଧୂପ୍-ଅ) ଗନ୍ଧଦ୍ରବ୍ୟ ବିଶେଷର ଧୂମ ।
ଧୂପିତ ବି. (ଧୂପ୍-ତ) ଧୂପଦ୍ୱାରା ସୁଗନ୍ଧୀକୃତ ।
ଧୂମ-ବ. (ଧୂ-ମ) ଧୂଆଁ ।
ଧୂମ-କେତୁ-ବ. ଲଞ୍ଜାତାରା ।
ଧୂମପ-ବି. (ଧୂମ-ପା-ଅ) ଧୂମପାନକାରୀ ।
ଧୂମପାୟୀ-ବି. (ଧୂମ-ପା-ଇନ୍) ଧୂମପାନକାରୀ ।
ଧୂମଲ-ବି. (ଧୂମ-ଲ) ଧୂମଯୁକ୍ତ; କୃଷ୍ଣଲୋହିତ ।
ଧୂମିକା-ବ. (ଧୂମ-ଇକ-ଆ) କୁଜ୍ଝଟିକା; କୁହୁଡ଼ି ।
ଧୂମ୍ର-ବି. (ଧୂମ-ର-ଅ) କୃଷ୍ଣଲୋହିତ ବର୍ଣ୍ଣ ।
ଧୂର୍ଜଟି-ବ. (ଧୂର-ଜଟ୍-ଇ) ଶିବ ।
ଧୂର୍ତ୍ତ-ବି. (ଧୂର୍-ତ) ଶଠ; ପ୍ରବଞ୍ଚକ ।
ଧୂଳି-ବ. ଶୁଷ୍କରେଣୁ ।
ଧୂଳି-ପଟଳ-ବ. ଧୂଳିରାଶି । [ବର୍ଣ୍ଣ ।
ଧୂସର-ବି. (ଧୂ-ସର) ଧୂଳିଆବର୍ଣ୍ଣ; ଈଷତ୍ ପାଣ୍ଡୁ-
ଧୂସରିତ-ବି. (ଧୂସର-ଇତ) ଈଷତ୍ ପାଣ୍ଡୁବର୍ଣ୍ଣ-
ବିଶିଷ୍ଟ । [ରୁଦ୍ଧ ।
ଧୃତ-ବି. (ଧୃ-ତ) ଗୃହୀତ; ଅବଲମ୍ବିତ; ସ୍ଥାପିତ;
ଧୃତ-ରାଷ୍ଟ୍ର-ବ. ମହାଭାରତୋକ୍ତ ଜନ୍ମାନ୍ଧ ରାଜା ।
ଧୃତି-ବ. (ଧୃ-ତି) ଧୈର୍ଯ୍ୟ ।
ଧୃତିମାନ୍ ବି. (ଧୃତି-ମତ୍) ଧୈର୍ଯ୍ୟଶାଳୀ ।
ଧୃଷ୍ଟ-ବି. (ଧୃଷ୍-ତ) ନିର୍ଲଜ୍ଜ; ଉଦ୍ଧତ ।
ଧୃଷ୍ଟତା-ବ. ଉଦ୍ଧତଭାବ ।
ଧେଡ଼ୁ-ବି. ମାଛଜାତିବିଶେଷ ।
ଧେଣ୍ଡୁରା-ବ. ନାଗରା ବାଦ୍ୟଦ୍ୱାରା ଘୋଷଣା ।
ଧେନୁ-ବ. (ଧେ-ନୁ) ସବତ୍ସା ଗୋ ।
ଧୈର୍ଯ୍ୟ-ବ. (ଧୀର-ଯ) ଧୀରତା; ସହିଷ୍ଣୁତା ।
ଧୈବତ-ବ. ସ୍ୱରବିଶେଷ ।
ଧୋଇବା-କ୍ରି. (ଧୂଧାତୁରୁ) ଧୌତ କରିବା ।
ଧୋକା-ବ. ସନ୍ଦେହ; ସଂଶୟ ।
ଧୋତି-ବ. ପିନ୍ଧିବା ବସ୍ତ୍ର ।
ଧୋବ-ବି. ଶୁଭ୍ର; ଧବଳ । [ଧୋବଣୀ ।
ଧୋବା-ବ. (ଧାବ୍-ଧାତୁଜ) ରଜକ; ସ୍ତ୍ରୀ-
ଧୌତ-ବ. (ଧାବ୍-ତ) ପରିଷ୍କୃତ; କ୍ଷାଳିତ ।
ଧୌରେୟ-ବି. (ଧୁର-ଏୟ) ଭାରବାହୀ;
ଧ୍ମାତ-ବ. (ଧ୍ମା-ତ) ଶବ୍ଦିତ । [ଅଗ୍ରଣୀ ।
ଧ୍ୟାତ-ବି. (ଧ୍ୟୈ-ତ) ଗଭୀରରୂପେ ଚିନ୍ତିତ ।
ଧ୍ୟାତବ୍ୟ-ବି. (ଧ୍ୟୈ-ତବ୍ୟ) ଗଭୀରରୂପେ
ଚିନ୍ତନୀୟ ।
ଧ୍ୟାନ-ବ. (ଧ୍ୟୈ-ଅନ) ଗଭୀର ଚିନ୍ତନ ।
ଧ୍ୟେୟ-ବି. (ଧ୍ୟୈ-ଯ) ଧ୍ୟାନର ଯୋଗ୍ୟ ।
ଧ୍ରୁବ-ବି. (ଧ୍ରୁ-ଅ) ସ୍ଥିର; ନିଶ୍ଚିତ, ବ. ଧ୍ରୁବ-
ତାରା; ଅଶ୍ୱତ୍ଥଗଛ, ପୁରାଣୋକ୍ତ ବାଳକ ତପସ୍ୱୀ
ବିଶେଷ ।
ଧ୍ରୁବ-ପଦ, ଧ୍ରୁପଦ — ବ. ଏକପ୍ରକାର ଗମ୍ଭୀର ସଂଗୀତ; ଗାନର ପୁନଃ ପୁନଃ ଗେୟ ଅଂଶ ।
ଧ୍ରୁବରେଖା-ବ. ବିଷୁବରେଖା ।

ଧ୍ରୁବ-ଶ୍ଲୋକ-ବି. ସ୍ୱର୍ଗ-ବିଶେଷ ।

ଧ୍ୱଂସ ବି. (ଧ୍ୱନ୍ସ୍-ଅ) ନାଶ ; କ୍ଷୟ ।

ଧ୍ୱଂସନ-ବି. (ଧ୍ୱନ୍ସ୍-ଅନ) ନାଶ; କ୍ଷୟ; ପତନ ।

ଧ୍ୱଜ-ବି. (ଧ୍ୱଜ-ଅ) ପତାକା ; ଚିହ୍ନ ।

ଧ୍ୱଜ-ଭଙ୍ଗ-ବି. କ୍ଲୀବତ୍ୱଜନକ ରୋଗବିଶେଷ ।

ଧ୍ୱଜା-ବି. (ଧ୍ୱଜ୍-ଆ) କେତନ ; ପତାକା ।

ଧ୍ୱନି-ବି. (ଧ୍ୱନ୍-ଇ) ଶବ୍ଦ ; ବ୍ୟଙ୍ଗ୍ୟାର୍ଥ ।

ଧ୍ୱନିତ ବିଂ. (ଧ୍ୱନ୍-ତ) ନାଦିତ; ଶବ୍ଦିତ ।

ଧ୍ୱସ୍ତ-ବିଂ. (ଧ୍ୱନ୍ସ୍-ତ) ବିନଷ୍ଟ ।

ଧ୍ୱାନ-ବି. (ଧ୍ୱନ୍-ଅ) ଶବ୍ଦ ।

ଧ୍ୱାନ୍ତ-ବି. (ଧ୍ୱନ୍-ତ) ଅନ୍ଧକାର ।

ଧ୍ୱାନ୍ତାରି-ବି. (ଧ୍ୱାନ୍ତ-ଅରି) ସୂର୍ଯ୍ୟ ; ଅଗ୍ନି ।

---

**ନ** ବ୍ୟଞ୍ଜନ ବର୍ଣ୍ଣର ବିଂଶବର୍ଣ୍ଣ. ଅଂ. ନିଷେଧ ବୋଧକ ବା ଅଭାବ ବୋଧକ ଅବ୍ୟୟ ।

ନଅର-ବି. (ନଗର ଶବ୍ଦଜ) ରାଜାର ଉଆସ ; ରାଜଭବନ ।

ନଇଁବା କ୍ରି. (ନମ୍‌ଧାତୁଜ) ନତହେବା ।

ନଈ-ବି. (ନଦୀଶବ୍ଦଜ) ନଦୀ ।

ନଉଡ଼ି-ବି. (ଲଗୁଡ଼ଶବ୍ଦଜ) ବାଡ଼ି ।

ନଉଣି ବି. ପରିମାପକ ବିଶେଷ ; ବଡ଼ ହାଣ୍ଡି ।

ନଉରୁଣି-ବି. (ନଖରଞ୍ଜନୀ) ନଖକାଟିବାର ଶସ୍ତ୍ର ।

ନକଲ-ବି. ପ୍ରତିରୂପ; ଅନୁକରଣ; କୌତୁକ ।

ନକ୍ସା-ବି. ଅଙ୍କିତ ରେଖା-ଚିତ୍ର ।

ନକୁଳ-ବି. ନେଉଳ ।

ନକ୍ତ-ବି. (ନଜ=ଲଜ୍ଜିତ ହେବା=ତ) ରାତ୍ରି ।

ନକ୍ତଚର-ବି. (ନକ୍ତ-ଚର୍-ଅ) ନିଶାଚର ; ରାକ୍ଷସ ।

ନକ୍ତମାଳ-ବି. (ନକ୍ତ-ଆ-ଅଲ୍-ଅ) କରଞ୍ଜବୃକ୍ଷ ।

ନକ୍ର-ବି. (ନ-କ୍ରମ୍-ଅ) କୁମ୍ଭୀର ।

ନକ୍ଷତ୍ର ବି. (ନ-କ୍ଷି-ଅତ୍ର) ତାରା ; ଅଶ୍ୱିନ୍ୟାଦି ସପ୍ତବିଂଶତି ତାରା । [ବିଶେଷ ।

ନଖ-ବି. (ନ-ଖନ୍-ଅ) ଅଙ୍ଗୁଳିର ଅଗ୍ରସ୍ଥିତ ଅସ୍ଥି-

ନଖର-ବି. (ନଖ-ରା-ଅ) ନଖ; ପଶୁର ନଖ ।

ନଖରାୟୁଧ-ବି. (ନଖର-ଆୟୁଧ) ସିଂହ, ବ୍ୟାଘ୍ର ପ୍ରଭୃତି ଯେଉଁ ଜନ୍ତୁମାନେ ନଖଦ୍ୱାରା ଅସ୍ତ୍ରକାର୍ଯ୍ୟ ନିର୍ବାହ କରନ୍ତି ।

ନଖୀ-ବିଂ. (ନଖ-ଇନ୍) ନଖବିଶିଷ୍ଟ ; ସେତାର ପ୍ରଭୃତି ବଜାଇବାରେ ବ୍ୟବହୃତ ମୋଡ଼ା ତାର ।

ନଗ-ବି. (ନ-ଗମ୍-ଅ) ପର୍ବତ ।

ନଗଦ-ବିଂ. କ୍ରୟକ୍ଷଣେ ମୂଲ୍ୟଦାନ ।

ନଗ-ପତି-ବି. ହିମାଳୟ ।

ନଗର, ନଗରୀ } ବି. (ନଗ-ର,ଈ) ଅଟ୍ଟାଳିକାପୂର୍ଣ୍ଣ ସ୍ଥାନ; ବଡ଼ସହର ।

ନଗର-ପାଳ-ବି. ନଗର ରକ୍ଷକ ; କୋଟୁଆଳ ।

ନଗ୍ନ-ବିଂ. (ନଜ୍-ତ) ବିବସ୍ତ୍ର; ଲଙ୍ଗଳା ।

ନଗ୍ନକ-ବିଂ. (ନଗ୍ନ-କ) ବିବସ୍ତ୍ର ।

ନଗ୍ନିକା-ବି. ( ନଗ୍ନ-କ-ଅ ) ଅପ୍ରାପ୍ତବୟସ୍କା ନାରୀ; ବିବସ୍ତ୍ରା ସ୍ତ୍ରୀ ।

ନଚେତ୍-ଅଂ. (ନ-ଚେତ୍) ନତୁବା ।

ନଜର-ବି. ( ଆରବୀ ) ଦୃଷ୍ଟି; ତତ୍ତ୍ୱାବଧାନ; ଉପହାର ।

ନଜୀର-ବି. (ଆରବୀ) ଉଦାହରଣ ।

ନଟ-ବି. (ନଟ୍-ଅ) ନର୍ତ୍ତକ; ଅଭିନୟକାରୀ ।

ନଟନ-ବି. (ନଟ୍-ଅନ) ନୃତ୍ୟ ।

ନଟୀ-ବି. (ନଟ୍-ଈ) ନର୍ତ୍ତକୀ; ଅଭିନୟକାରିଣୀ ।

ନଡ଼ା-ବି. (ନଳଶବ୍ଦଜ) ତୃଣ ।

ନଡ଼ିଆ-ବି. (ନାରିକେଳଶବ୍ଦଜ) ନାରିକେଳ ।

ନଣନ୍ଦ-ବି. (ନନାନ୍ଦୃଶବ୍ଦଜ) ପତିର ଭଗିନୀ ।

ନଣନ୍ଦାଇ-ବି. ନଣନ୍ଦର ପତି ।

ନଣ୍ଡା-ବିଂ. ଶିଖାଶୂନ୍ୟ ।

ନତ-ବିଂ. (ନମ୍-ତ) ପ୍ରଣତ; ନମ୍ର ।

ନତି-ବି. (ନମ୍-ତି) ନମସ୍କାର; ନଇଁବା ।

ନତୁବା-ଅଂ. (ନ-ତୁ-ବା) ନଚେତ୍; ଅଥବା ।

ନଥ-ବି. ( ନସ୍ତଶବ୍ଦଜ ) ନାକର ଅଳଙ୍କାର-ବିଶେଷ ।

ନଥା-ବି. ବସ୍ତ୍ରର ବା କାଗଜର ତାଳି ।

ନଥି-ବି. (ପାର୍ଶୀ) ଏକତ୍ର ଗୁନ୍ଥା କାଗଜ ।

ନଦ-ବି. (ନଦ୍-ଅ) ନଦୀ ବା ହ୍ରଦରୁ ଉତ୍ପନ୍ନ ଜଳ ପ୍ରବାହ ।

ନଦୀ-ବି. (ନଦ୍-ଈ) ନଦୀ ବା ହ୍ରଦରୁ ଉତ୍ପନ୍ନ । ଜଳସ୍ରୋତ; ତଟିନୀ; ସରିତ୍ ।

ନଦୀକୂଳବନ୍ଧି-ବି, ପକ୍ଷି-ବିଶେଷ ।

ନଦୀଜ-ବିଂ. (ନଦୀ-ଜ) ନଦୀରୁ ଜାତ ।

ନଦୀମାତୃକ-ବିଂ. (ନଦୀ-ମାତୃ-କ) ନଦୀଜଳ ଦ୍ୱାରା ଉତ୍ପନ୍ନ ଶସ୍ୟରେ ପାଳିତ (ଦେଶ) ।

ନଦ୍ଧ-ବିଂ. (ନହ୍-ତ) ବଦ୍ଧ; ବ୍ୟାପ୍ତ ।

ନନ୍ଦ-ବି. (ନନ୍ଦ୍-ଅ) ଆନନ୍ଦ; କୃଷ୍ଣଙ୍କ ପାଳକ ପିତା; କୂପବନ ।

ନନ୍ଦକ-ବିଂ. (ନନ୍ଦ୍-ଅକ) ଆନନ୍ଦଜନକ

ନନ୍ଦନ-ବି. (ନନ୍ଦ-ଅନ) ପୁତ୍ର ।

ନନ୍ଦ ନନ୍ଦନ-ବି. କୃଷ୍ଣ ।

ନନ୍ଦା-ବି. (ନନ୍ଦ୍-ଅ) ଜଳାଧାର; ପ୍ରତିପଦ୍, ଷଷ୍ଠୀ ଓ ଏକାଦଶୀ ଏହି ତିନି ତିଥି ।

ନନ୍ଦଆ-ବି. ବଡ଼ ଜଳକୁଣ୍ଡ । [ନ୍ନାଥରଥ ।

ନନ୍ଦି-ଘୋଷ-ବି. ଅର୍ଜୁନଙ୍କର ରଥ; ପୁଣି ଜଗ-

ନନ୍ଦିତ-ବିଂ. (ନନ୍ଦ-ତ) ଆନନ୍ଦିତ; ତୋଷିତ ।

ନନ୍ଦିନୀ-ବି. (ନନ୍ଦନ୍-ଈ) କନ୍ୟା; ଧେନୁବିଶେଷ ।

ନନ୍ଦୀ-ବି. (ନନ୍ଦ୍-ଇନ୍) ଶିବଙ୍କର ପ୍ରଧାନ ଅନୁଚର ।

ନପୁଂସକ-ବି. (ନ-ପୁଂସକ) କ୍ଲୀବ । [ପୁତ୍ର ।

ନପ୍ତା-ବି. (ନ-ପତ୍-ତୃ) ନାତି; ପୁଅ ବା କନ୍ୟାର

ନପ୍ତ୍ରୀ-ବି. (ନପତ୍-ତୃ-ଈ) ନାତୁଣୀ; ପୌତ୍ରୀ; ଦୌହିତ୍ରୀ ।

ନବସୀନ୍ଦା-ବି. ଲେଖକ ।

ନଭ, ନଭଃ – ବି. ଆକାଶ ।

ନଭଶ୍ଚର ବିଂ. (ନଭସ୍-ଚର-ଅ) ଆକାଶ-ବିହାରୀ; ବାୟୁ; ପକ୍ଷୀ; ମେଘ ।

ନଭସ୍ଥଳ-ବି. (ନଭସ୍-ସ୍ଥଳ) ଆକାଶଦେଶ ।

ନଭୋମଣି-ବ. (ନଭସ୍-ମଣି) ସୂର୍ଯ୍ୟ ।

ନଭୋମଣ୍ଡଳ-ବ. (ନଭସ୍-ମଣ୍ଡଳ) ଆକାଶ-
ମଣ୍ଡଳ ।

ନମଃ-ଅ°. (ନମ୍-ଅସ୍) ନମସ୍କାର ।

ନମନ-ବ. (ନମ୍-ଅନ) ନତ ହେବା; ପ୍ରଣାମ ।

ନମନୀୟ-ବି°. (ନମ୍-ଅନୀୟ) ନମନଯୋଗ୍ୟ ।

ନମସ୍କାର-ବ. (ନମଃ-କୃ-ଅ) ଭକ୍ତିପୂର୍ବକ ମସ୍ତ-
କର ନମନ । [ସ୍କାର କରାଯାଇଅଛି ।

ନମସ୍କୃତ-ବି°. (ନମସ୍-କୃ-ତ) ଯାହାକୁ ନମ-

ନମସ୍ୟ-ବି°. (ନମସ୍-ଯ) ପ୍ରଣମ୍ୟ ; ନମସ୍କାର-
ଯୋଗ୍ୟ । [ଈଶ୍ୱରଉପାସନା ।

ନମାଜ-ବ. ( ଆରବୀ ) ମୁସଲମାନମାନଙ୍କର

ନମିତ-ବି°. (ନମି-ତ) ବଙ୍କାକୃତ; ନମସ୍କୃତ ।

ନମୁଚି-ବ. (ନ-ମୁଚ-ଇ) ଅସୁରବିଶେଷ ।

ନମୁଚି-ସୂଦନ-ବ. ଇନ୍ଦ୍ର ।

ନମୁନା-ବ. (ପାର୍ଶୀ) ଆଦର୍ଶ ।

ନମେରୁ-ବ. ପୁନ୍ନାଗବୃକ୍ଷ ।

ନମ୍ୟ-ବି°. (ନମ୍-ଯ) ନମନୀୟ ।

ନମ୍ର-ବି°. (ନମ୍-ର) ବିନୀତ; ଅବନତ ।

ନମ୍ରତା-ବ. (ନମ୍ର-ତା) ବିନୀତଭାବ ।

ନୟ-ବ. (ନୀ-ଅ) ଉପଦେଶ; ନୀତି; ନୀତିଶାସ୍ତ୍ର;
କ୍ରୀଡ଼ାବିଶେଷ ।

ନୟନ-ବ. (ନୀ-ଅନ) ଚକ୍ଷୁ; ପ୍ରାପଣ ।

ନୟବିଦ୍-ବି°. (ନୟ-ବିଦ୍-କ୍ୱିପ୍) ନୀତିଶାସ୍ତ୍ରବିଦ୍ ।

ନର-ବ. (ନୃ-ଅ) ମନୁଷ୍ୟ; ପୁରୁଷ; ଅବତାର-
ବିଶେଷ ।

ନରକ-ବ. (ନୃ-ଅକ) ପରଲୋକରେ ପାପୀର
ଦୁଃଖଭୋଗର ସ୍ଥାନ; ଦୈତ୍ୟବିଶେଷ ।

ନରକାନ୍ତକ-ବ. ( ନରକ-ଅନ୍ତକ ) ବିଷ୍ଣୁ;
ନାରାୟଣ । [ଶ୍ରେଷ୍ଠପୁରୁଷ ।

ନରଦେବ-ବ. ( ନର-ଦେବ ) ନରମଧ୍ୟରେ

ନର-ପତି-ବ. ରାଜା ।

ନର-ପୁଙ୍ଗବ-ବ. ନରଶ୍ରେଷ୍ଠ ।

ନରମ-ବି°. (ନମ୍ରଶବ୍ଦଜ ?) କୋମଳ ।

ନରଲୋକ-ବ. (ନର-ଲୋକ) ମନୁଷ୍ୟଲୋକ;
ମର୍ତ୍ତ୍ୟଲୋକ । [ବିହନୀୟ ଯାନ ।

ନରବାହନ-ବ. (ନର-ବାହନ) ମନୁଷ୍ୟଦ୍ୱାରା

ନର-ସିଂହ-ବ. ପୁରାଣୋକ୍ତ ନୃସିଂହ ଅବତାର ।

ନର-ହରି-ବ. ପୁରାଣୋକ୍ତ ନୃସିଂହ ଅବତାର ।

ନରାଧମ-ବ. (ନର-ଅଧମ) ମନୁଷ୍ୟମଧ୍ୟରେ ଅତି
ହେୟ ।

ନରୋତ୍ତମ-ବ. (ନର-ଉତ୍ତମ) ପୁରୁଷୋତ୍ତମ ।

ନର୍ତ୍ତକ-ବ. (ନୃତ୍-ଅକ) ନଟ; ନୃତ୍ୟକାରକ ।

ନର୍ତ୍ତନ-ବ. (ନୃତ୍-ଅନ) ନୃତ୍ୟ; ନାଚ ।

ନର୍ତ୍ତିତ-ବି°. (ନୃତ୍-ତ) ଦୋଳିତ ।

ନର୍ଦ୍ଦମା-ବ. ପାଣି ବହିଯିବାର ନଳା ।

ନର୍ଦ୍ଦିତ-ବି°. (ନର୍ଦ୍ଦ-ତ) ଶବ୍ଦିତ ।

ନର୍ମ୍ମ-ବ. (ନୃ-ମନ) କ୍ରୀଡ଼ା; କୌତୁକ ।

ନର୍ମ୍ମଦ-ବ. (ନର୍ମ୍ମନ୍-ଦା-ଅ) କ୍ରୀଡ଼ାସହଚର ।

ନର୍ମ୍ମଦା-ବ. (ନର୍ମ୍ମ-ଦା-ଅ-ଆ) ବିନ୍ଧ୍ୟାଚଳରୁ
ନିର୍ଗତ ନଦୀବିଶେଷ ।

ନଳ-ବ. (ନଲ୍-ଅ) ଚୁଙ୍ଗୀ; ଉଦ୍ଭିଦ-ବିଶେଷ;
ମାପ-ପଦ୍ଧତି; ପୁରାଣୋକ୍ତ ନୃପବିଶେଷ ।

ନଳା-ବି. (ନାଳଶବ୍ଦଜ) ନର୍ଦ୍ଦମା ; ପ୍ରଣାଳୀ ।

ନଳିକା-ବି. (ନଳି-କ-ଅ) ନଳ; ଚୁଙ୍ଗା; ତୂଣ ।

ନଳିତା-ବି. (ନଳ-ତ-ଅ) ବୃକ୍ଷବିଶେଷ; ନଳିତା ପତ୍ର; ଏ ଗଛରୁ ଝୋଟ ଉତ୍ପନ୍ନ ହୁଏ ।

ନଳିନ-ବି. (ନଳ-ଇନ୍) ପଦ୍ମ ।

ନଳିନୀ ବି. (ନଳ-ଇନ୍-ଈ) ପଦ୍ମିନୀ କମଳସମୂହ । [ସ୍ତ୍ରୀ ।

ନଳୀ-ବି. (ନଳଶବ୍ଦଜ) ନଳ; ବନ୍ଧୁକ; ବି°.

ନବ-ବି°. (ନୁ-ଅ) ନୂଆ, ନୂତନ ।

ନବ-ବି°. (ନବନ୍ ଶବ୍ଦଜ) ୯ ସଂଖ୍ୟା ।

ନବ-ଗ୍ରହ-ବି. ପ୍ରାଚୀନ ଜ୍ୟୋତିଃଶାସ୍ତ୍ର ଅନୁସାରେ ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ ଏହି ନବଗ୍ରହ ।

ନବତି-ବି°. (ନବନ୍-ତି) ୯୦ ସଂଖ୍ୟା ।

ନବ-ଦଳ-ବି. ନୂତନପତ୍ର ।

ନବ-ଦ୍ୱାର-ବି. କର୍ଣ୍ଣଦ୍ୱୟ, ଚକ୍ଷୁଦ୍ୱୟ, ନାସାଦ୍ୱୟ, ମୁଖ, ପାୟୁ ଓ ଉପସ୍ଥ, ଶରୀରର ଏହି ନଅଦ୍ୱାର ।

ନବଧା-କ୍ରି.ବି°. (ନବନ୍-ଧା) ନଅପ୍ରକାର ।

ନବ-ନବତି-ବି°. ୯୯, ସଂଖ୍ୟା ।

ନବନୀତ-ବି. ଲହୁଣୀ; ଲବଣୀ ।

ନବ-ବଧୂ-ବି. ନୂତନ ବିବାହିତାସ୍ତ୍ରୀ ।

ନବମ-ବି°. (ନବନ୍-ମ) ୯ ସଂଖ୍ୟାର ପୂରଣ ।

ନବ-ମଲ୍ଲିକା
ନବ-ମାଳିକା } ବି. ନଅଳୀ ଫୁଲ ।

ନବମୀ-ବି°. ତିଥିବିଶେଷ ।

ନବରଙ୍ଗ-ବି. ରଜାର ଉତ୍ସବ ।

ନବ-ରଙ୍ଗ-ବି. ନାନା ଭଙ୍ଗୀ ବା ଛଟା ।

ନବରତ୍ନ-ବି. ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ଗୋମେଦ, ହୀରକ ବିଦ୍ରୁମ, ପଦ୍ମରାଗ, ମରକତ, ନୀଳକାନ୍ତ ଏହି ନବରତ୍ନ । ବିକ୍ରମାଦିତ୍ୟ ରାଜାଙ୍କର ନଅଜଣ ସଭାପଣ୍ଡିତ ଯଥା ;—ଧନ୍ୱନ୍ତରି, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟକର୍ପର, କାଳିଦାସ, ବରାହମିହିର, ବରରୁଚି ।

ନବରସ-ବି. ଅଳଙ୍କାର ଶାସ୍ତ୍ରର ନବବିଧରସ, ଯଥା ;— ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର, ଶାନ୍ତ ଏହି ନବରସ ।

ନବାତ-ବି. କନ୍ଦ ।

ନବାନ୍ନ-ବି. (ନବ-ଅନ୍ନ) ନୂତନ ଅନ୍ନ ।

ନବାବ-ବି. କୌଣସି ପ୍ରଦେଶର ଶାସନକର୍ତ୍ତା ; ରାଜଦତ୍ତ ଉପାଧି ବିଶେଷ ।

ନବୀକରଣ-ବି. (ନବ-ଈ-କରଣ) ପୁନର୍ବାର ନୂତନ କରିବା ।

ନବୀନ-ବି°. (ନବ-ଈନ) ନୂତନ, ତରୁଣ ।

ନବୀଭୂତ-ବି°. (ନବ-ଈ-ଭୂ-ତ) ନୂତନତ୍ୱପ୍ରାପ୍ତ ।

ନବୋଢ଼ା-ବି. (ନବ-ଊଢ଼ା) ନୂତନ ବିବାହିତା

ନବ୍ୟ-ବି°. (ନବ-ଯ) ନୂତନ । [ସ୍ତ୍ରୀ ।

ନଶ୍ୱର-ବି°. (ନଶ୍-ବର) ନାଶଶୀଳ; ଅନିତ୍ୟ; ଅସ୍ଥାୟୀ । [ଦୁଷ୍ଟ ।

ନଷ୍ଟ-ବି°. (ନଶ-ତ) ନାଶପ୍ରାପ୍ତ; ପଳାୟିତ ;

ନଷ୍ଟ-ଚେତନ-ବି°. ହତଚେତନ; ଅଚେତନ ;

ନଷ୍ଟା-ବି. ଦୁଷ୍ଟରବ ।

ନସିବ୍-ବି. (ଅରବୀ) ଅଦୃଷ୍ଟ ।

ନସ୍ୟ-ବି. (ନସ=ନାସା-ଯ) ନାସ (ନାସାରେ ଗୃହୀତ ତମାଖୁ ଚୂର୍ଣ୍ଣ) ।

ନସ୍ୟଧାନୀ-ବି. ନସ୍ୟାଧାର ।

ନହୁଣି-ବି. (ନବନୀତଶବ୍ଦଜ) ଲବଣୀ ।

ନହୁଷ-ବି. ଯଯାତିଙ୍କର ପିତା ।

ନା-ଅ. ନିଷେଧବାଚକ ଅବ୍ୟୟ ।

ନାକ-ବି. ( ନ-ଅକ ) ସ୍ୱର୍ଗ; ( ନାସିକାଶବ୍ଦଜ ) ଘ୍ରାଣେନ୍ଦ୍ରିୟ ।

ନାକଚଣା-ବି. ନାସିକାର ଅଳଙ୍କାରବିଶେଷ ।

ନାକସି-ବି. ମନ୍ଦ ।  [ବାର ଶସ୍ତ୍ର ।

ନାକୁଆସୀ-ବି. ନାକରୁ ବାଳ ବାହାର କରି-

ନାକ୍ଷତ୍ରିକ-ବି. (ନକ୍ଷତ୍ର-ଇକ) ନକ୍ଷତ୍ରସମ୍ବନ୍ଧୀୟ ।

ନାଗ-ବି. ସର୍ପ; ହସ୍ତୀ ।  [ଶର ବୃକ୍ଷ ।

ନାଗ କେଶର-ବି. ପୁଷ୍ପବୃକ୍ଷବିଶେଷ; ନାଗେ-

ନାଗ-ଚୂଡ଼-ବି. (ନାଗ-ଚୂଡ଼ା) ମହାଦେବ ।

ନାଗ-ଦନ୍ତ-ବି. କାନ୍ଥରେ ପୋତା କିଲା ।

ନାଗ-ପାଶ-ବି. ବରୁଣଙ୍କର ଅସ୍ତ୍ର; ସର୍ପରୂପ ପାଶ; ଦୁର୍ମୋଚ୍ୟ ଯନ୍ତ୍ରବିଶେଷ ।

ନାଗର-ବି. (ନଗର-ଅ) ନଗରଜାତ; ବି. ରସିକ; ଦେବନାଗର ଅକ୍ଷର ।

ନାଗରଙ୍ଗ-ବି. ନାରଙ୍ଗୀ ।

ନାଗରାଜ-ବି. (ନାଗ-ରାଜନ) ଅନନ୍ତ; ସର୍ପରାଜ; ଐରାବତ ହସ୍ତୀ ।

ନାଗରିକ-ବି. (ନଗର-ଇକ) ନଗରସମ୍ବନ୍ଧୀୟ ।

ନାଗରୀ-ବି. ରସିକା; କୁଳଟା ସ୍ତ୍ରୀ ।

ନାଗବଲ୍ଲୀ-ବି. ତାମ୍ବୁଲଲତା; ପାନଗଛ ।

ନାଗ-ଲୋକ-ବି. ପାତାଳ ।

ନାଗା-ବି. ସନ୍ନ୍ୟାସୀବିଶେଷ; ପାର୍ବତୀୟ ଅସଭ୍ୟ ଜାତିବିଶେଷ ।  [ସିଂହ ।

ନାଗାନ୍ତକ-ବି. (ନାଗ-ଅନ୍ତକ) ଗରୁଡ଼; ମୟୂର

ନାଗେଶ୍ୱର-ବି. (ନାଗ-ଈଶ୍ୱର) ପୁଷ୍ପବିଶେଷ ।

ନାଚ-ବି. (ନୃତ୍ୟଶବ୍ଦଜ) ନର୍ତ୍ତନ ।

ନାଚାର-ବି. (ପାର୍ଶୀ) ଅସହାୟ, ନିରୁପାୟ ।

ନାଛିବା-କ୍ରି. (ଲକ୍ଷଧାତୁରୁ) ଲକ୍ଷ୍ୟ କରିବା ।

ନାଟ-ବି. (ନଟ୍-ଧାତୁରୁ) ନୃତ୍ୟ, ଅଭିନୟ ।

ନାଟକ-ବି. (ନଟ୍-ଅକ) ଦୃଶ୍ୟକାବ୍ୟ ।

ନାଟକୀୟ-ବି. (ନାଟକ-ଈୟ) ନାଟକସଂକ୍ରାନ୍ତ ।

ନାଟମନ୍ଦିର-ବି. ଦେବମନ୍ଦିରସମ୍ମୁଖସ୍ଥ ପ୍ରାସାଦ ।

ନାଟିକା-ବି. ( ନଟ୍-ଅକ-ଆ ) କ୍ଷୁଦ୍ର ନାଟକବିଶେଷ ।  [ ତ୍ରିତୟ; ନୃତ୍ୟକ୍ରିୟା ।

ନାଟ୍ୟ-ବି. ( ନଟ୍-ଯ ) ନୃତ୍ୟ, ଗୀତ, ବାଦ୍ୟ ଏହି

ନାଟ୍ୟ-ଶାଳା-ବି. ନାଟଘର, ନାଟମନ୍ଦିର; ରଙ୍ଗଭୂମି ।

ନାଡ଼ୀ-ବି. (ନଡ଼୍-ଇ) ରକ୍ତଧମନୀ ।

ନାଡ଼ୀନକ୍ଷତ୍ର-ବି. (ନାଡ଼ୀ-ନକ୍ଷତ୍ର) ଜନ୍ମନକ୍ଷତ୍ର ।

ନାଡ଼ୀ-ବ୍ରଣ-ବି. ନାଲୀଘା ।

ନାଡ-ବି. ବେକରେ ପ୍ରହାର ।

ନାତି-ବି. (ନପ୍ତୃଶବ୍ଦଜ) ପୁତ୍ର ବା କନ୍ୟାର ପୁତ୍ର ।

ନାତୁଣୀ-ବି. (ନପ୍ତ୍ରୀଶବ୍ଦଜ) ପୁତ୍ର ବା କନ୍ୟାର ଝିଅ ।

ନାଥ-ବ. (ନାଥ୍-ଅ) ସ୍ୱାମୀ; ପ୍ରଭୁ ।

ନାଦ-ବ. (ନଦ୍-ଅ) ଧ୍ୱନି; ଶବ୍ଦ ।

ନାଦିତ-ବିଂ. (ନାଦ-ଇତ) ଶବ୍ଦିତ; ଧ୍ୱନିତ ।

ନାଦୀ-ବିଂ. (ନଦ୍-ଇନ୍) ଯେ ଶବ୍ଦକରେ (ଶବ୍ଦାନ୍ତେ ପ୍ରଯୁକ୍ତ) ।

ନାଦେୟ-ବିଂ. (ନଦୀ-ଏୟ) ନଦୀସମ୍ବନ୍ଧୀୟ ।

ନାନା-ଅଂ. ବହୁବିଧ ।

ନାନୀ-ବ. ବଡ଼ଭଉଣୀ ।

ନାନ୍ଦୀ-ବ. (ନନ୍ଦ୍-ଇ) ନାଟକାଦି ପ୍ରାରମ୍ଭରେ ଦେବତାଦିଙ୍କର ସ୍ତବ ବା ବନ୍ଦନା; ମଙ୍ଗଳାଚରଣ ।

ନାନ୍ଦୀ-ମୁଖ-ବ. ବିବାହାଦି ଶୁଭକର୍ମରେ ଶ୍ରାଦ୍ଧ ।

ନାପିତ-ବ. ଜାତିବିଶେଷ; ଭଣ୍ଡାରି ।

ନାଭି-ବ. (ନହ୍-ଇ) ଉଦରର ମଧ୍ୟବର୍ତ୍ତୀ ସ୍ଥାନ; ନାହି । [ବ୍ରହ୍ମା ।

ନାଭିଜନ୍ମା-ବ. (ନାଭି-ଜନ୍ମନ୍) ପଦ୍ମଯୋନି;

ନାଭିସ୍ଥଳ-ବ. ମଧ୍ୟସ୍ଥଳ ।

ନାମ-ବ. ଆଖ୍ୟା; ଯଶ ।

ନାମକରଣ-ବ. (ନାମନ୍-କୃ-ଅନ) ବିଧିପୂର୍ବକ ସନ୍ତାନର ନାମଦେବା । [ଆଖ୍ୟା ।

ନାମଧେୟ-ବ. (ନାମନ୍-ଧେୟ) ନାମ; ସଂଜ୍ଞା;

ନାମ-ମୁଦ୍ରିକା-ବ. ନାମାଙ୍କିତ ମୁଦି ।

ନାମାବଳୀ-ବ. (ନାମ-ଅବଳୀ) ଦେବତାନାମାଙ୍କିତ ଉତ୍ତରୀୟ ।

ନାୟକ-ବ. (ନୀ-ଅକ) ଗ୍ରନ୍ଥର ପ୍ରଧାନ ବର୍ଣ୍ଣନୀୟ ବ୍ୟକ୍ତି; ସେନାପତି; ପ୍ରଣୟୀପୁରୁଷ; ନେତା ।

ନାୟିକା-ବ. (ନୀ-ଅକ-ଆ) ଗ୍ରନ୍ଥର ପ୍ରଧାନ ବର୍ଣ୍ଣନୀୟା ସ୍ତ୍ରୀ; ପ୍ରଣୟିନୀ ସ୍ତ୍ରୀ ।

ନାୟେବ-ବ. (ଆରବୀ) ଜମୀଦାରର ପ୍ରତିନିଧି ।

ନାରକୀ-ବିଂ. (ନରକ-ଇନ୍) ନରକଭୋଗୀ; ପାପିଷ୍ଠ ।

ନାରଖାର-ବ. ଛାରଖାର; ନଷ୍ଟ ।

ନାରଙ୍ଗ-ବ. ନାଗରଙ୍ଗ ଲେମ୍ବୁ ।

ନାରଦ-ବ. ଦେବର୍ଷିବିଶେଷ ।

ନାରାଚ-ବ. ଲୌହମୟ ବାଣ; ବୁଢ଼ିଙ୍ଗ; ମେଘାଚ୍ଛନ୍ନ ଦିବସ; ଛନ୍ଦୋବିଶେଷ ।

ନାରାୟଣ-ବ. (ନାର=ନରସମୂହ-ଅୟନ=ଆଶ୍ରୟ) ପରମେଶ୍ୱର; ବିଷ୍ଣୁ ।

ନାରିକେଳ-ବ. ନଡ଼ିଆ ।

ନାରୀ-ବ. (ନର-ଅ-ଈ) ସ୍ତ୍ରୀଲୋକ ।

ନାଳ-ବ. (ନଲ୍-ଅ) ମୃଣାଳ; ଜଳନିର୍ଗମ ପଥ; (ଇଙ୍ଗଶବ୍ଦ) ମୁଣ୍ଡନିଃସୃତଜଳ ।

ନାଳି-ବ. ପଇଡର କୋମଳ ଶସ ।

ନାଲିଶ-ବ. (ଫାର୍ସୀ) ଅଭିଯୋଗ ।

ନାଳୀ-ବ. ପାଣି ଯିବାର ମାର୍ଗ ।

ନାଳୀକ-ବ. (ନାଳୀ-କୈ-ଅ) ଶର; ଶଲ୍ୟାସ୍ତ୍ର ।

ନାବ-ବ. (ନୌ-ଅ) ନୌକା ।

ନାବିକ ବ. (ନୌ-ଇକ) ନୌକାଚାଳକ; ମାଝି ।

ନାବୀ-ବ. ଶ୍ରେଣୀବଦ୍ଧ ନୌକା; ଜାହାଜପ୍ରଭୃତି ।

ନାବ୍ୟ-ବିଂ. (ନୌ-ଯ) ନୌକାଦ୍ୱାରା ଗମନଯୋଗ୍ୟ ।

ନାଶ-ବ. (ନଶ୍-ଅ) ଧ୍ୱଂସ; ମୃତ୍ୟୁ ।
ନାଶକ-ବଂ. (ନଶ୍-ଅକ) ନାଶକର୍ତ୍ତା ।
ନାଶନ-ବ. (ନଶ୍-ଅନ) ଉଚ୍ଛେଦନ; ବଲୋପନ ।
ନାଶିତ-ବଂ. (ନଶ୍-ଣିଚ୍-ତ) ବିନାଶିତ; ନଷ୍ଟ ।
ନାସ-ବ. (ନସ୍ୟ-ଶବ୍ଦଜ) ଧୂଁଅପତ୍ର ଚୂର୍ଣ୍ଣ ।
ନାସତ୍ୟ-ବ. ଅଶ୍ୱିନୀକୁମାର ଦ୍ୱୟ ।
ନାସା } ବ. ନାକ; ଘ୍ରାଣେନ୍ଦ୍ରିୟ ।
ନାସିକା }
ନାସ୍ତି-ଅଂ. (ନ-ଅସ୍ତି) ନାହିଁ ।
ନାସ୍ତିକ-ବଂ. (ନାସ୍ତି-କ) ଯେଉଁ ଲୋକ ଈଶ୍ୱରଙ୍କର ଅସ୍ତିତ୍ୱ କିମ୍ବା ପରଲୋକ ସ୍ୱୀକାର କରେ ନାହିଁ ।
ନାସ୍ତିକତା } ବ. (ନାସ୍ତିକ-ତା, ଯ) ଈଶ୍ୱର ବା ପରଲୋକରେ ଅବିଶ୍ୱାସ ।
ନାସ୍ତିକ୍ୟ }
ନାହା-ବ. (ନାଥଶବ୍ଦଜ) ସ୍ୱାମୀ; ପ୍ରଭୁ ।
ନାହା-ବ. (ନାବଶବ୍ଦଜ) ନୌକା ।
ନାହିଁ-ଅଂ. (ନିଷେଧାର୍ଥକ) ନାସ୍ତି ।
ନି-(ଉପସର୍ଗ ଅବ୍ୟୟ) ଅନ୍ତର୍ଭାବ; ଆଶ୍ରୟ; ଅଧୋଭାଗ; ନିବେଶ; ନିଷେଧ-ପ୍ରଭୃତି ଭାବକୁ ବୁଝାଏ ।
ନିର୍ } (ଉପସର୍ଗ ଅବ୍ୟୟ) ଅଭାବ; ନିଷେଧ; ନିଶ୍ଚୟ; ବହିଷ୍କରଣ ପ୍ରଭୃତି ଭାବକୁ ବୁଝାଏ ।
ନିଃ }
ନିଃକ୍ଷତ୍ରିୟ-ବଂ. (ନିର୍-କ୍ଷତ୍ରିୟ) କ୍ଷତ୍ରିୟ ରହିତ ।
ନିଃଶଙ୍କ-ବଂ. (ନିର୍-ଶଙ୍କା) ନିର୍ଭୟ ।
ନିଃଶବ୍ଦ-ବଂ. (ନିର୍-ଶବ୍ଦ) ମୌନୀ । [ସମ୍ପୂର୍ଣ୍ଣ ।
ନିଃଶେଷ-ବଂ. ( ନିର୍-ଶେଷ ) ଶେଷରହିତ; ନିଃଶେଷିତ-ବଂ. (ନିଃଶେଷ-ଇତ) ସମ୍ପୂର୍ଣ୍ଣରୂପେ ବ୍ୟୟିତ ବା ସମାପିତ ।
ନିଃଶ୍ରେଣୀ-ବ. (ନିଃ-ଶ୍ରେଣୀ) ନିଶୁଣୀ; ସିଢ଼ି ।
ନିଃଶ୍ୱସନ } ବ. (ନିର୍-ଶ୍ୱସ-ଅନ, ଅ) ପ୍ରାଣ ବାୟୁର ନିଃସରଣ ।
ନିଶ୍ୱାସ }
ନିଃସଙ୍ଗ-ବଂ. (ନିର୍ ସଙ୍ଗ) ସଙ୍ଗରହିତ; ସମ୍ପର୍କଶୂନ୍ୟ ।
ନିଃସନ୍ଧି-ବଂ. (ନିର୍-ସନ୍ଧି) ସନ୍ଧିରହିତ ।
ନିଃ-ସମ୍ବଳ-ବଂ. ସଙ୍ଗତିହୀନ । [ସ୍ମରଣ ।
ନିଃସାରଣ-ବଂ. (ନିର୍-ସର୍-ଣିଚ୍-ଅନ) ବହିଃ
ନିଃସାରିତ-ବଂ. (ନିର୍-ସର୍-ଣିଚ୍-ତ) ବହିଷ୍କୃତ ।
ନିଃସୀମା-ବଂ. ସୀମାରହିତ ।
ନିଃସୃତ-ବଂ. (ନିର୍-ସୃ-ତ) ନିର୍ଗତ; ବହିର୍ଗତ ।
ନିଃସ୍ପୃହ-ବଂ. ସ୍ପୃହାରହିତ; ନିଷ୍କାମ ।
ନିଃସ୍ରବ-ବ. ( ନିର୍-ସ୍ରୁ-ଅ ) କ୍ଷରଣ; ତରଳ ପଦାର୍ଥର ନିର୍ଗମନ ।
ନିଃସ୍ୱ-ବଂ. (ନିର୍-ସ୍ୱ) ଦରିଦ୍ର; ଅସହାୟ ।
ନିଅଁ-ବ. ଅଗ୍ନି ।
ନିଅଁଳି-ବ. (ନବମାଲିକାଶବ୍ଦଜ) ପୁଷ୍ପବିଶେଷ ।
ନିଉଁଛାଳିବା-କ୍ରି. (ନି ଉଞ୍ଛନ-ଶବ୍ଦଜ) ବନ୍ଦାଇବା ।
ନିଉଁଛାଳି-ବ. ( ନି ଉଞ୍ଛନ-ଶବ୍ଦଜ ) ବନ୍ଦାପନା ।
ନିକ-ବଂ. ସରୁ; ପରିଷ୍କାର । [କରିବା ।
ନିକଟ-ବଂ. (ନି-କଟ୍-ଅ) ସମୀପ; ଅଦୂର ।
ନିକଟବର୍ତ୍ତୀ-ବଂ. ( ନିକଟ-ବୃତ୍-ଇନ୍ ) ସମୀପସ୍ଥିତ । [ନିର୍ମିତ ।
ନିକର-ବ. (ନି-କୃ-ଅ) ସମୂହ; ରାଶି; ବଂ.

ନିକଷ ବ. ( ନି-କଷ୍-ଅ) କଷ୍ଟିପଥର ।

ନିକଷଣ-ବ. (ନି-କଷ୍ ଅନ)ଘର୍ଷଣ; ଉଲ୍ଲେଖନ ।

ନିକଷା-ବ. ରାକ୍ଷସୀବିଶେଷ ।

ନିକଷାତ୍ମଜ-ବ. (ନିକଷା-ଆତ୍ମଜ) ରାବଣ ।

ନିକା ବ. (ଆରବୀ) ମୁସଲମାନମାନଙ୍କ ମଧ୍ୟରେ ଅନ୍ୟଭୁକ୍ତା ବା ବିଧବା ସ୍ତ୍ରୀର ବିବାହ ।

ନିକାୟ-ବ. (ନି-ଚି-ଅ) ସମୂହ; ଆଲୟ ।

ନିକାର ବ. (ନି-କୃ-ଅ) ପରାଭବ; ଅପମାନ ।

ନିକାଶ-ବ. (ନି-କାଶ୍-ଅ) ପ୍ରକାଶ ।

ନିକାଷ-ବ. (ନି-କଷ-ଅ) କର୍ଷଣ; ଘର୍ଷଣ ।

ନିକାସ ବ. (ଫାର୍ସୀ) ହିସାବ ସ୍ପଷ୍ଟୀକରଣ; ଜଳନିର୍ଗମନ । [ଯନ୍ତ୍ର ।

ନିକ୍ତି-ବ. ସୁନା ରୂପା ପ୍ରଭୃତି ଓଜନ କରିବାର

ନିକୁଞ୍ଜ-ବ. ଲତାମଣ୍ଡପ; ଲତାଗୃହ ।

ନିକୁମ୍ଭ ବ. କୁମ୍ଭକର୍ଣ୍ଣ-ରାକ୍ଷସର ପୁତ୍ର ।

ନିକୁରମ୍ବ-ବ. ନିଚୟ; ସମୂହ ।

ନିକୃତି-ବ. (ନି-କୃ-ତି) ତିରସ୍କାର; ଅପକାର ।

ନିକୃତ୍ତ-ବି. (ନି-କୃତ୍-ତ) ଛିନ୍ନ; ଖଣ୍ଡିତ ।

ନିକୃଷ୍ଟ-ବି. (ନି-କୃଷ୍-ତ) ଅପକୃଷ୍ଟ; ନୀଚ ।

ନିକେତ } ବ. (ନି-କିତ୍-ଅ, ଅନ) ଗୃହ;
ନିକେତନ } ଆଲୟ ।

ନିକ୍ୱଣ-ବ. (ନି-କ୍ୱଣ୍-ଅ) ଧ୍ୱନି; ବୀଣାଦିର ଧ୍ୱନି ।

ନିକ୍ଷିପ୍ତ-ବି. (ନି-କ୍ଷିପ୍-ତ) ଫୋପଡ଼ା ଯାଇଥିବା; ନ୍ୟସ୍ତ । [ତ୍ୟାଗ ।

ନିକ୍ଷେପ-ବ. (ନି-କ୍ଷିପ୍-ଅ) କ୍ଷେପଣ; ନ୍ୟାସ;

ନିଖ-ବ. (ନିକ୍ଷଶବ୍ଦଜ) କ୍ଷୁଦ୍ର କେଶକୀଟ ।

ନିଖଟୁ-ବି. ଯେ ଖଟେ ନାହିଁ; ଅଳସୁଆ ।

ନିଖର୍ବ-ବି. ବାମନ । ବ. ଦଶସହସ୍ରକୋଟି ସଂଖ୍ୟା ।

ନିଖାତ-ବି. (ନି-ଖନ୍-ତ) ଖନିତ; ପ୍ରୋଥିତ ।

ନିଖିଳ-ବି. (ନି-ଖିଲ) ସମସ୍ତ; ଅଖଣ୍ଡ ।

ନିଖୁଣ-ବି. ନାହିଁ ଖୁଣ ଯାହାର; ନିର୍ଦ୍ଦୋଷ ।

ନିଗଡ଼-ବ. (ନି-ଗଡ଼-ଅ) ବେଡ଼ି; ଲୌହଶୃଙ୍ଖଳ ।

ନିଗଡ଼ିତ-ବି. ଶୃଙ୍ଖଳ-ବଦ୍ଧ । [ଶୃଙ୍ଖଳ ।

ନିଗଦିତ-ବି. (ନି-ଗଦ୍-ତ) କଥିତ; ଉକ୍ତ ।

ନିଗମ-ବ. (ନି-ଗମ୍-ଅ) ବେଦ; ନ୍ୟାୟଶାସ୍ତ୍ର ।

ନିଗାଳିବା-କ୍ରି. (ନି-ଗଲ୍-ଣିଚ୍=ନିଗାଳି) ଗାଳିବା, ଚିପିବା ।

ନିଗୂଢ଼-ବି. (ନି-ଗୁହ୍-ତ) ଗୁପ୍ତ; ଅପ୍ରକାଶିତ ।

ନିଗୃହୀତ-ବି. ( ନି-ଗ୍ରହ୍-ତ ) ଦଣ୍ଡିତ; ଉତ୍ପୀଡ଼ିତ ।

ନିଗ୍ରହ-ବ. (ନି-ଗ୍ରହ୍-ଅ) ଅନୁଗ୍ରହର ବିପରୀତ; ତାଡ଼ନା; ପୀଡ଼ନ; ତିରସ୍କାର; ଦଣ୍ଡ ।

ନିଚୟ-ବ. (ନି-ଚି-ଅ) ସମୂହ ।

ନିଚୁଳ-ବ. ବେତଗଛ ।

ନିଚୋଳ-ବ. (ନି-ଚୁଲ୍-ଅ) କଞ୍ଚୁକ; ସ୍ତ୍ରୀମାନଙ୍କର ଅଙ୍ଗରଖା ।

ନିଛାଟିଆ-ବି. ନିର୍ଜ୍ଜନ ।

ନିଜ-ବି. (ନି-ଜନ୍-ଅ) ଆପଣାର ।

ନିଟ୍-ବ. ନିଶ୍ଚୟ ।

ନିଟିଳ-ବ. କପାଳ ।

ନିଟୋଳିବା-କ୍ରି. ମଟୋଳିବା ।

ନିତମ୍ବ-ବି. (ନି-ତମ୍-ବ) ପିଣ୍ଡ; କଟି; ପର୍ବତର ପାର୍ଶ୍ୱଦେଶ । [ମ୍ବବତୀ ସ୍ତ୍ରୀ ।

ନିତମ୍ବିନୀ-ବି. (ନିତମ୍ବ-ଇନ୍-ଈ) ପ୍ରଶସ୍ତ ନିତ-

ନିତଳ-ବି. (ନି-ତଳ) ପାତାଳବିଶେଷ ।

ନିତାନ୍ତ-ବିଂ. (ନି-ତମ୍-ତ) ଅତ୍ୟନ୍ତ; ଅତିଶୟ ।

ନିତି-କ୍ରି. ବିଂ. (ନିତ୍ୟଶବ୍ଦଜ) ପ୍ରତିଦିନ ।

ନିତ୍ୟ-ବିଂ. (ନି-ତ୍ୟ) ସର୍ବଦା ବର୍ତ୍ତମାନ, ଶାଶ୍ୱତ; କ୍ରି. ବି. ପ୍ରତିଦିନ ।

ନିଦ-ବି. (ନିଦ୍ରାଶବ୍ଦଜ) ନିଦ୍ରା ।

ନିଦର୍ଶନ-ବି. (ନି-ଦୃଶ୍-ଅନ) ଉଦାହରଣ; ଚିହ୍ନ; ଦୃଷ୍ଟାନ୍ତ ।

ନିଦା-ବିଂ. ଦୃଢ଼; ଅଚ୍ଛିଦ୍ର ।

ନିଦାଘ-ବି. (ନି-ଦହ୍-ଅ) ଗ୍ରୀଷ୍ମକାଳ ଉତ୍ତାପ ।

ନିଦାନ-ବି. (ନି-ଦା-ଅନ) ମୂଳକାରଣ; ଅନ୍ତ ।

ନିଦାରୁଣ-ବିଂ. (ନି-ଦାରୁଣ) ନିର୍ଦ୍ଦୟ ।

ନିଦିଧ୍ୟାସନ-ବି. (ନି-ଧ୍ୟୈ-ସନ୍-ଅନ) ପ୍ରଗାଢ଼ ଧ୍ୟାନ । [ସମୀପ ।

ନିଦେଶ-ବି. (ନି-ଦିଶ୍-ଅ) ଆଜ୍ଞା, ଅନୁମତି;

ନିଦେଶ-ବର୍ତ୍ତୀ-ବିଂ. ଆଜ୍ଞାବହ ।

ନିଦ୍ରା-ବି. (ନି-ଦ୍ରା-ଅ) ନିଦ; ଅଚେତନଭାବ ।

ନିଦ୍ରାଳୁ-ବିଂ. (ନିଦ୍ରା-ଆଳୁ) ନିଦ୍ରାଶୀଳ;

ନିଦ୍ରିତ-ବିଂ. ସୁପ୍ତ; ଅଚେତନ । [ଅଳସ ।

ନିଧନ-ବି. (ନି-ଧନ୍-ଅ) ମୃତ୍ୟୁ; ବିନାଶ ।

ନିଧାନ-ବି. (ନି-ଧାନ୍-ଅ) ଆଧାର; ଭୂଗର୍ଭସ୍ଥ ରତ୍ନାଦି ।

ନିଧି-ବି. (ନି-ଧା-ଇ) ଆଧାର; ରତ୍ନ ।

ନିଧୁବନ-ବି. (ନି-ଧୂ-ଅନ) କମ୍ପନ; ରମଣ; କ୍ରୀଡ଼ାକୌତୁକ ।

ନିନାଦ-ବି. (ନି-ନଦ୍-ଅ) ଧ୍ୱନି; ଶବ୍ଦ ।

ନିନାଦିତ-ବିଂ. (ନି-ନଦ୍-ଣିଚ୍-ତ) ଶବ୍ଦିତ; ଧ୍ୱନିତ ।

ନିନୀଷା-ବି. (ନୀ-ସନ୍-ଆ) ନେବାର ଇଚ୍ଛା ।

ନିନ୍ଦକ-ବିଂ. (ନିନ୍ଦ-ଅକ) ନିନ୍ଦାକାରୀ ।

ନିନ୍ଦା-ବି. (ନିନ୍ଦ୍-ଆ) ଅପବାଦ; କୁତ୍ସା ।

ନିନ୍ଦନୀୟ-ବିଂ. (ନିନ୍ଦ୍-ଅନୀୟ) ନିନ୍ଦା-ଯୋଗ୍ୟ; ଦୂଷଣୀୟ ।

ନିନ୍ଦିତ-ବିଂ. ନିନ୍ଦ୍-ତ) ଦୂଷିତ; ଗର୍ହିତ ।

ନିନ୍ଦ୍ୟ-ବିଂ. (ନିନ୍ଦ୍-ଯ) ନିନ୍ଦନୀୟ ।

ନିପଟ-ବିଂ. ଅତ୍ୟନ୍ତ ।

ନିପତିତ-ବିଂ. (ନି-ପତ୍-ତ) ଅଧଃପତିତ ।

ନିପାତ-ବି. (ନି-ପତ୍-ଅ) ମୃତ୍ୟୁ; ନିଧନ; ଅଧଃପତନ ।

ନିପାତନ-ବି. (ନି-ପତ୍-ଣିଚ୍-ଅନ) ତଳେକ୍ଷେପଣ; ବିନାଶନ; ବ୍ୟାକରଣ-ବିଧିବିରୁଦ୍ଧ ପଦସାଧନ ।

ନିପାତିତ-(ନି-ପତ୍-ଣିଚ୍-ତ) ତଳକୁ ନିକ୍ଷିପ୍ତ; ବିନାଶିତ । [କୁଣ୍ଡ ।

ନିପାନ-(ନି-ପା-ଅନ) କୂପାଦିର ନିକଟସ୍ଥ ଜଳ-

ନିପୀଡ଼ନ-(ନି-ପୀଡ୍-ଅନ) ମର୍ଦ୍ଦନ; କ୍ଳେଶଦାନ ।

ନିପୀଡ଼ିତ-(ନି-ପୀଡ୍-ତ) ନିଗୃହୀତ; ମର୍ଦ୍ଦିତ ।

ନିପୁଣ-ବିଂ. (ନି-ପୁଣ୍-ଅ) କାର୍ଯ୍ୟଦକ୍ଷ; ସମର୍ଥ ।

ନିବଦ୍ଧ-ବିଂ. (ନି-ବନ୍ଧ୍-ତ) ଗ୍ରଥିତ; ବଦ୍ଧ; ନିବେଶିତ ।

ନିବନ୍ଧ-ବି. (ନି-ବନ୍ଧ୍-ଅ) ରଚନା; ପ୍ରସ୍ତାବ ।

ନିବନ୍ଧନ-ବି. (ନି-ବନ୍ଧ୍-ଅନ) କାରଣ; ହେତୁ; ଅବଲମ୍ବନ ।

ନିବର୍ହଣ-ବି. (ନି-ବର୍ହ୍-ଅନ) ଉଚ୍ଛେଦ; ବଧ ।

ନିବିଡ଼-ବିଂ. ଗାଢ଼; ଘନ ।

ନିଭ୍-ବିଂ. (ନି-ଭା-ଅ) ସଦୃଶ; ତୁଲ୍ୟ ।

ନିଭୃତ-ବିଂ. (ନି-ଭୃ-ତ) ଗୁପ୍ତ, ନିର୍ଜନ ।

ନିମ ବି. (ନିମ୍ବଶବ୍ଦଜ) ନିମ୍ବବୃକ୍ଷ ।

ନିମକ୍-ବି. (ପାର୍ଶୀ) ଲବଣ ।

ନିମକ୍-ହାରାମ-ବିଂ. କୃତଘ୍ନ ।

ନିମଗ୍ନ-ବିଂ. ( ନି-ମସ୍ଜ୍-ତ ) ବୁଡ଼ିରହିଥିବା ; ଏକାନ୍ତ ଚିତ୍ତେ ଅବସ୍ଥ ।

ନିମଜ୍ଜନ-ବି.(ନି-ମସ୍ଜ୍-ଅନ)ଜଳରେ ବୁଡ଼ିବା ; ଅବଗାହନ ।

ନିମନ୍ତ୍ରଣ-ବି. (ନି-ମନ୍ତ୍ର୍-ଅନ) ସାଦର ଆହ୍ୱାନ; ଭୋଜନାର୍ଥ ଆହ୍ୱାନ ।

ନିମନ୍ତ୍ରିତ-ବିଂ. (ନି-ମନ୍ତ୍ର୍-ତ) ସାଦରେ ଆହୂତ ।

ନିମିତ୍ତ-ବି. (ନି-ମିଦ୍-ତ) କାରଣ ; ପ୍ରୟୋଜନ: ଲକ୍ଷଣ ।

ନିମିଷ } ବି.- { ନି-ମିଷ୍-ଅ } ପଲକ;ପକ୍ଷ୍ମ-
ନିମେଷ } { ନି-ମିଷ୍-ଘଞ୍ } ପାତ ।

ନିମୀଳନ-ବି. ( ନି-ମୀଲ୍-ଅନ ) ଅକ୍ଷିବୁଜିବା; ସଙ୍କୋଚକରଣ ।

ନିମ୍ନ-ବିଂ. ନୀଚ; ଅଧଃସ୍ଥିତ ।

ନିମ୍ନ-ଗା-ବି. ନଦୀ ।

ନିମ୍ବ-ବି. ନିମ୍ବଗଛ । [ବିଂ. ସର୍ବଦା ।

ନିୟତ-ବିଂ. (ନି-ଯମ୍-ତ) ସଂଯତ ; ସ୍ଥିର । କ୍ରି.

ନିୟତି-ବି. (ନି-ଯମ୍-ତି) ଐଶିକ ନିୟମ; ଭାଗ୍ୟ ।

ନିୟନ୍ତା-ବିଂ. (ନି-ଯମ୍-ତୃ) ଚାଳକ; ଶାସକ ।

ନିୟନ୍ତ୍ରିତ-ବିଂ. (ନି-ଯନ୍ତ୍ର୍-ତ) ଦମିତ ।

ନିୟମ-ବି. ( ନି-ଯମ୍-ଅ ) ବନ୍ଧ ; ବ୍ରତାଦି ; ଇନ୍ଦ୍ରିୟଦମନ ।

ନିୟମ-ତନ୍ତ୍ର-ବିଂ. ନିୟମାଧୀନ ।

ନିୟମନ-ବି. ( ନି-ଯମ୍-ଅନ ) ନିୟମଦ୍ୱାରା ଶାସନ । [ଶାସିତ ।

ନିୟମିତ-ବିଂ. ( ନି-ଯମ୍-ତ ) ନିୟମ-ବଦ୍ଧ ;

ନିୟାମକ-ବିଂ. (ନି-ଯମ୍-ଅକ) ଯେ ନିୟମ ବା ବ୍ୟବସ୍ଥା କରେ; ନିୟମକର୍ତ୍ତା; ନିୟନ୍ତା ।

ନିଯୁକ୍ତ-ବିଂ. (ନି-ଯୁଜ୍-ତ) କର୍ମ କରିବା ନିମିତ୍ତ ଆଦିଷ୍ଟ; ବ୍ୟାପୃତ ।

ନିୟୁତ-ବି. (ନି-ଯୁ-ତ) ଦଶଲକ୍ଷ ସଂଖ୍ୟା ।

ନିୟୋକ୍ତା-ବିଂ. (ନି-ଯୁଜ୍-ତୃ) ନିୟୋଗକର୍ତ୍ତା; ପ୍ରବର୍ତ୍ତକ ।

ନିୟୋଗ-ବି. (ନି-ଯୁଜ୍-ଅ) ଶାସନ; ଆଜ୍ଞା; ଭାରାର୍ପଣ । [କର୍ତ୍ତା ।

ନିୟୋଜକ-ବିଂ. (ନି-ଯୁଜ୍-ଅକ) ନିୟୋଗ-

ନିୟୋଜନ-ବି. ( ନି-ଯୁଜ୍-ଅନ ) ପ୍ରେରଣ; ପ୍ରବର୍ତ୍ତନ । [ପ୍ରବର୍ତ୍ତିତ ।

ନିୟୋଜିତ-ବିଂ. (ନି-ଯୁଜ୍-ଇ-ତ) ବ୍ୟାପାରିତ;

ନିୟୋଜ୍ୟ-ବିଂ. (ନି-ଯୁଜ୍-ଯ) ନିଯୁକ୍ତ ହେବାର ଯୋଗ୍ୟ ।

ନିରଂଶ-ବିଂ. (ନିଃ-ଅଂଶ) ଅଂଶରହିତ, ଭାଗାଂ-ସ୍ୱୀକାରଶୂନ୍ୟ ।

ନିରକ୍ଷରେଖା / ନିରକ୍ଷବୃତ୍ତ } ବି. (ନିଃ-ଅକ୍ଷ) ବିଷୁବରେଖା; ଯେଉଁ ରେଖା ଦ୍ୱାରା ପୃଥିବୀକୁ ଉତ୍ତରାର୍ଦ୍ଧ ଓ ଦକ୍ଷିଣାର୍ଦ୍ଧ ଏହି ଦୁଇ ଭାଗରେ ବିଭକ୍ତ କରାଯାଏ ।

ନିରଙ୍କୁଶ ବିଂ. (ନିର୍-ଅଙ୍କୁଶ) ସ୍ୱେଚ୍ଛାଚାରୀ; ଦଣ୍ଡ-ଭୟ-ରହିତ ।

ନିରଖ-ବି. (ଫାର୍ଶୀ) ସରକାରନିର୍ଦ୍ଧାରିତ ମୂଲ୍ୟ ।

ନିରଞ୍ଜନ-ବିଂ. (ନିର୍-ଅଞ୍ଜନ) ନିର୍ମଳ; ବି. ପରଂବ୍ରହ୍ମ ।

ନିରତ-ବିଂ. (ନି-ରମ୍-ତ) ଆସକ୍ତ; ବ୍ୟାପୃତ ।

ନିରତେ-କ୍ରି. ବିଂ. ସର୍ବଦା ।

ନିରତିଶୟ-ବିଂ. (ନିର୍-ଅତିଶୟ) ଯାହା ଅପେକ୍ଷା ଅଧିକ ନାହିଁ; ଅତ୍ୟଧିକ ।

ନିରନ୍ତର-ବିଂ. (ନିର୍-ଅନ୍ତର) ନିବିଡ଼; ଘନ; କ୍ରି.ବିଂ. ଅନବରତ; ସର୍ବଦା ।

ନିରନ୍ନ-ବିଂ. (ନିର୍-ଅନ୍ନ) ଅନ୍ନାଭାବେ କ୍ଲିଷ୍ଟ ।

ନିରନ୍ୱୟ-ବିଂ. (ନିର୍-ଅନ୍ୱୟ) ନିଃସମ୍ପର୍କ; ନିର୍ବଂଶ ।

ନିରପତ୍ୟ-ବିଂ. (ନିର୍-ଅପତ୍ୟ) ନିଃସନ୍ତାନ ।

ନିରପତ୍ରପ-ବିଂ. (ନିର୍-ଅପତ୍ରପା) ନିର୍ଲ୍ଲଜ୍ଜ ।

ନିରପରାଧ-ବିଂ. (ନିର୍-ଅପରାଧ) ଅପରାଧଶୂନ୍ୟ; ନିର୍ଦ୍ଦୋଷ । [ରହିତ; ସ୍ୱତନ୍ତ୍ର ।

ନିରପେକ୍ଷ-ବିଂ. (ନିର୍-ଅପେକ୍ଷା) ଅପେକ୍ଷା

ନିରମ୍ବୁ-ବିଂ. (ନିର୍-ଅମ୍ବୁ) ନିର୍ଜଳ ।

ନିରୟ-ବି. (ନିର୍-ଅୟ) ନରକ ।

ନିରର୍ଥକ-ବିଂ. (ନିର୍-ଅର୍ଥ-କ) ବ୍ୟର୍ଥ; ବିଫଳ; ନିଷ୍ପ୍ରୟୋଜନ ।

ନିରବଚ୍ଛିନ୍ନ-ବିଂ. (ନିର୍-ଅବ-ଛିଦ୍-ତ) ଅନବଚ୍ଛିନ୍ନ; ନିରନ୍ତର; କେବଳ ।

ନିରବଧି-ବିଂ. (ନିର୍-ଅବଧି) ନିରନ୍ତର; ଅସୀମ । [ଶୂନ୍ୟ; ନିରାକାର ।

ନିରବୟବ-ବିଂ. (ନିର୍-ଅବୟବ) ଅବୟବ-

ନିରଶନ-ବିଂ. (ନିର-ଅଶନ) ଭୋଜନ-ରହିତ ।

ନିରସନ-ବି. (ନିର୍-ଅସ୍-ଅନ) ନିରାକରଣ ।

ନିରସ୍ତ-ବି. (ନିର୍-ଅସ୍-ତ) ନିକ୍ଷିପ୍ତ; ନିରାକୃତ; ନିବୃତ୍ତ ।

ନିରାକରଣ-ବି. (ନିର୍-ଆ-କୃ-ଅନ) ନିବାରଣ; ଦୂରୀକରଣ; ଖଣ୍ଡନ । [ରହିତ ।

ନିରାକାଂକ୍ଷ ବିଂ. (ନିର୍-ଆକାଂକ୍ଷା) ଆକାଂକ୍ଷା-

ନିରାକାର-ବିଂ. (ନିର୍-ଆ କୃ-ଅ) ଆକାରଶୂନ୍ୟ; ବି. ପରମେଶ୍ୱର; ଆକାଶ । [ଅବ୍ୟାକୁଳ ।

ନିରାକୁଳ-ବିଂ. (ନିର୍-ଆକୁଳ) ଅତ୍ୟନ୍ତଆକୁଳ;

ନିରାକୃତ-ବିଂ. (ନିର୍-ଆ-କୃ-ତ) ଦୂରୀକୃତ ।

ନିରାଟ-ବିଂ. ନିଦା; ପ୍ରଚଣ୍ଡ ।

ନିରାତଙ୍କ-ବିଂ. (ନିର୍ ଆତଙ୍କ) ନିର୍ଭୟ ।

ନିରାନନ୍ଦ-ବିଂ. (ନିର୍ ଆନନ୍ଦ) ଆନନ୍ଦ ରହିତ ।

ନିରାପଦ-ବିଂ. (ନିର୍-ଆପଦ) ଆପଦ୍ ରହିତ; ନିର୍ବିଘ୍ନ ।

ନିରାମୟ-ବିଂ. (ନିର୍-ଆମୟ) ନୀରୋଗ; ସୁସ୍ଥ ।

ନିରାମିଷ-ବିଂ. (ନିର୍-ଆମିଷ) ମାଂସାଦି ଆମିଷ ରହିତ ।

ନିରାଲମ୍ବ-ବିଂ. (ନିର-ଆଲମ୍ବ) ଅବଲମ୍ବନଶୂନ୍ୟ ।

ନିରାଶ-ବିଂ. (ନିର୍-ଆଶା) ଆଶାରହିତ ।

ନିରାଶ୍ରୟ-ବି. ( ନିର୍-ଆଶ୍ରୟ ) ଅସହାୟ; ଅଶରଣ ।

ନିରାସ-ବି. (ନିର୍-ଅସ୍-ଅ) ନିରସନ; ନିରାକରଣ ।

ନିରାହାର-ବି. (ନିର୍-ଆହାର) ଆହାରରହିତ ।

ନିରୀକ୍ଷକ-ବି. (ନିର୍-ଈକ୍ଷ୍-ଅକ) ଦର୍ଶକ; ଯେ ନିରୀକ୍ଷଣ କରେ ।

ନିରୀକ୍ଷଣ-ବି. (ନିର୍-ଈକ୍ଷ୍-ଅନ) ଦର୍ଶନ ।

ନିରୀକ୍ଷିତ-ବି. ( ନିର୍ ଈକ୍ଷ୍-ତ ) ଦୃଷ୍ଟ; ଅବଲୋକିତ ।

ନିରୀଶ୍ୱର-ବି. (ନିର୍-ଈଶ୍ୱର) ନାସ୍ତିକ ।

ନିରୀହ ବି. (ନିର୍-ଈହ) ନିଃସ୍ପୃହ; ଯେ କାହାର ବିଷୟରେ ହସ୍ତକ୍ଷେପ କରେ ନାହିଁ ।

ନିରୁକ୍ତ-ବି. ( ନିର୍-ବଚ୍-ତ ) ବେଦାଙ୍ଗଗ୍ରନ୍ଥବିଶେଷ । [ମୀମାଂସା ।

ନିରୁକ୍ତି-ବି. (ନିର୍-ବଚ୍-ତି) ନିଃଶେଷ କଥନ;

ନିରୁତ୍ତର-ବି. (ନିର୍-ଉତ୍ତର) ଉତ୍ତରଦାନରେ ଅସମର୍ଥ ।

ନିରୁଦ୍ଧ-ବି. (ନି-ରୁଧ୍-ତ) ନିବାରିତ; ସ୍ତମ୍ଭିତ ।

ନିରୁପମ-ବି. (ନିର୍-ଉପମା) ଅତୁଲ୍ୟ ।

ନିରୂପଣ ବି. (ନି-ରୂପ୍-ଅନ) ନିର୍ଣ୍ଣୟ କରଣ ।

ନିରେଖିବା-କ୍ରି. (ନିଃ-ଈକ୍ଷ୍‌ଧାତୁରୁ) ଦେଖିବା; ଅନାଇବା ।

ନିରୋଧ-ବି. (ନି-ରୁଧ୍-ଅ) ବାରଣ ; ନିଗ୍ରହ ।

ନିରୋଧକ-ବି. (ନି-ରୁଧ୍-ଅକ) ନିରୋଧକାରୀ ।

ନିରୋଳା-ବି. ନିର୍ମଳ; ନିର୍ଜନ ।

ନିଋତି ବି. ଦକ୍ଷିଣ-ପଶ୍ଚିମ କୋଣର ପୁରାଣୋକ୍ତ ଅଧିପତି ।

ନିର୍ଗତ-ବି. (ନିର୍-ଗମ୍-ତ) ବହିର୍ଗତ; ନିଃସୃତ ।

ନିର୍ଗମ, ନିର୍ଗମନ } ବି. (ନିର୍-ଗମ୍-ଅ, ଅନ) ବହିର୍ଗମନ ।

ନିର୍ଗୁଣ-ବି. (ନିର୍-ଗୁଣ) ଗୁଣହୀନ; ବି. ସତ୍ତ୍ୱରଜସ୍ତମୋଗୁଣରହିତ; ପରମେଶ୍ୱର ।

ନିର୍ଘଣ୍ଟ ବି. (ନିର୍-ଘଣ୍ଟ-ଅ) ସୂଚୀପତ୍ର; ନିର୍ଣ୍ଣୟ; ନିରୂପଣ; ସିଦ୍ଧାନ୍ତ ।

ନିର୍ଘାତ-ବି. (ନିର୍-ହନ-ଅ) ବାୟୁଦ୍ୱୟର ଅଭିଘାତ ଶବ୍ଦ; ବି. ନିଷ୍ଠୁର ।

ନିର୍ଘୃଣ-ବି. (ନିର୍-ଘୃଣା) ନିର୍ଦ୍ଦୟ; ଘୃଣାରହିତ

ନିର୍ଘୋଷ ବି. (ନିର୍-ଘୁଷ୍-ଅ) ଗମ୍ଭୀର ଧ୍ୱନି ।

ନିର୍ଜନ-ବି. (ନିର୍-ଜନ) ଜନଶୂନ୍ୟ ।

ନିର୍ଜର-ବି. (ନିର୍-ଜରା) ଦେବତା; ତ୍ରିଦଶ ।

ନିର୍ଜିତ-ବି. (ନିର୍-ଜି-ତ) ପରାଜିତ ।

ନିର୍ଜୀବ-ବି. ( ନିର୍-ଜୀବ ) ଜୀବନଶୂନ୍ୟ; ନିର୍ବୀର୍ଯ୍ୟ ।

ନିର୍ଝର-ବି. (ନିର୍-ଝର) ଝରଣା, ବାରିପ୍ରବାହ ।

ନିର୍ଝରିଣୀ-ବି. (ନିର୍-ଝର୍-ଇନ୍-ଈ) ନଦୀ; ଗିରିନଦୀ ।

ନିର୍ଣ୍ଣୟ-ବି. (ନିର୍-ନୀ-ଅ) ନିରୂପଣ; ନିଶ୍ଚୟ ।

ନିର୍ଣ୍ଣାୟକ-ବି. (ନିର୍-ନୀ-ଅକ) ଯେ ନିର୍ଣ୍ଣୟ କରେ, ସିଦ୍ଧାନ୍ତକାରୀ ।

ନିର୍ଣ୍ଣିକ୍ତ-ବି. (ନିର୍ ନିଜ୍-ତ) ପରିଷ୍କୃତ; ମୁକ୍ତ ।

ନିର୍ଣ୍ଣୀତ ବି. (ନିର୍-ନୀ-ତ) ନିରୂପିତ ।

ନିର୍ଣ୍ଣେୟ-ବି. ( ନିର୍-ନୀ-ଯ ) ନିଶ୍ଚୟ କରିବାଯୋଗ୍ୟ ।

ନିର୍ଦ୍ଦୟ-ବି. (ନିର୍-ଦୟା) ନିଷ୍ଠୁର ।
ନିର୍ଦ୍ଦିଷ୍ଟ ବି. (ନିର୍-ଦିଶ୍-ତ) ନିର୍ଦ୍ଧାରିତ ।
ନିର୍ଦ୍ଦେଶ-ବି. (ନିର୍-ଦିଶ୍-ଅ) ଆଜ୍ଞା, ଅବଧାରଣା
ନିର୍ଦ୍ଦୋଷ-ବି. (ନିର୍-ଦୋଷ) ଅପରାଧଶୂନ୍ୟ ।
ନିର୍ଧନ-ବି. (ନିର-ଧନ) ଦରିଦ୍ର ।
ନିର୍ଦ୍ଧାରକ-ବି. (ନିର୍-ଧାର-ଅକ) ଯେ ନିର୍ଦ୍ଧା-ରଣ କରେ । [ମୀମାଂସା ।
ନିର୍ଦ୍ଧାରଣ-ବି. (ନିର୍-ଧାର-ଅନ) ନିଶ୍ଚୟ ;
ନିର୍ଦ୍ଧାରିତ-ବି. (ନିର୍-ଧାର-ତ) ସ୍ଥିରୀକୃତ ।
ନିର୍ଦ୍ଧାର୍ଯ୍ୟ-ବି. (ନିର୍-ଧାର-ଯ) ନିରୂପଣୀୟ ।
ନିର୍ଦ୍ଧୂତ-ବି. (ନିର୍-ଧୂ-ତ) ଦୂରୀକୃତ; ବର୍ଜିତ ।
ନିର୍ବନ୍ଧ-ବି. (ନିର୍-ବନ୍ଧ-ଅ) ନିୟମ; ଆଗ୍ରହ ।
ନିର୍ବଳ-ବି. (ନିର୍-ବଳ) ବଳହୀନ, କ୍ଷୀଣ ।
ନିର୍ଭର-ବି. (ନିର୍-ଭୃ-ଅ) ଆତ୍ମସମର୍ପଣ; ଭରସା; ବି. ପୂର୍ଣ୍ଣ । [ରହିତ ।
ନିର୍ଭୀକ-ବି. (ନିର୍-ଭୀ-କ) ନିର୍ଭୟ; ଭୟ-
ନିର୍ମକ୍ଷିକ-ବି. (ନିର୍-ମକ୍ଷିକା) ମକ୍ଷିକାଶୂନ୍ୟ; ନିଭୃତ । [ଜନାପନା ।
ନିର୍ମଞ୍ଜନ-ବି. (ନିର୍-ମଞ୍ଜ-ଅନ) ମାର୍ଜନା;
ନିର୍ମତ୍ସର ବି. (ନିର-ମତ୍ସର) ସଙ୍କଶୂନ୍ୟ ନିର-ହଂକାର ।
ନିର୍ମମ-ବି. (ନିର୍-ମମ) ମମତାଶୂନ୍ୟ; ବାସନା-ରହିତ; ସ୍ନେହଶୂନ୍ୟ; ନିର୍ଦ୍ଦୟ ।
ନିର୍ମଳ ବି. (ନିର୍-ମଳ) ଶୁଦ୍ଧ; ସ୍ୱଚ୍ଛ ।
ନିର୍ମାଖୀ-ବି. (ନିର୍ଲକ୍ଷଣବଚନ) ନିସଙ୍କ୍ଷୟ ।
ନିର୍ମାଣ-ବି. (ନିର୍-ମା-ଅନ) ଗଠନ; ରଚନା; ତିଆରି କରିବା କାର୍ଯ୍ୟ ।

ନିର୍ମିତା-ବି. (ନିର୍-ମା-ତୃ) ନିର୍ମାଣକର୍ତ୍ତା ।
ନିର୍ମାଲ୍ୟ-ବି. (ନିର୍ମଳ-ଯ, ଅଥବା ନିର୍-ମାଲ୍ୟ) ନିର୍ମଳତା; ଦେବତାଙ୍କୁ ନିବେଦିତ ପୁଷ୍ପାଦି; ଦେବ-ତାର ଭୋଗ ।
ନିର୍ମିତ-ବି. (ନିର୍-ମା-ତ) ରଚିତ; ଗଠିତ ।
ନିର୍ମୁକ୍ତ-ବି. (ନିର୍ ମୁଚ୍-ତ) ଖୋଳଛଡ଼ା ସାପ ; ବି. ବନ୍ଧନ ମୁକ୍ତ ।
ନିର୍ମୂଳ-ବି. (ନିର୍ ମୂଳ) ଛିନ୍ନମୂଳ; ବିଲୁପ୍ତ ।
ନିର୍ମୂଳିତ-ବି. ଉତ୍ପାଟିତ ।
ନିର୍ମୃଷ୍ଟ-ବି. (ନିର୍-ମୃଜ୍-ତ) ମାର୍ଜିତ ।
ନିର୍ମୋକ-ବି. (ନିର୍ ମୁଚ୍-ଅ) ସାପଖୋଳ ।
ନିର୍ଯ୍ୟାତ-ବି. (ନିର-ଯା-ତ) ନିଃସୃତ; ନିର୍ଗତ ।
ନିର୍ଯ୍ୟାତନ-ବି. (ନିର୍ ଯତ୍-ଣିଚ୍-ଅନ) ପ୍ରତିହିଂସା
ନିର୍ଯ୍ୟାସ-ବି. (ନିର୍-ଯସ୍-ଅ) ନିସ୍ୟନ୍ଦ; ଆଠା ; ସାରକଥା ।
ନିର୍ଲଜ୍ଜ-ବି. (ନିର୍-ଲଜ୍ଜା) ଲଜ୍ଜାହୀନ ।
ନିର୍ଲିପ୍ତ-ବି. (ନିର୍-ଲିପ୍-ତ) ସମ୍ପର୍କଶୂନ୍ୟ ।
ନିର୍ବପଣ-ବି. (ନିର୍-ବପ୍-ଅନ) ପିତୃଲୋକଙ୍କ ଉଦ୍ଦେଶରେ ଦାନ; ଅନ୍ନାଦି ପରିବେଷଣ ।
ନିର୍ବହଣ-ବି. (ନିର୍-ବହ୍-ଅନ) ନିର୍ବାହ ।
ନିର୍ବାଚନ-ବି. (ନିର୍-ବାଚି-ଅନ) ବାଛି ସ୍ଥିର କରିବା । [ହାର ନିବୃତ୍ତି ।
ନିର୍ବାଣ-ବି. (ନିର୍-ବା-ଅନ) ନିଭିଯିବା; ବାସ୍ତ-
ନିର୍ବାତ-ବି. (ନିର୍-ବା-ତ) ବାୟୁଶୂନ୍ୟ; ସ୍ଥିର ।
ନିର୍ବାପଣ-ବି. (ନିର୍-ବା-ଣିଚ୍-ତ) ନିଭାଇବା ।
ନିର୍ବାପିତ-ବି. (ନିର୍-ବାପି-ତ) ନିର୍ବାଣପ୍ରାପିତ ।

ନିର୍ବାସନ-ବି. (ନିର୍-ବସ୍-ଣିଚ୍-ଅନ) ଦେଶରୁ ବହିଷ୍କରଣ ।

ନିର୍ବାସିତ-ବି. ଦେଶରୁ ବହିଷ୍କୃତ ।

ନିର୍ବାହ ବି. (ନିର୍-ବହ୍-ଅ) ସମ୍ପାଦନ; ଜୀବିକା-ସମ୍ପାଦନ ।

ନିର୍ବାହିତ-ବି. (ନିର୍-ବାହି-ତ) ସମ୍ପାଦିତ ।

ନିର୍ବିକଳ୍ପ-ବି. (ନିର୍-ବିକଳ୍ପ) ବିକଳ୍ପରହିତ; ନିଃସଂଶୟ ।

ନିର୍ବିକାର-ବି. (ନିର୍-ବିକାର) ବିକାରଶୂନ୍ୟ ।

ନିର୍ବିଘ୍ନ-ବି. (ନିର୍-ବିଘ୍ନ) ବିଘ୍ନଶୂନ୍ୟ ।

ନିର୍ବିବେକ-ବି. (ନିର୍-ବିବେକ) ଅବିବେକୀ ।

ନିର୍ବିଶେଷ-ବି. (ନିର୍-ବିଶେଷ) ଭେଦରହିତ; ଅଭିନ୍ନ । [ଭୁକ୍ତ ।

ନିର୍ବିଷ୍ଟ-ବି. (ନିର୍-ବିଶ୍-ତ) ଲବ୍ଧ; ଅନୁଭୂତ;

ନିର୍ବୀର୍ଯ୍ୟ-ବି. (ନିର୍-ବୀର୍ଯ୍ୟ) ବୀର୍ଯ୍ୟହୀନ; ନିସ୍ତେଜ ।

ନିର୍ବୁଦ୍ଧି-ବି. (ନିର୍-ବୁଦ୍ଧି) ବୁଦ୍ଧିଶୂନ୍ୟ; ନିର୍ବୋଧ; ବୋକା ।

ନିର୍ବୃତି-ବି. (ନିର୍-ବୃ-ତି) ମୁକ୍ତି; ଶାନ୍ତି ।

ନିର୍ବୃତ୍ତ-ବି. (ନିର୍-ବୃତ୍-ତ) ନିଷ୍ପନ୍ନ; ସମ୍ପନ୍ନ ।

ନିର୍ବେଦ-ବି. (ନିର୍-ବିଦ୍-ଅ) ବୈରାଗ୍ୟ; ଔଦାସୀନ୍ୟ ।

ନିର୍ବେଶ-ବି. (ନିର-ବିଶ୍-ଅ) ବେତନ; ଭୋଗ ।

ନିର୍ବ୍ୟୂଢ଼-ବି. (ନିର୍-ବି-ବହ୍-ତ) ନିଷ୍ଠିତ; ସମାପ୍ତ ।

ନିର୍ହ୍ରାଦ-ବି. (ନିର୍-ହ୍ରାଦ୍-ଅ) ନିନାଦ; ଧ୍ୱନି ।

ନିଳୟ-ବି. (ନି-ଲୀ-ଅ) ଆଳୟ; ବାସସ୍ଥାନ ।

ନିଲାମ-ବି. (ପୋର୍ତ୍ତୁଗୀଜ ଭାଷା) ଯେ ବେଶି ଦାମ୍ ଡାକେ, ତାହାକୁ ବିକ୍ରୟ ।

ନିଲୀନ-ବି. (ନି-ଲୀ-ତ) ନିମଗ୍ନ; ସଂଲଗ୍ନ ।

ନିବର୍ତ୍ତ-ବି. (ନି-ବୃତ୍-ଅ) ନିବୃତ୍ତ; କ୍ଷାନ୍ତ ।

ନିବର୍ତ୍ତନ-ବି. (ନି-ବୃତ୍-ଅନ) ନିବାରଣ; ଲେଉଟିବା ।

ନିବର୍ତ୍ତିତ-ବି. (ନି-ବୃତ୍-ଣିଚ୍-ତ) ନିବାରିତ ।

ନିବର୍ହଣ-ବି. (ନି-ବର୍ହ୍-ଅନ) ବିନାଶ; ଉଚ୍ଛେଦ ।

ନିବର୍ହିତ-ବି. (ନି-ବର୍ହ୍-ତ) ବିନାଶିତ ।

ନିବସଥ ବି. (ନି-ବସ୍-ଅଥ) ଜନପଦ; ଗ୍ରାମ ।

ନିବହ-ବି. (ନି-ବହ୍-ଅ) ସମୂହ ।

ନିବାଡ଼ି-ବି. (ନିବଡ଼ଶବ୍ଦଜ) ଦୃଢ଼; ମଜବୁତ ।

ନିବାତ-ବି. (ନି-ବାତ) ନିର୍ବାତ; ବାତଶୂନ୍ୟ ।

ନିବାପ-ବି. (ନି-ବପ୍-ଅ) ପିତୃଲୋକ ଉଦ୍ଦେଶ୍ୟରେ ଦାନ । [ବାରଣ ।

ନିବାରଣ-ବି. (ନି-ବୃ-ଣିଚ୍-ଅନ) ନିଷେଧ;

ନିବାରିତ-ବି. (ନି-ବୃ-ଣିଚ୍-ତ) ନିଷିଦ୍ଧ ।

ନିବାସ-ବି. (ନି-ବସ୍-ଅ) ବାସସ୍ଥାନ ।

ନିବାସୀ-ବି. (ନି-ବସ୍-ଇନ୍) ବାସକାରୀ ।

ନିବିଡ଼-ବି. (ନି-ବିଡ଼) ଗାଢ଼; ଘନ ।

ନିର୍ବିଦ-ବି. (ନି-ବିଦ୍) ବେଦ ଅପେକ୍ଷା ପୃଥଗ୍‌ଭିନ୍ନ ବାକ୍ୟ । [ଯୋଗୀ ।

ନିବିଷ୍ଟ-ବି. ( ନି-ବିଶ୍-ତ ) ଅଭିନିବିଷ୍ଟ; ମନୋ-

ନିବୀତ-ବି. (ନି-ବ୍ୟେ-ତ) ଗଳାରେ ମାଳାପରି ପରିହିତ ପଇତା; ଉତ୍ତରୀୟ ।

ନିବୃତ୍ତ-ବି. (ନି-ବୃତ୍-ତ) ବିରତ; କ୍ଷାନ୍ତ ।

ନିବୃତ୍ତି-ବି. (ନି-ବୃତ୍-ତି) ବିରତି; ପ୍ରବୃତ୍ତିର ବିପରୀତ ।

ନିବେଦନ-ବି. (ନି-ବିଦ-ଅନ) ସମର୍ପଣ; ଅବେ-
ଦନ ।

ନିବେଦିତ-ବିଂ. ( ନି-ବେଦ-ତ ) ସମର୍ପିତ;
ଜ୍ଞାପିତ । [ଶୀଘ୍ର ।

ନିବେଦ୍ୟ-ବିଂ. (ନି-ବିଦ୍-ଯ) ଜ୍ଞାପନୀୟ; ସମର୍ପ-

ନିବେଶ-ବି. ( ନି-ବିଶ୍-ଅ ) ସ୍ଥାନ; ସ୍ଥାପନ;
ଶିବିର । [ବିନ୍ୟସ୍ତ ।

ନିବେଶିତ ବିଂ. (ନି-ବିଶ୍-ଣିଚ୍-ତ) ସ୍ଥାପିତ;

ନିଶ ବି. ମୁଖ ।

ନିଶା-ବି. (ନିଶ୍-ଆ) ରାତ୍ରି ।

ନିଶାକର-ବି. (ନିଶା-କୃ-ଅ) ଚନ୍ଦ୍ର; ହରିଦ୍ରା ।

ନିଶାଚର-ବି. (ନିଶା-ଚର) ରାତ୍ରିଚର, ପିଶାଚ;

ନିଶାଣ-ବି. ପତାକା; ଚିହ୍ନ । [ରାକ୍ଷସ ।

ନିଶାନ୍ତ ବି. (ନିଶା-ଅନ୍ତ) ରାତ୍ରିଶେଷ; ପ୍ରାତଃ-

ନିଶା-ପତି ବି. ଚନ୍ଦ୍ର । [କାଳ ।

ନିଶାମନ-ବି. (ନି-ଶମ୍-ଅନ) ଶ୍ରବଣ; ଅନ୍ବେ-

ନିଶି-ବି. (ନିଶ୍ ଧାତୁରୁ) ରାତ୍ରି । [ଷଣ ।

ନିଶିତ-ବିଂ. (ନି-ଶୋ-ତ) ଶାଣିତ; ତୀକ୍ଷ୍ଣ ।

ନିଶୀଥ-ବି. (ନି-ଶୀ-ଥ) ଅର୍ଦ୍ଧରାତ୍ର; ରାତ୍ରି ।

ନିଶୀଥିନୀ-ବି. (ନିଶୀଥ-ଇନ୍-ଈ) ରାତ୍ର;ରଜନୀ ।

ନିଶୁଣୀ-ବି. (ନିଃଶ୍ରେଣୀଶବ୍ଦଜ) କାଷ୍ଠ ବା ବାଂଶ
ନିର୍ମିତ ସିଢି ।

ନିଶ୍ଚୟ-ବି. (ନିର୍-ଚି-ଅ) ନିର୍ଣ୍ଣୟ; ସଂଶୟ-
ଶୂନ୍ୟଜ୍ଞାନ ।

ନିଶ୍ଚଳ-ବିଂ. (ନିର୍-ଚଳ୍-ଅ) ସ୍ଥିର ।

ନିଶ୍ଚାୟକ-ବି (ନିଃ-ଚି-ଅକ) ନିଶ୍ଚୟକାରକ ।

ନିଶ୍ଚିତ-ବିଂ. (ନିର୍-ଚି-ତ) ନିଃସଂଶୟ; ନିର୍ଣ୍ଣୀତ ।

ନିଶ୍ଚିନ୍ତ-ବିଂ. (ନିର୍-ଚିନ୍ତା) ଚିନ୍ତାଶୂନ୍ୟ ।

ନିଶ୍ଚେଷ୍ଟ-ବିଂ. (ନିର୍-ଚେଷ୍ଟା) ଚେଷ୍ଟାରହିତ;
ଅଳସ ।

ନିଶ୍ୱସିତ-ବି. (ନି-ଶ୍ୱସ୍-ତ) ନିଶ୍ୱାସ ।

ନିଶ୍ୱାସ-ବି. (ନି-ଶ୍ୱସ୍-ଅ) ନାଶାଦ୍ୱାର ଭିତରକୁ
ବାୟୁକୁ ଟାଣିବା ।

ନିଷକ୍ତ-ବିଂ. (ନି-ସନ୍ଜ୍-ତ) ସଂଲଗ୍ନ; ସଂଯୁକ୍ତ ।

ନିଷଙ୍ଗ-ବିଂ. (ନି-ସଞ୍ଜ୍-ଅ) ବାଣାଧାର, ତୂଣୀର ।

ନିଷଣ୍ଣ-ବିଂ. (ନି-ସଦ୍-ତ) ଉପବିଷ୍ଟ; ସ୍ଥିତ ।

ନିଷାଦ-ବି. (ନି-ସଦ୍-ଅ) ଚଣ୍ଡାଳ; ବ୍ୟାଧ ।

ନିଷାଦୀ-ବି. ( ନି-ସଦ୍-ଇନ୍ ) ଗଜାରୋହୀ;
ମାହୁନ୍ତ ।

ନିଷିକ୍ତ-ବିଂ. (ନି-ସିଚ-ତ) ସିକ୍ତ; କ୍ଷରିତ ।

ନିଷିଦ୍ଧ-ବିଂ. (ନି-ସିଧ୍-ତ) ନିବାରିତ ।

ନିଷେକ-ବି. (ନି-ସିଚ୍-ଅ) କ୍ଷରଣ ।

ନିଷେଧ-ବି. (ନି-ସିଧ୍-ଅ) ନିବାରଣ; ମନା ।

ନିଷେଧକ-ବିଂ. ନିବାରକ ।

ନିଷେବିତ-ବିଂ. ( ନି-ସେବ୍-ତ ) ସେବିତ;
ଅନୁସୃତ ।

ନିଷ୍କ-ବି. ସ୍ୱର୍ଣ୍ଣମୁଦ୍ରା; ମୋହର ।

ନିଷ୍କର୍ମ୍ମା-ବି. (ନିର-କର୍ମନ୍) ନିକମା ।

ନିଷ୍କଣ୍ଟକ-ବିଂ. ( ନିର୍-କଣ୍ଟକ ) କଣ୍ଟକରହିତ;
ନିରାପଦ ।

ନିଷ୍କମ୍ପ-ବିଂ. (ନିର୍-କମ୍ପ) ନିଶ୍ଚଳ; ସ୍ଥିର ।

ନିଷ୍କରୁଣ-ବିଂ. (ନିର୍-କରୁଣା) ନିଷ୍ଠୁର ।

ନିଷ୍କର୍ଷ-ବି. (ନିର୍-କୃଷ୍-ଅ) ସାର ।

ନିଷ୍କର୍ଷଣ-ବି. (ନିର୍-କୃଷ୍-ଅନ) ନିଶ୍ଚୟ କରିବା; ଉଦ୍ଧରଣ ।

ନିଷ୍କଳ-ବିଂ. (ନିର୍-କଳା) କଳାଶୂନ୍ୟ; ନିରଂଶ; ବି. ପରଂବ୍ରହ୍ମ । [ନିଃସ୍ପୃହ ।

ନିଷ୍କାମ ବିଂ. (ନିର୍-କାମ) କାମନାରହିତ;

ନିଷ୍କାସନ-ବି. (ନିର୍-କସ୍-ଣିଚ୍-ଅନ)ବହିଷ୍କରଣ;

ନିଷ୍କାସିତ-ବିଂ. (ନିର୍-କସ୍-ଣିଚ୍-ତ) ବହିଷ୍କୃତ, ତାଡ଼ିତ ।

ନିଷ୍କୃତି-ବି. (ନିର୍-କୃ-ତି) ଉଦ୍ଧାର; ପ୍ରତିଶୋଧ ।

ନିଟିଷ୍କୋଷଣ-ବି. (ନିଃ-କୁଷ୍-ଅନ) କୋଷରୁ ନିଃସାରଣ ।

ନିଟିଷ୍କୋଷିତ ବିଂ. କୋଷରୁ ନିଃସାରିତ ।

ନିଷ୍କ୍ରମଣ-ବି. (ନିଃ-କ୍ରମ୍-ଅନ) ବହିର୍ଗମନ ।

ନିଷ୍କ୍ରୟ-ବି. (ନିଃ-କ୍ରୀ-ଅ) ମୂଲ୍ୟ; ପ୍ରତିଶୋଧ; ବିକ୍ରୟ ।

ନିଷ୍କ୍ରାନ୍ତ ବିଂ. (ନିଃ-କ୍ରମ୍-ତ) ବହିର୍ଗତ ।

ନିଷ୍କ୍ରିୟ ବିଂ. (ନିଃ-କ୍ରିୟା) କ୍ରିୟାଶୂନ୍ୟ ।

ନିଷ୍ଠା-ବି. (ନିର୍-ସ୍ଥା) ନିଷ୍ଟିତସ୍ଥିତି, ପ୍ରଗାଢ଼ଶ୍ରଦ୍ଧା ।

ନିଷ୍ଠିତ-ବିଂ. ନିଷ୍ଠାଯୁକ୍ତ ।

ନିଷ୍ଠୀବନ ବି. (ନି-ଷ୍ଠିବ୍-ଅନ) ଲେପ ।

ନିଷ୍ଠୁର-ବିଂ. (ନି-ସ୍ଥା-ଉର) କ୍ରୂର; ନିର୍ଦ୍ଦୟ ।

ନିଷ୍ଣାତ ବିଂ. (ନି-ସ୍ନା-ତ) ପ୍ରବୀଣ ।

ନିଷ୍ପତ୍ତି ବି. (ନିର୍ ପଦ୍-ତି) ଅବଧାରଣ; ମୀମାଂସା । [ସମ୍ପନ୍ନ ।

ନିଷ୍ପନ୍ନ ବିଂ. (ନିର୍-ପଦ୍-ତ) ସିଦ୍ଧ; ସମାପ୍ତ;

ନିଷ୍ପାଦନ-ବି. (ନିର୍-ପାଦ-ଅନ)ନିଷ୍ପନ୍ନକରଣ ।

ନିଷ୍ପାଦିତ-ବିଂ. (ନିର୍-ପାଦ-ତ) ସମ୍ପାଦିତ; ନିର୍ବାହିତ । (ଚିପୁଡ଼ିବା ।

ନିଷ୍ପୀଡ଼ନ-ବି. (ନିର୍-ପୀଡ୍-ଅନ) ନିଗାଡ଼ିବା ।

ନିଷ୍ପେଷଣ-ବି. (ନିର୍-ପିଷ୍-ଅନ) ପେଷଣ; ଚୂର୍ଣ୍ଣନ ।

ନିଷ୍ପ୍ରଭ-ବିଂ. (ନିର୍-ପ୍ରଭା) ପ୍ରଭାଶୂନ୍ୟ; ନିସ୍ତେଜ ।

ନିଷ୍ପ୍ରୟୋଜନ-ବିଂ. (ନିର୍-ପ୍ର-ଯୁଜ୍-ଅନ) ପ୍ରୟୋଜନଶୂନ୍ୟ ।

ନିଷ୍ଫଳ-ବିଂ. (ନିର ଫଳ) ଫଳଶୂନ୍ୟ; ନିରର୍ଥକ ।

ନିଃ-(ଉପସର୍ଗ) ନିଷେଧ, ନିଶ୍ଚୟ, ଅତ୍ୟନ୍ତ; ଅଭାବ ପ୍ରଭୃତି-ବୋଧକ ।

ନିସର୍ଗ-ବି. (ନି-ସୃଜ୍-ଅ) ସୃଷ୍ଟି, ପ୍ରକୃତି ।

ନିସାପ-ବି. ବଉର । [ବିନାଶକାରୀ ।

ନିସୂଦନ-ବି. (ନି-ସୂଦ୍-ଅନ) ବିନାଶନ; ବିଂ.

ନିସୃଷ୍ଟ-ବିଂ. (ନି-ସୃଜ୍-ତ) ପ୍ରେରିତ; ନ୍ୟସ୍ତ ।

ନିସ୍ତବ୍ଧ ବିଂ. (ନି-ସ୍ତନ୍ଭ୍-ତ) ସ୍ତମ୍ଭିତ, ବିସ୍ମୟରେ ଜଡ଼ୀଭୂତ । [ପାରିବା ।

ନିସ୍ତରିବା-କ୍ରି. (ନିର୍-ତୃ-ଧାତୁରୁ) ଉଦ୍ଧାର

ନିସ୍ତଳ-ବିଂ. (ନିଃ-ତଲ୍ ଅ) ବର୍ତ୍ତୁଳ ।

ନିସ୍ତାର-ବି. (ନିର-ତୃ-ଅ) ଉଦ୍ଧାର ।

ନିସ୍ତାରଣ-ବି. (ନିର୍-ତୃ ଣିଚ୍-ଅନ) ଉଦ୍ଧାର, ମୁକ୍ତି ।

ନିସ୍ତେଜ ବିଂ. (ନିର୍-ତିଜ୍-ଅ) ତେଜୋହୀନ ।

ନିସ୍ପନ୍ଦ-ବିଂ. (ନି-ସ୍ପନ୍ଦ୍-ଅ) ସ୍ପନ୍ଦନରହିତ; ସ୍ଥିର ।

ନିସ୍ପୃହ-ବିଂ. (ନି-ସ୍ପୃହା) ଆକାଙ୍କ୍ଷାରହିତ;

ନିସ୍ୟନ୍ଦ-ବି. (ନି-ସ୍ୟନ୍ଦ୍-ଅ) କ୍ଷରଣ ।

ନିସ୍ୟନ୍ଦିତ-ବିଂ. କ୍ଷରିତ ।

ନିସ୍ରବ-ବି. (ନି-ସ୍ରୁ-ଅ) କ୍ଷରଣ; କ୍ଷରିତରସ ।

ନିଃସ୍ୱ ବିଂ. (ନିର୍-ସ୍ୱ) ନିର୍ଦ୍ଧନ ।

ନିସ୍ୱନ-ବି. (ନି-ସ୍ୱନ୍-ଅ) ଧ୍ୱନି; ଶବ୍ଦ ।

ନିହତ-ବିଂ. (ନି-ହନ୍-ତ) ହତ; ବିନାଶିତ ।

ନିହାଣ ବି. ବଢେଇ ବା ପଥୁରିଆର ଅସ୍ତ୍ର-ବିଶେଷ ।

ନିହାତି-ବିଂ. ନିତାନ୍ତ (ମନ୍ଦଅର୍ଥରେ) ।

ନିହିତ-ବିଂ. (ନି-ଧା-ତ) ସ୍ଥାପିତ; ଅର୍ପିତ ।

ନିହ୍ନବ } ବି. (ନି-ହ୍ନୁ-ଅ, ତ) ଅପହ୍ନବ; ପ୍ରତା-
ନିହ୍ନୁତ } ରଣା ।

ନୀଚ-ବିଂ. ନିମ୍ନ; ନିକୃଷ୍ଟ ।

ନୀଚତା-ବି. ଅଧମତା; ଅପକୃଷ୍ଟତା ।

ନୀଚାଶୟ-ବିଂ. (ନୀଚ-ଆଶୟ) ନୀଚମନା ।

ନୀଚୈଃ-ଅଂ. ନୀଚ ।

ନୀଡ଼-ବି. (ନି-ଇଡ୍-ଅ) ପକ୍ଷୀର ବସା; କୁଲାୟ ।

ନୀତ-ବିଂ. (ନୀ-ତ) ସ୍ଥାପିତ ।

ନୀତି ବି. (ନୀ-ତି) ଉଚିତାନୁଚିତ ବିଷୟ; ସୁପଥ; ନ୍ୟାୟ୍ୟାନୁଯାୟୀ-କର୍ମ ।

ନୀତିଜ୍ଞ ବିଂ. (ନୀତି-ଜ୍ଞା-ଅ) ନୀତିଶାସ୍ତ୍ରବିତ୍ ।

ନୀପ ବି. (ନୀ-ପ) କଦମ୍ବଗଛ ।

ନୀବାର-ବି. ତୃଣଧାନ୍ୟ; ବାଳୁଙ୍ଗାଧାନ ।

ନୀବି-ବି. (ନୀବ୍-ଇ) ସ୍ତ୍ରୀମାନଙ୍କର କଟୀବନ୍ଧନ ବସ୍ତ୍ର ।

ନୀୟମାନ-ବିଂ. (ନୀ-ଅନ) ଗୃହ୍ୟମାଣ ।

ନୀର-ବି. (ନୀ-ର) ଜଳ, ରସ ।

ନୀରକ୍ଷ-ବିଂ. (ନିଃ-ରକ୍ଷା) ଅରକ୍ଷ, ଅନାଥ ।

ନୀରଜ-ବି. (ନୀର-ଜନ୍-ଅ) ଜଳଜ; ପଦ୍ମ ।

ନୀରଦ-ବି. (ନୀର୍-ଦା-ଅ) ମେଘ ।

ନୀରନ୍ଧ୍ର-ବିଂ. (ନିର୍-ରନ୍ଧ୍ର) ଘନ; ନିବିଡ ।

ନୀରବ-ବିଂ. (ନିର୍-ରବ) ଶବ୍ଦଶୂନ୍ୟ; ବାକ୍ୟ-ରହିତ ।

ନୀରସ-ବିଂ. (ନିର୍-ରସ) ରସହୀନ; ଶୁଷ୍କ ।

ନୀରାଜନା-ବି. (ନୀର୍-ଅଜ୍-ଅନ୍-ଆ) ଆରତି ।

ନୀରୋଗ ବିଂ. (ନିର୍-ରୋଗ) ରୋଗଶୂନ୍ୟ; ଦୃଢ଼ ।

ନୀଳ-ବି. ବର୍ଣ୍ଣବିଶେଷ; ବିଂ. ନୀଳବର୍ଣ୍ଣଯୁକ୍ତ ।

ନୀଳ-କଣ୍ଠ-ବି. ଶିବ; ମୟୂର ।

ନୀଳ-କାନ୍ତ-ବି. ଇନ୍ଦ୍ରନୀଳମଣି ।

ନୀଳା-ବି. ନୀଳକାନ୍ତମଣି । [ଷୋତ୍ତମ କ୍ଷେତ୍ର ।

ନୀଳାଚଳ-ବି. (ନୀଳ-ଅଚଳ) ନୀଳଗିରି; ପୁରୁ-

ନୀଳାମ୍ବୁ-ବି. (ନୀଳ-ଅମ୍ବୁ-ଯାହାର) ସମୁଦ୍ର ।

ନୀଳିମା-ବି. (ନୀଳ-ଇମନ୍) ନୀଳତ୍ୱ; ନୀଳବର୍ଣ୍ଣ ।

ନୀଳୋତ୍ପଳ-ବି. (ନୀଳ-ଉତ୍ପଳ) ନୀଳକଇଁ; ଇନ୍ଦୀବର ।

ନୀଶାର-ବି. ହିମନିବାରକ ଆବରଣ ବସ୍ତ୍ର ।

ନୀହାର-ବି. ହିମ ।

ନୀହାରିକା-ବି. ଚକ୍ଷୁର ଅଗୋଚର ନକ୍ଷତ୍ରବୃନ୍ଦ ।

ନୁଆଁଇବା-କ୍ରି. (ନମ୍ରଧାତୁଜ) ନତ କରିବା ।

ନୁଲକ୍ଷଣୀ-ବିଂ. (ନିଃ-ଲକ୍ଷଣ) ସୁଲକ୍ଷଣହୀନ; ଲକ୍ଷ୍ମୀଛଡ଼ା ।

ନୁଖୁରା-ବିଂ. ମାଂସଳ; ଅତିକ୍ଷୁଣ ।

ନୁଣ୍ଡା-ବି. ଜଳନ୍ତା ତୃଣପିଣ୍ଡ ।

ନୁତି-ବି. (ନୁ-ତି) ସ୍ତୁତି; ପ୍ରଣାମ ।

ନୂଆ-ବିଂ. (ନୂତନଶବ୍ଦଜ) ନୂତନ ।

ନୂତନ-ବିଂ. (ନୂ-ତନ) ନବୀନ; ନୂଆ ।

ନୂପୁର-ବି. (ନୂ-ପୁ-ଅ) ପଦଭୂଷଣ; ନେପୁର ।

ନୃ-ବି. (ନୀ-ଋ) ନର; ପୁରୁଷ । [ଜାତି ।

ନୃତ୍ୟ-ବି. (ନୃତ୍-ଯ) ସବିଳାସ ଅଙ୍ଗବିକ୍ଷେପ;

ନୃପ, ନୃପତି } ବି. (ନୃ-ପା-ଅ; ନୃ-ପତି) ରାଜା; ନରପତି ।

ନୃଶଂସ-ବିଂ. (ନୃ-ଶନ୍ସ୍-ଅ) ମନୁଷ୍ୟ ପ୍ରତି ହିଂସ୍ରକ; କ୍ରୂର । [ବିଶେଷ ।

ନୃସିଂହ-ବି. (ନୃ-ସିଂହ) ବିଷ୍ଣୁଙ୍କର ଅବତାର-

ନେଉଟିଆ-ବି. ଶାକବିଶେଷ ।

ନେଉଟିବା-କ୍ରି. (ନି-ବୃତ୍ଧାତୁରୁ) ଫେରିବା ।

ନେଉଳ-ବି. (ନକୁଳଶବ୍ଦଜ) ଜନ୍ତୁବିଶେଷ ;

ନେଗଡ଼ା-ବିଂ. ଠେଟା । [ସର୍ପ ଶତ୍ରୁ ।

ନେଡ଼ି-ବି. କରତଳ ।

ନେତ-ବି. (ନେତ୍ରଶବ୍ଦଜ) ବସ୍ତ୍ରବିଶେଷ; ପତାକା ।

ନେତା-ବି. (ନୀ-ତୃ) ନାୟକ; ଦଳପତି; ପ୍ରଭୁ ।

ନେତୃତ୍ୱ-ବି. (ନୀ-ତୃ-ତ୍ୱ) ଅଧ୍ୟକ୍ଷତା ।

ନେଞ୍ଜର୍ଲି-ବି. ପଳିଅ; ଅଖିର ମଇଳା ।

ନେତ୍ର-ବି. (ନୀ-ତ୍ର) ଚକ୍ଷୁ; ବସ୍ତ୍ରବିଶେଷ ।

ନେତ୍ରାମ୍ବୁ-ବି. (ନେତ୍ର-ଅମ୍ବୁ) ଅଶ୍ରୁ ।

ନେଦିଷ୍ଠ ବିଂ. (ଅନ୍ତିକ-ଇଷ୍ଠ) ଅତିନିକଟ ।

ନେପଥ୍ୟ-ବି. ସଜ୍ଜାଗୃହ; ବେଶ; ଅଳଙ୍କାର ।

ନେପୁର-ବି. (ନୂପୁରଶବ୍ଦଜ) ପାଦଭୂଷଣ-

ନେଫଡ଼ା-ବି. ଫଳବିଶେଷ । [ବିଶେଷ ।

ନେମି-ବି. (ନୀ-ମି) ଚକ୍ରର ପ୍ରାନ୍ତ; ଚକ୍ରଧାର ।

ନେଳୀ-ବି. (ନୀଳଶବ୍ଦଜ) ନୀଳବର୍ଣ୍ଣ ।

ନେବା-କ୍ରି.ବି. (ନୀଧାତୁଜ) ଘେନିବାର ।

ନେସିବା-କ୍ରି. ଲେପିବା ।

ନୈକଟ୍ୟ-ବି. (ନିକଟ-ଯ) ସାମୀପ୍ୟ; ନିକଟତ୍ୱ ।

ନୈପୁଣ୍ୟ-ବି. (ନିପୁଣ-ଯ) ଦକ୍ଷତା; ନିପୁଣତା ।

ନୈମିତ୍ତିକ-ବିଂ. (ନିମିତ୍ତ-ଇକ) ପ୍ରୟୋଜନାର୍ଥକ ।

ନୈମିଷ-ବି. ନୈମିଷ ଅରଣ୍ୟ ନାମକ ପୁଣ୍ୟତୀର୍ଥ ।

ନୈୟାୟିକ-ବିଂ. (ନ୍ୟାୟ-ଇକ) ନ୍ୟାୟଶାସ୍ତ୍ରଜ୍ଞ; ତାର୍କିକ ।

ନୈରାଶ୍ୟ-ବି. (ନିରାଶ-ଯ) ଆଶାଶୂନ୍ୟତା ।

ନୈର୍ଋତ-ବି. (ନିର୍ଋତି-ଅ) ଦକ୍ଷିଣ-ପଶ୍ଚିମ କୋଣ, ରାକ୍ଷସ । [ନିବେଦନୀୟ ଦ୍ରବ୍ୟ ।

ନୈବେଦ୍ୟ-ବି. (ନିବେଦ-ଯ) ଦେବୋଦ୍ଦେଶ

ନୈଶ-ବିଂ. (ନିଶା-ଅ) ରାତ୍ରିକାଳୀନ; ରାତ୍ରି-ସମ୍ବନ୍ଧୀୟ ।

ନୈଷ୍ଠିକ-ବିଂ. (ନିଷ୍ଠା-ଇକ) ନିଷ୍ଠାପର ।

ନୈଷ୍ଠୁର୍ଯ୍ୟ-ବି. (ନିଷ୍ଠୁର-ଯ) ନିଷ୍ଠୁରତା ।

ନୈସର୍ଗିକ-ବିଂ. (ନିସର୍ଗ-ଇକ) ସ୍ୱାଭାବିକ; ପ୍ରାକୃତିକ ।

ନୋ-ଅ°. ନା; ନାହିଁ; ନିଷେଧ ।

ନୋଠା-ବି. ପିତ୍ତଳ ଥାଳ ।

ନୋଦନ-ବି. (ନୁଦ୍-ଅନ) ପ୍ରେରଣ; ନିବାରଣ ।

ନୋଳି-ବି. କର୍ଣ୍ଣାଭରଣବିଶେଷ ।

ନୋହିଲେ-ଅ°. ନଚେତ୍ ।

ନୌ } ବି. (ନୁଦ୍ ଔ; କ-ଆ) ତରଣୀ;
ନୌକା } ଜଳଯାନ ।

ନୌ-ବିଦ୍ୟା-ବି. ନାବିକ-ବିଦ୍ୟା ।

ନ୍ୟକ୍କାର-ବି. (ନ୍ୟକ୍-କାର) ଘୃଣା ।

ନ୍ୟଗ୍ରୋଧ-ବି. (ନ୍ୟକ୍-ରୋଧ) ବଟବୃକ୍ଷ ।

ନ୍ୟସ୍ତ-ବି°. (ନି-ଅସ୍-ତ) ନିକ୍ଷିପ୍ତ; ତ୍ୟକ୍ତ; ଅର୍ପିତ । [ଶାସ୍ତ୍ର ।

ନ୍ୟାୟ-ବି. (ନି-ଇ-ଅ) ଯାଥାର୍ଥ୍ୟ; ଯୁକ୍ତି; ତର୍କ-

ନ୍ୟାୟ-ପର-ବି°. ନ୍ୟାୟବାନ୍ ।

ନ୍ୟାଯ୍ୟ-ବି°. (ନ୍ୟାୟ-ଯ) ଯଥାର୍ଥ; ଉଚିତ ।

ନ୍ୟାୟୀ-ବି°. (ନ୍ୟାୟ-ଇନ୍) ନ୍ୟାୟବାନ୍; ନ୍ୟାୟ-ପରାୟଣ ।

ନ୍ୟାସ-ବି. (ନି-ଅସ୍-ଅ) ନିକ୍ଷେପ; ଅର୍ପଣ । ତ୍ୟାଗ; ଗଚ୍ଛିତ ବସ୍ତୁ; ନାସିକାକୁ ଧରି ନିଶ୍ୱାସର ଗ୍ରହଣ ଓ ତ୍ୟାଗ ସହିତ ମନ୍ତ୍ର-ପ୍ରୟୋଗ ।

ନ୍ୟୁବ୍ଜ-ବି°. (ନି-ଉବ୍ଜ) ବକ୍ର; ବୃହଶଣ୍ଡ ବା ଧନୁର ଉତରଅଡ଼; ଉଦରକାର ।

ନ୍ୟୁନ-ବି°. (ନି-ଊନ) ଅଳ୍ପ; ଊଣା ।

ନ୍ୟୁନତା-ବି. (ନ୍ୟୁନ-ତା) ଅଳ୍ପତା; କ୍ଷୁଦ୍ରତା ।

# ପ

ବ୍ୟଞ୍ଜନ ବର୍ଣ୍ଣର ଏକବିଂଶ ବର୍ଣ୍ଣ ।

ପ-(ପା-ଅ) ପାନକାରୀ; ପାଳନକର୍ତ୍ତା; ରକ୍ଷା (ଶବ୍ଦାନ୍ତେ ପ୍ରଯୁକ୍ତ) ।

ପଁଅରି-ବି. ଛଞ୍ଚୁଣୀ ।

ପଇ-ବି. କ୍ଷୁଦ୍ର ଜାଲୀ ।

ପଇଞ୍ଚି-ବି. ହସ୍ତାଭରଣ ବିଶେଷ ।

ପଇଠାଇବା-କ୍ରି. ମନରେ ପ୍ରବିଷ୍ଟ କରାଇବା; ଅଭ୍ୟାସ କରିବା ।

ପଇଠ-ବି. (ପ୍ରବିଷ୍ଟ-ଶବ୍ଦଜ) ପ୍ରବିଷ୍ଟ କରାଇବା; କିସ୍ତିବନ୍ଦୀ ଅନୁସାରେ ଦେବା ।

ପଇଡ଼-ବି. (ପ୍ରୟୋଦଶବ୍ଦଜ) କଞ୍ଚି ନଡ଼ିଆ ।

ପଇତା-ବି. (ପବିତ୍ରଶବ୍ଦଜ) ଯଜ୍ଞୋପବୀତ ।

ପଇତି-ବି. ରକ୍ଷାତାଲି ।

ପଇଁତିରିଶି-ବି°. ସଂଖ୍ୟାବିଶେଷ; ୩୫ ।

ପଇସା-ବି. ତାମ୍ରମୁଦ୍ରା ।

ପକାଇବା-କ୍ରି. ନିକ୍ଷେପ କରିବା । [ଗଡ଼ା ।

ପକ୍କା-ବି°. (ପକ୍ୱଶବ୍ଦଜ) ଦୃଢ଼; ପଥର ବା ଇଟାରେ

ପକ୍ତା-ବି. (ପଚ୍-ତୃ) ଯେ ପାକ କରେ; ପାଚକ ।

ପକ୍ୱ-ବି°. (ପଚ୍-ତ) ପରିଣତ; ପାଚିଲା ।

ପକ୍ଷ-ବି. (ପକ୍ଷ୍-ଅ) ପକ୍ଷୀର ଡେଣା; ବାଣର ପୁଙ୍ଖ; ପଞ୍ଚଦଶ ଦିନ ପରିମିତ କାଳ; ପ୍ରତିପଦଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁକ୍ଳପକ୍ଷ; ପ୍ରତିପଦ୍-ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣପକ୍ଷ ।

ପକ୍ଷ-ଦ୍ୱାର-ବି. ପାର୍ଶ୍ୱଦ୍ୱାର; ଖିଡ଼କୀଦ୍ୱାର ।

ପକ୍ଷପାତ-ବି. (ପକ୍ଷ-ପାତ) ଏକପକ୍ଷ ପ୍ରତି ଅନୁରାଗ ।

ପକ୍ଷପାତିତା-ବି. ( ପକ୍ଷପାତିନ୍-ତା ) ଏକପକ୍ଷ ପ୍ରତି ଅନୁଗ୍ରହ । [ ଅନୁଗ୍ରହକାରୀ ।

ପକ୍ଷପାତୀ ବି. ( ପକ୍ଷ-ପତ୍-ଇନ୍ ) ଏକପକ୍ଷ ପ୍ରତି

ପକ୍ଷାଘାତ-ବି. (ପକ୍ଷ-ଆଘାତ) ରୋଗବିଶେଷ ।

ପକ୍ଷାନ୍ତର-ବି. (ପକ୍ଷ-ଅନ୍ତର) ଅନ୍ୟପକ୍ଷ ।

ପକ୍ଷିଣୀ-ବି. (ପକ୍ଷ-ଇନ୍-ଈ) ବିହଗୀ; ସ୍ତ୍ରୀପକ୍ଷୀ ।

ପକ୍ଷିରାଜ ବି. (ପକ୍ଷିନ୍-ରାଜନ୍) ଗରୁଡ଼ ।

ପକ୍ଷୀ-ବି. (ପକ୍ଷ-ଇନ୍) ଚଢ଼େଇ; ବିହଙ୍ଗ ।

ପକ୍ଷୀନ୍ଦ୍ର-ବି. (ପକ୍ଷିନ୍-ଇନ୍ଦ୍ର) ଗରୁଡ଼; ଖଗେଶ୍ୱର ।

ପକ୍ଷ୍ମ-ବି. ନେତ୍ରଲୋମ ।

ପଖା-ବି. (ପକ୍ଷଶବ୍ଦଜ) ଡେଣା; ଚୁଲ୍ଲୀର ହିଙ୍କା ।

ପଖାଳ ବି. (ପ୍ର-କ୍ଷାଲ୍ଧାତୁରୁ) ଜଳରେ ପ୍ରକ୍ଷାଳିତ ଭାତ ।

ପଖାଳିବା-କ୍ରି. (କ୍ଷାଲ୍ଧାତୁରୁ) ଧୋଇବା ।

ପଖିଆ-ବି. ତାଳପତ୍ରର ଆଚ୍ଛାଦନୀବିଶେଷ ।

ପଖୁଆଜ-ବି. ବାଦ୍ୟଯନ୍ତ୍ର-ବିଶେଷ ।

ପଗଡ଼ି-ବି. ଉଷ୍ଣୀଷ ।

ପଗାର-ବି. ପୋସ୍ତାସହିତ ବାଡ଼ାବନ୍ଦ ।

ପଘା-ବି. ଗୋରୁ ଓ ବାଛୁରି ବାନ୍ଧିବାର ଦଉଡ଼ି ।

ପଙ୍କ-ବି. (ପଚ୍-ଅ) କର୍ଦ୍ଦମ; ପାପ । [ଜାତ ।

ପଙ୍କଜ-ବି. (ପଙ୍କ-ଜନ୍-ଅ) ପଦ୍ମ; ବିଂ. ପଙ୍କରୁ

ପଙ୍କଜିନୀ-ବି. (ପଙ୍କଜ-ଇନ୍-ଈ) ପଦ୍ମିନୀ; ପଦ୍ମପୁଷ୍କରିଣୀ ।

ପଙ୍କିଳ-ବିଂ. (ପଙ୍କ-ଇଲ) ପଙ୍କଯୁକ୍ତ; କର୍ଦ୍ଦମଯୁକ୍ତ ।

ପଂକ୍ତି-ବି. ( ପଚ୍-ତି ) ଶ୍ରେଣୀ, ପନ୍ତି; ଧାଡ଼ି ।

ପଙ୍ଗତ-ବି. (ପଂକ୍ତିଶବ୍ଦଜ) ଏକ ପଂକ୍ତିରେ ବସି ଆହାର ।

ପଙ୍ଗୁ-ବିଂ. ବିକଳପାଦ, ଛୋଟା ।

ପଚନ-ବି. (ପଚ୍-ଅନ) ପାକ; ରନ୍ଧନ ।

ପଚା-ବିଂ. (ପଚ୍ଧାତୁରୁ) ସଢ଼ା ।

ପଚାରିବା-କ୍ରି. ପୁଚ୍ଛିବା, ପ୍ରଶ୍ନ କରିବା ।

ପଚିଶ-ବିଂ. ପଞ୍ଚବିଂଶତି; ୨୫ ।

ପଚେଳିମ-ବିଂ. (ପଚ୍-କେଲିମ) ସ୍ୱୟଂ ପକ୍ୱ ।

ପଛ-ବି. (ପଶ୍ଚାତ୍ଶବ୍ଦଜ) ପୃଷ୍ଠଦେଶ ।

ପଛାଇବା-କ୍ରି. ଦାଉକରିବା ।

ପଞ୍ଝା ବି. (ପ୍ରା) ରୋମନ୍ଥ; ପାକୁଳି କରିବା; ଚର୍ବିତ ଚର୍ବଣ ।

ପଞ୍ଚ-ବିଂ. (ପଚ୍-ଅ) ପାଞ୍ଚ; ୫ ।

ପଞ୍ଚକ-ବି. ( ପଞ୍ଚନ୍-କ ) ପଞ୍ଚର ସମୂହ; କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ।

ପଞ୍ଚକୋଷ-ବି. ବେଦାନ୍ତ ମତରେ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ, ଏଗୁର ଏହି ପଞ୍ଚକୋଷ ।

ପଞ୍ଚଗବ୍ୟ-ବି. ଦଧି, ଦୁଗ୍ଧ, ଘୃତ, ଗୋମୟ ଏବଂ ଗୋମୂତ୍ର ଏହି ପାଞ୍ଚ ।

ପଞ୍ଚ-ତତ୍ତ୍ୱ-ବି. ସାଂଖ୍ୟମତରେ କ୍ଷିତି, ତେଜ, ଜଳ, ବାୟୁ ଓ ଆକାଶ ଏହି ପଞ୍ଚତତ୍ତ୍ୱ ।

ପଞ୍ଚ-ତନ୍ମାତ୍ର-ବି. ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଏହି ପାଞ୍ଚ ।

ପଞ୍ଚତା
ପଞ୍ଚତ୍ୱ
ବି. ( ପଞ୍ଚନ୍-ତା, ତ୍ୱ ) ଶରୀରର ପଞ୍ଚତତ୍ତ୍ୱର ପୃଥକ୍ଭାବେ ପଞ୍ଚଭୂତ ସଙ୍ଗେ ମିଳନ; ମରଣ ।

ପଞ୍ଚଦଶ-ବି. (ପଞ୍ଚନ୍-ଦଶନ୍-ଅ) ପନ୍ଦର ସଂଖ୍ୟାର ପୂରକ । [ପୂର୍ଣ୍ଣିମା ।

ପଞ୍ଚଦଶୀ-ବି. (ପଞ୍ଚଦଶ-ଈ) ଅମାବାସ୍ୟା ;

ପଞ୍ଚଧା-କ୍ରି. ବି. (ପଞ୍ଚନ୍-ଧା) ପାଞ୍ଚପ୍ରକାର ।

ପଞ୍ଚନଦ-ବି. (ପଞ୍ଚନ୍-ନଦୀ) ଶତଦ୍ରୁ, ବିପାଶା, ଇରାବତୀ, ଚନ୍ଦ୍ରଭାଗା ଓ ବିତସ୍ତା ଏହି ପଞ୍ଚନଦୀ-ଯୁକ୍ତ ଦେଶ; ପଞ୍ଜାବ ।

ପଞ୍ଚନିମ୍ବ-ବି. (ପଞ୍ଚନ୍-ନିମ୍ବ) ନିମ୍ବବୃକ୍ଷର ପତ୍ର, ତ୍ୱକ୍, ପୁଷ୍ପ, ଫଳ ଓ ମୂଳ ।

ପଞ୍ଚପ୍ରାଣ-ବି. ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ, ଶରୀରସ୍ଥ ଏହି ପଞ୍ଚବାୟୁ ।

ପଞ୍ଚଭୂତ-ବି. (ପଞ୍ଚନ୍-ଭୂତ) କ୍ଷିତି, ଜଳ, ତେଜଃ, ମରୁତ୍ ଓ ବ୍ୟୋମ ଏହି ପଞ୍ଚ ମହାଭୂତ ।

ପଞ୍ଚମ-ବିଂ. (ପଞ୍ଚନ୍-ମ) ପାଞ୍ଚର ପୂରଣ; ବି. ସ୍ୱର-ବିଶେଷ; କୋକିଳର ରବ ।

ପଞ୍ଚମହାଯଜ୍ଞ-ବି. ମନୁସଂହିତା ମତରେ ଦେବ-ଯଜ୍ଞ, ଭୂତଯଜ୍ଞ, ପିତୃଯଜ୍ଞ, ବ୍ରହ୍ମଯଜ୍ଞ ଓ ନୃଯଜ୍ଞ ଗୃହସ୍ଥର ଏହି ପଞ୍ଚଯଜ୍ଞ ବା ନିତ୍ୟ କର୍ତ୍ତବ୍ୟ କର୍ମ ।

ପଞ୍ଚମୀ-ବି. (ପଞ୍ଚମ-ଈ) ତିଥିବିଶେଷ ।

ପଞ୍ଚମୁଖ-ବି. (ପଞ୍ଚନ୍ ମୁଖ) ଶିବ; ସିଂହ ।

ପଞ୍ଚଯଜ୍ଞ-ବି. (ପଞ୍ଚନ୍-ଯଜ୍ଞ) ବ୍ରହ୍ମଯଜ୍ଞ, ନୃଯଜ୍ଞ, ଦୈବଯଜ୍ଞ, ପିତୃଯଜ୍ଞ, ଭୂତଯଜ୍ଞ ।

ପଞ୍ଚରତ୍ନ-ବି. (ପଞ୍ଚନ୍-ରତ୍ନ) କନକ, ହୀରକ, ମୁକ୍ତା, ନୀଳକାନ୍ତ ଓ ପଦ୍ମରାଗ ଏହି ପାଞ୍ଚ ।

ପଞ୍ଚଲୌହ-ବି. ( ପଞ୍ଚନ୍-ଲୌହ ) ସୁବର୍ଣ୍ଣ, ରଜତ, ତାମ୍ର, ରଙ୍ଗ ଓ ସୀସକ ଏହି ପଞ୍ଚ-ଧାତୁ ।

ପଞ୍ଚବଟୀ-ବି. ଦଣ୍ଡକାରଣ୍ୟସ୍ଥ ବନବିଶେଷ ।

ପଞ୍ଚବାଣ } ବି. (ପଞ୍ଚନ୍-ବାଣ, ଶର) କନ୍ଦର୍ପର ପଞ୍ଚବାଣ ଯଥା, ଅଶୋକ, ଅର-
ପଞ୍ଚଶର } ବିନ୍ଦ, ଚୂତ, ନବମାଳିକା, ନୀଳୋତ୍ପଳ ।

ପଞ୍ଚାଙ୍ଗ-ବି. (ପଞ୍ଚନ-ଅଙ୍ଗ) ତିଥି, ବାର, ନକ୍ଷତ୍ର, ଯୋଗ ଓ କରଣ, ଜ୍ୟୋତିଷିକମାଳର ଏହି ପାଞ୍ଚଅଙ୍ଗ; ପଞ୍ଜିକା ।

ପଞ୍ଚାନନ-ବି. (ପଞ୍ଚନ୍-ଆନନ) ଶିବ; ସିଂହ ।

ପଞ୍ଚାମୃତ-ବି. (ପଞ୍ଚନ୍-ଅମୃତ) ଦଧି, ଦୁଗ୍ଧ, ଘୃତ, ମଧୁ ଓ ଶର୍କରା ଏହି ପାଞ୍ଚ । [ବିଶେଷ ।

ପଞ୍ଚାୟତ-ବି. କୌଣସି ବିଷୟ ନିଷ୍ପତ୍ତି କରିବା-ପାଇଁ ପାଞ୍ଚଜଣଙ୍କର ସଭା । [ବିଶେଷ ।

ପଞ୍ଚାଳ-ବି. ପ୍ରାଚୀନ ଭାରତବର୍ଷର ପ୍ରଦେଶ-

ପଞ୍ଚାଶତ୍-ବିଂ. ପଚାଶ ସଂଖ୍ୟା, ୫୦ ।

ପଞ୍ଚାଶୀତି-ବିଂ. (ପଞ୍ଚ-ଅଶୀତି) ୮୫ ସଂଖ୍ୟା ।

ପଞ୍ଚେନ୍ଦ୍ରିୟ-ବି. ( ପଞ୍ଚନ୍-ଇନ୍ଦ୍ରିୟ ) ଚକ୍ଷୁ, କର୍ଣ୍ଣ, ନାସିକା, ତ୍ୱକ୍ ଓ ଜିହ୍ୱା ଏହି ପାଞ୍ଚ ଇନ୍ଦ୍ରିୟ ।

ପଞ୍ଚେଷୁ-ବି. ( ପଞ୍ଚନ୍-ଇଷୁ ) ପଞ୍ଚଶର; କନ୍ଦର୍ପ ।

ପଞ୍ଜର-ବି. (ପଦ୍ଜ୍-ଅର) ପିଞ୍ଜର; କଙ୍କାଳ ।

ପଞ୍ଜିକା } ବି. ପାଞ୍ଜି; ତିଥିନକ୍ଷତ୍ରାଦି କାଳଜ୍ଞାପକ
ପଞ୍ଜୀ } ଗ୍ରନ୍ଥ ।

ପଞ୍ଜୀକର-ବି. ଯେ ପାଞ୍ଜି ପ୍ରସ୍ତୁତ କରେ ।

ପଞ୍ଜୁରି-ବି. (ପଞ୍ଜରଶବ୍ଦଜ) ପଞ୍ଜର ।

ପଞ୍ଝା-ବି. ଦଳ ; ସମୂହ ।

ପଟ-ବି. (ପଟ୍-ଅ) ବସ୍ତ୍ର ; ଚିତ୍ରପଟ; ଯବନିକା ।

ପଟ-ବି. ଯୋଡାକ ମଧ୍ୟରୁ ଏକ ଗୋଟା ।

ପଟକା-ବି. ବାରୁଦ-ପୂରିତ ଜାଲପତ୍ର-ବନ୍ଧ ।
ପଟଣା-ବି. (ପତ୍ତନଶବ୍ଦଜ) ଗ୍ରାମପୁଞ୍ଜ ।
ପଟ-ମଣ୍ଡପ-ବି. ତମ୍ବୁ ।
ପଟଳ-ବି. ( ପଟ୍-ଅଳ ) ଚାଳ; ସମୂହ; ଚକ୍ଷୁ-ରୋଗବିଶେଷ ।
ପଟହ-ବି. (ପଟ-ହା-ଅ) ନାଗରା; ରଣଢକ୍କା ।
ପଟା-ବି. ତକ୍ତା ।
ପଟାନ୍ତର-ବି. (ପଟ-ଅନ୍ତର) ତୁଳନା; ଉପମା ।
ପଟିକା, ପଟୀ } ବି. ବସ୍ତ୍ରବିଶେଷ; ପଲ୍ଲୀ; ଖଜୁରିପତ୍ରର ଚଟାଇ; କ୍ଷେତବିଭାଜନ କନା ।
ପଟିମା-ବି. (ପଟୁ-ଇମନ୍) ପଟୁତା; ଦକ୍ଷତା ।
ପଟୁ-ବିଂ. ନିପୁଣ; ଚତୁର ।
ପଟୁଆରି-ବି. ଜମି ମାପିବାର କର୍ମଚାରୀ ।
ପଟୋଳ-ବି. ଲତାବିଶେଷ ଓ ତାହାର ଫଳ ।
ପଟ୍ଟ-ବି. ( ପଟ୍-ତ ) ରାଜାସନ; ଫଳକ; ପଟ; ପାଟଲୁଗା; ବିଂ. ପ୍ରଧାନ ।
ପଟ୍ଟ-ଗୃହ-ବି. ତମ୍ବୁ; ବସ୍ତ୍ରନିର୍ମିତ ଗୃହ ।
ପଟ୍ଟଦେବୀ, ପଟ୍ଟମହିଷୀ } ବି. ପାଟ-ରାଣୀ ; ରାଜାର ପ୍ରଧାନ ମହିଷୀ ।
ପଟ୍ଟା-ବି. ଜମି ଭୋଗ କରିବାର ଅନୁମତି-ପତ୍ର ।
ପଟ୍ଟିଶ-ବି. ଯୁଦ୍ଧର ଅସ୍ତ୍ରବିଶେଷ ।
ପଠନ-ବି. (ପଠ୍-ଅନ) ପାଠ; ଅଧ୍ୟୟନ ।
ପଠନୀୟ-ବିଂ. (ପଠ୍-ଅନୀୟ) ପାଠଯୋଗ୍ୟ ।
ପଠା-ବି. ପୃଷ୍ଠବ୍ରଣ; ନଦୀମଧ୍ୟସ୍ଥ ଗୋଚରସ୍ଥାନ ।
ପଠାଇବା-କ୍ରି. ପ୍ରେରଣ କରିବା ।

ପଠାଣ-ବି. ମୁସଲ୍‌ମାନ୍‌ମାନଙ୍କର ଏକବର୍ଗ ।
ପଠିତ-ବିଂ. (ପଠ୍-ତ) ଅଧୀତ; ଉଚ୍ଚାରିତ ।
ପଠ୍ୟମାନ-ବିଂ. (ପଠ୍-ଯ-ଆନ) ଯାହା ପଢା-ଯାଉଅଛି ।
ପଡ଼ା-ବି. ସାହି; ଗ୍ରାମ ବା ନଗରର ଅଂଶ ।
ପଡ଼ି-ବି. କୌଣସି ଲୋକର ଭରଣପୋଷଣାର୍ଥ ଦତ୍ତ ନିର୍ଦ୍ଦିଷ୍ଟ ସାହାଯ୍ୟ । [ଭୂମି ।
ପଡ଼ିଆ-ବି. (ପତିତଶବ୍ଦଜ) ଅକୃଷ୍ଟ ଭୂମି; ପଦା-
ପଡ଼ିବା-କ୍ରି. (ପତ୍ଧାତୁରୁ) ପତିତ ହେବା ।
ପଡ଼ିହାରୀ-ବିଂ. ( ପ୍ରତିହାରୀଶବ୍ଦଜ ) ଦ୍ୱାରପାଳ; ଦେବପୂଜକ ବିଶେଷ ।
ପଡ଼ୋଶୀ-ବି. (ପ୍ରତିବାସୀଶବ୍ଦଜ) ପ୍ରତିବାସୀ ।
ପଢ଼ା-ବିଂ. ପଠିତ ।
ପଢ଼ିବା-କ୍ରି. ( ପଠ୍-ଧାତୁରୁ ) ପାଠ କରିବା; ଅଧ୍ୟୟନ କରିବା ।
ପଢ଼ୁଆ-ବି. ( ପଠ୍ଧାତୁରୁ ) ଛାତ୍ର; ପାଠକ ।
ପଣ-ବି. (ପଣ୍-ଅ) ପ୍ରତିଜ୍ଞା, ବାଜିମାରିବା; ମୂଲ୍ୟ; ୨୦ ଗଣ୍ଡା ପରିମାଣ । [ବ୍ୟବହୃତ ।
ପଣ-ବି. ଭାବ, ଅବସ୍ଥା (ଓଡ଼ିଆ ପ୍ରତ୍ୟୟରୂପେ
ପଣକିଆ-ବି. କାହାଣ ପଣଯୁକ୍ତ ଗୁଣମାଳା ।
ପଣନ୍ତ-ବି. ଶାଢ଼ୀର କାନି ।
ପଣବ-ବି. ବାଦ୍ୟଯନ୍ତ୍ରବିଶେଷ ।
ପଣସ-ବି. ଫଳବିଶେଷ ।
ପଣା-ବି. (ପ୍ରପାନକଶବ୍ଦଜ) ଶର୍କରାମିଶ୍ରିତ ଜଳ ।
ପଣାଙ୍ଗନା-ବି. ( ପଣ-ଅଙ୍ଗନା ) ବେଶ୍ୟା ।
ପଣାସଂକ୍ରାନ୍ତି-ବି. ମହାବିଷୁବ ସଂକ୍ରାନ୍ତି ।

ପଣୀତ-ବିଂ. ( ପଣ୍-ତ) କ୍ରୀତ; କ୍ରୀତ ।

ପଣ୍ଡ-ବି. (ପଣ୍ଡ୍-ଅ) ନପୁଂସକ ; ନିଷ୍ଫଳ ।

ପଣ୍ଡା-ବି. ( ପଣ୍ଡ୍-ଆ ) ତୀକ୍ଷ୍ଣବୁଦ୍ଧି; ଶାସ୍ତ୍ରଜ୍ଞାନ ; ବ୍ରାହ୍ମଣ-ପଦବୀବିଶେଷ ।

ପଣ୍ଡା-ବି. ଅଣ୍ଡିରାମଦ୍ଧଷ ।

ପଣ୍ଡିତ-ବିଂ. ( ପଣ୍ଡା-ଇତ ) ଶାସ୍ତ୍ରଜ୍ଞ; ବିଦ୍ୱାନ ; ନିପୁଣ; ଦକ୍ଷ ; ମେଧାବୀ ।

ପଣ୍ଡିତମ୍ମନ୍ୟ-ବିଂ. ଯେ ପଣ୍ଡିତ ବୋଲି ଅଭିମାନ କରେ ।

ପଣ୍ୟ-ବିଂ. ( ପଣ-ଯ) ବିକ୍ରେୟ ; ବ୍ୟବହାର୍ଯ୍ୟ ।

ପଣ୍ୟ-ବୀଥି-ବି. ବିପଣି; ଶ୍ରେଣୀବଦ୍ଧ ଦୋକାନ ।

ପଣ୍ୟ-ଶାଳା-ବି. ଦୋକାନ ; ହାଟ ।

ପଣ୍ୟସ୍ତ୍ରୀ-ବି. ବେଶ୍ୟା ।

ପତଙ୍ଗ } ବି. (ପତ୍-ଗମ୍-ଅ) ଶଲଭ; ଝିଣ୍ଟିକା;
ପତଙ୍ଗମ } ସୂର୍ଯ୍ୟ; ପକ୍ଷୀ ।

ପତତ୍ର-ବି. (ପତ୍-ତ୍ରୈ-ଅ) ପକ୍ଷୀର ଡେଣା ।

ପତତ୍ରୀ-ବି. ( ପତତ୍ର-ଇନ୍ ) ପକ୍ଷୀ ।

ପତନ-ବି. (ପତ୍-ଅନ) ପଡ଼ିବା; ସ୍ଖଳନ; ପାପ ।

ପତନୀ-ବିଂ. ସବୁ ; ଯଥା, ପତନୀଶାଢୀ ।

ପତରଶଉରୁଣୀ ବି. ପତ୍ରଶାୟୀ ସ୍ତ୍ରୀଜାତି-ବିଶେଷ ।

ପତାକା-ବି. (ପତ୍-ଆକ-ଆ) ବାନା; ଧ୍ୱଜପଟ ।

ପତାକୀ-ବିଂ. ( ପତାକା-ଇନ୍ ) ପତାକାଧାରୀ ; ପତାକ ।

ପତି-ବି. ( ପା-ଅତି ) ଭର୍ତ୍ତା ; ପ୍ରଭୁ ।

ପତି-ବି. ( ପଦଶବ୍ଦରୁ । ପଙ୍କ୍ତିର ଘରର ପଦ ।

ପତିତ-ବିଂ. ( ପତ୍-ତ ) ସ୍ଖଳିତ; ଭ୍ରଷ୍ଟ; ପାପୀ ।

ପତି-ଦେବତା-ବି. ପତି ଦେବତା ଯାହାର ; ସତୀ ।

ପତିତ-ପାବନ-ବି. ପତିତର ତ୍ରାଣକାରୀ ।

ପତି-ପ୍ରାଣା-ବି. ପତିପ୍ରାଣ ଯାହାର ; ସତୀ ।

ପତିମ୍ବରା-ବି. ( ପତି-ବୃ-ଅ ) ସ୍ୱୟଂମ୍ବରା ।

ପତିବ୍ରତା-ବି. ପତି ବ୍ରତ ଯାହାର ; ପତି-ପରାୟଣା ।

ପତ୍ତନ ବି. ( ପତ୍-ତନ ) ପାଟଣା; ନଗର ।

ପତ୍ନୀ-ବି. ( ପତି-ଈ ) ପରିଣୀତା ସ୍ତ୍ରୀ ।

ପତ୍ର-ବି. (ପତ୍-ତ୍ର ) ପତର ; ପକ୍ଷ ; ପୁସ୍ତକାଦିର ପୃଷ୍ଠା; ଚିଠାଉ; ପକ୍ଷ ।

ପତ୍ରିକା } ବି. ( ପତ୍ର-କ-ଆ; ପତ୍ର-ଇନ୍ ) ଲିପି;
ପତ୍ରୀ } ଚିଠି ।

ପତ୍ରୀ-ବି. (ପତ୍ର-ଇନ୍ ) ପକ୍ଷୀ; ବାଣ; ବିଂ. ପତ୍ର-ବିଶିଷ୍ଟ । [ଉପାୟ ।

ପଥ-ବି. ( ପଥ-ଅ ) ରାସ୍ତା ; ମାର୍ଗ ; ବାଟ,

ପଥର-ବି. (ପ୍ରସ୍ତରଶବ୍ଦଜ) ପାଷାଣ ।

ପଥି-ବି. ( ପଥ୍ୟଶବ୍ଦଜ ) ରୋଗୀର ବିହିତ ଆହାର ।

ପଥିକ-ବି. (ପଥିନ୍-କ) ବାଟୋଇ ; ଭ୍ରମଣକାରୀ ।

ପଥୁକୀ-ବି. ପଥିକ ।

ପଥୁରି-ବି. ପଥର-ଡାଟିଆ ।

ପଥୁରିଆ-ବି. ପଥରକାମ ଯେ କରେ ।

ପଥ୍ୟ-ବିଂ. (ପଥି-ଯ) ହିତଜନକ; ବି. ରୋଗୀର ଯୋଗ୍ୟ ଆହାର ।

ପଥ୍ୟାଶୀ-ବିଂ. (ପଥ୍ୟ-ଅଶ୍-ଇନ୍) ପଥ୍ୟଭୋଜୀ ।

ପଦ-ବି. ( ପଦ୍-ଅ ) ଚରଣ; ଚରଣଚିହ୍ନ ; କାରକଶବ୍ଦ; ସ୍ଥାନ; ପଦବୀ; ପଦ୍ୟାଂଶ ।

ପଦକ-ବି. (ପଦ-କ) କଣ୍ଠଭୂଷଣ ।

ପଦବୀ-ବି. ( ପଦ୍-ଅବ୍-ଈ ) ପଥ ; ଉପାଧି;

ପଦା-ବି. ପଡିଆ । [ବ୍ୟବସାୟ ।

ପଦାଙ୍କ-ବି. (ପଦ-ଅଙ୍କ) ପଦଚିହ୍ନ ।

ପଦାତି } ବି. (ପଦ-ଅତ୍-ଇ-କ) ପାଦଗାମୀ

ପଦାତିକ } ସୈନ୍ୟ; ପାଇକ ।

ପଦାରବିନ୍ଦ-ବି. (ପଦ-ଅରବିନ୍ଦ) ପାଦପଦ୍ମ ।

ପଦାର୍ଥ-ବି. (ପଦ-ଅର୍ଥ) ପଦର ଅର୍ଥ; ବସ୍ତୁ ।

ପର୍ଦିକା-ବି. ଭୂମିପରିମାପକ ଦଣ୍ଡ ।

ପଦ୍ଧତି-ବି. (ପଦ୍-ହନ୍-ତି) ପଥ; ଶ୍ରେଣୀ; ପ୍ରଣାଳୀ; ପଦବୀ ।

ପଦ୍ମ-ବି. (ପଦ୍-ମ) କମଳ; ସଂଖ୍ୟାବିଶେଷ ।

ପଦ୍ମକ-ବି. ଗଜ ଦେହରେ ରକ୍ତବର୍ଣ୍ଣ ବିନ୍ଦୁ ବିନ୍ଦୁ

ପଦ୍ମନାଭ-ବି. (ପଦ୍ମ-ନାଭି) ବିଷ୍ଣୁ । [ଚିହ୍ନ ।

ପଦ୍ମ-ବନ୍ଧୁ-ବି. ସୂର୍ଯ୍ୟ; ଭ୍ରମର ।

ପଦ୍ମଭୂ } ବି. (ପଦ୍ମ-ଭୂ, ଯୋନି) ବ୍ରହ୍ମା ।

ପଦ୍ମଯୋନି }

ପଦ୍ମ-ରାଗ-ବି. ରକ୍ତବର୍ଣ୍ଣ ମଣିବିଶେଷ ।

ପଦ୍ମା-ବି. (ପଦ୍ମ-ଅ) ଲକ୍ଷ୍ମୀ । [ଶୟ ।

ପଦ୍ମାକର-ବି. (ପଦ୍ମ-ଆକର) ପଦ୍ମଯୁକ୍ତ ଜଳା-

ପଦ୍ମାଳୟା-ବି. (ପଦ୍ମ-ଆଳୟ) ଲକ୍ଷ୍ମୀ ।

ପଦ୍ମାସନ-ବି. ( ପଦ୍ମ-ଆସନ ) ବାମ ପାଦକୁ ଦକ୍ଷିଣ ପାଦୋପରି ଓ ଦକ୍ଷିଣ ପାଦକୁ ବାମ ପାଦୋପରି ନ୍ୟାସପୂର୍ବକ ଉପବେଶନ ।

ପଦ୍ମିନୀ-ବି. (ପଦ୍ମ-ଇନ୍-ଈ) କମଳିନୀ; ପଦ୍ମ-ନାୟିକା; ସୁଲକ୍ଷଣା ସ୍ତ୍ରୀ ।

ପଦ୍ମିନୀ-ବଲ୍ଲଭ-ବି. (ପଦ୍ମିନୀ-ବଲ୍ଲଭ) ସୂର୍ଯ୍ୟ ।

ପଦ୍ୟ-ବି. (ପଦ୍-ଯ) ଛନ୍ଦୋବଦ୍ଧ ପଦ ।

ପଧାନ-ବି. (ପ୍ରଧାନଶବ୍ଦଜ) ଗ୍ରାମର ପ୍ରଧାନବ୍ୟକ୍ତି; ଉପାଧିବିଶେଷ ।

ପନସ-ବି.(ପଣ୍-ଅସ) ପଣସଗଛ; ପଣସଫଳ ।

ପନି-ବି. ଚିତ୍ରକରର ପଦାର୍ଥବିଶେଷ ।

ପନ୍ଥା-ବି. (ପଥିନ୍ ଶବ୍ଦଜ) ପଥ; ଉପାୟ ।

ପନ୍ଦାରି-ବି. ଓଳି ।

ପନ୍ନଗ-ବି. (ପଦ୍-ନ-ଗମ୍-ଅ) ସର୍ପ; ଭୁଜଙ୍ଗ ।

ପନ୍ନଗାରି } ବି. ( ପନ୍ନଗ-ଅରି, ଅଶନ )

ପନ୍ନଗାଶନ } ଗରୁଡ଼ ।

ପୟଃ-ବି. (ପା-ଅସ୍) ଦୁଗ୍ଧ; ଜଳ ।

ପୟସ୍ୱିନୀ-ବିଂ. (ପୟସ୍-ବିନ୍-ଈ) ଦୁଗ୍ଧବତୀ ।

ପୟୋଦ-ବି. (ପୟସ୍-ଦା-ଅ) ମେଘ; ନାରି-କେଳ ।

ପୟୋଧର-ବି. ପୟସ୍-ଧୃ-ଅ) ମେଘ; ସ୍ତନ ।

ପୟୋଧି } ବି. ପୟସ୍-ଧି, ନିଧି) ସମୁଦ୍ର;

ପୟୋନିଧି } ସାଗର ।

ପର-ବିଂ. (ପୃ-ଅ) ଅସକ୍ତ; ଶ୍ରେଷ୍ଠ; ପ୍ରଧାନ; ଅନ୍ୟ; ପଶ୍ଚାତ୍; ଅଧିକ; ବି. ଶତ୍ରୁ ।

ପର-ବି. (ଫାର୍ଶୀ) ପକ୍ଷୀର ପକ୍ଷ ।

ପର-କାଳ-ବି. ଉତ୍ତରକାଳ ; ଇହଜୀବନର ପରବର୍ତ୍ତୀ କାଳ ।

ପରକୀୟ-ବିଂ. (ପର-କ-ଈୟ) ଅନ୍ୟ ସମ୍ବନ୍ଧୀୟ ।

ପରଖ-ବି. (ପରୀକ୍ଷାଶବ୍ଦଜ) ପରୀକ୍ଷା ।

ପରଗଣା-ବି. (ପାର୍ଶୀ) ଦେଶର ଏକ ଅଂଶ ।

ପରିଚ-ବି. (ପରିଚୟଶବ୍ଦଜ) ପରିଚୟ; ଚିହ୍ନା ।

ପରଚ୍ଛନ୍ଦାନୁବର୍ତ୍ତୀ-ବିଂ. (ପର-ଛନ୍ଦ-ଅନୁବର୍ତ୍ତୀ) ଅନ୍ୟ ଲୋକର ଅଭିଳାଷର ଅଧୀନ ।

ପର-ତନ୍ତ୍ର-ବିଂ. ପରାଧୀନ ।

ପରତେ-ବି.(ପ୍ରତ୍ୟୟଶବ୍ଦଜ)ପ୍ରତ୍ୟୟ ; ବିଶ୍ୱାସ ।

ପରତ୍ର-ଅଂ. (ପର-ତ୍ର) ପରକାଳରେ ।

ପରଦା-ବି. (ପାର୍ଶୀ) ଯବନିକା; ଆବରଣ ।

ପରଦା-ନସିନ୍-ବି.(ପାର୍ଶୀ) ଅବରୋଧବାସିନୀ ।

ପର-ଦାର-ବି. ପରସ୍ତ୍ରୀ; ପରସ୍ତ୍ରୀଗମନ ।

ପରନ୍ତପ-ବିଂ. (ପରଂ-ତପ) ଶତ୍ରୁର ପୀଡ଼ାଦାୟକ ।

ପରନ୍ତୁ-ଅଂ. (ପରମ୍-ତୁ) କିନ୍ତୁ; ଅଥବା ।

ପର-ପୁଷ୍ଟ-ବି. କୋକିଳ; ବିଂ. ଅନ୍ୟଦ୍ୱାରା ପାଳିତ । [ଅନ୍ୟପତି ଗ୍ରହଣ କରେ ।

ପର-ପୂର୍ବା-ବି. ଯେ ସ୍ତ୍ରୀ ପୂର୍ବପତି ତ୍ୟାଗ କରି

ପର-ବଶ-ବିଂ. ପରାଧୀନ ।

ପର-ବ୍ରହ୍ମ ବି. ପରମେଶ୍ୱର; ପରମ ପୁରୁଷ ।

ପରବାନା-ବି. (ପାର୍ଶୀ) ହୁକୁମ୍ ଚିଠି ।

ପରଭାଗ୍ୟୋପଜୀବୀ-ବିଂ. (ପର-ଭାଗ୍ୟ-ଉପ-ଜୀବ୍-ଇନ୍) ଯେ ପରଭାଗ୍ୟ ଉପରେ ନିର୍ଭର କରି ଜୀବିକା ନିର୍ବାହ କରେ ।

ପରମ-ବିଂ. ( ପର-ମା-ଅ ) ଶ୍ରେଷ୍ଠ; ପ୍ରଧାନ; ଅତ୍ୟନ୍ତ; ଶେଷ ।

ପରମ-ପଦ-ବି. ମୁକ୍ତି; ଶ୍ରେଷ୍ଠ ଆଶ୍ରୟ ।

ପରମ ହଂସ-ବି.ମହାଯୋଗୀ; ଶ୍ରେଷ୍ଠସନ୍ନ୍ୟାସୀ ।

ପରମାଣୁ-ବି. (ପରମ-ଅଣୁ) ପଦାର୍ଥର କ୍ଷୁଦ୍ରତମ ଅବିଭାଜ୍ୟ ଅଂଶ ।

ପରମାତ୍ମା-ବି. (ପରମ-ଆତ୍ମନ୍) ପରମେଶ୍ୱର ।

ପରମାୟୁଃ-ବି. (ପରମ-ଆୟୁଃ) ଶେଷପର୍ଯ୍ୟନ୍ତ ଜୀବିତକାଳ ।

ପରମାର୍ଥ-ବି. (ପରମ-ଅର୍ଥ) ଧର୍ମ; ଶ୍ରେଷ୍ଠତତ୍ତ୍ୱ ।

ପରମେଶ୍ୱର-ବି. (ପରମ-ଈଶ୍ୱର) ପରମାତ୍ମା ।

ପରମେଷ୍ଠୀ-ବି. (ପରମ-ସ୍ଥା-ଇନ୍) ବ୍ରହ୍ମା; ପରମେଶ୍ୱର । [ଅନୁକ୍ରମ; ବଂଶ ।

ପରମ୍ପରା-ବି. (ପର-ପର-ଆ) ଧାରା; ଶ୍ରେଣୀ;

ପରଲ-ବି. ନେତ୍ରରୋଗ ବିଶେଷ । [ମୃତ୍ୟୁ ।

ପର-ଲୋକ-ବି. ଇହଲୋକର ଅତୀତ ଲୋକ;

ପରବାନ୍-ବିଂ. (ପର-ବତ୍) ପରାଧୀନ ।

ପରଶ-ପଥର-ବି. ( ସ୍ପର୍ଶପ୍ରସ୍ତର ) ସ୍ପର୍ଶମଣି; ଯାହାର ସ୍ପର୍ଶରେ ଲୁହା ସୁବର୍ଣ୍ଣ ହୋଇଯାଏ ।

ପରଶୁ-ବି. (ପର-ଶୃ-ଉ) କୁଠାର; କୁରାଢ଼ୀ ।

ପରଶୁ-ରାମ-ବି. ପୁରାଣୋକ୍ତ କ୍ଷତ୍ରିୟ ଶତ୍ରୁ ଓ ବ୍ରାହ୍ମଣବୀର । ସେ ପିତାଙ୍କ ଆଜ୍ଞାନୁସାରେ ମାତୃହତ୍ୟା କରିଥିଲେ ଓ ପୃଥିବୀକୁ କ୍ଷତ୍ରିୟଶୂନ୍ୟ କରିଥିଲେ । [ତାହାର ପରଦିନ; ପରଦିନ ।

ପରଶ୍ୱଃ-ଅଂ. ( ପର-ଶ୍ୱଃ=ଆସନ୍ତାକାଲି )

ପରସ୍ପର-ବିଂ. ଅନ୍ୟୋନ୍ୟ; ଏକକୁ ଆରେକ ।

ପରଚ୍ଛନ୍ଦ-ବି. ପ୍ରାଚୀର କାନ୍ଥ ।

ପରା-ବିଂ. (ପର-ଅ) ଶ୍ରେଷ୍ଠା ।

ପରା-ଅ. ଉପସର୍ଗ (ପୃ-ଅ) ଧର୍ଷଣ, ତିରସ୍କାର, କ୍ଷତି, ଗତି, ଅତିକ୍ରମ ପ୍ରଭୃତି ଭାବର ବୋଧକ ।

ପରା-ଅ. ( ପ୍ରାୟଶଃଦକ୍ଷ ) ବିକଳ୍ପସୂଚକ ପ୍ରଶ୍ନରେ ବ୍ୟବହୃତ । [ବିମୁଖ ।

ପରାକ୍-ଅ. (ପରା-ଅଞ୍ଚ୍-କ୍ୱିପ୍) କୁଟିଳ; ନିବୃତ୍ତ;

ପରା-କାଷ୍ଠା-ବି. ଏକଶେଷ ।

ପରାକ୍ରମ-ବି. (ପରା-କ୍ରମ୍-ଅ) ଶକ୍ତି; ବଳ ।

ପରାକ୍ରାନ୍ତ-ବିଂ. (ପରା କ୍ରମ୍-ତ) ଶକ୍ତିଶାଳୀ ।

ପରାଗ ବି. (ପରା-ଗ) ଧୂଳି; ପୁଷ୍ପରେଣୁ ।

ପରାଙ୍ମୁଖ-ବିଂ. (ପରାକ୍-ମୁଖ) ବିମୁଖ ; ନିବୃତ୍ତ-ମୁଖ ।

ପରାଜୟ-ବି. (ପରା-ଜି-ଅ) ପରାଭବ ।

ପରାଜିତ-ବିଂ. (ପରା-ଜି-ତ) ହାରିତ; ପରାଭୂତ ।

ପରାଧୀନ ବିଂ. (ପର-ଅଧୀନ) ପରବଶ ।

ପରାଭବ-ବି. ( ପରା-ଭୂ-ଅ ) ପରାଜୟ; ତିରସ୍କାର ।

ପରାମର୍ଶ-ବି. (ପରା-ମୃଶ୍-ଅ) ମନ୍ତ୍ରଣା; ବିଚାର ।

ପରାୟଣ-ବିଂ. ( ପର-ଅୟନ ) ତତ୍ପର; ବି. ଶ୍ରେଷ୍ଠ ଅବଲମ୍ବନ ।

ପରାର୍ଥ ବି. (ପର-ଅର୍ଥ) ଅନ୍ୟର ପ୍ରୟୋଜନ ।

ପରାର୍ଦ୍ଧ ବିଂ. (ପରା-ଅର୍ଦ୍ଧ)୧୦୦୦୦୦୦୦୦୦୦୦୦୦୦୦୦୦୦ ଏହି ସଂଖ୍ୟା । [ବର୍ତ୍ତିତ ।

ପରାବର୍ତ୍ତିତ-ବିଂ. (ପରା-ବୃତ୍-ଣିଚ୍-ତ) ପ୍ରତ୍ୟା-

ପରାବୃତ୍ତ-ବିଂ. (ପରା-ବୃତ୍-ଅ) ପ୍ରତ୍ୟାବୃତ୍ତ ।

ପରାଶର-ବି. ସ୍ମୃତିଶାସ୍ତ୍ରପ୍ରଣେତା ଋଷିବିଶେଷ ।

ପରାସ୍କନ୍ଦୀ-ବି. (ପର-ଆ-ସ୍କନ୍ଦ୍-ଇନ୍) ଚୋର ।

ପରାସ୍ତ-ବିଂ. (ପରା-ଅସ୍-ତ) ପରାଜିତ ।

ପରାହତ-ବିଂ. ( ପରା-ହନ୍-ତ ) ପରାଭୂତ; ବ୍ୟାହତ । [ଓଲି ।

ପରାହ୍ନ-ବି. (ପର-ଅହନ୍-ଅ) ଅପରାହ୍ନ; ଉପର-

ପରି-ଅ. ଉପସର୍ଗ, ସର୍ବତଃ, ଅତିଶୟ, ସଂପୂର୍ଣ୍ଣତା, ବ୍ୟାପ୍ତି; ପ୍ରଭୃତି ଭାବବୋଧକ ।

ପରି-ଅ. ତୁଲ୍ୟ ।

ପରିକର-ବି. (ପରି-କୃ-ଅ) କଟିବନ୍ଧ, ସହଚର ।

ପରି-କର୍ମ-ବି. ପ୍ରସାଧନ; ଅଲଙ୍କାରଦ୍ୱାରା ସଜ୍ଜୀ-କରଣ । [ନିର୍ଦ୍ଦିଷ୍ଟ, ରଚିତ ।

ପରିକଳ୍ପିତ-ବିଂ ( ପରି-କ୍ଳୃପ୍-ତ ) ଅନୁଷ୍ଠିତ;

ପରିକୀର୍ତ୍ତିତ-ବିଂ. (ପରି-କୀର୍ତ୍ତିତ) ପ୍ରଶଂସିତ ।

ପରିକ୍ରମଣ-ବି. (ପରି-କ୍ରମ୍-ଅନ) ଗମନ; ପ୍ରଦ-କ୍ଷିଣ କରିବା । [ବେଷ୍ଟନ; ସଂସ୍କରଣ ।

ପରିକ୍ରିୟା-ବି. ( ପରି-କ୍ରିୟା ) ପରିଖାଦିଦ୍ୱାରା

ପରିଖା-ବି. (ପରି-ଖନ୍-ଅ) ଗଡ଼ଖାଇ; ଖାତ-

ପରିଗତ-ବିଂ. ବେଷ୍ଟିତ । [ଦ୍ୱାରା ବେଷ୍ଟନ ।

ପରିଗ୍ରହ-ବି. (ପରି-ଗ୍ରହ୍-ଅ) ପତ୍ନୀ; ପରିଜନ; ଦାନଗ୍ରହଣ ।

ପରିଘ-ବି. (ପରି-ହନ୍-ଅ) ଲୌହମୁଦ୍ଗର ।

ପରିଚୟ-ବି. (ପରି-ଚି-ଅ) ଚିହ୍ନିବା; ଆଳାପ ।

ପରିଚର-ବି. (ପରି-ଚର୍-ଅ) ରକ୍ଷୀ ସୈନ୍ୟ; ଅନୁଚର । [ଉପାସନା ।

ପରିଚର୍ଯ୍ୟା-ବି. (ପରି-ଚର୍-ଯ-ଅ) ସେବ

ପରିଚାରକ-ବି. ( ପରି-ଚର୍-ଅକ୍ ) ଦାସ ; ସେବକ ।

ପରିଚାଳକ-ବି. (ପରି-ଚଲ୍-ଅକ)ଚାଳନାକାରୀ ।

ପରିଚାରିକା-ବି. (ପରି-ଚର୍-ଅକ-ଆ) ଦାସୀ; ଚାକରାଣୀ ।

ପରିଚିତ-ବିଂ. (ପରି-ଚି-ତ) ଜ୍ଞାତ; ଚିହ୍ନିତ ।

ପରିଚ୍ଛଦ-ବି. (ପରି-ଛଦ୍-ଅ) ବେଶ; ପୋଷାକ ।

ପରିଚ୍ଛନ୍ନ-ବିଂ. (ପରି-ଛଦ୍-ତ) ପରିଷ୍କୃତ; ଭୂଷିତ, ଆଚ୍ଛାଦିତ ।

ପରିଚ୍ଛିନ୍ନ-ବିଂ. ( ପରି-ଛିଦ୍-ତ ) ସୀମାବଦ୍ଧ ; ନିର୍ଣ୍ଣୀତ; ବିଭକ୍ତ । [ଧାରକ ।

ପରିଜ୍ଞ-ବି. (ପରିଷ୍କରଣାଦିର) ଅଧ୍ୟକ୍ଷ; ତତ୍ତ୍ୱାବ-

ପରିଚ୍ଛେଦ-ବି, (ପରି-ଛିଦ୍-ଅ) ଭାଗ; ସୀମା ; ନିର୍ଣ୍ଣୟ; ପୁସ୍ତକର ବିଭାଗ ।

ପରିଚ୍ଛେଦ୍ୟ-ବିଂ. ( ପରି-ଛିଦ୍-ଯ ) ବିଭାଜ୍ୟ; ନିର୍ଣ୍ଣେୟ । [ବର୍ଗ; ପରିଚାରକ ।

ପରିଜନ-ବି. (ପରି-ଜନ) ପରିବାର; ପୋଷ୍ୟ-

ପରିଡ଼ା-ବି.ଶୂଦ୍ରଜାତି ବିଶେଷର ଉପାଧିବିଶେଷ।

ପରିଣତ-ବିଂ. (ପରି ନମ୍-ତ) ପକ୍ୱ; ଅବସ୍ଥାନ୍ତର ପ୍ରାପ୍ତ । [ସ୍ଥାନର ପ୍ରାପ୍ତି; ଶେଷ ।

ପରିଣତି-ବି. (ପରି-ନମ୍-ତି) ପରିପାକ; ଅବ-

ପରିଣଦ୍ଧ-ବିଂ. (ପରି-ନହ୍-ତ) ବଦ୍ଧ; ପରିହିତ ।

ପରିଣୟ-ବି. (ପରି-ନୀ-ଅ) ବିବାହ ।

ପରିଣାମ-ବି. (ପରି-ନମ୍-ଅ) ଶେଷ;ପରିପକ୍ୱତା। ଅବସ୍ଥାନ୍ତର ପ୍ରାପ୍ତି । [ସୂକ୍ଷ୍ମଦର୍ଶୀ; ବିଜ୍ଞ ।

ପରିଣାମଦର୍ଶୀ-ବିଂ. ( ପରିଣାମ-ଦୃଶ୍-ଇନ୍ )

ପରିଣାହ-ବି. (ପରି-ନହ୍-ଅ)ବିସ୍ତାର;ଓସାର ।

ପରିଣୀତ-ବିଂ. (ପରି-ନୀ-ତ) ବିବାହିତ ।

ପରିଣେତା-ବି. (ପରି-ନୀ-ତୃ) ବିବାହକର୍ତ୍ତା ।

ପରିଣେୟ-ବିଂ. (ପରି-ନୀ-ଯ) ବିବାହଯୋଗ୍ୟ ।

ପରିତଃ-କ୍ରି. ବିଂ. ( ପରି-ତସ୍ ) ଚାରିଆଡ଼େ; ସର୍ବତୋଭାବରେ ।

ପରିତାପ-ବି. (ପରି-ତପ୍-ଅ) ମନସ୍ତାପ ।

ପରିତୁଷ୍ଟ-ବିଂ. (ପରି-ତୁଷ୍-ତ) ସନ୍ତୁଷ୍ଟ ।

ପରିତୋଷ-ବି. ( ପରି-ତୁଷ୍-ଅ ) ସନ୍ତୋଷ; ତୃପ୍ତି । ,, [ତ୍ୟକ୍ତ ।

ପରିତ୍ୟକ୍ତ-ବିଂ. ( ପରି-ତ୍ୟଜ୍-ତ ) ବର୍ଜିତ,

ପରିତ୍ୟାଗ-ବି.(ପରି-ତ୍ୟଜ୍-ଅ) ବର୍ଜନ, ତ୍ୟାଗ ।

ପରିତ୍ରାଣ-ବି.(ପରି ତ୍ରୈ-ଅନ)ରକ୍ଷା; ଉଦ୍ଧାର ।

ପରିତ୍ରାତା-ବି. (ପରି-ତ୍ରୈ-ତୃ) ପରିତ୍ରାଣକର୍ତ୍ତା ।

ପରିଦେବନ-ବି. (ପରି-ଦେବ-ଅନ) ବିଳାପ ; ଅନୁତାପ । [ପିନ୍ଧିବା ।

ପରିଧାନ-ବି. (ପରି-ଧା-ଅନ) ପରିଧେୟବସ୍ତ୍ର

ପରିଧି-ବି. (ପରି-ଧା-ଇ) ବୃତ୍ତର ବେଢ; ପରି-ବେଷ୍ଟନ । [ଯୁକ୍ତ; ପିନ୍ଧିବାଯୋଗ୍ୟ ।

ପରିଧେୟ-ବିଂ. (ପରି-ଧା-ଯ) ପିନ୍ଧିବାର ଉପ-

ପରିପକ୍ୱ-ବିଂ. (ପରି-ପଚ୍-ତ) ପରିଣତ;ସୁକାର୍ଣ୍ଣ: ପକ୍ୱ; ବହୁଦର୍ଶୀ ।

ପରିପାକ-ବି. (ପରି-ପଚ୍-ଅ) ପରିଣାମ;ପକ୍ୱତା ।

ପରିପାଟୀ-ବିଂ. (ପରି-ପଟ୍-ଇନ୍) ସୁଶୃଙ୍ଖଳା: ଅନୁକ୍ରମ ।

ପରିପୂର୍ଣ୍ଣ-ବିଂ. (ପରି-ପୃ-ତ) ସମ୍ପୂର୍ଣ୍ଣ; ବ୍ୟାପ୍ତ ।

ପରିପ୍ରେକ୍ଷିତ-ବିଂ. ( ପରି-ପ୍ର-ଈକ୍ଷ ତ ) ବସ୍ତୁ ଚକ୍ଷୁକୁ ଯେପରି ଦିଶେ, ଛବିରେ ତାହାର ସେହିପ୍ରକାର ବିନ୍ୟାସ-ନିୟମାତ୍ମକ ବିଦ୍ୟା ।

ପରିପ୍ଲବ-ବିଂ. ( ପରି-ପ୍ଲୁ-ଅ ) ଚଞ୍ଚଳ ।

ପରିପ୍ଲୁତ-ବିଂ. (ପରି-ପ୍ଲୁ-ତ) ସିକ୍ତ; ପ୍ଲାବିତ ।

ପରିବର୍ହ-ବି. (ପରି-ବର୍ହ-ଅ) ପରିଚ୍ଛଦ; ଉପକରଣ ।

ପରିଭବ-ବି. (ପରି-ଭୂ-ଅ) ପରାଭବ; ଅବଜ୍ଞା ।

ପରିଭାଷା-ବି. ( ପରି-ଭାଷ-ଆ ) ଭିନ୍ନ ଶାସ୍ତ୍ରର ଭିନ୍ନ ସଙ୍କେତ ବା ସଂଜ୍ଞା । [ଅବଜ୍ଞାତ ।

ପରିଭୂତ-ବିଂ. ( ପରି-ଭୂ-ତ ) ପରାଭୂତ ;

ପରିମଳ-ବି. ( ପରି-ମଳ ) ସୁଗନ୍ଧ ।

ପରିମାଣ-ବି. ( ପରି-ମା-ଅନ ) ମାପ, ଓଜନ ; ସଂଖ୍ୟାକରଣ । [ପରିମାଣଯୁକ୍ତ ।

ପରିମିତ-ବିଂ. ( ପରି-ମା-ତ ) ଯଥାଯୋଗ୍ୟ

ପରିମିତି-ବି. (ପରି-ମା-ତି) ପରିମାଣ ।

ପରିମେୟ- ବିଂ. ( ପରି-ମା-ଯ ) ପରିମାଣଯୋଗ୍ୟ; ପରିମିତ ।

ପରିରବ୍ଧ-ବିଂ. (ପରି-ରଭ୍-ତ ) ଆଲିଙ୍ଗିତ ।

ପରିରମ୍ଭ-ବି. ( ପରି-ରଭ୍-ଅ ) ଆଲିଙ୍ଗନ ।

ପରିବର୍ତ୍ତ, ପରିବର୍ତ୍ତନ } ବି. (ପରି-ବୃତ୍-ଅ, ଅନ) ବଦଳ; ବିନିମୟ ।

ପରିବର୍ତ୍ତିତ-ବିଂ. (ପରି-ବର୍ତ୍ତି-ତ) ଯାହା ବଦଳ କରା ହୋଇଅଛି ।

ପରିବା-ବି. କଞ୍ଚା ତରକାରି ।

ପରିବାଦ-ବି. (ପରି-ବଦ୍-ଅ) ଅପବାଦ; ନିନ୍ଦା ।

ପରିବାଦିନୀ-ବି. (ପରି-ବଦ୍-ଇନ୍-ଈ) ସପ୍ତତନ୍ତ୍ରୀବିଶିଷ୍ଟ ବୀଣା । [ବାଦକ ।

ପରିବାଦୀ-ବିଂ. (ପରି-ବଦ୍-ଇନ୍) ନିନ୍ଦୁକ; ଅପ-

ପରିବାର-ବି. (ପରି-ବୃ-ଅ) ପରିଜନ ପୋଷ୍ୟ ।

ପରିବାରିତ-ବିଂ. (ପରି-ବାରି-ତ) ବେଷ୍ଟିତ ।

ପରିବାହ-ବି. ( ପରି-ବହ୍-ଅ ) ଜଳପ୍ରବାହ ; ମୁହାଣ ।

ପରିବୃତ-ବି. ( ପରି-ବୃ-ତ ) ବେଷ୍ଟିତ ।

ପରିବେଶ-ବି. (ପରି-ବିଶ୍-ଅ) ପରିଧି; ଚନ୍ଦ୍ର ବା ସୂର୍ଯ୍ୟର ମଣ୍ଡଳ । [ବିଭାଗପୂର୍ବକ ଅର୍ପଣ ।

ପରିବେଷଣ-ବି. ( ପରି-ବିଷ୍-ଅନ୍ ) ଭକ୍ଷ୍ୟବସ୍ତୁର

ପରିବେଷ୍ଟନ-ବି. ( ପରି-ବେଷ୍ଟ-ଅନ ) ଚାରି-ଆଡ଼ରେ ବେଷ୍ଟନ । [ଭ୍ରମଣକାରୀ ।

ପରିବ୍ରାଜକ-ବି. ( ପରି-ବ୍ରଜ-ଅକ ) ସନ୍ନ୍ୟାସୀ ;

ପରିବ୍ରାଜିକା-ବି. (ପରି-ବ୍ରଜ-ଅକ-ଆ) ସନ୍ନ୍ୟାସିନୀ; ଭ୍ରମଣକାରିଣୀ ।

ପରିଶିଷ୍ଟ-ବିଂ. ( ପରି-ଶିଷ୍-ତ) ଅବଶିଷ୍ଟ; ଗ୍ରନ୍ଥ-ସମାପ୍ତିପରେ ସଂଯୁକ୍ତ ଅଂଶ । [ପରିଷ୍କୃତ ।

ପରିଶୁଦ୍ଧ-ବିଂ. ( ପରି-ଶୁଧ୍-ତ ) ସଂଶୋଧିତ ;

ପରିଶୁଷ୍କ-ବିଂ. (ପରି-ଶୁଷ୍-ତ ) ଅତିଶୟ ଶୁଷ୍କ ।

ପରିଶେଷ-ବି. (ପରି-ଶିଷ୍-ଅ) ଅବଶେଷ ।

ପରିଶୋଧ-ବି. (ପରି-ଶୁଧ୍-ଅ) ଋଣଶୋଧ ।

ପରିଶ୍ରମ-ବି. ( ପରି-ଶ୍ରମ୍-ଅ ) ଆୟାସ; କର୍ମର ଶ୍ରମ ।

ପରିଶ୍ରମୀ-ବିଂ. ( ପରିଶ୍ରମ ଇନ ) ପରିଶ୍ରମକାରୀ ।

ପରିଶ୍ରାନ୍ତ-ବିଂ. ( ପରି-ଶ୍ରମ୍-ତ ) କ୍ଳାନ୍ତ ।

ପରିଷଦ୍-ବି. (ପରି-ସଦ୍-•) ସଭା ସମାଜ ।

ପରିଷ୍କାର-ବି. (ପରି-କୃ-ଅ) ସ୍ୱଚ୍ଛତା; ଶୋଧନ; ନିର୍ମଳୀକରଣ । [ଭୂଷିତ ।

ପରିଷ୍କୃତ-ବିଂ. (ପରି-କୃ-ତ) ନିର୍ମଳ ଶୋଧିତ;

ପରିଷ୍ୱଙ୍ଗ-ବି. (ପରି-ସ୍ୱଞ୍ଜ୍-ଅ) ଆଲିଙ୍ଗନ ।

ପରିସର-ବି. (ପରି-ସୃ-ଅ) ପ୍ରଦେଶ; ଓସାର; ବିସ୍ତାର ।

ପରିସୀମା-ବି. ( ପରି-ସୀମନ୍ ) ଇୟତ୍ତା ।

ପରିସ୍ରୁତ-ବିଂ. (ପରି-ସ୍ରୁ-ତ) କ୍ଷରିତ; ଚ୍ୟାବିତ ।

ପରିହାର-ବି. ( ପରି-ହୃ-ଅ ) ପରିତ୍ୟାଗ; ଉପେକ୍ଷା ।

ପରିହାର୍ଯ୍ୟ-ବିଂ. (ପରି-ହୃ-ଯ) ପରିତ୍ୟାଜ୍ୟ ।

ପରିହାସ-ବି. ( ପରି-ହସ୍-ଅ) କୌତୁକ ଥଟ୍ଟା ।

ପରିହାସ୍ୟ-ବିଂ. (ପରି-ହସ୍-ଯ) ପରିହାସ କରିବାର ଯୋଗ୍ୟ ।

ପରିହିତ-ବିଂ. (ପରି;ଧା-ତ) ଆଚ୍ଛାଦିତ; ସ୍ଥାପିତ ।

ପରୀକ୍ଷକ-ବିଂ. (ପରି-ଈକ୍ଷ୍-ଅକ) ପରୀକ୍ଷାକାରକ ।

ପରୀକ୍ଷା-ବି. (ପରି-ଈକ୍ଷ୍-ଅ) ଦୋଷଗୁଣ ବିବେଚନା; ବସ୍ତୁର ତତ୍ତ୍ୱାବଧାରଣ ।

ପରୀକ୍ଷିତ-ବିଂ. (ପରି-ଈକ୍ଷ୍-ତ) ଯାହା ପରୀକ୍ଷା କରା ହୋଇଛି; ବି. ଅର୍ଜୁନଙ୍କର ନାତି, ଅଭିମନ୍ୟୁଙ୍କର ପୁତ୍ର ।

ପରୁଷ-ବିଂ. (ପୃ-ଉଷନ୍) କର୍କଶ; କଠୋର ।

ପରେ-ଅ. ଉତ୍ତରେ; ଶେଷରେ ।

ପରେତ-ବିଂ. (ପରା-ଇ-ତ) ମୃତ; ପ୍ରେତ ।

ପରୋକ୍ଷ-ବିଂ. (ପରସ୍-ଅକ୍ଷି-ଅ) ଅପ୍ରତ୍ୟକ୍ଷ;

ପରୋଷ୍ଣୀ-ବି. ଅସ୍ରୁପା । [ଅସାକ୍ଷାତ୍ ।

ପର୍କଟୀ-ବି. ଅଶ୍ୱତ୍ଥ ବୃକ୍ଷ ।

ପର୍ଜନ୍ୟ-ବି. (ପୃଷ୍-ଅନ୍ୟ) ଶବ୍ଦକାରୀ ମେଘ ।

ପର୍ଣ୍ଣ-ବି. (ପର୍ଣ୍-ଅ) ପତ୍ର; ପକ୍ଷ ।

ପର୍ଣ୍ଣ-ଶାଳା-ବି. ପର୍ଣ୍ଣକୁଟୀର; ପତ୍ରକୁଡ଼ିଆ ।

ପର୍ଣ୍ଣୀ-ବି. (ପର୍ଣ୍ଣ-ଇନ୍) ବୃକ୍ଷ; ବିଂ. ପତ୍ରଯୁକ୍ତ ।

ପର୍ଣ୍ଣୋଟଜ-ବି. (ପର୍ଣ୍ଣ-ଉଟଜ) ପର୍ଣ୍ଣଶାଳା ।

ପର୍ଦ୍ଦା-ବି. (ଫାର୍ଶୀ) ଯବନିକା ।

ପର୍ପଟ-ବି. ମିଷ୍ଟାନ୍ନବିଶେଷ ।

ପର୍ଯ୍ୟଙ୍କ-ବି. (ପରି-ଅଙ୍କ୍-ଅ) ପଲଙ୍କ; ଖଟ ।

ପର୍ଯ୍ୟଟକ-ବି. (ପରି-ଅଟ୍-ଅକ) ଭ୍ରମଣକାରୀ ।

ପର୍ଯ୍ୟଟନ-ବି. (ପରି-ଅଟ୍-ଅନ) ଭ୍ରମଣ ।

ପର୍ଯ୍ୟନ୍ତ-ବି. ( ପରି-ଅନ୍ତ ) ପ୍ରାନ୍ତ; ନିକଟ; ଶେଷସୀମା । [ପନ ।

ପର୍ଯ୍ୟବସାନ-ବି. (ପରି-ଅବ-ସୋ-ଅନ) ସମା-

ପର୍ଯ୍ୟବସିତ-ବିଂ. (ପରି-ଅବ-ସୋ-ତ) ସମାପ୍ତ; ନିଃଶେଷିତ ।

ପର୍ଯ୍ୟବେକ୍ଷଣ-ବି. ( ପରି-ଅବ-ଈକ୍ଷ-ଅନ ) ମନୋନିବେଶପୂର୍ବକ ଦର୍ଶନ; ତତ୍ତ୍ୱାବଧାନ ।

ପର୍ଯ୍ୟସ୍ତ-ବିଂ. (ପରି-ଅସ୍-ତ) ବିକ୍ଷିପ୍ତ; ପ୍ରସାରିତ ।

ପର୍ଯ୍ୟାଣ-ବି. (ପରି-ଯା-ଅନ) ପଲାଣ; ପଶୁପୃଷ୍ଠାସନ ।

ପର୍ଯ୍ୟାପ୍ତ-ବିଂ. (ପରି-ଆପ୍-ତ) ପ୍ରଚୁର; ଯଥେଷ୍ଟ ।

ପର୍ଯ୍ୟାପ୍ତି-ବି. (ପରି ଆପ୍-ତି) ପ୍ରାଚୁର୍ଯ୍ୟ; ପ୍ରାପ୍ତି ।

ପର୍ଯ୍ୟାୟ-ବି. ( ପରି-ଇ-ଅ ) ଅନୁକ୍ରମ; ପାଳି; ସମାନାର୍ଥବୋଧକ ଶବ୍ଦ ।

ପର୍ଯ୍ୟାଲୋଚନା-ବି. (ପରି-ଆ-ଲୁଚ୍-ଣିଚ୍-ଅନ-ଆ ) ଅନୁଶୀଳନ; ସମାଲୋଚନା ।

ପର୍ଯ୍ୟୁଦସ୍ତ-ବଂ. (ପରି-ଉଦ୍-ଅସ୍-ତ) ପରାଭୂତ ।
ପର୍ଯ୍ୟୁଷିତ-ବଂ. (ପରି-ବସ୍-ତ) ପୂର୍ବଦିବସୀୟ; ବାସି ।
ପର୍ବ-ବ. (ପୃ-ବନ୍) ପବ; ଉତ୍ସବ; ଅଧ୍ୟାୟ ।
ପର୍ବତ-ବ. (ପର୍ବନ୍-ତ) ଗିରି; ଶୈଳ ।
ପର୍ବତାରି-ବ. (ପର୍ବତ-ଅରି) ଇନ୍ଦ୍ର ।
ପର୍ଶୁ-ବ. (ପର-ଶୃ-ଉ) ପରଶୁ; କୁଠାର ।
ପର୍ଷିବା-କ୍ରି. ପରିବେଷଣ କରିବା ।
ପଲ-ବ. (ପଲ୍-ଅ) ଓଜନବିଶେଷ; ସୂକ୍ଷ୍ମକାଳ;
ପଲ୍-ବ. ସମୂହ; ଦଳ । [ମାଂସ ।
ପଲ୍‌କ-ବ. ଅକ୍ଷିପତ୍ର ।
ପଲ୍ଙ୍କ-ବ. ଖଟ ।
ପଲ୍‌ଟନ-ବ. ସେନାଦଳ ।
ପଲଲ୍-ବ. ମାଂସ; ପଙ୍କ । [ଦ୍ରବ୍ୟ ।
ପଲସ୍ତ୍ରା-(ଇଂ plaster ଶବ୍ଦରୁ) ଲେପନୀୟ
ପଲମ-ବ. ମାଟିନିର୍ମିତ କରେଇ ।
ପଲା-ବ. ତୈଳାଦିଉଠାଇବାର୍ଥ ଲୌହଦର୍ବୀ ।
ପଲାଇବା-କ୍ରି. ବ. (ପଲାୟନଶବ୍ଦଜ) ପଲାୟନ କରିବା । [ପେଁଠିର ଗନ୍ଧ ।
ପଲାଣ ବ. (ପର୍ଯ୍ୟାଣଶବ୍ଦଜ) ଘୋଡ଼ା ବଳଦ-
ପଲାଣ୍ଡୁ-ବ. ପିଆଜ । [ପଲ୍ଲଭ ।
ପଲାନ୍ନ-ବ. ( ପଲ-ଅନ୍ନ ) ମାଂସଯୁକ୍ତ ଅନ୍ନ;
ପଲାୟନ-ବ. (ପରା-ଅୟ୍-ଅନ)ଭୟରେ ଦ୍ରୁତ ପ୍ରସ୍ଥାନ ।
ପଲାୟମାନ-ବଂ. ଯେ ପଳାଉଅଛି ।
ପଲାୟିତ-ବଂ, ଭୟରେ ଦ୍ରୁତ ପ୍ରସ୍ଥିତ ।

ପଲାଲ-ବ. ପାଳ; ପୁଆଳ; ଶୁଷ୍କତୃଣ ।
ପଲାଶ-ବ. ପତ୍ର; କିଂଶୁକ ବୃକ୍ଷ ।
ପଲିତ ବଂ. (ପଲ୍-ତ) ଶୁକ୍ଲୀକୃତ-କେଶ ।
ପଲ୍ଲବ ବ. (ପଲ୍-ଲୂ-ଅ)ନୂତନପତ୍ର; କିଶଳୟ ।
ପଲ୍ଲବଗ୍ରାହୀ ବଂ. ଯେ ନାନା ବିଷୟରେ ଅଳ୍ପ ଜ୍ଞାନ ଲଭିଅଛି । [ବିସ୍ତୃଲୀକୃତ ।
ପଲ୍ଲବିତ-ବଂ. ( ପଲ୍ଲବ-ଇତ ) ପଲ୍ଲବଯୁକ୍ତ;
ପଲ୍ଲୀ-ବ. (ପଲ୍ଲ-ଇ-ଈ)ଗ୍ରାମ; ପଡ଼ା; ଝିଟିପିଟି ।
ପଲ୍ୱଲ-ବ.(ପଲ୍-ବଲ)କ୍ଷୁଦ୍ରଜଳାଶୟ;ଗାଡ଼ିଆ ।
ପବ-ବ. (ପର୍ବଶବ୍ଦଜ) ଗଣ୍ଠି ।
ପବନ-ବ. (ପୂ-ଅନ) ବାୟୁ ।
ପବନ-ନନ୍ଦନ-ବ. ଭୀମ; ହନୁମାନ୍ ।
ପବମାନ-ବ. (ପ-ଅନ) ବାୟୁ; ପବନ ।
ପବନାଶନ-ବ. (ପବନ-ଅଶନ) ସର୍ପ ।
ପବାକା-ବ. (ପୂ-ଅକ-ଆ) ବାତ୍ୟା; ଝଡ଼ବାତ ।
ପବି-ବ. (ପୂ-ଇ) ଅଶନି; ବଜ୍ର ।
ପବିତା-ବଂ. (ପୂ-ତ) ଯେ ପବିତ୍ର କରେ ।
ପବିତ୍ର-ବଂ.(ପୂ-ଇତ୍ର) ପୂତ; ବିଶୁଦ୍ଧ; ବ. କୁଶ ; ପଇତା । [ପରିଷ୍କୃତ ।
ପବିତ୍ରିତ-ବଂ. ( ପବିତ୍ର-ଇତ ) ସଂଶୋଧିତ;
ପଶମ-ବ. (ଫାର୍ଶୀ) ଉର୍ଣ୍ଣା ; ଲୋମ ।
ପଶା-ବ. (ପାଶକଶବ୍ଦଜ) ଅକ୍ଷ ; ଚଉସାର ।
ପଶୁ-ବ. (ପଶ୍-ଉ) ଲାଙ୍ଗୁଳବିଶିଷ୍ଟ ଚତୁଷ୍ପଦଜନ୍ତୁ ; ମୂର୍ଖ ।
ପଶୁ-ପତି-ବ. ଶିବ । [ରକ୍ଷାଅଳ ।
ପଶୁପାଳ-ବ. ( ପଶୁ-ପାଳ ) ପଶୁରକ୍ଷକ;

ପଶୁ-ରାଜ-ବି. ସିଂହ; ମୃଗେନ୍ଦ୍ର ।
ପଶ୍ଚ-ବି. ପଛ ।
ପଶ୍ଚାତ୍-ଅ. ପଛେ; ପରେ ।
ପଶ୍ଚାତ୍ତାପ-ବି. (ପଶ୍ଚାତ୍-ତାପ) ଅନୁତାପ ।
ପଶ୍ଚାର୍ଦ୍ଧ-ବି. ଅପରାର୍ଦ୍ଧ; ପାଦଠାରୁ ନାଭି ପର୍ଯ୍ୟନ୍ତ ।
ପଶ୍ଚିମ-ବି. (ପଶ୍ଚାତ୍-ଇମ) ସୂର୍ଯ୍ୟାସ୍ତ ଗମନର ଦିଗ, ପଶ୍ଚାତୀ; ବିଂ. ଚରମ ।
ପସନ୍ଦ-ବି. ଅନୁମାନ; ଅନୁମୋଦନ ।
ପସରା-ବି. ବିକ୍ରେୟ ଦ୍ରବ୍ୟସମୂହର ପାତ୍ର ।
ପସାରୀ-ବି. ଦୋକାନୀ; ବିକ୍ରୟକାରୀ ।
ପସାରୁଣୀ-ବି. ( ପ୍ରସାରଣୀଶବ୍ଦଜ ) ସ୍ୱନାମ-ପ୍ରସିଦ୍ଧ ଲତାବିଶେଷ ।
ପସୁରୀ-ବି. (ପଞ୍ଚ-ସୁରୀ) ପାଞ୍ଚସେର ।
ପହଣ୍ଡ-ବି. ପଦ-କ୍ଷେପ ।
ପହଣ୍ଡି-ବି. ଧୀରଗମନ ।
ପହଲି-ବି. (ପ୍ରହେଳିଶବ୍ଦଜ) ଠଗ ।
ପହି-ବି. ବଡ଼ ହାଡ଼ ।
ପହିଆ-ବି. ଶଗଡ଼ ଚକ ।
ପହିଲା-ବି. (ଫାର୍ସୀ) ପ୍ରଥମ; ଆଦ୍ୟ ।
ପହୁଡ଼-ବି. ଶୋଇବା ।
ପହଁରା-ବି. ସନ୍ତରଣୀ; ସନ୍ତରଣ । [କରିବା ।
ପହଁରିବା-କ୍ରି.ବି. ପରିଷ୍କାର କରିବା; ସନ୍ତରଣ
ପହା-ବି. ଗବାଦି ପଶୁର ସ୍ତନ ।
ପାଇକ-ବି.(ପାଦିକଶବ୍ଦଜ) ପଦାତିକ; ସୈନିକ ।
ପାଇଖାନା-ବି. ମଳ ତ୍ୟାଗ କରିବାର ସ୍ଥାନ ।
ପାଇଜାମା-ବି. ଜଙ୍ଘାର ପରିଚ୍ଛଦବିଶେଷ ।
ପାଇଟି-ବି. ଗୃହାଦିର କାର୍ଯ୍ୟ ।
ପାଉଣା-ବି. (ପ୍ରାପଣଶବ୍ଦଜ) ପ୍ରାପ୍ୟ ।
ପାଉତି-ବି. ( ପ୍ରାପ୍ତିଶବ୍ଦଜ ) ପ୍ରାପ୍ତିସ୍ୱୀକାରପତ୍ର, ରସିଦ । [ଧୂଳି; ପାପ ।
ପାଉଁଶ-ବି. (ପାଂଶୁଶବ୍ଦଜ) ପାଂଶୁ; ଭସ୍ମ;
ପାଏଡ଼ା-ବି. ଅଭ୍ୟର୍ଥିତ ବ୍ୟକ୍ତିର ପାଦପ୍ରକ୍ଷେପ ନିମିତ୍ତ ବସ୍ତ୍ର ।
ପାଂଶୁଳ-ବିଂ. (ପାଂଶୁ-ଳ) ଧୂଳିଯୁକ୍ତ; ପାପିଷ୍ଠ ।
ପାଂଶୁଳା-ବି. (ପାଂଶୁଳ-ଆ) ଅସତୀ ସ୍ତ୍ରୀ ।
ପାକ-ବି.(ପଚ୍-ଅ) ରନ୍ଧନ, ପରିପାକ; ପରିଣତି ।
ପାକଳ-ବିଂ. (ପାକ-ଳ) ପରିଣତି-ପ୍ରାପ୍ତ ।
ପାକଲା-ବିଂ. ପାଚିଲା; ପରିପକ୍ୱ ।
ପାକ-ଶାଳା-ବି. ରନ୍ଧନାର୍ଥଘର । [ଇନ୍ଦ୍ର ।
ପାକ-ଶାସନ-ବି. ପାକନାମକ ଅସୁରର ହନ୍ତା;
ପାକ-ଶାସନି-ବି. ଇନ୍ଦ୍ରପୁତ୍ର; ଜୟନ୍ତ ।
ପାକସ୍ଥଳୀ-ବି. (ପାକ-ସ୍ଥଳୀ) ଉଦରର ଯେଉଁ ଅଂଶରେ ଭୁକ୍ତ ପଦାର୍ଥ ଜୀର୍ଣ୍ଣ ହୁଏ ।
ପାକୁଆ-ବିଂ. ଦନ୍ତହୀନ ।
ପାକୁଳି-ବି. ବେମନ୍ତ । [ସମ୍ବନ୍ଧୀୟ ।
ପାକ୍ଷିକ-ବିଂ. (ପକ୍ଷ-ଇକ) ପକ୍ଷ ବା ଅର୍ଦ୍ଧମାସ-
ପାଖ-ବି. (ପାର୍ଶ୍ୱଶବ୍ଦଜ) ନିକଟ; ସମୀପ ।
ପାଖଣ୍ଡ-ବିଂ. ନିର୍ଲ୍ଲଜ; ଦୁଷ୍ଟ ।
ପାଖୁଡ଼ା-ବି. ପୁଷ୍ପର ଅଂଶ ।
ପାଖେଇବା-କ୍ରି. ଏକ ପାଖକୁ ଯିବା ।
ପାଗ-ବି. ପଗଡ଼ି, ଗଦ; ମେଘ ଓ ପବନର ଅବସ୍ଥା ।

ପାଗଲ-ବି. ବାଉଳ; ଉନ୍ମତ୍ତ ।

ପାଙ୍‌କ୍ତେୟ-ବି. (ପଙ୍‌କ୍ତି-ଏୟ) ଏକ ପଙ୍‌କ୍ତିରେ ଭୋଜନାର୍ହ । [ କର୍ଣ୍ଣ ।

ପାଚକ-ବି. (ପଚ୍-ଅକ) ଜୀର୍ଣ୍ଣକାରକ; ପାକ-

ପାଚନ-ବି. (ପଚ୍-ଣିଚ୍-ଅନ) ଔଷଧ ଦ୍ରବ୍ୟର କ୍ୱାଥ ।

ପାଚେରି-ବି. (ପ୍ରାଚୀରଶବ୍ଦଜ) ବେଷ୍ଟାକାନ୍ଥ ।

ପାଛୁଡ଼ା-ବି. (ପ୍ରଚ୍ଛଦଶବ୍ଦଜ) ଉତ୍ତରୀୟ ବସ୍ତ୍ର ।

ପାଛୁଡ଼ିବା-କ୍ରି. ଲୁଗାରେ ଘଷିବା ।

ପାଛେଟିବା-ବି. ଅଗବଢ଼ି ଆଣିବା ।

ପାଞ୍ଚ-ବି. ୫ ସଂଖ୍ୟା; ବି. ବାଟର, ଅନ୍ବେଷଣା ।

ପାଞ୍ଚଜନ୍ୟ-ବି. (ପଞ୍ଚଜନ-ଯ) ବିଷ୍ଣୁଙ୍କର ଶଙ୍ଖ; ଅଗ୍ନି । [ଦଣ୍ଡ ।

ପାଞ୍ଚଣ-ବି. (ପ୍ରାଜନଶବ୍ଦଜ) ଗବାଦି-ତାଡ଼ନ-

ପାଞ୍ଚାଳ-ବି. (ପଞ୍ଚାଳ-ଅ) ଦେଶବିଶେଷ ।

ପାଞ୍ଚାଳୀ-ବି. (ପଞ୍ଚାଳ ଈ) ଦ୍ରୌପଦୀ; କାଷ୍ଠାଦିର ପୁତ୍ତଳିକା ।

ପାଞ୍ଚିବା-କ୍ରି. ବାଟର କରିବା ।

ପାଞ୍ଜି-ବି. (ପଞ୍ଜିଶବ୍ଦଜ) ଦିନାଦିର ନିର୍ଦ୍ଧାରଣ ପୁସ୍ତକ; ହିସାବଖାତା ।

ପାଟ-ବି. (ପଟ୍ଟଶବ୍ଦଜ) ରେଶମ ଲୁଗା ।

ପାଟ-ବି. ପ୍ରାନ୍ତର; ଯଥା, ବେଣାପାଟ ।

ପାଟକି-ବି. ଜାତିର ଅନ୍ତର୍ଗତ ଦଳ ।

ପାଟନ-ବି. (ପଟ୍-ଣିଚ୍-ଅନ) ଛେଦକ ।

ପାଟମହାଦେଈ-ବି. (ପଟ୍ଟମହାଦେବୀଶବ୍ଦଜ) ପ୍ରଧାନ ରାଣୀ ।

ପାଟରି-ବି. ସୂତବ୍ୟବସାୟୀ; କାପେଡ଼ି ।

ପାଟରାଣୀ-ବି. (ପାଟଘର-ଅଣୀ) ପାଟଘର ଘରଣୀ ।

ପାଟ-ରାଣୀ-ବି. (ପଟ୍ଟ-ରାଜ୍ଞୀ) ପ୍ରଧାନ ରାଣୀ ।

ପାଟଳ-ବି. (ପାଟଳା-ଅ) ଶ୍ୱେତରକ୍ତବର୍ଣ୍ଣ ବୃକ୍ଷ ଓ ପୁଷ୍ପବିଶେଷ ।

ପାଟଳି ବି (ପାଟଳା-ଇ) ପାଟଳୀବୃକ୍ଷ ।

ପାଟଳିତ-ବି. ପାଟଳବର୍ଣ୍ଣପ୍ରାପ୍ତ ।

ପାଟବ ବି. (ପଟୁ-ଅ) ପଟୁତା, ନୈପୁଣ୍ୟ ।

ପାଟ-ହାତୀ-ବି. (ପଟ୍ଟ-ହସ୍ତୀ) ରାଜାଙ୍କର ପ୍ରଧାନ

ପାଟି-ବି. ତୁଣ୍ଡ, ଉଚ୍ଚଶବ୍ଦ । [ହସ୍ତୀ ।

ପାଟିତ-ବି. (ପଟ୍-ଣିଚ୍-ତ) ଭଗ୍ନ; ଛେଦିତ ।

ପାଟୀ-ବି. (ପାଟି-ଈ) ଶୃଙ୍ଖଳା, ଅଙ୍କଶ୍ରେଣୀ ।

ପାଟୀ-ଗଣିତ-ବି. ଅଙ୍କବିଦ୍ୟା ।

ପାଠ-ବି. (ପଠ୍-ଅ) ଅଧ୍ୟୟନ, ଅଧ୍ୟୟନ ।

ପାଠକ-ବି. (ପଠ୍-ଅକ) ପାଠକର୍ତ୍ତା, ଛାତ୍ର; (ପଠ୍-ଣିଚ୍-ଅକ) ଅଧ୍ୟାପକ ।

ପାଠନା-ବି. (ପଠ୍-ଣିଚ୍-ଅନ-ଆ) ଅଧ୍ୟାପନା ।

ପାଠିତ-ବି. ଅଧ୍ୟାପିତ ।

ପାଠୀ-ବି. (ପଠ୍-ଇନ୍) ପାଠକ ।

ପାଠ୍ୟ-ବି. (ପଠ୍-ଯ) ପାଠଯୋଗ୍ୟ ।

ପାଡ଼ି-ବି. ଗୃହ୍ୟପଦକ । [ଜାହିଁ ।

ପାଡ଼ିଆ-ବି. ଯେ ଧାର ନେଇ ପରିଶୋଧ କରେ

ପାଣ-ବି. ନୀଚ ଜାତିବିଶେଷ ।

ପାଣି-ବି. (ପଣ୍-ଇ) ହସ୍ତ ।

ପାଣି-ବି. (ପାନୀୟଶବ୍ଦଜ) ଜଳ ।

ପାଣିଆ-ବି. ଜଳୀୟ ।

ପାଣିଗ୍ରହଣ } ବି. ( ପାଣି-ଗ୍ରହଣ,- ପୀଡନ )
ପାଣିପୀଡନ } ବିବାହ ।

ପାଣିନି-ବି. ବ୍ୟାକରଣ ସୂତ୍ରକର୍ତ୍ତା ମୁନିବିଶେଷ ।

ପାଣି-ଫୋଟକା-ବି. ଜଳବୁଦ୍‌ବୁଦ୍‌ ।

ପାଣ୍ଠି ବି. ଜମାପୁଞ୍ଜି । [ ଶୁକ୍ଳବର୍ଣ୍ଣ ।

ପାଣ୍ଡର-ବି. ( ପାଣ୍ଡୁ-ଅର ) ପୀତ-ଶୁକ୍ଳବର୍ଣ୍ଣ ;

ପାଣ୍ଡବ-ବି. (ପାଣ୍ଡୁ-ଅ) ପାଣ୍ଡୁଙ୍କର ପୁତ୍ର ।

ପାଣ୍ଡିତ୍ୟ-ବି. ( ପଣ୍ଡିତ-ଯ ) ପଣ୍ଡିତର ଭାବ ;
ବିଦ୍ୱତ୍ତ୍ୱ । [ ଙ୍କର ପିତା ।

ପାଣ୍ଡୁ-ବିଂ. ଶ୍ୱେତବର୍ଣ୍ଣ; ଫିକା; ବି. ପାଣ୍ଡବମାନ-

ପାଣ୍ଡୁର-ବିଂ.(ପାଣ୍ଡୁ-ଋର) ଶୁକ୍ଳପୀତ; ଶୁକ୍ଳବର୍ଣ୍ଣ ।

ପାଣ୍ଡୁଲିପି } ବି.(ପାଣ୍ଡୁ-ଲିପି,ଲେଖ୍ୟ) ଖସଡ଼ା
ପାଣ୍ଡୁଲେଖା } ଅଥବା ଟିପ୍ପଣୀ ।

ପାଣ୍ଡୋଇ-ବି. (ଉପାନହ୍‌ଶବ୍ଦଜ) ଜୋତା ।

ପାତ-ବି. (ପତ୍‌-ଅ) ପତନ; ଭ୍ରଂଶ ।

ପାତକ-ବି. (ପତ୍‌-ଣିଚ୍‌-ଅକ) ଯାହା ଲୋକକୁ
ପତିତ ବା ଭ୍ରଷ୍ଟ କରାଏ; ପାପ ।

ପାତକୀ-ବିଂ. ( ପାତକ-ଇନ୍‌ ) ପାପୀ ।

ପାତଞ୍ଜଳ-ବି. ପାତଞ୍ଜଳିପ୍ରଣୀତ ଦର୍ଶନଶାସ୍ତ୍ର ।

ପାତନ ବି. (ପାତି-ଅନ) ଅଧଃକ୍ଷେପଣ; ବିନ୍ୟାସ,

ପାତଳ-ବିଂ. ସରୁ ; କ୍ଷୀଣ । [ ବିସ୍ତାରଣ ।

ପାତା-ବିଂ. ( ପା-ତୃ ) ରକ୍ଷାକର୍ତ୍ତା ।

ପାତାଳ-ବି. (ପତ୍‌-ଅଲ) ଅଧୋଭୁବନ; ତଳ,
ଅତଳ, ବିତଳ, ସୁତଳ, ତଳାତଳ, ମହାତଳ
ଓ ରସାତଳ ଏହି ସପ୍ତପାତାଳ ।

ପାତାଳ-ଫୁଟି-ବିଂ. ପାତାଳଭେଦୀ ।

ପାତି-ବି. ବାନରବିଶେଷ । [ ଗ୍ରନ୍ଥସ୍ଥ ।

ପାତିଆ-ବି. ସୁନା ରୁପାର ସରୁପତ୍ର; ବାଉଁଶର

ପାତିତ-ବିଂ. (ପତ୍‌-ଣିଚ୍‌-ତ) ତଳକୁ ନିକ୍ଷିପ୍ତ ।

ପାତିବ୍ରତ୍ୟ-ବି. ( ପତିବ୍ରତା-ଯ ) ସତୀତ୍ୱ ।

ପାତ୍ର-ବି. (ପା-ତ୍ର) ଆଧାର ; ବର ; ଯୋଗ୍ୟ-

ପାତ୍ରତା-ବି. ଯୋଗ୍ୟତା । [ ବ୍ୟକ୍ତି ।

ପାତ୍ରୀ-ବି. (ପା-ତ୍ର-ଈ) କନ୍ୟା; ଯୋଗ୍ୟା ସ୍ତ୍ରୀ ।

ପାଥଃ-ବି. ଜଳ । [ ବାଟଖର୍ଚ୍ଚ ।

ପାଥେୟ-ବି. (ପଥିନ୍‌-ଏୟ ) ପଥର ସମ୍ବଳ,

ପାଥୋନିଧି-ବି. (ପାଥଃ-ନିଧି ) ସମୁଦ୍ର ।

ପାଦ-ବି. (ପଦ୍‌-ଅ ) ଚରଣ, ରଶ୍ମି ; ବୃକ୍ଷମୂଳ ;
ଚତୁର୍ଥାଂଶ ।

ପାଦ-ଚର-ବିଂ ପାଦଦ୍ୱାରା ଭ୍ରମଣ ।

ପାଦପ-ବି. (ପାଦ-ପା-ଅ ) ବୃକ୍ଷ ।

ପାଦ-ପୀଠ-ବି. ପାଦସ୍ଥାପନାର୍ଥ ଆସନ ।

ପାଦ-ଶୈଳ-ବି. ପର୍ବତର ନିକଟସ୍ଥ କ୍ଷୁଦ୍ରଶୈଳ ।

ପାଦୁକ-ବି. (ପାଦୋଦକଶବ୍ଦଜ) ପାଦୋଦକ ।

ପାଦୁକା-ବି.(ପାଦ-ଉକ-ଆ)କଠଉ; ଯୋତା ।

ପାଦ୍ୟ-ବି. (ପାଦ୍‌-ଯ) ପାଦପ୍ରକ୍ଷାଳନାର୍ଥ ଜଳ ।

ପାନ-ବି. ( ପା-ଅନ ) ପିଇବା ।

ପାନ-ବି. (ପର୍ଣ୍ଣଶବ୍ଦଜ) ତାମ୍ବୂଳ ।

ପାନରି-ବି. ତାମ୍ବୂଳ ବ୍ୟବସାୟୀ ।

ପାନ-ବଟା-ବି. ତାମ୍ବୂଳାଧାର ।

ପାନିଆ-ବି. ମୁଣ୍ଡ କୁଣ୍ଡେଇବାର କଙ୍କତିକା ।

ପାମ୍ବୀୟ୍-ବି. ( ପା-ଅମ୍ବୀୟ୍ ) ଜଳ; ବି. ପାନ୍ଥର
ପାନ୍ଥ-ବି. (ପଥିନ୍-ଅ) ପଥିକ । [ଯୋଗ୍ୟ ।
ପାନ୍ଥନିବାସ-ବି. (ପାନ୍ଥ-ନିବାସ) ପଥିକମାନଙ୍କ ରହିବା ସ୍ଥାନ ।
ପାପ-ବି. (ପା-ପ) ଅଧର୍ମ, ଦୁଷ୍କୃତ ।
ପାପଘ୍ନ-ବି. (ପାପ-ହନ୍-ଅ) ପାପନାଶକ ।
ପାପଡ଼-ବି. ପିଷ୍ଟକବିଶେଷ ।
ପାପାତ୍ମା-ବି. ( ପାପ-ଆତ୍ମନ୍ ) ପାପୀ ।
ପାପିଷ୍ଠ-ବି. (ପାପ-ଇଷ୍ଠ) ଅତି ପାପୀ ।
ପାପୀ-ବି. ( ପାପ-ଇନ୍ ) ପାପଯୁକ୍ତ, ପାତକୀ ।
ପାପୀୟସୀ-ବି. ( ପାପ-ଈୟସ୍-ଈ) ପାପିଷ୍ଠା ।
ପାପୀୟାନ୍ ବି. (ପାପ-ଈୟସ୍) ପାପିଷ୍ଠ ।
ପାପୁଲି-ବି. ହାତତଳ ।
ପାମର-ବି. ଅଧମ ; ନୀଚ ; ମୂର୍ଖ ।
ପାୟସ-ବି. (ପୟସ୍-ଅ ) କ୍ଷୀର ।
ପାୟା-ବି. (ଫାର୍ଶୀ) ଚୌକିର ଗୋଡ଼ ।
ପାୟୁ ବି. (ପା-ଉ) ମଳଦ୍ୱାର । [ପ୍ରାନ୍ତ ।
ପାର-ବି. (ପର-ଅ) ନଦୀର ପରତୀର; ଉଦ୍ଧାର;
ପାରଗ-ବି. ( ପାର-ଗମ୍-ଅ ) ପାରଗାମୀ ; ସମର୍ଥ । [ପ୍ରଥମ ଭୋଜନ ।
ପାରଣା-ବି. (ପାରି-ଅନ-ଆ) ଉପବାସ ପରେ
ପାରତନ୍ତ୍ର୍ୟ-ବି. (ପରତନ୍ତ୍ର-ଯ) ପରାଧୀନତା ।
ପାରତ୍ରିକ-ବି , (ପରତ୍ର-ଇକ) ପାରଲୌକିକ ; ପରଲୋକ ସମ୍ବନ୍ଧୀୟ । [ବିଶେଷ ।
ପାରଦ-ବି. ( ପାର-ଦା-ଅ ) ପାରା, ଧାତୁ-

ପାରଦର୍ଶୀ-ବି. (ପାର-ଦୃଶ୍-ଇନ୍) ପରିଣାମଦର୍ଶୀ; ବିଜ୍ଞ । [ଗାମୀ ।
ପାରଦାରିକ-ବି. (ପରଦାର-ଇକ) ପରସ୍ତ୍ରୀ-
ପାରମାର୍ଥିକ-ବି. (ପରମାର୍ଥ-ଇକ) ଧର୍ମସମ୍ବନ୍ଧୀୟ । [ବାହକ ।
ପାରମ୍ପରୀଣ-ବି. ( ପରମ୍ପରା-ଈନ ) ଧାରା-
ପାରମ୍ପର୍ଯ୍ୟ-ବି. ( ପରମ୍ପରା-ଯ ) ପରମ୍ପରାଗତ; ଅନୁକ୍ରମ । [ଲୋକ ସମ୍ବନ୍ଧୀୟ ।
ପାରଲୌକିକ-ବି. (ପରଲୋକ-ଇକ) ପର-
ପାରଶୀକ } ବି. ପାରସ୍ୟଦେଶ ସମ୍ବନ୍ଧୀୟ ।
ପାରସୀକ }
ପାରା ବି. ( ପାରାବତଶବ୍ଦଜ) ପାରାପକ୍ଷୀ ।
ପାରା ବି. (ପାରଦଶବ୍ଦଜ) ପାରାଧାତୁ ।
ପାରାବତ-ବି. ପାରାପକ୍ଷୀ ।
ପାରାବାର-ବି. (ପାର-ଅବାର) ସମୁଦ୍ର ।
ପାରାୟଣ-ବି. (ପାର-ଅୟନ) ସମାପ୍ତି; ଶାସ୍ତ୍ରର
ପାରି-ବି. ପାର; ଜଳପାତ୍ର । [ସମ୍ପୂର୍ଣ୍ଣପାଠ ।
ପାରିଜାତ } ବି. ( ପାରି-ଜାତ-କ ) ପୁରାଣୋକ୍ତ ସ୍ୱର୍ଗୀୟ ତରୁ ଓ ତାହାର ପୁଷ୍ପ ।
ପାରିଜାତକ }
ପାରିତୋଷିକ-ବି. (ପରିତୋଷ-ଇକ) ପରିତୋଷ-ଜନକ ପୁରସ୍କାର ।
ପାରିଧି-ବି. ମୃଗୟା; ଶିକାର ।
ପାରିପାଟ୍ୟ-ବି. (ପରିପାଟୀ-ଯ) ସୁଶୃଙ୍ଖଳା ।
ପାରିପାର୍ଶ୍ୱିକ-ବି. (ପରି-ପାର୍ଶ୍ୱ-ଇକ)ପାରିଷଦ; ଉପଗ୍ରହ ।
ପାରିପ୍ଲବ-ବି. (ପରିପ୍ଲବ-ଅ) ଚଞ୍ଚଳ ।

ପାରିବା କ୍ରି. ସମର୍ଥ ହେବା ।

ପାରିବା କ୍ରି. ପାରିବା; କଷ୍ଟରବା ।

ପାରିଭାଷିକ–ବି. (ପରିଭାଷା-ଇକ) ପରିଭାଷା-
ସମ୍ବନ୍ଧୀୟ ।

ପାରିଷଦ–ବି. (ପରିଷଦ-ଅ) ସଭାସଦ୍ ।

ପାରିନ୍ଦ୍ର-ବି. ସିଂହ ।

ପାରୁଷ୍ୟ–ବି. (ପରୁଷ-ଯ) କର୍କଶତା ।

ପାର୍ଥ-ବି. (ପୃଥା-ଅ) ପୃଥା-ପୁତ୍ର, ଅର୍ଜୁନ ।

ପାର୍ଥକ୍ୟ–ବି. (ପୃଥକ୍-ଯ) ପୃଥକତ୍ୱ, ଭିନ୍ନତା ।

ପାର୍ଥିବ-ବି. (ପୃଥ୍ୱୀ-ଅ) ପୃଥ୍ୱୀ ସମ୍ବନ୍ଧୀୟ ।

ପାର୍ବଣ ବି. (ପର୍ବନ୍-ଅ) ଅମାବାସ୍ୟାଦ ପର୍ବରେ
କର୍ତ୍ତବ୍ୟ ।

ପାର୍ବତୀ–ବି. (ପର୍ବତ-ଅ-ଈ) ଉମା, ଦୁର୍ଗା ।

ପାର୍ବତୀୟ–ବି. (ପର୍ବତ-ଈୟ) ପର୍ବତ ସମ୍-

ପାର୍ଶ୍ୱ–ବି. ପ୍ରାନ୍ତ, ଏକଦେଶ, ପାଖ । [ବ୍ଧୀୟ ।

ପାର୍ଷ୍ଣି–ବି. ଗୋଇଠି ।

ପାଳ–ବି. (ପାଳ୍-ଅ) ରକ୍ଷକ (ଶବ୍ଦାନ୍ତେ) ।

ପାଳ–ବି. ପୁଆଳ, କୁଟା ।

ପାଲ–ବି. ନୌକାର ଅଞ୍ଚଳ ।

ପାଳକ–ବି. (ପାଳି-ଅକ) ରକ୍ଷକ

ପାଳଙ୍ଗ–ବି. ଶାକବିଶେଷ ।

ପାଲଟ–ବି. (ପର୍ଯ୍ୟସ୍ତଶବ୍ଦଜ) ପରିବର୍ତ୍ତନ ।

ପାଲଟିବା–କ୍ରି. ବଦଳିବା ।

ପାଳନ–ବି. (ପାଳ୍-ଣିଚ୍-ଅନ) ରକ୍ଷଣ, ପୋଷଣ ।

ପାଳୟିତା–ବି. (ପାଳ୍-ଣିଚ୍-ତୃ) ପାଳନକର୍ତ୍ତା ।

ପାଲା–ବି. ପୌରାଣିକ କଥାର ଗାୟନାଦ ।

ପାଳି }
ପାଳୀ } ବି. (ପାଳ-ଇ-ଈ) ବାର, ପର୍ଯ୍ୟାୟ, ପଂକ୍ତି ।

ପାଲି–ବି. ପ୍ରାଚୀନ ମାଗଧୀଭାଷା ।

ପାଳିତ–ବି. (ପାଳି-ତ) ରକ୍ଷିତ, ପୋଷିତ ।

ପାଳୁଅ–ବି. ଏହି ନାମ ପ୍ରସିଦ୍ଧ ଚୂର୍ଣ୍ଣ ବିଶେଷ, ଯହିଁରେ
ପାୟସ ହୁଏ ।

ପାଳୁଣୀ–ବି. ପାଣ ଜାତୀୟ ସ୍ତ୍ରୀ ।

ପାବକ–ବି. (ପୂ-ଅକ) ଅଗ୍ନି ।

ପାବନ–ବି. (ପୂ ଅନ) ପବିତ୍ରକାରୀ ।

ପାବନି–ବି. (ପବନ-ଇ) ପବନପୁତ୍ର, ହନୁମାନ୍ ।

ପାବନୀ–ବି. (ପୂ-ଣିଚ-ଅନ୍-ଈ) ପବିତ୍ରକାରିଣୀ;
ବି. ଗଙ୍ଗା । [(କେଶଶବ୍ଦର ଅନ୍ତେ ।)

ପାଶ–ବି. ( ପାଶି-ଅ ) ରଜ୍ଜୁନିର୍ମିତ ଫାନ; ଚ୍ଛ

ପାଶ–ବି. ( ପାର୍ଶ୍ୱଶବ୍ଦଜ ) ପାର୍ଶ୍ୱ ( ତଦ୍ଭବଶବ୍ଦର
ଅନ୍ତେ । )

ପାଶକ–ବି. (ପାଶି-ଅକ) ପଶା, ଚଉପାର ।

ପାଶବ–ବି. ପଶୁ ସମ୍ବନ୍ଧୀୟ ।

ପାଶୀ–ବି. ( ପାଶ-ଇନ୍ ) ବରୁଣ; ବ୍ୟାଧ ।

ପାଶୁପତ–ବି. (ପଶୁପତି-ଅ) ପଶୁପତିର ଉପା-
ସକ; ପଶୁପତିର ଅସ୍ତ୍ର । [କର୍ମ ।

ପାଶୁପାଲ୍ୟ–ବି. (ପଶୁପାଲ-ଯ) ପଶୁପାଳନ

ପାଶ୍ଚାତ୍ୟ ବି. (ପଶ୍ଚାତ୍-ଯ) ପଶ୍ଚିମ ଦେଶୀୟ ।

ପାଷଣ୍ଡ–ବି. ଧର୍ମଦ୍ରୋହୀ; ପାମର ।

ପାଷାଣ–ବି. (ପେଷ୍-ଅନ) ପ୍ରସ୍ତର; ଶିଳା ।

ପାସୋର–ବି. ( ବି-ସ୍ମୃ ଧାତୁରୁ ) ବିସ୍ମରଣ ।

ପାସୋରିବା–କ୍ରି. ଭୁଲିଯିବା, ବିସ୍ମୃତ ହେବା ।

ପାହାଚ-ବ. (ପାବଛଶବ୍ଦଜ) ସୋପାନ ।
ପାହାଡ଼ ବ. ଶ୍ରେଷ୍ଠ ପର୍ବତ ।
ପାହାଡ଼ିଆ-ବଂ. ପାର୍ବତୀୟ ।
ପାହାର-ବ. (ପ୍ରହାରଶବ୍ଦଜ) ମାଡ଼, ଅଘାତ ।
ପାହୁ-ବ. ପାହୁଲା; ପଇସା ।
ପାହୁ-ବଂ. ଅସ୍ଥାୟୀ (ରଇତ ସମ୍ବନ୍ଧରେ) ।
ପାହୁଡ଼-ବ. ପାଦର ଅଳଙ୍କାର ।
ପାହୁଲା-ବ. ପଇସାର ଚତୁର୍ଥାଂଶ; ପାହୁ ।
ପିଅର-ବ. (ପିତୃ=ପିତର) ପିତା, ତାତ ।
ପିଆଜ-ବ. ପଳାଣ୍ଡୁ ।
ପିଅଶାଳ-ବ. ବୃକ୍ଷବିଶେଷ ଓ ତାହାର କାଠ ।
ପିଇବା-କ୍ରି. (ପାଧାତୁ=ପିବ,) ପାନ କରିବା ।
ପିଉସା-ବ. ପିଉସୀର ପତି ।
ପିଉସୀ-ବ. (ପିତୃଷ୍ୱସୃଶବ୍ଦଜ) ପିତାର ଭଉଣୀ ।
ପିକ-ବ. କୋକିଳ ।
ପିକ-ବ. ତାମ୍ବୁଳଚର୍ବଣଜନିତ ଛେପ ।
ପିକଦାନୀ-ବ. ପିକ ପକାଇବାର ପାତ୍ର ।
ପିକା }
ପିକା } ବ. ଧୂମପାନାର୍ଥ ଧୂଆଁପତ୍ରର ବତି ।
ପିଙ୍ଗ }
ପିଙ୍ଗଳ } ବ. (ପିଜ୍ଜ-ଅ,ଲ) ପିଙ୍ଗଳବର୍ଣ୍ଣ; ନୀଳ-
ପୀତମିଶ୍ରିତ ବର୍ଣ୍ଣ ।
ପିଚ୍-ବ. (ସ୍ପିରଶବ୍ଦଜ) ନିତମ୍ବଦେଶ ।
ପିଚାଶୁଣୀ-ବ. (ପିଶାଚୀଶବ୍ଦଜ) ଡାହାଣୀ ।
ପିଚୁମର୍ଦ୍ଦ-ବ. ନିମ୍ବବୃକ୍ଷ ।
ପିଚ୍ଛ-ବ. (ପିଚ୍ଛ-ଅ) ମୟୂରପୁଚ୍ଛ; ଚୂଡ଼ା; ଲାଙ୍ଗୁଳ ।
ପିଚ୍ଛିଳ-ବଂ. ଖସଖସ ।
ପିଚ୍ଛିଳୀ-ବଂ. ପିଚ୍ଛସମ୍ବନ୍ଧୀୟ ।
ପିଞ୍ଜର-ବ. (ପିଜ୍ଜ-ଅର) ପିଞ୍ଜରା ।
ପିଞ୍ଜା-ବ. ମଞ୍ଜିଛଡ଼ା (ତୁଳା) ।
ପିଞ୍ଜିବା-କ୍ରି. ତୁଳାର ମଞ୍ଜି ଛଡ଼ାଇବା ।
ପିଟକ-ବ. (ପିଟ୍-ଅକ) ପେଟରା ।
ପିଟା-ବ. ମାଡ଼ ।
ପିଟିବା-କ୍ରି. ମାରିବା ।
ପିଠା-ବ. (ପିଷ୍ଟକଶବ୍ଦଜ) ପୂପ ।
ପିଠି-ବ. (ପୃଷ୍ଠଶବ୍ଦଜ) ପୃଷ୍ଠ । [ଖଣ୍ଡଳ ।
ପିଠୋଉ-ବ. ପିଠା ନିମନ୍ତେ ବଟା ଗ୍ରାହ୍ୟ ଓ
ପିଢ଼ି-ବ. (ପିଠଶବ୍ଦଜ) ବେଦି; ଚଉତରା ।
ପିଢ଼ା-ବ. ( ପିଠଶବ୍ଦଜ ) କାଷ୍ଠାସନ; ଘରର
ସ୍ଥଳ ।
ପିଣ୍ଡ-ବ. (ପିଣ୍ଡ୍-ଅ) ଗୋଲବସ୍ତୁ; ଶ୍ରାଦ୍ଧରେ
ପିତୃଦେବଙ୍କୁ ଦେୟ ଗୋଲାକାର ଭକ୍ଷ୍ୟବସ୍ତୁ; ଶରୀର ।
ପିଣ୍ଡଦ-ବ. (ପିଣ୍ଡ-ଦା-ଅ) ଯେ ପିଣ୍ଡ ଦିଏ; ଅନ୍ନ-
ପିଣ୍ଡା-ବ. ପାଭାଗ; ବାରଣ୍ଡା । [ଦାତା ।
ପିଣ୍ଡିକା-ବ. ପିଣ୍ଡ ।
ପିତା-ବ. (ପା-ତୃ) ବାପ; ପିତୃତୁଲ୍ୟ ଗୁରୁ ।
ପିତା-ବଂ. (ତିକ୍ତଶବ୍ଦଜ) ତିକ୍ତ ।
ପିତାମହ-ବ. (ପିତା-ଅମହ) ପିତାର ପିତା ।
ପିତାମହୀ-ବଂ. (ପିତୃମହ-ଈ) ପିତାର ମାତା ।
ପିତୁଳା-ବ.(ପୁତ୍ତଳିଶବ୍ଦଜ) ମୂର୍ତ୍ତି; ଚକ୍ଷୁର ତାରା ।
ପିତୃ-ପକ୍ଷ-ବ. ପିତୃଶ୍ରାଦ୍ଧ କରିବାର ପକ୍ଷ; ଆଶ୍ୱିନ
ପିତୃ-ପତି-ବ. ଯମ । [କୃଷ୍ଣପକ୍ଷ ।

ପିତୃବ୍ୟ-ବି. (ପିତୃ-ବ୍ୟ) ପିତାର ଭ୍ରାତା ।

ପିତୃଷ୍ୱସା-ବି. (ପିତୃ-ସ୍ୱସା) ପିଉସୀ, ପିତାର ଭଗିନୀ । [ପ୍ରତ୍ନ ।

ପୈତୃଷ୍ୱସ୍ରୀୟ-ବି. ( ପିତୃ-ସ୍ୱସୃ-ଈୟ ) ପିଉସୀର

ପିତ୍ତ ବି.(ଅପି-ଦୋ-ତ)ଶରୀରସ୍ଥ ଧାତୁବିଶେଷ ।

ପିତ୍ତଳ ବି. (ପିତ୍ତ-ଲା-ଅ) ତାମ୍ର ଓ ସୀସକ-ମିଶ୍ରିତ ଧାତୁବିଶେଷ ।

ପିତ୍ର୍ୟ ବି॰. (ପିତୃ-ଯ) ପିତୃସମ୍ବନ୍ଧୀୟ ।

ପିଦୁଡ଼ି } ବି. ଏଉଲିଅ, ପିଜୁଳି ।
ପିଜୁଳି }

ପିଧାନ-ବି. (ଅପି-ଧା-ଅନ)ଆଚ୍ଛାଦନ,ଆବରଣ ।

ପିନଦ୍ଧ-ବି॰. (ଅପି-ନହ୍-ତ) ପରିହିତ; ଆବୃତ ।

ପିନାକ-ବି. (ପା-ଅକ) ଶିବଙ୍କର ଧନୁ ଓ ବାଦ୍ୟ-

ପିନାକୀ-ବି. (ପିନାକ-ଇନ୍) ଶିବ । [ଯନ୍ତ୍ର ।

ପିପାସା-ବି. (ପା-ସନ୍-ଅ) ପିଇବାର ଇଚ୍ଛା ।

ପିପାସିତ-ବି॰. (ପା-ସନ୍-ତ) ପାନେଚ୍ଛୁ, ତୃଷିତ ।

ପିପାସୁ-ବି॰. (ପା-ସନ୍-ଉ) ପାନେଚ୍ଛୁ, ତୃଷାର୍ତ୍ତ ।

ପିପୀଲିକା-ବି. ପିମ୍ପୁଡ଼ି ।

ପିପ୍ପଳ-ବି. ଅଶ୍ୱତ୍ଥବୃକ୍ଷ ।

ପିପ୍ପଳୀ-ବି. ପିମ୍ପୁଳୀଗଛ ଓ ତାହାର ଫଳ ।

ପିଲା-ବି. ବାଳକ ।

ପିଲସଜ-ବି. ପିତ୍ତଳନିର୍ମିତ ଦୀପାଧାର ।

ପିଶଙ୍ଗ-ବି. (ପିଶ୍-ଅଙ୍ଗ) ପିଙ୍ଗଳବର୍ଣ୍ଣ ।

ପିଶାଚ-ବି. (ପିଶିତ-ଅଶ୍-ଅ)ଏକପ୍ରକାର ଭୂତ ।

ପିଶିତ-ବି. (ପିଶ୍-ତ) ମାଂସ ।

ପିଶୁନ-ବି॰. (ପିଶ୍-ଉନ) ଖଳ; କ୍ରୂର ।

ପିଷ୍ଟ-ବି॰. (ପିଷ୍-ତ) ମର୍ଦ୍ଦିତ; ଚୂର୍ଣ୍ଣିତ ।

ପିଷ୍ଟକ-ବି. (ପିଷ୍ଟ-କ) ପିଠା ।

ପିଷ୍ଟପ-ବି. ଭୁବନ ।

ପିହିତ-ବି॰.(ଅପି-ଧା-ତ) ଆଚ୍ଛାଦିତ, ଅବରୁଦ୍ଧ ।

ପୀଠ-ବି. ( ପିଠ୍-ଅ ) ବସିବାର ଚୌକି ବା ପିଢ଼ା । [ଜାଦେବା ।

ପୀଡ଼ନ-ବି. (ପୀଡ୍-ଅନ) ଦୁଃଖଦେବା ଯାତ-

ପୀଡ଼ା-ବି. (ପୀଡ୍-ଅ) ବ୍ୟଥା, ଦୁଃଖ, ରୋଗ; ଯନ୍ତ୍ରଣା । [ରୋଗୀ ।

ପୀଡ଼ିତ-ବି॰. (ପୀଡା-ଇତ) ବ୍ୟଥିତ; ଦୁଃଖିତ;

ପୀତ-ବି. (ପା-ତ) ହରିଦ୍ରାବର୍ଣ୍ଣ, ହଳଦିଆବର୍ଣ୍ଣ; ବି॰. ଯାହା ପାନ କରାଯାଇଅଛି ।

ପୀତା-ବି. (ପୀତ-ଅ)ହରିଦ୍ରା; ଗୋରୋଚନା ।

ପୀତାମ୍ବର-ବି. (ପୀତ-ଅମ୍ବର) କୃଷ୍ଣ ।

ପୀନ-ବି॰. ସ୍ଥୂଳ ; ମୋଟା ।

ପୀନସ-ବି. ନାସିକାର ରୋଗବିଶେଷ ।

ପୀନୋଧ୍ନୀ-ବି. ( ପୀନ-ଉଧସ୍-ଈ ) ସ୍ଥୂଳସ୍ତନୀ-

ପୀୟୂଷ-ବି. (ପୀୟ୍-ଊଷ) ଅମୃତ । [ଗାଭୀ ।

ପୀବର-ବି॰. (ପ୍ୟାୟ୍-ବର) ସ୍ଥୂଳ; ବଳିଷ୍ଠ ।

ପୁଂଲିଙ୍ଗ-ବି. (ପୁମସ୍-ଲିଙ୍ଗ୍-ଅ) ପୁରୁଷବାଚକ ଶବ୍ଦ । [ବେଶ୍ୟା ।

ପୁଂଶ୍ଚଳୀ-ବି. (ପୁମସ୍ ଚଲ୍-ଈ) ଭ୍ରଷ୍ଟା; ଅସତୀ,

ପୁଂସବନ-ବି. (ପୁମସ୍-ସୂ-ଅନ) ଗର୍ଭାଧାନ ସମ୍ବନ୍ଧୀୟ ସଂସ୍କାର । [କୋକିଲ ।

ପୁଂସ୍କୋକିଳ-ବି. ( ପୁମସ୍-କୋକିଲ ) ଅଣ୍ଡିରା

ପୁଂସ୍ତ୍ୱ-ବି. (ପୁମସ୍-ତ୍ୱ) ପୁରୁଷତ୍ୱ, ଶୁକ୍ର ।

ପୁଅ-ବି. (ପୁତ୍ରଶବ୍ଦଜ) ତନୟ, ନନ୍ଦନ ।

ପୁଆ-ବି. (ପୁତ୍ରଶବ୍ଦଜ) କ୍ଷୁଦ୍ରବୃକ୍ଷ ।

ପୁଙ୍ଖ-ବି. (ପୁମସ୍-ଖନ୍-ଅ) ବାଣର ପକ୍ଷଯୁକ୍ତ ସ୍ଥାନ; ପର । [ସୂକ୍ଷ୍ମ ।

ପୁଙ୍ଖାନୁପୁଙ୍ଖ-ବିଂ. (ପୁଙ୍ଖ-ଅନୁପୁଙ୍ଖ) ସୂକ୍ଷ୍ମାନୁ-

ପୁଙ୍ଗ ବି. (ପୁମସ୍-ଗମ୍-ଅ) ରାଶି, ସମୂହ ।

ପୁଙ୍ଗବ-ବି. (ପୁମସ୍-ଗୋ-ଅ) ବୃଷ; (ଶବ୍ଦାନ୍ତେ) ଶ୍ରେଷ୍ଠ ।

ପୁଚ୍ଛ-ବି. (ପିଚ୍ଛ-ଅ) ଲାଙ୍ଗୁଳ; ପଶ୍ଚାଦ୍ଭାଗ ।

ପୁଞ୍ଜ-ବି. ରାଶି, ସମୂହ ।

ପୁଞ୍ଜି-ବି. ପାଣ୍ଠି, ମୂଳଧନ ।

ପୁଞ୍ଜିତ-ବିଂ. ରାଶୀକୃତ ।

ପୁଟ-ବି. (ପୁଟ୍-ଅ) ଆବରଣ; ଅଞ୍ଜଳି; ପାତ୍ର ।

ପୁଟୁଳି-ବି. ପୁଡ଼ିଆ ।

ପୁଡ଼ା ବି. (ପୁଟଶବ୍ଦଜ) ପୋଟଳା ।

ପୁଢ଼ା-ବି. (ପୃଷ୍ଠଶବ୍ଦଜ) ପୁସ୍ତକର ପତ୍ର ।

ପୁଣି-ଅଂ. (ପୁନରଶବ୍ଦଜ) ପୁନର୍ବାର ।

ପୁଣ୍ଡରୀକ-ବି. (ପୁଣ୍ଡ୍ର-ଅରୀକ) ଶ୍ୱେତପଦ୍ମ ।

ପୁଣ୍ଡରୀକାକ୍ଷ-ବି. (ପୁଣ୍ଡରୀକ-ଅକ୍ଷି) ପଦ୍ମନେତ୍ର; ବିଷ୍ଣୁ ।

ପୁଣ୍ଡ୍ର / ପୁଣ୍ଡ୍ରକ } ବି. (ପୁଣ୍ଡ୍-ର-କ) ଟିକା; ତିଳକ ।

ପୁଣ୍ୟ-ବି. (ପୁଣ୍-ଯ) ଧର୍ମ, ସୁକୃତ; ବିଂ. ପବିତ୍ର, ନିର୍ମଳ ।

ପୁଣ୍ୟବାନ୍-ବିଂ. (ପୁଣ୍ୟ-ବତ୍) ଧାର୍ମିକ ।

ପୁଣ୍ୟ-ଶ୍ଳୋକ-ବିଂ. ପବିତ୍ରଯଶା; ପବିତ୍ରଚରିତ୍ର ।

ପୁତୁରା-ବି. ଝିଅର ପୁଅ ।

ପୁତ୍ତଳି- / ପୁତ୍ତଳିକା } ବି. ପିତୁଳା ।

ପୁତ୍ତିକା-ବି. ଉଇପୋକ ।

ପୁତ୍ର / ପୁତ୍ର } ବି. (ପୁତ୍-ତ୍ରୈ-ଅ) (ପୂ-ତ୍ର) ସୁତ, ତନୟ ।

ପୁତ୍ରୀ / ପୁତ୍ରିକା } ବି. କନ୍ୟା ।

ପୁନଃ-ଅଂ. ପୁଣି ।

ପୁନଃ-ପୁନଃ-ଅଂ. (ପୁନର୍-ପୁନର୍) ବାରମ୍ବାର ।

ପୁନରୁକ୍ତି-ବି. (ପୁନଃ-ଉକ୍ତି) ଉକ୍ତିର ପୁନଃକଥନ ।

ପୁନର୍ଜନ୍ମ-ବି. (ପୁନଃ-ଜନ୍ମନ୍) ପୁନର୍ବାର ସଂସାରରେ ଜନ୍ମଗ୍ରହଣ ।

ପୁନର୍ବସୁ ବି. (ପୁନର୍-ବସୁ) ନକ୍ଷତ୍ରବିଶେଷ ।

ପୁନର୍ଭୂ-ବି. ବିଧବା ହୋଇ ବିବାହିତା ।

ପୁନଶ୍ଚ-ଅଂ. ପୁଣି; ପୁନର୍ବାର ।

ପୁନ୍ନାଗ-ବି. ପୋଲାଙ୍ଗ ଗଛ ।

ପୁମାନ୍-ବି. ପୁଂସ; ପୁରୁଷ ।

ପୁର-ବି. (ପୃ-ଅ) ଗୃହ; ନଗର ।

ପୁରଃ-ଅଂ. ସମ୍ମୁଖେ; ପୂର୍ବେ ।

ପୁରଃସର-ବି.(ପୁରସ୍-ସୃ-ଅ) ପୂର୍ବକ; ଅଗ୍ରସର ।

ପୁରତଃ-ଅଂ. (ପୁର-ତସ୍) ଅଗ୍ରେ; ସମ୍ମୁଖେ, ଅଭିମୁଖରେ ।

ପୁରନ୍ଦର-ବି. (ପୁର ଦୃ-ଅ) ଇନ୍ଦ୍ର ।

ପୁରନ୍ଧ୍ରୀ-ବି. (ପୁର-ଧୃ-ଅ-ଈ) ପତି-ପୁତ୍ରବତୀ ସ୍ତ୍ରୀ, [ଗୃହିଣୀ ।

ପୁର-ପାଳ-ବି. ନଗରରକ୍ଷକ ।

ପୁରଶ୍ଚରଣ-ବି. (ପୁରଃ-ଚରଣ) ମନ୍ତ୍ର, ଜପ, ହୋମ ପ୍ରଭୃତି ଦ୍ୱାରା ଦେବତାର ପୂଜା ।

ପୁରସ୍କାର-ବି. (ପୁରସ୍-କୃ-ଅ) ସମାଦର ; ପାରିତୋଷିକଦାନ । [ସମ୍ମାନିତ ।

ପୁରସ୍କୃତ-ବିଂ. (ପୁରସ୍-କୃ-ତ) ପୁରସ୍କାରପ୍ରାପ୍ତ;

ପୁରା-ଅଂ. (ପୃ-ଅ) ପୂର୍ବକାଳରେ ।

ପୁରାଣ-ବିଂ. (ପୁରା-ନ) ପ୍ରାଚୀନ; ବି, ପ୍ରାଚୀନ କାଳର ନାନା ଚରିତପୂର୍ଣ୍ଣ ଧର୍ମ୍ମ-ଗ୍ରନ୍ଥ । ପୁରାଣ ଅଷ୍ଟାଦଶ; ଯଥା, ବ୍ରହ୍ମ, ପଦ୍ମ, ବିଷ୍ଣୁ, ଶିବ, ଭାଗବତ, ନାରଦ, ମାର୍କଣ୍ଡ ଅଗ୍ନି, ଭବିଷ୍ୟ, ବ୍ରହ୍ମ-ବୈବର୍ତ୍ତ, ଲିଙ୍ଗ, ବରାହ, ସ୍କନ୍ଦ, ବାମନ, କୂର୍ମ, ମତ୍ସ୍ୟ, ଗରୁଡ ଓ ବ୍ରହ୍ମାଣ୍ଡପୁରାଣ ।

ପୁରାଣ-ପୁରୁଷ-ବି. ଆଦିପୁରୁଷ, ପରମେଶ ।

ପୁରା-ତତ୍ତ୍ୱ-ବି. ପ୍ରାଚୀନକାଳର ତଥ୍ୟ ।

ପୁରାତନ-ବିଂ. (ପୁରା-ତନ) ପ୍ରାଚୀନ ।

ପୁରାବୃତ୍ତ-ବି. ( ପୁରା-ବୃତ୍-ତ ) ପୂର୍ବବୃତ୍ତାନ୍ତ, ଇତିହାସ ।

ପୁରାସାହ-ବି. (ପୁରା-ସହ୍-ଅ) ଇନ୍ଦ୍ର ।

ପୁରି-ବି. ଗହମପିଠା ଓ ଘୃତରେ ପ୍ରସ୍ତୁତ ପିଷ୍ଟକ-ବିଶେଷ । [ତୀର୍ଥ ପୁରୁଷୋତ୍ତମ ।

ପୁରୀ-ବି. (ପୁର-ଈ) ନଗରୀ ; ଭବନ ; ପ୍ରସିଦ୍ଧ-

ପୁରୀଷ-ବି. (ପୃ-ଈଷ) ବିଷ୍ଠା, ମଳ ।

ପୁରୁ-ବିଂ. (ପୃ-ଉ) ପ୍ରଚୁର; ବି. ପ୍ରାଚୀନକାଳର ନୃପବିଶେଷ ।

ପୁରୁଖା-ବିଂ. ପ୍ରବୀଣ ।

ପୁରୁଣା-ବିଂ. (ପୁରାଣଶବ୍ଦଜ) ପ୍ରାଚୀନ, ପୁରାତନ ।

ପୁରୁଣି-ବି. ଶାକବିଶେଷ ।

ପୁରୁଷ-ବି. (ପୃ-ଉଷ) ପୁମାନ୍, ମନଷ୍ୟ; ଆତ୍ମା ।

ପୁରୁଷ-କାର-ବି. ପୌରୁଷ; ଉଦ୍ୟମ ।

ପୁରୁଷତ୍ୱ-ବି. (ପୁରୁଷ-ତ୍ୱ) ମନୁଷ୍ୟତ୍ୱ, ପୌରୁଷ; ବୀର୍ଯ୍ୟ, ଉତ୍ସାହ ।

ପୁରୁଷର୍ଷଭ-ବିଂ. (ପୁରୁଷ-ଋଷଭ) ପୁରୁଷଶ୍ରେଷ୍ଠ ।

ପୁରୁଷ-ସିଂହ-ବିଂ. ନରଶ୍ରେଷ୍ଠ ।

ପୁରୁଷାର୍ଥ-ବି. (ପୁରୁଷ-ଅର୍ଥ) ପୁରୁଷର ଧର୍ମ, ଅର୍ଥ, କାମ ମୋକ୍ଷରୂପ ପ୍ରୟୋଜନ; ମୁକ୍ତି ।

ପୁରୁଷୋତ୍ତମ-ବି. (ପୁରୁଷ-ଉତ୍ତମ) ପରମାତ୍ମା; ପୁଣ୍ୟତୀର୍ଥ ।

ପୁରୁହୂତ-ବି. (ପୁରୁ-ହୂ-ତ) ଇନ୍ଦ୍ର । [ଗାମୀ ।

ପୁରୋଗାମୀ-ବିଂ. ( ପୁରଃ ଗମ୍-ଇନ୍ ) ଅଗ୍ର-

ପୁରୋଧା-ବି. (ପୁରସ୍-ଧା-ଅସ୍) ପୁରୋହିତ ।

ପୁରୋହିତ-ବି. (ପୁରସ୍-ଧା-ତ) ଶ୍ରାଦ୍ଧାଦିକର୍ମ କରିବା ବ୍ରାହ୍ମଣ ।

ପୁଲକ-ବି. (ପୁଲ୍-ଅକ) ରୋମାଞ୍ଚ; ହର୍ଷ ।

ପୁଲକିତ-ବିଂ. (ପୁଲକ-ଇତ) ହୃଷ୍ଟ; ରୋମାଞ୍ଚିତ । [ମଧ୍ୟରୁ ଏକ ଋଷି ।

ପୁଲସ୍ତ୍ୟ-ବି. (ପୁଲ-ସ୍ତୈ-ଅ) ସପ୍ତର୍ଷିମାନଙ୍କ

ପୁଲହ-ବି. (ପୁଲ-ହା-ଅ) ସପ୍ତର୍ଷିମାନଙ୍କ ମଧ୍ୟରୁ [ଏକ ଋଷି ।

ପୁଲାଏ-କ୍ରି. ବି. ମେଞ୍ଚାଏ ।

ପୁଳି-ବି. ଏକପ୍ରକାର ପିଠା ।

ପୁଳିନ-ବି. (ପୁଲ୍-ଇନ) ତଟ ।

ପୁଳିନ୍ଦ-ବ. ଶବର ।
ପୁଲନ୍ଦା-ବ. (ଫାର୍ଶୀ) ଲଫାଫା ।
ପୁଲୋମଜା-ବ. (ପୁଲୋମନ୍-ଜନ୍-ଅ-ଆ) ଶଚୀ, ଇନ୍ଦ୍ରାଣୀ ।
ପୁଷ୍କର-ବ. (ପୁଷ୍-କର) ପଦ୍ମ; ଜଳ ।
ପୁଷ୍କରିଣୀ ବ. ( ପୁଷ୍କର-ଇନ୍-ଈ ) ପୋଖରୀ, ପଦ୍ମିନୀ ।
ପୁଷ୍କଳ-ବଂ. (ପୁଷ୍-କଲ) ବହୁ; ପ୍ରଚୁର ।
ପୁଷ୍ଟ-ବଂ. (ପୁଷ୍-ତ) ପ୍ରତିପାଳିତ; ବୃଦ୍ଧିପ୍ରାପ୍ତ ।
ପୁଷ୍ଟି-ବ. (ପୁଷ୍-ତି) ପୋଷଣ; ବୃଦ୍ଧି ।
ପୁଷ୍ଟିକର-ବଂ. (ପୁଷ୍ଟି-କର) ବୃଦ୍ଧିକାରକ, ବଳକାରକ ।
ପୁଷ୍ପ-ବ. ( ପୁଷ୍ପ୍-ଅ) ଫୁଲ, କୁସୁମ ।
ପୁଷ୍ପକ-ବ. (ପୁଷ୍ପ-କ) କୁବେର-ରଥ ।
ପୁଷ୍ପଧନ୍ୱା-ବ. (ପୁଷ୍ପ-ଧନୁଃ) କନ୍ଦର୍ପ ।
ପୁଷ୍ପମାସ-ବ. ବସନ୍ତକାଳ ।
ପୁଷ୍ପରସ-ବ. (ପୁଷ୍ପ-ରସ) ଫୁଲର ମଧୁ ।
ପୁଷ୍ପ-ରାଗ-ବ. ପୋଖରାଜ ନାମକ ମଣିବିଶେଷ ।
ପୁଷ୍ପ-ବାଟିକା-ବ. ଫୁଲବଗିଚା ।
ପୁଷ୍ପିତ-ବଂ. (ପୁଷ୍ପ-ଇତ ) କୁସୁମିତ ପ୍ରକାଶିତ ।
ପୁଷ୍ପେଷୁ-ବ. (ପୁଷ୍ପ-ଇଷୁ) କନ୍ଦର୍ପ ।
ପୁଷ୍ୟା-ବ. (ପୁଷ୍-ଯ-ଆ) ନକ୍ଷତ୍ରବିଶେଷ ।
ପୁସ୍ତକ-ବ. (ପୁସ୍ତ-ଅକ) ଗ୍ରନ୍ଥ, ପୋଥି ।
ପୁସ୍ତକାଗାର-ବ.(ପୁସ୍ତକ-ଅଗାର) ପୁସ୍ତକାଳୟ ।
ପୁହାଇବା-କ୍ରି. ପ୍ରଭାତ କରାଇବା ।
ପୂଗ-ବ. (ପୂ-ଗ) ଗୁବାକ, ଗୁଆ ।
ପୂଜକ-ବ. (ପୂଜ-ଅକ) ଉପାସକ, ସେବକ ।
ପୂଜନ-ବ. (ପୂଜ-ଅନ) ପୂଜା, ଅର୍ଚ୍ଚନା ।
ପୂଜନୀୟ-ବଂ. (ପୂଜ-ଅନୀୟ) ପୂଜାର ଯୋଗ୍ୟ, ପୂଜ୍ୟ ।
ପୂଜା-ବ. ( ପୂଜ୍-ଅ ) ଅର୍ଚ୍ଚନା, ଉପାସନା, ସେବା; ସ୍ତୁତ ।
ପୂଜାର୍ହ-ବଂ. (ପୂଜା-ଅର୍ହ) ପୂଜାର ଯୋଗ୍ୟ ।
ପୂଜାହାରୀ-ବ. (ପୂଜା-ଅହାରୀ) ଦେବପୂଜକ ବ୍ରାହ୍ମଣ ।
ପୂଜିତ-ବଂ. (ପୂଜ୍-ତ) ଅର୍ଚ୍ଚିତ, ସେବିତ ।
ପୂଜ୍ୟ-ବଂ. (ପୂଜ୍-ଯ) ପୂଜାର ଯୋଗ୍ୟ ।
ପୂଜ୍ୟମାନ-ବ. ସେବ୍ୟମାନ ।
ପୂତ-ବଂ. (ପୂ-ତ) ନିର୍ମଳ, ପବିତ୍ର ।
ପୂତନା-ବ. ପୁରାଣୋକ୍ତ ରାକ୍ଷସୀବିଶେଷ ।
ପୂତି-ବ. (ପୂୟ୍-ତି) ଦୁର୍ଗନ୍ଧ ।
ପୂତିକା-ବ. (ପୂୟ୍-ତି-କ-ଆ) ପୋଇଶାଗ ।
ପୂତିଗନ୍ଧ-ବ. (ପୂତି-ଗନ୍ଧ) ଦୁର୍ଗନ୍ଧ ।
ପୂପ-ବ. (ପୂ-ପକ୍) ପିଷ୍ଟକ, ପିଠା ।
ପୂୟ-ବ. (ପୂୟ୍-ଅ) ବିକୃତରକ୍ତ, ପୂଜ ।
ପୂର-ବ. (ପୂର୍-ଅ) ଜଳରାଶି; ପ୍ରବାହ; ପିଠା-ଭିତରେ ପୂରିତ ମିଷ୍ଟଦ୍ରବ୍ୟ ।
ପୂରଣ-ବ.(ପୂର-ଅନ) ପୂର୍ଣ୍ଣ ହେବା ବା କରିବା ।
ପୂରୟିତା-ବଂ. (ପୂର୍-ଣିଚ୍-ତୃ) ଯେ ପୂର୍ଣ୍ଣ କରେ ।
ପୂର୍ଣ୍ଣ-ବଂ. (ପୂ-ତ) ସମ୍ପୂର୍ଣ୍ଣ ।
ପୂର୍ଣ୍ଣିମା
ପୂର୍ଣ୍ଣିମାସୀ } ବ. (ପୂର୍ଣ୍ଣ-ମା, ମାସୀ) ପୂର୍ଣ୍ଣିମା ତିଥି ।

ପୂର୍ଣ୍ଣାୟୁ-ବି. ( ପୂର୍ଣ୍ଣ-ଅୟୁ ) ଶତବର୍ଷପରିମିତ ଜୀବିତକାଳ । [ଦଣ୍ଡୀ ଭାଷ୍ୟ ।

ପୂର୍ଣ୍ଣିମା-ବି. (ପୂର୍ଣ୍ଣ-ଇମ-ଅ) ଶୁକ୍ଳପକ୍ଷର ପଞ୍ଚ-

ପୂର୍ତ୍ତ-ବି. ( ପୃ-ତ ) ସାଧାରଣର ଉପକାରାର୍ଥ ଜଳାଶୟାଦି ଖନନ ।

ପୂର୍ତ୍ତି-ବି. (ପୂର୍-ତି) ପୂରଣ । [ପ୍ରାଚୀନ ।

ପୂର୍ବ-ବି. (ପୂର୍ବ୍-ଅ) ଅଗ୍ର; ପ୍ରାଗଦିକ୍; ବିଂ.

ପୂର୍ବ-ପୁରୁଷ-ବି. ପିତୃ ପିତାମହାଦି ।

ପୂର୍ବଫାଲ୍ଗୁନୀ-ବି. ନକ୍ଷତ୍ରବିଶେଷ ।

ପୂର୍ବ-ଭାଦ୍ରପଦ-ବି. ନକ୍ଷତ୍ରବିଶେଷ ।

ପୂର୍ବ-ରାଗ-ବି. ନାୟକ ନାୟିକାର ପରସ୍ପର ପ୍ରଥମ ପ୍ରଥମାନୁରାଗ ।

ପୂର୍ବାଷାଢା-ବି.(ପୂର୍ବ-ଅଷାଢା) ନକ୍ଷତ୍ରବିଶେଷ ।

ପୂର୍ବାହ୍ଣ-ବି. ( ପୂର୍ବ-ଅହନ୍ ) ଦିବସର ପ୍ରଥମ-ଭାଗ ।

ପୂର୍ବୋକ୍ତ-ବିଂ. (ପୂର୍ବ-ଉକ୍ତ) ପୂର୍ବକଥିତ ।

ପୂଷା-ବି. ( ପୂଷ୍-ଅନ୍ ) ସୂର୍ଯ୍ୟ ।

ପୃକ୍ତ-ବିଂ. (ପୃଚ୍-ତ) ମିଶ୍ରିତ; ସଂଲଗ୍ନ ।

ପୃଚ୍ଛା-ବି. ( ପୃଚ୍ଛ୍-ଅ-ଆ ) ପ୍ରଶ୍ନ, ଜିଜ୍ଞାସା ।

ପୃତନା-ବି. ସେନା, ସୈନ୍ୟଦଳ ।

ପୃଥକ୍-ଅଂ. (ପୃଥ୍-ଅକ୍) ଭିନ୍ନ । [ପତ୍ନୀ ।

ପୃଥା-ବି. ( ପୃଥ୍-ଅ-ଆ ) କୁନ୍ତୀ, ପାଣ୍ଡୁରାଜାଙ୍କ

ପୃଥ୍ବୀ } ବି. (ପ୍ରଥ୍-ଇବୀ,) ଭୂମି, ଧରା ।
ପୃଥ୍ୱୀ }

ପୃଥୁ-ବିଂ. ( ପ୍ରଥ୍-ଉ ) ବିସ୍ତୃତ ; ବିଶାଳ ; ସ୍ଥୂଳ; ବି. ପ୍ରାଚୀନକାଳର ନୃପବିଶେଷ ।

ପୃଥୁକ-ବି. ଚୂଡ଼ା ।

ପୃଥୁଳ-ବିଂ. (ପୃଥୁ-ଳ) ବୃହତ୍, ବିସ୍ତୃତ; ସ୍ଥୂଳ ।

ପୃଷତ୍-ବି. ପୃଷ୍-ଅତ୍) ଜଳବିନ୍ଦୁ ।

ପୃଷୋଦର-ବି. ( ପୃଷତ୍-ଉଦର ) ବାୟୁ ।

ପୃଷ୍ଟ-ବିଂ. ( ପ୍ରଚ୍ଛ୍-ତ ) ଜିଜ୍ଞାସିତ ।

ପୃଷ୍ଠ-ବି. ( ପୃଷ୍-ଥ ) ପଶ୍ଚାଦ୍ଭାଗ, ପିଠି; ପତ୍ରା-ଦିର ଏକ ପାଖ ।

ପୃଷ୍ଠ-ବଂଶ-ବି. ପିଠିର ମଝିହାଡ଼ ।

ପୃଷ୍ଠଭଙ୍ଗ-ବି. ( ପୃଷ୍ଠ-ଭଞ୍ଜ୍-ଅ ) ପଳାୟନ, ଯୁଦ୍ଧରେ ହାରି ପଳାଇବା ।

ପେଚ-ବି. ବଳ ।

ପେଚକ-ବି. (ପେଚ୍-ଅକ) ପେଚା ।

ପେଜ-ବି. ଭାତର ମଣ୍ଡଜଳ ।

ପେଟ-ବି. ଉଦର,ଗର୍ଭ ।

ପେଟକ-ବି. ପେଟରା ।

ପେଟିକା-ବି. ପେଟରା ।

ପେଟରା-ବି. ପେଡ଼ି ।

ପେଟୁ-ବିଂ. ଉଦରମ୍ଭରି ।

ପେଠୀ-ବି. ବାଘର ସ୍ତ୍ରୀ ।

ପେଡ଼ା-ବି. ମିଷ୍ଟାନ୍ନବିଶେଷ ; ପେଟରା ।

ପେଡ଼ି-ବି. (ପେଟୀଶବ୍ଦଜ) ପେଟରାବିଶେଷ ।

ପେଡ଼ିବା-କ୍ରି. (ପୀଡ଼୍ଧାତୁରୁ) ରସ ବା ତେଲ ବାହାର କରିବା ।

ପେଣ୍ଡ-ବି. ଗଞ୍ଜ, ହାଟ ।

ପେଣ୍ଠୀ-ବିଂ. ସ୍ଥୂଳା ଓ ବାଗସ୍ତ ।

ପେଣ୍ଡ୍ରା-ବି. ଗଚ୍ଛ, କାଣ୍ଡ ।

ପେୟ-ବିଂ. (ପା-ଯ) ପାନୀୟ, ପାନର ଯୋଗ୍ୟ ।

ପେଲ-ବି. ଅଣ୍ଡକୋଷ ।

ପେଲବ-ବିଂ. କୋମଳ, ମୃଦୁ ।

ପେଲିବା-କ୍ରି. ଠେଲିବା । [କର ।

ପେଶକସ-ବି. (ଫାର୍ସୀ) ସାମନ୍ତନୃପ-ପ୍ରଦତ୍ତ-

ପେଶକାର-ବି. (ଫାର୍ସୀ) ।

ପେଶଲ-ବିଂ. ସୁନ୍ଦର; କୋମଳ ।

ପେଶା-ବି. (ଫାର୍ସୀ) ବ୍ୟବସାୟ ।

ପେଶୀ-ବି. ମାଂସପିଣ୍ଡ ।

ପେଷଣ-ବି. (ପିଷ୍-ଅନ) ଚୂର୍ଣ୍ଣନ ।

ପେଷଣୀ-ବି. ପେଷଣଯନ୍ତ୍ର ।

ପେଷିବା-କ୍ରି. (ପିଷ୍‌ଧାତୁରୁ) ଚୂର୍ଣ୍ଣ କରିବା ।

ପେଷିବା-କ୍ରି. (ପ୍ର-ଇଷ୍‌ଧାତୁରୁ) ପ୍ରେରଣ କରିବା (ପଦ୍ୟେ ବ୍ୟବହୃତ) ।

ପୈତା ବି. (ପବିତ୍ରଶବ୍ଦଜ) ଯଜ୍ଞୋପବୀତ ।

ପୈତୃକ-ବିଂ. (ପିତୃ-କ) ପିତୃପିତାମହାଦି ସମ୍ବନ୍ଧୀୟ ।

ପୈଶାଚ, ପୈଶାଚିକ } ବିଂ. (ପିଶାଚ-ଅ, ଇକ) ପିଶାଚ-ସମ୍ବନ୍ଧୀୟ; ଅସୁରିକ ।

ପୋଇ-ବି. ପୁଇକା ଶାକ ।

ପୋଇଲି-ବି. ଦାସୀ ।

ପୋକ-ବି. କୀଟ ।

ପୋକରି-ବିଂ. ପୋକ-ଖିଆ ।

ପୋଖତ-ବିଂ. (ଫାର୍ସୀ) ପକ୍ୱ; ଦୃଢ଼ ।

ପୋଖତି-ବି. (ପ୍ରସୂତଶବ୍ଦଜ) ନବପ୍ରସୂତା ସ୍ତ୍ରୀ ।

ପୋଖରୀ-ବି. (ପୁଷ୍କରିଣୀଶବ୍ଦଜ) ପୁଷ୍କରିଣୀ ।

ପୋଗଣ୍ଡ-ବି. ଅପୋଗଣ୍ଡ ବାଳକ ।

ପୋଛିବା-କ୍ରି. (ପ୍ର-ଉଞ୍ଛ୍‌ଧାତୁରୁ) ମାର୍ଜନ କରିବା,

ପୋଡ଼ା-ବିଂ. ଦଗ୍ଧ । [ପରିଷ୍କାର କରିବା ।

ପୋଡ଼ିବା-କ୍ରି. ଅଗ୍ନିରେ ଦଗ୍ଧ କରିବା ।

ପୋଢୁଆଁ-ବିଂ. (ପ୍ରଥମଶବ୍ଦଜ) ପ୍ରଥମଜାତ ।

ପୋତ-ବି. ଶାବକ; ଜାହାଜ ।

ପୋତକ-ବି. କୀଟବିଶେଷ ।

ପୋତା-ବିଂ. ପ୍ରୋଥିତ ।

ପୋତାଧ୍ୟକ୍ଷ-ବି. (ପୋତ-ଅଧ୍ୟକ୍ଷ) ଜାହାଜା-ଦର କାପ୍ତାନ, ଜାହାଜରକ୍ଷକ ।

ପୋତାଶ୍ରୟ-ବି. (ପୋତ-ଆଶ୍ରୟ) ଜାହାଜର ନିରାପଦସ୍ଥାନ ।

ପୋତିବା-କ୍ରି. ପ୍ରୋଥିତ କରିବା ।

ପୋତ୍ର-ବି. ଶୂକରର ମୁଖାଗ୍ର ।

ପୋଥି-ବି. (ପୁସ୍ତକଶବ୍ଦର-ଅପଭ୍ରଂଶ) ପୁସ୍ତକ ।

ପୋଦ୍ଦାର-ବି. (ଫାର୍ସୀ) ଟଙ୍କା ପରୀକ୍ଷକ ।

ପୋପରି-ବିଂ. ପୋକଖିଆ, ଘୁଣଖିଆ ।

ପୋବାର-ବି. (ପାବରଶବ୍ଦଜ) ପଶାର ଏକ-ପ୍ରକାର ପତନ ।

ପୋରିଆ-ବିଂ. ଅତି ପୁରୁଣା, ଜୀର୍ଣ୍ଣ ।

ପୋଲ-ବି. ସେତୁ; ଶୂନ୍ୟ-ମଧ୍ୟ ।

ପୋଲି-ବିଂ. ମାରଣା; ଘମ୍ବା ।

ପୋଷ-ବି. ଅଧଅଞ୍ଜୁଳା ।

ପୋଷଣ-ବି. (ପୁଷ୍-ଅନ) ପାଳନ ।

ପୋଷା-ବି. (ପୁଷ୍‌ଧାତୁରୁ) ପାଳିତ ।

ପୋଷାକ-ବ. (ପାର୍ଶୀ) ପରିଚ୍ଛଦ ।

ପୋଷ୍ଟା-ବି. (ପୁଷ୍-ତୃ) ପୋଷଣକର୍ତ୍ତା ।

ପୋଷ୍ୟ-ବି. ( ପୁଷ୍-ଯ ) ପୋଷଣୀୟ, ପ୍ରତି

ପୋଷ୍ୟ-ପୁତ୍ର-ବ. ଦତ୍ତକପୁତ୍ର । [ପାଳନୀୟ ।

ପୋସ୍ତ-ବ. (ପାର୍ଶୀ) ଅଫିମ ଫଳ ।

ପୋହଳା-ବ. (ପ୍ରବାଳଶବ୍ଦଜ) ପ୍ରବାଳ ।

ପୌଗଣ୍ଡ-ବ. (ପୋଗଣ୍ଡ-ଅ) ବାଲ୍ୟକାଳ ।

ପୌତ୍ତଳିକ-ବି. (ପୁତ୍ତଳି-କ) ପ୍ରତିମାପୂଜକ ।

ପୌତ୍ର-ବ. (ପୁତ୍ର-ଅ) ପୁତ୍ରର ପୁତ୍ର, ନାତି ।

ପୌତ୍ରୀ-ବ. ( ପୁତ୍ର-ଅ-ଈ ) ପୁତ୍ରର କନ୍ୟା, ନାତୁଣୀ । [ ପୁନଃ ଜାତ ।

ପୌନଃପୁନିକ-ବି. (ପୁନଃପୁନଃ-ଇକ) ପୁନଃ-

ପୌର-ବି. ( ପୁର-ଅ ) ନଗରସମ୍ବନ୍ଧୀୟ; ବ. ନଗରବାସୀ ।

ପୌରବ-ବି. (ପୁରୁ-ଅ) ପୁରୁବଂଶୀୟ (ରାଜା) ।

ପୌରସ୍ତ୍ୟ-ବି. (ପୁରସ୍-ତ୍ୟ) ପ୍ରାଚ୍ୟ; ପ୍ରାଥମିକ

ପୌରାଣିକ-ବି. ( ପୁରାଣ-ଇକ ) ପୁରାଣ ସମ୍ବନ୍ଧୀୟ; ବ. ପୁରାଣଶାସ୍ତ୍ରରେ ପଣ୍ଡିତ ।

ପୌରୁଷ-ବ. (ପୁରୁଷ-ଅ) ପୁରୁଷତ୍ୱ, ପରାକ୍ରମ; ତେଜଃ । [ ମନୁଷ୍ୟରଚିତ ।

ପୌରୁଷେୟ-ବି. (ପୁରୁଷ-ଏୟ) ପୁରୁଷକୃତ,

ପୌରୋହିତ୍ୟ-ବ. (ପୁରୋହିତ-ଯ) ପୁରୋହିତର କର୍ମ ।

ପୌର୍ଣ୍ଣମାସୀ-ବ.(ପୂର୍ଣ୍ଣମାସ-ଅ-ଈ) ପୂର୍ଣ୍ଣିମାତିଥି ।

ପୌର୍ବାପର୍ଯ୍ୟ-ବ. (ପୂର୍ବାପର-ଯ) ପୂର୍ବାପରତ୍ୱ, ଅନୁକ୍ରମ ।

ପୌଲସ୍ତ୍ୟ-ବ. (ପୁଲସ୍ତ୍ୟ-ଅ) ପୁଲସ୍ତ୍ୟ-ସନ୍ତାନ, କୁବେର; ରାବଣ । [ ଶଚୀ ।

ପୌଲୋମୀ-ବ. (ପୁଲୋମନ୍-ଅ-ଈ) ଇନ୍ଦ୍ରାଣୀ,

ପୌଷ-ବ. (ପୁଷ୍ୟା-ଅ) ଯେଉଁ ମାସର ପୂର୍ଣ୍ଣିମାରେ ପୁଷ୍ୟାନକ୍ଷତ୍ର ହୁଏ ।

ପୌଷ୍ଟିକ-ବି. (ପୁଷ୍ଟି-କ) ପୁଷ୍ଟିକାରକ ।

ପ୍ର-ଉପସର୍ଗ, ଅ. ଆରମ୍ଭ, ଉତ୍କର୍ଷ, ଖ୍ୟାତି, ଆଧିକ୍ୟ ପ୍ରଭୃତି ଭାବର ବୋଧକ ।

ପ୍ରକଟ-ବି. ବ୍ୟକ୍ତ ।

ପ୍ରକଟନ-ବ. (ପ୍ର-କଟ୍-ଅନ) ପ୍ରକାଶନ ।

ପ୍ରକଟିତ-ବି. (ପ୍ର-କଟ୍-ତ) ପ୍ରକାଶିତ ।

ପ୍ରକର-ବ. (ପ୍ର-କୃ-ଅ) ସମୂହ, ପୁଷ୍ପାଦିର ସ୍ତବକ ।

ପ୍ରକରଣ-ବ. ( ପ୍ର-କୃ-ଅନ ) ପ୍ରସ୍ତାବ; ପ୍ରସଙ୍ଗ; ଅଧ୍ୟାୟ ।

ପ୍ରକର୍ଷ ବ. (ପ୍ର-କୃଷ୍-ଅ) ଉତ୍କର୍ଷ, ଆଧିକ୍ୟ ।

ପ୍ରକାଣ୍ଡ-ବି. (ପ୍ର-କାଣ୍ଡ) ଅତି ବୃହତ୍ ।

ପ୍ରକାର-ବ. ( ପ୍ର-କୃ-ଅ ) ପ୍ରଭେଦ; ଜାତି; ଶ୍ରେଣୀ; ରୀତି ।

ପ୍ରକାରାନ୍ତର-ବ. ( ପ୍ରକାର-ଅନ୍ତର ) ଅନ୍ୟ-ପ୍ରକାର । [ ପ୍ରକଟ; ବିକସିତ, ସ୍ପଷ୍ଟ ।

ପ୍ରକାଶ-ବ. ( ପ୍ର-କାଶ୍-ଅ ) ଦୀପ୍ତି; ବି. ପ୍ରସନ୍ନ ;

ପ୍ରକାଶକ-ବି. (ପ୍ର-କାଶ୍-ଅକ) ପ୍ରକାଶକାରୀ ।

ପ୍ରକାଶନ-ବ. ( ପ୍ର-କାଶ୍-ଅନ ) ପ୍ରକଟନ ।

ପ୍ରକାଶିତ-ବି. ( ପ୍ର-କାଶ୍-ତ ) ପ୍ରକଟିତ ; ଦୀପିତ ; ବିସ୍ତୃତ ।

ପ୍ରକାଶ୍ୟ-ବି. (ପ୍ର-କାଶ୍-ଯ) ପ୍ରକାଶଯୋଗ୍ୟ ।

ପ୍ରକୀର୍ଣ୍ଣ-ବି. ( ପ୍ର-କୃ-ତ ) ବିକ୍ଷିପ୍ତ ।

ପ୍ରକୀର୍ତ୍ତିତ-ବି. (ପ୍ର-କୃତ୍-ତ) ବର୍ଣ୍ଣିତ; ବିଖ୍ୟାତ ।

ପ୍ରକୁପିତ-ବି. (ପ୍ର-କୁପ୍-ତ) ଅତିଶୟ କ୍ରୁଦ୍ଧ ।

ପ୍ରକୃତ-ବି. (ପ୍ର-କୃ-ତ) ଯଥାର୍ଥ; ପ୍ରସ୍ତାବିତ ।

ପ୍ରକୃତି-ବି. (ପ୍ର-କୃ-ତି) ସୃଷ୍ଟି; ସ୍ୱଭାବ ; ପ୍ରଜା ; ମୂଳ ଶବ୍ଦ ବା ଧାତୁ । [ସୁସ୍ଥ ।

ପ୍ରକୃତିସ୍ଥ-ବି. (ପ୍ରକୃତି-ସ୍ଥା-ଅ) ନିଜ ଭାବାପନ୍ନ;

ପ୍ରକୃଷ୍ଟ-ବି. (ପ୍ର-କୃଷ୍-ତ) ଶ୍ରେଷ୍ଠ, ପ୍ରଶସ୍ତ, ଉତ୍କୃଷ୍ଟ । [ବେଗର ଉତ୍କଟତା ।

ପ୍ରକୋପ-ବି. (ପ୍ର-କୁପ୍-ଅ) ଅତିଶୟ କୋପ;

ପ୍ରକୋଷ୍ଠ-ବି. (ପ୍ର-କୁଷ୍-ଠ) କୋଠରି; କହୁଣିଠାରୁ ମଣିବନ୍ଧ ପର୍ଯ୍ୟନ୍ତ ବାହୁ-ଭାଗ ।

ପ୍ରକ୍ରମ-ବି. (ପ୍ର-କ୍ରମ-ଅ) ପ୍ରଥମାରମ୍ଭ; ଉପକ୍ରମ ।

ପ୍ରକ୍ରିୟା-ବି. (ପ୍ର-କୃ-ଯ-ଆ) ବିଶିଷ୍ଟକ୍ରିୟା; ପ୍ରୟୋଗ ।

ପ୍ରକ୍ୱଣ-ବି. (ପ୍ର-କ୍ୱଣ୍-ଅ) ବୀଣାଧ୍ୱନି; ଧ୍ୱନି ।

ପ୍ରକ୍ଷାଳନ-ବି. (ପ୍ର-କ୍ଷାଳି-ଅନ) ଧୌତକରଣ; ପରିଷ୍କରଣ ।

ପ୍ରକ୍ଷିପ୍ତ-ବି. (ପ୍ର-କ୍ଷିପ୍-ତ) ନିକ୍ଷିପ୍ତ; ଅନ୍ତର୍ନିବେଶିତ ।

ପ୍ରକ୍ଷେପ-ବି. (ପ୍ର-କ୍ଷିପ୍-ଅ) ନିକ୍ଷେପ ।

ପ୍ରକ୍ଷ୍ୱେଡ଼ନ-ବି. ଲୌହମୟ ବାଣ ।

ପ୍ରଖର-ବି. (ପ୍ର-ଖର) ତୀକ୍ଷ୍ଣ; ତୀବ୍ର ।

ପ୍ରଖ୍ୟାତ-ବି. (ପ୍ର-ଖ୍ୟା-ତ) ପ୍ରସିଦ୍ଧ; ବିଖ୍ୟାତ ।

ପ୍ରଗତ-ବି. (ପ୍ର-ଗମ୍-ତ) ପୃଥଗ୍ଗତ; ଉନ୍ନତ ।

ପ୍ରଗଲ୍‌ଭ-ବି. (ପ୍ର-ଗଲ୍‌ଭ-ଅ) ଉଦ୍ଧତ; ଲଜ୍ଜାଶୂନ୍ୟ; ସାହସୀ । [ନିବଡ଼; ଗମ୍ଭୀର ।

ପ୍ରଗାଢ଼-ବି. (ପ୍ର-ଗାହ୍-ତ) ଅତିଶୟ ଦୃଢ଼,

ପ୍ରଗ୍ରହ-ବି. ଲଗାମ ।

ପ୍ରଚକ୍ଷୁ-ବି. ଚଷମା ।

ପ୍ରଚଣ୍ଡ-ବି. (ପ୍ର-ଚଣ୍ଡ) ପ୍ରଖର, ଦୁଃସହ; ଭୀଷଣ ।

ପ୍ରଚଳନ-ବି. (ପ୍ର-ଚଳ୍-ଅନ) ପ୍ରଚାର, ଚଳନ ।

ପ୍ରଚଳିତ-ବି. (ପ୍ର-ଚଳ୍-ତ) ପ୍ରବର୍ତ୍ତିତ; ଯାହା ଚାଲୁଅଛି । [ପ୍ରକାଶ ।

ପ୍ରଚାର-ବି. (ପ୍ର-ଚର୍-ଅ) ଚଳନ; ପ୍ରସିଦ୍ଧି;

ପ୍ରଚାରକ-ବି. (ପ୍ର-ଚର୍-ଣିଚ୍-ଅକ) ଯେ ପ୍ରଚାର କରେ । [ପ୍ରକାଶିତ ।

ପ୍ରଚାରିତ-ବି. (ପ୍ର-ଚର-ଣିଚ୍-ତ) ବିଜ୍ଞାପିତ,

ପ୍ରଚୁର-ବି. (ପ୍ର-ଚୁର୍-ଅ) ପ୍ରଭୂତ, ବହୁଳ ।

ପ୍ରଚେତାଃ-ବି. (ପ୍ର-ଚେତସ୍) ବରୁଣ; ମୁନିବିଶେଷ । [ନିୟୋଜିତ ।

ପ୍ରଚୋଦିତ-ବି. (ପ୍ର-ଚୁଦ୍-ଣିଚ୍-ତ) ପ୍ରେରିତ;

ପ୍ରଚ୍ଛନ୍ନ-ବି. (ପ୍ର-ଛଦ୍-ତ) ଆଚ୍ଛାଦିତ, ଗୁପ୍ତ ।

ପ୍ରଚ୍ଛର୍ଦ୍ଦନ-ବି. (ପ୍ର ଛର୍ଦ୍-ଅନ) ବମନ ।

ପ୍ରଚ୍ଛାଦନ-ବି. (ପ୍ର-ଛଦ୍-ଣିଚ୍-ଅନ) ଆଚ୍ଛାଦନ ।

ପ୍ରଜା-ବି. (ପ୍ର-ଜନ୍-ଅ-ଆ) ସନ୍ତାନ, ରାଜାର ଅଧୀନସ୍ଥ ଜନ ।

ପ୍ରଜାଗର-ବି. (ପ୍ର-ଜାଗୃ-ଅ) ଜାଗରଣ ।

ପ୍ରଜା-ତନ୍ତ୍ର-ବି. ପ୍ରଜାମାନଙ୍କର ହସ୍ତଗତ ରାଜ୍ୟ-ଶାସନ । [ପାକଷି-ପତଙ୍ଗ ।

ପ୍ରଜାପତି-ବି. (ପ୍ରଜା-ପତି) ବ୍ରହ୍ମା; ରାଜା;

ପ୍ରଜ୍ଞ-ବି. (ପ୍ର-ଜ୍ଞା-ଅ); ଜ୍ଞାନୀ, ବିଚକ୍ଷଣ, ପଣ୍ଡିତ ।

ପ୍ରଜ୍ଞା-ବି. (ପ୍ର-ଜ୍ଞା-ଅ) ବୁଦ୍ଧି; ସୂକ୍ଷ୍ମମତି ।

ପ୍ରଜ୍ୱଳିତ-ବି. (ପ୍ର-ଜ୍ୱଳ୍-ତ) ଜ୍ୱଳନଯୁକ୍ତ; ଜ୍ୱଳନ୍ତ ।

ପ୍ରଣତ-ବି. (ପ୍ର-ନମ୍-ତ) କୃତପ୍ରଣାମ ।
ପ୍ରଣତି-ବି. (ପ୍ର-ନମ୍-ତି) ପ୍ରଣାମ ।
ପ୍ରଣୟ-ବି. (ପ୍ର-ନୀ-ଅ) ପ୍ରୀତି; ପରିଚୟ ।
ପ୍ରଣୟନ-ବି. (ପ୍ର-ନୀ-ଅନ) ନିର୍ମ୍ମାଣ; ରଚନା ।
ପ୍ରଣୟୀ-ବି. (ପ୍ରଣୟ-ଇନ୍) ଅନୁରକ୍ତ ନାୟକ ।
ପ୍ରଣୟିନୀ-ବି. (ପ୍ରଣୟ-ଇନ୍-ଈ) ଅନୁରକ୍ତା ନାୟିକା । [ଓଁକାର ।
ପ୍ରଣବ-ବି. (ପ୍ର-ନୁ-ଅ) ବେଦର ଆଦ୍ୟବୀଜ;
ପ୍ରଣାମ-ବି. (ପ୍ର-ନମ୍-ଅ) ପ୍ରଣତି; ନମସ୍କାର ।
ପ୍ରଣାଳୀ-ବି. (ପ୍ର-ନାଳୀ) ଜଳ ନିର୍ଗମ ପଥ, ଖାତ, ଧାରା । [ନିବେଶ ।
ପ୍ରଣିଧାନ-ବି. (ପ୍ର-ନି-ଧା-ଅନ) ଧ୍ୟାନ; ମନୋ-
ପ୍ରଣିଧି-ବି. (ପ୍ର-ନି-ଧା-ଇ) ଦୂତ ।
ପ୍ରଣିପାତ-ବି. (ପ୍ର-ନି-ପତ୍-ଅ) ପ୍ରଣାମ ।
ପ୍ରଣୀତ-ବିଂ. (ପ୍ର-ନୀ-ତ) ରଚିତ ।
ପ୍ରଣେତା-ବିଂ. (ପ୍ର-ନୀ-ତୃ) ରଚୟିତା ।
ପ୍ରଣୋଦିତ-ବିଂ. (ପ୍ର-ନୁଦ୍-ଣିଚ୍-ତ) ପ୍ରେରିତ; ଚାଳିତ ।
ପ୍ର-ତନୁ-ବିଂ. ସରୁ, କୃଶ । [ତନୁ ।
ପ୍ରତାନ-ବି. (ପ୍ର-ତନ୍-ଅ) ବିସ୍ତାର; ଲତାର
ପ୍ରତାପ-ବି. (ପ୍ର-ତପ୍-ଅ) ପ୍ରଭାବ; ତେଜଃ ।
ପ୍ରତାରକ-ବିଂ. (ପ୍ର-ତୃ-ଅକ) ବଞ୍ଚକ ।
ପ୍ରତାରଣା-ବି. (ପ୍ର-ତୃ-ଅନ-ଆ) ପ୍ରବଞ୍ଚନା ।
ପ୍ରତାରିତ-ବିଂ. (ପ୍ର-ତୃ-ଣିଚ୍-ତ) ପ୍ରବଞ୍ଚିତ ।
ପ୍ରତି-ଅଂ. ଉପସର୍ଗ-ପ୍ରତିନିଧି, ବିପରୀତ, ପ୍ରତ୍ୟେକ, ଲକ୍ଷ୍ୟ, ପରବର୍ତ୍ତୀ ପ୍ରଭୃତିଭାବର ବୋଧକ ।

ପ୍ରତିକାର / ପ୍ରତୀକାର } ବି. (ପ୍ରତି-କୃ-ଅ) ପ୍ରତିବିଧାନ; ଉପାୟାନୁଷ୍ଠାନ; ଚିକିତ୍ସା ।
ପ୍ରତିକୂଳ-ବିଂ. (ପ୍ରତି-କୂଳ) ପ୍ରତିପକ୍ଷ; ବିରୁଦ୍ଧ ।
ପ୍ରତିକୃତି-ବି. (ପ୍ରତି-କୃ-ତି) ପ୍ରତିମୂର୍ତ୍ତି; ସାଦୃଶ୍ୟ ।
ପ୍ରତିକ୍ରିୟା-ବି. (ପ୍ରତି-କ୍ରିୟା) ପ୍ରତିକାର; କ୍ରିୟାର ପ୍ରତିଯୋଗରେ କ୍ରିୟା ।
ପ୍ରତିକ୍ଷଣ-କ୍ରି. ବିଂ. (ପ୍ରତି-କ୍ଷଣ) କ୍ଷଣେ କ୍ଷଣେ ।
ପ୍ରତିଗ୍ରହ-ବି. (ପ୍ରତି-ଗ୍ରହ-ଅ) ଦାନଗ୍ରହଣ; ଦେୟବସ୍ତୁ ।
ପ୍ରତିଘାତ-ବି. (ପ୍ରତି-ହନ୍-ଅ) ଗୋଟିଏ ପଦାର୍ଥ ଅନ୍ୟ ଗୋଟିଏ ପଦାର୍ଥକୁ ଆଘାତ କଲେ ଆହତ ପଦାର୍ଥ ପୁନର୍ବାର ତାହାକୁ ଯେ ଆଘାତ କରେ ।
ପ୍ରତି-ଜିହ୍ୱା-ବି. ଜିହ୍ୱା ମୂଳରେ ଥିବା ଘଣ୍ଟିକା ।
ପ୍ରତିଜ୍ଞା-ବି. (ପ୍ରତି-ଜ୍ଞା-ଅ) ସଂକଳ୍ପ, ଅଙ୍ଗୀକାର; [ପଣ; ପ୍ରସ୍ତାବ ।
ପ୍ରତିଜ୍ଞାତ-ବିଂ. ଅଙ୍ଗୀକୃତ ।
ପ୍ରତିଦାନ-ବି. (ପ୍ରତି-ଦା-ଅନ) ବିନିମୟ ।
ପ୍ରତିଦିନ-କ୍ରି. ବିଂ. ପ୍ରତ୍ୟହ । [ଶତ୍ରୁ ।
ପ୍ରତିଦ୍ୱନ୍ଦୀ-ବିଂ. (ପ୍ରତି ଦ୍ୱନ୍ଦ-ଇନ୍) ପ୍ରତିପକ୍ଷ,
ପ୍ରତି-ଧ୍ୱନି / ପ୍ରତି-ଧ୍ୱାନ } ବି. ପ୍ରତିଶବ୍ଦ ।
ପ୍ରତିନିଧି-ବି. (ପ୍ରତି-ନି-ଧା-ଇ) ଜଣକର ପରିବର୍ତ୍ତରେ ଅନ୍ୟ; ପ୍ରତିଭୂ ।
ପ୍ରତି-ନିବୃତ୍-ବିଂ. ପ୍ରତ୍ୟାଗତ ।
ପ୍ରତିପକ୍ଷ-ବି. (ପ୍ରତି-ପକ୍ଷ) ବିପକ୍ଷ, ଶତ୍ରୁ ।

ପ୍ରତିପତ୍ତି-ବି. (ପ୍ରତି-ପଦ୍-ତି) ସମ୍ମାନ; ସୁଖ୍ୟାତି, ପଦପ୍ରାପ୍ତି ।

ପ୍ରତିପଦ୍-ବି. ଶୁକ୍ଳ ବା କୃଷ୍ଣପକ୍ଷର ପ୍ରଥମ ତିଥି ।

ପ୍ରତିପନ୍ନ-ବିଂ. (ପ୍ରତି-ପଦ୍-ତ) ଉପଲବ୍ଧ; ପ୍ରମାଣିତ । [ବୋଧକ; ନିର୍ଣ୍ଣାୟକ ।

ପ୍ରତିପାଦକ-ବିଂ. ( ପ୍ରତି-ପଦ୍-ଣିଚ୍-ଅକ )

ପ୍ରତିପାଦନ-ବି. (ପ୍ରତି-ପଦ୍-ଣିଚ୍-ଅନ) ନିବାହ; ଜ୍ଞାପନ; ସ୍ପଷ୍ଟୀକରଣ ।

ପ୍ରତିପାଳକ-ବିଂ. ରକ୍ଷକ । [ପୋଷଣ ।

ପ୍ରତିପାଳନ-ବି. ( ପ୍ରତି-ପାଲ୍-ଅନ ) ରକ୍ଷଣ,

ପ୍ରତି ଫଳ-ବି. ପ୍ରତିଶୋଧ; ପ୍ରତ୍ୟୁପକାର; ପ୍ରତ୍ୟପକାର ।

ପ୍ରତିଫଳନ-ବି. (ପ୍ରତି-ଫଲ୍-ଅନ) ପ୍ରତିବିମ୍ବନ ।

ପ୍ରତିଫଳିତ-ବିଂ. ପ୍ରତିବିମ୍ବିତ ।

ପ୍ରତିବନ୍ଧକ-ବି. (ପ୍ରତି-ବନ୍ଧ୍-ଅକ) ବାଧା ; ବିଘ୍ନ, ବ୍ୟାଘାତ । [ଧୀଶକ୍ତି ।

ପ୍ରତିଭା-ବି. ( ପ୍ରତି-ଭା-ଅ ) ଦୀପ୍ତି; ଅସାଧାରଣ

ପ୍ରତିଭାତ-ବିଂ. (ପ୍ରତି-ଭା-ତ) ପ୍ରକାଶିତ; ପ୍ରଘଟ ।

ପ୍ରତିଭାସିତ-ବିଂ. ( ପ୍ରତି-ଭାସ୍-ତ ) ପ୍ରଦୀପ୍ତ ; ଶୋଭିତ ।

ପ୍ରତିଭୂ-ବି. ( ପ୍ରତି-ଭୂ-• ) ପ୍ରତିନିଧି ।

ପ୍ରତିମ ବିଂ. (ପ୍ରତି-ମା-ଅ) ସଦୃଶ (ଶବ୍ଦାନ୍ତେ) ।

ପ୍ରତିମା-ବି. ( ପ୍ରତି-ମା-ଅ-ଆ ) ସାଦୃଶ୍ୟ; ପ୍ରତିମୂର୍ତ୍ତି, ପ୍ରତିବିମ୍ବ ।

ପ୍ରତିମୂର୍ତ୍ତି-ବି. (ପ୍ରତି-ମୂର୍ତ୍ତି) ପ୍ରତିମା, ପ୍ରତିକୃତି ।

ପ୍ରତିଯୋଗୀ-ବି. (ପ୍ରତି-ଯୁଜ୍-ଇନ୍ ) ପ୍ରତିଦ୍ୱନ୍ଦୀ ।

ପ୍ରତିରୂପ-ବି. ପ୍ରତିକୃତି ।

ପ୍ରତିରୋଧ-ବି. ( ପ୍ରତି-ରୁଧ୍-ଅ ) ବାରଣ ।

ପ୍ରତିଲୋମ-ବିଂ. ପ୍ରତିକୂଳ ।

ପ୍ରତିବାଦ-ବି. ( ପ୍ରତି-ବଦ୍-ଅ ) ବିରୁଦ୍ଧରେ କହିବା, ଆପତ୍ତି । [ଅସାମୀ ।

ପ୍ରତିବାଦୀ-ବିଂ. ( ପ୍ରତି-ବଦ୍-ଇନ୍ ) ପ୍ରତିପକ୍ଷ ;

ପ୍ରତିବାସୀ-ବି. ( ପ୍ରତି-ବସ୍-ଇନ୍ ) ପଡ଼ୋଶୀ ।

ପ୍ରତିବିଧାନ ବି. ପ୍ରତିକାର ।

ପ୍ରତିବିଧିତ୍ସା-ବି. (ପ୍ରତି-ବି-ଧା-ସନ୍-ଅ) ପ୍ରତିକାର

ପ୍ରତିବିମ୍ବ ବି. ପ୍ରତିଛାୟା । [କରିବାର ଇଚ୍ଛା ।

ପ୍ରତିବିମ୍ବିତ-ବିଂ. ପ୍ରତିଫଳିତ ।

ପ୍ରତିବେଶୀ ବି. ( ପ୍ରତି-ବିଶ୍-ଇନ୍ ) ପ୍ରତିବାସୀ ।

ପ୍ରତିଶବ୍ଦ-ବି. ପ୍ରତିଧ୍ୱନି; ତୁଲ୍ୟାର୍ଥ ଶବ୍ଦ ।

ପ୍ରତିଶ୍ରୁତ-ବିଂ. ଅଙ୍ଗୀକୃତ ।

ପ୍ରତିଶ୍ରୁତି-ବି. ଅଙ୍ଗୀକାର ।

ପ୍ରତିଷେଧ-ବି. (ପ୍ରତି-ସିଧ୍-ଅ) ନିଷେଧ ।

ପ୍ରତିଷେଧକ-ବିଂ. ନିଷେଧକ; ନିବାରକ ।

ପ୍ରତିଷ୍ଟମ୍ଭ-ବି. ( ପ୍ରତି-ସ୍ତମ୍ଭ୍-ଅ ) ବାଧା ।

ପ୍ରତିଷ୍ଠା-ବି. (ପ୍ରତି-ସ୍ଥା-ଅ) ସୁଖ୍ୟାତି; ସ୍ଥାପନା ; ନୂତନ ଗୃହାଦିର ଉତ୍ସର୍ଗ ।

ପ୍ରତିଷ୍ଠିତ ବିଂ. (ପ୍ରତି-ସ୍ଥା-ତ) ସ୍ଥାପିତ ବିଖ୍ୟାତ ।

ପ୍ରତିସୂର୍ଯ୍ୟ ବି. ସୂର୍ଯ୍ୟମଣ୍ଡଳ ; ବହୁରୂପୀ ଏଣ୍ଡୁଅ ।

ପ୍ରତିହତ-ବିଂ. (ପ୍ରତି-ହନ୍-ତ) ବ୍ୟାହତ ।

ପ୍ରତିହାରୀ-ବି. (ପ୍ରତି-ହୃ-ଅ-ଇନ୍ ) ଦ୍ୱାରପାଳ ।

ପ୍ରତି-ହିଂସା-ବି. ବୈରସାଧନ ।

ପ୍ରତୀକ୍ଷା-ବି. (ପ୍ରତି-ଈକ୍ଷ-ଅ) ଅପେକ୍ଷା ।

ପ୍ରତୀଚୀ-ବି. ପଶ୍ଚିମଦିଗ୍ ।

ପ୍ରତୀଚୀନ } ବି. ପଶ୍ଚିମଦେଶ ସମ୍ବନ୍ଧୀୟ ।
ପ୍ରତୀଚ୍ୟ }

ପ୍ରତୀତ-ବି. (ପ୍ରତି-ଇ-ତ) ଜ୍ଞାତ; ପ୍ରତିଭାତ ।

ପ୍ରତୀତି-ବି. (ପ୍ରତି-ଇ-ତି) ଜ୍ଞାନ, ବିଶ୍ୱାସ ।

ପ୍ରତୀପ-ବି. (ପ୍ରତି-ଅପ୍-ଅ) ପ୍ରତିକୂଳ, ବିପରୀତ ।

ପ୍ରତୀୟମାନ-ବି. (ପ୍ରତି-ଇ-ଅନ) ଜ୍ଞାୟମାନ; ଯାହା ଜଣାଯାଉଅଛି ।

ପ୍ରତୋଦ-ବି. (ପ୍ର-ତୁଦ୍-ଅ) ଚାବୁକ; ପାଞ୍ଚଣ ।

ପ୍ରତ୍ତ-ବି. ପ୍ରଦତ୍ତ । [ ଗୋଚର ।

ପ୍ରତ୍ୟକ୍ଷ-ବି. (ପ୍ରତି-ଅକ୍ଷ) ଚକ୍ଷୁର୍ଗୋଚର; ଇନ୍ଦ୍ରିୟ-

ପ୍ରତ୍ୟଗ୍ର-ବି. ସଦ୍ୟୋଜାତ, ନବ ।

ପ୍ରତ୍ୟଙ୍ଗ-ବି ଅଙ୍ଗର ଅଙ୍ଗ ।

ପ୍ରତ୍ୟନ୍ତ-ବି. ପ୍ରାନ୍ତସ୍ଥିତ । [ ଜ୍ଞାନ; ଚିହ୍ନିବା ।

ପ୍ରତ୍ୟଭିଜ୍ଞାନ-ବି. 'ଏହି ସେହି' ଇତ୍ୟାକାର-

ପ୍ରତ୍ୟୟ-ବି ବିଶ୍ୱାସ; ଜ୍ଞାନ; ବ୍ୟାକରଣରେ ପ୍ରକୃତି ପରେ ବିଭକ୍ତି । [ ବାଦୀ ।

ପ୍ରତ୍ୟର୍ଥୀ-ବି. (ପ୍ରତି-ଅର୍ଥ-ଇନ୍) ପ୍ରତିପକ୍ଷ; ପ୍ରତି-

ପ୍ରତ୍ୟର୍ପଣ-ବି. (ପ୍ରତି ଅର୍ପଣ) ପ୍ରତିଦାନ; ଫେରାଇ-

ପ୍ରତ୍ୟର୍ପିତ-ବି. ପ୍ରତିଦତ୍ତ । [ ଦେବା ।

ପ୍ରତ୍ୟବାୟ-ବି. (ପ୍ରତି-ଅବ-ଇ-ଅ) ଅନିଷ୍ଟ; ପାପ; ବିପରୀତ ଆଚରଣ ।

ପ୍ରତ୍ୟହ-ବି. (ପ୍ରତି-ଅହ) ପ୍ରତିଦିନ ।

ପ୍ରତ୍ୟାଖ୍ୟାତ-ବି. (ପ୍ରତି-ଆ-ଖ୍ୟା-ତ) ଅସ୍ୱୀକୃତ, ନିରାକୃତ । [ କରଣ ଦୂରୀକରଣ ।

ପ୍ରତ୍ୟାଖ୍ୟାନ-ବି. (ପ୍ରତି-ଆ-ଖ୍ୟା-ଅନ) ନିରା-

ପ୍ରତ୍ୟାଗତ-ବି. ପ୍ରତିନିବୃତ୍ତ ।

ପ୍ରତ୍ୟାଗମନ-ବି. ଫେରିଆସିବା ।

ପ୍ରତ୍ୟାବର୍ତ୍ତନ ବି. ପୁନରାବର୍ତ୍ତନ; ଫେରିଆସିବା ।

ପ୍ରତ୍ୟାଶା-ବି (ପ୍ରତି-ଆଶା) ଭରସା ।

ପ୍ରତ୍ୟାଶୀ-ବି. (ପ୍ରତ୍ୟାଶା-ଇନ୍) ଯେ ପ୍ରତ୍ୟାଶା କରେ ।

ପ୍ରତ୍ୟୁକ୍ତି-ବି. (ପ୍ରତି-ବଚ୍-ତି) ପ୍ରତ୍ୟୁତ୍ତର ।

ପ୍ରତ୍ୟୁତ୍ପନ୍ନ-ବି. (ପ୍ରତି-ଉତ୍ପନ୍ନ) ଉପସ୍ଥିତ ବିଷୟରେ ଉତ୍ପନ୍ନ; କାର୍ଯ୍ୟକାଳରେ ଉଦିତ । [ ବୁଦ୍ଧି ।

ପ୍ରତ୍ୟୁତ୍ପନ୍ନ-ମତି-ବି. କାର୍ଯ୍ୟକାଳରେ ଉପସ୍ଥିତ

ପ୍ରତ୍ୟୁଦ୍‌ଗମନ-ବି. (ପ୍ରତି-ଉତ୍-ଗମ୍-ଅନ) ମାନ୍ୟ ବ୍ୟକ୍ତି ଆସିଲେ ଆଗକୁ ଯାଇ ପାଛୋଟି ଆଣିବା ।

ପ୍ରତ୍ୟୁପକାର-ବି. (ପ୍ରତି-ଉପକାର) ଉପକାରୀ ପ୍ରତି ଉପକାର ।

ପ୍ରତ୍ୟୁଷ } ବି. (ପ୍ରତି-ଉଷ, ଊଷ) ପ୍ରାତଃ, ପ୍ରାତଃକାଳ ।
ପ୍ରତ୍ୟୂଷ }

ପ୍ରତ୍ୟୂହ-ବି. (ପ୍ରତି ଊହ୍-ଅ) ବିଘ୍ନ, ବାଧା ।

ପ୍ରତ୍ୟେକ-କ୍ରି. ବି. (ପ୍ରତି-ଏକ) ଏକ ଏକ କରି ସମୁଦାୟ ।

ପ୍ରଥମ-ବି. (ପ୍ରଥ୍-ଅମ୍) ଆଦ୍ୟ; ମୁଖ୍ୟ ।

ପ୍ରଥମତଃ-ଅ. (ପ୍ରଥମ-ତସ୍) ପ୍ରଥମେ; ଅଗ୍ରେ ।

ପ୍ରଥା-ବି (ପ୍ରଥ୍-ଅ-ଆ) ରୀତି; ଧାରା ।

ପ୍ରଥିତ-ବି. (ପ୍ରଥ-ତ) ପ୍ରସିଦ୍ଧ, ଖ୍ୟାତ ।

ପ୍ରଥିମା-ବି (ପୃଥୁ-ଇମନ୍) ସ୍ଥୂଳତା; ବିସ୍ତାର ।

ପ୍ରଦ-ବି. (ପ୍ର-ଦା-ଅ) ଦାନକାରୀ (ଶବ୍ଦାନ୍ତେ) ।

ପ୍ରଦକ୍ଷିଣ-ବି. (ପ୍ର-ଦକ୍ଷିଣ) ପୂଜ୍ୟ ବ୍ୟକ୍ତିର ଦକ୍ଷିଣ ଦିଗରୁ ଘେରଅଡ଼େ ବୁଲିବା; ବନ୍ଦନା ।

ପ୍ରଦତ୍ତ ବିଂ. (ପ୍ର-ଦା-ତ) ସମର୍ପିତ, ଯାହା ଦିଅ-ଯାଇଅଛି ।

ପ୍ରଦର-ବି. (ପ୍ର ଦୃ-ଅ) ସ୍ତ୍ରୀ ରୋଗବିଶେଷ ।

ପ୍ରଦର୍ଶକ-ବିଂ.(ପ୍ର-ଦୃଶ୍-ଣିଚ୍-ଅକ)ପ୍ରଦର୍ଶନକାରୀ ।

ପ୍ରଦର୍ଶନ-ବି. (ପ୍ର-ଦୃଶ୍-ଣିଚ୍-ଅନ) ଦେଖାଇବା ।

ପ୍ରଦର୍ଶିତ-ବିଂ. ( ପ୍ର-ଦୃଶ୍-ଣିଚ୍-ତ ) ଯାହା ଦେଖାଇ ଦିଆଯାଇଅଛି; ଉଲ୍ଲିଖିତ ।

ପ୍ରଦାନ-ବି. (ପ୍ର-ଦା-ଅନ) ଦାନ, ବିତରଣ ।

ପ୍ରଦୀପ-ବି. (ପ୍ର-ଦୀପ୍-ଅ) ଦୀପ; ଆଲୋକସ୍ୱରୂପ ।

ପ୍ରଦୀପ୍ତ-ବିଂ. (ପ୍ର-ଦୀପ୍-ତ) ପ୍ରକାଶିତ; ଉଜ୍ଜ୍ୱଳ ।

ପ୍ରଦେୟ-ବିଂ. (ପ୍ର-ଦା-ଯ) ପ୍ରଦାନର ଯୋଗ୍ୟ ।

ପ୍ରଦେଶ ବି. (ପ୍ର-ଦେଶ) ସ୍ଥାନ; ଦେଶ; ଦେଶର ବିଭାଗ ।

ପ୍ରଦୋଷ-ବି. (ପ୍ର-ଦୋଷ) ସାୟଂକାଳ ।

ପ୍ରଦ୍ୟୁମ୍ନ-ବି. (ପ୍ର-ଦ୍ୟୁମ୍ନ) କନ୍ଦର୍ପ । [ଦୀପ୍ତି ।

ପ୍ରଦ୍ୟୋତ-ବି. ( ପ୍ର ଦ୍ୟୁତ୍-ଅ ) ଆଲୋକ;

ପ୍ରଦ୍ୟୋତିତ-ବିଂ. ପ୍ରଦୀପ୍ତ ।

ପ୍ରଧନ-ବି. ଯୁଦ୍ଧ; ନିଧନ । [ମେଣ୍ଢର ।

ପ୍ରଧାନ-ବିଂ. (ପ୍ର-ଧା-ଅନ) ଶ୍ରେଷ୍ଠ ; ବି. ପର-

ପ୍ରଧ୍ମାତ-ବିଂ. (ପ୍ର-ଧ୍ମା-ତ ଶବ୍ଦିତ । [ଭ୍ରାନ୍ତ ।

ପ୍ରପଞ୍ଚ-ବି. ( ପ୍ର-ପଞ୍ଚ୍-ଅ ) ସଂସାର ; ମାୟା ;

ପ୍ରପଦ-ବି. ପାଦାଗ୍ର; ଚରଣପ୍ରାନ୍ତ ।

ପ୍ରପନ୍ନ-ବିଂ. (ପ୍ର-ପଦ୍-ତ) ପ୍ରାପ୍ତ; ଶରଣାଗତ ।

ପ୍ରପା } ପ୍ରପାନ } ବି. ( ପ୍ର-ପା, ଅନ ) ପାନୀୟଶାଳା ; ଜଳଛତ୍ର ।

ପ୍ରପାତ-ବି. (ପ୍ର-ପତ୍-ଅ) ଉଚ୍ଚସ୍ଥାନରୁ ନିର୍ଝର-ପତନ । [ପିତା ।

ପ୍ରପିତାମହ-ବି. ( ପ୍ର-ପିତାମହ ) ପିତାମହର

ପ୍ରପୌତ୍ର-ବି. (ପ୍ର-ପୌତ୍ର) ପୌତ୍ରର ସନ୍ତାନ, ଅଣନାତି ।

ପ୍ରଫୁଲ୍ଲ-ବିଂ. (ପ୍ର-ଫୁଲ୍ଲ) ପ୍ରସ୍ଫୁଟିତ; ପ୍ରସନ୍ନ ।

ପ୍ରବନ୍ଧ-ବି. (ପ୍ର-ବନ୍ଧ୍-ଅ) ରଚନା ; ପରସ୍ପରସମ୍ବନ୍ଧ ବାକ୍ୟାବଳୀ ।

ପ୍ରବଳ ବିଂ. (ପ୍ର-ବଳ) ଅତ୍ୟନ୍ତ ବଳବାନ୍ ।

ପ୍ରବାଳ-ବି. (ପ୍ର-ବଲ୍-ଅ) ପୋହଳା, ବିଦ୍ରୁମ ।

ପ୍ରବୋଧ-ବି. (ପ୍ର-ବୁଧ୍-ଅ) ଜାଗରଣ; ସାନ୍ତ୍ୱନା ।

ପ୍ରବୋଧନ-ବି. ( ପ୍ର-ବୋଧି-ଅନ ) ଜାଗରିତ କରିବା; ସାନ୍ତ୍ୱନା କରିବା । [କାଶ ।

ପ୍ରଭଞ୍ଜନ-ବି. (ପ୍ର-ଭଞ୍ଜ୍-ଅନ) ବାୟୁ, ବିଂ. ଭଞ୍ଜନ-

ପ୍ରଭବିଷ୍ଣୁ-ବି. (ପ୍ର-ଭୂ-ଇଷ୍ଣୁ) ପ୍ରଭୁ ।

ପ୍ରଭା-ବି. (ପ୍ର-ଭା-ଅ) ଦୀପ୍ତି; ତେଜଃ; ପ୍ରକାଶ ।

ପ୍ରଭାକର-ବି. (ପ୍ରଭା-କୃ-ଅ) ସୂର୍ଯ୍ୟ ।

ପ୍ରଭାତ-ବି. (ପ୍ର-ଭା-ତ) ପ୍ରାତଃକାଳ, ପ୍ରତ୍ୟୁଷ ।

ପ୍ରଭବ-ବି (ପ୍ର-ଭୂ-ଅ) ଉତ୍ପତ୍ତି; କାରଣ ।

ପ୍ରଭାବ-ବି. ( ପ୍ର-ଭୂ-ଅ ) ତେଜଃ; ପ୍ରତାପ; ମହିମା; ସାମର୍ଥ୍ୟ ।

ପ୍ରଭୁ-ବି. (ପ୍ର-ଭୂ-ଉ) ସ୍ୱାମୀ; ରାଜା, କର୍ତ୍ତା ।

ପ୍ରଭୁତା } ପ୍ରଭୁତ୍ୱ } ବି. ( ପ୍ରଭୁ-ତା, ତ୍ୱ ) ଆଧିପତ୍ୟ; ପ୍ରାଧାନ୍ୟ ।

ପ୍ରଭୃତି-ବିଂ. (ପ୍ର-ଭୂ-ତ) ପ୍ରଚୁର, ବହୁଳ ।

ପ୍ରଭୃତି-ବିଂ. (ପ୍ର-ଭୃ-ତି) ଇତ୍ୟାଦି ( ଶବ୍ଦାନ୍ତେ ପ୍ରଯୁକ୍ତ) ।

ପ୍ରଭେଦ-ବି. (ପ୍ର-ଭିଦ୍-ଅ) ପ୍ରକାର; ବିଭିନ୍ନତା ।

ପ୍ରମତ୍ତ-ବିଂ. (ପ୍ର-ମଦ୍-ତ) ପ୍ରମାଦଯୁକ୍ତ; ଉନ୍ମତ୍ତ; ଅସାବଧାନ ।

ପ୍ରମଥ-ବି. (ପ୍ର-ମଥ୍-ଅ) ଶିବାନୁଚର ।

ପ୍ରମଥାଧିପ-ବି. ପ୍ରମଥମାନଙ୍କର ପ୍ରଭୁ, ଶିବ ।

ପ୍ରମଦା-ବି. (ପ୍ର-ମଦ-ଆ) ରୂପ-ଗର୍ବିତା ନାରୀ; ସୁନ୍ଦରୀ ନାରୀ ।

ପ୍ରମା-ବି. (ପ୍ର-ମା-ଅ-ଆ) ନିଶ୍ଚୟାତ୍ମକ ବୋଧ ।

ପ୍ରମାଣ-ବି. (ପ୍ର-ମା-ଅନ) ନିଶ୍ଚୟର ହେତୁ; ଯୁକ୍ତି ଦ୍ୱାରା ସ୍ଥିରୀକରଣ ।

ପ୍ରମାଣୀକୃତ-ବିଂ. ପ୍ରମାଣରୂପେ ନିଶ୍ଚିତ ।

ପ୍ରମାଥୀ-ବିଂ. (ପ୍ର-ମଥ୍-ଇନ୍) ପୀଡାଦାୟକ ।

ପ୍ରମାଦ-ବି. (ପ୍ର-ମଦ୍-ଅ) ଅନବଧାନତା, ଭ୍ରମ ।

ପ୍ରମାୟୁକ-ବିଂ. (ପ୍ର-ମୀ-ଉକ) ମରଣଶୀଳ ।

ପ୍ରମିତ-ବିଂ. (ପ୍ର-ମା-ତ) ନିଶ୍ଚିତ ।

ପ୍ରମିତି-ବି. (ପ୍ର-ମା-ତି) ନିଶ୍ଚିତ ଜ୍ଞାନ ।

ପ୍ରମୀତ-ବିଂ. (ପ୍ର-ମୀ-ତ) ହତ, ମୃତ ।

ପ୍ରମୁଖ-ବିଂ. ପ୍ରଥମ; ପ୍ରଧାନ ।

ପ୍ରମୁଖାତ୍-ବି. ମୁଖରୁ ।

ପ୍ରମୁଦିତ-ବିଂ. (ପ୍ର-ମୁଦ୍-ତ) ଆହ୍ଲାଦିତ ।

ପ୍ରମେୟ-ବିଂ. ଅବଧାର୍ଯ୍ୟ ।

ପ୍ରମେହ-ବି. ମୂତ୍ରରୋଗ ବିଶେଷ ।

ପ୍ରମୋଦ-ବି. (ପ୍ର-ମୁଦ୍-ଅ) ଆମୋଦ, ହର୍ଷ ।

ପ୍ରମୋଦିତ-ବିଂ. (ପ୍ର-ମୁଦ୍-ତ) ଆମୋଦିତ ।

ପ୍ରଯତ୍ନ-ବି. ପ୍ରୟାସ, ଉଦ୍ୟୋଗ ।

ପ୍ରୟାଗ-ବି. ଗଙ୍ଗାଯମୁନାର ସଙ୍ଗମସ୍ଥାନ ।

ପ୍ରୟାଣ-ବି. (ପ୍ର-ଯା-ଅନ) ଗମନ, ପ୍ରସ୍ଥାନ ।

ପ୍ରୟାସ-ବି. (ପ୍ର-ଯସ୍-ଅ) ଶ୍ରମ, ଯତ୍ନ ।

ପ୍ରଯୁକ୍ତ-ବିଂ. (ପ୍ର-ଯୁଜ୍-ତ) ନିଯୁକ୍ତ; ଉଦାହୃତ; ପ୍ରେରିତ; ହେତୁଯୁକ୍ତ । [ପ୍ରବର୍ତ୍ତକ ।

ପ୍ରଯୋକ୍ତା-ବିଂ. (ପ୍ର-ଯୁଜ୍-ତୃ) ପ୍ରୟୋଗକର୍ତ୍ତା;

ପ୍ରୟୋଗ-ବି. (ପ୍ର-ଯୁଜ୍-ଅ) ପ୍ରବର୍ତ୍ତନ; ଲଗାଇବା; ଅଭିନୟ; ଅନୁଷ୍ଠାନ ।

ପ୍ରୟୋଜକ-ବିଂ. ପ୍ରବର୍ତ୍ତକ; ପ୍ରେରକ ।

ପ୍ରୟୋଜନ-ବି. ( ପ୍ର-ଯୁଜ୍-ଅନ ) ହେତୁ; ଉଦ୍ଦେଶ୍ୟ; ଫଳ; ଆବଶ୍ୟକତା ।

ପ୍ରୟୋଜନୀୟ-ବିଂ. (ପ୍ର-ଯୁଜ୍-ଅନୀୟ) ଆବଶ୍ୟକ କାର୍ଯ୍ୟୋପଯୋଗୀ । [ଅନୁଷ୍ଠେୟ ।

ପ୍ରୟୋଜ୍ୟ-ବିଂ. ( ପ୍ର-ଯୁଜ୍-ଯ ) ବ୍ୟବହାର୍ଯ୍ୟ;

ପ୍ରରୋଚନା-ବି. (ପ୍ର-ରୁଚ୍-ଅନ-ଆ) ଉତ୍ତେଜନା ।

ପ୍ରରୋହ-ବି. (ପ୍ର-ରୁହ୍-ଅ) ଅଙ୍କୁର; ବରଗଛର ଓହଳ ।

ପ୍ରଲମ୍ବ-ବିଂ. ଦୀର୍ଘ; ବି. ଅଙ୍କୁର; ହାର ।

ପ୍ରଳୟ-ବି. ( ପ୍ର-ଲୀ-ଅ ) ବ୍ରହ୍ମାଣ୍ଡର ବିନାଶ; ବିନାଶ । [ଉନ୍ମତ୍ତବତ୍ ବକିବା ।

ପ୍ରଳାପ-ବି. ( ପ୍ର-ଲପ୍-ଅ ) ଅନର୍ଥକ ବାକ୍ୟ;

ପ୍ରଲେପ-ବି. (ପ୍ର-ଲିପ୍-ଅ) ଔଷଧାଦି ଲେପନ ।

ପ୍ରଲୋଭନ-ବି. (ପ୍ର-ଲୁଭ୍-ଅନ) ଲୋଭ ପ୍ରଦର୍ଶନ ।

ପ୍ରବଚନ-ବି. ଉତ୍କୃଷ୍ଟ ବଚନ; ଶାସ୍ତ୍ରବଚନ ।

ପ୍ରବଞ୍ଚକ-ବି. (ପ୍ର-ବଞ୍ଚ୍-ଅକ) ପ୍ରତାରକ ।

ପ୍ରବଞ୍ଚିତ-ବିଂ. ପ୍ରତାରିତ । [ଉନ୍ମୁଖ ।

ପ୍ରବଣ-ବିଂ. (ପ୍ର-ବନ୍-ଅ) ନତ; କ୍ରମନିମ୍ନ;

ପ୍ରବର-ବି. (ପ୍ର-ବର) ଗୋତ୍ର; ସନ୍ତତି; ବିଂ. ଶ୍ରେଷ୍ଠ । [ପ୍ରଯୋକ୍ତା ।

ପ୍ରବର୍ତ୍ତକ-ବିଂ. (ପ୍ର-ବୃତ୍-ଅକ) ପ୍ରବୃତ୍ତିଦାୟକ;

ପ୍ରବର୍ତ୍ତନ-ବି. (ପ୍ର-ବୃତ୍-ଅନ) ଆରମ୍ଭ; ପ୍ରବୃତ୍ତିଦାନ । [ପ୍ରେରଣ ।

ପ୍ରବର୍ତ୍ତନା-ବି. (ପ୍ର-ବୃତ୍-ଅନ-ଆ) ଉତ୍ତେଜନା;

ପ୍ରବର୍ତ୍ତିତ-ବିଂ. (ପ୍ର-ବୃତ୍-ଣିଚ୍-ତ) ଚାଳିତ; ଆରବ୍ଧ ।

ପ୍ରବହ-ବି. (ପ୍ର-ବହ୍-ଅ) ବାୟୁବିଶେଷ ।

ପ୍ରବାତ-ବିଂ. ବାତଯୁକ୍ତ, ବାୟୁଯୁକ୍ତ ।

ପ୍ରବାଦ-ବି. (ପ୍ର-ବଦ୍-ଅ) ଜନରବ; ପରମ୍ପରାଗତ ବାକ୍ୟ ।

ପ୍ରବାର-ବି. (ପ୍ର-ବୃ-ଅ) ଆଚ୍ଛାଦନ ବସ୍ତ୍ର ।

ପ୍ରବାସ-ବି. (ପ୍ର-ବସ୍-ଅ) ବିଦେଶରେ ବାସ ।

ପ୍ରବାସୀ-ବିଂ. (ପ୍ରବାସ-ଇନ) ବିଦେଶବାସୀ ।

ପ୍ରବାହ-ବି. (ପ୍ର-ବହ୍-ଅ) ସ୍ରୋତ; କ୍ରମାଗତ ଚଳନ । [ଚଳିତ ।

ପ୍ରବାହିତ-ବିଂ. (ପ୍ର-ବହ୍-ଣିଚ୍-ତ) ସ୍ରୋତରୂପେ

ପ୍ରବାହିନୀ-ବି.(ପ୍ରବାହ-ଇନ୍-ଈ)ସ୍ରୋତସ୍ୱତୀ ନଦୀ।

ପ୍ରବିଷ୍ଟ-ବିଂ. (ପ୍ର-ବିଶ୍-ତ) ଅନ୍ତର୍ନିବିଷ୍ଟ; ଉପସ୍ଥିତ ।

ପ୍ରବୀଣ-ବିଂ. (ପ୍ର-ବୀଣା-ଅ) ବିଜ୍ଞ; ନିପୁଣ ।

ପ୍ରବୃତ୍ତ-ବିଂ. (ପ୍ର-ବୃତ୍-ତ) ରତ; ଉଦ୍ୟତ; ନିଯୁକ୍ତ ।

ପ୍ରବୃତ୍ତି-ବି. (ପ୍ର-ବୃତ୍ ତି) ଇଚ୍ଛା; ବାର୍ତ୍ତା; ଗତି ।

ପ୍ରବୃଦ୍ଧ-ବିଂ. (ପ୍ର-ବୃଧ-ତ) ଅତି ବୃଦ୍ଧିଯୁକ୍ତ ।

ପ୍ରବେଶ-ବି. (ପ୍ର-ବିଶ୍-ଅ) ଅନ୍ତର୍ନିବେଶ; ଭିତରକୁ ଯିବାର ।

ପ୍ରବେଶିକା-ବିଂ. ପ୍ରବେଶ-କାରିକା ।

ପ୍ରବେଶ୍ୟ-ବିଂ. ପ୍ରବେଶଯୋଗ୍ୟ ।

ପ୍ରବେଷ୍ଟା-ବିଂ. (ପ୍ର-ବିଶ୍-ତୃ) ପ୍ରବେଶକାରୀ ।

ପ୍ରବ୍ରଜିତ-ବିଂ. (ପ୍ର-ବ୍ରଜ୍-ତ) ଗୃହତ୍ୟାଗ ପୂର୍ବକ ଗତ; ବି. ସନ୍ନ୍ୟାସୀ ।

ପ୍ରବ୍ରଜ୍ୟା-ବି. (ପ୍ର-ବ୍ରଜ୍-ଯ-ଆ) ସନ୍ନ୍ୟାସାଶ୍ରମ ।

ପ୍ରଶଂସନୀୟ-ବିଂ. (ପ୍ର-ଶନ୍ସ୍-ଅନୀୟ) ପ୍ରଶଂସାର ଯୋଗ୍ୟ ।

ପ୍ରଶଂସା-ବି. (ପ୍ର-ଶନ୍ସ୍-ଅ) ସ୍ତୁତି; ଗୁଣକୀର୍ତ୍ତନ ।

ପ୍ରଶଂସିତ-ବିଂ. (ପ୍ର-ଶନ୍ସ୍-ତ) ପ୍ରଶଂସାପ୍ରାପ୍ତ ।

ପ୍ରଶମନ-ବି. (ପ୍ର-ଶମ୍-ଅନ) ଶାନ୍ତ କରିବା; ନିବାରଣ ।

ପ୍ରଶମିତ ବିଂ. (ପ୍ର-ଶମି-ତ) ନିବାରିତ ।

ପ୍ରଶସ୍ତ-ବିଂ. (ପ୍ର ଶନ୍ସ୍-ତ) ଶ୍ରେଷ୍ଠ; ପ୍ରଶଂସନୀୟ; ବୃହତ୍ ଓ ସୁନ୍ଦର ।

ପ୍ରଶସ୍ତି-ବି. (ପ୍ର ଶନ୍ସ୍-ତି ପ୍ରଶଂସା ।

ପ୍ରଶାନ୍ତ-ବିଂ. (ପ୍ର-ଶମ୍-ତ) ସ୍ଥିର; ସ୍ଥିରଚିତ୍ତ ।

ପ୍ରଶିଷ୍ୟ ବି. ଶିଷ୍ୟର ଶିଷ୍ୟ ।

ପ୍ରଶ୍ନ-ବି. (ପ୍ରଚ୍ଛ୍ ନ) ପୃଚ୍ଛା; ଜିଜ୍ଞାସା ।

ପ୍ରଶ୍ରୟ-ବି. (ପ୍ର-ଶ୍ରି ଅ) ସ୍ନେହ; ବିନୟ; ଆଦର ।

ପ୍ରଶ୍ୱାସ-ବି (ପ୍ର-ଶ୍ୱସ୍ ଅ) ନାସିକାଗତ ବାୟୁର ନିର୍ଗମନ ।

ପ୍ରଷ୍ଟବ୍ୟ–ବିଂ. (ପ୍ରଚ୍ଛ୍-ତବ୍ୟ) ଜିଜ୍ଞାସ୍ୟ ।
ପ୍ରଷ୍ଟା–ବିଂ. (ପ୍ରଚ୍ଛ୍-ତୃ) ପ୍ରଶ୍ନକର୍ତ୍ତା ।
ପ୍ରସଂଖ୍ୟାନ–ବି. (ପ୍ର-ସମ୍ ଖ୍ୟା-ଅନ) ଧ୍ୟାନ ।
ପ୍ରସଙ୍ଗ–ବି. (ପ୍ର-ସନ୍ଜ୍-ଅ) ସମ୍ପର୍କ; ପ୍ରସ୍ତାବ ।
ପ୍ରସନ୍ନ–ବିଂ. (ପ୍ର-ସଦ୍-ତ) ସନ୍ତୁଷ୍ଟ ; ପ୍ରଫୁଲ୍ଲ ; ସ୍ୱଚ୍ଛ ।
ପ୍ରସନ୍ନତା–ବି. (ପ୍ରସନ୍ନ-ତା) ଅନୁଗ୍ରହ; ସନ୍ତୋଷ; [ନିର୍ମଳତା ।
ପ୍ରସର–ବି. (ପ୍ର-ସୃ-ଅ) ଗତି ।
ପ୍ରସରଣ–ବି. (ପ୍ର-ସୃପ୍-ଅନ) ଗମନ ; ବିସ୍ତାର ।
ପ୍ରସବ–ବି. (ପ୍ର-ସୂ-ଅ) ଉତ୍ପାଦନ ; ଜନ୍ମ ।
ପ୍ରସବିତା–ବି. (ପ୍ର ସୂ-ତୃ) ଜନକ ।
ପ୍ରସବିତ୍ରୀ–ବି. ଜନନୀ ।
ପ୍ରସାଦ–ବି. (ପ୍ର-ସଦ୍-ଅ) ପ୍ରସନ୍ନତା; ଅନୁଗ୍ରହ; ରଚନାର ସୁବୋଧ୍ୟତା; ଦେବନିବେଦିତ ଦ୍ରବ୍ୟ ଗୁରୁଜନଭୁକ୍ତାବଶିଷ୍ଟ ।
ପ୍ରସାଦନ–ବି. (ପ୍ର-ସଦ୍-ଣିଚ୍-ଅନ) ପ୍ରସନ୍ନତା-ସମ୍ପାଦନ । [ସଜାଇବା ।
ପ୍ରସାଧନ–ବି. (ପ୍ର-ସାଧ୍-ଅନ) ଅଳଙ୍କରଣ ;
ପ୍ରସାଧନୀ–ବି. (ପ୍ର-ସାଧ୍-ଅନ-ଈ) ପାନିଅ, କଙ୍କତିକା ।
ପ୍ରସାଧିତ–ବି. (ପ୍ର-ସାଧ-ତ) ଅଳଙ୍କୃତ; ସଜ୍ଜିତ ।
ପ୍ରସାର–ବି. (ପ୍ର-ସୃ-ଅ) ବିସ୍ତାର ।
ପ୍ରସାରଣ–ବି. (ପ୍ର-ସୃ ଣିଚ୍-ଅନ) ବିସ୍ତାରକରଣ ।
ପ୍ରସାରିତ–ବିଂ. (ପ୍ର-ସାରି-ତ) ବିସ୍ତାରିତ ।
ପ୍ରସିଦ୍ଧ–ବିଂ. (ପ୍ର-ସିଧ୍-ତ) ବିଖ୍ୟାତ ।
ପ୍ରସିଦ୍ଧି–ବି. (ପ୍ର-ସିଧ୍-ତି) ଖ୍ୟାତି; ପ୍ରତିପତ୍ତି ।
ପ୍ରସୁପ୍ତ–ବିଂ. (ପ୍ର-ସ୍ୱପ୍ ତ) ଗାଢ଼ନିଦ୍ରାଭିଭୂତ ।
ପ୍ରସୂ–ବି. (ପ୍ର-ସୂ-କ୍ୱିପ୍) ମାତା ।
ପ୍ରସୂତ–ବିଂ. (ପ୍ର-ସୂ-ତ) ଉତ୍ପନ୍ନ; ଜାତ ।
ପ୍ରସୂତି–ବି. (ପ୍ର-ସୂ-ତି) ନବସନ୍ତାନବତୀ; ମାତା ।
ପ୍ରସୂନ–ବି. (ପ୍ର-ସୂ-ନ) ପୁଷ୍ପ ; ମୁକୁଳ ।
ପ୍ରସେକ–ବି. (ପ୍ର-ସିଚ୍-ଅ) ସିଞ୍ଚନ; କ୍ଷରଣ ।
ପ୍ରସ୍ତର–ବି. (ପ୍ର-ସ୍ତୃ-ଅ) ପାଷାଣ, ପଥର ।
ପ୍ରସ୍ତାବ–ବି. (ପ୍ର-ସ୍ତୁ-ଅ) ପ୍ରସଙ୍ଗ; ପ୍ରକରଣ ।
ପ୍ରସ୍ତାବନା–ବି. (ପ୍ର-ସ୍ତୁ-ଣିଚ୍-ଅନ-ଆ) ଆରମ୍ଭ ; ନାଟକର ଆରମ୍ଭ କଥା । [ସ୍ଥାପିତ ।
ପ୍ରସ୍ତାବିତ–ବିଂ. (ପ୍ରସ୍ତାବ-ଇତ) ବିଚାରାର୍ଥ ଉପ-
ପ୍ରସ୍ତୁତ–ବିଂ. (ପ୍ର-ସ୍ତୁ-ତ) ଉପସ୍ଥିତ; ଉଲ୍ଲିଖିତ ; ନିର୍ମିତ; ନିଷ୍ପନ୍ନ ।
ପ୍ରସ୍ଥ–ବି. (ପ୍ର-ସ୍ଥା-ଅ) ପର୍ବତର ସାନୁ: ବିସ୍ତାର ।
ପ୍ରସ୍ଥାନ–ବି. (ପ୍ର-ସ୍ଥା ଅନ) ଗମନ ; ଯାତ୍ରା ।
ପ୍ରସ୍ଥିତ–ବିଂ. (ପ୍ର-ସ୍ଥା-ତ) ଗତ; ପ୍ରୟାତ ।
ପ୍ରସ୍ନବ–ବି. (ପ୍ର-ସ୍ନୁ-ଅ) କ୍ଷରଣ ।
ପ୍ରସ୍ଫୁଟ / ପ୍ରସ୍ଫୁଟିତ } ବିଂ. (ପ୍ର-ସ୍ଫୁଟ୍-ଅ,ତ) ପ୍ରକାଶିତ ; ବିକଶିତ ।
ପ୍ରସ୍ରବ–ବି. (ପ୍ର ସ୍ରୁ-ଅ) କ୍ଷରଣ ।
ପ୍ରସ୍ରବଣ–ବି. (ପ୍ର-ସ୍ରୁ-ଅନ) ଉତ୍ସ; ନିର୍ଝର ।
ପ୍ରସ୍ରାବ–ବି. (ପ୍ର-ସ୍ରୁ-ଅ) ମୂତ୍ର ।
ପ୍ରସ୍ରୁତ–ବିଂ. (ପ୍ର-ସ୍ରୁ-ତ) କ୍ଷରିତ ।
ପ୍ରସ୍ୱାପନ–ବି. (ପ୍ର-ସ୍ୱପ୍-ଣିଚ୍-ଅନ) ନିଦ୍ରାଜନକ ।
ପ୍ରହତ–ବିଂ. (ପ୍ର-ହନ୍-ତ) ଆହତ; ତାଡ଼ିତ, ଧୂନିତ ।

ପ୍ରହର-ବି. (ପ୍ର-ହୃ-ଅ) ଦିବାରାତ୍ରିର ଅଷ୍ଟମଭାଗ ।
ପ୍ରହରଣ-ବି. (ପ୍ର-ହୃ-ଅନ) ଅସ୍ତ୍ର; ପ୍ରହାର ।
ପ୍ରହରୀ-ବି. (ପ୍ରହର-ଇନ୍) ଚୌକିଦାର ।
ପ୍ରହର୍ତ୍ତି-ବିଂ. (ପ୍ର-ହୃ-ତୃ) ପ୍ରହାରକର୍ତ୍ତା ।
ପ୍ରହସନ-ବି. (ପ୍ର-ହସ୍-ଅନ) ଅତିରିକ୍ତ ହାସ୍ୟ; ହାସ୍ୟରସପ୍ରଧାନ ନାଟକ ।
ପ୍ରହାର-ବି. (ପ୍ର-ହୃ-ଅ) ଆଘାତ; ଯୁଦ୍ଧ ।
ପ୍ରହୃତ-ବିଂ. (ପ୍ର-ହୃ-ତ) ପ୍ରହାରପ୍ରାପ୍ତ ; ଆଘାତ-ପ୍ରାପ୍ତ ।
ପ୍ରହୃଷ୍ଟ-ବିଂ. (ପ୍ର-ହୃଷ୍-ତ) ଅତିଶୟ ହୃଷ୍ଟ ।
ପ୍ରହେଳିକା } ବି. (ପ୍ର-ହିଲ୍-ଅକ-ଆ) କୂଟପ୍ରଶ୍ନ;
ପ୍ରହେଳୀ } ପହେଲି ।
ପ୍ରହ୍ଲାଦ-ବି. (ପ୍ର-ହ୍ଲାଦ୍-ଅ) ଆହ୍ଲାଦ; ହିରଣ୍ୟ-କଶିପୁର ପୁତ୍ର । [ବି. ଆନନ୍ଦଜନକ ।
ପ୍ରହ୍ଲାଦନ-ବିଂ. (ପ୍ର-ହ୍ଲାଦ୍-ଅନ) ଆନନ୍ଦଜନକ;
ପ୍ରାଂଶୁ-ବିଂ. ଉଚ୍ଚ; ଡେଙ୍ଗା । [ପ୍ରଥମେ ।
ପ୍ରାକ୍-ଅଂ. (ପ୍ର-ଅନ୍ଚ୍-କ୍ୱିପ୍) ପୂର୍ବେ; ଅଗ୍ରେ;
ପ୍ରାକାର-ବି. (ପ୍ର-ଆ-କୃ-ଅ) ପ୍ରାଚୀର; ବେଢ଼ା ।
ପ୍ରାକୃତ-ବିଂ. ( ପ୍ର-ଆ-କୃ-ତ ) ସାଧାରଣ, ସାମାନ୍ୟ; ପ୍ରକୃତିସମ୍ବନ୍ଧୀୟ; ସଂସ୍କୃତଭାଷାରୁ ସମ୍ଭୂତ ଭାଷା ।
ପ୍ରାକୃତିକ-ବିଂ. ( ପ୍ରକୃତି ଇକ ) ସ୍ୱାଭାବିକ; ପ୍ରକୃତିସମ୍ବନ୍ଧୀୟ । [ଅଦୃଷ୍ଟ, ଭାଗ୍ୟ ।
ପ୍ରାକ୍ତନ-ବିଂ. (ପ୍ରାକ୍-ତନ) ପୂର୍ବକାଳୀନ; ବି.
ପ୍ରାଖର୍ଯ୍ୟ-ବି. (ପ୍ରଖର-ଯ) ପ୍ରଖରତା, ତୀକ୍ଷ୍ଣତା ।
ପ୍ରାଗଲ୍ଭ୍ୟ-ବି. (ପ୍ରଗଲ୍ଭ-ଯ) ପ୍ରଗଲ୍ଭତା ।
ପ୍ରାଗୁକ୍ତ-ବିଂ. (ପ୍ରାକ୍-ଉକ୍ତ) ପୂର୍ବୋକ୍ତ ।
ପ୍ରାଗ୍ଜ୍ୟୋତିଷ-ବି. ଆସାମର ଅନ୍ତର୍ଗତ ପ୍ରଦେଶ ବିଶେଷ ।
ପ୍ରାଙ୍ଗଣ-ବି. (ପ୍ର-ଅଙ୍ଗ୍-ଅନ) ଅଗଣା ।
ପ୍ରାଙ୍ମୁଖ-ବି. (ପ୍ରାକ୍-ମୁଖ ପୂର୍ବମୁଖ ।
ପ୍ରାଚୀ-ବି. (ପ୍ରାଚ୍-ଈ) ପୂର୍ବଦିଗ ।
ପ୍ରାଚୀନ-ବିଂ. (ପ୍ରାଚ୍-ଈନ) ପୂର୍ବକାଳୀନ, ପୁରାତନ, ବୃଦ୍ଧ ।
ପ୍ରାଚୀର-ବି. (ପ୍ର-ଆ-ଚୀ-ର) ପାଚେରି ।
ପ୍ରାଚୁର୍ଯ୍ୟ-ବି. (ପ୍ରଚୁର-ଯ) ପ୍ରଚୁରତା, ଆଧିକ୍ୟ ।
ପ୍ରାଚ୍ୟ-ବିଂ. (ପ୍ରାଚ୍-ଯ) ପୂର୍ବଦିଗ୍‌ଦେଶୀୟ ।
ପ୍ରାଜନ-ବି. ( ପ୍ର-ଅଜ୍-ଣିଚ୍-ଅନ ) ପାଞ୍ଚଣ; ଗବାଦିତାଡ଼ନ-ଦଣ୍ଡ ।
ପ୍ରାଜ୍ଞ-ବିଂ. (ପ୍ର-ଆ-ଜ୍ଞା-ଅ) ବିଜ୍ଞ, ପଣ୍ଡିତ ।
ପ୍ରାଜ୍ୟ-ବିଂ. ପ୍ରଭୂତ, ପ୍ରଚୁର ।
ପ୍ରାଞ୍ଜଳ-ବିଂ. (ପ୍ର-ଅନ୍ଜ୍-ଅଲ) ସରଳ; ସୁଖ-ବୋଧ୍ୟ; ନିର୍ମଳ ।
ପ୍ରାଞ୍ଜଳି-ବିଂ. (ପ୍ର-ଅଞ୍ଜଳି) କୃତାଞ୍ଜଳି ।
ପ୍ରାଡ୍‌ବିବାକ-ବି. ( ପ୍ରାଟ୍-ବିବାକ୍-ଅ ) ପ୍ରଧାନ ବିଚାରକ ।
ପ୍ରାଣ-ବି. (ପ୍ର-ଅନ୍-ଅ) ହୃଦୟସ୍ଥବାୟୁ ; ଜୀବନ ।
ପ୍ରାଣ-ଯାତ୍ରା-ବି. ଜୀବିକା-ନିର୍ବାହ ।
ପ୍ରାଣାୟାମ-ବି. ନିଶ୍ୱାସର ଆକର୍ଷଣ-ରୋଧ-ବିସର୍ଜନାତ୍ମକ ପ୍ରକ୍ରିୟା ।
ପ୍ରାଣୀ-ବି. (ପ୍ରାଣ-ଇନ୍) ଜୀବଜନ୍ତୁ । [ଧର୍ମକର୍ମ ।
ପ୍ରାତଃକୃତ୍ୟ-ବିଂ (ପ୍ରାତର୍-କୃତ୍ୟ) ପ୍ରାତଃକାଳୀନ

ପ୍ରାତଃ-ଅ· (ପ୍ର-ଅତ୍-ଅର୍) ପ୍ରଭାତ ।

ପ୍ରାତରାଶ-ବି. (ପ୍ରାତର୍-ଅଶ୍-ଅ) ପ୍ରାତଃକାଳୀନ ଭୋଜନ;

ପ୍ରାତକୂଲ୍ୟ-ବି. (ପ୍ରତକୂଳ-ଯ) ପ୍ରତିକୂଳ ଭାବ ।

ପ୍ରାଥମିକ-ବି·. (ପ୍ରଥମ-ଇକ) ଆଦ୍ୟ; ପ୍ରଥମ-ସମ୍ବନ୍ଧୀୟ । [ପ୍ରବଳପ୍ରକାଶ ।

ପ୍ରାଦୁର୍ଭାବ-ବି. ( ପ୍ରାଦୁସ୍-ଭୂ-ଅ ) ଆବିର୍ଭାବ;

ପ୍ରାଦୁର୍ଭୂତ-ବି·. ( ପ୍ରାଦୁସ୍-ଭୂ-ତ ) ପ୍ରକାଶିତ; ଆବିର୍ଭୂତ । [ସମ୍ବନ୍ଧୀୟ; ସଂକୀର୍ଣ୍ଣ ।

ପ୍ରାଦେଶିକ-ବି·. ( ପ୍ରଦେଶ-ଇକ ) ପ୍ରଦେଶ-

ପ୍ରାଧାନ୍ୟ-ବି. (ପ୍ରଧାନ-ଯ) ଶ୍ରେଷ୍ଠତ୍ୱ; ପ୍ରଧାନତ୍ୱ ।

ପ୍ରାନ୍ତ-ବି. (ପ୍ର-ଅନ୍ତ) ପ୍ରାନ୍ତଭାଗ; ଶେଷସୀମା ।

ପ୍ରାନ୍ତର-ବି. (ପ୍ର-ଅନ୍ତର) ଦୂରବିସ୍ତୃତ ପଡ଼ିଆ ।

ପ୍ରାପିତ-ବି·. ( ପ୍ର-ଆପ୍-ଣିଚ୍-ତ ) ଅଧିଗମିତ, ପ୍ରାପ୍ତ ।

ପ୍ରାପ୍ତ-ବି·. (ପ୍ର-ଆପ୍-ତ) ଲବ୍ଧ; ଉପସ୍ଥିତ ।

ପ୍ରାପ୍ତି-ବି. (ପ୍ର-ଆପ୍-ତି) ଲାଭ; ପାଇବା; ଉପସ୍ଥିତ ।

ପ୍ରାପ୍ୟ-ବି·. (ପ୍ର-ଆପ୍-ଯ) ପ୍ରାପ୍ତିର ଯୋଗ୍ୟ ।

ପ୍ରାବଲ୍ୟ-ବି. (ପ୍ରବଳ-ଯ) ପ୍ରବଳତା ।

ପ୍ରାଭାତିକ-ବି·. (ପ୍ରଭାତ-ଇକ) ପ୍ରଭାତକାଳୀନ ।

ପ୍ରାମାଣିକ ବି·. (ପ୍ରମାଣ-ଇକ) ପ୍ରମାଣଯୁକ୍ତ ।

ପ୍ରାୟ-ବି. ( ପ୍ର-ଇ-ଅ ) ଇଚ୍ଛାପୂର୍ବକ ଅନଶନ-ମୃତ୍ୟୁ; ବି·. ସଦୃଶ, ତୁଲ୍ୟ, ଭୂୟିଷ୍ଠରୂପେ ।

ପ୍ରାୟଶଃ-ଅ·. (ପ୍ରାୟ-ଶସ୍) ଭୂୟିଷ୍ଠରୂପେ ।

ପ୍ରାୟଶ୍ଚିତ୍ତ-ବି. (ପ୍ରାୟସ୍-ଚିନ୍ତ-ତ) ପାପକ୍ଷୟାର୍ଥ ପୁଣ୍ୟକର୍ମ ।

ପ୍ରାୟଃ-ବି. ( ପ୍ର-ଅୟ୍-ଅସ୍ ) ତପସ୍ୟା; ଅ·. ଭୂୟିଷ୍ଠରୂପେ ।

ପ୍ରାୟୋଦ୍ୱୀପ-ବି. (ପ୍ରାୟଃ-ଦ୍ୱୀପ) ଯେଉଁ ଭୂଖଣ୍ଡର ପ୍ରାୟ ଚତୁର୍ଦିଗରେ ଜଳ ।

ପ୍ରାୟୋପବେଶନ-ବି. ( ପ୍ରାୟ-ଉପବେଶନ ) ଇଚ୍ଛାପୂର୍ବକ-ଅନଶନମରଣାର୍ଥ ବସିରହିବା ।

ପ୍ରାରବ୍ଧ-ବି·. ( ପ୍ର-ଆ-ରଭ୍-ତ ) ପ୍ରବର୍ତ୍ତିତ; ବି. ଅଦୃଷ୍ଟ ।

ପ୍ରାରମ୍ଭ-ବି·. (ପ୍ର-ଆରମ୍ଭ) ଉପକ୍ରମ, ଆରମ୍ଭ ।

ପ୍ରାର୍ଥନା-ବି. ( ପ୍ର-ଅର୍ଥ୍-ଅନ-ଆ ) ଯାଚ୍ଞା; ମାଗୁଣି ।

ପ୍ରାର୍ଥିତ-ବି·. (ପ୍ର-ଅର୍ଥ୍-ତ) ଯାଚିତ; ଅଭିଲଷିତ ।

ପ୍ରାଲେୟ-ବି. (ପ୍ରଲୟ-ଅ) ହିମ, ଶିଶିର ।

ପ୍ରାବରଣ }
ପ୍ରାବାର } ବି. (ପ୍ର-ଆ-ବୃ ଅନ, ଅ) ଆବରଣ-ବସ୍ତ୍ର ।

ପ୍ରାବୀଣ୍ୟ-ବି. (ପ୍ରବୀଣ-ଯ) ଦକ୍ଷତା ।

ପ୍ରାବୃଟ୍-ବି. (ପ୍ର-ଆ-ବୃଷ୍-·-କ୍ୱିପ) ବର୍ଷାକାଳ ।

ପ୍ରାଶନ-ବି. (ପ୍ର-ଅଶ୍-ଅନ) ଭୋଜନ, ଆହାର ।

ପ୍ରାସ }
ପ୍ରାସ } ବି. ବ୍ୟଥା ।

ପ୍ରାସଙ୍ଗିକ-ବି·. ( ପ୍ରସଙ୍ଗ-ଇକ ) ପ୍ରସଙ୍ଗକ୍ରମେ ଉତ୍ଥିତ ।

ପ୍ରାସାଦ-ବି.(ପ୍ର-ଆ-ସଦ୍-ଅ) ବୃହତ୍ ଅଟ୍ଟାଳିକା ।

ପ୍ରାହ୍ଣ-ବି. (ପ୍ର-ଅହନ୍) ପୂର୍ବାହ୍ନ; ଦିନର ପ୍ରଥମ ଭାଗ । [ପଣ୍ଡ ।

ପ୍ରିୟ-ବି·. (ପ୍ରୀ-ଅ) ପ୍ରୀତିର ପାତ୍ର, ରମ୍ୟ; ବି.

ପ୍ରିୟଙ୍ଗୁ–ବି. ଲତାବିଶେଷ ।
ପ୍ରିୟଦର୍ଶନ–ବିଂ. ସୁଦୃଶ୍ୟ, ସୁନ୍ଦର ।
ପ୍ରିୟମ୍ବଦ–ବିଂ. ( ପ୍ରିୟମ୍-ବଦ ) ଯେ ପ୍ରିୟବାକ୍ୟ [ବଦେ ।
ପ୍ରିୟା–ବି. (ପ୍ରୀ-ଅ-ଆ) ପତ୍ନୀ ।
ପ୍ରୀଣନ–ବି. (ପ୍ରୀ ଣିଚ୍-ଅନ) ତୋଷଣ ।
ପ୍ରୀତ–ବିଂ. (ପ୍ରୀ-ତ) ତୃପ୍ତ; ସନ୍ତୁଷ୍ଟ; ଅହ୍ଲାଦିତ ।
ପ୍ରୀତି–ବି. (ପ୍ରୀ-ତି) ପ୍ରେମ; ଅନୁରାଗ; ସନ୍ତୋଷ ।
ପ୍ରେକ୍ଷଣ–ବି. (ପ୍ର-ଈକ୍ଷ୍-ଅନ) ଦର୍ଶନ ।
ପ୍ରେକ୍ଷା–ବି. (ପ୍ର-ଈକ୍ଷ୍-ଅ-ଆ) ପ୍ରଜ୍ଞା; ଦୃଷ୍ଟି ।
ପ୍ରେତ–ବି. ( ପ୍ର-ଇ-ତ ) ମୃତ ବ୍ୟକ୍ତିର ଆତ୍ମା; ବିଂ. ମୃତ ।
ପ୍ରେତପତି / ପ୍ରେତରାଜ } ବି. (ପ୍ରେତ-ପତି, ରାଜା ) ଯମ ।
ପ୍ରେତପୁରୀ–ବି. ଯମାଳୟ ।
ପ୍ରେପ୍ସୁ–ବିଂ. ( ପ୍ର-ଆପ୍-ସ-ଉ ) ପାଇବାକୁ [ଇଚ୍ଛୁକ ।
ପ୍ରେମ–ବି. ( ପ୍ରିୟ୍-ଇମନ୍ ) ଅନୁରାଗ ; ପ୍ରୀତି ।
ପ୍ରେମିକ–ବିଂ. (ପ୍ରେମନ୍-ଇକ) ପ୍ରଣୟୀ ; ସ୍ନେହୀ ।
ପ୍ରେମୀ–ବିଂ. (ପ୍ରେମନ୍-ଇନ୍) ପ୍ରଣୟୀ; ଅନୁରକ୍ତ ।
ପ୍ରେୟସୀ–ବିଂ. (ପ୍ରିୟ୍-ଈୟସ୍-ଈ ପ୍ରିୟତମା ।
ପ୍ରେୟାନ୍–ବିଂ. (ପ୍ରିୟ୍-ଈୟସ୍=ପ୍ରେୟସ୍) ପ୍ରିୟ-ତମ ।
ପ୍ରେରଣ / ପ୍ରେରଣା } ବି. (ପ୍ର-ଈର୍-ଅନ, ଆ) ପ୍ରେଷଣ, ପଠାଇବା ; ପ୍ରଣୋଦନ ।
ପ୍ରେରିତ–ବିଂ. ପ୍ରେଷିତ; ପ୍ରଣୋଦିତ ।
ପ୍ରେଷ୍ୟ–ବିଂ. (ପ୍ର-ଇଷ୍-ଯ) ଭୃତ୍ୟ ।
ପ୍ରେଷ୍ଠ–ବିଂ. (ପ୍ରିୟ୍-ଇଷ୍ଠ) ପ୍ରିୟତମ ।
ପ୍ରୋକ୍ତ–ବିଂ. (ପ୍ର-ବଚ୍-ତ) ପ୍ରକୃଷ୍ଟରୂପେ କଥିତ ।
ପ୍ରୋକ୍ଷଣ–ବି. (ପ୍ର-ଉକ୍ଷ୍-ଅନ) ଶୁଦ୍ଧିନିମିତ୍ତ ଜଳ-ସେଚନ ।
ପ୍ରୋତ–ବି. (ପ୍ର-ବେ-ତ) ସ୍ୟୂତ; ଲମ୍ବାବରେ [ବସ୍ତୁତ; ଗ୍ରଥିତ ।
ପ୍ରୋଥିତ–ବିଂ. ( ପ୍ରୋଥ୍-ତ ) ଭୂଗର୍ଭନିହିତ, ପୋତା । [ଗତ ।
ପ୍ରୋଷିତ–ବିଂ. (ପ୍ର-ବସ୍-ତ)ବିଦେଶସ୍ଥ, ବିଦେଶ-
ପ୍ରୋଷିତଭର୍ତ୍ତୃକା–ବି. ( ପ୍ରୋଷିତ-ଭର୍ତ୍ତୃ ) ଯେ ଜାୟାର ସ୍ୱାମୀ ବିଦେଶସ୍ଥ । [ବୟସ୍କ ।
ପ୍ରୌଢ଼–ବିଂ. ( ପ୍ର-ଉଢ଼ ) ବିବାହିତ; ପରିଣତ-
ପ୍ରୌଢ଼ି–ବି. (ପ୍ର-ବହ୍-ତି) ସାମର୍ଥ୍ୟ; ଉଦ୍ଧତ ।
ପ୍ଲକ୍ଷ–ବି. ଅଶ୍ୱତ୍ଥ ବୃକ୍ଷ । [ରଣ ; ଭେଳା ।
ପ୍ଲବ–ବି. ( ପ୍ଲୁ-ଅ) କୁଦ କୁଦ ଯିବା; ସନ୍ତ-
ପ୍ଲବଗ / ପ୍ଲବଙ୍ଗମ } ବି. (ପ୍ଲବ-ଗମ୍-ଅ) ବାନର; ଭେକ ।
ପ୍ଲବମାନ–ବିଂ. ( ପ୍ଲୁ-ଅନ ) ଭାସମାନ ।
ପ୍ଲାବନ–ବି. (ପ୍ଲୁ-ଣିଚ୍-ଅନ) ଜଳଦ୍ୱାରା ବ୍ୟାପ୍ତି ; ବନ୍ୟା ।
ପ୍ଲାବିତ–ବିଂ. (ପ୍ଲାବ-ତ) ଜଳଦ୍ୱାରା ବ୍ୟାପ୍ତ ।
ପ୍ଲୀହା–ବି. ଉଦରମଧ୍ୟସ୍ଥ ଯନ୍ତ୍ରବିଶେଷ; ପିଲେହି ।
ପ୍ଲୁତ–ବି. (ପ୍ଲୁ-ତ ) ଲମ୍ଫ, ଅଶ୍ୱର ଗତିବିଶେଷ ;
ପ୍ଲୁଷ୍ଟ–ବିଂ. (ପ୍ଲୁଷ୍-ତ) ଦଗ୍ଧ । [ ତ୍ରିମାତ୍ରସ୍ୱର ।

# ଫ

ଫ — ବ୍ୟଞ୍ଜନବର୍ଣ୍ଣର ଦ୍ୱାବିଂଶବର୍ଣ୍ଣ ।

ଫକା, ଫିକା—ବିଂ. ପାଣ୍ଡୁର ବର୍ଣ୍ଣ ।

ଫକାସୀ—ବି. ଦମ୍ ।

ଫକ୍କିକା—ବି. କୂଟ ପ୍ରଶ୍ନ ।

ଫକୀର—ବି. ମୁସଲମାନ୍ ସନ୍ନ୍ୟାସୀ; ଭିକ୍ଷୁକ ।

ଫଗୁ—ବି. (ଫଲ୍ଗୁ ଶବ୍ଦର—ଅପଭ୍ରଂଶ) ଅବିର ।

ଫଗୁଣ—ବି. (ଫାଲ୍ଗୁନର ଅପଭ୍ରଂଶ) କୁମ୍ଭମାସ ।

ଫଟକା—ବି. ଅଗ୍ନିବାଣ ।

ଫଟା—ବିଂ. ଫାଟଯୁକ୍ତ; ଭଙ୍ଗା ।

ଫଟାଇବା—କ୍ରି. ବିଦୀର୍ଣ୍ଣ କରିବା ।

ଫଡ୍‌ଫଡ୍—ଅଂ. ଶବ୍ଦବିଶେଷ ।

ଫଡ଼କା—ବି. ପତାକା ।

ଫଡ଼ା—ବି. କାଷ୍ଠ ଚିରିତର ଖଣ୍ଡ; ବିଂ. ଚିରା ।

ଫଡ଼ିଆ, ଫରିଆ—ବି. ଅଣ୍ଟାଦର କଟିଠାରୁ ସମସ୍ତ ଚରଣ; ଗୋଡ଼ର ସମୁଦାୟ ଅଂଶ ।

ଫଣ, ଫଣା—ବି. ( ଫଣ୍-ଅ, ଆ ) ସର୍ପର ବିସ୍ତାରିତ ମସ୍ତକ ।

ଫଣଫଣା—ବି. ବୃକ୍ଷବିଶେଷ ।

ଫଣୀ—ବି. (ଫଣିନ୍) ସର୍ପ; ଫଣାଧର ସର୍ପ ।

ଫଣୀନ୍ଦ୍ର—ବି. (ଫଣିନ୍-ଇନ୍ଦ୍ର) ସର୍ପରାଜ; ବାସୁକି ।

ଫତେ—ବି. (ପାର୍ଶୀ) ଜୟ ।

ଫନ୍ଦ—ବି. ପାଶାଦିର ପ୍ରାନ୍ତଭାଗ ।

ଫନ୍ଦା—ବି. ଅନ୍ତସୂ, ଅବଲମ୍ବନ, ଗାବକା ।

ଫନ୍ଦୀ—ବି. ଫିକର, ଉପାୟ ।

ଫମ୍ପା—ବିଂ. ଫୋମ୍ପା; ଅନ୍ତଃସାର-ଶୂନ୍ୟ ।

ଫଇସଲା—ବି. (ପାର୍ଶୀ) ମୋକଦ୍ଦମାର ନିଷ୍ପତ୍ତି-ପତ୍ର । [ ବାର ଶବ୍ଦ ।

ଫର୍ଫର—ବିଂ ଅତିଚଞ୍ଚଳ; ଅଂ. ପତାକାଦି ଉଡ଼ି-

ଫରମାଣ—ବି. (ପାର୍ଶୀ) ଆଦେଶ ।

ଫରି—ବି. ଫଳକ, ଚର୍ମ ଅଡ଼େଣୀ ।

ଫରୁଆ—ବି. ସଂପୁଟକ, ସିନ୍ଦୁର ପ୍ରଭୃତି ରଖିବା ନିମନ୍ତେ କାଷ୍ଠନିର୍ମିତ ପାତ୍ର ।

ଫର୍ଚ୍ଚା—ବିଂ. ଚୌଡ଼ା; ଉଜ୍ଜ୍ୱଳ ।

ଫର୍ଦ୍ଦ—ବି. କାଗଜଖଣ୍ଡ; ହିସାବ କାଗଜ ।

ଫଳ—ବି. (ଫଲ୍-ଅ) ବୃକ୍ଷଲତାରୁ ଜାତ ଶସ୍ୟ; ଉତ୍ପନ୍ନ ବସ୍ତୁ; କାର୍ଯ୍ୟସିଦ୍ଧି; କର୍ମର ପରିଣାମ ।

ଫଳକ—ବି. (ଫଲ୍-ଅକ) ଢାଲ; ପଟ୍ଟ ।

ଫଳତଃ—ଅଂ. ( ଫଲ-ତସ୍ ) ଏହି ହେତୁରୁ; ବସ୍ତୁତଃ ।

ଫଳନ୍ତା, ଫଳନ୍ତି—ବିଂ. ଫଳବିଶିଷ୍ଟ, ଯାହା ଫଳୁଅଛି ।

ଫଳପାକାନ୍ତ—ବି. ଫଳ ପାଚିଲେ ଯେଉଁ ବୃକ୍ଷ-ମାନ ମରିଯାଏ । [ ପ୍ରଦାନ କରେ ।

ଫଳପ୍ରଦ—ବିଂ. ( ଫଲ-ପ୍ର-ଦା-ଅ ) ଯେ ଫଳ

ଫଳଶ୍ରୁତି—ବି. (ଫଲ-ଶ୍ରୁ-ତି) କର୍ମର ଫଳଶ୍ରବଣ ।

ଫଳାଫଳ—ବି. ( ଫଲ-ଅଫଲ ) ହାନିଲାଭ ।

ଫଳିତ—ବିଂ. ( ଫଲ-ଇତ ) ଫଳଯୁକ୍ତ; ସଫଳ ।

ଫଳୋପଧାୟକ-ବିଂ. ( ଫଳ-ଉପ-ଧା-ଅକ )
ଫଳଦାୟକ । [ର୍ଥକ ।

ଫଳ୍ଗୁ-ବି. (ଫଲ୍-ଗୁ) ଫଗୁ ; ବିଂ. ଅସାର; ନିର-

ଫଲ୍ଗୁନ, ଫାଲ୍ଗୁନ } ବି. ଫାଲ୍ଗୁନ ମାସ ।

ଫସଲ୍-ବି. (ପାର୍ଶୀ) କୃଷି, କୃଷିଜାତ ଶସ୍ୟାଦି ।

ଫସ୍କା-ବିଂ. ହାଲୁକା, ଯେ ଟାଣ ବା ଶକ୍ତ ନୁହେ ।

ଫାଉ-ବି. (ସ୍ଫାୟ୍‌ଧାତୁଜ) ଅତିରିକ୍ତ ଲାଭ ।

ଫାଙ୍କ-ବି. ଛିଦ୍ର; ଅନ୍ତର ।

ଫାଟ-ବି. (ସ୍ଫାଟ୍‌ଧାତୁଜ) ଛିଦ୍ର ।

ଫାଟକ-ବି. ବହିଦ୍ୱାର ।

ଫାଟିବା-କ୍ରି. (ସ୍ଫାଂଟ୍ ଧାତୁରୁ) ବିଦୀର୍ଣ୍ଣ ହେବା ।

ଫାଟିଆ-ବି. ଘୋମେଷାଦିର ରୋଗବିଶେଷ ।

ଫାଡ଼ିବା-କ୍ରି. ଚିରିବା; ଖଣ୍ଡ ଖଣ୍ଡ କରିବା ।

ଫାଣ୍ଟ-ବି. ଉଷ୍ଣଜଳରେ ନିକ୍ଷିପ୍ତ ଔଷଧର କଷାୟ ।

ଫାଣ୍ଡି-ବି. ପୁଲିସ କର୍ମଚାରୀଙ୍କର ରହିବାର ସ୍ଥାନ ।

ଫାନସ୍-ବି. (ପାର୍ଶୀ) କାଗଜରେ ନିର୍ମିତ ଦୀପ;

ଫାନ୍ଦ-ବି. ପାଶ । [ଜାଳିବାର ପାତ୍ରବିଶେଷ ।

ଫାଳ-ବି. ଲଙ୍ଗଳଲୁହା; ଦୁଇଭାଗର ଏକଭାଗ ।

ଫାଳିଆ-ବିଂ. ବିସ୍ତୃତ; ବି. ଖଣ୍ଡ ।

ଫାଲ୍ଗୁନ-ବି. (ଫଲ୍ଗୁନ-ଅ) ଫଗୁଣ ମାସ ।

ଫାଶ-ବି. (ପାଶଶବ୍ଦଜ) ପାଶ, ରଜ୍ଜୁ ।

ଫାଶୀ-ବି. (ପାଶଶବ୍ଦଜ) ଉଦ୍‌ବନ୍ଧନ; ଗଳାରେ
ଫାଶ ଦେଇ ପ୍ରାଣନାଶନ । [ବିଶେଷ ।

ଫାସିଆ-ବି. କର୍ଣ୍ଣ ଓ ନାସିକାର ଆଭରଣ-

ଫିକର-ବି. କୌଶଳ ।

ଫିଙ୍ଗିବା-କ୍ରି. ନିକ୍ଷେପ କରିବା ।

ଫିଟାଇବା-କ୍ରି. ମୋଚନ କରିବା ।

ଫିତା-ବି. ସରୁବସ୍ତ୍ର-ପଟୀ । [ପଥ ।

ଫୁକାର-ବି. ଜଳ ଓ ବାୟୁ ଯିବାର ସଂକୀର୍ଣ୍ଣ

ଫୁଙ୍କିବା-କ୍ରି. ( ଫୁତ୍କାରଶବ୍ଦଜ ) ଫୁ ଶବ୍ଦପୂର୍ବକ
ମୁଖରୁ ବାୟୁ ନିର୍ଗତ କରିବା; ମନ୍ତ୍ର ପଢ଼ି
ଝାଡିବା ।

ଫୁଟ୍-ବି. (ଇଂରାଜ) ୧୨ ଅଙ୍ଗୁଳ ପରିମାଣ ।

ଫୁଟା-ବିଂ. ପ୍ରସ୍ଫୁଟିତ ।

ଫୁଟି-ବି. ଫଳବିଶେଷ ।

ଫୁଟିବା-କ୍ରି. (ସ୍ଫୁଟ୍‌ଧାତୁଜ) ବିକଶିତ ହେବା ।

ଫୁଟୁକା-ବି. (ସ୍ଫୋଟିକ ଶବ୍ଦଜ) ଦୁଇ ଅଙ୍ଗୁଳିଦ୍ୱାରା
କୃତ ଶବ୍ଦ ।

ଫୁତ୍କାର-ବି. (ଫୁତ୍-କାର) ଫୁ ଫୁ କରିବା ।

ଫୁରୁଣା-ବି. ଆନନ୍ଦ; ଆହ୍ଲାଦ ।

ଫୁଲ୍-ବି. (ଫୁଲ୍ଲଶବ୍ଦଜ) ପୁଷ୍ପ ।

ଫୁଲଖଡ଼ି-ବି. ଦୁଧଖଡି ।

ଫୁଲଗୁଣା-ବି. ନାସିକାର ଅଳଙ୍କାରବିଶେଷ ।

ଫୁଲା-ବି. ଚକ୍ଷୁ ରୋଗବିଶେଷ; ଶୋଥ ରୋଗ ।

ଫୁଲାଇବା-କ୍ରି. ସ୍ଫୀତ କରାଇବା ।

ଫୁଲ୍ଲ-ବିଂ. (ଫୁଲ୍-ତ) ବିକଶିତ, ପ୍ରସ୍ଫୁଟିତ ।

ଫୁଲ୍ଲୀ-ବି. ( ଫୁଲଶବ୍ଦଜ ) ସୁବର୍ଣ୍ଣନିର୍ମିତ ପୁଷ୍ପାକାର
ଗୁଚ୍ଛବିଶେଷ ।

ଫୁସ୍‌ଫୁସ୍-ବି. କାନରେ ଲୁଚାଇ କହିବାର ଶବ୍ଦ ।

ଫୁସ୍‌ଫୁସ୍-ବି. ଶରୀରସ୍ଥ ଶ୍ୱାସଯନ୍ତ୍ର ।

ଫୁସଲାଇବା-କ୍ରି. ଭୁଲାଇବା ।

ଫେଟା-ବି. ଧୋତି ।

ଫେଡ଼ାଙ୍କ-ବି. ବ୍ୟବକଲନ, ବିୟୋଗ ।

ଫେଡ଼ିବା }
ଫେଇବା } କ୍ରି. ଫିଟାଇବା ; ମୋଚନ କରିବା; ବ୍ୟବକଲନ କରିବା ।

ଫେଣ }
ଫେନ } ବି. ଜଳାଦି ଉପରେ ଭାସୁଥିବା ବୁଦ୍‌ବୁଦ୍ ।

ଫେଣା-ବି. ବତାସା ନାମକ ମିଷ୍ଟାନ୍ନ ।

ଫେଣ୍ଟିବା-କ୍ରି. (ଫାଣ୍ଟଶବ୍ଦଜ) ଫେଣେଇବା ।

ଫେନିଲ-ବିଂ. ଫେନଯୁକ୍ତ ।

ଫେର-ବି. ବସ୍ତ୍ରର ବେଷ୍ଟନ; ବିପର୍ଯ୍ୟୟ ।

ଫେରଫାର-ବି. ବଦଳାବଦଳି ।

ଫେରବ }
ଫେରଣ୍ଡ } ବି. ଶୃଗାଳ ।
ଫେରୁ }

ଫେରିବା-କ୍ରି. ଲେଉଟିବା ।

ଫୋଟକା-ବି. ( ସ୍ଫୋଟକଶବ୍ଦଜ ) ସ୍ଫୋଟକ; ବୁଦ୍‌ବୁଦ୍ ।

ଫୋଡ-ବି. କ୍ଷୁଦ୍ର ରନ୍ଧ୍ର ।

ଫୋଡଣୀ-ବି. ଫୋଡ କରିବାର ଯନ୍ତ୍ର ।

ଫୋଡ଼ିବା-କ୍ରି. (ସ୍ଫୋଟ୍‌ଧାତୁଜ) ଛିଦ୍ର କରିବା ।

ଫୋପାଡ଼ିବା-କ୍ରି. ନିକ୍ଷେପ କରିବା ।

ଫୌଜ }
ଫଉଜ } ବି. (ଆରବୀ) ସେନା ।

ଫୌଜଦାରୀ-ବି. ଲୋକଙ୍କ ମଧ୍ୟରେ ଶାନ୍ତିଭଙ୍ଗ-ଅପରାଧ ସମ୍ବନ୍ଧୀୟ ।

## ବ

(ବର୍ଗୀୟ ବ) ତ୍ରୟୋବିଂଶ ବ୍ୟଞ୍ଜନବର୍ଣ୍ଣ ।

ବଉଳ-ବି. ( ବକୁଳଶବ୍ଦଜ ) ବକୁଳ ବୃକ୍ଷ ବା ତାହାର ଫୁଲ; ଆମ୍ରମୁକୁଳ ।

ବଉଳିବା-କ୍ରି. ମୁକୁଳିତ ହେବା ।

ବକ-ବି, ବଗ (ପକ୍ଷୀ) ।

ବକ-ଯନ୍ତ୍ର-ବି. ଅରକ-କାଢିବାର ଯନ୍ତ୍ର; ମଦ୍ୟାଦିର ନିଷ୍କର୍ଷ-ଯନ୍ତ୍ର ।

ବକୁଳ-ବି. ବଉଳ ।

ବଟୁ-ବି. ବାଳକ ବ୍ରହ୍ମଚାରୀ ।

ବଡବାଗ୍ନି-ବି. ସମୁଦ୍ର ମଧ୍ୟସ୍ଥ ଅଗ୍ନି ।

ବଡ଼ିଶ-ବି. ମାଛ ଧରିବା କଣ୍ଟା, ବନ୍ଶୀକଣ୍ଟା ।

ବଡୁ-ବି. (ବଟୁଶବ୍ଦଜ) ଉପନୟନ ସଂସ୍କାର ପ୍ରାପ୍ତ ବ୍ରାହ୍ମଣ ବାଳକ ।

ବଦର }
ବଦରୀ } ବି. ବରକୋଳି ଗଛ ବା ତାହାର ଫଳ ।

ବଦ୍ଧ-ବିଂ. (ବନ୍ଧ-ତ) ବନ୍ଧା; ଯୁକ୍ତ; ଏକତ୍ରିତ; ନିବଦ୍ଧ; କୃତ ।

ବଦ୍ଧାଞ୍ଜଳି-ବିଂ. ( ବଦ୍ଧ-ଅଞ୍ଜଳି ) ଯୁକ୍ତାଞ୍ଜଳି, କୃତାଞ୍ଜଳି ।

ବଦ୍ଧ-ପରିକର-ବିଂ. ପରିହିତ-କଟିବନ୍ଧ; କାର୍ଯ୍ୟସାଧନ ନିମନ୍ତେ ଅଗ୍ରସର ।

ବଦ୍ଧ-ମୁଷ୍ଟି-ବିଂ. ଦୃଢମୁଷ୍ଟି; କୃପଣ ।

ବଦ୍ଧ-ମୂଳ-ବିଂ. ଦୃଢରୂପେ ନିବଦ୍ଧମୂଳ ଯାହାର ।

ବଧିର-ବିଂ. ବହିରା, କାଲ ।

ବଧିରିତ-ବିଂ. ବଧିରୀକୃତ; ଘୋରଶବ୍ଦ ଦ୍ୱାରା କାନ ଅବଶ ଯାହାର ।

ବନ୍ଦୀ-ବି. କଏଦୀ, କାରାରୁଦ୍ଧ ଲୋକ ।

ବନ୍ଧ-ବି. (ବନ୍ଧ୍-ଅ) ବନ୍ଧନ; ରୋଧ; ବିନ୍ୟାସ; ରଚନାବିଶେଷ; ଆସକ୍ତି ।

ବନ୍ଧକ-ବି. ଋଣନିମିତ୍ତ ଗଚ୍ଛିତ ସମ୍ପତ୍ତି ।

ବନ୍ଧନ-ବି. (ବନ୍ଧ୍-ଅନ) ବାନ୍ଧିବା; ଅବରୋଧ; ବନ୍ଧନାର୍ଥ ରଜ୍ଜୁ ବା ଶୃଙ୍ଖଳ ।

ବନ୍ଧନୀ-ବି. (ବନ୍ଧ୍-ଅନ-ଈ) ବନ୍ଧନାର୍ଥ ସୂତ୍ର ବା ରଜ୍ଜୁ; ଗଣିତରେ ଅନେକଗୁଡ଼ିଏ ରାଶିକୁ ଅନ୍ତର୍ଗତ କରିବାର ଯୁଗ୍ମ ଚିହ୍ନ ।

ବନ୍ଧୁ-ବି. (ବନ୍ଧ୍-ଉ) ଯେ ସ୍ନେହ ଦ୍ୱାରା ବନ୍ଧନ କରେ; ମିତ୍ର; ଜ୍ଞାତି ।

ବନ୍ଧୁଜୀବ<br>ବନ୍ଧୁଳ } ବି. ବନ୍ଧୁଳି ଗଛ ଓ ତାହାର ରକ୍ତବର୍ଣ୍ଣ ଫୁଲ ।

ବନ୍ଧୁତା<br>ବନ୍ଧୁତ୍ୱ } ବି. ବନ୍ଧୁ-ପଣ, ମିତ୍ରତା ।

ବନ୍ଧୁର-ବିଂ. (ବନ୍ଧ୍-ଉର) ଉନ୍ନତାନତ ।

ବନ୍ଧ୍ୟ-ବିଂ. (ବନ୍ଧ୍-ଯ) ଫଳ-ଶୂନ୍ୟ; ନିଷ୍ଫଳ ।

ବନ୍ଧ୍ୟା-ବି. ଯେ ସ୍ତ୍ରୀ ସନ୍ତାନ ପ୍ରସବ କରି ନାହିଁ, ବାଞ୍ଝ ।

ବଭ୍ରୁ-ବିଂ. ପିଙ୍ଗଳ ବର୍ଣ୍ଣ ।

ବର୍ବଟୀ-ବି. ବରଗୁଡ଼ି ଶସ୍ୟ ।

ବର୍ବର-ବିଂ. ମ୍ଳେଚ୍ଛ; ମୂର୍ଖ ।

ବର୍ବୁର-ବି. ବବୁରଗଛ ।

ବର୍ହ-ବି. ମୟୂରପିଚ୍ଛ; ପତ୍ର ।

ବର୍ହୀ-ବି. (ବର୍ହ-ଇନ୍) ମୟୂର ।

ବଳ-ବି. (ବଳ୍-ଅ) ଶକ୍ତି; ସୈନ୍ୟ ।

ବଳକ୍ଷ-ବିଂ. ଶ୍ୱେତବର୍ଣ୍ଣ ।

ବଳଦେବ<br>ବଳଭଦ୍ର<br>ବଳରାମ } ବି. ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା ।

ବଳବାନ୍-ବିଂ. (ବଳ-ବତ୍) ବଳଶାଳୀ, ସମର୍ଥ ।

ବଳାକା-ବି. ବକ-ଶ୍ରେଣୀ ।

ବଳାତ୍କାର-ବି. (ବଳାତ୍-କାର) ଜୋର ଦ୍ୱାରା କରିବା; ଅତ୍ୟାଚାର ।

ବଳାବଳ-ବି. (ବଳ-ଅବଳ) ସାମର୍ଥ୍ୟ ଓ ଅସାମର୍ଥ୍ୟ ।

ବଳାହକ-ବି. ମେଘ ।

ବଳି-ବି. ପୂଜାର ସାମଗ୍ରୀ; ଦେବତାଙ୍କୁ ଦତ୍ତ ସାମଗ୍ରୀ; ଭୂତଯଜ୍ଞ ବା ଜୀବମାନଙ୍କୁ ଖାଦ୍ୟ-ଦାନ ।

ବଳିଷ୍ଠ<br>ବଳୀୟାନ୍ } ବି. ଅତ୍ୟନ୍ତ ବଳବାନ୍ ।

ବଳି-ସଦ୍ମ-ବି. ବଳି ନାମକ ଦୈତ୍ୟର ଗୃହ; ପାତାଳ ।

ବଳୀ-ବିଂ. ( ବଳ-ଇନ୍ ) ବଳଶାଳୀ ।

ବଳୀବର୍ଦ୍ଦ-ବି. ବୃଷ; ବଳଦ ।

ବଲ୍ଲବ-ବି. ଗୋପାଳ, ଗଉଡ଼ ।

ବଲ୍ଲବୀ-ବି. ଗଉଡ଼ୁଣୀ ।

ବବ-କରଣ-ବି. ଦିବସର ଜ୍ୟୋତିଷିକ ପ୍ରଥମ ବିଭାଗ ।

ବହଳ-ବିଂ. ଘନ; ସାନ୍ଦ୍ର; ଦୃଢ଼ ।

ବହିଃ-ଅ. ବାହାରେ ।

ବହିଷ୍କୃତ-ବିଂ. ନିଷ୍କାସିତ ।

ବହିର୍ଗତ-ବିଂ. ନିର୍ଗତ; ନିଷ୍କ୍ରାନ୍ତ ।

ବହିର୍ଦ୍ଦେଶ-ବି. ଗ୍ରାମ ବା ନଗରର ଉପାନ୍ତ ।

ବହୁ—ବଂ. ଅନେକ; ଅଧିକ ।

ବହୁତ—ବଂ. ଅନେକ; ଅଧିକ ।

ବହୁଧା—କ୍ରି. ବଂ. ନ ନାପ୍ରକାର ।

ବହୁମୂତ୍ର—ବ. ଅଧିକ ପ୍ରସ୍ରାବ-ରୂପ ରୋଗ ।

ବହୁମୂଲ୍ୟ—ବଂ. ମହାର୍ଘ; ବ. ଅଧିକମୂଲ୍ୟ ।

ବହୁବିଧ—ବଂ. ନାନାପ୍ରକାର । [ଏଣ୍ଡ୍ରପ ।

ବହୁରୂପୀ—ବଂ. ନାନାରୂପଧାରୀ; ନାନାବର୍ଣ୍ଣଧାରୀ

ବହୁଳ—ବଂ. ଅନେକ, ଅଧିକ; ବ. କୃଷ୍ଣପକ୍ଷ ।

ବହୁଳତା—ବ. ବାହୁଲ୍ୟ, ଅଧିକ୍ୟ ।

ବହୁଳୀକୃତ—ବଂ. (ବହୁଳ-ଇ-କୃତ) ବିସ୍ତାରିତ ।

ବହୁବ୍ରୀହି—ବଂ. ବହୁଧାନ୍ୟ ବିଶିଷ୍ଟ; ବ. ବ୍ୟାକରଣ ସମାସବିଶେଷ । [ସମୟରେ ।

ବହୁଶଃ—କ୍ରି. ବଂ. ବହୁଳଭାବରେ; ଅନେକ

ବାଡବ—ବ. ସାମୁଦ୍ରିକ ଅଗ୍ନି ।

ବାଡଙ୍ଗଣ—ବ. ବାଇଗଣ, ବାର୍ତ୍ତାକୀ ।

ବାଣ—ବ. ଶର; ଦୈତ୍ୟବିଶେଷ; ୫ ସଂଖ୍ୟା ।

ବାଣ-ସିଦ୍ଧି—ବ. ବାଣଦ୍ୱାରା ଲକ୍ଷ୍ୟଭେଦ କରିବାରେ ସିଦ୍ଧତା ।

ବାଦରାୟଣ—ବ. ବ୍ୟାସମୁନି ।

ବାଦରାୟଣି—ବ. ବ୍ୟାସମୁନିଙ୍କ ପୁତ୍ର ଶୁକ ।

ବାଧକ ବଂ. ( ବାଧ୍-ଅକ ) ବାଧାଜନକ; ନିବାରକ ।

ବାଧା—ବ. (ବାଧ୍-ଆ) ବ୍ୟଥା; ପ୍ରତିବନ୍ଧକ ।

ବାଧିତ—ବ. ( ବାଧ୍-ତ ) ପୀଡ଼ିତ; ନିବାରିତ;

ବାଧିବା—କ୍ରି. ପୀଡ଼ା ଦେବା । [ବଶୀଭୂତ ।

ବାର୍ଦ୍ଧକ୍ୟ—ବ. (ବୃଦ୍ଧ-ଯ) ବୃଦ୍ଧତା ।

ବାଧ୍ୟ—ବଂ. (ବାଧ୍-ଯ) ନିବାରଣଯୋଗ୍ୟ; ବଶ୍ୟ ।

ବାନ୍ଧବ—ବ. ( ବନ୍ଧୁ ଅ-ସ୍ୱାର୍ଥେ ) ବନ୍ଧୁ; ଆତ୍ମୀୟ ।

ବାଳ—ବଂ. ( ବଳ୍-ଅ ) ଅଳ୍ପବୟସ୍କ; ନୂତନ; ଅଜ୍ଞାନ; ବ. କେଶ; ବାଳକ ।

ବାଳକ—ବ. ଅଳ୍ପ ବୟସ୍କ ପୁତ୍ର ।

ବାଳବ—ବ. ଦିବସର ଜ୍ୟୋତିଷୋକ୍ତ ଦ୍ୱିତୀୟବିଭାଗ ।

ବାଳା—ବ. ତରୁଣୀନାରୀ ।

ବାଳିକା—ବ. ଅଳ୍ପ ବୟସ୍କା କନ୍ୟା ।

ବାଳିଶ—ବଂ. ମୂର୍ଖ ।

ବାଳିଶ—ବ. ( ବାଳ-ଇକ୍-ଶୀ-ଅ ) ଉପାଧାନ ।

ବାଳୁକା—ବ. ସିକତା, ବାଲି ।

ବାଳୁକାମୟ—ବଂ. ବାଲୁକାପୂର୍ଣ୍ଣ ।

ବାଳୁକା-ଯନ୍ତ୍ର—ବ. ଔଷଧ-ପାକାର୍ଥ ଯନ୍ତ୍ରବିଶେଷ । [ନିଃସାରଣ ।

ବାଳୁକା-ସ୍ୱେଦ—ବ. ତପ୍ତବାଲୁକା ଦ୍ୱାରା ସ୍ୱେଦ

ବାଲେୟ—ବଂ. (ବଲି-ଏୟ) ବଳି ବା ପ୍ରକାର-

ବାଲ୍ୟ—ବଂ.ବାଳକ-ଅବସ୍ଥା । [ଯୋଗ୍ୟ ।

ବାଷ୍ପ—ବ. ଅଶ୍ରୁ; ବାମ୍ଫ ।

ବାଷ୍ପ-ଯନ୍ତ୍ର—ବ. ଧୂଆଁକଳ ।

ବାହା—ବ. ଭୁଜ ।

ବାହୁ—ବ. ଭୁଜ; ତ୍ରିକୋଣକ୍ଷେତ୍ରର ପାର୍ଶ୍ୱରେଖା ।

ବାହୁ-ବଳ—ବ. ଭୁଜରବଳ; ଦୈହିକବଳ ।

ବାହୁ-ମୂଳ—ବ. କାଖ ।

ବାହୁ-ଯୁଦ୍ଧ—ବ. ହାତକୁ ହାତ ଯୁଝିବା; ମଲ୍ଲ-

ବାହୁଲ୍ୟ—ବ. (ବହୁଳ-ଯ) ଅଧିକ୍ୟ । [ଯୁଦ୍ଧ ।

ବାହ୍ୟ—ବଂ. (ବହିସ୍-ଯ) ବହିଃସ୍ଥିତ ।

ବିଡ଼ାଳ-ବି. ବିଲେଇ ।
ବିନ୍ଦୁ-ବି. ଫୋଟା ; ଅନୁସ୍ୱାର; କ୍ଷୁଦ୍ର ଚିହ୍ନ ।
ବିମ୍ବ-ବି. ପ୍ରତିବିମ୍ବ; ମଣ୍ଡଳ ; ଜଳବୁଦ୍ବୁଦ ; କଣ୍ଟ-
ବିମ୍ବିତ-ବିଂ. ପ୍ରତିଫଳିତ । [କାକୁଡ଼ି ଫଳ ।
ବିଲ-ବି. ଗର୍ତ୍ତ । [ଶଶକ ।
ବିଲେଶୟ-ବି. (ବିଲେ-ଶୀ-ଅ) ସର୍ପ ; ମୂଷିକ;
ବିଲ୍ୱ-ବି. ବେଲଗଛ ବା ତାହାର ଫଳ ।
ବିସ ବି. ମୃଣାଳ ।
ବୀଜ-ବି. ମଞ୍ଜି; କାରଣ; ଶୁକ୍ର ।
ବୀଜକ-ବି. ଲେମ୍ବୁ ଗଛ ।
ବୀଜ-କୋଷ-ବି. ବୀଜ-ଧାରକ ଛୁଇଁ ବା ପାଦ ।
ବୀଜାଙ୍କୁର-ବି. (ବୀଜ-ଅଙ୍କୁର) ବୀଜର ପ୍ରଥମ
ଅଙ୍କୁର । [ଘୃଣ୍ୟ ।
ବୀଭତ୍ସ-ବିଂ. (ବଧ୍-ସନ୍-ଅ) କଦର୍ଯ୍ୟ; ଜଘନ୍ୟ;
ବୁକ୍କ-ବି. ବୁକ୍କ, ବକ୍ଷ ; ହୃତ ।
ବୁଦ୍ବୁଦ-ବି. ପାଣିଫୋଟକା ।
ବୁଦ୍ଧ-ବିଂ. (ବୁଧ୍-ତ) ଜ୍ଞାନ-ପ୍ରାପ୍ତ ; ଜାଗ୍ରତ; ବି.
ବୌଦ୍ଧଧର୍ମ-ପ୍ରବର୍ତ୍ତକ ।
ବୁଦ୍ଧି-ବି. (ବୁଧ୍-ତି) ବୁଝିବା ଶକ୍ତି; ବିଚାରଶକ୍ତି ।
ବୁଦ୍ଧିମାନ୍ / ବୁଦ୍ଧିମନ୍ତ } ବିଂ. (ବୁଦ୍ଧି-ମତ୍) ତୀକ୍ଷ୍ଣବୁଦ୍ଧି ।
ବୁଦ୍ଧିମତୀ-ବି. (ବୁଦ୍ଧିମତ୍-ଈ) ଧୀମତୀ ।
ବୁଧ-ବି. ପଣ୍ଡିତ; ଗ୍ରହ-ବିଶେଷ ।
ବୁଭୁକ୍ଷା-ବି. (ଭୁଜ୍-ସନ୍-ଅ-ଆ) ଭୋଜନେଚ୍ଛା;
ବୁଭୁକ୍ଷିତ-ବିଂ. କ୍ଷୁଧିତ । [କ୍ଷୁଧା ।

ବୁଭୁକ୍ଷୁ-ବିଂ. ଭୋଗେଚ୍ଛୁ ।
ବୃହତ୍-ବିଂ. ବଡ଼, ପ୍ରକାଣ୍ଡ ।
ବୃହଦ୍ଭାନୁ ବି. ଅଗ୍ନି ।
ବୃହସ୍ପତି-ବି. ଗ୍ରହବିଶେଷ; ଦେବଗୁରୁ ।
ବୈଜିକ-ବିଂ. (ବୀଜ-ଇକ) ବୀଜସମ୍ବନ୍ଧୀୟ ।
ବୋଦ୍ଧା-ବିଂ. (ବୁଧ୍-ତୃ) ଜ୍ଞାନୀ ।
ବୋଧ-ବି. (ବୁଧ୍-ଅ) ଜ୍ଞାନ । [ଜ୍ଞାନପ୍ରଦ ।
ବୋଧକ-ବିଂ. (ବୁଧ୍-ଅକ) ଜ୍ଞାପକ, ସୂଚକ ;
ବୋଧନ-ବି. (ବୁଧ୍-ଅନ) ଜ୍ଞାପନ ; ଜାଗରଣ ।
ବୋଧି-ବି. ଅଶ୍ୱତ୍ଥବୃକ୍ଷ; ବୋଦ୍ଧା ।
ବୋଧିତ-ବିଂ. ଜ୍ଞାପିତ; ଜାଗରିତ ।
ବୋଧିସତ୍ତ୍ୱ-ବି. ବୌଦ୍ଧ ତପସ୍ୱୀ ।
ବୌଦ୍ଧ-ବି. ବୌଦ୍ଧଧର୍ମାବଲମ୍ବୀ ; ବିଂ. ବୁଦ୍ଧ-
ସମ୍ବନ୍ଧୀୟ ।
ବ୍ରହ୍ମ-ବି. ପରମ ବ୍ରହ୍ମ ; ବେଦ ; ବ୍ରାହ୍ମଣ ।
ବ୍ରହ୍ମଚର୍ଯ୍ୟ-ବି. ବ୍ରହ୍ମଚାରୀର ବ୍ରତ ।
ବ୍ରହ୍ମଚାରୀ-ବି. (ବ୍ରହ୍ମ-ଚର୍-ଇନ୍) ଉପନୟନ
ଉତ୍ତାରେ ଯେ ଗୁରୁଗୃହରେ ଧର୍ମଶିକ୍ଷା କରେ ।
ବ୍ରହ୍ମ-ତାଳୁ-ବି. ମନୁଷ୍ୟ ମସ୍ତକର-ବ୍ରହ୍ମରନ୍ଧ୍ର ।
ବ୍ରହ୍ମଦୈତ୍ୟ-ବି. ପ୍ରେତବିଶେଷ ।
ବ୍ରହ୍ମପୁତ୍ର-ବି. ସ୍ୱନାମ ଖ୍ୟାତ ନଦ ।
ବ୍ରହ୍ମ-ବନ୍ଧୁ-ବି. ନିକୃଷ୍ଟ ବ୍ରାହ୍ମଣ ।
ବ୍ରହ୍ମ-ଯଜ୍ଞ-ବି. ବେଦାଧ୍ୟୟନ ।
ବ୍ରହ୍ମର୍ଷି-ବି. ବ୍ରାହ୍ମଣ-ଋଷି ; କୁରୁକ୍ଷେତ୍ରନିକଟସ୍ଥ
ବ୍ରହ୍ମ-ବର୍ଚ୍ଚସ-ବି. ବ୍ରହ୍ମତେଜଃ । [ପ୍ରଦେଶ ।

ବ୍ରହ୍ମବାଦୀ-ବି. ବ୍ରହ୍ମଜ୍ଞାନୀ, ବ୍ରାହ୍ମ ।

ବ୍ରହ୍ମ-ବିଦ୍ୟା-ବି. ବ୍ରହ୍ମଜ୍ଞାନ ।

ବ୍ରହ୍ମ-ସୂତ୍ର-ବି. ଯଜ୍ଞୋପବୀତ ।

ବ୍ରହ୍ମା-ବି. ସୃଷ୍ଟିକର୍ତ୍ତା; ଋତ୍ୱିକ୍ ବିଶେଷ ।

ବ୍ରହ୍ମାଣ୍ଡ-ବି. (ବ୍ରହ୍ମ-ଅଣ୍ଡ) ଜଗତ୍ ।

ବ୍ରହ୍ମାବର୍ତ୍ତ-ବି. ହସ୍ତିନାପୁର-ନିକଟସ୍ଥ ପ୍ରଦେଶ-ବିଶେଷ । [ଅସ୍ତ୍ର ।

ବ୍ରହ୍ମାସ୍ତ୍ର-ବି. (ବ୍ରହ୍ମ-ଅସ୍ତ୍ର) ଦୈବ ଅସ୍ତ୍ର; ଅମୋଘ

ବ୍ରହ୍ମୋତ୍ତର-ବିଂ. ବ୍ରାହ୍ମଣକୁ ଦତ୍ତ (ଭୂମି) ।

ବ୍ରାହ୍ମ-ବିଂ. (ବ୍ରହ୍ମନ୍-ଅ) ବ୍ରହ୍ମସମ୍ବନ୍ଧୀୟ; ପବିତ୍ର; ବି. ବ୍ରାହ୍ମଧର୍ମାବଲମ୍ବୀ ।

ବ୍ରାହ୍ମଣ-ବି. (ବ୍ରହ୍ମନ୍-ଅଣ୍) ବ୍ରହ୍ମଜ୍ଞ; ଚତୁର୍ବର୍ଣ୍ଣ ମଧ୍ୟରେ ଶ୍ରେଷ୍ଠ ବୋଲି ଗଣିତ ବର୍ଣ୍ଣ ବା ଜାତି; ବେଦର ଅଂଶବିଶେଷ । [ପତ୍ନୀ ।

ବ୍ରାହ୍ମଣୀ-ବି. ବ୍ରାହ୍ମଣଜାତୀୟା ସ୍ତ୍ରୀ; ବ୍ରାହ୍ମଣ-

ବ୍ରାହ୍ମ-ମୁହୂର୍ତ୍ତ-ବି. ଶେଷ ରାତ୍ରିର ଦୁଇଦଣ୍ଡ ।

ବ୍ରାହ୍ମ-ବିବାହ-ମନୁଶାସ୍ତ୍ରରେ ଅଷ୍ଟପ୍ରକାର ବିବାହ ମଧ୍ୟରେ ପ୍ରଥମ ଓ ଶ୍ରେଷ୍ଠ ପ୍ରକାର ।

---

# ଭ

ବ୍ୟଞ୍ଜନବର୍ଣ୍ଣର ଚତୁର୍ବିଂଶବର୍ଣ୍ଣ; ନକ୍ଷତ୍ର ।

ଭଅଁର-ବି. (ଭ୍ରମରଶବ୍ଦଜ) ଭ୍ରମର, ଭୃଙ୍ଗ ।

ଭଉଁରିଆ-ବି. ଭୂମିସଂଲଗ୍ନ ବାଣବିଶେଷ ।

ଭଉଁରୀ-ବି. (ଭ୍ରମରୀଶବ୍ଦଜ) ଜଳଭଉଁରୀ, ଆବର୍ତ୍ତ ।

ଭଉଣୀ-ବି. (ଭଗିନୀଶବ୍ଦଜ) ଭଗିନୀ, ସ୍ୱସା ।

ଭକୁଆ-ବିଂ. ଓଲୁ । [ଉପାସକ; ଭୃତ୍ୟ ।

ଭକ୍ତ-ବିଂ. (ଭଜ୍-ତ) ବିଭକ୍ତ; ବି. ଅନୁରକ୍ତ

ଭକ୍ତ-ବତ୍ସଳ-ବିଂ. ଭକ୍ତ ପ୍ରତି ସ୍ନେହଯୁକ୍ତ ।

ଭକ୍ତି-ବି. (ଭଜ୍-ତି) ପୂଜ୍ୟ ବ୍ୟକ୍ତି ପ୍ରତି ଅନୁରାଗ; ବିଭକ୍ତି; ରଚନା ।

ଭକ୍ତିମାନ୍-ବିଂ. (ଭକ୍ତି-ମତ୍) ଭକ୍ତିଯୁକ୍ତ ।

ଭକ୍ଷକ-ବିଂ. (ଭକ୍ଷ୍-ଅକ) ଭକ୍ଷଣକାରୀ ।

ଭକ୍ଷଣ-ବି. (ଭକ୍ଷ୍-ଅନ) ଭୋଜନ ।

ଭକ୍ଷ୍ୟ-ବିଂ. (ଭକ୍ଷ୍-ଯ) ଭକ୍ଷଣୀୟ, ଭକ୍ଷଣ-

ଭକ୍ଷିତ-ବିଂ. (ଭକ୍ଷ-ତ) ଖାଦିତ । [ଯୋଗ୍ୟ ।

ଭଗ-ବି. (ଭଜ୍-ଅ) ଐଶ୍ୱର୍ଯ୍ୟ; ସର୍ବଶକ୍ତିମତ୍ତା; ସୌଭାଗ୍ୟ; ଯୋନି; ଗୁହ୍ୟଦେଶ ।

ଭଗନ୍ଦର-ବି. (ଭଗ-ଦୃ-ଅ) ଗୁହ୍ୟବ୍ରଣ ।

ଭଗବତୀ-ବିଂ. (ଭଗ-ବତ୍-ଈ) ପୂଜ୍ୟା; ବି. ଦୁର୍ଗା । [ମେଶ୍ୱର ।

ଭଗବାନ୍-ବିଂ. (ଭଗ-ବତ୍) ପୂଜ୍ୟ; ବି. ପର-

ଭଗାରି-ବି. (ଭଗ-ଅରି) ସୌଭାଗ୍ୟ-ଦ୍ୱେଷୀ,

ଭଗାରୁଣୀ-ବି. ସ୍ତ୍ରୀଶବ୍ଦ । [ବୈରୀ ।

ଭଗିନୀ }
ଭଗ୍ନୀ } ବି. (ଭଗ-ଇନ୍-ଈ) ଭଉଣୀ, ସହୋଦରା ।

ଭଗୀରଥ-ବି. ସୂର୍ଯ୍ୟବଂଶୀୟ ନୃପବିଶେଷ ।

ଭଗ୍ନ-ବିଂ. (ଭଞ୍ଜ୍-ତ) ଭଙ୍ଗା; ପରାସ୍ତ; ଖଣ୍ଡିତ ।

ଭଗ୍ନାଂଶ-ବି. (ଭଗ୍ନ-ଅଂଶ) ଯେଉଁ ରାଶି ଦ୍ୱାରା ଏକର ଅଂଶ ବୁଝାଯାଏ ।

ଭଙ୍କ୍ତା-ବିଂ. (ଭଞ୍ଜ୍-ତୃ) ଭଙ୍ଗକାରୀ ।

ଭଙ୍ଗ-ବି. (ଭନ୍ଜ୍-ଅ) ଖଣ୍ଡନ; ଭଗ୍ନ ହେବା, ଲଙ୍ଘନ ।

ଭଙ୍ଗ-ପ୍ରବଣ-ବିଂ. ଯାହା ସହଜରେ ଭାଙ୍ଗିଯାଏ ।

ଭଙ୍ଗା-ବିଂ. (ଭଗ୍ନଶବ୍ଦଜ) ଭଗ୍ନ, ଭୁଟା ।

ଭଙ୍ଗିମା-ବି. (ଭଙ୍ଗ-ଇମନ) ଭଙ୍ଗୀ; ବକ୍ରଭାବ ।

ଭଙ୍ଗୀ-ବି. (ଭନ୍ଜ୍-ଇ) ଗ୍ରହଣ ; ଶୋଭା ।

ଭଙ୍ଗୁର ବିଂ. (ଭନ୍ଜ୍-ଉର) ଭଙ୍ଗପ୍ରବଣ, ବକ୍ର ।

ଭ-ଚକ୍ର-ବି. ରାଶିଚକ୍ର ।

ଭଜନ-ବି. (ଭଜ୍-ଅନ) ସେବା ସାଧନା; ଭକ୍ତି-

ଭଜନା-ବି. ପୂଜା । [ସଂଗୀତ ।

ଭଜା-ବି. ଭଜ୍ଜବ୍ୟଞ୍ଜନ ।

ଭଜିବା-କ୍ରି. ପୂଜା କରିବା । [ଯେ ଭାଙ୍ଗେ ।

ଭଞ୍ଜନ-ବି. (ଭନ୍ଜ୍-ଅନ) ଖଣ୍ଡନ; ଭାଙ୍ଗିବା; ବିଂ.

ଭଟ-ବି. (ଭଟ୍-ଅ) ଯୋଦ୍ଧା ।

ଭଟଭଟ୍-ଅଂ. ବକ୍‌ବକ୍ ।

ଭଟା-ବି. କୂଅର ଘଡ଼ିସିବା ।

ଭଟ୍ଟ-ବି. ପଣ୍ଡିତ; ଭାଟ, ସ୍ତୁତି-ପାଠକ ।

ଭଟ୍ଟାରକ-ବି. ପୂଜ୍ୟ ଜନ ।

ଭଟ୍ଟାରିକା-ବି. ମାନନୀୟା ସ୍ତ୍ରୀ ।

ଭଡ଼ା-ବି. (ଭାଟକଶବ୍ଦଜ) ପରର ଗୃହାଦିପଦାର୍ଥ ବ୍ୟବହାର ନିମନ୍ତେ ଦେୟ ମୂଲ୍ୟ ।

ଭଡୁଆ-ବି. ବେଶ୍ୟା-ନୃତ୍ୟର ସହାୟ ବାଦକ ।

ଭଣଜା-ବି. (ଭଗ୍ନୀ-ଜ) ଭଉଣୀର ପୁତ୍ର ।

ଭଣଭଣ-ବି. ମାଛି ପ୍ରଭୃତିର ଶବ୍ଦବିଶେଷ ।

ଭଣିତ ବିଂ. (ଭଣ୍-ତ) କଥିତ; ରଚିତ ।

ଭଣିତା-ବି. ଛନ୍ଦ ବା ଅଧ୍ୟାୟ ଶେଷରେ ଲେଖକର ନାମପ୍ରକାଶ ।

ଭଣିବା-କ୍ରି. (ଭଣ୍‌ଧାତୁରୁ) ରଚିବା; କହିବା ।

ଭଣ୍ଡ-ବି. (ଭନ୍ଜ୍-ଅ) ମସ୍ଖରା, ଭାଣ୍ଡ; କପଟାଚାରୀ ।

ଭଣ୍ଡତପସ୍ୱୀ-ବି. (ଭଣ୍ଡ-ତପସ୍ୱୀ) କପଟତପସ୍ୱୀ, ବକଧର୍ମ ।

ଭଣ୍ଡା-ବି. ଗୋଡର ପେଣ୍ଡା ; କଦଳୀ ଭଣ୍ଡା ।

ଭଣ୍ଡାଇବା-କ୍ରି. ଠକିବା ।

ଭଣ୍ଡାର-ବି. (ଭାଣ୍ଡଶବ୍ଦଜ) କୋଷ ।

ଭଣ୍ଡାରି-ବି. ବାରିକ, ନାପିତ ; କୋଷାଧ୍ୟକ୍ଷ ।

ଭଣ୍ଡାରୁଣୀ-ବି. ନାପିତ ସ୍ତ୍ରୀ ।

ଭଣ୍ଡୁର / ଭଣ୍ଡୋର } ବି. ଖସଡ଼, ନାଶ ।

ଭଦଭଦଳିଆ-ବି. ଭରଦ୍ୱାଜ ପକ୍ଷୀ ।

ଭଦ୍ର-ବିଂ. (ଭଦ୍-ର) ମଙ୍ଗଳଜନକ; ସାଧୁ; ବି. [ମଙ୍ଗଳ ।

ଭଦ୍ରା-ବି. ମଙ୍ଗଳଯୁକ୍ତା; ସୁଭଦ୍ରା ।

ଭଦ୍ରାସନ-ବି. (ଭଦ୍ର-ଆସନ) ସିଂହାସନ; [ଯୋଗାସନ ।

ଭମ୍ବରାଳୀ ବି. ବୃହତ୍ ମକ୍ଷିକା ।

ଭୟ-ବି. (ଭୀ-ଅ) ତ୍ରାସ, ଶଙ୍କା; ଭୟହେତୁ ।

ଭୟଙ୍କର-ବିଂ. (ଭୟ-କୃ-ଅ) ଭୀଷଣ ।

ଭୟାନକ-ବିଂ. (ଭୀ-ଆନକ) ଭୟଙ୍କର ।

ଭୟାଳୁ-ବିଂ. (ଭୟ-ଆଳୁ) ଭୀରୁ, ହୀନସାହସ ।

ଭୟାବହ-ବିଂ. (ଭୟ-ଆ-ବହ-ଅ) ଭୟଜନକ ।

ଭର-ବି. (ଭୃ-ଅ) ଅତିଶୟ ; ଭାର ।

ଭରଣ-ବି. ( ଭୃ-ଅନ ) ପୂରଣ; ପୋଷଣ; ଧାରଣ ; ବେତନ ; ବି° ଶ୍ରୋଣି ।

ଭରଣୀ ବି. ନକ୍ଷତ୍ରବିଶେଷ ।

ଭରତ-ବି. ( ଭୃ-ଅତ ) ନାଟ୍ୟ-ଶାସ୍ତ୍ର-ପ୍ରଣେତା ମୁନି; ନୃପବିଶେଷ, ଯାହାଙ୍କର ନାମରୁ ଦେଶର ନାମ ଭାରତବର୍ଷ ହୋଇଅଛି ।

ଭରତଅ-ବି. ପକ୍ଷିବିଶେଷ ।

ଭରଦ୍ୱାଜ ବି. ( ଭର-ଦ୍ୱା-ଜ ) ମୁନିବିଶେଷ ; ପକ୍ଷିବିଶେଷ, ଭଦଭଦଳିଆ ଚଢେଇ ।

ଭରସା-ବି. ଆଶା; ବିଶ୍ୱାସ; ସାହସ ।

ଭରା-ବି. (ଭୃଧାତୁଜ) ଭାର, ଠେସ ; ବି°. ପୂର୍ଣ୍ଣ ।

ଭରଣ୍ଡି-ବି. ଧାନ୍ୟାଦି କୁଟିବାର ଗର୍ତ୍ତ ।

ଭରି-ବି. ( ଭୃଧାତୁଜ ) ଦଶମସା ଓଜନ ।

ଭରିତ-ବି°. (ଭୃ-ଇତ) ପୂରିତ ।

ଭରିବା-କ୍ରି. (ଭୃଧାତୁଜ) ପୂର୍ଣ୍ଣ କରିବା ।

ଭର୍ଗ-ବି. (ଭ୍ରସ୍ଜ-ଅ) ଈଶ ତେଜଃ ।

ଭର୍ଜନ ବି. (ଭ୍ରସ୍ଜ-ଅନ) ଭାଜିବା ।

ଭର୍ଜିତ-ବି°. ( ଭ୍ରସ୍ଜ-ଣିଚ-ତ ) ଭଜା ।

ଭର୍ତ୍ତବ୍ୟ-ବି°. ( ଭୃ-ତବ୍ୟ ) ପୋଷଣୀୟ ।

ଭର୍ତ୍ତା-ବି. ( ଭୃ-ତୃ ) ପତି ; ରାଜା ; ବି°. ପାଳନ [କର୍ତ୍ତା ।

ଭର୍ତ୍ତି ବି. ( ଭର୍ତ୍ତିଧାତୁଜ ) ପ୍ରବେଶ ।

ଭର୍ତ୍ତୃଦାରକ-ବି. ( ଭର୍ତ୍ତୃ-ଦାରକ ) ଭର୍ତ୍ତାଙ୍କର ପୁତ୍ର, ସତ୍ପୁତ୍ର ।

ଭର୍ତ୍ତୃଦାରିକା-ବି. ରାଜକନ୍ୟା ।

ଭର୍ତ୍ତ୍ରୀ ବି°. ପାଳନକର୍ତ୍ତ୍ରୀ ।

ଭର୍ତ୍ସନା-ବି. (ଭର୍ତ୍ସ୍-ଅନ-ଆ) ନିନ୍ଦା; ତିରସ୍କାର ।

ଭର୍ତ୍ସିତ-ବି°. (ଭର୍ତ୍ସ୍-ତ) ନିନ୍ଦିତ; ତିରସ୍କୃତ ।

ଭଲ-ବି°. (ଭଦ୍ରଶବ୍ଦଜ) ଉତ୍ତମ, ଅଚ୍ଛା, ବି- [ମଙ୍ଗଳ ।

ଭଲା-କ୍ରି.ବି°. ଅଚ୍ଛା (ବିରକ୍ତିରେ) ।

ଭଳି-ବି. ପ୍ରକାର ।

ଭଲେ-କ୍ରି.ବି°. ସହଜେ ।

ଭଲ୍ଲ-ବି, (ଭଲ୍ଲ-ଅ) ଭାଲୁ ; ବର୍ଚ୍ଛା ।

ଭଲ୍ଲାତକ-ବି. ଭାଲିଆଗଛ ।

ଭଲ୍ଲୁକ
ଭଲ୍ଲୂକ } ବି. ଭାଲୁ ।

ଭବ-ବି. ( ଭୂ-ଅ ) ଉତ୍ପତ୍ତି; ସଂସାର; ଶିବ ।

ଭବଦୀୟ-ବି°. (ଭବତ୍-ଈୟ) ଆପଣଙ୍କର ।

ଭବନ-ବି. (ଭୂ-ଅନ) ଆଲୟ; ଗୃହ ।

ଭବ-ଭୂତି-ବି. ସୁନାମପ୍ରସିଦ୍ଧ କବି ।

ଭବାଦୃଶ-ବି°. ( ଭବତ୍-ଦୃଶ୍-ଅ ) ଆପଣଙ୍କ ତୁଲ୍ୟ ।

ଭବାନ୍-ବି°. (ଭବତ୍ଶବ୍ଦଜ) ଆପଣ ।

ଭବାନୀ-ବି. ( ଭବ-ଆନୀ ) ଶିବଙ୍କର ପତ୍ନୀ, ପାର୍ବତୀ ।

ଭବାବ୍ଧି-ବି. (ଭବ-ଅବ୍ଧି) ସଂସାରରୂପ ସମୁଦ୍ର ।

ଭବିତବ୍ୟ-ବି°. (ଭୂ-ତବ୍ୟ) ଭାବୀ; ଭବିଷ୍ୟତରେ ଯାହା ଘଟିବ ।

ଭବିତବ୍ୟତା ବି. ଅବଶ୍ୟମ୍ଭାବିତା ।

ଭବିଷ୍ୟତ୍
ଭବିଷ୍ୟ } ବି°. ଯାହାପରେ

ଭବିଷ୍ୟବାଣୀ-ବି. ( ଭବିଷ୍ୟତ୍-ବାଣୀ ) ଯାହା ପରେ ଘଟିବ, ସେଥିସମ୍ବନ୍ଧରେ ବାଣୀ ।
ଭବ୍ୟ-ବିଂ. ( ଭୂ-ଯ ) ଶୁଭଯୁକ୍ତ; ଶିଷ୍ଟ, ସାଧୁ ; [ଭବିଷ୍ୟ ।
ଭସ୍ମ-ବି. ( ଭସ୍-ମନ୍ ) ପାଉଁଶ ।
ଭସ୍ମସାତ୍-ଅଂ. ( ଭସ୍ମନ୍-ସାତ୍ ) ଭସ୍ମରୂପରେ ପରିଣତ । [ପରିଣତ ।
ଭସ୍ମୀଭୂତ-ବିଂ. ( ଭସ୍ମ-ଈ-ଭୂ-ତ ) ଭସ୍ମରୂପେ
ଭା-ବି. (ଭା-ଅ) ପ୍ରଭା ।
ଭାଇ-ବି. (ଭ୍ରାତୃଶବ୍ଦଜ) ଭ୍ରାତା ।
ଭାଇବୋହୂ-ବି. (ଭ୍ରାତୃବଧୂଶବ୍ଦଜ) ସାନ ଭାଇର
ଭାଉ-ବି. ଦର, ମୂଲ୍ୟ । [ସ୍ତ୍ରୀ ।
ଭାଉଜ-ବି.।(ଭ୍ରାତୃଜାୟାଶବ୍ଦଜ)ବଡ଼ଭାଇର ସ୍ତ୍ରୀ।
ଭାକ୍-ବିଂ. (ଭଜ୍ଧାତୁରୁ) ଅଂଶୀ (ଶବ୍ଦାନ୍ତେ) ।
ଭାକୁର-ବି. (ଭକୁଟଶବ୍ଦଜ) ମତ୍ସ୍ୟବିଶେଷ ।
ଭାଗ-ବି. ( ଭଜ୍-ଅ ) ଅଂଶ, ଖଣ୍ଡ, ଭାଗ୍ୟ, ପ୍ରଦେଶ । [ଭାଗ୍ୟ ।
ଭାଗଧେୟ-ବି. ( ଭାଗ-ଧେୟ ) ରାଜସ୍ୱ, ଅଂଶ,
ଭାଗବତ-ବି. ( ଭଗବତ୍-ଅ ) ପ୍ରସିଦ୍ଧ ପୁରାଣ-ବିଶେଷ ।
ଭାଗ-ହାର-ବି. ଯେଉଁ ଉପାୟରେ କୌଣସି ନିର୍ଦ୍ଦିଷ୍ଟ ରାଶିକୁ ନିର୍ଦ୍ଦିଷ୍ଟ ସଂଖ୍ୟା ଦ୍ୱାରା ସମାନ ଅଂଶରେ ବିଭାଗ କରିବାକୁ ହୁଏ ।
ଭାଗିନେୟ-ବି (ଭଗିନୀ-ଏୟ) ଭଗିନୀର ପୁତ୍ର ।
ଭାଗୀ-ବିଂ. ( ଭାଗ-ଇନ୍ ) ଅଂଶୀ ।
ଭାଗୀରଥୀ-ବି. ( ଭଗୀରଥ-ଅ-ଈ ) ଗଙ୍ଗା, ଭଗୀରଥଙ୍କ ଦ୍ୱାରା ଆନୀତ ନଦୀ (ପୁରାଣ-କଥା)।

ଭାଗ୍ୟ-ବି. (ଭଜ୍-ଯ) ଅଦୃଷ୍ଟ । [ଶାଳୀ ।
ଭାଗ୍ୟବାନ୍-ବିଂ. ( ଭାଗ୍ୟ-ବତ୍ ) ସୌଭାଗ୍ୟ-
ଭାଙ୍ଗ-ବି. ( ଭଙ୍ଗଶବ୍ଦଜ ) ବସ୍ତ୍ରାଦିର ଭଙ୍ଗ ; ଗଞ୍ଜେଇପତ୍ର ମଦର ମିଶ୍ରିତ ଜଳ ।
ଭାଙ୍ଗିବା-କ୍ରି. (ଭନ୍ଜ୍-ଧାତୁରୁ) ଭଗ୍ନ କରିବା ।
ଭାଜକ-ବିଂ. ( ଭଜ୍-ଣିଚ୍-ଅକ ) ଭାଗକାରକ; ଯେଉଁ ସଂଖ୍ୟାଦ୍ୱାରା ଭାଗ କରାଯାଏ ।
ଭାଜନ-ବି. (ଭାଜ୍-ଅନ) ଆଧାର ; ଯୋଗ୍ୟପାତ୍ର ।
ଭାଜିତ-ବିଂ. ବିଭକ୍ତ । [କରାଯାଏ ।
ଭାଜ୍ୟ-ବିଂ. (ଭଜ୍-ଯ) ଭାଗାର୍ହ, ଯାହା ଭାଗ
ଭାଟ-ବି. ( ଭଟ୍ଟଶବ୍ଦଜ ) ଜାତିବିଶେଷ; ସ୍ତୁତି-
ଭାଟକ-ବି. ଭଡ଼ା, ମୂଲ୍ୟ । [ପାଠକ ।
ଭାଟୀ-ବି. ଇଟା ପୋଡିବାର ସ୍ଥାନ; ମଦ୍ୟ ଚୁଆଇବାର ଚୁଲ୍ଲୀ ।
ଭାଡ଼ି-ବି. କାଷ୍ଠାଦି ରଖିବାର ମଞ୍ଚ ।
ଭାଣ-ବି. ଏକପ୍ରକାର ନାଟକ ।
ଭାଣିଜୀ-ବି. (ଭଗ୍ନୀ-ଜା) ଭଗିନୀର କନ୍ୟା ।
ଭାଣ୍ଡ-ବି. (ଭଣ୍-ଡ) ପାତ୍ର; ହାଣ୍ଡି; ଧନ ।
ଭାଣ୍ଡାଗାର-ବି. (ଭାଣ୍ଡ-ଆଗାର) ଭଣ୍ଡାର ।
ଭାଣ୍ଡୀର-ବି. ବୃକ୍ଷବିଶେଷ ।
ଭାତ-ବି. (ଭକ୍ତଶବ୍ଦଜ) ରନ୍ଧା ତଣ୍ଡୁଳ, ଅନ୍ନ ।
ଭାତ-ବି. (ଭା-ତ) ଦୀପ୍ତ; ପ୍ରଭାତ ।
ଭାତୁଆ-ବିଂ. ଅନ୍ନଦାସ ।
ଭାତୁଡ଼ି-ବି. ବ୍ରଣାକାର କ୍ଷୁଦ୍ର ମାଂସ-ପିଣ୍ଡ ।
ଭାଦ୍ର-ବି. ମାସବିଶେଷ ।
ଭାଦ୍ର-ପଦ-ବି. (ଭଦ୍ର-ପଦ) ଭାଦ୍ରମାସ ।

ଭାନ-ବ. (ଭା-ଅନ) ବନ୍ତୁଃପ୍ରକାଶ; ପ୍ରାପ୍ତି; ବୋଧ ।

ଭାନୁ-ବ. ( ଭା-ନୁ ) ସୂର୍ଯ୍ୟ; କିରଣ ।

ଭାମିନୀ-ବ.(ଭାମ୍-ଇନ୍-ଈ) ନାରୀ; କୋପନା ସ୍ତ୍ରୀ ।

ଭାର-ବ. ( ଭୃ-ଅ ) ଗୁରୁତ୍ୱ, ବୋଝ, କାର୍ଯ୍ୟର ନ୍ୟାସ ।

ଭାରକେନ୍ଦ୍ର-ବ. ପଦାର୍ଥ ମଧ୍ୟରେ ନିର୍ଦ୍ଦିଷ୍ଟ ବିନ୍ଦୁ, ଯେଉଁଠାରେ ଭାରର ସମତା ହୁଏ ।

ଭାରତ-ବ. ( ଭରତ-ଅ ) ଭାରତବର୍ଷ; ମହାଭାରତ ।

ଭାରତବର୍ଷ-ବ. (ଭାରତ-ବର୍ଷ )ଦେଶବିଶେଷ ।

ଭାରତୀ-ବ. ବାଣୀ; ସରସ୍ୱତୀ ।

ଭାରଦ୍ୱାଜ-ବ. ( ଭରଦ୍ୱାଜ-ଅ ) ଋଷିବିଶେଷ, ପକ୍ଷିବିଶେଷ ।

ଭାରି-ବିଂ. (ଭାରଶବ୍ଦଜ) ଗରୁ; ବଡ ।

ଭାରୁଆ-ବିଂ. ଭାରବାହକ ।

ଭାର୍ଗବ-ବ. (ଭୃଗୁ-ଅ) ଶୁକ୍ର; ପରଶୁରାମ ।

ଭାର୍ଯ୍ୟା-ବ. (ଭୃ-ଯ-ଆ) ପତ୍ନୀ, ଜାୟା ।

ଭାଲ-ବ. (ଭା-ଲ) ଲଲାଟ ।

ଭାଳିବା-କ୍ରି. ଭାବିବା ।

ଭାଲୁ-ବ. (ଭଲ୍ଲୁକଶବ୍ଦଜ) ଭାଲୁକ, ଋକ୍ଷ ।

ଭାବ-ବ. ( ଭୂ-ଅ ) ସ୍ଥିତ; ଅଭିପ୍ରାୟ; ଅନୁରାଗ; କଥାର ମର୍ମ ।

ଭାବକ-ବିଂ. (ଭୂ-ଣିଚ୍-ଅକ) ଉତ୍ପାଦକ ।

ଭାବନା-ବ. (ଭୂ-ଣିଚ୍-ଅନ-ଆ) ଚିନ୍ତା; ଧ୍ୟାନ; ଉଦ୍ଭାବନା । [ସିକ୍ତ ।

ଭାବିତ-ବିଂ. (ଭାବ-ତ) ଚିନ୍ତିତ, ମିଶ୍ରିତ; ବାସିତ;

ଭାବିନୀ-ବ. (ଭାବ-ଇନ୍-ଈ) ପ୍ରଶସ୍ତଚରିତ୍ରା ସ୍ତ୍ରୀ ।

ଭାବୀ-ବିଂ. (ଭୂ-ଇନ୍) ଭବିଷ୍ୟତ୍; ସଭାବସମ୍ପନ୍ନ ।

ଭାବୁକ-ବିଂ. ( ଭୂ-ଉକ ) ଭାବନାଶୀଳ; ଭାବଗ୍ରାହକ ।

ଭାବ୍ୟ-ବିଂ. ଭବିତବ୍ୟ ।

ଭାଷଣ-ବ. (ଭାଷ୍-ଅନ) କଥନ, କହିବା ।

ଭାଷା-ବ.(ଭାଷ୍-ଅ-ଆ)ଉକ୍ତି, ଭିନ୍ନ ଭିନ୍ନ ଦେଶରେ ଭାବ ପ୍ରକାଶର ଭିନ୍ନ ଭିନ୍ନ ପ୍ରକାର ବୋଲି ।

ଭାଷାନ୍ତର ବ. ( ଭାଷା-ଅନ୍ତର ) ଅନ୍ୟ ଭାଷା; ଅନ୍ୟ ଭାଷାରେ ଅନୁବାଦ ।

ଭାଷାନ୍ତରିତ-ବିଂ. ଅନ୍ୟ ଭାଷାରେ ଅନୁବାଦିତ ।

ଭାଷିତ-ବିଂ. (ଭାଷ୍-ତ) କଥିତ; ବ. ବଚନ ।

ଭାଷୀ-ବିଂ. (ଭାଷ୍-ଇନ୍) କଥକ (ଶବ୍ଦାନ୍ତେ) ।

ଭାଷ୍ୟ-ବ. (ଭାଷ୍-ଯ) ବ୍ୟାଖ୍ୟାନ; ବିଂ. କଥନୀୟ ।

ଭାସମାନ-ବିଂ. ପ୍ଲବମାନ । [ହେବା ।

ଭାସିବା-କ୍ରି. ( ଭାସ୍ଧାତୁରୁ ) ଜଳରେ ପ୍ଲବମାନ

ଭାସୁର-ବିଂ. ( ଭାସ୍-ଉର ) ଦୀପ୍ତିମାନ୍; ବ. [ସ୍ଫଟିକ ।

ଭାସ୍କର-ବ. (ଭାସ୍-କର) ସୂର୍ଯ୍ୟ ।

ଭାସ୍ୱର-ବିଂ. (ଭାସ୍-ବର) ଦୀପ୍ତିମାନ୍ ।

ଭାସ୍ୱାନ୍-ବ. (ଭାସ୍-ବତ୍) ସୂର୍ଯ୍ୟ; ଦୀପ୍ତି ।

ଭିଆଣ-ବ. (ବିଧାନଶବ୍ଦଜ) ନିର୍ମାଣ; ଜମିଦାରର ଜମାବନ୍ଦୀ କାଗଜ । [ପ୍ରାର୍ଥିତ ବସ୍ତୁ ।

ଭିକ୍ଷା-ବ. ( ଭିକ୍ଷ୍-ଅ-ଆ ) ଯାଚ୍ଞା, ପ୍ରାର୍ଥନା;

ଭିକ୍ଷୁ-ବ. (ଭିକ୍ଷ୍-ଉ) ପରିବ୍ରାଜକ, ଭିକ୍ଷୋପଜୀବୀ, ଚତୁର୍ଥାଶ୍ରମୀ ।

ଭିକ୍ଷୁକ-ବିଂ. (ଭିକ୍ଷୁ-କ) ଯାଚକ, ଭିକ୍ଷାଜୀବୀ ।

ଭିଜେଇବା–କ୍ରି. ଅର୍ଦ୍ର କରିବା,– ଜଳଯୁକ୍ତ [କରିବା ।
ଭିଡ଼·ବି. ଲୋକସମୂହ, ଜନତା ।
ଭିଡ଼ିବା–କ୍ରି. ଦୃଢ଼ରୂପେ ଟାଣିବା; ଛନ୍ଦିବା ।
ଭିଣିବା–କ୍ରି. ପିଞ୍ଜିବା, ବଦାରିବା ।
ଭିଣୋଇ–ବି. ଭଗିନୀପତି । [ମଧ୍ୟ ।
ଭିତର–ବି. ( ଅଭ୍ୟନ୍ତରଶବ୍ଦଜ ) ଅଭ୍ୟନ୍ତର ;
ଭିତ୍ତି–ବି°. ( ଭିଦ୍-ତି ) କାନ୍ଥ ।
ଭିଦ୍–ବି. ( ଭିଦ୍·କ୍ୱିପ୍ ) ବିଦାରଣ, ଭେଦନ ; ଛେଦନକର୍ତ୍ତା ; (ଶବ୍ଦାନ୍ତେ) ।
ଭିଦୁର–ବି°. (ଭିଦ୍-ଉର) ଭେଦଶୀଳ, ଭଙ୍ଗୁର ।
ଭିନ୍ଦିପାଳ–ବି. କ୍ଷେପଣୀୟ ଅସ୍ତ୍ରବିଶେଷ ।
ଭିନ୍ନ–ବି°. ( ଭିଦ୍-ତ ) ପୃଥକ୍ ; ଅନ୍ୟ ; ବିଦୀର୍ଣ୍ଣ; ଖଣ୍ଡିତ ।
ଭିଲ୍ଲ–ବି. ଅସଭ୍ୟ ଜାତିବିଶେଷ, ଭିଲ ।
ଭିଷକ୍–ବି. ( ଭିଷ୍-ଅକ୍ ) ବୈଦ୍ୟ, ଚିକିତ୍ସକ ।
ଭୀ, ଭୀତି } ବି. ( ଭୀ-ତି ) ଭୟ, ତ୍ରାସ, ଶଙ୍କା ।
ଭୀତ–ବି°. ( ଭୀ-ତ ) ଭୟଯୁକ୍ତ, ଶଙ୍କିତ ; ବି. ଭୟ ।
ଭୀମ ବି°. (ଭୀ-ମ) ଭୀଷଣ; ବି. ଦ୍ୱିତୀୟ ପାଣ୍ଡବ ।
ଭୀରୁ–ବି°. (ଭୀ-ରୁ) ଭୀତସ୍ୱଭାବ ।
ଭୀଷଣ–ବି°. ( ଭୀ-ଣିଚ୍-ଅନ ) ଭୟଙ୍କର ।
ଭୀଷ୍ମ–ବି°. ( ଭୀ-ମ ) ଭୟଙ୍କର; ବି. ମହାଭାରତର [ପ୍ରସିଦ୍ଧ ବୀର ।
ଭୁଅ–ବି. ଅଗ୍ନିର କଣତ ।
ଭୁଅସୁଣୀ–ବି. କୁଳବଧୂ । [(ଶବ୍ଦାନ୍ତେ) ।
ଭୁକ୍–ବି°. (ଭୁଜ୍-°) ଭୋକ୍ତା, ଯେ ଭୋଜନ କରେ
ଭୁକ୍ତ–ବି°. ( ଭୁଜ୍-ତ ) ଭକ୍ଷିତ; ଉପଭୁକ୍ତ ; ଅନ୍ତର୍ଗତ ।
ଭୁକ୍ତଭୋଗୀ–ବି°. ବାରମ୍ବାର ଅନୁଭବକାରୀ ।
ଭୁକ୍ତାବଶିଷ୍ଟ–ବି°. (ଭୁକ୍ତ·ଅବଶିଷ୍ଟ ) ଅଇଁଠା ।
ଭୁକ୍ତି–ବି. ( ଭୁଜ୍-ତି ) ଭୋଜନ; ଭୋଗ ।
ଭୁଜ–ବି. ( ଭୁଜ୍-ଅ ) ବାହୁ ; ହସ୍ତ; ଭୂର୍ଜପତ୍ର ; ତ୍ରିକୋଣର ରେଖା ।
ଭୁଜ-କୋଠର–ବି. କାଖ ।
ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ } ବି. (ଭୁଜ-ଗମ୍-ଅ) ସର୍ପ ।
ଭୁଜା–ବି. ଚୂଡ଼ା ମୁଡ଼ି ପ୍ରଭୃତି ଖାଦ୍ୟଦ୍ରବ୍ୟ ।
ଭୁଞ୍ଜିବା–କ୍ରି. ( ଭୁଜ୍‌ଧାତୁରୁ ) ଭୋଗ କରିବା ; [ଭୋଜନ କରିବା ;
ଭୁଡଙ୍ଗ·ବି. ଗୁମ୍ଫ ।
ଭୁଣ୍ଡି–ବି. ଅଗ୍ରଭାଗ ।
ଭୁନି ବି. ବାନ୍ଧିବାର ବସ୍ତ୍ରବିଶେଷ ।
ଭୁଲ–ବି. (ଭ୍ରମ୍‌ଧାତୁରୁ) ବିସ୍ମୃତ, ଭ୍ରମ ।
ଭୁଲତା–ବି. ( ଭ୍ରୂ-ଲତା ) ଭ୍ରୂ ।
ଭୁଲିବା–କ୍ରି. ଭୁଲ କରିବା ; ପାସୋରିବା ।
ଭୁଲାଇବା–କ୍ରି. ଭ୍ରମଯୁକ୍ତ କରାଇବା ।
ଭୁବନ–ବି. (ଭୂ-ବନ୍-କ୍ରିୟାଭକ୍ତ) ଜଗତ ।
ଭୁବନେଶ୍ୱର–ବି. ( ଭୁବନ-ଈଶ୍ୱର ) ଜଗଦୀଶ୍ୱର ; ପୁରୀଜିଲ୍ଲାସ୍ଥ ଶିବକ୍ଷେତ୍ରବିଶେଷ ।
ଭୁବଃ–ବି. (ଭୂ-ବସ୍ ) ଅନ୍ତରୀକ୍ଷ ।
ଭୁବର୍ଲୋକ–ବି. ( ଭୁବସ୍ ଲୋକ ) ପୃଥିବୀ ଓ ସୂର୍ଯ୍ୟର ମଧ୍ୟପ୍ରଦେଶ ।

ଭୁସିବା—କ୍ରି. ବସିବା, ବୋଝିବା । [ପଡ଼ିବା ।
ଭୁସୁଡ଼ିବା—କ୍ରି. ହଠାତ୍ ବଖାଣ୍ଡି ହେବା ବା ଧସି-
ଭୂସୀ—ବ. ଯବ ଗୋଧୂମାଦିର ଚୋପା ।
ଭୂ—ବ. ( ଭୂ-କ୍ୱିପ୍ ) ପୃଥିବୀ, ଭୂମି ।
ଭୂଇଁ—ବ. ( ଭୂମିଶବ୍ଦଜ ) ଭୂମି ।
ଭୂ-ଗର୍ଭ—ବ. ପୃଥିବୀର ଅଭ୍ୟନ୍ତର ।
ଭୂଗୋଳ—ବ. ( ଭୂ-ଗୋଲ ) ଭୂମଣ୍ଡଳ ।
ଭୂଚର—ବି. ( ଭୂ-ଚର ) ସ୍ଥଳଚର ।
ଭୂତ—ବି. ( ଭୂ-ତ ) ଅତୀତ ; ସତ୍ୟ ; ସ୍ୱରୂପ ;
ବ. ମୂଳ ପଦାର୍ଥ ; ପ୍ରାଣ ।
ଭୂତ-ଧାତ୍ରୀ—ବ. ପୃଥିବୀ ।
ଭୂତ-ପତି—ପୁଂ. ଶିବ ।
ଭୂତପୂର୍ବ—ବି. ଯାହା ପୂର୍ବରେ ଥିଲା ।
ଭୂତଭାବନ—ବ. ( ଭୂତ-ଭୂ-ଣିଚ୍-ଅନ ) ସୃଷ୍ଟିକର୍ତ୍ତା ।
ଭୂତି—ବ. ( ଭୂ-ତି ) ବିଭୂତି ; ମହିମା ।
ଭୂ-ଦେବ—ବ. ବ୍ରାହ୍ମଣ ।
ଭୂଧର—ବ. ( ଭୂ-ଧୃ-ଅ ) ପର୍ବତ ; ବାସୁକି ।
ଭୂପ / ଭୂପତି / ଭୂପାଳ } ବ. ( ଭୂ-ପା, ପତି, ପାଳ ) ରାଜା ।
ଭୂମା—ବି. ( ବହୁ-ଇମନ୍ ) ମହାନ୍ ; ଭୂୟିଷ୍ଠ ;
ବ. ସର୍ବବ୍ୟାପୀ ପୁରୁଷ ।
ଭୂମି—ବ. ( ଭୂ-ମି ) ପୃଥିବୀ ; ଜମି ।
ଭୂମିକା—ବ. ( ଭୂମି-କ-ଆ ) ଗ୍ରନ୍ଥର ମୁଖବନ୍ଧ ;
ବକ୍ତବ୍ୟ ବିଷୟର ସୂଚନା ।

ଭୂମିଷ୍ଠ—ବି. ( ଭୂମି-ସ୍ଥା-ଅ- ) ଭୂମିରେ ପତିତ,
ଜାତ ; ପ୍ରଣତ ।
ଭୂୟଃ—ବି. ( ବହୁ-ଇୟସ୍ ) ଅଧିକ ।
ଭୂୟିଷ୍ଠ—ବି. ( ବହୁ-ଇଷ୍ଠ ) ବହୁଳ ; ଅଧିକ ।
ଭୂୟୋଭୂୟଃ—ଅ. ( ଭୂୟଃ-ଭୂୟଃ ) ପୁନଃ-
ଭୂରି—ଅ. ଅଧିକ ; ଅନେକ । [ପୁନଃ ।
ଭୂରୁହ—ବ. ( ଭୂ-ରୁହ୍-ଅ ) ବୃକ୍ଷ, ଗଛ ।
ଭୂଷଣ / ଭୂଷା } ବ. ( ଭୂଷ୍-ଅନ, ଅ ) ଅଳଙ୍କାର ; ଶୋଭା ।
ଭୂଷିତ—ବି. ( ଭୂଷ୍-ତ ) ଅଳଙ୍କୃତ ; ଶୋଭିତ ।
ଭୂସ୍ୱାମୀ—ବ. ( ଭୂ-ସ୍ୱାମିନ୍ ) ରାଜା ; ଜମିଦାର ।
ଭୃଗୁ—ବ. ମୁନିବିଶେଷ ; ଶୁକ୍ର ; ପର୍ବତାଦିର
ଢାଲୁ ପ୍ରଦେଶ ।
ଭୃଙ୍ଗ—ବ. ( ଭୃ-ଗ ) ଭ୍ରମର ।
ଭୃଙ୍ଗାର—ବ. ଜଳପାତ୍ର । [(ପଦାନ୍ତେ) ।
ଭୃତ୍—ବି. ( ଭୃ-କ୍ୱିପ୍ ) ପାଳନକର୍ତ୍ତା ; ଧାରଣକର୍ତ୍ତା
ଭୃତ—ବି. ( ଭୃ-ତ ) ପାଳିତ ; ପୁଷ୍ଟ ।
ଭୃତକ—ବି. ( ଭୃ-ତ-କ ) ବେତନଗ୍ରାହୀ, ଭୃତ୍ୟ ।
ଭୃତି—ବ. ବେତନ ।
ଭୃତ୍ୟ—ବ. ( ଭୃ-ଯ ) ଦାସ ।
ଭୃଷ୍ଟ—ବି. ( ଭ୍ରସ୍ଜ୍-ତ ) ଭର୍ଜିତ, ଭଜା ।
ଭେକ—ବ. ( ଭୀ-କ ) ମଣ୍ଡୂକ, ବେଙ୍ଗ ।
ଭେଖ—ବ. ବେଶ ; ବୈଷ୍ଣବ ପନ୍ଥଙ୍କର କୌପୀ-
ଭେଟ—ବ. ସାକ୍ଷାତ୍, ଦେଖା । [ନାଦ ।

ଭେଟିବା–କ୍ରି. ସାକ୍ଷାତ୍ କରିବା ।

ଭେଟୀ–ବି. ଉପଢୌକନ ।

ଭେଡ଼ା–ବି. ମେଣ୍ଢା, ଗାରଡ଼, ପଡ଼ିଆ ଭୂମି ।

ଭେଣ୍ଡ୍ରା–ବି. ଯୁବାପୁଂରୁଷ ।

ଭେଣ୍ଡି–ବି. ପରିବା-ଫଳବିଶେଷ ।

ଭେଦ–ବି. ( ଭିଦ୍-ଅ ) ବେଧନ, ବିଦ୍ଧ କରିବା; ଅନୈକ୍ୟ; ବୈଲକ୍ଷଣ୍ୟ; ଭଙ୍ଗ; ରେଚନ ।

ଭେଦକ–ବିଂ. (ଭିଦ୍-ଅକ) ବିଦାରକ; ପୃଥକ୍-କାରକ ।

ଭେଦନ–ବି. (ଭିଦ୍-ଅନ) ବିଦାରଣ; ବେଧନ ।

ଭେଦା–ବି. ଗନ୍ଧା । [ପୃଥକ୍‌କୃତ ।

ଭେଦିତ–ବିଂ. ( ଭିଦ୍–ଣିଚ୍-ତ ) ବିଦାରିତ;

ଭେଦୀ–ବିଂ. ( ଭିଦ୍-ଇନ୍ ) ଭେଦକାରୀ ।

ଭେଦ୍ୟ–ବିଂ.(ଭିଦ୍-ଯ)ଭେଦଯୋଗ୍ୟ,ବେଧନୀୟ ।

ଭେରଣ୍ଡା–ବି. ଗଛବିଶେଷ ।

ଭେରୀ–ବି. ଢକ୍କା, ବାଦ୍ୟଯନ୍ତ୍ରବିଶେଷ ।

ଭେଲକି–ବି. କୁହୁକ । [ଯନ୍ତ୍ର; ଉଡ଼ପ ।

ଭେଳା–ବି.(ଭେଳକଶବ୍ଦଜ) ପାଣିରେ ଭାସିବାର

ଭେଷଜ–ବି. (ଭେଷ-ଜ-ଅ) ଔଷଧ ।

ଭେଷଣ୍ଡା–ବିଂ. କଦର୍ଯ୍ୟ ।

ଭୈକ୍ଷ–ବି: (ଭିକ୍ଷା-ଅ) ଭିକ୍ଷାଲବ୍ଧ ବସ୍ତୁ ।

ଭୈକ୍ଷାଶୀ–ବିଂ.(ଭୈକ୍ଷ-ଅଶ୍-ଇନ୍) ଭିକ୍ଷାଜୀବୀ ।

ଭୈରବ–ବିଂ. (ଭୀରୁ-ଅ) ଭୀଷଣ; ବି. ସଂଗୀ-ତର ରାଗବିଶେଷ; ରୁଦ୍ରମୂର୍ତ୍ତି, ଶିବ ।

ଭୈରବୀ–ବି. ଦୁର୍ଗା, ରୁଦ୍ରରୂପ-ଶିବ-ପୂଜକା ।

ଭୈଷଜ୍ୟ–ବି. (ଭେଷଜ-ଯ) ଔଷଧ ।

ଭୋ–ଅଂ. ସମ୍ବୋଧନସୂଚକ ।

ଭୋଇ–ବି. ଗ୍ରାମର ଜମିଜମା ପ୍ରଭୃତିର କାଗଜାଦି ଯାହାଠାରେ ଥାଏ; ବାଉରି ।

ଭୋକ–ବି. (ବୁଭୁକ୍ଷାଶବ୍ଦଜ) କ୍ଷୁଧା ।

ଭୋକିଲା } ବିଂ. କ୍ଷୁଧାର୍ତ୍ତ ।
ଭୋକୀ

ଭୋକ୍ତବ୍ୟ–ବିଂ. (ଭୁଜ୍-ତବ୍ୟ) ଭୋଜନଯୋଗ୍ୟ ।

ଭୋକ୍ତା–ବିଂ. (ଭୁଜ୍-ତୃ) ଭୋଜନକର୍ତ୍ତା; ଭୋଗୀ ।

ଭୋଗ–ବି. (ଭୁଜ୍-ଅ) ସୁଖ ଦୁଃଖାନୁଭବ; ସର୍ପ-ଫଣା । [ଗଙ୍ଗା ।

ଭୋଗବତୀ–ବି. ( ଭୋଗ-ବତ୍-ଈ ) ପାତାଳ-

ଭୋଗୀ–ବିଂ. ( ଭୋଗ-ଇନ୍ ) ସୁଖଭୋଗକାରୀ; ବି. ସର୍ପ ।

ଭୋଗେଇ–ବି. କ୍ଷୁଦ୍ରପାଟିଆ ।

ଭୋଗ୍ୟ–ବିଂ. (ଭୁଜ୍-ଯ) ଭୋଗର ଯୋଗ୍ୟ ।

ଭୋଜ–ବି. ପୂର୍ବକାଳର ପ୍ରସିଦ୍ଧ ନୃପବିଶେଷ ।

ଭୋଜନ–ବି. (ଭୁଜ୍-ଅନ) ଭକ୍ଷଣ ।

ଭୋଜବିଦ୍ୟା–ବି. ଐନ୍ଦ୍ରଜାଲିକ ବିଦ୍ୟା; ଭେଲ୍କି ।

ଭୋଜ୍ୟ–ବି. ( ଭୁଜ୍-ଯ ) ଭକ୍ଷଣୀୟ; ପିତୃପୁରୁ-ଷଙ୍କ ଅନ୍ନରୂପେ ଦେୟ ।

ଭୋପା–ବି. ଦେଉଳର ପୂଜକବିଶେଷ, ବିଂ. ନିର୍ବୁଦ୍ଧି, ବିବେକଶୂନ୍ୟ ।

ଭୋଳ–ବିଂ. (ବିହ୍ୱଳଶବ୍ଦଜ) ବିହ୍ୱଳ; ଭ୍ରାନ୍ତ ।

ଭୌତିକ–ବିଂ. ( ଭୂତ-ଇକ ) ଭୂତସମ୍ବନ୍ଧୀୟ; ବହିର୍ଜଗତସମ୍ବନ୍ଧୀୟ । [ମଙ୍ଗଳଗ୍ରହ ।

ଭୌମ–ବିଂ. ( ଭୂମି-ଅ ) ଭୂମିସମ୍ବନ୍ଧୀୟ; ବି.

ଭୌମିକ-ବି. (ଭୂମି-ଇକ) ଭୂମିସ୍ଥିତ ।

ଭ୍ରଂଶ-ବି. (ଭ୍ରନ୍ଶ୍-ଅ) ପତନ, ଚ୍ୟୁତ, ନାଶ ।

ଭ୍ରମ-ବି. (ଭ୍ରମ୍-ଅ) ମିଥ୍ୟାଜ୍ଞାନ; ଭ୍ରାନ୍ତି; ଭ୍ରମଣ ।

ଭ୍ରମଣ-ବି. (ଭ୍ରମ୍-ଅନ) ପର୍ଯ୍ୟଟନ, ବୁଲିବା ।

ଭ୍ରମମାଣ-ବିଂ. ( ଭ୍ରମ୍-ଅନ ) ଯେ ବା ଯାହା ବୁଲୁଅଛି ।

ଭ୍ରମର-ବି. (ଭ୍ରମ୍-ଅର) ଭଅଁର, ଭୃଙ୍ଗ ।

ଭ୍ରମି-ବି. (ଭ୍ରମ୍-ଇ) ଘୂର୍ଣ୍ଣିଜଳ, ଆବର୍ତ୍ତ ।

ଭ୍ରଷ୍ଟ-ବିଂ. ( ଭ୍ରନ୍ଶ୍-ତ ) ଚ୍ୟୁତ, ଅଧଃପତିତ; [ଅଧାର୍ମିକ ।

ଭ୍ରଷ୍ଟା-ବିଂ. ବ୍ୟଭିଚାରିଣୀ ।

ଭ୍ରାଜକ ବିଂ. (ଭ୍ରାଜ୍-ଅକ) ଦୀପ୍ତିକାରକ ।

ଭ୍ରାତା-ବି. (ଭ୍ରାଜ୍-ତୃ) ଭାଇ ।

ଭ୍ରାତୁଷ୍ପୁତ୍ର-ବି. (ଭ୍ରାତୁଃ-ପୁତ୍ର) ଭ୍ରାତାର ପୁତ୍ର ।

ଭ୍ରାତୃ-ଜାୟା-ବି. ଭାଉଜ ।

ଭ୍ରାତୃବ୍ୟ-ବି. ଭ୍ରାତୁଷ୍ପୁତ୍ର, ପୁତୁରା ।

ଭ୍ରାନ୍ତ-ବିଂ. (ଭ୍ରମ୍-ତ) ଘୂର୍ଣ୍ଣାୟମାନ, ଭ୍ରାନ୍ତିଯୁକ୍ତ ।

ଭ୍ରାନ୍ତି-ବି. (ଭ୍ରମ୍-ତି) ମିଥ୍ୟାଜ୍ଞାନ, ଭ୍ରମ ।

ଭ୍ରାନ୍ତିମାନ୍-ବିଂ. (ଭ୍ରାନ୍ତି-ମତ୍) ଭ୍ରାନ୍ତିଯୁକ୍ତ ।

ଭ୍ରାମକ-ବିଂ. (ଭ୍ରମ୍-ଅକ) ଭ୍ରମଜନକ ।

ଭ୍ରାମ୍ୟମାଣ-ବିଂ. (ଭ୍ରମ୍-ଣିଚ-ଅନ) ଯାହା ଘୂର୍ଣ୍ଣିତ ହେଉଅଛି । [ଲୋମ ପଙ୍କ୍ତି ।

ଭ୍ରୂ-ବି. ଚକ୍ଷୁର ଊର୍ଦ୍ଧ୍ୱ ଓ ଲଲାଟର ନିମ୍ନସ୍ଥିତ

ଭ୍ରୂକୁଟି, ଭ୍ରୁକୁଟି } ବି. ( ଭ୍ରୂ-କୁଟ୍-ଇ ) ଭ୍ରୂଭଙ୍ଗୀ, କ୍ରୋଧାଦି ଦ୍ୱାରା ଭ୍ରୂର ବକ୍ରତା ।

ଭ୍ରୂକ୍ଷେପ-ବି. (ଭ୍ରୂ-କ୍ଷେପ) ଭ୍ରୂଭଙ୍ଗ, ଭ୍ରୂଚାଳନ ।

ଭ୍ରୂଣ-ବି. (ଭ୍ରୂଣ୍-ଅ) ଗର୍ଭସ୍ଥ ସନ୍ତାନ ।

ଭ୍ରୂଣହତ୍ୟା-ବି. ଗର୍ଭସ୍ଥ ସନ୍ତାନର ବିନାଶ ।

ଭ୍ରୂ-ବିଳାସ-ବି. ଭ୍ରୂର ନର୍ତ୍ତନ ।

ଭ୍ରୂଭଙ୍ଗ, ଭ୍ରୁଭଙ୍ଗୀ } ବି. ଭ୍ରୂକୁଟି ।

ଭ୍ରୂଲତା-ବି. ଚକ୍ଷୁର ଉପରିସ୍ଥ ଲୋମ ଶ୍ରେଣୀ, ଭୂଲତା ।

---

# ମ ବ୍ୟଞ୍ଜନବର୍ଣ୍ଣର ପଞ୍ଚବିଂଶ ବର୍ଣ୍ଣ ।

ମଇ-ବି. କ୍ଷେତର ଟେକା ଭାଙ୍ଗିବା ନିମନ୍ତେ ବ୍ୟବହୃତ କାଠ ବା ବାଉଁଶ ନିର୍ମିତ ସାଧନ ।

ମଇଦା-ବି. ପରିଷ୍କୃତ ଗୋଧୂମ-ଚୂର୍ଣ୍ଣ ।

ମଇନା-ବି. ଶାରିକାପକ୍ଷୀ ।

ମଇଳା-ବିଂ. ଅପରିଷ୍କୃତ । [ପଶୁବିଶେଷ ।

ମଇଁଷି-ବି. (ମହିଷଶବ୍ଦର ଅପଭ୍ରଂଶ) ଗୋଜାତୀୟ

ମଉଡ଼, ମହୁଡ଼-ବି. (ମୁକୁଟଶବ୍ଦଜ) ମୁକୁଟ ।

ମଉନ-ବିଂ. (ମୌନଶବ୍ଦଜ) ତୁନି ।

ମଉଳା-ବି. (ମାତୁଳଶବ୍ଦଜ) ମାତୁଳ, ମାମୁ ।

ମଉଳିବା-କ୍ରି. ମ୍ଳୈ ଧାତୁରୁ) ଝାଉଁଳିବା ।

ମଉସା-ବି. ମାଉସୀର ପତି ।

ମକର-ବି. (ମ-କୃ-ଅ) ମଗରମାଛ; ଜ୍ୟୋତିଷିକ ରାଶିବିଶେଷ ।

ମକର-କୁଣ୍ଡଳ-ବି. ମକରାକୃତି କୁଣ୍ଡଳ ।

ମକରକେତନ }
ମକରକେତୁ } ବି. କନ୍ଦର୍ପ ।
ମକରଧ୍ୱଜ }

ମକରକ୍ରାନ୍ତି-ବି. ନିରକ୍ଷରେଖାର ୨୩½ ଅଂଶ ଦକ୍ଷିଣରେ ଅବସ୍ଥିତ ରେଖା ।

ମକଚିବା-କ୍ରି. ଦଳିବା ।

ମକଦମ-ବି. (ଆରବୀ) ଏକପ୍ରକାର ଭୂସ୍ୱାମୀ ।

ମକଦମା-ବି. (ଆରବୀ) ରାଜଦ୍ୱାରରେ ଅଭି-

ମକରନ୍ଦ-ବି. ପୁଷ୍ପର ମଧୁ । [ଯୋଗ ।

ମକରାଳୟ-ବି. (ମକର-ଆଳୟ) ସମୁଦ୍ର ।

ମକା-ବି. ଫଳବିଶେଷ ।

ମକୁଟ-ବି. (ମନ୍କ୍-ଉଟ) ମୁକୁଟ, ଶିରୋଭୂଷଣ ।

ମକୁଟା-ବି. ରେଶମୀ ବସ୍ତ୍ରବିଶେଷ ।

ମକ୍ଷିକା-ବି. (ମକ୍ଷ୍-ଇକ-ଆ) କୀଟବିଶେଷ, ମାଛି ।

ମଖ-ବି. (ମଖ୍-ଅ) ଯାଗ, ଯଜ୍ଞ ।

ମଖନ-ବି. ଦୁଗ୍ଧଜ ନବନୀତ ।

ମଖମଲ୍-ବି. ଏକପ୍ରକାର ବସ୍ତ୍ର ।

ମଗଜ-ବି. (ଫାର୍ସୀ) ମସ୍ତିଷ୍କ ।

ମଗଧ-ବି. ବିହାର ପ୍ରଦେଶ ।

ମଗର-ବି. ( ମକରଶବ୍ଦଜ ) ମକର, ଜଳଜନ୍ତୁ

ମଗରି-ବିଂ. ଅବାଧ୍ୟ । [ବିଶେଷ ।

ମଗ୍ନ-ବିଂ.(ମସ୍ଜ୍-ତ)ଅନ୍ତଃପ୍ରବିଷ୍ଟ,ବୁଡିଯାଇଥିବା ।

ମଘବା-ବି. ( ମହ୍-ବନ୍ ) ଇନ୍ଦ୍ର ।

ମଘା-ବି. (ମହ୍-ଅ) ନକ୍ଷତ୍ରବିଶେଷ ।

ମଙ୍ଗ-ବି. (ମଙ୍ଗ୍-ଅ) ନୌକାର ଶିରୋଭାଗ ।

ମଙ୍ଗନ-ବି.(ମଙ୍ଗଳଶବ୍ଦଜ) ବିବାହର ପୂର୍ବଦିବସ ।

ମଙ୍ଗଳ-ବି. ( ମଙ୍ଗ୍-ଅଳ ) ଶୁଭ, କୁଶଳ; ମଙ୍ଗଳଗ୍ରହ; ବିଂ. ଶୁଭଜନକ ।

ମଙ୍ଗଳବାର-ବି. ଭୃଗୁସୁତବାର, ଭୌମବାସର ।

ମଙ୍ଗଳା-ବି. (ମଙ୍ଗଳ-ଆ) ଦେବୀବିଶେଷ ।

ମଙ୍ଗଳାଚରଣ-ବି. (ମଙ୍ଗଳ-ଆଚରଣ) କର୍ମ-ଆରମ୍ଭରେ ଶୁଭଜନକ କ୍ରିୟା । [ସୁଖଦ ।

ମଙ୍ଗଲ୍ୟ-ବିଂ. (ମଙ୍ଗଳ-ଯ) ଶୁଭଜନକ, ସୁନ୍ଦର,

ମଙ୍ଗିବା-କ୍ରି. ବି. ସମ୍ମତ ହେବା ।

ମଚକିବା-କ୍ରି. ବି. ମୋଡି ହୋଇଯିବା, ଈଷତ୍

ମଚଳା-ବି. କଣ୍ଠରୋଗ ବିଶେଷ । [ଭାଙ୍ଗିବା ।

ମଚ୍ଛ-ବି. (ମଦ୍-ଶ) ମତ୍ସ୍ୟ, ମାଛ ।

ମଜଲିସ-ବି. ସମାବେଶ, ସଭା ।

ମଜା-ବି. ଆମୋଦ; ତାମାସା ।

ମଜୁରି-ବି. ପରିଶୋଧ ।

ମଜୁରି-ବି. ପରିଶ୍ରମର ମୂଲ୍ୟ ।

ମଜ୍ଜନ-ବି. (ମସ୍ଜ୍-ଅନ) ଅବଗାହନ, ବୁଡିଯିବା ।

ମଜ୍ଜା-ବି. (ମସ୍ଜ୍-ଆ) ଅସ୍ଥି ଓ ମାଂସର ମଧ୍ୟସ୍ଥ ସ୍ନେହବିଶେଷ; ବୃକ୍ଷର ସାର ।

ମଝି-ବି. (ମଧ୍ୟଶବ୍ଦଜ) ମଧ୍ୟଭାଗ । [ମଞ୍ଚା ।

ମଞ୍ଚ-ବି. ( ମନ୍ଚ୍-ଅ ) ଉନ୍ନତ ମଣ୍ଡପ, ବେଦି,

ମଞ୍ଜି-ବି. (ମଜ୍ଜାଶବ୍ଦଜ) ବୃକ୍ଷାଦିର ଓ କାଷ୍ଠାଦିର

ମଞ୍ଜରିତ-ବିଂ. ମୁକୁଳିତ । [ସାରଭାଗ ।

ମଞ୍ଜରୀ-ବି. ମୁକୁଳ ।

ମଞ୍ଜା-ବି. କଦଳୀ ବୃକ୍ଷର ମଞ୍ଜ ।

ମଞ୍ଜାରି-ବି. (ମାର୍ଜ୍ଜାରଶବ୍ଦଜ) ବିରାଡ଼ି, ମାର୍ଜ୍ଜାର ।

ମଞ୍ଜି / ମଞ୍ଜୀ } ବି. (ମନ୍ଜ୍-ଇ) ବୀଜ ।

ମଞ୍ଜିଷ୍ଠା-ବି. ରକ୍ତବର୍ଣ୍ଣ ଲତାବିଶେଷ ।

ମଞ୍ଜୀର-ବି. ନୂପୁର ।

ମଞ୍ଜୁ-ବିଂ. (ମନ୍ଜ୍-ଉ) ମନୋହର ।

ମଞ୍ଜୁର-ବି. (ପାର୍ଶୀ) ଅଙ୍ଗୀକାର, ଅନୁଜ୍ଞା ।

ମଞ୍ଜୁଳ-ବିଂ. ( ମଞ୍ଜୁ-ଳ ) ମନୋହର; ସୁନ୍ଦର;

ମଞ୍ଜୁଷା-ବି. ପେଡ଼ୀ; ସିନ୍ଦୁକ । [ମଧୁର ।

ମଟର-ବି. ଏକପ୍ରକାର ଡାଲି ।

ମଟାମ-ବି. ସମକୋଣବିଶିଷ୍ଟ ଯନ୍ତ୍ର ।

ମଟକା-ବିଂ. ଭଙ୍ଗୁର, ଯାହା ସହଜରେ ଭାଙ୍ଗି-

ମଟାଳି-ବିଂ. କଠିନ । [ଯାଏ ।

ମଠ-ବି. (ମଠ୍-ଅ) ମନ୍ଦିର; ବୈରାଗୀମାନଙ୍କର

ମଠ-ବି. କଳମ୍ବ; ଅଳସ୍ୟ । [ଆଶ୍ରମ ।

ମଠା-ବି. ତସର ବସ୍ତ୍ରବିଶେଷ ।

ମଠୁଆ-ବିଂ. ଅଳସୁଆ ।

ମଡ଼କ-ବି. (ମରକଶବ୍ଦଜ) ମାଲ୍ଲଭୟ ।

ମଡ଼ା-ବି. ( ମୃତଶବ୍ଦଜ ) ମନୁଷ୍ୟର ମୃତଦେହ,

ମଡ଼ି-ବି. ପଶୁର ମୃତଦେହ । [ଶବ ।

ମଡ଼ୁଆଶାଙ୍କୁଳି-ବି. ପାଠଶାଳୀରେ ଅବାଧ୍ୟ ଛାତ୍ର-ମାନଙ୍କ ନିମିତ୍ତ ତାଳପତ୍ର-ଶିରନିର୍ମିତ ବନ୍ଧନ ।

ମଣ-ବି. ଅଭ୍ୟାସ । [ବିଶେଷ ।

ମଣାଇବା-କ୍ରି. (ମଣ୍ଧାତୁଜ) ବୁଝାଇବା ।

ମଣି-ବି. ରତ୍ନ (ବହୁମୂଲ୍ୟ ପ୍ରସ୍ତର ଓ ମୁକ୍ତା) ।

ମଣିକର୍ଣ୍ଣିକା-ବି. କର୍ଣ୍ଣଭୂଷଣ; କାଶୀସ୍ଥ ତୀର୍ଥ-ବିଶେଷ । [ମଣିପରୀକ୍ଷକ ।

ମଣିକାର-ବି. ( ମଣି-କୃ-ଅ ) ମଣିପରିଷ୍କାରକ;

ମଣିବନ୍ଧ-ବି. (ମଣି-ବନ୍ଧ) ହାତର କବା ।

ମଣିବା-କ୍ରି. (ମନ୍ଧାତୁଜ) ମନେ କରିବା, ବୋଧ କରିବା । [ସମ୍ବୋଧନ ପଦ ।

ମଣିମା-ବି. ରଜା ଓ ରାଣୀଙ୍କ ପ୍ରତି ପ୍ରଯୋଜ୍ୟ

ମଣୋହି-ବି. ରଜାଙ୍କର ଭୋଜନ ।

ମଣ୍ଡ-ବି. (ମଣ୍ଡ୍-ଅ) ପେଜ; ସାର ।

ମଣ୍ଡଣି-ବି. (ମଣ୍ଡ୍ଧାତୁଜ) ସଜ୍ଜା, ଭୂଷଣ ।

ମଣ୍ଡନ-ବି. (ମଣ୍ଡ୍-ଅନ) ଭୂଷଣ, ଅଳଙ୍କାର ।

ମଣ୍ଡପ-ବି. ( ମଣ୍ଡ୍-ପା-ଅ ) ମେଳ ବୈଠକଘର; ଦେବୋଦ୍ଦେଶେ ବା ସଭାନିମିତ୍ତ ପ୍ରସ୍ତୁତ ମେଳ ଘର ।

ମଣ୍ଡଳ-ବି. (ମଣ୍ଡ୍-ଅଲ) ବୃତ୍ତ; ବିମ୍ବ; ଚକ୍ରାକାର ବେଷ୍ଟନ; ସମୂହ; ଦେଶ; ପ୍ରଦେଶ ।

ମଣ୍ଡଳୀ-ବି. ସମୂହ; ସର୍ପ । [ସମ୍ରାଟ୍ ।

ମଣ୍ଡଳେଶ୍ୱର-ବି, ( ମଣ୍ଡଳ-ଈଶ୍ୱର ) ରଜା;

ମଣ୍ଡା-ବି. ପିଷ୍ଟକବିଶେଷ ।

ମଣ୍ଡିତ-ବିଂ. (ମଣ୍ଡ୍-ତ) ଭୂଷିତ, ସଜ୍ଜିତ ।

ମଣ୍ଡିବା-କ୍ରି. (ମଣ୍ଡ୍ଧାତୁଜ) ଭୂଷିତ କରିବା ।

ମଣ୍ଡୁକ / ମଣ୍ଡୂକ } ବି. (ମଣ୍ଡ-ଉକ, ଊକ) ଭେକ, ବେଙ୍ଗ ।

ମଣ୍ଡୁର-ବି. ଲୁହାର ଗୁଣ୍ଡି ।

ମତ-ବିଂ. ( ମନ୍-ତ ) ଅଭିପ୍ରେତ, ସମ୍ମତ; ବି. ସମ୍ମତି; ଅଭିପ୍ରାୟ ।

ମତଙ୍ଗଜ-ବି. ମାତଙ୍ଗ, ହସ୍ତୀ ।

ମତି-ବି. (ମନ୍-ତି) ବୁଦ୍ଧି; ମନଃ; ଅନ୍ତଃକରଣ; ପ୍ରବୃତ୍ତି ; ଇଚ୍ଛା ।

ମତିମାନ୍-ବିଂ. (ମତି-ମତ୍) ସୁଧୀ, ବୁଦ୍ଧିମାନ୍ ।

ମତୁଆଲା-ବିଂ. ପ୍ରମତ୍ତ ; ଉନ୍ମତ୍ତ ।

ମତ୍ତ-ସ୍ୱଂ. ମୋହର (ଅନ୍ୟ ଶବ୍ଦସଙ୍ଗେ) ।

ମତ୍ତକୁଣ-ବି. ଛାରପୋକ ।

ମତ୍ତ-ବିଂ. (ମଦ୍-ତ) ବିହ୍ୱଳ; ଉନ୍ମତ୍ତ । ସ୍ତ୍ରୀ ।

ମତ୍ତକାଶିନୀ-ବି. (ମତ୍ତ-କାଶ୍-ଇନ୍-ଈ) ଉତ୍ତମା-

ମତଲବ-ବି. (ଆରବୀ) ଅଭିପ୍ରାୟ ।

ମତ୍ସ<br>ମତ୍ସ୍ୟ } ବି. (ମଦ୍-ସ, ସ୍ୟ) ମାଛ ।

ମତ୍ସର-ବି. (ମଦ୍-ସର) ଦ୍ୱେଷ; ଈର୍ଷା; ବିଂ.-ପରଶ୍ରୀକାତର ।

ମତ୍ସ୍ୟ-ଜୀବୀ-ବି. ଧୀବର, କେଉଟ ।

ମତ୍ସ୍ୟ-ରାଜ-ବି. ରୋହିମାଛ ।

ମତ୍ସ୍ୟବେଧନୀ-ବି. ( ମତ୍ସ୍ୟ-ବିଧ୍-ଅନ-ଈ ) ବଡଶ, ବଡ଼ଶୀ । [ ମୋହିନୀ ।

ମଥନ-ବି. (ମଥ୍-ଅନ) ମନ୍ଥନ ; ବିନାଶନ ;

ମଥା-ବି. ( ମସ୍ତକଶବ୍ଦଜ ) ମସ୍ତକ, ମୁଣ୍ଡ ।

ମଥିତ-ବିଂ. (ମଥ୍-ତ) ବିଲୋଡିତ; ବିନାଶିତ ।

ମଥୁରା-ବି. ପ୍ରସିଦ୍ଧ ନଗରୀବିଶେଷ ।

ମଥ୍ୟମାନ-ବିଂ. (ମଥ୍-ଯ-ଅନ) ଆଲୋଡ଼୍ୟମାନ ।

ମଦ-ବି. (ମଦ-ଅ) ମତ୍ତତା ; ଗର୍ବ ; ମୋହ ; ହସ୍ତୀର ଗଣ୍ଡ-ସ୍ଥଳରୁ କ୍ଷରିତ ଜଳ; ମଦ୍ୟ ।

ମଦ-କଳ-ବିଂ. ମତ୍ତତାରେ ଅସ୍ଫୁଟ ଶବ୍ଦକାରୀ ।

ମଦତ୍ରା-ବି. ମାଦକ-ଦ୍ରବ୍ୟବିଶେଷ ।

ମଦନ-ବି. (ମଦ୍-ଅନ) କନ୍ଦର୍ପ ; ବସନ୍ତକାଳ ।

ମଦନ-ମୋହନ-ବି. (ମଦନ-ମୋହନ) ଶ୍ରୀକୃଷ୍ଣ; ବିଂ. ଅତି ସୁନ୍ଦର ।

ମଦନ-ଲେଖ-ବି. ପ୍ରଣୟ-ପତ୍ରିକା ।

ମଦାନ୍ଧ-ବିଂ. (ମଦ-ଅନ୍ଧ) ମତ୍ତତାଯୋଗୁଁ ହିତା-ହିତ-ବୋଧଶୂନ୍ୟ ।

ମଦାଲସା-ବି. କାମୁକୀ ।

ମଦିର-ବିଂ. (ମଦ୍-ଇର) ମତ୍ତ ।

ମଦିରା-ବି. ( ମଦ୍-ଇର-ଆ ) ସୁରା ।

ମଦିରାକ୍ଷୀ-ବିଂ. (ମଦିର-ଅକ୍ଷି) ମତ୍ତଲୋଚନା ।

ମଦୀୟ-ବିଂ. (ଅସ୍ମଦ୍-ଈୟ ) ମତ୍ସମ୍ବନ୍ଧୀୟ, ମୋହର ।

ମଦୁଆ-ବିଂ. ମଦ୍ୟପାୟୀ, ମତୁଆଲା ।

ମଦୋତ୍କଟ-ବିଂ. ( ମଦ-ଉତ୍କଟ ) ମଦ ମତ୍ତ ;

ମଦ୍ଗୁର-ବି. ମାଗୁର ମାଛ । [ମଦୋନ୍ମତ୍ତ ।

ମଦ୍ୟ-ବି. (ମଦ୍-ଯ) ସୁରା, ମଦିରା ।

ମଦ୍ୟପ-ବିଂ. ( ମଦ୍ୟ-ପା-ଅ ) ସୁରାପାୟୀ, ଯେ ମଦ୍ୟ ପାନ କରେ ।

ମଦ୍ର-ବି. ପଞ୍ଜାବର ପ୍ରାଚୀନ ପ୍ରଦେଶ ।

ମଧୁ-ବି. ( ମଦ୍-ଉ ) ମହୁ; ପୁଷ୍ପରସ ; ମଧୁରରସ; ସୁରା ; ବସନ୍ତକାଳ ; ଚୈତ୍ରମାସ ; ବିଂ. ସ୍ୱାଦୁ, [ ମଧୁର ।

ମଧୁକ-ବି. ମହୁଲ ଗଛ ।

ମଧୁ-କଣ୍ଠ-ବି. କୋକିଳ ।

ମଧୁକର-ବି. ଭ୍ରମର, ଭୃଙ୍ଗ ।

ମଧୁକୋଷ-ବି. ମହୁଫେଣା ।

ମଧୁ-କ୍ରମ-ବି. ମହୁଫେଣା ।

ମଧୁପ-ବି. (ମଧୁ-ପା-ଅ) ଭ୍ରମର, ମଧୁକର ।

ମଧୁପଟଳ-ବି. ମହୁଫେଣା ।

ମଧୁପର୍କ-ବି. (ମଧୁ-ପୃଚ୍-ଅ) ଘୃତ, ଶର୍କରା, ଜଳ, ଦଧି ଓ ମଧୁଯୁକ୍ତ ଭକ୍ଷ୍ୟବିଶେଷ ।

ମଧୁମୟ-ବିଂ. ମାଧୁର୍ଯ୍ୟମୟ ।

ମଧୁମାନ୍-ବିଂ. (ମଧୁ-ମତ୍) ମାଧୁର୍ଯ୍ୟଯୁକ୍ତ ।

ମଧୁର-ବି. (ମଧୁ-ର-ଅ) ମିଷ୍ଟରସ; ବିଂ. ମିଷ୍ଟରସଯୁକ୍ତ; ମନୋହର ।

ମଧୁସୂଦନ-ବି. (ମଧୁ-ସୂଦ୍-ଅନ) ବିଷ୍ଣୁ ।

ମଧୂତ୍ଥ-ବି, (ମଧୁ-ଉତ୍-ସ୍ଥା-ଅ) ମହମ ।

ମଧ୍ୟ-ବିଂ. ମଝି; କଟିଦେଶ; ଅଭ୍ୟନ୍ତର ।

ମଧ୍ୟଦେଶ-ବି. ପ୍ରୟାଗର ପଶ୍ଚିମସ୍ଥ ଦେଶ ।

ମଧ୍ୟନ୍ଦିନ-ବି. ( ମଧ୍ୟ-ଦିନ ) ଦିନର ମଧ୍ୟଭାଗ ; ମଧ୍ୟାହ୍ନ ।

ମଧ୍ୟମ-ବିଂ. ( ମଧ୍ୟ-ମ) ମଧ୍ୟବର୍ତ୍ତୀ ; ବି. ସଂଗୀତର ସ୍ୱରବିଶେଷ ।

ମଧ୍ୟମ-ଲୋକ-ବି. ସ୍ୱର୍ଗ ଓ ପାତାଳର ମଧ୍ୟସ୍ଥିତ ପୃଥିବୀ ।

ମଧ୍ୟ-ରାତ୍ର-ବି. ଅର୍ଦ୍ଧରାତ୍ର ।

ମଧ୍ୟବର୍ତ୍ତୀ-ବିଂ. ( ମଧ୍ୟ-ବୃତ୍-ଇନ୍ ) ମଧ୍ୟରେ ସ୍ଥିତ ।

ମଧ୍ୟ-ବିତ୍ତ-ବିଂ. ଯେ ଧନୀ ବା ଦରିଦ୍ର ନୁହେ ।

ମଧ୍ୟସ୍ଥ-ବିଂ. ( ମଧ୍ୟ-ସ୍ଥା-ଅ ) ମଧ୍ୟବର୍ତ୍ତୀ ; ଯେ କୌଣସି ପକ୍ଷରେ ଲିପ୍ତ ନୁହେ; ଉଦାସୀନ ।

ମଧ୍ୟାହ୍ନ-ବି. (ମଧ୍ୟ-ଅହ୍ନ) ଦିନର ମଧ୍ୟଭାଗ ।

ମନଃ-ବି. ( ମନ୍-ଅସ୍ ) ଚିତ୍ତ, ଅନ୍ତଃକରଣ ; ଅଭିଲାଷ ।

ମନଃଶିଳା-ବି. ରକ୍ତବର୍ଣ୍ଣ ପାଙ୍କଟିଆ ଧାତୁବିଶେଷ ।

ମନଃସ୍ଥ-ବିଂ. ମନରେ ସ୍ଥିତ ; ବି. ଅଭିପ୍ରାୟ ।

ମନନ-ବି. ( ମନ୍-ଅନ ) ଚିନ୍ତନ ବାରମ୍ବାର ଚିନ୍ତନ ।

ମନସିଜ-ବି. (ମନସି-ଜନ୍-ଅ) କନ୍ଦର୍ପ ।

ମନସ୍କାମ-ବି. ମନର ଅଭିଲାଷ ।

ମନସ୍ତାପ-ବି. ମନର କ୍ଳେଶ ; ଅନୁତାପ ।

ମନସ୍ୱିନୀ-ବିଂ. ମନସ୍ୱୀ ପଦର ସ୍ତ୍ରୀଲିଙ୍ଗ ।

ମନସ୍ୱୀ-ବିଂ. (ମନସ୍-ବିନ୍) ପ୍ରଶସ୍ତ ଅନ୍ତଃକରଣବିଶିଷ୍ଟ, ମହାମନା ।

ମନା-ବି. ନିଷେଧ, ବାରଣ ।

ମନାଇବା-କ୍ରି. ପୋଷାଇବା; ସମ୍ମତ କରାଇବା ।

ମନାସ-ବି. ( ମାନସଶବ୍ଦଜ ) ବାଞ୍ଛା, ଇଚ୍ଛା, ମନୋରଥ ।

ମନାସିବା-କ୍ରି. ବାଞ୍ଛା କରିବା ।

ମନୀଷା-ବି. (ମନସ୍-ଈଷା) ବୁଦ୍ଧି, ପ୍ରଜ୍ଞା ।

ମନୀଷୀ-ବିଂ. (ମନୀଷା-ଇନ୍) ବୁଦ୍ଧିମାନ୍, ବିଦ୍ୱାନ୍ ।

ମନୁ-ବି. (ମନ୍-ଉ) ବ୍ରହ୍ମାଙ୍କର ପୁତ୍ର, ଆଦି ମନୁଷ୍ୟ; ଧର୍ମଶାସ୍ତ୍ରପ୍ରଣେତା ମୁନିବିଶେଷ ।

ମନୁଜ, ମନୁଷ୍ୟ } ବି. ( ମନୁ-ଜ,ଷ୍ୟ ) ମନୁର ଅପତ୍ୟ ; ନର, ମାନବ ।

ମନୁଷ୍ୟତା, ମନୁଷ୍ୟତ୍ୱ } ବି. ମନୁଷ୍ୟର ଭାବ; ମନୁଷ୍ୟୋଚିତ ସଦ୍ଗୁଣ ।

ମନୋଗତ-ବିଂ.(ମନସ୍-ଗମ୍-ତ) ମନରେ ସ୍ଥିତ ।

ମନୋଜ-ବି. (ମନସ୍-ଜ) କନ୍ଦର୍ପ; ବି॰. ମନୋ-
ଜାତ ।

ମନୋଜ୍ଞ-ବି॰. (ମନଃ-ଜ୍ଞା-ଅ) ମନୋହର ।

ମନୋମୀତ-ବି॰. ( ମନସ୍-ମା-ତ ) ମନୋମତ,
ମନର ଅଭିଳଷିତ, ପସନ୍ଦ ।

ମନୋରଞ୍ଜନ-ବି. ଚିତ୍ତର ପ୍ରଫୁଲ୍ଲତା-ବିଧାନ ।

ମନୋରଥ-ବି. (ମନଃ-ରଥ) ବାଞ୍ଛା, କାମନା ।

ମନୋରମ-ବି॰. (ମନଃ-ରମ୍-ଅ) ମନୋହର,
ସୁନ୍ଦର ।

ମନୋବୃତ୍ତି-ବି. (ମନସ୍-ବୃତ୍ତି) ଚିତ୍ତବୃତ୍ତି ।

ମନୋହର-ବି॰. ( ମନଃ-ହୃ-ଅ ) ସୁନ୍ଦର, ରମ-
ଣୀୟ । [ବି. ବର୍ଣ୍ଣସନ୍ନିବେଶ ମତ ।

ମନ୍ତବ୍ୟ-ବି॰. (ମନ୍-ତବ୍ୟ) ଚିନ୍ତନୀୟ, ବିବେଚ୍ୟ;

ମନ୍ତା-ବି. (ମନ୍-ତୃ) ମନନକର୍ତ୍ତା ।

ମନ୍ତ୍ର-ବି. ( ମନ୍ତ୍ର-ଅ ) ବେଦର ଅଂଶବିଶେଷ;
ପୂଜାର ବାକ୍ୟ ବା ଶ୍ଳୋକ; ଗୁରୁଦତ୍ତ ଦୀକ୍ଷା-
ପଦ; ମନ୍ତ୍ରଣା ।

ମନ୍ତ୍ର-ଗୃହ-ବି. ମନ୍ତ୍ରଣା କରିବାର ସ୍ଥାନ ।

ମନ୍ତ୍ରଣା-ବି.(ମନ୍ତ୍ର-ଅନ-ଆ) ଗୋପନରେ ବିଚାର ।

ମନ୍ତ୍ର-ଦାତା-ବି. ଦୀକ୍ଷାଗୁରୁ; ବି॰. ପରାମର୍ଶଦାତା ।

ମନ୍ତ୍ରୀ-ବି. (ମନ୍ତ୍ର-ଇନ୍ ) ଅମାତ୍ୟ, ସଚିବ; ବି॰.
ପରାମର୍ଶ ଦାତା ।

ମନ୍ଥ-ବି. (ମନ୍ଥ୍-ଅ) ମନ୍ଥନଦଣ୍ଡ; ମନ୍ଥନ

ମନ୍ଥନ-ବି. (ମନ୍ଥ୍-ଅନ) ବିଲୋଡନ; ମୋହିବା ।

ମନ୍ଥର-ବି॰. ( ମନ୍ଥ୍-ଅର ) ମନ୍ଦଗାମୀ; ଅଳସ;

ମନ୍ଥାନ-ବି. ମନ୍ଥନଦଣ୍ଡ । [ଜଡ ।

ମନ୍ଦ-ବି॰. ( ମନ୍ଦ୍-ଅ ) ଖରାପ; ଖଳ; ଅପଟୁ;
ଅପକୃଷ୍ଟ; ଜଡ; ମନ୍ଥର; ମୃଦୁ; ଅଳ୍ପ ।

ମନ୍ଦ-ଗାମୀ-ବି॰. ମୃଦୁଗମନଶୀଳ ।

ମନ୍ଦର-ବି. ଯେଉଁ ପର୍ବତକୁ ମନ୍ଥନଦଣ୍ଡ କରି
ଦେବାସୁରମାନେ ସମୁଦ୍ର ମନ୍ଥନ କରିଥିଲେ
(ପୌରାଣିକ କଥା) ।

ମନ୍ଦା-ବି. ମଲା ।

ମନ୍ଦାଏ-ବି॰. ଅଳ୍ପ-ପରିମାଣ (ପାଣି ) ।

ମନ୍ଦାକିନୀ-ବି. (ମନ୍ଦ-ଅକ-ଇନ୍-ଈ) ସ୍ୱର୍ଗଗଙ୍ଗା ।

ମନ୍ଦାକ୍ଷ-ବି. (ମନ୍ଦ-ଅକ୍ଷି) ଲଜ୍ଜା, ହିପା ।

ମନ୍ଦାଗ୍ନି-ବି. (ମନ୍ଦ-ଅଗ୍ନି) କ୍ଷୁଧାର ଅତ୍ୟଳ୍ପତା ।

ମନ୍ଦାର-ବି. (ମନ୍ଦ୍-ଅର) କଳ୍ପିତ ସ୍ୱର୍ଗପୁଷ୍ପ; ଜବା-
ପୁଷ୍ପ ।

ମନ୍ଦିର-ବି. (ମନ୍ଦ୍-ଇର) ଗୃହ; ଦେବାଳୟ ।

ମନ୍ଦିରା-ବି. କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ରବିଶେଷ ।

ମନ୍ଦୀଭୂତ-ବି॰. (ମନ୍ଦ-ଈ (ଚ୍ୱି) ଅଭୂତ-ଭୂ-ତ)
ଅଳ୍ପୀଭୂତ, କମ୍ ହୋଇଯିବା; ଜଡୀଭୂତ ।

ମନ୍ଦୁରା-ବି. (ମନ୍ଦ୍-ଉର-ଆ) ଅଶ୍ୱଶାଳା ।

ମନ୍ଦୁରୀ-ବି. ହେଁସ ।

ମନ୍ଦୋଦରୀ-ବି.(ମନ୍ଦ-ଉଦର-ଈ) ରାବଣର ସ୍ତ୍ରୀ;
କ୍ଷୀଣୋଦରୀ ସ୍ତ୍ରୀ । [ବିଶେଷ ।

ମନ୍ଦ୍ର-ବି॰. ( ମନ୍ଦ୍-ର ) ଗମ୍ଭୀର; ବି. ବାଦ୍ୟଯନ୍ତ୍ର-

ମନ୍ମଥ-ବି. (ମନସ୍-ମଥ୍-ଅ) କାମଦେବ, କନ୍ଦର୍ପ,
ମଦନ ।

ମନ୍ୟୁ-ବି. ( ମନ୍-ଯୁ ) ଶୋକ; କ୍ରୋଧ; ଯଜ୍ଞ ।

ମନ୍ୱନ୍ତର-ବି. (ମନୁ-ଅନ୍ତର) ମନୁଙ୍କର ସର୍ବାଙ୍ଗ୍ୟ-
ଶାସନ କାଳ ।

ମମ-ସ॰. (ଅସ୍ମଦ୍‌ଶବ୍ଦଜ) ଆମ୍ଭର, ମୋହର ।

ମମତା } ବି. (ମମ-ତା, ତ୍ୱ) ମାୟା; ଅହଙ୍କାର;
ମମତ୍ୱ } ସ୍ନେହ ।

ମୟ-ବି. ଦାନବମାନଙ୍କର ଶିଳ୍ପୀ; ବ୍ୟାକରଣର ପ୍ରତ୍ୟୟ ବିଶେଷ ।

ମୟୂଖ-ବି. (ମା-ଊଖ) କିରଣ; ଦୀପ୍ତି ।

ମୟୂଖ-ମାଳୀ-ବି. ସୂର୍ଯ୍ୟ ।

ମୟୂର-ବି. ପକ୍ଷିବିଶେଷ, ଶିଖୀ ।

ମର-ବି. (ମୃ-ଅ) ମରଣ; ବିଂ. ମରଣାଧୀନ ।

ମରକ-ବି. (ମୃ-ଅକ) ମାରୀ, ମଡ଼କ ।

ମରକତ-ବି. ହରିଦ୍‌ବର୍ଣ୍ଣ ମଣିବିଶେଷ ।

ମରଣ-ବି. (ମୃ-ଅନ) ମୃତ୍ୟୁ ।

ମରନ୍ଦ-ବି. ମକରନ୍ଦ ।

ମରାମର-ବି. (ମର-ଅମର) ମନୁଷ୍ୟ ଓ ଦେବତା ।

ମରାଳ-ବି. ରାଜହଂସ ।

ମରିଚ } ବି. ଗୋଲମରିଚ ।
ମରୀଚ }

ମରୀଚି-ବି. କିରଣ, ରଶ୍ମି; ମୁନିବିଶେଷ ।

ମରୀଚିକା-ବି. (ମରୀଚି-କଁ-ଆ) ମୃଗତୃଷ୍ଣା, ସୂର୍ଯ୍ୟ-କିରଣୋଦ୍ଭାସିତ ବାଲୁକାରେ ଜଳଭ୍ରମ ।

ମରୀଚି-ମାଳୀ-ବି. ସୂର୍ଯ୍ୟ ।

ମରୁ-ବି. (ମୃ-ଉ) ଜଳ-ତୃଣାଦି-ଶୂନ୍ୟ ପ୍ରଦେଶ ।

ମରୁଆ-ବି. ସୁଗନ୍ଧି ପୁଷ୍ପବିଶେଷ ।

ମରୁଡ଼ି-ବି. ଅନାବୃଷ୍ଟି ।

ମରୁତ } ବି. ବାୟୁ; ଦେବତା ।
ମରୁତ୍ }

ମରୁତ୍ୱାନ୍-ବି. (ମରୁତ୍-ବତ୍) ଇନ୍ଦ୍ର; ମେଘ ।

ମରୁତ୍ସଖ-ବି. (ମରୁତ୍-ସଖା) ବାୟୁସଖ, ଅଗ୍ନି ।

ମରୁଭୂ } ବି. (ମରୁ-ଭୂ, ଭୂମି) ଜଳ-ତୃଣାଦି-
ମରୁଭୂମି } ବର୍ଜିତ ବାଲୁକାପୂର୍ଣ୍ଣ ଭୂମି ।

ମରେଇ-ବି. ଏକପ୍ରକାର ଧାନ୍ୟାଧାର ।

ମର୍କଟ-ବି. (ମର୍କ-ଅଟ୍-ଅ) ବାନର, ମାଙ୍କଡ଼ ।

ମର୍ତ୍ତ୍ୟ-ବି. (ମୃ-ତ-ଯ) ପୃଥିବୀ; ବିଂ. ମରଣାଧୀନ ।

ମର୍ତ୍ତ୍ୟ-ଲୋକ-ବି. ପୃଥିବୀ ।

ମର୍ଦ୍ଦନ-ବି. (ମୃଦ୍-ଅନ) ପେଷଣ, ଦଳନ, ଚୂର୍ଣ୍ଣନ, ଅଙ୍ଗମର୍ଦ୍ଦନ ।

ମର୍ଦ୍ଦଳ-ବି. ବାଦ୍ୟଯନ୍ତ୍ରବିଶେଷ, ମାଦଳ ।

ମର୍ଦ୍ଦିତ-ବିଂ. (ମୃଦ୍-ଣିଚ୍-ତ) ଦଳିତ ।

ମର୍ମ-ବି. (ମୃ-ମନ୍) ଶରୀର-ସନ୍ଧିସ୍ଥାନ; ହୃଦୟର ଅନ୍ତସ୍ଥଳ; ତାତ୍ପର୍ଯ୍ୟ, ଗୂଢ଼କଥା ।

ମର୍ମଭେଦୀ-ବିଂ. ଅନ୍ତରକୁ ବ୍ୟଥାଦାୟକ ।

ମର୍ମର-ବି. (ମୃ-ଅର) ଶୁଷ୍କ ପତ୍ରାଦିର ଅବ୍ୟକ୍ତ ଶବ୍ଦ ।

ମର୍ମାନ୍ତିକ-ବିଂ. (ମର୍ମ-ଅନ୍ତିକ) ଅନ୍ତରକୁ ।

ମର୍ଯ୍ୟାଦା-ବି. ସୀମା; ଗୌରବ, ସମ୍ମାନ ।

ମର୍ଶଣ-ବି. (ମୃଶ୍-ଅନ) ପରାମର୍ଶଦାନ ।

ମର୍ଷଣ-ବି. (ମୃଷ୍-ଅନ) କ୍ଷମା; ସହନ; ନାଶନ ।

ମଳ-ବି. (ମଲ୍-ଅ) ବିଷ୍ଠା, ମୂତ୍ର, ଶ୍ଳେଷ୍ମା, ରକ୍ତ, ପୂଯପ୍ରଭୃତି ଶରୀରର ମଇଳା; ପାପ, କଳଙ୍କ ।

ମଲମ-ବି. (ପାର୍ଶୀ) ଲେପନୀୟ ଔଷଧବିଶେଷ ।

ମଳମାସ-ବି. ଅଧିମାସ, ମାସ ବୃଦ୍ଧି ।

ମଲମ୍ବା-ବି. ତାମ୍ର ଉପରେ ଗିଲ୍‌ଟି ।

ମଲୟ-ବି. ( ମଲ-ଇ-ଅ ) ଦାକ୍ଷିଣାତ୍ୟର ମାଲ-
ଗିରି ପର୍ବତ ଓ ତତ୍ସନ୍ନିହିତ ପ୍ରଦେଶ ।
ମଲୟଜ-ବି. ଚନ୍ଦନ ।
ମଲୟାନିଳ-ବି. ( ମଲୟ-ଅନିଳ ) ମଲୟ-
ଦେଶରୁ ପ୍ରବାହିତ ବସନ୍ତକାଳୀନ ବାୟୁ ।
ମଲା-ବି. ମନା ।
ମଲି-ବି. ( ମଲଶବ୍ଦଜ ) ମଇଳା ।
ମଲିନ-ବିଂ. ( ମଲ-ଇନ ) ମଲଯୁକ୍ତ ; ମ୍ଳାନ ।
ମଲିନମା-ବି. (ମଲିନ-ଇମନ୍) ମଲିନତା ।
ମଲ୍ଲ-ବି. ( ମଲ୍ଲ-ଅ ) ବାହୁଯୋଦ୍ଧା, ମାଲ ।
ମଲ୍ଲ-ଯୁଦ୍ଧ-ବି. ବାହୁଯୁଦ୍ଧ ।
ମଲ୍ଲାର-ବି. ସଂଗୀତର ରାଗବିଶେଷ ।
ମଲ୍ଲିକା-ବି. ମଲ୍ଲୀଫୁଲ ।
ମଶକ-ବି. ମଶା । [ ବରଣ ।
ମଶହରି-ବି. ମଶାରି, ମଶକନିବାରକ ବସ୍ତ୍ରା-
ମଶାଣି-ବି. (ଶ୍ମଶାନଶବ୍ଦଜ) ଶ୍ମଶାନ, ଶବଦାହ-
ମଶାଲ-ବି. ଦହୁଡ଼ି । [ ସ୍ଥାନ ।
ମସଲା-ବି. ସୁଗନ୍ଧିଦ୍ରବ୍ୟ ; ଉପକରଣ ।
ମସି } ବି. ଲେଖିବାର କାଳୀ ।
ମସୀ }
ମସି-ଜୀବୀ-ବି. ଯେ ଲେଖିବା ଦ୍ୱାରା ଜୀବିକା
ମସିଣା-ବି. ଚଟେଇ । [ ଅର୍ଜନ କରେ ।
ମସୁରି-ବି. ଡାଲିବିଶେଷ ।
ମସୂରିକା-ବି. ବସନ୍ତରୋଗ ।
ମସୃଣ-ବିଂ. (ମସ୍-ଋଣ) କୋମଳ ; ସ୍ନିଗ୍ଧ ।

ମସ୍କରା-ବି. ପରିହାସକ, ଭଣ୍ଡ । [ ଭାଙ୍ଗିଯାଏ ।
ମସ୍କା-ବିଂ. ମଟକା, ଯାହା ଅଳ୍ପ ଆଘାତରେ
ମସ୍ତକ-ବି. (ମସ୍ତ-କ) ଶିରଃ, ମୁଣ୍ଡ ; ଅଗ୍ରଭାଗ ।
ମସ୍ତିଷ୍କ-ବି. (ମସ୍-ତି-ଷ) ମସ୍ତକର ଘିଅ, ମଗଜ ।
ମସ୍ତୁ-ବି. ଦଧି ପ୍ରଭୃତିର ଜଳୀୟ ଅଂଶ ।
ମହ } ବି. ( ମହ୍-ଅ, ଅସ୍ ) ଉତ୍ସବ ; ଯଜ୍ଞ ;
ମହଃ } ତେଜଃ ।
ମହକ-ବି. ବହୁସ୍ଥାନବ୍ୟାପୀ ସୁଗନ୍ଧ ।
ମହଣ-ବି. ଓଜନର ପରିମାଣବିଶେଷ, ଚାଳିଶ
ସେର ; ମହମ । [ ଉଦାର ।
ମହତ୍-ବିଂ. (ମହ୍-ଅତ୍) ବୃହତ୍, ବଡ଼, ପ୍ରଧାନ;
ମହତ୍ତତ୍ତ୍ୱ-ବି. ( ମହତ୍-ତତ୍ତ୍ୱ ) ବୁଦ୍ଧି ( ସାଂଖ୍ୟ-
ମତରେ ) ।
ମହତ୍ତ୍ୱ-ବି. (ମହତ୍-ତ୍ୱ) ବୃହତ୍ତ୍ୱ ; ଉଦାରତା ।
ମହନୀୟ-ବିଂ. (ମହ୍-ଅନୀୟ) ପୂଜନୀୟ; ମାନ୍ୟ ।
ମହନ୍ତ-ବି. ମଠାଧିପତି ।
ମହର୍ଲୋକ-ବି. ( ମହଃ-ଲୋକ ) କଳ୍ପିତ ସପ୍ତ-
ଲୋକ ମଧ୍ୟରେ ଚତୁର୍ଥ ଲୋକ ।
ମହର୍ଷି-ବି. ( ମହା-ଋଷି ) ପ୍ରଧାନ ଋଷି ।
ମହଲ-ବି. ଘର; ପ୍ରକୋଷ୍ଠ ।
ମହଲତି-ବି. ଅବକାଶ ।
ମହଲ୍ଲା-ବି. ଦଳ (ଏକ ବା ଦୁଇମହଲ୍ଲା) ।
ମହା-ବିଂ. ବଡ଼ । [ଅନନ୍ତକାଳ]
ମହାକାଳ-ବି. (ମହତ୍-କାଳ) ରୁଦ୍ର, ଶିବ,
ମହାକାବ୍ୟ-ବି. କୌଣସି ଶ୍ରେଷ୍ଠ ନାୟକ ବା
ବଂଶ ସମ୍ବନ୍ଧୀୟ ବୃହତ୍ କାବ୍ୟ ।

ମହାଗ୍ରୀବ-ବ. (ମହତ୍-ଗ୍ରୀବା) ଉଷ୍ଟ୍ର ।

ମହାଛାୟ-ବ. (ମହତ୍-ଛାୟା) ବଟବୃକ୍ଷ ।

ମହାଜନ-ବ. (ମହତ୍-ଜନ) ଶ୍ରେଷ୍ଠ ସାଧୁପୁରୁଷ; ବଣିକ୍ ; ଉତ୍ତମର୍ଣ୍ଣ ।

ମହାଜନୀ-ବ. ଟଙ୍କା କରଜ ଦେବା କାରବାର ।

ମହାତ୍ମା-ବ.(ମହତ୍-ଆତ୍ମନ୍) ଶ୍ରେଷ୍ଠ ସାଧୁପୁରୁଷ ।

୨ମହାଦେଈ-ବ. (ମହାଦେବୀଶବ୍ଦରୁ) ପାଟରାଣୀ ।

ମହାଦେବ-ବ. ଶିବ; ପରମେଶ୍ୱର ।

ମହାଦେବୀ-ବ. ଦୁର୍ଗା ; ପଟ୍ଟରାଜ୍ଞୀ ।

ମହାଦେଶ-ବ. ଅନେକ ଦେଶଯୁକ୍ତ ବିସ୍ତୀର୍ଣ୍ଣ

ମହାଧାତୁ-ବ. ସୁବର୍ଣ୍ଣ । [ଭୂଭାଗ ।

ମହାନଦୀ-ବ. ଓଡ଼ିଶାର ବୃହତ୍ତମ ନଦୀ ।

ମହାନସ ବ. (ମହତ୍-ଅନସ) ରନ୍ଧନଗୃହ ।

ମହାନିଦ୍ରା-ବ. ମୃତ୍ୟୁ ।

ମହାନୁଭବ } ବି. (ମହତ୍-ଅନୁଭବ, ଅନୁଭାବ)
ମହାନୁଭାବ } ଉଦାରସ୍ୱଭାବ ।

ମହାପଦ୍ମ-ବ. ଲକ୍ଷକୋଟି ସଂଖ୍ୟା ।

ମହାପୁରୁଷ ବ. ଶ୍ରେଷ୍ଠ ସାଧୁପୁରୁଷ ।

ମହାଭାଗ-ବି. (ମହତ୍-ଭାଗ) ଅତିଶୟ ସୌଭାଗ୍ୟ-ଶାଳୀ; ମହାଶୟ ।

ମହାଭାରତ-ବ. (ମହତ୍-ଭାରତ) ଭାରତର ଇତିହାସାତ୍ମକ ମହାକାବ୍ୟ । [ଶାଳୀ ।

ମହାଭୁଜ-ବି. (ମହତ୍-ଭୁଜ) ପ୍ରଚୁର ପରାକ୍ରମ

ମହାଭୂତ-ବ. ପଞ୍ଚଭୂତ (କ୍ଷିତ୍ୟପ୍‌ତେଜୋମରୁଦ୍‌ବ୍ୟୋମ) ।

ମହାମନା-ବି. (ମହତ୍-ମନସ) ଉଦାରଚିତ୍ତ ।

ମହାମହିମ-ବି. (ମହତ୍-ମହିମନ) ଅତି ମହିମା-

ମହାମାଂସ-ବ. ନରମାଂସ । [ନ୍ୱିତ ।

ମହାମାତ୍ର-ବ. (ମହତ୍-ମାତ୍ରା) ରାଜମନ୍ତ୍ରୀ ।

ମହାମାୟା-ବ. ଦୁର୍ଗା ।

ମହାମାରୀ-ବ. ଅତ୍ୟନ୍ତ ମଡ଼କ ।

ମହାରଥ-ବ. (ମହତ୍-ରଥ) ମହାଯୋଦ୍ଧା ।

ମହାରାଜ-ବ. (ମହତ୍-ରାଜନ୍) ପ୍ରଧାନ ରାଜା ।

ମହାରାଜାଧିରାଜ-ବ. (ମହ'ରାଜା-ଅଧିରାଜ) ସର୍ବପ୍ରଧାନ ରାଜା ।

ମହାର୍ଘ-ବି. (ମହତ୍-ଅର୍ଘ) ମହାମୂଲ୍ୟ ।

ମହାଳୟା-ବ. ଆଶ୍ୱିନ ପିତୃପକ୍ଷର ଅମାବାସ୍ୟା ।

ମହାବାହୁ-ବି. ପରାକ୍ରାନ୍ତ; ବଳୀୟାନ୍‌ଭୁଜ; ଜଗନ୍ନାଥ ।

ମହାବିଦ୍ୟା-ବ. କାଳୀ ପ୍ରଭୃତି ଦଶଗୋଟି

ମହାବିଷୁବ-ବ. ମେଷ ସଂକ୍ରାନ୍ତି । [ଦେବୀ ।

ମହାବୀର-ବ. ପ୍ରଧାନ ବୀର; ହନୁମାନ୍ ।

ମହାବ୍ୟାଧି-ବ. କୁଷ୍ଠ ପ୍ରଭୃତି ରୋଗ ।

ମହାବ୍ରାହ୍ମଣ-ବ. ପତିତ ବ୍ରାହ୍ମଣ ।

ମହାଶଙ୍ଖ-ବ. ଲଲାଟର ଅସ୍ଥି; ଦଶ ନିଖର୍ବ ସଂଖ୍ୟା ।

ମହାଶୟ-ବି. (ମହତ୍-ଆଶୟ) ମହାମନା ।

ମହାଶ୍ୱେତା-ବ. ସରସ୍ୱତୀ ।

ମହାଷ୍ଟମୀ-ବ. ଆଶ୍ୱିନ ଶୁକ୍ଳପକ୍ଷର ଅଷ୍ଟମୀ ।

ମହା-ସାନ୍ତପନ-ବ. ଅତି କଷ୍ଟସାଧ୍ୟ ବ୍ରତବିଶେଷ ।

ମହାସେନ-ବ. (ମହତ୍-ସେନା) କାର୍ତ୍ତିକେୟ ।

ମହିତ-ବିଂ. (ମହ୍-ତ-ପୂଜିତ) ।

ମହିମା-ବି. (ମହତ୍-ଇମନ୍) ଗୌରବ; ମାହାତ୍ମ୍ୟ; ଐଶ୍ୱର୍ଯ୍ୟ ।

ମହିଳା-ବି. (ମହ-ଇଲ-ଅ) ମାନନୀୟା ନାରୀ ।

ମହିଷ-ବି. (ମହ୍-ଇଷ) ପଶୁବିଶେଷ ; ଅସୁର-ବିଶେଷ ।

ମହିଷ-ବାହନ-ବି. ଯମ ।

ମହିଷ-ମର୍ଦ୍ଦିନୀ-ବି. ଦୁର୍ଗା ।

ମହିଷୀ-ବି. (ମହିଷ-ଈ) ସ୍ତ୍ରୀ ମହିଷ ; ରାଣୀ ।

ମହିଷ୍ଠ-ବିଂ. (ମହତ୍-ଇଷ୍ଠ) ଅତିମହତ୍ ।

ମହୀ ବି. (ମହ୍-ଈ) ପୃଥିବୀ, କ୍ଷିତି ।

ମହୀଧର-ବି. (ମହୀ-ଧୃ-ଅ) ପର୍ବତ ।

ମହୀ-ପତି }
ମହୀ-ପାଳ } ବି. ରାଜା, ଭୂପତି ।

ମହୀୟସୀ-ବିଂ. (ମହୀୟସ୍-ଈ) ଅତିମହତୀ ।

ମହୀୟାନ୍-ବିଂ. (ମହତ୍-ଈୟସ୍) ଅତିମହତ୍, ମହାତ୍ମା, ଉତ୍ତମ ।

ମହୀରୁହ-ବି. (ମହୀ-ରୁହ୍-ଅ) ବୃକ୍ଷ ।

ମହୀଲତା-ବି. ଜିଅ ।

ମହୁଡ଼-ବି. (ମୁକୁଟଶବ୍ଦଜ) ମୁକୁଟ, ଚୂଡ଼ା ; ଶିରୋଦେଶ ।

ମହୁର-ବି. ବ୍ୟଞ୍ଜନବିଶେଷ ।

ମହୁରି ବି. ପେଁ-କାହାଳି, ଭୁରି ।

ମହୁଲ ବି. ମଧୂକ ବୃକ୍ଷ ଓ ତାହାର ମିଷ୍ଟ ଫଳ ।

ମହେନ୍ଦ୍ର-ବି. (ମହତ୍-ଇନ୍ଦ୍ର) ଇନ୍ଦ୍ର, ସ୍ୱର୍ଗର ରାଜା; ପର୍ବତବିଶେଷ ।

ମହେଶ }
ମହେଶ୍ୱର } ବି. (ମହତ୍-ଈଶ, ଈଶ୍ୱର) ଶିବ; ପରମେଶ୍ୱର ।

ମହେଷ୍ୱାସ-ବିଂ. (ମହତ୍-ଇଷୁ-ଅସ) ମହାଧନୁର୍ଦ୍ଧର; ବି. ବୃହତ୍ ଧନୁ ।

ମହୋକ୍ଷ-ବି. (ମହତ୍-ଉକ୍ଷନ୍) ବୃହତ୍ ବୃଷ ।

ମହୋତ୍ସବ-ବି. (ମହତ୍-ଉତ୍ସବ) ମହାଆନନ୍ଦଜନକ ବ୍ୟାପାର ।

ମହୋଦଧି-ବି. (ମହତ୍-ଉଦଧି) ସମୁଦ୍ର, ମହାସମୁଦ୍ର ।

ମହୋଦୟ-ବିଂ. (ମହତ୍-ଉଦୟ) ମହାମହିମ, ମହାଶୟ ।

ମା-ବି. ମାତା ; ଲକ୍ଷ୍ମୀ ।

ମାଇକିନିଆ-ବି. ନାରୀ (ଗ୍ରାମ୍ୟପ୍ରୟୋଗ) ।

ମାଇପ-ବି. ଭାର୍ଯ୍ୟା, ସ୍ତ୍ରୀ (ଗ୍ରାମ୍ୟ) ।

ମାଈଁ-ବି. ମାମୁଁର ଭାର୍ଯ୍ୟା ।

ମାଈ-ବିଂ. ସ୍ତ୍ରୀଜାତୀୟ ।

ମାଉଁସ-ବି. ମାଂସ ।

ମାଉସୀ-ବି. (ମାତୃଷ୍ୱସୃଶବ୍ଦଜ) ମାତାର ଭଗିନୀ ।

ମାଂସ-ବି. (ମନ୍-ସ) ଦେହର ମାଉଁସ ।

ମାଂସ-ପେଶୀ-ବି. ଯେଉଁ ମାଂସ-ପିଣ୍ଡ ଦ୍ୱାରା ଇଚ୍ଛାମାତ୍ର ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଞ୍ଚାଳିତ ହୁଏ ।

ମାଂସଳ-ବିଂ. (ମାଂସ-ଳ) ମାଂସଯୋଗୁଁ ସ୍ଥୂଳ ।

ମାଂସାଶୀ-ବିଂ. (ମାଂସ-ଅଶ୍-ଇନ୍) ମାଂସଭକ୍ଷକ ।

ମାକଡ଼ }
ମାଙ୍କଡ଼ } ବି. (ମର୍କଟଶବ୍ଦଜ) ବାନର, କପି ।

ମାକଡ଼ସା-ବି. ଲୂତା, ଊର୍ଣ୍ଣନାଭ ।

ମାକନ୍ଦ-ବି. ଆମ୍ରଗଛ ; ଆମ୍ର ।

ମାଖର୍-ବିଂ. ନୃଶୁସ ।

ମାଖୁନା–ବ. ଶୁଣ୍ଡଗୁଳ୍ମ ଶୂନ୍ୟ-ମୃଗବିଶିଷ୍ଟ ଲୋକ ।
ମାଗଣ–ବ. ଭେଦା ; ଗନ୍ଦା ।
ମାଗଣା–ବଂ. ପୋଛା ।
ମାଗଧ–ବ. (ମଗଧ-ଅ) ସ୍ତୁତିପାଠକ, ଭାଟ ।
ମାଗିଖିଆ–ବଂ. ପୋଛଖିଆ ।
ମାଗିବା–କ୍ରି. ଭିକ୍ଷାକରିବା ।
ମାଗୁଣି ବ. ପ୍ରାର୍ଥନା ।
ମାଗୁର–ବ. (ମଦ୍ଗୁରଶବ୍ଦଜ) ମତ୍ସ୍ୟବିଶେଷ ।
ମାଘ ବ. (ମଘା-ଅ) ଦଶମ ମାସ ।
ମାଙ୍ଗ–ବ. ସୀମାନ୍ତ ।
ମାଙ୍ଗଲ୍ୟ–ବଂ. (ମଙ୍ଗଳ-ଯ) ମଙ୍ଗଳଜନକ ।
ମାଛ–ବ. (ମତ୍ସ୍ୟଶବ୍ଦଜ) ମୀନ, ମତ୍ସ୍ୟ ।
ମାଛରଙ୍କା–ବ. (ମତ୍ସ୍ୟରଙ୍କଶବ୍ଦଜ) ପକ୍ଷୀବିଶେଷ ।
ମାଛି–ବ. (ମକ୍ଷିକାଶବ୍ଦଜ) ପତଙ୍ଗ ବିଶେଷ ।
ମାଜଣା–ବ. (ମାର୍ଜ୍ଜନାଶବ୍ଦଜ) ସ୍ନାନ ।
ମାଜିବା–କ୍ରି. ( ମାର୍ଜ୍ଜନାଶବ୍ଦଜ ) ଘଷିବା; ପରି-ଷ୍କାର କରିବା ।
ମାଝି–ବ. ନାଉରିଆ, ନାବିକ ।
ମାଟି ବ. ( ମୃତ୍ତିକାଶବ୍ଦଜ ) ଭୂମି ।
ମାଟିଆ–ବଂ. ମୃତ୍ତିକାବର୍ଣ୍ଣ ବିଶିଷ୍ଟ ।
ମାଠ–ବ. ଅତି ମୋଟା ଚଦର ।
ମାଠିଆ–ବ. ଘଟ, ମୃତ୍ତିକାପାତ୍ର ବିଶେଷ ।
ମାଠିବା–କ୍ରି. ଚିକ୍କଣ କରିବା ।
ମାଡ଼–ବ. ( ମାରଶବ୍ଦରୁ ) ପ୍ରହାର ।
ମାଡିବା କ୍ରି. (ମୃଦ୍‌ଧାତୁରୁ) ଚପିବା; ଦାବିବା; ଲଟେଇବା ।

ମାଡୁଆ–ବଂ. ମାଡ଼ ଖାଇବାରେ ଅଭ୍ୟସ୍ତ ।
ମାଢ଼ି–ବ. ପରିମାଣ ବିଶେଷ, ଦଶରତିକା ।
ମାଣ–ବ. କୁଞ୍ଚା; ୨୫ ଗୁଣ୍ଠ ଭୂମି । [ବାଳକ ।
ମାଣବକ–ବ. (ମନୁ-ଅ-କ) ବାଳକ ; ବ୍ରାହ୍ମଣ
ମାଣିକ୍ୟ–ବ. ( ମଣି-କୈ-ଯ ) ମାଣିକ; ରତ୍ନ-ବିଶେଷ ।
ମାଣି–ବ. ଚକପିହାଣି ଉପରେ ପଶିବା କାଠ ।
ମାଣ୍ଡବୀ–ବ. କୁଶଧ୍ୱଜଙ୍କ କନ୍ୟା, ଭରତଙ୍କର
ମାଣ୍ଡି–ବ. ଭକ୍ତଅ । [ପତ୍ନୀ ।
ମାଣ୍ଡିଆ–ବ. ଶସ୍ୟବିଶେଷ । [ଲୌହାଦି ।
ମାଣ୍ଡୁ–ବ. (ହସ୍ତରେ ଧରି ନିୟମ କରିବାର ତପ୍ତ
ମାଣ୍ଡୁଅ–ବ. ପିଷ୍ଟକବିଶେଷ ।
ମାତଙ୍ଗ–ବ. (ମତଙ୍ଗ-ଅ) ହସ୍ତୀ; ଚଣ୍ଡାଳ ।
ମାତଙ୍ଗୀ–ବ. ହସ୍ତିନୀ ।
ମାତରିଶ୍ୱା–ବ. ( ମାତରି-ଶ୍ୱି-ଅନ୍ ) ବାୟୁ ।
ମାତଳି–ବ. ଇନ୍ଦ୍ର ସାରଥି ।
ମାତବ୍ବର–ବଂ. ( ପାର୍ଶୀ ) ପ୍ରଧାନ ।
ମାତା–ବ. ( ମା-ତୃ ) ଜନନୀ; ପୃଥିବୀ ।
ମାତାମହ–ବ. ( ମାତୃ-ଆମହ ) ମାତାର ପିତା, ଅଜା । [ଆଈ ।
ମାତାମହୀ–ବ. (ମାତାମହ-ଈ) ମାତାର ମାତା,
ମାତିବା–କ୍ରି. ଉନ୍ମତ୍ତ ହେବା । [ମାମୁଁ ।
ମାତୁଳ–ବ. ( ମାତୃ-ଉଲ ) ମାତାର ଭ୍ରାତା ;
ମାତୁଳାନୀ, ମାତୁଳୀ } ବ. ମାତୁଳର ସ୍ତ୍ରୀ, ମାଇଁ ।

ମାତୁଲୁଙ୍ଗ-ବି. ଡାଳିମ୍ବ; ଏକପ୍ରକାର ଲେମ୍ବୁ ।

ମାତୃକା-ବି. (ମାତୃ-କ-ଅ) ମାତା, ଧାତ୍ରୀ ।

ମାତୃଷ୍ୱସା-ବି. (ମାତୃ-ସ୍ୱସା) ମାତାର ଭଗିନୀ, ମାଉସୀ ।

ମାତ୍ର-ଅ. (ମା-ତ୍ର) କେବଳ; କିନ୍ତୁ; ପୁଣି ।

ମାତ୍ରା-ବି. (ମା-ତ୍ର-ଅ) ଅଳ୍ପ ପରିମାଣ; ବର୍ଣ୍ଣର ଉଚ୍ଚାରଣକାଳ; ଅକ୍ଷରର ଉପରରେଖା ।

ମାତ୍ସର୍ଯ୍ୟ-ବି. (ମତ୍ସର-ଯ) ପରଶ୍ରୀକାତରତା ।

ମାଦକ-ବି. ( ମଦ୍-ଅକ ) ମତ୍ତତାଜନକ ; ବି. ନିଶାଦ୍ରବ୍ୟ ।

ମାଦଳ-ବି. ( ମର୍ଦ୍ଦଳଶବ୍ଦଜ ) ମୃଦଙ୍ଗବିଶେଷ ; ହସ୍ତପଦ-ରହିତ ଜୀବିତ ଶରୀର ।

ମାଦୃଶ-ବି. (ଅସ୍ମଦ୍-ଦୃଶ୍-ଅ)ମତ୍ତୁଲ୍ୟ, ମୋପରି ।

ମାଧବ-ବି. (ମା-ଧବ) ଲକ୍ଷ୍ମୀପତି, ବିଷ୍ଣୁ ।

ମାଧବ-ବି. (ମଧୁ-ଅ) ବସନ୍ତକାଳ ; ବୈଶାଖ-

ମାଧବୀ-ବି. ଲତାବିଶେଷ । [ମାସ ।

ମାଧୁକରୀ-ବି. (ମଧୁକର-ଅ-ଈ) ଭିକ୍ଷା-ଆହରଣ ବୃତ୍ତି । [ସୌନ୍ଦର୍ଯ୍ୟ ।

ମାଧୁରୀ-ବି. ( ମଧୁର-ଅ-ଈ ) ମଧୁରତା ;

ମାଧୁର୍ଯ୍ୟ-ବି. ( ମଧୁର-ଯ ) ମଧୁରତା ; ହୃଦୟ-ଗ୍ରାହିତା । [ସୌଜନ୍ୟ ।

ମାଧ୍ୟସ୍ଥ୍ୟ-( ମଧ୍ୟସ୍ଥ-ଯ ) ମଧ୍ୟସ୍ଥତା; ଔଦା-

ମାଧ୍ୟାକର୍ଷଣ-ବି. କେନ୍ଦ୍ର ଆଡକୁ ଆକର୍ଷଣ କରିବାର ଶକ୍ତି ।

ମାଧ୍ବୀ-ବି. (ମଧୁ-ଅ-ଈ) ମଧୁଦ୍ୱାରା ପ୍ରସ୍ତୁତ ସୁରା ।

ମାନ-ବି. (ମା-ଅନ) ପରିମାଣ, ମାପ ।

ମାନ-ବି. (ମନ୍-ଅ) ସମ୍ମାନ; ଅଭିମାନ ।

ମାନତ-ବି. ମାନସିକ ବ୍ରତ ।

ମାନଦ-ବି. (ମାନ-ଦା-ଅ) ସମ୍ମାନ-ପ୍ରଦ ।

ମାନ-ଦଣ୍ଡ-ବି. ପରିମାଣଦଣ୍ଡ, ମାପବାଡି ।

ମାନନା-ବି. (ମାନ୍-ଅନ-ଅ) ସମ୍ମାନକରଣ ।

ମାନନୀୟ-ବି. ( ମାନ୍-ଅନୀୟ ) ପୂଜନୀୟ ; ମାନ୍ୟ ।

ମାନ-ମନ୍ଦିର-ବି. ଯେଉଁ ସ୍ଥାନରୁ ଗ୍ରହ ନକ୍ଷତ୍ରାଦିର ପର୍ଯ୍ୟବେକ୍ଷଣ କରାଯାଏ ।

ମାନବ-ବି. (ମନୁ-ଅ) ମନୁଷ୍ୟ, ପୁରୁଷ ।

ମାନସ-ବି. (ମନସ୍-ଅ) ମନ; ଅଭିପ୍ରାୟ ।

ମାନସିକ-ବି. (ମନସ୍-ଇକ) ଆନ୍ତରିକ, ମନୋଗତ । [ମାନଯୁକ୍ତା ।

ମାନିନୀ-ବି. (ମାନ-ଇନ୍-ଈ) ମାନବତୀ, ଅଭି-

ମାନିବା-କ୍ରି. ସମ୍ମାନ କରିବା; ଭକ୍ତିପୂର୍ବକ ଗ୍ରହଣ କରିବା ।

ମାନୀ-ବି. ( ମାନ-ଇନ୍ ) ଅଭିମାନୀ ।

ମାନୁଷ-ବି. (ମନୁ-ଷ) ମନୁଷ୍ୟ ।

ମାନୁଷିକ-ବି. ମନୁଷ୍ୟସମ୍ବନ୍ଧୀୟ ।

ମାନୁଷୀ-ବି. ନାରୀ ।

ମାନ୍ଦ୍ୟ-ବି. ( ମନ୍ଦ-ଯ ) ମନ୍ଦତା; ଜଡତା; ଅଳ୍ପତା ।

ମାନ୍ଧାତା-ବି. ଅତି ପୁରାତନ ନୃପତିବିଶେଷ ।

ମାନ୍ୟ-ବି. (ମାନ୍-ଯ) ମାନନୀୟ; ଆଦରଣୀୟ ।

ମାପ-ବି. (ମାଧାତୁଜ) ପରିମାଣ ।

ମାପୁଣି-ବି. ପରିମାପକ, ପରିମାଣକାରୀ ।

ମାଫ-ବ. (ଫାର୍ଶୀ) କ୍ଷମା ।

ମାମଲା-ବ. ମୋକଦ୍ଦମା ।

ମାମୁ-ବ. ମାତାର ଭାଇ ।

ମାମୁଲି-ବି. (ଫାର୍ଶୀ) ଚିରପ୍ରଚଳିତ ।

ମାୟା-ବ. ( ମା-ଯ-ଅ ) ଇନ୍ଦ୍ରଜାଲ; ମୋହ; ଚାତୁରୀ; ଛଦ୍ମବେଶ; ସ୍ନେହ; ଦୟା ।

ମାୟାବୀ, ମାୟୀ - ବି. ( ମାୟା-ବିନ୍, ଇନ୍ ) କପଟାଚାରୀ; ଐନ୍ଦ୍ରଜାଲିକ ।

ମାର-ବ. (ମୃ-ଅ) ମୃତ୍ୟୁ; କନ୍ଦର୍ପ; ବିନାଶ ।

ମାରକ-ବି. ( ମୃ-ଣିଚ୍-ଅକ ) ବିନାଶକ; ବି. ଅଶୁଭ ଗ୍ରହ ।

ମାରଣ-ବ. (ମୃ-ଣିଚ୍-ଅନ) ହନନ, ବଧ ।

ମାରଣା-ବ. ହତ୍ୟାକାରୀ ଖଣ୍ଡା; ବଣାସଂପାତକ ।

ମାରଫତ୍-ଅ. (ଫାର୍ଶୀ) ଜମ୍ମା, କବଚ ।

ମାରାତ୍ମକ-ବି. ( ମାର-ଆତ୍ମନ୍-କ ) ସାଂଘାତିକ. ପ୍ରାଣନାଶକ ।

ମାରିବା-କ୍ରି. (ମୃଧାତୁଜ ) ପ୍ରହାର କରିବା; ଆଘାତ କରିବା । [ବ୍ୟକ୍ତି ।

ମାରିଷ-ବ. ( ମୃଷ-ଅ ) ନାଟ୍ୟୋକ୍ତିରେ ମାନ୍ୟ

ମାରୀ-ବ. (ମାର-ଈ) ମଡ଼କ, ଜନକ୍ଷୟ ।

ମାରୁ-ବି. କଷ୍ଟ; ଅପବ୍ୟୟ ।

ମାରୁତ-ବ. (ମରୁତ୍-ଅ) ପବନ, ବାୟୁ ।

ମାରୁତି-ବ. (ମରୁତ୍-ଇ) ହନୁମାନ; ଭୀମ ।

ମାର୍କଣ୍ଡ, ମାର୍କଣ୍ଡେୟ - ବ. (ମୃକଣ୍ଡୁ-ଅ, ଏୟ) ମୁନିବିଶେଷ ।

ମାର୍ଗ-ବ. (ମାର୍ଗ୍-ଅ) ପଥ ।

ମାର୍ଗଣ-ବ. ( ମାର୍ଗ୍-ଅନ ) ଅନୁସନ୍ଧାନ; ବାଣ, ଶର ।

ମାର୍ଗଶିର, ମାର୍ଗଶୀର୍ଷ - ବ. ଅଗ୍ରହାୟଣ ମାସ ।

ମାର୍ଜନ, ମାର୍ଜନା - ବ. ( ମୃଜ୍-ଅନ-ଅ ) ପରିଷ୍କରଣ; ପ୍ରକ୍ଷାଳନ; କ୍ଷମା ।

ମାର୍ଜନୀ-ବ. ( ମୃଜ୍-ଅନ-ଈ ) ଯାହା ଦ୍ୱାରା ମାର୍ଜନା କରାଯାଏ: (ଝାମୁଣ୍ଡ ପ୍ରଭୃତି) ।

ମାର୍ଜନୀୟ-ବି. ( ମୃଜ୍-ଅନୀୟ ) କ୍ଷମାଯୋଗ୍ୟ ।

ମାର୍ଜାର-ବ. ବିରାଡ଼ି ।

ମାର୍ଜିତ-ବି. (ମୃଜ୍-ତ) ପରିଷ୍କୃତ; ପ୍ରକ୍ଷାଳିତ ।

ମାର୍ତ୍ତଣ୍ଡ-ବ. (ମୃତଣ୍ଡ-ଅ) ସୂର୍ଯ୍ୟ ।

ମାର୍ଦ୍ଦଙ୍ଗିକ-ବି. (ମୃଦଙ୍ଗ-ଇକ) ମୃଦଙ୍ଗବାଦକ ।

ମାର୍ଦ୍ଦବ-ବ. (ମୃଦୁ-ଅ) ମୃଦୁଭାବ, କୋମଳତା ।

ମାଳ-ବ. ଉନ୍ନତ ଭୂମି ।

ମାଲ୍-ବ. (ଆରବୀ) ସମ୍ପତ୍ତି, ଧନ, ବାଣିଜ୍ୟଦ୍ରବ୍ୟ

ମାଲ-ବ. (ମଲ୍ଲଶବ୍ଦଜ) ଯୋଦ୍ଧା ।

ମାଲଖାନା-ବ. ଖଜଣାଖାନା ।

ମାଲତୀ-ବ. ମାଲତୀଲତା ଓ ପୁଷ୍ପ ।

ମାଲପା-ବ. ତେଲ, ମଥାଦନ୍ତ ।

ମାଳା, ମାଳିକା - ବ. ପୁଷ୍ପମାଲ୍ୟ; ହାର; ଶ୍ରେଣୀ । ସମୂହ ।

ମାଳି-ବ. ମାଳା ।

ମାଲିକ-ବ. (ଆରବୀ) ପ୍ରଭୁ, ସ୍ୱାମୀ ।

ମାଲିକାନା-ବ. (ଆରବୀ) ଖଜଣା ।

ମାଳିନ୍ୟ-ବ. (ମଳିନ-ଯ) ମଳିନତା ।

ମାଳୀ-ବ. ମାଳାକାର; ଉଦ୍ୟାନପାଳ ।

ମାଲୁଣୀ-ବ. ମାଳିକାଜାତୀୟା ସ୍ତ୍ରୀ ।

ମାଲ୍ୟ-ବ. ପୁଷ୍ପମାଳା ।

ମାଶୁଲ-ବ. (ଅଁରବୀ) ଶୁଳ୍କ; କର ।

ମାଷ-ବ. ବୃଦ୍ଧ ।

ମାଷକ-ବ. ଏକ ମଷା (ଓଜନ) ।

ମାସ-ବ. (ମା-ଅସ୍-ଅ) ବର୍ଷର ବାର ଭାଗର ଏକ ଭାଗ; ଚନ୍ଦ୍ରମାସ ଦ୍ୱିପକ୍ଷାତ୍ମକ କାଳ; ସୌର-ମାସ ସଂକ୍ରାନ୍ତି ଦ୍ୱାରା ପରିମିତ କାଳ ।

ମାସାନ୍ତ-ବ. (ମାସ ଅନ୍ତ) ସଂକ୍ରାନ୍ତିର ପୂର୍ବଦିନ ।

ମାସିକ-ବିଂ. ମାସେ ମାସେ ଦେୟ ବା କର୍ତ୍ତବ୍ୟ ।

ମାସ୍ତୁଲ-ବ. (ଇଉରୋପୀୟ ଭାଷାରୁ) ଜାହା-ଜର ଉପରସ୍ଥ ଉଚ୍ଚ ସ୍ତମ୍ଭ । [ମହିମା ।

ମାହାତ୍ମ୍ୟ-ବ. (ମହାତ୍ମନ୍-ଯ) ପ୍ରଭାବ; ଗୌରବ;

ମାହାରୀ-ବ. ଦେବାଳୟର ନର୍ତ୍ତକୀ ।

ମାହାଲି-ବ. ବୃକ୍ଷବିଶେଷ ।

ମାହାଳିଆ-ବିଂ. ଅକାରଣ; ଫୋକଟ ।

ମାହୁନ୍ତ-ବ. ହସ୍ତୀର ଚାଳକ ।

ମାହେନ୍ଦ୍ର-କ୍ଷଣ-ବ. ଶୁଭକ୍ଷଣ ।

ମାହେଶ୍ୱର ବ.(ମହେଶ୍ୱର-ଅ) ଶୈବୋପାସକ ।

ମିଛ-ବ. (ମିଥ୍ୟାଶବ୍ଦଜ) ଅସତ୍ୟ ।

ମିଛୁଆ-ବିଂ. ମିଥ୍ୟାବାଦୀ ।

ମିଟାଇବା-କ୍ରି. ଶେଷ କରିବା; ନିଷ୍ପତ୍ତି କରିବା ।

ମିଠା-ବିଂ. (ମିଷ୍ଟଶବ୍ଦଜ) ମିଷ୍ଟ, ସୁସ୍ୱାଦୁ, ମଧୁର ।

ମିଠାଇ-ବ. ମିଷ୍ଟାନ୍ନ; ମିଷ୍ଟଦ୍ରବ୍ୟ ।

ମିଣିପ-ବ. ପୁରୁଷ ।

ମିତ-ବ. (ମିତ୍ରଶବ୍ଦଜ) ମିତ୍ର, ବନ୍ଧୁ ।

ମିତ-ବିଂ. (ମା-ତ) ପରିମିତ; ଅଳ୍ପ ।

ମିତ-ଭାଷୀ-ବିଂ. ଅଳ୍ପଭାଷୀ ।

ମିତ-ବ୍ୟୟୀ-ବିଂ. ଅଳ୍ପ-ବ୍ୟୟୀ ।

ମିତି-ବ. ପରିମାଣ ।

ମିତ୍ର-ବ. (ମିଦ୍-ତ୍ର) ବନ୍ଧୁ, ସଖା ।

ମିତ୍ରତା-ବ. ବନ୍ଧୁତା, ସୌହାର୍ଦ୍ଦ ।

ମିତ୍ରାକ୍ଷର-ବ. ପଦ୍ୟର ଚରଣେ ଚରଣେ ଶେଷା-କ୍ଷରର ମେଳ ।

ମିଥୁନ-ବ. (ମିଥ୍-ଉନ) ସ୍ତ୍ରୀ ପୁରୁଷର ଯୁଗଳ ଜ୍ୟୋତିଷରେ ରାଶିବିଶେଷ ।

ମିଥ୍ୟା-ଅଂ. (ମିଥ୍-ଯ-ଆ) ମିଛ, ଅସତ୍ୟ; ନିର-ମିଥ୍ୟାବାଦୀ-ବିଂ. ଯେ ମିଥ୍ୟା କହେ । [ର୍ଥକ ।

ମିନତି-ବ. (ବିନତିଶବ୍ଦଜ) ବିନୀତ ପ୍ରାର୍ଥନା ।

ମିଳନ-ବ. ( ମିଲ୍-ଅନ ) ମିଶ୍ରଣ, ସଂଯୋଗ; ସାଦୃଶ୍ୟ ।

ମିଳାଇବା-କ୍ରି. ( ମିଲ୍ଧାତୁ ) ତୁଳନା ଦ୍ୱାରା ନିର୍ଣ୍ଣୟ କରିବା ।

ମିଳିତ-ବିଂ. (ମିଲ୍-ତ) ସଂଯୁକ୍ତ, ମିଶ୍ରିତ; ପ୍ରାପ୍ତ ।

ମିଳିନ୍ଦ-ବ. ଭ୍ରମର ।

ମିଳିମିଳା-ବ. ରୋଗବିଶେଷ ।

ମିଳିବା-କ୍ରି. ଏକତ୍ର ହେବା; ପହଞ୍ଚିବା ।

ମିଶା-ବିଂ. (ମିଶ୍ରଶବ୍ଦଜ) ମିଶ୍ର ।

ମିଶାଣ-ବ. (ମିଶ୍ରଣଶବ୍ଦଜ) ଏକତ୍ରୀକରଣ ।

ମିଶିବା-କ୍ରି. (ମିଶ୍ରଧାତୁରୁ) ଏକତ୍ର ହେବା ।

ମିଶ୍ର-ବି. (ମିଶ୍ର-ଅ) ମିଳିତ; ମିଶା; ବି. ଉପାଧିବିଶେଷ ।

ମିଶ୍ରଣ ବି. ମିଳନ, ଯୋଗ ।

ମିଶ୍ରିତ ବି. (ମିଶ୍ର-ତ) ମିଳିତ, ଯୁକ୍ତ ।

ମିଷ-ବି. (ମିଷ୍-ଅ) ଛଳ । [ବି. ମିଷ୍ଟାନ୍ନ ।

ମିଷ୍ଟ-ବି. (ମିଷ୍-ତ) ମଧୁର, ସୁସ୍ୱାଦୁ, ସୁମଧୁର;

ମିଷ୍ଟାନ୍ନ-ବି. (ମିଷ୍ଟ-ଅନ୍ନ) ମଧୁର ଖାଦ୍ୟ; ମିଠେଇ ।

ମିସଲ୍-ବି. (ଆରବୀ) ମକଦ୍ଦମା ବିଚାରସ୍ଥଳ ।

ମିସି-ବି. ଦନ୍ତମାର୍ଜନାର୍ଥ ଦ୍ରବ୍ୟବିଶେଷ ।

ମିସ୍ରୀ-ବି. ଏକପ୍ରକାର ପରିଷ୍କୃତ ଶର୍କରା ।

ମିହିର-ବି. (ମିହ୍-ଇର) ସୂର୍ଯ୍ୟ ।

ମୀନ-ବି. ( ମୀ-ନ ) ମତ୍ସ୍ୟ; ଜ୍ୟୋତିଷିକ ରାଶିବିଶେଷ ।

ମୀନ-କେତନ-ବି. କନ୍ଦର୍ପ ।

ମୀମାଂସା-ବି. (ମାନ୍-ସନ୍-ଅ) ସିଦ୍ଧାନ୍ତ, ନିଷ୍ପତ୍ତି; ଦର୍ଶନଶାସ୍ତ୍ରବିଶେଷ ।

ମୀଲନ-ବି. ଚକ୍ଷୁ ବୁଜିବା ବା ସଂକୋଚନ ।

ମୀଳିତ-ବି. (ମୀଲ୍-ତ) ମୁଦ୍ରିତ, ଅବିକଶିତ ।

ମୁଁ-ସଂ. (ଅସ୍ମଦ୍‌ଶବ୍ଦଜ) ଅମ୍ଭେ, ମୁହିଁ ।

ମୁଁଆ-ବି. ଗୁଡ଼ କିମ୍ବା ମୁଢ଼ିରେ ପ୍ରସ୍ତୁତ ମିଷ୍ଟାନ୍ନବିଶେଷ ।

ମୁକୁଟ-ବି. (ମଙ୍କ୍-ଉଟ) କିରୀଟ; ଶିରୋଭୂଷଣ ।

ମୁକୁନ୍ଦ-ବି. (ମୁକୁଂ-ଦ) ମୁକ୍ତିଦାତା ; ବିଷ୍ଣୁ ।

ମୁକୁର-ବି. (ମଙ୍କ୍-ଉର) ଦର୍ପଣ, ଆର୍ଶି ।

ମୁକୁଳ-ବି. (ମୁକ୍-ଉଲ) କଳିକା, କଢ଼ି ।

ମୁକୁଳା-ବି. ମେଲା, ଖୋଲା ।

ମୁକୁଳିତ-ବି. ଈଷତ୍ ବିକଶିତ ।

ମୁକ୍ତ-ବି. (ମୁଚ୍-ତ) ଉଦ୍ଧାରପ୍ରାପ୍ତ; ବନ୍ଧନରୁ ଉଦ୍ଧୃତ ; ତ୍ୟକ୍ତ ।

ମୁକ୍ତ-କଣ୍ଠ-ବି. ଉଚ୍ଚୈଃସ୍ୱର ।

ମୁକ୍ତ-ହସ୍ତ-ବି. ଦାନଶୀଳ ।

ମୁକ୍ତା-ବି. ମୌକ୍ତିକ, ମୋତି ।

ମୁକ୍ତା-ଫଳ-ବି. ମୋତି । ପରିତ୍ରାଣ

ମୁକ୍ତି-ବି. (ମୁଚ୍-ତି) ସଂସାର-ବନ୍ଧନରୁ ଉଦ୍ଧାର;

ମୁଖ ବି. ଆନନ, ବଦନ ।

ମୁଖର-ବି. (ମୁଖ-ର) ବାଚାଳ; ଶବ୍ଦିତ ।

ମୁଖରିତ-ବି. ( ମୁଖର-ଇତ ) ଶବ୍ଦାୟମାନ, ଧ୍ୱନିତ ।

ମୁଖ-ଚୋରା-ବି. କଥା କହିବାରେ ଲଜ୍ଜାଶୀଳ ।

ମୁଖାଗ୍ନି-ବି. (ମୁଖ-ଅଗ୍ନି) ଶବମୁଖରେ ପ୍ରଦତ୍ତ ଅଗ୍ନି ।

ମୁଖାପେକ୍ଷା-ବି. (ମୁଖ-ଅପେକ୍ଷା) ପକ୍ଷପାତ ।

ମୁଖ୍ୟ-ବି. (ମୁଖ-ଯ) ପ୍ରଧାନ, ଶ୍ରେଷ୍ଠ ।

ମୁଗ-ବି. (ମୁଦ୍ଗଶବ୍ଦଜ) ଡାଲିବିଶେଷ ।

ମୁଗୁନି-ବି. କୃଷ୍ଣବର୍ଣ୍ଣ ପ୍ରସ୍ତରବିଶେଷ ।

ମୁଗୁର-ବି. (ମୁଦ୍ଗରଶବ୍ଦଜ) ନିହାଣ ବାଡ଼େଇବାର ମୁଦ୍ଗରାକାର କାଷ୍ଠଯନ୍ତ୍ର ।

ମୁଗ୍ଧ-ବି. (ମୁହ୍-ତ) ମୂଢ଼; ସୁନ୍ଦର; ମୋହିତ ।

ମୁଗ୍ଧା-ବି. ସରଳସ୍ୱଭାବା ନାୟିକା; ନବୋଢ଼ା ।

ମୁଚୁଳିକା-ବି. ଏକରାର-ପତ୍ର ।

ମୁଚୁଲା-ବି. ମାଣ୍ଡି, ତଡ଼ଅ ।

ମୁଠା-ବି. ( ମୁଷ୍ଟିଶବ୍ଦଜ ) କୁଞ୍ଚିତ କରତଳ; ଖଡ୍ଗାଦିର ବେଣ୍ଟ ।

ମୁଠି-ବି. (ମୁଷ୍ଟିଶବ୍ଦଜ) ମୁଷ୍ଟିମେୟ ଦ୍ରବ୍ୟ; ଜାପିଭର ଛୁରାଦି ରଖିବାର ଥଳୀ ।

ମୁଠୁଣି-ବି. (ମୁଷ୍ଟିଶବ୍ଦଜ) କହୁଣୀଠାରୁ ମୁଠାପର୍ଯ୍ୟନ୍ତ ।

ମୁଡ଼ି-ବି. ଭୃଷ୍ଟତଣ୍ଡୁଳ, ଭଜାଚାଉଳ ।

ମୁଣି-ବି. ଥଳୀ ।

ମୁଣ୍ଡୁହୁ-ଅ. ଠିଲେ, ଅଦୌ ।

ମୁଣ୍ଡ-ବି. (ମୁଣ୍ଡ୍-ଅ) ଶିରଃ, ମସ୍ତକ ।

ମୁଣ୍ଡନ-ବି. (ମୁଣ୍ଡ୍-ଅନ) ମସ୍ତକ ଲଣ୍ଡା କରିବା ।

ମୁଣ୍ଡା-ବି. ଗୋଲାକୃତ ମୂଳ ।

ମୁଣ୍ଡି-ବି. କାଷ୍ଠଗଣ୍ଡି ।

ମୁଣ୍ଡିତ-ବିଂ. କେଶ-ଶୂନ୍ୟକୃତ ।

ମୁଥ-ବି. (ମୁଷ୍ଟିଶବ୍ଦଜ) ମୁଠି, ଗଦା ।

ମୁଥା-(ମୁସ୍ତାଶବ୍ଦଜ) ଘାସମୂଳବିଶେଷ ।

ମୁଦ-ବି. (ମୁଦ-ଅ) ପ୍ରୀତି, ହର୍ଷ ।

ମୁଦ-ବି. (ମୁଦ୍ଧାତୁରୁ) ମୁଦ୍ରଣ, ମୁଦ୍ରା ।

ମୁଦି-ବି. ମୁଦିକା, ଅଙ୍ଗୁରୀୟକ ।

ମୁଦିତ-ବିଂ. (ମୁଦ୍-ତ) ହୃଷ୍ଟ, ପ୍ରୀତ, ଆହ୍ଲାଦିତ ।

ମୁଦିବା-କ୍ରି. ବନ୍ଦ କରିବା ।

ମୁଦିର-ବି. (ମୁଦ୍-ଇର) ମେଘ ।

ମୁଦ୍ଗ-ବି. (ମୁଦ୍-ଗ) ମୁଗ ।

ମୁଦ୍ଗର-ବି. (ମୁଦ୍-ଗୃ-ଅ) ଗଦା, ମୁଗୁର ।

ମୁଦ୍ରଣ-ବି. (ମୁଦ୍ର୍-ଅନ) ମୁଦ୍ରିତକରଣ; ଅଙ୍ଗୁଳିମୁଦ୍ରା ।

ମୁଦ୍ରା-ବି. (ମୁଦ୍-ର-ଆ) ମୋହର; ଛପା; ମୋହର ଟଙ୍କା ପଇସା ପ୍ରଭୃତି; ପୂଜାଦି ସମୟରେ ହସ୍ତ ମୁଖାଦିର ଭଙ୍ଗୀ ।

ମୁଦ୍ରାଙ୍କନ-ବି. (ମୁଦ୍ରା-ଅଙ୍କନ) ଛପା କରିବା ।

ମୁଦ୍ରା-ଯନ୍ତ୍ର-ବି. ମୁଦ୍ରା କରିବାର ଯନ୍ତ୍ର; ଛପା କରିବାର କଳ ।   [ଯୁକ୍ତ; ମୁଦ୍ରିତ ଲିପି ।

ମୁଦ୍ରିକା-ବି. ମୁଦି; ଖୋଦିତ ଲିପିଯୁକ୍ତ ଅଙ୍ଗୁରୀ-

ମୁଦ୍ରିତ-ବିଂ. ମୁଦ୍ରାଦ୍ୱାରା ଚିହ୍ନିତ; ଛପା; ନିମୀଳିତ ।

ମୁନି-ବି. ଅସ୍ତ୍ରାଦିର ତୀକ୍ଷ୍ଣ ଅଗ୍ରଭାଗ ।

ମୁନିଫା-ବି. (ଆରବୀ) ଲାଭ ।

ମୁନି-ବି. (ମନ୍-ଇ) ଋଷି, ତପସ୍ୱୀ; ମୌନବ୍ରତୀ ।

ମୁନି-ପୁଙ୍ଗବ-ବି. ମୁନିଶ୍ରେଷ୍ଠ ।   [ଇଚ୍ଛା ।

ମୁମୁକ୍ଷା-ବି. (ମୁଚ୍-ସନ୍-ଅ) ମୁକ୍ତି ପାଇବାର

ମୁମୁକ୍ଷୁ-ବିଂ. (ମୁଚ୍-ସନ୍-ଉ) ମୋକ୍ଷେଚ୍ଛୁ; ବି. ଯତି, ଭିକ୍ଷୁ ।

ମୁମୂର୍ଷା-ବି. (ମୃ-ସନ୍-ଅ) ମରଣେଚ୍ଛା ।

ମୁମୂର୍ଷୁ-ବିଂ. (ମୃ-ସନ୍-ଉ) ଆସନ୍ନମୃତ୍ୟୁ, ମର-

ମୁରଜ-ବି. ମୃଦଙ୍ଗ ।   [ଣେଚ୍ଛୁ ।

ମୁରଲୀ-ବି. (ମୁର୍-ଲା-ଅ-ଈ) ବଂଶୀ, ବେଣୁ ।

ମୁରାରି-ବି. (ମୁର-ଅରି) ଶ୍ରୀକୃଷ୍ଣ ।

ମୁରୁଜ-ବି. ଚାଉଳ ଓ ଗଡ଼ମିଶ୍ରିତ ଚୂର୍ଣ୍ଣ ।

ମୁର୍ମୁରି-ବି. ତୁଷାନଳ ।   [ଦର କରିବା ।

ମୁଲାଇବା-କ୍ରି. (ମୂଲ୍ୟଶବ୍ଦଜ) ଝଡ଼ କରିବା,

ମୁଷଳ-ବି. ଚିକ୍କପାହାର; ମୁଦ୍ଗର ।

ମୁଷଳୀ-ବି. (ମୁଷଳ-ଇନ୍) କୃଷ୍ଣଭ୍ରାତା ବଳରାମ ।

ମୁଷିତ–ବି. ( ମୁଷ୍-ତ ) ଚୋରିତ, ଅପହୃତ ; ବଞ୍ଚିତ ।

ମୁଷ୍କ–ବି. ଅଣ୍ଡକୋଷ । [ନ୍ଦିର ବେଣ୍ଟ ।

ମୁଷ୍ଟି–ବି. (ମୁଷ୍-ତି) କୁଞ୍ଚିତ ହସ୍ତ, ମୁଠା ; ଖଡ୍ଗା-

ମୁଷ୍ଟିମେୟ–ବି. (ମୁଷ୍ଟି-ମେୟ) ମୁଷ୍ଟିଦ୍ୱାରା ପରିମେୟ, ଅଳ୍ପପରିମାଣ, ଅଳ୍ପସଂଖ୍ୟକ ।

ମୁସଲମାନ–ବି. ମହମ୍ମଦୀୟ-ଧର୍ମାବଲମ୍ବୀ ।

ମୁସାଫେର୍–ବି. (ଆରବୀ) ଭ୍ରମଣକାରୀ ।

ମୁସ୍କିଲ୍–ବି. (ଆରବୀ) କଷ୍ଟଜନକ ।

ମୁହଁ–ବି. (ମୁଖଶବ୍ଦଜ) ମୁଖ ।

ମୁହିଁ–ସଂ (ଅସ୍ମଦ୍ଶବ୍ଦଜ) ମୁଁ ।

ମୁହୁଃ–ଅ. ପୁନଃପୁନଃ, ବାରମ୍ବାର ।

ମୁହୂର୍ତ୍ତ–ବି. କ୍ଷଣକାଳ ; ଦିବାରାତ୍ରିର ୩୦ ଭାଗର ଏକ ଭାଗ ।

ମୁହ୍ୟମାନ–ବି. (ମୁହ୍-ଯ-ଆନ) ବିକଳଚିତ୍ତ ।

ମୂକ–ବି. (ମୁ-କ) ବାକ୍ଶକ୍ତିରହିତ, ବୋବା ।

ମୂକତା–ବି. ବାକ୍ଶକ୍ତିହୀନତା ।

ମୂଢ–ବି. (ମୁହ୍-ତ) ମୂର୍ଖ, ଅଜ୍ଞାନ ।

ମୂଢ-ଗର୍ଭ–ବି. ମୃତ ଭ୍ରୂଣ, ଗର୍ଭରେ ମୃତ ଶିଶୁ ।

ମୂତ–ବି. ମୂତ୍ର ।

ମୂତ୍ର–ବି. ( ମୁ-ତ୍ର ) ପ୍ରସ୍ରାବ । [ସ୍ଥାନ ।

ମୂତ୍ରାଶୟ–ବି. ( ମୂତ୍ର-ଆଶୟ ) ତଳପେଟ, ମୂତ୍ର-

ମୂର୍ଖ–ବି. ( ମୁହ୍-ଖ ) ଅଜ୍ଞ, ମୂଢ ।

ମୂର୍ଚ୍ଛନା–ବି. (ମୂର୍ଚ୍ଛ୍-ଅନ-ଆ) ମୂର୍ଚ୍ଛା ; ସଂଗୀତରେ ସ୍ୱରର ଆରୋହ ଓ ଅବରୋହ ।

ମୂର୍ଚ୍ଛା–ବି. (ମୂର୍ଚ୍ଛ୍-ଆ) ମୋହ, ଅଚୈତନ୍ୟ ।

ମୂର୍ଚ୍ଛିତ–ବି. ମୂର୍ଚ୍ଛାଗତ । [ ଯିବା ।

ମୂର୍ଚ୍ଛିବା–କ୍ରି. ( ମୂର୍ଚ୍ଛ୍‌ଧାତୁଜ ) ମୂର୍ଚ୍ଛିତ ହେବା ।

ମୂର୍ତ୍ତ–ବି. ( ମୂର୍ଚ୍ଛ୍-ତ ) ମୂର୍ତ୍ତିମାନ୍ ।

ମୂର୍ତ୍ତି–ବି. ( ମୂର୍ଚ୍ଛ୍-ତି ) ଆକୃତି; ପ୍ରତିମା ; ଶରୀର ।

ମୂର୍ତ୍ତିମାନ୍–ବି. (ମୂର୍ତ୍ତି-ମତ୍) ମୂର୍ତ୍ତି, ଶରୀରଧାରୀ ।

ମୂର୍ଦ୍ଧଜ–ବି. (ମୂର୍ଦ୍ଧନ୍-ଜ) କେଶ ।

ମୂର୍ଦ୍ଧନ୍ୟ–ବି. (ମୂର୍ଦ୍ଧନ୍-ଯ) ମୂର୍ଦ୍ଧାରୁ ଉଚ୍ଚାରିତ ।

ମୂର୍ଦ୍ଧା–ବି. ମସ୍ତକ ।

ମୂର୍ବା–ବି. (ମୁର୍ବ୍-ଅ-ଆ) ମୁରୁବାଗଛ ।

ମୂଳ–ବି. (ମୂଳ୍-ଅ) ଗଛର ଚେର; ଆଦିକାରଣ; [ଅସଲ ।

ମୂଳକ–ବି. (ମୂଳ-କ) ମୂଳା ।

ମୂଳୀଭୂତ–ବି. (ମୂଳ-ଭୂତ) ହେତୁଭୂତ, ନିଦାନ, [ସ୍ୱରୂପ ।

ମୂଲ୍ୟ–ବି. (ମୂଲ-ଯ) ଦାମ, ଭାଉ ।

ମୂଷା–ବି. (ମୂଷିକଶବ୍ଦଜ) ଇନ୍ଦୁର ।

ମୂଷା–ବି. ସ୍ୱର୍ଣ୍ଣାଦି ଦ୍ରବ କରିବାର ପାତ୍ର, କୋଇ ।

ମୂଷିକ–ବି. ମୂଷା, ଇନ୍ଦୁର ।

ମୃଗ–ବି. (ମୃଗ୍-ଅ) ହରିଣ; ପଶୁ ।

ମୃଗତୃଷ୍ଣା } ମୃଗତୃଷ୍ଣିକା } ବି. ମରୀଚିକା, ପ୍ରଖର ସୂର୍ଯ୍ୟକିରଣରେ ବାଲୁକାରେ ଜଳ-ଭ୍ରମ; ତୃଷାର୍ତ୍ତ ମୃଗମାନଙ୍କର ଜଳଭ୍ରାନ୍ତି ।

ମୃଗନାଭି–ବି. (ମୃଗ-ନାଭି) ମୃଗମଦ, କସ୍ତୁରୀ ।

ମୃଗୟା–ବି. (ମୃଗ-ଯ-ଆ) ବନ ପର୍ଯ୍ୟଟନପୂର୍ବକ ମୃଗବଧ; ପଶୁ-ଶିକାର ।

ମୃଗ-ରାଜ-ବି. ସିଂହ ।

ମୃଗ-ବାହନ-ବି. ପବନ ।

ମୃଗଶିରାଃ } ବି. ( ମୃଗ-ଶିରସ୍, ଶୀର୍ଷ ) ନକ୍ଷତ୍ର-
ମୃଗଶୀର୍ଷ } ବିଶେଷ ।

ମୃଗାଙ୍କ-ବି. (ମୃଗ-ଅଙ୍କ) ଚନ୍ଦ୍ର । [ବାଘ ।

ମୃଗାଦନ-ବି. (ମୃଗ-ଅଦ୍-ଅନ) ତରକ୍ଷୁ, ଚିତା-

ମୃଗେନ୍ଦ୍ର-ବି. ( ମୃଗ-ଇନ୍ଦ୍ର ) ପଶୁରାଜ ।

ମୃଗ୍ୟ-ବିଂ. ( ମୃଗ୍-ଯ ) ଅନ୍ୱେଷଣୀୟ ।

ମୃଡ଼-ବି. ( ମୃଡ୍-ଅ ) ଶିବ, ମହାଦେବ ।

ମୃଡ଼ାନୀ-ବି. ଦୁର୍ଗା ।

ମୃଣାଳ-ବି. ( ମୃଣ୍-ଅଳ ) ପଦ୍ମନାଡ଼ ।

ମୃଣାଳିନୀ-ବି. (ମୃଣାଳ-ଇନ୍-ଈ ) ପଦ୍ମିନୀ ।

ମୃଣ୍ମୟ-ବିଂ. (ମୃତ୍-ମୟ) ମୃତ୍ତିକାନିର୍ମିତ ।

ମୃତ-ବିଂ. (ମୃ-ତ) ମୃତ୍ୟୁପ୍ରାପ୍ତ, ଗତପ୍ରାଣ ।

ମୃତକ-ବି. ମରଣାଶୌଚ ।

ମୃତ-କଳ୍ପ-ବିଂ. ମୃତପ୍ରାୟ ।

ମୃତ-ବତ୍ସା-ବିଂ. ଯେ ସ୍ତ୍ରୀର ସନ୍ତାନ ବଞ୍ଚେ ନାହିଁ ।

ମୃତି-ବି. (ମୃ-ତି) ମୃତ୍ୟୁ ।

ମୃତ୍ତିକା-ବି. (ମୃଦ୍-ତିକ-ଆ) ମାଟି ; ଭୂମି ।

ମୃତ୍ୟୁ-ବି. (ମୃ-ତ୍ୟୁ) ପ୍ରାଣବିୟୋଗ, ମରଣ ।

ମୃତ୍ୟୁଞ୍ଜୟ-ବି. (ମୃତ୍ୟୁ-ଜି-ଅ) ଯେ ମୃତ୍ୟୁକୁ ଜିଣେ, ପରମେଶ୍ୱର ।

ମୃଦଙ୍ଗ-ବି. (ମୃଦ୍-ଅଙ୍ଗ) ମୁରଜ; ପଖାଉଜ ।

ମୃଦଙ୍ଗାର-ବି.(ମୃଦ୍-ଅଙ୍ଗାର) ପଥରକୋଇଲା ।

ମୃଦୁ-ବିଂ. (ମୃଦ୍-ଉ) କୋମଳ, ନରମ; ମନ୍ଦ ।

ମୃଦୁଳ-ବିଂ. (ମୃଦୁ-ଲ) କୋମଳ, ନରମ ।

ମୃଦ୍ୱୀ-ବିଂ. (ମୃଦୁ-ଈ) କୋମଳାଙ୍ଗୀ ।

ମୃଷା-ଅଂ. ମିଥ୍ୟା ।

ମୃଷ୍ଟ-ବିଂ. (ମୃଷ୍-ତ) ମାର୍ଜିତ ।

ମେକଲ-କନ୍ୟକା-ବି. ନର୍ମଦାନଦୀ ।

ମେକାପ-ବି. ରାଜଗୃହରେ ବସ୍ତ୍ର-ରକ୍ଷାକାରୀ ।

ମେଖଳା-ବି. ( ମି-ଖଲ-ଆ ) କଟିସୂତ୍ର, କଟି-ଭୂଷଣ ।

ମେଘ-ବି. (ମିହ୍-ଅ) ଜଳଦ, ପୟୋଦ ।

ମେଘ-ନାଦ-ବି. ମେଘଧ୍ୱନି ; ରାବଣପୁତ୍ର ଇନ୍ଦ୍ର-ଜିତ୍ ।

ମେଘାଗମ-ବି. (ମେଘ-ଆଗମ) ବର୍ଷାର ଆରମ୍ଭ ।

ମେଘୁଆ-ବିଂ. ମେଘାଚ୍ଛନ୍ନ ।

ମେଚକ-ବିଂ.(ମେଚ୍-ଅକ) ଶ୍ୟାମବର୍ଣ୍ଣ, ଶ୍ୟାମଳ ।

ମେଜ-ବି. ( ଆରବୀ ) ଦ୍ରବ୍ୟ ରଖିବାର କାଷ୍ଠୋ-

ମେଞ୍ଚା-ବି. ପୁଳା । [ ପକରଣ ।

ମେଢ଼-ବି. ପ୍ରତିମା ରଖିବାର ସଜ୍ଜିତ ସ୍ଥାନ ।

ମେଣ୍ଟା, ମେଣ୍ଟି-ବି. ତମାଖୁର ବଡ଼ା ; ଅନେକ ଗୁଡ଼ିଏ ଧାନ-କେଣ୍ଡାର ସମଷ୍ଟି ।

ମେଣ୍ଟିବା-କ୍ରି. ଖଣ୍ଡିତ ହେବା; ମୀମାଂସିତ ହେବା ।

ମେଣ୍ଢା-ବି. (ମେଢ୍ର ଶବ୍ଦଜ) ମେଷ, ପଶୁବିଶେଷ ।

ମେଥି } ବି. ମେଥିଶାଗ, ମେଥିଫଳ ।
ମେଥିକା }

ମେଦ } ବି. ( ମିଦ୍-ଅ,-ଅସ୍ ) ଅସ୍ଥିର ମଜ୍ଜା ;
ମେଦଃ } ବସା, ଚର୍ବି ।

ମେଦିନୀ-ବି. (ମେଦ-ଇନ୍-ଈ) ପୃଥିବୀ ।

ମେଦୁର-ବି°. (ମିଦ୍-ଉର) ଚିକ୍କଣ ; ସ୍ନିଗ୍ଧ ; ଶ୍ୟାମଳ ।

ମେଧ-ବି. (ମେଧ୍-ଅ) ଯଜ୍ଞ, ଯାଗ । [ଶକ୍ତି ।

ମେଧା-ବି. (ମେଧ୍-ଆ) ଧାରଣାବତୀ ବୁଦ୍ଧି; ସ୍ମୃତି-

ମେଧାବୀ-ବି°. (ମେଧା-ବିନ୍) ମେଧାବିଶିଷ୍ଟ ; ଧୀମାନ୍ ।

ମେଧ୍ୟ-ବି°. (ମେଧ-ଯ) ଶୁଦ୍ଧ, ପବିତ୍ର ; ଯଜ୍ଞୀୟ ।

ମେନକା, ମେନା } ବି. ହିମାଳୟପତ୍ନୀ ; ସ୍ୱର୍ବେଶ୍ୟା-ବିଶେଷ ।

ମେୟ-ବି°. (ମା-ଯ) ପରିମେୟ; ଅନୁମେୟ ।

ମେରଆ-ବି. ନର-ବଳି ।

ମେରୁ-ବି. (ମି-ରୁ) ପୁରାଣୋକ୍ତ ସୁମେରୁ ପର୍ବତ; ପୃଥିବୀର ଉତ୍ତର ଓ ଦକ୍ଷିଣ ପ୍ରାନ୍ତ; ପୃଷ୍ଠବଂଶ ; ଜପମାଳାର ଉପରସ୍ଥ ପ୍ରଧାନ ବୀଜ ।

ମେରୁ-ଦଣ୍ଡ-ବି. ପିଠିର ମଧ୍ୟସ୍ଥିତ ଅସ୍ଥି; ଭୂଗୋଳରେ କେନ୍ଦ୍ରଭେଦୀ ସରଳରେଖା ।

ମେଳ-ବି.(ମିଳ୍-ଅ) ଐକ୍ୟ, ମିଳନ । [ମିଶିବା ।

ମେଳନ-ବି. (ମିଳ୍-ଅନ) ଏକତ୍ର ହେବା;

ମେଳା-ବି. ଉତ୍ସବ ବା ବାଣିଜ୍ୟାର୍ଥ ଲୋକ-ସମାଗମ ।

ମେଲ୍ଲ-ବି, ପ୍ରଶସ୍ତ ସ୍ଥାନ ; କାନ୍ଥ ନ ଥିବା ଘର ;

ମେଲ୍ଲଣି-ବି. ବିଦାୟ । [ବି°. ଖୋଲା ।

ମେଳିଆ-ବି°. ଅନେକ ଲୋକଙ୍କୁ ମିଳାଇ ଆନ୍ଦୋଳନ କରିବା ବ୍ୟକ୍ତି ।

ମେଲିବା-କ୍ରି. ପ୍ରକାଶ କରିବା; ବିସ୍ତାର କରିବା ।

ମେଷ-ବି. (ମିଷ୍-ଅ) ମେଣ୍ଢା; ଜ୍ୟୋତିଷର ରାଶିବିଶେଷ ; ଲଗ୍ନବିଶେଷ ।

ମେହ-ବି. (ମିହ୍-ଅ) ଶୁକ୍ରକ୍ଷୟ ରୋଗବିଶେଷ ।

ମେହନତି-ବି. (ଆରବୀ) ପରିଶ୍ରମ ।

ମେହନ୍ତର-ବି. (ଆରବୀ) ମାହାର ; ଯେ ମଇଲା ସଫାକରେ ।

ମେହେରବି-ବି. ତୋରଣ, ଖିଲାଣ ।

ମୈତ୍ର-ବି. (ମିତ୍ର-ଅ) ମିତ୍ରତା, ସୌହାର୍ଦ୍ଦ ।

ମୈତ୍ରୀ, ମୈତ୍ର୍ୟ } ବି.(ମିତ୍ର-ଅ-ଈ,ଯ)ମିତ୍ରତା, ସୌହାର୍ଦ୍ଦ

ମୈଥିଳୀ-ବି. (ମିଥିଲା-ଅ-ଈ) ସୀତା, ଜାନକୀ ।

ମୈଥୁନ-ବି. (ମିଥୁନ-ଅ) ରତିକ୍ରିୟା ।

ମୈଦାନ-ବି. ପଡିଆ, ବଲ; ମଳତ୍ୟାଗ ।

ମୈନା-ବି. ଶାରି ।

ମୈନାକ-ବି. (ମେନକା-ଅ) ପର୍ବତବିଶେଷ ।

ମୈରଚିରଆ-ବି. ଗୁଡଆ ।

ମୈଳା-ବି. କଷ୍ଟା ; ବି°. ମଳିଆ । [କର୍ଣ୍ଣ ।

ମୋକ୍ତା-ବି°. (ମୁଚ୍-ତୃ) ମୋଚନକର୍ତ୍ତା ; ଦାଣ-

ମୋକ୍ତାର-ବି. ବାଦୀ ବା ପ୍ରତିବାଦୀ ପକ୍ଷର ଜବାବ ଦେବା ଲୋକ ।

ମୋକ୍ଷ-ବି. (ମୋକ୍ଷ୍-ଅ) ମୁକ୍ତି । [କରଣ ।

ମୋକ୍ଷଣ-ବି. (ମୋକ୍ଷ୍-ଅନ) ମୋଚନ, ଉଦ୍ଧାର-

ମୋଗଲ-ବି. ମୁସଲମାନ ଜାତିବିଶେଷ ।

ମୋଘ-ବି°. (ମୁହ-ଅ) ବ୍ୟର୍ଥ ।

ମୋଚ-ବି. କଦଳୀଭଣ୍ଡା ।

ମୋଚନ-ବି. (ମୁଚ୍-ଅନ) ମୁକ୍ତି, ପରିତ୍ରାଣ ।

ମୋଚି-ବି. ଯୋତା-ନିର୍ମାତା ।
ମୋଚ୍ୟ-ବିଂ. ମୋଚନ-ଯୋଗ୍ୟ ।
ମୋଟ-ବି. ସମୁଦାୟ; ବିଂ. ସ୍ଥୂଳ ।
ମୋଟକ-ବି. (ମୁଟ୍-ଅକ) ଶ୍ରାଦ୍ଧାଦିରେ ପ୍ରଯୋ-
ମୋଟା-ବିଂ. ସ୍ଥୂଳ । [ଜନୀୟ ଭଗ୍ନ କୁଶଦ୍ୱୟ ।
ମୋଡ଼-ବି. ବାଙ୍କ । [ବିଶେଷ; ଘଷା ।
ମୋଡ଼ା-ବି. ବାଂଶ ଓ ବେତ ନିର୍ମିତ ଆସନ-
ମୋଡ଼ିବା-କ୍ରି. ବକ୍ର କରିବା ।
ମୋଦ-ବି. (ମୁଦ୍-ଅ) ଆମୋଦ, ହର୍ଷ ।
ମୋଦକ-ବି. ( ମୁଦ୍-ଣିଚ୍-ଅକ ) ମିଷ୍ଟ ଔଷଧ-ବିଶେଷ ।
ମୋଦିତ-ବିଂ. (ମୁଦ୍-ଣିଚ୍-ତ) ଆହ୍ଲାଦିତ ।
ମୋଦୀ-ବି. ଚାଉଳ ଡାଲି ପ୍ରଭୃତି ବ୍ୟବସାୟୀ ।
ମୋଷ, ମୋଷଣ } ବି. (ମୁଷ୍-ଅ, ଅନ) ଅପହରଣ ।
ମୋହ-ବି. (ମୁହ୍-ଅ) ମୂର୍ଚ୍ଛା, ଅଜ୍ଞାନ, ମୂଢତା ।
ମୋହନ-ବି. ( ମୁହ୍-ଣିଚ୍-ଅନ ) ମୁଗ୍ଧକରଣ; ବିଂ. ମୁଗ୍ଧକାରୀ; ମୋହଜନକ ।
ମୋହର-ବି. ସ୍ୱର୍ଣ୍ଣମୁଦ୍ରା । [ମୁଗ୍ଧ ।
ମୋହିତ-ବିଂ. ( ମୋହ-ଇତ ) ମୋହପ୍ରାପ୍ତ;
ମୋହିନୀ-ବିଂ. (ମୋହ-ଇନ୍-ଈ) ମୁଗ୍ଧକାରିଣୀ ।
ମୋହିବା-କ୍ରି. ମୋହିତ କରିବା ।
ମୌକୁଳି-ବି. ବାୟସ, କାକ ।
ମୌକ୍ତିକ-ବି. ମୁକ୍ତା, ମୋତି । [ବାଦ୍ୟ ।
ମୌଖିକ-ବିଂ. ( ମୁଖ-ଇକ ) ମୁଖସମ୍ବନ୍ଧୀୟ;

ମୌଜ-ବି. ଆମୋଦ ପ୍ରମୋଦ ।
ମୌଜା-ବି. (ଆରବୀ) ଗ୍ରାମ ।
ମୌଞ୍ଜୀ-ବି. (ମୁଞ୍ଜ-ଅ-ଈ) ମୁଞ୍ଜତୃଣର ମେଖଳା ।
ମୌଢ୍ୟ-ବି. (ମୂଢ଼-ଯ) ମୂଢତା, ମୂର୍ଖତା ।
ମୌନ-ବି. (ମୁନି-ଅ) ତୂଷ୍ଣୀମ୍ଭାବ, ନୀରବତା ।
ମୌନୀ-ବିଂ. (ମୌନ-ଇନ୍) ମୌନବ୍ରତଧାରୀ ।
ମୌରସୀ-ବିଂ. ପୁରୁଷାନୁକ୍ରମେ ଦଖଲୀ ।
ମୌର୍ବୀ-ବି. (ମୂର୍ବା-ଅ-ଈ) ଧନୁର୍ଗୁଣ ।
ମୌଲବୀ-ବି, ମୁସଲମାନ୍ ପଣ୍ଡିତ ।
ମୌଲା-ବି. (ମାତୁଳଶବ୍ଦଜ) ମାମୁଁ ।
ମୌଳି-ବି. ଶିଖା, ଚୂଡ଼ା; ମୁକୁଟ; ମସ୍ତକ ।
ମୌଳିକ-ବିଂ. (ମୂଳ-ଇକ) ମୂଳସମ୍ବନ୍ଧୀୟ ।
ମୌଳିବା-କ୍ରି. ଝାଉଁଳିବା, ମ୍ଳାନ ହେବା ।
ମ୍ରକ୍ଷଣ-ବି. (ମ୍ରକ୍ଷ୍-ଅନ) ଲେପନ ।
ମ୍ରଦିମା-ବି. (ମୃଦୁ-ଇମନ୍) ମୃଦୁତା ।
ମ୍ରିୟମାଣ-ବିଂ. (ମୃ-ଅନ) ମୃତପ୍ରାୟ; ଅବସନ୍ନ ।
ମ୍ଳାନ-ବିଂ. (ମ୍ଳୈ-ତ) ମଳିନ; ବିଷଣ୍ଣ ।
ମ୍ଳାନି-ବି. (ମ୍ଳୈ-ତି) ବିଷାଦ; ମାଳିନ୍ୟ ।
ମ୍ଳେଚ୍ଛ-ବି. (ମ୍ଳେଚ୍ଛ୍-ଅ) ଅସଭ୍ୟ ଜାତି ।

---

## ଯ

ବ୍ୟଞ୍ଜନବର୍ଣ୍ଣର ଷଡ଼ବିଂଶ ବର୍ଣ୍ଣ ।

ଯକୃତ-ବି. (ଯ-କୃ-...କ୍ୱିପ୍) ପିତ୍ତାଶୟ ।
ଯକ୍ଷ-ବି.(ଯକ୍ଷ-ଅ)କୁବେରଦେବତାର ଅନୁଚର ।

ଯକ୍ଷ୍ମା-ବ. ( ଯକ୍ଷ-ମନ୍ ) କ୍ଷୟରୋଗ, ମାରାତ୍ମକ କାସରୋଗ ।

ଯଜନ-ବ. (ଯଜ୍-ଅନ) ଯଜ୍ଞକରଣ, ପୂଜନ ।

ଯଜମାନ-ବ. ( ଯଜ୍-ଅନ ) ଯଜ୍ଞକାରକ; ଯେ ବ୍ୟକ୍ତି ଦକ୍ଷିଣା ଦେଇ କର୍ମ କରାଏ ।

ଯଜୁଃ-ବ. ( ଯଜ୍-ଉସ୍ ) ଯଜୁର୍ବେଦ ।

ଯଜୁର୍ବେଦୀ-ବ.ଯଜୁର୍ବେଦଅନୁସାରେ କର୍ମକାରୀ ।

ଯଜ୍ଞ-ବ. (ଯଜ୍-ନ) ଯାଗ, କ୍ରତୁ; ହୋମ ।

ଯଜ୍ଞ-ପଶୁ-ବ. ଯଜ୍ଞରେ ଉତ୍ସୃଷ୍ଟ ଅଶ୍ୱ ବା

ଯଜ୍ଞ-ବାଟ-ବ. ଯଜ୍ଞଭୂମି । [ଛାଗ ।

ଯଜ୍ଞସୂତ୍ର-ବ.(ଯଜ୍ଞ-ସୂତ୍ର)ଯଜ୍ଞୋପବୀତ, ପୈତା ।

ଯଜ୍ଞାରି-ବ. (ଯଜ୍ଞ-ଅରି) ରାକ୍ଷସ ।

ଯଜ୍ୱା-ବ. (ଯଜ୍-ବନ୍) ବିଧିପୂର୍ବକ ଯାଗକର୍ତ୍ତା ।

ଯତ-ବି. (ଯମ୍-ତ) ସଂଯତ; ବଦ୍ଧ; ନିୟମିତ; ନିଗୃହୀତ ।

ଯତମାନ-ବି. (ଯତ୍-ଅନ) ଯତ୍ନକାରୀ ।

ଯତାତ୍ମା-ବି. (ଯତ-ଆତ୍ମା) ସଂଯତଚିତ୍ତ ।

ଯତି-ବ. (ଯତ୍-ଇ) ତପସ୍ୱୀ, ସନ୍ନ୍ୟାସୀ; ଶ୍ଳୋକାଦିର ସ୍ୱରବିଚ୍ଛେଦ-ସ୍ଥାନ । [ମାଣ; କିଛି ।

ଯତ୍କିଞ୍ଚିତ୍-ଅ. ( ଯତ୍-କିଞ୍ଚିତ୍ ) ଅଳ୍ପ ପରି-

ଯତ୍ନ-ବ. (ଯତ୍-ନ) ଆଗ୍ରହ; ପରିଶ୍ରମ; ଉଦ୍ୟମ ।

ଯତ୍ର-ଅ. ( ଯଦ୍-ତ୍ର ) ଯେଉଁଠାରେ, ଯେଉଁ ସ୍ଥାନରେ । [ଯୋଗ୍ୟତା ।

ଯଥା-ଅ. ( ଯଦ୍-ଥା ) ଯେଉଁପରି, ସାଦୃଶ୍ୟ;

ଯଥାକଥଞ୍ଚିତ୍-ଅ. ଯେ କୌଣସି ପ୍ରକାରେ ।

ଯଥାକ୍ରମ-କ୍ରି. ବି. (ଯଥା-କ୍ରମ) କ୍ରମାନୁରୂପେ ।

ଯଥାତଥ-ବି. ( ଯଥା-ତଥା ) ଯଥାଯୋଗ୍ୟ; ଯଥାର୍ଥ ।

ଯଥାଯଥ-ବି. (ଯଥା-ଯଥା) ଯଥାଯୋଗ୍ୟ ।

ଯଥାର୍ଥ-ବି. (ଯଥା-ଅର୍ଥ) ସତ୍ୟ, ପ୍ରକୃତ ।

ଯଥା-ବିଧି-କ୍ରି. ବି. ବିଧିଅନୁସାରେ ।

ଯଥା-ଶକ୍ତି-କ୍ରି. ବି. ଶକ୍ତିଅନୁସାରେ, ଯଥାସାଧ୍ୟ । [ସ୍ୱେଚ୍ଛାଚାର ।

ଯଥେଚ୍ଛାଚାର-ବ. ( ଯଥା-ଇଚ୍ଛା-ଆଚାର )

ଯଥେଷ୍ଟ-କ୍ରି. ବି. (ଯଥା-ଇଷ୍ଟ) ଯଥାଭିଲଷିତ, ଇଚ୍ଛାନୁରୂପ; ପ୍ରଚୁର । [ଯଥୋପଯୁକ୍ତ ।

ଯଥୋଚିତ-ବି.(ଯଥା-ଉଚିତ) ଯଥାଯୋଗ୍ୟ;

ଯଦା-ଅ. (ଯଦ୍-ଦା) ଯେତେବେଳେ ।

ଯଦି-ଅ. ସମ୍ଭାବନା ବା ସଂଶୟ-ସୂଚକ ଅବ୍ୟୟ ।

ଯଦ୍ୱା-ଅ. ଯଦିଚ, ଯଦ୍ୟପି ।

ଯଦୁ-ବ. ପୁରାଣୋକ୍ତ ନୃପବିଶେଷ ।

ଯଦୁ-ନାଥ-ବ. ଯଦୁବଂଶର ନାଥ, ଶ୍ରୀକୃଷ୍ଣ ।

ଯଦୃଚ୍ଛା-ବ. (ଯଦ୍-ଋଚ୍ଛ୍-ଆ) ସ୍ୱେଚ୍ଛା ।

ଯଦ୍ୟପି-ଅ. (ଯଦ୍-ଅପି) ଯଦିଚ ।

ଯନ୍ତା-ବ. (ଯମ୍-ତୃ)ସାରଥି; ବି. ଦମନକାରକ ।

ଯନ୍ତ୍ର-ବ. ( ଯନ୍ତ୍ର-ଅ ) କଳ, କାର୍ଯ୍ୟ-ସାଧନାର୍ଥ କୌଶଳରେ ନିର୍ମିତ ଉପାୟ ।

ଯନ୍ତ୍ରଣା-ବ. (ଯନ୍ତ୍ର-ଅନ-ଆ) ଯାତନା, କ୍ଳେଶ ।

ଯନ୍ତ୍ରିତ-ବି. (ଯନ୍ତ୍ର-ତ) ଶାସିତ, ଦମିତ ।

ଯନ୍ତ୍ରୀ-ବ. (ଯନ୍ତ୍ର-ଇନ୍) ଶିଳ୍ପକାର; ବାଦ୍ୟଯନ୍ତ୍ରକାରୀ ।

ଯମ-ବ. ( ଯମ୍-ଅ ) ମୃତ୍ୟୁଦେବତା, କୃତାନ୍ତ, ଶମନ; ଚିତ୍ତବୃତ୍ତିର ନିରୋଧ ।

ଯମକ-ବ. (ଯମ-କ) ଶବ୍ଦାଲଙ୍କାର ବିଶେଷ ।

ଯମଜ-ବଂ. (ଯମ-ଜ) ଯୁଗ୍ମଜାତ, ଯାଁଅଳା, ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନଦ୍ୱୟ ।

ଯମ-ଦ୍ରୁମ-ବ. ଶାଲ୍ମଳୀବୃକ୍ଷ, ଶିମିଳୀଗଛ ।

ଯମଦ୍ୱିତୀୟା-ବ. କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା; ଭ୍ରାତୃ ଦ୍ୱିତୀୟା ।

ଯମନ-ବ. (ଯମ୍-ଅନ) ସଂଯମନ; ବନ୍ଧନ ।

ଯମରାଟ୍-ବ. ( ଯମ-ରାଜ୍-- -କ୍ୱିପ୍ ) ଶମନ, [କୃତାନ୍ତ ।

ଯମଳ-ବ. ଯୁଗ୍ମ, ଯାଁଅଳା ।

ଯମାନୀ-ବ. ଯୁଆଣି ।

ଯମୀ-ବଂ. (ଯମ୍-ଇନ୍) ଜିତେନ୍ଦ୍ରିୟ ।

ଯମୁନା-ବ. ( ଯମ୍-ଉନ୍-ଆ ) କାଳିନ୍ଦୀନଦୀ; ଯମଭଗିନୀ ।

ଯଯାତି-ବ. ପୁରାଣୋକ୍ତ ନୃପବିଶେଷ ।

ଯବ-ବ. ( ଯୁ-ଅ ) ଶସ୍ୟବିଶେଷ; ଷଡ଼ଧାନ୍ୟ ପରିମାଣ; ଅଙ୍ଗୁଳିସ୍ଥ ଯବରେଖା ।

ଯବକ୍ଷାର-(ଯବ-କ୍ଷାର) ଯବଖାର ।

ଯବନ-ବ. (ଯୁ-ଅନ୍) ଆରବ, ତୁରସ୍କ ଓ ଗ୍ରୀସ୍ ଦେଶର ଲୋକ; ମୁସଲମାନ । [ପର୍ଦ୍ଦା ।

ଯବନିକା-ବ. ( ଯବନ-କ-ଆ ) ତିରସ୍କରଣୀ;

ଯବାଗୂ-ବ. ( ଯୁ-ଆଗୂ ) ଯବମଣ୍ଡ; ଯାଉ ।

ଯବିଷ୍ଠ } ବଂ. (ଯୁବନ୍-ଇଷ୍ଠ, ଈୟସ୍) ଅତି-
ଯବୀୟାନ୍ } ଯୁବା; କନିଷ୍ଠ ।

ଯଶଃ-ବ. ସୁଖ୍ୟାତି, କୀର୍ତ୍ତି ।

ଯଶଦ-ବ. ଦସ୍ତାଧାତୁ ।

ଯଶସ୍କର-ବଂ. (ଯଶଃ-କୃ-ଅ) ଖ୍ୟାତିଜନକ ।

ଯଶସ୍ୱାନ୍-ବଂ. (ଯଶସ୍-ବତୁ) କୀର୍ତ୍ତିମାନ୍ ।

ଯଶସ୍ୱୀ-ବଂ. (ଯଶସ୍-ବିନ୍) କୀର୍ତ୍ତିମାନ୍, ବିଖ୍ୟାତ ।

ଯଶୋଧନ-ବଂ. (ଯଶଃ-ଧନ) ଯଶସ୍ୱୀ ।

ଯଷ୍ଟା-ବ. (ଯଜ୍-ତୃ) ଯାଗକର୍ତ୍ତା, ପୁରୋହିତ ।

ଯଷ୍ଟି-ବ. ବାଡ଼ି, ଧ୍ୱଜାଦି ଦଣ୍ଡ ।

ଯଷ୍ଟି-ମଧୁ-ବ. ମିଷ୍ଟ ମୂଳବିଶେଷ ।

ଯା-ବ. (ଯାତୃଶବ୍ଦଜ) ପତିର ଭ୍ରାତୃଜାୟା ।

ଯାଁଅଳା-ବଂ. ( ଯାମଳଶବ୍ଦଜ ) ଯମଜ, ଯୁଗ୍ମଜାତ । [ସିଦ୍ଧ ଯବ ଓ ତଣ୍ଡୁଳ ।

ଯାଉ-ବ. ( ଯବାଗୂଶବ୍ଦଜ ) ଦୁଗ୍ଧ ଓ ଜଳରେ

ଯାଉଁଳି-ବ. (ଯାମଳଶବ୍ଦଜ) ଯୁଗ୍ମ ।

ଯାକି-ବ. ସମୁଦାୟ, ବଂ. ଇତ୍ର ।

ଯାକିବା-କ୍ରି. ଚିପି ଧରିବା ।

ଯାଗ-ବ. (ଯଜ୍-ଅ) ଯଜ୍ଞ, ହୋମ । [ପ୍ରାର୍ଥୀ ।

ଯାଚକ-ବ. (ଯାଚ୍-ଅକ) ଭିକ୍ଷୁ, ଯାଚଞ୍ଚାକାରୀ,

ଯାଚନା } ବ. (ଯାଚ୍-ଅନ୍-ଆ, ନ-ଆ) ଭିକ୍ଷା,
ଯାଚ୍ଞା } ପ୍ରାର୍ଥନା ।

ଯାଚନୀୟ-ବଂ. (ଯାଚ୍-ଅନୀୟ) ପ୍ରାର୍ଥନୀୟ ।

ଯାଚିତ-ବଂ. (ଯାଚ୍-ତ) ପ୍ରାର୍ଥିତ ।

ଯାଜକ-ବ. (ଯଜ୍-ଅକ) ପୁରୋହିତ ।

ଯାଜନ-ବ. ( ଯାଜି-ଅନ ) ଯାଗ କରାଇବା ।

ଯାଜୀ-ବ. (ଯଜ୍-ଇନ୍) ଯାଜକ ।

ଯାଜ୍ଞବଲ୍କ୍ୟ-ବ. ( ଯଜ୍ଞ-ବଲ୍କ-ଯ ) ଧର୍ମଶାସ୍ତ୍ର-ପ୍ରଣେତା ମୁନିବିଶେଷ ।

ଯାଜ୍ଞସେନୀ-ବି. (ଯଜ୍ଞସେନ-ଅ-ଈ) ଦ୍ରୌପଦୀ ।

ଯାଜ୍ଞିକ-ବି. (ଯଜ୍ଞ-ଇକ) ଯଜ୍ଞକର୍ତ୍ତା; ପୁରୋହିତ ।

ଯାତ-ବିଂ. (ଯା-ତ) ଗତ ।

ଯାତ-ବି. (ଯାତ୍ରାଶବ୍ଦଜ) ଯାତ୍ରା, ପର୍ବ ।

ଯାତନା-ବି. (ଯତ-ଣିଚ୍-ଅନ-ଆ) ତୀବ୍ରବେଦନା, ଯନ୍ତ୍ରଣା ।

ଯାତା-ବି. (ଯାତୃଶବ୍ଦଜ) ଯା, ପତିର ଭ୍ରାତୃଜାୟା ।

ଯାତାୟାତ-ବି. (ଯାତ-ଆୟାତ) ଗମନାଗମନ ।

ଯାତୁଧାନ-ବି. ( ଯା-ତୁ-ଧା-ଅନ ) ରାକ୍ଷସ, ନିଶାଚର ।

ଯାତ୍ରା-ବି. (ଯା-ତ୍ର-ଆ) ପ୍ରସ୍ଥାନ, ଗମନ; ପର୍ବ ।

ଯାତ୍ରୀ-ବିଂ. (ଯାତ୍ରା-ଇନ୍) ଯାତ୍ରାକାରୀ ।

ଯାଥାତଥ୍ୟ-ବି. (ଯଥା-ତଥା-ଯ) ଯଥାର୍ଥତା, ସତ୍ୟତା । [ସତ୍ୟତା ।

ଯାଥାର୍ଥ୍ୟ-ବି. ( ଯଥାର୍ଥ-ଯ ) ଯଥାର୍ଥତା,

ଯାଦଃ-ବି.(ଯା-ଅସ୍-ଦ, ଅଗମ) ଜଳଚର ଜନ୍ତୁ ।

ଯାଦଃପତି-ବି. (ଯାଦସ୍-ପତି) ସମୁଦ୍ର; ବରୁଣ ।

ଯାଦବ-ବି. ( ଯଦୁ-ଅ ) ଶ୍ରୀକୃଷ୍ଣ, ଯଦୁନନ୍ଦନ; ବିଂ. ଯଦୁବଂଶୀୟ ।

ଯାଦୁ-ବି. ବଶୀକରଣବିଦ୍ୟା; ଭେଲିକବାଜି ।

ଯାଦୃଚ୍ଛିକ-ବିଂ. (ଯଦୃଚ୍ଛା-ଇକ) ସ୍ୱେଚ୍ଛାକୃତ ।

ଯାଦୃଶ-ବିଂ. (ଯଦ୍-ଦୃଶ୍-ଅ) ଯେପରି, ଯେରୂପ ।

ଯାନ-ବି.(ଯା-ଅନ) ବାହନ; ଶକଟ, ନୌକାଦି ।

ଯାପନ-ବି. (ଯା-ଣିଚ୍-ଅନ) କାଳକ୍ଷେପଣ ।

ଯାପିତ-ବିଂ. (ଯା-ଣିଚ୍-ତ) ଅତିବାହିତ ।

ଯାପ୍ୟ-ବିଂ. (ଯା-ଣିଚ୍-ଯ) ଯାପନୀୟ ।

ଯାମ-ବି. (ଯା-ମ, କିମ୍ବା ଯମ୍-ଅ) ପ୍ରହର ।

ଯାମ-ଘୋଷ-ବି. କୁକ୍କୁଟ; ଶୃଗାଳ ।

ଯାମଳ-ବି. (ଯମଳ-ଅ) ଯୁଗ୍ମ, ଯାଁଅଳା ।

ଯାମାତା-ବି. ( ଜାୟା-ମା-ତୃ ) ଦୁହିତୃପତି, ଜାମାତା, ଜୁଅଇଁ ।

ଯାମି-ବି. ଭଗିନୀ; ଦୁହିତା; କୁଳବଧୂ ।

ଯାମିନୀ-ବି. (ଯାମ-ଇନ୍-ଈ) ରାତ୍ରି ।

ଯାମୀ-ବି. (ଯାମ-ଅ-ଈ) ଦକ୍ଷିଣଦିକ୍ ।

ଯାମ୍ୟ-ବିଂ. (ଯାମୀ-ଯ) ଦକ୍ଷିଣଦିକ୍-ସମ୍ବନ୍ଧୀୟ ।

ଯାଯାବର-ବିଂ. (ଯା-ଯଙ୍-ବର) ସଦାଭ୍ରମଣ-

ଯାବି-ବି. ଏକକ ରୁଦ୍ଧଘାବ । [କାରୀ ।

ଯାବକ-ବି. (ଯୁ-ଅ-କ) ଅଲକ୍ତକ, ଅଳତା ।

ଯାବଜ୍ଜୀବନ-ଅ. (ଯାବତ୍-ଜୀବନ) ଜୀବତକାଳ ପର୍ଯ୍ୟନ୍ତ । [ଯେପର୍ଯ୍ୟନ୍ତ ।

ଯାବତ୍-ଅ. (ଯଦ୍-ବତୁ) ଯେତେ ପରିମାଣ;

ଯାବତୀୟ-ବିଂ. ( ଯାବତ୍-ଈୟ ) ସମୁଦାୟ; ଯେତେ ଅଛି ।

ଯିୟକ୍ଷୁ-ବିଂ. (ଯଜ୍-ସନ୍-ଉ) ଯଜ୍ଞକରଣେଚ୍ଛୁ ।

ଯିୟାସୁ-ବିଂ. (ଯା-ସନ୍-ଉ) ଗମନେଚ୍ଛୁ ।

ଯୁଆନ-ବିଂ. (ଯୁବନ୍ଶବ୍ଦଜ) ଯୁବା ।

ଯୁଆଳି-ବି. ( ଯୁଗଶବ୍ଦଜ ) ଯୁଗ, ଶକଟ ବା ଲଙ୍ଗଳ ପ୍ରଭୃତିର ଅଙ୍ଗ ।

ଯୁକ୍ତ-ବିଂ. (ଯୁଜ୍-ତ) ନ୍ୟାଯ୍ୟ, ଉପଯୁକ୍ତ; ମିଳିତ, ସଂଲଗ୍ନ । [କାରଣ ।

ଯୁକ୍ତି-ବି. (ଯୁଜ୍-ତି) ନ୍ୟାୟ; ବିଚାର; ମନ୍ତ୍ରଣା;

ଯୁଗ-ବି. ( ଯୁ-ଗ ) ଯୁଗ୍ମ, ଯୋଡ଼ା ; ଯୁଆଳି ; ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚତୁର୍କାଳ ।

ଯୁଗପତ୍-ଅ°. ( ଯୁଗ-ପଦ୍ ) ଏକଦା, ଏକ ସମୟରେ ।

ଯୁଗଳ-ବି. (ଯୁଗ-ଲ) ଯୁଗ୍ମ, ଯୋଡ଼ା ।

ଯୁଗାନ୍ତ-ବି. (ଯୁଗ-ଅନ୍ତ) ପ୍ରଳୟକାଳ, ଯୁଗର ଅବସାନ ।

ଯୁଗ୍ମ-ବି. (ଯୁଜ୍-ମ) ଯୁଗଳ, ଯୋଡ଼ା ।

ଯୁଗ୍ୟ-ବି°. (ଯୁଗ-ଯ) ଯୁଗବାହୀ ( ପଶୁ ) ।

ଯୁକ୍ତ-ବି°. ( ଯୁ-କ୍ତ ) ଯୁକ୍ତ, ମିଳିତ ।

ଯୁକ୍ତି-ବି. (ଯୁ-କ୍ତି) ଯୋଗ, ମିଳନ ।

ଯୁଦ୍ଧ-ବି. (ଯୁଧ୍-କ୍ତ) ସଂଗ୍ରାମ, ରଣ ।

ଯୁଧିଷ୍ଠିର-ବି. ( ଯୁଧି-ସ୍ଥିର ) ପଞ୍ଚପାଣ୍ଡବଙ୍କର ଜ୍ୟେଷ୍ଠ, ଧର୍ମପୁତ୍ର ।

ଯୁଧ୍ୟମାନ-ବି°. (ଯୁଧ୍-ଅନ) ଯୁଦ୍ଧରତ ।

ଯୁଯୁଧାନ-ବି. ଯୋଦ୍ଧା ।

ଯୁତ-ବି°. ନଷ୍ଟ; ଲୁଣ୍ଠିତ ।

ଯୁବକ-ବି. (ଯୁବନ୍-କ) ଯୁବା, ତରୁଣ, ପ୍ରାପ୍ତଯୌବନ ।

ଯୁବଜାନି-ବି. (ଯୁବତୀ-ଜାୟା ) ଯୁବତୀ ଯାହାର ଜାୟା, ଯୁବତୀ ପତି ।

ଯୁବତି } ବି. ( ଯୁବନ୍-ତି, ଈ ) ପ୍ରାପ୍ତଯୌବନା
ଯୁବତୀ } ତରୁଣୀ ।

ଯୁବରାଜ-ବି. ( ଯୁବନ୍-ରାଜା ) ରାଜ୍ୟର ଉତ୍ତରାଧିକାରୀ ରାଜପୁତ୍ର ।

ଯୁବା-ବି°. ( ଯୁ-ଅନ୍ ) ତରୁଣ, ୧୬ ଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ।

ଯୁଷ୍ମଦ୍-ସ°. (ଯୁଷ୍-ମଦ୍) ତୁମ୍ଭେ, ମଧ୍ୟମ ପୁରୁଷ ।

ଯୁଷ୍ମଦୀୟ-ବି°. (ଯୁଷ୍ମଦ୍-ଈୟ ) ତୁମ୍ଭମାନଙ୍କସମ୍ବନ୍ଧୀୟ ।

ଯୂଈ-ବି. (ଯୂଥୀଶବ୍ଦଜ) ଫୁଲବିଶେଷ ।

ଯୂକା-ବି. କେଶକୀଟ ।

ଯୂଥ-ବି. (ଯୁ-ଥ) ବନ୍ୟ ପଶୁର ଦଳ ।

ଯୂଥ-ପତି-ବି. ବନ୍ୟ-ଗଜମାନଙ୍କର ପ୍ରଧାନ ।

ଯୂଥିକା } ବି. ଯୂଈଫୁଲ ।
ଯୂଥୀ }

ଯୂନୀ-ବି. (ଯୁବନ୍-ଈ) ତରୁଣୀ, ଯୁବତୀ ।

ଯୂପ-ବି. ( ଯୁ-ପ ) ଯଜ୍ଞୀୟ-ପଶୁବନ୍ଧନାର୍ଥ କାଷ୍ଠସ୍ତମ୍ଭ ।

ଯୂଷ-ବି. ଝୋଲ, ଯଣ, ରସ ।

ଯେ } ସ°. (ଯଦ୍ ଶବ୍ଦଜ) ବିଶିଷ୍ଟରୂପେବୋଧ୍ୟ
ଯେଉଁ } ବ୍ୟକ୍ତି ବା ବସ୍ତୁ ।

ଯେଉଁଠେ-ବି. ଫଳବିଶେଷ ।

ଯେଉଁଠାରେ-କ୍ରି. ବି°. ଯେ ସ୍ଥାନରେ ।

ଯେତେ-କ୍ରି. ବି°. ( ଯଦ୍ଶବ୍ଦଜ ) ଯେଉଁ ପରିମାଣରେ ।

ଯେଣିକି-ଅ°. ଯେଉଁ ଆଡ଼କୁ ।

ଯେତେ-ବି°. ଯତ୍ପରିମାଣ, ଯତ୍ସଂଖ୍ୟକ ।

ଯେତେବେଳେ-କ୍ରି. ବି°. ଯେଉଁ ସମୟରେ ।

ଯେମନ୍ତ-କ୍ରି. ବି°. ( ଯଦ୍ଶବ୍ଦଜ ) ଯେପରି, ଯେ ପ୍ରକାର ।

ଯେବଣ-ଅ°. ଯେଉଁ ଯେଉଁ ।

ଯେବେ-ଅ°. ଯଦି । କ୍ରି. ବି°. ଯେତେବେଳେ ।

ଯେସନ-ଅ°. ଯେପରି ।

ଯେହୁ-ସ°. ଯେଉଁ ।

ଯେହ୍ନେ-ଅ. ଯେମନ୍ତେ ।

ଯୋକା-ବି. ଜଳୌକା ।

ଯୋକ୍ତା-ବିଂ. (ଯୁଜ୍-ତୃ) ଯୋଗକର୍ତ୍ତା ।

ଯୋକ୍ତ୍ର-ବି. (ଯୁଜ୍-ତ୍ର) ହଳବନ୍ଧନ ରଜ୍ଜୁ, ଯୋତ

ଯୋଖିବା-କ୍ରି. ଯୋଡିଦେବା । [ଦଉଡ଼ା ।

ଯୋଗ-ବି. (ଯୁଜ୍-ଅ) ମିଳନ, ଧ୍ୟାନ; ଶୁଭ କାଳ; ଜୀବାତ୍ମା ଓ ପରମଆତ୍ମାର ସଂଯୋଗ; ଉପାୟ ।

ଯୋଗ-ଆକର୍ଷଣ-ବି. ଯେଉଁ ଆକର୍ଷଣ ହେତୁରୁ ପରମାଣୁ ସବୁ ଏକତ୍ରିତ ହୁଏ ।

ଯୋଗ-କ୍ଷେମ ବି. ଅଲବ୍ଧ ବସ୍ତୁର ଲାଭ ଓ ଲବ୍ଧ ବସ୍ତୁର ରକ୍ଷା । [ନିଦ୍ରା ।

ଯୋଗ-ନିଦ୍ରା-ବି. ଚିତ୍ତର ବିଷୟ-ନିବୃତ୍ତିରୂପ

ଯୋଗମାୟା-ବି. ଦୁର୍ଗା; ସଂସାର ମାୟା ।

ଯୋଗ-ରୂଢ଼ ବିଂ. ବିଶିଷ୍ଟ ଅର୍ଥରେ ପ୍ରଯୁକ୍ତ ।

ଯୋଗ-ବାହ-ବି. ଅନୁସ୍ୱାର ଓ ବିସର୍ଗ ।

ଯୋଗାଡ଼-ବି. (ଯୋଗଶବ୍ଦଜ) କର୍ମନିର୍ବାହର ଉପାୟ ।

ଯୋଗାସନ-ବି. (ଯୋଗ-ଆସନ) ଧ୍ୟାନର ଆସନ । [ସଂଖ୍ୟକ ଦେବୀବିଶେଷ ।

ଯୋଗିନୀ-ବି. ଯୋଗକାରିଣୀ ନାରୀ; ୬୪

ଯୋଗୀ-ବି. (ଯୁଜ୍-ଇନ୍) ତପସ୍ୱୀ, ସନ୍ନ୍ୟାସୀ ।

ଯୋଗ୍ୟ-ବିଂ. (ଯୁଜ୍-ଯ) ସମର୍ଥ; ଉପଯୁକ୍ତ; ନିପୁଣ ।

ଯୋଗ୍ୟ-ତା-ବି. ଉପଯୁକ୍ତତା; କ୍ଷମତା ।

ଯୋଜକ-ବି. (ଯୁଜ୍-ଣିଚ୍-ଅକ) ମିଳନକାରକ; ଦୁଇ ବୃହତ୍ ଭୂଖଣ୍ଡର ମିଳନକାରକ ।

ଯୋଜନ-ବି.(ଯୁଜ୍-ଅନ) ଚାରିକୋଶ ପରିମାଣ ।

ଯୋଜନା-ବି. (ଯୁଜ୍-ଅନ-ଆ) ଏକତ୍ରକରଣ; ସଂଘଟନ ।

ଯୋଜିତ-ବିଂ. (ଯୁଜ୍-ଣିଚ୍-ତ) ମିଳିତ; ବଦ୍ଧ ।

ଯୋଡ଼-ବି. ଯୁଗ୍ମ, ମିଳନ ।

ଯୋଡ଼ା-ବି. ଯୁଗ୍ମ, ଦୁଇ ।

ଯୋଡ଼ିବା-କ୍ରି. ଏକତ୍ର କରିବା ।

ଯୋତ-ବି. (ଯୋକ୍ତ୍ରଶବ୍ଦଜ) ଯୁଗାଦି ବନ୍ଧନ ରଜ୍ଜୁ, ଯୋତ ଦଉଡ଼ି ।

ଯୋତା-ବି. ଚର୍ମପାଦୁକା ।

ଯୋଦ୍ଧା-ବିଂ. (ଯୁଧ୍-ତୃ) ଯୁଦ୍ଧକାରକ; ବୀର ।

ଯୋଧ-ବି. (ଯୁଧ୍-ଅ) ଯୋଦ୍ଧା ।

ଯୋନି-ବି. (ଯୁ-ନି) ଉତ୍ପତ୍ତିସ୍ଥାନ; କାରଣ । ସ୍ତ୍ରୀ ଚିହ୍ନ ।

ଯୋଷା, ଯୋଷିତ୍ } ବି. (ଯୁଷ୍-ଆ,ଇତ୍) ନାରୀ ।

ଯୌକ୍ତିକ-ବିଂ. (ଯୁକ୍ତି-ଇକ) ଯୁକ୍ତିସିଦ୍ଧ, ଯୁକ୍ତିଯୁକ୍ତ ।

ଯୌଗିକ-ବିଂ. (ଯୋଗ-ଇକ) ଯୋଗଜାତ; ବ୍ୟାକରଣରେ ପ୍ରକୃତି ଓ ପ୍ରତ୍ୟୟ ଦ୍ୱାରା ଅର୍ଥ-ବାଚକ । [ଧନ ।

ଯୌତୁକ-(ଯୁ-ତୁ-କ) ବିବାହକାଳରେ ଲବ୍ଧ

ଯୌନ-ବି. (ଯୋନି-ଅ) ଯୋନିସମ୍ବନ୍ଧୀୟ; ବିବାହସମ୍ବନ୍ଧୀୟ । [ବସ୍ଥା ।

ଯୌବନ-ବି. (ଯୁବନ୍-ଅ) ତାରୁଣ୍ୟ, ତରୁଣା-

ଯୌବରାଜ୍ୟ-ବି. (ଯୁବରାଜ-ଯ) ଯୁବରାଜର ପଦ ।

# ର ବ୍ୟଞ୍ଜନବର୍ଣ୍ଣର ସପ୍ତବିଂଶ ବର୍ଣ୍ଣ ।

ରଂହଃ–ବି. (ରମ୍‌-ଅସ୍) ବେଗ, ଶୀଘ୍ରତା ।

ରକମ–ବି. (ଆରବୀ) ପ୍ରକାର ।

ରକା–ବି. ବାତରୋଗବିଶେଷ ।

ରକ୍ତ–ବି. (ରନ୍‌ଜ୍‌-ତ) ଶୋଣିତ, କୁଙ୍କୁମ; ବିଂ. ରଞ୍ଜିତ; ଲୋହିତ; ମଧୁର ।

ରକ୍ତ-କଣ୍ଠ–ବି. ମଧୁରସ୍ୱରଯୁକ୍ତ ।

ରକ୍ତ-ଚନ୍ଦନ–ବି. ରକ୍ତବର୍ଣ୍ଣ ଚନ୍ଦନବୃକ୍ଷ ଓ କାଷ୍ଠ ।

ରକ୍ତପିତ୍ତ–ବି. ରକ୍ତବମନ-ବିଶିଷ୍ଟ ରୋଗ ।

ରକ୍ତ-ବୀଜ–ବି. ରାକ୍ଷସବିଶେଷ ।

ରକ୍ତାକ୍ତ–ବିଂ. (ରକ୍ତ-ଅକ୍ତ) ଶୋଣିତ-ଲିପ୍ତ ।

ରକ୍ତିମା–ବି. (ରକ୍ତ-ଇମନ୍) ଶୋଣିତବର୍ଣ୍ଣ, ଲାଲ ରଙ୍ଗ । [କର୍ତ୍ତା ।

ରକ୍ଷକ–ବିଂ. (ରକ୍ଷ୍‌-ଅକ) ରକ୍ଷାକର୍ତ୍ତା, ପାଳନ-

ରକ୍ଷଣ–ବି. (ରକ୍ଷ୍‌-ଅନ) ପାଳନ, ପରିତ୍ରାଣ ।

ରକ୍ଷଣୀୟ–ବିଂ. (ରକ୍ଷ୍‌-ଅନୀୟ) ରକ୍ଷା କରିବାର

ରକ୍ଷଃ–ବି. (ରକ୍ଷ-ଅସ୍) ରାକ୍ଷସ । [ଯୋଗ୍ୟ ।

ରକ୍ଷା–ବି. (ରକ୍ଷ୍‌-ଅ-ଆ) ପାଳନ ।

ରକ୍ଷିତ–ବିଂ. ପାଳିତ ।

ରକ୍ଷୀ–ବିଂ. (ରକ୍ଷ୍‌-ଇନ୍) ରକ୍ଷାକାରୀ ।

ରଖିବା–କ୍ରି. (ରକ୍ଷ୍‌ଧାତୁରୁ) ଥୋଇବା; ରକ୍ଷା କରିବା ।

ରଗ–ବି. କପାଳ ପାର୍ଶ୍ୱଦ୍ୱୟର ଶିର ।

ରଗଡ଼ିବା–କ୍ରି. ଶିଳ ବା ଚକଦ୍ୱାରା ଦଳିବା ।

ରଘୁ–ବି. (ରଙ୍ଘ୍‌-ଉ) ସୂର୍ଯ୍ୟବଂଶୀୟ ଦିଲୀପ ରାଜାଙ୍କର ପୁତ୍ର ।

ରଘୁ-ନାଥ }
ରଘୁପତି } ବି. ଦଶରଥ ପୁତ୍ର ରାମଚନ୍ଦ୍ର ।

ରଙ୍କ–ବିଂ. (ରଙ୍କ୍‌-ଅ) କୃପଣ; ଦରିଦ୍ର; ଲୋଭୀ ।

ରଙ୍କୁ–ବି. (ରମ୍‌-ଉ) ମୃଗବିଶେଷ । [ଦ୍ରାଣୀ ।

ରଙ୍କୁଣୀ–ବି. (ରଙ୍କ୍‌-ଉଣୀ) କୃପଣା ସ୍ତ୍ରୀ; ଦରି-

ରଙ୍ଗ–ବି. ( ରଙ୍ଗ୍‌-ଅ ) ଧାତୁବିଶେଷ; ବର୍ଣ୍ଣ; ନାଟ୍ୟଶାଳା; ଅନୁରାଗ; ବିଳାସ ।

ରଙ୍ଗଣୀ–ବି. ପୁଷ୍ପବିଶେଷ; ତନ୍ତୁବାୟ ଜାତି-

ରଙ୍ଗ-ଭୂମି–ବି. ନାଟ୍ୟଶାଳା । [ବିଶେଷ ।

ରଙ୍ଗା–ବିଂ. ଲାଲ; ରଞ୍ଜିତ ।

ରଙ୍ଗାଜୀବ–ବି. ( ରଙ୍ଗ-ଆଜୀବ ) ଚିତ୍ରକାର; ନାଟ୍ୟକାରକ ।

ରଙ୍ଗିଣୀ–ବିଂ. (ରଙ୍ଗ-ଇନ୍‌-ଈ) ବିଳାସିନୀ ।

ରଙ୍ଗିୟା–ବିଂ. ନାନାବିଧ ଅନୁରାଗକାରୀ ।

ରଚକ–ବିଂ (ରଚ୍‌-ଅକ) ରଚନାକାରକ, ରଚୟିତା । [ବାକ୍ୟବିନ୍ୟାସ; ଗ୍ରନ୍ଥିବା ।

ରଚନା–ବି. (ରଚ୍‌-ଅନ-ଆ) ନିର୍ମାଣ; ବିନ୍ୟାସ,

ରଚୟିତା–ବିଂ. ( ରଚ୍‌-ଣିଚ୍‌-ତୃ ) ରଚନାକର୍ତ୍ତା; ନିର୍ମାତା ।

ରଚୟିତ୍ରୀ–ବି. (ରଚୟିତୃ-ଈ) ରଚନାକର୍ତ୍ତ୍ରୀ ।

ରଚିତ–ବିଂ. ( ରଚ୍‌-ଣିଚ୍‌-ତ ) କୃତ; ନିର୍ମିତ; ଗଠିତ ।

ରଜ }
ରଜଃ } ବି. (ରଞ୍ଜ୍‌-ଅ, ଅସ୍) ଧୂଳି; ପୁଷ୍ପରେଣୁ; ସ୍ତ୍ରୀମାନଙ୍କର ଋତୁ; ଅହଙ୍କାରାଦି-ଜନକ ଗୁଣବିଶେଷ ।

ରଜକ-ବି. ( ରଞ୍ଜ୍-ଅକ ) ଧୋବା ।

ରଜକୀ-ବି. (ରଜକ-ଈ) ଧୋବଣୀ । [ ବର୍ଣ୍ଣ ।

ରଜତ-କ୍ଳୀ. (ରଞ୍ଜ୍-ଅତ) ରୌପ୍ୟ; ବି°. ଶୁଭ୍ର-

ରଜନି } ବି. (ରଞ୍ଜ୍-ଅନି, ଅନୀ) ନିଶା, ରାତ୍ରି;
ରଜନୀ } ହରିଦ୍ରା ।

ରଜନୀ-ଗନ୍ଧା-ବି. ଶ୍ୱେତବର୍ଣ୍ଣ ପୁଷ୍ପବିଶେଷ ।

ରଜନୀ-ମୁଖ-ବି. ପ୍ରଦୋଷ, ସନ୍ଧ୍ୟାକାଳ ।

ରଜସ୍ୱଳା-ବି°. ( ରଜସ୍-ବଲ୍-ଆ ) ଋତୁମତୀ ।

ରଜ୍ଜୁ-ବି. ବନ୍ଧନୀ; ଦଉଡି । [ କାରକ ।

ରଞ୍ଜକ-ବି°. (ରଞ୍ଜ୍-ଅକ) ରଙ୍ଗକାରକ; ପ୍ରୀତି-

ରଞ୍ଜନ-ବି. (ରଞ୍ଜ୍-ଅନ) ରଙ୍ଗ କରିବା ; ସନ୍ତୁଷ୍ଟ
କରଣ; ବି°. ପ୍ରୀତିଜନକ । ସନ୍ତୋଷିତ ।

ରଞ୍ଜିତ-ବି°. ( ରଞ୍ଜ୍-ତ ) ରଙ୍ଗା, ରଙ୍ଗଦିଆ ;

ରଟନ } ବି.(ରଟ୍-ଅନ-ଆ) ଘୋଷଣା, ପ୍ରଚାର,
ରଟନା } କଥନ ।

ରଟିତ-ବି°. ଘୋଷିତ ।

ରଟିବା-କ୍ରି. (ରଟ୍ଧାତୁଜ) ପକ୍ଷ୍ୟାଦିଶବ୍ଦ କରିବା ।

ରଡ଼-ବି°. ଜ୍ୱଳନ୍ତ, ବି. ଅଗ୍ନି ।

ରଡ଼ି-ବି. (ରଟ୍ଧାତୁଜ) ଡାକ । [ କରିବା ।

ରଡ଼ିବା-କ୍ରି. କ୍ରନ୍ଦନ କରିବା, ଉଚ୍ଚସ୍ୱରରେ ଶବ୍ଦ

ରଣ-ବି. ( ରଣ୍-ଅ ) ଯୁଦ୍ଧ, ସମର ।

ରଣପା-ବି. ଗୋଡ଼ରେ ବାନ୍ଧି ଚାଲିବାର କାଷ୍ଠ-
ବିଶେଷ ।

ରଣ-ଭଙ୍ଗ-ବି. ରଣରେ ପରାଭବ ଓ ପଳାୟନ ।

ରଣାଙ୍ଗନ-ବି. (ରଣ-ଅଙ୍ଗନ) ଯୁଦ୍ଧଭୂମି ।

ରଣିତ-ବି°. ଶବ୍ଦିତ ।

ରଣ୍ଡା-ବି. ବିଧବା; ବେଶ୍ୟା ।

ରତ-ବି°. (ରମ୍-ତ) ଆସକ୍ତ; ବି. ରମଣ ।

ରତି-ବି. (ରମ୍-ତି) କାମପତ୍ନୀ ; ଆସକ୍ତି; କ୍ରୀଡ଼ା;
ରମଣ; ପ୍ରୀତି; ୪ ଧାନ ପରିମାଣ ।

ରତ୍ନ-ବି. ( ରମ୍-ନ ) ମଣିମୁକ୍ତା ପ୍ରବାଳାଦି ବହୁ-
ମୂଲ୍ୟ ଉତ୍କୃଷ୍ଟ ବସ୍ତୁ । [ ବଡ଼ ଜାଗା ।

ରତ୍ନଗର୍ଭା-ବି (ରତ୍ନ-ଗର୍ଭ-ଆ) ପୃଥିବୀ; ସୁପୁତ୍ର-

ରତ୍ନାକର ବି. ( ରତ୍ନ-ଆକର ) ସମୁଦ୍ର; ରତ୍ନ-
ଖଣି ।

ରତ୍ନାବଳୀ-ବି. (ରତ୍ନ-ଆବଳୀ) ରତ୍ନର ହାର ।

ରଥ-ବି. (ରମ୍-ଥ) ସ୍ୟନ୍ଦନ, ଶକଟାଦିବାହନ ।

ରଥ-ଯାତ୍ରା-ବି. ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ
ପ୍ରସିଦ୍ଧ ଉତ୍ସବ । [ ପକ୍ଷୀ ।

ରଥାଙ୍ଗ-ବି. ( ରଥ-ଅଙ୍ଗ ) ଚକ୍ର; ଚକ୍ରବାକ

ରଥୀ-ବି. ( ରଥ-ଇନ୍ ) ରଥାରୂଢ଼ବ୍ୟକ୍ତି; ରଥସ୍ଥ

ରଥ୍ୟା-ବି. ପଥ, ବର୍ତ୍ମ । [ ଯୋଦ୍ଧା ।

ରଦ } ବି. ( ରଦ୍-ଅ-ଅନ ) ଦନ୍ତ, ଦାନ୍ତ ;
ରଦନ } ଖନନ ।

ରଦ୍ଦ-ବି°. ଅନାବଶ୍ୟକ ବୋଲି ନିକ୍ଷିପ୍ତ ବା
ନିସ୍କୃତ ।

ରନ୍ଧନ-ବି. ( ରଧ୍-ଅନ ) ପାକ, ରନ୍ଧଣା ।

ରନ୍ଧ୍ର-ବି. (ରମ୍-ଧ୍ର-ଅ) ଛିଦ୍ର । [ ପ୍ରେରଣ ।

ରପ୍ତାନି-ବି. ( ପାର୍ଶୀ ) ବିଦେଶକୁ ଜିନିଷର

ରଫା-ବି. ( ପାର୍ଶୀ ) ଆପୋଷରେ ନିଷ୍ପତ୍ତି ।

ରଭସ-ବି. ( ରଭ୍-ଅସ ) ବେଗ; ହର୍ଷ ।

ରମ୍ଭ-ବି. ( ରମ୍-ଣିଚ୍-ଅ ) ଆନନ୍ଦଜନକ ।

ରମଠ-ବି. ହିଙ୍ଗୁ ।

ରମଣ-ବି. (ରମ୍-ଣିଚ୍-ଅନ ) ପତି; ବି. ପ୍ରିୟ ।

ରମଣୀ-ବି. ସୁନ୍ଦରୀ ସ୍ତ୍ରୀ; ପତ୍ନୀ ।

ରମଣୀୟ-ବି. ( ରମ୍-ଣିଚ୍-ଅନୀୟ ) ସୁନ୍ଦର, ମନୋରମ ।

ରମା-ବି. (ରମ୍-ଣିଚ୍-ଅ-ଆ) ଲକ୍ଷ୍ମୀ ।

ରମା-ଧବ-ବି. ବିଷ୍ଣୁ ।

ରମ୍ଭା-ବି. କଦଳୀ; ଅପ୍ସରାବିଶେଷ ।

ରମ୍ୟ-ବି. ( ରମ୍-ଯ ) ସୁନ୍ଦର, ମନୋହର ।

ରୟ-ବି. (ରୟ୍-ଅ) ବେଗ; ସ୍ରୋତଃ ।

ରବ-ବି. ( ରୁ-ଅ ) ଶବ୍ଦ, ଧ୍ୱନି ।

ରବାବ-ବି. ଏକପ୍ରକାର ବୀଣା ।

ରବି-ବି. ସୂର୍ଯ୍ୟ; ବୃଷ୍ଟି ବିନା ସୂର୍ଯ୍ୟତାପ ଦ୍ୱାରା ବର୍ଦ୍ଧିତ ଶସ୍ୟ; ଶୀତକାଳର ଶସ୍ୟ ।

ରବିଜ-ବି. (ରବି-ଜନ୍-ଅ) ଯମ; ଶନି ।

ରବି-ବାର-ଆଦିତ୍ୟବାର, ଆଦିତ୍ୟ-ବାସର ।

ରଶନା-ବି. (ରଶ୍-ଅନ୍-ଆ) ନାରୀର କଟିଭୂଷଣ; ମେଖଳା ।

ରଶ୍ମି-ବି. କିରଣ; ରଜ୍ଜୁ; ଲଗାମ ।

ରସ-ବି. ( ରସ୍-ଅ ) ରସନେନ୍ଦ୍ରିୟ-ଗ୍ରାହ୍ୟ ବସ୍ତୁ ; ଆସ୍ୱାଦ; ଚିତ୍ତର ଆନନ୍ଦ; ଅନୁରାଗ; ଯୂଷ ; ଦ୍ରବବସ୍ତୁ ; ପାରଦ ।

ରସଜ୍ଞ-ବି. ( ରସ-ଜ୍ଞା-ଅ ) ସ୍ୱାଦଗ୍ରାହୀ; ରସିକ; ଭାବୁକ ।

ରସନା-ବି. (ରସ-ଅନ-ଆ) ଜିହ୍ୱା ।

ରସନେନ୍ଦ୍ରିୟ-ବି. (ରସନା-ଇନ୍ଦ୍ରିୟ) ଜିହ୍ୱା ।

ରସ-ମୟ-ବି. ରସପୂର୍ଣ୍ଣ; ରସାତ୍ମକ ।

ରସା-ବି. ପୃଥିବୀ ।

ରସାଞ୍ଜନ-ବି. ଏକପ୍ରକାର କଜ୍ଜଳ, ସୁର୍ମା ।

ରସାଣିବା-କ୍ରି. ମାର୍ଜନା ଦ୍ୱାରା ଉଜ୍ଜ୍ୱଳ କରିବା ।

ରସା-ତଳ-ବି. ପାତାଳ ।

ରସାୟନ-ବି. (ରସ-ଅୟନ) ଜରାନାଶକ ଦୀର୍ଘ-ଜୀବନ-ପ୍ରଦ ଔଷଧ; ପଦାର୍ଥମାନଙ୍କର ସଂଯୋଗ ଦ୍ୱାରା ଉତ୍ପତ୍ତି ପଦାର୍ଥର ଗୁଣାନ୍ତର ବା ରସା-ନ୍ତର ପ୍ରାପ୍ତି । ଯେଉଁ ବିଦ୍ୟା ଦ୍ୱାରା ରସାୟନ ବିଷୟର ଜ୍ଞାନ ଲବ୍ଧ ହୁଏ, ତାହାକୁ ରସାୟନ-ବିଦ୍ୟା ବୋଲିଯାଏ ।

ରସାଳ-ବି. ଆମ୍ର, ବି. ରସଯୁକ୍ତ ।

ରସିକ-ବି. (ରସ-ଇକ) ରସଜ୍ଞ, ଲମ୍ପଟ; ସ୍ତ୍ରୀ-

ରସିକତା-ବି. ରସବୋଧ । [ ରସିକା ।

ରସିତ-ବି. (ରସ୍-ତ) ସ୍ୱାଦିତ; ଗର୍ଜିତ; ଶବ୍ଦିତ ।

ରସୁନ, ରସୋନ-ବି. ରସୁଣ ।

ରସେନ୍ଦ୍ର-ବି. (ରସ-ଇନ୍ଦ୍ର) ପାରଦ ।

ରହଃ-ବି. ଗୁପ୍ତଭାବ । [ ବିଷୟ ।

ରହସ୍ୟ-ବି. (ରହସ୍-ଯ) ଗୂଢ଼ତତ୍ତ୍ୱ; ବି. ଗୁପ୍ତ-

ରହିତ-ବି. ( ରହ-ତ ) ବର୍ଜିତ, ବହୀନ ।

ରହିବା-କ୍ରି. ଅବସ୍ଥାନ କରିବା ।

ରାଉବା-କ୍ରି. ଡାକିବା ।

ରାକା-ବି. ପୂର୍ଣ୍ଣିମା ତିଥି ।

ରାକ୍ଷସ-ବି. ଅସୁର, ନିଶାଚର ।

ରାକ୍ଷସ-ବିବାହ-ବି. ବଳପୂର୍ବକ ବିବାହ ।

ରକ୍ଷସୀ-ବି. ଅସୁସ୍ଥ ।

ରାକ୍ଷା-ବି. ଲାକ୍ଷା । [ପ୍ରକାର ସ୍ୱର ।

ରାଗ-ବି. ଅନୁରାଗ; କ୍ରୋଧ ; ସଂଗୀତରେ ଛଅ-

ରାଗିଣୀ-ବି. ସଂଗୀତରେ ୩୬ ପ୍ରକାର ସ୍ୱର ।

ରାଗୀ-ବି. ( ରାଗ-ଇନ୍ ) କ୍ରୋଧୀ ।

ରାଘବ-ବି. ( ରଘୁ-ଅ) ରାମଚନ୍ଦ୍ର ।

ରାଙ୍କବ-ବିଂ. ( ରଙ୍କୁ-ଅ ) ମୃଗଲୋମ-ନିର୍ମିତ ।

ରାଜକ-ବି. (ରାଜନ୍-କ) ରାଜସମୂହ ।

ରାଜକୀୟ-ବିଂ. ( ରାଜନ୍-ଈୟ) ରାଜ-ସମ୍ବନ୍ଧୀୟ ।

ରାଜତ-ବିଂ. (ରଜତ-ଅ) ରୌପ୍ୟସମ୍ବନ୍ଧୀୟ ।

ରାଜ-ତ୍ୱ-ବି. ରାଜପଦ, ରାଜ-ପଣ ।

ରାଜ-ଦ୍ରୋହୀ-ବିଂ. ରାଜାର ବିରୁଦ୍ଧରେ ଦ୍ରୋହ-

ରାଜ-ଧର୍ମ-ବି. ପ୍ରଜାପାଳନ-କର୍ମ । [କାରୀ ।

ରାଜ-ଧାନୀ-ବି. ( ରାଜନ୍-ଧା-ଅନ-ଈ ) ରାଜାର ପ୍ରଧାନ ନଗରୀ ।

ରାଜ-ନୀତି-ବି. ରାଜ୍ୟ-ଶାସନ ସମ୍ବନ୍ଧୀୟ ନୀତି ।

ରାଜନ୍ୟ-ବି. ( ରାଜନ୍-ଯ ) ରାଜପୁତ୍ର; ସାମନ୍ତ-ନୃପତି ।

ରାଜ-ପଥ-ବି, ରାଜମାର୍ଗ; ପ୍ରଶସ୍ତ ମାର୍ଗ ।

ରାଜ-ପୁରୁଷ-ବି. ରାଜ-କର୍ମଚାରୀ ।

ରାଜ-ଯକ୍ଷ୍ମା-ବି. ମହାକ୍ଷୟରୋଗ ।

ରାଜର୍ଷି-ବି. ( ରାଜନ୍-ଋଷି ) ରାଜା ଅଥଚ ଋଷି ।

ରାଜସ, ରାଜସିକ-ବିଂ. ( ରଜସ୍-ଅ, ଇକ ) ରଜୋଗୁଣପ୍ରଧାନ । [ଯଜ୍ଞ-ବିଶେଷ ।

ରାଜସୂୟ-ବି. (ରାଜନ୍-ସୂ-ଯ) ସମ୍ରାଟଙ୍କ ସମ୍ପାଦ୍ୟ

ରାଜସ୍ୱ-ବି. ରାଜ-ପ୍ରାପ୍ୟ ଧନ ; ରାଜ-କର ।

ରାଜ-ହଂସ-ବି. ଶୁକ୍ଲବର୍ଣ୍ଣ ହଂସବିଶେଷ; କଳ-

ରାଜା-ବି. (ରାଜ୍-ଅନ) ନୃପତି । [ହଂସ ।

ରାଜାଧିରାଜ-ବି. ( ରାଜନ୍-ଅଧିରାଜ) ସମ୍ରାଟ୍ ।

ରାଜି ବି. ଶ୍ରେଣୀ; ସମୂହ ।

ରାଜି-ବିଂ. (ଆରବୀ) ସମ୍ମତ ।

ରାଜିତ-ବିଂ. ( ରାଜ୍-ତ ) ଶୋଭିତ ।

ରାଜିଲ-ବି. ଧଣ୍ଡସାପ ।

ରାଜୀବ-ବି. ପଦ୍ମ ।

ରାଜ୍ଞୀ-ବି. (ରାଜନ୍-ଈ) ରାଣୀ, ରାଜ-ମହିଷୀ ।

ରାଜ୍ୟ-ବି. (ରାଜନ୍-ଯ) ରାଜ-ଶାସିତ ଦେଶ ।

ରାଜ୍ୟ-ତନ୍ତ୍ର-ବି. ରାଜ୍ୟ-ଶାସନ-ପ୍ରଣାଳୀ ।

ରାଜ୍ୟାଙ୍ଗ-ବି. (ରାଜ୍ୟ-ଅଙ୍ଗ) ରାଜା, ମନ୍ତ୍ରୀ, ମିତ୍ର, ଧନ, ଦେଶ, ଦୁର୍ଗ, ସୈନ୍ୟ, ପ୍ରଜା ଏହି ଅଠ ଅଙ୍ଗ ।

ରାଢ଼ି-ବିଂ. କୃପଣ ।

ରାଢ଼ି-ବି. ଏକ ପ୍ରକାର କୈବର୍ତ୍ତ ।

ରାଣ-ବି. ଶପଥ ।

ରାଣା-ବି. (ରାଜନ୍‌ଶବ୍ଦଜ) ରାଜା ।

ରାଣୀ-ବି. (ରାଜ୍ଞୀଶବ୍ଦଜ) ରାଜମହିଷୀ ।

ରାଣ୍ଡି-ବି. (ରଣ୍ଡାଶବ୍ଦଜ) ବିଧବା ।

ରାତି-ବି. (ରାତ୍ରିଶବ୍ଦଜ) ରାତ୍ରି, ନିଶା ।

ରାତ୍ରି-ବି. ରାତି, ନିଶା ।

ରାଧା, ରାଧିକା-ବି. (ରାଧ୍-ଅ, ଇକ-ଆ) ନକ୍ଷତ୍ର-ବିଶେଷ; ଗୋପୀବିଶେଷ ।

ରାଧେୟ-ବି. ରାଧାନାମ୍ନୀ ନାରୀ ଦ୍ୱାରା ପାଳିତ କର୍ଣ୍ଣ ନାମକ ବୀର ।

ରାଙ୍ଗିବା-କ୍ରି. ରଞ୍ଜନ କରିବା ।

ରାମ-ବିଂ. (ରମ୍-ଣିଚ୍-ଅ) ସୁନ୍ଦର; ବି. ଦାଶରଥି ରାମଚନ୍ଦ୍ର; ପରଶୁରାମ; କୃଷ୍ଣଭ୍ରାତା ବଳରାମ ।

ରାମଣୀୟକ-ବି. (ରମଣୀୟ-କ) ଶୋଭା ।

ରାମା-ବି. ସୁନ୍ଦରୀ ନାରୀ ।

ରାମାୟଣ-ବି. ( ରାମ-ଅୟନ ) ବାଲ୍ମୀକିପ୍ରଣୀତ ରାମ-ସମ୍ବନ୍ଧୀୟ ମହାକାବ୍ୟ ।

ରାମ୍ଭିବା-କ୍ରି. ହମ୍ବାରିବା ।

ରାଳ-ବି. ଧୂଣା; ଅଳକାତରା ।

ରାବ-ବି. (ରୁ-ଅ) ରବ, ଧ୍ୱନି ।

ରାବଣ-ବି. ରାମଶତ୍ରୁ ଲଙ୍କାପତି ।

ରାବଣି-ବି. (ରାବଣ-ଇ) ରାବଣ-ପୁତ୍ର ଇନ୍ଦ୍ରଜିତ୍ ।

ରାଶ୍-ବି. (ରଶ୍ମି ଶବ୍ଦଜ) ଲଗାମ ।

ରାଶି-ବି. ନକ୍ଷତ୍ରପୁଞ୍ଜ; ସ୍ତୂପ ।

ରାଶି-ବି. ଖସା, ଛଳ ।

ରାଶି-ଚକ୍ର-ବି. ମେଷାଦି ଦ୍ୱାଦଶ ରାଶିଯୁକ୍ତ ବୃତ୍ତ ।

ରାଶୀକୃତ-ବିଂ. ସ୍ତୂପୀକୃତ ।

ରାଷ୍ଟ୍ର-ବି. (ରାଜ୍-ତ୍ର) ରାଜ୍ୟ; ଜନ-ପଦ ।

ରାଷ୍ଟ୍ର-ବିପ୍ଳବ-ବି. ରାଜ-ବିଦ୍ରୋହ; ରାଜ୍ୟଶାସନର ପରିବର୍ତ୍ତନ । [ବିଶେଷ ।

ରାସ-ବି. (ରସ୍-ଅ) କାର୍ତ୍ତିକ ପୂର୍ଣ୍ଣିମାରେ ପଙ୍କ-

ରାସଭ-ବି. ଗର୍ଦ୍ଦଭ, ଗଧ ।

ରାସାୟନିକ-ବିଂ. (ରସାୟନ-ଇକ) ରସାୟନ

ରାସ୍ତା-ବି. ମାର୍ଗ । [ବିଦ୍ୟା ସମ୍ବନ୍ଧୀୟ ।

ରାସ୍ନା-ବି. ଔଷଧ ଦ୍ରବ୍ୟ-ବିଶେଷ, ରାସ୍ନା ।

ରାହା-ବି. (ପାର୍ଶୀ) ମାର୍ଗ ।

ରାହାଜାନୀ-ବି. (ପାର୍ଶୀ) ଡକାୟତି ।

ରାହୁ-ବି. ଚନ୍ଦ୍ର-ସୂର୍ଯ୍ୟାବରକ ଛାୟା । (ଅଷ୍ଟମ ଗ୍ରହ ବୋଲି ହିନ୍ଦୁ ଶାସ୍ତ୍ରରେ କଥିତ) ।

ରାହୁ-ଗ୍ରାସ-ବି. ଚନ୍ଦ୍ର-ସୂର୍ଯ୍ୟ-ଗ୍ରହଣ ।

ରିକ୍ତ-ବିଂ. (ରିଚ୍-ତ) ଶୂନ୍ୟ; ନିଷ୍ଫଳ ।

ରିକ୍ତା-ବି. ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ ତିଥି ।

ରିକ୍ଥ-ବି. ଧନ । [ବିଶେଷ ।

ରିଠା-ବି. ବସ୍ତ୍ର-ପରିଷ୍କରଣାର୍ଥ ବ୍ୟବହୃତ ଫଳ-

ରିପୁ-ବି. ଶତ୍ରୁ; କାମ-କ୍ରୋଧ-ଲୋଭ ମୋହ-ମଦ-ମାତ୍ସର୍ଯ୍ୟ ମନୁଷ୍ୟର ଏହି ଷଡ୍‌ରିପୁ ।

ରିଷ୍ଟ-ବି. ଅଶୁଭ; ଶୁଭ ।

ରୀତି-ବି. ( ରୀ-ତି ) ଧାରା; ପଦ୍ଧତି; ଆଚାର-

ରୁକ୍ମ-ବି. ସ୍ୱର୍ଣ୍ଣ । [ବ୍ୟବହାର ।

ରୁକ୍ମିଣୀ-ବି. ଶ୍ରୀକୃଷ୍ଣପତ୍ନୀ ।

ରୁକ୍ଷ-ବିଂ. କର୍କଶ; ତୀବ୍ର; କଠୋର ।

ରୁଗ୍ଣ-ବିଂ. (ରୁଜ୍-ତ) ରୋଗାକ୍ରାନ୍ତ; ପୀଡ଼ିତ ।

ରୁଚି-ବି. (ରୁଚ୍-ଇ) ପ୍ରୀତି; ଅଭିଲାଷ; ଦୀପ୍ତି ।

ରୁଚିର-ବିଂ. ( ରୁଚ୍-ଇର ) ସୁନ୍ଦର; ମଧୁର; ଉଜ୍ଜ୍ୱଳ ।

ରୁଚିବା-କ୍ରି. ସ୍ୱାଦୁ ଲାଗିବା; ପ୍ରୀତିକର ହେବା ।

ରୁଚ୍ୟ-ବିଂ. (ରୁଚ୍-ଯ) ରୁଚିକାରକ ।

ରୁଟି, ରୋଟି-ବି. (ରୋଟିକା ଶବ୍ଦଜ) ଗୋଧୂମାଦି ଚୂର୍ଣ୍ଣର ପିଷ୍ଟକବିଶେଷ ।

ରୁଣ୍ଡ-ବିଂ. ଏକତ୍ରିତ ।

ରୁତ-ବି. (ରୁ-ତ) ପଶୁ ପକ୍ଷୀର ଶବ୍ଦ; ରବ ।

ରୁଦିତ-ବି. (ରୁଦ୍-ତ) ରୋଦନ; କ୍ରନ୍ଦନ ।

ରୁଦ୍ଧ-ବି. ( ରୁଧ୍-ତ ) ବେଷ୍ଟିତ; ବାଧିତ; ପ୍ରତିବନ୍ଧ । [ଦେବତା; ବି. ଉପାଧକ ।
ରୁଦ୍ର-ବି. ( ରୁଦ୍-ର ) ଶିବ; ଏକାଦଶ ଗଣ-
ରୁଦ୍ରାକ୍ଷ-ବି. ( ରୁଦ୍ର-ଅକ୍ଷି ) ବୃକ୍ଷବିଶେଷର ଫଳ, ଏହି ଫଳରେ ଜପମାଳା ପ୍ରସ୍ତୁତ ହୁଏ ।
ରୁଦ୍ରାଣୀ-ବି. ଦୁର୍ଗା ।
ରୁଧିର-ବି. (ରୁଧ୍-ଇର) ରକ୍ତ, ଶୋଣିତ ।
ରୁମାଲ୍-ବି. (ଫାର୍ଶୀ) ମୁଖମାର୍ଜନ ବସ୍ତ୍ରଖଣ୍ଡ ।
ରୁରୁ-ବି. କୃଷ୍ଣସାର; ମୃଗବିଶେଷ ।
ରୁଷିତ, ରୁଷ୍ଟ-ବି. (ରୁଷ୍-ତ) କୁପିତ ।
ରୁଷିବା-କ୍ରି. କୋପ କରିବା; ଅଭିମାନ କରିବା ।
ରୁଷ୍ଟି-ବି. (ରୁଷ୍-ତି) ରୋଷ, କ୍ରୋଧ ।
ରୂଢ଼-ବି. ( ରୁହ୍-ତ ) ଉତ୍ପନ୍ନ; ପ୍ରସିଦ୍ଧ; ଧାତୁ ପ୍ରତ୍ୟୟର ଅପେକ୍ଷା ନ କରି ଅନ୍ୟାର୍ଥ ପ୍ରକାଶକ ।
ରୂଢ଼ମୂଳ-ବି. ବଦ୍ଧମୂଳ ।
ରୂଢ଼ବାକ୍ୟ-ବି. କର୍କଶ କଥା ।
ରୂଢ଼ି-ବି. ପ୍ରସିଦ୍ଧି ।
ରୂପ-ବି. ( ରୂପ୍-ଅ ) ସୌନ୍ଦର୍ଯ୍ୟ; ଆକୃତି; ପ୍ରକାର; ଚେହେରା ।
ରୂପକ-ବି. ବାକ୍ୟର ଅଳଙ୍କାରବିଶେଷ, ଯଥା- ଉପମାନ ସହିତ ଉପମେୟର ଅଭେଦବୋଧ ।
ରୂପବତୀ-ବି. ସୁନ୍ଦରୀ ।
ରୂପବାନ୍-ବି. (ରୂପ-ବତ୍) ସୁନ୍ଦର ।
ରୂପାଜୀବା-ବି. (ରୂପ-ଆଜୀବ) ବେଶ୍ୟା ।
ରୂପାନ୍ତର-ବି. ( ରୂପ-ଅନ୍ତର ) ଭିନ୍ନ ରୂପ; ପରିବର୍ତ୍ତନ ।
ରୂପାସ୍ତ୍ର-ବି. (ରୂପ-ଅସ୍ତ୍ର) କନ୍ଦର୍ପ ।
ରୂପ୍ୟ, ରୌପ୍ୟ-ବି. ରଜତ, ରୂପା ।
ରେ-ଅ. ନୀଚ ସମ୍ବୋଧନ । [ଶ୍ରେଣୀ ।
ରେଖା-ବି. ( ଲିଖ୍-ଅ-ଆ ) ଗାର; ଅଳ୍ପମାତ୍ର;
ରେଖା-ଗଣିତ-ବି. କ୍ଷେତ୍ରତତ୍ତ୍ୱ ।
ରେଚକ-ବି. (ରିଚ୍-ଣିଚ୍-ଅକ) ଭେଦକାରକ; ନିଃସାରକ ।
ରେଚନ-ବି. ବିରେଚନ, ଭେଦ ।
ରେଜକି-ବି. ସୂକ୍ଷ୍ମ ଅଧୁଲି ପ୍ରଭୃତି ।
ରେଣୁ-ବି. ଧୂଳି; ପରାଗ ।
ରେଣୁକା-ବି. ପରଶୁରାମଙ୍କର ମାତା ।
ରେତଃ-ବି. ଶୁକ୍ର, ବୀର୍ଯ୍ୟ ।
ରେଫ- ବି. ର, ଏହି ବର୍ଣ୍ଣ ।
ରେବତୀ-ବି. ନକ୍ଷତ୍ରବିଶେଷ ।
ରେବା-ବି. ନର୍ମଦାନଦୀ ।
ରେଶମ-ବି. (ଫାର୍ଶୀ) କୌଶେୟ ବସ୍ତ୍ର ।
ରୈଖିକ-ବି. (ରେଖା-ଇକ) ରେଖାସମ୍ବନ୍ଧୀୟ ।
ରୋଇବା-କ୍ରି. (ରୋପିଧାତୁରୁ) ରୋପଣ କରିବା, କ୍ଷେତ୍ରରେ ଗଛ ପୋତିବା ।
ରୋକଡ଼-ବି. (ଫାର୍ଶୀ) ଜମା ଖରଚ ।
ରୋଗ-ବି. (ରୁଜ୍-ଅ) ବ୍ୟାଧି ।
ରୋଗଘ୍ନ-ବି. (ରୋଗ-ହନ୍-ଅ) ରୋଗନାଶକ ।
ରୋଗୀ-ବି. (ରୋଗ-ଇନ୍) ପୀଡ଼ିତ ବ୍ୟକ୍ତି, ମଳୁ ।
ରୋଚକ-ବି. (ରୁଚ୍-ଣିଚ୍-ଅକ) ରୁଚିକାରକ ।
ରୋଚନ-ବି. ( ରୁଚ୍-ଣିଚ୍-ଅନ ) ରୁଚିକାରକ;
ରୋଚନା-ବି. ଗୋରୋଚନା । [କାନ୍ତି-ପ୍ରଦ ।

ରୋଚଷ୍ଣୁ-ବିଂ. କାନ୍ତି-ଯୁକ୍ତ ।

ରୋଜଗାର-ବି. (ପାର୍ଶୀ) ଉପାର୍ଜନ ।

ରୋଟ-ବିଂ. ମୋଟ ।

ରୋଦନ-ବି. ( ରୁଦ୍-ଅନ ) କ୍ରନ୍ଦନ ।

ରୋଦ୍ଧା-ବିଂ. ( ରୁଧ୍-ତୃ ) ରୋଧକର୍ତ୍ତା ।

ରୋଧଃ-ବି. ତଟ, କୂଳ ।

ରୋଧ-ବି. ( ରୁଧ୍-ଅ) ବାଧା; ଅବରୋଧ ।

ରୋପଣ-ବି. ( ରୁହ୍-ଣିଚ୍-ଅନ ) କ୍ଷୁଦ୍ର ବୃକ୍ଷ ପୋତିବା; ସ୍ଥାପନ; ଅର୍ପଣ ।

ରୋପିତ-ବିଂ. ( ରୁହ୍-ଣିଚ୍-ତ ) ସ୍ଥାପିତ; ଅର୍ପିତ ।

ରୋମ-ବି. ଲୋମ, ରୁମ ।

ରୋମ-କୂପ-ବି. ରୋମମୂଳ ।

ରୋମନ୍ଥ, ରୋମନ୍ଥନ-ବି. ପାକୁଳି ।

ରୋମନ୍ଥକ-ବିଂ. ରୋମନ୍ଥକାରୀ ।

ରୋମଶ-ବିଂ. ଅଧିକ ରୋମଯୁକ୍ତ ।

ରୋମ-ହର୍ଷଣ-ବି. ରୋମ ଟାଙ୍କୁରିବା ; ବିଂ. ରୋମାଞ୍ଚକାରୀ ।

ରୋମାଞ୍ଚ-ବି. ପୁଲକ, ହର୍ଷରେ ରୋମ ଟାଙ୍କୁରିବା ।

ରୋମାଞ୍ଚିତ-ବିଂ. ପୁଲକିତ, ରୋମାଞ୍ଚଯୁକ୍ତ ।

ରୋମୋଦ୍ଗମ-ବି. ( ରୋମ-ଉଦ୍ଗମ ) ରୋମାଞ୍ଚ ।

ରୋରୁଦ୍ୟମାନ-ବିଂ. (ରୁଦ୍-ଯଙ୍-ଅନ) ଅତ୍ୟନ୍ତ ରୋଦନଶୀଳ ।

ରୋଲ-ବି. ଅବ୍ୟକ୍ତ ଶବ୍ଦ ।

ରୋଲମ୍ବ-ବି. ଭ୍ରମର ।

ରୋଶନି-ବି. ( ପାର୍ଶୀ ) ଆଲୁଅ ।

ରୋଷ-ବି. (ରୁଷ୍-ଅ) କ୍ରୋଧ ।

ରୋଷେଇ-ବି. ରନ୍ଧନ ।

ରୋହିଣୀ-ବି. ନକ୍ଷତ୍ରବିଶେଷ ; ନବବର୍ଷବୟସ୍କା କନ୍ୟା ।

ରୋହିଣୀ-ପତି-ବି. ଚନ୍ଦ୍ର ।

ରୋହିତ-ବି. ରୋହିମାଛ ।

ରୌଦ୍ର-ବି. ( ରୁଦ୍ର-ଅ ) ଆତପ; ବିଂ. ପ୍ରଚଣ୍ଡ ।

ରୌପ୍ୟ-ବି. ରଜତ, ରୁପା ।

ରୌରବ-ବି. ନରକ-ବିଶେଷ; ବିଂ. ଭୟଙ୍କର ।

---

## ଲ, ଳ

ବ୍ୟଞ୍ଜନବର୍ଣ୍ଣର ଅଷ୍ଟାବିଂଶ ବର୍ଣ୍ଣ । ଳ ଶବ୍ଦର ଆରମ୍ଭରେ ବସେ ନାହିଁ ।

ଲଉଡ଼ି-ବି. ( ଲଗୁଡ଼ଶବ୍ଦଜ ) ଯଷ୍ଟି ।

ଲକ୍ଷ-ବି. (ଲକ୍ଷ୍-ଅ) ଶତସହସ୍ର ସଂଖ୍ୟା ।

ଲକ୍ଷକ-ବିଂ. (ଲକ୍ଷ୍-ଅକ) ଲକ୍ଷଣା ଦ୍ୱାରା ଅର୍ଥବୋଧକ ।

ଲକ୍ଷଣ-ବି. (ଲକ୍ଷ୍-ଅନ) ଚିହ୍ନ; ପରିଚୟ ।

ଲକ୍ଷଣା-ବି. ପ୍ରକୃତ ଅର୍ଥ ପରିବର୍ତ୍ତରେ ଅନ୍ୟାର୍ଥବୋଧନୀ ଶକ୍ତି ।

ଲକ୍ଷଣୀୟ-ବିଂ. ଦର୍ଶନୀୟ ; ଅନୁଭବନୀୟ ।

ଲକ୍ଷିତ-ବିଂ. ଦୃଷ୍ଟ; ଅନୁଭୂତ ।

ଲକ୍ଷ୍ମ-ବି. ( ଲକ୍ଷ୍-ମନ୍ ) ଚିହ୍ନ ।

ଲକ୍ଷ୍ମଣ-ବିଂ. ସୌଭାଗ୍ୟଶାଳୀ ; ବି. ରାମଭ୍ରାତା ।

ଲକ୍ଷ୍ମୀ-ବି. ( ଲକ୍ଷ୍-ଈ ) ଭାଗ୍ୟଦେବୀ ; ବିଷ୍ଣୁପତ୍ନୀ, ସିନ୍ଧୁସୁତା ; ଶୋଭା; ରାଜଶ୍ରୀ ।

ଲକ୍ଷ୍ୟ-ବିଂ. (ଲକ୍ଷ୍-ଯ) ଉଦ୍ଦେଶ୍ୟ; ବି. ବେଧନାର୍ଥ ଲକ୍ଷିତ ବସ୍ତୁ; ଚିହ୍ନ ।

ଲଗାଇବା-କ୍ରି. (ଲଗ୍‌ଧାତୁରୁ) ସଂଲଗ୍ନ କରିବା;
ପିନ୍ଧିବା; ଲେପନ କରିବା । [ବୃଷ୍ଟି ।

ଲଗାଣି-ବି. ଏକ; ଏକାଧିକ ଧନ ଅନବରତ

ଲଗାମ-ବି. (ଫାର୍ସୀ) ଘୋଡାର ବାଗ ।

ଲଗୀ-ବି. ଜଗୀ, ଅଙ୍କୁଶି ।

ଲଗୁଡ଼-ବି. ଯଷ୍ଟି ।

ଲଗ୍ନ-ବିଂ. ( ଲଗ୍-ତ ) ସଂଯୁକ୍ତ ; ବି. ମେଷାଦି
ରାଶିର ଉଦୟକାଳ ; ବିବାହର ଶୁଭକାଳ ।

ଲଘିମା-ବି. (ଲଘୁ-ଇମନ୍) ଲଘୁତା, ହାଲୁକା-
ପଣ; ଅଗୌରବ ।

ଲଘିଷ୍ଠ-ବିଂ. ( ଲଘୁ-ଇଷ୍ଠ ) ଅତ୍ୟନ୍ତ ଲଘୁ ।

ଲଘୀୟାନ୍-ବିଂ. (ଲଘୁ-ଈୟସ୍) ଅତ୍ୟନ୍ତ ଲଘୁ ।

ଲଘୁ-ବିଂ. ହାଲୁକା ; ଅଳ୍ପ ; ସାମାନ୍ୟ ; ସହ-
ଜରେ ଜୀର୍ଣ୍ଣ । [ବସ୍ତ୍ର; ହାଲୁକାପଣ ।

ଲଘୁତା, ଲଘୁତ୍ୱ, ଲାଘବ-ବି. ଅଳ୍ପ ଭାର-

ଲଘୁ-ହସ୍ତ-ବିଂ. କ୍ଷିପ୍ରହସ୍ତ ।

ଲଘୁକରଣ-ବି. ଗଣିତରେ ଉଚ୍ଚଶ୍ରେଣୀର
ରାଶିକୁ ନିମ୍ନଶ୍ରେଣୀରେ ଓ ନିମ୍ନଶ୍ରେଣୀସ୍ଥ ରାଶିକୁ
ଉଚ୍ଚଶ୍ରେଣୀରେ ପରିବର୍ତ୍ତନ ।

ଲଙ୍କା-ବି. ସିଂହଳ ଦ୍ୱୀପ ।

ଲଙ୍ଗଳ-ବି. ଲାଙ୍ଗଳ, ହଳ ।

ଲଙ୍ଗଳା-ବିଂ. (ଲଗ୍ନଶବ୍ଦଜ) ଲଙ୍ଗଳା ; ଲଗ୍ନ ।

ଲଙ୍ଘନ-ବି. (ଲଙ୍ଘ୍-ଅନ) ଅତିକ୍ରମଣ ; ଉପ-

ଲଙ୍ଘିତ-ବିଂ. ଅତିକ୍ରାନ୍ତ । [ବାସ ।

ଲଜ୍ଜା-ବି. (ଲସ୍‌ଜ୍-ଅ-ଆ) ଲାଜ, ତ୍ରପା, ବ୍ରୀଡ଼ା ।

ଲଜ୍ଜାଳୁ-ବିଂ. ଲଜ୍ଜାଶୀଳ ।

ଲଜ୍ଜିତ-ବିଂ. ଲଜ୍ଜାଯୁକ୍ତ ।

ଲଞ୍ଜା-ବି. ଲାଙ୍ଗୁଳ, ପୁଚ୍ଛ ।

ଲଟେ-ବି. ପ୍ରମାଦବଚନ; ଦୋଷ ।

ଲଟେକାଇବା-କ୍ରି. ଟଙ୍ଗାଇବା ।

ଲଠା-ବି. ଲଉଡ଼ା ; ଡଙ୍ଗଲ ।

ଲଠାଇବା-କ୍ରି. ଲଉଡ଼ାପାଇ ମାଡ଼ିବା ।

ଲଟୁ-ବି. ନଟୁ, ଗୋଲାକାର ଖେଳଣାବିଶେଷ ।

ଲଡ଼ୁ-ବି. ଗୋଲାକୃତି ମିଷ୍ଟାନ୍ନ ।

ଲଢ଼ାଇ-ବି. ଯୁଦ୍ଧ ।

ଲଢ଼ାଇବା-କ୍ରି. ଯୁଦ୍ଧ କରାଇବା ।

ଲଣ୍ଠନ-କାଚନିର୍ମିତ ଦୀପାଧାର ।

ଲଣ୍ଡଭଣ୍ଡ-ବିଂ. ବ୍ୟତିବ୍ୟସ୍ତ, ହଇରାଣ ।

ଲଣ୍ଡା-ବିଂ. କେଶହୀନ ( ମୁଣ୍ଡ ) ; ଶାଖାପତ୍ରହୀନ
( ବୃକ୍ଷ ) ।

ଲତା-ବି. ଲଟା, ଲଟକା, ବ୍ରତତୀ ।

ଲଦନ-ବି. ବୋଝ; ଲଦା ହୋଇଥିବା ବୋଝ ।

ଲଦିବା-କ୍ରି. ବୋଝାଇ କରିବା, ବୋଝ ଚଢ଼ା-
ଇବା ।

ଲପନ-ବି. ( ଲପ୍ ଅନ ) ମୁଖ, ବଦନ ।

ଲବ୍ଧ-ବିଂ. (ଲଭ୍-ତ) ପ୍ରାପ୍ତ ; ଉପାର୍ଜିତ ।

ଲବ୍ଧ-ବର୍ଣ୍ଣ-ବିଂ. ପ୍ରସିଦ୍ଧ ; ବିଚକ୍ଷଣ ।

ଲବ୍ଧି-ବି. (ଲଭ୍-ତି) ପ୍ରାପ୍ତି ।

ଲଭିବା-କ୍ରି. ( ଲଭ୍‌ଧାତୁରୁ ) ପାଇବା ।

ଲଭ୍ୟ-ବିଂ. (ଲଭ୍-ଯ) ପ୍ରାପ୍ୟ ।

ଲମ୍ପଟ-ବି. ( ରମ୍-ଅଟ ) କାମୁକ ।

ଲମ୍ଫ-ବି. (ଲମ୍ଫ୍-ଅ) କୁଦା ।

ଲମ୍ବ-ବିଂ. ଲମ୍ବା, ଦୀର୍ଘ; ଦୋଳାୟମାନ; ବି. ଲମ୍ବମାନ ରେଖା । [ଦ୍ୱାର ।

ଲମ୍ବନ-ବି. (ଲମ୍ବ୍-ଅନ) ଦୋଳନ; ଅବଲମ୍ବନ;

ଲମ୍ବମାନ-ବିଂ. (ଲମ୍ବ୍-ଅନ) ଦୋଳାୟମାନ ।

ଲମ୍ବିତ-ବିଂ. (ଲମ୍ବ୍-ତ) ଦୋଳିତ ।

ଲମ୍ବିବା-କ୍ରି. ଝୁଲିବା ; ଲମ୍ବାଇବା ; ଝୁଲାଇବା ; ମେଲାଇବା ।

ଲମ୍ବୋଦର-ବି. (ଲମ୍ବ-ଉଦର) ଗଣେଶ ।

ଲମ୍ଭନ-ବି. (ଲଭ୍-ଅନ) ପ୍ରାପଣ ।

ଲମ୍ଭିତ-ବିଂ. ପ୍ରାପିତ ।

ଲୟ-ବି. (ଲୀ-ଅ) ଲୀନ ହେବା; ଧ୍ୟାନ; ପ୍ରଳୟ; ଗୀତ ବାଦ୍ୟାଦିର ସମାନ କାଳ ।

ଲଲତ୍-ବିଂ. (ଲଡ୍-ଅତ୍) ଦୋଳାୟମାନ ।

ଲଲନ-ବି. (ଲଲ୍-ଅନ) କ୍ରୀଡ଼ା; ଚଳନ ।

ଲଲନା-ବି. (ଲଲ୍-ଅ-ଅନ) ସ୍ତ୍ରୀ; ଉତ୍ତମା ନାରୀ ।

ଲଲନ୍ତିକା-ବି. ନାଭି-ଲମ୍ବିତ ହାର ।

ଲଲାଟ-ବି. କପାଳ, ଭାଲ । [ତିଳକ ।

ଲଲାଟିକା-ବି. ଲଲାଟର ଭୂଷଣ; ଲଲାଟସ୍ଥ

ଲଲାମ-ବି. ଭୂଷଣ ; ଲଲାଟ-ଭୂଷଣ ।

ଲଳିତ-ବିଂ. (ଲଲ୍-ତ) ସୁନ୍ଦର; ପ୍ରିୟ; ବି. ବିଳାସ ।

ଲଳିତା-ବି. ଗୋପୀବିଶେଷ; ସୁନ୍ଦରୀ ନାରୀ ।

ଲବ-ବି. (ଲୂ-ଅ) କଣିକା; ବିନ୍ଦୁ; ଲେଶ ; ଅଳ୍ପମାତ୍ର ।

ଲବଙ୍ଗ-ବି. ଏକପ୍ରକାର ବୃକ୍ଷର ସୁଗନ୍ଧ ପୁଷ୍ପ ।

ଲବଣ-ବି. (ଲୂ-ଅନ) ଲୁଣ ; ଦୀପ୍ତି ।

ଲବଣୀ-ବି. (ନବନୀତଶବ୍ଦଜ) ଲହୁଣୀ ।

ଲସା-ବି. (ରସଶବ୍ଦଜ) ଘାର ପୁଯପାଣି ।

ଲସି-ବି. ନାଳ, ଦେହରୁ ବାହାରିବା ରସ ।

ଲସୁନ-ବି. ରସୁଣ ।

ଲସ୍କର-ବି. (ପାର୍ଶୀ) ସୈନ୍ୟ; ଜାହାଜ-ଖଲାସି ।

ଲହକା-ବିଂ. ସହଜରେ ନମନୀୟ, ଯାହା ସହଜରେ ନଇଁଯାଏ ।

ଲହରୀ-ବି. ଲହଡ଼ୀ, ତରଙ୍ଗ ।

ଲାଉ-ବି. (ଲାବୁଶବ୍ଦଜ) ଅଲାବୁ ଫଳ ।

ଲାକ୍ଷଣିକ-ବିଂ. ଲକ୍ଷଣସମ୍ବନ୍ଧୀୟ ; ଲକ୍ଷଣାଦ୍ୱାରା [ଅର୍ଥବୋଧକ ।

ଲାକ୍ଷା-ବି. ଲାଖ, ଜଉ ।

ଲାକ୍ଷା-ତରୁ-ବି. ପଳାଶ ବୃକ୍ଷ ।

ଲାକ୍ଷାରସ-ବି. ଅଳତା ।

ଲାଖରାଜ-ବିଂ. (ପାର୍ଶୀ) ନିଷ୍କର ।

ଲାଗି-ଅ. ନିମିତ୍ତ; ବି. ଭୋଗ ଲଗାଯାଇଥିବା ।

ଲାଗିବା-କ୍ରି. ସଂଲଗ୍ନ ହେବା ; ମିଳିବା; ଅଭିନିବିଷ୍ଟ ହେବା ; ଶତ୍ରୁତା କରିବା ।

ଲାଘବ-ବି. (ଲଘୁ-ଅ) ଲଘୁତା; ନ୍ୟୂନତା ।

ଲାଙ୍ଗଳ-ବି. ହଳ ।

ଲାଙ୍ଗୁଳ, ଲାଙ୍ଗୂଳ-ବି. ଲାଙ୍ଗୁଡ଼, ଲାଞ୍ଜ ।

ଲାଜ-ବି. ଲଜ୍ଜା; ଖଇ ।

ଲାଜା-ବି. ଲିଆ, ଖଇ ।

ଲାଞ୍ଚ-ବି. ରସ୍‌ବତ, ଉତ୍କୋଚ ।

ଲାଞ୍ଛନ-ବି. (ଲାଞ୍ଛ-ଅନ) ଚିହ୍ନ; ଧ୍ୱଜ ।

ଲାଞ୍ଛିତ-ବିଂ. ଚିହ୍ନିତ ।

ଲାଞ୍ଜ ବି. ଲାଙ୍ଗୁଳ, ପୁଚ୍ଛ ।

ଲାଠ·ବିଂ. ପୂର୍ଣ୍ଣଭଗ୍ନ; ମଳିନ । [ହ୍ରାକର୍ମ ।

ଲାଟ୍-ବି. (ଇଂରାଜ ଲର୍ଡଶବ୍ଦରୁ) ପ୍ରଭୁ; ଶ୍ରେଷ୍ଠ

ଲାଭ-ବି. (ଲଭ୍-ଅ) ପ୍ରାପ୍ତି; ଉପଲବ୍ଧି; ଧନ ।

ଲାମ୍ପଟ୍ୟ-ବି. ଲମ୍ପଟତା ।

ଲାଳ-ବି. ଲାଳା, ମୁଖଜାତ ଜଳ ।

ଲାଳନ-ବି. (ଲଲ୍-ଣିଚ୍-ଅନ) ସସ୍ନେହ ପାଳନ ।

ଲାଳସା-ବି. (ଲସ୍-ଯଙ୍-ଅ) ବାସନା; ସ୍ପୃହା ।

ଲାଲ୍-ବି. ରକ୍ତବର୍ଣ୍ଣ । [ପାଳିତ ।

ଲାଳିତ-ବିଂ. (ଲଲ୍-ଣିଚ୍-ତ) ଅତି ସ୍ନେହେ

ଲାଳିତ୍ୟ-ବି. (ଲଳିତ-ଯ) କୋମଳତା; ସୌନ୍ଦର୍ଯ୍ୟ; ମାଧୁର୍ଯ୍ୟ ।

ଲାବଣ୍ୟ-ବି. (ଲବଣ-ଯ) ଲବଣତ୍ୱ; ସୌନ୍ଦର୍ଯ୍ୟ ।

ଲାସ-ବି. (ଲସ୍-ଅ) ନୃତ୍ୟ ।

ଲାସକ-ବି. (ଲସ୍-ଣିଚ୍-ଅକ) ନର୍ତ୍ତକ ।

ଲାସିକା-ବି. (ଲସ୍-ଣିଚ-ଅକ-ଆ) ନର୍ତ୍ତକୀ ।

ଲାସ୍ୟ-ବି. (ଲସ୍-ଯ) ସ୍ତ୍ରୀନୃତ୍ୟ ।

ଲିଆ-ବି. (ଲାଜାଶବ୍ଦଜ) ଖଇ ।

ଲିଖନ-ବି. (ଲିଖ୍-ଅନ) ଅକ୍ଷର ବିନ୍ୟାସ ।

ଲିଖିତ-ବିଂ. (ଲିଖ୍-ତ) ଅକ୍ଷରରେ ବିନ୍ୟସ୍ତ; ଲେଖା ହୋଇଥିବା । [ଶିବଲିଙ୍ଗ ।

ଲିଙ୍ଗ-ବି. (ଲିନ୍ଗ-ଅ) ଚିହ୍ନ; ପୁରୁଷ ଚିହ୍ନ;

ଲିଙ୍ଗ-ବୃତ୍ତି-ବି. ଜୀବକାର୍ଥ ଧର୍ମ-ଚିହ୍ନଧାରୀ ।

ଲିପି-ବି. (ଲିପ୍-ଇ) ଅକ୍ଷର; ପତ୍ର ।

ଲିପି-କାର-ବି. ଲେଖକ ।

ଲିପି-ବଦ୍ଧ-ବିଂ. ଅକ୍ଷରରେ ବିନ୍ୟସ୍ତ; ଲିଖିତ ।

ଲିପିବା, ଲେପିବା-କ୍ରି. ଲେପନ କରିବା ।

ଲିପ୍ତ-ବିଂ. (ଲିପ୍-ତ) ଚର୍ଚ୍ଚିତ; ଯୁକ୍ତ; ମିଳିତ ।

ଲିପ୍ସା-ବି. (ଲଭ୍-ସନ୍-ଆ) ଲାଭେଚ୍ଛା, ସ୍ପୃହା ।

ଲିପ୍ସୁ-ବିଂ. ଲାଭେଚ୍ଛୁ ।

ଲିହିବା-କ୍ରି. (ଲିଖଧାତୁରୁ) ଲେଖିବା ।

ଲୀଢ଼-ବିଂ. (ଲିହ୍-ତ) ଚାଟିବା ଦ୍ୱାରା ଆସ୍ୱାଦିତ ।

ଲୀନ-ବିଂ. (ଲୀ-ତ) ଲୟ-ପ୍ରାପ୍ତ; ମିଳିତ ।

ଲୀଳା-ବି. (ଲୀ-ଲା) ବିଳାସ; କ୍ରୀଡା; ଦୈବ-ବିଧାନ ।

ଲୁକ୍କାୟିତ-ବିଂ. ଗୋପନେ ରକ୍ଷିତ; ପ୍ରଚ୍ଛନ୍ନ ।

ଲୁଗା-ବି. ବସ୍ତ୍ର ।

ଲୁଚାଇବା-କ୍ରି. ଗୁପ୍ତ ରଖିବା; ଘୋଡ଼ାଇବା ।

ଲୁଚ୍ଏ-ବି. ଗୁଡ଼ାଏ ।

ଲୁଚିବା-କ୍ରି. ଛପି ରହିବା । [କରିବା ।

ଲୁଟିବା-କ୍ରି. (ଲୁଣ୍ଠଧାତୁରୁ) ବଳପୂର୍ବକ ହରଣ

ଲୁଣ-ବି. ଲବଣ ।

ଲୁଣିଆ-ବିଂ. ଲବଣ ସ୍ୱାଦଯୁକ୍ତ ।

ଲୁଣ୍ଠନ-ବି. (ଲୁଣ୍ଠ୍-ଅନ) ଅପହରଣ ।

ଲୁଣ୍ଠନ-ବି. (ଲୁଣ୍ଠ୍-ଅନ) ଭୂମିରେ ଲୋଟିବା; ପରଦ୍ରବ୍ୟହରଣ । [ଗଡ଼ାଗଡ଼ି; ଅପହୃତ ।

ଲୁଣ୍ଠିତ-ବିଂ. (ଲୁଣ୍ଠ୍-ତ) ଭୂମିରେ ଘୂର୍ଣ୍ଣିତ ବା

ଲୁଣ୍ଠା-ବି. ଲୁଟାବଣ୍ଡା । ଅନ୍ତର୍ହିତ ।

ଲୁପ୍ତ-ବିଂ. (ଲୁପ୍-ତ) ଲୋପ-ପ୍ରାପ୍ତ; ନଷ୍ଟ;

ଲୁଳିତ-ବିଂ. ଦୋଳିତ ।

ଲୁବ୍ଧ-ବିଂ. (ଲୁଭ୍-ତ) ଲୋଭୀ ।

ଲୁବ୍ଧକ-ବି. ବ୍ୟାଧ ।

ଲୁହ-ବି. ଅଶ୍ରୁ, ଲୋତକ ।

ଲୁହା-ବି. ଲୌହ ।

ଲୂତା-ବି. ମାକଡ଼ସା

ଲୂତା-ତନ୍ତୁ-ବି. ମାକଡ଼ସାର ଜାଲ ।

ଲୂନ-ବିଂ. (ଲୂ-ତ) ଛିନ୍ନ ।

ଲେଉଟିବା-କ୍ରି. (ନି-ବୃତ୍-ଧାତୁରୁ) ଫେରିବା, ବାହୁଡ଼ିବା ।

ଲେଖକ-ବି. (ଲିଖ୍-ଅକ) ଲିପିକର; ରଚକ ।

ଲେଖନ-ବି. (ଲିଖ୍-ଅନ) ତାଳପତ୍ରରେ ଲେଖି-
ବାର ଲୁହାକଲମ; ଲେଖିବା ।

ଲେଖନୀ-ବି. କଲମ ।

ଲେଖା-ବି. ( ଲିଖ୍-ଅ-ଆ ) ରେଖା; ଲିଖନ; ଲିଖିତ ରଚନା ।

ଲେଖ୍ୟ-ବିଂ. ଲିଖନ-ଯୋଗ୍ୟ ; ବି. ଲିଖିତ
ପତ୍ରାଦି ; ଦଲିଲ ଦସ୍ତାବିଜ ।

ଲେଙ୍ଗଡ଼ା-ବିଂ. ଖୋଣ୍ଡା ।

ଲେଞ୍ଜରା-ବି. ଅଲିଅ; ଚକ୍ଷୁର କ୍ଳେଦ ।

ଲେପ-ବି. ( ଲିପ୍-ଅ ) ଲେପନ-ସାମଗ୍ରୀ ;
ପ୍ରଲେପ ; ତୁଳାପୂର୍ଣ୍ଣ ଶୀତବସ୍ତ୍ର ।

ଲେପନ-ବି. (ଲିପ୍-ଅନ) ଲେପିବା ।

ଲେମ୍ବୁ-ବି. ନାରଙ୍ଗ, ଟଭା, କାଗଜପ୍ରଭୃତି ଫଳ ।

ଲେଲିହାନ-ବିଂ. (ଲିହ୍-ଯଙ୍-ଅନ) ବାରମ୍ବାର
ଲେହନକାରୀ ।

ଲେଶ-ବି କଣା, ଅଳ୍ପ; ଅଳ୍ପମାତ୍ର ।

ଲେହ-ବି. (ଲିହ୍-ଅ) ଚାଟିବା ଦ୍ରବ୍ୟ ।

ଲେହନ-ବି. (ଲିହ୍-ଅନ) ଚାଟିବା ।

ଲେହି-ବି. ମଣ୍ଡଅଠା ।

ଲେହ୍ୟ-ବିଂ. (ଲିହ୍-ଯ) ଚାଟିବାଯୋଗ୍ୟ ।

ଲୋକ-ବି. (ଲୋକ୍-ଅ) ମନୁଷ୍ୟ; ଭୁବନ ।

ଲୋକ-ଚକ୍ଷୁ-ବି. ସୂର୍ଯ୍ୟ ।

ଲୋକନ-ବି. (ଲୋକ୍-ଅନ) ଦର୍ଶନ ।

ଲୋକ-ପାଳ-ବି. ପୁରାଣୋକ୍ତ ଅଷ୍ଟ ଦିକ୍‌ପାଳ ।

ଲୋକାନ୍ତରିତ-ବିଂ. ପରଲୋକଗତ, ମୃତ ।

ଲୋକାରଣ୍ୟ-ବି.(ଲୋକ-ଅରଣ୍ୟ)ବହୁଜନତା ।

ଲୋକୋତ୍ତର-ବିଂ. (ଲୋକ-ଉତ୍ତର) ଅଲୌ-
କିକ; ଅସାମାନ୍ୟ ।

ଲୋଚନ-ବି. ( ଲୋଚ୍-ଅନ ) ନୟନ, ଚକ୍ଷୁ;
ଦର୍ଶନ; ଆଲୋଚନା ।

ଲୋଛା-ବିଂ. ଲମ୍ପଟ ।

ଲୋଟା-ବି. ଢାଳ ।

ଲୋଟିବା-କ୍ରି. (ଲୁଠ୍ ଧାତୁରୁ) ଗଡ଼ିବା ।

ଲୋଡ଼ା-ବିଂ. ପ୍ରୟୋଜନୀୟ ।

ଲୋଡ଼ିବା-କ୍ରି. ଖୋଜିବା ।

ଲୋତକ-ବି. ଅଶ୍ରୁ ।

ଲୋପ-ବି. (ଲୁପ୍-ଅ) ଅନ୍ତର୍ଧାନ; ନାଶ ।

ଲୋଭ-ବି. (ଲୁଭ୍-ଅ) ଲାଳସା; ଆକାଂକ୍ଷା ।

ଲୋଭନ-ବିଂ. ଲୋଭଜନକ ।

ଲୋଭନୀୟ-ବିଂ. ଲୋଭଜନକ; ସ୍ପୃହଣୀୟ ।

ଲୋଭୀ-ବିଂ. ଲୋଲୁପ, ଲୁବ୍ଧ ।

ଲୋମ-ବି. ଦେହର ରୋମ ।

ଲୋମଶ-ବିଂ. ବହୁଲୋମବିଶିଷ୍ଟ ।

ଲୋମ-ହର୍ଷଣ-ବି. ରୋମାଞ୍ଚକାରୀ ।
ଲୋମାଞ୍ଚ-ବି. ରୋମାଞ୍ଚ ।
ଲୋଲ-ବି. ଚଞ୍ଚଳ; ଶିଥିଳ; ସତୃଷ୍ଣ ।
ଲୋଲୁପ-ବି. (ଲୁପ୍-ଯଙ୍-ଅ) ଅତି ଲୋଭୀ ।
ଲୋଷ୍ଟ, ଲୋଷ୍ଟ୍ରୁ-ବି. ଢେଲା ।
ଲୋହ-ବି. ଲୌହ; ଶୋଣିତ ।
ଲୋହ-କାର-ବି. କମାର ।
ଲୋହି-ବି. ଲୋମ-ନିର୍ମିତ ବସ୍ତ୍ର ।
ଲୋହିତ-ବି. ରକ୍ତବର୍ଣ୍ଣ, ଲାଲଯୁକ୍ତ ।
ଲୌକିକ-ବି. (ଲୋକ-ଇକ) ଲୋକସମ୍ବନ୍ଧୀୟ; ସାଂସାରିକ; ଲୋକ-ବ୍ୟବହାର-ସିଦ୍ଧ ।
ଲୌଲ୍ୟ-ବି. (ଲୋଲ-ଯ) ଚଞ୍ଚଳତା; ଲୋଭ ।
ଲୌହ-ବି. ଲୁହା । [ନଦ ।
ଲୌହିତ୍ୟ-ବି. (ଲୋହିତ-ଯ) ଲାଲ; ବ୍ରହ୍ମପୁତ୍ର

---

## ବ ( ଅନ୍ତଃସ୍ଥ )

ବ-ବ୍ୟଞ୍ଜନବର୍ଣ୍ଣର ଊନତ୍ରିଂଶ ଅକ୍ଷର ।
ବଂଶ-ବି. କୁଳ; ବାଉଁଶ; ବଂଶୀ ।
ବଂଶ-ଧର-ବି. (ବଂଶ-ଧୃ-ଅ) କୁଳରକ୍ଷକ ।
ବଂଶ-ଲୋଚନ-ବି. ବଂଶର ପର୍ବରୁ ଉତ୍ପନ୍ନ ଔଷଧବିଶେଷ ।
ବଂଶାନୁକ୍ରମ-ବି. ପୁରୁଷାନୁକ୍ରମ ।
ବଂଶାନୁଚରିତ-ବି. ବଂଶର ବିବରଣ ।
ବଂଶାବଳୀ-ପୂର୍ବପୁରୁଷଙ୍କର ନାମାବଳୀ ।
ବଂଶୀ-ବି. ବେଣୁ, ମୁରଲୀ ।
ବଂଶୀ-ଧର-ବି. ଶ୍ରୀକୃଷ୍ଣ ।
ବକ-ବି. ବଗପକ୍ଷୀ ।
ବକ-ବୃତ୍ତି-ବି. ବକପରି କପଟଭାବରେ ଯେ ଜୀବିକା ନିର୍ବାହ କରେ; ବଞ୍ଚକ ।
ବକମ-ବି. ଏକ ପ୍ରକାର ରକ୍ତବର୍ଣ୍ଣ କାଠ ।
ବକରା-ବି. ଛାଗ ।
ବକରୀ-ବି. ଛାଗୀ ।
ବକଲ-ବି. (ବଲ୍କଲଶବ୍ଦଜ) ଗଛର ଛାଲ ।
ବକିବା-କ୍ରି. ଅନର୍ଥକ କହିବା ।
ବକୁଆ-ବି. ବାଚାଳ ।
ବକୁଳ-ବି. ବଉଳଗଛ ।
ବକ୍ତବ୍ୟ-ବି. (ବଚ୍-ତବ୍ୟ) କହିବାର ଯୋଗ୍ୟ ।
ବକ୍ତା-ବି. (ବଚ୍-ତୃ) ବାକ୍‌ପଟୁ ଲୋକ ।
ବକ୍ତୃତା-ବି. ( ବକ୍ତୃ-ତା ) ଭାଷଣ; ମୌଖିକ
ବକ୍ତ୍ର-ବି. ମୁଖ, ବଦନ । [ବ୍ୟାଖ୍ୟାନ ।
ବକ୍ର-ବି. (ବଙ୍କ୍-ର) ବଙ୍କା, କୁଟିଳ ।
ବକ୍ରୋକ୍ତି-ବି. ( ବକ୍ର-ଉକ୍ତି ) ଶ୍ଳେଷବାକ୍ୟ; ବ୍ୟଙ୍ଗୋକ୍ତି ।
ବକଶିସ୍-ବି. (ଫାର୍ଶୀ) ପାରିତୋଷିକ ।
ବକ୍ଷଃ-ବି. ଉରଃସ୍ଥଳ ।
ବକ୍ଷୋଜ-ବି. (ବକ୍ଷଃ-ଜନ୍-ଅ) ସ୍ତ୍ରୀସ୍ତନ ।
ବକ୍ଷ୍ୟମାଣ-ବି. (ବଚ୍-ସ୍ୟମାନ) ଯାହା ବୋଲା-
ବଖରା-ବି. ବାଣ୍ଟ; କୋଠରୀ । [ଯିବ ।
ବଖାଣିବା-କ୍ରି. ବ୍ୟାଖ୍ୟାନ କରିବା; ପ୍ରଶଂସା
ବଗନ୍ଦ-ବି. ଜାରଜ; ଅଶ୍ଳୀଲ । [କରିବା ।

ବଗଡ଼ା-ବିଂ. ମୋଟା (ଯଥା ଚାଉଳ ବା ସୂତ) ।
ବଗଳା-ବି. ଦେବୀବିଶେଷ ।
ବଗିଚ୍-ବି. (ଫାର୍ସୀ) ତୋଟା, ଉଦ୍ୟାନ ।
ବଗୀ-ବି. ଏକପ୍ରକାର ଘୋଡ଼ାଗାଡ଼ି ।
ବଗୁଲି-ବି. ମାଈବଗ ।
ବଘାର-ବି. ବ୍ୟଞ୍ଜନରେ ଘୃତ ମସଲାଦି ନିକ୍ଷେପ ।
ବଙ୍କା-ବିଂ, ବକ୍ର ।
ବଙ୍କ୍ଷଣ-ବି. ଉରୁସନ୍ଧି ।
ବଙ୍ଗ-ବି. ବଙ୍ଗଳାପ୍ରଦେଶ; ରଙ୍ଗନାମକ ଧାତୁ ।
ବଙ୍ଗଳା-ବି. ପ୍ରଦେଶବିଶେଷ; ଏକପ୍ରକାର ଘର ।
ବଚ-ବି. ଔଷଧବିଶେଷ ।
ବଚନ, ବଚଃ-ବି. କଥା, ଉକ୍ତି । [ମୀପ୍ ।
ବଚନୀୟ-ବିଂ. (ବଚ୍-ଅନୀୟ) କଥନୀୟ; ନିନ୍ଦ-
ବଚସ୍କର-ବିଂ. (ବଚଃ-କୃ-ଅ) ଆଜ୍ଞାବହ ।
ବଚ୍ଛ-ବିଂ. ବାଛୁବା ଦ୍ୱାରା ଗୃହୀତ ।
ବଜରା-ବି. ଏକପ୍ରକାର ବଡ଼ ନୌକା ।
ବଜାର-ବି. ପଣ୍ୟ-କ୍ରୟ-ସ୍ଥାନ ।
ବଜାଡ଼ି-ବିଂ. ଅଶିଷ୍ଟ, ଅଭଦ୍ର । [କଠିନ ।
ବଜ୍ର-ବି. (ବଜ୍-ର) କୁଲିଶ; ହୀରା; ବିଂ. ଅତି
ବଜ୍ରୀ-ବି. (ବଜ୍ର-ଇନ୍) ଇନ୍ଦ୍ର । [ଶୃଗାଳ ।
ବଞ୍ଚକ-ବିଂ. (ବନ୍ଚ୍-ଅକ) ପ୍ରତାରକ; ବି.
ବଞ୍ଚନା-ବି. (ବନ୍ଚ୍-ଅନ-ଆ) ପ୍ରତାରଣା ।
ବଞ୍ଚିତ-ବିଂ. ପ୍ରତାରିତ ।
ବଞ୍ଚିବା-କ୍ରି. ଜୀଇବା ।
ବଞ୍ଜୁଳ-ବି. ଅଶୋକବୃକ୍ଷ; ବେତଗଛ ।

ବଟ-ବି. ବରଗଛ । [ଶଣ୍ଡାଦି ।
ବଟଖରା-ବି. ତୌଲର ପରିମାପକ ପ୍ରସ୍ତର-
ବଟା-ବି. ଟଙ୍କା ପ୍ରଭୃତି ଭଙ୍ଗାଇବା ପାଇଁ ଦେୟ ପଇସା; କଳଙ୍କ; ପାନବଟା ।
ବଟାଇବା-କ୍ରି. ପଠାଇବା ।
ବଟାଳି-ବି. ବଢ଼େଇଙ୍କର ଶସ୍ତ୍ରବିଶେଷ ।
ବଟିକା, ବଟୀ-ବି. ଔଷଧ-ବଡ଼ୀ ।
ବଟୁ-ବି. ଉପନୟନ-ସଂସ୍କାରପ୍ରାପ୍ତ ବ୍ରାହ୍ମଣ-ବାଳକ ।
ବଟୁଆ-ବି. ପାନ ଗୁଆ ପ୍ରଭୃତି ରଖିବାର ଲୁଗାଥଳୀ । [ଛୋଟ ।
ବଟୋଲ-ବି. (ବର୍ତ୍ତୁଳଶବ୍ଦଜ) ବର୍ତ୍ତୁଳାକାର ପତ୍ରଳ
ବଡ଼-ବିଂ. ବୃହତ୍, ଶ୍ରେଷ୍ଠ, ଅତ୍ୟନ୍ତ ।
ବଡ଼ବା-ବି. ଘୋଟକୀ; ସମୁଦ୍ରଘୋଟକୀ ।
ବଡ଼ଭି-ବି. ଚନ୍ଦ୍ରଶାଳା ।
ବଡ଼ା-ବି. ଗୋଲାକାର ପିଷ୍ଟକବିଶେଷ ।
ବଡ଼ାଇ-ବି. ବଡ଼ପଣ; ଗର୍ବ ।
ବଡ଼ି-ବି. (ବଟୀ-ଶବ୍ଦଜ) ଗୋଲି ।
ବଡ଼ିଶ-ବି ବନଶୀ । [ବ୍ରତକର୍ମ ।
ବଡ଼ୁ-ବି. ( ବଟୁଶବ୍ଦଜ ) ଉପନୟନ-ସଂସ୍କାର,
ବଢ଼ା-ବି. ମୃଣ୍ମୟ ପାତ୍ର-ବିଶେଷ ।
ବଢ଼ି-ବି. ଜଳ-ପ୍ଲାବନ, ବନ୍ୟା ।
ବଢ଼ିବା-କ୍ରି. ବୃଦ୍ଧି ପାଇବା; ସମ୍ପନ୍ନ ହେବା ।
ବଣ-ବି. ଅରଣ୍ୟ ।
ବଣା-ବିଂ. ବନ୍ୟ; ବି. ଗୁଡ଼ ରଖିବାର ମାଠିଆ ।
ବଣି-ବି. ପକ୍ଷୀବିଶେଷ ।

ବଣୁଆ-ବିଂ. ବନବାସୀ ।
ବଣ୍ଟନ-ବି. (ବଣ୍ଟ୍-ଅନ) ବାଣ୍ଟିବାକାର୍ଯ୍ୟ; ବିଭାଗ ।
ବତକି-ବି. କୁଡହଂସ ।
ବତା-ବି. ଚିପ ବାଉଁଶ ।
ବତାଇବା-କ୍ରି. ଶିଖାଇଦେବା; କହିଦେବା ।
ବତାସ-ବି. (ବାତଶବ୍ଦଜ) ପ୍ରବଳ ପବନ ।
ବତି-ବି. (ବର୍ତ୍ତିଶବ୍ଦଜ) ସଳିତା; ମହମବତି ।
ବତିଶ-ବିଂ. ଦ୍ୱାବିଂଶତ୍ ସଂଖ୍ୟା ।
ବତୁରିବା-କ୍ରି. ଜଳସିକ୍ତ ହେବା ।
ବତ୍-ଅଂ. ତୁଲ୍ୟ, ସଦୃଶ (ଶବ୍ଦାନ୍ତେ ପ୍ରଯୋଜ୍ୟ) ।
ବତ୍ସ-ବି. ସନ୍ତାନ (ସ୍ନେହସୂଚକ); ବାଛୁରି ।
ବତ୍ସ-ତରୀ-ବି. ବାଛୁରି ।
ବତ୍ସର-ବି. (ବସ୍-ସର) ବାରମାସ, ବର୍ଷ ।
ବତ୍ସଳ-ବିଂ. (ବତ୍ସ-ଲ) ସ୍ନେହ-ଯୁକ୍ତ ।
ବଥ-ବି. ବ୍ରଣ-ବିଶେଷ ।
ବଥା-ବି. (ବ୍ୟଥାଶବ୍ଦଜ) ପୀଡା, ବେଦନା ।
ବଦ୍-ବିଂ. (ଫାର୍ସୀ) ମନ୍ଦ ।
ବଦନ-ବି. (ବଦ୍-ଅନ) ମୁଖ ।
ବଦର-ବି. ବରକୋଳି ।
ବଦଳ-ବି. (ଆରବୀ) ପରିବର୍ତ୍ତ, ପରିବର୍ତ୍ତେ ।
ବଦଳାଇବା-କ୍ରି. ପରିବର୍ତ୍ତିତ କରାଇବା ।
ବଦଳି-ବି. ପରିବର୍ତ୍ତନ ।
ବଦଳିବା-କ୍ରି. ପରିବର୍ତ୍ତିତ ହେବା ।
ବଦାନ୍ୟ-ବିଂ. (ବଦ୍-ଅନ୍ୟ) ଦାନଶୀଳ ।
ବଦି-ବି. (ଫାର୍ସୀ) ଅପବାଦ ।
ବଧ-ବି. (ବଧ୍-ଅ) ନାଶ, ଘାତ, ହନନ ।
ବଧାଇ, ବଧେଇ } ବି. ପାରିତୋଷିକ ।
ବଧୂ-ବି. (ବହ୍-ଊ) ନବବିବାହିତା ସ୍ତ୍ରୀ; ପତ୍ନୀ; [ପୁତ୍ରବଧୂ ।
ବଧୂଟୀ-ବି. ବାଳିକା ବଧୂ ।
ବଧ୍ୟ-ବିଂ. (ବଧ୍-ଯ) ବଧଯୋଗ୍ୟ ।
ବନ-ବି. (ବନ୍-ଅ) ଅରଣ୍ୟ; କୁଞ୍ଜ ।
ବନ-ଚର-ବିଂ. ବନବାସୀ, ଅରଣ୍ୟସ୍ଥ ।
ବନଜ-ବିଂ. (ବନ-ଜନ୍-ଅ) ବନଜାତ ।
ବନ-ଦେବତା-ବି. ବନର ଅଧିଷ୍ଠାତ୍ରୀ ଦେବତା ।
ବନ-ମାଳା-ବି. ଆଜାନୁଲମ୍ବିତ ମାଳା ।
ବନମାଳୀ-ବି. (ବନ-ମାଳା-ଇନ୍) ଶ୍ରୀକୃଷ୍ଣ ।
ବନସ୍ତ-ବି. ବନ, ଅରଣ୍ୟ ।
ବନସ୍ପତି-ବି. (ବନ-ପତି) ବୃହତ୍ ବୃକ୍ଷ ।
ବନା, ବନାନ } ବି. ( ବର୍ଣ୍ଣନଶବ୍ଦଜ ) ଶବ୍ଦର ଅକ୍ଷରଗୁଡିକ ଶୁଦ୍ଧରୂପେ କହିବା; ବ୍ୟଞ୍ଜନ ବର୍ଣ୍ଣରେ ସ୍ୱରବର୍ଣ୍ଣର ଯୋଗ ।
ବନାଇବା-କ୍ରି. ନିର୍ମାଣ କରିବା. ପଇବା କାନ୍ଦିବା ।
ବନାତ-ବି. ଊର୍ଣ୍ଣାନିର୍ମିତ ବସ୍ତ୍ରବିଶେଷ ।
ବନିତା-ବି. ନାରୀ; ପତ୍ନୀ ।
ବନିବା-କ୍ରି. ବ୍ୟଞ୍ଜନ ର ସ୍ୱର ଯୋଗ କରିବା ।
ବନୀ-ବି. ବନ । [ପାଠିଆସିବା ।
ବନ୍ଦି-ବିଂ. ଅଟକ; ମୁଦା ।
ବନ୍ଦନ, ବନ୍ଦନା } ବି. (ବନ୍ଦ୍-ଅନ, ଆ) ପ୍ରଣାମ; ସ୍ତୁତି-ଗାନ; ମଙ୍ଗଳାଚରଣ ।

ବନ୍ଦନୀୟ-ବି. (ବନ୍ଦ୍-ଅନୀୟ) ସ୍ତବନୀୟ, ପୂଜନୀୟ ।

ବନ୍ଦର-ବି. ସମୁଦ୍ରକୂଳସ୍ଥ ଜାହାଜମାନଙ୍କର ଆଶ୍ରୟ ସ୍ଥାନ ; ଜାହାଜ ଦ୍ୱାରା ବାଣିଜ୍ୟ କରିବାର ସ୍ଥାନ । [ କରିବା ।

ବନ୍ଦାଇବା-କ୍ରି. (ବନ୍ଦ୍ଧାତୁରୁ) ମଙ୍ଗଳାଚରଣ

ବନ୍ଦାପନା-ବି. (ବନ୍ଦ୍ଧାତୁଜ) ମଙ୍ଗଳାର୍ଚ୍ଚନା ।

ବନ୍ଦାରୁ-ବି. (ବନ୍ଦ୍-ଅରୁ) ସ୍ତୁତିପାଠକ ।

ବନ୍ଦୀ-ବି. (ବନ୍ଦ୍-ଇ) ସ୍ତୁତିପାଠକ ; କଏଦୀ ।

ବନ୍ଦୀ-ଶାଳା-ବି. କାରାଗାର ।

ବନ୍ଦୋବସ୍ତ-ବି. ( ପାର୍ଶୀ ) ବ୍ୟବସ୍ଥା ।

ବନ୍ଦ୍ୟ-ବିଂ. (ବନ୍ଦ୍-ଯ) ବନ୍ଦନୀୟ । [ଶସ୍ୟ

ବନ୍ଧ-ବି. (ବନ୍ଧ୍-ଅ) ସେତୁ; ବନ୍ଧହୁଡ଼; ଜଳା·

ବନ୍ଧନ-ବି. ( ବନ୍ଧ୍-ଅନ ) ବାନ୍ଧିବା ।

ବନ୍ଧା }
ବନ୍ଧକ } ବି. ଋଣାର୍ଥ ଗଚ୍ଛିତ ସମ୍ପତ୍ତି ।

ବନ୍ଧୁକ-ବି. ଆଗ୍ନେୟାସ୍ତ୍ର, କମାଣ ।

ବନ୍ୟ-ବିଂ. (ବନ-ଯ) ଜଙ୍ଗଲି ; ଅରଣ୍ୟ ।

ବନ୍ୟା-ବି. (ବନ-ଯ-ଆ) ନଦୀବଢ଼ୀ; ଜଳପ୍ଲାବନ ।

ବପନ-ବି. ( ବପ୍-ଅନ ) ବୀଜବୁଣିବା କାର୍ଯ୍ୟ ; କ୍ଷୌରକାର୍ଯ୍ୟ ; ବସ୍ତ୍ର ବା ଲୁଗାବୁଣିବା ।

ବପୁ-ବି. ଦେହର ବଳ ।

ବପୁଃ-ବି. (ବପ୍-ଉସ୍) ଶରୀର ; ପ୍ରଶସ୍ତ ଆକୃତି ।

ବପୁଷ୍ମାନ୍-ବିଂ. (ବପୁଃ-ମତ୍) ପ୍ରଶସ୍ତଶରୀରୀ ।

ବପ୍ତା-ବି. (ବପ୍-ତୃ) ବପନକାରୀ, ବପ୍ତା; କୃଷକ ।

ବପ୍ର-ବି. ( ବପ୍-ର ) କ୍ଷେତ୍ର ; ତଟ ; ସାନୁ ; ପ୍ରାଚୀର । [ମୃତ୍ତିକା ଖନନ ।

ବପ୍ର-କ୍ରୀଡ଼ା-ବି. ବୃଷଭାଦିଙ୍କର ଶୃଙ୍ଗାଦି ଦ୍ୱାରା

ବମନ-ବି. (ବମ୍-ଅନ) ଉଦ୍ଗିରଣ, ବାନ୍ତି ।

ବମନୀୟ-ବିଂ. (ବମ୍-ଅନୀୟ) ବମନଯୋଗ୍ୟ ।

ବୟଃ-ବି. ବୟସ, ଗତଜୀବନକାଳ; ଯୌବନ;

ବୟଃ-ସନ୍ଧି-ବି. ଯୌବନାବସ୍ଥା । [ପକ୍ଷୀ ।

ବୟସ୍ୟ-ବି. (ବୟସ୍-ଯ) ସମବୟସ୍କ; ସଖା ।

ବୟସ୍ୟା-ବି. ସଖୀ ।

ବର-ବି. (ବୃ-ଅ) ଦେବତା ନିକଟରେ ପ୍ରାର୍ଥିତ ଇଷ୍ଟ; ବିବାହକର୍ତ୍ତା; ପତି; ବିଂ. ଶ୍ରେଷ୍ଠ ।

ବରଖାସ୍ତ-ବିଂ. ପଦଚ୍ୟୁତ । [କାଠ ।

ବରଗା-ବି. କୋଠା ଘରର କଡ଼ିମଧ୍ୟସ୍ଥ ସରୁ-

ବରଗିବା-କ୍ରି. ପଠାଇବା; ନିଯୁକ୍ତ କରିବା ।

ବରଜ-ବି. ପାନ କ୍ଷେତ ।

ବରଜୀ-ବି. ତାମ୍ବୂଳ-ବ୍ୟବସାୟୀ ।

ବରଟ-ବି. ରାଜହଂସ ।

ବରଟା-ବି. ରାଜହଂସୀ ।

ବରଡ଼ା-ତାଳ-ବାହୁଙ୍ଗା । [ବେଷ୍ଟନ ।

ବରଣ-ବି. (ବୃ-ଅନ) ବିବାହନିମନ୍ତେ ଅଭ୍ୟର୍ଥନା;

ବରଣୀୟ-ବିଂ. ( ବୃ-ଅନୀୟ ) ବରଣଯୋଗ୍ୟ ; ପ୍ରାର୍ଥନୀୟ; ଶ୍ରେଷ୍ଠ ।

ବରଣ୍ଡ-ବି. (ବୃ-ଅଣ୍ଡନ୍) ବରଣ୍ଡା । [ ପ୍ରଦ ।

ବରଦ-ବିଂ. (ବର-ଦା-ଅ ) ବରପ୍ରଦ, ଅଭୀଷ୍ଟ-

ବରଦା-ବିଂ. ଅଭୀଷ୍ଟ ଦାୟିନୀ ।

ବରଫ-ବ. ତୁଷାର; ଶୀତରେ ଘନୀଭୂତ ଜଳ ।
ବରବର୍ଣ୍ଣିନୀ-ବଂ. (ବର-ବର୍ଣ୍ଣ-ଇନ୍-ଈ) ସୁନ୍ଦରୀ ।
ବରଷ-ବ. ବର୍ଷ ।
ବରାକ-ବଂ. ଦରିଦ୍ର, ଦୀନ ।
ବରାଟକ, ବରାଟିକା-ବ. କଉଡ଼ି ।
ବରାତ-ବ. (ପାର୍ଶୀ) ମାନଙ୍କ ବୃତ୍ତି; କର୍ମଫଳ-ଭୋଗ ।
ବରାରୋହା-ବ. (ବର-ଆରୋହ-ଆ) ସୁନ୍ଦରୀସ୍ତ୍ରୀ ।
ବରାହ-ବ. ବାରହା; ବନ୍ୟଶୂକର ।
ବରିଷ୍ଠ-ବଂ. (ଉରୁ-ଇଷ୍ଠ) ଶ୍ରେଷ୍ଠତମ ।
ବରୀୟାନ୍-ବଂ. (ଉରୁ-ଈୟସ୍) ଶ୍ରେଷ୍ଠତର ।
ବରୁଣ-ବ. (ବୃ-ଅନ) ଜଳରାଶିର ଅଧିଦେବତା; ପଶ୍ଚିମଦିକ୍‌ପାଳ ।
ବରୁଣାନୀ-ବଂ. ବରୁଣ-ପତ୍ନୀ ।
ବରୂଥ-ବ. (ବୃ-ଊଥ) ବର୍ମ, ସାଞ୍ଜୁ ।
ବରୂଥିନୀ-ବ. (ବରୂଥ-ଇନ୍-ଈ) ସେନା ।
ବରେଣ୍ୟ-ବଂ. (ବୃ-ଏନ୍ୟ) ବରଣୀୟ; ଶ୍ରେଷ୍ଠ ।
ବର୍କର-ବ. ବକରା, ଛାଗଲ ।
ବର୍ଗ-ବ. (ବୃଜ୍-ଅ) ଶ୍ରେଣୀ; ସଜାତୀୟ ଦଳ; ଗଣ; ପ୍ରକରଣ; ତୁଲ୍ୟ ସମରାଶିର ଗୁଣଫଳ ।
ବର୍ଗ କ୍ଷେତ୍ର-ବ. ସମାନ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ ଭୂମି ।
ବର୍ଗମୂଳ-ବ. ଆପଣାଦ୍ୱାରା ଗୁଣିତ ରାଶିର ମୂଳ ବା ସେହି ରାଶି । "X" ର ବର୍ଗମୂଳ " ।
ବର୍ଗୀୟ-ବଂ. ବର୍ଗ ସମ୍ବନ୍ଧୀୟ ।
ବର୍ଚ୍ଚଃ-ବ. ତେଜଃ; ବାଲ୍ଯ ।
ବର୍ଚ୍ଛା-ବ. ଅସ୍ତ୍ରବିଶେଷ; ପାର୍ଶୀ ।
ବର୍ଜ୍ଜନ-ବ. (ବୃଜ୍-ଅନ) ତ୍ୟାଗ ।
ବର୍ଜ୍ଜନୀୟ-ବଂ. (ବୃଜ୍-ଅନୀୟ) ତ୍ୟାଗଯୋଗ୍ୟ ।
ବର୍ଜ୍ଜିତ-ବଂ. (ବୃଜ୍-ତ) ତ୍ୟକ୍ତ; ରହିତ ।
ବର୍ଣ୍ଣ-ବ. (ବର୍ଣ୍ଣ-ଅ) ବ୍ରାହ୍ମଣାଦି ଜାତି; ରଙ୍ଗ; ରୂପ; ଯଶଃ; ଅକ୍ଷର ।
ବର୍ଣ୍ଣକ-ବ. ଅଙ୍ଗରାଗ ।
ବର୍ଣ୍ଣନ, ବର୍ଣ୍ଣନା-ବ. (ବର୍ଣ୍ଣ-ଅନ, ଆ) ବିବରଣ; ଗୁଣକଥନ ।
ବର୍ଣ୍ଣ-ମାଳା-ବ. କ୍ରମିକ ଅକ୍ଷର-ସମୂହ ।
ବର୍ଣ୍ଣ-ସଙ୍କର-ବ. ମିଶ୍ରଜାତି; ଭିନ୍ନ ଭିନ୍ନ ବର୍ଣ୍ଣର ବିବାହ ବା ସଙ୍ଗମରୁ ଉତ୍ପନ୍ନ ଜାତି ।
ବର୍ଣ୍ଣିତ-ବଂ. ବିବୃତ, ବାଖ୍ୟାତ; ପ୍ରଶଂସିତ ।
ବର୍ତ୍ତନ-ବ. (ବୃତ୍-ଅନ) ବୃତ୍ତି, ଜୀବିକା; ସ୍ଥିତି ।
ବର୍ତ୍ତମାନ-ବଂ. (ବୃତ୍-ଆନ) ବିଦ୍ୟମାନ; ଉପସ୍ଥିତ ।
ବର୍ତ୍ତି-ବ, ବତି, ସଳିତା ।
ବର୍ତ୍ତିତ-ବଂ. (ବୃତ୍-ଣିଚ୍-ତ) ସମ୍ପାଦିତ ।
ବର୍ତ୍ତିଷ୍ଣୁ-ବଂ. (ବୃତ୍-ଇଷ୍ଣୁ) ସ୍ଥିତିଶୀଳ ।
ବର୍ତ୍ତୀ-ବଂ. ବିଦ୍ୟମାନ (ଶବ୍ଦାନ୍ତେ) ।
ବର୍ତ୍ତୁଳ-ବଂ. ଗୋଲାକାର, ବୃତ୍ତ ।
ବର୍ତ୍ମ-ବ. ପଥ, ମାର୍ଗ ।
ବର୍ଦ୍ଧକ-ବଂ. (ବୃଧ୍-ଅକ) ବୃଦ୍ଧିକାରକ ।
ବର୍ଦ୍ଧକି-ବ. (ବର୍ଦ୍ଧ-କି) ବଢ଼େଇ, ସୂତ୍ରଧର ।
ବର୍ଦ୍ଧନ-ବ. (ବୃଧ୍-ଅନ) ବୃଦ୍ଧି; ଉନ୍ନତ; ବର୍ଦ୍ଧକ ।

ବର୍ଦ୍ଧମାନ-ବିଂ. (ବୃଧ୍-ଅନ) ବୃଦ୍ଧିଶୀଳ ।
ବର୍ଦ୍ଧିତ-ବିଂ. ( ବୃଧ୍-ଣିଚ୍-ତ ) ବୃଦ୍ଧିପ୍ରାପ୍ତ; ପୋଷିତ ।
ବର୍ଦ୍ଧିଷ୍ଣୁ-ବିଂ. ( ବୃଧ୍-ଇଷ୍ଣୁ ) ବର୍ଦ୍ଧନ-ଶୀଳ ।
ବର୍ମ-ବି. ( ବୃ-ମନ୍ ) କବଚ, ସାଞ୍ଜୁ ; କ୍ଷତ୍ରିୟର [ଉପାଧି ।
ବର୍ଯ୍ୟ-ବିଂ. ( ବୃ-ଯ ) ଶ୍ରେଷ୍ଠ ।
ବର୍ବର-ବି. ଅତି ଅସଭ୍ୟ ଲୋକ; ନୀଚଜାତି ।
ବର୍ବୁର-ବି. ବବୁର ଗଛ ।
ବର୍ଷ-ବି. (ବୃଷ୍-ଅ) ବତ୍ସର; ଦେଶ; ବୃଷ୍ଟି ।
ବର୍ଷଣ-ବି. (ବୃଷ୍-ଅନ) ବୃଷ୍ଟି ।
ବର୍ଷା-ବି. (ବୃଷ୍-ଅ-ଆ) ବୃଷ୍ଟି କାଳ, ପ୍ରାବୃଟ ।
ବର୍ଷାଭୂ-ବି. (ବର୍ଷା-ଭୂ-କ୍ୱିପ୍) ଭେକ ।
ବର୍ଷିଷ୍ଠ, ବର୍ଷୀୟାନ୍-ବିଂ. (ବୃଦ୍ଧ-ଇଷ୍ଠ, ଈୟସ୍) ଜ୍ୟେଷ୍ଠ, ଅତି ବୃଦ୍ଧ । [ପଥର ।
ବର୍ଷୋପଲ-ବି. (ବର୍ଷ-ଉପଲ) କରକା, କୁଆ-
ବର୍ହ-ବି. (ବର୍ହ୍-ଅ) ମୟୂର-ପୁଚ୍ଛ ।
ବର୍ହି-ବାହନ-ବି. କାର୍ତ୍ତିକେୟ ।
ବର୍ହୀ-ବି. (ବର୍ହ-ଇନ୍) ମୟୂର, ଶିଖୀ ।
ବଳ-ବି. (ବଳ୍-ଅ) ଶକ୍ତି; ସୈନ୍ୟ ।
ବଳକ୍ଷ-ବିଂ. ଶୁକ୍ଳ, ଶ୍ୱେତ ।
ବଳକା-ବିଂ. ପ୍ରୟୋଜନାଧିକ, ଅତିରିକ୍ତ, [ଫାଜିଲ ।
ବଳଦ-ବି. ବୃଷ, ଦାମୁଡି ।
ବଳଭଦ୍ର-ବି. ବଳରାମ, ଶ୍ରୀକୃଷ୍ଣ-ଭ୍ରାତା ।
ବଳଭି-ବି. ଚନ୍ଦ୍ରଶାଳା, ଛାତ-ଉପରସ୍ଥ ଘର ।
ବଲମ-ବି. ଭଲ୍ଲ, ଶୂଳ ।
ବଳୟ-ବି. ହାତବଳା, କଙ୍କଣ; ମଣ୍ଡଳ ।
ବଳୟିତ-ବିଂ. ବେଷ୍ଟିତ ।
ବଳବତ୍ତା-ବି. (ବଳ-ବତ୍-ତା) ଶକ୍ତି, ସାମର୍ଥ୍ୟ ।
ବଳବାନ୍-ବିଂ. (ବଳ-ବତ୍) ସମର୍ଥ, ଶକ୍ତିଶାଳୀ ।
ବଳା-ବି. ବଳୟ ।
ବଳାଇ-ବି. ବିପଦ; ଅଶୁଭ ।
ବଳାଇବା-କ୍ରି. ବଳପୂର୍ବକ ସମ୍ମତ କରାଇବା ।
ବଳାକା-ବି. ବକଶ୍ରେଣୀ ।
ବଳାହକ-ବି. ମେଘ; ପର୍ବତ ।
ବଳି-(ବର୍ଗ୍ୟ ବ ଦେଖ) ।
ବଳିବା-କ୍ରି. ଅଧିକ ହେବା ; ଅତିକ୍ରମ କରିବା ।
ବଳିଶ-ବି. ବଡ଼ିଶ, ବନ୍ସୀ ।
ବଳିଷ୍ଠ-ବିଂ. ଅତି ବଳବାନ୍ ।
ବଳୀ-ବିଂ. ( ବଳ-ଇନ୍ ) ବଳବାନ୍ ।
ବଳୀକ-ବି. ଘରର ଓଳି ।
ବଲ୍କ, ବଲ୍କଲ-ବି. ବକଳ, ବୃକ୍ଷଛାଲ ।
ବଲ୍ଗନ-ବି. (ବଲ୍ଗ୍-ଅନ) ପ୍ଲୁତଗମନ, ଡେଇଁ
ବଲ୍ଗା-ବି. ଲଗାମ; ରଶି । [ଡେଇଁ ଯିବା ।
ବଲ୍ଗିତ-ବି. ଅଶ୍ୱର ପ୍ଲୁତଗତି ।
ବଲ୍ଗୁ-ବିଂ. ସୁନ୍ଦର ।
ବଲ୍ମୀକ-ବି. ଉଇହୁଙ୍କା ।
ବଲ୍ଲକୀ-ବି. ବୀଣା । [ପତି ।
ବଲ୍ଲଭ-ବିଂ. ( ବଲ୍ଲ୍-ଅଭ ) ପ୍ରିୟ, ଦୟିତ; ବି.
ବଲ୍ଲଭା-ବି. ପ୍ରିୟା ।
ବଲ୍ଲରୀ-ବି. ଲତା; ମଞ୍ଜରୀ ।

ବଲ୍ଲବ-ବି. ଗଉଡ, ଗୋପାଳ ।
ବଲ୍ଲୀ-ବି. ଲତା ।
ବଲ୍ଲୁର-ବି. ପତିତ ଭୂମି, ପଡ଼ିଆ ଭୂଇଁ ।
ବବ-ବି. ଜ୍ୟୋତିଷିକ କରଣବିଶେଷ ।
ବଶ-ବିଂ. ( ବଶ୍-ଅ) ଅଧୀନ ; ବି. ଅଧୀନତା ।
ବଶତଃ-ଅଂ. ଅଧୀନତା ହେତୁରୁ ।
ବଶତା-ବି. ଅଧୀନତା ।
ବଶବର୍ତ୍ତୀ-ବିଂ. ଅଧୀନ । [ବଶୀଭୂତ ।
ବଶମ୍ବଦ-ବିଂ. ( ବଶଂ-ବଦ୍-ଅ ) ପ୍ରିୟବାଦୀ ;
ବଶିଷ୍ଠ-ବି. ମୁନିବିଶେଷ, ରଘୁକୁଳ-ଗୁରୁ ।
ବଶୀ-ବିଂ. (ବଶ-ଇନ୍) ଜିତେନ୍ଦ୍ରିୟ ।
ବଶୀକରଣ-ବି. ଅୟତ୍ତୀକରଣ ।
ବଶୀକୃତ-ବିଂ. ଅୟତ୍ତୀକୃତ ।
ବଶୀଭୂତ-ବିଂ. ଅଧୀନତାପ୍ରାପ୍ତ ।
ବଶ୍ୟ-ବିଂ. ( ବଶ୍-ଯ ) ଅଧୀନ ।
ବଶ୍ୟତା-ବି. ଅଧୀନତା ।
ବଷଟ୍-ବି. ଅଗ୍ନିରେ ଆହୁତିଦାନର ମନ୍ତ୍ର ।
ବଷଟ୍କାର-ବି. ଅଗ୍ନିରେ ଆହୁତିପ୍ରଦାନ ।
ବସଣି-ବି. ନାସିକାର ଅଳଙ୍କାର ବିଶେଷ ।
ବସତି-ବି. ( ବସ୍-ଅତି ) ବାସସ୍ଥାନ ।
ବସନ-ବି. ( ବସ୍-ଅନ ) ବସ୍ତ୍ର ।
ବସନ୍ତ-ବି. ( ବସ୍-ଅନ୍ତ ) ମଧୁଋତୁ ।
ବସନ୍ତ-ଦୂତ-ବି. କୋକିଳ ।
ବସା-ବି. ମେଦ, ଚର୍ବି । [ମଧ୍ୟ ଦେବା ।
ବସାଇବା-କ୍ରି. ଉପବେଶନ କରାଇବା ; ଭୂଧରେ

ବସିବା-କ୍ରି. ଉପବେଶନ କରିବା ; ସଂହତ ।
ହେବା । [ଅଷ୍ଟଦେବତା ।
ବସୁ-ବି. (ବସ୍-ଉ) ଧନ ; ରତ୍ନ ; ଧ୍ରୁବ ସୋମାଦି
ବସୁଦେବ-ବି. କୃଷ୍ଣଙ୍କ ପିତା ।
ବସୁଧା-ବି. ( ବସୁ-ଧା-କ୍ୱିପ୍ ) ପୃଥିବୀ ।
ବସୁ-ଧାରା-ବି. ଶ୍ରାଦ୍ଧବିଶେଷରେ ଭିତ୍ତିରେ ଦତ୍ତ ଘୃତ-ଧାରା ।
ବସୁନ୍ଧରା-ବି. ( ବସୁ-ଧୃ-ଅ-ଆ ) ପୃଥିବୀ ।
ବସୁମତୀ-ବି. ( ବସୁ-ମତୁ-ଈ ) ପୃଥିବୀ ।
ବସ୍ତା-ବି. ଗଣ୍ଠିରି ; ଅଖାର ବଡ଼ ଥଳୀ ।
ବସ୍ତି-ବି. ତଳିପେଟ ; ଗ୍ରାମ ।
ବସ୍ତୁ-ବି. (ବସ୍-ତୁ) ପଦାର୍ଥ ; ସତ୍ୟ ।
ବସ୍ତୁତଃ-ଅଂ. ଯଥାର୍ଥରୂପେ ।
ବସ୍ତ୍ର-ବି. ( ବସ୍-ତ୍ର ) ବସନ, ଲୁଗା ।
ବସ୍ତ୍ର-ଗୃହ-ବି. ତମ୍ବୁ ।
ବହ-ବିଂ. (ବହ୍-ଅ ) ବହନକାରୀ (ଶବ୍ଦାନ୍ତେ) ।
ବହନ-ବି. ( ବହ୍-ଅନ ) ବହିବା ; ଧାରଣ ।
ବହନ-କ୍ରି. ବିଂ. ବେଗେ, ଶୀଘ୍ର ।
ବହନି-ବି. ପ୍ରଥମ ବୟସ ।
ବହନୀୟ-ବିଂ. (ବହ୍-ଅନୀୟ) ବହନଯୋଗ୍ୟ ।
ବହମାନ-ବିଂ. (ବହ୍-ଆନ) ବହନ୍ତା ।
ବହଳ-ବିଂ. ଗାଢ଼, ମୋଟ ।
ବହିଃ-ଅଂ. ବାହାରେ ।
ବହିଃସ୍ଥ-ବିଂ. ବାହାରେ ସ୍ଥିତ ।
ବହି-ବି. ( ଫାର୍ସୀ ) ପୁସ୍ତକ ।

ବହିବା-କ୍ରି. ବୋହିବା, ବାୟୁ ବା ସ୍ରୋତର ଗମନ କରିବା । [ପଞ୍ଚେନ୍ଦ୍ରିୟ ।

ବହିରିନ୍ଦ୍ରିୟ-ବି. (ବହିଃ-ଇନ୍ଦ୍ରିୟ) ଚକ୍ଷୁ ପ୍ରଭୃତି

ବହିର୍ଭୂତ-ବିଂ. (ବହିଃ-ଭୂ-ତ) ବହିର୍ଗତ ।

ବହିଷ୍କୃତ-ବିଂ. (ବହିଃ-କୃ-ତ) ଦୂରୀକୃତ ।

ବହୁ-ବିଂ. ଅନେକ ।

ବହୁତ-ବିଂ. ଅନେକ ।

ବହ୍ନି-ବି. (ବହ୍-ନି) ଅଗ୍ନି । [ପବନ ।

ବା-ଅଂ. ବିତର୍କ, ନିଶ୍ଚୟ, ବିକଳ୍ପସୂଚକ; ବି.

ବାଇ-ବି. (ବାୟୁ ଶବ୍ଦଜ) ବାୟୁବେଗ ।

ବାଇ-ବି. ଅର୍ଦ୍ଧା; ମାନନୀୟା ସ୍ତ୍ରୀ; ନର୍ତ୍ତକୀ-ବିଶେଷ ।

ବାଇଗଣ-ବି. (ବାତିଙ୍ଗଣଶବ୍ଦଜ) ବାର୍ତ୍ତାକୁ ।

ବାଇଗବା-ବି. ବୃକ୍ଷବିଶେଷ ।

ବାଇଶି-ବିଂ. ଦ୍ୱାବିଂଶତି ।

ବାଇଶି-ବି. ଅଶ୍ଳୀଳ ଗାଳି । [ଦୋଳ ।

ବାଉଳା-ବିଂ. ( ବାତୁଳଶବ୍ଦଜ ) ବାତୁଳ ;

ବାଉଁଶ-ବି. ବେଣୁ, ବଂଶ ।

ବାଁ-ବିଂ. ବାମ, ସବ୍ୟ । [ସ୍ତୁତି ।

ବାକ୍-ବି. (ବଚ୍-କ୍ୱିପ୍) ବାଣୀ; ଶବ୍ଦ; ସର-

ବାକି-ବିଂ. (ଆରବୀ) ଅବଶିଷ୍ଟ ।

ବାକୁଲି-ବି ଯୁଆଳି କାଳା ।

ବାକ୍ୟ-ବି. (ବଚ୍-ଯ) ବଚନ; କର୍ତ୍ତୃକ୍ରିୟାପଦ-ଯୁକ୍ତ ପଦସମୂହ ।

ବାଖର-ବି. ମଦ୍ୟର ଉପାଦାନବିଶେଷ ।

ବାଗ-ବି. ଘୋଡ଼ାମୁହଁର ରଜ୍ଜୁ; ଅଶ୍ୱରଜ୍ଜୁ ।

ବାଗୀଶ-ବିଂ. (ବାକ୍-ଈଶ) ବୃହସ୍ପତି; ଉତ୍ତମ-

ବାଗୁଡ଼ି-ବି. ଏକପ୍ରକାର ଖେଳ । [ବକ୍ତା ।

ବାଗୁରା-ବି. ମୃଗ ଧରିବା ଜାଲ, ଫାଶ ।

ବାଗୁଲି-ବି. ସଙ୍ଗାଙ୍କର ତାମ୍ବୂଲ-ବାହକ ।

ବାଗ୍‌ଦଣ୍ଡ-ବି. (ବାକ୍-ଦଣ୍ଡ) ତିରସ୍କାର; ବଚନ-ସଂଯମ ।

ବାଗ୍‌ଦେବୀ-ବି. (ବାକ୍-ଦେବୀ) ସରସ୍ୱତୀ, ଭାରତୀ ।

ବାଗ୍ମୀ-ବିଂ. (ବାକ୍-ମିନ୍) ବକ୍ତା; ବାକ୍‌ପଟୁ ।

ବାଗ୍‌ଯୁଦ୍ଧ-ବି. (ବାକ୍-ଯୁଦ୍ଧ) କଳହ ।

ବାଘ-ବି. (ବ୍ୟାଘ୍ରଶବ୍ଦଜ) ଶାର୍ଦ୍ଦୂଳ ।

ବାଘି-ବି. ଜଙ୍ଘଉପରସ୍ଥ ରୋଗବିଶେଷ ।

ବାଘୁଣୀ-ବି. ବ୍ୟାଘ୍ରୀ ।

ବାଙ୍କ-ବି. ମୋଡ଼; ବିଂ. ବକ୍ର ।

ବାଙ୍ଗର-ବିଂ. ଗେଡ଼ା । [ସାହିତ୍ୟ ।

ବାଙ୍ମୟ-ବିଂ. ( ବାକ୍-ମୟ ) ବାକ୍ୟମୟ; ବା

ବାଚଂଯମ-ବିଂ. (ବାଚଂ-ଯମ୍-ଅ) ମୌନଭାଷୀ ।

ବାଚକ-ବିଂ. ( ବଚ୍-ଅକ ) ଅର୍ଥପ୍ରକାଶକ; ବୋଧକ ।

ବାଚନ-ବି. (ବଚ୍-ଣିଚ୍-ଅନ) କଥନ; ପଠନ ।

ବାଚନିକ-ବିଂ. ( ବଚନ-ଇକ ) ବଚନସମ୍ବନ୍ଧ । ମୌଖିକ । [ବୃହସ୍ପତି ।

ବାଚସ୍ପତି-ବି. (ବାଚସ୍-ପତି) ବାଗ୍ମୀ; ଦେବଗୁରୁ;

ବାଚାଳ-ବିଂ. (ବାଚ୍-ଅଲ) ବାଗାଡ଼ମ୍ବରୀ; ଯେ ବେଶୀ ବକେ; ଅସମ୍ବଦ୍ଧ ପ୍ରଳାପୀ ।

ବାଚିକ-ବିଂ. (ବାଚ୍-ଇକ) ବଚନସମ୍ବନ୍ଧୀୟ ।

ବାଚ୍ୟ-ବି. ( ବଚ୍-ଯ ) ବକ୍ତବ୍ୟ; କଥନୀୟ, ଧାତୁର ଉତ୍ତର ବିଶେଷ ବିଶେଷ ଅର୍ଥରେ ଯେ ବିଶେଷ ବିଶେଷ ପ୍ରତ୍ୟୟ ହୁଏ ।

ବାଛୁରି-ବି. ( ବତ୍ସଶବ୍ଦଜ ) ବାଲରୋଗବିଶେଷ; ଘୋଟକଶିଶୁ । [କରିବା ।

ବାଛିବା-କ୍ରି. ପୃଥକ୍ କରି ନେବା, ନିର୍ବାଚନ

ବାଛୁରି-ବି. (ବତ୍ସତରୀଶବ୍ଦଜ) ଗୋବତ୍ସ ।

ବାଜ-ବି. (ବାଜ୍-ଅ) ଶ୍ୟେନପକ୍ଷୀ ।

ବାଜଣା-ବି. ବାଜା, ବାଦ୍ୟ ।

ବାଜ-ପେୟ-ବି. ବୈଦିକ ଯାଗବିଶେଷ ।

ବାଜପେୟୀ-ବି. ( ବାଜପେୟ-ଇନ୍ ) ବାଜପେୟ-ଯାଗକାରୀ ।

ବାଜି-ବି. କୁହୁକ; ହୁଡ଼ ।

ବାଜିବା-କ୍ରି. ଶବ୍ଦିତ ହେବା ।

ବାଜୀ-ବି. (ବାଜ୍-ଇନ୍) ଅଶ୍ୱ ।

ବାଜୁ-ବି. ହସ୍ତାଭରଣବିଶେଷ ।

ବାଜେ-ବି. ତୁଚ୍ଛ; ଇତର ।

ବାଜେଣି-ଶବ୍ଦକାରୀ ଅଳଙ୍କାର ।

ବାଞ୍ଛନୀୟ-ବି. (ବାଞ୍ଛ୍-ଅନୀୟ) ଅଭିଲଷଣୀୟ ।

ବାଞ୍ଛା-ବି. (ବାଞ୍ଛ୍-ଅ) କାମନା, ଇଚ୍ଛା ।

ବାଞ୍ଛିତ-ବି. (ବାଞ୍ଛ୍-ତ) ଅଭୀଷ୍ଟ, ଅଭିଲଷିତ ।

ବାଟ-ବି. (ବଟ୍-ଅ) ପଥ; ଭୂମି ।

ବାଟିବା-କ୍ରି. ଶିଳରେ ପେଷିବା ।

ବାଟିକା-ବି. କ୍ଷୁଦ୍ର ବଗିଚା ।

ବାଟୀ-ବି. ଗୃହ; ୨୦ ମାଣ ଭୂମି ।

ବାଟୁଳି-ବି. ମାଟିର ଗୁଳି ।

ବାଟୋଇ-ବି. (ବାଟଶବ୍ଦଜ) ପଥିକ ।

ବାଡ଼-ବି. ( ବୃତିଶବ୍ଦଜ ) କ୍ଷେତ୍ରରକ୍ଷାର୍ଥ ବୃତି-ବିଶେଷ । [ବାଡ଼ବାନଳ ।

ବାଡ଼ବ-ବି. ( ବାଡ଼ବା-ଅ ) ସମୁଦ୍ରସ୍ଥ ଅଗ୍ନି;

ବାଡ଼ି-ବି. ଯଷ୍ଟି; ଗୃହସଂଲଗ୍ନ କ୍ଷୁଦ୍ର ବଗିଚା ।

ବାଡୁଅ-ବି. ଅବିବାହିତ ।

ବାଡ଼େଇବା-କ୍ରି. ପ୍ରହାର କରିବା ।

ବାଢ଼ିବା-କ୍ରି. ଅନ୍ନ ବ୍ୟଞ୍ଜନ ପାତ୍ରରେ ଥୋଇବା; ପରଶିବା ।

ବାଣ-ବି. (ବାଣ୍-ଅ) ଶର, ତୀର ।

ବାଣି-ବି. ହେଁସବୁଣିବା ଦଉଡ଼ି । [ବାର ।

ବାଣିଜ୍ୟ-ବି. ( ବଣିକ୍-ଯ ) ବଣିକ୍‌ବୃତ୍ତି; କାର-

ବାଣୀ-ବି. (ବଣ୍-ଇ-ଈ) ବାକ୍ୟ; ସରସ୍ୱତୀ ।

ବାତ-ବି. (ବା-ତ) ବାୟୁ; ରୋଗବିଶେଷ ।

ବାତ ପ୍ରମୀ-ବି. ବାୟୁପରି ଦ୍ରୁତଗାମୀ ମୃଗ ।

ବାତାପି-ବି. ଅସୁରବିଶେଷ; ଅମ୍ଳଫଳବିଶେଷ ।

ବାତାୟନ-ବି. (ବାତ-ଅୟନ) ଗବାକ୍ଷ, ଅଶ୍ୱ ।

ବାତୁଳ-ବି. (ବାତ ଉଲ) ପାଗଳ ।

ବାତ୍ୟା-ବି. ( ବାତ-ଯ-ଆ ) ବଳବାନ୍ ବାୟୁ, ତୋଫାନ । [ଗୁରୁଜନର ସ୍ନେହ ।

ବାତ୍ସଲ୍ୟ-ବି. (ବତ୍ସଳ-ଯ) ସନ୍ତାନ ପ୍ରତି ବଡ଼ ବା

ବାଦ-ବି. ( ବଦ୍-ଅ ) ତର୍କ; ବିଚାର; କଥନ; କଳହ; ଦ୍ୱେଷ । [ବକ୍ତା ।

ବାଦକ-ବି. ( ବଦ୍-ଣିଚ୍-ଅକ ) ବାଦ୍ୟକର;

ବାଦନ-ବି. (ବାଦ-ଅନ) ବଜାଇବା ।

ବାଦରାୟଣ-ବି. ବଦରିକାଶ୍ରମର ମୁନି-ବ୍ୟାସ ।

ବାଦସା-ବ. ( ଫାର୍ଶୀ ) ରଜା ।

ବାଦାନୁବାଦ-ବ. ( ବାଦ-ଅନୁବାଦ ) ବାଗ୍-ବିତଣ୍ଡା ।

ବାଦାମ-ବ. ବୃକ୍ଷବିଶେଷ ଓ ତାହାର ଫଳ ।

ବାଦିତ-ବିଂ. (ବଦ୍-ଣିଚ୍-ତ) ଶବ୍ଦିତ ।

ବାଦିତ୍ର-ବ. (ବାଦ-ଇତ୍ର) ବାଦ୍ୟଯନ୍ତ୍ର, ବାଜଣା ।

ବାଦୀ-ବିଂ. (ବଦ୍-ଇନ) ବକ୍ତା, ଫରିୟାଦ ।

ବାଦୁଆ-ବିଂ. ଦ୍ୱେଷୀ, ବିରୋଧୀ ।

ବାଦୁଡ଼ି-ବ. ଉଡ଼ନ୍ତା ପ୍ରାଣିବିଶେଷ ।

ବାଦ୍ୟ-ବ. (ବାଦ-ଯ) ବାଜଣା, ବାଜା ।

ବାନପ୍ରସ୍ଥ-ବ. ( ବନ-ଅ-ପ୍ରସ୍ଥ ) ଗୃହସ୍ଥାଶ୍ରମର ପରବର୍ତ୍ତୀ ବନପ୍ରସ୍ଥାନ ବ୍ରତ ।

ବାନର-ବ. (ବନ-ରମ୍-ଅ) ମର୍କଟ, ଶାଖାମୃଗ ।

ବାନା-ବ. ପତାକା ।

ବାନୀର-ବ. ବେତଗଛ ।

ବାନ୍ତ-ବିଂ. (ବମ୍-ତ) ଉଦ୍ଗୀର୍ଣ୍ଣ ।

ବାନ୍ତି-ବ. ( ବମ୍-ତି ) ବମନ, ଉଦ୍ଗୀରଣ ।

ବାପ-ବ. ( ବପ୍-ଅ ) କ୍ଷୌର ; (ବପ୍ରଶବ୍ଦଜ) ଜନକ । [ବୁଣା ।

ବାପିତ-ବିଂ. ( ବପ୍-ଣିଚ୍-ତ ) ମୁଣ୍ଡିତ ; ବୁଅ,

ବାପୀ-ବ. ବାମ୍ଫା, ବୃହତ୍ କୂପ ।

ବାବା-ବ. ପିତା । [ସମ୍ବୋଧନ ।

ବାବୁ-ବ. ଭଦ୍ରଲୋକର ଉପାଧି ; ବାତ୍ସଲ୍ୟ-

ବାମ-ବିଂ. (ବମ୍-ଅ) ବା, ଦକ୍ଷିଣେତର ; ପ୍ରତିକୂଳ; ସୁନ୍ଦର ।

ବାମ-ଦେବ-ବ. ଶିବ, ମହାଦେବ ।

ବାମା-ବ. ନାରୀ, ସୁନ୍ଦରୀ ସ୍ତ୍ରୀ ।

ବାମନ-ବିଂ. (ବାମ-ଇ-ଅନ ) ଖର୍ବ; ବ. ଖର୍ବାକୃତି ଲୋକ; ବିଷ୍ଣୁଙ୍କର ଅବତାରବିଶେଷ ।

ବାମେତର-ବିଂ. (ବାମ-ଇତର) ଦକ୍ଷିଣ ।

ବାମ୍ଫ-ବ. ବାଷ୍ପ ।

ବାୟବୀୟ-ବିଂ. ବାୟୁସମ୍ବନ୍ଧୀୟ ।

ବାୟବ୍ୟ-ବିଂ. (ବାୟୁ-ଯ) ବାୟୁକୋଣ; ବାୟୁସମ୍ବନ୍ଧୀୟ ।

ବାୟସ-ବ. ( ବୟ୍-ଅସ ) କାକ ।

ବାୟୁ-ବ. ( ବା-ଉ ) ବାତ, ପବନ ।

ବାୟୁ-ଭକ୍ଷ-ବ. ସର୍ପ ।

ବାୟୁ-ସଖା-ବ. ଅଗ୍ନି ।

ବାର-ବ. ବାସର; ସମୂହ; ପାଳି; ୧୨ ସଂଖ୍ୟା ।

ବାରଣ-ବ. (ବୃ-ଣିଚ୍-ଅନ) ହସ୍ତୀ; ନିଷେଧ ।

ବାରନାରୀ-ବ. ବାରବିଳାସିନୀ, ବେଶ୍ୟା ।

ବାରବେଳା-ବ. ଅଶୁଭ ସମୟ ହିନ୍ଦୁଜ୍ୟୋତିଷ-

ବାରମ୍ବାର-ଅ. ପୁନଃପୁନଃ । [ମତେ ।

ବାରାଙ୍ଗନା-ବ. (ବାର-ଅଙ୍ଗନା) ବେଶ୍ୟା ।

ବାରାଣସୀ-ବ. (ବରଣା-ଅସୀ) କାଶୀ ।

ବାରାନ୍ତର-ବ. ( ବାର-ଅନ୍ତର ) ଅନ୍ୟ ସମୟ ;

ବାରି-ବ. ଜଳ । [ଅନ୍ୟ ବାର ।

ବାରିଜ-ବ. ( ବାରି-ଜନ-ଅ ) ପଦ୍ମ; ଶଙ୍ଖ ।

ବାରିଦ-ବ. ( ବାରି-ଦା-ଅ ) ଜଳଦ, ମେଘ ।

ବାରିଧି, ବାରିନିଧି-ବ. (ବାରି-ଧି, ନିଧି) ସମୁଦ୍ର, ଜଳଧି ।

ବାରି-ବାହ-ବି. ମେଘ ।

ବାରୀନ୍ଦ୍ର-ବି. (ବାରି-ଇନ୍ଦ୍ର) ସମୁଦ୍ର ; ବରୁଣ ।

ବାରୁଣୀ-ବି. (ବରୁଣ-ଅ-ଈ) ପଶ୍ଚିମଦିଗ ; ବରୁଣଙ୍କର ସ୍ତ୍ରୀ ।

ବାରୁଦ-ବି. ସୋରାଗନ୍ଧକ ମିଶ୍ରିତ ଚୂର୍ଣ୍ଣବିଶେଷ ।

ବାର୍ତ୍ତା-ବି. (ବୃତ୍ତି-ଅ-ଆ) ବୃତ୍ତାନ୍ତ, ସମ୍ବାଦ ।

ବାର୍ତ୍ତା-ବହ-ବି. ଦୂତ ।

ବାର୍ଦ୍ଦଲ-ବି. ବାଦଲ; ମେଘ ।

ବାର୍ଦ୍ଧକ୍ୟ-ବି. (ବୃଦ୍ଧ-ଷ୍ଣ-ଯ) ବୃଦ୍ଧାବସ୍ଥା ।

ବାର୍ଦ୍ଧୁଷିକ-ବି. (ବୃଦ୍ଧି-ଇ-କ) କୁଷୀଦଜୀବୀ ।

ବାର୍ଯ୍ୟ-ବିଂ. (ବାର-ଯ) ବାରଣୀୟ, ବାରଣଯୋଗ୍ୟ ।

ବାର୍ଷିକ-ବିଂ. (ବର୍ଷ-ଇକ) ବାତ୍ସରିକ ।

ବାର୍ସି-ବି. ବଢେଇର କାଠ ହାଣିବା ଶସ୍ତ୍ର ।

ବାଲିଶ୍-ବି. (ଫାର୍ସୀ) ଉପାଧାନ, ତକିଆ ।

ବାଲ୍ମୀକି-ବି. (ବଲ୍ମୀକ-ଇ) ମୁନିବିଶେଷ ।

ବାବଦୂକ-ବିଂ. (ବଦ୍-ଯଙ୍-ଊକ) ବାଚାଳ ।

ବାଷ୍ପ }
ବାଷ୍ପ } ବି. (ବା-ସୃକ୍-ପ) ବାଫ ; ଅଶ୍ରୁ ।

ବାସ-ବି. (ବସ୍-ଅ) ଗୃହ; ବସ୍ତ୍ର; ସୁଗନ୍ଧ ।

ବାସକ-ବି. ବାସଙ୍ଗ ଗଛ ।

ବାସକ-ସଜ୍ଜା-ବି. ବେଶଭୂଷାଯୁକ୍ତା ନାୟିକା ।

ବାସନ-ବି. (ବସ୍-ଣିଚ୍ ଅନ) ସୁଗନ୍ଧୀକରଣ ; ପାତ୍ର । [ସୁଗନ୍ଧ ।

ବାସନା-ବି. (ବସ୍-ଣିଚ୍-ଅନ-ଆ) ବାଞ୍ଛା; ଆଶା;

ବାସନ୍ତ-ବିଂ. (ବସନ୍ତ-ଅ) ବସନ୍ତ ଋତୁ ସମ୍ବନ୍ଧୀୟ ।

ବାସନ୍ତୀ-ବି. (ବସନ୍ତ-ଅ-ଈ) ନବମଲ୍ଲିକା; ଦୁର୍ଗା ।

ବାସର-ବି. (ବସ୍-ଣିଚ୍-ଅର) ଦିବସ; ବିବାହ-ରାତ୍ରିର ଶୟନଗୃହ ।

ବାସବ-ବି. (ବସୁ-ଅ) ଇନ୍ଦ୍ର ।

ବାସି-ବିଂ. ପର୍ଯ୍ୟୁଷିତ । [ବସ୍ତ୍ରାବୃତ ।

ବାସିତ-ବିଂ. (ବସ୍-ଣିଚ୍-ତ) ସୁଗନ୍ଧୀକୃତ ;

ବାସିନ୍ଦା-ବିଂ. (ଫାର୍ସୀ) ବାସକାରୀ ।

ବାସୀ-ବିଂ. (ବସ-ଇନ୍) ବାସକାରୀ ଶବ୍ଦାନ୍ତେ) ।

ବାସୁ-ବି. (ବସ୍ ଉ) ସର୍ବଭୂତବାସୀ ବିଷ୍ଣୁ ।

ବାସୁକି-ବି, (ବସୁ-କ-ଇ) ସର୍ପରାଜ ।

ବାସୁଙ୍ଗା-ବି. କଦଳୀ-ବାଉଙ୍ଗା ।

ବାସୁଦେବ-ବି. (ବସୁଦେବ-ଅ) ଶ୍ରୀକୃଷ୍ଣ ।

ବାସ୍ତରି-ବିଂ. ଦ୍ୱିସପ୍ତତି ।

ବାସ୍ତବ }
ବାସ୍ତବିକ } ବିଂ. (ବସ୍ତୁ-ଅ, ଇକ) ପ୍ରକୃତ, ଯଥାର୍ଥ ।

ବାସ୍ତବ୍ୟ-ବିଂ. (ବସ୍-ଣିଚ୍-ତବ୍ୟ) ବାସଯୋଗ୍ୟ ।

ବାସ୍ତୁ-ବି. (ବସ-ତୁ) ଗୃହ ।

ବାସ୍ତୁରୀ-ବିଂ. ବାରକୁଳୀ । [ବହୁବର୍ଣ୍ଣ ।

ବାହକ-ବି. (ବହ-ଣିଚ୍-ଅକ) ସାରଥି; ବିଂ.

ବାହନ-ବି. (ବହ-ଣିଚ୍-ଅନ) ଯାନ; ହସ୍ତୀ, ଅଶ୍ୱ, ନୌକା ପ୍ରଭୃତି ।

ବାହା-ବି. (ବାହୁଶବ୍ଦଜ) ଭୁଜ ।

ବାହା-ବି. (ବିବାହଶବ୍ଦଜ) ବିବାହ ।

ବାହାଡ଼ା-ବି. ଫଳବିଶେଷ ।

ବାହାନା-ବି. ଛଳନା ।
ବାହାପିଆ-ବିଂ. ଦୁଃସାହସୀ ।
ବାହାର-ବିଂ. ବହିର୍ଗତ ।
ବାହାର-ବି. ସୌନ୍ଦର୍ଯ୍ୟ ।
ବାହାରିବା-କ୍ରି. ବହିର୍ଗତ ହେବା ।     [ହତ ।
ବାହିତ-ବିଂ. (ବହ୍-ଣିଚ୍-ତ) ଚାଳିତ ; ପ୍ରବା-
ବାହିନୀ-ବି. (ବାହ୍-ଇନ୍-ଈ) ସେନା ; ନଦୀ ।
ବାହିବା-କ୍ରି. ନୌକା ଚଳାଇବା ।
ବାହୁ-ବି. (ବହ୍-ଉ) ଭୁଜ ; ବିଭୁଜର ଭୁଜ ।
ବାହୁଙ୍ଗା-ବି. ତାଳ ଓ ନଡ଼ିଆ ଗଛ ପ୍ରଭୃତିର
ବାହୁଙ୍ଗୀ-ବି. ଖରଦଣ୍ଡ ।     [ଶାଖା ।
ବାହୁଟିଆ-ବି. ଦ୍ୱାରଣବିଶେଷ ।
ବାହୁଟୀ-ବି. ହସ୍ତାଭରଣବିଶେଷ ।
ବାହୁଡ଼ା-ବି. (ବ୍ୟାବୃତ୍ତଶବ୍ଦଜ) ପ୍ରତ୍ୟାବର୍ତ୍ତନ ।
ବାହୁଡିବା-କ୍ରି. ଲେଉଟିବା ।
ବାହ୍ୟ-ବିଂ. (ବହ୍ ଯ) ବହିର୍ଭାଗ୍ ; ବହିଃସ୍ଥ ।
ବି- ଉପସର୍ଗ ( ବା-ଇ ) ବିପରୀତ, ବିଶେଷ,
ପ୍ରଭେଦ, ବିରୋଧ ପ୍ରଭୃତିର ସୂଚକ ।
ବିଂଶ-ବି. (ବିଂଶତି-ଅ) ବିଂଶତିର ପୂରଣ ।
ବିଂଶତି-ବି. କୋଡ଼ିଏ ସଂଖ୍ୟା ୨୦ ।
ବିଂଶତିତମ-ବିଂ. ବିଂଶତିର ପୂରଣ ।
ବିଆଣ-ବି. ପ୍ରସବ ।
ବିଆଳି-ବି. ଧାନ୍ୟବିଶେଷ ।     [ବିଶେଷ ।
ବିଇଁଛି-ବି. ( ବିଚ୍ଛିକାଶବ୍ଦଜ ) ଚର୍ମରୋଗ-
ବିକଚ-ବି. (ବି-କଚ୍-ଅ) ବିକଶିତ, ପ୍ରସ୍ଫୁଟିତ ।
ବିକଟ-ବିଂ. (ବି-କଟ୍-ଅ) ଭୟଙ୍କର; ବିକୃତ ।
ବିକତ୍ଥନ-ବି. (ବି-କତ୍ଥ୍-ଅନ) ମିଥ୍ୟାଶ୍ଳାଘା ।
ବିକର୍ତ୍ତନ-ବି. (ବି-କୃତ୍-ଅନ) ସୂର୍ଯ୍ୟ ।
ବିକଳ-ବିଂ. (ବି-କଳା) ଅବଶ; ବିହ୍ୱଳ; ଅସ-
ମର୍ଥ; ଅସମ୍ପୂର୍ଣ୍ଣ ।
ବିକଳା-ବି. କଳାର ଷୋଡ଼ଶାଂଶ ।
ବିକଳାଙ୍ଗ-ବିଂ. (ବିକଳ-ଅଙ୍ଗ) ହୀନାଙ୍ଗ, ଖଞ୍ଜ
ପ୍ରଭୃତି ।     [କଳ୍ପ ।
ବିକଳ୍ପ-ବି. (ବି-କଳ୍ପ) ସନ୍ଦେହ; ଭ୍ରମ; ବିପରୀତ
ବିକଶିତ } ବିଂ ( ବି-କଶ୍, କସ୍-ତ ) ପ୍ରଫୁଲ୍ଲ,
ବିକସିତ } ପ୍ରସ୍ଫୁଟିତ ।
ବିକସ୍ୱର-ବିଂ. (ବି-କସ୍-ବର) ବିକାଶ-ଶୀଳ ।
ବିକା-ବି. (ବିକ୍ରୟଶବ୍ଦଜ) ବିକ୍ରୟ ।
ବିକାର-ବି. ( ବି-କୃ-ଅ ) ପ୍ରକୃତିର ଅନ୍ୟଥା-
ଭାବ, ବିକୃତ ରୋଗ ।
ବିକାଶ-ବି. (ବି-କାଶ୍-ଅ) ପ୍ରକାଶ; ଉଲ୍ଲାସ ।
ବିକାଶନ-ବି. ପ୍ରସ୍ଫୁଟନ ।
ବିକିରଣ-ବି. (ବି-କୃ-ଅନ) ବିକ୍ଷେପଣ ।
ବିକୀର୍ଣ୍ଣ-ବିଂ. (ବି-କୃ-ତ) ବିକ୍ଷିପ୍ତ; ବିସ୍ତୃତ ।
ବିକୃତ-ବିଂ. ( ବି-କୃ-ତ ) ବିକାରପ୍ରାପ୍ତ ।
ଘୃଣିତ ।
ବିକୃତି-ବି. (ବି-କୃ-ତି) ପ୍ରକୃତିର ଅନ୍ୟଥାଭାବ ।
ବିକ୍ରମ-ବି. (ବି-କ୍ରମ୍-ଅ) ପରାକ୍ରମ, ଶୌର୍ଯ୍ୟ;
ଆରମ୍ଭ; ପଦକ୍ଷେପ ।
ବିକ୍ରୟ-ବି. (ବି-କ୍ରୀ-ଅ) ବିକିବା ।     [ଶାଳୀ ।
ବିକ୍ରାନ୍ତ-ବିଂ. (ବି-କ୍ରମ୍-ତ) ପରାକ୍ରାନ୍ତ, ବିକ୍ରମ-

ବିକ୍ରିୟା-ବି. ବିକାର, ବିକୃତ ।
ବିକ୍ରେତା-ବି. (ବି-କ୍ରୀ-ତୃ) ବିକ୍ରୟ-କାରକ ।
ବିକ୍ରେୟ-ବି. (ବି-କ୍ରୀ-ଯ) ବିକ୍ରୟ-ଯୋଗ୍ୟ ।
ବିକ୍ଲବ-ବି. (ବି-କ୍ଲବ୍-ଅ) ବିହ୍ୱଳ; କାତର ।
ବିକ୍ଷିପ୍ତ-ବି. (ବି-କ୍ଷିପ୍-ତ) ଏଣେତେଣେ ନିକ୍ଷିପ୍ତ ; ଉଦ୍‌ଭ୍ରାନ୍ତଚିତ୍ତ ।
ବିକ୍ଷେପ-ବି. (ବି-କ୍ଷିପ୍-ଅ) ଅନବଧାନ ନିକ୍ଷେପ; ଦୁଃଖ; ଭୟ; ବିଶୃଙ୍ଖଳ ।
ବିକ୍ଷୋଭ-ବି. (ବି-କ୍ଷୁଭ୍-ଅ) ଦୁଃଖ; ବିଶୃଙ୍ଖଳ ।
ବିଖ୍ୟାତ-ବି. (ବି-ଖ୍ୟା-ତ) ପ୍ରସିଦ୍ଧ ।
ବିଗତ-ବି. (ବି-ଗମ୍-ତ) ଅତୀତ; ପ୍ରସ୍ଥିତ ।
ବିଗମ-ବି. (ବି-ଗମ୍-ଅ) ଅପଗମ; ନିବୃତ୍ତ ।
ବିଗର୍ହଣ-ବି. (ବି-ଗର୍ହ୍-ଅନ) ନିନ୍ଦା, ଅପବାଦ ।
ବିଗର୍ହିତ-ବି. (ବି-ଗର୍ହ୍-ତ) ନିନ୍ଦିତ ।
ବିଗଳିତ-ବି. (ବି-ଗଲ୍-ତ) ସ୍ଖଳିତ; କ୍ଷରିତ ।
ବିଗିଡ଼ିବା-କ୍ରି. ବିକୃତ ହେବା, ଖରାପ ହେବା ।
ବିଗୁଣ-ବି. (ବି-ଗୁଣ) ଗୁଣରହିତ ।
ବିଗ୍ନ-ବି. (ବିଜ୍-ତ) ଉଦ୍‌ବେଜିତ; କାତର ।
ବିଗ୍ରହ-ବି. (ବି-ଗ୍ରହ୍-ଅ) ଶରୀର; ମୂର୍ତ୍ତି; ଯୁଦ୍ଧ; କଳହ ।
ବିଘଟନ-ବି. (ବି-ଘଟ୍-ଅନ) ବିଶ୍ଳେଷ; ବିରୋଧ ।
ବିଘଟିତ-ବି. (ବି-ଘଟ୍-ତ)ବିଶ୍ଳେଷିତ, ବ୍ୟାହତ ।
ବିଘାତ-ବି. (ବି-ହନ୍-ଅ) ବିଘ୍ନ; ଅଘାତ ।
ବିଘ୍ନ-ବି. (ବି-ହନ୍-ଅ) ବ୍ୟାଘାତ, ବାଧା ।
ବିଘ୍ନ-ନାୟକ, ବିଘ୍ନେଶ-ବି. ଗଣେଶ ।
ବିଘ୍ନିତ-ବି. ବ୍ୟାହତ ।
ବିଚକ୍ଷଣ-ବି. ( ବି-ଚକ୍ଷ୍-ଅନ ) ଜ୍ଞାନୀ; ଦକ୍ଷ; ବିଦ୍ୱାନ୍ ।
ବିଚର୍ଚ୍ଚିକା-ବି. ବିଉଣ୍ଡିରୋଗ; କାଛୁରୋଗ ।
ବିଚଳିତ-ବି. ( ବି-ଚଲ୍-ତ ) ସ୍ଖଳିତ; ଭ୍ରଷ୍ଟ; ଅସ୍ଥିର । [ନିରୂପଣ ।
ବିଚାର-ବି. (ବି-ଚର୍-ଅ) ବିବେଚନା; ଯାଥାର୍ଥ୍ୟ-
ବିଚାରକ-ବି. ( ବି-ଚର୍-ଣିଚ୍-ଅକ ) ବିଚାର-କର୍ତ୍ତା; ମୀମାଂସାକାରକ ।
ବିଚାରଣା-ବି. (ବି-ଚର୍-ଣିଚ୍-ଅନ-ଆ) ବିଚାର, ବିବେଚନା । [ବିଚାରଯୋଗ୍ୟ ।
ବିଚାରଣୀୟ-ବି. (ବି-ଚର୍-ଅନୀୟ) ବିଚାର୍ଯ୍ୟ,
ବିଚାରିତ-ବି. ( ବି-ଚର୍-ତ ) ବିବେଚିତ, ମୀମାଂସିତ । [ଯୋଗ୍ୟ ।
ବିଚାର୍ଯ୍ୟ-ବି. (ବି-ଚର୍-ଯ) ବିବେଚ୍ୟ; ବିଚାର-
ବିଚିତ୍ର-ବି. ( ବି-ଚିତ୍ର ଅ ) ନାନାବର୍ଣ୍ଣ-ବିଶିଷ୍ଟ; ଆଶ୍ଚର୍ଯ୍ୟଜନକ; ସୁନ୍ଦର ।
ବିଚିତ୍ରିତ-ବି. (ବିଚିତ୍ର-ଇତ) ନାନାବର୍ଣ୍ଣ-ବିଶିଷ୍ଟ ।
ବିଚେତନ-ବି. (ବି-ଚେତନା) ଅଚେତନ ।
ବିଚେୟ-ବି. (ବି-ଚି-ଯ) ଅନ୍ୱେଷଣୀୟ ।
ବିଚେଷ୍ଟିତ-ବି. (ବି-ଚେଷ୍ଟ-ତ) ଅଙ୍ଗପରିବର୍ତ୍ତନ-
ବିଚ୍ୟୁତି-ବି. ଭ୍ରଂଶ, ସ୍ଖଳନ । [କ୍ରିୟା ।
ବିଚ୍ଛିନ୍ନ-ବି. (ବି-ଛିଦ୍-ତ) ବିଯୁକ୍ତ; ବିଭିନ୍ନ ।
ବିଚ୍ଛେଦ-ବି. (ବି-ଛିଦ୍-ଅ) ବିୟୋଗ; ବିରହ;
ବିଛା-ବି. (ବୃଶ୍ଚିକଶବ୍ଦଜ) ବୃଶ୍ଚିକ । [ପାର୍ଥକ୍ୟ ।
ବିଛୁଆତି-ବି. କଣ୍ଟା-କାଣ୍ଟ ଲତାବିଶେଷ ।

ବି-ଜନ-ବି. ନିର୍ଜ୍ଜନ ।
ବିଜୟ-ବି. (ବି-ଜି-ଅ) ଜୟ ।
ବିଜୟା-ବି. ପାର୍ବ୍ବତୀ; ଦୁର୍ଗା । [ପ୍ରାପ୍ତ ।
ବିଜୟୀ-ବି. (ବି-ଜି-ଇନ୍) ଜୟଯୁକ୍ତ, ଜୟ-
ବିଜାତୀୟ-ବି. (ବି-ଜାତି-ଈୟ) ଭିନ୍ନଧର୍ମ୍ମା-
କ୍ରାନ୍ତ ।
ବିଜିତ-(ବି-ଜି-ତ) ପରାଭୂତ, ପରାଜିତ ।
ବିଜୁଳି-ବି. (ବିଦ୍ୟୁତଶବ୍ଦଜ) ବିଦ୍ୟୁତ, ତଡ଼ିତ ।
ବିଜୃମ୍ଭଣ-ବି. (ବି-ଜୃମ୍ଭ-ଅନ) ହାଇମାରିବା ।
ବିଜେତା-ବି. (ବି-ଜି-ତୃ) ଜୟୀ ।
ବିଜେୟ ବି. (ବି-ଜି-ଯ) ଜୟ କରିବାର
ଯୋଗ୍ୟ ।
ବିଜ୍ଞ-ବି. (ବି-ଜ୍ଞା-ଅ) ବିଶେଷଜ୍ଞ, ଜ୍ଞାନୀ ।
ବିଜ୍ଞପ୍ତି-ବି. (ବି-ଜ୍ଞା-ଣିଚ୍ ତି) ବିଜ୍ଞାପନ ।
ବିଜ୍ଞାନ-ବି. (ବି-ଜ୍ଞା-ଅନ) ପଦାର୍ଥର ତତ୍ତ୍ୱନିର୍ଣ୍ଣା-
ୟକ ଶାସ୍ତ୍ର, ଆତ୍ମତତ୍ତ୍ୱଜ୍ଞାନ ।
ବିଜ୍ଞାପନ-ବି. (ବି-ଜ୍ଞା-ଣିଚ୍-ଅନ) ନିବେଦନ,
ବିଶେଷରୂପେ ଜଣାଇବା ।
ବିଜ୍ଞାପିତ-ବି. ନିବେଦିତ ।
ବିଞ୍ଚଣା-ବି. (ବ୍ୟଜନଶବ୍ଦଜ) ବ୍ୟଜନ, ପଙ୍ଖା ।
ବିଟ-ବି. (ବିଟ୍-ଅ) ଧୂର୍ତ୍ତ; ଲମ୍ପଟ; ଲବଣବିଶେଷ ।
ବିଟଙ୍କ-ବି. ପାରାବାଡ଼ ।
ବିଟପ-ବି. (ବିଟ୍-ଅପ) ଶାଖା, ଡାଳ; ଲମ୍ପଟ ।
ବିଟପୀ-ବି. (ବିଟପ-ଇନ୍) ତରୁ, ବୃକ୍ଷ; ବ୍ୟଭି-
ବିଟୋଲି-ବି. ଦୁଷ୍ଟ । [ଚାରିଣୀ ।
ବିଡ଼ଙ୍ଗ-ବି. (ବିଡ୍ ଅଙ୍ଗ) ଔଷଧବିଶେଷ ।

ବିଡ଼ମ୍ବନ, ବିଡ଼ମ୍ବନା-ବି. (ବି-ଡମ୍ବ୍-ଅନ,
ଆ) ଅନୁକରଣ; ପ୍ରବଞ୍ଚନା; ଉପହାସଜନକ
ବ୍ୟାପାର ।
ବିଡ଼ମ୍ବିତ-ବି. (ବି-ଡମ୍ବ୍-ତ) ପ୍ରବଞ୍ଚିତ;
ବିଡ଼ା-ବି. ଗୋଛା । [ଉପହସିତ ।
ବିଡ଼ାଳ-ବି. ବିଲେଇ ।
ବିଡ଼ିଆ-ବି. (ବାଟିକାଶବ୍ଦଜ) ପାନଖିଲ ।
ବିଡ଼ିବା-କ୍ରି. ପରଖିବା ।
ବିଡୌଜାଃ-ବି. (ବିଟ୍-ଓଜଃ) ଇନ୍ଦ୍ର ।
ବିଣ୍ଡା-ବି. ବସ୍ତ୍ର ବା ପାଲ ପ୍ରଭୃତିର ମୋଟା ।
ବିତଂସ-ବି. ପକ୍ଷୀ ଧରିବା ଜାଲ ।
ବିତଣ୍ଡା-ବି. (ବି-ତଣ୍ଡ୍-ଅ-ଆ) ବିତର୍କ; ବାଗ୍‌ଯୁଦ୍ଧ ।
ବିତତ-ବି. (ବି-ତନ୍-ତ) ବିସ୍ତୃତ ।
ବିତଥ-ବି. (ବି-ତଥା-ଅ) ବିଫଳ; ମିଥ୍ୟା ।
ବିତରଣ-ବି. (ବି-ତୃ-ଅନ) ଦାନ; ବଣ୍ଟନ ।
ବିତର୍କ-ବି. (ବି-ତର୍କ୍-ଅ) ବାଦାନୁବାଦ; ଅନୁ-
ମାନ ।
ବିତଳ-ବି. ସପ୍ତ ପାତାଳର ଦ୍ୱିତୀୟ ପାତାଳ ।
ବିତସ୍ତି-ବି. ଏକ ବିଘତ, ବାର ଅଙ୍ଗୁଳି ପରିମାଣ ।
ବିତାନ-ବି. (ବି-ତନ୍-ଅ) ଚାନ୍ଦୁଆ; ପଟମଣ୍ଡପ;
ବିସ୍ତାର ।
ବିତିବା-କ୍ରି. ବିଗତ ହେବା, ଯାପିତ ହେବା ।
ବିତୃଷ୍ଣା-ବି. ଅନିଚ୍ଛା; ଅରୁଚି ।
ବିତ୍ତ-ବି. (ବିଦ୍-ତ) ଧନ, ସମ୍ପତ୍ତି ।
ବିଦ୍-ବି. (ବିଦ୍-କ୍ୱିପ୍) ଯେ ଜାଣେ (ଶବ୍ଦାନ୍ତେ)

ବିଦ-ବି. ସ୍ତ୍ରୀମାନଙ୍କର ବାମ ବାହୁର ଅଳଙ୍କାର-ବିଶେଷ । [ ଠଉରୁ; ନିପୁଣ ।

ବିଦଗ୍ଧ ବି. ( ବି-ଦହ୍-ତ ) ରସଜ୍ଞ ; ପଣ୍ଡିତ ;

ବିଦର୍ଭ-ବି. ବେରର ପ୍ରଦେଶ ।

ବିଦାଙ୍ଗୀ-ବି. (ଦାଧାଭୁଜ) ମେଲାଣି ଧନାଦ ।

ବିଦାୟ-ବି. (ବି-ଦା-ଯ)ଗମନାନୁମତି; ମେଲାଣି ।

ବିଦାରକ-ବି. (ବି-ଦୃ-ଅକ) ବିଦୀର୍ଣ୍ଣକାରୀ ।

ବିଦାରଣ-ବି.(ବି-ଦୃ-ଣିଚ୍-ଅନ) ବିଦୀର୍ଣ୍ଣ-କରଣ, ଭେଦନ, ମାରଣ ।

ବିଦାରିତ ବି. (ବି-ଦୃ-ଣିଚ୍-ତ) ଭେଦିତ ।

ବିଦିକ୍-ବି. ଦୁଇ ଦିଗର ମଧ୍ୟବର୍ତ୍ତୀ କୋଣ ।

ବିଦିତ-ବି. (ବିଦ୍-ତ) ଅବଗତ, ଜ୍ଞାତ ।

ବିଦୀର୍ଣ୍ଣ-ବି. (ବି-ଦୃ-ତ) ଚିରା; ଭଗ୍ନ ।

ବିଦୁର-ବି. ଯୁଧିଷ୍ଠିରଙ୍କ ପିତୃବ୍ୟ ।

ବିଦୁଷୀ-ବି.(ବିଦ୍ୱସ୍-ଈ) ବିଦ୍ୟାବତୀସ୍ତ୍ରୀ, ପଣ୍ଡିତା ।

ବିଦୂଷକ-ବି. ( ବି-ଦୂଷ ଅକ ) ନାଟକ-ନାୟକର ପରିହାସ-କାରୀ ସହାୟ ।

ବି-ଦେଶ-ବି. ଦେଶାନ୍ତର, ଭିନ୍ନ ଦେଶ ।

ବିଦେଶୀ, ବିଦେଶୀୟ-ବି. ( ବିଦେଶ-ଇନ୍, ଈୟ ) ଭିନ୍ନଦେଶବାସୀ ।

ବି-ଦେହ-ବି. ମିଥିଳା; ବି.- ଦେହରହିତ ।

ବିଦ୍ଧ-ବି. ( ବି-ଧ୍-ତ ) ଛିଦ୍ରିତ; ସମୁଦ୍‌ଗୀର୍ଣ୍ଣ ; ଅହିତ । [ ଗ୍ରଥିତ ।

ବିଦ୍ୟମାନ-ବି. (ବିଦ୍-ଆନ) ବର୍ତ୍ତମାନ, ଉପ-

ବିଦ୍ୟା-ବି. (ବିଦ୍-ଯ-ଅ) ଅଧ୍ୟୟନ ଜନିତ-ଜ୍ଞାନ ।

ବିଦ୍ୟା-ଧର-ବି. ଗନ୍ଧର୍ବ; କିନ୍ନର ।

ବିଦ୍ୟାର୍ଥୀ-ବି.(ବିଦ୍ୟା-ଅର୍ଥ-ଇନ୍) ଛାତ୍ର, ଶିଷ୍ୟ ।

ବିଦ୍ୟାଳୟ-ବି. (ବିଦ୍ୟା-ଆଳୟ) ବିଦ୍ୟାଶିକ୍ଷାର ସ୍ଥାନ ।

ବିଦ୍ୟାବାନ୍-ବି. (ବିଦ୍ୟା-ବତ୍ ପଣ୍ଡିତ, ବିଦ୍ୱାନ୍ ।

ବିଦ୍ୟୁତ-ବି. (ବି-ଦ୍ୟୁତ-କ୍ୱିପ୍) ବିଜୁଳି, ସୌଦା-ମିନୀ ।

ବିଦ୍ୟୁଲ୍ଲତା-ବି. (ବିଦ୍ୟୁତ-ଲତା) ବିଜୁଳି ।

ବିଦ୍ରଧି-ବି. ( ବିଦ୍ର ଧା-ଇ ) ବ୍ରଣବିଶେଷ ।

ବିଦ୍ରୁତ-ବି.(ବି-ଦ୍ରୁ-ତ) ଦ୍ରବୀଭୂତ, ପଳାୟିତ; ଭୀତ ।

ବିଦ୍ରୁମ-ବି. ପଦ୍ମରାଗ-ମଣି; ପ୍ରବାଳ, ପୋହଳା ।

ବିଦ୍ରୋହ-ବି. (ବି-ଦ୍ରୁହ-ଅ) ବିରୁଦ୍ଧାଚରଣ ।

ବିଦ୍ରୋହୀ-ବି. ( ବିଦ୍ରୋହ-ଇନ ) ବିରୁଦ୍ଧାଚାରୀ, ବିଦ୍ରୋହକାରୀ ।

ବିଦ୍ୱାନ୍-ବି. (ବିଦ୍-ବସ) ପଣ୍ଡିତ, ବିଦ୍ୟାବାନ୍ ।

ବିଦ୍ୱିଷ୍ଟ-ବି. (ବି-ଦ୍ୱିଷ୍-ତ) ଦ୍ୱେଷ ଭାବରେ ଘୃଣିତ ।

ବିଦ୍ୱେଷ-ବି. (ବି-ଦ୍ୱିଷ୍-ଅ) ଶତ୍ରୁତା, ଦ୍ୱେଷ ।

ବିଦ୍ୱେଷୀ-ବି. (ବି-ଦ୍ୱିଷ୍-ଇନ ) ଦ୍ୱେଷକାରୀ ।

ବିଧ-ବି. ( ବି-ଧା-ଅ ) ପ୍ରକାର ।

ବିଧବା-ବି. (ବି-ଧବ) ପତିହୀନା, ମୃତପତିକା ।

ବିଧା-ବି. ହସ୍ତ-ମୁଷ୍ଟି ଦ୍ୱାରା ମାଡ଼ ।

ବିଧାତା-ବି. (ବି-ଧା-ତୃ) ସୃଷ୍ଟିକର୍ତ୍ତା ।

ବିଧାନ-ବି.(ବି-ଧା-ଅନ) ନିୟମ, ବିଧି; ନିର୍ମାଣ ।

ବିଧି-ବି. (ବି-ଧା-ଇ) ବିଧାତା ; ନିୟମ ; ଅନୁ-

ବିଧି-ଜ୍ଞ-ବି. ବିଧାନଜ୍ଞ; ଶାସ୍ତ୍ରଜ୍ଞ । [ ଷ୍ଠାନ ।

ବିଧି-ପୂର୍ବକ-କ୍ରି. ବି. ବିଧାନଅନୁସାରେ ।

ବିଧି-ବହିର୍‌-ଅଂ. ଯଥାବିଧି ।
ବିଧୁ-ବି. (ବି-ଧେ-ଉ) ଚନ୍ଦ୍ର; କର୍ପୂର ।
ବିଧୁନନ-ବି. (ବି-ଧୂ-ଣିଚ୍‌-ଅନ) କମ୍ପନ ।
ବିଧୁନିତ-ବିଂ. କମ୍ପିତ ।
ବିଧୁନ୍ତୁଦ-ବି. (ବିଧୁ-ତୁଦ୍‌-ଅ) ରାହୁଗ୍ରହ ।
ବିଧୁର-ବିଂ. ( ବି-ଧୁର୍‌-ଅ ) ଆର୍ତ୍ତ; କାତର; ଦୁଃଖିତ ।
ବିଧୃତ-ବିଂ. (ବି-ଧୃ-ତ) ଧୃତ; ଅବଲମ୍ବିତ ।
ବିଧେୟ-ବିଂ. (ବି-ଧା-ଯ) କର୍ତ୍ତବ୍ୟ; ଉଚିତ ।
ବିଧ୍ୱଂସ-ବି. (ବି-ଧ୍ୱନ୍‌ସ୍‌-ଅ) ବିନାଶ ।
ବିଧ୍ୱସ୍ତ-ବିଂ. (ବି-ଧ୍ୱନ୍‌ସ୍‌-ତ) ବିନଷ୍ଟ ।
ବିନତ ବିଂ. (ବି-ନମ୍‌-ତ) ଅବନତ; ପ୍ରଣତ ।
ବିନତା-ବି ( ବି-ନମ୍‌-ତ-ଆ ) କଶ୍ୟପ-ମୁନି-ପତ୍ନୀ, ଅରୁଣ ଓ ଗରୁଡ଼ର ମାତା ।
ବିନୟ-ବି. (ବି-ନୀ-ଅ) ନମ୍ରତା, ଶିଷ୍ଟତା ।
ବିନୟନ-ବି. (ବି-ନୀ-ଅନ) ଶିକ୍ଷା ।
ବିନୟୀ-ବିଂ. (ବି-ନୀ-ଇନ୍‌) ନମ୍ର, ବିନୀତ ।
ବିନଶ୍ୱର-ବିଂ. (ବି-ନଶ୍‌-ବର) ଅନିତ୍ୟ, ଧ୍ୱଂସଶୀଲ ।
ବିନଷ୍ଟ-ବିଂ. (ବି-ନଶ୍‌-ତ) ବିଧ୍ୱସ୍ତ, ନାଶପ୍ରାପ୍ତ ।
ବିନା-ଅଂ. ବ୍ୟତିରେକେ ।
ବିନାୟକ-ବି. (ବି-ନୀ-ଅକ) ଗଣେଶ ।
ବିନାଶ-ବି. (ବି-ନଶ୍‌-ଅ) ଧ୍ୱଂସ; ସଂହାର ।
ବିନାଶିତ-ବିଂ. (ବି ନଶ୍‌-ଣିଚ୍‌-ତ) ନଷ୍ଟ ।
ବିନିଃସୃତ-ବିଂ. ( ବି-ନିର୍‌-ସୃ-ତ ) ବହିର୍ଗତ, ନିର୍ଗତ ।

ବିନିଦ୍ର-ବିଂ. (ବି-ନିଦ୍ରା) ଜାଗରିତ, ନିଦ୍ରାରହିତ ।
ବିନିମୟ-ବି. (ବି ନି-ମୀ-ଅ) ପରିବର୍ତ୍ତ, ବଦଳ ।
ବିନୀତ-ବିଂ. (ବି-ନୀ-ତ) ନମ୍ର, ଶାନ୍ତ; ଶିକ୍ଷିତ; ଶାସିତ ।
ବିନୁ-ଅଂ. (ବିନାଶବ୍ଦଜ) ବ୍ୟତିରେକେ ।
ବିନେତା-ବିଂ. (ବି-ନୀ-ତୃ) ଶିକ୍ଷକ, ନିୟମ-କର୍ତ୍ତା ।
ବିନେୟ-ବିଂ. (ବି-ନୀ ଯ) ଶିକ୍ଷଣୀୟ; ଶାସନୀୟ ।
ବିନୋଦ, ବିନୋଦନ-ବି. (ବି-ନୁଦ୍‌-ଅ, ଅନ) ପ୍ରବୋଧ; ଆମୋଦ । [ଅନୁସର ।
ବିନ୍ଦୁ-ବି. (ବିନ୍ଦ୍‌-ଉ) ଫୋଟା, ଦ୍ରବଦ୍ରବ୍ୟର କଣା;
ବିନ୍ଧ-ବି. (ବ୍ୟଧ୍‌-ଧାତୁରୁ) ଛିଦ୍ର, ରନ୍ଧ୍ର ।
ବିନ୍ଧାଣି-ବି. କାରିଗର । [କରିବା ।
ବିନ୍ଧିବା-କ୍ରି. ବି. ଫୋଡିବା; ଶୃଙ୍ଗଦ୍ୱାରା ଆଘାତ
ବିନ୍ଧ୍ୟ-ବି. ପର୍ବ୍ବତବିଶେଷ । [କ୍ରମେ ଅର୍ପିତ ।
ବିନ୍ୟସ୍ତ-ବିଂ. (ବି-ନି-ଅସ-ତ) ସ୍ଥାପିତ; ଯଥା-
ବିନ୍ୟାସ-ବି. (ବି-ନି-ଅସ୍‌-ଅ) ସ୍ଥାପନ; ରଚନା;
ବିପକ୍ଷ-ବି. ବିରୁଦ୍ଧ ପକ୍ଷ, ଶତ୍ରୁ । [ସଜ୍ଜା ।
ବିପକ୍ଷତା-ବି. ଶତ୍ରୁତା, ପ୍ରତିକୂଳତା ।
ବିପଞ୍ଚୀ-ବି. ବୀଣା ।
ବିପଣି-ବି. (ବି-ପଣ୍‌-ଇ) ଦୋକାନ; ବଜାର ।
ବିପତ୍ତି-ବି. (ବି-ପଦ୍‌-ତି) ଆପଦ; ଦୁର୍ଭାଗ୍ୟ ।
ବିପଥ-ବି. କୁପଥ ।
ବିପଦ୍‌-ବି. (ବି-ପଦ୍‌-କ୍ୱିପ୍‌) ଆପଦ୍‌; ଦୁର୍ଭାଗ୍ୟ ।
ବିପନ୍ନ-ବିଂ. (ବି-ପଦ୍‌-ତ) ଦୁରବସ୍ଥାପନ୍ନ ।
ବିପର୍ଯ୍ୟସ୍ତ-ବିଂ. ( ବି-ପରି-ଅସ୍‌-ତ ) ବିରୁଦ୍ଧ; ଓଲଟା ।

ବିପର୍ଯ୍ୟୟ-ବି. (ବି-ପରି-ଇ-ଅ) ବୈପରୀତ୍ୟ ।
ବିପର୍ଯ୍ୟସ୍ତ-ବିଂ. (ବି-ପରି-ଅସ୍-ତ) ବ୍ୟତିକ୍ରାନ୍ତ, ଓଲଟ ପାଲଟ ।
ବିପର୍ଯ୍ୟାସ-ବି. (ବି-ପରି-ଅସ୍-ଅ) ବିପର୍ଯ୍ୟୟ ।
ବିପଳ-ବି. କାଳର ସୂକ୍ଷ୍ମ ଅଂଶ ।
ବିପଶ୍ଚିତ୍-ବି. ବିଦ୍ୱାନ୍ ।
ବିପାକ-ବି. (ବି-ପଚ୍-ଅ) ପରିଣାମ; କର୍ମଫଳ ।
ବିପାଟନ-ବି. (ବି-ପଟ୍-ଣିଚ୍-ଅନ) ବିଦାରଣ ।
ବିପିନ-ବି. କାନନ, ବନ ।
ବିପୁଳ-ବିଂ. (ବି-ପୁଲ୍-ଅ) ବୃହତ୍, ମହତ୍ ।
ବିପ୍ର-ବି. (ବି-ପ୍ରା-ଅ) ବ୍ରାହ୍ମଣ ।
ବିପ୍ରକର୍ଷଣ-ବି. (ବି-ପ୍ର-କୃଷ୍-ଅନ) ଦୂରଗମନ ।
ବିପ୍ରକୃଷ୍ଟ-ବିଂ. ଦୂରବର୍ତ୍ତୀ । [ରତ ।
ବିପ୍ରଲବ୍ଧ-ବିଂ. (ବି-ପ୍ର-ଲଭ୍-ତ) ବଞ୍ଚିତ, ପ୍ରତା-
ବିପ୍ରଲମ୍ଭ-ବି. (ବି-ପ୍ର-ଲଭ୍-ଅ) ପ୍ରତାରଣା; ବିବାଦ; ବିରହ ।
ବି-ପ୍ରିୟ-ବିଂ. ଅପ୍ରିୟ; ବି. ଅନିଷ୍ଟ ।
ବିପ୍ଳବ-ବି. (ବି-ପ୍ଳୁ-ଅ) ବିଦ୍ରୋହ; ଉପଦ୍ରବ ।
ବିପ୍ଳୁତ-ବିଂ. (ବି-ପ୍ଳୁ-ତ) ଆର୍ତ୍ତ; ଉପଦ୍ରୁତ ।
ବିଫଳ-ବିଂ. (ବି-ଫଳ) ନିଷ୍ଫଳ, ନିରର୍ଥକ ।
ବିବନ୍ଧ-ବି. ମୂତ୍ର-ପୁରୀଷର ଅବରୋଧ ।
ବିବୁଧ-ବି. (ବି-ବୁଧ-ଅ) ଦେବତା; ପଣ୍ଡିତ ।
ବି-ବୋଧ-ବି. ଜାଗରଣ; ଜ୍ଞାନ ।
ବିଭକ୍ତ-ବିଂ. (ବି-ଭଜ୍-ତ) ପୃଥକ୍କୃତ ।
ବିଭକ୍ତି-ବି. (ବି-ଭଜ୍-ତି) ବିଭାଗ; ବ୍ୟାକରଣରେ ଶବ୍ଦ ବା କ୍ରିୟାର ପ୍ରତ୍ୟୟ ।

ବିଭବ-ବି. (ବି-ଭୂ-ଅ) ଧନ, ଐଶ୍ୱର୍ଯ୍ୟ ।
ବିଭା-ବି. (ବି-ଭା-ଅ-ଆ) ପ୍ରଭା, ଦୀପ୍ତି ।
ବିଭା-ବି. (ଦେଶୀୟଶବ୍ଦ) ବିବାହ ।
ବିଭାକର-ବି. ସୂର୍ଯ୍ୟ
ବିଭାଗ-ବି. (ବି-ଭଜ୍-ଅ) ଅଂଶ, ଭାଗ ।
ବିଭାଜକ-ବିଂ. (ବି-ଭଜ୍-ଅକ) ବିଭାଗକର୍ତ୍ତା ।
ବିଭାଜ୍ୟ-ବିଂ. (ବି-ଭଜ୍-ଯ) ବିଭାଗଯୋଗ୍ୟ ।
ବିଭାତ-ବି. (ବି-ଭା-ତ) ପ୍ରଭାତ ।
ବିଭାବ-ବି. (ବି-ଭୂ-ଅ) ଶୋକ, କ୍ରୋଧ, ଉତ୍-ସାହାଦି ଭାବ । [ଚିନ୍ତନୀୟ, ଭାବ୍ୟ ।
ବିଭାବ୍ୟ-ବିଂ. (ବି-ଭୂ-ଣିଚ୍-ଯ) ବିଭାବନୀୟ,
ବିଭାବରୀ-ବି. (ବି-ଭା-ବନ୍) ରାତ୍ରି, ରଜନୀ ।
ବିଭା-ବସୁ-ବି. ସୂର୍ଯ୍ୟ; ଅଗ୍ନି ।
ବିଭାସିତ-ବିଂ. (ବି-ଭାସ୍-ତ) ଦୀପିତ; ପ୍ରକାଶିତ ।
ବିଭିନ୍ନ-ବିଂ. (ବି-ଭିଦ୍-ତ) ପୃଥକ୍ଭୂତ; ଅନ୍ୟ-ବିଧ; ବିଦୀର୍ଣ୍ଣ ।
ବିଭୀତକ-ବି. ବାହାଡ଼ା ଗଛ ।
ବିଭୀଷଣ-ବି. (ବି-ଭୀଷ୍-ଅନ) ରାବଣର କନିଷ୍ଠ ଭ୍ରାତା; ବିଂ. ଭୟଙ୍କର । [ର୍ଶନ ।
ବିଭୀଷିକା-ବି. (ବି-ଭୀଷ୍-ଅକ-ଆ) ଭୟପ୍ରଦ-
ବିଭୁ-ବି. (ବି-ଭୂ-ଉ) ପ୍ରଭୁ, ପରମେଶ୍ୱର ।
ବିଭୂତି-ବି. (ବି-ଭୂ-ତି) ସମ୍ପତ୍ତି, ଐଶ୍ୱର୍ଯ୍ୟ; ଭସ୍ମ ।
ବିଭୂଷିତ-ବିଂ. (ବି-ଭୂଷ୍-ତ) ଅଳଙ୍କୃତ,
ବିଭେଦ-ବି. ପ୍ରଭେଦ । [ଶୋଭିତ ।
ବିଭୋଳ-ବିଂ. ବିହ୍ୱଳ, ମତ୍ତ । [ସଂଶୟ ।
ବିଭ୍ରମ-ବି. (ବି-ଭ୍ରମ୍-ଅ) ବିଳାସ; ଭ୍ରମ;

ବିଭ୍ରାଜମାନ–ବି°. ( ବି-ଭ୍ରାଜ୍-ଶାନ ) ଶୋଭମାନ ; ବି. ଅପଦ । [ ମନସ୍କ ବିଷଣ୍ଣ ।

ବିମନାଃ, ବିମନସ୍କ–ବି°. (ବି-ମନସ୍-କ) ଅନ୍ୟ-

ବିମନାୟମାନ–ବି° (ବି-ମନଃ-ଯ-ଅନ) ବିଷଣ୍ଣ ।

ବିମର୍ଶ–ବି. (ବି-ମୃଶ୍-ଅ) ବିଚାର, ବିତର୍କ ।

ବିମର୍ଷ–ବି. (ବି-ମୃଷ୍-ଅ) ବିଷାଦ ।

ବିମଳ–ବି°. ନିର୍ମଳ ; ଶୁଭ୍ର ।

ବିମାତା–ବି. ସାବତ ମା ।

ବିମାନ–ବି. (ବି-ମା-ଅନ) ବ୍ୟୋମଯାନ; ମଣ୍ଡପ ।

ବି-ମିଶ୍ର–ବି°. ମିଶ୍ରିତ । [ବ୍ୟକ୍ତ ।

ବିମୁକ୍ତ–ବି°. ( ବି-ମୁଚ୍ ତ ) ମୁକ୍ତିପ୍ରାପ୍ତ; ପରି-

ବିମୁଖ–ବି°. ପରାଙ୍ମୁଖ; ଅପ୍ରସନ୍ନ ।

ବିମୂଢ଼–ବି°. (ବି-ମୁହ୍-ତ) ନିର୍ବୋଧ, ମୂର୍ଖ ।

ବିମୃଶ୍ୟକାରୀ, ବିମୃଷ୍ୟକାରୀ–ବି°. ( ବି-ମୃଶ୍ୟ, ମୃଷ୍ୟ–କୃ-ଇନ) ଯେ ବ୍ୟକ୍ତି ବିବେଚନା କରି କର୍ମ କରେ ।

ବିମୋଚନ–ବି, (ବି-ମୁଚ୍-ଅନ) ମୁକ୍ତି; ଉଦ୍ଧାର ।

ବିମୋହନ–ବି°. (ବି-ମୁହ୍-ଣିଚ୍-ଅନ) ମୋହ-ଜନକ ।

ବିମ୍ବ–ବି. (ବିମ୍-ଅ) ମଣ୍ଡଳ; ଛାୟା, ପ୍ରତିବିମ୍ବ ; କଇଁଚିକାକୁଡ଼ି ଫଳ । [ବିମ୍ବିତ ।

ବିମ୍ବିତ–ବି°. ( ବିମ୍ବ-ଇତ ) ପ୍ରତିଫଳିତ, ପ୍ରତି-

ବିମ୍ବୋଷ୍ଠ–ବି°. (ବିମ୍ବ-ଓଷ୍ଠ) ପକ୍ୱବିମ୍ବପରି ରକ୍ତ-

ବିୟତ୍–ବି. ଆକାଶ । [ବର୍ଣ୍ଣ ଓଷ୍ଠ-ବିଶିଷ୍ଟ ।

ବିଯୁକ୍ତ–ବି°. ( ବି-ଯୁଜ୍-ତ ) ବିଚ୍ଛିନ୍ନ ।

ବିଯୋଗ–ବି. ( ବି-ଯୁଜ୍-ଅ ) ବିଚ୍ଛେଦ ; ମୃତ୍ୟୁ ; ଗଣିତରେ ବ୍ୟବକଳନ ।

ବିଯୋଜିତ–ବି°. (ବି-ଯୁଜ୍-ଣିଚ୍-ତ) ପୃଥକ୍‌କୃତ ।

ବିଯୋଦ୍ଧା–ବି°. ଅଯୁକ୍ତ । [ଉଦାସୀନ ।

ବିରକ୍ତ–ବି°. (ବି-ରଞ୍ଜ୍-ତ) ବିମୁଖ ଅସନ୍ତୁଷ୍ଟ;

ବିରକ୍ତି–ବି. ( ବି-ରଞ୍ଜ୍-ତି ) ଅସନ୍ତୋଷ ; ବୈରାଗ୍ୟ ।

ବିରଞ୍ଚି, ବିରିଞ୍ଚି–ବି. ବ୍ରହ୍ମା ।

ବିରତ–ବି°. (ବି-ରମ୍-ତ) ନିବୃତ୍ତ, କ୍ଷାନ୍ତ ।

ବିରତି–ବି. (ବି-ରମ୍-ତି) ନିବୃତ୍ତି ।

ବିରଳ–ବି°. ଅନିବିଡ଼, ଛଡ଼ାଛଡ଼ା; ଅଳ୍ପ ;

ବି-ରସ–ବି° ରସହୀନ; ମଳିନ । [ ନିର୍ଜନ ।

ବିରହ–ବି. (ବି-ରହ୍-ଅ) ବିଚ୍ଛେଦ; ଅଭାବ ।

ବିରହିତ–ବି°. ବର୍ଜ୍ଜିତ, ରହିତ ।

ବିରହିଣୀ–ବି°. ବିଚ୍ଛେଦ-କ୍ଳେଶ ଯୁକ୍ତା ।

ବିରହୀ–ବି° ବିଚ୍ଛେଦ-କ୍ଳେଶ-ଯୁକ୍ତ ।

ବିରାଗ–ବି. (ବି-ରଞ୍ଜ୍-ଅ) ବୈରାଗ୍ୟ, ବିରକ୍ତି ।

ବିରାଗୀ–ବି°. ବୈରାଗ୍ୟଯୁକ୍ତ । [ଶୋଭମାନ ।

ବିରାଜମାନ–ବି°. (ବି-ରାଜ୍-ଅନ) ଦୀପ୍ତିବିଶିଷ୍ଟ,

ବିରାଜିତ–ବି°.(ବି-ରାଜ୍-ତ)ଶୋଭିତ, ପ୍ରକାଶିତ ।

ବିରାଟ୍–ବି°. (ବି-ରାଜ୍-କ୍ୱିପ୍) ବ୍ୟାପକ; ଅତି ବୃହତ୍; ବି. ସର୍ବବ୍ୟାପୀ ପୁରୁଷ ।

ବିରାମ–ବି°. (ବି-ରମ୍-ଅ) ବିଶ୍ରାମ; ନିବୃତ୍ତି ।

ବିରୁଡ଼ି–ବି. ଦଂଶନକାରୀ ପତଙ୍ଗବିଶେଷ ।

ବିରୁତ–ବି. (ବି-ରୁ-ତ) କୂଜିତ ।

ବିରୁଦ୍ଧ–ବି°. (ବି-ରୁଧ୍-ତ) ବିପରୀତ; ବିପକ୍ଷ; ପ୍ରତିକୂଳ ।

ବିରୂପ–ବି°. (ବି ରୂପ) କୁରୂପ ।

ବିରୂପାକ୍ଷ-ବି. (ବିରୂପ-ଅକ୍ଷି) ଶିବ, ତ୍ରିଲୋଚନ ।
ବିରେଚନ-ବି. (ବି-ରିଚ୍-ଣିଚ୍-ଅନ) ମଳ-
ନିଃସାରଣ । [ନିଃସାରକ ।
ବିରେଚକ-ବିଂ. (ବି-ରିଚ୍-ଣିଚ୍-ଅକ) ମଳ-
ବିରୋଧ-ବି. (ବି-ରୁଧ-ଅ) ବିପକ୍ଷତା; ବୈର ।
ବିରୋଧୀ-ବିଂ. ପ୍ରତିକୂଳ; ବି. ଶତ୍ରୁ ।
ବିଲ-ବି. ବିବର; ଗର୍ତ୍ତ ।
ବିଲ୍-ବି. କ୍ଷେତ ।
ବିଲକ୍ଷଣ-ବିଂ. ଅସାଧାରଣ; ଭିନ୍ନ ।
ବିଲପନ, ବିଲପିତ-ବି. (ବି-ଲପ୍-ଅନ, ତ) ବିଳାପ ।
ବିଲପମାନ-ବିଂ. (ବି-ଲପ୍-ଆନ) ବିଳାପକାରୀ ।
ବିଲମ୍ବ-ବି. (ବି-ଲମ୍ବ-ଅ) ଡେରି; ଅଶୀଘ୍ରତା ।
ବିଲମ୍ବିତ-ବିଂ. (ବିଲମ୍ବ-ଇତ) ଲମ୍ବମାନ, ଦୋଳାୟିତ ।
ବିଲୟ-ବି. (ବି-ଲୀ-ଅ) ବିନାଶ, ଲୟ ।
ବିଲସନ, ବିଲସିତ-ବି. (ବି-ଲସ୍-ଅନ, ତ)
ବିଲେଇ-ବି. ବିରାଡ଼ି । [ବିଳାସଶୀଳା ।
ବିଳାପ-ବି. (ବି-ଲପ୍-ଅ) ଖେଦୋକ୍ତି ।
ବିଳାସ-ବି. (ବି ଲସ୍-ଅ) ଭାବ ପ୍ରକାଶକ-ଅଙ୍ଗଭଙ୍ଗୀ; କ୍ରୀଡ଼ା ଆମୋଦ ପ୍ରମୋଦ ।
ବିଳାସୀ ବିଂ. (ବି-ଲସ୍-ଇନ) ଆମୋଦ ପ୍ରମୋଦରେ ରତ ।
ବିଲବିଲେଇବା କ୍ରି ଦେବାଉଲାରେ ବକିବା ।
ବିଲୀନ-ବିଂ. (ବି-ଲୀ ତ) ଲୟପ୍ରାପ୍ତ; ଅନ୍ତର୍ହିତ ।
ବିଲୁଆ-ବି. ଶୃଗାଳ । [ରଣ ।
ବିଲେଖନ-ବି. (ବି ଲିଖ୍-ଅନ) ଖନନ; ବିଦା-
ବିଲୋକନ-ବି. (ବି-ଲୁକ୍-ଅନ) ଦର୍ଶନ ।
ବିଲୋଚନ-ବି. (ବି-ଲୋଚ୍-ଅନ) ଲୋଚନ,
ଚକ୍ଷୁ । [ମନ୍ଥିତ ।
ବିଲୋଡ଼ିତ-ବି. (ବି-ଲୁଡ଼୍-ଣିଚ୍-ତ) ଆଲୋଡ଼ିତ,
ବିଲୋପ-ବି. (ବି-ଲୁପ୍-ଅ) ନିଃସ୍ୱଭାବ ବିନାଶ ।
ବିଲୋମ-ବିଂ. (ବି-ଲୋମ) ବିପରୀତ ।
ବିଲୋମ-ବର୍ଣ୍ଣ-ବର୍ଣ୍ଣସଙ୍କର ଜାତି ।
ବିଲ୍ୱ-ବି. ବେଲ, ଶ୍ରୀଫଳ । [ଇଚ୍ଛା ।
ବିବକ୍ଷା-ବି. (ବି-ବଚ୍-ସନ୍-ଅ) ବୋଲିବାର
ବିବକ୍ଷିତ-ବିଂ. (ବି-ବଚ୍-ସନ୍-ତ) ଯାହା କହି-ବାକୁ ଇଚ୍ଛା କରାଯାଇଅଛି ।
ବିବଦମାନ-ବିଂ. (ବି-ବଦ୍-ଆନ) ବିବାଦୀ, ବିରୋଧୀ ।
ବିବର-ବି. (ବି-ବୃ-ଅ) ଗର୍ତ୍ତ; ରନ୍ଧ୍ର ।
ବିବରଣ-ବି. (ବି.-ବୃ-ଅନ) ବର୍ଣ୍ଣନ; ବ୍ୟାଖ୍ୟା ।
ବି-ବର୍ଣ୍ଣ-ବିଂ. ମଳିନ । [ପରିଣାମ ।
ବିବର୍ତ୍ତ-ବି (ବି-ବୃତ୍-ଅ) ପରିବର୍ତ୍ତ; ଘୂର୍ଣ୍ଣନ;
ବିବର୍ତ୍ତନ-ବି. (ବି-ବୃତ୍-ଅନ) ଘୂର୍ଣ୍ଣନ; ପାର୍ଶ୍ୱ-ପରିବର୍ତ୍ତନ; ନୃତ୍ୟ । [ବର୍ତ୍ତିତ ।
ବିବର୍ତ୍ତିତ-ବିଂ. (ବି-ବୃତ୍-ତ) ଘୂର୍ଣ୍ଣିତ; ପରି-
ବିବଶ-ବିଂ. (ବି-ବଶ୍-ଅ) ଅବଶ; ବିହ୍ୱଳ ।
ବିବସ୍ୱାନ୍-ବି. (ବି-ବସ୍-ବତ୍) ସୂର୍ଯ୍ୟ ।
ବିବାକ୍-ବିଂ. ସମ୍ପୁଦ ସ୍ତୁ ।
ବିବାକ-ବି. (ବି-ବଚ୍-ଅ-କ) ବିଚାରକର୍ତ୍ତା ।
ବିବାଦ-ବି. (ବି-ବଦ୍-ଅ) ବିରୋଧ, କଳହ ।
ବିବାଦୀ-ବିଂ. (ବିବାଦ-ଇନ୍) ବିରୋଧୀ ।

ବିବାସନ—ବି. (ବି-ବସ୍-ଣିଚ୍-ଅନ) ନିର୍ବାସନ; ସ୍ୱଦେଶରୁ ଦୂରୀକରଣ ।

ବିବାସିତ—ବି°. (ବି-ବସ୍-ଣିଚ୍-ତ) ନିର୍ବାସିତ ।

ବିବାହ—ବି. (ବି-ବହ୍-ଅ) ପରିଣୟ ।

ବିବାହିତ—ବି°. (ବି-ବହ୍-ଣିଚ୍-ତ) ପରିଣୀତ ।

ବିବିକ୍ତ—ବି°. (ବି-ବିଚ୍-ତ) ନିର୍ଜନ; ପୃଥକ୍‌କୃତ; ଅସମ୍ପୃକ୍ତ ।

ବିବିଧ—ବି°. (ବି-ବିଧା-ଅ) ନାନାପ୍ରକାର ।

ବିବି—ବି. ମାନ୍ୟା ମୁସଲମାନ ସ୍ତ୍ରୀ; ମାନ୍ୟା ସ୍ତ୍ରୀ ।

ବିବୃତ—ବି°. (ବି-ବୃ-ତ) ବର୍ଣ୍ଣିତ; ବ୍ୟାଖ୍ୟାତ; ପ୍ରକାଶିତ ।

ବିବୃତି—ବି. (ବି-ବୃ-ତି) ବ୍ୟାଖ୍ୟା । [ଚଳିତ ।

ବିବୃତ୍ତ—ବି°. (ବି-ବୃତ୍-ତ) ଘୂର୍ଣ୍ଣିତ; ଚକ୍ରାୟିତ୍

ବିବୃଦ୍ଧ—ବି°. (ବି-ବୃଧ୍-ତ) ବୃଦ୍ଧିପ୍ରାପ୍ତ ।

ବିବେକ—ବି. (ବି-ବିଚ୍-ଅ) ଭଲମନ୍ଦ ପୃଥକ୍ କରି ବିଚାର କରିବାର ଶକ୍ତି; ସୁବିବେଚନା ।

ବିବେକୀ—ବି°. (ବିବେକ-ଇନ୍) ସୁବିବେଚକ ।

ବିବେଚକ—ବି°. (ବି-ବିଚ୍-ଅକ) ସୁବିଚାରକାରୀ ।

ବିବେଚନା—ବି. (ବି-ବିଚ-ଅନ-ଆ) ବିଚାର, ବିଶେଷରୂପେ ଆଲୋଚନା ।

ବିବେଚିତ—ବି°. (ବି-ବିଚ୍-ଣିଚ୍-ତ) ବିଚାରିତ ।

ବିବେଚ୍ୟ—ବି°. (ବି-ବିଚ୍-ଯ) ବିବେଚନାଯୋଗ୍ୟ ।

ବିଶଙ୍କ—ବି°. (ବି ଶଙ୍କା) ନିର୍ଭୟ ।

ବିଶଦ, ବିଷଦ—ବି°. (ବି-ଶଦ୍, ସଦ୍-ଅ) ଶୁଭ୍ର, ନିର୍ମଳ; ସ୍ୱଚ୍ଛ । [ଶୂନ୍ୟ ।

ବିଶଲ୍ୟ—ବି°. (ବି-ଶଲ୍ୟ) ଶଲ୍ୟ-ରହିତ; ଯାତନା-

ବିଶଲ୍ୟ-କରଣୀ—ବି. ସଞ୍ଜୀବନ ଔଷଧ; ଔଷଧ-ଗୁଳ୍ମବିଶେଷ । [ଫଳ ।

ବିଶା—ବି. ଓଜନ ବିଶେଷ; ୧୮, ୨୦ ବା ୨୨

ବିଶାଖା—ବି. ନକ୍ଷତ୍ରବିଶେଷ । [ବିଦ୍ୱାନ୍ ।

ବିଶାରଦ—ବି°. (ବିଶାଳ-ଦା-ଅ) ନିପୁଣ;

ବିଶାଳ—ବି°. (ବି-ଶାଳ) ବୃହତ୍; ବିସ୍ତୀର୍ଣ୍ଣ ।

ବିଶିଖ—ବି (ବି-ଶଖା) ବାଣ, ଶର ।

ବିଶିଷ୍ଟ—ବି° (ବି-ଶିଷ୍-ତ) ଯୁକ୍ତ; ଶ୍ରେଷ୍ଠ; ବିଲକ୍ଷଣ; ପ୍ରସିଦ୍ଧ ।

ବିଶୁଦ୍ଧ—ବି°. (ବି-ଶୁଧ୍-ତ) ନିର୍ମଳ; ପବିତ୍ର ।

ବିଶୁଦ୍ଧି—ବି. (ବି-ଶୁଧ୍-ତି) ନିର୍ମଳତା; ପବିତ୍ରତା ।

ବିଶୃଙ୍ଖଳ—ବି°. (ବି-ଶୃଙ୍ଖଳା) ଶୃଙ୍ଖଳାହୀନ, ଅନିୟମିତ । [ଅଧିକ୍ୟ; ବି°. ଅଧିକ ।

ବିଶେଷ—ବି. (ବି-ଶିଷ୍-ଅ) ପ୍ରଭେଦ; ପ୍ରକାର;

ବିଶେଷଜ୍ଞ—ବି°. ବିଜ୍ଞ ।

ବିଶେଷଣ—ବି. (ବି-ଶିଷ୍-ଅନ) ପ୍ରଭେଦ କାରକ ଗୁଣକ୍ରିୟାଦି । [ରୂପେ ।

ବିଶେଷତଃ—ଅ°. (ବିଶେଷ-ତସ୍) ବିଶେଷ-

ବିଶେଷିତ—ବି°. (ବି ଶିଷ୍-ଣିଚ୍-ତ) ପ୍ରଭେଦିତ; ବିଶେଷଣଦ୍ୱାରା ଚିହ୍ନିତ ।

ବିଶେଷ୍ୟ—ବି. ବ୍ୟାକରଣରେ ବ୍ୟକ୍ତି ବା ବସ୍ତୁର ନାମବାଚକ ଶବ୍ଦ । [ନିକୋଶି ପାଉଡ଼ ।

ବିଶୋଧନ—ବି. (ବି-ଶୁଧ୍-ଅନ) ସଂଶୋଧନ;

ବିଶ୍ରବ୍ଧ—ବି°. (ବି-ଶ୍ରମ୍ଭ୍-ତ) ବିଶ୍ୱସ୍ତ; ଧୀର ।

ବିଶ୍ରମ୍ଭ—ବି. (ବି-ଶ୍ରମ୍ଭ୍-ଅ) ବିଶ୍ୱାସ; ପ୍ରଣୟ ।

ବିଶ୍ରାନ୍ତ—ବି°. (ବି-ଶ୍ରମ୍-ତ) ବିଗତଶ୍ରମ ।

ବିଶ୍ରାମ-ବି. (ବି-ଶ୍ରମ୍-ଅ) ଶ୍ରମର ବିରାମ; ବିରାମ ।

ବି-ଶ୍ରୀ-ବିଂ. ଶ୍ରୀହୀନ, କୁତ୍ସିତ ।

ବିଶ୍ରୁତ-ବିଂ. (ବି-ଶ୍ରୁ-ତ) ବିଖ୍ୟାତ ।

ବିଶ୍ଳିଷ୍ଟ-ବିଂ. (ବି-ଶ୍ଳିଷ୍-ତ) ବିଚ୍ଛିନ୍ନ; ଶିଥିଳ ।

ବିଶ୍ଳେଷ-ବି. ( ବି-ଶ୍ଳିଷ୍-ଅ ) ଅସଂଯୋଗ; ବିଚ୍ଛେଦ ।

ବିଶ୍ୱ-ବି. (ବିଶ୍-ବ) ଜଗତ୍, ବ୍ରହ୍ମାଣ୍ଡ; ବିଂ. ସମସ୍ତ ।

ବିଶ୍ୱ-କର୍ମା-ବି. ଦେବ-ଶିଳ୍ପୀ; ଜଗତ୍‌କର୍ତ୍ତା ।

ବିଶ୍ୱ-ଜନୀନ-ବିଂ. (ବିଶ୍ୱଜନ-ଈନ) ସର୍ବଲୋକର ହିତକାରୀ; ସାର୍ବଲୌକିକ । [ବିଧାତା ।

ବିଶ୍ୱମ୍ଭର-ବି. ( ବିଶ୍ୱଂ-ଭୃ-ଅ ) ବିଶ୍ୱପାଳକ;

ବିଶ୍ୱମ୍ଭରା-ବି. ପୃଥିବୀ । [ଚିକାର ସ୍ଥଳ ।

ବିଶ୍ୱବିଦ୍ୟାଳୟ-ବି. ସକଳ ବିଦ୍ୟାର ଅଲୋ-

ବିଶ୍ୱସ୍ତ-ବିଂ, ( ବି-ଶ୍ୱସ୍-ତ ) ବିଶ୍ୱାସ-ପାତ୍ର ; ବିଶ୍ୱାସୀ । [ଶାଂଶ ।

ବିଶ୍ୱା-ବି. ଭୂମିପରିମାଣ (ଏକ ଗୁଣ୍ଠର ଷୋଡ-

ବିଶ୍ୱାମିତ୍ର-ବି. (ବିଶ୍ୱ-ମିତ୍ର) ମୁନିବିଶେଷ ।

ବିଶ୍ୱାସ-ବି. (ବି-ଶ୍ୱସ୍-ଅ) ଶ୍ରଦ୍ଧା; ପ୍ରତ୍ୟୟ ।

ବିଶ୍ୱାସୀ-ବିଂ. (ବିଶ୍ୱାସ-ଇନ୍) ଯେ ବିଶ୍ୱାସ କରେ; ବିଶ୍ୱାସ-ପାତ୍ର । [ଯୋଗ୍ୟ ।

ବିଶ୍ୱାସ୍ୟ-ବିଂ. (ବି-ଶ୍ୱସ୍-ଯ) ବିଶ୍ୱସନୀୟ, ବିଶ୍ୱାସ-

ବିଷ-ବି. (ବିଷ୍-ଅ) ଗରଳ ।

ବିଷଘ୍ନ-ବିଂ. (ବିଷ-ହନ୍-ଅ) ବିଷ-ନାଶକ ।

ବିଷଣ୍ଣ-ବିଂ. (ବି-ସଦ୍-ତ) ବିଷାଦଯୁକ୍ତ; ମ୍ଳାନ ।

ବିଷ-ଧର-ବି. ସର୍ପ ।

ବିଷମ-ବିଂ. ( ବି-ସମ ) ଅଯୁଗ୍ମ; ଉଚ୍ଚନୀଚ; ଦୁର୍ଗମ; ଭୟଙ୍କର ।

ବିଷୟ-ବି. ( ବି-ସି-ଅ ) ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ; ଦେଶ; ବର୍ଣ୍ଣନୀୟ ପଦାର୍ଥ; ଧନ; ଭୋଗ୍ୟବସ୍ତୁ ।

ବିଷୟୀ-ବିଂ. ( ବିଷୟ-ଇନ୍ ) ବିଷୟାସକ୍ତ; ବି. ଧନୀ ।

ବିଷାକ୍ତ-ବିଂ. (ବିଷ-ଅକ୍ତ) ବିଷ-ମିଶ୍ରିତ ।

ବିଷାଣ-ବି. ଶୃଙ୍ଗ; ପଶୁ-ଦଂଷ୍ଟ୍ରା ।

ବିଷାଦ-ବି. (ବି-ସଦ୍-ଅ) ଖେଦ, ଦୁଃଖ ।

ବିଷୁବ-ବି. ସମରାତ୍ରିନ୍ଦିବକାଳ; ମେଷ ସଂକ୍ରାନ୍ତି ।

ବିଷୁବରେଖା-ବି. ଉଭୟ ମେରୁର ସମଦୂରବର୍ତ୍ତୀ ମଣ୍ଡଳାକାର କଳ୍ପିତ ରେଖା ।

ବିଷ୍କିର-ବି. (ବି-କୃ-ଅ) ପକ୍ଷୀ ।

ବିଷ୍ଟପ ବିଂ. (ବିଶ୍-ତପ) ଭୁବନ ।

ବିଷ୍ଟମ୍ଭ-ବି. (ବି-ସ୍ତମ୍ଭ-ଅ) ରୋଧ, ପ୍ରତିବନ୍ଧ ।

ବିଷ୍ଟର-ବି. (ବି-ସ୍ତୃ-ଅ) ଆସନ ।

ବିଷ୍ଠା-ବି. (ବି-ସ୍ଥା-ଅ) ମଳ, ପୁରୀଷ ।

ବିଷ୍ଣୁ-ବି. (ବିଷ-ନୁ) ସର୍ବବ୍ୟାପୀଦେବତା, ନାରା-

ବିଷ୍ଣୁ-ପଦ-ବି. ଆକାଶ । [ୟଣ ।

ବିଷ୍ଣୁ-ପଦୀ-ବି. ଗଙ୍ଗାନଦୀ ।

ବିସ-ବି. ମୃଣାଳ ।

ବିସଦୃଶ-ବିଂ. ବିପରୀତ; ବିରୁଦ୍ଧ ।

ବିସମ୍ବାଦ-ବି. ( ବି-ସଂ,-ବଦ୍-ଅ ) ବିରୋଧ,

ବିସମ୍ବାଦୀ-ବିଂ. ବିରୁଦ୍ଧ । [ଅମେଳ ।

ବିସର୍ଗ-ବି. (ବି-ସୃଜ୍-ଅ) ତ୍ୟାଗ; ଦାନ; ଃ ।

ବିସର୍ଜ୍ଜନ-ବି. (ବି-ସୃଜ୍-ଅନ) ତ୍ୟାଗ; ଦାନ ।

ବିସର୍ପ, ବିସର୍ପଣ-ବି. (ବି-ସୃପ୍-ଅ,-ଅନ) ପ୍ରସ-

ବିସୂଚିକା-ବି. ଓଳଉଠା ରୋଗ । [ରଣ ।

ବିସୃଷ୍ଟ ବିଂ. (ବି-ସୃଜ୍-ତ) ତ୍ୟକ୍ତ, ନିକ୍ଷିପ୍ତ ।

ବିସ୍ତର-ବି. (ବି-ସ୍ତୃ-ଅ) ବହୁସଂଖ୍ୟା ; ବିଶେଷ-ବର୍ଣ୍ଣନ ; ଅସଙ୍ଖ ।

ବିସ୍ତାର, ବିସ୍ତୃତି-ବି. (ବି-ସ୍ତୃ-ଅ,ତି) ବ୍ୟାପ୍ତି ; ଓସାର; ବିଶାଳତା ।

ବିସ୍ତାରିତ-ବିଂ. (ବି-ସ୍ତୃ-ଣିର୍-ତ) ପ୍ରସାରିତ ।

ବିସ୍ତୀର୍ଣ୍ଣ-ବିଂ, (ବି-ସ୍ତୃ-ତ) ବିସ୍ତୃତ; ବିଶାଳ ।

ବିସ୍ଫାରିତ-ବିଂ. (ବି-ସ୍ଫୁର୍-ଣିର୍-ତ) ବିସ୍ଫୁରିତ ; ବିସ୍ତାରିତ, ସ୍ଫୁର୍ତ୍ତିଯୁକ୍ତ ।

ବିସ୍ଫୁଲିଙ୍ଗ-ବି. ଅଗ୍ନିକଣା । [ବ୍ରଣ, ବଥ ।

ବିସ୍ଫୋଟ, ବିସ୍ଫୋଟକ-ବି. (ବି-ସ୍ଫୁଟ୍-ଅ, କ)

ବିସ୍ମୟ-ବି. (ବି-ସ୍ମି-ଅ) ଆଶ୍ଚର୍ଯ୍ୟ ।

ବିସ୍ମରଣ-ବି. (ବି-ସ୍ମୃ-ଅନ) ବିସ୍ମୃତି, ପାସୋର ।

ବିସ୍ମିତ-ବିଂ. (ବି-ସ୍ମି-ତ) ଆଶ୍ଚର୍ଯ୍ୟାନ୍ୱିତ ।

ବିସ୍ମୃତ-ବିଂ. (ବି-ସ୍ମୃ-ତ) ପାସୋର ଯାଇଥିବା ।

ବିସ୍ମୃତି-ବି. ବିସ୍ମରଣ ।

ବିସ୍ରସ୍ତ-ବିଂ. (ବି-ସ୍ରନ୍ସ୍-ତ) ଚ୍ୟୁତ ; ପତିତ ।

ବିହଗ, ବିହଙ୍ଗ, ବିହଙ୍ଗମ-ବି. (ବିହାୟସ୍-ଗମ୍-ଅ) ପକ୍ଷୀ ।

ବିହନ-ବି. ଧାନ୍ୟ-ବୀଜ ; ମାଛଭମ୍ଭ ।

ବିହାୟସ-ବି. ଆକାଶ । [ବୌଦ୍ଧ ମଠ ।

ବିହାର-ବି. (ବି-ହୃ-ଅ) କ୍ରୀଡ଼ା ; ଭ୍ରମଣ ;

ବିହାରୀ-ବିଂ. (ବିହାର-ଇନ) ଭ୍ରମଣକାରୀ ।

ବିହିତ-ବିଂ. (ବି-ଧା-ତ) ଉଚିତ ; କର୍ତ୍ତବ୍ୟ ।

ବିହୀନ-ବିଂ. (ବି-ହା-ତ) ବିରହିତ ବର୍ଜ୍ଜିତ ।

ବିହ୍ୱଳ-ବିଂ. (ବି-ହ୍ୱଳ୍-ଅ) ଶୋକାଦି ଦ୍ୱାରା ଅଭି-ଭୂତ; ବିବଶ ।

ବୀକ୍ଷଣ-ବି. (ବି-ଈକ୍ଷ୍-ଅନ) ଦର୍ଶନ, ନିରୀକ୍ଷଣ ।

ବୀଚି-ବି. ତରଙ୍ଗ ।

ବୀଜ-ବି. ମଞ୍ଜି ; କାରଣ ; ଅବ୍ୟକ୍ତ ଗଣିତ ।

ବୀଜନ, ବ୍ୟଜନ-ବି. (ବି-ଅଜ-ଅନ) ପଙ୍ଖା ; ପଙ୍ଖାର ସଞ୍ଚାଳନ ।

ବୀଟିକା-ବି. ବିଡିଆ, ପାନଖିଲ ।

ବୀଣା-ବି. ସପ୍ତତନ୍ତ୍ରୀଯୁକ୍ତ ବାଦ୍ୟ ।

ବୀଣା-ପାଣି-ବି. ସରସ୍ୱତୀ ।

ବୀତ-ବିଂ. (ବି-ଇ-ତ) ବିଗତ ।

ବୀତଂସ-ବି. ମୃଗାଦି ବନ୍ଧନାର୍ଥ ଜାଲ ; ଫାନ୍ଦ ।

ବୀଥି, ବୀଥିକା-ବି. ଶ୍ରେଣୀ ; ଉଭୟ ପାର୍ଶ୍ୱରେ ବୃକ୍ଷଶ୍ରେଣୀଯୁକ୍ତ ପଥ ।

ବୀପ୍ସା-ବି. ପୁନରୁକ୍ତି ।

ବୀଭତ୍ସ-ବିଂ. ଅତ୍ୟନ୍ତ କଦର୍ଯ୍ୟ ।

ବୀର-ବି. (ବୀର-ଅ) ଶୂର ; କାବ୍ୟର ରସ-ବିଶେଷ ; ବିଂ. ବିକ୍ରମଶାଳୀ ।

ବୀରାସନ-ବି. ଉରୁ ଉପରେ ପାଦସ୍ଥାପନପୂର୍ବକ ଉପବେଶନ ।

ବୀର୍ଯ୍ୟ-ବି. (ବୀର-ଯ) ଶୌର୍ଯ୍ୟ; ବିକ୍ରମ; ତେଜସ୍ୱୀ

ବୁଜା-ବିଂ. ମୁଦା; ପୋତା ।

ବୁଜିବା-କ୍ରି. ମୁଦିବା ।

ବୁଝିବା-କ୍ରି. ବୁଦ୍ଧିଗତ କରିବା ; ସମଝିବା ।

ବୁଟି, ବୁଣ୍ଟା-ବି. ଶସ୍ୟବିଶେଷ ।

ବୁଟା-ବି. ବସ୍ତ୍ରର ନକ୍ସା ବା ଚିହ୍ନ ।

ବୁଡ଼ି-ବି. ଜଳରେ ମଜ୍ଜନ ।
ବୁଡ଼ିବା-କ୍ରି. ଡୁବିବା ; ପାଣିରେ ମଗ୍ନ ହେବା ।
ବୁଢ଼ା-ବି. ବୃଦ୍ଧଲୋକ; ସ୍ତ୍ରୀ-ବୁଢ଼ୀ ।
ବୁଢ଼ୀଆଣି-ସ୍ତ୍ରୀ. ମାକଡ଼ସା ।
ବୁଣା-ବିଂ. ବପିତ; ତନ୍ତରେ ପ୍ରସ୍ତୁତ ।
ବୁଣିବା-କ୍ରି. ବପନ କରିବା; ବସ୍ତ୍ର ନିର୍ମାଣ କରିବା ।
ବୁଦା-ବି. ଗୁଳ୍ମ ।
ବୁଲାଇବା-କ୍ରି. ଭ୍ରମଣ କରାଇବା; ଘୁରାଇବା ।
ବୁଲିବା-କ୍ରି. ଭ୍ରମଣ କରିବା ।
ବୃଂହିତ-ବି. ହସ୍ତୀର ଶବ୍ଦ ।
ବୃକ-ବି. ହେଣ୍ଟାବାଘ ।
ବୃକୋଦର-ବି. ଭୀମନାମକ ପାଣ୍ଡବ ।
ବୃକ୍ଷ-ବି. ଗଛ, ତରୁ ।
ବୃକ୍ଷ-ବାଟିକା-ବି. ଉପବନ ।
ବୃଜିନ-ବି. ପାପ ।
ବୃତ-ବିଂ. ( ବୃ-ତ ) ପ୍ରାର୍ଥିତ ; ଆଚ୍ଛାଦିତ ।
ବୃତି-ବି. ( ବୃ-ତି ) ବେଷ୍ଟନ; ବାଡ଼ ।
ବୃତ୍ତ-ବିଂ. ( ବୃତ-ତ ) ଜାତ ; ଅତୀତ ; ବି. ଚରିତ; ଚକ୍ରାକାରକ୍ଷେତ୍ର; ଗୀତର ସ୍ୱର ।
ବୃତ୍ତାନ୍ତ-ବି. ( ବୃତ୍ତ-ଅନ୍ତ ) ବାର୍ତ୍ତା; ବିବରଣ ।
ବୃତ୍ତି-ବି. ( ବୃତ୍-ତି ) ଜୀବିକା ; ମନୋବୃତ୍ତି ; [ବ୍ୟାଖ୍ୟା ।
ବୃତ୍ର-ବି. ଅସୁର ବିଶେଷ ।
ବୃତ୍ରାରି-ବି. ( ବୃତ୍ର-ଅରି ) ଇନ୍ଦ୍ର ।
ବୃଥା-ଅ. ନିରର୍ଥକ ।
ବୃଦ୍ଧ-ବିଂ. (ବୃଧ୍-ତ ) ବୁଢା ।
ବୃଦ୍ଧ-ପ୍ରପିତାମହ-ବି. ପିତାମହର ପିତାମହ ।
ବୃଦ୍ଧ-ପ୍ରମାତାମହ-ବି. ମାତାମହର ମାତାମହ ।
ବୃଦ୍ଧି-ବି. (ବୃଧ୍-ତି ) ବର୍ଦ୍ଧନ; ଉନ୍ନତି ; ଆଧିକ୍ୟ ; [କୁସୀଦ ।
ବୃନ୍ତ-ବି. ଫଳ ପୁଷ୍ପାଦିର ଡେମ୍ଫ ।
ବୃନ୍ଦ-ବି. ସମୂହ; ଦଶଅର୍ବୁଦ ସଂଖ୍ୟା ।
ବୃନ୍ଦା-ବି. ତୁଳସୀ ବୃକ୍ଷ । [ଲୋକ ।
ବୃନ୍ଦାରକ-ବି. (ବୃନ୍ଦ-ଆର-କ) ଦେବତା ; ଶ୍ରେଷ୍ଠ
ବୃନ୍ଦା-ବନ-ବି. ତୀର୍ଥ-ବିଶେଷ ।
ବୃଶ୍ଚିକ-ବି. ବିଛା । [ବିଶେଷ ।
ବୃଷ-ବି. ( ବୃଷ୍-ଅ ) ଷଣ୍ଢ ; ରାଶିଚକ୍ରର ରାଶି-
ବୃଷଣ-ବି. ( ବୃଷ୍-ଅନ ) ଅଣ୍ଡକୋଷ ।
ବୃଷଭ-ବି. ବୃଷ , ଶ୍ରେଷ୍ଠ ( ଶବ୍ଦାନ୍ତେ ) ।
ବୃଷଳ-ବି. ଶୂଦ୍ର ।
ବୃଷା-ବି. ( ବୃଷ-ଅନ ) ଇନ୍ଦ୍ର ।
ବୃଷ୍ଟି-ବି. ( ବୃଷ୍ ତି ) ବର୍ଷା ।
ବୃଷ୍ୟ-ବିଂ. ( ବୃଷ୍-ଯ ) ବୀର୍ଯ୍ୟକର, ବଳକର ।
ବୃହତ୍-ବିଂ. (ବୃହ୍-ଅତ୍ ) ବଡ଼, ବିପୁଳ ।
ବୃହସ୍ପତି-ବି. (ବୃହତ୍-ପତି) ଦେବଗୁରୁ ; ଗ୍ରହ-ବିଶେଷ ।
ବେଉରିବା-କ୍ରି ବେଉରା କରିବା; ବାଣ୍ଟିଦେବା ।
ବେଉରା-ବି. ବାର୍ତ୍ତା ।
ବେଉସା-ବି. ବ୍ୟବସାୟ ।
ବେକ-ବି. ଗଳାର ପଶ୍ଚାଦ୍ଭାଗ ।
ବେଗ-ବି. (ବିଜ-ଅ) ତ୍ୱରା, ଶୀଘ୍ରତା; ମୂତ୍ରାଦିର ନିର୍ଗମପ୍ରବଣତା; ପ୍ରବାହ ।
ବେଗୁନିଆ-ବି. ବୃକ୍ଷବିଶେଷ ।

ବେଗେ-କ୍ରି. ଶୀଘ୍ର ।

ବେଙ୍ଗ-ବି. (ବ୍ୟଙ୍ଗଶବ୍ଦଜ) ଭେକ ।

ବେଙ୍ଗଲା-ବି. ଧାନ ଉପରେ ବଳଦ ବୁଲାଇବା ।

ବେଠି-ବି. (ବିଷ୍ଟିଶବ୍ଦଜ) ବିନା ମୂଲରେ ପରିଶ୍ରମ ।

ବେଡ଼-ବି. ଶୃଙ୍ଖଳ ।

ବେଢ଼-ବି. (ବେଷ୍ଟଶବ୍ଦଜ) ବେଷ୍ଟନ, ପରିଧି ।

ବେଢ଼ା-ବି. ଘରଅଡ଼ର ପାଚେରି ।

ବେଢ଼ିବା-କ୍ରି. (ବେଷ୍ଟଧାତୁରୁ) ଘେରିବା ।

ବେଣା-ବି. ଉଶୀର, ତୃଣବିଶେଷ ।

ବେଣୀ-ବି. କେଶପାଶ; ଜଳପ୍ରବାହ ।

ବେଣୁ-ବି. ବାଉଁଶ; ବଂଶୀ ।

ବେଣ୍ଟ-ବି. (ବୃନ୍ତଶବ୍ଦଜ) ଅସ୍ତ୍ରାଦିର ମୁଠା ।

ବେତ-ବି. ବେନ୍ତ, ବେତସ । [ଶ୍ରମିକ ।

ବେତନ-ବି. ପରିଶ୍ରମର ମୂଲ୍ୟ; ମାସିକ ପାରି-

ବେତସ-ବି. ବେତ ।

ବେତା-ବି. ବଡ଼ ଚୋକେଇ । [ଭାଲଲୁକ ।

ବେତାଳ-ବି. ଭୂତ; ପିଶାଚ; ବି°. ସଂଗୀତରେ

ବେତ୍ତା-ବି°. (ବିଦ୍-ତୃ) ଜ୍ଞାତା ।

ବେତ୍ର-ବି. ବେତଗଛ, ବେତବାଡ଼ି ।

ବେଦ-ବି. (ବିଦ୍-ଅ) ଋକ୍, ଯଜୁଃ, ସାମ, ଅଥର୍ବ ଏହି ଚାରିବେଦ; ଧର୍ମଶାସ୍ତ୍ର; ଚାରିସଂଖ୍ୟା ।

ବେଦନା-ବି. ( ବିଦ୍-ଅନ-ଆ ) କ୍ଳେଶବୋଧ; କ୍ଳେଶ; ଅନୁଭବ ।

ବେଦାଙ୍ଗ-ବି. ( ବେଦ-ଅଙ୍ଗ ) ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ ବେଦର ଏହି ଛଅ ଅଙ୍ଗ । [ଦର୍ଶନଶାସ୍ତ୍ର ।

ବେଦାନ୍ତ-ବି. ( ବେଦ-ଅନ୍ତ ) ବ୍ରହ୍ମସମ୍ବନ୍ଧୀୟ

ବେଦି, ବେଦିକା-ବି. ଯଜ୍ଞଭୂମି; ପୂଜାର୍ଥ ବା ଧର୍ମାନୁଷ୍ଠାନ ନିମନ୍ତେ ଚତୁରସ୍ର ଉଚ୍ଚଭୂମି ।

ବେଦ୍ୟ-ବି°. (ବିଦ୍-ଯ) ଜ୍ଞେୟ ।

ବେଧ-ବି. ( ବିଧ୍-ଅ ) ଛିଦ୍ରକରଣ; ସ୍ଥୂଳତାର ପରିମାଣ ।

ବେଧ-ବି. ପରପୁରୁଷ ସମ୍ପର୍କରୁ ଜାତ ଶିଶୁ ।

ବେଧକ-ବି°. ( ବିଧ୍-ଅକ ) ଭେଦକ, ଯେ ବିନ୍ଧ କରେ ।

ବେଧନ-ବି. (ବିଧ-ଅନ) ଛିଦ୍ରକରଣ ।

ବେଧନୀ-ବି. ଫୋଡ଼ିବାର ଅସ୍ତ୍ର ।

ବେଧ୍ୟ-ବି°. ( ବିଧ୍-ଯ ) ବିନ୍ଧିବାର ଯୋଗ୍ୟ, [ଶରବ୍ୟ ।

ବେନି-ବି°. ଦୁଇ, ଯୁଗ୍ମ ।

ବେପଥୁ-ବି. (ବେପ୍-ଅଥୁ) କମ୍ପ ।

ବେପମାନ-ବି°. (ବେପ୍-ଆନ) କମ୍ପମାନ ।

ବେପାର-ବି. ବ୍ୟାପାର, ବାଣିଜ୍ୟ ।

ବେପାରି-ବି. ବ୍ୟାପାରି, ବ୍ୟବସାୟୀ ।

ବେଭାର-ବି. ବ୍ୟବହାର; ଆଚରଣ; ମଙ୍ଗଳାଦି କୃତ୍ୟରେ ଉପହାର ।

ବେଭାରି-ବି°. ବ୍ୟାପାରି, କାରବାରି ।

ବେର-ବି. ଶରୀର ।

ବେଳ-ବି. ବେଳା, ସମୟ ।

ବେଲ-ବି. ବିଲ୍ୱ, ଶ୍ରୀଫଳ ।

ବେଲଣା-ବି. (ବେଲ୍ଲନଶବ୍ଦଜ) ଯେଉଁଥି ବେଲି-ବାର ବର୍ତ୍ତୁଳକାଷ୍ଠ । [ଜୁଆର ।

ବେଳା-ବି. (ବେଲ୍-ଅ-ଆ) ସମୟ; ସମୁଦ୍ରତଟ;

ବେଲା-ବି. କଂସାର ପାତ୍ରବିଶେଷ ।

ବେଶ-ବି. (ବିଶ୍-ଅ) ସଜ୍ଜା ।

ବେଶ୍-ବିଂ. ଉତ୍ତମ, ଅଚ୍ଛା ।
ବେଶର-ବି. (ବେଶବାରଶବ୍ଦଜ) ବଟା ସୋରିଷ ।
ବେଶୀ-ବିଂ. (ପାର୍ଶୀ) ଅଧିକ ।
ବେଶ୍ମ-ବି. (ବିଶ୍-ମନ୍) ଗୃହ, ଭବନ ।
ବେଶ୍ୟା-ବି. (ବିଶ୍-ଯ-ଆ) ବାରାଙ୍ଗନା ।
ବେଷ୍ଟନ-ବି. (ବେଷ୍ଟ୍-ଅନ) ଚତୁର୍ଦ୍ଦିଗରେ ଆବ-
ରଣ; ବେଢ଼ ।
ବେଷ୍ଟିତ-ବିଂ. (ବେଷ୍ଟ୍-ତ) ଆବୃତ, ଘେର ।
ବେସନ-ବି. ବୁଟ ଅଟା ।
ବେହାୟା-ବିଂ. (ପାର୍ଶୀରୁ) ନିର୍ଲଜ୍ଜ ।
ବେହେରା-ବି. ଗଉଡ଼ ପ୍ରଭୃତି ଜାତିଙ୍କର
ଉପାଧି; ପ୍ରଧାନ ।
ବେହେରାଣିଆ-ବି. ରକ୍ଷିତା ସ୍ତ୍ରୀ । [ଯନ୍ତ୍ର ।
ବେହେଲା-ବି. ତନ୍ତ୍ରୀବିଶିଷ୍ଟ ଏକପ୍ରକାର ବାଦ୍ୟ-
ବୈକଲ୍ୟ-ବି. (ବିକଳ-ଯ) କାତରତା; ଅଙ୍ଗ-
ବୈକୁଣ୍ଠ-ବି. (ବି-କୁଣ୍ଠା-ଅ) ସ୍ୱର୍ଗ । [ହୀନତା ।
ବୈଖାନସ-ବି. ବାନପ୍ରସ୍ଥ । [ଦୋଷ ।
ବୈଗୁଣ୍ୟ-ବି. ( ବି-ଗୁଣ-ଯ ) ଗୁଣହୀନତା,
ବୈଚିତ୍ର୍ୟ-ବି. (ବିଚିତ୍ର-ଯ) ଚମତ୍କାରତ୍ୱ; ନାନା-
ବିଧ ସୌନ୍ଦର୍ଯ୍ୟ ।
ବୈଜୟନ୍ତ-ବି. (ବି-ଜି-ଅନ୍ତ) ଇନ୍ଦ୍ରପୁର ।
ବୈଜୟନ୍ତୀ-ବି. ପତାକା ।
ବୈଜିକ-ବିଂ. (ବୀଜ-ଇକ) ବୀଜସମ୍ବନ୍ଧୀୟ ।
ବୈଜ୍ଞାନିକ-ବିଂ. ( ବିଜ୍ଞାନ-ଇକ ) ବିଜ୍ଞାନସମ-
ବନ୍ଧୀୟ; ବି. ବିଜ୍ଞାନରେ ସୁପଣ୍ଡିତ ।
ବୈଠକ-ବି. ସଭା ।

ବୈଠା-ବି. ପ୍ରଦୀପ ।
ବୈତରଣୀ-ବି.(ବିତରଣ-ଅ-ଈ) ନଦୀବିଶେଷ ।
ବୈତସ-ବିଂ.(ବେତସ-ଅ) ବେତପତ୍ର ନିର୍ମିତ ।
ବୈତାଳିକ-ବି. (ବି-ତାଳ-ଇକ) ସ୍ତୁତିପାଠକ ।
ବୈଦାନ୍ତିକ-ବିଂ. (ବେଦାନ୍ତ-ଇକ) ବେଦାନ୍ତ-
ସମ୍ବନ୍ଧୀୟ ।
ବୈଦିକ-ବିଂ. ( ବେଦ-ଇକ ) ବେଦସମ୍ବନ୍ଧୀୟ;
ବି. ବେଦଜ୍ଞ ବ୍ରାହ୍ମଣ ।
ବୈଦୂର୍ଯ୍ୟ-ବି. ଈଷତ୍ପୀତବର୍ଣ୍ଣ ମଣିବିଶେଷ ।
ବୈଦେଶିକ-ବିଂ. ( ବିଦେଶ-ଇକ ) ଅନ୍ୟ-
ଦେଶୀୟ ।
ବୈଦ୍ୟ-ବି. ବିଦ୍ୟା-ଅ) ଚିକିତ୍ସକ ।
ବୈଦ୍ୟକ-ବି. ଚିକିତ୍ସାଶାସ୍ତ୍ର ।
ବୈଦ୍ୟୁତ-ବିଂ (ବିଦ୍ୟୁତ-ଅ) ବିଦ୍ୟୁତସମ୍ବନ୍ଧୀୟ ।
ବୈଧ-ବିଂ. (ବିଧି-ଅ) ବିଧି-ସିଦ୍ଧ ।
ବୈଧବ୍ୟ-ବି. (ବିଧବା-ଯ) ପତିହୀନତା ।
ବୈନତେୟ-ବି. ( ବିନତା-ଏୟ ) ଗରୁଡ଼;
ଅରୁଣ ।
ବୈପରୀତ୍ୟ-ବି. (ବିପରୀତ-ଯ) ବିପର୍ଯ୍ୟୟ ।
ବୈଭବ-ବି. (ବିଭୁ-ଅ) ଐଶ୍ୱର୍ଯ୍ୟ, ବିଭବ ।
ବୈମାତ୍ର, ବୈମାତ୍ରେୟ-ବିଂ.(ବିମାତୃ-ଅ,ଏୟ)
ବିମାତାଠାରୁ ଜାତ । [ବେତ୍ତା ।
ବୈୟାକରଣ-ବିଂ.(ବ୍ୟାକରଣ-ଅ) ବ୍ୟାକରଣ-
ବୈୟାସିକ-ବିଂ. ( ବ୍ୟାସ-ଇକ ) ବ୍ୟାସମୁନି-
ବୈର-ବି. (ବୀର-ଅ) ଶତ୍ରୁତା । [ସମ୍ବନ୍ଧୀୟ ।
ବୈର-ନିର୍ଯାତନ-ବି. ବୈର-ଶୋଧନ ।

ବୈରାଗୀ-ବି. ( ବିରାଗ-ଇନ୍ ) ସଂସାରତ୍ୟାଗୀ ।

ବୈରାଗ୍ୟ-ବି. ( ବିରାଗ-ଯ ) ଆସକ୍ତିଶୂନ୍ୟତା ; ସଂସାର ପ୍ରତି ଔଦାସ୍ୟ ।

ବୈରୀ-ବି. ( ବୈର-ଇନ୍ ) ଶତ୍ରୁ ।

ବୈଲକ୍ଷଣ୍ୟ-ବି. ( ବିଲକ୍ଷଣ-ଯ ) ପ୍ରଭେଦ ।

ବୈବାହିକ-ବି. ( ବିବାହ-ଇକ ) ବିବାହ-ସମ୍ବନ୍ଧୀୟ ।

ବୈଶାଖ-ବି. ( ବିଶାଖା-ଅ ) ମାସ ବିଶେଷ ।

ବୈଶ୍ୟ-ବି. ( ବିଶ୍-ଯ ) ବର୍ଣ୍ଣ ବା ଜାତିବିଶେଷ, ବଣିକ୍ ପ୍ରଭୃତି ।

ବୈଶ୍ରବଣ-ବି. ( ବିଶ୍ରବସ୍-ଅ ) ରାବଣ ; କୁବେର ।

ବୈଶ୍ୱାନର-ବି. ଅଗ୍ନି ।

ବୈଷମ୍ୟ-ବି. ( ବିଷମ-ଯ ) ଅସମତା ; ବିଭିନ୍ନତା ।

ବୈଷୟିକ-ବିଂ. ( ବିଷୟ-ଇକ ) ବିଷୟ ସମ୍ବନ୍ଧୀୟ ।

ବୈଷ୍ଣବ-ବିଂ. ( ବିଷ୍ଣୁ-ଅ ) ବିଷ୍ଣୁ-ସମ୍ବନ୍ଧୀୟ ; ବି. ବିଷ୍ଣୁଭକ୍ତ ।

ବୈସାଦୃଶ୍ୟ-ବି. ( ବିସଦୃଶ-ଯ ) ବୈଷମ୍ୟ ।

ବୋଇତ-ବି. ( ବହିତ୍ରଶବ୍ଦଜ ) ଜାହାଜ ।

ବୋକ-ବି. ଛାଗ ।

ବୋଝ-ବି. ଭାର ; ମୁଣ୍ଡରେ ନିଆଯିବା ଭାର ।

ବୋଝିଆ-ବି. ମୁଣ୍ଡରେ ଭାରବାହୀ ।

ବୋଡ଼ା-ବି. ସର୍ପବିଶେଷ ।

ବୋଡ଼ି-ବି. ପାଖିଗଣ୍ଡା ।

ବୋଢ଼ା-ବି. ( ବହ୍-ତୃ ) ବହନକର୍ତ୍ତା ; ବିବାହକର୍ତ୍ତା ।

ବୋତଲ-ବି. ( ଇଂରାଜୀରୁ ) ବଡ଼ ସିସି ।

ବୋଦା-ବି. ବଳି ।

ବୋଧ-ବି. ( ବୁଧ୍-ଅ ) ଜ୍ଞାନ ।

ବୋଧକ-ବିଂ. ( ବୁଧ୍-ଣିଚ୍-ଅକ ) ଜ୍ଞାପକ ; ସୂଚକ ।

ବୋବାଳି-ବି. ଡାକ ; କାନ୍ଦଣାର ଉଚ୍ଚରବ ।

ବୋରଝାଞ୍ଜି-ବି. ଜଳଜ ଦଳ ।

ବୋରି-ବି. ଅଶାର ବଡ଼ଥଳି ।

ବୋଲ-ବି. ବଚନ ।

ବୋଳ-ବି. ଲେପ ; ତାମ୍ବୂଳ-ରସ ।

ବୋଲି-ବି. ଭାଷା ।

ବୋଲିବା-କ୍ରି. କହିବା ; ସ୍ୱରଅନୁସାରେଗାଇବା ।

ବୋଳିବା-କ୍ରି. ଲେପିବା । [ସମ୍ବନ୍ଧେ) ।

ବୋବେଇବା-କ୍ରି. ଶବ୍ଦ କରିବା ( ପଶୁପକ୍ଷି-

ବୋହୂ-ବି. ( ବଧୂଶବ୍ଦଜ ) ବଧୂ ; ପୁତ୍ରବଧୂ ।

ବ୍ୟକ୍ତ-ବିଂ. ( ବି-ଅଞ୍ଜ୍-ତ ) ସ୍ପଷ୍ଟ ; ପ୍ରକଟ, ପ୍ରକାଶିତ ।

ବ୍ୟକ୍ତି-ବି. ( ବି-ଅଞ୍ଜ୍-ତି ) ଲୋକ ; ପ୍ରକାଶ ।

ବ୍ୟଗ୍ର-ବିଂ. ( ବି-ଅଗ୍ର ) ଆଗ୍ରହବାନ୍ ; ତ୍ୱରିତ ।

ବ୍ୟଙ୍ଗ-ବିଂ. ( ବି-ଅଙ୍ଗ ) ବିକଳାଙ୍ଗ ; ବଙ୍କ ; ବି. ବେଙ୍ଗ ।

ବ୍ୟଙ୍ଗୋକ୍ତି-ବି. ବକ୍ରୋକ୍ତି ଶ୍ଳେଷ-ବାକ୍ୟ ।

ବ୍ୟଞ୍ଜକ-ବିଂ. ( ବି-ଅଞ୍ଜ୍-ଅକ ) ପ୍ରକାଶକ ।

ବ୍ୟଞ୍ଜନ-ବି. ( ବି-ଅଞ୍ଜ୍-ଅନ ) ହଲବର୍ଣ୍ଣ ; ତରକାରୀ ।

ବ୍ୟତିକର-ବି. ( ବି-ଅତି-କୃ-ଅ ) ମିଶ୍ରଣ ; ସମ୍ପର୍କ ।

ବ୍ୟତିକ୍ରମ-ବି. ( ବି-ଅତି-କ୍ରମ୍-ଅ ) କ୍ରମବିପର୍ଯ୍ୟୟ ; ଉଲ୍ଲଙ୍ଘନ । [ରିକ୍ତ ।

ବ୍ୟତିରିକ୍ତ-ବିଂ. ( ବି-ଅତି-ରିଚ୍-ତ ) ଅତି-

ବ୍ୟତିରେକ-ବି. (ବି-ଅତି-ରିଚ୍-ଅ) ଅଭାବ ।

ବ୍ୟତୀତ-ବିଂ. ( ବି-ଅତି-ଇ-ତ ) ଅତକ୍ରାନ୍ତ ଛଡ଼ା ।

ବ୍ୟଥା-ବି. (ବ୍ୟଥ-ଅ-ଆ) ପୀଡ଼ା, କ୍ଳେଶ ।

ବ୍ୟଥିତ-ବିଂ. (ବ୍ୟଥ୍-ତ) ପୀଡ଼ିତ; ଦୁଃଖିତ ।

ବ୍ୟପଦେଶ-ବି. (ବି-ଅପ-ଦିଶ-ଅ) ଛଳ, ବ୍ୟାଜ ।

ବ୍ୟଭିଚାର-ବି. ( ବି-ଅଭି-ଚର୍-ଅ ) ନିୟମ-ଲଙ୍ଘନ, ପରପୁରୁଷ ବା ପରସ୍ତ୍ରୀ ସହିତ କୁକ୍ରିୟା ।

ବ୍ୟଭିଚାରିଣୀ-ବିଂ. (ବ୍ୟଭିଚାରିନ୍-ଈ) ଅସତୀ ।

ବ୍ୟଭିଚାରୀ-ବିଂ. ( ବ୍ୟଭିଚାର-ଇନ୍ ) ନିୟମ-ଲଙ୍ଘନକାରୀ; ପରସ୍ତ୍ରୀଗାମୀ ।

ବ୍ୟୟ-ବି. (ବି-ଇ-ଅ) ଖରଚ; ଅପଗମ ।

ବ୍ୟୟିତ-ବିଂ. ଯାହା ବ୍ୟୟ କରା ହୋଇଅଛି ।

ବ୍ୟର୍ଥ-ବିଂ. (ବି-ଅର୍ଥ) ବିଫଳ, ନିରର୍ଥକ ।

ବ୍ୟବକଳନ-ବି. (ବି-ଅବ-କଲ୍-ଅନ) ବିୟୋଗ, ଫେଡ଼ିବା । [ଖଣ୍ଡ ।

ବ୍ୟବଚ୍ଛେଦ-ବି. ( ବି-ଅବ-ଛିଦ୍-ଅ ) ଛେଦନ;

ବ୍ୟବଧାନ-ବି. ( ବି-ଅବ-ଧା-ଅନ ) ଅନ୍ତର, ଅନ୍ତରାଳ । [ବ୍ୟାପାର ; ବୃତ୍ତି ।

ବ୍ୟବସାୟ-ବି. ( ବି-ଅବ-ସୋ-ଅ ) ଉଦ୍ୟମ ;

ବ୍ୟବସାୟୀ-ବିଂ. (ବ୍ୟବସାୟ-ଇନ୍) ଉଦ୍ୟୋଗୀ; ବ୍ୟାପାରୀ । [ନିର୍ଦ୍ଧାରଣ ।

ବ୍ୟବସ୍ଥା-ବି. (ବି-ଅବ-ସ୍ଥା-ଅ-ଆ) ବନ୍ଦୋବସ୍ତ; ବିଧାନ;

ବ୍ୟବସ୍ଥାପକ-ବିଂ. (ବି-ଅବ-ସ୍ଥା-ଣିଚ୍-ଅକ) ବ୍ୟବସ୍ଥା-ଦାୟକ । [ଶାସ୍ତ୍ର; ମୋକଦ୍ଦମା ।

ବ୍ୟବହାର-ବି. ( ବି-ଅବ-ହୃ-ଅ ) ଆଚରଣ ;

ବ୍ୟବହାର-ଶାସ୍ତ୍ର-ବି. ବ୍ୟବସ୍ଥାଶାସ୍ତ୍ର, ଆଇନ ।

ବ୍ୟବହାରାଜୀବ-ବି. ( ବ୍ୟବହାର୍-ଆଜୀବ ) ମୋକଦ୍ଦମା ଦ୍ୱାରା ଯେଉଁମାନଙ୍କର ଜୀବିକା ଚଳେ; ଓକିଲ ପ୍ରଭୃତି । [ଯୋଗ୍ୟ ।

ବ୍ୟବହାର୍ଯ୍ୟ-ବିଂ. (ବି-ଅବ-ହୃ-ଯ) ବ୍ୟବହାର-

ବ୍ୟବହୃତ-ବିଂ. ( ବି-ଅବ-ହୃ-ତ ) କାର୍ଯ୍ୟରେ ପ୍ରଯୁକ୍ତ; ଉପଭୁକ୍ତ ।

ବ୍ୟଷ୍ଟି-ବି. (ବି-ଅଶ-ତି) ପୃଥକ୍‌ଭାବ ।

ବ୍ୟସନ-ବି. ( ବି-ଅସ୍-ଅନ ) ଦୁଃଖ; ମନ୍ଦ-କାର୍ଯ୍ୟରେ ଆସକ୍ତି ।

ବ୍ୟସ୍ତ-ବିଂ. (ବି-ଅସ୍-ତ) ବ୍ୟାକୁଳ; ବିପରୀତ ।

ବ୍ୟାକରଣ-ବି. ( ବି-ଆ-କୃ-ଅନ ) ଶବ୍ଦବ୍ୟୁତ୍ପା-ଦକ ଶାସ୍ତ୍ର । [କାତର ।

ବ୍ୟାକୁଳ-ବିଂ. (ବି ଆକୁଳ) ଅତି ଉତ୍କଣ୍ଠିତ;

ବ୍ୟାଖ୍ୟା, ବ୍ୟାଖ୍ୟାନ-ବି. (ବି-ଆ-ଖ୍ୟା-ଅ-ଆ; ଅନ) ଅର୍ଥପ୍ରକାଶନ; ବର୍ଣ୍ଣନ, ବକ୍ତୃତା ।

ବ୍ୟାଖ୍ୟାତ-ବିଂ. ବର୍ଣ୍ଣିତ; କଥିତ ।

ବ୍ୟାଘାତ-ବି. (ବି-ଆ-ହନ୍-ଅ) ବିଘ୍ନ ।

ବ୍ୟାଘ୍ର-ବି. (ବି-ଆ-ଘ୍ରା-ଅ) ବାଘ; ଶ୍ରେଷ୍ଠ ।

ବ୍ୟାଜ-ବି. (ବି-ଅଜ୍-ଅ) ଛଳ; ଟଙ୍କାର ସୁଧ ।

ବ୍ୟାଦାନ-ବି. ( ବି-ଆ-ଦା-ଅନ ) ବିସ୍ତାର, ଉଦ୍ଘାଟନ ।

ବ୍ୟାଧ-ବି. (ବ୍ୟଧ୍-ଅ) ମୃଗାଦି-ବଧ-ବ୍ୟବସାୟୀ ।

ବ୍ୟାଧି-ବି. (ବି-ଆ-ଧା-ଇ) ରୋଗ ।

ବ୍ୟାପକ-ବିଂ. (ବି-ଆପ୍-ଅକ) ଆଚ୍ଛାଦକ ।

ବ୍ୟାପାଦନ-ବି. (ବି-ଆ-ପଦ୍-ଣିଚ୍-ଅନ) ମାରଣ ବଧ । [କର୍ମ ।

ବ୍ୟାପାର-ବି. ( ବି-ଆ-ପୃ-ଅ ) ବ୍ୟବସାୟ;

ବ୍ୟାପୀ-ବି. (ବି-ଅପ୍-ଇନ୍) ବ୍ୟାପକ ।

ବ୍ୟାପୃତ-ବି. ( ବି-ଆ-ପୃ-ତ ) ନିଯୁକ୍ତ; କର୍ମ-ରତ । [ସର୍ବତ୍ର ସ୍ଥିତ ।

ବ୍ୟାପ୍ତ-ବି. (ବି-ଅପ୍-ତ) ଆଚ୍ଛାଦିତ; ବିସ୍ତାରିତ;

ବ୍ୟାପ୍ତି-ବି. ( ବି-ଅପ୍-ତି ) ସର୍ବତ୍ର ଅବସ୍ଥିତି; ବିସ୍ତାର ।

ବ୍ୟାୟାମ-ବି. (ବି-ଆ-ଯମ୍-ଅ) ଶରୀରକୁ ସମର୍ଥ କରିବା ନିମନ୍ତେ ଶ୍ରମ, ଦଣ୍ଡ, କୁସ୍ତି ପ୍ରଭୃତି ।

ବ୍ୟାଳ-ବି. ସର୍ପ; ସ୍ତ୍ରୀଲିଙ୍ଗେ ବ୍ୟାଳୀ ।

ବ୍ୟାବହାରିକ-ବି. (ବ୍ୟବହାର-ଇକ) ବ୍ୟବ-ହାର-ସିଦ୍ଧ । [ବି୍ୟ ସମ୍ମୁଖ ।

ବ୍ୟାସ-ବି. (ବି-ଅସ୍-ଅ) ବୃତ୍ତର ମଧ୍ୟରେଖା;

ବ୍ୟାହତ-ବି. ( ବି-ଆ-ହନ୍-ତ ) ନିବାରିତ; ହତାଶ ।

ବ୍ୟାହାର-ବି. (ବି-ଆ-ହୃ-ଅ) ଉକ୍ତି ।

ବ୍ୟୁତ୍ପତ୍ତି-ବି. (ବି-ଉତ୍-ପଦ୍-ତି) ଶବ୍ଦର ଉତ୍ପତ୍ତି, ବିଶେଷ ଜ୍ଞାନ ।

ବ୍ୟୁତ୍ପନ୍ନ-ବି. (ବି-ଉତ୍-ପଦ୍-ତ) ଜ୍ଞାନବାନ୍ ।

ବ୍ୟୂଢ଼-ବି. (ବି-ବହ୍-ତ) ବିପୁଳ; ପ୍ରଶସ୍ତ ।

ବ୍ୟୂହ-ବି. (ବି-ଊହ୍-ଅ) ସୈନ୍ୟବିନ୍ୟାସ, ସୈନ୍ୟ-ସମୂହ; ସମୂହ ।

ବ୍ୟୋମ-ବି. ( ବ୍ୟେ-ମନ୍ ) ଆକାଶ ।

ବ୍ୟୋମ-କେଶ-ବି. ଶିବ, ମହାଦେବ ।

ବ୍ରଜ-ବି. (ବ୍ରଜ୍-ଅ) ସମୂହ; ଗୋଷ୍ଠ; ଗୋକୁଳ ।

ବ୍ରଜେନ୍ଦ୍ର-ବି. (ବ୍ରଜ-ଇନ୍ଦ୍ର) ଶ୍ରୀକୃଷ୍ଣ ।

ବ୍ରଜ୍ୟା-ବି. ( ବ୍ରଜ୍-ଯ-ଆ ) ପର୍ଯ୍ୟଟନ ।

ବ୍ରଣ-ବି. ( ବ୍ରଣ୍-ଅ ) ସ୍ଫୋଟକ; କ୍ଷତ ।

ବ୍ର[illegible]-ବି. [illegible]-ଅର୍ଚ୍ଚ) ନିୟମ; ପୁଣ୍ୟଜନକ କର୍ମ

ବ୍ରତ[illegible]-ବି. [illegible]ଲତା, ବଲ୍ଲୀ ।

ବ୍ରତୀ-ବି. (ବ୍ରତ-ଇନ୍) ବ୍ରତନିଷ୍ଠ; ନିୟମସ୍ଥ ।

ବ୍ରାତ୍ୟ-ବି. [illegible]

ବ୍ରୀଡ଼ା-ବି. ( ବ୍ରୀଡ଼୍-ଅ-ଆ ) ଲଜ୍ଜା ।

ବ୍ରୀହି-ବି. ଧାନ୍ୟାଦି ଶସ୍ୟ, ବର୍ହି ।

---

# ଶ ବ୍ୟଞ୍ଜନବର୍ଣ୍ଣର ବିଂଶବର୍ଣ୍ଣ ।

ଶଂସିତ-ବି. (ଶଂସ୍-ତ) କଥିତ; ପ୍ରଶଂସିତ ।

ଶଂସୀ-ବି. (ଶଂସ୍-ଇନ୍) ସୂଚକ (ଶବ୍ଦାନ୍ତେ) ।

ଶଏ-ବି. (ଶତଶବ୍ଦଜ) ଏକଶତ ।

ଶକ-ବି. ଶକଦେଶୀୟ ଲୋକ; ଅବ୍ଦ-ବିଶେଷ ।

ଶକଟ-ବି. (ଶକ୍-ଅଟ) ଶଗଡ଼ ।

ଶକଳ-ବି. ଖଣ୍ଡ, ଅଂଶ । [ସମ୍ବତ୍ସର ।

ଶକାବ୍ଦ-ବି. (ଶକ-ଅବ୍ଦ) ଶକ-ରାଜ-ପ୍ରଚଳିତ

ଶକାର-ବି. (ଶକ-ଅର) ବିକ୍ରମାଦିତ୍ୟ ।

ଶକୁନ-ବି. ପକ୍ଷୀ; ଶୁଭାଶୁଭ ଚିହ୍ନ ।

ଶକୁନି-ବି. ଶାଗୁଣା, ଗୃଧ୍ର ।

ଶକୁନ୍ତ-ବି. ପକ୍ଷୀ ।

ଶକୁନ୍ତଳା-ବି. ଭରତ ରାଜାର ମାତା ।

ଶକ୍ତ-ବି. (ଶକ୍-ତ) ଶକ୍ତିଯୁକ୍ତ; ସମର୍ଥ ।

ଶକ୍ତି-ବି. ( ଶକ୍-ତି ) ସାମର୍ଥ୍ୟ, ବଳ; ଅସ୍ତ୍ର-[ବିଶେଷ ।

ଶକ୍ତୁ-ବି. ଯବାଦିଚୂର୍ଣ୍ଣ, ଛତୁ ।

ଶକ୍ୟ-ବି. (ଶକ୍-ଯ) ଶକ୍ତି-ସାଧ୍ୟ ।

ଶକ୍ର-ବି. (ଶକ-ର) ଇନ୍ଦ୍ର ।
ଶଗଡ଼-ବି. (ଶକଟଶବ୍ଦଜ) ଶକଟ ।
ଶଗଡ଼ିଆ-ବି. ଶଗଡ଼-ଚାଳକ ।
ଶଙ୍କର-ବି. (ଶଂ-କୃ-ଅ) ଶିବ ।
ଶଙ୍କା-ବି. (ଶଙ୍କ୍-ଅ-ଆ) ଭୟ; ସଂଶୟ ।
ଶଙ୍କିତ-ବିଂ. (ଶଙ୍କ୍-ତ) ଭୀତ; ସନ୍ଦିଗ୍ଧ ।
ଶଙ୍କୁ-ବି. ଶଲ୍ଯ; ଖିଲ; କାଳ-ମାପକ ଯନ୍ତ୍ରବିଶେଷ ।
ଶଙ୍ଖ-ବି. କମ୍ବୁ; ଲକ୍ଷକୋଟି ସଂଖ୍ୟା ।
ଶଚ, ଶଚୀ-ବି. ଇନ୍ଦ୍ରାଣୀ ।
ଶଜାରୁ-ବି. ପଶୁବିଶେଷ, ଝିଙ୍କ ।
ଶଠ-ବିଂ. ଧୂର୍ତ୍ତ, ଖଳ, ଠକ ।
ଶଠ-ତା-ବି. ଖଳତା, ଧୂର୍ତ୍ତତା ।
ଶଣ-ବି. ଛଣପଟ୍ଟ ଗଛ ।
ଶଣ୍ଢଆସୀ-ବି. ଚିମୁଟାବିଶେଷ ।
ଶତ-ବି. ଶ୍ୱ, ଦଶଗୁଣିତ ଦଶ । [କାବ୍ୟ ।
ଶତକ-ବି. ଶତସଂଖ୍ୟା ; ଶତଶ୍ଳୋକ-ବିଶିଷ୍ଟ
ଶତ-କ୍ରତୁ-ବି. ଶତଯାଗକାରୀ ଇନ୍ଦ୍ର ।
ଶତ-ଧା-ଅଂ. ଶତ ପ୍ରକାରେ ।
ଶତଭିଷା-ବି. ନକ୍ଷତ୍ରବିଶେଷ ।
ଶତାବରୀ-ବି. ଛତୈରି ଗଛ । [କାଳ ।
ଶତାବ୍ଦୀ-ବି. ( ଶତ-ଅବ୍ଦ ) ଶତବର୍ଷବ୍ୟାପୀ-
ଶତ୍ରୁ-ବି. ବୈରୀ, ବିପକ୍ଷ ।
ଶତ୍ରୁ-ତା-ବି. ବିପକ୍ଷତା, ବୈରଭାବ ।
ଶନି-ବି. ଗ୍ରହ-ବିଶେଷ ।
ଶନୈଃ-ଅଂ. ଅଳ୍ପେ, କ୍ରମେ ।

ଶପଥ-ବି. (ଶପ୍-ଅଥ) ରାଣ, ନିୟମ; ପ୍ରତିଜ୍ଞା ।
ଶପ୍ତ-ବିଂ. (ଶପ୍-ତ) ଶାପଗ୍ରସ୍ତ ।
ଶଫ-ବି. ପଶ୍ୱାଦିର ଖୁରା ।
ଶଫରୀ-ବି. କ୍ଷୁଦ୍ର ମତ୍ସ୍ୟବିଶେଷ ।
ଶବଳ-ବିଂ. ନାନାବର୍ଣ୍ଣଯୁକ୍ତ ।
ଶବ୍ଦ-ବି. (ଶବ୍ଦ୍-ଅ) ଧ୍ୱନି ।
ଶବ୍ଦ-କୋଷ-ବି. ଅଭିଧାନ ।
ଶବ୍ଦ-ଭେଦୀ-ବିଂ. ଶବ୍ଦାନୁସାରେ ବିଦ୍ଧକାରୀ ।
ଶବ୍ଦାୟମାନ-ବିଂ. (ଶବ୍ଦ-ୟ-ଆନ) ଶବ୍ଦକାରୀ ।
ଶବ୍ଦିତ-ବିଂ. (ଶବ୍ଦ୍-ତ) ଧ୍ୱନିତ ।
ଶମ-ବି. (ଶମ୍-ଅ) ଶାନ୍ତି; ସ୍ଥିରଭାବ ।
ଶମନ-ବି. (ଶମ୍-ଣିଚ୍-ଅନ) ଶାନ୍ତିକରଣ; ଯମ ।
ଶମୟିତା-ବିଂ. ( ଶମ୍-ଣିଚ୍-ତୃ ) ଶାନ୍ତିକାରକ, ଦମନକାରୀ ।
ଶମିତ-ବିଂ. (ଶମ୍-ଣିଚ୍-ତ) ଦମିତ; ବିନାଶିତ ।
ଶମୀ-ବିଂ. (ଶମ୍-ଇନ୍) ସଂଯମୀ ।
ଶମୀ-ବି. ବୃକ୍ଷବିଶେଷ ।
ଶମ୍ବର-ବି. ମୃଗବିଶେଷ; ଅସୁର-ବିଶେଷ ।
ଶମ୍ବରାରି-ବି. କନ୍ଦର୍ପ ।
ଶମ୍ବୁକ, ଶମ୍ବୂକ-ବି. ଶାମୁକା ।
ଶମ୍ଭୁ-ବି. (ଶଂ-ଭୂ-ଉ) ଶିବ, ମହାଦେବ ।
ଶୟନ-ବି. (ଶୀ-ଅନ) ନିଦ୍ରା; ଶଯ୍ୟା ।
ଶୟନୀୟ-ବି. ( ଶୀ-ଅନୀୟ ) ଶଯ୍ୟା; ବିଂ. ଶୟନ-ଯୋଗ୍ୟ ।
ଶୟାନ-ବିଂ. (ଶୀ-ଆନ) ନିଦ୍ରିତ ।
ଶଯ୍ୟା-ବି. (ଶୀ-ଯ-ଆ) ଶେଜ, ବିଛଣା ।

ଶର-ବି. (ଶୃ-ଅ) ବାଣ-ତୃଣ; ବାଣ, କାଣ୍ଡ ।
ଶରଣ-ବି. (ଶୃ-ଅନ) ଆଶ୍ରୟ; ରକ୍ଷକ ।
ଶରଣାଗତ-ବିଂ. ଶରଣାପନ୍ନ; ଆଶ୍ରୟ-ପ୍ରାର୍ଥୀ ।
ଶରତ୍-ବି. (ଶୃ-ଅଦ୍) ଋତୁ-ବିଶେଷ ( ଆଶ୍ୱିନ ଓ କାର୍ତ୍ତିକ ) ।
ଶରଧି-ବି. (ଶର-ଧା-ଇ ) ଶରାଧାର, ତୂଣୀର ।
ଶରଭ-ବି. ମୃଗ-ବିଶେଷ; ହସ୍ତି-ଶାବକ ।
ଶରବ୍ୟ-ବି. ଶରର ଲକ୍ଷ୍ୟ ।
ଶରାଳି-ବି. ପକ୍ଷୀ-ବିଶେଷ ।
ଶରାସନ-ବି. (ଶର-ଅସ୍-ଅନ) ଧନୁ ।
ଶରୀର-ବି. (ଶୃ-ଈର) ଦେହ ।
ଶରୀରୀ-ବି. ( ଶରୀର-ଇନ୍ ) ପ୍ରାଣୀ; ଆତ୍ମା ।
ଶର୍କରା-ବି. ଶାକର; ଚିନି ।
ଶର୍ମ-ବି. ମଙ୍ଗଳ ।
ଶର୍ମା-ବି. ବ୍ରାହ୍ମଣମାନଙ୍କର ଉପନାମ ।
ଶର୍ବ-ବି. ଶିବ, ମହାଦେବ ।
ଶର୍ବରୀ-ବି. ରାତ୍ରି ।
ଶର୍ବାଣୀ-ବି. ପାର୍ବତୀ, ଭବାନୀ ।
ଶଲଭ-ବି. ପତଙ୍ଗ-ବିଶେଷ ।
ଶଲାକା-ବି. କ୍ଷୁଦ୍ରକାଠି, କଳାକାର କ୍ଷୁଦ୍ରଦଣ୍ଡ ।
ଶଲ୍କ-ବି. ମାଛକାତି ।
ଶଲ୍ୟ-ବି. କୀଳକ; ବାଣ-ବିଶେଷ; କଣ୍ଟକ ।
ଶାଳା-ବି. ( ଶାଳକ-ଶବ୍ଦଜ ) ସ୍ତ୍ରୀର ଭାଇ ।
ଶବ-ବି. ଶବ୍-ଅ) ମୃତଶରୀର, ମଡ଼ା ।
ଶବର-ବି. କିରାତ, ବ୍ୟାଧ ; ଅନାର୍ଯ୍ୟ ଜାତି-ବିଶେଷ ।

ଶଶ, ଶଶକ-ବି. ଶଶା, ଠେକୁଅ ; ଚନ୍ଦ୍ରର ଲାଞ୍ଛନ ।
ଶଶ-ଧର-ବି. ଚନ୍ଦ୍ର ।
ଶଶ-ବିଷାଣ-ବି. ଶଶକର ଶୃଙ୍ଗପରି ଅଲୀକ ବ୍ୟାପାର ।
ଶଷ୍କୁଲି-ବି. ଚକୁଲି ପିଠା ।
ଶଷ୍ପ-ବି. ତୃଣ ।
ଶସ୍ତ୍ର-ବି. ( ଶସ୍-ତ୍ର) ଅସ୍ତ୍ର ।
ଶସ୍ତ୍ରୀ-ବିଂ. ( ଶସ୍ତ୍ର-ଇନ୍ ) ଶସ୍ତ୍ରଧାରୀ ।
ଶସ୍ୟ-ବି. (ଶସ୍-ଯ) କୃଷିଦ୍ୱାରା ଉତ୍ପନ୍ନ ଧାନ୍ୟାଦି ।
ଶହର-ବି. (ପାର୍ଶୀ) ନଗର ।
ଶାଉଁଳା-ବିଂ. ( ଶ୍ୟାମଳଶବ୍ଦଜ) ଶ୍ୟାମଳ ।
ଶାକ-ବି. ଶବ୍ଦ ; ଶାଗ ।
ଶାକର-ବି. ( ଶର୍କରାଶବ୍ଦଜ ) ଚିନି, ନବାତ ; ଶାକର-ଯୁକ୍ତ ବ୍ୟଞ୍ଜନ ।
ଶାକୁନିକ-ବି. (ଶକୁନ-ଇକ) ବ୍ୟାଧ; ନିମିତ୍ତଜ୍ଞ ।
ଶାକୋଟକ-ବି. ଶାହାଡ଼ାଗଛ ।
ଶାକ୍ତ-ବି. (ଶକ୍ତି-ଅ) ଶକ୍ତିର ଉପାସକ, ତାନ୍ତ୍ରିକ ।
ଶାକ୍ୟମୁନି, ଶାକ୍ୟସିଂହ-ବି. ବୁଦ୍ଧଦେବ ।
ଶାଖା-ବି. ବୃକ୍ଷର ଡାଳ; ଅଂଶ; ପରିଚ୍ଛେଦ ।
ଶାଖା-ମୃଗ-ବି. ବାନର ।
ଶାଖୀ-ବି. ( ଶାଖା-ଇନ୍ ) ବୃକ୍ଷ ।
ଶାଗ-ବି. (ଶାକଶବ୍ଦଜ) ଖାଦ୍ୟରୂପେ ବ୍ୟବହୃତ ବୃକ୍ଷପତ୍ରାଦି ।
ଶାଗୁଆ-ବିଂ. ଶାଗପରି ବର୍ଣ୍ଣ-ବିଶିଷ୍ଟ ।
ଶାଙ୍ଖୋଳି-ବି. (ଶୃଙ୍ଖଳଶବ୍ଦଜ) ବନ୍ଧନ ।
ଶାଟୀ-ବି. ଶାଢ଼ୀ ।
ଶାଠ୍ୟ-ବି. (ଶଠ-ଯ) ଶଠତା, ଧୂର୍ତ୍ତତା ।

ଶାଣ-ବ. ( ଶୋ-ଣ ) ଘର୍ଷଣ-ପ୍ରସ୍ତର ।
ଶାଣିତ-ବଂ. ତୀକ୍ଷ୍ଣୀକୃତ ।
ଶାତନ-ବ. ପାତନ; ଛେଦନ ।
ଶାଦା-ବଂ. ଶ୍ୱେତ ।
ଶାଦ୍ୱଲ-ବଂ. ତୃଣଦ୍ୱାରା ହରଦ୍ବର୍ଣ୍ଣ (ସ୍ଥଳୀ) ।
ଶାନ୍ତ-ବଂ. ( ଶମ୍-ତ) ସ୍ଥିର-ଚିତ୍ତ ; କରୁପଦ୍ରବ ।
ଶାନ୍ତନବ-ବ. ( ଶାନ୍ତନୁ-ଅ ) ଭୀଷ୍ମ ।
ଶାନ୍ତନୁ-ବ. ପୁରବଂଶୋକ୍ତ ନୃପବିଶେଷ ।
ଶାନ୍ତି-ବ. (ଶମ୍-ତି) ଚିତ୍ତର ସ୍ଥିରତା ।
ଶାପ-ବ. (ଶପ୍-ଅ) ଅଭିଶାପ; ପରର ଅମଙ୍ଗଳ-ମନାସ ।
ଶାବଳ-ବ.(ଶବଳାଶବ୍ଦଜ) ଖନନାସ୍ତ୍ର-ବିଶେଷ ।
ଶାବ୍ଦ-ବଂ. ( ଶବ୍ଦ-ଅ ) ଶବ୍ଦ-ସମ୍ବନ୍ଧୀୟ; ବେଦ-ସମ୍ମତ ।
ଶାବ୍ଦିକ-ବ. (ଶବ୍ଦ-ଇକ) ଶବ୍ଦ-ଶାସ୍ତ୍ର-ବେତ୍ତା ।
ଶାମୁକା-ବ. (ଶମ୍ବୁକଶବ୍ଦଜ) ଶୁକ୍ତି ।
ଶାମ୍ଭବ-ବଂ. ( ଶମ୍ଭୁ-ଅ) ଶମ୍ଭୁସମ୍ବନ୍ଧୀୟ ।
ଶାୟକ-ବ. (ଶୋ-ଅକ) ଶର, ବାଣ ; ଖଡ୍ଗ ।
ଶାୟିତ-ବଂ.(ଶୀ-ଣିଚ୍-ତ) ପାତିତ; ନିଦ୍ରାପିତ ।
ଶାରଦ-ବଂ. ( ଶରଦ୍-ଅ ) ଶରତ୍‌କାଳୀନ ; ବ. ଧାନ୍ୟବିଶେଷ ।
ଶାରଦା-ବ. ସରସ୍ୱତୀ, ବାଗ୍ଦେବୀ ।
ଶାରଦୀୟ-ବଂ. (ଶରଦ୍-ଈୟ୍ ଶରତ୍‌କାଳୀନ ।
ଶାରୀରକ-ବଂ. (ଶରୀର-ଇକ) ଦେହସମ୍ବନ୍ଧୀୟ ।
ଶାର୍ଙ୍ଗ-ବ. ( ଶୃଙ୍ଗ-ଅ ) ଶୃଙ୍ଗନିର୍ମିତ ଧନୁ ।
ଶାର୍ଙ୍ଗୀ-ବ. ( ଶାର୍ଙ୍ଗ-ଇନ୍ ) ଧନୁର୍ଦ୍ଧାରୀ; ବିଷ୍ଣୁ ।

ଶାର୍ଦ୍ଦୂଳ-ବ. ବ୍ୟାଘ୍ର ।
ଶାଳ-ବ, ସର୍ଜବୃକ୍ଷ ; ପ୍ରାଚୀର; ଗୃହ ।
ଶାଳ-ଗ୍ରାମ-ବ. ବିଷ୍ଣୁରୂପେ ପୂଜିତ ଶିଳା-ଖଣ୍ଡ-ବିଶେଷ ।
ଶାଳ-ଭଞ୍ଜିକା-ବ. କାଠ-ପିତୁଳା ।
ଶାଳା-ବ. ଗୃହ ।
ଶାଳି-ବ. ଧାନ୍ୟ-ବିଶେଷ ।
ଶାଳି-ବାହନ-ବ. ଶକାବ୍ଦ-ପ୍ରବର୍ତ୍ତକ ନୃପ-ବିଶେଷ ।
ଶାଳୀ-ବଂ. ( ଶାଲ୍-ଇନ୍ ) ବିଶିଷ୍ଟ ଯୁକ୍ତ (ଶବ୍ଦାନ୍ତେ) ।
ଶାଳୀ-ବ. ( ଶ୍ୟାଳୀଶବ୍ଦଜ ) ଭାର୍ଯ୍ୟାର ଭଗିନୀ ।
ଶାଳୀନ-ବଂ. ଲଜ୍ଜାଶୀଳ ।
ଶାଳ୍ମଳୀ-ବ. ଶିମିଳି ଗଛ ।
ଶାବ, ଶାବକ-ବ. ଛୁଆ ।
ଶାସନ-ବ. ( ଶାସ୍-ଅନ ) ଦମନ; ଆଜ୍ଞା; ଦଣ୍ଡ ।
ଶାସନ-ତନ୍ତ୍ର-ବ. ରାଜ୍ୟଶାସନ-ପ୍ରଣାଳୀ ।
ଶାସିତ-ବଂ. ( ଶାସ୍-ତ ) ଦଣ୍ଡିତ ପ୍ରତିପାଳିତ ।
ଶାସ୍ତା-ବଂ.(ଶାସ୍-ତୃ)ଶାସନ-କର୍ତ୍ତା;ଉପଦେଷ୍ଟା ।
ଶାସ୍ତି-ବ. (ଶାସ-ତି) ଶାସନ; ଦଣ୍ଡ ।
ଶାସ୍ତ୍ର-ବ. ( ଶାସ୍-ତ୍ର ) ଶାସନ ; ଧର୍ମପୁସ୍ତକ ; ତତ୍ତ୍ୱ-ଗ୍ରନ୍ଥ ।
ଶାସ୍ତ୍ରୀୟ-ବଂ. ( ଶାସ୍ତ୍ର-ଈୟ୍) ଶାସ୍ତ୍ର-ସମ୍ମତ ।
ଶିଅଳ-ବ. ( ଶୃଗାଲଶବ୍ଦଜ) ବିଲୁଆ ।
ଶିଉଳ-ବ. ( ଶୈବାଳଶବ୍ଦଜ ) ଶୈବାଳ ।
ଶିକା-ବ. ( ଶିକ୍ୟଶବ୍ଦଜ ) ରଜ୍ଜୁ-ନିର୍ମିତ ଦ୍ରବ୍ୟ-ଧାର
ଶିକାର-ବ. ମୃଗୟା ।

ଶିକୁଳି-ବି. (ଶୃଙ୍ଖଳଶବ୍ଦଜ) ଶୃଙ୍ଖଳ, ଜଞ୍ଜିର ।
ଶିକ୍ଷକ-ବି. ( ଶିକ୍ଷ୍-ଣିଚ୍-ଅକ ) ଶିକ୍ଷାଦାୟକ; ବି. ଅଧ୍ୟାପକ । [ଯୋଗ୍ୟ ।
ଶିକ୍ଷଣୀୟ-ବି. (ଶିକ୍ଷ-ଅନୀୟ) ଶିକ୍ଷା କରିବାର
ଶିକ୍ଷା-ବି. (ଶିକ୍ଷ୍-ଅ-ଆ) ଅଭ୍ୟାସ; ଅଧ୍ୟୟନ; ଉପଦେଶ ।
ଶିକ୍ଷିତ-ବି. (ଶିକ୍ଷ୍-ତ) ଶିକ୍ଷାପ୍ରାପ୍ତ, କୃତବିଦ୍ୟ ।
ଶିଖଣ୍ଡ-ବି. ମୟୂରପୁଚ୍ଛ । [କେଶ ।
ଶିଖଣ୍ଡିବାହନ-ବି. ( ଶିଖଣ୍ଡୀ-ବାହନ ) କାର୍ତ୍ତି-
ଶିଖଣ୍ଡୀ-ବି. (ଶିଖଣ୍ଡ-ଇନ୍) ମୟୂର, ମୟୂରପୁଚ୍ଛ ।
ଶିଖର-ବି. (ଶିଖା-ର) ପର୍ବତର ଶୃଙ୍ଗ; ଅଗ୍ର-
ଶିଖରୀ-ବି. ପର୍ବତ । [ଭାଗ ।
ଶିଖା-ବି. ଅଗ୍ରଭାଗ; ମସ୍ତକର ଚୁଟି; ଅଗ୍ନିର
ଶିଖିବା-କ୍ରି. ଅଭ୍ୟାସ କରିବା । [ଜ୍ୱାଳା ।
ଶିଖୀ-ବି. (ଶିଖା-ଇନ୍) ମୟୂର ।
ଶିଙ୍ଗଡ଼ା-ବି. (ଶୃଙ୍ଗାଟଶବ୍ଦଜ) ଜଳଜାତ କଣ୍ଟକ-ଫଳବିଶେଷ ।
ଶିଙ୍ଗା-ବି (ଶୃଙ୍ଗଶବ୍ଦଜ) ଶୃଙ୍ଗ-ବାଦ୍ୟ ।
ଶିଙ୍ଗାରହାର-ବି. ଗଙ୍ଗଶିଉଳି ।
ଶିଞ୍ଜୁ-ବି. ଧଳାକ୍ଷୀରବିଶିଷ୍ଟ ବୃକ୍ଷବିଶେଷ ।
ଶିଞ୍ଜିତ-ବି. ଅଳଙ୍କାରର ଶବ୍ଦ ।
ଶିଞ୍ଜିନୀ-ବି. ନୂପୁର; ଧନୁର୍ଗୁଣ ।
ଶିଢ଼ି-ବି. ପାହାଚ; ନିଶୁଣୀ ।
ଶିତି-କଣ୍ଠ-ବି. ନୀଳକଣ୍ଠ, ଶିବ ।
ଶିଥିଳ-ବି. (ଶ୍ଲଥ୍-ଇଲ) ଢିଲା, ଶ୍ଲଥ; ଅବ-
ଶିମ୍ବ-ବି. ଶିମଗଛ । [ସନ୍ନ; ଅଳସ ।
ଶିର-ବି. (ଶିରାଶବ୍ଦଜ) ରକ୍ତବହା ନାଡ଼ୀ ।
ଶିରଃ-ବି. (ଶ୍ରି-ଅସ୍) ମସ୍ତକ; ଅଗ୍ରଭାଗ ।
ଶିରପା-ବି. ମସ୍ତକାବରକ ବସ୍ତ୍ର । [ପଗଡ଼ି ।
ଶିରସ୍ତ୍ରାଣ-ବି. ( ଶିରସ୍-ତ୍ରୈ-ଅନ ) ଉଷ୍ଣୀଷ,
ଶିରା-ବି. (ଶୄ-ଅ-ଆ) ରକ୍ତବହା ନାଡ଼ୀ ।
ଶିରାଳ-ବି. ଶିରାଯୁକ୍ତ ।
ଶିରୀଷ-ବି. ବୃକ୍ଷବିଶେଷ; ଶିରୀଷ ବୃକ୍ଷର ପୁଷ୍ପ ।
ଶିରୋଧାର୍ଯ୍ୟ-ବି. ( ଶିରସ୍-ଧାର୍ଯ୍ୟ ) ମସ୍ତକରେ ଧାରଣୀୟ, ଅତିମାନ୍ୟ ।
ଶିରୋମଣି-ବି. ମସ୍ତକର ରତ୍ନ; ଶ୍ରେଷ୍ଠ (ପଦାନ୍ତେ) ।
ଶିଳା-ବି. (ଶିଲ୍-ଅ-ଆ) ପ୍ରସ୍ତର, ପଥର ।
ଶିଲୀନ୍ଧ୍ର-ବି. ଛତୁଗଛ ।
ଶିଲୀମୁଖ-ବି. (ଶିଲୀ-ମୁଖ) ଭ୍ରମର ।
ଶିଳ୍ପ-ବି. ବସ୍ତୁ ନିର୍ମାଣାଦି କର୍ମ, କାରିଗରି ।
ଶିଳ୍ପକାର-ବି. (ଶିଳ୍ପ-କାର) ଶିଳ୍ପୀ, କାରିଗର ।
ଶିବ-ବି. (ଶିବ୍-ଅ) ମହାଦେବ; ମଙ୍ଗଳ ।
ଶିବଚତୁର୍ଦ୍ଦଶୀ-ବି. ଶିବପର୍ବ, ଫାଲ୍ଗୁନ କୃଷ୍ଣ-ଚତୁର୍ଦ୍ଦଶୀ ।
ଶିବା-ବି. (ଶିବ-ଆ) ଶୃଗାଳୀ; ପାର୍ବତୀ ।
ଶିବିକା-ବି. ଯାନବିଶେଷ; ପାଲିଙ୍କି ।
ଶିବିର-ବି. (ଶୀ-ଇର) ସୈନ୍ୟନିବେଶ, ଛାଉଣି ।
ଶିଶିର-ବି. ହିମ; ଶୀତ-ଋତୁ ।
ଶିଶି-ବି. କାଚନିର୍ମିତ କ୍ଷୁଦ୍ର ପାତ୍ରବିଶେଷ ।
ଶିଶୁ-ବି. (ଶିଶ୍-ଉ) କ୍ଷୁଦ୍ର ବାଳକ ବାଳିକା,
ଶିଶୁମାର-ବି. ଜଳଜନ୍ତୁବିଶେଷ । [ପିଲା ।
ଶିଶ୍ନ-ବି. ପୁରୁଷର ଉପସ୍ଥ ।

ଶିଷା-ବ. ଧାନ୍ୟାଦିର ଶୀର୍ଷ ।
ଶିଷ୍ଟ-ବି. ସୁଶୀଳ; ବିନୀତ; ଭଦ୍ର ।
ଶିଷ୍ଟତା-ବ. ବିନୟ ।
ଶିଷ୍ୟ-ବ. (ଶାସ୍-ଯ) ଛାତ୍ର ।
ଶିମ୍ବୁ-ବ. ବୃକ୍ଷ-ବିଶେଷ ।
ଶୀକର-ବ. ଜଳକଣା; ସୂକ୍ଷ୍ମବୃଷ୍ଟି ।
ଶୀଘ୍ର-କ୍ରି. ବି. ଅବିଲମ୍ବେ, ସତ୍ୱର ।
ଶୀତ-ବି. ଶୀତଳ; ବ. ଜାଡ଼ ।
ଶୀତଳ-ବି. ଶୈତ୍ୟଯୁକ୍ତ, ଥଣ୍ଡା ।
ଶୀତ୍କାର-ବ. ଶୀତରେ ପଡ଼ିବା; ହାଇ ।
ଶୀର୍ଣ୍ଣ-ବି. (ଶୃ-ତ) କ୍ଷୀଣ; ଶୁଷ୍କ; ପତିତ ।
ଶୀର୍ଷ-ବ. ଶିରଃ, ମସ୍ତକ ।
ଶୀର୍ଷକ-ବ. (ଶୀର୍ଷ-କ) ଟୋପି; ପଗଡ଼ି, ମସ୍ତକ ।
ଶୀଳ-ବ. (ଶୀଲ୍-ଅ) ସ୍ୱଭାବ; ସଚ୍ଚରିତ୍ର ।
ଶୀଳନ-ବ. (ଶୀଲ୍-ଅନ) ଅଲୋଚନା; ଅଭ୍ୟାସ
ଶୁକ-ବ. ଶୁଆପକ୍ଷୀ ।
ଶୁକୁଆ-ବ. ଶୁଖିଲା ମାଛ ।
ଶୁକ୍ତି-ବ. (ଶୁଚ୍-ତି) ଶାମୁକା; ଶଙ୍ଖ ।
ଶୁକ୍ତିଜ-ବ. (ଶୁକ୍ତି-ଜନ୍-ଅ) ମୁକ୍ତା ।
ଶୁକ୍ର-ବ. ( ଶୁଚ୍-ରକ୍ ) ଗ୍ରହବିଶେଷ; ଦୈତ୍ୟ-ଗୁରୁ; ରେତଃ ।
ଶୁକ୍ର-ବାର-ବ. ସପ୍ତାହର ଷଷ୍ଠଦିନ ।
ଶୁକ୍ଳ-ବି. ( ଶୁଚ୍-ଲକ୍ ) ଶ୍ୱେତ ।
ଶୁକ୍ଳ-ପକ୍ଷ-ବ. ଚନ୍ଦ୍ରର ବୃଦ୍ଧି-ପକ୍ଷ ।
ଶୁଙ୍ଘିବା-କ୍ରି. ଅଘ୍ରାଣ କରିବା ।
ଶୁଚି-ବ. (ଶୁଚ୍-ଇ) ପବିତ୍ର; ନିର୍ମଳ; ଶୁଭ୍ର ।
ଶୁଝିବା-କ୍ରି. ପରିଶୋଧ କରିବା ।
ଶୁଣ୍ଠି-ବ. ଶୁଷ୍କ ଆର୍ଦ୍ରକ ।
ଶୁଣ୍ଡ-ବ. (ଶୁଣ୍-ଡ) ହସ୍ତି-କର ।
ଶୁଣ୍ଡୀ-ବ. ଶୁଣ୍ଡା ବା ମଦ୍ୟର ପ୍ରସ୍ତୁତ କାରକ ।
ଶୁଦ୍ଧ-ବି. (ଶୁଧ୍-ତ) ନିର୍ଦ୍ଦୋଷ, ପବିତ୍ର ।
ଶୁଦ୍ଧାନ୍ତ-ବ. (ଶୁଦ୍ଧ-ଅନ୍ତ) ଅନ୍ତଃପୁର ।
ଶୁଦ୍ଧି-ବ. (ଶୁଧ୍-ତି) ଶୋଧନ, ଶୁଦ୍ଧତା ।
ଶୁଧୁରିବା-କ୍ରି. ମନ୍ଦରୁ ଭଲ ହେବା ।
ଶୁଭ-ବ. (ଶୁଭ୍-ଅ) ମଙ୍ଗଳ; ବି. ମଙ୍ଗଳଜନକ ।
ଶୁଭଦ-ବି. (ଶୁଭ-ଦା-ଅ) ଶୁଭଙ୍କର, ଶୁଭ-ଜନକ ।
ଶୁଭିବା-କ୍ରି. ଶ୍ରବଣଗୋଚର ହେବା ।
ଶୁଭ୍ର-ବି. (ଶୁଭ୍-ର) ଶୁକ୍ଳ; ନିର୍ମଳ ।
ଶୁଳ୍କ-ବ. କର, ମାସୁଲ ।
ଶୁଶ୍ରୂଷା-ବ. (ଶ୍ରୁ-ସନ୍-ଅ-ଆ) ଶ୍ରବଣେଚ୍ଛା; ସେବା ।
ଶୁଷ୍କ-ବି. (ଶୁଷ୍-କ) ନୀରସ, ଶୁଖିଲା ।
ଶୂକର-ବ. (ଶୂକ୍-ର) ବରାହ; ଘୁଷୁରି ।
ଶୂଦ୍ର-ବ. ( ଶୁଚ୍-ରକ୍ ) ବ୍ରାହ୍ମଣାଦି ଚତୁର୍ବର୍ଣ୍ଣର ଅନ୍ତର୍ଗତ ଚତୁର୍ଥବର୍ଣ୍ଣ ।
ଶୂନ୍ୟ-ବ. ଆକାଶ; '୦' ଅଭାବାର୍ଥକ ଚିହ୍ନ; ବି. ଖାଲି; ନିର୍ଜନ ।
ଶୂନ୍ୟ-ଗର୍ଭ-ବି. ସାରଶୂନ୍ୟ ।
ଶୂର-ବ. (ଶୂର୍-ଅ) ବୀର; ସାହସୀ ।
ଶୂଳ-ବ. ( ଶୂଲ୍-ଅ ) ଶସ୍ତ୍ରବିଶେଷ; ଉଦର-ରୋଗବିଶେଷ ।

ଶୂଳ-ପାଣି-ବି. ତ୍ରିଶୂଳଧାରୀ ଶିବ ।
ଶୃଗାଳ-ବି. ବିଲୁଆ, ଶିବା ।
ଶୃଙ୍ଖଳ-ବି. ଶିକୁଳି, ନିଗଡ଼ ।
ଶୃଙ୍ଖଳିତ-ବିଂ. ଶୃଙ୍ଖଳବଦ୍ଧ ।
ଶୃଙ୍ଗ-ବି. ଶିଖର, ଅଗ୍ରଭାଗ; ଶିଙ୍ଗ ।
ଶୃଙ୍ଗାଟ-ବି. ଚତୁଷ୍ପଥ, ଚୌରସ୍ତା; ଶିଙ୍ଘଡ଼ା ।
ଶୃଙ୍ଗାର-ବି. ଆଦିରସ; ସ୍ତ୍ରୀପୁରୁଷର ପ୍ରଣୟ; ସଜ୍ଜା, ବେଶ ।
ଶେଉଳ-ବି. (ଶକୁଳଶବ୍ଦଜ) ମତ୍ସ୍ୟବିଶେଷ ।
ଶେଖର-ବି. ଚୂଡ଼ା; ଶିରୋଭୂଷଣ ।
ଶେଠ-ବି. (ଶ୍ରେଷ୍ଠଶବ୍ଦଜ) ବଣିକ୍‌ବିଶେଷ ।
ଶେଫାଳିକା-ବି. ଗଙ୍ଗଶିଉଳି, ଶଙ୍ଗାରିହାର ।
ଶେଯ-ବି. (ଶଯ୍ୟାଶବ୍ଦଜ) ଶଯ୍ୟା ।
ଶେଷ-ବି. (ଶିଷ୍-ଅ) ଅନ୍ତ; ଅବଶେଷ; ବିନାଶ; ବାସୁକି; ବିଂ. ଅବଶିଷ୍ଟ ।
ଶୈତ୍ୟ-ବି. (ଶୀତ-ଯ) ଶୀତଳତା ।
ଶୈଥିଲ୍ୟ-ବି. (ଶିଥିଳ-ଯ) ଶିଥିଳତା; ଢିଲା; [ଆଳସ୍ୟ ।
ଶୈଳ-ବି. (ଶିଳା-ଅ) ପର୍ବତ ।
ଶୈଳ-ସୁତା-ବି. ପାର୍ବତୀ ।
ଶୈଳୀ-ବି. (ଶୀଳ-ଅ-ଈ) ପଦ୍ଧତି, ପ୍ରଣାଳୀ ।
ଶୈଳେୟ-ବିଂ. (ଶୈଳ-ଏୟ) ଶୈଳ-ଜାତ ।
ଶୈବ-ବି. (ଶିବ-ଅ) ଶିବଭକ୍ତ; ବିଂ. ଶିବ-ସମ୍ବନ୍ଧୀୟ ।
ଶୈବଳ, ଶୈବାଳ-ବି. ଶିଉଳି ।
ଶୈବଳିନୀ-ବି. (ଶୈବଳ-ଇନ୍-ଈ) ନଦୀ ।
ଶୈଶବ-ବି. (ଶିଶୁ-ଅ) ଶିଶୁତ୍ୱ, ବାଲ୍ୟାବସ୍ଥା ।

ଶୋଇବା-କ୍ରି. (ଶୀଧାତୁରୁ) ଶୟନ କରିବା ।
ଶୋକ-ବି. (ଶୁଚ୍-ଅ) ପ୍ରିୟ-ବିୟୋଗ-ଜନିତ ଦୁଃଖ ।
ଶୋଚନା-ବି. (ଶୁଚ୍-ଅନ-ଆ) ଶୋକ କରିବା ।
ଶୋଚ୍ୟ, ଶୋଚନୀୟ-ବିଂ. (ଶୁଚ୍-ଯ, ଅନୀୟ) ଦୁଃଖ କରିବାର ଯୋଗ୍ୟ ।
ଶୋଣ-ବିଂ. ରକ୍ତ-ବର୍ଣ୍ଣ, ଲୋହିତ ।
ଶୋଣିତ-ବି. ରୁଧିର, ରକ୍ତ; ବିଂ. ଲୋହିତ ।
ଶୋଣିମା-ବି. (ଶୋଣ-ଇମନ) ରକ୍ତିମା ।
ଶୋଥ-ବି. (ଶ୍ୱି-ଥ) ସ୍ଫୀତ ରୋଗ ।
ଶୋଧନ-ବି. (ଶୁଧ୍-ଅନ୍) ନିର୍ଦ୍ଦୋଷକରଣ; ପରିଷ୍କରଣ; ପ୍ରତିଦାନ ।
ଶୋଧି-ବି. ଅଙ୍କପାଠ ବିଶେଷ ।
ଶୋଧିତ-ବିଂ. (ଶୁଧ୍-ଇ-ତ) ପରିଷ୍କୃତ ।
ଶୋଧିବା-କ୍ରି. ନିର୍ଦ୍ଦୋଷ କରିବା; ଖାଲିଦେବା ।
ଶୋଭନ-ବିଂ. (ଶୁଭ୍-ଣିଚ୍-ଅନ୍) ଶୋଭାଯୁକ୍ତ ।
ଶୋଭା-ବି. (ଶୁଭ୍-ଅ) ସୌନ୍ଦର୍ଯ୍ୟ ।
ଶୋଭିତ-ବିଂ. (ଶୁଭ୍-ଣିଚ୍-ତ) ଭୂଷିତ ।
ଶୋଷ-ବି. (ଶୁଷ୍-ଅ) ଶୁଷ୍କତା, ରସାକର୍ଷଣ; ପିପାସା ।
ଶୋଷଣ-ବି. (ଶୁଷ୍-ଇ-ଅନ) ରସାକର୍ଷଣ ।
ଶୋହିବା-କ୍ରି. ଶୋଭାପାଇବା (ପଦ୍ୟ) ।
ଶୌଚ-ବି. (ଶୁଚି-ଅ) ଶୁଦ୍ଧି, ଶୁଚିତା ।
ଶୌଣ୍ଡିକ-ବି. (ଶୁଣ୍ଡା-ଇକ) ଶୁଣ୍ଡୀ ।
ଶୌର୍ଯ୍ୟ-ବି. (ଶୂର-ଯ) ବୀରତ୍ୱ ।
ଶ୍ମଶାନ-ବି. (ଶବ-ଶୀଙ୍-ଶୀ-ଅନ) ମଶାଣି ।

ଶ୍ମଶ୍ରୁ–ବ. କଶ; ଦାଢ଼ୀ ।
ଶ୍ମଶ୍ରୁଳ–ବି. (ଶ୍ମଶ୍ରୁ-ଲ) ଶ୍ମଶ୍ରୁବିଶିଷ୍ଟ ।
ଶ୍ୟାମ, ଶ୍ୟାମଲ – ବି. ଶାଗୁଁଳା; ଈଷତ୍ କୃଷ୍ଣ; ଈଷତ୍ ହରିତ୍ ।
ଶ୍ୟାଲ, ଶ୍ୟାଲକ–ବ. ପତ୍ନୀର ଭାଇ ।
ଶ୍ୟାଲୀ, ଶ୍ୟାଲିକା–ବ. ପତ୍ନୀର ଭଉଣୀ ।
ଶ୍ୟେନ–ବ. ବାଜପକ୍ଷୀ ।
ଶ୍ରଦ୍ଧାନ–ବି. (ଶ୍ରତ୍-ଧା-ଅନ) ଶ୍ରଦ୍ଧାଯୁକ୍ତ ।
ଶ୍ରଦ୍ଧା–ବ. (ଶ୍ରତ୍-ଧା-ଅ) ଭକ୍ତି; ବିଶ୍ୱାସ; ଆଦର ।
ଶ୍ରଦ୍ଧାବାନ୍–ବି. (ଶ୍ରଦ୍ଧା-ବତ୍) ଶ୍ରଦ୍ଧାଯୁକ୍ତ ।
ଶ୍ରମ–ବ. (ଶ୍ରମ୍-ଅ) ପରିଶ୍ରମ; ଅଭ୍ୟାସ; କ୍ଲାନ୍ତି ।
ଶ୍ରମଣ–ବ. ବୌଦ୍ଧ ସନ୍ନ୍ୟାସୀ ।
ଶ୍ରମ-ବାରି–ବ. ଘର୍ମ ।
ଶ୍ରମୀ–ବି. (ଶ୍ରମ୍-ଇନ୍) ପରିଶ୍ରମକାରୀ ।
ଶ୍ରବଣ–ବ. (ଶ୍ରୁ-ଅନ) ଶୁଣିବା; କର୍ଣ୍ଣ ।
ଶ୍ରବଣେନ୍ଦ୍ରିୟ–ବ. (ଶ୍ରବଣ-ଇନ୍ଦ୍ରିୟ) କର୍ଣ୍ଣ, କାନ ।
ଶ୍ରାଦ୍ଧ–ବ. (ଶ୍ରଦ୍ଧା-ଅ) ପିତୃ-ତର୍ପଣ; ଶ୍ରଦ୍ଧାର୍ପଣ ।
ଶ୍ରାନ୍ତ–ବି. (ଶ୍ରମ୍-ତ) କ୍ଲାନ୍ତ ।
ଶ୍ରାନ୍ତି–ବ. (ଶ୍ରମ୍-ତି) କ୍ଲାନ୍ତି ।
ଶ୍ରାବକ–ବି. (ଶ୍ରୁ-ଅକ) ଶ୍ରୋତା, ଶ୍ରବଣକର୍ତ୍ତା ।
ଶ୍ରାବଣ–ବ. (ଶ୍ରବଣା-ଅ) ମାସ-ବିଶେଷ ।
ଶ୍ରାବ୍ୟ–ବି. (ଶ୍ରୁ-ଯ) ଶ୍ରବଣଯୋଗ୍ୟ ।
ଶ୍ରୀ–ବ. (ଶ୍ରି-ଈ) ଲକ୍ଷ୍ମୀ, ଶୋଭା; ସୌଭାଗ୍ୟ ।
ଶ୍ରୀକଣ୍ଠ–ବ. ଶିବ ।
ଶ୍ରୀଧର–ବ. ବିଷ୍ଣୁ ।
ଶ୍ରୀପଞ୍ଚମୀ–ବ. ମାଘଶୁକ୍ଳ ପଞ୍ଚମୀ ।
ଶ୍ରୀଫଳ–ବ. ବେଲ ।
ଶ୍ରୀମାନ୍–ବି. (ଶ୍ରୀ-ମତ୍) ଐଶ୍ୱର୍ଯ୍ୟଶାଳୀ; ଶୋଭାଯୁକ୍ତ; ସୁନ୍ଦର ।
ଶ୍ରୀ-ଯୁତ, ଶ୍ରୀ-ଯୁକ୍ତ–ବି. ଶ୍ରୀମାନ୍ ।
ଶ୍ରୀଲ–ବି. (ଶ୍ରୀ-ଲ) ଶ୍ରୀଯୁକ୍ତ ।
ଶ୍ରୀଶ–ବ. (ଶ୍ରୀ-ଈଶ) ବିଷ୍ଣୁ ।
ଶ୍ରୁତ–ବି. (ଶ୍ରୁ-ତ) ଯାହା ଶୁଣାଯାଇଅଛି; ବ. ଶାସ୍ତ୍ର ।
ଶ୍ରୁତି–ବ. (ଶ୍ରୁ-ତି) କର୍ଣ୍ଣ; ବେଦ ।
ଶ୍ରୁତି-ଧର–ବି. ଯେ ଶୁଣିଲାକ୍ଷଣି ମନେରଖେ ।
ଶ୍ରୁବ–ବ. ହୋମରେ ଘୃତ-କ୍ଷେପଣପାତ୍ର ।
ଶ୍ରେଢ଼ୀ–ବ. ସମପରିମାଣରେ ବର୍ଦ୍ଧିତ ଅଙ୍କ ଶ୍ରେଣୀ ।
ଶ୍ରେଣୀ–ବ. (ଶ୍ରି-ନି) ପଂକ୍ତି; ଧାଡ଼ି ।
ଶ୍ରେୟଃ–ବ. ଧର୍ମ; ମଙ୍ଗଳ ।
ଶ୍ରେୟସ୍କର–ବି. ମଙ୍ଗଳକର ।
ଶ୍ରେଷ୍ଠ–ବି. (ପ୍ରଶସ୍ୟ-ଇଷ୍ଠ) ଅତି ପ୍ରଶସ୍ତ, ପ୍ରଧାନ ।
ଶ୍ରେଷ୍ଠତା–ବ. ପ୍ରାଧାନ୍ୟ, ଉତ୍କର୍ଷ ।
ଶ୍ରେଷ୍ଠୀ–ବ. ( ଶ୍ରେଷ୍ଠ-ଇନ୍ ) ବଣିକ୍‌ବିଶେଷ, ଶେଠ ।
ଶ୍ରୋଣି–ବ. କଟିଦେଶ, ନିତମ୍ବ ।
ଶ୍ରୋତବ୍ୟ–ବି. (ଶ୍ରୁ-ତବ୍ୟ) ଶ୍ରବଣଯୋଗ୍ୟ ।
ଶ୍ରୋତା–ବି. (ଶ୍ରୁ-ତୃ) ଶ୍ରବଣକର୍ତ୍ତା; ଯେ ଶୁଣେ ।
ଶ୍ରୋତ୍ର–ବ. (ଶ୍ରୁ-ତ୍ର) କର୍ଣ୍ଣ ।
ଶ୍ରୋତ୍ରିୟ–ବ. (ଶ୍ରୋତ୍ର-ଇୟ) ବେଦଜ୍ଞ ବ୍ରାହ୍ମଣ ।
ଶ୍ଲଥ–ବି. (ଶ୍ଲଥ୍-ଅ) ଶିଥିଳ ।
ଶ୍ଲାଘା–ବ. ( ଶ୍ଲାଘ୍-ଅ-ଆ ) ପ୍ରଶଂସା; ନିଜ-ପ୍ରଶଂସା ।
ଶ୍ଲାଘ୍ୟ, ଶ୍ଲାଘନୀୟ – ବି. (ଶ୍ଲାଘ୍-ଯ, ଅନୀୟ) ପ୍ରଶଂସନୀୟ ।

ଶ୍ଳିଷ୍ଟ-ବି. ( ଶ୍ଳିଷ୍-ତ ) ଶ୍ଳେଷଯୁକ୍ତ; ସଂଯୁକ୍ତ ।

ଶ୍ଳୀପଦ-ବି. ଗୋଦର ।

ଶ୍ଳୀଳ-ବି. ( ଶ୍ରୀ-ଲ ) ଶ୍ରୀଯୁକ୍ତ, ଶୋଭନ ।

ଶ୍ଳେଷ ବି. ଶ୍ଳିଷ୍-ଅ) ଯୋଗ; ବ୍ୟଙ୍ଗୋକ୍ତି ।

ଶ୍ଳେଷ୍ମା-ବି. (ଶ୍ଳିଷ୍-ମନ୍) କଫ ।

ଶ୍ଳୋକ-ବି. (ଶ୍ଳୋକ୍-ଅ) ଚତୁଷ୍ଚରଣଯୁକ୍ତ ପଦ୍ୟ; [ପଦ୍ୟ ।

ଶ୍ୱଦନ୍ତ-ବି. (ଶ୍ୱନ୍-ଦନ୍ତ) କୁକୁରର ମୁନିଆଦନ୍ତ ।

ଶ୍ୱପଚ-ବି. ଚଣ୍ଡାଳ ।

ଶ୍ୱଶୁର-ବି. ଶଶୁର, ଭର୍ତ୍ତା କିମ୍ବା ପତ୍ନୀର ପିତା ।

ଶ୍ୱଶ୍ରୂ-ବି. ଶାଶୂ, ଭର୍ତ୍ତା କିମ୍ବା, ପତ୍ନୀର ମାତା ।

ଶ୍ୱସନ-ବି. (ଶ୍ୱସ୍-ଅନ) ନିଶ୍ୱାସ ।

ଶ୍ୱାନ-ବି. (ଶ୍ୱନ୍-ଅ) କୁକୁର ।

ଶ୍ୱାପଦ-ବି, (ଶ୍ୱନ୍-ଆ-ପଦ୍-ଅ) ଶିକାରୀ ଜନ୍ତୁ ; ବ୍ୟାଘ୍ର ଭଲ୍ଲୁକାଦି ।

ଶ୍ୱାସ-ବି. (ଶ୍ୱସ୍-ଅ) ନିଶ୍ୱାସ; ରୋଗବିଶେଷ ।

ଶ୍ୱିତ୍ର-ବି. ଧବଳ ରୋଗ ।

ଶ୍ୱେତ-ବି. ( ଶ୍ୱିତ୍-ଅ) ଶୁକ୍ଳବର୍ଣ୍ଣ ।

ଶ୍ୱେତ ରକ୍ତ-ବି. ଗୋଲାପିରଙ୍ଗ, ପାଟଳ ।

ଶ୍ୱେତ-ସାର-ବି. ଗୋଧୂମାଦିର ଶ୍ୱେତ ଉପାଦାନବିଶେଷ ।

---

# ଷ ବ୍ୟଞ୍ଜନବର୍ଣ୍ଣର ଏକତିଂଶ ବର୍ଣ୍ଣ ।

ଷଟ୍-ବି. ଛଅ ସଂଖ୍ୟା ।

ଷଟ୍‌କର୍ମ-ବି. (ଷଷ୍-କର୍ମନ୍) ବ୍ରାହ୍ମଣର ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ ।

ଷଟ୍‌କୋଣ-ବି. ଷଡ଼୍‌ଭୁଜ କ୍ଷେତ୍ର ।

ଷଟ୍‌ପଦ-ବି. (ଷଟ୍-ପଦ) ଭ୍ରମର ।

ଷଠିଘର-ବି. ବାଳକ ଜନ୍ମର ଷଷ୍ଠ ଦିବସର ଅନୁଷ୍ଠାନବିଶେଷ ।

ଷଡ଼ଶୀତି-ବି. ଷଟ୍-ଅଶୀତି) ଛୟାଅଶୀ ।

ଷଡ଼ାନନ-ବି. (ଷଟ୍-ଅନନ) କାର୍ତ୍ତିକେୟ ।

ଷଡ଼୍‌ଜ-ବି. ( ଷଷ୍-ଜ ) ତନ୍ତ୍ରୀକଣ୍ଠୋତ୍ଥିତ ସ୍ୱରବିଶେଷ ।

ଷଡ଼୍‌ଦର୍ଶନ-ବି. ପୂର୍ବମୀମାଂସା, ବେଦାନ୍ତ, ସାଂଖ୍ୟ, ପାତଞ୍ଜଳ. ନ୍ୟାୟ ଓ ବୈଶେଷିକ ।

ଷଡ଼୍‌ରସ-ବି (ଷଟ-ରସ) ମଧୁର, ଅମ୍ଳ, ଲବଣ, କଟୁ, କଷାୟ ଓ ତିକ୍ତ ।

ଷଡ଼୍‌ରିପୁ-ବି. କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ।

ଷଣ୍ଡ-ବି. ଷଣ୍ଢ, ବୃଷ ।

ଷଷ୍ଟି-ବି. (ଷଷ-ତି) ଷାଠିଏ ।

ଷଷ୍ଟିକ-ବି. ଷଠିଅ ଧାନ ।

ଷଷ୍ଟିତମ-ବି. ଷାଠିଏର ପୂରଣ ।

ଷଷ୍ଠ-ବି. (ଷଷ୍-ଥ) ଛଅର ପୂରଣ ।

ଷଷ୍ଠୀ-ବି. ତିଥିବିଶେଷ; ଦେବୀ-ବିଶେଷ ।

ଷାଣ୍ମାସିକ-ବି. (ଷଟ୍-ମାସ-ଇକ) ଛଅମାସରେ ଥରେ ଅନୁଷ୍ଠେୟ ।

ଷୋଡ଼ଶ-ବି. (ଷଷ୍-ଦଶନ୍) ଷୋଳ ସଂଖ୍ୟା ।

ଷୋଡ଼ଶୀ-ବି. ଷୋଡ଼ଶବର୍ଷୀୟ ସ୍ତ୍ରୀ ।

# ସ

ବ୍ୟଞ୍ଜନ ବର୍ଣ୍ଣର ଦ୍ୱାବିଂଶ ବର୍ଣ୍ଣ ।

ସଉସ-ବି. (ଆରବୀ) ଅଣ୍ଡପାଳ ।

ସଉତୁଣୀ-ବି. (ସପତ୍ନୀଶବ୍ଦଜ) ସପତ୍ନୀ ।

ସଉଦା-ବି. (ପାର୍ଶୀ) ବାଣିଜ୍ୟ ଦ୍ରବ୍ୟ ।

ସଉଦାଗର-ବି. ବଣିକ୍ ।

ସଂକଟ-ବିଂ. (ସମ୍-କଟ) ସଂକୀର୍ଣ୍ଣ ; ବିପତ୍ତିପୂର୍ଣ୍ଣ; ବି. ବିପଦ୍ ।

ସଂକର-ବି. (ସମ୍-କୃ-ଅ) ମିଶ୍ରଣ [ରାମ ।

ସଂକର୍ଷଣ-ବି. (ସମ୍-କୃଷ୍-ଅନ) ଆକର୍ଷଣ; ବଳ-

ସଂକଳନ-ବି. (ସମ୍-କଳ୍-ଅନ) ଯୋଗ ।

ସଂକଳିତ-ବି. (ସମ୍-କଳ୍-ତ) ସଂଗୃହୀତ ; ଏକତ୍ରିତ ।

ସଂକଳ୍ପ-ବି.(ସମ୍-କୃପ୍-ଅ)ମନୋରଥ; ପ୍ରତିଜ୍ଞା ।

ସଂକଳ୍ପିତ-ବିଂ. ବାଞ୍ଛିତ; ସ୍ଥିରୀକୃତ ।

ସଂକାଶ-ବିଂ. (ସମ୍ କାଶ୍-ଅ) ସଦୃଶ ।

ସଂକୀର୍ଣ୍ଣ-ବିଂ. (ସମ୍-କୃ-ତ) ଅପ୍ରଶସ୍ତ ।

ସଂକୀର୍ତ୍ତନ-ବି. (ସମ୍-କୃତ୍-ଅନ) ଗୁଣାଦି କଥନ, ପ୍ରମତ୍ତଭାବେ ଦେବ-ଗୁଣ-ଗାନ ।

ସଂକୁଚିତ-ବିଂ. (ସମ୍-କୁଚ୍-ତ) ସଂକୀର୍ଣ୍ଣୀକୃତ; କୁଣ୍ଠିତ ।

ସଂକୁଳ-ବିଂ.(ସମ୍-କୁଳ୍-ଅ)ସମାକୀର୍ଣ୍ଣ; ବ୍ୟାପ୍ତ ।

ସଂକେତ-ବି. (ସମ୍-କିତ୍-ଅ) ଇଙ୍ଗିତ, ଇସାରା; ଚିହ୍ନ ।

ସଂକୋଚ-ବି. (ସମ୍-କୁଚ୍-ଅ) ସଂକ୍ଷେପ ; ଚିପିବାଦ୍ୱାରା ଅଳ୍ପୀକରଣ ।

ସଂକ୍ରମଣ-ବି.(ସମ୍-କ୍ରମ୍-ଅନ)ଗମନ; ପ୍ରବେଶ; ସଂକ୍ରାନ୍ତି । [ପ୍ରବିଷ୍ଟ ।

ସଂକ୍ରାନ୍ତ ବିଂ.(ସମ୍-କ୍ରମ୍-ତ)ବର୍ତ୍ତିତ; ସମ୍ବନ୍ଧୀୟ;

ସଂକ୍ରାନ୍ତି-ବି.(ସମ୍-କ୍ରମ୍-ତି) ସୂର୍ଯ୍ୟର ରାଶ୍ୟନ୍ତରେ ପ୍ରବେଶ । [ଯଥା (ମେଷ) ।

ସଂକ୍ରାମକ-ବିଂ. (ସମ୍-କ୍ରମ୍-ଅକ) ପ୍ରବେଶକାରୀ;

ସଂକ୍ରାମିତ ବିଂ.(ସମ୍-କ୍ରମ୍-ଣିଚ୍-ତ) ପ୍ରବେଶିତ; ସଞ୍ଚାରିତ ।

ସଂକ୍ଷିପ୍ତ-ବିଂ. ସମ୍-କ୍ଷିପ୍-ତ) ଅଳ୍ପୀକୃତ ।

ସଂକ୍ଷେପ-ବି.(ସମ୍-କ୍ଷିପ୍-ଅ)ଅଳ୍ପୀକରଣ; ଚୁମ୍ବକ ।

ସଂଖ୍ୟା-ବି. (ସମ୍-ଖ୍ୟା-ଅ-ଆ) ୧, ୨ ପ୍ରଭୃତି

ସଂଖ୍ୟାତ-ବିଂ. ଗଣିତ । [ଗଣନା ।

ସଂଗୃହୀତ-ବିଂ. (ସମ୍-ଗ୍ରହ୍-ତ) ସଙ୍କଳିତ ।

ସଂଗ୍ରହ-ବି. (ସମ୍-ଗ୍ରହ୍-ଅ) ସଂକଳନ ; ଏକତ୍ରୀକରଣ ।

ସଂଗ୍ରହୀତା, ସଂଗ୍ରାହକ — ବି. (ସମ୍-ଗ୍ରହ୍-ତୃ, ଅକ) ସଂଗ୍ରହକାରୀ ।

ସଂଗ୍ରାମ-ବି. ଯୁଦ୍ଧ; ସମର ।

ସଂଘ-ବି. (ସମ୍-ହନ୍-ଅ) ସମୂହ; ଦଳ ।

ସଂଘଟନ-ବି. ସମ୍-ଘଟ୍-ଅନ) ମେଳନ; ଗଠନ; ଘଟନା ।

ସଂଘର୍ଷ, ସଂଘର୍ଷଣ — ବି. (ସମ୍-ଘୃଷ୍-ଅ,ଅନ) ଘର୍ଷଣ; ବିରୋଧ ।

ସଂଘାତ-ବି. ସମଷ୍ଟି, ନିବିଡ଼ ସଂଯୋଗ ।

ସଂଜ୍ଞା-ବି. (ସମ୍-ଜ୍ଞା-ଅ) ଚୈତନ୍ୟ ; ଆଖ୍ୟା ; ପାରିଭାଷିକ ଶବ୍ଦର ଅର୍ଥ-ସୂଚନା ।

ସଂଯତ-ବିଂ. (ସମ୍-ଯମ୍-ତ) ନିୟମିତ; ଦମିତ ।

ସଂଯମନ-ବି. (ସମ୍-ଯମ୍-ଅନ) ବନ୍ଧନ; ଇନ୍ଦ୍ରିୟ-ନିଗ୍ରହ ।

ସଂଯମୀ-ବିଂ. (ସମ୍-ଯମ୍-ଇନ୍) ଜିତେନ୍ଦ୍ରିୟ ।

ସଂଯୁକ୍ତ-ବିଂ. (ସମ୍-ଯୁଜ୍-ତ) ସଂଲଗ୍ନ; ମିଶ୍ରିତ ।

ସଂଯୁଗ-ବି. ଯୁଦ୍ଧ ।

ସଂଯୋଗ-ବି. (ସମ୍-ଯୁଜ୍-ଅ) ମିଳନ, ମିଶ୍ରଣ ।

ସଂଯୋଜନ-ବି. (ସମ୍-ଯୁଜ୍-ଅନ) ସଂଯୋଗ-କରଣ ।

ସଂରମ୍ଭ-ବି. (ସମ୍-ରନ୍ଭ୍-ଅ) କ୍ରୋଧ; ବେଗ ।

ସଂଲଗ୍ନ-ବିଂ. (ସମ୍-ଲଗ୍-ତ) ମିଳିତ, ସଂଯୁକ୍ତ ।

ସଂଲାପ-ବି. (ସମ୍-ଲପ୍-ଅ) କଥୋପକଥନ ।

ସଂବତ୍-ବି. ( ସମ୍-ବଦ୍-କ୍ୱିପ୍ ) ବିକ୍ରମାଦିତ୍ୟ-ପ୍ରଚଳିତ ଅବ୍ଦ ।

ସଂବତ୍ସର-ବି. (ସମ୍-ବସ୍-ସର) ବତ୍ସର, ବର୍ଷ ।

ସଂବଳିତ ବିଂ. (ସମ୍-ବଲ୍-ତ) ମିଳିତ; ସହିତ ।

ସଂବାଦ-ବି. (ସମ୍-ବଦ୍-ଅ) ସମାଚାର; ବୃତ୍ତାନ୍ତ; କଥାବାର୍ତ୍ତା ।

ସଂବାହନ-ବି. (ସମ୍-ବହ୍-ଣିଚ୍-ଅନ) ଅଙ୍ଗମର୍ଦ୍ଦନ

ସଂବିତ୍-ବି. (ସମ୍-ବିଦ୍-କ୍ୱିପ୍) ଅନୁଜ୍ଞାନ ।

ସଂବିଧାନ-ବି. (ସମ୍-ବି-ଧା-ଅନ) ଆୟୋଜନ; ଉପକରଣସାମଗ୍ରୀ ।

ସଂବୃତ-ବିଂ. (ସମ୍-ବୃ-ତ) ଗୁପ୍ତ ।

ସଂବେଦନ-ବି. (ସମ୍-ବିଦ୍-ଅନ) ଅନୁଭବ ।

ସଂବେଶ-ବି. (ସମ୍-ବିଶ୍-ଅ) ନିଦ୍ରା ।

ସଂଶୟ-ବି. (ସମ୍-ଶୀ-ଅ) ସନ୍ଦେହ ।

ସଂଶୋଧନ-ବି. (ସମ୍-ଶୁଧ୍-ଣିଚ୍-ଅନ) ଶୁଦ୍ଧ-କରଣ ।

ସଂଶ୍ଳିଷ୍ଟ-ବି. (ସମ୍-ଶ୍ଳିଷ୍-ତ) ମିଳିତ, ସମ୍ପୃକ୍ତ ।

ସଂସର୍ଗ-ବି. (ସମ୍-ସୃଜ୍-ଅ) ସହବାସ, ସମ୍ପର୍କ ।

ସଂସାର-ବି. ( ସମ୍-ସୃ-ଅ ) ଜଗତ୍; ଜନ୍ଯନ୍ତ୍ୟ ବ୍ୟାପାର । [ସଂସାରାସକ୍ତ ।

ସଂସାରୀ-ବିଂ. ( ସଂସାର-ଇନ୍ ) ସଂସାରସ୍ଥ:

ସଂସୃଷ୍ଟ-ବିଂ. (ସମ୍-ସୃଜ୍-ତ) ସମ୍ପୃକ୍ତ, ସମ୍ବନ୍ଧ ।

ସଂସ୍କାର-ବି. ( ସମ୍-କୃ-ଅ ) ଶୁଦ୍ଧି, ମାର୍ଜନ; ମନର ଧାରଣା; ବିବାହାଦି କର୍ମ ।

ସଂସ୍କାରକ-ବିଂ. (ସମ୍-କୃ-ଣିଚ୍-ଅକ) ସଂଶୋଧନକାରୀ ।

ସଂସ୍କୃତ-ବିଂ. ( ସମ୍-କୃ-ତ ) ଶୋଧିତ; ବି. ଭାରତୀୟ ପ୍ରାଚୀନ ଆର୍ଯ୍ୟଭାଷା ।

ସଂସ୍ଥା-ବି. (ସମ୍-ସ୍ଥା-ଅ) ବ୍ୟବସ୍ଥା; ସଭା; ସ୍ଥାପିତ ବିଦ୍ୟାଳୟାଦି । [ବେଶ ।

ସଂସ୍ଥାନ-ବି. ( ସମ୍-ସ୍ଥା-ଅନ ) ଅବୟବ-ସନ୍ନି-

ସଂସ୍ପର୍ଶ-ବି. ସମ୍ୟକ୍ ସ୍ପର୍ଶ ।

ସଂସ୍ପୃଷ୍ଟ-ବିଂ. (ସମ୍-ସ୍ପୃଶ୍-ତ) ସଂଯୁକ୍ତ ।

ସଂସ୍ରବ-ବି. (ସମ୍-ସ୍ରୁ-ଅ) ସମ୍ବନ୍ଧ, ସମ୍ପର୍କ ।

ସଂହତ-ବିଂ. (ସମ୍-ହନ୍-ତ) ଦୃଢ଼; ନିବିଡ଼ ।

ସଂହତି-ବି. ( ସମ୍-ହନ୍-ତି ) ସମୂହ; ନିବିଡ଼;

ସଂହନନ-ବି. ଦେହ । [ଯୋଗ ।

ସଂହାର-ବି. (ସମ୍-ହୃ-ଅ) ଧ୍ୱଂସ । [ଶାସ୍ତ୍ର ।

ସଂହିତା-ବି. (ସମ୍-ଧା-ତ-ଆ) ସଂଗ୍ରହ; ସ୍ମୃତି-

ସକଳ-ବିଂ. (ସ-କଳା) ସମୁଦାୟ ।

ସକାମ–ବି. କାମନା-ସହିତ ।
ସକାଳ–ବି. ପ୍ରାତଃକାଳ ।
ସକାଶ–ବି. ନିକଟ; ନିମିତ୍ତ ।
ସକ୍ତୁ–ବି. ଯବାଦିର ଛତୁ ।
ସଖା–ବି. ମିତ୍ର ।
ସଖୀ–ବି. ସହଚରୀ, ବୟସ୍ୟା ।
ସଖ୍ୟ–ବି. (ସଖି-ଯ) ମିତ୍ରତା ।
ସଗର–ବି. (ସହ-ଗର) ନୃପତିବିଶେଷ ।
ସ-ଗୋତ୍ର–ବି. ଜ୍ଞାତି, ଏକ-ବଂଶୋତ୍ପନ୍ନ ।
ସଙ୍ଖା–ବି. କାଚ ଚୁଡ଼ି ।
ସଙ୍ଖାଳି–ବି. ସର୍ବସ୍ୱଧନ ।
ସଙ୍ଖୋଳିବା–କ୍ରି. ଅପଦ-ସମୟରେ ବନ୍ଧୁ ନିକ-ଟକୁ ଯାଇ ସାନ୍ତ୍ୱନା ଦେବା ।
ସଙ୍ଗ–ବି. (ସନ୍ଜ୍-ଅ) ସଂସର୍ଗ; ଆସକ୍ତି ।
ସଙ୍ଗତ–ବି. (ସମ୍-ଗମ୍-ତ) ଯୁକ୍ତିଯୁକ୍ତ, ମିଳିତ ।
ସଙ୍ଗତି–ବି. (ସମ୍-ଗମ୍-ତି) ମିଳନ; ଯୌକ୍ତିକତା ।
ସଙ୍ଗମ–ବି. (ସମ୍-ଗମ୍-ଅ) ମିଳନ ।
ସଙ୍ଗର–ବି. ଯୁଦ୍ଧ; ପ୍ରତିଜ୍ଞା ।
ସଙ୍ଗାତ–ବି. (ସଂଗତଶବ୍ଦଜ) ମିତ୍ର ।
ସଙ୍ଗିନୀ–ବି. (ସଙ୍ଗ-ଇନ୍-ଈ) ସହଚାରିଣୀ ।
ସଙ୍ଗୀ–ବି. (ସଙ୍ଗ୍-ଇନ୍) ସହଚର । [ବାଦ୍ୟ ।
ସଙ୍ଗୀତ–ବି. (ସମ୍-ଗୈ-ତ) ଗାନ; ନୃତ୍ୟ ଗୀତ-
ସଚରାଚର–ବି. ( ସ-ଚର-ଅଚର ) ସ୍ଥାବର-ଜଙ୍ଗମ; ସର୍ବସାଧାରଣ ।
ସଚିବ–ବି. ଅମାତ୍ୟ, ମନ୍ତ୍ରୀ ।
ସଚେତନ–ବି. (ସ-ଚେତନା) ଚେତନାଯୁକ୍ତ ।

ସଚେଷ୍ଟ–ବି. (ସ-ଚେଷ୍ଟା) ଚେଷ୍ଟିତ, ଉଦ୍‌ଯୋଗୀ ।
ସଚ୍ଚା–ବି. ପ୍ରକୃତ, ଅକୃତ୍ରିମ ।
ସଚ୍ଚିଦାନନ୍ଦ–ବି. ( ସତ୍-ଚିତ୍-ଆନନ୍ଦ ) ନିତ୍ୟ-ଜ୍ଞାନ ଆନନ୍ଦ-ସ୍ୱରୂପ ବ୍ରହ୍ମ । [ଭଣ୍ଟିବା ।
ସଜ–ବି. ( ସଦ୍ୟଃଶବ୍ଦଜ ) ବର୍ତ୍ତମାନ ସମୟର,
ସଜନା–ବି. (ଶୋଭାଞ୍ଜନଶବ୍ଦଜ) ବୃକ୍ଷବିଶେଷ ।
ସଜନୀ–ବି. (ସ୍ୱଜନୀଶବ୍ଦଜ) ସହଚାରିଣୀ; ସଖୀ ।
ସଞ୍ଚାର–ବି. (ସମ୍-ଚର୍-ଅ) ଗତି; ସଂକ୍ରମଣ; ବିସ୍ତାର ।
ସଞ୍ଚାରିତ–ବି. (ସମ୍-ଚର୍-ଣିଚ୍-ତ) ସଞ୍ଚାଳିତ ।
ସଞ୍ଚାରୀ–ବି. (ସମ୍-ଚର୍-ଇନ୍) ଗମନଶୀଳ; ଅସ୍ଥାୟୀ ।
ସଞ୍ଚିତ–ବି. (ସମ୍-ଚି-ତ) ସଂଗୃହୀତ ।
ସଞ୍ଜ–ବି. ସନ୍ଧ୍ୟା । [ଦୀର୍ଘ ।
ସଞ୍ଜୀବନୀ–ବି. ( ସମ୍-ଜୀବ୍-ଅନ-ଈ ) ଜୀବନ-
ସଟା–ବି. ସିଂହାଦିର କେଶର ।
ସଟୀକ–ବି. (ସ-ଟୀକା) ଟୀକା-ସମେତ ।
ସଡ଼କ–ବି. ପଥ, ରାସ୍ତା ।
ସଡ଼ା–ବି. ପଚା ।
ସଡ଼ିବା, ସଢ଼ିବା–କ୍ରି. ପଚିବା ।
ସଢ଼େଇ–ବି. ଜଡ଼ିଆ-ଖୋଳପା ।
ସତତ–କ୍ରି. ବି. ନିରନ୍ତର, ସର୍ବଦା ।
ସତରଞ୍ଜି–ବି. ରଞ୍ଜିତସୂତ୍ରର ଆସନ ।
ସତର୍କ–ବି. ସାବଧାନ ।
ସତୀ–ବି. (ସତ୍-ଈ) ସାଧ୍ୱୀ, ପତିବ୍ରତା ।
ସତୀତ୍ୱ–ବି. ପାତିବ୍ରତ୍ୟ ।

ସ-ତୀର୍ଥ-ବି. ଏକ ଗୁରୁର ଶିଷ୍ୟ ।

ସତୃଷ୍ଣ-ବିଂ. (ସ-ତୃଷ୍ଣା) ପିପାସିତ; ଆକାଂକ୍ଷା-ପୂର୍ଣ୍ଣ ।

ସତେଜ-ବିଂ. (ସ-ତେଜଃ) ତେଜସ୍ୱୀ; ବଳବାନ୍ ।

ସତ୍-ବିଂ. (ଅସ୍-ଅତ୍) ସତ୍ୟ; ସାଧୁ ।

ସତ୍କାର, ସତ୍କ୍ରିୟା-ବି. ସମାଦର ।

ସତ୍ତା-ବି. (ସତ୍-ତା) ସ୍ଥିତି; ସାଧୁତା ।

ସତ୍ତ୍ୱ-ବି. (ସତ୍-ତ୍ୱ) ଦୟା ଭକ୍ତି ପ୍ରଭୃତି ସଦ୍‌ଗୁଣ; ପ୍ରାଣୀ; ବଳ; ସାର ।

ସତ୍ୟ-ବିଂ. (ସତ୍-ଯ) ନିତ୍ୟଯଥାର୍ଥ; ବି ଯଥାର୍ଥ କଥା; ପ୍ରତିଜ୍ଞା ।

ସତ୍ୟସନ୍ଧ-ବିଂ. (ସତ୍ୟ-ସନ୍ଧା) ସତ୍ୟ-ପ୍ରତିଜ୍ଞ ।

ସତ୍ର-ବି. ଯଜ୍ଞ; ସଦାବ୍ରତ ।

ସତ୍ୱର-କ୍ରି.ବିଂ. (ସ-ତ୍ୱର) ଶୀଘ୍ର, ଅବିଳମ୍ବେ ।

ସଦନ-ବି. (ସଦ୍-ଅନ) ନିଳୟ, ଗୃହ, ଘର ।

ସଦୟ-ବିଂ. (ସ-ଦୟା) ଦୟାଳୁ ।

ସଦସ୍ୟ-ବିଂ. (ସଦସ୍-ଯ) ସଭାସଦ୍ ।

ସଦା-ଅଂ. (ସ-ଦା) ସର୍ବଦା ।

ସଦାଚାର-ବି. (ସତ୍-ଆଚାର) ଉତ୍ତମ ଆଚାର ।

ସଦା-ଶିବ-ବି. ମହାଦେବ ।

ସଦୃଶ-ବିଂ. (ସ-ଦୃଶ୍-ଅ) ସମାନ, ତୁଲ୍ୟ ।

ସଦ୍ଗତି-ବି. ଉତ୍ତମ ଗତି ।

ସଦ୍ଭାବ-ବି. ସାଧୁଭାବ; ବନ୍ଧୁତା ।

ସଦ୍ମ-ବି. (ସଦ୍-ମନ୍) ଗୃହ, ନିକେତନ ।

ସଦ୍ୟଃ-ଅଂ. (ସ-ଦ୍ୟସ) ବର୍ତ୍ତମାନ ସମୟରେ ।

ସଦ୍ୟୋଜାତ-ବିଂ. (ସଦ୍ୟଃ-ଜାତ) ତତ୍‌କ୍ଷଣେ ଉତ୍ପନ୍ନ ।

ସଦ୍‌ବୃତ୍ତ-ବି. ସଦ୍‌ବ୍ୟବହାର ।

ସଧର୍ମିଣୀ-ବି. (ସ-ଧର୍ମ-ଇନ୍-ଈ) ସହଧର୍ମିଣୀ, [ପତ୍ନୀ ।

ସଧବା-ବି. (ସ-ଧବ) ସଭର୍ତ୍ତୃକା ।

ସନ-ବି. ସାଲ୍ ବର୍ଷ ।

ସନନ୍ଦ-ବି. ପ୍ରମାଣସ୍ୱରୂପ ଲିଖିତ ସମ୍ବାଦ ।

ସନାତନ-ବିଂ. ନିତ୍ୟ, ଚିରସ୍ଥାୟୀ ।

ସନ୍ତକ-ବିଂ ସ୍ୱାକ୍ଷର-ପରିବର୍ତ୍ତେ ଚିହ୍ନବିଶେଷର ଅଙ୍କନ ।

ସନ୍ତତି-ବି. (ସମ୍-ତନ୍-ତି) ସନ୍ତାନ, ପୁତ୍ର ବା [କନ୍ୟା ।

ସନ୍ତପ୍ତ-ବିଂ. (ସମ୍-ତପ୍-ତ) ଉତ୍ତପ୍ତ; ସନ୍ତାପଯୁକ୍ତ; କ୍ଲିଷ୍ଟ ।

ସନ୍ତରଣ-ବି. (ସମ୍-ତୃ-ଅନ) ପହଁରିବା ।

ସନ୍ତର୍ପଣ-ବିଂ. (ସମ୍-ତୃପ୍-ଅନ) ତୃପ୍ତିକର; ବି. ତୃପ୍ତିକରଣ ।

ସନ୍ତସନ୍ତିଆ-ବିଂ. ଓଦା (ଭୂମି) ।

ସନ୍ତାନ-ବି. (ସମ୍-ତନ୍-ଅ) ପୁତ୍ରକନ୍ୟା, ଅପତ୍ୟ ।

ସନ୍ତାପ-ବି. (ସମ୍-ତପ୍-ଅ) ଉତ୍ତାପ; ମନସ୍ତାପ, ଅନ୍ତର୍ଦାହ ।

ସନ୍ତାପିତ-ବିଂ. ସନ୍ତାପ-ଯୁକ୍ତ ।

ସନ୍ତୁଳିବା-କ୍ରି. ହେଙ୍ଗା ତରକାରୀକୁ ଅଳ୍ପ ଭାଜିବା ।

ସନ୍ତୁଷ୍ଟ-ବିଂ. (ସମ୍-ତୁଷ୍-ତ) ସନ୍ତୋଷଯୁକ୍ତ, ତୃପ୍ତ ।

ସନ୍ତୋଷ-ବି. (ସମ୍-ତୁଷ୍-ଅ) ତୃପ୍ତି, ଆହ୍ଲାଦ ।

ସନ୍ଥ-ବିଂ. ସାଧୁ; ବୈରାଗୀ ।

ସନ୍ଦର୍ଭ-ବି. (ସମ୍-ଦୃଭ୍-ଅ) ବସ୍ତୁରପୂର୍ଣ୍ଣ ପ୍ରବନ୍ଧ ।

ସନ୍ଦିଗ୍ଧ-ବିଂ. (ସମ୍-ଦିହ୍-ତ) ସଂଶୟଯୁକ୍ତ ।

ସନ୍ଦିହାନ-ବ.. (ସମ୍-ଦିହ୍-ଆନ) ସଂଶୟଯୁକ୍ତ।

ସନ୍ଦେଶ-ବ. (ସମ୍-ଦିଶ୍-ଅ) ବାର୍ତ୍ତା; ମିଷ୍ଟାନ୍ନ-ବିଶେଷ।

ସନ୍ଦେହ-ବ. (ସମ୍-ଦିହ୍-ଅ) ସଂଶୟ।

ସନ୍ଦୋହ-ବ. ସମୂହ।

ସନ୍ଧା-ବ. (ସମ୍-ଧା-ଅ-ଆ) ପ୍ରତିଜ୍ଞା। [ଜନ।

ସନ୍ଧାନ-ବ. (ସମ-ଧା-ଅନ) ଅନ୍ୱେଷଣ; ସଂଯୋ-

ସନ୍ଧି-ବ. ( ସମ୍-ଧା-ଇ ) ମିଳନ; ମିଳନସ୍ଥାନ; ଦୁଇ ଶବ୍ଦର ମିଳନ।

ସନ୍ଧିତ୍ସୁ-ବଂ. ( ସମ୍-ଧା-ସନ୍-ଉ) ସନ୍ଧି ଚ୍ଛୁ।

ସନ୍ଧେୟ-ବଂ. (ସମ୍-ଧା-ଯ) ସନ୍ଧାନ-ଯୋଗ୍ୟ।

ସନ୍ଧ୍ୟା-ବ. ( ସନ୍ଧି-ଆ, କିମ୍ବା ସମ୍-ଧ୍ୟୈ-ଅ-ଆ ) ଦିବାରାତ୍ରିର ସନ୍ଧିକାଳ; ଧ୍ୟାନ; ଉପାସନା।

ସନ୍ନଦ୍ଧ-ବଂ. (ସମ୍-ନହ୍-ତ) ଅସ୍ତ୍ର-ସଜ୍ଜିତ।

ସନ୍ନିକର୍ଷ-ବ. (ସମ୍-ନି କୃଷ୍-ଅ) ନୈକଟ୍ୟ।

ସନ୍ନିଧାନ } ବ. (ସମ୍-ନି-ଧା-ଅନ,ଇ) ସାମୀପ୍ୟ,
ସନ୍ନିଧି } ନୈକଟ୍ୟ।

ସନ୍ନିପାତ-ବ. ( ସମ୍-ନି-ପତ୍-ଅ ) ବାତ-ପିତ୍ତ-କଫର ମିଳନ।

ସନ୍ନିବିଷ୍ଟ-ବଂ. (ସମ୍-ନି-ବିଶ୍-ତ) ପ୍ରବିଷ୍ଟ।

ସନ୍ନିହିତ-ବଂ. ( ସମ୍-ନି ଧା-ତ ) ନିକଟବର୍ତ୍ତୀ, ସମୀପସ୍ଥ। [ତ୍ୟାଗ।

ସନ୍ନ୍ୟାସ-ବ.(ସମ୍-ନି-ଅସ୍-ଅ)ସଂସାର କାମନା-

ସନ୍ନ୍ୟାସୀ-ବ. ( ସମ୍-ନି-ଅସ୍-ଇନ୍) ତ୍ୟାଗୀ, ବୈରାଗୀ।

ସପକ୍ଷ-ବଂ. ସହାୟ, ଅନୁକୂଳ।

ସପତ୍ନ-ବ. ବୈରୀ, ଶତ୍ରୁ।

ସପତ୍ନୀ-ବ. ସଉତୁଣୀ।

ସପର୍ଯ୍ୟା-ବ. ପୂଜା, ଅର୍ଚ୍ଚନା।

ସ-ପିଣ୍ଡ-ବ. ଜ୍ଞାତି।

ସପ୍ତ-ବଂ. ସାତସଂଖ୍ୟା।

ସପ୍ତକ-ବ. (ସପ୍ତନ୍-କ) ସପ୍ତସଂଖ୍ୟାବିଶିଷ୍ଟ।

ସପ୍ତଚତ୍ୱାରିଂଶତ୍-ବ. ସତଚାଳିଶ।

ସପ୍ତତି-ବଂ. (ସପ୍ତନ୍-ତି) ସତୁରି।

ସପ୍ତଦଶ-ବଂ. (ସପ୍ତନ୍-ଦଶନ୍) ସତର ସଂଖ୍ୟା।

ସପ୍ତ-ପଦୀ-ବ. ହିନ୍ଦୁଙ୍କର ବିବାହକାଳେ ଗନ୍ତବ୍ୟ ସପ୍ତପଦ।

ସପ୍ତମ-ବଂ. ( ସପ୍ତନ୍-ମ ) ସାତର ପୂରଣ।

ସପ୍ତମୀ-ବ. (ସପ୍ତମ-ଈ) ତିଥିବିଶେଷ।

ସପ୍ତର୍ଷି-ବ. (ସପ୍ତନ୍-ଋଷି) ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ ଏହି ସାତଋଷି।

ସପ୍ତସାଗର-ବ. ଲବଣ, ଇକ୍ଷୁ, ସୁରା, ସର୍ପି, ଦଧି, ଦୁଗ୍ଧ, ଜଳ ଏହି ସାତ ପଦାର୍ଥର କଳ୍ପିତ ସାତସମୁଦ୍ର।

ସପ୍ତାହ-ବ. ( ସପ୍ତନ୍-ଅହନ୍) ସାତଦିନ, ହପ୍ତା।

ସଫରୀ-ବ. ମହୁସଲିମାଛ।

ସଫଳ-ବଂ. ( ସ-ଫଳ ) ଫଳବିଶିଷ୍ଟ; ସୁସିଦ୍ଧ।

ସଫା-ବ. (ଫାର୍ସୀ) ନିର୍ମଳ।

ସଭା-ବ. ( ସ-ଭା-କ୍ୱିପ୍-ଆ) ସମାଜ।

ସଭାଜନ-ବ. ( ସଭଜ୍-ଅନ) ଅଭ୍ୟର୍ଥନା।

ସଭା-ସଦ୍-ବ. ସଭ୍ୟ, ସଭାଜନ।

ସଭ୍ୟ–ବିଂ. ( ସଭା-ଯ ) ସାମାଜିକ; ଉନ୍ନତ;
ବି. ସଭାସଦ୍ ।

ସମ୍–ଅଂ. ସମ୍ୟକ୍, ସମୂହ, ମିଳନାଦି ବୋଧକ ।

ସମ–ବିଂ. (ସମ୍-ଅ) ସମାନ; ଯୁଗ୍ମ; ଅବକ୍ରୁର ।

ସମକକ୍ଷ–ବିଂ. ତୁଲ୍ୟ; ପ୍ରତିଯୋଗୀ ।

ସମକ୍ଷ–ବିଂ. (ସମ୍-ଅକ୍ଷି) ସମ୍ମୁଖ; ପ୍ରତ୍ୟକ୍ଷ ।

ସମଗ୍ର–ବିଂ. (ସମ୍-ଗ୍ରହ୍-ଅ) ସମୁଦାୟ, ସମ୍ପୂର୍ଣ୍ଣ ।

ସମଜିବା–କ୍ରି. (ପାର୍ଶୀ) ବୁଝିବା ।

ସମଞ୍ଜସ–ବିଂ. ( ସମ୍-ଅଞ୍ଜସ୍-ଅ ) ଉପଯୁକ୍ତ;
ସଦୃଶ ।

ସମ-ତଳ–ବି. ସମଦେଶ, ସମାନଭୂମି ।

ସମତା–ବି. (ସମ-ତା) ତୁଲ୍ୟତା, ସାଦୃଶ୍ୟ ।

ସମୁଧୀ–ବି. ( ସମ୍ବନ୍ଧୀ-ପଦଜ ) ପୁତ୍ର ଓ କନ୍ୟାର
ଶ୍ୱଶୁର । [ଶାଶୂ ।

ସମୁଧୁଣୀ–ବି. (ସମ୍ବନ୍ଧୀଶବ୍ଦଜ) ପୁତ୍ର ଓ କନ୍ୟାର

ସମଧିକ–ବିଂ. ( ସମ୍-ଅଧିକ ) ବହୁ, ପ୍ରଚୁର,
ଅତ୍ୟଧିକ । [ବୋଧ ।

ସମନ୍ୱୟ–ବି. (ସମ୍-ଅନୁ-ଇ-ଅ) ମିଳନ; ଅବି-

ସମଭିବ୍ୟାହାର–ବି. (ସମ୍-ଅଭି-ବି-ଆ-ହୃ-ଅ)
ସଙ୍ଗ ।

ସମୟ–ବି. (ସମ୍-ଇ-ଅ) କାଳ; ଅବସର ।

ସମର–ବି. (ସମ୍-ଋ-ଅ) ସଂଗ୍ରାମ, ଯୁଦ୍ଧ ।

ସମର୍ଥ–ବିଂ. (ସମ୍-ଅର୍ଥ-ଅ) ବଳବାନ୍; ଯୋଗ୍ୟ ।

ସମର୍ଥନ–ବି. (ସମ୍-ଅର୍ଥ-ଅନ) ଦୃଢ଼ୀକରଣ ।

ସମର୍ପଣ–ବି. (ସମ୍-ଅର୍ପଣ) ଅର୍ପଣ; ସ୍ଥାପନ ।

ସମବାୟ–ବି. (ସମ୍-ଅବ-ଇ-ଅ) ନିତ୍ୟ ସମ୍ବନ୍ଧ;
ସମୂହ ।

ସମବେତ–ବିଂ. (ସମ୍-ଅବ-ଇ-ତ) ମିଳିତ ।

ସମଷ୍ଟି–ବି. (ସମ୍ ଅସ୍-ତି) ସମସ୍ତତା; ଯୋଗଫଳ ।

ସମସ୍ତ–ବିଂ. (ସମ୍-ଅସ୍-ତ) ସମୁଦାୟ ।

ସମସ୍ୟା–ବି. (ସମ୍-ଅସ୍-ଯ-ଆ) ପ୍ରଶ୍ନ ।

ସମାଗମ–ବି. (ସମ୍-ଆଗମ) ମିଳନ ।

ସମାଚାର–ବି. (ସମ-ଆଚାର) ସମ୍ବାଦ ।

ସମାଜ–ବି. (ସମ୍-ଅଜ୍-ଅ) ଦଳ; ସଭା ।

ସମାଦର–ବି. (ସମ୍-ଆଦର) ସମ୍ମାନ ।

ସମାଧା } ବି. (ସମ୍-ଆ-ଧା-ଅ-ଆ, ଅନ) ନିଷ୍ପତ୍ତି,
ସମାଧାନ } ସିଦ୍ଧାନ୍ତ ।

ସମାଧି–ବି. (ସମ୍-ଆ-ଧା-ଇ) ଗଭୀର ଧ୍ୟାନ;
ଭୂଗର୍ଭରେ ମୃତ ଦେହର ନିଧାନ ।

ସମାନ–ବିଂ. (ସ-ମାନ) ତୁଲ୍ୟ, ଏକରୂପ ।

ସମାନ୍ତରାଳ–ବିଂ. ସମଦୂରବର୍ତ୍ତୀ ।

ସମାପନ–ବି. (ସମ୍-ଆପ୍-ଅନ) ସମାପ୍ତି ।

ସମାପିକା–ବିଂ. ସମାପ୍ତି–ବିଧାୟିନୀ ।

ସମାପିତ–ବିଂ. (ସମ୍-ଆପ୍-ଣିଚ୍-ତ) ନିଷ୍ପନ୍ନ ।

ସମାପ୍ତ–ବିଂ. (ସମ୍-ଆପ୍-ତ) ସମ୍ପୂର୍ଣ୍ଣ ।

ସମାପ୍ତି–ବି. (ସମ୍-ଆପ୍-ତି) ଶେଷ ।

ସମାରୋହ–ବି. (ସମ୍-ଆ-ରୁହ୍-ଅ) ଆଡ଼ମ୍ବର ।

ସମାବର୍ତ୍ତନ–ବି. ବ୍ରହ୍ମଚର୍ଯ୍ୟ ପରେ ଗୃହସ୍ଥାଶ୍ରମ-
ପ୍ରବେଶ । [ଏକାଗ୍ରଚିତ୍ତ ।

ସମାବିଷ୍ଟ–ବିଂ. (ସମ୍-ଆ-ବିଶ୍-ତ) ଅଭିନିବିଷ୍ଟ,

ସମାବେଶ–ବି. ( ସମ୍-ଆ-ବିଶ୍-ଅ ) ଏକତ୍ର
ଅବସ୍ଥାନ । [ଏକପଦୀକରଣ ।

ସମାସ–ବି. (ସମ୍-ଅସ୍-ଅ) ସଂକ୍ଷେପ, ବହୁ ପଦର

ସମାହାର-ବି.(ସମ୍-ଆ-ହୃ-ଅ) ମେଳନ; ସଂଗ୍ରହ ।
ସମାହୃତ-ବିଂ. (ସମ୍-ଆ-ହୃ-ତ) ସଂଗୃହୀତ ।
ସମିତି-ବି. (ସମ୍-ଇ-ତି) ସଭା; ସଙ୍ଗ ।
ସମିଧ-ବି. (ସମ୍-ଇନ୍ଧ୍-ଅ) ହୋମକାଷ୍ଠ, ଜାଳିବା କାଠ ।
ସମୀକ୍ଷ୍ୟକାରୀ-ବିଂ. ( ସମ୍-ଈକ୍ଷ୍-ଯ-କୃ-ଇନ ) ସୁବିବେଚନାପୂର୍ବକ କାର୍ଯ୍ୟ-କର୍ତ୍ତା ।
ସମୀଚୀନ-ବିଂ. (ସମ୍-ଅଞ୍ଚ୍-ଈନ) ଉତ୍ତମ; ଯଥାର୍ଥ ।
ସମୀପ-ବିଂ. (ସମ୍-ଅପ୍-ଅ) ସନ୍ନିହିତ, ନିକଟ ।
ସମୀର, ସମୀରଣ-ବି. (ସମ୍-ଈର୍-ଅ, ଅନ) ବାୟୁ ।
ସମୀରିତ-ବିଂ. (ସମ୍-ଈର୍-ତ) ଉଚ୍ଚାରିତ ।
ସମୁଚିତ-ବିଂ. (ସମ୍-ଉଚିତ) ସୁବିହିତ ।
ସମୁଚ୍ଚୟ-ବି. (ସମ୍-ଉତ୍-ଚି-ଅ) ସମୂହ ।
ସମୁଦୟ, ସମୁଦାୟ-ବିଂ. (ସମ୍-ଉତ୍-ଇ-ଅ)
ସମୁଦ୍ର-ବି. ସାଗର । [ସକଳ ।
ସମୂଳକ-ବିଂ. (ସ-ମୂଳ-କ) ସହେତୁକ ।
ସମୂହ-ବି. (ସମ୍-ଊହ୍-ଅ) ଗଣ, ସଙ୍ଘ ।
ସମୃଦ୍ଧି-ବି. (ସମ୍-ଋଧ୍-ତି) ଐଶ୍ୱର୍ଯ୍ୟ ।
ସମେତ-ବିଂ. (ସମ୍-ଆ-ଇ-ତ) ସଂଯୁକ୍ତ ।
ସମ୍ପତ୍ତି, ସମ୍ପଦ-ବି. (ସମ୍-ପଦ-ତି,-କ୍ୱିପ୍) ଧନ ।
ସମ୍ପନ୍ନ-ବିଂ. (ସମ୍-ପଦ୍-ତ) ଯୁକ୍ତ; ନିଷ୍ପନ୍ନ ।
ସମ୍ପର୍କ-ବି. (ସମ୍-ପୃଚ୍-ଅ) ସମ୍ବନ୍ଧ ।
ସମ୍ପା-ବି. ବିଦ୍ୟୁତ ।
ସମ୍ପାତ-ବି. (ସମ୍-ପତ୍-ଅ) ପତନ ।
ସମ୍ପାଦକ-ବିଂ. (ସମ୍-ପଦ୍-ଣିଚ୍-ଅକ) କାର୍ଯ୍ୟ-ନିର୍ବାହକ ।

ସମ୍ପାଦନ-ବି. (ସମ୍-ପଦ୍ ଣିଚ୍ ଅନ). ନିର୍ବାହ;
ସମ୍ପାଦିତ-ବିଂ. ନିର୍ବାହିତ । [ସାଧନ ।
ସମ୍ପାଦିବା-କ୍ରି. ଯତ୍ନପୂର୍ବକ ରଖିବା ।
ସମ୍ପାଦ୍ୟ-ବିଂ. (ସମ୍ ପଦ୍-ଣିଚ୍-ଯ) ସାଧ୍ୟ; କର-
ସମ୍ପୁଟକ-ବି. ଫରୁଆ । [ଣୀୟ ।
ସମ୍ପୂର୍ଣ୍ଣ-ବିଂ. (ସମ୍-ପୃ-ତ) ପରିପୂର୍ଣ୍ଣ; ସମଗ୍ର ।
ସମ୍ପୃକ୍ତ-ବିଂ.(ସମ୍-ପୃଚ୍-ତ) ସମ୍ବନ୍ଧ ଘଟିତ; ମିଳିତ ।
ସମ୍ପ୍ରତି-ଅଂ. ଅଧୁନା, ଏବେ ।
ସମ୍ପ୍ରଦାନ-ବି. (ସମ-ପ୍ର-ଦା-ଅନ) ଦାନ; କନ୍ୟା-ଦାନ । [ଦଳ ।
ସମ୍ପ୍ରଦାୟ-ବି. (ସମ୍-ପ୍ର-ଦା-ଅ) ଧର୍ମ-ସମାଜ,
ସମ୍ପ୍ରୀତି-ବି. (ସମ୍-ପ୍ରୀତି) ସମ୍ୟକ୍ ପ୍ରଣୟ ।
ସମ୍ବଦ୍ଧ-ବିଂ. (ସମ୍-ବନ୍ଧ୍-ତ) ସମ୍ବନ୍ଧଯୁକ୍ତ; ମିଳିତ ।
ସମ୍ବନ୍ଧ-ବି. (ସମ୍-ବନ୍ଧ୍-ଅ) ସମ୍ପର୍କ; କୁଟୁମ୍ବିତା ।
ସମ୍ବରଣ-ବି. ( ସମ୍-ବୃ-ଅନ ) ସଙ୍ଗୋପନ;
ସମ୍ବରାରି-ବି. କନ୍ଦର୍ପ । [ଦମନ ।
ସମ୍ବଳ-ବି. ପଥ-ଖରଚ; ସର୍ବସ୍ୱ ।
ସମ୍ବୋଧନ-ବି. (ସମ୍-ବୁଧ୍-ଅନ) ଆହ୍ୱାନ ।
ସମ୍ଭବ-ବି. ( ସମ୍-ଭୂ-ଅ ) ଜନ୍ମ; ସମ୍ଭାବନା; ବିଂ. ସମ୍ଭବ-ପର ।
ସମ୍ଭାର-ବି. (ସମ୍-ଭୃ-ଅ) ସଞ୍ଚି; ସଂଗ୍ରହ ।
ସମ୍ଭାଳିବା-କ୍ରି. ସମାଳିବା, ଆୟତ୍ତ କରିବା ।
ସମ୍ଭାବନା-ବି.(ସମ୍-ଭୂ-ଣିଚ୍-ଅନ-ଆ) ହେବାର ଯୋଗ୍ୟତା; ପୂଜା ।
ସମ୍ଭାବ୍ୟ-ବିଂ. ( ସମ୍-ଭୂ-ଣିଚ୍-ଯ ) ହେବା ଯୋଗ୍ୟ; ପ୍ରଶଂସ୍ୟ ।

ସମ୍ଭାଷଣ-ବି. (ସମ୍-ଭାଷ୍-ଅନ) ଆଳାପ; ଉକ୍ତି ।

ସମ୍ଭୂତ-ବିଂ. (ସମ୍-ଭୂ-ତ) ଉତ୍ପନ୍ନ, ଜାତ ।

ସମ୍ଭୃତ-ବିଂ. (ସମ୍-ଭୃ-ତ) ସଞ୍ଚିତ ; ପାଳିତ ।

ସମ୍ଭୋଗ-ବି, (ସମ୍-ଭୋଗ) ଉପଭୋଗ; ସୁଖ ଭୁଞ୍ଜିବା । [ବ୍ୟସ୍ତତା ।

ସମ୍ଭ୍ରମ-ବି. (ସମ୍-ଭ୍ରମ୍-ଅ) ସମ୍ମାନ; ଭୟ-ଜନିତ

ସମ୍ଭ୍ରାନ୍ତ-ବିଂ. (ସମ୍-ଭ୍ରମ୍-ତ) ମାନନୀୟ; ଭୟ-ବ୍ୟସ୍ତ ।

ସମ୍ମତ-ବିଂ. (ସମ୍-ମନ୍-ତ) ରାଜି, ସ୍ୱୀକୃତ ।

ସମ୍ମତି-ବି. ( ସମ୍-ମନ୍-ତି ) ଅନୁକୂଳ ମତ ; ସ୍ୱୀକାର ।

ସମ୍ମାନ-ବି. (ସମ୍-ମାନ୍-ଅ) ସମାଦର ।

ସମ୍ମାନିତ-ବିଂ. ସମାଦୃତ ।

ସମ୍ମିଳନ-ବି. (ସମ୍-ମିଲ୍-ଅନ) ମିଳନ ।

ସମ୍ମୁଖ-ବିଂ. ଅଭିମୁଖ, ସମକ୍ଷ ।

ସମ୍ମୁଖୀନ-ବିଂ. (ସମ୍ମୁଖ-ଈନ) ସମ୍ମୁଖବର୍ତ୍ତୀ ।

ସମ୍ୟକ୍-ଅଂ. ଉତ୍ତମରୂପେ ।

ସମ୍ରାଟ୍-ବି. (ସମ୍-ରାଜ୍-କ୍ୱିପ) ରାଜାଧିରାଜ ।

ସର-ବି. (ସୃ-ଅ) ଦୁଗ୍ଧ ଦଧିର ସାର; ତୀର ; ସରୋବର ।

ସରଃ-ବି. ( ସୃ-ଅସ୍ ) ପୁଷ୍କରିଣୀ ।

ସରଘା-ବି. ମହୁମାଛି ।

ସରଣୀ-ବି. (ସୃ-ଅନ-ଈ) ପଥ ।

ସରଦାର-ବି. ( ପାର୍ଶୀ ) ପ୍ରଧାନ ।

ସର-ପୁଳି-ବି. ପିଷ୍ଟକବିଶେଷ ।

ସରମ-ବି. ଲଜ୍ଜା ।

ସରଳ-ବିଂ. ( ସୃ-ଅଳ ) ସିଧା ; ଅକପଟ ; ବି. ବୃକ୍ଷବିଶେଷ ।

ସ-ରସ-ବିଂ. ରସ-ଯୁକ୍ତ ; ମଧୁର ।

ସରସୀ-ବି. ( ସୃ-ଅସ-ଈ ) ସରୋବର ।

ସରସ୍ୱତୀ-ବି. ( ସରସ୍-ବତୁ-ଈ ) ବାଗ୍ଦେବୀ ; ବାଣୀ ।

ସରାଇ-ବି. ( ପାର୍ଶୀ ) ପାନ୍ଥଶାଳା ।

ସରାବ-ବି. ସୁରା, ମୃତ୍ପାତ୍ର ବିଶେଷ ।

ସରି-ବିଂ. (ସଂଦୃଶଶବ୍ଦଜ)ତୁଲ୍ୟ ।

ସରିକି-ଅଂ. ପର୍ଯ୍ୟନ୍ତ ।

ସରିତ୍-ବି. ( ସୃ-ଇତ୍ ) ନଦୀ ।

ସରୀସୃପ-ବି. (ସୃପ୍-ଯଙ୍-ଅ) ଯେଉଁ ପ୍ରାଣୀ ବକ୍ଷ ଦ୍ୱାରା ଘୁସୁରି ଚାଲନ୍ତି, ସର୍ପାଦି ।

ସରୁ-ବିଂ. (ସୃ-ଉ) ପତଳା; ସୂକ୍ଷ୍ମ ।

ସ-ରୂପ-ବିଂ. ତୁଲ୍ୟ ।

ସରୋଜ-ବି. (ସରଃ-ଜନ୍-ଅ) ପଦ୍ମ ।

ସରୋଜିନୀ-ବି. ପଦ୍ମ-ବହୁଳ ପୁଷ୍କରିଣୀ ।

ସରୋବର-ବି. (ସରଃ-ବର) ପୁଷ୍କରିଣୀ ।

ସର୍ଗ-ବି. ( ସୃଜ୍-ଅ ) ସୃଷ୍ଟି, ଅଧ୍ୟାୟ ।

ସର୍ଜ୍ଜ-ବି. ଶାଳଗଛ ।

ସର୍ଜ୍ଜନ-ବି. ( ସୃଜ୍-ଅନ ) ସୃଷ୍ଟି ।

ସର୍ପ-ବି. ( ସୃପ୍-ଅ ) ସାପ ।

ସର୍ପଣ-ବି. ( ସୃପ୍-ଅନ ) ଗମନ ।

ସର୍ବ-ବିଂ. ସକଳ ।

ସର୍ବଂସହା-ବି. ପୃଥିବୀ ।

ସର୍ବଜ୍ଞ-ବିଂ. ସକଳବିଷୟ-ଜ୍ଞାତା ।

ସର୍ବତୋଭାବେ-କ୍ରି. ବି. ( ସର୍ବ-ତସ୍-ଭାବେ ) ସକଳପ୍ରକାରେ ।

ସର୍ବତ୍ର-ଅ. ସବୁ ସ୍ଥାନରେ ।

ସର୍ବଥା-ଅ. ସର୍ବପ୍ରକାରେ ।

ସର୍ବଦା-ଅ. ସଦା, ସର୍ବସମୟରେ ।

ସର୍ବନାମ-ବି. ବ୍ୟାକରଣରେ ବିଶେଷ୍ୟ ପଦ-ବର୍ତ୍ତରେ ବ୍ୟବହୃତ ପଦ ।

ସର୍ବସ୍ୱ-ବି. ସକଳ ସମ୍ପତ୍ତି ।

ସର୍ଷପ-ବି. ସୋରିଷ ।

ସଳଖ-ବି. ସିଧା ।

ସଲିଳ-ବି. ଜଳ ।

ସବନ-ବି. (ସୁ-ଅନ) ଯଜ୍ଞ; ସବିତା, ସୂର୍ଯ୍ୟ ।

ସବର୍ଣ୍ଣ-ବି. ସମାନ-ଜାତି ।

ସବଳ-ବି. ବଳବାନ୍ ।

ସବିତା-ବି. ( ସୁ-ତୃ ) ସୂର୍ଯ୍ୟ ; ବି. ଜନୟିତା ।

ସବୁ-ବି. (ସର୍ବଶବ୍ଦଜ) ସମସ୍ତ ।

ସବ୍ୟ-ବି. ବାମ ।

ସବ୍ୟସାଚୀ-ବି. (ସବ୍ୟ-ସଚ୍-ଇନ୍) ବାମହସ୍ତରେ ବାଣ-କ୍ଷେପକ; ଅର୍ଜ୍ଜୁନ ।

ସଶଙ୍କ-ବି. (ସ-ଶଙ୍କା) ଶଙ୍କାଯୁକ୍ତ, ଭୀତ ।

ସସତ୍ତ୍ୱା-ବି. (ସ-ସତ୍ତ୍ୱ-ଆ) ସତ୍ତ୍ୱସହିତା; ଗର୍ଭ-

ସ-ସ୍ତ୍ରୀକ-ବି. ପତ୍ନୀ-ସହିତ । [ବତୀ ।

ସହ-ଅ. ସହିତଭାବବୋଧକ; ବି. ସହିଷ୍ଣୁ ।

ସହକାର-ବି. ସୁଗନ୍ଧ ଅମ୍ରବୃକ୍ଷ । [କାରିଣୀ ।

ସହ-କାରୀ-ବି. ସାହାଯ୍ୟକାରୀ; ସ୍ତ୍ରୀ. ସହ-

ସହ-ଚର-ବି. ସଙ୍ଗୀ; ସ୍ତ୍ରୀ. ସହଚରୀ ।

ସହଜ-ବି. ( ସହ-ଜନ୍-ଅ ) ସହଜାତ; ଅନା

ସହନ-ବି. (ସହ୍-ଅନ) ସହିବା । [ୟାସସାଧ୍ୟ ।

ସହନୀୟ-ବି. (ସହ୍-ଅନୀୟ) ସହନଯୋଗ୍ୟ ।

ସହ-ମରଣ-ବି. ମୃତପତି-ସହମରଣ ।

ସହଯୋଗୀ-ବି. ସଙ୍ଗେ ଯୋଗକାରୀ ।

ସହ-ବାସ-ବି. ସଙ୍ଗ, ସଂସର୍ଗ ।

ସହସା-ଅ. ହଠାତ୍ ।

ସହସ୍ୟ-ବି. ପୌଷମାସ ।

ସହସ୍ର-ବି. ଦଶଶତ ସଂଖ୍ୟା ।

ସହସ୍ରାଂଶୁ-ବି. (ସହସ୍ର-ଅଂଶୁ) ସୂର୍ଯ୍ୟ [ପାଠୀ ।

ସହାଧ୍ୟାୟୀ-ବି. ( ସହ-ଅଧି-ଇ-ଇନ ) ସହ-

ସହାନୁଭୂତି-ବି. ( ସହ-ଅନୁ-ଭୂ-ତି ) ଅନ୍ୟର ସୁଖଦୁଃଖରେ ତାଦୃଶ ଅନୁଭବ ।

ସହାୟ-ବି. (ସହ-ଇ-ଅ) ସାହାଯ୍ୟକାରୀ ।

ସହିତ-ବି. ସଂଯୁକ୍ତ ।

ସ-ହିତ-ବି. ହିତଯୁକ୍ତ ।

ସହିଷ୍ଣୁ-ବି. ( ସହ-ଇଷ୍ଣୁ ) ସହନଶୀଳ ।

ସହୃଦୟ-ବି. ଉଦାର-ଚିତ୍ତ ।

ସହୋଦର, ସୋଦର-ବି.(ସହ, ସ-ଉଦର) ଏକମାତ୍ର ଗର୍ଭଜାତ । ସ୍ତ୍ରୀ. ସହୋଦରା ।

ସହ୍ୟ-ବି. (ସହ-ଯ) ସହନୀୟ ।

ସାଂବତ୍ସରିକ-ବି.(ସଂବତ୍ସର-ଇକ)ବାର୍ଷିକ ।

ସାଂସାରିକ-ବି. ( ସଂସାର-ଇକ ) ସଂସାର-

ସାକଲ୍ୟ-ବି. (ସକଳ-ଯ) ସମଷ୍ଟି । [ସମ୍ବନ୍ଧୀୟ ।

ସାକାର-ବି. (ସ-ଆକାର) ଆକୃତି-ବିଶିଷ୍ଟ ।

ସାକାର-ପୂଜା-ବି. ନିରାକାର ଈଶ୍ୱରଙ୍କର ଆକାରକଳ୍ପନାପୂର୍ବକ ପ୍ରତିମା-ପୂଜା ।

ସାକେତ–ବ. ଅଯୋଧ୍ୟା ନଗର ।

ସାକ୍ଷାତ–ବ. ସମ୍ମୁଖ ।                [ରୂପେ ।

ସାକ୍ଷାତ୍–ଅ. ( ସ-ଅକ୍ଷି-ଅତ୍ କ୍ବିପ୍ ) ପ୍ରତ୍ୟକ୍ଷ-

ସାକ୍ଷାତ୍କାର–ବ. ଦେଖା କରିବା ।

ସାକ୍ଷୀ–ବ. (ସ-ଅକ୍ଷି-ଇନ୍) ସାକ୍ଷାତ୍‌ଦ୍ରଷ୍ଟା ।

ସାକ୍ଷ୍ୟ–ବ.(ସାକ୍ଷିନ୍-ଯ)ସାକ୍ଷୀର କର୍ମ ବା ବକ୍ତବ୍ୟ ।

ସାଗର–ବ. ସମୁଦ୍ର ।                [ସୂଚକ ।

ସାଙ୍କେତିକ–ବ. (ସଂକେତ-ଇକ) ସଙ୍କେତ-

ସାଙ୍ଖ୍ୟ–ବ. (ସଂଖ୍ୟା-ଯ) ଦର୍ଶନଶାସ୍ତ୍ରବିଶେଷ ।

ସାଙ୍ଗ–ବ. (ସ-ଅଙ୍ଗ) ସଂପୂର୍ଣ୍ଣ ।

ସାଙ୍ଘାତିକ–ବ. (ସଙ୍ଘାତ-ଇକ) ମାରାତ୍ମକ ।

ସାଟୋପ–ବ. (ସ-ଅଟୋପ) ସାଡ଼ମ୍ବର; ସଗର୍ବ

ସାତିଶୟ–ବ. (ସ-ଅତିଶୟ) ଅତ୍ୟନ୍ତ ।

ସାତ୍ତ୍ୱିକ–ବ.(ସତ୍ତ୍ୱ-ଇକ) ସତ୍ତ୍ୱଗୁଣଯୁକ୍ତ; ପବିତ୍ର ।

ସାଦରେ–କ୍ରି. ବି. ଆଦରସହିତ ।

ସାଦୀ–ବ. (ସଦ୍-ଇନ୍) ଅଶ୍ୱାରୋହୀ; ଗଜାରୋହୀ ।

ସାଦୃଶ୍ୟ–ବ. (ସଦୃଶ-ଯ) ତୁଲ୍ୟତା ।

ସାଧକ–ବ. (ସାଧ୍-ଅକ) ସାଧନକର୍ତ୍ତା ।

ସାଧନ, ସାଧନା–ବ. ସମ୍ପାଦନ ; ଆରାଧନା;
  ଉପାୟ ।                [ନୀୟ ।

ସାଧାରଣ–ବ. ସାମାନ୍ୟ ; ଅଧିକାଂଶ–ସମ୍ବ-

ସାଧିତ–ବ. ନିଷ୍ପାଦିତ; ପ୍ରମାଣଦ୍ୱାରା ନିରୂପିତ ।

ସାଧୁ–ବ. ( ସାଧ୍-ଉ ) ସତ୍; ଧାର୍ମିକ; ଭଲ;

ସାଧୁ-ବାଦ–ବ. ପ୍ରଶଂସା ।                [ବି. ବଣିକ୍ ।

ସାଧ୍ୟ–ବ.(ସାଧ୍ ଯ) ସାଧନୀୟ; ନିଷ୍ପାଦ୍ୟ; ଶକ୍ୟ ।

ସାଧ୍ୱସ–ବ. ଭୟ ।

ସାଧ୍ୱୀ–ବ. (ସାଧୁ-ଈ) ସାଧୁଶୀଳା; ସତୀ ।

ସାନୁ–ବ. ପର୍ବତ–ପୃଷ୍ଠ ; ପର୍ବତର ଉପରିସ୍ଥ
  ସମାନ ଭୂମି ।

ସାନୁନୟ–ବ. (ସ-ଅନୁନୟ) ସବିନୟ ।

ସାନ୍ତ–ବ. (ସ-ଅନ୍ତ) ସସୀମ ।        [ପ୍ରବୋଧ ।

ସାନ୍ତ୍ୱନ, ସାନ୍ତ୍ୱନା–ବ.(ସାନ୍ତ୍ୱ-ଅନ,ଆ) ଆଶ୍ୱାସ,

ସାନ୍ଦ୍ର–ବ. ନିବିଡ଼, ଘନ ।

ସାନ୍ଧ୍ୟ–ବ. (ସନ୍ଧ୍ୟା-ଯ) ସନ୍ଧ୍ୟାକାଳୀନ ।

ସାନ୍ନିଧ୍ୟ–ବ. (ସନ୍ନିଧି-ଯ) ନୈକଟ୍ୟ ।

ସାନ୍ନିପାତିକ–ବ. ସନ୍ନିପାତ ସମ୍ବନ୍ଧୀୟ ।

ସାପେକ୍ଷ–ବ. (ସ-ଅପେକ୍ଷା) ଅପେକ୍ଷାଯୁକ୍ତ ।

ସାଫଲ୍ୟ–ବ. (ସଫଲ-ଯ) ସଫଳତା, ସିଦ୍ଧି ।

ସାମ–ବ. ବେଦବିଶେଷ; ସନ୍ଧି ।

ସାମଞ୍ଜସ୍ୟ–ବ. (ସମଞ୍ଜସ-ଯ) ମେଳ ।

ସାମନ୍ତ–ବ. ଅଧୀନ ଭୂପତି; ଶ୍ରେଷ୍ଠ ଲୋକ ।

ସାମୟିକ–ବ. (ସମୟ-ଇକ) ସମୟାନୁସାରି ।

ସାମରିକ–ବ. ସମର–ସମ୍ବନ୍ଧୀୟ ।

ସାମର୍ଥ୍ୟ–ବ. (ସମର୍ଥ–ଯ) ବଳ, ଶକ୍ତି ।

ସାମାଜିକ–ବ. ( ସମାଜ–ଇକ ) ସମାଜସମ୍ବ-
  ନ୍ଧୀୟ; ସଭ୍ୟଭବ୍ୟ ।

ସାମାନ୍ୟ–ବ. (ସମାନ-ଯ) ସାଧାରଣ ।

ସାମୀପ୍ୟ–ବ. (ସମୀପ-ଯ) ନୈକଟ୍ୟ ।

ସାମ୍ୟ–ବ. (ସମ–ଯ) ସମତା, ତୁଲ୍ୟତା ।

ସାମ୍ରାଜ୍ୟ–ବ. ( ସମ୍ରାଜ–ଯ ) ସାର୍ବଭୌମତ୍ୱ;
  ସମ୍ରାଟର ଅଧୀନ ବିସ୍ତୃତ ରାଜ୍ୟ ।

ସାୟଂକାଳ-ବି. ସନ୍ଧ୍ୟାକାଳ ।
ସାୟନ୍ତନ-ବିଂ. ସନ୍ଧ୍ୟାକାଳୀନ ।
ସାୟାହ୍ନ-ବି. (ସାୟ୍-ଅହନ୍) ସନ୍ଧ୍ୟାକାଳ ।
ସାଯୁଜ୍ୟ-ବି. ( ସ-ଯୁଜ୍-ଯ ) ସହଯୋଗ; ଏକତ୍ୱ । [ବିଂ. ଉତ୍କୃଷ୍ଟ ।
ସାର-ବି. ( ସୃ-ଅ ) ଶ୍ରେଷ୍ଠ ଅଂଶ; ମଜ୍ଜା;
ସାରକ-ବିଂ. (ସୃ-ଣିଚ୍-ଅକ) ରେଚକ ।
ସାରଙ୍ଗ-ବି. ମୃଗ; ଚାତକ; ଧନୁ ।
ସାରଥି-ବି. ( ସୃ-ଣିଚ୍-ଅଥିନ୍ ) ରଥ-ଚାଳକ ।
ସାରଥ୍ୟ-ବି. ସାରଥିର କର୍ମ ।
ସାର-ଦା-ବି. ସରସ୍ୱତୀ, ବାଗ୍‌ଦେବୀ ।
ସାରମେୟ-ବି. କୁକୁର; ସ୍ତ୍ରୀ. ସାରମେୟୀ ।
ସାରଲ୍ୟ-ବି. (ସରଳ-ଯ) ସରଳତା ।
ସାରବତ୍ତା-ବି. (ସାର-ବତ୍-ତା) ସାର-ପୂର୍ଣ୍ଣ-ତା, ଉତ୍କୃଷ୍ଟତା । [ବିଶେଷ; ପଦ୍ମ ।
ସାରସ-ବି. (ସରସ୍-ଅ) ଜଳଚର ବୃହତ୍ ପକ୍ଷୀ-
ସାରସ୍ୱତ-ବିଂ. (ସରସ୍ୱତୀ-ଅ) ସରସ୍ୱତୀ-ସମ୍ବନ୍ଧୀୟ; ବିଦ୍ୟା-ସମ୍ବନ୍ଧୀୟ; ସରସ୍ୱତୀ-ନଦୀ-ସମ୍ପର୍କୀୟ ।
ସାରି-ବି. ମଇନାପକ୍ଷୀ ।
ସାର୍ଥକ-ବିଂ. (ସ-ଅର୍ଥ-କ) ଅର୍ଥଯୁକ୍ତ; ସଫଳ ।
ସାର୍ଥକତା-ସମ୍ପାଦନ-ବି. ସାଫଲ୍ୟ-ସାଧନ ।
ସାର୍ଥକ-ନାମା-ବିଂ. ସତ୍‌କାର୍ଯ୍ୟଦ୍ୱାରା ପ୍ରଥିତ-
ସାର୍ଦ୍ଧ-ବିଂ. ଅର୍ଦ୍ଧସହିତ । [ନାମା ।
ସାର୍ବଜନୀନ-ବିଂ. (ସର୍ବଜନ-ଈନ) ସାର୍ବଲୌକିକ; ସର୍ବଜନ-ସମ୍ବନ୍ଧୀୟ ।
ସାର୍ବଭୌମ-ବି. (ସର୍ବଭୂମି-ଅ) ରାଜଚକ୍ରବର୍ତ୍ତୀ ।

ସାଲୋକ୍ୟ-ବି. (ସ-ଲୋକ-ଯ) ସମାନଲୋକରେ ବାସ । [ମନୋଯୋଗୀ ।
ସାବଧାନ-ବିଂ. ( ସ-ଅବ-ଧା-ଅନ ) ସତର୍କ;
ସାବନ-ବିଂ. (ସବନ-ଅ) ଯଜ୍ଞସମ୍ବନ୍ଧୀୟ; ସୂର୍ଯ୍ୟ-ସମ୍ବନ୍ଧୀୟ । [ସତୀ ।
ସାବିତ୍ରୀ-ବି. ଗାୟତ୍ରୀ; ପୁରାଣ କଥିତା ମହା-
ସାସ୍ରୁ-ବିଂ. ( ସ-ଅସ୍ରୁ ) ଅଶ୍ରୁ-ଯୁକ୍ତ । [ଯୁତା ।
ସାହଚର୍ଯ୍ୟ-ବି. ( ସହଚର-ଯ ) ସଙ୍ଗ; ସହା-
ସାହସ-ବି. (ସହସ୍-ଅ) ଉତ୍ସାହ; ନିର୍ଭୟଭାବ ।
ସାହସିକ, ସାହସୀ-ବିଂ. ସାହସପୂର୍ବକ କର୍ମକାରୀ । [କୂଳ ।
ସାହାଯ୍ୟ-ବି. (ସହାୟ-ଯ) ସହାୟତା; ଅନୁ-
ସାହିତ୍ୟ-ବି. (ସହିତ-ଯ) ସଂଯୋଗ; ବାଙ୍ମୟ ଶାସ୍ତ୍ର ସମୁଦାୟ । [ପ୍ରଣେତା ।
ସାହିତ୍ୟକ-ବି. ସାହିତ୍ୟ-ସେବକ; ବାଙ୍ମୟସନ୍ଦର୍ଭ-
ସିଁଇବା-କ୍ରି. (ସୀବ୍‌ଧାତୁରୁ) ସୂଚିଦ୍ୱାରା କର୍ମ କରିବା । [ସ୍ତ୍ରୀ. ସିଂହୀ ।
ସିଂହ-ବି. ( ହିନ୍‌ସ୍-ଅ ) କେଶରୀ, ମୃଗରାଜ;
ସିଂହଳ-ବି. ଲଙ୍କା । [ଦୁର୍ଗା ।
ସିଂହ-ବାହିନୀ-ବି. ସିଂହରୂପ ବାହନ-ଯୁକ୍ତା,
ସିଂହାସନ-ବି. ସିଂହ-ଚିହ୍ନିତ ଆସନ, ରାଜାସନ ।
ସିକତା-ବି. ବାଲୁକା ।
ସିକତିଲ-ବିଂ. ସିକତାମୟ ।
ସିକ୍ତ-ବିଂ. (ସିଚ୍-ତ) ଆର୍ଦ୍ରୀକୃତ ।
ସିକ୍ଥ-ବି. ମହମ; ସିଠା ।
ସିଞ୍ଚନ-ବି. (ସିଚ୍-ଅନ) ଜଳସେଚନ ।

ସିଠା-ବି. (ଶିକ୍ଥଶବ୍ଦଜ) ଅସାର ଅଂଶ ।
ସିତ ବିଂ. ଶୁକ୍ଲ ।
ସିତା-ବି. ଶର୍କରା ।
ସିତାଂଶୁ-ବି. (ସିତ-ଅଂଶୁ) ଚନ୍ଦ୍ର ।
ସିତାର-ବି. ତନ୍ତ୍ରୀଯୁକ୍ତ ବାଦ୍ୟ-ଯନ୍ତ୍ର ।
ସିଦ୍ଧ-ବିଂ. (ସିଧ୍-ତ) ଫଳିତ; ମୁକ୍ତ; ସାଧ୍ୟ ସମ୍ପନ୍ନ ।
ସିଦ୍ଧାନ୍ତ-ବି. (ସିଦ୍ଧ-ଅନ୍ତ) ମୀମାଂସା ।
ସିଦ୍ଧାର୍ଥ-ବିଂ. ସିଦ୍ଧମନୋରଥ; ବି. ବୁଦ୍ଧଦେବ ।
ସିଦ୍ଧି-ବି. ସଫଳତା; ଜୟଲାଭ ।
ସିଧା-ବିଂ. ସଳଖ ।
ସିନ୍ଦୁକ-ବି. କାଷ୍ଠମଞ୍ଜୁଷା ।
ସିନ୍ଦୂର-ବି. ସୀସକ-ଘଟିତ ରକ୍ତବର୍ଣ୍ଣ ଚୂର୍ଣ୍ଣ ।
ସିନ୍ଧି-ବି. ଘର କାନ୍ଥରେ ଚୋର-ନିର୍ମିତ ଗର୍ତ୍ତ ।
ସିନ୍ଧୁ-ବି. ସମୁଦ୍ର; ନଦବିଶେଷ; ଦେଶବିଶେଷ ।
ସିନ୍ଧୁ-ସୁତା-ବି. ଲକ୍ଷ୍ମୀ ।
ସିପାହି-ବି. ସୈନିକ ।   [ଇଚ୍ଛା ।
ସିସୃକ୍ଷା-ବି. ( ସୃଜ-ସନ୍-ଅ-ଆ ) ସୃଷ୍ଟି କରିବାର
ସୀତା-ବି. ଲାଙ୍ଗଲପଦ୍ଧତି; ଜାନକୀ ।
ସୀଧୁ ବି. ମଦ୍ୟ ।
ସୀମନ୍ତ-ବି. ସନ୍ଥା; କେଶବୀଥୀ ।
ସୀମନ୍ତିନୀ-ବି. (ସୀମନ୍ତ-ଇନ୍-ଈ) ନାରୀ ।
ସୀମା-ବି. ଅବଧି, ଅନ୍ତ ।
ସୀମାନ୍ତ-ବି. (ସୀମା-ଅନ୍ତ) ଶେଷ ସୀମା ।
ସୀମାବଦ୍ଧ-ବିଂ. ସୀମାବିଶିଷ୍ଟ ।
ସୀବନ-ବି. (ସିବ୍-ଅନ) ସୂଚୀକର୍ମ ।
ସୀସକ-ବି. ସୀସା, ଧାତୁ-ବିଶେଷ ।

ସୁ-ଅ. ଉତ୍ତମ; ଅତିଶୟ; ଅନାୟାସ ।
ସୁଆଗ-ବି. ( ସୁଭଗଶବ୍ଦରୁ ) ଅତ୍ୟନ୍ତ ସ୍ନେହା-
ସୁ-କର-ବିଂ. ( ସୁ-କୃ-ଅ) ସୁସାଧ୍ୟ ।   [ଦର ।
ସୁ-କୁମାର-ବିଂ. ଅତିକୋମଳ ।
ସୁ-କୁମାରୀ-ବିଂ. ଅତିକୋମଳା ।
ସୁ-କୃତ-ବି. ପୁଣ୍ୟ; ଧର୍ମକାର୍ଯ୍ୟ ।
ସୁ-କୃତି-ବି. ସତ୍କର୍ମ ।   [ଭାଗ୍ୟବାନ୍ ।
ସୁ-କୃତୀ-ବିଂ. ( ସୁ-କୃତ-ଇନ୍ ) ପୁଣ୍ୟବାନ୍,
ସୁଖ-ବି. ଆନନ୍ଦ, ହର୍ଷ ।
ସୁଖୀ-ବିଂ. (ସୁଖ-ଇନ) ସୁଖଯୁକ୍ତ, ଆନନ୍ଦିତ ।
ସୁଗତ-ବି. ବୁଦ୍ଧଦେବ ।   [ବିଶିଷ୍ଟ ।
ସୁ-ଗନ୍ଧ-ବି. ଉତ୍ତମ ଗନ୍ଧ ; ବିଂ. ଉତ୍ତମଗନ୍ଧ-
ସୁ-ଗନ୍ଧି ବି. ସୁରଭି ।
ସୁ-ଗମ-ବିଂ. ଅନାୟାସଲଭ୍ୟ ; ସହଜ ।
ସୁ-ଚାରୁ-ବିଂ. ଅତିସୁନ୍ଦର ।
ସୁ-ଚିର-ବି-. ଦୀର୍ଘକାଳସ୍ଥାୟୀ ।
ସୁ-ଜନ-ବି. ସତ୍‌ଜନ ।
ସୁଝିବା-କ୍ରି. (ଶୁଧ୍ଧାତୁରୁ) ପରିଶୋଧ କରିବା ।
ସୁଡ଼ଙ୍ଗ-ବି. ମାଟିଭିତରେ ନିର୍ମିତ ପଥ ।
ସୁତ-ବି. ( ସୁ-ତ ) ପୁତ୍ର ।
ସୁତକ-ବି. ସନ୍ତାନଜନ୍ମ ହେତୁରୁ ଅଶୌଚ ।
ସୁତା-ବି. କନ୍ୟା ।
ସୁଦର୍ଶନ-ବି. ବିଷ୍ଣୁଙ୍କର ଚକ୍ର; ବିଂ. ପ୍ରିୟଦର୍ଶନ ।
ସୁଧର୍ମା-ବି. ଦେବସଭା ।
ସୁଧା-ବି. ( ସୁ-ଧେ-ଅ-ଆ) ଅମୃତ; ଚୂନ ।

ସୁଧାଂଶୁ-ବି. (ସୁଧା-ଅଂଶୁ) ସୁଧାକର, ଚନ୍ଦ୍ର ।
ସୁଧୀ-ବି. (ସୁ-ଧୀ) ପଣ୍ଡିତ, ବିଦ୍ୱାନ୍ ।
ସୁନା-ବି. (ସ୍ୱର୍ଣ୍ଣଶବ୍ଦଜ) ସ୍ୱର୍ଣ୍ଣ । [ବିଶେଷ ।
ସୁନାରି-ବି. (ସ୍ୱର୍ଣ୍ଣକାରଶବ୍ଦଜ) ସ୍ୱର୍ଣ୍ଣକାର ; ବୃକ୍ଷ-
ସୁନାସୀର-ବି. ଇନ୍ଦ୍ର ।
ସୁନିଆ-ବି. ଭାଦ୍ରମାସର ଶୁକ୍ଳ ଦ୍ୱାଦଶୀ; ଓଡ଼ିଶା
ରାଜାଙ୍କର ଅଙ୍କପରିବର୍ତ୍ତନର ପ୍ରଥମ ଦିବସ ।
ସୁନ୍ଦର ବି°. (ସୁନ୍ଦ-ଅର) ସୁରୂପ; ଶୋଭନ, [ସ୍ତ୍ରୀ°ସୁନ୍ଦରୀ ।
ସୁ-ପର୍ଣ୍ଣ-ବି. ଗରୁଡ଼; ପକ୍ଷୀ ।
ସୁପ୍ତ-ବି°. (ସ୍ୱପ୍-ତ) ନିଦ୍ରିତ ।
ସୁପ୍ତି-ବି. (ସ୍ୱପ୍-ତି) ନିଦ୍ରା ।
ସୁମ-ବି. କୁସୁମ, ପୁଷ୍ପ । [ସୁଯୋଗ ।
ସୁବିଧା-ବି. (ସୁ-ବିଧା) ଉତ୍ତମ ପ୍ରକାର,
ସୁ ବୁଦ୍ଧି, ସୁ-ବୋଧ-ବି°. ଉତ୍ତମ ବୁଦ୍ଧିଶାଳୀ ।
ସୁବୋଧ୍ୟ-ବି°. (ସୁ-ବୋଧ୍ୟ) ଅନାୟାସବୋଧ୍ୟ ।
ସୁ-ଭଗ ବି°. ସୁନ୍ଦର; ଭାଗ୍ୟବାନ୍; ପ୍ରିୟ ।
ସୁଭଦ୍ରା-ବି. ଅର୍ଜ୍ଜୁନପତ୍ନୀ ।
ସୁଭିକ୍ଷ-ବି. ପ୍ରଚୁର ଭକ୍ଷ୍ୟବିଶିଷ୍ଟ କାଳ ।
ସୁ ଭ୍ରୁ-ବି°. ସୁନ୍ଦର ଭ୍ରୁବିଶିଷ୍ଟ ।
ସୁ-ମତି-ବି°. ସୁନ୍ଦର ମତିଯୁକ୍ତ ; ବି. ଉତ୍ତମ ମତି ।
ସୁ-ମଧ୍ୟମା ବି°. ଉତ୍ତମ-କଟିବିଶିଷ୍ଟ ।
ସୁ-ମନ-ବି. ପୁଷ୍ପ ଦେବତା ।
ସୁମରିବା-କ୍ରି. (ସ୍ମୃ-ଧାତୁରୁ) ସ୍ମରଣ କରିବା ।
ସୁ-ମେରୁ-ବି. କଳ୍ପିତ ମହାପର୍ବତବିଶେଷ; ପୃଥି-
ବୀର ଉତ୍ତର ପ୍ରାନ୍ତ ।
ସୁଯୋଗ-ବି. ସୁବିଧା ।
ସୁର-ବି. ଦେବ; ସୂର୍ଯ୍ୟ; ପଣ୍ଡିତ ।
ସୁର-ଗୁରୁ-ବି. ବୃହସ୍ପତି ।
ସୁ-ରତ-ବି°. ଅଭିବ୍ୟକ୍ତ ଅନୁରକ୍ତ; ବି. ରମଣ ।
ସୁର-ଧୁନୀ-ବି. ଗଙ୍ଗା ।
ସୁରଭି-ବି°. ସୁଗନ୍ଧ; ବି. ଦେବଗାଭୀ ।
ସୁରଭିତ-ବି°. ସୁଗନ୍ଧିତ ।
ସୁ-ରସ-ବି°. ସୁସ୍ୱାଦୁ, ମିଷ୍ଟ ।
ସୁରା-ବି. ମଦ୍ୟ, ମଦିରା ।
ସୁରେନ୍ଦ୍ର-ବି. ଦେବରାଜ, ଇନ୍ଦ୍ର ।
ସୁଲଭ-ବି°. ଅନାୟାସଲଭ୍ୟ ।
ସୁ-ବର୍ଣ୍ଣ-ବି° ସୁନ୍ଦରବର୍ଣ୍ଣଯୁକ୍ତ; ବି. ସ୍ୱର୍ଣ୍ଣ, ସୁନା ।
ସୁ-ବାସ-ବି. ସୌରଭ; ଉତ୍ତମ ବାସସ୍ଥାନ ।
ସୁ-ବାସିତ-ବି°. (ସୁବାସ-ଇତ) ସୁଗନ୍ଧଯୁକ୍ତ ।
ସୁ-ବାସିନୀ-ବି. ସୁବାସଯୁକ୍ତା ସ୍ତ୍ରୀ; ସଧବା ସ୍ତ୍ରୀ ।
ସୁବେଦାର-ବି. (ପାର୍ଶୀ) ଉଚ୍ଚ ରାଜକର୍ମଚାରୀ ।
ସୁଶୀଳ-ବି°. ସତ୍ସ୍ୱଭାବ ।
ସୁଶ୍ରାବ୍ୟ-ବି°. (ସୁ-ଶ୍ରୁ-ଯ) ଶ୍ରୁତିମଧୁର ।
ସୁ-ଶ୍ରୀ-ବି°. ସୁରୂପ, ସୁନ୍ଦର ।
ସୁଷମ-ବି°. (ସୁ-ସମ) ସୁନ୍ଦର ।
ସୁଷମା-ବି. ଅତିଶୟ ଶୋଭା ।
ସୁଷିର-ବି. ବିବର ।
ସୁଷୁପ୍ତି-ବି. (ସୁ-ସ୍ୱପ୍-ତି) ଗାଢ଼ର ନିଦ୍ରା ।
ସୁଷୁମ୍ନା-ବି. ମେରୁଦଣ୍ଡବହା ନାଡ଼ୀ ।
ସୁ-ସଙ୍କେ-ବି°. ଉତ୍ତମରୂପେ ସଙ୍କେତ ।
ସୁ-ସାର-ବି°. ସହଜ; ସୁବିଧାଯୁକ୍ତ ।
ସୁସ୍ଥ-ବି°. (ସୁ-ସ୍ଥା-ଅ) ନୀରୋଗ; ସ୍ୱଚ୍ଛନ୍ଦ ।
ସୁହୃଦ-ବି. (ସୁ-ହୃଦ୍) ସଖା, ମିତ୍ର ।

ସୂକ୍ତି-ବି. (ସୁ-ଉକ୍ତି) ଉତ୍ତମ ବଚନ । [ଅଳ୍ପ ।
ସୂକ୍ଷ୍ମ-ବିଂ. (ସୂଚ୍-ସ୍ମନ୍) ସରୁ; ତୀକ୍ଷ୍ଣ; ଅତୀନ୍ଦ୍ରିୟ;
ସୂକ୍ଷ୍ମଦର୍ଶୀ-ବିଂ. ସୂକ୍ଷ୍ମବିଚକ୍ଷଣ ।
ସୂଚକ-ବିଂ. (ସୂଚ୍-ଅକ) ଜ୍ଞାପକ । [ଜ୍ଞାପନ ।
ସୂଚନା-ବି. ( ସୂଚ-ଅନ-ଆ ) ସଙ୍କେତ ଦ୍ୱାରା
ସୂଚ, ସୂଚୀ-ବି. ଛୁଞ୍ଚ ।
ସୂଚିକ-ବି. ଦରଜି ।
ସୂଚିତ-ବିଂ. ସଙ୍କେତ ଦ୍ୱାରା ଜ୍ଞାପିତ ।
ସୂଚୀ-ପତ୍ର-ବି. ନିର୍ଘଣ୍ଟ ।
ସୂତ-ବିଂ. (ସୂ-ତ) ପ୍ରସୂତ, ଜାତ ।
ସୂତା-ବି. ସୂତ୍ର ।
ସୂତିକା-ବି. ନବପ୍ରସୂତା ସ୍ତ୍ରୀ ।
ସୂତିକାଗାର-ବି. ପ୍ରସବଗୃହ । [ନିୟମବାକ୍ୟ ।
ସୂତ୍ର-ବି. ( ସୂତ୍ର୍-ଅ ) ସୂତା; ଶାସ୍ତ୍ରର ସଂକ୍ଷିପ୍ତ
ସୂତ୍ରଧର } ବି. (ସୂତ୍ର-ଧୃ-ଅ) ନାଟ୍ୟପ୍ରସ୍ତାବକ;
ସୂତ୍ରଧାର } ବଢ଼େଇ ।
ସୂତ୍ର-ପାତ-ବି. ସୂତାପକାଇବା; କାର୍ଯ୍ୟର ସୂଚନା ।
ସୂଦନ-ବିଂ. (ସୂଦ୍-ଅନ) ବଧ ଶକ ।
ସୂନା-ବି. କସେଇଶାଳା ।
ସୂନୁ-ବି. (ସୂ-ନୁ) ପୁତ୍ର ।
ସୂନୃତ-ବି. ସତ୍ୟ ଓ ପ୍ରିୟ-ବାକ୍ୟ ।
ସୂପ-ବି. ଝୋଳ ।
ସୂପକାର-ବି. ସୂଆର; ରନ୍ଧନକର୍ତ୍ତା, ପାଚକ ।
ସୂର-ବି. ସୂର୍ଯ୍ୟ; ପଣ୍ଡିତ ।
ସୂରି-ବି. କବି; ପଣ୍ଡିତ ।
ସୂର୍ପ-ବି. କୁଲା ।
ସୂର୍ଯ୍ୟ-ବି. (ସୃ-ଯ) ଦିବାକର ।
ସୂର୍ଯ୍ୟ-କାନ୍ତ-ବି. ମଣିବିଶେଷ ।
ସୂର୍ଯ୍ୟ-ମୁଖୀ-ବି. ପୁଷ୍ପବିଶେଷ ।
ସୃଜନ-ବି. (ସୃଜ୍-ଅନ) ସୃଷ୍ଟି ।
ସୃଷ୍ଟ-ବିଂ. (ସୃଜ୍-ତ) ନିର୍ମିତ, ରଚିତ ।
ସୃଷ୍ଟି-ବି. (ସୃଜ୍-ତି) ନିର୍ମାଣ, ରଚନା ।
ସେ-ସଂ. ସେହି ।
ସେକ-ବି. (ସିଚ୍-ଅ) ସେଚନ ।
ସେକିବା-କ୍ରି. ତାପ ଦେବା । [ଇବା ।
ସେଚନ-ବି (ସିଚ୍-ଅନ) ସିଞ୍ଚନ; ପାଣି ମଡ଼େ-
ସେଣା-ବି. କ୍ଷେତକୁ ପାଣି ବହିବାର ଯନ୍ତ୍ର ।
ସେତୁ-ବି. ଜଳବନ୍ଧ ।
ସେନା-ବି. ସୈନ୍ୟଦଳ ।
ସେନା-ନିବେଶ-ବି. ଶିବିର, ଛାଉଣୀ ।
ସେନାନୀ-ବି. ସେନାପତି । [ଛଟାକି) ।
ସେର-ବି. ଓଜନ ଓ ପରିମାଣବିଶେଷ (୧୬
ସେବକ-ବି. (ସେବ୍-ଅକ) ପରିଚାରକ ।
ସେବନ-ବି. (ସେବ୍-ଅନ) ସେବା; ଉପଭୋଗ ।
ସେବା-ବି. (ସେବ୍-ଅ-ଆ) ପରିଚର୍ଯ୍ୟା, ସେବନ ।
ସେବିତ-ବିଂ. (ସେବ୍-ତ) ଆଶ୍ରିତ, ଭୁକ୍ତ ।
ସେବ୍ୟ-ବିଂ. (ସେବ୍-ଯ) ସେବନୀୟ; ପରିଚର୍ଯ୍ୟା-ଯୋଗ୍ୟ ।
ସୈକତ-ବି. ( ସିକତା-ଅ ) ବାଲୁକାମୟ ତଟ, ପୁଳିନ । [କାର୍ଯ୍ୟ ।
ସୈନାପତ୍ୟ-ବି. (ସେନାପତି-ଯ) ସେନାପତିର
ସୈନିକ-ବିଂ. (ସେନା-ଇକ) ସେନାଦଳଭୁକ୍ତ ।

ସୈନ୍ଧବ-ବି. ( ସିନ୍ଧୁ-ଅ ) ସିନ୍ଧୁସମ୍ବନ୍ଧୀୟ; ବି. ସମୁଦ୍ରଜାତ ଲବଣ ।
ସୈନ୍ୟ-ବି. (ସେନା-ଯ) ସେନା ।
ସୈରିନ୍ଧ୍ରୀ-ବି. ପରଗୃହସ୍ଥିତା ସ୍ୱାଧୀନା ଶିଳ୍ପ- [କାରଣୀ ।
ସୋଠା-ବି. ମୋଟ ଯଷ୍ଟି ।
ସୋଡ଼ୁଅ-ବି. ପାଣି ବୋହିବାର ନୌକାକାର [ପାତ୍ର ।
ସୋପାନ-ବି. ଅଧିରୋହଣୀ, ସିଡ଼ି ।
ସୋମ-ବି. ଚନ୍ଦ୍ର; ସୋମଲତାର ରସ ।
ସୋରିଷ-ବି. ସର୍ଷପ ।
ସୋହାଗା-ବି. ଟାଙ୍ଗଣ ।
ସୌକର୍ଯ୍ୟ-ବି. (ସୁକର-ଯ) ସୁସାଧ୍ୟତା ।
ସୌକୁମାର୍ଯ୍ୟ-ବି.(ସୁକୁମାର-ଯ) କୋମଳତା ।
ସୌଖୀନ-ବିଂ. (ସୁଖ-ଈନ) ବିଳାସୀ ।
ସୌଖ୍ୟ-ବି. (ସୁଖ-ଯ) ସୁଖସମୂହ ।
ସୌଗନ୍ଧିକ-ବି. (ସୁଗନ୍ଧ-ଇକ) ନୀଳପଦ୍ମ ।
ସୌଜନ୍ୟ-ବି. (ସୁଜନ-ଯ) ସାଧୁତା, ଭଦ୍ରତା ।
ସୌଦାମିନୀ-ବି. ବିଦ୍ୟୁତ୍ ।
ସୌଧ-ବି. ( ସୁଧା-ଅ ) ସୁଧା-ଧବଳିତ ଗୃହ, [ପ୍ରାସାଦ ।
ସୌନିକ-ବି. (ସୂନା-ଇକ) କସାଇ ।
ସୌନ୍ଦର୍ଯ୍ୟ-ବି. (ସୁନ୍ଦର-ଯ) ଶୋଭା । [ଭାଗ୍ୟ ।
ସୌଭାଗ୍ୟ-ବି. ( ସୁଭଗ-ଯ ) ସୁ-ଦଶା; ଶୁଭ
ସୌଭ୍ରାତ୍ର-ବି. (ସୁଭ୍ରାତୃ-ଅ) ଭାଇଙ୍କର ପରସ୍ପର [ପ୍ରୀତି ।
ସୌମିତ୍ର-ବି. (ସୁମିତ୍ରା-ଇ) ଲକ୍ଷ୍ମଣ ।
ସୌମ୍ୟ-ବିଂ. (ସୋମ-ଯ) ସୁନ୍ଦର; ଶାନ୍ତମୂର୍ତ୍ତି ।
ସୌର-ବିଂ. (ସୂର-ଅ) ସୂର୍ଯ୍ୟସମ୍ବନ୍ଧୀୟ ।
ସୌରଭ-ବି. (ସୁରଭି-ଅ) ସୁଗନ୍ଧ ।
ସୌରାଜ୍ୟ-ବି. (ସୁରାଜ-ନ୍-ଯ) ଉତ୍ତମ-ରାଜତ୍ୱ ।
ସୌଷ୍ଠବ-ବି. (ସୁଷ୍ଠୁ-ଅ) ସୌନ୍ଦର୍ଯ୍ୟ-ଉତ୍କର୍ଷ ।
ସୌସାଦୃଶ୍ୟ-ବି. (ସୁସଦୃଶ-ଯ) ଉତ୍ତମସାଦୃଶ୍ୟ ।
ସୌହାର୍ଦ୍ଦ, ସୌହୃଦ୍ୟ-ବି. (ସୁହୃଦ୍-ଅ,-ଯ) [ବନ୍ଧୁତା, ପ୍ରଣୟ ।
ସ୍କନ୍ଦ-ବି. କାର୍ତ୍ତିକେୟ ।
ସ୍କନ୍ଧ-ବି. କାନ୍ଧ; ବୃକ୍ଷ-କାଣ୍ଡ; ସୈନ୍ୟ ।
ସ୍କନ୍ଧାବାର-ବି. ସୈନ୍ୟ-ଶିବିର ।
ସ୍ଖଳନ-ବି. (ସ୍ଖଲ୍-ଅନ) ବିଚ୍ୟୁତି; ଭ୍ରଂଶ; ଭ୍ରାନ୍ତି ।
ସ୍ଖଳିତ-ବିଂ. ବିଚ୍ୟୁତ; ଭ୍ରଷ୍ଟ ।
ସ୍ତନ-ବି. ନାରୀର ବକ୍ଷୋଜ ।
ସ୍ତନନ୍ଧୟ-ବି. (ସ୍ତନ-ଧେ-ଅ) ସ୍ତନ୍ୟପାୟୀ ଶିଶୁ ।
ସ୍ତନୟିତ୍ନୁ-ବି. ମେଘ ।
ସ୍ତନିତ-ବି. ମେଘଧ୍ୱନି ।
ସ୍ତନ୍ୟ-ବି. ସ୍ତନ-ଦୁଗ୍ଧ । [ଜୀବ ।
ସ୍ତନ୍ୟ-ପାୟୀ-ବି. ମନୁଷ୍ୟାଦି ସ୍ତନ୍ୟପାନକାରୀ
ସ୍ତବ୍ଧ-ବିଂ. (ସ୍ତନ୍ଭ୍-ତ) ଜଡ଼ତ୍ୱ-ପ୍ରାପ୍ତ, ସ୍ପନ୍ଦହୀନ ।
ସ୍ତମ୍ଭ-ବି. ଜଡ଼ଭାବ; ଖମ୍ବ ।
ସ୍ତମ୍ଭିତ-ବିଂ. (ସ୍ତନ୍ଭ୍-ଣିଚ-ତ) ଜଡ଼ତ୍ୱ-ପ୍ରାପିତ ।
ସ୍ତର-ବି. (ସ୍ତୃ-ଅ) ଭୂମିର ପରସ୍ତ; ଶଯ୍ୟା ।
ସ୍ତବ-ବି. (ସ୍ତୁ-ଅ) ସ୍ତୁତି, ପ୍ରଶଂସା ।
ସ୍ତବକ-ବି. ଗୁଚ୍ଛ, ପେଣ୍ଡା । [କାରୀ ।
ସ୍ତାବକ-ବି. (ସ୍ତୁ-ଅକ) ସ୍ତୁତିକାରକ; ଗୁଣଗାନ-
ସ୍ତିମିତ-ବିଂ. ନିଶ୍ଚଳ, ସ୍ଥିର ।
ସ୍ତୁତ-ବିଂ. ପ୍ରଶଂସିତ ।
ସ୍ତୁତି-ବି. ପ୍ରଶଂସା, ସ୍ତବ ।

ସ୍ତୁତ୍ୟ-ବି. ( ସ୍ତୁ-ଯ) ପ୍ରଶଂସା- ଯୋଗ୍ୟ ।
ସ୍ତୂପ-ବି. ରାଶି, ଗଦା ।
ସ୍ତୂପୀକୃତ-ବି. ରାଶୀକୃତ ।
ସ୍ତେୟ-ବି. ଚୌର୍ଯ୍ୟ ।
ସ୍ତୋକ-ବି. ଅଳ୍ପ: ପ୍ରବୋଧଯୁକ୍ତ ।
ସ୍ତୋତା-ବି. (ସ୍ତୁ-ତୃ) ସ୍ତବ-କାରକ ।
ସ୍ତୋତ୍ର-ବି. ( ସ୍ତୁ-ତ୍ର ) ସ୍ତବ ।
ସ୍ତୋମ-ବି. ରାଶି, ସମୂହ; ସ୍ତବ ।
ସ୍ତ୍ରୀ-ବି. ନାରୀ, ପତ୍ନୀ ।
ସ୍ତ୍ରୈଣ-ବି. (ସ୍ତ୍ରୀ-ଣ) ସ୍ତ୍ରୀର ବଶୀଭୂତ ପୁରୁଷ ।
ସ୍ଥ-ବି. ( ସ୍ଥା-ଅ ) ସ୍ଥିତ । [ନିବର୍ତ୍ତିତ ।
ସ୍ଥଗିତ-ବି. (ସ୍ଥଗ୍-ତ) କିଛିକାଲ ନିମିତ୍ତ ବନ୍ଦ ;
ସ୍ଥପତି-ବି. ଗୃହନିର୍ମାଣ-ଶିଳ୍ପୀ, ସୂତ୍ରଧର ।
ସ୍ଥଳ, ସ୍ଥଳୀ-ବି. ଭୂମି, ସ୍ଥାନ, ଥଳୀ ।
ସ୍ଥବିର-ବି. ବୃଦ୍ଧ ।
ସ୍ଥାଣୁ-ବି. ଶିବ; ଥୁଣ୍ଟାଗଛ ।
ସ୍ଥାନ-ବି. (ସ୍ଥା-ଅନ) ସ୍ଥଳ; ଆଧାର; ସ୍ଥିତି ।
ସ୍ଥାନୀୟ-ବି. (ସ୍ଥାନ-ଈୟ) ସ୍ଥାନ-ସମ୍ବନ୍ଧୀୟ ।
ସ୍ଥାପକ-ବି. (ସ୍ଥା-ଣିଚ୍-ଅକ) ସ୍ଥାପନକାରୀ ।
ସ୍ଥାପତ୍ୟ-ବି. (ସ୍ଥପତି-ଯ) ଗୃହନିର୍ମାଣ-ଶିଳ୍ପ ।
ସ୍ଥାପନ, ସ୍ଥାପନା-ବି. ( ସ୍ଥା-ଣିଚ୍-ଅନ, ଅ ) ସ୍ଥିତିବିଧାନ; ଅରୋପଣ ।
ସ୍ଥାପିତ-ବି. ( ସ୍ଥା-ଣିଚ୍-ତ) ନିବେଶିତ ।
ସ୍ଥାୟିତା-ବି. ସ୍ଥିରତା ।
ସ୍ଥାୟୀ ବି. (ସ୍ଥା-ଇନ୍) ସ୍ଥିତିଶୀଳ; ସ୍ଥିର ।
ସ୍ଥାଲୀ-ବି. ଥାଳୀ ।
ସ୍ଥାବର-ବି. (ସ୍ଥା-ବର) ଅଚଳ ।
ସ୍ଥିତ-ବି. ( ସ୍ଥା-ତ ) ସ୍ଥାନଗତ; ସ୍ଥିର ।
ସ୍ଥିତି-ବି. (ସ୍ଥା-ତି) ଅବସ୍ଥାନ ରହିବା; ଅବସ୍ଥା ।
ସ୍ଥିତି-ସ୍ଥାପକ-ବି. ପୂର୍ବସ୍ଥାନେ ସ୍ଥାପନକାରୀ ।
ସ୍ଥିର-ବି. (ସ୍ଥା-ଇର) ସ୍ଥାୟୀ; ନିଶ୍ଚଳ; ଦୃଢ଼ ।
ସ୍ଥିରୀକୃତ-ବି. ( ସ୍ଥିର-ଈ-କୃ-ତ ) ଅବଧାରିତ; [ଦୃଢୀକୃତ ।
ସ୍ଥୂର-ବି. ଗୁରବାହକ ବୃଷ ।
ସ୍ଥୂଳ-ବି. ମୋଟ ; ଇନ୍ଦ୍ରିୟ-ଗ୍ରାହ୍ୟ ।
ସ୍ଥୈର୍ଯ୍ୟ-ବି. ( ସ୍ଥିର-ଯ ) ସ୍ଥିରତା ।
ସ୍ଥୌଲ୍ୟ-ବି. (ସ୍ଥୂଳ-ଯ ) ସ୍ଥୂଳତା ।
ସ୍ନାତ-ବି. (ସ୍ନା-ତ) ଜଳଦ୍ୱାରା ଅଭିଷିକ୍ତ ।
ସ୍ନାନ-ବି.(ସ୍ନା-ଅନ) ଅବଗାହନ; ସର୍ବାଙ୍ଗକ୍ଷାଳନ ।
ସ୍ନାୟୁ-ବି. ମାଂସ ଓ ଅସ୍ଥିର ବନ୍ଧନୀ ଶିରା ।
ସ୍ନିଗ୍ଧ-ବି. ( ସ୍ନିହ୍-ତ ) ସ୍ନେହଯୁକ୍ତ ; କୋମଳ ; ଚିକ୍କଣ ; ଶୀତଳ ।
ସ୍ନୁଷା-ବି. ପୁତ୍ରବଧୂ । [ଘୃତାଦି ସ୍ନିଗ୍ଧ ବସ୍ତୁ ।
ସ୍ନେହ-ବି. (ସ୍ନିହ୍-ଅ) ପ୍ରୀତି, ବାତ୍ସଲ୍ୟ; ତୈଳ-
ସ୍ପନ୍ଦ, ସ୍ପନ୍ଦନ-ବି. (ସ୍ପନ୍ଦ୍-ଅ, ଅନ) ଈଷତ୍ କମ୍ପନ, ଚଳନ ।
ସ୍ପନ୍ଦିତ-ବି. (ସ୍ପନ୍ଦ୍-ତ) ଈଷତ୍ ଚଳିତ, ସ୍ଫୁରିତ ।
ସ୍ପର୍ଦ୍ଧା-ବି. ( ସ୍ପର୍ଦ୍ଧ୍-ଅ-ଆ) ଗର୍ବ ; ପ୍ରତିଯୋଗିତା;
ସ୍ପର୍ଦ୍ଧିତ-ବି. ସ୍ପର୍ଦ୍ଧାଯୁକ୍ତ । [ମାତ୍ସର୍ଯ୍ୟ ।
ସ୍ପର୍ଦ୍ଧୀ-ବି. ସ୍ପର୍ଦ୍ଧାକାରୀ ।
ସ୍ପର୍ଶ-ବି.(ସ୍ପୃଶ୍-ଅ) ତ୍ୱଗିନ୍ଦ୍ରିୟଗ୍ରାହ୍ୟ ଗୁଣ; ଛୁଇଁବା ।
ସ୍ପର୍ଶ-ମଣି-ବି. ଯେଉଁ ମଣିର ସ୍ପର୍ଶ ମାତ୍ରକେ ଲୌହାଦି ସ୍ୱର୍ଣ୍ଣ ହୋଇଯାଏ, ପରଶ-ପଥର ।

ସ୍ୱର୍ଣୀ-ବ. ସ୍ୱର୍ଣକାର ।
ସ୍ୱର୍ଣେନ୍ଦ୍ରିୟ-ବ. ତ୍ୱଗିନ୍ଦ୍ରିୟ ।
ସ୍ପଷ୍ଟ ବି. (ସ୍ପଶ୍-ତ) ସୁପ୍ରକାଶିତ, ବ୍ୟକ୍ତ ।
ସ୍ପର୍ଶ୍ୟ ବି. (ସ୍ପୃଶ୍-ଯ) ସ୍ପର୍ଶଯୋଗ୍ୟ ।
ସ୍ପୃଷ୍ଟ-ବି. (ସ୍ପୃଶ୍-ତ) ଛୁଁଆ । [ଶ୍ଳାଘ୍ୟ ।
ସ୍ପୃହଣୀୟ-ବି. (ସ୍ପୃହ୍-ଅନୀୟ) ବାଞ୍ଛନୀୟ ।
ସ୍ପୃହା-ବ. (ସ୍ପୃହ୍-ଅ-ଆ) ବାଞ୍ଛା; ଲୋଭ ।
ସ୍ଫଟିକ-ବ. ଶୁଭ୍ର ସ୍ୱଚ୍ଛ ପ୍ରସ୍ତର-ବିଶେଷ ।
ସ୍ଫାଟିକ-ବି. (ସ୍ଫଟିକ-ଅ) ସ୍ଫଟିକମୟ ।
ସ୍ଫୀତ ବି. (ସ୍ଫାୟ୍-ତ) ଫୁଲା; ବର୍ଦ୍ଧିତ ।
ସ୍ଫୀତି-ବ. (ସ୍ଫାୟ୍-ତି) ପ୍ରବୃଦ୍ଧି ; ଫୁଲିଉଠିବା ।
ସ୍ଫୁଟ-ବି. (ସ୍ଫୁଟ୍-ଅ) ଫୁଟା; ସ୍ପଷ୍ଟ; ପ୍ରଫୁଲ୍ଲ ।
ସ୍ଫୁଟନ-ବ. ବିକାଶ-ପ୍ରାପ୍ତି ।
ସ୍ଫୁଟିତ-ବି. ବିକଶିତ ।
ସ୍ଫୁରଣ-ବ. (ସ୍ଫୁର୍-ଅନ) ସ୍ପନ୍ଦନ; ଦୀପ୍ତି; ପ୍ରକାଶ;
ସ୍ଫୁରିତ-ବି. ସ୍ପନ୍ଦିତ; ଦୀପ୍ତ ।
ସ୍ଫୁଲିଙ୍ଗ-ବ. ଅଗ୍ନି-କଣା ।
ସ୍ଫୂର୍ତ୍ତି-ବ. (ସ୍ଫୁର୍-ତି) ହର୍ଷ; ବିକାଶ ।
ସ୍ଫୋଟକ-ବ. ବ୍ରଣ, ଫୋଡ଼ା ।
ସ୍ମୟ-ବ. (ସ୍ମି-ଅ) ଗର୍ବ; ଆଶ୍ଚର୍ଯ୍ୟ ।
ସ୍ମର-ବ. (ସ୍ମୃ-ଅ) କନ୍ଦର୍ପ । [ସ୍ମୃତ ।
ସ୍ମରଣ-ବ. (ସ୍ମୃ-ଅନ) ପୂର୍ବକଥା ମନେ କରିବା,
ସ୍ମରଣୀୟ-ବି. (ସ୍ମୃ-ଅନୀୟ) ସ୍ମର୍ତ୍ତବ୍ୟ; ସ୍ମରଣ-
ସ୍ମର-ପ୍ରିୟା-ବ. ରତି । [ଯୋଗ୍ୟ ।
ସ୍ମର-ବୈରୀ-ବ. ମହାଦେବ ।

ସ୍ମାରକ-ବି. (ସ୍ମୃ-ଣିଚ୍-ଅକ) ସ୍ମରଣକାରକ ।
ସ୍ମାର୍ତ୍ତ-ବି. (ସ୍ମୃତି-ଅ) ସ୍ମୃତିଶାସ୍ତ୍ର-ବେତ୍ତା ।
ସ୍ମିତ-ବ. ଈଷତ୍ ହାସ୍ୟ; ବି. ଈଷତ୍ ହାସ୍ୟ-
ସ୍ମୃତ-ବି. ସ୍ମୃତି ଦ୍ୱାରା ଉପଲବ୍ଧ । [ଯୁକ୍ତ ।
ସ୍ମୃତି-ବ. ସ୍ମରଣଶକ୍ତି ; ମନ୍ୱାଦିପ୍ରଣୀତ ଧର୍ମ-
ସ୍ମେର-ବି. ଈଷତ୍ ହାସ୍ୟଯୁକ୍ତ । [ଶାସ୍ତ୍ର ।
ସ୍ୟନ୍ଦନ-ବ. (ସ୍ୟନ୍ଦ୍-ଅନ) ରଥ ।
ସ୍ୟମନ୍ତକ-ବ. କୃଷ୍ଣଙ୍କର ଭୂଷଣ ମଣି ।
ସ୍ୟୂତ-ବି. (ସିବ୍-ତ) ଗ୍ରଥିତ ।
ସ୍ରକ୍-ବ. ମାଳା ।
ସ୍ରବ-ବ. (ସ୍ରୁ-ଅ) କ୍ଷରଣ ।
ସ୍ରଷ୍ଟା-ବ. (ସୃଜ୍-ତୃ) ସୃଷ୍ଟିକର୍ତ୍ତା ।
ସ୍ରସ୍ତ-ବି. (ସ୍ରନ୍ସ-ତ) ଚ୍ୟୁତ, ଭ୍ରଷ୍ଟ ।
ସ୍ରାବ-ବ. (ସ୍ରୁ-ଅ) କ୍ଷରଣ ।
ସ୍ରୁତ-ବି. (ସ୍ରୁ-ତ) କ୍ଷରିତ ।
ସ୍ରୋତଃ-ବ. (ସ୍ରୁ-ଅସ) ଜଳପ୍ରବାହ ।
ସ୍ରୋତସ୍ୱତୀ-ବ. (ସ୍ରୋତସ୍-ବତୁ-ଈ) ନଦୀ ।
ସ୍ୱ-ବ. ଅଙ୍ଗ; ଆପେ; ଧନ ।
ସ୍ୱକୀୟ ସ୍ୱୀୟ-ବି. ନିଜ ସମ୍ବନ୍ଧୀୟ ।
ସ୍ୱ-ଗତ-ବି. ମନୋଗତ ; କ୍ର. ମନେ ମନେ
କହିବା । [ଧାରଣକ୍ଷମ ।
ସ୍ୱଚ୍ଛ-ବି. (ସୁ-ଅଚ୍ଛ) ଅତି ନିର୍ମଳ ; ପ୍ରତିବିମ୍ବ-
ସ୍ୱ-ଛନ୍ଦ-ବି. ସ୍ୱାଧୀନ ; ସୁସ୍ଥ ।
ସ୍ୱ-ଜନ-ବ. ଆତ୍ମୀୟ ।
ସ୍ୱତଃ-ଅ. (ସ୍ୱ-ତସ) ସ୍ୱୟଂ ।
ସ୍ୱ-ତନ୍ତ୍ର-ବି. ସ୍ୱାଧୀନ ।

ସ୍ୱ-ତ୍ୱ-ବି. ଅଧିକାର; ଧନାଦରେ ସ୍ୱାମିତ୍ୱ ।
ସ୍ୱଧା-ଅଂ. ପିତୃ-ତର୍ପଣର ମନ୍ତ୍ର ।
ସ୍ୱନ-ବି. ( ସ୍ୱନ୍-ଅ ) ଶବ୍ଦ, ଧ୍ୱନି ।
ସ୍ୱନିତ-ବିଂ. ଧ୍ୱନିତ ।   [ ଅନୁଭବ ।
ସ୍ୱପ୍ନ-ବି. ( ସ୍ୱପ୍-ନ ) ନିଦ୍ରାବସ୍ଥାରେ ଅଳୀକ
ସ୍ୱ-ଭାବ-ବି. ପ୍ରକୃତି ; ସ୍ୱକୀୟ ଭାବ ।
ସ୍ୱଭାବ-ତଃ-ଅଂ. ପ୍ରକୃତି-ବଶତଃ ।
ସ୍ୱୟଂ-ଅଂ. ଆପେ, ନିଜେ ।
ସ୍ୱୟମ୍ବର-ବି. (ସ୍ୱୟଂ-ବୃ-ଅ) ସ୍ୱୟଂ ପତିବରଣ ।
ସ୍ୱୟମ୍ବରା-ବି. ସ୍ୱୟଂ ପତିବରଣ-କାରିଣୀ ସ୍ତ୍ରୀ ।
ସ୍ୱୟମ୍ଭୂ-ବି. (ସ୍ୱୟଂ-ଭୂ-କ୍ୱିପ୍) ପରମେଶ୍ୱର ।
ସ୍ୱର୍-ବି ସ୍ୱର୍ଗ, ଦ୍ୟୁଲୋକ ।
ସ୍ୱର-ବି. କଣ୍ଠଧ୍ୱନି ।
ସ୍ୱ-ରୂପ-ବି. ପ୍ରକୃତରୂପ ; ସ୍ୱଭାବ ।   [ ଲୋକ ।
ସ୍ୱର୍ଗ-ବି. ( ସ୍ୱର୍-ଗୈ-ଅ ) ଦେବଲୋକ, ଅନ୍ତ୍
ସ୍ୱର୍ଗୀୟ-ବିଂ. ସ୍ୱର୍ଗ-ସମ୍ବନ୍ଧୀୟ ।
ସ୍ୱର୍ଣ୍ଣ-ବି. ସୁନା, ସୁବର୍ଣ୍ଣ ।
ସ୍ୱଳ୍ପ-ବିଂ. ( ସୁ-ଅଳ୍ପ ) ଅତିଅଳ୍ପ ।
ସ୍ୱସା-ବି. (ସ୍ୱସୃ ଶବ୍ଦଜ) ଭଗିନୀ ।
ସ୍ୱସ୍ତି-ବି. (ସୁ-ଅସ୍ତି) ଆଶୀର୍ବାଦ ; ଶୁଭ ।
ସ୍ୱସ୍ତ୍ୟୟନ-( ସ୍ୱସ୍ତି-ଅୟନ ) ମଙ୍ଗଳପ୍ରାପ୍ତି ନିମିତ୍ତ
ପୂଜାନୁଷ୍ଠାନ ।   [ ଭଗିନୀ-ସମ୍ବନ୍ଧୀୟ ।
ସ୍ୱସ୍ରୀୟ-ବି. ( ସ୍ୱସୃ-ଈୟ ) ଭାଗିନେୟ ; ବିଂ
ସ୍ୱାକ୍ଷର-ବି. ( ସ୍ୱ-ଅକ୍ଷର ) ଦସ୍ତଖତ ।
ସ୍ୱାଗତ-ବି. ( ସୁ-ଆଗତ ) ଶୁଭାଗମନ ।

ସ୍ୱାତନ୍ତ୍ର୍ୟ-ବି. ( ସ୍ୱତନ୍ତ୍ର-ଯ ) ସ୍ୱାଧୀନତା ।
ସ୍ୱାତୀ-ବି. ନକ୍ଷତ୍ର-ବିଶେଷ ।
ସ୍ୱାଦ-ବି. (ସ୍ୱଦ୍-ଅ) ରସ; ଆସ୍ୱାଦ ।
ସ୍ୱାଦୁ ବିଂ. ମଧୁର, ମିଷ୍ଟ ।
ସ୍ୱାଧୀନ-ବିଂ. (ସ୍ୱ-ଅଧୀନ) ସ୍ୱତନ୍ତ୍ର ।
ସ୍ୱାଧ୍ୟାୟ-ବି.(ସୁ-ଆ ଅଧି-ଇ-ଅ) ବେଦ-ପାଠ ।
ସ୍ୱାଭାବିକ-ବିଂ. (ସ୍ୱଭାବ ଇକ) ସ୍ୱଭାବ ସିଦ୍ଧ ।
ସ୍ୱାମିତ୍ୱ-ବି (ସ୍ୱାମିନ୍ ତ୍ୱ) ସ୍ୱତ୍ୱ; ପ୍ରଭୁତ୍ୱ ।
ସ୍ୱାମୀ-ବି. ପତି; ପ୍ରଭୁ; ସନ୍ନ୍ୟାସୀ ।
ସ୍ୱାୟତ୍ତ-ବିଂ. (ସ୍ୱ-ଆୟତ୍ତ) ନିଜର ଅଧୀନ ।
ସ୍ୱାରାଜ୍ୟ-ବି. (ସ୍ୱରାଜ୍-ଯ) ସ୍ୱର୍ଗ ଅର୍ଥାତ୍ ପର-
ମେଶ୍ୱରଙ୍କ ରାଜ୍ୟ ।
ସ୍ୱାର୍ଥ-ବି. (ସ୍ୱ-ଅର୍ଥ) ଆତ୍ମ-ପ୍ରୟୋଜନ ।
ସ୍ୱାର୍ଥ-ପର-ବିଂ. ନିଜ ପ୍ରୟୋଜନ ସାଧନରେ ତତ୍-
ପର, ଅନ୍ୟର ପ୍ରୟୋଜନପ୍ରତି ଉପେକ୍ଷା-କାରୀ ।
ସ୍ୱାସ୍ଥ୍ୟ-ବି. (ସ୍ୱସ୍ଥ-ଯ) ସୁସ୍ଥତା ।
ସ୍ୱାହା-ଅଂ. ହୋମ-ମନ୍ତ୍ର; ବି. ଅଗ୍ନି-ପତ୍ନୀ ।
ସ୍ୱିନ୍ନ-ବିଂ. (ସ୍ୱିଦ୍-ତ) ସ୍ୱେଦଯୁକ୍ତ ।
ସ୍ୱୀକାର-ବି.(ସ୍ୱ-ଈ-କୃ-ଅ) ଅଙ୍ଗୀକାର; ଗ୍ରହଣ ।
ସ୍ୱୀକୃତ-ବିଂ. ଅଙ୍ଗୀକୃତ ।   [ ଚାରୀ ।
ସ୍ୱେଚ୍ଛାଚାରୀ-ବିଂ.(ସ୍ୱ ଇଚ୍ଛା-ଚର୍-ଇନ୍)ଯଥେଚ୍ଛା-
ସ୍ୱେଦ-ବି. (ସ୍ୱିଦ୍-ଅ) ଘର୍ମ, ଝାଳ ।
ସ୍ୱେଦନ-ବି. ( ସ୍ୱିଦ୍-ଅନ ) ଘର୍ମ-ନିଃସାରଣ ।
ସ୍ୱୈର-ବିଂ. ସ୍ୱଚ୍ଛନ୍ଦ ।
ସ୍ୱୈର-ଚାରୀ-ବିଂ. ଯଥେଚ୍ଛାଚାରୀ ।
ସ୍ୱୈରିଣୀ-ବିଂ. ସ୍ୱେଚ୍ଛାଚାରିଣୀ, ବ୍ୟଭିଚାରିଣୀ ।

# ହ

ବ୍ୟଞ୍ଜନବର୍ଣ୍ଣର ତ୍ରୟସ୍ତ୍ରିଂଶଦ୍ବର୍ଣ୍ଣ ।

ହଂସ-ବି. ପକ୍ଷୀବିଶେଷ ; ଅଶ୍ୱ; ସ୍ତ୍ରୀ. ହଂସୀ ।
ହଂସଗଲି-ବି. ପକ୍ଷିବିଶେଷ ।
ହିଁ, ହଇ-ଅ. ସମ୍ମତି-ସୂଚକ ଶବ୍ଦ । [କାର ।
ହକ-ବି. (ଆରବୀ) ନ୍ୟାଯ୍ୟ; ବି. ନ୍ୟାଯ୍ୟ ଅଧି-
ହକରା ବି. ଡାକରା ।
ହଜମ୍-ବି. (ଆରବୀ) ପରିପାକ ।
ହଠ-ବି. କୌତୁକ; ତାମସା ।
ହଠହଠା-ବି. ବିଡ଼ମ୍ବନା ।
ହଟିବା-କ୍ରି. ପଛକୁ ପଳାଇବା ।
ହିଟ୍ଟି-ବି. ହାଟ ।
ହଟ-ବିଳାସିନୀ-ବି. ବେଶ୍ୟା ।
ହଠ-ବି.-ବଳାତ୍କାର ।
ହଠାତ୍-ଅ. ସହସା, ଅକସ୍ମାତ୍ ।
ହଣ୍ଡିକା-ବି. ହାଣ୍ଡି ।
ହତ-ବି. (ହନ୍ ତ) ବିନଷ୍ଟ; ବ୍ୟାହତ ।
ହତ-ଭାଗିନୀ-ବି. ଭାଗ୍ୟହୀନା ।
ହତ-ଭାଗ୍ୟ-ବି. ଭାଗ୍ୟହୀନ ।
ହତ-ଶ୍ରୀ-ବି. ଶ୍ରୀହୀନ ।
ହତାଶ-ବି. ଆଶାଶୂନ୍ୟ, ନିରାଶ ।
ହତିଆର-ବି. (ଫାର୍ସୀ) ଶସ୍ତ୍ର ।
ହତ୍ୟା-ବି. (ହନ୍-ଯ-ଅ) ବଧ, ମାରଣ ।
ହନନ-ବି. ( ହନ୍ ଅନ ) ବଧ ।
ହନୁ-ବି. ଗଣ୍ଡସ୍ଥଳର ଉପରିଭାଗ; କପି ।
ହନୁମାନ୍-ବି.(ହନୁ-ମତ୍) କପି; ମହାକପି-ବୀର ।
ହନ୍ତବ୍ୟ-ବି. ( ହନ୍-ତବ୍ୟ ) ବଧଯୋଗ୍ୟ ।
ହନ୍ତା-ବି. (ହନ୍-ତୃ) ଘାତକ, ବଧକାରକ ।
ହପ୍ତା-ବି. (ଫାର୍ସୀ) ସପ୍ତାହ ।
ହମ୍ବା-ବି. ଗୋରୁର ଶବ୍ଦ ।
ହଯ୍ୟୁ-ବି, ଅଣ୍ଡ । [ ଭାଜକଅଙ୍କ ।
ହର-ବି. ( ହୃ-ଅ ) ହରଣକର୍ତ୍ତା ; ବି. ମହାଦେବ;
ହରଣ-ବି. (ହୃ-ଅନ) ଚୋରି; ନାଶନ; ଭାଗ-
ହରି-ବି. (ହୃ-ଇ) ବିଷ୍ଣୁ; ସିଂହ । [ କରଣ ।
ହରି-କାଠ-ବି. ମନୁଷ୍ୟବନ୍ଧନାର୍ଥ ଅର୍ଗଳ-
ହରିଣ-ବି, ମୃଗ, କୁରଙ୍ଗ । [ବିଶେଷ ।
ହରିତ୍, ହରିତ-ବି. ସବୁଜ-ବର୍ଣ୍ଣ ।
ହରିତାଳ-ବି. ଧାତୁବିଶେଷ ।
ହରିତକୀ-ବି. ହରିଡ଼ା ।
ହରିଦଶ୍ୱ-ବି. (ହରିତ୍-ଅଶ୍ୱ) ସୂର୍ଯ୍ୟ ।
ହରିଦ୍ରା-ବି. ହଳଦୀ ।
ହର୍ତ୍ତା-ବି. (ହୃ-ତୃ ) ହରଣକର୍ତ୍ତା ।
ହର୍ମ୍ମ୍ୟ-କ୍ରି. ପ୍ରାସାଦ ।
ହର୍ଯ୍ୟକ୍ଷ-ବି. ( ହରି-ଅକ୍ଷି-ଅ ) ସିଂହ ।
ହର୍ଷ-ବି. ( ହୃଷ୍-ଅ ) ସୁଖ, ଆହ୍ଲାଦ ।
ହର୍ଷଣ-ବି. (ହୃଷ୍-ଅନ) ହର୍ଷଜନକ ।
ହଳ-ବି ଲଙ୍ଗଳ ।
ହଳଦୀ-ବି. ହରିଦ୍ରା ।
ହଳଦୀବସନ୍ତ-ବି. ପକ୍ଷିବିଶେଷ ।
ହଳ-ଧର-ବି. ବଳଦେବ, କୃଷକ ।
ହଳନ୍ତ-ବି. (ହଲ୍-ଅନ୍ତ) ବ୍ୟଞ୍ଜନବର୍ଣ୍ଣ ।
ହଳାହଳ-ବି. କାଳକୂଟ, ବିଷ ।

ହଲ୍ଲଅ-ବ. ହଲ-ବର୍ଷକ; କୃଷକ । [ନୃତ୍ୟ ।
ହଲ୍ଲୀଷକ-ବ. ମଣ୍ଡଳାକାରେ ସ୍ତ୍ରୀମାନଙ୍କର
ହବନ-ବ (ହୁ-ଅନ) ଯଜ୍ଞ, ହୋମ ।
ହବିଃ ହବ୍ୟ-ବ. ହୋମାର୍ଥଘୃତ ।
ହବିଷ୍ୟ-ବ. (ହବସ୍-ଯ) ଘୃତାନ୍ନ ।
ହସ-ବ. (ହସ୍-ଅ) ହାସ୍ୟ ।
ହସନ୍ତୀ-ବ. ଉନ୍ନେଇ ।
ହସ୍ତ-ବ. ହାତ, କର; ଶୁଣ୍ଡ ।
ହସ୍ତି-ପକ-ବ. ମାହୁନ୍ତ । [ହସ୍ତିନୀ ।
ହସ୍ତୀ-ବ ( ହସ୍ତ-ଇନ୍ ) ହାତୀ, କରୀ; ସ୍ତ୍ରୀ-
ହାଇ-ବ. ଜୃମ୍ଭଣ ।
ହାଉଦା-ବ. (ପାର୍ଶୀ) ହସ୍ତିପୃଷ୍ଠର ଆସନ ।
ହାଙ୍ଗର-ବ. ହିଂସ୍ର ଜଳଜନ୍ତୁ ବିଶେଷ ।
ହାଟ-ବ. ବଜାର ।
ହାଟକ-ବ. ସ୍ୱର୍ଣ୍ଣ ।
ହାଡ଼-ବ. ଅସ୍ଥି ।
ହାଡ଼ି-ବ. ମେହେନ୍ତର ।
ହାଣ୍ଡି-ବ. ମୃତ୍ପାତ୍ରବିଶେଷ ।
ହାତ-ବ. (ହସ୍ତଶବ୍ଦଜ) ହସ୍ତ ।
ହାତୀ-ବ. (ହସ୍ତିନ୍ଶବ୍ଦଜ) ହସ୍ତୀ ।
ହାନି-ବ. (ହା-ତି) କ୍ଷତି; ନାଶ ।
ହାୟ-ଅ. ଖେଦସୂଚକ ଶବ୍ଦ ।
ହାୟନ-ବ. ବର୍ଷ ।
ହାର-ବ ମୁକ୍ତାଦିର ମାଳା; ହରଣ ।
ହାରକ, ହାରୀ-ବି. (ହୃ-ଅକ, ଇନ୍) ହରଣ-
ହାରିବା-କ୍ରି. ପରାଜିତ ହେବା । [କର୍ତ୍ତା ।

ହାର୍ଯ୍ୟ-ବି. (ହୃ-ଯ) ହରଣଯୋଗ୍ୟ, ଗ୍ରହଣୀୟ ।
ହାଲୁକା-ବି. ଲଘୁ ।
ହାବ-ବ. ସ୍ତ୍ରୀଲୋକର ଅଙ୍ଗଭଙ୍ଗୀବିଶେଷ ।
ହାବୁଡ଼ିବା-କ୍ରି. ହଠାତ୍ ଭେଟିବା; ଧକ୍କାଖାଇବା
ହାବେଲି-ବ. ବାଣବିଶେଷ । [ରସବିଶେଷ ।
ହାସ, ହାସ୍ୟ-ବ. (ହସ୍-ଅ,ଯ) ହସ; କାବ୍ୟର
ହାହା-କାର-ବ. ଦୁଃଖରେ ହାହାଧ୍ୱନି ।
ହିଂସା-ବ. (ହିନସ୍-ଅ-ଆ) ପରର ଅନିଷ୍ଟ-ସାଧ-
ନେଚ୍ଛା । [ହିଂସା କରିବା ।
ହିଂସ୍ର-ବି. ( ହିନ୍ସ୍-ର ) ହିଂସକ, ହିଂସ୍ରକ,
ହିକା-ବ. ଶ୍ୱାସଜନିତ ଶବ୍ଦ ।
ହିଙ୍ଗୁ-ବ. ହେଙ୍ଗୁ ।
ହିଙ୍ଗୁଳ-ବ. ହେଙ୍ଗୁଳ ।
ହିଞ୍ଜଳ-ବ. ହିଞ୍ଜଳଗଛ ।
ହିଡ଼-ବ. ବିଲର ଶ୍ରେଷ୍ଠ ବନ୍ଧ ।
ହିଣ୍ଡିର-ବ. ସମୁଦ୍ରାଦିର ଫେଣ ।
ହିତ-ବି. ଉପକାରକ; ବ. ମଙ୍ଗଳ; ଉପକାର ।
ହିତୈଷଣା-ବ. ମଙ୍ଗଳସାଧନେଚ୍ଛା ।
ହିତୈଷୀ-ବି. (ହିତ-ଇଷ୍-ଇନ୍) ମଙ୍ଗଳାକାଙ୍କ୍ଷୀ ।
ହିନ୍ତାଳ-ବ. ହେନ୍ତାଳଗଛ ।
ହିନ୍ଦୁ-ବ. ହିନ୍ଦୁଧର୍ମାବଲମ୍ବୀ ।
ହିନ୍ଦୋଳ-ବ. ଦୋଳି ।
ହିମ-ବ. ତୁଷାର; ବି. ଶୀତଳ ।
ହିମାଂଶୁ-ବ. ଚନ୍ଦ୍ର ।
ହିମାଦ୍ରି-ବ. ହିମାଳୟ ପର୍ବତ ।
ହିମାନୀ-ବ. ହିମସଂହତି ।

ହିୟା-ବି. (ହୃଦୟ୍-ଶବ୍ଦଜ) ହୃଦୟ
ହିରଣ୍ମୟ-ବିଂ. (ହିରଣ୍ୟ-ମୟ) ସ୍ୱର୍ଣ୍ଣମୟ ।
ହିରଣ୍ୟ-ବି. ସ୍ୱର୍ଣ୍ଣ ।
ହିରଣ୍ୟ-ଗର୍ଭ-ବି. ବ୍ରହ୍ମା ।
ହିଲ୍ଲୋଳ-ବି. ତରଙ୍ଗ ।
ହିସାବ-ବି. (ଫାର୍ଶୀ) ଅଙ୍କ-ଗଣନା ।
ହୀନ-ବିଂ. (ହା-ତ) ରହିତ; ଶୂନ୍ୟ; ଅଧମ ।
ହୀରକ-ବି. ହୀରା; ରତ୍ନବିଶେଷ ।
ହୁକୁମ-ବି. (ଅରବୀ) ଆଜ୍ଞା ।
ହୁଙ୍କା-ବି. ବଲ୍ମୀକ ।
ହୁଡ଼ିବା-କ୍ରି. ଭ୍ରମରେ ପଡ଼ିବା ।
ହୁଡ଼ୁମ୍ବ-ବି. ଚୂଡ଼ାଭଜା ।
ହୁଣ୍ଡା-ବିଂ. ନିର୍ବୋଧ ।
ହୁଣ୍ଡୀ-ବି. ଟଙ୍କାର ବଦଳ ଚିଠି ।
ହୁତାଶନ-ବି. (ହୁତ-ଅଶନ) ଅଗ୍ନି ।
ହୁଳହୁଳି-ବି. ମଙ୍ଗଳସୂଚକ ସ୍ତ୍ରୀଲୋକଙ୍କ ମୁଖଶବ୍ଦ ।
ହୂତ-ବିଂ. (ହ୍ୱେ-ତ) ଆହୂତ ।
ହୃତ୍-ବି. ହୃଦୟ ।
ହୃତ-ବିଂ. (ହୃ-ତ) ଅପହୃତ ।
ହୃଦୟ-ଗ୍ରାହୀ-ବିଂ. ଚିତ୍ତାକର୍ଷକ ।
ହୃଦୟଙ୍ଗମ-ବିଂ. ହୃଦ୍‌ଗତ, ମନୋଗତ ।
ହୃଦ୍ୟ-ବିଂ. (ହୃଦ୍-ଯ) ହୃଦୟଗ୍ରାହୀ ।
ହୃଷୀକ-ବି. ଜ୍ଞାନେନ୍ଦ୍ରିୟ ।
ହୃଷୀକେଶ-ବି. (ହୃଷୀକ-ଈଶ) କୃଷ୍ଣ ।

ହୃଷ୍ଟ-ବିଂ. (ହୃଷ୍-ତ) ଆହ୍ଲାଦିତ ।
ହେ-ଅଂ. ସମ୍ବୋଧନଶବ୍ଦ ।
ହେଜିବା-କ୍ରି. ସ୍ମରଣ କରିବା; ଖଳିବା ।
ହେଠା-ବି. ଗସ୍ତଅବାଧ ।
ହେଡ଼ା-ବି. ହାଡ଼ଯୁକ୍ତ ମାଂସ ।
ହେତୁ-ବି. କାରଣ; ମୂଳ; ପ୍ରୟୋଜନ; ଯୁକ୍ତି ।
ହେମ-ବି. ସ୍ୱର୍ଣ୍ଣ ।
ହେମନ୍ତ-ବି. ହିମଋତୁ (କାର୍ତ୍ତିକ ଓ ମାର୍ଗଶିର-ମାସ) ।
ହେୟ-ବିଂ. ତୁଚ୍ଛ, ତ୍ୟାଜ୍ୟ ।
ହେରିକା-ବି. ପ୍ରଛଦ ।
ହେଳା-ବି. (ହେଳ୍-ଅ-ଆ) ଅବହେଳା, ଅବଜ୍ଞା
ହୈମ-ବିଂ. ହିମ-ସମ୍ବନ୍ଧୀୟ; ସ୍ୱର୍ଣ୍ଣ-ସମ୍ବନ୍ଧୀୟ ।
ହୈମବତୀ-ବି. (ହିମବତ୍ ଅ-ଈ) ପାର୍ବତୀ ।
ହୋତା-ବି. (ହୁ-ତୃ) ଯଜ୍ଞକର୍ତ୍ତା ।
ହୋତ୍ର-ବି. (ହୁ-ତ୍ର) ହୋମ, ଯାଗ ।
ହୋମ-ବି. (ହୁ-ମ) ମନ୍ତ୍ରପାଠପୂର୍ବକ ଅଗ୍ନିରେ ଘୃତକ୍ଷେପ ।
ହୋରା-ବି. ଏକଘଣ୍ଟାକାଳ ।
ହ୍ରଦ-ବି. ଅଗାଧ ବୃହତ ଜଳାଶୟ ।
ହ୍ରସ୍ୱ-ବିଂ. (ହ୍ରସ୍-ବ) କ୍ଷୁଦ୍ର, ଲଘୁ ।
ହ୍ରାସ-ବି. (ହ୍ରସ୍-ଅ) କ୍ଷୟ ।
ହ୍ରୀ-ବି. ଲଜ୍ଜା ।
ହ୍ରେଷା-ବି. ଅଶ୍ୱଧ୍ୱନି ।
ହ୍ଲାଦିନୀ-ବିଂ. ଆହ୍ଲାଦଦାୟିନୀ ।

ORISSA MISSION PRESS,—S. F. ROBINSON, SUPT.